॥ ପୂର୍ଣ୍ଣ ପରମାତ୍ମନେ ନମଃ ॥



# ଜ୍ଞାନ ଗଙ୍ଗା



ଜୀବ ହମାରୀ ଜାତି ହୈ, ମାନବ (mainkind) ଧର୍ମ ହମାରା।
ହିନ୍ଦୁ ମୁସ୍ଲିମ୍, ସିଖ୍, ଈସାଈ, ଧର୍ମ ନହୀଁ କୋଈ ନ୍ୟାରା।।

ଜଗତଗୁରୁ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କ
ସତସଙ୍ଗରୁ ସଂଗୃହୀତ ଅମୂଲ୍ୟ ପୁସ୍ତକ

# "ଜ୍ଞାନ ଗଙ୍ଗା"

ପ୍ରକାଶକ :- ପ୍ରଚାର ପ୍ରସାର ସମିତି
**ସତ୍‌ଲୋକ ଆଶ୍ରମ, ହିସାର-ଟୋହାନା ରୋଡ଼, ବରୱାଲା,**
ଜିଲ୍ଲା - ହିସାର (ହରିୟାଣା)
**ଧର୍ମାର୍ଥ ମୂଲ୍ୟ କେବଳ-୨୦ ଟଙ୍କା**

## ଅବଶ୍ୟ ଦେଖନ୍ତୁ

### ସନ୍ଥ ରାମପାଲଜୀ ମହାରାଜଙ୍କ ମଙ୍ଗଳ ପ୍ରବଚନ

ସାଧନା ଚ୍ୟାନେଲରେ ରାତ୍ରି ୭:୩୦ ରୁ ୮:୩୦ ପର୍ଯ୍ୟନ୍ତ

ଶ୍ରଦ୍ଧା ଚ୍ୟାନେଲ୍‌ରେ ଦ୍ୱିପ୍ରହର ୨:୦୦ ରୁ ୩:୦୦ ପର୍ଯ୍ୟନ୍ତ

ଈଶ୍ୱର ଚ୍ୟାନେଲ୍‌ରେ ସକାଳ ୬:୦୦ ରୁ ୭:୦୦ ପର୍ଯ୍ୟନ୍ତ

ଲୋକଶାହୀ ଚ୍ୟାନେଲ୍‌ରେ ସକାଳ ୫:୫୫ ରୁ ୬:୫୫ ପର୍ଯ୍ୟନ୍ତ

ସୁଦର୍ଶନ ଚ୍ୟାନେଲ୍‌ରେ ସକାଳ ୬:୦୦ ରୁ ୭:୦୦ ପର୍ଯ୍ୟନ୍ତ

**ସମ୍ପର୍କ ସୂତ୍ର :- ୮୨୨୨୮୮୦୫୪୧, ୮୨୨୨୮୮୦୫୪୨,୮୨୨୨୮୮୦୫୪୩**
**୮୨୨୨୮୮୦୫୪୪, ୮୨୨୨୮୮୦୫୪୫**

ଓଡିଶା ସମ୍ପର୍କ :- ୭୮୨୭୯୦୦୬୯୨, ୭୮୨୭୯୦୦୬୯୩,

Visit us at : www.jagatgururampalji.org
E-mail : jagatgururampalji@yahoo.com

ପ୍ରାର୍ଥନା :- ସନ୍ଥ ରାମପାଲଜୀ ମହାରାଜଙ୍କ ଦ୍ୱାରା ଲିଖିତ ପୁସ୍ତକ ଜ୍ଞାନ ଗଙ୍ଗା ଯାହା ସମସ୍ତ ଧାର୍ମିକ ଶାସ୍ତ୍ର ଉପରେ ଆଧାରିତ ତଥା ହିନ୍ଦୀ ଜ୍ଞାନ ଗଙ୍ଗାରୁ ସିଧାସଳଖ ଓଡ଼ିଆ ଭାଷାକୁ ଅନୁବାଦ କରାଯାଇଛି ଯାହାଦ୍ୱାରା ଓଡ଼ିଆ ଭକ୍ତ ସମାଜକୁ ଏହା ସରଳ ଭାଷାରେ ବୋଧଗମ୍ୟ ହେବ। ଏହି ପୁସ୍ତକରେ ଦିଆଯାଇଥିବା ସମସ୍ତ ପ୍ରମାଣ, ବିବରଣୀ ଓ ପୃଷ୍ଠା ସଂଖ୍ୟାକୁ ହିନ୍ଦୀ ଧାର୍ମିକ ଗ୍ରନ୍ଥ ସହିତ ତୁଳନା କରି ଯାଞ୍ଚ କରିପାରିବେ।

## ବିଷୟ ସୂଚୀ


| କ୍ର.ନଂ. | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| 1. | ଭକ୍ତି ମର୍ଯ୍ୟାଦା (ପ୍ରସ୍ତାବନା) | 22 |
| ● | ନାମ (ଦୀକ୍ଷା) ନେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକୀୟ ସୂଚନା | 29 |
| ● | କର୍ମକାଣ୍ଡ ବିଷୟରେ ସତ୍ୟକଥା | 35 |
| 2. | ସୃଷ୍ଟି ରଚନା | 40 |
| ● | ସମସ୍ତ ଆତ୍ମା କାଳ ଜାଲରେ ଫସିଲେ କିପରି ? | 43 |
| ● | ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ଉତ୍ପତ୍ତି | 46 |
| ● | ତିନିଗୁଣ କ'ଣ, ପ୍ରମାଣ ସହିତ ? | 47 |
| ● | ବ୍ରହ୍ମ (କାଳ)ଙ୍କର ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା | 48 |
| ● | ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ପ୍ରୟାସ | 50 |
| ● | ମାତା (ଦୁର୍ଗା) ବ୍ରହ୍ମାଙ୍କୁ ଅଭିଶାପ ଦେବା ବିଷୟ | 51 |
| ● | ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ... | 53 |
| ● | ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ଥାପନା | 56 |
| ● | ପବିତ୍ର ଅଥର୍ବ ବେଦରେ ସୃଷ୍ଟି ରଚନାର ପ୍ରମାଣ | 60 |
| ● | ପବିତ୍ର ଋଗ୍‌ବେଦରେ ସୃଷ୍ଟି ରଚନାର ପ୍ରମାଣ | 64 |
| ● | ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ | 68 |
| ● | ପବିତ୍ର ଶିବ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ | 70 |
| ● | ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତାରେ ସୃଷ୍ଟି ରଚନାର ପ୍ରମାଣ | 70 |
| ● | ପବିତ୍ର ବାଇବେଲ ଓ ପବିତ୍ର କୁରାନ୍ ଶରୀଫରେ ସୃଷ୍ଟି ରଚନାର ପ୍ରମାଣ | 73 |
| ● | ପୂଜ୍ୟ କବୀର ପରମେଶ୍ୱର (କବିର ଦେବ) ଜୀଙ୍କ ଅମୃତ ବାଣୀରେ ସୃଷ୍ଟି ରଚନା | 75 |
| ● | ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଅମୃତ ବାଣୀରେ ସୃଷ୍ଟି ରଚନାର ପ୍ରମାଣ | 77 |
| ● | ଆଦରଣୀୟ ନାନକ ସାହେବଜୀଙ୍କ ଅମୃତ ବାଣୀରେ ସୃଷ୍ଟି ରଚନାର ସଙ୍କେତ | 83 |
| ● | ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମନଗଢ଼ା କଥା | 86 |
| 3. | ସର୍ବ ବ୍ରହ୍ମାଣ୍ଡର ମାଲିକ କିଏ ଏବଂ ସେ କିପିରି ଅଟନ୍ତି ? | 88 |
| ● | ଆଦରଣୀୟ ଧର୍ମଦାସ ସାହେବଜୀ 'କବୀର ପରମେଶ୍ୱର'ଙ୍କ ସାକ୍ଷୀ | 89 |
| ● | ଆଦରଣୀୟ ଦାଦୁ ସାହେବଜୀ 'କବୀର ପରମେଶ୍ୱର'ଙ୍କ ସାକ୍ଷୀ | 89 |
| ● | ଆଦରଣୀୟ ମଲୁକ ଦାସଜୀ 'କବୀର ପରମେଶ୍ୱର'ଙ୍କ ସାକ୍ଷୀ | 90 |
| ● | ଆଦରଣୀୟ ଗରୀବ ଦାସ ସାହେବଜୀ 'କବୀର ପରମେଶ୍ୱର'ଙ୍କ ସାକ୍ଷୀ | 90 |
| ● | ଆଦରଣୀୟ ନାନକଜୀଙ୍କ ଦ୍ୱାରା 'ଗୁରୁଗ୍ରନ୍ଥ ସାହେବ'ରେ ... | 92 |
| ● | ପ୍ରଭୁ କବୀରଜୀ, ସ୍ୱାମୀ ରାମାନନ୍ଦଜୀଙ୍କୁ ତତ୍ତ୍ୱଜ୍ଞାନ ବୁଝାଇଲେ | 92 |
| 4. | ପବିତ୍ର ଶାସ୍ତ୍ର ମଧ୍ୟ କବିର୍ଦେବ (କବୀର ପରମେଶ୍ୱର) ଙ୍କ ସାକ୍ଷୀ | 104 |
| 5. | କବୀର ସାହେବ ଚାରିଯୁଗରେ ଆସନ୍ତି | 111 |
| ● | ସତ୍ୟଯୁଗରେ କବିର୍ଦେବ (କବୀର ସାହେବ) ଙ୍କର ସତ୍ ସୁକୃତ... | 111 |

- ତ୍ରେତୟା ଯୁଗରେ କବିର୍ଦେବ୍ (କବୀର ସାହେବ) ଙ୍କର ମୁନିନ୍ଦ୍ର ନାମରେ ପ୍ରାକଟ୍ୟ 116
- ଦ୍ୱାପର ଯୁଗରେ କବିର୍ଦେବ୍ (କବୀର ସାହେବ)ଙ୍କର କରୁଣାମୟ ନାମରେ ପ୍ରାକଟ୍ୟ 119
- କବୀର ସାହେବ (କବିର୍ଦେବ୍) ଙ୍କର କଳିଯୁଗରେ ପ୍ରାକଟ୍ୟ 124

6. ପୂର୍ଣ୍ଣସନ୍ଥଙ୍କ ପରିଚୟ (ପବିତ୍ର ସଦଗ୍ରନ୍ଥ ଆଧାରରେ) 129

- ତିନି ପର୍ଯ୍ୟାୟରେ ନାମ ମନ୍ତ୍ର ଦେବାର ପ୍ରମାଣ 131

7. ସନ୍ଥଙ୍କୁ କଷ୍ଟ ଦେବାର ଫଳ 137
8. ପଥଭ୍ରଷ୍ଟଙ୍କୁ ମାର୍ଗଦର୍ଶନ 140

- ପ୍ରଭୁପ୍ରେମୀ ଭକ୍ତ ବସନ୍ତ ସିଂହ ସୈନୀଙ୍କୁ ସତ୍ୟମାର୍ଗ ମିଳିବା 140
- ଅଦ୍ଭୁତ ଚମତ୍କାର 144
- ଅସମ୍ଭବକୁ ସମ୍ଭବ କଲେ ପରମେଶ୍ୱର 145
- ଭଗବାନ ହେବେ ତ ଏହିଭଳି 147
- ସନ୍ଥ ହେବେ ତ ଏହିଭଳି 148
- ପୂର୍ଣ୍ଣ ପରମାତ୍ମା ତିନିତାପକୁ ସମାପ୍ତ କରିଦିଅନ୍ତି 150

9. କବୀର ସାହେବଙ୍କର କାଳ ସହିତ ବାର୍ତ୍ତା 155
10. ବିଶ୍ୱବିଜୟୀ ସନ୍ଥ (ସନ୍ଥ ରାମପାଲଜୀ ମହାରାଜ) ଙ୍କ ଅଧକ୍ଷତାରେ ହିନ୍ଦୁସ୍ଥାନ ବିଶ୍ୱ ଧର୍ମଗୁରୁ ରୂପରେ ପ୍ରତିଷ୍ଠିତ ହେବ 157

- ସନ୍ଥ ରାମପାଲଜୀ ମହାରାଜଙ୍କ ବିଷୟରେ, 'ନାସ୍ତ୍ରେଦମସ୍'ଙ୍କ ଭବିଷ୍ୟବାଣୀ 157
- ସନ୍ଥ ରାମପାଲଜୀ ମହାରାଜଙ୍କ ସମର୍ଥନରେ ଅନ୍ୟ ଭବିଷ୍ୟବକ୍ତାମାନଙ୍କର... 161
- ସନ୍ଥ ରାମପାଲଜୀ ମହାରାଜଙ୍କ ସଂକ୍ଷିପ୍ତ ପରିଚୟ 164

11. ପ୍ରମାଣ ପାଇଁ ଫଟୋ କପି ଦେଖନ୍ତୁ 169
12. ଯଥାର୍ଥ ଜ୍ଞାନ ପ୍ରକାଶ ବିଷୟ (ପରମେଶ୍ୱରଙ୍କ ବିଷୟରେ ଶାସ୍ତ୍ର କ'ଣ କହୁଛି ?) 185

- ପବିତ୍ର ଗୀତାଜ୍ଞାନ କିଏ କହିଛନ୍ତି ? 186
- ଶ୍ରୀମଦ୍ଭଗବତ୍ ଗୀତା ସାର 193
- ତିନିଗୁଣ କ'ଣ ? ପ୍ରମାଣ ସହିତ 200
- ଉପରୋକ୍ତ ପୁରାଣ ବାକ୍ୟଗୁଡ଼ିକର ସାରାଂଶ 202
- ତ୍ରିଗୁଣୀ ମାୟା ଜୀବକୁ ମୁକ୍ତି ହେବାକୁ ଦିଅନ୍ତି ନାହିଁ 202
- ଅନ୍ୟ ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ଙ୍କର ପୂଜା 205
- ଅଜ୍ଞାନୀ ବ୍ୟକ୍ତି କରିଥାନ୍ତି 205
- ପବିତ୍ର ଚାରିବେଦ ଅନୁସାରେ ସାଧନା କରିବାର ପରିଣାମ କେବଳ ସ୍ୱର୍ଗ-ମହାସ୍ୱର୍ଗ... 206
- ଶାସ୍ତ୍ରବିଧି ବିପରିତ ସାଧନା ପତନର କାରଣ 206
- ଶ୍ରାଦ୍ଧ ଦେଉଥିବା(ପିତୃପୁରୁଷଙ୍କର ପୂଜା କରୁଥିବା) ବ୍ୟକ୍ତି ପ୍ରେତ ହେବେ, ତାଙ୍କର ମୁକ୍ତି ହୁଏନାହିଁ 206
- ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ହିଁ ଭକ୍ତି ପ୍ରାରମ୍ଭ ହୋଇଥାଏ 211
- ଗୀତା ଜ୍ଞାନଦାତା ବ୍ରହ୍ମଙ୍କର ଇଷ୍ଟ (ପୂଜ୍ୟଦେବ) ପୂର୍ଣ୍ଣବ୍ରହ୍ମ ଅଟନ୍ତି 212

- ବ୍ରହ୍ମଙ୍କ ସାଧକ ବ୍ରହ୍ମଙ୍କୁ ଓ ପୂର୍ଣ୍ଣବ୍ରହ୍ମଙ୍କ ସାଧକ ପୂର୍ଣ୍ଣବ୍ରହ୍ମଙ୍କୁ ହିଁ ପ୍ରାପ୍ତ ହୁଅନ୍ତି 213
- ବ୍ରହ୍ମ (କ୍ଷରପୁରୁଷ)ଙ୍କ ସାଧନା ଅନୁତ୍ତମ (ନିକୃଷ୍ଟ) ଅଟେ 213
- ଶଙ୍କା ସମାଧାନ 216
- ଗଦ୍ଦୀ ଓ ମହନ୍ତ ପରମ୍ପରା ବିଷୟରେ ସୂଚନା 217
- ପବିତ୍ର ତୀର୍ଥଧାମଗୁଡ଼ିକ ବିଷୟରେ ସୂଚନା 219
- ସ୍ୱର୍ଗର ପରିଭାଷା କ'ଣ ? 227
- ଗୀତା ଜ୍ଞାନଦାତା ବ୍ରହ୍ମ(କାଳ)ଙ୍କ ଉତ୍ପତ୍ତିର ସଙ୍କେତ 234
- କବୀର ସାହେବଙ୍କ ଦ୍ୱାରା ବିଭୀଷଣ ଓ ମନ୍ଦୋଦରୀଙ୍କୁ ଶରଣକୁ ନେବା 236
- ଦ୍ୱାପର ଯୁଗରେ ଇନ୍ଦ୍ରମତୀକୁ ଶରଣକୁ ନେବା 238
- ପବିତ୍ର ପୁରାଣଗୁଡ଼ିକର ରହସ୍ୟ 243

13. ଶାସ୍ତ୍ରାର୍ଥ ବିଷୟ 259
14. ପଥଭ୍ରଷ୍ଟମାନଙ୍କୁ ସତ୍ୟମାର୍ଗ ପ୍ରାପ୍ତି 267


❑❑❑

## "ଭୂମିକା"

ଅନାଦି କାଳରୁ ମାନବ ପରମ ସୁଖ, ଶାନ୍ତି ଓ ଅମରତ୍ତ୍ୱକୁ ଖୋଜିବାରେ ଲାଗିଛି। ସେ ନିଜର ସାମର୍ଥ୍ୟ ଅନୁସାରେ ପ୍ରୟାସ କରିଆସୁଛି କିନ୍ତୁ ତା'ର ଏହି ଇଚ୍ଛା କେବେ ବି ପୂର୍ଣ୍ଣ ହୋଇ ପାରୁନାହିଁ। ଏହା ଏଥିପାଇଁ ହେଉଛି ଯେ ସେହି ଇଚ୍ଛା ପ୍ରାପ୍ତିର ସଠିକ୍ ମାର୍ଗର ପୂର୍ଣ୍ଣ ଜ୍ଞାନ ତା'ର ନାହିଁ। ପ୍ରତ୍ୟେକ ପ୍ରାଣୀ ଚାହେଁ ଯେ ତାକୁ କୌଣସି କାର୍ଯ୍ୟ କରିବାକୁ ନ ପଡୁ, ଖାଇବା ପାଇଁ ସ୍ୱାଦିଷ୍ଟ ଭୋଜନ ମିଳୁ, ପିନ୍ଧିବା ପାଇଁ ସୁନ୍ଦର ବସ୍ତ୍ର ମିଳୁ, ରହିବା ପାଇଁ ବିଳାସପୂର୍ଣ୍ଣ ବାସଭବନ, ବୁଲିବା ପାଇଁ ସୁନ୍ଦର ବଗିଚା, ମନୋରଞ୍ଜନ ପାଇଁ ସୁମଧୁର ସଂଗୀତର ବ୍ୟବସ୍ଥା ହେଉ, ନାଚିବା-ଗାଇବା, ଖେଳକୁଦ କରିବା, ମଉଜ-ମସ୍ତି କରିବା, ଶରୀର କେବେ ରୋଗଗ୍ରସ୍ତ ନହେଉ, କେବେ ବୃଦ୍ଧାବସ୍ଥା ନଆସୁ ଓ କେବେ ମୃତ୍ୟୁ ନ ହେଉ ଇତ୍ୟାଦି, କିନ୍ତୁ ଯେଉଁ ସଂସାରରେ ଆମ୍ଭେ ବାସ କରୁଅଛେ ଏଠାରେ ନା ଏସବୁ ଦୃଷ୍ଟିଗୋଚର ହେଉଛି, ନା ଏଠାରେ ଏସବୁ ସମ୍ଭବ ଅଟେ। କାରଣ ଏହି ଲୋକ ବିନାଶଶୀଳ ଏବଂ ଏହି ଲୋକର ପ୍ରତ୍ୟେକ ବସ୍ତୁ ମଧ୍ୟ ବିନାଶଶୀଳ ଅଟେ । ଏହି ଲୋକର ରାଜା ହେଉଛି ବ୍ରହ୍ମ(କାଳ) ଯିଏ ପ୍ରତିଦିନ ଏକଲକ୍ଷ ସୂକ୍ଷ୍ମ ମାନବ ଶରୀର ଭୋଜନ କରିଥାଏ। ସେ ସମସ୍ତ ପ୍ରାଣୀଙ୍କୁ କର୍ମ-ଭ୍ରମ* ଓ ପାପ-ପୁଣ୍ୟ ରୂପକ ଜାଲରେ ଭ୍ରମିତ କରି ତିନିଲୋକ ରୂପକ ପଞ୍ଜୁରୀରେ ବନ୍ଦୀ କରି ରଖିଛି। କବୀର ସାହେବ କହନ୍ତି ଯେ:-

କବୀର, ତୀନ ଲୋକ ପିଞ୍ଜରା ଭୟା, ପାପ ପୁଣ୍ୟ ଦୋ ଜାଲ ।
ସଭୀ ଜୀବ ଭୋଜନ ଭୟେ, ଏକ ଖାନେ ବାଲା କାଲ ॥
ଗରୀବ, ଏକ ପାପୀ ଏକ ପୁନ୍ୟୀ ଆୟା, ଏକ ହେ ସୁମ ଦଲେଲ ରେ ।
ବିନା ଭଜନ କୋଇ କାମ ନହିଁ ଆୱେ, ସବ ହେ ଯମ କୀ ଜେଲ ରେ ॥

{କର୍ମ-ଭ୍ରମ*-କର୍ମ = ସିଦ୍ଧାନ୍ତ - ଯେପରି କର୍ମ କରିବ ସେହି ଅନୁରୂପ ଫଳ ପ୍ରାପ୍ତି କରିବ।
ଭ୍ରମ = ସଂଶୟଯୁକ୍ତ ଜ୍ଞାନ ଯାହା ବେଦ ଓ ଗୀତାରେ କାଳବ୍ରହ୍ମ ପ୍ରଦାନ କରିଛନ୍ତି।

ଉଦାହରଣ ସ୍ୱରୂପ (For Example) :- ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ୧ ରୁ ୪ ଓ ଅଧ୍ୟାୟ ୪ ର ଶ୍ଲୋକ ୩୧-୩୨,୩୪, ଅଧ୍ୟାୟ ୭ ର ଶ୍ଲୋକ ୧୮ ରେ ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ ""ଏହା ସଂସାର ରୂପୀ ବୃକ୍ଷ ଅଟେ''। ଏହାର ମୂଳ (ଜକ୍ଟକ୍ଟସ୍ୱଶ୍ୱ) ଉପରକୁ ଓ ତିନିଗୁଣ ରୂପୀ ଶାଖାଗୁଡିକ ତଳକୁ ବ୍ୟାପ୍ତ। ଯିଏ ଏହି ସଂସାର ରୂପୀ ବୃକ୍ଷର ପୂର୍ଣ୍ଣ ବିବରଣୀ ଦେଇପାରିବେ ସେ ପୂର୍ଣ୍ଣସନ୍ଥ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି। ଯେପରି କାଣ୍ଡ କେଉଁ ପ୍ରଭୁ ଅଟନ୍ତି ? ଡାଳ କିଏ ଓ ତିନି ଶାଖା କେଉଁ ପ୍ରଭୁ ଅଟନ୍ତି ? ଏହି ବିଚାରକାଳରେ ଅର୍ଥାତ୍ ଯେଉଁ ଗୀତାଜ୍ଞାନ ମୁଁ ତୁମକୁ ଦେଉଛି, ଏହି ସଂସାରରେ ସୃଷ୍ଟିର ଜ୍ଞାନ ମୋର ନାହିଁ କାରଣ ଏହାର ଆଦି(ପ୍ରାରମ୍ଭ) ଓ ଅନ୍ତ(ଶେଷ)ର ଜ୍ଞାନ ମୋର ନାହିଁ ତେଣୁ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କର। ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗ (Way Of Worship) ଅନୁସାରେ ସାଧନା କରି ସେହି ପରମପଦ ଓ ପରମେଶ୍ୱରଙ୍କୁ ଖୋଜିବା ଉଚିତ। ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ଫେରି ନଥାଏ । ଅର୍ଥାତ ପୂର୍ଣ୍ଣମୋକ୍ଷ ପ୍ରାପ୍ତି କରିଥାଏ। ଯେଉଁ ପରମାତ୍ମାଙ୍କଠାରୁ ଏହି ସଂସାର ରୂପୀ ବୃକ୍ଷ ବିସ୍ତାରିତ ହୋଇଛି ଅର୍ଥାତ୍ ଯେଉଁ ପରମେଶ୍ୱର ଏହି ସୃଷ୍ଟିର ରଚନା କରିଛନ୍ତି ସେହି ପରମେଶ୍ୱରଙ୍କର ପୂଜା କରିବା ଉଚିତ। ମୁଁ (ଗୀତା ଜ୍ଞାନଦାତା) ତାଙ୍କ ଚରଣରେ ଆଶ୍ରିତ। ଗୀତା ଅଧ୍ୟାୟ ୩ ର ଶ୍ଲୋକ ୩୧-୩୨ ରେ କହିଛନ୍ତି ଯେ ଗୀତାରେ ଯେଉଁ ଜ୍ଞାନ ମୁଁ ଦେଇଛି ଏହା ମୋ ନିଜସ୍ୱ ମତ(ସିଦ୍ଧାନ୍ତ) ଅଟେ। ଏହା ସମ୍ପୂର୍ଣ୍ଣ ହୋଇନପାରେ ତଥାପି ଅନ୍ୟ ଶାସ୍ତ୍ର ବିଧିରହିତ ସାଧନାଠାରୁ ଶ୍ରେଷ୍ଠ ଅଟେ। ଯିଏ ମୋ ମତ ଅନୁସାରେ ସାଧନା କରୁନାହିଁ ସେ ବୃଥା ପ୍ରୟାସ କରୁଅଛି। ପୂର୍ଣ୍ଣ ପରମାତ୍ମାଙ୍କ ସାଧନାରୁ ମିଳୁଥିବା ଲାଭ ତୁଳନାରେ ନିଜ ସାଧନାରୁ ମିଳୁଥିବା ଲାଭକୁ ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୮ ରେ ଗୀତା ଜ୍ଞାନଦାତା ଅନୁତ୍ତମ କହିଛନ୍ତି। ଏହି ପ୍ରକାରେ କାଳବ୍ରହ୍ମ ଦ୍ୱାରା ପ୍ରଦତ୍ତ ଜ୍ଞାନ ଭ୍ରମଯୁକ୍ତ ଅଟେ।}

ସେ କେବେ ଏହା ଚାହେଁ ନାହିଁ ଯେ କୌଣସି ପ୍ରାଣୀ ଏହି ପଞ୍ଜୁରୀ ରୂପକ ଜେଲରୁ ମୁକ୍ତ ହୋଇ ଚାଲିଯାଉ। ସେ ଏହା ମଧ୍ୟ ଚାହୁଁନାହିଁ କି ଜୀବାତ୍ମାକୁ ତା ନିଜ ଘର ସତ୍ୟଲୋକର ଠିକଣା ମିଳିଯାଉ।

ସେଥିପାଇଁ ସେ ନିଜ ତ୍ରିଗୁଣୀ ମାୟା ଦ୍ୱାରା ପ୍ରତ୍ୟେକ ଜୀବକୁ ଭ୍ରମିତ କରି ରଖିଛି। ପୁଣି ମନୁଷ୍ୟ ମନରେ ଉପରୋକ୍ତ ଇଚ୍ଛାଗୁଡ଼ିକ କେଉଁଠାରୁ ଉତ୍ପନ୍ନ ହେଉଛି ? ଏଠାରେ ଏଭଳି କିଛି ବି ଉପଲବ୍ଧ ନାହିଁ। ଏଠାରେ ଆମ୍ଭ ସମସ୍ତଙ୍କୁ ମରିବାକୁ ପଡ଼ିବ। ଏଠାରେ ଆମ୍ଭେ ସମସ୍ତେ ଦୁଃଖୀ ଓ ଅଶାନ୍ତ ଅଟୁ। ଯେଉଁଭଳି ସୁଖ ସୁବିଧା ଆମ୍ଭେ ଏଠାରେ ପ୍ରାପ୍ତ କରିବାକୁ ଚାହୁଁଅଛେ ସେଭଳି ସ୍ଥିତିରେ ଆମ୍ଭେ ଆମ୍ଭ ନିଜ ଘର ସତ୍ୟଲୋକରେ ରହୁଥିଲେ । ସ୍ୱଇଚ୍ଛାରେ କାଳବ୍ରହ୍ମଙ୍କ ଲୋକକୁ ଆସି ଆମ୍ଭେ ଫସିଯାଇଛେ ଏବଂ ନିଜ ଘର ସତ୍ୟଲୋକର ରାସ୍ତା ଭୁଲିଯାଇଛେ । କବୀର ସାହେବ କହନ୍ତି ଯେ :-

ଇଚ୍ଛା ରୂପୀ ଖେଲନ ଆୟା, ତାତେଁ ସୁଖ ସାଗର ନହୀଁ ପାୟା ।

ଏହି କାଳ ବ୍ରହ୍ମଲୋକରେ ସୁଖ ଓ ଶାନ୍ତିର କୌଣସି ଚିହ୍ନବର୍ଣ୍ଣ ନାହିଁ। ତ୍ରିଗୁଣୀ ମାୟାରୁ ଉତ୍ପନ୍ନ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ରାଗ-ଦ୍ୱେଷ, ହର୍ଷ-ଶୋକ, ହାନି-ଲାଭ ରୂପକ ଅବଗୁଣ ପ୍ରତ୍ୟେକ ଜୀବକୁ ଭ୍ରମିତ କରି ରଖିଛି। ଏଠାରେ ଗୋଟିଏ ଜୀବ ଅନ୍ୟ ଗୋଟିଏ ଜୀବକୁ ମାରି ଖାଉଛି, ଶୋଷଣ କରୁଛି, ଇଜ୍ଜତ ଲୁଟୁଛି, ଧନ ଲୁଟୁଛି ଓ ଶାନ୍ତି ହରଣ କରିନେଉଛି। ଏଠାରେ ସର୍ବତ୍ର ଅଶାନ୍ତିର ନିଆଁ ଲାଗିଛି। ଆପଣ ଶାନ୍ତିରେ ରହିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଶାନ୍ତିରେ ରହିବାକୁ ଦେଉ ନାହାଁନ୍ତି। ଆପଣଙ୍କ ଅନିଚ୍ଛା ସତ୍ତ୍ୱେ ଚୋର ଚୋରି କରି ନେଉଛି, ଡାକୁ ଡକାୟତି କରି ନେଉଛି, ଦୁର୍ଘଟଣା ଆପେ ଘଟିଯାଉଛି, କୃଷକର ଫସଲ ଉଜୁଡି ଯାଉଛି, ବ୍ୟବସାୟୀର ବ୍ୟବସାୟ ବନ୍ଦ ହୋଇଯାଉଛି, ରାଜାର ରାଜୁତି ଛିନ୍ନ କରି ନିଆଯାଉଛି, ସୁସ୍ଥ ଶରୀର ରୋଗଗ୍ରସ୍ତ ହୋଇଯାଉଛି ଅର୍ଥାତ୍ ଏଠାରେ କୌଣସି ବସ୍ତୁ ସୁରକ୍ଷିତ ନୁହେଁ। ରାଜାର ରାଜଗାଦି, ସମ୍ମାନିତ ବ୍ୟକ୍ତିର ସମ୍ମାନ, ଧନୀର ଧନ, ବଳବାନର ବଳ, ଏପରିକି ଆମ୍ଭମାନଙ୍କର ଶରୀର ମଧ୍ୟ ଅଚାନକ ଛଡ଼ାଇ ନିଆଯାଉଛି। ପିତାମାତାଙ୍କ ସମ୍ମୁଖରେ ଯୁବା ପୁଅଝିଅ ମରି ଯାଉଛନ୍ତି, କ୍ଷୀରପାନ କରୁଥିବା ଶିଶୁକୁ ଅନାଥ କରି ପିତାମାତାଙ୍କର ମୃତ୍ୟୁ ହୋଇଯାଉଛି, ଯୁବାବସ୍ଥାରେ ଭଉଣୀମାନେ ବିଧବା ହୋଇ ପାହାଡ ଭଳି ଦୁଃଖ ଭୋଗିବାକୁ ବାଧ୍ୟ ହେଉଛନ୍ତି। ଟିକେ ବିଚାର କରନ୍ତୁ, ବାସ୍ତବରେ ଏହି ସ୍ଥାନ ରହିବା ଯୋଗ୍ୟ କି ? କିନ୍ତୁ ଆମ୍ଭେ ବାଧ୍ୟ ହୋଇ ଏଠାରେ ବସବାସ କରୁଅଛେ କାରଣ ଏହି କାଳ ପଞ୍ଜୁରୀରୁ ବାହାରିବାର କୌଣସି ରାସ୍ତା ଦୃଷ୍ଟିଗୋଚର ହେଉ ନାହିଁ। ଅନ୍ୟକୁ ଦୁଃଖ ଦେବା ସହିତ ନିଜେ ଦୁଃଖ ସହିବାରେ ଆମ୍ଭେ ଅଭ୍ୟସ୍ତ ହୋଇଯାଇଛେ । ଯଦି ଆପଣ ଏହି ଲୋକର ଦୁଃଖକଷ୍ଟରୁ ବର୍ତ୍ତିବାକୁ ଚାହୁଁଛନ୍ତି ତେବେ ଏହି ଲୋକର ପ୍ରଭୁ କାଳ ଭଗବାନଙ୍କଠାରୁ ପରମ ଶକ୍ତିଯୁକ୍ତ ପରମେଶ୍ୱର (ପରମ ଅକ୍ଷର ବ୍ରହ୍ମ)ଙ୍କର ଶରଣାପନ୍ନ ହେବାକୁ ପଡିବ । ଯେଉଁ ପରମେଶ୍ୱରଙ୍କୁ କାଳ ପ୍ରଭୁ ମଧ୍ୟ ଭୟ କରନ୍ତି। ଯାହାଙ୍କ ଭୟରେ କାଳ ଭଗବାନ ସେହି ଜୀବକୁ ଉପରୋକ୍ତ କଷ୍ଟ ଦେଇପାରି ନ ଥାଏ, ଯିଏ ପୂର୍ଣ୍ଣସନ୍ଥଙ୍କ ଦ୍ୱାରା ପ୍ରଦତ୍ତ ମାର୍ଗକୁ ଗ୍ରହଣ କରି ପୂର୍ଣ୍ଣ ପରମାତ୍ମା ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ(ସତ୍ୟପୁରୁଷ)ଙ୍କ ଶରଣ ଗ୍ରହଣ କରିଥାଏ ସେ ସଂସାରରେ ଭକ୍ତି କରୁଥିବା ପର୍ଯ୍ୟନ୍ତ ତାଙ୍କୁ ଆଜୀବନ ଉପରୋକ୍ତ କଷ୍ଟ ଭୋଗ ହେବ ନାହିଁ। ଯେଉଁ ବ୍ୟକ୍ତି ଏହି ପୁସ୍ତକ “”ଜ୍ଞାନଗଙ୍ଗା’’ ପଢିବେ ତାଙ୍କୁ ଅବଶ୍ୟ ଜ୍ଞାନ ହୋଇଯିବ ଯେ ଆମ୍ଭ ନିଜ ଘରର ଠିକଣା ଆମ୍ଭେ ଭୁଲିଯାଇଛେ। ସେହି ପରମ ସୁଖ ଓ ଶାନ୍ତି ଏଠାରେ ନାହିଁ ଯାହା ଆମ୍ଭ ନିଜ ଘର ସତ୍ୟଲୋକରେ ଅଛି । ସେଠାରେ ନା ଜନ୍ମମୃତ୍ୟୁ ଅଛି, ନା ବାର୍ଦ୍ଧକ୍ୟାବସ୍ଥା ଅଛି, ନା ଦୁଃଖକଷ୍ଟ ଅଛି, ନା କୌଣସି ଲଢେଇ-ଝଗଡା ଅଛି, ନା କୌଣସି ରୋଗ ଅଛି, ନା ଟଙ୍କାପଇସା କାରବାର ଅଛି, ନା ମନୋରଞ୍ଜନର କୌଣସି ସାଧନ କ୍ରୟ କରିବାର ଅଛି। ସେଠାରେ ପରମାତ୍ମାଙ୍କ ଦ୍ୱାରା ସର୍ବସୁବିଧା ନିଃଶୁଳ୍କ ଉପଲବ୍ଧ ହୋଇଥାଏ ଯାହା ଅସରନ୍ତି ଅଟେ। ବନ୍ଦୀଛୋଡ ଗରୀବଦାସଜୀ ମହାରାଜଙ୍କ ବାଣୀରେ ପ୍ରମାଣ ଅଛି ଯେ:-

ବିନ ହୀ ମୁଖ ସାରଂଗ ରାଗ ସୁନ, ବିନ ହୀ ତଁତି ତାର । ବିନା ସୁର ଅଲଗୋଜେ ବଜେଁ, ନଗର ନାଁଚ ଘୁମାର ॥
ଘଣ୍ଟା ବାଜୈ ତାଲ ନଗ, ମଁଜୀରେ ଡଫ ଝାଁଝ । ମୂରଲୀ ମଧୁର ସୁହାବନୀ,ନିସବାସର ଔର ସାଂଝ ॥
ବିନ ବିହଂଗମ ବାଜହିଁ, ତରକ ତମ୍ବୁରେ ତୀର । ରାଗ ଖଣ୍ଡ ନହୀଁ ହୋତ ହୈ, ବନ୍ଧ୍ୟା ରହତ ସମୀର ॥
ତରକ ନହିଁ ତୋରା ନହିଁ, ନାହିଁ କଶୀସ କବାବ । ଅମୃତ ପ୍ୟାଲେ ମଧ ପିବେଁ, ଜ୍ୟୋଁ ଭାଟୀ ଚବେଁ ଶରାବ ॥
ମତୱାଲେ ମସ୍ତାନପୁର, ଗଲୀ-ଗଲୀ ଗୁଲଜାର । ସଂଖ ଶରାବୀ ଫିରତ ହେଁ, ଚଲୋ ତାସ ବଜାର ॥

ସଂଖ-ସଂଖ ପତ୍ନୀ ନାଚେଁ, ଗାୱେଁ ଶବ୍ଦ ସୁଭାନ । ଚନ୍ଦ୍ର ବଦନ ସୂରଜମୁଖୀ, ନାହିଁ ମାନ ଗୁମାନ ॥
ସଂଖ ହିଁଡ଼ୋଲେ ନୂର ନଗ, ଝୁଲେଁ ସଁତ ହଜୂର । ତଖତ ଧନୀ କେ ପାସ କର, ଐସା ମୁଲକ ହଜୂର ॥
ନଦୀ ନାଓ ନାଲେ ବହେଁ, ଛୁଟେଁ ଫୁହାରେ ସୁନ୍ନ । ଭରେ ହୋଦ ସରବର ସଦା, ନହିଁ ପାପ ନହିଁ ପୂଣ୍ୟ ॥
ନା କୋଇ ଭିକ୍ଷୁକ ଦାନ ଦେ, ନା କୋଇ ହାର ବ୍ୟବହାର । ନା କୋଇ ଜନ୍ମେ ମରେ,ଐସା ଦେଶ ହମାର ॥
ଜହାଁ ସଂଖୋଁ ଲହର ମେହର କୀ ଉପଜେଁ, କହର ଜହାଁ ନହିଁ କୋଇ ।
ଦାସ ଗରୀବ ଅଚଲ ଅବିନାଶୀ, ସୁଖ କା ସାଗର ସୋଇ ॥

ସତ୍‌ଲୋକରେ କେବଳ ଗୋଟିଏ ରସ ଅଛି, ତାହା ହେଉଛି ପରମ ସୁଖ ଓ ଶାନ୍ତି । ଯେପର୍ଯ୍ୟନ୍ତ ଆମ୍ଭେ ସତ୍‌ଲୋକ ନ ଯାଇଛେ ସେପର୍ଯ୍ୟନ୍ତ ସେହି ପରମ ଶାନ୍ତି, ସୁଖ ଓ ଅମରତ୍ୱ ପ୍ରାପ୍ତ କରିପାରିବା ନାହିଁ । ସତ୍ୟଲୋକକୁ ଯିବା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ୍ଭେ ପୂର୍ଣ୍ଣସନ୍ଥଙ୍କଠାରୁ ନାମଦୀକ୍ଷା ନେଇ ପୂର୍ଣ୍ଣ ପରମାତ୍ମାଙ୍କର ଆଜୀବନ ଭକ୍ତି କରିବା। ଏହି ପୁସ୍ତକ “”ଜ୍ଞାନଗଙ୍ଗା’’ ମାଧ୍ୟମରେ ଆମ୍ଭେ ଯେଉଁ ସନ୍ଦେଶ ଦେବା ପାଇଁ ଚାହୁଁଛୁ, ଏଥିରେ କୌଣସି ଦେବୀ-ଦେବତା ତଥା କୌଣସି ଧର୍ମର ନିନ୍ଦା ନ କରି, ସମସ୍ତ ପବିତ୍ର ଧର୍ମଗ୍ରନ୍ଥରେ ଲୁଚି ରହିଥିବା ଗୂଢ଼ ରହସ୍ୟକୁ ଉନ୍ମୋଚନ କରି ଯଥାର୍ଥ ଭକ୍ତିମାର୍ଗ ବିଷୟରେ ଉଲ୍ଲେଖ କରିଛୁ। ଶାସ୍ତ୍ରରେ ଲୁଚି ରହିଥିବା ଥିବା ସେହି ରହସ୍ୟ ଯାହାକୁ ବର୍ତ୍ତମାନର ସନ୍ଥ, ମହନ୍ତ ଓ ଆଚାର୍ଯ୍ୟ ଗୁରୁ ମଣ୍ଡଳେଶ୍ୱର ବୁଝିପାରି ନାହାଁନ୍ତି। ପରମ ପୂଜ୍ୟ କବୀର ସାହେବ ନିଜ ବାଣୀରେ କହିଛନ୍ତି ଯେ:-

ବେଦ କତେବ ଝୁଠେ ନା ଭାଈ, ଝୁଠେ ହେଁ ସୋ ସମଝେ ନାହିଁ ।

ଯେଉଁ କାରଣରୁ ଭକ୍ତ ସମାଜର ଅପାର କ୍ଷତି ହେଉଅଛି। ସମସ୍ତେ ନିଜ ଅନୁମାନରେ ଅଥବା ନକଲୀ ଗୁରୁମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଶାସ୍ତ୍ରବିରୁଦ୍ଧ ସାଧନା କରୁଛନ୍ତି । ଯାହାଦ୍ୱାରା ନା ମାନସିକ ଶାନ୍ତି ମିଳୁଛି, ନା ଶାରୀରିକ ସୁଖ ମିଳୁଛି, ନା ଘର ଓ କାରବାରରେ ଲାଭ ହେଉଛି, ନା ବ୍ୟବସାୟ ବାଣିଜ୍ୟରେ ଲାଭ ହେଉଛି, ନା ପରମେଶ୍ୱରଙ୍କର ଦର୍ଶନ ମିଳୁଛି, ନା ମୋକ୍ଷ ପ୍ରାପ୍ତି ହୋଇପାରୁଛି। କିନ୍ତୁ ଏହି ସମସ୍ତ ସୁଖ କିପରି ମିଳିପାରିବ ତଥା ଆମ୍ଭେ କିପରି ଜାଣିପାରିବା ଯେ ମୁଁ କିଏ, କେଉଁଠାରୁ ଆସିଛି, କାହିଁକି ଜନ୍ମ ହୋଇଛି, କାହିଁକି ମୃତ୍ୟୁ ହେଉଛି ଏବଂ କାହିଁକି ଦୁଃଖ ଭୋଗ କରୁଛି ? ପରିଶେଷରେ ଏସବୁ କିଏ ଓ କାହିଁକି କରୁଛି ଏବଂ ପରମେଶ୍ୱର କିଏ, ସେ କେଉଁଠି ରୁହନ୍ତି ତଥା କିପରି ପ୍ରାପ୍ତି ହୋଇପାରିବେ ? ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ମାତାପିତା କିଏ ଅଟନ୍ତି। ଆମ୍ଭେ କିପରି କାଳବ୍ରହ୍ମଙ୍କ ଜେଲରୁ ମୁକ୍ତ ହୋଇ ନିଜ ଘର(ସତ୍ୟଲୋକ)କୁ ଫେରିଯାଇ ପାରିବା । ଏହି ସମସ୍ତ ଜ୍ଞାନ ଉକ୍ତ ପୁସ୍ତକରେ ଦର୍ଶାଯାଇଛି ଯାହାକୁ ପଢ଼ି ସାଧାରଣ ଭକ୍ତାତ୍ମାଙ୍କର କଲ୍ୟାଣ ସମ୍ଭବ ହୋଇପାରିବ । ସମସ୍ତ ସଦଗ୍ରନ୍ଥ ପ୍ରମାଣ ଆଧାରିତ ଏହି ପୁସ୍ତକ ସଦଗୁରୁ ସନ୍ଥ ରାମପାଲଜୀ ମହାରାଜଙ୍କ ପ୍ରବଚନରୁ ସଂଗୃହିତ ହୋଇଛି। ଆମ୍ଭର ପୂର୍ଣ୍ଣ ବିଶ୍ୱାସ ଯେ ଯେଉଁ ପାଠକ ଶ୍ରଦ୍ଧା ସହକାରେ ଓ ନିରପେକ୍ଷ ଭାବରେ ଏହାକୁ ପଢ଼ି ଅନୁସରଣ କରିବେ, ତାଙ୍କର କଲ୍ୟାଣ ସୁନିଶ୍ଚିତ :-

“ଆତ୍ମ ପ୍ରାଣ ଉଦ୍ଧାର ହୀ, ଏସା ଧର୍ମ ନହିଁ ଔର । କୋଟି ଅଶ୍ୱମେଧ ଯଜ୍ଞ, ସକଲ ସମାନା ଭୌର ॥”
ଜୀବ ଉଦ୍ଧାର ପରମ ପୁଣ୍ୟ, ଏସା କର୍ମ ନହିଁ ଔର । ମରୂସ୍ଥଳ କେ ମୃଗ ଜ୍ୟୌଁ, ସବ ମର ଗଏ ଦୌର-ଦୌର ॥

ଭାବାର୍ଥ:- ଯଦି ଗୋଟିଏ ଆତ୍ମାକୁ ସତ୍ୟଭକ୍ତି ମାର୍ଗରେ ଲଗାଇ ତା’ର ଆତ୍ମକଲ୍ୟାଣ କରିଦିଆଯାଏ ତେବେ କୋଟିଏ ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ଏବଂ ତାହା ସମତୁଲ୍ୟ କୌଣସି ଧର୍ମ ନାହିଁ। ଜୀବାତ୍ମାର ଉଦ୍ଧାର ପାଇଁ କରାଯାଉଥିବା କାର୍ଯ୍ୟ ଅର୍ଥାତ୍ ସେବାଠାରୁ ଶ୍ରେଷ୍ଠ କୌଣସି କର୍ମ ନାହିଁ । ନିଜ ଉଦରପୂର୍ତ୍ତି ପାଇଁ ପଶୁପକ୍ଷୀମାନେ ଦିନସାରା ଚାରିଆଡେ ଘୁରିବୁଲନ୍ତି, ପରମାର୍ଥୀ କାର୍ଯ୍ୟ କରୁନଥିବା ବ୍ୟକ୍ତି ସେହି ପଶୁପକ୍ଷୀ ପରି ଅଟନ୍ତି। କାର୍ଯ୍ୟ କରି ନଥାଏ ସେ ପଶୁପକ୍ଷୀ ତୁଲ୍ୟ ଅଟନ୍ତି। ଜୀବ କଲ୍ୟାଣାର୍ଥେ କରାଯାଉଥିବା ପରମାର୍ଥୀ କର୍ମ ସର୍ବଶ୍ରେଷ୍ଠ ସେବା ଅଟେ। ଜୀବ କଲ୍ୟାଣ ପାଇଁ କର୍ମ ନ କରି ସର୍ବ ମାନବ ମରୁଭୂମିର ମୃଗ ଭଳି ମରିଚିକା ପଛରେ ଦୌଡି ଦୌଡି ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ। ଯେପରି ମରୁଭୂମିରେ ମୃଗକୁ ଦୂରରୁ ଜଳ ଦୃଶ୍ୟମାନ ହୋଇଥାଏ କିନ୍ତୁ ଦୌଡି ସେଠାରେ ପହଞ୍ଚିବା ପରେ ତାକୁ ସ୍ଥଳଭାଗ ମିଳିଥାଏ । ପୁଣି କିଛି ଦୂରରେ ଜଳ ଦୃଶ୍ୟମାନ ହୋଇଥାଏ, ସେଠାରେ

ମଧ୍ୟ ସେହିଭଳି ଘଟିଥାଏ । ଶେଷରେ ଜଳ ନ ମିଳିବାରୁ ତୃଷ୍ଣାରେ ଛଟପଟ ହୋଇ ମୃଗର ମୃତ୍ୟୁ ହୋଇଥାଏ । ଠିକ୍ ଏହି ପ୍ରକାରେ ଏହି କାଳଲୋକରେ ରହୁଥିବା ସମସ୍ତ ପ୍ରାଣୀ ମୃଗ ପରି ସୁଖ ଆଶା କରୁଛନ୍ତି ଯେପରି ନିଃସନ୍ତାନ ବ୍ୟକ୍ତି ଆଶା କରିଥାଏ ଯେ ସନ୍ତାନ ପ୍ରାପ୍ତି ହେବା ପରେ ମୁଁ ସୁଖୀ ହୋଇଯିବି କିନ୍ତୁ ଯେଉଁମାନଙ୍କର ସନ୍ତାନସନ୍ତତି ଅଛନ୍ତି ସେମାନେ ଅନେକ ସମସ୍ୟା ମଧ୍ୟରେ ଗତି କରୁଥିବାର ଶୁଣିବାକୁ ମିଳେ। ନିର୍ଦ୍ଧନ ବ୍ୟକ୍ତି ଭାବୁଥାଏ ଯେ ଧନ ପ୍ରାପ୍ତି ହୋଇଗଲେ ମୁଁ ସୁଖୀ ହୋଇଯିବି କିନ୍ତୁ ଜଣେ ଧନୀବ୍ୟକ୍ତିର ଭଲମନ୍ଦ ବିଷୟରେ ଯଦି ପ୍ରଶ୍ନ କରିବେ ତେବେ ତା'ର ବିଭିନ୍ନ ସମସ୍ୟା ବିଷୟରେ ଜାଣିପାରିବେ। ଯଦି କେହି ରାଜ୍ୟ ପ୍ରାପ୍ତିକୁ ସର୍ବଶ୍ରେଷ୍ଠ ସୁଖ ବୋଲି ଭାବୁଛି ତେବେ ଏହା ତା'ର ବହୁତବଡ ଭୁଲ ହେବ। ରାଜା(ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି) ସ୍ୱପ୍ନରେ ସୁଦ୍ଧା ସୁଖୀ ନୁହଁନ୍ତି। ଯେପରି ଚାରି-ପାଞ୍ଚ ଜଣ ସଦସ୍ୟ ବିଶିଷ୍ଟ ଏକ ପରିବାରର ମୁଖିଆ ନିଜ ପରିବାରର ପ୍ରତିପୋଷଣ ପାଇଁ ଅନେକ ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି। ରାଜା ଗୋଟିଏ ରାଜ୍ୟର ମୁଖ୍ୟ ଅଟନ୍ତି, ତାଙ୍କ ଭାଗ୍ୟରେ ସୁଖ ସ୍ୱପ୍ନରେ ସୁଦ୍ଧା ନ ଥାଏ। ରାଜାମାନେ ମଦ୍ୟପାନ କରି କିଛି ମାତ୍ରାରେ ନିଜ ଦୁଃଖ ଭୁଲିବାକୁ ଚେଷ୍ଟା କରନ୍ତି । ଧନ ସଂଗ୍ରହ କରିବା ପାଇଁ ଜନତାଙ୍କ ନିକଟରୁ ଟିକସ ଆଦାୟ କରିଥାନ୍ତି ପୁଣି ଯେଉଁ ରାଜାମାନେ ପରଜନ୍ମରେ ସତ୍ୟଭକ୍ତି କରିନଥାନ୍ତି ସେମାନେ ପଶୁ ଯୋନି ପ୍ରାପ୍ତ କରି ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରୁ ଆଦାୟ କରିଥିବା ଟିକସକୁ ସେମାନଙ୍କ ଘରେ ପଶୁ ରୂପେ ଜନ୍ମ ନେଇ ଋଣ ପରିଶୋଧ କରିଥାନ୍ତି। ଯେଉଁ ବ୍ୟକ୍ତି ମନମୁଖୀ ଆଚରଣ କରି ନକଲୀ ଗୁରୁମାନଙ୍କ ଦ୍ୱାରା ଦୀକ୍ଷିତ ହୋଇ ଭକ୍ତି ଓ ଦାନଧର୍ମ କରିଥାନ୍ତି ସେମାନେ ଏହା ଭାବିଥାନ୍ତି ଯେ ଭକ୍ତିର ଫଳ ସ୍ୱରୂପ ଭବିଷ୍ୟତରେ ସୁଖ ପ୍ରାପ୍ତି ହେବ କିନ୍ତୁ ଏହା ବିପରୀତ ସେମାନଙ୍କୁ କେବଳ ଦୁଃଖ ମିଳିଥାଏ। କବୀର ସାହେବ କହିଛନ୍ତି ଯେ ଯଦି କେହି ଜ୍ଞାନୀ ପୁରୁଷ ହୋଇଥିବେ ତେବେ ମୋର ଏହି ଜ୍ଞାନକୁ ଶ୍ରବଣ କରିବା ମାତ୍ରେ ହୃଦୟରେ ତୁରନ୍ତ ଧାରଣ କରିନେବେ କିନ୍ତୁ ଯଦି ସେ ମୁର୍ଖ ହୋଇଥିବେ ତେବେ ଏହାକୁ ବୁଝିପାରିବେ ନାହିଁ।

"କବୀର, ଜ୍ଞାନୀ ହୋ ତୋ ହୃଦୟ ଲଗାଇ, ମୂର୍ଖ ହୋ ତୋ ଗମ ନା ପାଇ"

ଅଧିକ ବିବରଣୀ ପାଇଁ କୃପାକରି ପଢ଼ନ୍ତୁ ଏହି ପୁସ୍ତକ "ଜ୍ଞାନଗଙ୍ଗା"। ସୁପ୍ରିମ କୋର୍ଟର ବରିଷ୍ଠ ଓକିଲ ଶ୍ରୀ ସୁରେଶ ଚନ୍ଦ୍ର ଏହି ପୁସ୍ତକଟିକୁ ପଢି କହିଥିଲେ ଯେ ଏହାର ନାମ ବାସ୍ତବରେ "ଜ୍ଞାନ ସାଗର" ହେବା ଉଚିତ ॥

## "କଳିଯୁଗରେ ସତ୍ୟଯୁଗ"

(ସନ୍ଥ ରାମପାଲଜୀ ମହାରାଜଙ୍କ ସତସଙ୍ଗରୁ ଉଦ୍ଧୃତ)

ଯେଉଁ ଯୁଗରେ ଅଧର୍ମ ହୁଏ ନାହିଁ ସେହି ଯୁଗକୁ ସତ୍ୟଯୁଗ କୁହାଯାଏ। ସତ୍ୟଯୁଗରେ ସର୍ବତ୍ର ଶାନ୍ତିର ବାତାବରଣ ଥାଏ। ପିତା ପୂର୍ବରୁ ପୁତ୍ରର ମୃତ୍ୟୁ ହୁଏ ନାହିଁ, ସ୍ତ୍ରୀ ବିଧବା ହୁଏ ନାହିଁ, ସମସ୍ତଙ୍କର ଶରୀର ନିରୋଗ ରୁହେ। ସମସ୍ତ ମାନବ ଭକ୍ତି କରିଥାଆନ୍ତି । ଆଧ୍ୟାତ୍ମିକ ଜ୍ଞାନର ସମସ୍ତ କର୍ମ ସହିତ ପରିଚିତ ଥିବା କାରଣରୁ ସମସ୍ତେ ପରମାତ୍ମାଙ୍କୁ ଭୟ କରନ୍ତି । ମନ-କର୍ମ-ବଚନରେ କାହାକୁ ଦୁଃଖ ଦିଅନ୍ତି ନାହିଁ ତଥା କେହି ଦୁରାଚାରୀ ହୋଇନଥାନ୍ତି । ସ୍ତ୍ରୀ ପୁରୁଷ ଜତି-ସତୀ ଗୁଣ ଧାରଣ କରିଥାନ୍ତି। ପୃଥିବୀ ବୃକ୍ଷରେ ପରିପୂର୍ଣ୍ଣ ହୋଇ ରହିଥାଏ । ସମସ୍ତ ମନୁଷ୍ୟ ବେଦ ଆଧାରରେ ଭକ୍ତି କରନ୍ତି। ବର୍ତ୍ତମାନ କଳିଯୁଗ ଚାଲିଛି ଯେଉଁ କାରଣରୁ ଅଧର୍ମ ବଢିଯାଇଛି । କଳିଯୁଗରେ ମାନବର ଭକ୍ତି ପ୍ରତି ଆସ୍ଥା କମିଯାଏ କିମ୍ବା ଆଦୌ ଭକ୍ତି କରେନାହିଁ । ଯଦିଓ କେହି ଭକ୍ତି କରୁଛି, ଶାସ୍ତ୍ରବିଧି ତ୍ୟାଗ କରି ମନମୁଖି ଭକ୍ତି କରୁଛି ଯାହା ଶ୍ରୀମଦଭଗବତ୍ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ ରେ ବର୍ଜିତ । ସେହି କାରଣରୁ ପରମାତ୍ମାଙ୍କଠାରୁ ଲାଭ ମିଳି ପାରୁନାହିଁ । ଏଥିପାଇଁ ଅଧିକାଂଶ ମଣିଷ ନାସ୍ତିକ ହୋଇଯାଉଛନ୍ତି। ଲାଞ୍ଚ, ଚୋରୀ, ଡକାୟତି ମାଧ୍ୟମରେ ଧନୀ ହେବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଏହା ଧନପ୍ରାପ୍ତିର ପଦ୍ଧତି ହୋଇନଥିବା କାରଣରୁ ପରମାତ୍ମାଙ୍କ ନିକଟରେ ସେମାନେ ଦୋଷୀ ହୋଇ ବିଭିନ୍ନ ପ୍ରାକୃତିକ କଷ୍ଟ ଭୋଗୁଛନ୍ତି । ପରମେଶ୍ୱରଙ୍କର ଏହି ବିଧାନକୁ ମାନବ ଭୁଲିଯାଉଛି ଯେ ଭାଗ୍ୟଠାରୁ ଅଧିକ କିଛି ବି ପ୍ରାପ୍ତି ହେବ ନାହିଁ । ଅବୈଧ ଉପାୟରେ ଯଦି ଧନ ପ୍ରାପ୍ତି କରାଯାଏ ତେବେ

ତାହା ରହିବ ନାହିଁ । ଜଣେ ବ୍ୟକ୍ତି ନିଜ ପୁତ୍ରକୁ ସୁଖୀ ରଖିବା ପାଇଁ ଅବୈଧ ଉପାୟରେ ଧନ ପ୍ରାପ୍ତି କରୁଥିଲା । କିଛିଦିନ ପରେ ସେହି ପୁତ୍ରର କିଡ୍‌ନୀ ଦୁଇଟି ଖରାପ ହୋଇଗଲା । କୌଣସି ପ୍ରକାରେ ଅର୍ଥ ଯୋଗାଡ କରି କିଡ୍‌ନୀ ବଦଳାଇଲେ । ତିନିଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା । ଯେଉଁ ଧନ ଅବୈଧ ଉପାୟରେ ମିଳିଥିଲା ତାହା ଖର୍ଚ୍ଚ ହେବା ସହିତ କିଛି ଟଙ୍କା କରଜ ମଧ୍ୟ ହୋଇଗଲା । ପୁଣି ସେହି ପିଲାର ବାହାଘର କରାଇଲେ । ଛ'ମାସ ପରେ ବସ୍ ଦୁର୍ଘଟଣାରେ ସେହି ଏକମାତ୍ର ପୁତ୍ରର ମୃତ୍ୟୁ ହୋଇଗଲା । ଏବେ ନା ପୁଅ ରହିଲା ନା ଅସତ୍ୟ ଉପାୟରେ ଅର୍ଜିତ ସେହି ଧନ ରହିଲା । ପରିଶେଷରେ ରହିଲା କ'ଣ ? ଅସତ୍ୟ ଉପାୟରେ ଧନ ଉପାର୍ଜନ ପାଇଁ କରାଯାଇଥିବା ପାପ ଯାହା ଏବେ ଭୋଗିବାକୁ ବାକି ଅଛି । ଯେଉଁମାନଙ୍କ ନିକଟରୁ ସେ ଅର୍ଥ ଆଣିଥିଲେ ସେମାନଙ୍କ ଘରେ ପଶୁ (ଗଧ, ବଳଦ, ଗାଈ) ହୋଇ ଏହି ପାପ ଭୋଗ କରିବାକୁ ପଡିବ କିନ୍ତୁ ପରମ ଅକ୍ଷର ବ୍ରହ୍ମଙ୍କ ଶାସ୍ତ୍ରାନୁକୂଳ ସାଧନା କରୁଥିବା ଭକ୍ତର ଭାଗ୍ୟକୁ ପରମେଶ୍ୱର ବଦଳାଇ ଦେଇଥାଆନ୍ତି । କାରଣ ପରମେଶ୍ୱରଙ୍କ ବିଧାନରେ ଲେଖାଯାଇଛି ଯେ ପରମାତ୍ମା ନିର୍ଦ୍ଧନକୁ ଧନୀ କରିଦିଅନ୍ତି ।

ସତ୍ୟଯୁଗରେ କୌଣସି ପ୍ରାଣୀ ମାଂସ, ତମ୍ବାଖୁ ଓ ମଦ୍ୟ ଆଦି ସେବନ କରନ୍ତି ନାହିଁ । କାରଣ ପ୍ରାଣୀ ଏହି ପାପକର୍ମ ସହିତ ଭଲ ଭାବରେ ପରିଚିତ ଥାଏ ।

❑ ମାଂସ ଭକ୍ଷଣ ପାପ ଅଟେ :-

ଏକଦା ଜଣେ ସନ୍ଥ ନିଜ ଶିଷ୍ୟ ସହିତ କୌଣସି ଏକ ସ୍ଥାନକୁ ଯାଉଥିଲେ । ସେହି ସମୟରେ ଜଣେ ଧୀବର ପୁଷ୍କରିଣୀରୁ ମାଛ ଧରୁଥିଲା । ଜାଲରେ ପଡିଥିବା ମାଛଗୁଡିକ ଜଳ ବିନା ଛଟପଟ ହୋଇ ମୃତ୍ୟୁବରଣ କରୁଥାନ୍ତି । ଶିଷ୍ୟ ପ୍ରଶ୍ନ କଲେ, ହେ ଗୁରୁଦେବ ! ଏହି ଅପରାଧୀ ପ୍ରାଣୀକୁ କେଉଁ ଦଣ୍ଡ ମିଳିବା ଉଚିତ୍ ? ଗୁରୁଜୀ କହିଲେ ପୁତ୍ର ! ସମୟ ଆସିଲେ ନିଶ୍ଚୟ କହିବି । ଚାରି-ପାଞ୍ଚ ବର୍ଷ ପରେ ଗୁରୁ ଶିଷ୍ୟ ଦୁହେଁ ଏକ ଜଙ୍ଗଲ ମଧ୍ୟ ଦେଇ କୌଣସି ଏକ ସ୍ଥାନକୁ ଯାଉଥିଲେ । ସେଠାରେ ଏକ ହାତୀଛୁଆ ଚିତ୍କାର କରୁଥିଲା । ଖେଳକୁଦ କରିବା ସମୟରେ ହାତି ଛୁଆଟି ଦୁଇଟି ଗଛ ମଝିରେ ଫସି ଯାଇଥିଲା । କୌଣସି ପ୍ରକାରେ ଚେଷ୍ଟା କରି ସେଥିରୁ ସେ ବାହାରି ପଡିଲା ସତ କିନ୍ତୁ ଏହି ପ୍ରୟାସରେ ତା'ଶରୀର କ୍ଷତ ବିକ୍ଷତ ହେବା ସହିତ ଗଭୀର ଜଖମ କାରଣରୁ ଘାଆ ସୃଷ୍ଟି ହୋଇ ଯାଇଥିଲା । ସେହି ଘାଆରେ ପୋକ ସୃଷ୍ଟି ହୋଇ ତାକୁ ଶୋଷଣ କରୁଥିଲେ । ହାତୀଛୁଆଟି ଖୁବ୍ ଜୋରରେ ଚିତ୍କାର କରୁଥିଲା । ଶିଷ୍ୟ ଗୁରୁଙ୍କୁ ପଚାରିଲା, ହେ ଗୁରୁଦେବ ! ଏହି ପ୍ରାଣୀଟି କେଉଁ ପାପଦଣ୍ଡ ଭୋଗୁଛି ? ଗୁରୁଜୀ କହିଲେ, ବତ୍ସ ! ଇଏ ସେହି ଧୀବର ଯିଏ ସେଦିନ ସହର ବାହାରେ ଥିବା ଜଳାଶୟରୁ ମାଛ ଧରୁଥିଲା ।

❑ ମଦ୍ୟପାନ କରିବା କେତେ ପାପ ଅଟେ :-

ମଦ୍ୟପାନ କରିବା ବ୍ୟକ୍ତିଙ୍କୁ ସତୁରୀ ଜନ୍ମ ପର୍ଯ୍ୟନ୍ତ ଶ୍ୱାନ(କୁକୁର) ଯୋନୀ ପ୍ରାପ୍ତ ହୁଏ । କୁକୁର ଏଣେ ତେଣେ ବୁଲି ମଳ-ମୂତ୍ର ଖାଇଥାଏ । ବହୁତ ଅନ୍ୟ କଷ୍ଟ ମଧ୍ୟ ଭୋଗିବାକୁ ପଡିଥାଏ ଏବଂ ମଦ୍ୟ ବହୁତ ଶାରୀରିକ ହାନୀ କରାଇଥାଏ । ମଦ ଶରୀରର ଚାରି ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଯଥା ଫୁସ୍‌ଫୁସ୍, ଲିଭର, କିଡ୍‌ନି ଓ ହୃତପିଣ୍ଡର ବହୁତ କ୍ଷତି କରିଥାଏ । ମଦ୍ୟପାନ କରି ମାନବ ବିବେକହୀନ ହୋଇ ପଶୁଭଳି ଆଚରଣ କରେ ଯେପରି କାଦୁଅରେ ପଡି ଘାଣ୍ଟି ଚକଟି ହେବା, ଲୁଗାପଟାରେ ମଳମୂତ୍ର ତ୍ୟାଗ କରି ବାନ୍ତି କରିବା ଇତ୍ୟାଦି ।

ଧନହାନୀ, ମାନହାନୀ ଓ ପାରିବାରିକ ଅଶାନ୍ତି ମଦ୍ୟପାନ କାରଣରୁ ହୋଇଥାଏ । ସତ୍ୟଯୁଗରେ ସମସ୍ତ ମାନବ ପରମାତ୍ମାଙ୍କ ବିଧାନ ସହିତ ପରିଚିତ ଥିବା କାରଣରୁ ସୁଖରେ ଜୀବନ ଯାପନ କରିଥାନ୍ତି ।

ଗରୀବ : ମଦିରା ପୀବୈ କଡଓ୍ୱା ପାନୀ, ସତ୍ତର ଜନ୍ମ ସ୍ୱାନ କେ ଜାନୀ ।

❑ ଦୁରାଚାର କରିବା କେତେ ପାପ ଅଟେ:-

ପରଦ୍ୱାରା ସ୍ତ୍ରୀ କା ଖୋଲୈ, ସତ୍ତର ଜନ୍ମ ଅନ୍ଧା ହୋ ଡୋଲୈ ।

ପୂଜ୍ୟ କବୀର ପରମେଶ୍ୱରଜୀ କହିଛନ୍ତି ଯେ ଯେଉଁ ବ୍ୟକ୍ତି କୌଣସି ପରନାରୀ ସହିତ ଦୁଷ୍କର୍ମ କରେ ତ ସେ ସତୁରୀ ଜନ୍ମ ପର୍ଯ୍ୟନ୍ତ ଅନ୍ଧ ହୋଇ ଜୀବନ ଭୋଗ କରିଥାଏ । ବୁଦ୍ଧିମାନ ବ୍ୟକ୍ତି ଏଭଳି ବିପଦକୁ କେବେ ବି ଆମନ୍ତ୍ରଣ କରିବ ନାହିଁ । ମୂର୍ଖବ୍ୟକ୍ତି ହିଁ ଏହିଭଳି କାର୍ଯ୍ୟ କରିଥାଏ । ଯେପରି ନିଆଁକୁ ଧରିବା ଅର୍ଥ ମୃତ୍ୟୁକୁ ଆମନ୍ତ୍ରଣ କରିବା । ଯେପରି କୌଣସି ବ୍ୟକ୍ତି ଯଦି ଅନ୍ୟ କାହା ଜମିରେ

ବୀଜବପନ କରୁଛି ତେବେ ସେ ମହାମୂର୍ଖ ଅଟେ । ବୁଦ୍ଧିମାନ ବ୍ୟକ୍ତି ଏଭଳି କାର୍ଯ୍ୟ କେବେ ବି କରିବ ନାହିଁ । ବେଶ୍ୟାଗମନକୁ ଏହିପରି ଭାବେ ତୁଳନା କରାଯାଇଛି ଯେପରି ବହୁମୂଲ୍ୟ ଗହମ/ଧାନ ବିହନକୁ ବସ୍ତାରେ ଭର୍ତ୍ତିକରି ଅଳିଆଗଦାକୁ ଫିଙ୍ଗିଦେଇ ଆସିବା । ଏଭଳି କାର୍ଯ୍ୟ ବୁଦ୍ଧିମାନ ବ୍ୟକ୍ତି କେବେ ବି କରିନଥାଏ, କୌଣସି ମହାମୂର୍ଖ ବା ମଦ୍ୟପ ନିର୍ଲଜ ଅର୍ଥାତ୍ ଅସାମାଜିକ ବ୍ୟକ୍ତି ଏହିଭଳି କାର୍ଯ୍ୟ କରିଥାଏ। ବିଚାରଣୀୟ ବିଷୟ ଏହା ଯେ ଯେଉଁ ପଦାର୍ଥ ଶରୀରରୁ ସ୍ଖଳିତ ହେବା ସମୟରେ ଆନନ୍ଦ ପ୍ରଦାନ କରିଥାଏ ତାକୁ ଯଦି ଶରୀର ମଧ୍ୟରେ ସୁରକ୍ଷିତ ରଖାଯାଇ ପାରିବ ତେବେ ତାହା କେତେ ଯେ ଆନନ୍ଦ ନଦେବ ? ଏହା ଦୀର୍ଘାୟୁ, ସୁସ୍ଥ ଶରୀର, ସୁସ୍ଥ ମସ୍ତିଷ୍କ, ବୀରତ୍ୱ ଓ ସ୍ଫୁର୍ତ୍ତି ପ୍ରଦାନ କରିଥାଏ। ଯେଉଁ ପଦାର୍ଥରୁ ଅମୂଲ୍ୟ ସନ୍ତାନ ଉତ୍ପନ୍ନ ହୋଇଥାଏ ତାହାର ଅପବ୍ୟବହାର ସନ୍ତାନ ହତ୍ୟା ସହିତ ସମାନ ହେବ । ଏଥିପାଇଁ ଦୁରାଚାର ଓ ଅନାବଶ୍ୟକୀୟ ଭୋଗବିଳାସ ବର୍ଜନୀୟ ଅଟେ ।

❑ ତମାଖୁ ସେବନ କେତେ ପାପ ଅଟେ ?

ପରମେଶ୍ୱର କବୀରଜୀ କହିଛନ୍ତି :-

ସୁରାପାନ ମଦ୍ୟ ମାଂସାହାରୀ, ଗମନ କରେଁ ଭୋଗେଁ ପର ନାରୀ ।
ସତ୍ତର ଜନ୍ମ କଟତ ହେଁ ଶିଶମ୍, ସାକ୍ଷୀ ସାହିବ ହେ ଜଗଦୀଶମ୍ ॥
ପର ଦ୍ୱାରା ସ୍ତ୍ରୀ କା ଖୋଲେ, ସତ୍ତର ଜନ୍ମ ଅନ୍ଧା ହୋ ଡୋଲେ ।
ସୌ ନାରୀ ଜାରୀ କରେଁ, ସୁରାପାନ ସୌ ବାର । ଏକ ଚିଲମ ହୁକ୍କା ଭରେ, ଡୁବେଁ କାଲୀ ଧାର ॥

ଯେପରି ଉପରେ ବର୍ଣ୍ଣନା କରାଯାଇଛି ଯେ ଥରେ ମଦ୍ୟପାନ କରିବା ବ୍ୟକ୍ତି ସତୁରୀ ଜନ୍ମ ପର୍ଯ୍ୟନ୍ତ କୁକୁର ଜୀବନ ପ୍ରାପ୍ତ କରିବ। ପୁଣି ମଳ-ମୂତ୍ର ଖାଇ ଏଣେତେଣେ ଘୂରିବୁଲିବ । ପରନାରୀକୁ ଭୋଗ କରୁଥିବା ବ୍ୟକ୍ତି ସତୁରୀ ଜନ୍ମ ପର୍ଯ୍ୟନ୍ତ ଅନ୍ଧ ହୋଇଥାଏ । ମାଂସ ଭକ୍ଷଣ କରୁଥିବା ବ୍ୟକ୍ତି ମଧ୍ୟ ମହାକଷ୍ଟ ଭୋଗ କରିଥାଏ । ଉପରୋକ୍ତ ସମସ୍ତ ପାପ ଶହେ-ଶହେ ଥର କରିବାରେ ବ୍ୟକ୍ତିକୁ ଯେଉଁ ପାପ ଲାଗିଥାଏ, ସମାନ ପରିମାଣର ପାପ ସେହି ବ୍ୟକ୍ତିକୁ ଲାଗିଥାଏ ଯେଉଁ ବ୍ୟକ୍ତି ହୁକ୍କା ସେବନ ଅର୍ଥାତ୍ ତମାଖୁ ସେବନ କରୁଥିବା ବ୍ୟକ୍ତିକୁ କେବଳ ଥରେମାତ୍ର ସହଯୋଗ କରିଥାଏ । ହୁକ୍କା, ସିଗାରେଟ୍, ବିଡି କିମ୍ବା ଅନ୍ୟ ଉପାୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିକୁ କେଉଁ ପାପ ଲାଗିବ ? ସେମାନେ ଘୋର ପାପରେ ଭାଗୀ ହେବେ । ଧୂମ୍ରପାନ କରୁଥିବା ବ୍ୟକ୍ତି ହୁକ୍କା, ବିଡି, ସିଗାରେଟ୍ ପାନକରି ଯେଉଁ ଧୂଆଁ ଛାଡିଥାଏ, ସେହି ଧୂଆଁ ତା' ନିଜ ଛୋଟ ପିଲାଙ୍କ ଶରୀରରେ ପ୍ରବେଶ କରି ବହୁତ ହାନୀ କରିଥାଏ । ପୁଣି ସେହି ପିଲାମାନେ ଖୁବ୍ ଶୀଘ୍ର ସେହି କୁଅଭ୍ୟାସରେ ଅଭ୍ୟସ୍ତ ହୋଇଯାଇ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରିଥାନ୍ତି।

## "ଅବତାରଙ୍କ ପରିଭାଷା"

'ଅବତାର'ର ଅର୍ଥ ହେଉଛି ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଅବତରଣ କରିବା । ବିଶେଷ କରି ଏହି ଶୁଭ ଶବ୍ଦ ସେହି ଉତ୍ତମ ଆତ୍ମାଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନେ ଧରିତ୍ରୀ ପୃଷ୍ଠରେ କିଛି ଅଦ୍ଭୁତ କାର୍ଯ୍ୟ କରିଥାଆନ୍ତି । ସେହି ପୂଣ୍ୟାତ୍ମାମାନଙ୍କୁ ପରମାତ୍ମାଙ୍କ ତରଫରୁ ପ୍ରେରଣ କରାଯାଇଥାଏ କିମ୍ବା ପୃଥିବୀ ପୃଷ୍ଠକୁ ପରମାତ୍ମାଙ୍କର ଏହା ଆଗମନ ବୋଲି କୁହାଯାଏ।

ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧ ରୁ ୪ ଓ ୧୬-୧୭ ରେ ତିନିପୁରୁଷ (ପ୍ରଭୁ)ଙ୍କର ଜ୍ଞାନ ବର୍ଣ୍ଣିତ ଅଛି ।

❑ ୧. କ୍ଷରପୁରୁଷ - ଯାହାଙ୍କୁ ବ୍ରହ୍ମ ମଧ୍ୟ କୁହାଯାଏ । ଯାହାଙ୍କର ସାଧନା ମନ୍ତ୍ର ଓଁ ଅଟେ । ଯାହାର ପ୍ରମାଣ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୩ ରେ ଅଛି ।

❑ ୨. ଅକ୍ଷର ପୁରୁଷ - ଯାହାଙ୍କୁ ପରବ୍ରହ୍ମ ମଧ୍ୟ କୁହାଯାଏ । ଯାହାଙ୍କର ସାଧନା ମନ୍ତ୍ର ତତ୍ ଯାହା ସାଙ୍କେତିକ ଅଟେ । ଗୀତା ଅଧ୍ୟାୟ ୧୭ ର ଶ୍ଳୋକ ୨୩ ରେ ଏହାର ପ୍ରମାଣ ଅଛି ।

❑ ୩. ଉତ୍ତମ ପୁରୁଷ ତୁଃ ଅନ୍ୟଃ = ଶ୍ରେଷ୍ଠ ପୁରୁଷ ପରମାତ୍ମା ତ ଉପରୋକ୍ତ ଦୁଇ ପୁରୁଷ (କ୍ଷରପୁରୁଷ ଓ ଅକ୍ଷର ପୁରୁଷ) ଙ୍କ ଠାରୁ ଭିନ୍ନ ଅଟନ୍ତି । ସେ ପରମ ଅକ୍ଷର ପୁରୁଷ ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧ ର ଉତ୍ତର ଅଧ୍ୟାୟ ୮ ର ଶ୍ଳୋକ ୩ ରେ ଦିଆଯାଇଛି ଯେ ସେ ପରମ ଅକ୍ଷର

ବ୍ରହ୍ମ ଅଟନ୍ତି। ଯାହାଙ୍କ ଜପ ମନ୍ତ୍ର ସତ୍ ଯାହା ସାଙ୍କେତିକ ଅଟେ । ଏହି ପରମେଶ୍ୱରଙ୍କୁ ପ୍ରାପ୍ତି କରିବା ଦ୍ୱାରା ସାଧକକୁ ପରମ ଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ ୧୮, ଶ୍ଳୋକ ୬୨ ରେ ଏହାର ପ୍ରମାଣ ଅଛି ଯେ ସେହି ପରମେଶ୍ୱର (ପରମ ଅକ୍ଷର ବ୍ରହ୍ମ) ଗୀତା ଜ୍ଞାନଦାତାଙ୍କ ଠାରୁ ଭିନ୍ନ ଅଟନ୍ତି । ଅଧିକ ଜ୍ଞାନ ପ୍ରାପ୍ତି ପାଇଁ ଦୟାକରି “”ଗୀତା ତୋ’ର ଜ୍ଞାନ ଅମୃତ’’ ପୁସ୍ତକ ସତ୍ୟଲୋକ ଆଶ୍ରମ ବରୱାଲାରୁ ପ୍ରାପ୍ତ କରନ୍ତୁ। ଅବତାର ଦୁଇ ପ୍ରକାରର ଅଟନ୍ତି, ଯେପରି ଉପରେ ବର୍ଣ୍ଣନା କରାଯାଇଛି । ଏବେ ଆପଣ ଜାଣିପାରିଲେ ଯେ ମୁଖ୍ୟତଃ ତିନି ପୁରୁଷ (ପ୍ରଭୁ) ଅଛନ୍ତି । ଉପରେ ଯାହାର ଉଲ୍ଲେଖ କରାଗଲା । ଆମ୍ଭମାନଙ୍କ ପାଇଁ ମୁଖ୍ୟତଃ ଦୁଇଜଣ ପ୍ରଭୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ।

୧. କ୍ଷରପୁରୁଷ (ବ୍ରହ୍ମ):- ଯିଏ ଗୀତା ଅଧ୍ୟାୟ ୧୧ ଶ୍ଳୋକ ୩୨ ରେ ନିଜକୁ କାଳ କହୁଛନ୍ତି।

୨. ପରମ ଅକ୍ଷର ପୁରୁଷ (ପରମ ଅକ୍ଷର ବ୍ରହ୍ମ):- ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୩, ୮, ୯, ୧୦ ରେ ଓ ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨, ଅଧ୍ୟାୟ ୧୫ ର ଶ୍ଳୋକ ୧ ରୁ ୪ ଓ ୧୭ ରେ କୁହାଯାଇଛି ।

### “ବ୍ରହ୍ମ (କାଳ)ଙ୍କ ସମସ୍ତ ଅବତାରର ବିବରଣୀ”

ଗୀତା ଅଧ୍ୟାୟ ୪ ର ଶ୍ଳୋକ ୭ -

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନମ୍ ସୃଜାମ୍ୟହମ୍ ॥ ୭ ॥
ଯଦା, ଯଦା, ହି, ଧର୍ମସ୍ୟ, ଗ୍ଲାନିଃ, ଭବତି, ଭାରତ,
ଅଭ୍ୟୁତ୍ଥାନମ୍, ଅଧର୍ମସ୍ୟ, ତଦା, ଆତ୍ମାନମ୍, ସୃଜାମି, ଅହମ ॥ ୭ ॥

ଅନୁବାଦ : (ଭାରତ) ହେ ଭାରତ ! (ଯଦା, ଯଦା) ଯେବେ-ଯେବେ (ଧର୍ମସ୍ୟ) ଧର୍ମର (ଗ୍ଲାନିଃ) ହାନି ଓ (ଅଧର୍ମସ୍ୟ) ଅଧର୍ମର (ଅଭ୍ୟୁତ୍ଥାନମ୍) ବୃଦ୍ଧି (ଭବତି) ହୁଏ (ତଦା) ସେତେବେଳେ (ହି) ହିଁ (ଅହମ୍) ମୁଁ (ଆତ୍ମାନମ୍) ନିଜ ଅଂଶ ଅବତାର (ସୃଜାମି) ରଚନା କରେ ଅର୍ଥାତ୍ ଉତ୍ପନ୍ନ କରେ (୭) ।

ଯେପରି ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୭ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେତେବେଳେ ଧର୍ମରେ ଘୃଣା ଉତ୍ପନ୍ନ ହୁଏ, ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ, ସେତେବେଳେ ମୁଁ (କାଳ=ବ୍ରହ୍ମ=କ୍ଷରପୁରୁଷ) ନିଜ ଅଂଶ ଅବତାର ସୃଷ୍ଟି କରେ ଅର୍ଥାତ୍ ଉତ୍ପନ୍ନ କରିଥାଏ ।

ଯେପରି ଶ୍ରୀରାମଚନ୍ଦ୍ରଜୀ ଓ ଶ୍ରୀକୃଷ୍ଣଚନ୍ଦ୍ରଜୀଙ୍କୁ କାଳବ୍ରହ୍ମ ପୃଥିବୀ ପୃଷ୍ଠରେ ଉତ୍ପନ୍ନ କରିଥିଲେ । ଯିଏ ସ୍ୱୟଂ ଶ୍ରୀ ବିଷ୍ଣୁଙ୍କ ଅବତାର ରୂପେ ପରିଗଣିତ ହୁଅନ୍ତି।

ଏହା ବ୍ୟତିତ ଅନ୍ୟ ୮ ଅବତାରଙ୍କ ବିଷୟରେ ମଧ୍ୟ କୁହାଯାଇଛି। ଶ୍ରୀ ବିଷ୍ଣୁଜୀ ସ୍ୱୟଂ ଆସନ୍ତି ନାହିଁ ବରଂ ନିଜ ଲୋକରୁ କୃପାପାତ୍ର ପବିତ୍ର ଆତ୍ମାମାନଙ୍କୁ ପଠାନ୍ତି । ସେମାନଙ୍କୁ ମଧ୍ୟ ଅବତାର କୁହାଯାଏ । ଅନ୍ୟ କିଛି ଶାସ୍ତ୍ରରେ ୨୫ ପ୍ରକାରର ଅବତାର ବିଷୟରେ ମଧ୍ୟ ଉଲ୍ଲେଖ ଅଛି। କାଳବ୍ରହ୍ମ(କ୍ଷରପୁରୁଷ) ଙ୍କ ଦ୍ୱାରା ପ୍ରେରିତ ଅବତାର ପୃଥିବୀ ପୃଷ୍ଠରେ ବୃଦ୍ଧି ପାଇଥିବା ଅଧର୍ମର ନାଶ ପାଇଁ ଗଣହତ୍ୟା ଅର୍ଥାତ୍ ସଂହାର କରିଥାନ୍ତି ।

ଉଦାହରଣ ସ୍ୱରୂପ :- ଶ୍ରୀରାମଚନ୍ଦ୍ରଜୀ, ଶ୍ରୀକୃଷ୍ଣଚନ୍ଦ୍ରଜୀ, ଶ୍ରୀ ପର୍ଶୁରାମଜୀ ଓ ଶ୍ରୀ ନିଃକଳଙ୍କଜୀ (ଯିଏ ଏ ପର୍ଯ୍ୟନ୍ତ ଆସି ନାହାଁନ୍ତି, କଳିଯୁଗର ଅନ୍ତିମ ସମୟରେ ଆସିବେ) ଆଦି ଅବତାର ଘୋର ସଂହାର କରି ଅଧର୍ମର ନାଶ କରିଥାନ୍ତି । ଅଧର୍ମୀମାନଙ୍କୁ ମାରି ଶାନ୍ତି ସ୍ଥାପିତ କରିବା ପାଇଁ ଚେଷ୍ଟା କରିଥାନ୍ତି ପରନ୍ତୁ ଏହାଦ୍ୱାରା ଶାନ୍ତି ଅପେକ୍ଷା ଅଶାନ୍ତି ବହୁତ ବଢିଯାଏ । ଯେପରି ଶ୍ରୀରାମ, ରାବଣକୁ ମାରିବା ପାଇଁ ଯୁଦ୍ଧ କରିଥିଲେ, ଯୁଦ୍ଧରେ କୋଟି କୋଟି ପୁରୁଷ ମୃତ୍ୟୁବରଣ କରିଥିଲେ ଯେଉଁମାନଙ୍କ ମଧ୍ୟରେ ଧର୍ମୀ ଓ ଅଧର୍ମୀ ଉଭୟ ଥିଲେ । ତା’ପରେ ସେମାନଙ୍କର ପତ୍ନୀ ଓ ଛୋଟ ଛୁଆ ବଞ୍ଚିଯାଇଥିଲେ ଯେଉଁମାନଙ୍କର ଜୀବନ ନର୍କ ହୋଇ ଯାଇଥିଲା । ବିଧବାମାନେ ଅନ୍ୟ ବ୍ୟକ୍ତିମାନଙ୍କ କାମବାସନାର ଶୀକାର ହେଲେ। ଜୀବନ ନିର୍ବାହ ପାଇଁ ସମସ୍ୟା ଉପୁଜିବା ସହିତ ବିଭିନ୍ନ ଅନ୍ୟ ଅସୁବିଧା ମଧ୍ୟ ସୃଷ୍ଟି ହେଲା। ଏହି ବିଧି ଶ୍ରୀକୃଷ୍ଣ ଓ ଶ୍ରୀ ପର୍ଶୁରାମ ମଧ୍ୟ ଆପଣାଇ ଥିଲେ । ଏହି ବିଧିରେ ଦଶମ ଅବତାର କାଳବ୍ରହ୍ମ (କ୍ଷରପୁରୁଷ) ଙ୍କ ଦ୍ୱାରା ଉତ୍ପନ୍ନ ହେବେ। ତାଙ୍କ ନାମ “ନିକଳଙ୍କ”(କଲ୍କୀ) ହେବ । କଳିଯୁଗର ଅନ୍ତିମ ସମୟରେ

ତାଙ୍କର ଆବିର୍ଭାବ ହେବ ଯିଏ ରାଜା ହରିଶ୍ଚନ୍ଦ୍ରଙ୍କର ଆତ୍ମା ହେବେ । ସମ୍ବଲ ନଗରୀରେ ଶ୍ରୀ ବିଷ୍ଣୁଦତ୍ତ ଶର୍ମାଙ୍କ ଘରେ ସେ ଜନ୍ମ ନେବେ। ସେହି ସମୟରେ ସମସ୍ତ ମାନବ ଅନ୍ୟାୟୀ-ଅତ୍ୟାଚାରୀ ହୋଇଯିବେ। ସେହି ଅନ୍ୟାୟୀମାନଙ୍କୁ ସେ ମାରିବେ। ସେହି ସମୟରେ ଯେଉଁମାନଙ୍କର ପରମାତ୍ମାଙ୍କ ପ୍ରତି ଭୟ ଥିବ ତଥା ଯେଉଁମାନେ ସଦାଚାରୀ ହୋଇଥିବେ ସେହି ପୁଣ୍ୟାତ୍ମାମାନଙ୍କୁ ଛାଡି ଅନ୍ୟ ସମସ୍ତଙ୍କର ସେ ନାଶ କରିବେ। ଅଧର୍ମର ନାଶ ଓ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମ (କାଳ-କ୍ଷରପୁରୁଷ)ଙ୍କ ଦ୍ୱାରା ପ୍ରେରିତ ଅବତାରଗଣ ଏହିଭଳି ବିଧି ଅବଲମ୍ବନ କରିଥାନ୍ତି।

"ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ସତ୍ୟପୁରୁଷଙ୍କ ଅବତାରମାନଙ୍କର ବିବରଣୀ"

❑ ୧. ପରମ ଅକ୍ଷର ବ୍ରହ୍ମ ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୁଅନ୍ତି । ସେ ସଶରୀରେ ଆସି ସଶରୀରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି :- ଏହି ଲୀଳା ସେହି ପରମେଶ୍ୱର ଦୁଇଟି ଉପାୟରେ କରିଥାନ୍ତି।

❑ (କ) = ପରମେଶ୍ୱର ପ୍ରତ୍ୟେକ ଯୁଗରେ ଶିଶୁ ରୂପ ଧାରଣ କରି କୌଣସି ଏକ ପୁଷ୍କରିଣୀର ପଦ୍ମଫୁଲ ଉପରେ ପ୍ରକଟ ହୁଅନ୍ତି । ସେଠାରୁ ନିଃସନ୍ତାନ ଦମ୍ପତ୍ତି ତାଙ୍କୁ ନିଜ ଘରକୁ ନେଇଯାନ୍ତି । ପୁଣି ଲୀଳା କରି ସେ ବଡ ହୁଅନ୍ତି ତଥା ଆଧ୍ୟାତ୍ମିକ ଜ୍ଞାନ ପ୍ରଚାର କରି ଅଧର୍ମର ବିନାଶ କରନ୍ତି । ପୁଷ୍କରିଣୀ ଜଳରେ ପଦ୍ମଫୁଲ ଉପରେ ଅବତରିତ ହେବା କାରଣରୁ ପରମେଶ୍ୱରଙ୍କୁ ନାରାୟଣ କୁହାଯାଏ (ନାର=ଜଳ, ଆୟଣ=ଅବତରିତ ହେଉଥିବା ଅର୍ଥାତ୍ ଜଳ ଉପରେ ଯିଏ ନିବାସ କରନ୍ତି ତାଙ୍କୁ ନାରାୟଣ କୁହାଯାଏ) ।

❑ (ଖ) = ନିଜ ଇଚ୍ଛାରେ ଜିନ୍ଦା ମହାତ୍ମା(ସାଧୁ/ଫକୀର)ରୂପ ଧାରଣ କରି ନିଜ ସତ୍ୟଲୋକରୁ ପୃଥିବୀ ପୃଷ୍ଠକୁ ଅବତରଣ କରି ପୁଣ୍ୟାତ୍ମାମାନଙ୍କୁ ଜ୍ଞାନ ଦିଅନ୍ତି । ପୁଣି ସେହି ପୁଣ୍ୟାତ୍ମାଗଣ ଜ୍ଞାନ ପ୍ରଚାର କରି ଅଧର୍ମର ନାଶ କରନ୍ତି। ସେମାନେ ମଧ୍ୟ ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଅବତାର ଅଟନ୍ତି ।

କଳିଯୁଗରେ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ସମ୍ବତ୍ ୧୪୫୫ (ସନ ୧୩୯୮) ରେ କବୀର ପରମେଶ୍ୱର ସତ୍ୟଲୋକରୁ ଅବତରଣ କରି କାଶୀ ସହରର ଲହର ତାରା ନାମକ ପୁଷ୍କରିଣୀରେ ପଦ୍ମଫୁଲ ଉପରେ ଶିଶୁ ରୂପରେ ବିରାଜମାନ ହେଲେ । ନୀରୁ-ନୀମା ନାମକ ଧାଣକ(ବୁଣାକାର) ଦମ୍ପତ୍ତି ତାଙ୍କୁ ସେଠାରୁ ନିଜ ଘରକୁ ନେଇଗଲେ। ଶିଶୁ ରୂପଧାରୀ ପରମେଶ୍ୱର କବିର୍ଦେବ (କବୀର ପରମେଶ୍ୱର) ୨୫ ଦିନ ପର୍ଯ୍ୟନ୍ତ କୌଣସି ଆହାର ଗ୍ରହଣ କରିନଥିଲେ। ନୀରୁ-ନୀମା ସେହି ଜନ୍ମରେ ବ୍ରାହ୍ମଣ ଥିଲେ। ସେମାନେ ଶ୍ରୀ ଶିବଙ୍କର ପୂଜାରୀ ଥିଲେ। ମୁସଲମାନଙ୍କ ଦ୍ୱାରା ବଳପୂର୍ବକ ସେମାନଙ୍କର ଧର୍ମାନ୍ତରଣ କରାଯାଇଥିବା କାରଣରୁ ବୁଣାକାର କାର୍ଯ୍ୟ କରି ଜୀବନ ନିର୍ବାହ କରୁଥିଲେ। ପିଲାର ଏଭଳି ଗୁରୁତର ଅବସ୍ଥା ଦେଖି ନୀମା ନିଜ ଇଷ୍ଟଦେବ ଭଗବାନ ଶିବଙ୍କୁ ସ୍ମରଣ କଲେ । ଭଗବାନ ଶିବ ସାଧୁବେଶ ଧାରଣ କରି ସେଠାକୁ ଆସି ବାଳକ ରୂପରେ ବିରାଜମାନ କବୀର ପରମେଶ୍ୱରଙ୍କୁ ସାକ୍ଷାତ କଲେ । ବାଳକ ରୂପୀ କବୀର ଭଗବାନ କହିଲେ, ହେ ଶିବ ! ସେମାନଙ୍କୁ କୁହନ୍ତୁ ଗୋଟିଏ କୁଆଁରୀ ଗାଈ (ମାଈ ବାଛୁରୀ) ଆଣିବେ । ସେ ଆପଣଙ୍କ ଆଶୀର୍ବାଦରୁ କ୍ଷୀର ଦେବ । ଏକ କୁଆଁରୀ ଗାଈ ଅଣାଗଲା । କବୀର ପରମେଶ୍ୱରଙ୍କ ଆଦେଶାନୁସାରେ ଭଗବାନ ଶିବ କୁଆଁରୀ ଗାଈ(ମାଈ ବାଛୁରୀ) ର ପିଠିକୁ ଥାପୁଡାଇବା କ୍ଷଣି ଗାଈ ସ୍ତନରୁ କ୍ଷୀରଧାର ବୋହିବାକୁ ଲାଗିଲା । ତଳେ ଏକ ମାଟି ପାତ୍ର ରଖାଗଲା । ପାତ୍ର ପୂର୍ଣ୍ଣ ହୋଇଯିବ ପରେ ଆପେ କ୍ଷୀର ବୋହିବା ବନ୍ଦ ହୋଇଗଲା। ପ୍ରତିଦିନ ଏହିଭଳି ସ୍ତନ ତଳେ ପାତ୍ର ରଖିବା ମାତ୍ରେ ବାଛୁରି ସ୍ତନରୁ ଦୁଗ୍ଧ ବୋହିଥାଏ ଏବଂ ପରମେଶ୍ୱର କବୀରଜୀ ଏହି ଦୁଗ୍ଧକୁ ପାନ କରିଥାନ୍ତି । ବୁଣାକାର ଘରେ ପ୍ରତିପାଳିତ ହୋଇଥିବା କାରଣରୁ ବଡ ହୋଇ ପରମେଶ୍ୱର କବୀରଜୀ କପଡା ବୁଣିବା କାର୍ଯ୍ୟ କରିବା ସହିତ ନିଜ ପ୍ରୀୟ ଆତ୍ମାମାନଙ୍କୁ ଭେଟି ତତ୍ତ୍ୱଜ୍ଞାନ ବୁଝାଇଲେ ତଥା ନିଜେ ମଧ୍ୟ ତତ୍ତ୍ୱଜ୍ଞାନ ପ୍ରଚାର କରି ଅଧର୍ମର ବିନାଶ କଲେ। ପରମେଶ୍ୱର ଯେଉଁ ପୁଣ୍ୟାତ୍ମାମାନଙ୍କୁ ଜିନ୍ଦା ମହାତ୍ମା ରୂପରେ ଭେଟିଲେ ସେମାନଙ୍କୁ ସଚ୍ଚଖଣ୍ଡ (ସତ୍ୟଲୋକ) ଦର୍ଶନ କରାଇ ପୁଣି ତଳେ ଛାଡି ଦେଲେ । ସେମାନଙ୍କୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରି ନିଜ ସହିତ ପରିଚିତ କରାଇଲେ । ପରମେଶ୍ୱରଙ୍କଠାରୁ ପ୍ରାପ୍ତ ଜ୍ଞାନ ଆଧାରରେ ସେମାନେ ଅଧର୍ମର ନାଶ କଲେ । ସେହି ଅବତାରୀ ବ୍ୟକ୍ତିମାନଙ୍କର ନାମ ହେଲା (୧) ଆଦରଣୀୟ ଧର୍ମଦାସଜୀ, (୨) ଆଦରଣୀୟ ମଲୁକଦାସଜୀ, (୩) ଆଦରଣୀୟ ନାନକ ଦେବ

ସାହେବଜୀ (ଶିଖ୍ ଧର୍ମର ପ୍ରବର୍ତ୍ତକ) (୪) ଆଦରଣୀୟ ଦାଦୁ ସାହେବଜୀ (୫) ଆଦରଣୀୟ ଗରୀବ ଦାସ ସାହେବଜୀ, ଗ୍ରାମ- ଛୁଡାଣୀ, ଜିଲ୍ଲା- ଝଜ୍ଜର (ହରିୟାଣା) ଓ (୬) ଆଦରଣୀୟ ଘୀସା ଦାସ ସାହେବଜୀ, ଗ୍ରାମ- ଖେଖ୍ଡା, ଜିଲ୍ଲା- ମିରଟ(ଉତ୍ତର ପ୍ରଦେଶ) । ଉପରୋକ୍ତ ସମସ୍ତ ଅବତାର ପରମ ଅକ୍ଷରବ୍ରହ୍ମ (ସତ୍ୟପୁରୁଷ)ଙ୍କର ଥିଲେ । ନିଜ କାର୍ଯ୍ୟ ସମ୍ପାଦନା କରି ଅର୍ଥାତ୍ ଅଧର୍ମର ନାଶ କରି ସେମାନେ ଚାଲିଯାଇଛନ୍ତି। ଏହି କାରଣରୁ ଅନେକ ସମୟ ପର୍ଯ୍ୟନ୍ତ ଜନତାଙ୍କ ମନରେ ବିଭିନ୍ନ ଖରାପ ଚିନ୍ତାଧାରା ପ୍ରଭାବ ବିସ୍ତାର କରି ପାରୁନଥିଲା । ବର୍ତ୍ତମାନ ସମୟରେ ସମାଜରେ ସାଧୁସନ୍ଥଙ୍କର ଅଭାବ ନାହିଁ କିନ୍ତୁ ସୁଖ ଶାନ୍ତିର ଚିହ୍ନ ବର୍ଣ୍ଣ ନାହିଁ । ଏହାର କାରଣ ଏହି ସନ୍ଥମାନଙ୍କର ସାଧନା ଶାସ୍ତ୍ରବିରୁଦ୍ଧ ଅଟେ । ଯେଉଁ କାରଣରୁ ସମାଜରେ ଅଧର୍ମ ବଢିଚାଲିଛି। ଶହ ଶହ ବର୍ଷରୁ ଏହି ପନ୍ଥ ଓ ସନ୍ଥମାନେ ଆଧ୍ୟାତ୍ମିକ ଜ୍ଞାନ ପ୍ରଚାର କରୁଛନ୍ତି କିନ୍ତୁ ଅଧର୍ମ ବଢି ବଢ଼ି ଚାଲିଛି ।

## "ସତ୍ୟପୁରୁଷଙ୍କ ବର୍ତ୍ତମାନର ଅବତାର"

ଯେଉଁ ସତ୍ୟସାଧନା ଓ ତତ୍ତ୍ୱଜ୍ଞାନର ପ୍ରଚାର ପରମେଶ୍ୱରଙ୍କ ପୂର୍ବୋକ୍ତ, ପରମେଶ୍ୱରଙ୍କ ଅବତାର ସନ୍ଥ କରୁଥିଲେ ତାହା ପାରସ୍ପାରିକ ପ୍ରେମଭାବକୁ ସୁଦୃଢ କରୁଥିଲା। ଜଣେ ଅନ୍ୟ ଜଣଙ୍କର ଦୁଃଖରେ ଦୁଃଖି ହେଉଥିଲା। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରାଯାଉଥିଲା । ସେହି ଶାସ୍ତ୍ରବିଧି ସମ୍ମତ ସାଧନା ଓ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ ପରମେଶ୍ୱର କବୀର ଭଗବାନ, ସନ୍ଥ ରାମପାଲ ଦାସଜୀ ମହାରାଜଙ୍କୁ ପ୍ରଦାନ କରିଛନ୍ତି। ପରମେଶ୍ୱର କବୀରଜୀ ମାର୍ଚ୍ଚ ୧୯୯୭ ଫାଲ୍‌ଗୁନ ଶୁକ୍ଲ ପ୍ରତିପଦା ଦିବା ୧୦ ଟା ସମୟରେ ଜିନ୍ଦା ମହାତ୍ମା(ସାଧୁ/ଫକୀର) ରୂପରେ ସତ୍ୟଲୋକରୁ ଅବତରଣ କରି ସନ୍ଥ ରାମପାଲ ଦାସଜୀ ମହାରାଜଙ୍କୁ ସତ୍ୟନାମ ଓ ସାରନାମ ପ୍ରଦାନ କରିବା ପାଇଁ ଆଜ୍ଞା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ।

ସନ୍ଥ ରାମପାଲ ଦାସଜୀ ମହାରାଜ, ପରମେଶ୍ୱର (ପରମ ଅକ୍ଷରବ୍ରହ୍ମ)ଙ୍କର ସେହି ଅବତାରମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ଯିଏ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ଅଧର୍ମର ବିନାଶ କରୁଛନ୍ତି। ବର୍ତ୍ତମାନ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବ । ସମସ୍ତ ଧର୍ମ ଓ ସମ୍ପ୍ରଦାୟର ବ୍ୟକ୍ତିମାନେ ଏକ ହୋଇ ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ଭାବ ରଖି ବସବାସ କରିବେ । ରାଜନେତାମାନେ ଗର୍ବ ଅହଙ୍କାର ତ୍ୟାଗ କରି ନ୍ୟାୟବନ୍ତ ହୋଇଯିବେ ତଥା ପରମାତ୍ମାଙ୍କ ପ୍ରତି ଭକ୍ତି ଓ ଭୟ ଭାବ ରଖି କାର୍ଯ୍ୟ କରିବେ। ଜନତାଙ୍କ ସେବକ ହୋଇ ନିରପେକ୍ଷ ଭାବେ କାର୍ଯ୍ୟ କରିବେ । ଧରିତ୍ରୀ ପୃଷ୍ଠରେ ପୁନର୍ବାର ସତ୍ୟଯୁଗ ଭଳି ପରିବେଶ ସୃଷ୍ଟି ହେବ। ବର୍ତ୍ତମାନ ସମୟରେ ଧରିତ୍ରୀ ପୃଷ୍ଠରେ ସେହି ଅବତାର ହେଉଛନ୍ତି ସନ୍ଥ ରାମପାଲ ଦାସଜୀ। ପରମେଶ୍ୱରଙ୍କ ଜ୍ଞାନର ଚର୍ଚ୍ଚା ଏବେ ଘରେ ଘରେ ହେବ। ଗ୍ରାମ ଓ ସହରର ପାର୍କରେ ବସି ଲୋକେ ଯେଉଁଠି ତାସ୍ ଖେଳୁଥିଲେ, କେହି ରାଜନୈତିକ ଚର୍ଚ୍ଚା କରୁଥିଲେ, କିଛି ବ୍ୟକ୍ତି ନିଜ ପୁଅ ଓ ବୋହୁମାନଙ୍କର ଭଲ/ଖରାପ ଗୁଣ ବିଷୟରେ ଚର୍ଚ୍ଚା କରୁଥିଲେ ସେହି ସ୍ଥାନରେ ଏବେ ପରମେଶ୍ୱରଙ୍କ ମହିମା ତଥା "ଜ୍ଞାନଗଙ୍ଗା" ପୁସ୍ତକରେ ଲିଖିତ ଜ୍ଞାନର ଚର୍ଚ୍ଚା ହେବ। କେବଳ ପରମାତ୍ମାଙ୍କ ମହିମା ଗାନ କରିବା ଦ୍ୱାରା ଜୀବ ପୁଣ୍ୟ ଅର୍ଜନ କରିଥାଏ। ପୁଣି ଶାସ୍ତ୍ରବିଧି ଅନୁସାରେ ସାଧନା କରି ଜୀବନକୁ ସୁଖୀ କରିବା ସହିତ ନିଜ ଆତ୍ମକଲ୍ୟାଣ ମଧ୍ୟ କରିପାରିବ । ଧରିତ୍ରୀ ପୃଷ୍ଠରେ କଳିଯୁଗରେ ମଧ୍ୟ ସତ୍ୟଯୁଗ ଭଳି ସମୟ ଆସିବ । ସନ୍ଥ ରାମପାଲ ଦାସଜୀ ମହାରାଜ ବର୍ତ୍ତମାନ ସମୟରେ ବାସ୍ତବରେ ଧରିତ୍ରୀ ପୃଷ୍ଠକୁ ଅବତାର ହୋଇ ଆସିଛନ୍ତି । ଅଧିକ ବିବରଣୀ ପାଇଁ କୃପାକରି ପଢନ୍ତୁ ପୁସ୍ତକ "ଧର୍ତୀ ପର ଅବତାର" (ସମ୍ପୂର୍ଣ୍ଣ) ।

## 'ଆମେରିକାର ମହିଳା ଭବିଷ୍ୟବକ୍ତା ଫ୍ଲୋରେନ୍ସଙ୍କ ମହତ୍ତ୍ୱପୂର୍ଣ୍ଣ ଭବିଷ୍ୟବାଣୀ'

ଆମେରିକାର ବିଶ୍ୱବିଖ୍ୟାତ ଭବିଷ୍ୟବକ୍ତା ଫ୍ଲୋରେନ୍ସ ତାଙ୍କ ଭବିଷ୍ୟବାଣୀରେ ଅନେକଥର ଭାରତ ବିଷୟରେ ଉଲ୍ଲେଖ କରିଛନ୍ତି । 'ଦି ଫଲ୍ ଅଫ୍ ସେନ୍ସେସନାଲ୍ କଲ୍‌ଚର୍' ନାମକ ନିଜର ଏକ ପୁସ୍ତକରେ ସେ ଲେଖିଛନ୍ତି ଯେ ସନ ୨୦୦୦ ପ୍ରାରମ୍ଭରେ ପ୍ରାକୃତିକ ସନ୍ତୁଳନ ଭୟଙ୍କର ରୂପେ ଅସନ୍ତୁଳିତ ହୋଇଯିବ । ଲୋକମାନଙ୍କ ମନରେ ଆକ୍ରୋଶ ଭାବନା ବଢିଯିବ । ଦୁରାଚାର ସମସ୍ତ ସୀମା ଅତିକ୍ରମ କରିବ । ପାଶ୍ଚାତ୍ୟ ଦେଶଗୁଡିକରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ଲୋକଙ୍କ ମନରେ ନିରାଶା, ଅଶାନ୍ତି, ବ୍ୟାକୁଳତା ଓ ଅତୃପ୍ତ ଅଭିଳାଷା ବୃଦ୍ଧି ପାଇବ ଯାହାଦ୍ୱାରା ପାରସ୍ପରିକ କଟୁତା

ବଢ଼ିବ। ଚାରିଆଡ଼େ ହିଂସା ଓ ବର୍ବରତାର ବାତାବରଣ ସୃଷ୍ଟି ହୋଇଯିବ। ଏପରି ବାତାବରଣ ସୃଷ୍ଟି ହେବ ଯାହାଦ୍ୱାରା ଚାରିଆଡ଼େ ହାହାକାର ପଡ଼ିଯିବ ପରନ୍ତୁ ଏକ ନୂତନ ବିଚାରଧାରାର ଅଭ୍ୟୁଦୟ ଏହି ଘାତକ ବାତାବରଣକୁ ସମାପ୍ତ କରିଦେବ ଯାହା ଭାରତରୁ ଉଦୟ ହେବ । ଏହି ବିଚାରଧାରା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ସମାନତା ଓ ଭାତୃଭାବର ମହତ୍ତ୍ୱକୁ ବୁଝାଇବ । ଧର୍ମ ଓ ବିଜ୍ଞାନ ପରସ୍ପର ବିରୋଧୀ ନୁହେଁ ବୋଲି ଏହା ପ୍ରମାଣିତ କରିବ। ଆଧ୍ୟାତ୍ମିକତାର ମହତ୍ତ୍ୱ ଓ ଭୌତିକତାର ଶୂନ୍ୟତାକୁ ସର୍ବ ସମ୍ମୁଖରେ ଉଜାଗର କରାଇବ । ମଧ୍ୟମବର୍ଗ ସେହି ବିଚାରଧାରାରେ ଅତ୍ୟାଧିକ ପ୍ରଭାବିତ ହେବେ । ଉତ୍ତମ ସମାଜ ଗଠନ ପାଇଁ ସମାଜର ଅନ୍ୟ ସମସ୍ତ ବର୍ଗକୁ ଏହି ବର୍ଗ ଅନୁପ୍ରାଣୀତ କରିବ। ଏହି ବିଚାରଧାରା ପୁରା ବିଶ୍ୱରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବ ।

ନିଜ ଷଷ୍ଠ ଅତୀନ୍ଦ୍ରିୟ ଶକ୍ତି ବଳରେ ମୁଁ ଏହା ଜାଣିପାରୁଛି ଯେ ଏହି ବିଚାରଧାରାକୁ ଜନ୍ମ ଦେଇଥିବା ସେହି ମହାନ ସନ୍ଥ ଭାରତରେ ଜନ୍ମ ନେଇ ସାରିଛନ୍ତି । ସେହି ସନ୍ଥଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱର ପ୍ରଭାବ ସମସ୍ତଙ୍କୁ ଆଚମ୍ବିତ କରିବ । ତାଙ୍କ ବିଚାରଧାରା ଆଧ୍ୟାତ୍ମିକ ମାର୍ଗରେ ହ୍ରାସ ହେଉଥିବା ପ୍ରଭାବକୁ ପୁନର୍ବାର ନୂତନ ସ୍ଫୁର୍ତ୍ତି ଦେବ । ଚାରିଆଡ଼େ ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି ହେବ।

ସେହି ସନ୍ଥଙ୍କ ବିଚାରଧାରାରେ ପ୍ରଭାବିତ ଲୋକେ ବିଶ୍ୱ କଲ୍ୟାଣ ପାଇଁ ପଶ୍ଚିମ ଦେଶାଭିମୁଖୀ ହେବେ । ଏହି ବିଚାରଧାରା ଧିରେ ଧିରେ ଏସିଆ, ୟୁରୋପ ଓ ଆମେରିକାକୁ ସମ୍ପୂର୍ଣ୍ଣ ପରିବ୍ୟାପ୍ତ ହୋଇଯିବ। ସେହି ସନ୍ଥଙ୍କ ବିଚାରଧାରାରେ ପୂରା ବିଶ୍ୱ ପ୍ରଭାବିତ ହୋଇ ତାଙ୍କ ପଦାଙ୍କ ଅନୁସରଣ କରିବ। ପଶ୍ଚିମ ଦେଶର ଲୋକେ ତାଙ୍କୁ ଇସା, ମୁସଲମାନମାନେ ତାଙ୍କୁ ସତ୍ୟ ପଥପ୍ରଦର୍ଶକ ଓ ଏସିଆର ଲୋକେ ତାଙ୍କୁ ଭଗବାନଙ୍କ ଅବତାର ରୂପେ ସ୍ୱୀକାର କରିବେ।

ସେହି ମହାନ ସନ୍ଥଙ୍କ ବିଚାରଧାରା ବୌଦ୍ଧିକ କ୍ରାନ୍ତି ଆଣିବ। ବୁଦ୍ଧିଜୀବିମାନଙ୍କର ସିଦ୍ଧାନ୍ତ ବଦଳିଯିବ । ସେମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ରୂପକ କୋମଳ କଳି (କଁଅଳିଆ ଡ଼ାଳ) ବିକଶିତ ହେବ।

ଫ୍ଲୋରେନ୍ସଙ୍କ ଅନୁସାରେ ସେହି ସନ୍ଥ ଭାରତରେ ଜନ୍ମ ନେଇ ସାରିଛନ୍ତି। ସେହି ସନ୍ଥଙ୍କ ପ୍ରତି ସେ ବହୁତ ପ୍ରଭାବିତ ଥିଲେ । ନିଜର ଅନ୍ୟ ଏକ ପୁସ୍ତକ "ଗୋଲଡ଼େନ୍ ଲାଇନ୍ ଅଫ୍ ନ୍ୟୁ ଏରା"ରେ ମଧ୍ୟ ସେ ଲେଖିଛନ୍ତି । "ଯେତେବେଳେ ମୁଁ ଧ୍ୟାନରେ ବସୁଛି ପ୍ରାୟତଃ ଜଣେ ସନ୍ଥଙ୍କୁ ଦେଖୁଛି । ସେ ଗୌର ବର୍ଣ୍ଣର ଅଟନ୍ତି। ତାଙ୍କ କେଶ ଧଳା ଅଟେ । ତାଙ୍କ ମୁଖରେ ନା ଦାଢ଼ୀ ଅଛି ନା ନିଶ ଅଛି । ସେହି ସନ୍ଥଙ୍କ ଲଲାଟରେ ଅଦ୍ଭୁତ ଧରଣର ତେଜ ପ୍ରତୀୟମାନ ହେଉଛି। ତାଙ୍କ ଲଲାଟ ଉପରକୁ ଆକାଶରୁ ଏକ ନକ୍ଷେତ୍ରର କିରଣ ନିରନ୍ତର ଝରୁଛି। ମୁଁ ଦେଖୁଛି ଯେ ସେହି ସନ୍ଥ ନିଜ କଲ୍ୟାଣକାରୀ ବିଚାରଧାରା ଓ ନିଜ ସତ୍ ଚରିତ୍ରଯୁକ୍ତ ଅନୁଗାମୀମାନଙ୍କ ଶକ୍ତି ବଳରେ ସମ୍ପୂର୍ଣ୍ଣ ବିଶ୍ୱରେ ନୂତନ ଜ୍ଞାନର ଆଲୋକ ବିସ୍ତାରିତ କରୁଛନ୍ତି।

ସେହି ସନ୍ଥ ନିଜ ଶକ୍ତିକୁ ନିରନ୍ତର ବଢ଼ାଉଛନ୍ତି । ତାଙ୍କ ପାଖରେ ଏତେ ଶକ୍ତି ଅଛି ଯେ ସେ ପ୍ରାକୃତିକ ପରିବର୍ତ୍ତନ ମଧ୍ୟ କରିପାରିବେ । ସେ ନିଜ କାର୍ଯ୍ୟ ବୈଜ୍ଞାନିକ ଢଙ୍ଗରେ କରିବେ । ତାଙ୍କ କୃପା ଓ ପ୍ରୟାସ ମାନବୀୟ ସଭ୍ୟତାରେ ନୂତନ ଜାଗୃତି ଆଣିବ । ବିଶ୍ୱର ସମସ୍ତ ଜନସମୁହ ମଧ୍ୟରେ ନୂତନ ଚେତନାର ସଂଚାର ହେବ । ଲୋକଶକ୍ତିର ଏକ ନୂତନ ରୂପର ଅଭ୍ୟୁଦୟ ହେବ ଯାହା ଶାସନକର୍ତ୍ତାମାନଙ୍କର ଏକଚଟିଆ ମନୋଭାବ ଓ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବ ।

ମନୋଚିକିତ୍ସକ ତଥା ସମ୍ମୋହନ କଳାରେ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିବା ଡା. ମୋରେ ବର୍ସଟୀନ୍‌ଙ୍କର ଫ୍ଲୋରେନ୍ସଙ୍କ ସହିତ ଉତ୍ତମ ବନ୍ଧୁତା ଥିଲା । ଏକଦା ଫ୍ଲୋରେନ୍ସ ତାଙ୍କୁ ମଧ୍ୟ କହିଥିଲେ, "ଡାକ୍ତର! ସେହି ସମୟ ବହୁ କ୍ଷୀପ୍ର ଗତିରେ ନିକଟତର ହେଉଛି। ସମାଜ, କ୍ଷମତା ଲୋଭୀ ରାଜନେତାମାନଙ୍କ ଅପେକ୍ଷା ଆପଣଙ୍କ ଭଳି ସମାଜ ସେବକମାନଙ୍କ କଥାକୁ ଅଧିକ ଧ୍ୟାନ ଦେବ। ୨୧ତମ ଶତାବ୍ଦୀର ପ୍ରାରମ୍ଭରେ ଏକ ନୂତନ ବିଚାରଧାରା ସମ୍ପୂର୍ଣ୍ଣ ବିଶ୍ୱକୁ ପ୍ରଭାବିତ କରିବ । ପ୍ରତ୍ୟେକ ରାଷ୍ଟ୍ରରେ ସତ୍ୟ ଚରିତ୍ରବାନ ଧାର୍ମିକ ବ୍ୟକ୍ତିମାନଙ୍କର ସଂଗଠନ ଲୋକଙ୍କ ମନରେ ବସା ବାନ୍ଧିଥିବା ଭୁଲ ଚିନ୍ତାଧାରାକୁ ବଦଳାଇ ଦେବ।" ଏହି ବିଚାରଧାରା ଭାରତରୁ ବିକଶିତ ହୋଇ ସମଗ୍ର ବିଶ୍ୱକୁ ବ୍ୟାପିବ। ସେହି

ପବିତ୍ର ସ୍ଥାନରେ ବିରାଜମାନ ଜଣେ ପ୍ରଚଣ୍ଡ ତପସ୍ୱୀଙ୍କୁ ମୁଁ ଦେଖୁଛି ଯାହାଙ୍କ ତେଜ କ୍ଷୀପ୍ର ଗତିରେ ବିସ୍ତାରିତ ହେଉଛି । ମନୁଷ୍ୟ ମଧ୍ୟରେ ଶୁପ୍ତ ଦେବତ୍ୱକୁ ଜାଗ୍ରତ କରିବା ତଥା ଧରିତ୍ରୀକୁ ସ୍ୱର୍ଗ ସମାନ କରିବା ପାଇଁ ସେହି ସନ୍ଥ ଦିନରାତି ପ୍ରୟାସ କରୁଛନ୍ତି ।

ଜଣେ ସାମ୍ବାଦିକ ୧୯୬୪ ରେ ଫ୍ଲୋରେନ୍ସକୁ ପଚାରିଥିଲେ ଯେ ସେ କ'ଣ ଦୁନିଆର ଭବିଷ୍ୟତ କହିପାରିବେ । ଏହାର ଉତ୍ତରରେ ଫ୍ଲୋରେନ୍ସ କହିଥିଲେ, ୧୯୭୦ର ପ୍ରାରମ୍ଭ ବ୍ୟାପକ ଉତ୍ଥାନ-ପତନ ସହ ହେବ । ୧୯୭୯-୮୦ ପଶ୍ଚାତ୍ ଏଭଳି ଭୂମିକମ୍ପ ଆସିବ ଯାହା ପ୍ରଭାବରେ ନ୍ୟୁଜର୍ସୀର କିଛି ଅଂଶ ତଥା ୟୁରୋପ ଓ ଏସିଆର କେତେକ ଦେଶର କିଛି ଅଂଶ ଭୂମିକମ୍ପରେ ବିଦୀର୍ଣ୍ଣ ହୋଇଯିବ । ତୃତୀୟ ବିଶ୍ୱଯୁଦ୍ଧର ଆତଙ୍କ ସମସ୍ତଙ୍କ ମନରେ ଖେଳିଯିବ ଏବଂ ଏହି ଯୁଦ୍ଧ ପାଇଁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଦେବେ । ପରନ୍ତୁ ସେହି ଭାରତୀୟ ରାଜନେତା ନିଜ ପ୍ରଭାବ ଓ ବୁଦ୍ଧି ବଳରେ ତୃତୀୟ ବିଶ୍ୱଯୁଦ୍ଧକୁ ଟାଳି ଦେବାରେ ସଫଳ ହେବେ । ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପର୍ଯ୍ୟନ୍ତ ଭାରତର ଶାସନ ଡୋରୀ ଆଧ୍ୟାତ୍ମିକ ପ୍ରବୃତ୍ତିର ଲୋକଙ୍କ ହାତରେ ରହିବ । ସେହି ଶାସକ ଜଣେ ମହାନ ସନ୍ଥଙ୍କ ଶକ୍ତିଶାଳୀ ତଥା କ୍ରାନ୍ତିକାରୀ ବିଚାରଧାରାରେ ପ୍ରଭାବିତ ହେବେ । ସେହି ସନ୍ଥଙ୍କ ପ୍ରତି ସେ ସମର୍ପିତ ହେବେ ଯେପରି ସ୍ୱତନ୍ତ୍ରତା ଓ ମାନବିକତା ପ୍ରତି ଓ୍ୟାଶିଙ୍ଗଟନ୍ ସମର୍ପିତ ଥିଲେ ।

ଆମେରିକାର ନ୍ୟୁଜର୍ସି ସହରରେ ରହୁଥିବା ଫ୍ଲୋରେନ୍ସ ପ୍ରକୃତରେ ଜଣେ ଅସାଧାରଣ ମହିଳା ଥିଲେ । ଏକଦା ନୋବେଲ ନାମକ ଜଣେ ବ୍ୟକ୍ତି ଏକ ଟି.ଭି. କାର୍ଯ୍ୟକ୍ରମର ସାକ୍ଷାତକାରରେ ତାଙ୍କୁ ପଚାରିଲେ ଯେ "ଆପଣ ଭାରତରେ ଜନ୍ମ ହୋଇ ସାରିଥିବା ସେହି ସନ୍ଥଙ୍କ ବିଷୟରେ ପ୍ରାୟତଃ କହୁଛନ୍ତି କିନ୍ତୁ ମୋ ନିଜ ବିଷୟରେ ମୁଁ କିଛି ଜାଣିବାକୁ ଚାହୁଁଛି, କୁହନ୍ତୁ ।"

ଫ୍ଲୋରେନ୍ସ ତାଙ୍କ ଡାହାଣ ହାତକୁ ଧରି ପକାଇ କହିଲେ "ଆପଣ ଖୁବ୍ ଶୀଘ୍ର କୌଣସି ଅନ୍ୟ ରାଜ୍ୟ ତରଫରୁ ପ୍ରସାରଣ ସେବା କରିବେ ।" ନୋବେଲ ଜଣେ ପ୍ରସାରଣ ସେବାର କର୍ମଚାରୀ ଥିଲେ । ଫ୍ଲୋରେନ୍ସଙ୍କର ଏହି କଥା ଶୁଣି ସେ ହସିବାକୁ ଲାଗିଲେ । କିଛିକ୍ଷଣ ପରେ କହିଲେ, "ଆପଣ ମୋ ସହିତ ଭଲ ଥଟ୍ଟା-ମଜା କଲେ । ଯଦି ଆମ୍ଭ କମ୍ପାନୀର କୌଣସି ଅଧିକାରୀ ଏହି କାର୍ଯ୍ୟକ୍ରମ ଦେଖୁଥିବେ ତେବେ ମୁଁ ଅନ୍ୟ ରାଜ୍ୟ ତରଫରୁ କାର୍ଯ୍ୟ କରେ ବା ନ କରେ ନିଜ କମ୍ପାନୀରୁ ତୁରନ୍ତ ବହିଷ୍କୃତ ହେବି ।

କିଛି ମିନିଟ୍ ପରେ ଟି.ଭି. କଣ୍ଟ୍ରୋଲ ରୁମ୍‌ର ଫୋନ ବାଜି ଉଠିଲା । ଫୋନ୍ ନୋବେଲଙ୍କ ପାଇଁ ଥିଲା । ତାଙ୍କ କମ୍ପାନୀର ଜେନେରାଲ ମ୍ୟାନେଜର ତାଙ୍କ ସହିତ କଥା ହେବାକୁ ଚାହୁଁଥିଲେ । ନୋବେଲ୍ ଯେତେବେଳେ ଫୋନ୍ ଉଠାଇଲେ ସେତେବେଳେ ସେ କହିଲେ ଯେ ଆମ୍ଭେ ନ୍ୟୁୟର୍କରୁ ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥିର କରିଛୁ । ତେଣୁ ତୁମକୁ ସେଠାକୁ ପଠାଯିବ । ଏବେ ଏହି କଥାକୁ ଗୁପ୍ତ ରଖିବ । ଏହାର ଘୋଷଣା ଆସନ୍ତା କାଲି କରାଯିବ । ମୁଁ ଟି.ଭି.ରେ ଫ୍ଲୋରେନ୍ସଙ୍କ ସହିତ ତୁମ ସାକ୍ଷାତକାର ଦେଖୁଥିଲି । ଫ୍ଲୋରେନ୍ସ ତୁମ ବିଷୟରେ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ଅଟେ । ଆଶ୍ଚର୍ଯ୍ୟ, ସେ ଏ କଥା କିପରି ଜାଣି ପାରିଲେ ?" ନୋବେଲ ଫ୍ଲୋରେନ୍ସଙ୍କ ମୁଖକୁ ଚାହିଁବାକୁ ଲାଗିଲେ ।

କିଛି ସାମ୍ବାଦିକ ତାଙ୍କୁ ଥରେ ପ୍ରଶ୍ନ କଲେ ଯେ ଆପଣ ଭବିଷ୍ୟତ ବିଷୟରେ କିପରି ଜାଣିପାରୁଛନ୍ତି ଏବଂ ନିରୁଦ୍ଦିଷ୍ଟ ବ୍ୟକ୍ତି ବା ବସ୍ତୁଗୁଡିକର ସନ୍ଧାନ କିପରି କରିପାରୁଛନ୍ତି । ଫ୍ଲୋରେନ୍ସ ଉତ୍ତର ଦେଲେ, "ମୁଁ ନିଜେ ଜାଣିପାରୁ ନାହିଁ ଏହା କିପରି ସମ୍ଭବ ହେଉଛି । ମୁଁ ଭବିଷ୍ୟତର ଏକ ମହତ୍ତ୍ୱପୂର୍ଣ୍ଣ କଥା ବିଷୟରେ କହୁଛି । ୨୦ ତମ ଶତାବ୍ଦୀର ଅନ୍ତିମ ସମୟରେ ଭାରତବର୍ଷରୁ ଏକ ପ୍ରକାଶ ଉଦ୍ଭାସିତ ହେବ । ସେହି ପ୍ରକାଶ ପୂରା ଦୁନିଆକୁ ସେହି 'ଦୈବୀ' ଶକ୍ତି ବିଷୟରେ ସୂଚନା ଦେବ ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଆମ୍ଭ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ରହିଛି । (ଦୈବୀ ଶକ୍ତି ବିଷୟରେ ସୂଚନା ଯାହା ସନ୍ଥ ରାମପଲ ଦାସଜୀ ମହାରାଜଙ୍କ ଦ୍ୱାରା ଦିଆଯାଇଛି । କୃପାକରି ପଢନ୍ତୁ ଏହି ପୁସ୍ତକର ୪୦ ନଂ ପୃଷ୍ଠାରେ

ଥିବା "ସୃଷ୍ଟି ରଚନା" ବିଷୟ) ଜଣେ ଦିବ୍ୟ ମହାପୁରୁଷଙ୍କ ଦ୍ୱାରା ଏହି ପ୍ରକାଶ ସଂପୂର୍ଣ୍ଣ ବିଶ୍ୱକୁ ବିସ୍ତାରିତ ହେବ । ସମସ୍ତଙ୍କୁ ସେ ସତ୍ୟମାର୍ଗରେ ପରିଚାଳିତ ହେବା ପାଇଁ ପ୍ରେରଣା ଦେବେ । ସମଗ୍ର ଦୁନିଆରେ ଏକ ନୂତନ ଚିନ୍ତାଧାରାର ଜ୍ୟୋତି ପ୍ରକାଶିତ ହେବ । ମୁଁ ଧ୍ୟାନସ୍ଥ ରହୁଥିବା ସମୟରେ ସେହି ଦିବ୍ୟ ମହାପୁରୁଷ ପ୍ରାୟତଃ ମୋତେ ଦୃଶ୍ୟମାନ ହେଉଛନ୍ତି ।"

ଫ୍ଲୋରେନ୍ସ ବାରମ୍ବାର ଏହି ସନ୍ଥ ବା ଦିବ୍ୟ ମହାପୁରୁଷଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି । ତତ୍‌ସହିତ ଏହା ମଧ୍ୟ କହିଛନ୍ତି ଯେ ଉତ୍ତର ଭାରତର ଏକ ପବିତ୍ର ସ୍ଥାନରେ ସେ ବିଦ୍ୟମାନ।

ସୁଧିବୃନ୍ଦ ! ଉପରୋକ୍ତ ଭବିଷ୍ୟବାଣୀ ଓ ବର୍ତ୍ତମାନର ବାଣୀ ଯାହା ପରମ ସନ୍ଥ ରାମପାଲ୍ ଦାସ ମହାରାଜଜୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ତଥା ଅନ୍ୟ ଭବିଷ୍ୟବାଣୀ ମଧ୍ୟ ଏହାର ସମର୍ଥନ କରୁଛି ଯାହା ଆଗକୁ ଲେଖାଯାଇଛି ।

## "ଭାଇ ବାଲେ ବାଲୀଙ୍କ ଜନ୍ମ ସାଖୀରେ ପ୍ରମାଣ"

"ଜଣେ ମହାପୁରୁଷଙ୍କ ବିଷୟରେ ଭାଇ ବାଲେ ବାଲୀଙ୍କ ଜନ୍ମ ସାଖୀରେ ପ୍ରହଲ୍ଲାଦ ଭକ୍ତଙ୍କ ଭବିଷ୍ୟବାଣୀ"

ଭାଇ ବାଲେ ବାଲୀଙ୍କ ଜନ୍ମ ସାଖୀରେ ଉଲ୍ଲେଖ ଥିବା ବିବରଣୀ ସ୍ପଷ୍ଟ କରେ ଯେ ସନ୍ଥ ରାମପାଲ ଦାସଜୀ ମହାରାଜ ସେହି ଅବତାର ଅଟନ୍ତି ଯାହାଙ୍କୁ ପରମେଶ୍ୱର କବୀରଜୀ ଓ ସନ୍ଥ ନାନକଜୀଙ୍କ ପଶ୍ଚାତ୍ ପଞ୍ଜାବ ଭୂମିରେ ଅବତରିତ ହେବାର ଥିଲା । ସନ୍ଥ ରାମପାଲ ଦାସଜୀ ମହାରାଜ ୧୯୫୧ ମସିହା ସେପ୍ଟେମ୍ବର ୮ ତାରିଖରେ ଗ୍ରାମ - ଧନାନା, ଜିଲ୍ଲା - ସୋନୀପତ, ରାଜ୍ୟ - ହରିୟାଣା (ସେ ସମୟର ପଞ୍ଜାବ ରାଜ୍ୟ) ଦେଶ - ପବିତ୍ର ଭାରତ ଭୂମିରେ ଶ୍ରୀ ନନ୍ଦରାମ ଜାଟ୍‌ଙ୍କ ଘରେ, ଜାଟ୍ ଜାତିରେ ଶ୍ରୀମତି ଇନ୍ଦ୍ରା ଦେବୀଙ୍କ ଔରସରୁ ଜନ୍ମ ନେଲେ ।

ଏହି ବିଷୟରେ "ଜନ୍ମ ସାଖୀ ଭାଇ ବାଲେ ଓ୍ୱାଲୀ" ହିନ୍ଦୀ ସଂସ୍କରଣ, ଯାହାର ପ୍ରକାଶକ:- ଭାଇ ଜବାହର ସିଂହ କୃପାଲ ସିଂହ ଏଣ୍ଡ କମ୍ପାନୀ ପୁସ୍ତକାଁ ବାଲେ, ବାଜାର ମାଇ ସେଓ୍ୱାଁ, ଅମୃତସର(ପଞ୍ଜାବ) ଓ ପଞ୍ଜାବୀ ସଂସ୍କରଣର ପ୍ରକାଶକ:- ଭାଇ ଜବାହର ସିଂହ ପୁସ୍ତକାଁ ବାଲେ ଗଲି - ୮, ବାଗ ରାମାନନ୍ଦ, ଅମୃତସର (ପଞ୍ଜାବ) ।

ଏଥିରେ ଲିଖିତ ଅମରଲେଖ ଏହି ପ୍ରକାରେ ଅଟେ :-

ଏକଦା ଭାଇ ବାଲା ଓ ମର୍ଦାନାଙ୍କୁ ସାଥିରେ ନେଇ ସଦଗୁରୁ ନାନକ ଦେବଜୀ ଭକ୍ତ ପ୍ରହଲ୍ଲାଦଜୀଙ୍କ ଲୋକକୁ ଗଲେ ଯାହା ପୃଥିବୀଠାରୁ ଅନେକ ଲକ୍ଷ କୋଶ ଦୂରରେ ଅବସ୍ଥିତ । ପ୍ରହଲ୍ଲାଦ କହିଲେ, ହେ ନାନକଜୀ ! ଆପଣଙ୍କୁ ପରମାତ୍ମା ଦିବ୍ୟଦୃଷ୍ଟି ଦେଲେ ତଥା କଳିଯୁଗର ଶ୍ରେଷ୍ଠ ଭକ୍ତ କଲେ । କଳିଯୁଗରେ ଆପଣଙ୍କର ବହୁତ ପ୍ରଭାବ ବଢ଼ିବ । ଏଠାକୁ (ପ୍ରହଲ୍ଲାଦଙ୍କ ଲୋକକୁ) ପ୍ରଥମେ କବୀରଜୀ ଆସିଥିଲେ, ଆଜି ଆପଣ ଆସିଛନ୍ତି ଏବଂ ଅନ୍ୟ ଜଣେ ଆସିବେ ଯିଏ ଆପଣମାନଙ୍କ(କବୀରଜୀ ଓ ନାନକଜୀ)ଭଳି ମହାପୁରୁଷ ହୋଇଥିବେ । ଏହି ତିନିଜଣଙ୍କ ବ୍ୟତୀତ ଏଠାକୁ (ମୋ ଲୋକକୁ) କେହି ଆସି ପାରିବେ ନାହିଁ । ସଂସାରରେ ବହୁତ ଭକ୍ତ ହୋଇ ସାରିଛନ୍ତି । ଆଗକୁ ମଧ୍ୟ ହେବେ କିନ୍ତୁ ଏହି ଲୋକରେ ସେହି ଭକ୍ତ ପହଞ୍ଚି ପାରିବେ ଯିଏ ଏହି ମହାପୁରୁଷମାନଙ୍କ ଭଳି ମହାମହିମ ହୋଇଥିବେ ନଚେତ୍ ଅନ୍ୟ କେହି ପହଞ୍ଚି ପାରିବେ ନାହିଁ। ଏଥିପାଇଁ ଏହି ତିନିଜଣଙ୍କ ବ୍ୟତୀତ ଏଠାକୁ କେହି ମଧ୍ୟ ଆସି ପାରିବେ ନାହିଁ । ମର୍ଦାନା ପଚାରିଲେ, ହେ ପ୍ରହଲ୍ଲାଦଜୀ ! କବୀରଜୀ ଜୁଲାହା(ତନ୍ତୀ/ବୁଣାକାର) ଓ ନାନକଜୀ କ୍ଷତ୍ରୀୟ ଅଟନ୍ତି । ସେହି ତୃତୀୟ ଜଣକ କେଉଁ ଗୋତ୍ର (ଜାତି) ତଥା କେଉଁ ପ୍ରାନ୍ତରେ ଅବତରଣ କରିବେ।

ଭକ୍ତ ପ୍ରହଲ୍ଲାଦ କହିଲେ, ଶୁଣ ଭାଇ:-

ନାନକଜୀଙ୍କ ସଚଖଣ୍ଡ (ସତ୍‌ଲୋକ) ଯିବାର ଶହସ୍ର ବର୍ଷ ପଶ୍ଚାତ୍ ପଞ୍ଜାବ ପ୍ରାନ୍ତରେ ଜାଟ୍ ଜାତିରେ

ସେ ଜନ୍ମ ନେବେ ତଥା ତାଙ୍କର ପ୍ରଚାର କ୍ଷେତ୍ର ବରଓ୍ୱାଲା ସହର ହେବ । (ଲେଖା ସମାପ୍ତ)

ବିବେଚନା :- ଅନ୍ୟ ସମସ୍ତ ପ୍ରମାଣ ଓ ଜନ୍ମ ସାଖୀରେ ଲିଖିତ ବିବରଣୀ ମୁତାବକ ସନ୍ଥ ରାମପାଲ ଦାସଜୀ ହିଁ ସେହି ଅବତାର ଅଟନ୍ତି । ଜନ୍ମ ସାଖୀରେ "ଶହେ ବର୍ଷ ପଶ୍ଚାତ୍" ଉଲ୍ଲେଖ ଅଛି । ଏଠାରେ ଶହସ୍ର ବର୍ଷ ପଶ୍ଚାତ୍ କୁହାଯାଇଥିଲା ଯାହାକୁ ପଞ୍ଜାବୀ ଭାଷାରେ ଲେଖିବା ସମୟରେ କେବଳ ୧୦୦ ବର୍ଷ ଲେଖିଦେଲେ । କାରଣ ମର୍ଦାନା ପଚାରିଥିଲେ, ଭବିଷ୍ୟତରେ କେଉଁ ଯୁଗର ପାଖାପାଖି ସେ ଆସିବେ ? ସେତେବେଳେ ଭକ୍ତ ପ୍ରହଲ୍ଲାଦ କହିଥିଲେ ଯେ ଶ୍ରୀ ନାନକଜୀଙ୍କ ଶହସ୍ର ବର୍ଷ ପଶ୍ଚାତ୍ କଳିଯୁଗରେ ସେହି ସନ୍ଥ ଜାଟ୍ ଜାତିରେ ଜନ୍ମ ନେବେ । ଏଥିପାଇଁ ଏଠାରେ ଶହେ ବର୍ଷ ସ୍ଥାନରେ ଶହସ୍ର ବର୍ଷ ଯୁକ୍ତିସଙ୍ଗତ ଅଟେ ତଥା ପ୍ରଚାର କ୍ଷେତ୍ର ବରଓ୍ୱାଲା ସ୍ଥାନରେ ବଟାଲା ଲେଖାଯାଇଛି । ଏହାର ଦୁଇଟି କାରଣ ହୋଇପାରେ ପ୍ରଥମତଃ ହରିୟାଣା(ସେ ସମୟର ପଞ୍ଜାବ)ରାଜ୍ୟର ହିସାର ଜିଲ୍ଲାରେ ଥିବା "ବରଓ୍ୱାଲା ସହର" ସେ ସମୟରେ ସୁପ୍ରସିଦ୍ଧ ନଥିଲା କିନ୍ତୁ ପଞ୍ଜାବ ରାଜ୍ୟର ବଟାଲା ସହର ପ୍ରସିଦ୍ଧ ଥିଲା । ଲେଖକ ଏହି କାରଣରୁ "ବରଓ୍ୱାଲା" ସ୍ଥାନରେ "ବଟାଲା" ଲେଖିଦେଲେ । ଦ୍ୱିତୀୟରେ ପ୍ରିଣ୍ଟିଙ୍ଗ ସମୟରେ ''ਵਰਵਾਲੇ'' ସ୍ଥାନରେ ''ਵਟਾਲੇ'' ପ୍ରିଣ୍ଟ ହୋଇଯାଇଛି ।

ଅନ୍ୟ ଏକ ବିଚାରଣୀୟ ବିଷୟ ଏହା ଯେ ପଞ୍ଜାବ ରାଜ୍ୟର ବାଟାଲା ସହରରେ କୌଣସି ଜାଟ୍ ସନ୍ଥ ନଥିଲେ ଯିଏ ପରମେଶ୍ୱର କବୀରଜୀ ଓ ନାନକ ଦେବଜୀଙ୍କ ପରି ମହାମହିମ ଓ ଜ୍ଞାନୀ ହୋଇଥିବେ । ଏହି ଆଧାରରେ ତଥା ଅନ୍ୟ ପ୍ରମାଣ ଆଧାରରେ ତଥା ଏହି ଜନ୍ମ ସାଖୀ ଆଧାରରେ ସ୍ପଷ୍ଟ ହେଉଛି ଯେ ସେହି ତୃତୀୟ ମହାପୁରୁଷ ସନ୍ଥ ରାମପାଲ ଦାସଜୀ ମହାରାଜ ଅଟନ୍ତି ତଥା ତାଙ୍କ ଆଧ୍ୟାତ୍ମିକ ଜ୍ଞାନ ମଧ୍ୟ ଏହି ଦୁଇ ମହାପୁରୁଷ (ପରମେଶ୍ୱର କବୀର ଓ ଶ୍ରୀ ନାନକ ଦେବଜୀ)ଙ୍କ ସହିତ ମେଳଖାଉଛି । ଦୁଇଟିର ଜେରକ୍ସ କପି ଆପଣ ଦେଖି ପାରିବେ । ପ୍ରଥମ ଜନ୍ମ ସାଖୀ ପଞ୍ଜାବୀ ଭାଷାରେ ଏବଂ ଅନ୍ୟଟି ହିନ୍ଦୀରେ ଅଛି ଯାହା ପଞ୍ଜାବୀ ଭାଷାରୁ ଅନୁବାଦିତ ହୋଇଛି । ଏଥିରେ କିଛି ପ୍ରକରଣ ଠିକ୍‌ରେ ଲେଖାଯାଇ ନାହିଁ । ଯେପରି ପଞ୍ଜାବୀ ଭାଷାରେ ଲେଖାଅଛି ଯେ "ଜୋ ଇସ୍ ଜୀହା କୋଇ ହୋଓ୍ୱେଗା ତାଁ ଏଥେ ପହୁଁଚେଗା ହାର ଦା ଏଥେ ପହୁଁଚଣ ଦା କମ ନହୀ" ପରନ୍ତୁ ଜନ୍ମ ସାଖୀ ହିନ୍ଦୀ ସଂସ୍କରଣରରେ ଏହି ବିବରଣୀ ନାହିଁ ଯାହା ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏଥିରୁ ପ୍ରମାଣିତ ହେଉଛି ଯେ ଲେଖିବା ସମୟରେ କିଛି ପ୍ରକରଣ ବଦଳି ଯାଇଥାଏ । ତଥାପି ଅନ୍ୟ ମହାପୁରୁଷମାନେ ଏହି ପୁସ୍ତକରେ ଏମିତି ଅନେକ ପ୍ରମାଣ ଦେଇଛନ୍ତି ଯାହା ସନ୍ଥ ରାମପାଲ ଦାସଜୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ତଥା ସେମାନେ ମଧ୍ୟ ଏହା ପ୍ରମାଣିତ କରୁଛନ୍ତି ।

ବିଶେଷ :- ଯଦି କେହି କୁହନ୍ତି ଯେ ଜନ୍ମ ସାଖୀରେ ଯେଉଁ ସନ୍ଥଙ୍କ ବିଷୟରେ କୁହାଯାଇଛି ସେ ଛୁଡ଼ାଣୀ ଗ୍ରାମର ସନ୍ଥ ଗରୀବ ଦାସଜୀ ଅଟନ୍ତି । କାରଣ ସେ ମଧ୍ୟ ଜାଟ୍ ଥିଲେ ଏବଂ ଛୁଡ଼ାଣୀ ଗ୍ରାମ ମଧ୍ୟ ପ୍ରଥମେ ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଥିଲା । ଏହା ମଧ୍ୟ ଉଚିତ୍ ଲାଗୁ ନାହିଁ କାରଣ ଗରୀବ ଦାସଜୀ ନିଜ ଅମୃତବାଣୀ "ଅସୁର ନିକନନ୍ଦ ରମୈଣୀ"ରେ କହିଛନ୍ତି ଯେ "ସତ୍‌ଗୁରୁ ଦିଲ୍ଲୀ ମଣ୍ଡଳ ଆୟସୀ ସୂତି ଧରଣୀ ସୂମ ଜଗାୟସୀ" ଭାବାର୍ଥ ଏହା ଯେ ସନ୍ଥ ଗରୀବ ଦାସଜୀଙ୍କର ସଦଗୁରୁ ପୂଜ୍ୟ କବୀର ସାହେବଜୀ ଥିଲେ । ପୁରୁଣା ଅବିଭକ୍ତ ରୋହତକ(ସୋନୀପତ, ରୋହତକ ଓ ଝଜ୍ଜରକୁ ମିଶାଇ ଗୋଟିଏ ରୋହତକ ଜିଲ୍ଲା ଥିଲା) ଦିଲ୍ଲୀ ମଣ୍ଡଳ ଅନ୍ତର୍ଗତ ଥିଲା । ଏହା କୌଣସି ରାଜାଙ୍କ ଅଧିନରେ ନଥିଲା । ଇଂରେଜମାନଙ୍କ ଶାସନ କାଳରେ ଦିଲ୍ଲୀ ଅଧିନରେ ଥିଲା । ସନ୍ଥ ଗରୀବ ଦାସଜୀ ସ୍ପଷ୍ଟ କରିଛନ୍ତି ଯେ ସଦଗୁରୁ (ପରମେଶ୍ୱର କବୀରଜୀ) ଦିଲ୍ଲୀ ମଣ୍ଡଳକୁ ଆସିବେ ଏବଂ ଭକ୍ତିହୀନ ପ୍ରାଣୀମାନଙ୍କୁ ଜାଗ୍ରତ କରି ସତ୍ୟଭକ୍ତି କରାଇବେ ।

(ଧ୍ୟାନ ଦିଅନ୍ତୁ, କାଳଦୂତମାନେ ସତ୍ୟାସତ୍ୟ ନ ଜାଣି କବୀର ସାଗରରେ ଅପମିଶ୍ରଣ କରି ନିଜ ଅନୁମାନ ମୁତାବକ ବିଭିନ୍ନ ଅସତ୍ୟ ପ୍ରମାଣ ଦେଇଛନ୍ତି । ସେସବୁର ନାଶ ପାଇଁ ପରମେଶ୍ୱର କବୀରଜୀ

ନିଜ ଅଂଶ ଅବତାର ଗରୀବ ଦାସଜୀଙ୍କ ଦ୍ୱାରା ଯଥାର୍ଥ ଜ୍ଞାନ ପ୍ରଚାର କରାଇଛନ୍ତି। ଯାହା ସନ୍ଥ ଗରୀବ ଦାସଜୀଙ୍କ ଅମୃତବାଣୀ ରୂପେ ଲିପିବଦ୍ଧ ହୋଇଛି। ଏହାର ପ୍ରମାଣ "କବୀର ସାଗରର ସଂପାଦକ କବୀର ପନ୍ଥୀ ଶ୍ରୀ ଯୁଗଲାନନ୍ଦ ବୀହାରୀଜୀଙ୍କ ସେହି ଟିପ୍ପଣୀ ସହିତ ମେଳଖାଉଛି ଯାହା ଅନୁରାଗ ସାଗର ଓ ଜ୍ଞାନ ସାଗରର ଭୂମିକାରେ ସେ ବର୍ଣ୍ଣନା କରି କହିଛନ୍ତି ଯେ କବୀର ପନ୍ଥୀମାନେ ହିଁ କବୀର ପନ୍ଥ ଗ୍ରନ୍ଥର ସର୍ବନାଶ କରିଛନ୍ତି। ନିଜ ଇଚ୍ଛାନୁସାରେ ଲେଖାରେ ପରିବର୍ତ୍ତନ କରି ନିଜସ୍ୱ ମତ ଯୋଡ଼ିଛନ୍ତି । ମୋ ପାଖରେ ଅନୁରାଗ ସାଗର ଓ ଜ୍ଞାନ ସାଗରର ଭିନ୍ନ ଭିନ୍ନ ସଂକଳନ ଉପଲବ୍ଧ ଯାହା ପରସ୍ପର ମଧ୍ୟରେ ମେଳ ଖାଉ ନାହିଁ।)

ସନ୍ଥ ରାମପାଲ ଦାସଜୀ ମହାରାଜଙ୍କ ଜନ୍ମ ୧୯୫୧ ମସିହା ସେପ୍ଟେମ୍ବର ୮ ତାରିଖରେ ଶ୍ରୀ ନନ୍ଦରାମ ଜାଟ୍ ଗ୍ରାମ - ଧନାନା, ଜିଲ୍ଲା - ସୋନୀପତ (ଅବିଭକ୍ତ ରୋହତକ ଜିଲ୍ଲା) ଙ୍କ ଘରେ ହୋଇଥିଲା । ବର୍ତ୍ତମାନର ହରିୟାଣା ଓ ପଞ୍ଜାବ ସେ ସମୟରେ ଗୋଟିଏ ପଞ୍ଜାବ ରାଜ୍ୟ (ଅଖଣ୍ଡ ପଞ୍ଜାବ) ଥିଲା । ପରମେଶ୍ୱର କବୀରଜୀ ମଧ୍ୟ କହିଥିଲେ ଯେ ଯେତେବେଳେ କଳିଯୁଗକୁ ୫୫୦୦ ବର୍ଷ ବିତିଯିବ ସେତେବେଳେ ମୁଁ, ଗରୀବ ଦାସଙ୍କ ଦ୍ୱାଦଶତମ ପନ୍ଥରେ ଆସିବି ତଥା ସନ୍ଥ ଗରୀବ ଦାସଜୀଙ୍କ ଦ୍ୱାରା ମୋ (କବୀର ପରମେଶ୍ୱରଙ୍କ) ମହିମାର ବାଣୀ ପ୍ରକାଶ ହେବ । ଗରୀବ ଦାସଜୀଙ୍କ ଦ୍ୱାଦଶତମ ପନ୍ଥ ପର୍ଯ୍ୟନ୍ତ ସମସ୍ତ ସାଧକ ମୋତେ ଆଧାର କରି ସେହି ବାଣୀର ଭାବାର୍ଥକୁ ବୁଝିବାକୁ ଚେଷ୍ଟା କରିବେ। ପରନ୍ତୁ ସେହି ବାଣୀକୁ ନ ବୁଝିପାରି ସତ୍‌ନାମ ଓ ସାରନାମରୁ ବଞ୍ଚିତ ହେବେ। ସେହି କାରଣରୁ ଅସଂଖ୍ୟ ଜନ୍ମ ପର୍ଯ୍ୟନ୍ତ ସତ୍ୟଲୋକ ପ୍ରାପ୍ତି କରି ପାରିବେ ନାହିଁ । ସେହି ଦ୍ୱାଦଶତମ ପନ୍ଥ (ଗରୀବ ଦାସଜୀ ପନ୍ଥ)ରେ ମୁଁ (ପରମେଶ୍ୱର କବୀରଜୀ) ସ୍ୱୟଂ ପ୍ରକଟ ହେବି। ସେତେବେଳେ ସନ୍ଥ ଗରୀବ ଦାସଜୀ ଦ୍ୱାରା ପ୍ରକାଶ କରାଯାଇଥିବା ବାଣୀକୁ ମୁଁ (କବୀର ପରମେଶ୍ୱର) ପ୍ରକଟ ହୋଇ ବୁଝାଇବି । ଏଥିରୁ ପ୍ରମାଣିତ ହେଲା ଯେ ଜନ୍ମ ସାଖୀରେ ଯେଉଁ ଜାଟ୍ ସନ୍ଥଙ୍କ ବିଷୟରେ କୁହାଯାଇଛି ନିର୍ବିବାଦରେ ସେହି ସନ୍ଥ ରାମପାଲଜୀ ମହାରାଜ ହିଁ ଅଟନ୍ତି । ତଥାପି ଆମ୍ଭେ ସନ୍ଥ ଗରୀବ ଦାସଜୀଙ୍କର ବିଶେଷ ଆଦର କରୁଛୁ କାରଣ ପରମେଶ୍ୱର କବୀରଜୀଙ୍କ ଅମର ସଂଦେଶ ସେ ଆମ୍ଭକୁ ଶୁଣାଇଛନ୍ତି ।

ଯଦି କେହି ଭ୍ରମ ଉତ୍ପନ୍ନ କରେ ଯେ ଦଶଜଣ ଗୁରୁ ସାହିବାନମାନଙ୍କ ମଧ୍ୟରୁ ଅନ୍ୟ ପ୍ରତି ବି ଏହି ସଙ୍କେତ ହୋଇପାରେ। ମନେରଖିବା ଉଚିତ୍ ଯେ ଦଶଜଣ ଶିଖ୍ ଗୁରୁ ସାହିବାନମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଜାଟ୍ ଜାତିର ନଥିଲେ । ଦ୍ୱିତୀୟ ଶିଖ୍ ଗୁରୁ ଶ୍ରୀ ଅଙ୍ଗଦ ଦେବଜୀ କ୍ଷତ୍ରୀୟ ଥିଲେ । ତୃତୀୟ ଗୁରୁ ଶ୍ରୀ ଅମର ଦାସଜୀ ମଧ୍ୟ କ୍ଷତ୍ରୀୟ ଥିଲେ । ଚତୁର୍ଥ ଗୁରୁ ଶ୍ରୀ ରାମ ଦାସଜୀ କ୍ଷତ୍ରୀୟ ଥିଲେ ଏବଂ ପଞ୍ଚମ ଗୁରୁ ଶ୍ରୀ ଅର୍ଜ୍ଜୁନ ଦେବଜୀଙ୍କ ଠାରୁ ଆରମ୍ଭ କରି ଦଶମ ତଥା ଶେଷ ଗୁରୁ ଗୋବିନ୍ଦ ସିଂହଜୀଙ୍କ ପର୍ଯ୍ୟନ୍ତ ସମସ୍ତେ ଶ୍ରୀ ଗୁରୁ ରାମ ଦାସଜୀଙ୍କ ସନ୍ତାନ ଅର୍ଥାତ୍ କ୍ଷତ୍ରୀୟ ଥିଲେ । ତଥାପି ଆମ୍ଭେ ସମସ୍ତ ଶିଖ୍ ଗୁରୁ ସାହିବାନ୍‌ଙ୍କର ବିଶେଷ ଆଦର କରୁଛୁ ।

ସନ୍ଥ ରାମପାଲ ଦାସଜୀ ମହାରାଜ କହନ୍ତି :-

ଜୀବ ହମାରୀ ଜାତି ହୈ, ମାନବ ଧର୍ମ ହମାରା ହିନ୍ଦୁ ମୁସଲିମ,ସିଖ ଈସାଈ, ଧର୍ମ ନହିଁ କୋଇ ନ୍ୟାରା।

ପରମେଶ୍ୱର କବୀର ଜୀ କହିଛନ୍ତି :-

ଜାତି ନ ପୂଛୋ ସନ୍ଥ କୀ, ପୂଛ ଲିଜିଏ ଜ୍ଞାନ । ମୋଲ କରୋ ତଲୱାର୍ କା, ପଡ଼ୀ ରହନ ଦୋ ମ୍ୟାନ ।

କୃପାକରି ପ୍ରମାଣ ପାଇଁ ଦେଖନ୍ତୁ ଜନ୍ମ ସାଖୀ ପଞ୍ଜାବୀ ଗୁରୁମୁଖୀ(ପଞ୍ଜାବୀ ଭାଷା) ଓ ହିନ୍ଦୀ ସଂସ୍କରଣର ଜେରକ୍ସ କପି। ପ୍ରମାଣ ଦେଖି ଆପଣ ସହଜରେ ବୁଝି ପାରିବେ ଯେ ବାସ୍ତବିକତା କ'ଣ। ଜନ୍ମ ସାଖୀର ପ୍ରକାଶକ, ଭାଇ ଜବାହାର ସିଂ, କୃପାଲ ସିଂ, ଅମୃତସର (ପଞ୍ଜାବ) । ଦୟାକରି ଦେଖନ୍ତୁ ଜେରକ୍ସ କପି ଜନ୍ମ ସାକ୍ଷୀ ଭାଇ ବାଲେଙ୍କ ପଞ୍ଜାବୀ ସଂସ୍କରଣର ପୃଷ୍ଠା ୨୭୨ ର ଫୋଟୋ କପି ।

(੨੭੨) ਸਾਖੀ ਪ੍ਰਹਿਲਾਦ ਭਗਤ ਨਾਲ ਹੋਈ

ਕਾਜ ਸਵਾਰਿਆ ॥੪॥ ਤਾਂ ਪ੍ਰਹਿਲਾਦ ਭਗਤ ਕਹਿਆ ਨਾਨਕ ਤਪਾ ਜੀ ਤੈਨੂੰ ਕਲਜੁਗ ਵਿਚ ਰਾਮ ਜੀ ਨੇ ਵਡਾ ਭਗਤ ਕੀਤਾ ਹੈ ਔਰ ਆਪਕੇ ਸੰਜੋਗ ਬਹੁਤਿਆਂ ਕਾ ਉਧਾਰ ਹੋਵੇਗਾ ਤੇਰੀ ਸ੍ਰੀ ਰਾਮ ਨੇ ਵਡੀ ਨਦਰ ਖੋਲੀ ਹੈ ਤੇਰਾ ਵਡਾ ਪ੍ਰਤਾਪ ਹੋਵੇਗਾ ਇਸ ਕਲਜੁਗ ਵਿਚ ਅਗੇ ਕਬੀਰ ਭਗਤ ਏਥੇ ਆਯਾ ਹੈ ਅਤੇ ਜਾਂ ਆਪਕੋ ਕਰਤਾ ਨੇ ਆਂਦਾ ਹੈ ਤਾਂ ਮਰਦਾਨੇ ਪ੍ਰਹਿਲਾਦ ਭਗਤ ਨੂੰ ਪੁਛਿਆ ਹੇ ਭਗਤ ਜੀ ਤੁਸੀਂ ਭੀ ਵਡੇ ਭਗਤ ਹੋ ਅਤੇ ਤੁਸਾਡੇ ਪਿਛੇ ਰਾਮ ਜੀ ਵਡਾ ਛਲਤ ਦਿਖਾਇਆ ਹੈ ਤੇਰੀ ਰਾਮ ਜੀ ਨੇ ਵਡੀ ਨਦਰ ਖੋਲ੍ਹੀ ਹੈ ਭਗਤ ਜੀ ਏਥੇ ਹੋਰ ਕੋਈ ਵੀ ਪਹੁੰਚਿਆ ਹੈ ਕਿ ਕਬੀਰ ਅਤੇ ਨਾਨਕ ਤਪਾ ਹੀ ਪਹੁੰਚਿਆ ਹੈ ਤਾਂ ਪ੍ਰਹਿਲਾਦ ਭਗਤ ਬੋਲਿਆ ਭਾਈ ਨਾਨਕ ਤਪੇ ਪਾਸੋਂ ਪੁਛ ਲੈ ਹੋਰ ਭੀ ਆਵਸੀ ਕਿ ਨਾ ਆਵਸੀ ਕੋਈ ਤਾਂ ਮਰਦਾਨੇ ਕਹਿਆ ਜੀ ਤੁਸੀਂ ਵਡੇ ਭਗਤ ਹੋ ਅਗਲੀ ਤੇ ਪਿਛਲੀ ਸਭ ਆਪ ਨੂੰ ਸਤਿ ਜੁਗ ਥੀਂ ਆਦਿ ਲੈਕੇ ਮਾਲੂਮ ਹੈ ਤਾਂ ਪ੍ਰਹਿਲਾਦ ਭਗਤ ਨੇ ਕਹਿਆ ਸੁਣ ਭਾਈ ਇਸ ਜਿਹਾ ਕੋਈ ਹੋਵੇਗਾ ਤਾਂ ਏਥੇ ਪਹੁੰਚੇਗਾ ਹੋਰਸ ਦਾ ਏਥੇ ਪਹੁੰਚਣਾ ਕੰਮ ਨਾਹੀਂ ਹੋਰ ਅਗੇ ਵਡੇ ਵਡੇ ਭਗਤ ਹੋਏ ਹੈਨ ਅਤੇ ਹੋਵਨਗੇ ਪਰ ਪਹੁੰਚਿਆ ਕੋਈ ਨਾਹੀਂ ਤਾਂ ਫੇਰ ਮਰਦਾਨੇ ਪੁਛਿਆ ਜੀ ਓਹ ਕਦ ਹੋਸੀ ਕਿਤੇ ਨੇੜੇ ਜੁਗ ਵਿਚ ਹੋਸੀ ਤਾਂ ਪ੍ਰਹਿਲਾਦ ਭਗਤ ਕਹਿਆ ਸੁਣ ਭਾਈ ਕਲਜੁਗ ਵਿਚ ਹੋਵੇਗਾ ਜ.ਟ ਨਾਨਕ ਤਪਾ ਸਚਖੰਡ ਜਾਵੇਗਾ ਤਾਂ ਇਸ ਤੋਂ ਪਿਛੇ ਸਉ ਵਰ੍ਹੇ ਹੋਸੀ ਅਤੇ ਏਹਨਾਂ ਤੇਹਾਂ ਤੋਂ ਬਗੈਰ ਹੋਰ ਕੋਈ ਨਾ ਆਵਸੀ ਤਾਂ ਮਰਦਾਨੇ ਪੁਛਿਆ ਜੀ ਤਿੰਨ ਕੇਹੜੇ ਹੈਨ ਤਾਂ ਪ੍ਰਹਿਲਾਦ ਭਗਤ ਕਹਿਆ ਭਾਈ ਅਗੇ ਕਬੀਰ ਹੋਇਆ ਹੈ ਤੇ ਹੁਣ

କୃପାକରି ଦେଖନ୍ତୁ ଜନ୍ମ ସାଖୀ ଭାଇ ବାଲେ ବାଲାର ପଞ୍ଜାବୀ ଭାଷାର ଜେରକ୍ସ କପି ପୃଷ୍ଠା ନଂ. ୨୭୩ ରେ

ਸਾਖੀ ਇਕ ਪਹਾੜ ਦੀ ਚਲੀ (੨੭੩)

ਨਾਨਕ ਤਪਾ ਹੂਆ ਹੈ ਅਤੇ ਫੇਰ ਉਹ ਹੋਸੀ ਤਾਂ ਮਰਦਾਨੇ ਪੁਛਿਆ ਜੀ ਕਬੀਰ ਜੁਲਾਹਾ ਹੋਯਾ ਤੇ ਨਾਨਕ ਖਤਰੀ ਹੋਏ ਅਤੇ ਜੀ ਉਹ ਕਿਸ ਵਰਨ ਹੋਵੇਗਾ ਜੀ ਤੇ ਕਿਸ ਧਰਤੀ ਤੇ ਹੋਸੀ ਕੇਹੜੇ ਸ਼ਹਿਰ ਤਾਂ ਪ੍ਰਹਿਲਾਦ ਭਗਤ ਕਿਹਾ ਭਾਈ ਪੰਜਾਬ ਧਰਤੀ ਤੇ ਵਰਨ ਜਟ ਤੇ ਸ਼ਹਿਰ ਵਟਾਲੇ ਵਿਚ ਹੋਸੀਂ। ਤਾਂ ਮਰਦਾਨਾ ਸ੍ਰੀ ਗੁਰੂ ਜੀ ਦੇ ਚਰਨਾਂ ਤੇ ਢਹਿ ਪਿਆ ਗੁਰੂ

କୃପକରି ଦେଖନ୍ତୁ ପୁସ୍ତକ "ଭାଇ ବାଲେ ବାଲୀ ଶ୍ରୀ ଗୁରୂ ନାନକ ଦେବଜୀଙ୍କର ଜନ୍ମ ସାଖୀ" (ଭାଷା ହିନ୍ଦୀ)ର ଅଧ୍ୟାୟ "କାଗ ଭୁଶୁଂଡ଼ି କୀ ସାଖୀ" ର ପୃଷ୍ଠା ନଂ ୩୦୬-୩୦୭ ଫଟୋକପୀ :-

जन्म साखी ( ३०५ ) भाई बाले वाली

तब भक्त प्रहलाद ने कहा–हे नानक देव ! आप को इस कलियुग में बड़ा भक्त बनाया है। आप की ही संगति से अनेको प्राणियों का भला होगा। और आप का अनंत प्रताप होगा। तब मरदाने ने कहा–हे प्रहलाद जी ! आप भी तो परम भक्त हैं तथा भगवान ने आप के लिये ही अवतार धारन किया था। प्रहलाद जी ने कहा–हे भाई मरदाना ! इस स्थान पर या तो कबीर पहुंचा है, और या यह गुरु नानक आया है। यहां आना कोई सुगम कार्य नहीं है। एक और महा पुरुष होगा जो पहुंच सकेगा। मरदाने ने कहा–हे भक्त वर ! वह पुरुष कौन और कब होगा। प्रहलाद ने उत्तर दिया, कि जब गुरू नानक देव यहां आयेंगे तो इन के सौ वर्ष पश्चात आयेगा। अर्थात यहां केवल तीन आदमी ही आने हैं। एक तो भक्त कबीर और दूसरे श्री गुरू नानक देव जी इन के पश्चात वह तीसरा आयेगा। तब मर्दाने ने कहा हे प्रहलाद जी ! कबीर तो जुलाहा था, और नानक देव–क्षत्री है। परंतु वह तीसरा किस जाती का होगा, उत्तर में प्रहलाद जी ने कहा–हे मर्दाना ! पंजाब की धरती और वर्ण उस का जाट होगा। तथा नगर बटाला में होगा। उस समय मर्दाना गुरू जी के चर्णों

ପ୍ରଶ୍ନ :- ଜଣେ ସଂସ୍କୃତ ବିଦ୍ୱାନ ଶାସ୍ତ୍ରୀ କହିଲେ, ଆପଣଙ୍କ ଗୁରୁ ସନ୍ଥ ରାମପାଲଜୀ ମହାରାଜ ସଂସ୍କୃତ ପଢ଼ି ନାହାଁନ୍ତି । ଆପଣ କହୁଛନ୍ତି ଯେ ସେ ଶ୍ରୀମଦ୍‌ଭଗବତ୍ ଗୀତାର ଯଥାର୍ଥ ଅନୁବାଦ କରି ଭକ୍ତମାନଙ୍କୁ ବୁଝାନ୍ତି, ଏହା ଅସମ୍ଭବ।

ଉତ୍ତର :- ସନ୍ଥ ରାମପାଲ ଦାସଜୀ ମହାରାଜଙ୍କ ଭକ୍ତ ଉତ୍ତର ଦେଇ କହିଲେ, ଶାସ୍ତ୍ରୀଜୀ! ସେ ପରମେଶ୍ୱରଙ୍କର ଅବତାର ଅଟନ୍ତି। ଭାଷା ଜ୍ଞାନ ନଥାଇ ମଧ୍ୟ ସେ ଯଥାର୍ଥ ଅନୁବାଦ କରିଦିଅନ୍ତି। କାରଣ ପରମେଶ୍ୱର ସର୍ବଜ୍ଞ ଅଟନ୍ତି। ତାଙ୍କ ପ୍ରେରିତ ଅବତାର ମଧ୍ୟ ସେହି ଗୁଣଯୁକ୍ତ ହୋଇଥାନ୍ତି । ସେହି ଅବତାର ସନ୍ଥ ରାମପାଲ ଦାସଜୀ ମହାରାଜଜୀ ଅଟନ୍ତି । ଆପଣ କେବଳ ସମସ୍ତ ବେଦ ଓ ଗୀତାର ଅନୁବାଦରେ ଆଚମ୍ବିତ ହେଉଛନ୍ତି କିନ୍ତୁ ସନ୍ଥ ରାମପାଲ ଦାସଜୀ ମହାରାଜ ବାଇବେଲ ଓ କୁରାନ୍‌ର ଯଥାର୍ଥ ଅନୁବାଦ ମଧ୍ୟ କରିଛନ୍ତି । ଯେଉଁ ରହସ୍ୟକୁ ଇସାଇ ଧର୍ମର ଫାଦର ବା ପାଦ୍ରି ତଥା ମୁସଲମାନ ଧର୍ମର ମୁଲ୍ଲା-କାଜୀମାନେ ମଧ୍ୟ ବୁଝି ପାରିନାହାଁନ୍ତି।

❑❑❑

"ଭକ୍ତି ମର୍ଯ୍ୟାଦା"

"ଜୀବ ହମାରୀ ଜାତି ହୈ, ମାନବ ଧର୍ମ ହମାରା ।
ହିନ୍ଦୁ ମୁସଲିମ ଶିଖ ଇସାଇ, ଧର୍ମ ନହୀଁ କୋଇ ନ୍ୟାରା ॥"

ପ୍ରିୟ ଭକ୍ତଗଣ !

ଆଜକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ କୌଣସି ଧର୍ମ ବା ସମ୍ପ୍ରଦାୟ ନ ଥିଲା । ନା ହିନ୍ଦୁ, ନା ମୁସଲିମ, ନା ଶିଖ, ନା ଈଶାଇ ଥିଲେ । କେବଳ ଗୋଟିଏ ମାନବ ଧର୍ମ ହିଁ ଥିଲା । ସମସ୍ତଙ୍କର ସେହି ଏକ ମାନବ ଧର୍ମ ଥିଲା ଏବଂ ରହିଛି କିନ୍ତୁ କଳିଯୁଗର ପ୍ରଭାବ ଯେତେ ବଢି ବଢି ଚାଲିଲା, ଆମ୍ଭମାନଙ୍କ ମଧ୍ୟରେ ମତଭେଦ ସେତେ ସେତେ ବଢ଼ି ଚାଲିଲା । ଏହାର ଏକମାତ୍ର କାରଣ ହେଉଛି ଯେ ଧାର୍ମିକ କୁଳଗୁରୁମାନଙ୍କ ଦ୍ୱାରା ଶାସ୍ତ୍ରଲିଖିତ ସତ୍ୟତାକୁ ଲୁଚାଇ ଦିଆଗଲା । ଏହାର କାରଣ ବ୍ୟକ୍ତିଗତ ସ୍ୱାର୍ଥ ହେଉ କିମ୍ବା ବାହ୍ୟ ଆଡମ୍ବର ହେଉ, ଯାହାର ପରିଣାମ ସ୍ୱରୂପ ସେହି ଏକ ମାନବ ଧର୍ମରୁ ଆଜି ଚାରି ଧର୍ମ ଓ ଅନେକ ସମ୍ପ୍ରଦାୟ ସୃଷ୍ଟି ହୋଇଛି । ଯେଉଁ କାରଣରୁ ଆମ୍ଭମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବା ସ୍ୱାଭାବିକ । ସମସ୍ତଙ୍କର ପ୍ରଭୁ/ଭଗବାନ/ରାମ/ଆଲ୍ଲା/ରବ୍/ଗଡ୍/ଖୁଦା/ପରମେଶ୍ୱର ଏକ ହିଁ ଅଟନ୍ତି । ଏହି ସମସ୍ତ ଶବ୍ଦ ଭିନ୍ନ ଭିନ୍ନ ପର୍ଯ୍ୟାୟବାଚୀ ଭାଷା ଅଟେ । ଯଦିଓ ସମସ୍ତେ ଏହା ସ୍ୱୀକାର କରିଥାନ୍ତି ଯେ ଆମ୍ଭ ସମସ୍ତଙ୍କର ପ୍ରଭୁ ଜଣେ ଅଟନ୍ତି । ପୁଣି ଆଜି ଭିନ୍ନ ଭିନ୍ନ ଧର୍ମ ଓ ସମ୍ପ୍ରଦାୟ କାହିଁକି ?

ଏହା ନିରାଟ ସତ୍ୟ ଯେ ସମସ୍ତଙ୍କର ମାଲିକ/ରବ୍/ଖୁଦା/ଆଲ୍ଲା/ଗଡ୍ /ରାମ/ପରମେଶ୍ୱର ଏକ ଅଟନ୍ତି ଯାହାଙ୍କର ବାସ୍ତବିକ ନାମ କବୀର ଅଟେ । ସେ ନିଜ ସତ୍ୟଲୋକ/ସତଧାମ/ସଚ୍ଚଖଣ୍ଡରେ ମାନବ ସଦୃଶ ସାକାର ସ୍ୱରୂପରେ ବିରାଜମାନ କିନ୍ତୁ ଆଜି ହିନ୍ଦୁ କହନ୍ତ ଯେ ଆମ୍ଭ ରାମ ବଡ, ମୁସଲିମ କହନ୍ତି ଆମ୍ଭ ଆଲ୍ଲା ବଡ, ଈଶାଇ କହନ୍ତି ଆମ୍ଭ ଈଶାମସୀହ ବଡ ଏବଂ ଶିଖମାନେ କହନ୍ତି ଯେ ଆମ୍ଭ ଗୁରୁ ନାନକ ସାହେବଜୀ ବଡ଼ । ଯେପରି ଚାରି ଜଣ ଅଜ୍ଞାନୀ ପିଲାଙ୍କ ମଧ୍ୟରୁ ପ୍ରଥମ ପିଲା କହିଥାଏ ଯେ ଇଏ ମୋ ବାପା, ଦ୍ୱିତୀୟ ଜଣଙ୍କ କହିଥାଏ ଇଏ ତୋ ବାପା ନୁହେଁ ମୋ ବାପା, ତୃତୀୟ ଜଣକ କହିଥାଏ ଯେ ଇଏ ହେଉଛନ୍ତି ମୋ ପିତା ଯିଏ ସବୁଠୁ ବଡ ଏବଂ ଚତୁର୍ଥ ଜଣକ କହିଥାଏ ଆରେ ବୋକା ଇଏ ତୁମମାନଙ୍କର ନୁହେଁ ଇଏ ହେଉଛନ୍ତି ମୋ ଡାଡି କିନ୍ତୁ ବାସ୍ତବରେ ସେହି ଚାରିଜଣଙ୍କର ପିତା ଜଣେ ଅଟନ୍ତି । ଏହି ଅଜ୍ଞାନୀ ପିଲାମାନଙ୍କ ଭଳି ଆଜି ଏହି ମାନବ ସମାଜ ଲଢେଇରେ ବ୍ୟସ୍ତ ।

"କୋଇ କହେ ହମାରା ରାମ ବଡା ହେ, କୋଇ କହେ ଖୁଦାଇ ରେ ।
କୋଇ କହେ ହମାରା ଇସାମସୀହ ବଡା, ୟେ ବାଟା ରହେ ଲଗାଇ ରେ ॥"

ବାସ୍ତବରେ ଆମ୍ଭ ସମସ୍ତ ଧର୍ମଗ୍ରନ୍ଥ ଓ ଶାସ୍ତ୍ରରେ ସେହି ଜଣେ ପ୍ରଭୁ/ମାଲିକ/ରବ୍/ଖୁଦା/ଆଲ୍ଲା/ରାମ/ସାହେବ/ଗଡ୍/ପରମେଶ୍ୱରଙ୍କର ନାମ ଉଲ୍ଲେଖ ଅଛି ତଥା ସେଥିରେ ତାଙ୍କର ମହିମା ଗାନ କରାଯାଇଛି । ସେହି ଏକ ମାଲିକ/ପ୍ରଭୁ କବୀର ସାହେବ ହିଁ ଅଟନ୍ତି ଯିଏ ସତ୍ୟଲୋକରେ ମାନବ ସଦୃଶ ସାକାର ରୂପରେ ବିରାଜମାନ ।

ବେଦ, ଗୀତା, କୁରାନ୍ ଓ ଗୁରୁଗ୍ରନ୍ଥ ସାହେବ ଆଦି ଧର୍ମଗ୍ରନ୍ଥ ପ୍ରାୟ ଏକାପରି । ଯଜୁର୍ବେଦ ଅଧ୍ୟାୟ ୫ ର ଶ୍ଳୋକ ନଂ ୩୨ ରେ, ସାମବେଦର ସଂଖ୍ୟା ନଂ ୧୪୦୦, ୮୨୨ ରେ, ଅଥର୍ବ ବେଦର କାଣ୍ଡ ନଂ ୪ ଅନୁବାକ ୧ ଶ୍ଳୋକ ନଂ ୭ ରେ, ଋଗବେଦ ମଣ୍ଡଳ ୧ ଅଧ୍ୟାୟ ୧ ର ସୂକ୍ତ ୧୧ ର ଶ୍ଳୋକ ନଂ ୪ ରେ କବୀର ନାମ ଲେଖାଯାଇ କୁହାଯାଇଛି ଯେ ପୂର୍ଣ୍ଣବ୍ରହ୍ମ କବୀର ଅଟନ୍ତି ଯିଏ ସତ୍ୟଲୋକରେ ସାକାର ରୂପରେ ବିରାଜମାନ । ଗୀତା ଚାରିବେଦର ସଂକ୍ଷିପ୍ତ ସାରାଂଶ ଅଟେ । ଗୀତା ମଧ୍ୟ ସେହି ସତ୍ୟପୁରୁଷ ପୂର୍ଣ୍ଣବ୍ରହ୍ମ କବୀରଙ୍କ ପ୍ରତି ଇଙ୍ଗିତ କରୁଛି । ଗୀତା ଅଧ୍ୟାୟ ୧୫, ଶ୍ଳୋକ ନଂ ୧୬-୧୭, ଅଧ୍ୟାୟ ୧୮, ଶ୍ଳୋକ ନଂ ୪୬, ଅଧ୍ୟାୟ ୮, ଶ୍ଳୋକ ନଂ ୮-୧୦ ଓ ୨୨ ରେ, ଅଧ୍ୟାୟ ୧୫, ଶ୍ଳୋକ ନଂ ୧, ୨, ୪ ରେ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୨୪ ଓ ପୃଷ୍ଠା ନଂ ୭୨୧ ରେ ନାମ ଉଲ୍ଲେଖ କରାଯାଇ କବୀର ସାହେବଙ୍କ ମହିମା ଗାନ କରାଯାଇଛି । ଏହି ପ୍ରକାରେ କୁରାନ୍ ଓ ବାଇବେଲକୁ ଏକ ଶାସ୍ତ୍ର ବୋଲି ଭାବନ୍ତୁ । କାରଣ ଏହି ଦୁଇ ଶାସ୍ତ୍ରରେ ସେହି ଏକ ସନ୍ଦେଶ ଦିଆଯାଇଛି ଯେ ସେହି କବୀର ଆଲ୍ଲାଙ୍କ ମହିମା

ଗାନ କରନ୍ତୁ ଯାହାଙ୍କ ଶକ୍ତି ବଳରେ ସମଗ୍ର ସୃଷ୍ଟି ଚଳାୟମାନ । କୁରାନ ଶରୀଫର ସୁରତ ଫୁରକାନି ନଂ ୨୫ ଆୟତ ନଂ ୫୨-୫୯ ରେ କବୀରନ୍, ଖବିରା, କବୀରୁ ଆଦି ଶବ୍ଦ ଲେଖାଯାଇ ସେହି ଏକ କବୀର ଆଲ୍ଲାଙ୍କ ପାକି ବ୍ୟାନ୍ (ପବିତ୍ର ବ୍ୟାଖ୍ୟା) କରାଯାଇଛି ଯେ ହେ, ପୈଗମ୍ବର (ମୁହମ୍ମଦ) ! ସେହି କବୀର ଅଲ୍ଲାଙ୍କର ପବିତ୍ର ବ୍ୟାଖ୍ୟା କର ଯିଏ ଛଅ ଦିନରେ ନିଜ ଶକ୍ତିରେ ଏହି ସୃଷ୍ଟି ରଚନା କରି ସପ୍ତମ ଦିନରେ ତଖତ ଅର୍ଥାତ୍ ସିଂହାସନ ଉପରେ ବିରାଜମାନ ହେଲେ ଅର୍ଥାତ୍ ସତ୍ୟଲୋକରେ ବିଶ୍ରାମ କଲେ । ସେହି ଅଲ୍ଲା (ପ୍ରଭୁ) କବୀର ଅଟନ୍ତି । ଏହାର ପ୍ରମାଣ ବାଇବେଲର ଆରମ୍ଭରେ ଥିବା ଉତ୍ପତ୍ତି ଗ୍ରନ୍ଥର ସୃଷ୍ଟି କ୍ରମରେ ସାତଦିନର ରଚନା ୧:୨୦-୨:୫ ରେ ଅଛି ।

ସର୍ବ ସନ୍ଥ ଓ ଗ୍ରନ୍ଥର ସାରାଂଶ ଏହା ଯେ ସେ ହେଉଛନ୍ତି ପୂର୍ଣ୍ଣଗୁରୁ ଯାହାଙ୍କ ପାଖରେ ତିନିନାମ ଓ ନାମଦୀକ୍ଷା ଦେବାର ଅଧିକାର ଥିବ । ତାଙ୍କଠାରୁ ନାମ ଉପଦେଶ ନେଇ ଜୀବକୁ ଜନ୍ମ-ମୃତ୍ୟୁ ରୂପକ ବ୍ୟାଧିରୁ ମୁକ୍ତ ହେବା ଉଚିତ୍ । କାରଣ ଆମ୍ଭର ଉଦ୍ଦେଶ୍ୟ ହେଉଛି ଆପଣମାନଙ୍କୁ କାଳ କାରାଗାରରୁ ମୁକ୍ତ କରି ମୂଳ ମାଲିକ କବିର୍ଦେବ (କବୀର ସାହେବ)ଙ୍କ ସତ୍ୟଲୋକ ପ୍ରାପ୍ତ କରାଇବା । କବୀର ଦେବ ନିଜ ବାଣୀରେ କହିଛନ୍ତି ଯେ ଗୋଟିଏ ଜୀବକୁ କାଳ ସାଧନାରୁ ମୁକ୍ତ କରି ପୂର୍ଣ୍ଣଗୁରୁଙ୍କଠାରୁ ଉପଦେଶ ପ୍ରାପ୍ତ କରାଇ ପାରିଲେ ଯେତେ ପୂଣ୍ୟ ହେବ, ତାହା ଏକ କୋଟି ଗାଈ ଓ ଛେଳି ଆଦି ପ୍ରାଣୀଙ୍କୁ କଂସାଇ କବଳରୁ ମୁକ୍ତ କରିବାର ପୂଣ୍ୟ ସହିତ ସମାନ । ଏହି ଅବୋଧ ମାନବ ଶରୀରଧାରୀ ପ୍ରାଣୀ, ଅଜ୍ଞାନୀ ଗୁରୁମାନଙ୍କ ଦ୍ୱାରା ଦିଆଯାଉଥିବା ଶାସ୍ତ୍ରବିରୁଦ୍ଧ ସାଧନାର ବଶବର୍ତ୍ତୀ ହୋଇ କାଳଜାଲରେ ଫସି ଜଣାନାହିଁ କେତେ ଦୁଃଖଦାୟୀ ଚୌରାଶୀ ଲକ୍ଷ ଯୋନିର କଷ୍ଟକୁ ସହ୍ୟ କରି ଚାଲିଛି । ଯେତେବେଳେ ଏହି ଜୀବାତ୍ମା ପୂର୍ଣ୍ଣଗୁରୁଙ୍କ ମାଧ୍ୟମରେ କବିର୍ଦେବ(କବୀର ସାହେବ)ଙ୍କ ଶରଣାପନ୍ନ ହୋଇ ନାମ ସହିତ ଯୋଡି ହୋଇଯିବ ସେତେବେଳେ ତାହାର ଜନ୍ମ-ମୃତ୍ୟୁ ରୂପି କଷ୍ଟ ସଦାସର୍ବଦା ପାଇଁ ସମାପ୍ତ ହୋଇଯିବା ସହିତ ସତ୍ୟଲୋକର ବାସ୍ତବିକ ପରମ ଶାନ୍ତିକୁ ପ୍ରାପ୍ତ କରିଥାଏ ।

ବର୍ତ୍ତମାନ ପ୍ରଶ୍ନ ଆସୁଛି ଯେ ଆଜିକାଲିର ଗୁରୁମାନେ ଅଧିକରୁ ଅଧିକ ଶିଷ୍ୟ ଗ୍ରହଣ କରି ନିଜ ଯୋଗ୍ୟତାର ପ୍ରମାଣ ଦେଖାଉଛନ୍ତି ଅର୍ଥାତ୍ ଯେକୌଣସି ବ୍ୟକ୍ତି ଦୁଇ-ଚାରିପଦ କଥା ଶିଖି ଗୁରୁ ହୋଇ କହୁଛନ୍ତି ଯେ ଚାଲ ମୁଁ ମଧ୍ୟ ନାମଦୀକ୍ଷା ଦେଇ ଦେବି । ଏହିଭଳି କଥା କହି ସେମାନେ ନିରୀହ ସରଳ ଆତ୍ମାମାନଙ୍କୁ କାଳଜାଲରେ ଫସାଇ ଦେଉଛନ୍ତି । ଶାସ୍ତ୍ରବିରୁଦ୍ଧ ନାମଦୀକ୍ଷା ନେଉଥିବା ଶିଷ୍ୟ ଓ ଦୀକ୍ଷା ଦେଉଥିବା ଗୁରୁ ଉଭୟେ ନିଶ୍ଚିତ ନର୍କଗାମୀ ହେବେ ଏବଂ ଉଭୟଙ୍କୁ ନର୍କରେ ଓଲଟା ଝୁଲାଇ ଦିଆଯିବ । ଏହି କଥା ଶାସ୍ତ୍ର (ଗୀତା, ବେଦ ଓ ସର୍ବଗ୍ରନ୍ଥ)ରେ ପ୍ରମାଣ ଅଛି । ଏହି କଥାକୁ ପ୍ରମାଣିତ କରିବା ପାଇଁ ଗୋଟିଏ ସଂକ୍ଷିପ୍ତ କଥା ନିମ୍ନରେ ଦିଆଗଲା ।

ଏକଦା ସମସ୍ତେ ଜାଣିବାକୁ ପାଇଲେ ଯେ ରାଜା ପରୀକ୍ଷିତଙ୍କୁ ସପ୍ତମ ଦିନରେ ସର୍ପ ଦଂଶନ କରିବ ଏବଂ ତାଙ୍କର ମୃତ୍ୟୁ ନିଶ୍ଚୟ ହେବ । ଏହି କଥା ଜଣାପଡିବା ପରେ ସମସ୍ତେ ଚିନ୍ତାକଲେ ଯେ କିପରି ସାତଦିନ ପର୍ଯ୍ୟନ୍ତ ରାଜା ପରୀକ୍ଷିତଙ୍କୁ ଭାଗବତ କଥା ଶୁଣାଯିବ, ଯାହାଫଳରେ ତାଙ୍କର ମୋହ ଏଠାରୁ ହଟିଯାଇ ପ୍ରଭୁ ଚିନ୍ତନରେ ମନ ଲାଗିପାରିବ । କାରଣ ମୃତ୍ୟୁ ସମୟରେ ମନ ମଧ୍ୟରେ ଯେଉଁ ଭାବନା ରହିଥାଏ, ସେ ତାହାକୁ ହିଁ ପ୍ରାପ୍ତ ହୋଇଥାଏ । ସମସ୍ତେ କହିଲେ ଏହା ଅତି ଉତ୍ତମ କଥା । କିନ୍ତୁ ଭାଗବତ କଥା ଶୁଣାଇବେ କିଏ ? ଏହି ପ୍ରଶ୍ନର ଉତ୍ତର କାହା ପାଖରେ ନ ଥିଲା । ସେଠାରେ ଉପସ୍ଥିତ ସମସ୍ତ ମହର୍ଷି ତଥା ଶ୍ରୀମଦ ଭାଗବତ ସୁଧାସାଗରର ରଚୟିତା ସ୍ୱୟଂ ମହର୍ଷି ବେଦବ୍ୟାସ ମଧ୍ୟ ଭାଗବତ କଥା ଶୁଣାଇବା ପାଇଁ ନିଜକୁ ଯୋଗ୍ୟ ମନେ କଲେ ନାହିଁ । କାରଣ ସମସ୍ତଙ୍କୁ ଜଣାଥିଲା ଯେ ସେମାନଙ୍କର ଏହି ସାମର୍ଥ୍ୟ ନାହିଁ । ସେଥିପାଇଁ ସେମାନେ ଏକ ଜୀବର ଜୀବନକୁ ନଷ୍ଟ କରି ପାପରେ ଭାଗୀ ହେବେ କାହିଁକି ? କାରଣ ସପ୍ତମ ଦିନରେ ପରିଣାମ ଆସିବାର ଥିଲା । ଏଥିପାଇଁ ସାତଦିନ ପର୍ଯ୍ୟନ୍ତ କଥା ଶୁଣାଇବା ପାଇଁ କାହାର ସାହସ ନ ଥିଲା । ସମସ୍ତଙ୍କୁ ନିଜ ସାମର୍ଥ୍ୟ ବିଷୟରେ ଜଣାଥିଲା । ତା'ପରେ ସ୍ୱର୍ଗରୁ ଶୁକଦେବଙ୍କୁ କଥା ଶୁଣାଇବା ପାଇଁ ଆମନ୍ତ୍ରିତ କରାଯିବା ପରେ ରାଜା ପରୀକ୍ଷିତଙ୍କର ମୋହ ଇହଜଗତରୁ ହଟିଯାଇ ସ୍ୱର୍ଗ ପ୍ରାପ୍ତି ହେଲା । କିନ୍ତୁ ସ୍ୱର୍ଗରେ ସୁଖ ଭୋଗକରି ପୁଣି ନର୍କ ଓ ଚୌରାଶୀ ଲକ୍ଷ ଯୋନିରେ ଘୁରିବୁଲିବେ । ଏହା ହେଉଛି ଏଠାକାର ହାର୍ଡ ଏଣ୍ଡ ଫାଷ୍ଟ୍ ରୁଲ ଅର୍ଥାତ୍

ଅଟଳ ନିୟମ । ଏହି ଉପଲବ୍ଧି ବି ତିନିଲୋକର ପୂର୍ଣ୍ଣଗୁରୁ ବିନା ପ୍ରାପ୍ତି ହୋଇପାରିବ ନାହିଁ ।

ଠିକ୍ ଏହି ପ୍ରକାରେ କୌଣସି ସ୍ଥାନକୁ ପ୍ରଧାନମନ୍ତ୍ରୀ ଆସିବାର ଥିଲେ ଦୁଇ ତିନିଜଣ ଭଲ ବକ୍ତା/ଗାୟକ ଓ ତବ୍‌ଲା-ବେଞ୍ଜୁବାଦକ ପ୍ରଥମେ ସେଠାରେ ଉପସ୍ଥିତ ହୋଇଥାନ୍ତି । ଯେଉଁମାନେ ସୁମଧୁର ଗୀତଗାଇ, ମିଠା କଥା କହି ଦର୍ଶକମାନଙ୍କୁ ପ୍ରଭାବିତ କରିଥାନ୍ତି । କିନ୍ତୁ ସେମାନେ ଦର୍ଶକମାନଙ୍କୁ ଯେଉଁ କଥା କହିଥାନ୍ତି ସେଥିରୁ ଗୋଟିଏ ବି କାର୍ଯ୍ୟ କରିବା ପାଇଁ ସେମାନେ ସକ୍ଷମ ନୁହଁନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ କମ ଶବ୍ଦ ବ୍ୟବହାର କରି କୁହନ୍ତି ଯେ ଆଗ୍ରାରେ ଇଣ୍ଟରନ୍ୟାସନାଲ୍ କଲେଜ (ବିଶ୍ୱବିଦ୍ୟାଳୟ) ସ୍ଥାପନ ହେବ, ଚଣ୍ଡୀଗଡରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ଇତ୍ୟାଦି । କେବଳ ଏତିକି କଥା କହି ପି.ଏମ୍. ସାହେବ ଚାଲିଯାଆନ୍ତି । ସେ ଏହି କଥା କହିବା ମାତ୍ରେ ହିଁ ପରଦିନ କାର୍ଯ୍ୟ ଆରମ୍ଭ ହୋଇଯାଏ । କାରଣ ତାଙ୍କ ବଚନରେ ହିଁ ଶକ୍ତି ଥାଏ । କିନ୍ତୁ ଏହି କଥା ଯଦି ଆପଣ ଅଥବା ମୋ ଭଳି ସାଧାରଣ ବ୍ୟକ୍ତି କହିବା ତେବେ ଏହା ଆମ୍ଭର ବହୁତ ବଡ ମୁର୍ଖାମୀ ହେବ, କାରଣ ଆମ୍ଭ ବଚନରେ ସେହି ଶକ୍ତି ନାହିଁ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ଅତି ସାଧାରଣ କଥା । ଏହି ତଥ୍ୟକୁ ପ୍ରମାଣିତ କରିବା ପାଇଁ କିଛି ନିମ୍ନଲିଖିତ ବାଣୀ ପଢନ୍ତୁ ଏବଂ ଗଭୀରତାର ସହିତ ବିଚାର କରି ଅତିଶୀଘ୍ର ଗୁରୁମନ୍ତ୍ର ପ୍ରାପ୍ତ କରନ୍ତୁ ।

କବୀର, ପଣ୍ଡିତ ଔର ମଶାଲଚୀ, ଦୋନୋଁ ସୂଝେଁ ନାହିଁ । ଔରୋଁନେ କରେଁ ଚାଁନ୍ଦନା, ଆପ ଅନ୍ଧେରେ ମାହିଁ ॥
କବୀର, କରଣୀ ତଜ କଥନୀ କଥୈଁ, ଅଜ୍ଞାନୀ ଦିନ ରାତ । କୁକର ଜ୍ୟୋଁ ଭୌଁକତ ଫିରେଁ, ସୁନୀ ସୁନାଇ ବାତ ॥
ଗରୀବ, ବୀଜକ କୀ ବାତାଁ କହେଁ, ବୀଜକ ନାହିଁ ହାଥ । ପୃଥ୍ୱୀ ଡୋବନ ଉତରେ, କହେ-କହେ ମୀଠୀ ବାତ ॥
ଗରୀବ, ବୀଜକ କୀ ବାତାଁ କହେଁ, ବୀଜକ ନାହିଁ ପାସ । ଔରୋଁ କୋ ପ୍ରମୋଧ ହୀଁ, ଆପନ ଚଲେ ନିରାଶ ॥
ଗରୀବ, କଥନୀ କେ ଶୂରେ ଘନେ, କଥୈଁ ଅଟମ୍ବର ଜ୍ଞାନ । ବାହର ଜ୍ୱାବ ଆବୈ ନହୀଁ, ଲୀଦ କରେଁ ମୈଦାନ ॥

ପ୍ରବଚନ ଦେବା ଓ ନାମଦୀକ୍ଷା ଦେବା କୌଣସି ପିଲାଖେଳ ନୁହେଁ । ଯେପରି କାଖରେ ପୋଥି ଯାକି ଯଦି କେହି କୁହେ ଯେ ଚାଲ ମୁଁ ମଧ୍ୟ ପ୍ରବଚନ ଦେବି, ମୁଁ ମଧ୍ୟ ରାମାୟଣ ପାଠ କରିଦେବି, ଗୀତା ପାଠ କରିଦେବି, ଗ୍ରନ୍ଥ ସାହେବ ପାଠ କରିଦେବି ଅର୍ଥାତ୍ ସତସଙ୍ଗ କରିଦେବି ଏବଂ ନାମଦୀକ୍ଷା ମଧ୍ୟ ଦେଇଦେବି । କିନ୍ତୁ ପ୍ରବଚନ ଓ ନାମଦୀକ୍ଷା ଦେବାର ଅଧିକାର କେବଳ ପୂର୍ଣ୍ଣସନ୍ଥଙ୍କର ଥାଏ ଏବଂ ତାହାର ସମାଧାନ କେବଳ ସେ ହିଁ କରିପାରନ୍ତି । କାରଣ ପୂର୍ଣ୍ଣସନ୍ଥଙ୍କ ବଚନରେ ହିଁ ଶକ୍ତି ଥାଏ ଯେପରି ଶୁକଦେବଙ୍କ ଶବ୍ଦରେ ଥିଲା । ଯଦି କେହି ସତସଙ୍ଗରେ ଆମ୍ବର ମହିମା ଗାନ କରି କହିବ ଯେ ଆମ୍ବ ବହୁତ ମିଠା, ଫଳ ମଧ୍ୟରେ ରାଜା, ତାର ରଙ୍ଗ ହଳଦିଆ ଇତ୍ୟାଦି । କିନ୍ତୁ କେହି ଯଦି ତାଙ୍କ ପାଖକୁ ଆସି କୁହେ ଯେ ଭାଇ, ମୋତେ ଆମ୍ବ ଦିଅ । ସେହି ପରିସ୍ଥିତିରେ ସତସଙ୍ଗ କରୁଥିବା ବ୍ୟକ୍ତି ଯଦି କହିବେ ମୋ ପାଖରେ ତ ଆମ୍ବ ନାହିଁ । ପୁଣି ମାଗିବା ବ୍ୟକ୍ତି ପ୍ରଶ୍ନ କରିବ ଯେ କେଉଁଠି ମିଳିବ ? ତାକୁ ଜବାବ ମିଳିଲା ଯେ ମୋତେ ଜଣା ନାହିଁ, ଆମ୍ବ ତ ନିରାକାର । ଆମ୍ବକୁ ଦେଖିବା କ'ଣ ସମ୍ଭବ ? ପୁଣି ମାଗିବା ବ୍ୟକ୍ତି କହୁଛି, ଆରେ ଅଜ୍ଞାନୀ ! ତୋ ପାଖରେ ଯଦି ଆମ୍ବ ନାହିଁ ଏବଂ ଆମ୍ବ କେଉଁଠି ମିଳେ ତାହା ମଧ୍ୟ ତୋତେ ଜଣା ନାହିଁ, ପୁଣି କହୁଛୁ ଯେ ଆମ୍ବ ନିରାକାର ! ଅଯଥାରେ କାହିଁକି ବକ୍ ବକ୍ କରୁଛୁ ? କହିବାର ଅଭିପ୍ରାୟ ଏହା ଯେ ତତ୍ତ୍ୱଜ୍ଞାନହୀନ ଅନଧିକାରୀ ବ୍ୟକ୍ତି ଯଦି ପ୍ରବଚନ ଦିଅନ୍ତି ତେବେ ପ୍ରବଚନ ଦେବା ବ୍ୟକ୍ତି ଓ ଶ୍ରବଣ କରିବା ବ୍ୟକ୍ତି ଉଭୟେ ନର୍କଗାମୀ ହେବେ ।

ଯଦି କୌଣସି ବ୍ୟକ୍ତି ନିଜକୁ ଗୁରୁ ଘୋଷଣା କରି ଶିଷ୍ୟ ଗ୍ରହଣ କରନ୍ତି ତେବେ ସେ ଘୋର ଅପରାଧକୁ ଆମନ୍ତ୍ରଣ କରୁଛନ୍ତି ବୋଲି ବୁଝାଯିବ । କାରଣ ପରମେଶ୍ୱରଙ୍କ ନିୟମାନୁସାରେ ଯେପର୍ଯ୍ୟନ୍ତ ଶିଷ୍ୟର ମୁକ୍ତି ହୋଇ ନାହିଁ ସେପର୍ଯ୍ୟନ୍ତ ଗୁରୁଙ୍କୁ ମଧ୍ୟ ବାରମ୍ବାର ଜନ୍ମ ନେବାକୁ ପଡିବ । ଯେଉଁ ଶିଷ୍ୟମାନେ ଦୃଢ ନୁହଁନ୍ତି ସେମାନଙ୍କଠାରୁ ଦୁରେଇ ରହିବା ପାଇଁ ଗୁରୁ ବେଳେବେଳେ ଲୀଳା କରିଥାନ୍ତି ଯାହାଫଳରେ ଅଜ୍ଞାନୀ ଶିଷ୍ୟମାନଙ୍କର ଗୁରୁଙ୍କ ପ୍ରତି ଘୃଣା ଭାବ ଆସିଥାଏ । କବୀର ସାହେବ କାଶୀରେ ପ୍ରକଟ ହୋଇଥିବା ସମୟରେ ତାଙ୍କର ଚଉଷଠି ଲକ୍ଷ ଶିଷ୍ୟ ହୋଇଥିଲେ । ସେମାନଙ୍କର ପରୀକ୍ଷା ନେବା ପାଇଁ କବୀର ସାହେବ କାଶୀ ସହରର ଜଣେ ପ୍ରସିଦ୍ଧ ବେଶ୍ୟାକୁ ସତସଙ୍ଗ ଜ୍ଞାନ ବୁଝାଇବା ଉଦ୍ଦେଶ୍ୟରେ ତା ଘରକୁ ଯିବା ଆସିବା ଆରମ୍ଭ କଲେ । ଏହା ଦେଖି ଶିଷ୍ୟମାନଙ୍କ ମନରେ ଗୁରୁଙ୍କ ପ୍ରତି ଘୃଣାଭାବ

ଜାତ ହେଲା ଏବଂ ଗୁରୁଙ୍କ ଉପରୁ ସେମାନଙ୍କର ବିଶ୍ୱାସ ମଧ୍ୟ ତୁଟିଗଲା । କେବଳ ଦୁଇଜଣ ଶିଷ୍ୟଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶିଷ୍ୟ ଗୁରୁବିହୀନ ହୋଇଗଲେ ।

ସଦଗୁରୁ ଗରୀବ ଦାସଜୀ ମହାରାଜଙ୍କ ବାଣୀରେ ଅଛି :-

ଗରୀବ, ଚଣ୍ଡାଲୀ କେ ଚୌଁକ ମେ, ସତଗୁରୁ ବୈଠେ ଜାୟ ।
ଚୌଷଠ ଲାକ୍ଷ ଗାରତ ଗୟେ, ଦୋ ରହେ ସତଗୁରୁ ପାୟ ॥
ଭଡଓ୍ୱା ଭଡଓ୍ୱା ସବ କହେଁ, ଜାନତ ନାହିଁ ଖୋଜ ।
ଦାସ ଗରୀବ କବୀର କରମ ସେ, ବାଣ୍ଟତ ସିରକା ବୋଝ ॥

ଆପଣଙ୍କୁ ଆମ୍ଭେ ଏହି ପ୍ରାର୍ଥନା କରିବାକୁ ଚାହୁଁଛୁ କି ଟିକେ ବୁଝି ବିଚାରି ସୌଦା କରନ୍ତୁ । ସାମ୍‌ବେଦର ଶ୍ଳୋକ ନଂ ୮୨୨ ରେ କୁହାଯାଇଛି ଯେ ଜୀବର ମୁକ୍ତି କେବଳ ତିନି ନାମ ଦ୍ୱାରା ହେବ । ପ୍ରଥମେ ଓଁ, ଦ୍ୱିତୀୟରେ ସତ୍‌ନାମ (ତତ୍) ଏବଂ ତୃତୀୟଟି ସାରନାମ (ସତ୍) । ଗୀତାରେ ମଧ୍ୟ ଏହି ପ୍ରମାଣ (ଓଁ -ତତ୍-ସତ୍) ଅଛି । ଶ୍ରୀ ଗୁରୁଗ୍ରନ୍ଥ ସାହେବରେ ମଧ୍ୟ ଏହି ସତ୍‌ନାମ ଜପ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । 'ସତ୍‌ନାମ-ସତ୍‌ନାମ' ଏହା କୌଣସି ଜପିବା ମନ୍ତ୍ର ନୁହେଁ । ଏହା ସେହି ନାମକୁ ନିର୍ଦ୍ଦେଶ କରୁଛି ଯାହା ପ୍ରକୃତରେ ସତ୍ୟନାମ ଅଟେ । ସାରନାମ ମଧ୍ୟ ଏହି ପ୍ରକାରର ଅଟେ । କେବଳ ଓଁ ମନ୍ତ୍ର ଯଥେଷ୍ଟ ନୁହେଁ । ଏହି ତିନି ନାମ ଏବଂ ନାମ ଦେବାର ଆଜ୍ଞା ମୋତେ ମୋ ଗୁରୁଦେବ ସ୍ୱାମୀ ରାମଦେବାନନ୍ଦଜୀ ମହାରାଜଙ୍କଠାରୁ ପ୍ରାପ୍ତ ହୋଇଛି, ଯାହା କବୀର ସାହେବଙ୍କଠାରୁ ପିଢି ପରେ ପିଢି, ଗୁରୁ ପରମ୍ପରା ଆଧାରରେ ଚାଲି ଆସୁଅଛି । ପ୍ରଥମେ ଆପଣ ସତ୍‌ସଙ୍ଗ ଶୁଣନ୍ତୁ, ସେବା କରନ୍ତୁ ଯାହା ଦ୍ୱାରା ଆପଣଙ୍କର ଭକ୍ତିରୂପୀ ଜମି ଉର୍ବର ହୋଇଯିବ ।

କବୀର, ମାନୁଷ ଜନ୍ମ ପାୟ କର,ନେହିଁ ରଟେଁ ହରିନାମ ।
ଜୈସେ କୁଆଁ ଜଲ ବିନା, ଖୁଦବାୟା କିସ କାମ ।
କବୀର, ଏକ ହରି କେ ନାମ ବିନା, ୟେ ରାଜା ଋଷଭ ହୋ ।
ମାଟୀ ଢୋବୈ କୁମ୍ଭାର କୀ, ଘାସ ନ ଡାଲେ କୋୟ ।

ତତ୍‌ପଶ୍ଚାତ ନିଜ ଉର୍ବର କ୍ଷେତରେ ବୀଜବପନ କରିବାକୁ ପଡିବ । କେବଳ ପବିତ୍ର ଶାସ୍ତ୍ର (କବୀର ସାହେବଙ୍କ ବାଣୀ, ବେଦ, ଗୀତା, ପୁରାଣ, କୁରାନ, ଧର୍ମଦାସ ସାହେବ ଆଦି ସନ୍ଥମାନଙ୍କ ବାଣୀ) ଅଧ୍ୟୟନରେ ମୁକ୍ତି ହୁଏନାହିଁ । ଶାସ୍ତ୍ରଗୁଡିକରେ ଥିବା ସାରାଂଶ ଏହା ଯେ ପୂର୍ଣ୍ଣମୁକ୍ତି ପାଇବା ପାଇଁ ପୂର୍ଣ୍ଣ ପରମାତ୍ମା କବୀର ସାହେବଙ୍କ ପ୍ରତିନିଧି ସନ୍ଥଙ୍କଠାରୁ (ଯେଉଁ ସନ୍ଥଙ୍କୁ ତାଙ୍କ ଗୁରୁଙ୍କଦ୍ୱାରା ନାମ ଦେବାପାଇଁ ଆଜ୍ଞା ମିଳିଛି) ନାମ ଉପଦେଶ ନେଇ ଆତ୍ମକଲ୍ୟାଣ କରିବା ଆବଶ୍ୟକ । ଯଦି ନାମ ନ ନେବେ ତେବେ -

ନାମ ବିନା ସୂନା ନଗର, ପଡୟା ସକଲ ମେଁ ଶୋର ।
ଲୂଟ ନ ଲୂଟୀ ବନ୍ଦଗୀ, ହୋ ଗୟା ହଂସା ଭୋର ।
ଅଦଲୀ ଆରତୀ ଅଦଲ ଅଜୂନୀ, ନାମ ବିନା ହୈ କାୟା ସୂନୀ ।
ଝୁଠୀ କାୟା ଖାଲ ଲୁହାରା, ଇଂଗଲା ପିଙ୍ଗଲା ସୁଷୁମନ ଦ୍ୱାରା ॥
କୃତଘ୍ନୀ ଭୂଲେ ନର ଲୋଈ, ଜା ଘଟ ନିଶ୍ଚୟ ନାମ ନ ହୋଈ ।
ସୋ ନର କୀଟ ପତଂଗ ଭୂଜଂଗା, ଚୌରାସୀ ମେଁ ଘର ହୈ ଅଂଗା ।

ଯଦି ବୀଜବପନ ନ କରିବେ ତେବେ ଆତ୍ମା ରୂପି କ୍ଷେତର ପ୍ରସ୍ତୁତି ବ୍ୟର୍ଥ ଯିବ । କହିବାର ଅଭିପ୍ରାୟ :- ଏହା ଦ୍ୱାରା ଆପଣଙ୍କର ଜ୍ଞାନ ଉଦୟ ହୋଇଯିବ, ଯାହା ନିତ୍ୟାନ୍ତ ଆବଶ୍ୟକ । ପରନ୍ତୁ ଆମେ ପୂର୍ଣ୍ଣଗୁରୁଙ୍କଠାରୁ ହିଁ ନାମ ଉପଦେଶ ନେବା ଅର୍ଥାତ୍ ବୀଜବପନ କରିବା । ଆମକୁ ସେହି ନାମ ଜପ କରିବାକୁ ପଡିବ ଯେଉଁ ନାମ ଗୁରୁନାନକ ସାହେବ ଜପିଥିଲେ, ଗରୀବ ଦାସ ସାହେବ ଜପିଥିଲେ, ଧର୍ମଦାସ ସାହେବ ଆଦି ସନ୍ଥ ମଧ୍ୟ ଜପ କରିଥିଲେ । ଅନ୍ୟ କୌଣସି ନାମମନ୍ତ୍ର ଦ୍ୱାରା ମୁକ୍ତି ସମ୍ଭବ ନୁହେଁ । ଏଥିପାଇଁ ଆପଣମାନେ ନାମ ଉପଦେଶ ନେଇ, ନିଜ ଭକ୍ତିରୂପୀ ଧନ ସଂଗ୍ରହ କାର୍ଯ୍ୟ ପ୍ରାରମ୍ଭ କରିବା ଉଚିତ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅବଗତ କରାଇବା ଉଚିତ । ଯେତେ ଶୀଘ୍ର ସମ୍ଭବ

ସେତେ ଶୀଘ୍ର କରନ୍ତୁ କାରଣ ଜଣାନାହିଁ କେବେ ଓ କେଉଁ ମୁହୂର୍ତ୍ତରେ ଏହି ଆତ୍ମା ଏହି ଶରୀର ଛାଡି ଚାଲିଯିବ । ଗୁରୁ ନାନକ ଦେବଜୀ ମଧ୍ୟ କହନ୍ତି : –

ନା ଜାନେ ୟେ କାଲ କୀ କର ଡାରୈ, କିସ ବିଧି ଢଲ ଜା ପାସା ୱେ ।
ଜିହ୍ନାଦେ ସିର ତେ ମୌତ ଖୁଡଗଦୀ, ଉହ୍ନାନୂଁ କେଡା ହାଂସା ୱେ ।

କବୀର ସାହେବ କହନ୍ତି ଯେ: –

କବୀର, ଶ୍ୱାଂସ-ଶ୍ୱାଂସ ମେଁ ନାମ ଜପୋ, ବ୍ୟର୍ଥା ସ୍ୱାଂସ ମତ ଖୋଏ ।
ନ ଜାନେ ଇସ ଶ୍ୱାଂସ କା, ଆବନ ହୋ କେ ନା ହୋଏ ॥
ସତଗୁରୁ ସୋଇ ଜୋ ସାରନାମ ଦୃଢାବୈ, ଔର ଗୁରୂ କୋଇ କାମ ନ ଆୱେ ।
"ସାରନାମ ବିନା ପୁରୁଷ (ଭଗବାନ) ଦ୍ରୋହୀ"

ଅର୍ଥାତ୍ ଯେଉଁ ଗୁରୁଙ୍କ ପାଖରେ ସାରନାମ ଓ ସାରଶବ୍ଦ ଉପଲବ୍ଧ ନାହିଁ କିମ୍ବା ତାଙ୍କ ନିଜ ଗୁରୁଙ୍କ ଦ୍ୱାରା ତାଙ୍କୁ ନାମ ଦେବା ପାଇଁ ଅଧିକାର (ଆଜ୍ଞା) ମଧ୍ୟ ନାହିଁ, ମାତ୍ର ଶାସ୍ତ୍ର ଅଧ୍ୟୟନ କରି ମନଇଚ୍ଛାରେ ଯଦି କେହି ଏହି ନାମଦୀକ୍ଷା ଦିଅନ୍ତି ତେବେ ସେହି ଗୁରୁ ଓ ଶିଷ୍ୟ ଉଭୟଙ୍କୁ ନର୍କକୁ ପଠାଯିବ । ସେହି ଗୁରୁ ଭଗବାନଙ୍କର ଶତ୍ରୁ, ବିଦ୍ରୋହୀ ଓ ଭଗବାନଙ୍କ ଦରବାରରେ ତାଙ୍କୁ ଓଲଟା ଓହଳା ଯିବ । ଏବେ ନକଲି ଗୁରୁମାନଙ୍କ ଦ୍ୱାରା ଭକ୍ତ ସମାଜରେ ଏକ ଭୁଲ ବାର୍ତ୍ତା ପ୍ରଚାର କରାଯାଉଛି ଯେ ଥରେ ଗୁରୁଧାରଣ କରିବା ପରେ ପୁନର୍ବାର ଦ୍ୱିତୀୟଥର ଗୁରୁ ବଦଳାଇବା ଉଚିତ ନୁହେଁ । ବିଚାରକରି ଦେଖନ୍ତୁ, ଆମ୍ଭ ଜନ୍ମ-ମୃତ୍ୟୁ ରୁପୀ ରୋଗ ଭଲ କରିବା ବୈଦ୍ୟ, ଗୁରୁ ହିଁ ଅଟନ୍ତି । ଯଦି କୌଣସି ଏକ ବୈଦ୍ୟଙ୍କ ଦ୍ୱାରା ଆମ୍ଭ ରୋଗ ଭଲ ନ ହେଲା ତେବେ ଆମ୍ଭେ ଅନ୍ୟ କୌଣସି ଭଲ ବୈଦ୍ୟ (ଡାକ୍ତର)ଙ୍କ ନିକଟକୁ ନିଶ୍ଚୟ ଯିବା ଯାହାଦ୍ୱାରା ଆମ୍ଭ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ରୋଗଟି ଭଲ ହୋଇଯିବ । ଯେପରି ଧର୍ମଦାସ ସାହେବଙ୍କ ପ୍ରଥମ ଗୁରୁ ଶ୍ରୀ ରୂପଦାସଜୀ ଥିଲେ । କିନ୍ତୁ ଯେତେବେଳେ ଧର୍ମଦାସଜୀ ଜାଣିପାରିଲେ ଯେ ଏହି ଗୁରୁ ପୂର୍ଣ୍ଣ ମୁକ୍ତିଦାତା ନୁହଁନ୍ତି ସେତେବେଳେ ଅତିଶୀଘ୍ର ତାଙ୍କୁ ତ୍ୟାଗ କରି ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ସତ୍ୟପୁରୁଷ କବୀର ସାହେବଙ୍କୁ ନିଜ ଗୁରୁ ରୂପେ ଗ୍ରହଣ କଲେ ଏବଂ ସତ୍ୟଲୋକରେ ପୂର୍ଣ୍ଣମୋକ୍ଷ ପ୍ରାପ୍ତି କଲେ । ଠିକ୍ ଏହି ପ୍ରକାରେ ଅଜ୍ଞାନୀ ଗୁରୁମାନଙ୍କୁ ତୁରନ୍ତ ତ୍ୟାଗ କରିଦେବା ଉଚିତ ।

"ଝୁଠେ ଗୁରୂ କେ ପକ୍ଷ କୋ, ତଜତ ନ କୀଜୈ ବାରି"

(ଗୁରୁ ଓ ନାମ ମହିମାର ବାଣୀ)

ଗରୀବ, ବିନ ଉପଦେଶ ଅଚମ୍ଭ ହୈ, କ୍ୟୋଁ ଜୀବତ ହେ ପ୍ରାଣ ।
ବିନ ଭକ୍ତି କହାଁ ଠୌର ହେ, ନର ନାହିଁ ପାଷାଣ ॥୧॥
ଗରୀବ, ଏକ ହରିକେ ନାମ ବିନା, ନାରି କୁତିୟା ହୋ ।
ଗଲୀ-ଗଲୀ ଭୌଁକତ ଫିରୈ, ଟୂକ ନା ଡାଲୈ କୋ ॥୨॥
ଗରୀବ, ବୀବୀ ପଡଦେ ରହେଁ ଥୀ, ଡୟୋଢୀ ଲଗତୀ ବାର ।
ଗାତ ଉଘାଡେ ଫିରତୀ ହେଁ, ବନ କୁତିୟା ବାଜାର ॥୩॥
ଗରୀବ, ନକବେସର ନକ ସେ ବନୀ, ପହରତ ହାର ହମେଲ ।
ସୁନ୍ଦରୀ ସେ ସୁନହୀ (କୁତ୍ତିୟା) ବନୀ, ସୁନି ସାହିବ କେ ଖେଲ ॥୪॥
କବୀର, ହରି କେ ନାମ ବିନା, ରାଜା ଋଷଭ, ହୋଏ ।
ମାଟୀ ଲଦୈ କୁହ୍ମାର କୈ, ଘାସ ନା ଡାଲେ କୋଏ ॥୫॥
କବୀର, ରାମ କୃଷ୍ଣ ସେ କୌନ ବଡା, ଉହ୍ନୋଁ ଭୀ ଗୁରୁ କୀହ୍ନ ।
ତୀନ ଲୋକ କେ ୱେ ଧନୀ, ଗୁରୂ ଆଗେ ଅଧୀନ ॥୬॥
କବୀର, ଗର୍ଭ ଯୋଗେଶ୍ୱର ଗୁରୂ ବିନା, ଲାଗା ହରି କୀ ସେବ ।
କହେ କବୀର ସ୍ୱର୍ଗ ସେ, ଫେର ଦିୟା ସୁଖଦେବ ॥୭॥
କବୀର, ରାଜା ଜନକ ସେ ନାମ ଲେ, କିହ୍ନାଁ ହରି କୀ ସେବ (ପୂଜା) ।

କହେ କବୀର ବୈକୁଣ୍ଠ ମେଁ ଉଲ୍ଟ ମିଲେ ସୁଖଦେବ ॥୮॥
କବୀର, ସତଗୁରୁ କେ ଉପଦେଶ କା, ଲାୟା ଏକ ବିଚାର ।
ଜୈ ସତଗୁରୂ ମିଲତେ ନହୀଁ, ଜାତା ନରକ ଦ୍ୱାର ॥୯॥
କବୀର, ନରକ ଦ୍ୱାରମେ ଦୂତ ସବ, କରତେ ଖୈଁଚା ତାନ ।
ଉନତେଁ କବହୁଁ ନା ଛୁଟତା, ଫିର ଫିରତା ଚାରୋଁ ଖାନ ॥୧୦॥
କବୀର, ଚାର ଖାନୀ ମେଁ ଭ୍ରମତା, କବହୁଁ ନା ଲଗତା ପାର ।
ସୋ ଫେରା ସବ ମିଟଗୟା, ସତଗୁରୁ କେ ଉପକାର ॥୧୧॥
କବୀର, ସାତ ସମୁଦ୍ର ମସି କରୁଁ, ଲେଖନୀ କରୁଁ ବନରାୟ ।
ଧରତୀ କା କାଗଦ କରୁଁ, ଗୁରୂ ଗୁଣ ଲିଖା ନ ଯାଏ ॥୧୨॥
କବୀର, ଗୁରୂ ବଡେ ଗୋବିନ୍ଦ ସେ, ମନ ମେ ଦେଖ ବିଚାର ।
ହରି ସୁମରେ ସୋ ରହ ଗଏ, ଗୁରୂ ଭଜେ ହୁଏ ପାର ॥୧୩॥
କବୀର, ଗୁରୂ ଗୋବିନ୍ଦ ଦୋଉ ଖଡେ, କାକେ ଲାଗୁଁ ପାୟ ।
ବଲିହାରୀ ଗୁରୂ ଆପନେ, ଜିନ ଗୋବିନ୍ଦ ଦିଆ ମିଲାୟ ॥୧୪॥
କବୀର, ହରିକେ ରୂଠତାଁ, ଗୁରୂ କୀ ଶରଣ ମେଁ ଜାୟ ।
କବୀର ଗୁରୂ ଜୈ ରୂଠଜାଁ, ହରି ନହୀଁ ହୋତ ସହାୟ ॥୧୫॥

## ନାମ କେଉଁ ରାମଙ୍କର ଜପିବା ଉଚିତ ?

ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ନଂ ୧୬

**ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ,ଏବ,ଚ,କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ, ଅକ୍ଷରଃ,ଉଚ୍ୟତେ ॥**

ଅନୁବାଦ : ଏହି ସଂସାରରେ ଦୁଇ ପ୍ରକାରର ଭଗବାନ ଅଛନ୍ତି, ନାଶବାନ ଏବଂ ଅବିନାଶୀ ଏବଂ ସମ୍ପୂର୍ଣ୍ଣ ଭୂତ ପ୍ରାଣୀମାନଙ୍କର ଶରୀର ତ ନାଶବାନ ଏବଂ ଜୀବାତ୍ମାକୁ ଅବିନାଶୀ କୁହାଯାଇଛି ।

ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ନଂ. ୧୭

**ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ, ଯଃ, ଲୋକତ୍ରୟମ୍ ଆବିଶ୍ୟ, ବିଭର୍ତି, ଅବ୍ୟୟଃ, ଈଶ୍ୱରଃ ॥**

ଅନୁବାଦ : ଉତ୍ତମ ପୁରୁଷ ତ ଅନ୍ୟ ହିଁ ଅଟନ୍ତି ଯିଏ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରନ୍ତି ଏବଂ ଅବିନାଶୀ ପରମେଶ୍ୱର ପରମାତ୍ମାଙ୍କ ବିଷୟରେ ଏହି ପ୍ରକାରେ କୁହାଯାଇଛି ।

କବୀର, ଅକ୍ଷର ପୁରୁଷ ଏକ ପେଡ ହୈ, ନିରଂଜନ ବାକି ଡାର ।
ତ୍ରିଦେବା (ବ୍ରହ୍ମା, ବିଷ୍ଣୁ, ଶିବ) ଶାଖା ଭୟେ, ପାତ ଭୟା ସଂସାର ॥
କବୀର, ତୀନ ଦେବ କୋ ସବ କୋଈ ଧ୍ୟାୱେ, ଚୈାଥା ଦେବକା ମରମ ନା ପାୱେ ।
ଚୈାଥା ଛାଁଡି ପଞ୍ଚମ ଧ୍ୟାୱେ, କହେ କବୀର ସୋ ହମରେ ଆୱେ ॥
କବୀର, ତିନ ଗୁଣନ କୀ ଭକ୍ତି ମେଁ, ଭୂଲି ପର୍‌ୟୋ ସଂସାର ।
କହେ କବୀର ନିଜ ନାମ ବିନ, କୈସେ ଉତରୈ ପାର ॥
କବୀର, ଓଁକାର ନାମ ବ୍ରହ୍ମ (କାଳ) କା, ୟହ କର୍ତା ମତି ଜାନି ।
ସାଁଚା ଶବ୍ଦ କବୀର କା, ପରଦା ମାହିଁ ପହିଚାନି ॥
କବୀର, ତୀନ ଲୋକ ସବ ରାମ ଜପତ୍ ହୈ, ଜାନ ମୁକ୍ତି କୋ ଧାମ ।
ରାମଚନ୍ଦ୍ର ବଶିଷ୍ଠ ଗୁରୁ କିୟା, ତିନ କହି ସୁନାୟୋ ନାମ ॥
କବୀର, ରାମ କୃଷ୍ଣ ଅବତାର ହୈ, ଇନକା ନାହିଁ ସଂସାର ।
ଜିନ ସାହବ ସଂସାର କିୟା, ସୋ କିନହୁଁ ନ ଜନମ୍ୟାଁ ନାରୀ ॥
କବୀର, ଚାର ଭୁଜା କେ ଭଜନ ମେଁ, ଭୂଲି ପରେ ସବ ସନ୍ତ ।
କବୀରା ସୁମିରେ ତାସୁ କୋ, ଜାକେ ଭୁଜା ଅନନ୍ତ ॥
କବୀର, ବଶିଷ୍ଠ ମୁନି ସେ ତତ୍ୱେତା ଜ୍ଞାନୀ, ସୋଧ କର ଲଗ୍ନ ଧରୈ ।

ସୀତା ହରଣ ମରଣ ଦଶରଥ କୋ, ବନ ବନ ରାମ ଫିରେ ॥
କବୀର, ସମୁଦ୍ର ପାଟି ଲଙ୍କା ଗୟେ, ସୀତା କୋ ଭରତାର ।
ତାହି ଅଗସ୍ତ ମୁନି ପୀୟ ଗୟୋ, ଇନମେଁ କୋ କରତାର ॥
କବୀର, ଗୋବର୍ଦ୍ଧନ କୃଷ୍ଣ ଜୀ ଉଠାୟା, ଦ୍ରୋଣା ଗିରି ହନୁମନ୍ତ ।
ଶେଷନାଗ ସବ ସୃଷ୍ଟି ଉଠାଈ, ଇନ୍‌ମେଁ କୋ ଭଗବନ୍ତ ॥
ଗରୀବ, ଦୁର୍ବାସା କୋପେ ତହାଁ, ସମଝ ନ ଆଈ ନୀଚ ।
ଛପନ କୋଟି ଯାଦବ କଟେ, ମଚୀ ରୁଧିର କୀ କୀଚ ॥
କବୀର, କାଟେ ବନ୍ଧନ ବିପତି ମେଁ, କଠିନ କିୟା ସଂଗ୍ରାମ ।
ଚିହ୍ନୋଁରେ ନର ପ୍ରାଣିୟା, ଗରୁଡ ବଡୋ କି ରାମ ॥
କବୀର, କହ କବୀର ଚିତ ଚେତ ହୂ, ଶବ୍ଦ କରୌ ନିରୁବାର ।
ଶ୍ରୀ ରାମଚନ୍ଦ୍ର କୋ କର୍ତା କହତ ହେଁ, ଭୂଲି ପର୍‌ୟୋ ସଂସାର ॥
କବୀର, ଜିନ ରାମ କୃଷ୍ଣ ନିରଂଜନ କିୟା, ସୋ ତୋ କରତା ନ୍ୟାର ।
ଅନ୍ଧା ଜ୍ଞାନ ନ ବୂଝଈ, କହେ କବୀର ବିଚାର ॥
କବୀର, ତିନ ଗୁଣନ (ବ୍ରହ୍ମା, ବିଷ୍ଣୁ, ଶିବ) କି ଭକ୍ତି ମେଁ ଭୁଲ ପଡୟୋ ସଂସାର ।
କହେ କବୀର ନିଜ ନାମ ବିନା କୈସେ ଉତରୋ ପାର ॥

॥ ଶବ୍ଦ ॥ (ସନ୍ଥ ରାମପାଲ ଦାସଜୀ ମହାରାଜଙ୍କ ଦ୍ଵାରା ରଚିତ)

ଯୁଦ୍ଧ ଜୀତ କର ପାଣ୍ଡବ, ଖୁସି ହୁଏ ଅପାର । ଇନ୍ଦ୍ର ପ୍ରସ୍ଥ କି ଗଦି ପର, ଯୁଧିଷ୍ଠିର କି ସରକାର ॥ ୧ ॥
ଏକ ଦିନ ଅର୍ଜୁନ ପୂଛତା, ସୁନ କୃଷ୍ଣ ଭଗବାନ । ଏକ ବାର ଫିର ସୁନାଦିୟୋ ଓ୍ ନିର୍ମଳ ଗୀତା ଜ୍ଞାନ ॥ ୨ ॥
ଘମାଶାନ ଯୁଦ୍ଧ କେ କାରଣ,ଭୂଲ ପଡୀ ହେ ମୋହେଁ। ଜ୍ୟୋଁ କା ତ୍ୟୋଁ କହନା ଭଗବନ୍, ତନିକ ନ ଅନ୍ତରହୋଏ ॥୩॥
ଋଷିମୁନିଔରଦେବତା,ସବକୋରହେତୁମଖାୟା।ଇନକୋଭିନହାଁଛୋଡାଆପନେ,ରହେତୁହ୍ମାରାହୀଗୁଣଗାୟା॥୪॥
କୃଷ୍ଣ ବୋଲେ ଅର୍ଜୁନ ସେ, ୟହ ଗଲତି କ୍ୟୋଁ କିହ୍ନ । ଐସେ ନିର୍ମଳ ଜ୍ଞାନ କୋ ଭୂଲ ଗୟା ବୁଦ୍ଧିହୀନ ॥୫॥
ଅବ ମୁଝେ ଭୀ କୁଛ ୟାଦ ନହାଁ, ଭୂଲ ପଡି ନୀଦାନ ।
ଜ୍ୟୋଁ କା ତ୍ୟୋଁ ଉସ ଗୀତାକା ମେ ନହାଁ କର ସକତା ଗୁଣଗାନ ॥୬॥
ସ୍ୱୟଂ ଶ୍ରୀକୃଷ୍ଣ କୋ ୟାଦ ନହିଁ, ଔର ଅର୍ଜୁନ କୋ ଧମକାଓ୍ୱେ ।
ବୁଦ୍ଧି କାଲ କେ ହାତ ହେ, ଚାହେ ତ୍ରିଲୋକୀ ନାଥ କହଲାଓ୍ୱେ ॥୭॥
ଜ୍ଞାନ ହୀନ ପ୍ରଚାରକା, ଜ୍ଞାନ କଥେଁ ଦିନରାତ । ଜୋ ସର୍ବକୋ ଖାନେବାଲା, କହେଁ ଉସୀକୀ ବାତ ॥୮॥
ସବ କହେଁ ଭଗବାନ କୃପାଲୁ ହେ, କୃପା କରେଁ ଦୟାଲ । ଜିସକୀ ସବ ପୂଜା କରେ, ଓ୍ୱହ ସ୍ୱୟଂ କହେ ମେଁ କାଲ ॥୯॥
ମାରେ ଖାଓ୍ୱେ ସବ କୋ, ଓ୍ୱହ କୈସା କୃପାଲ । କୁତେ ଗଧେ ସୁଅର ବନାବେ ହେ, ଫିର ଭୀ ଦୀନଦୟାଲ ॥୧୦॥
ବାଇବଲ ବେଦ କୁରାନ ହେ, ଜୈସେ ଚାନ୍ଦ ପ୍ରକାଶ । ସୂରଜ ଜ୍ଞାନ କବୀର କା, କରେ ତିମର କା ନାଶ ॥୧୧॥
ରାମପାଲ ସାଚୀ କହେ, କରୋ ବିବେକ ବିଚାର । ସତନାମ ଓ ସାରନାମ, ୟହୀ ମନ୍ତ୍ର ହେ ସାର ॥୧୨॥
କବୀର ହମାରା ରାମ ହେ, ଓ ହେ ଦୀନ ଦୟାଲ । ସଂକଟ ମୋଚନ କଷ୍ଟ ହରଣ, ଗୁଣ ଗାଓ୍ୱେ ରାମପାଲ ॥୧୩॥

॥ ଶବ୍ଦ ॥ (ସନ୍ଥ ରାମପାଲ ଦାସଜୀ ମହାରାଜଙ୍କ ଦ୍ଵାରା ରଚିତ)

ବ୍ରହ୍ମା ବିଷ୍ଣୁ ଶିବ, ହେଁ ତୀନ ଲୋକ ପ୍ରଧାନ । ଅଷ୍ଟଂଗୀ ଇନକୀ ମାତା ହେ, ଔର ପିତା କାଲ ଭଗବାନ ॥୧॥
ଏକ ଲାଖ କୋ କାଲ, ନୀତ ଖାଓ୍ୱେ ସୀନା ତାଣ । ବ୍ରହ୍ମା ବନାବେ, ବିଷ୍ଣୁ ପାଲେ, ଶିବ କର ଦେ କଲ୍ୟାଣ ॥୨॥
ଅର୍ଜୁନ ଡର କେ ପୂଛତା ହେ, ୟହ କୌନ ରୂପ ଭଗବାନ। କହେ ନିରଂଜନ ମୈଁ କାଲ ହୁଁ, ସବକୋ ଆୟା ଖାନ ॥୩॥
ବ୍ରହ୍ମ ନାମ ଇସୀ କା ହେ, ବେଦ କରେ ଗୁଣଗାନ । ଜନ୍ମ ମରଣ ଚୌରାସୀ, ୟହ ଇସକା ସମ୍ବିଧାନ ॥୪॥
ଚାର ରାମ କି ଭକ୍ତି ମେଁ, ଲଗରହା ସଂସାର । ପାଞ୍ଚୱେଁ ରାମ କା ଜ୍ଞାନ ନହାଁ, ଜୋ ପାର ଉତାରନହାର ॥୫॥
ବ୍ରହ୍ମା-ବିଷ୍ଣୁ-ଶିବ ତୀନୋଁ ଗୁଣ ହେଁ, ଦୂସରା ପ୍ରକୃତିକା ଜାଲ । ଲାଖ ଜୀବ ନିତ ଭକ୍ଷଣ କରେଁ, ରାମ ତୀସରା କାଲ ॥୬॥
ଅକ୍ଷର ପୁରୁଷ ହେ ରାମ ଚୌଥା, ଜୈସେ ଚନ୍ଦ୍ରମା ଜାନ । ପାଞ୍ଚୱା ରାମ କବୀର ହେ, ଜୈସେ ଉଦୟ ହୁଆ ଭାନ ॥୭॥
ରାମଦେବାନନ୍ଦ ଗୁରୁଜୀ, କର ଗୟେ ନଜର ନିହାଲ । ସତନାମ କା ଦିୟା ଖଜାନା, ବରତେ ରାମପାଲ ॥୮॥

## ନାମ (ଦୀକ୍ଷା) ନେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକୀୟ ସୂଚନା :-

ପୂର୍ଣ୍ଣ ଗୁରୁଙ୍କର ପରିଚୟ:- ଦୀକ୍ଷା ନେବାକୁ ଇଚ୍ଛୁକ ବ୍ୟକ୍ତି ସର୍ବପ୍ରଥମେ ଗୁରୁଙ୍କୁ ଚିହ୍ନନ୍ତୁ ଓ ତା'ପରେ ଦୀକ୍ଷା ଗ୍ରହଣ କରନ୍ତୁ। ଆଜିର କଳିଯୁଗରେ ଭକ୍ତ ସମାଜ ସମ୍ମୁଖରେ ପୂର୍ଣ୍ଣ ଗୁରୁଙ୍କୁ ଚିହ୍ନିବା ସବୁଠାରୁ ଜଟିଳ ପ୍ରଶ୍ନ ଅଟେ । କିନ୍ତୁ ଏହାର ଉତ୍ତର ଅତି ସହଜ ଓ ସରଳ ଅଟେ । ଯେଉଁ ଗୁରୁ ଶାସ୍ତ୍ରାନୁସାରେ ନିଜେ ଭକ୍ତି କରିବା ସହିତ ନିଜ ଅନୁଗାମୀ ଅର୍ଥାତ୍ ଶିଷ୍ୟମାନଙ୍କୁ ଭକ୍ତି କରାନ୍ତି, ସେ ପୂର୍ଣ୍ଣସନ୍ଥ ଅଟନ୍ତି । କାରଣ ଧାର୍ମିକ ଶାସ୍ତ୍ରଗୁଡିକ ଭକ୍ତିମାର୍ଗର ସମ୍ବିଧାନ ସଦୃଶ । ଯେପରି କବୀର ସାହେବଙ୍କ ବାଣୀ, ନାନକ ସାହେବଙ୍କ ବାଣୀ, ସନ୍ଥ ଗରୀବ ଦାସଜୀ ମହାରାଜଙ୍କ ବାଣୀ, ସନ୍ଥ ଧର୍ମଦାସଜୀ ସାହେବଙ୍କ ବାଣୀ, ବେଦ, ଗୀତା, ପୁରାଣ, କୋରାନ ଓ ପବିତ୍ର ବାଇବେଲ ଇତ୍ୟାଦି। ଯେଉଁ ସନ୍ଥ ଶାସ୍ତ୍ରାନୁସାରେ ଭକ୍ତି ସାଧନା ବତାଇବା ସହିତ ତଦନୁସାରେ ଭକ୍ତ ସମାଜକୁ ମାର୍ଗଦର୍ଶନ କରାଇଥାନ୍ତି ସେ ପୂର୍ଣ୍ଣ ସନ୍ଥ ଅଟନ୍ତି। ଅନ୍ୟଥା ଯିଏ ଶାସ୍ତ୍ରବିରୁଦ୍ଧ ସାଧନା ଦେଉଛି  ସେ ଭକ୍ତ ସମାଜର ଘୋର ଶତ୍ରୁ ଅଟେ। ସେମାନେ ଅମୂଲ୍ୟ ମାନବ ଜୀବନ ସହିତ ଖେଳ ଖେଳୁଛନ୍ତି। ଏଭଳି ଗୁରୁ ବା ସନ୍ଥଙ୍କୁ ଭଗବାନଙ୍କ ଦରବାରରେ ଘୋର ନର୍କରେ ଓଲଟା ଝୁଲାଯିବ ।

ଉଦାହରଣ ସ୍ୱରୂପ ଯଦି କୌଣସି ଅଧ୍ୟାପକ ସିଲାବସ୍ (ପାଠ୍ୟକ୍ରମ) ବହିର୍ଭୁତ ଶିକ୍ଷା ଦିଅନ୍ତି ତେବେ ସେହି ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କର ଶତ୍ରୁ ଅଟନ୍ତି ।

ଗୀତା ଅଧ୍ୟାୟ ନଂ ୭ ର ଶ୍ଳୋକ ନଂ ୧୫

ନ, ମାମ୍, ଦୁଷ୍କୃତିନଃ, ମୂଢାଃ, ପ୍ରପଦ୍ୟନ୍ତେ, ନରାଧମାଃ,
ମାୟୟା, ଅପହୃତଜ୍ଞାନାଃ, ଆସୁରମ୍, ଭାବମ୍, ଆଶ୍ରିତାଃ ॥

ଅନୁବାଦ:- ମାୟା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି, ଏଭଳି ଅସୁର ସ୍ୱଭାବକୁ ଧାରଣ କରିଥିବା ଲୋକେ, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂଢ ମନୁଷ୍ୟମାନେ ମୋତେ ମଧ୍ୟ ଭଜନ୍ତି ନାହିଁ ଅର୍ଥାତ୍ ସେମାନେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ର ସାଧନାରେ ଲିପ୍ତ ରହନ୍ତି ।

ଯଜୁର୍ବେଦ ଅଧ୍ୟାୟ ନଂ ୪୦ ଶ୍ଳୋକ ନଂ ୧୦ (ସନ୍ଥ ରାମପାଲଜୀଙ୍କ ଦ୍ୱାରା ଅନୁବାଦିତ)

ଅନ୍ୟଦେବାହୁଃସମ୍ଭବାଦନ୍ୟଦାହୁରସମ୍ଭବାତ୍, ଇତି ଶୁଶ୍ରୁମ ଧୀରାଣାଂ ୟେ ନସ୍ତଦ୍ବିଚଚକ୍ଷିରେ ॥ ୧୦ ॥

ଅନୁବାଦ :-  ପରମାତ୍ମାଙ୍କ ବିଷୟରେ ସାଧାରଣତଃ ନିରାକାର ଅର୍ଥାତ୍ କେବେ ଜନ୍ମ ହେଉନଥିବା (ଅଜନ୍ମା) କୁହାଯାଏ । ଅନ୍ୟ ଏକ ରୂପରେ ଅର୍ଥାତ୍ ଜନ୍ମ ଗ୍ରହଣ କରି ଅବତାର ରୂପରେ ଆସନ୍ତି ବୋଲି କୁହାଯାଏ । ଯାହା ନିତ୍ୟ ଅର୍ଥାତ୍ ପୂର୍ଣ୍ଣ ଜ୍ଞାନୀ ଠିକ୍‌ରେ ଶୁଣାଇଥାନ୍ତି। ଏହାକୁ ଏହି ପ୍ରକାରେ ଠିକ୍‌ରେ ସେହି ସମରୂପ ଅର୍ଥାତ୍ ଯଥାର୍ଥ ରୂପରେ ଭିନ୍ନ ଭିନ୍ନ ରୂପରେ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିଥାନ୍ତି।

ଗୀତା ଅଧ୍ୟାୟ ନଂ ୪ ର ଶ୍ଳୋକ ନଂ ୩୪

ତତ୍, ବିଦ୍ଧି, ପ୍ରଣିପାତେନ, ପରିପ୍ରଶ୍ନେନ, ସେବୟା,
ଉପଦେକ୍ଷ୍ୟନ୍ତି, ତେ, ଜ୍ଞାନମ୍, ଜ୍ଞାନିନଃ, ତତ୍ତ୍ୱଦର୍ଶିନଃ ॥

ଅନୁବାଦ :- ସେହି ଜ୍ଞାନକୁ ତୁ ବୁଝିବାକୁ ଚେଷ୍ଟା କର। ସେହି ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ଓ ସମାଧାନକୁ ଜାଣିଥିବା ସନ୍ଥଙ୍କୁ ଭଲ ଭାବରେ ଦଣ୍ଡବତ ପ୍ରଣାମ କରିବା ଦ୍ୱାରା, ତାଙ୍କ ସେବା କରିବା ଦ୍ୱାରା ଏବଂ କପଟ ଭାବ ତ୍ୟାଗ କରି ସରଳତା ପୂର୍ବକ ପ୍ରଶ୍ନ କରିବା ଦ୍ୱାରା ପରମାତ୍ମାଙ୍କ ତତ୍ତ୍ୱକୁ ଭଲ ଭାବରେ ଜାଣିଥିବା ସେହି ଜ୍ଞାନୀ ମହାତ୍ମା ତୋତେ ସେହି ତତ୍ତ୍ୱଜ୍ଞାନର ଉପଦେଶ ଦେବେ ।

## "ଉପଦେଶୀଙ୍କ ପାଇଁ ମର୍ଯ୍ୟାଦା"

୧. ନିଶାଦ୍ରବ୍ୟ ସେବନ ନିଷେଧ :-  ହୁକ୍କା, ମଦ, ବିୟର, ତମାଖୁ, ବିଡି, ସିଗାରେଟ୍, ହୁଲାସ (ଧୁଆଁପତ୍ର ଗୁଣ୍ଡ) ଶୁଙ୍ଘିବା, ଗୁଟ୍‌ଖା, ମାଂସ, ଅଣ୍ଡା, ସୁଲ୍‌ଫା, ଅଫିମ, ଗଞ୍ଜେଇ ଏବଂ ଅନ୍ୟ ନିଶାଦ୍ରବ୍ୟର ସେବନ ତ ଦୂରର କଥା କାହାକୁ ନିଶାଦ୍ରବ୍ୟ ଆଣି ମଧ୍ୟ ଦେବେ ନାହିଁ। ବନ୍ଦୀଛୋଡ଼ ଗରୀବ ଦାସଜୀ ମହାରାଜ ଏହି ସମସ୍ତ ନିଶାଦ୍ରବ୍ୟକୁ ବହୁତ ଖରାପ କହି ନିଜ ବାଣୀରେ କହିଛନ୍ତି ଯେ :-

ସୁରାପାନମଦ୍ୟମାଂସାହାରୀ,ଗମନକରୈଭୋଗୈପରନାରୀ।ସତରଜନ୍ମକଟତହେଁଶୀଶଂ,ସାକ୍ଷୀସାହିବହୈଜଗଦୀଶଂ॥
ପରଦ୍ୱାରାସ୍ତ୍ରୀକାଖୋଲୈ,ସତରଜନ୍ମଅନ୍ଧାହୋୟଡୋଲୈ।ମଦିରାପୀବୈକଡୱାପାନୀ,ସତ୍ତରଜନ୍ମସ୍ୱାନକେଜୋନୀ॥
ଗରୀବ, ହୁକ୍କା ହରଦମ ପୀବତେ, ଲାଲ ମିଲାବେଁ ଧୂର । ଇସମେଁ ସଂଶୟ ହେ ନହାଁ, ଜନ୍ମ ପିଛଲେ ସୂର ॥ ୧ ॥
ଗରୀବ, ସୋ ନାରୀ ଜାରୀ କରେ, ସୁରା ପାନ ସୌ ବାର । ଏକ ଚିଲମ ହୁକ୍କା ଭରେ, ଡୂବେ କାଲୀ ଧାର ॥ ୨ ॥
ଗରୀବ, ସୂର ଗଊ କୁଁ ଖାତ ହେି, ଭକ୍ତି ବିହୁନେଁ ରାଡ । ଭାଙ୍ଗ ତମ୍ବାଖୁ ଖା ଗୟେ, ସୋ ଚାବତ ହେଁ ହାଡ ॥ ୩ ॥
ଗରୀବ, ଭାଙ୍ଗ ତମ୍ବାଖୁ ପୀବ ହୀଁ, ସୁରା ପାନ ସେ ହେତ । ଗୋସ୍ତ ମଟ୍‌ଟୀ ଖାୟ କର, ଜଙ୍ଗଲୀ ବନେଁ ପ୍ରେତ ॥ ୪ ॥
ଗରୀବ, ପାନ ତମ୍ବାଖୁ ଚାବ ହୀଁ, ନାସ ନାକ ମେଁ ଦେତ । ସୋ ତୋ ଇରାନୈ ଗଏ, ଜ୍ୟୁଁ ଭଡଭୂଜେ କା ରେତ ॥ ୫ ॥
ଗରିବ, ଭାଙ୍ଗ ତମ୍ବାଖୁ ପୀବହୀଁ, ଗୋସ୍ତ ଗଲା କବାବ । ମୋର ମୃଗ କୁଁ ଭଖତ ହେଁ, ଦେଙ୍ଗେ କହାଁ ଜବାବ ॥ ୬ ॥

୨. ତୀର୍ଥସ୍ଥାନକୁ ଯିବା ନିଷେଧ:- କୌଣସି ପ୍ରକାର ବ୍ରତ ଉପବାସ ଓ ତୀର୍ଥ ଗମନ କରିବା ନିଷେଧ । ଗଙ୍ଗାସ୍ନାନ ଓ କୌଣସି ଧାର୍ମିକସ୍ଥଳକୁ ସ୍ନାନାର୍ଥେ ବା ଦର୍ଶନାର୍ଥେ ଯିବା ମନା । କୌଣସି ମନ୍ଦିର ବା ଇଷ୍ଟଧାମକୁ ପୂଜା ଓ ଭକ୍ତି ଭାବ ନେଇ ଏଥିପାଇଁ ଯିବା ନାହିଁ ଯେ ଏହି ମନ୍ଦିରରେ ଭଗବାନ ଅଛନ୍ତି । ଭଗବାନ କୌଣସି ପଶୁ ନୁହଁନ୍ତି ଯେ ପୂଜାରୀ ତାଙ୍କୁ ମନ୍ଦିର ଭିତରେ ବାନ୍ଧି ରଖିଛି । ଭଗବାନ ପ୍ରତି କୋଣ ଓ ଅନୁକୋଣରେ ବ୍ୟାପ୍ତ । ତେଣୁ ଏହି ସମସ୍ତ ସାଧନା ଶାସ୍ତ୍ରବିରୁଦ୍ଧ ଅଟେ ।

ଟିକେ ବିଚାର କରି ଦେଖିବା ଯେ ଏହି ସମସ୍ତ ତୀର୍ଥସ୍ଥଳ ଯେପରି (ଜଗନ୍ନାଥ ମନ୍ଦିର, ବଦ୍ରୀନାଥ, ହରିଦ୍ୱାର, ମକ୍କା-ମଦୀନା, ଅମରନାଥ, ବୈଷ୍ଣୋଦେବୀ, ବୃନ୍ଦାବନ, ମଥୁରା, ବର୍‌ସାନା, ଅଯୋଧ୍ୟା ରାମ ମନ୍ଦିର, ଛୁଡାଣୀ ଧାମ, କାଶୀ ଧାମ ଇତ୍ୟାଦି) ତଥା ଅନ୍ୟ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାରା, ଚର୍ଚ୍ଚ ଓ ଇଷ୍ଟଧାମ ଇତ୍ୟାଦି ଗୋଟିଏ ଗୋଟିଏ ସ୍ମାରକୀ, ଯେଉଁଠାରେ ଏକଦା କୌଣସି ସନ୍ଥ ରହୁଥିଲେ । ସେମାନେ ସେଠାରେ ନିଜର ଭକ୍ତି ସାଧନା ସମ୍ପୂର୍ଣ୍ଣ କରି ଭକ୍ତିରୂପୀ ଧନ ସଂଗ୍ରହ କରି ଶରୀର ତ୍ୟାଗ କରି ନିଜ ଇଷ୍ଟଦେବଙ୍କ ଲୋକକୁ ଚାଲି ଯାଇଛନ୍ତି । ତତ୍‌ପଶ୍ଚାତ୍ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେହି ସ୍ଥାନରେ କେହି  ମନ୍ଦିର, କେହି ମସ୍‌ଜିଦ, କେହି ଗୁରୁଦ୍ୱାରା, କେହି ଚର୍ଚ୍ଚ ତ କେହି ଧର୍ମଶାଳା ଇତ୍ୟାଦି ପ୍ରତିଷ୍ଠା କରିଛନ୍ତି ଯେପରି ସେମାନଙ୍କୁ ସମସ୍ତେ ମନେ ପକାଇବେ ଏବଂ ଆମ୍ଭଭଳି ତୁଚ୍ଛ ପ୍ରାଣୀମାନଙ୍କୁ ପ୍ରମାଣ ମିଳିବ ଯେ ଆମ୍ଭମାନଙ୍କୁ ମଧ୍ୟ ଏହିଭଳି କର୍ମ କରିବା ଉଚିତ ଯେପରି କି ଏହି ମହାନ ଆତ୍ମାଗଣ କରିଛନ୍ତି । ଏହି ସମସ୍ତ ଧାର୍ମିକସ୍ଥଳ ଆମ୍ଭମାନଙ୍କୁ ଏହି ସନ୍ଦେଶ ଦେଉଛି ଯେ ଯେଉଁଭଳି ଭକ୍ତି ସାଧନା ଏହି ପ୍ରସିଦ୍ଧ ସନ୍ଥମାନେ କରିଛନ୍ତି, ସେହିଭଳି ସାଧନା ଅମ୍ଭେମାନେ ମଧ୍ୟ କରିବା ଉଚିତ । ତେଣୁ ଆପଣ ଏହି ବିଧିରେ ସାଧନା କରୁଥିବା ଓ କରାଉଥିବା ସନ୍ଥଙ୍କର ଅନ୍ୱେଷଣ କରିବା ଉଚିତ । ତା'ପରେ ସେ ଯେପରି ନିର୍ଦ୍ଦେଷ ଦେବେ ସେହିପରି ପାଳନ କରିବ । କିନ୍ତୁ ପରବର୍ତ୍ତୀ ସମୟରେ ଏହି ସ୍ଥାନଗୁଡିକରେ ପୂଜାପାଠ ଆରମ୍ଭ ହୋଇଗଲା ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ଓ ଶାସ୍ତ୍ରବିରୁଦ୍ଧ ଅଟେ ।

ଏହି ସ୍ଥାନଗୁଡିକ ଏପରି ଗୋଟିଏ ଗୋଟିଏ ନମୁନା ଯେଉଁଠାରେ କୌଣସି ମିଠା ଦୋକାନୀ ଏକଦା ଲଡ୍ଡୁ ଜିଲାପି, ରସଗୋଲା ଇତ୍ୟାଦି ତିଆରି କରି ନିଜେ ଖାଇବା ସହିତ ନିଜ ସାଙ୍ଗସାଥିଙ୍କୁ ଖୁଆଇ ଦୋକାନ ଭାଙ୍ଗି ଚାଲିଯାଇଛି । ଏବେ ସେହି ସ୍ଥାନରେ ନା ଦୋକାନୀ ଅଛି ନା ମିଷ୍ଟାନ୍ନ ଅଛି, କେବଳ ଭଙ୍ଗା ଚୁଲିଟା ରହିଛି । ବର୍ତ୍ତମାନ ସେହି ଚୁଲି ଆମ୍ଭକୁ ନା ମିଠା ତିଆରି ଶିଖାଇ ପାରିବ ନା ଆମ୍ଭ ଉଦର ପୂର୍ତ୍ତି କରିପାରିବ । ଯଦି କେହି କୁହେ ଯେ ଆସ ଭାଇ ! ଆପଣଙ୍କୁ ସେହି ଚୁଲି ଦେଖାଇ ଦେବି ଯେଉଁଠାରେ ଜଣେ ମିଠା ଦୋକାନୀ ମିଠା ତିଆରି କରୁଥିଲା । ତା'ପରେ ସେଠାକୁ ଯାଇ ସେହି ଚୁଲିକୁ ଦେଖି ଚୁଲି ଚାରିପଟେ ସାତଥର ବୁଲିଲେ ଆପଣଙ୍କୁ ମିଷ୍ଟାନ୍ନ ମିଳିବ କି ? ମିଠା ତିଆରି ଶିଖାଇବା ପାଇଁ ସେହି କାରିଗର ମିଳିବେ କି ? ଏଥିପାଇଁ ଆପଣଙ୍କୁ ଠିକ୍ ସେହିଭଳି ଜଣେ ମିଠା କାରିଗର ଖୋଜିବାକୁ ପଡିବ ଯିଏ ପ୍ରଥମେ ଆପଣଙ୍କୁ ମିଠା ଖୁଆଇବେ ଏବଂ ମିଠା ତିଆରି କରିବାର ବିଧି ମଧ୍ୟ ବତାଇବେ । ତା'ପରେ ସେ ଯେପରି କହିବେ ସେହିପରି ହିଁ କରିବେ, ଅନ୍ୟ କିଛି କରିବେ ନାହିଁ ।

ଠିକ୍ ଏହି ପ୍ରକାରେ ତୀର୍ଥ ସ୍ଥାନଗୁଡିକର ପୂଜା ନ କରି ସେହିଭଳି ସନ୍ଥଙ୍କର ଅନ୍ୱେଷଣ କରନ୍ତୁ ଯିଏ ଶାସ୍ତ୍ର ଅନୁସାରେ ପୂର୍ଣ୍ଣ ପରମାତ୍ମା କବୀର ସାହେବଙ୍କର ଭକ୍ତି ସ୍ୱୟଂ କରୁଥିବେ ଏବଂ ବତାଉଥିବେ । ପୁଣି ସେ ଯେପରି କହିବେ, କେବଳ ସେହିପରି ହିଁ କରିବେ, ମନମୁଖି ଆଚରଣ କରିବେ ନାହିଁ ।

ସାମବେଦ ସଂଖ୍ୟା ନଂ ୧୪୦୦ ଉତାର୍ଚିକ ଅଧ୍ୟାୟ ନଂ ୧୨ ଖଣ୍ଡ ନଂ ୩ ଶ୍ଳୋକ ନଂ ୫ (ସନ୍ଥ ରାମପାଲ ଦାସଙ୍କ ଦ୍ୱାରା ଅନୁବାଦିତ):-

ଭଦ୍ରା ବସ୍ତ୍ରା ସମନ୍ୟାବୋସାନୋ ମହାନ୍ କବିର୍ନିବଚନାନି ଶଂସନ୍ ।

ଆ ବଚ୍ୟସ୍ୱ ଚମ୍ୱୋଃ ପୂୟମାନୋ ବିଚକ୍ଷଣୋ ଜାଗୃବିର୍ଦେବବୀତୌ ॥ ୫ ॥

ଅନୁବାଦ:- ଚତୁର ବ୍ୟକ୍ତିମାନେ ନିଜ ବଚନ ଦ୍ୱାରା ପୂର୍ଣ୍ଣ ପରମାତ୍ମା(ପୂର୍ଣ୍ଣ ବ୍ରହ୍ମ)ଙ୍କ ପୂଜାର ସତ୍ୟମାର୍ଗ ଦର୍ଶନ ନ କରାଇ, ଅମୃତ ସ୍ଥାନରେ ଅନ୍ୟ ଉପାସନା ଜଯେପରି ଭୂତ ପୂଜା, ପିତୃ ପୂଜା, ଶ୍ରାଦ୍ଧ ଦେବା, ତିନିଗୁଣର ପୂଜା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶଙ୍କର) ତଥା ବ୍ରହ୍ମ-କାଳଙ୍କ ପୂଜା, ମନ୍ଦିର-ମସ୍‌ଜିଦ-ଗୁରୁଦ୍ୱାର-ଚର୍ଚ୍ଚ ଓ ତୀର୍ଥ-ଉପବାସ ଆଦି ଉପାସନାକୁ ରୂପକ ବଥ ଓ ଘା'ରୁ ବାହାରୁଥିବା ପୂଜ/ନଶାକୁ ଆଦରର ସହିତ ସେବନ କରାଉଛନ୍ତି । ତାହାକୁ ପରମ ସୁଖଦାୟକ ପୂର୍ଣ୍ଣ ବ୍ରହ୍ମ କବୀର ସଶରୀରେ ସାଧାରଣ ବେଶଭୂଷାରେ ("ବସ୍ତ୍ରର ଅର୍ଥ ବେଶଭୂଷା ଯାହାକୁ ସନ୍ଥ ଭାଷାରେ ଚୋଲା ମଧ୍ୟ କହନ୍ତି, ଯେପରି କୌଣସି ସନ୍ଥ ଶରୀର ତ୍ୟାଗ କଲେ  କୁହାଯାଏ ଯେ ମହାତ୍ମା ତ ଚୋଲା ଛାଡିଗଲେ'') ସତ୍ୟଲୋକର ଶରୀର ପରି ଭିନ୍ନ ଏକ ହାଲୁକା ତେଜମୟ ଶରୀର ଧାରଣ କରି ସାଧାରଣ ବ୍ୟକ୍ତିଙ୍କ ପରି ଜୀବନଯାପନ କରି କିଛିଦିନ ସଂସାରରେ ରହି ନିଜ ଶବ୍ଦ-ସାକ୍ଷୀ ମାଧ୍ୟମରେ କହିଥାନ୍ତି। ସେ ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ଅର୍ଥାତ୍ ନିଜ ବିଷୟରେ ଲୁକାୟିତ ହୋଇ ରହିଥିବା ବାସ୍ତବିକ ସତ୍ୟଜ୍ଞାନ ଓ ଭକ୍ତିକୁ ଜାଗ୍ରତ କରିଥାନ୍ତି ।

ଗୀତା ଅଧ୍ୟାୟ ୧୬ ଶ୍ଳୋକ ନଂ ୨୩-

ଯଃ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ବର୍ତତେ, କାମକାରତଃ । ନ ସଃ

ସିଦ୍ଧିମ୍, ଅବାପ୍ନୋତି, ନ, ସୁଖମ୍, ନ, ପରାମ୍ ଗତିମ୍ ॥

ଅନୁବାଦ:- ଯେଉଁ ପୁରୁଷ ଶାସ୍ତ୍ରବିଧି ତ୍ୟାଗ କରି ନିଜ ଇଚ୍ଛାରେ ମନମୁଖୀ ଆଚରଣ କରେ, ସେ ନା ସିଦ୍ଧି ପ୍ରାପ୍ତ କରିଥାଏ, ନା ପରମଗତି ନା ସୁଖ ପ୍ରାପ୍ତ କରିଥାଏ ।

ଗୀତା ଅଧ୍ୟାୟ ୬ ଶ୍ଳୋକ ନଂ ୧୬-

ନ, ଅତି, ଅଶ୍ନନତଃ, ତୁ, ଯୋଗଃ, ଅସ୍ତି, ନ, ଚ, ଏକାନ୍ତମ୍,

ଅନଶ୍ନନତଃ, ନ, ଚ, ଅତି, ସ୍ୱପ୍ନଶୀଲସ୍ୟ, ଜାଗ୍ରତଃ, ନ, ଏବ, ଚ, ଅର୍ଜୁନ ॥

ଅନୁବାଦ:- ହେ ଅର୍ଜୁନ ! ଏହି ଯୋଗ ଅର୍ଥାତ୍ ଭକ୍ତି, ନା ତ ଅଧିକ ଭୋଜନ କରୁଥିବା ଏବଂ ନା ଆଦୌ ଭୋଜନ କରୁଥିବା, ନା ଏକାନ୍ତ ସ୍ଥାନରେ ଧ୍ୟାନରେ ବସି ସାଧନା କରୁଥିବା ବ୍ୟକ୍ତି ତଥା ନା ଅଧିକ ଶୟନ ସ୍ୱଭାବଯୁକ୍ତ ନା ସର୍ବଦା ଜାଗ୍ରତ ରହୁଥିବା ବ୍ୟକ୍ତିର ସିଦ୍ଧ ହୋଇଥାଏ ।

ପୂଜେଁ ଦେଈ ଧାମ କୋ, ଶୀଶ ହଲାବେଁ ଜୋ । ଗରୀବଦାସ ସାଚୀ କହେଁ, ହଦ କାଫିର ହେଁ ସୋ॥

କବୀର, ଗଙ୍ଗା କାଠେ ଘର କରେଁ, ପୀବେଁ ନିର୍ମଳ ନୀର । ମୁକ୍ତି ନହୀଁ ହରି ନାମ ବିନ, ସତଗୁରୁ କହେଁ କବୀର ॥

କବୀର, ତୀର୍ଥ କର-କର ଜଗ ମୂବା, ଉଡେ ପାନୀ ନହାୟ । ରାମ ହୀ ନାମ ନା ଜପା, କାଲ ଘସୀଟେ ଜାୟ ॥

ଗରୀବ, ପୀତଲ ହୀ କା ଥାଲ ହେଁ, ପୀତଲ କା ଲୋଟା ।  ଜଡ ମୂରତ କୋ ପୂଜତେଁ, ଆୱେଗା ଟୋଟା ॥

ଗରୀବ, ପୀତଲ ଚମଚା ପୂଜିୟେ, ଜୋ ଥାଲ ପରୋସେ । ଜଡ ମୂରତ କିସ କାମକୀ, ମତି ରହୋ ଭରସେ ॥

କବୀର, ପର୍ବତ ପର୍ବତ ମୈଁ ଫିର୍‌ୟା, କାରଣ ଅପନେ ରାମ । ରାମ ସରୀଖେ ଜନ ମିଲେ, ଜିନ ସାରେ ସବ କାମ ॥

୩. ଦେବୀ-ଦେବତା ଓ ପିତୃ ପୁରୁଷ ପୂଜା ନିଷେଧ :- କୌଣସି ପ୍ରକାରର ପିତୃ ପୂଜା ଓ ଶ୍ରାଦ୍ଧ ଦେବା ଆଦି କିଛି ବି କରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣଜୀ ମଧ୍ୟ ଏହି ପିତୃ ପୁରୁଷ ଓ ଭୂତଙ୍କ ପୂଜା କରିବା ପାଇଁ ସମ୍ପୂର୍ଣ୍ଣ ମନା କରିଛନ୍ତି ।

ଗୀତା  ଅଧ୍ୟାୟ ୯ ଶ୍ଳୋକ ନଂ ୨୫ ରେ କୁହାଯାଇଛି ଯେ -

ଯାନ୍ତି, ଦେବବ୍ରତାଃ, ଦେବାନ୍, ପିତୃନ୍ତ୍ରନ୍, ଯାନ୍ତି, ପିତୃବ୍ରତାଃ ।

ଭୂତାନି, ଯାନ୍ତି, ଭୂତେଜ୍ୟାଃ, ମଦ୍ୟାଜିନଃ, ଅପି, ମାମ୍ ॥

ଅନୁବାଦ:- ଦେବତାମାନଙ୍କର ପୂଜା କରୁଥିବା ମନୁଷ୍ୟ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି, ପିତୃ ପୁରୁଷଙ୍କର ଉପାସକ ପିତୃ ପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି, ଭୂତପ୍ରେତଙ୍କର ଉପାସକ ଭୂତପ୍ରେତଙ୍କୁ ପ୍ରାପ୍ତ ହୁଅନ୍ତି

ଏବଂ ମତାନୁସାର ପୂଜନ କରୁଥିବା ଭକ୍ତ ମୋଠାରୁ ଲାଭାନ୍ୱିତ ହୋଇଥାନ୍ତି ।

ବନ୍ଦୀଛୋଡ ଗରୀବ ଦାସଜୀ ମହାରାଜ ଓ କବୀର ସାହେବଜୀ ମହାରାଜ କହନ୍ତି ଯେ-
"ଗରୀବ,ଭୂତରମୈସୋଭୂତହୈ,ଦେବରମୈସୋଦେବାରାମରମୈସୋରାମହୈ,ସୁନୋସକଲସୁରଭେବା।।"

ଏଥିପାଇଁ ସେହି (ପୂର୍ଣ୍ଣ ପରମାତ୍ମା) ପରମେଶ୍ୱରଙ୍କର ଭକ୍ତି କରନ୍ତୁ ଯାହାଙ୍କ ଦ୍ୱାରା ପୂର୍ଣ୍ଣମୁକ୍ତି ହୋଇ ପାରିବ । ସେହି ପରମାତ୍ମା ପୂର୍ଣ୍ଣବ୍ରହ୍ମ ସତ୍ୟପୁରୁଷ (ସତ୍ୟ କବୀର) ଅଟନ୍ତି । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ନଂ ୪୬ ରେ ଅଛି ଯେ :-

ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ । ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।।୪୬।।

ଅନୁବାଦ:- ଯେଉଁ ପରମେଶ୍ୱରଙ୍କଠାରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଛି ଏବଂ ଯାହାଙ୍କଠାରୁ ସମସ୍ତ ଜଗତ ବ୍ୟାପ୍ତ, ମନୁଷ୍ୟ ନିଜ ସ୍ୱାଭାବିକ କର୍ମ ଦ୍ୱାରା ସେହି ପରମେଶ୍ୱରଙ୍କୁ ପୂଜା କରି ପରମ ସିଦ୍ଧି ପ୍ରାପ୍ତ କରିଥାଏ ।।୪୬ ।।

ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ନଂ ୬୨ :-

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍ପ୍ରସାଦାତ୍ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।।୬୨।।

ଅନୁବାଦ :- ହେ ଭରତବଂଶୋଦ୍ଭବ ଅର୍ଜୁନ! ତୁ ସର୍ବ ଭାବରେ ସେହି ଈଶ୍ୱରଙ୍କ ଶରଣକୁ ଚାଲିଯାଆ । ତାଙ୍କ କୃପାରୁ ତୁ ପରମଶାନ୍ତି ଓ ଅବିନାଶୀ ପରମପଦ ପ୍ରାପ୍ତ କରିବୁ ।

ସର୍ବଭାବର ତାତ୍ପର୍ଯ୍ୟ ହେଲା ଅନ୍ୟ କୌଣସି ପୂଜା ନ କରି ମନ-କର୍ମ-ବଚନରେ ଏକ ପରମେଶ୍ୱରଙ୍କ ଉପରେ ଆସ୍ଥା ରଖିବା ।

ଗୀତା ଅଧ୍ୟାୟ ୮ ର ଶ୍ଳୋକ ନଂ ୨୨ :-

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।
ଯସ୍ୟାନ୍ତଃ ସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ।।୨୨ ।।

ଅନୁବାଦ :- ହେ ପୃଥାନନ୍ଦନ ଅର୍ଜୁନ! ସମସ୍ତ ପ୍ରାଣୀ ଯାହାଙ୍କ ଅନ୍ତର୍ଗତ ଏବଂ ଯାହାଙ୍କଠାରୁ ସମ୍ପୂର୍ଣ୍ଣ ସଂସାର ବ୍ୟାପ୍ତ, ସେହି ପରମପୁରୁଷ ପରମାତ୍ମା ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ତ ହେବା ଯୋଗ୍ୟ ଅଟନ୍ତି ।

ଅନନ୍ୟ ଭକ୍ତିର ତାତ୍ପର୍ଯ୍ୟ ହେଲା ସେହି ଏକ ପରମେଶ୍ୱର(ପୂର୍ଣ୍ଣବ୍ରହ୍ମ)ଙ୍କର ଭକ୍ତି କରିବା । ଅନ୍ୟ ଦେବୀ-ଦେବତା ଅର୍ଥାତ୍ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ଭକ୍ତି କରିବା ନାହିଁ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ :-

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧

ଉର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶ୍ୱତ୍ଥମ୍, ପ୍ରାହୁଃ, ଅବ୍ୟୟମ୍,
ଛନ୍ଦାଂସି, ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ।।୧।।

ଅନୁବାଦ:- ଉପରକୁ ମୂଳ, ତଳକୁ ଶାଖାଯୁକ୍ତ ଅବିନାଶୀ ବିସ୍ତୃତ ସସାଂର ରୂପୀ ଅଶ୍ୱତ୍ଥ ବୃକ୍ଷ, ଯାହାର ଛୋଟ ଛୋଟ ଅଂଶକୁ ପ୍ରଶାଖା ଓ ପତ୍ର କୁହାଯାଇଛି, ସେହି ସଂସାର ରୂପୀ ବୃକ୍ଷକୁ ଯିଏ ଏହି ପ୍ରକାରେ ବର୍ଣ୍ଣନା କରିପାରେ ସେ ପୂର୍ଣ୍ଣଜ୍ଞାନୀ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ନଂ ୨

ଅଧଃ, ଚ, ଉର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ, ବିଷୟପ୍ରବାଳାଃ,
ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧୀନି, ମନୁଷ୍ୟଲୋକେ ।।୨।।

ଅନୁବାଦ:- ସେହି ବୃକ୍ଷର ତଳଠାରୁ ଉପର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ତିନିଗୁଣ ଯଥା ବ୍ରହ୍ମା-ରଜଗୁଣ, ବିଷ୍ଣୁ-ସତଗୁଣ, ଶିବ-ତମଗୁଣ ରୂପୀ ବିକାର କାମ, କ୍ରୋଧ, ଲୋଭ, ମୋହ ଓ ଅହଂକାର ରୂପି କଅଁଳ ଡାଳ ବ୍ରହ୍ମା, ବିଷ୍ଣୁ ଓ ଶିବ ହିଁ ଜୀବକୁ କର୍ମ ବନ୍ଧନରେ ବାନ୍ଧିବାର ମୂଳ କାରଣ ଅଟନ୍ତି ତଥା ମନୁଷ୍ୟ ଲୋକ, ସ୍ୱର୍ଗ, ନର୍କ ଓ ପୃଥିବୀ ଲୋକରେ ନିମ୍ନରେ (ଚୌରାଶୀ ଲକ୍ଷ ଯୋନିରେ) ଓ ଉପରେ ସମସ୍ତଙ୍କୁ ବ୍ୟବସ୍ଥିତ କରି ରଖିଛନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୩

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ, ।
ସମ୍ପ୍ରତିଷ୍ଠା, ଅଶ୍ୱତ୍ଥମ୍, ଏନମ୍, ସୁବିରୂଢମୂଳମ୍, ଅସଙ୍ଗଶସ୍ତ୍ରେଣ, ଦୃଢେନ, ଛିତ୍ୱା ।।୩।।

ଅନୁବାଦ:- ଏହି ସୃଷ୍ଟିର ନା ଆଦି ଅଛି ନା ଅନ୍ତ ଅଛି ନା ଏଭଳି ସ୍ୱରୂପ ଦେଖିବାକୁ ମିଳେ ତଥା ଏହି ବିଚାରକାଳରେ ଅର୍ଥାତ୍ ମୋ ଦ୍ୱାରା ପ୍ରଦାନ କରାଯାଉଥିବା ଗୀତାଜ୍ଞାନର ସମ୍ପୂର୍ଣ୍ଣ ବିବରଣୀ ମୋତେ ମଧ୍ୟ ଜଣା ନାହିଁ କାରଣ ସର୍ବ ବ୍ରହ୍ମାଣ୍ଡର ରଚନାର ସଠିକ୍ ସ୍ଥିତିର ଜ୍ଞାନ ମୋର ମଧ୍ୟ ନାହିଁ । ଏହିପରି ଉତ୍ତମ ସ୍ଥାୟୀ ସ୍ଥିତିପ୍ରଦ ମଜଭୂତ ସ୍ୱରୂପ ବିଶିଷ୍ଟ ନିର୍ଲେପ ତତ୍ତ୍ୱଜ୍ଞାନ ରୂପୀ ଦୃଢ ଶସ୍ତ୍ର ଦ୍ୱାରା ଅର୍ଥାତ୍ ନିର୍ମଳ ତତ୍ତ୍ୱଜ୍ଞାନ ଦ୍ୱାରା ଛେଦନ କରି ଅର୍ଥାତ୍ ନିରଞ୍ଜନର ଭକ୍ତିକୁ କ୍ଷଣିକ ଜାଣି ।। ୩ ।।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୪

ତତଃ ପଦଂ ତତ୍ପରିମାର୍ଗିତବ୍ୟଂ ଯସ୍ମିନଗତା ନ ନିବର୍ତନ୍ତି ଭୂୟଃ ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ ଯତଃ ପ୍ରବୃତ୍ତି ପ୍ରସୃତା ପୁରାଣୀ ।।୪।।

ଅନୁବାଦ:- ତା'ପରେ ସେହି ପରମପଦ ପରମାତ୍ମାଙ୍କର ଅନ୍ୱେଷଣ କରିବା ଉଚିତ, ଯାହାଙ୍କୁ ପ୍ରାପ୍ତ ହେବା ପରେ ମନୁଷ୍ୟ ପୁଣି ଏହି ସଂସାରକୁ ଫେରି ଆସେ ନାହିଁ ଏବଂ ଯାହାଙ୍କଠାରୁ ଅନାଦି କାଳରୁ ଚାଲି ଆସୁଥିବା ଏହି ସୃଷ୍ଟି ତାଙ୍କଠାରୁ ବିସ୍ତାର ଲାଭ କରିଛି । ସେହି ଆଦିପୁରୁଷ ପରମାତ୍ମାଙ୍କ ଶରଣରେ ମୁଁ ଅଛି ।

ଏହି ପ୍ରକାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ, ଦେବୀ-ଦେବତାଙ୍କ ରାଜା ଇନ୍ଦ୍ରଙ୍କର ପୂଜା ବନ୍ଦ କରାଇ ସେହି ଏକ ପରମାତ୍ମାଙ୍କର ଭକ୍ତି କରିବା ପାଇଁ ବ୍ରଜବାସୀଙ୍କୁ ପ୍ରେରଣା ଦେଇଥିଲେ । ଯେଉଁ କାରଣରୁ ସେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ଇନ୍ଦ୍ରଙ୍କ କୋପରୁ ବ୍ରଜବାସୀଙ୍କୁ ରକ୍ଷା କରିଥିଲେ ।

ଗରୀବ, ଇନ୍ଦ୍ର ଚଢା ବ୍ରିଜ୍ ଡୁବୋୱନ, ଭୀଗା ଭୀତ ନ ଲେବ୍ ।
ଇନ୍ଦ୍ର କଢାଇ ହୋତ ଜଗତ ମେଁ, ପୂଜା ଖା ଗଏ ଦେବ ।।
କବୀର, ଇସ ସଂସାର କୋ, ସମଝାଉଁ କେ ବାର । ପୂଁଛ ଜୋ ପକଡେ ଭେଢ କୀ, ଉତରା ଚାହେଁ ପାର ।।

୪. ଗୁରୁ ଆଜ୍ଞାର ପାଳନ:- ଗୁରୁଦେବଙ୍କ ବିନା ଆଜ୍ଞାରେ ଘରେ କୌଣସି ପ୍ରକାରର ଧାର୍ମିକ ଅନୁଷ୍ଠାନ କରିବେ ନାହିଁ । ବନ୍ଦୀଛୋଡ଼ ନିଜ ବାଣୀରେ କହନ୍ତି ଯେ :-

ଗୁରୂ ବିନ ଯଜ୍ଞ ହବନ ଜୋ କରହିଁ, ମିଥ୍ୟା ଜାବେ କବହୂ ନହୀଁ ଫଲହୀଁ ।
କବୀର, ଗୁରୂ ବିନ ମାଲା ଫେରତେ, ଗୁରୂ ବିନ ଦେତେ ଦାନ ।
ଗୁରୁବିନ ଦୋନୋ ନିଷ୍ଫଳ ହେଁ, ପୂଛୋ ବେଦ ପୁରାଣ ।।

୫. ମାତା ମସାଣୀ ( ଠାକୁରାଣୀ) ପୂଜା ନିଷେଧ :- ନିଜ ଜମିରେ ତିଆରି ହୋଇଥିବା ମଁଢ଼ି (ସ୍ମୃତି ମନ୍ଦିର) କିମ୍ବା ଗ୍ରାମାଞ୍ଚଳରେ କିମ୍ବା ଅନ୍ୟ ଦେବତାଙ୍କର ସମାଧି ପୂଜା କରିବା ନିଷେଧ । ସମାଧି ଯାହାର ବା ହେଉ ନା କାହିଁକି ଆଦୌ ପୂଜା କରିବେ ନାହିଁ । ଅନ୍ୟ କୌଣସି ଉପାସନା କରିବେ ନାହିଁ । ଏପରି କି ତିନିଗୁଣ (ବ୍ରହ୍ମା, ବିଷ୍ଣୁ, ଶିବ) ର ପୂଜା ମଧ୍ୟ କରିବେ ନାହିଁ । କେବଳ ଗୁରୁଜୀ ବତାଇଥିବା ବିଧି ଅନୁସାରେ କରିବେ ।

ଗୀତା ଅଧ୍ୟାୟ ୭ ର ଶ୍ଳୋକ ନଂ ୧୫

ନ, ମାମ୍, ଦୁଷ୍କୃତିନଃ, ମୂଢାଃ, ପ୍ରପଦ୍ୟନ୍ତେ, ନରାଧମାଃ,
ମାୟୟା, ଅପହୃତଜ୍ଞାନାଃ, ଆସୁରମ୍, ଭାବମ୍, ଆଶ୍ରିତାଃ ।।୧୫।।

ଅନୁବାଦ :- ମାୟା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି, ଏହିଭଳି ବ୍ୟକ୍ତି ଅସୁର ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟ, ନିଚ ଦୂଷିତ କର୍ମ କରୁଥିବା ମୁର୍ଖ ମୋତେ ମଧ୍ୟ ଭଜନ୍ତି ନାହିଁ ଅର୍ଥାତ୍ ସେମାନେ ତିନି ଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ହିଁ ସାଧନା କରିଥାନ୍ତି ।

କବୀର, ମାଈ ମସାଣୀ ଶେଢ ଶୀତଲା, ଭୈରବ ଭୂତ ହନୁମଁତ ।
ପରମାତ୍ମା ଉନସେ ଦୂର ହେଁ, ଜୋ ଇନକୋ ପୂଜଁତ ।।
କବୀର, ସୌ ବର୍ଷ ତୋ ଗୁରୂ କୀ ସେବା, ଏକଦିନ ଆନ ଉପାସୀ ।
ୱୋ ଅପରାଧୀ ଆତ୍ମା, ପରେ କାଳ କୀ ଫାଁସୀ ।।
ଗୁରୂ କୋ ତଜେ ଭଜେ ଜୋ ଆନା । ତା ପସୂୱା କୋ ଫୋକଟ ଜ୍ଞାନା ।।

୬. ସଙ୍କଟ ମୋଚନ କବୀର ସାହେବ :- କର୍ମକଷ୍ଟ (ସଙ୍କଟ) ସମୟରେ ଅନ୍ୟ କୌଣସି ଇଷ୍ଟ ଦେବତା କିମ୍ବା ମାତା ମସାଣୀ (ଠାକୁରାଣୀ) ଆଦିଙ୍କର ପୂଜା କଦାପି କରିବେ ନାହିଁ। ନା କୌଣସି ପ୍ରକାରର ତାନ୍ତ୍ରିକ କ୍ରିୟା କରିବେ । କେବଳ ବନ୍ଦୀଛୋଡ଼ କବୀର ସାହେବଙ୍କର ପୂଜା କରିବେ ଯିଏ ସର୍ବ ଦୁଃଖହର୍ତ୍ତା ସଙ୍କଟମୋଚକ ଅଟନ୍ତି ।

ସାମବେଦ ସଂଖ୍ୟା ନଂ ୮୨୨, ଉତାର୍ଚିକ ଅଧ୍ୟାୟ ୩, ଖଣ୍ଡ ନଂ ୫, ଶ୍ଳୋକ ନଂ ୮ (ସନ୍ଥ ରାମପାଲ ଦାସଙ୍କ ଦ୍ୱାରା ଅନୁବାଦିତ) :-

ମନୀଷିଭିଃ ପବତେ ପୂର୍ବ୍ୟଃ କବିର୍ନୃଭିର୍ଯତଃ ପରି କୋଶାଂ ଅସିଷ୍ୟଦତ୍ ।
ତ୍ରିତସ୍ୟ ନାମ ଜନୟନ୍ମଧୁ କ୍ଷରନ୍ନିନ୍ଦ୍ରସ୍ୟ ବାୟୁଂ ସଖ୍ୟାୟ ବର୍ଧୟନ୍ ॥ ୮ ॥

ଅନୁବାଦ:- ସନାତନ ଅର୍ଥାତ୍ ଅବିନାଶୀ କବୀର ପରମେଶ୍ୱର, ଅନ୍ତରାତ୍ମାରେ ଶ୍ରଦ୍ଧାର ସହିତ ଭକ୍ତି କରୁଥିବା ଭକ୍ତାତ୍ମାମାନଙ୍କୁ ତିନିମନ୍ତ୍ରର ଉପଦେଶ ଦେଇ ପବିତ୍ର କରି ଜନ୍ମ ଓ ମୃତ୍ୟୁରୁ ମୁକ୍ତ କରି ଦିଅନ୍ତି ତଥା ତା' ପ୍ରାଣ ଅର୍ଥାତ୍ ଜୀବନ-ଶ୍ୱାସ (ସଂସ୍କାରବଶତଃ ନିଜ ମିତ୍ର ଅର୍ଥାତ୍ ଭକ୍ତକୁ ଗଣତି କରି ଦେଇଥିବା ଶ୍ୱାସ)କୁ ନିଜ ଭଣ୍ଡାରରୁ ସମ୍ପୂର୍ଣ୍ଣ ରୂପେ ବଢାଇ ଦିଅନ୍ତି। ଯେଉଁ କାରଣରୁ ପରମେଶ୍ୱରଙ୍କ ବାସ୍ତବିକ ଆନନ୍ଦକୁ ନିଜ ଆଶୀର୍ବାଦ ପ୍ରସାଦ ଦ୍ୱାରା ପ୍ରାପ୍ତ କରାଇଥାନ୍ତି ।

କବୀର, ଦେବୀ ଦେବ ଠାଢେ ଭୟେ, ହମକୋ ଠୌର ବତାଓ ।
ଜୋ ମୁଝ (କବୀର) କୋ ପୂଜେଁ ନହିଁ, ଉନ୍‌କୋ ଲୂଟୋ ଖାଓ ॥
ଗରୀବ, କାଲ ଜୋ ପୀସୈ ପୀସନା, ଜୋରା ହୈ ପନିହାର ।
ୟେ ଦୋ ଅସଲ ମଜୂର ହୈଁ, ସତଗୁରୁ କେ ଦରବାର ॥

୭. ଅନାବଶ୍ୟକ ଦାନ ନିଷେଧ :- କୌଣସି ଅନୁଷ୍ଠାନ ଓ କୌଣସି ବ୍ୟକ୍ତିକୁ ଦାନ ରୂପେ କିଛି ଦେବେ ନାହିଁ । ଟଙ୍କା ପଇସା ଓ ବିନା ସିଲେଇ କପଡା ଆଦି କିଛି ମଧ ଦେବେ ନାହିଁ। ଦାନ ରୂପେ କେହି ଯଦି କିଛି ମାଗିବାକୁ ଆସନ୍ତି ତେବେ ତାଙ୍କୁ ଖାଦ୍ୟ ଖାଇବାକୁ ଦିଅନ୍ତୁ, ଚା, କ୍ଷୀର, ସର୍ବତ, ଜଳ ଆଦି ପିଇବାକୁ ଦିଅନ୍ତୁ କିନ୍ତୁ ଅନ୍ୟ କିଛି ଦିଅନ୍ତୁ ନାହିଁ। କିଏ ଜାଣେ ଭିକାରୀ ସେହି ଟଙ୍କାର କି ଦୁରୂପଯୋଗ କରିବ । ଥରେ ଜଣେ ଭିକାରୀ ମିଥ୍ୟାର ଆଶ୍ରୟ ନେଇ ଜଣେ ବ୍ୟକ୍ତିକୁ କାହିଲା ଯେ ମୋ ପିଲା ରୋଗରେ ପଡି ଛଟପଟ ହେଉଛି, କୃପାକରି କିଛି ଟଙ୍କା ଦିଅନ୍ତୁ । ବ୍ୟକ୍ତି ଜଣକ ଭାବପ୍ରବଣ ହୋଇ ୧୦୦ ଟଙ୍କା ଦେଇଦେଲେ । ସେହି ଭିକାରୀ ପ୍ରତିଦିନ ୨୫୦ ମି.ଲି. ମଦ ପିଉଥିଲା କିନ୍ତୁ ସେଦିନ ଅଧା ବୋତଲ ମଦ ପିଇ ନିଜ ସ୍ତ୍ରୀ ଓ ପିଲାଙ୍କୁ ଖୁବ୍ ପିଟିବାରୁ ତା ସ୍ତ୍ରୀ ପିଲାମାନଙ୍କ ସହିତ ଆତ୍ମହତ୍ୟା କରିଦେଲା । ଆପଣଙ୍କ ଦ୍ୱାରା କରାଯାଇଥିବା ଦାନ ସେହି ପରିବାରର ସର୍ବନାଶର କାରଣ ହେଲା । ଯଦି ଏଭଳି ଦୁଃଖି ବ୍ୟକ୍ତିଙ୍କୁ ଆପଣ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଡାକ୍ତର ପରାମର୍ଶ କରି ସେହି ଅସୁସ୍ଥ ପିଲା ପାଇଁ ଔଷଧର ବ୍ୟବସ୍ଥା କରନ୍ତୁ କିନ୍ତୁ ଟଙ୍କା-ପଇସା ଦିଅନ୍ତୁ ନାହିଁ।

କବୀର, ଗୁରୁ ବିନ ମାଲା ଫେରତେ, ଗୁରୁ ବିନ ଦେତେ ଦାନ ।
ଗୁରୁ ବିନ ଦୋନୋଁ ନିଷ୍ଫଳ ହୈ, ପୂଛୋ ବେଦ ପୁରାଣ ॥

୮. ଅଁଇଠା ଖାଇବା ନିଷେଧ :- ଏଭଳି ବ୍ୟକ୍ତିଙ୍କର ଅଇଁଠା ଖାଇବା ମନା ଯିଏ ମଦ, ମାଂସ, ତମାଖୁ, ଅଣ୍ଡା, ବିୟର, ଅଫିମ, ଗଞ୍ଜେଇ ତଥା ଅନ୍ୟ ନିଶାଦ୍ରବ୍ୟ ଆଦି ସେବନ କରନ୍ତି।

୯. ସତ୍‌ଲୋକ ଗମନ(ଦେହାନ୍ତ) ଉପରାନ୍ତ କ୍ରିୟା-କର୍ମ(ଶୁଦ୍ଧିକ୍ରିୟା) ନିଷେଧ :- ପରିବାରରେ ଯଦି କାହାର ମୃତ୍ୟୁ ହୋଇଯାଏ ତେବେ ଘରଲୋକ ହୁଅନ୍ତୁ ବା ଅନ୍ୟ ଲୋକ କେହି ବି ଚିତାରେ ଅଗ୍ନି ଦେଇପାରିବେ । ଅଗ୍ନି ପ୍ରଜ୍ୱଳନ କରିବା ସମୟରେ ମଙ୍ଗଳାଚରଣ ଗାନ କରିବେ। ଅସ୍ଥି ଆଦି କିଛି ବି ସଂଗ୍ରହ କରିବା ମନା । ଯଦି ସେହି ସ୍ଥାନକୁ ସଫା କରିବା ନିହାତି ଅନିବାର୍ଯ୍ୟ ତେବେ ସେହି ଅସ୍ଥି ଆଦିକୁ ନିଜେ ଏକତ୍ରିତ କରି କୌଣସି ପ୍ରବାହିତ ନଦୀ ଜଳରେ ଭସାଇ ଦିଅନ୍ତୁ ତଥା ସେହି ସମୟରେ ମଙ୍ଗଳାଚରଣ ଉଚ୍ଚାରଣ କରନ୍ତୁ । ତା'ପରେ ନା ଶୁଦ୍ଧିକ୍ରିୟା କରିବେ ନା ବର୍ଷକିଆ, ନା ପିଣ୍ଡଦାନ ଓ ଶ୍ରାଦ୍ଧ ଆଦି କିଛି ବି କରିବା ମନା । କୌଣସି ବ୍ୟକ୍ତିକୁ ଡକାଇ ଘରେ ହୋମ ଯଜ୍ଞ ଆଦି କରିବା ମନା ।

ଯେଉଁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ଶୋକବ୍ୟକ୍ତ କରିବାକୁ ଆସିବା ପାଇଁ ଚାହିଁବେ ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରନ୍ତୁ । ପ୍ରତିଦିନ ପରି ସେଦିନ ମଧ୍ୟ ନିତ୍ୟନିୟମ କରନ୍ତୁ, ଜ୍ୟୋତି ପ୍ରଜ୍ୱଳନ କରନ୍ତୁ, ତା'ପରେ ସମସ୍ତଙ୍କୁ ଖାଇବାକୁ ଦିଅନ୍ତୁ । ସେହି ମୃତ ବ୍ୟକ୍ତିଙ୍କ ନାମରେ ଯଦି ଆପଣ କିଛି ଧର୍ମ କରିବାର ଅଛି ତେବେ ନିଜ ଗୁରୁଦେବଙ୍କ ଆଜ୍ଞା ନେଇ ବନ୍ଦିଛୋଡ଼ ଗରିବ ଦାସଜୀ ମହାରାଜଙ୍କ ଅମୃତମୟୀ ବାଣୀର ଅଖଣ୍ଡ ପାଠ କରିବା ଉଚିତ୍ । ଯଦି ପାଠ କରିବା ପାଇଁ ଆଜ୍ଞା ନ ମିଳେ ତେବେ ପରିବାରର ଉପଦେଶୀ ଭକ୍ତ ଚାରିଦିନ କିମ୍ୱା ସାତଦିନ ପର୍ଯ୍ୟନ୍ତ ଦେଶୀ ଘିଅରେ ଏକ ଅଖଣ୍ଡ ଜ୍ୟୋତି ଜଳାଇ ପ୍ରତିଦିନ ବ୍ରହ୍ମ ଗାୟତ୍ରୀ ମନ୍ତ୍ର ଚାରିଥର ଜପ କରନ୍ତୁ । ସେଥିରୁ ତିନି କିମ୍ୱା ଏକଥର ମନ୍ତ୍ର ଜପର ଦାନ ସଂକଳ୍ପ ସତ୍‌ଲୋକବାସୀଙ୍କ ଉଦ୍ଦେଶ୍ୟରେ କରନ୍ତୁ । ଯେପରି ଉଚିତ୍ ଭାବିବେ ଥରେ, ଦୁଇଥର କିମ୍ୱା ତିନିଥର ମନ୍ତ୍ର ଜପର ଫଳ ତାଙ୍କୁ ଦାନ କରିବେ । ପ୍ରତିଦିନ ଭଳି ଜ୍ୟୋତି ଓ ଆରତୀ, ନାମ ସୁମିରଣ ନିମ୍ନର ଏହି କଥାକୁ ସ୍ମରଣ କରି ଜାରି ରଖିବେ ଯେ :-

କବୀର, ସାଥୀ ହମାରେ ଚଲେ ଗଏ, ହମ ଭୀ ଚାଲନ ହାର ।
କୋଏ କାଗଜ ମେଁ ବାକୀ ରହ ରହୀ, ତାତେଁ ଲଗୀ ହୈ ବାର ॥
କବୀର, ଦେହ ପଡୀ ତୋ କ୍ୟା ହୁଆ, ଝୂଠା ସଭୀ ପଟୀଟ ।
ପକ୍ଷୀ ଉଡୟା ଆକାଶ କୁଁ, ଚଲତା କର ଗୟା ବୀଟ ॥

## "କର୍ମକାଣ୍ଡ ବିଷୟରେ ସତ୍ୟକଥା"

ମୋର (ସନ୍ଥ ରାମପାଲ ଦାସଙ୍କ) ପୂଜ୍ୟ ଗୁରୁଦେବ ସ୍ୱାମୀ ରାମ ଦେବାନନ୍ଦଜୀ ମହାରାଜଙ୍କୁ ଷୋହଳ ବର୍ଷ ବୟସରେ କୌଣସି ଜଣେ ମହାତ୍ମାଙ୍କ ସତସଙ୍ଗ ଶୁଣି ସଂସାର ପ୍ରତି ବୈରାଗ୍ୟ ଆସିଥିଲା । ଦିନେ ସେ କ୍ଷେତକୁ ଯାଇଥିଲେ । ପାଖରେ ଏକ ବଣ ଥିଲା । ସେ ବଣ ଭିତରକୁ ଯାଇ ସେଠାରେ ପଡିଥିବା କୌଣସି ମୃତପଶୁର ଅସ୍ଥି ନିକଟରେ ନିଜ ପିନ୍ଧା ବସ୍ତ୍ର ଚିରି ଫିଙ୍ଗିଦେଇ, ସେହି ମହାତ୍ମାଙ୍କ ସହିତ ଚାଲିଗଲେ ।

ଯେତେବେଳେ ଘରଲୋକେ ତାଙ୍କୁ ଖୋଜିବାକୁ ଲାଗିଲେ ସେତେବେଳେ ଦେଖିବାକୁ ପାଇଲେ ଯେ ବଣରେ ଅସ୍ଥି ନିକଟରେ କିଛି ଛିଣ୍ଡା ବସ୍ତ୍ର ପଡିଛି । ସେମାନେ ଭାବିଲେ ଯେ କୌଣସି ଜଙ୍ଗଲି ହିଂସ୍ରଜନ୍ତୁ ତାଙ୍କୁ ମାରି ଖାଇଦେଇଛି । ପରିବାର ଲୋକେ ସେହି ଛିଣ୍ଡା ବସ୍ତ୍ର ଓ ଅସ୍ଥିକୁ ଘରକୁ ନେଇ ଅନ୍ତିମ ସଂସ୍କାର କରିଦେଲେ । ତା'ପରେ ଶୁଦ୍ଧିକ୍ରିୟା ଓ ବର୍ଷିକିଆ କର୍ମ ତଥା ଶ୍ରାଦ୍ଧ ଦେବା ମଧ୍ୟ ଆରମ୍ଭ କରିଦେଲେ ।

ମୋ ପୂଜ୍ୟ ଗୁରୁଦେବ ଯେତେବେଳେ ବହୁତ ବୃଦ୍ଧ ହୋଇଗଲେ, ଦିନେ ସେ ତାଙ୍କ ଘରକୁ ଗଲେ, ସେତେବେଳେ ତାଙ୍କ ପରିବାର ଲୋକେ ଜାଣିପାରିଲେ ଯେ ସେ ଜୀବିତ ଅଛନ୍ତି ଏବଂ ଘର ଛାଡି ଚାଲି ଯାଇଥିଲେ । ପରିବାର ଲୋକେ କହିଲେ, ଘରଛାଡି ଚାଲିଯିବା ପରେ ତାଙ୍କୁ ବହୁତ ଖୋଜାଗଲା । ଜଙ୍ଗଲରେ ତାଙ୍କ ବସ୍ତ୍ର ମିଳିଲା ଯାହା ପାଖରେ କିଛି ଅସ୍ଥି ମଧ୍ୟ ପଡିଥିଲା । ତେଣୁ ଆମ୍ଭେ ଭାବିଲୁ ଯେ କୌଣସି ଜଙ୍ଗଲି ଜନ୍ତୁ ତାଙ୍କୁ ମାରି ଖାଇଦେଇଛି ଏବଂ ସେହି ବସ୍ତ୍ର ଓ ଅସ୍ଥିଗୁଡିକୁ ଘରକୁ ଆଣି ଅନ୍ତିମ ସଂସ୍କାର କରିଦେଲୁ ।

ପରେ ମୁଁ (ସନ୍ଥ ରାମପାଲ ଦାସ) ମୋ ପୂଜ୍ୟ ଗୁରୁଦେବଙ୍କ ସାନଭାଇଙ୍କ ପତ୍ନୀଙ୍କୁ ପଚାରିଲି ଯେ ଆମ୍ଭ ପୂଜ୍ୟ ଗୁରୁଦେବ ଯେତେବେଳେ ଘର ଛାଡି ଚାଲିଗଲେ, ତା'ପରେ ତୁମ୍ଭେ କ'ଣ ସବୁ କଲ ? ସେ କହିଲେ, ମୁଁ ଯେବେଠାରୁ ବିଭାହୋଇ ଏ ଘରକୁ ଆସିଛି ସେହି ସମୟରୁ ହିଁ ତାଙ୍କର ଶ୍ରାଦ୍ଧ ଦିଆ ଯାଉଥିବାର ଦେଖି ଆସୁଛି । ମୁଁ ନିଜ ହାତରେ ତାଙ୍କର ପ୍ରାୟ ୭୦ ଥର ଶ୍ରାଦ୍ଧ ଦେଇସାରିଛି । ଆହୁରି କହିଲେ ଯେ ଘରେ ଯେତେବେଳେ କୌଣସି ଅନିଷ୍ଟ ଘଟେ ଯେପରି ଗାଈ କ୍ଷୀର ନ ଦେବା, ଗାଈ ସ୍ତନହରା ରୋଗରେ ପଡିବା ତଥା ଅନ୍ୟ କୌଣସି ଅନିଷ୍ଟ ଘଟିଲେ ଆମ୍ଭେ ଗୁଣିଆ ନିକଟକୁ ଯାଇ ପଚାରିଲେ ସେ କୁହନ୍ତି ଯେ ଆପଣଙ୍କ ଘରେ କୌଣସି ନିଃସନ୍ତାନ ବ୍ୟକ୍ତିର ମୃତ୍ୟୁ ହୋଇଛି । ସେ ତୁମ୍ଭମାନଙ୍କୁ ଦୁଃଖ, କଷ୍ଟ ଦେଉଛି । ଏହି କଥା ଶୁଣି ଆମ୍ଭେ ତାକୁ ବସ୍ତ୍ର ଆଦି ଦାନ କରିଥାଉ ।

ଏହା ଶୁଣି ମୁଁ କହିଲି, ଇଏ ତ ମାନବ ସମାଜର ଉଦ୍ଧାର ପାଇଁ କାର୍ଯ୍ୟ କରୁଛନ୍ତି । ଇଏ କାହିଁକି

କାହାକୁ ବା ଦୁଃଖ ଦେବେ ? ଇଏ ତ ଏବେ ସୁଖଦାତା ଅଟନ୍ତି । ପୁଣି ମୁଁ (ସନ୍ଥ ରାମପାଲ୍‌ଜୀ ମହାରାଜ) ସେହି ବୃଦ୍ଧାଙ୍କୁ କହିଲି ଯେ ବର୍ତ୍ତମାନ ଇଏ ତ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ, ବର୍ତ୍ତମାନ ଏହି ବ୍ୟର୍ଥ ସାଧନା (ଶ୍ରାଦ୍ଧ ଦେବା) ବନ୍ଦ କରନ୍ତୁ । ଏହା ଶୁଣି ସେ କହିଲେ ଯେ ଏହା ତ ଆମ୍ଭର ପୁରୁଣା ପ୍ରଥା-ପରମ୍ପରା, ଏସବୁକୁ ଆମ୍ଭେ ଛାଡିବା କେମିତି ? ଅର୍ଥାତ୍ ଆମ୍ଭେ ନିଜ ପୁରୁଣା ନୀତିନିୟମ ଓ ପରମ୍ପରା ସହିତ ଏତେ ଅଭ୍ୟସ୍ତ ହୋଇଯାଇଛେ ଯେ ପ୍ରତ୍ୟକ୍ଷ ପ୍ରମାଣ ମିଳିବା ସତ୍ତ୍ୱେ ଭୁଲ ପରେ ଭୁଲ କରି ଚାଲିଛେ । ଏସବୁ ଛାଡି ପାରୁନାହୁଁ । ଏଥିରୁ ପ୍ରମାଣିତ ହେଲା ଯେ ଶ୍ରାଦ୍ଧ ଦେବା, ପିତୃପୁରୁଷଙ୍କ ପୂଜା ଆଦି କରିବା ବ୍ୟର୍ଥ ଅଟେ ।

୧୦. ସନ୍ତାନ ଜନ୍ମ ଉପରାନ୍ତ ଶାସ୍ତ୍ରବିରୁଦ୍ଧ ପୂଜା ନିଷେଧ :- ସନ୍ତାନ ଜନ୍ମ ଉପରାନ୍ତ ଷଷ୍ଠୀ ପୂଜା ବା ଏକୋଇଶିଆ ଆଦି ପାଳନ କରିବେ ନାହିଁ। ଛୁତିକିଆ କାରଣରୁ ପ୍ରତିଦିନ କରାଯାଉଥିବା ପୂଜା, ଭକ୍ତି, ଆରତୀ ଓ ଜ୍ୟୋତି ପ୍ରଜ୍ୱଳନ ଆଦି ବନ୍ଦ କରିବେ ନାହିଁ ।

ଏହି ସନ୍ଦର୍ଭରେ ଏକ ସଂକ୍ଷିପ୍ତ କଥା କହୁଛି :- ବିବାହର ଦଶବର୍ଷ ପରେ ଜଣେ ବ୍ୟକ୍ତିଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା । ପୁତ୍ର ପ୍ରାପ୍ତିର ଖୁସିରେ ସେ ବହୁତ ଅର୍ଥ ଖର୍ଚ୍ଚ କରିବା ପାଇଁ ମନସ୍ଥ କଲେ । ଭୋଜି ଖାଇବା ପାଇଁ କୋଡିଏ ପଚିଶିଟି ଗ୍ରାମକୁ ନିମନ୍ତ୍ରଣ କଲେ ଏବଂ ନାଚଗୀତର ଆୟୋଜନ କରି ବହୁତ ଅର୍ଥ ଖର୍ଚ୍ଚ କଲେ। ଏକବର୍ଷ ପରେ ସେହି ପୁତ୍ରର ଦେହାନ୍ତ ହୋଇଗଲା। ଏହି ଘଟଣାରେ ମର୍ମାହତ ହୋଇ ସାରା ପରିବାର ମୁଣ୍ଡପିଟି କାନ୍ଦିବାକୁ ଲାଗିଲେ ଏବଂ ନିଜ ଭାଗ୍ୟକୁ ନିନ୍ଦିବାକୁ ଲାଗିଲେ । ସେଥିପାଇଁ କବୀର ସାହେବ ଆମ୍ଭଙ୍କୁ କହନ୍ତି ଯେ :-

କବୀର, ବେଟା ଜାୟା ଖୁଶୀ ହୁଇ, ବହୁତ ବଜାଏ ଥାଲ । ଆନା ଜାନା ଲଗ ରହା, ଜ୍ୟୋଁ କୀଡୀ କା ନାଲ ॥
କବୀର,ପତଝଡଆବତଦେଖକର,ବନରୋବୈମନମାହିଁ।ଊଁଚୀଡାଲୀପାତଥେ,ଅବପିଲେହୋହୋଜାହିଁ॥
କବୀର,ପାତଝଡତାଁୟୂଁକହୈ,ସୁନଭଇତରୁବରରାୟ।ଅବକେବିଛୁଡେନହୀଁମିଲା,ନଜାନେକହାଁଗିରେଙ୍ଗେଜାୟ॥
କବୀର,ତରୁବରକହତାପାତସେ,ସୁନୋଁପାତଏକବାତ।ୟହାଁକୀୟାହେରୀତିହୈ,ଏକଆବତଏକଜାତ॥

୧୧. ଦେବୀ ପୀଠକୁ ବାଳ ପକାଇବା ଯିବା ନିଷେଧ :-

ପିଲାମାନଙ୍କ ବାଳ ପକାଇବା ପାଇଁ କୌଣସି ଠାକୁରାଣୀ ପୀଠକୁ ଯିବା ମନା । ବାଳ ବଡ ହୋଇଗଲେ କାଟି ଫିଙ୍ଗିଦେବେ । ଥରେ ଶ୍ରଦ୍ଧାଳୁ ନିଜ ପିଲାଙ୍କୁ ଲଣ୍ଡା କରିବା ପାଇଁ ଏକ ମନ୍ଦିରକୁ ଆସିଲେ। ଭଣ୍ଡାରି ବାହାର ମୂଲ୍ୟଠାରୁ ତିନିଗୁଣ ଅଧିକ ଟଙ୍କା ନେଇ ଅଳ୍ପ କିଛି ବାଳ କାଟି ପିତା-ମାତାଙ୍କୁ ଦେଲେ। ସେମାନେ ଶ୍ରଦ୍ଧାର ସହିତ ସେହି ବାଳକୁ ଦେବୀଙ୍କୁ ଅର୍ପଣ କରିବା ପାଇଁ ପୂଜାରୀକୁ ଦେଲେ। ପୂଜାରୀ ସେହି ବାଳକୁ ଏକ ବସ୍ତାରେ ଭର୍ତ୍ତିକରି ରାତିରେ ମନ୍ଦିର ବାହାରେ କୌଣସି ଏକ ସ୍ଥାନରେ ଫିଙ୍ଗିଦେଲେ । ଏହା କେବଳ ନାଟକବାଜି । ତେଣୁ ମନ୍ଦିରକୁ ନ ଯାଇ ସାଧାରଣ ଭାବେ ବାଳ କାଟି ଫିଙ୍ଗି ଦେବା ଉଚିତ୍ । ପରମାତ୍ମା ଭକ୍ତିରେ ପ୍ରସନ୍ନ ହୁଅନ୍ତି, ଶାସ୍ତ୍ରବିରୁଦ୍ଧ ଲୋକ ଦେଖାଣିଆ କର୍ମରେ ନୁହେଁ ।

୧୨. ଯୌତୁକ ନେବା ଓ ଦେବା ନିଷେଧ :-

ଉପଦେଶ ପ୍ରାପ୍ତି ପଶ୍ଚାତ୍ ନା ଯୌତୁକ ଦେବେ ନା ଯୌତୁକ ନେବେ।

୧୩. ଆତ୍ମକଲ୍ୟାଣ ପାଇଁ ଦୀକ୍ଷା ନିଅନ୍ତୁ :-

ନାମ (ଉପଦେଶ) କେବଳ ଦୁଃଖ ନିବାରଣ ପାଇଁ ନୁହେଁ ବରଂ ଆତ୍ମକଲ୍ୟାଣ ପାଇଁ ନେବା ଉଚିତ୍ । ପୁଣି ସୁମିରଣ ଦ୍ୱାରା ସର୍ବ ସୁଖ ମିଳିଥାଏ।

କବୀର,ସୁମିରଣ ସେ ସୁଖ ହୋତ ହୈ, ସୁମିରଣ ସେ ଦୁଃଖ ଜାଏ ।
କହେଁ କବୀର ସୁମିରଣ କିଏ, ସାଁଇ ମାହିଁ ସମାୟ ॥

୧୪. ବ୍ୟଭିଚାର ନିଷେଧ :-

ପର ସ୍ତ୍ରୀକୁ ମାଆ-ଝିଅ-ଭଉଣୀ ଦୃଷ୍ଟିରେ ଦେଖିବା ଉଚିତ । ବ୍ୟଭିଚାର ମହାପାପ ଅଟେ ଯେପରି :-

ଗରୀବ, ପର ଦ୍ୱାରା ସ୍ତ୍ରୀ କା ଖୋଲେ । ସତ୍ତର ଜନ୍ମ ଅନ୍ଧା ହୋ ଡୋଲେ ॥
ସୁରାପାନ ମଦ୍ୟ ମାଂସାହାରୀ । ଗବନ କରେଁ ଭୋଗେଁ ପର ନାରୀ ॥

ସଓର ଜନ୍ମ କଟତ୍ ହେଁ ଶୀଶଂ । ସାକ୍ଷୀ ସାହିବ୍ ହୈ ଜଗ୍‌ଦୀଶଂ ॥
ପର ନାରୀ ନା ପରସିୟୋ, ମାନୋ ବଚନ ହମାର । ଭବନ ଚତୁର୍ଦଶ ତାସ ସିର, ତ୍ରିଲୋକୀ କା ଭାର ॥
ପର ନାରୀ ନା ପରସିୟୋ, ସୁନୋ ଶବ୍ଦ ସଲତଁତ । ଧର୍ମରାୟ କେ ଖମ୍ଭ ସେ, ଅର୍ଧମୁଖୀ ଲଟକଁତ ॥

୧୫. ନିନ୍ଦା ଶୁଣିବା ଓ ନିନ୍ଦା କରିବା ନିଷେଧ :-

ନିଜ ଗୁରୁଙ୍କର ନିନ୍ଦା ଭୁଲରେ ମଧ୍ୟ କରିବେ ନାହିଁ କି ଶୁଣିବେ ନାହିଁ । ଆଲୋଚନା ପ୍ରସଙ୍ଗରେ ଯଦି କୌଣସି ବ୍ୟକ୍ତି ଆପଣଙ୍କ ଗୁରୁଜୀଙ୍କ ବିଷୟରେ ମିଥ୍ୟା କଥା କହୁଥାଏ ତେବେ ଆପଣ ତର୍କ ନ କରି ଏହା ବୁଝିନେବା ଉଚିତ ଯେ ସେ ବିନା ବିଚାରରେ ଯୁକ୍ତି କରୁଛନ୍ତି ଅର୍ଥାତ୍ ମିଛ କହୁଛନ୍ତି ।

ଗୁରୁକୀ, ନିଁଦା ସୁନୈ ଜୋ କାନା । ତାକୋ ନିଶ୍ଚୟ ନରକ ନିଦାନା ॥
ଅପନେ ମୁଖ ନିଁଦା ଜୋ କରହିଁ । ଶୁକର ଶ୍ୱାନ ଗର୍ଭ ମେଁ ପରହୀଁ ॥

କୌଣସି ବ୍ୟକ୍ତିଙ୍କର ନିନ୍ଦା କରିବେ ନାହିଁ କି ନିନ୍ଦା ଶୁଣିବେ ନାହିଁ । ସେ କୌଣସି ସାଧାରଣ ବ୍ୟକ୍ତି ହୁଅନ୍ତୁ ନା କାଁହିକି ତାଙ୍କର ନିନ୍ଦା କରିବେ ନାହିଁ, କବୀର ସାହେବ କହନ୍ତି ଯେ :-

ତିନକା କବହୂ ନ ନିନ୍ଦୀୟେ, ଜୋ ପାଁୱ ତଲେ ହୋ । କବହୁ ଉଠ ଆଖିନ ପଡେ, ପୀର ଘନେରୀ ହୋ ॥

୧୬. ସତସଙ୍ଗ ଶୁଣିବା ଏବଂ ସେବା କରିବା ଅନିର୍ବାଯ୍ୟ :-

ସମୟ ମିଳିବା କ୍ଷଣି ସତସଙ୍ଗକୁ ଆସିବା ପାଇଁ ଚେଷ୍ଟା କରନ୍ତୁ ତଥା ଲୋକଦେଖାଣିଆ (ଆତ୍ମ ବଡିମା) ଭାବ ରଖି ଆସନ୍ତୁ ନାହିଁ ଅପିତୁ ନିଜକୁ ଜଣେ ରୋଗୀ ଭାବି ଆସିବା ଉଚିତ୍ । ଯେପରି ଜଣେ ରୋଗୀ ବ୍ୟକ୍ତି ସେ ଯେତେ ଧନୀ ହୁଅନ୍ତୁନା କାହିଁକି, ଯେତେ ଉଚ୍ଚ ପଦସ୍ଥ ହୁଅନ୍ତୁନା କାହିଁକି ଯେତେବେଳେ ସେ ହସ୍ପିଟାଲକୁ ଯାଆନ୍ତି ସେତେବେଳେ ତାଙ୍କର କେବଳ ଏକମାତ୍ର ଉଦ୍ଦେଶ୍ୟ ଥାଏ ଯେ କିପରି ରୋଗମୁକ୍ତ ହେବି । ସେହି ସମୟରେ ଡାକ୍ତର ଯେଉଁଠି ଶୋଇବା ପାଇଁ କହିବେ, ଯେଉଁଠି ବସିବା ପାଇଁ କହିବେ, ସେ ତାହା ହିଁ କରିଥାନ୍ତି । ବାହାରକୁ ଯିବା ପାଇଁ ନିର୍ଦ୍ଦେଶ ମିଳିବା ମାତ୍ରେ ହିଁ ବାହାରକୁ ଚାଲି ଯାଇଥାନ୍ତି, ପୁଣି ଭିତରକୁ ଡକାଗଲେ ସୁନା ପିଲା ପରି ଭିତରକୁ ଆସିଥାନ୍ତି । ଠିକ୍ ଏହଭଳି ଉଦ୍ଦେଶ୍ୟ ରଖି ଯଦି ଆପଣ ସତସଙ୍ଗକୁ ଆସୁଛନ୍ତି ତେବେ ସତସଙ୍ଗକୁ ଆସିବାର ଲାଭ ଆପଣଙ୍କୁ ମିଳିବ ଅନ୍ୟଥା ଆପଣଙ୍କ ଆସିବା ନିଷ୍ଫଳ ହେବ । ସତସଙ୍ଗ ସମୟରେ ଯେଉଁଠି ବସିବା ପାଇଁ ସ୍ଥାନ ମିଳିବ ସେହିଠାରେ ବସିଯିବେ । ଖାଇବା ପାଇଁ ଯାହା ମିଳିବ ତାକୁ ପରମାତ୍ମା କବୀର ସାହେବଙ୍କ ଦୟାର ପ୍ରସାଦ ଭାବି ସେବନ କରିବେ ଏବଂ ମନକୁ ପ୍ରସନ୍ନ ରଖିବେ ।

ଗୁରୁ ଦର୍ଶନ ଦ୍ୱାରା ବହୁତ ଲାଭ ମିଳିଥାଏ । କବୀର ପରମେଶ୍ୱର ଜୀ କହିଛନ୍ତି ଯେ :-

କବୀର, ସନ୍ତ ମିଲନ କୁଁ ଚାଲିଏ, ତଜ୍ ମାୟା ଅଭିମାନ । ଜୋ-ଜୋ କଦମ ଆଗେ ରଖେ, ୱ ହି ଯଜ୍ଞ ସମାନ ॥
କବୀର, ସନ୍ତ ମିଲନ କୁଁ ଯାଇଏ, ଦିନ ମେଁ କଇ-କଇ ବାର । ଆସୋଜ କେ ମେହ ଜ୍ୟୋଁ, ଘନା କରେ ଉପକାର ॥
କବୀର, ଦର୍ଶନ ସାଧୁ କା, ପରମାତ୍ମା ଆୱେ ଯାଦ । ଲେଖେ ମେଁ ୱୋହେ ଘଡୀ, ବାକୀ କେ ଦିନ ବାଦ ॥
କବୀର, ଦର୍ଶନ ସାଧୁ କା, ମୁଖ ପର ବସୈ ସୁହାଗ । ଦର୍ଶ ଉହୀଁ କୋ ହୋତ ହେଁ, ଜିନ କେ ପୂର୍ଣ୍ଣ ଭାଗ ॥

୧୭. ଗୁରୁଜୀଙ୍କ ସମକକ୍ଷ ଅନ୍ୟ କାହାକୁ ମହତ୍ତ୍ୱ ଦେବେ ନାହିଁ :-

ଯଦି କୌଣସି ସ୍ଥାନରେ ଅଖଣ୍ଡ ପାଠ କିମ୍ବା ସତସଙ୍ଗ ହେଉଛି କିମ୍ବା ଗୁରୁଜୀଙ୍କ ଦର୍ଶନ ପାଇଁ ଆପଣ ଯାଉଛନ୍ତି ତେବେ ସର୍ବ ପ୍ରଥମେ ଗୁରୁଜୀଙ୍କୁ ଦଣ୍ଡବତ(ସାଷ୍ଟାଙ୍ଗ)ପ୍ରଣାମ କରିବା ଉଚିତ୍, ତା'ପରେ ସଦଗ୍ରନ୍ଥ ସାହିବ ଓ ବିଭିନ୍ନ ଫଟୋ ଯେପରି ସାହେବ କବୀରଙ୍କ ପ୍ରତିମା, ଗରୀବ ଦାସଜୀ, ସ୍ୱାମୀ ରାମଦେବାନନ୍ଦଜୀ ଏବଂ ଗୁରୁଜୀଙ୍କ ପ୍ରତିମା ଫଟୋକୁ ପ୍ରଣାମ କରିବେ ଯଦ୍ଦ୍ୱାରା କେବଳ ଭାବନା ଅତୁଟ ରହିବ । ମୂର୍ତ୍ତୀ ପୂଜା କରିବେ ନାହିଁ, କେବଳ ପ୍ରଣାମ କରିବାକୁ ପୂଜା କୁହାଯିବ ନାହିଁ ଏହା କେବଳ ଭକ୍ତିର ଶ୍ରଦ୍ଧାକୁ ଦୃଢିଭୂତ କରିବାରେ ସହଯୋଗ କରିଥାଏ । ପୂଜା କେବଳ ବର୍ତ୍ତମାନର ଗୁରୁ ଓ ନାମ ମନ୍ତ୍ରର କରିବା ଉଚିତ ଯାହା ପାରି କରାଇବ ।

କବୀର, ଗୁରୂ କୋ ତଜୈ, ଭଜୈ ଜୋ ଆନା । ତା ପଶୁବା କୋ ଫୋକଟ ଜ୍ଞାନା ॥
କବୀର,ଗୁରୂଗୋବିନ୍ଦଦୋଉଖଡେ,କାକେଲାଗୁଁପାୟା।ବଲିହାରୀଗୁରୂଆପନେ,ଜିନଗୋବିନ୍ଦଦିୟୋମିଲାୟ॥
କବୀର, ଗରୂ ବଡେ ହେଁ ଗୋବିନ୍ଦ ସେ, ମନ ମେଁ ଦେଖ ବିଚାର । ହରି ସୁମରେ ସୋ ରହ ଗଏ, ଗୁରୂ ଭଜେ ହୋୟ ପାର ॥

କବୀର, ହରି କେ ରୁଠତାଁ, ଗୁରୂ କୀ ଶରଣ ମେଁ ଜାୟ । କବୀର ଗରୂ ଜୈ ରୂଠ ଜାଁ, ହରି ନାହିଁ ହୋତ ସହାୟ ॥
କବୀର, ସାତସମୁଦ୍ରକୀମସିକରୂଁ, ଲେଖନିକରୁଁବନିରାୟ।ଧରତୀକାକାଗଜକରୂଁ, ତୋଗୁରୂଗୁନଲିଖାନଜାୟ॥

୧୮. ମାଂସ ଭକ୍ଷଣ ନିଷେଧ :- ଅଣ୍ଡା ଓ ମାଂସ ଭକ୍ଷଣ ଏବଂ ଜୀବ ହିଂସା କରିବେ ନାହିଁ। ଏହା ମହାପାପ ଅଟେ । ଯେପରି ସାହେବ କବୀରଜୀ ମହାରାଜ ଏବଂ ଗରୀବ ଦାସଜୀ ମହାରାଜ କହିଛନ୍ତି ଯେ :-

କବୀର, ଜୀବହନେହିଂସାକରେ, ପ୍ରକଟପାପସିରହୋୟ।ନିଗମପୁନିଐସେପାପତେଁ, ଭିସ୍ତଗୟାନହିଁକୋୟ॥୧॥
କବୀର, ତିଲଭରମଛଲୀଖାୟକର, କୋଟିଗଉଦେଦାନ।କାଶୀକରୌଁତଲେମରେ, ତୋଭୀନରକନିଦାନ॥୨॥
କବୀର, ବକରୀ ପାତୀ ଖାତ ହୈ, ତାକୀ କାଢୀ ଖାଲ । ଜୋ ବକରୀ କୋ ଖାତ ହୈ, ତିନକା କୌନ ହୱାଲ ॥୩॥
କବୀର, ଗଲାକାଟିକଲମାଭରେ, କୀୟାକହୈହଲାଲ।ସାହବଲେଖାମାଁଗସୀ, ତବହୋସୀକୌନହୱାଲ॥୪॥
କବୀର, ଦିନକୋରୋଜାରହତହୈ, ରାତହନତହେଁଗାୟ।ୟହଖୁନୱହବଁଦଗୀ, କହୁଁକ୍ୟୋଁଖୁସୀଖୁଦାୟ॥୫॥
କବୀର, କବିରାତେଇପୀରହେଁ, ଜୋଜାନୈପରପୀର।ଜୋପରପୀରନଜାନିହୈ, ସୋକାଫିରବେପୀର॥୬॥
କବୀର, ଖୁବଖାନାହୈଖୀଚଡୀ, ମାଂହୀଁପରୀଟୁକଲୌନ।ମାଂସପରାୟାଖାୟକୈ, ଗଲାକଟାବୈକୌନ॥୭॥
କବୀର, ମୁସଲମାନମାରେଁକରଦସୌଁ, ହିଁଦୂମାରେଁତରବାର।କହେକବୀରଦୋନୂଁମିଲି, ଜୈହେଁଯମକେଦ୍ୱାର॥୮॥
କବୀର, ମାଂସ ଆହାରୀ ମାନବ, ପ୍ରତ୍ୟକ୍ଷ ରାକ୍ଷସ ଜାନି । ତାକୀ ସଙ୍ଗତି ମତି କରୈ, ହୋଇ ଭକ୍ତି ମେଁ ହାନି ॥୯॥
କବୀର, ମାଂସଖାଁୟତେଢେଡସବ, ମଦପୀବୈଁସୋନୀଚ।କୁଲକୀଦୁରମତିପରହରୈ, ରାମକହୈସୋଊଁଚ॥୧୦॥
କବୀର, ମାଂସମଛଲିୟାଖାତହୈସୁରାପାନସେହେତ।ତେନରନରକୈଜାହିଁଗେ, ମାତାପିତାସମେତ॥୧୧॥
ଗରୀବ, ଜୀବହିଂସାଜୋକରତେହେଁ, ଯାଆଗେକ୍ୟାପାପ।କଣ୍ଟକଜୁନୀଜିହାନମେଁ, ସିଂହଭେଡିୟାଔରସାଁପ॥
ଝୋଟେବକରେମୁରଗେତାଇ।ଲେଖାସବହୀଲେତଗୁସାଇ।ମୃଗମୋରମାରେମହମଁତା।ଅଚରାଚରହେଁଜୀବଅନନ୍ତା॥

ଜିହୱା ସ୍ୱାଦ ହିତେ ପ୍ରାନା । ନୀମା ନାଶ ଗୟା ହମ ଜାନା ॥
ତୀତର ଲୱା ବୁଟେରୀ ଚିଡିୟା । ଖୂନୀ ମାରେ ବଡେ ଅଗଡିୟା ॥
ଅଦଲେ ବଦଲେ ଲେଖେ ଲେଖା । ସମଝ ଦେଖ ସୁନ ଜ୍ଞାନ ବିବେକା ॥

ଗରୀବ, ଶବ୍ଦହମାରାମାନିୟୋ, ଔରସୁନତେହୋନରନାରୀ।ଜୀବଦୟାବିନକୁଫରହୈ, ଚଲେଜମାନାହାରି॥

ଅଜାଣତରେ ହୋଇଥିବା ହିଂସାର ପାପ ଲାଗେ ନାହିଁ । ପରମାତ୍ମା କବୀର ସାହେବ କହନ୍ତି ଯେ :-
"ଇଚ୍ଛା କର ମାରେ ନହୀଁ, ବିନ ଇଚ୍ଛା ମର ଯାଏ । କହେଁ କବୀର ତାସ କା, ପାପ ନହିଁ ଲଗାଏ ॥"

୧୯. ଗୁରୁଦ୍ରୋହୀଙ୍କ ସହିତ ସମ୍ପର୍କ ନିଷେଧ :-

ଯଦି କୌଣସି ଭକ୍ତ ଗୁରୁଙ୍କ ପ୍ରତି ବିମୁଖ ହୋଇଯାଏ, ସେ ମହାପାପରେ ଭାଗୀ ହୋଇଯାଏ । ଯଦି କାହାକୁ ମାର୍ଗ ଭଲ ନ ଲାଗୁଛି ତେବେ ସେ ନିଜ ଗୁରୁ ବଦଳାଇ ପାରିବେ । ଯଦି ସେ ପ୍ରଥମ ଗୁରୁଙ୍କ ପ୍ରତି ବୈରୀ ଭାବ ରଖିବା ସହିତ ତାଙ୍କର ନିନ୍ଦା କରୁଛନ୍ତି ତେବେ ତାଙ୍କୁ ଗୁରୁଦ୍ରୋହୀ କୁହାଯିବ । ଏହିଭଳି ବ୍ୟକ୍ତିଙ୍କ ସହିତ ଭକ୍ତି ଚର୍ଚ୍ଚା କଲେ ଉପଦେଶୀ ବ୍ୟକ୍ତିଙ୍କୁ ଦୋଷ ଲାଗେ । ଉପଦେଶୀ ବ୍ୟକ୍ତିଙ୍କର ଭକ୍ତି ସମାପ୍ତ ହୋଇଯାଏ ।

ଗରୀବ, ଗୁରୂଦ୍ରୋହୀକୀପୈଡପର, ଜେପଗଆୱେବୀର।ଚୌରାସୀନିଶ୍ଚୟପଡୈ, ସତଗୁରୂକହେଁକବୀର॥
କବୀର, ଜାନବୁଝସାଚୀତଜୈ, କରୈଝୂଠେସେନେହ। ଜାକୀସଙ୍ଗତହେପ୍ରଭୁ, ସ୍ୱପନମେଁଭୀନାଦେହ॥

ଅର୍ଥାତ ଗୁରୁ ଦ୍ରୋହୀଙ୍କ ପାଖକୁ ଯାଉଥିବା ବ୍ୟକ୍ତି ଭକ୍ତିହୀନ ହୋଇ ନର୍କ ଓ ଲଖ ଚୌରାସୀ ଯୋନିକୁ ଚାଲିଯିବ ।

୨୦. ଜୂଆ ଖେଳିବା ନିଷେଧ :- ଜୂଆ-ତାସ୍ କେବେ ବି ଖେଳିବେ ନାହିଁ।

କବୀର, ମାଂସ ଭଖୈ ଔର ମଦ ପିୟେ, ଧନ ବେଶ୍ୟା ସୌଁ ଖାୟ ।
ଜୂଆ ଖେଲି ଚୋରୀ କରୈ, ଅନ୍ତ ସମୂଲା ଜାୟ ॥

୨୧. ନାଚ-ଗୀତ ନିଷେଧ :- କୌଣସି ପ୍ରକାରର ଖୁସି ଅବସରରେ ନାଚିବା ଓ ଅଶ୍ଳୀଳ ଗୀତ

ଗାଇବା ଭକ୍ତିଭାବର ବିରୁଦ୍ଧ ଅଟେ । ଯେପରି ଏକଦା ଜଣେ ବିଧବା ଭଉଣୀ କୌଣସି ଏକ ଖୁସି ଅବସରରେ ନିଜ ବନ୍ଧୁଙ୍କ ଘରକୁ ଯାଇଥିଲେ। ସେଠାରେ ସମସ୍ତେ ଖୁସିରେ ନାଚ-ଗୀତ କରୁଥିଲେ କିନ୍ତୁ ସେହି ଭଉଣୀ ଏକାନ୍ତ ସ୍ଥାନରେ ବସି ପ୍ରଭୁ ଚିନ୍ତନରେ ମଗ୍ନ ଥିଲେ। ପୁଣି ବନ୍ଧୁମାନେ ତାଙ୍କୁ ପଚାରିଲେ ଯେ ଆପଣ ଏଭଳି ନିରାଶ ହୋଇ କାହିଁକି ବସିଛନ୍ତି? ଆପଣ ମଧ୍ୟ ଆମ୍ଭମାନଙ୍କ ପରି ନାଚ-ଗୀତ କରି ଖୁସି ହୁଅନ୍ତୁ । ତା'ପରେ ସେହି ଭଉଣୀ କହିଲେ, କାହା ପାଇଁ ଖୁସି ହେବି ? ମୋ ଭଳି ବିଧବାର ଏକମାତ୍ର ପୁତ୍ର ଥିଲା ତାକୁ ଭଗବାନ ଛଡାଇ ନେଲେ । ଏବେ ମୋ ଜୀବନରେ ଆଉ କେଉଁ ଖୁସି ଅଛି ? ଏହି କାଳଲୋକରେ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ଥିତି ଠିକ୍ ଏହିଭଳି । ଗୁରୁ ନାନକ ଦେବଜୀଙ୍କ ବାଣୀରେ ଅଛି ଯେ :-

ନା ଜାନେ କାଲ କୀ କର ଡାରେ, କିସ ବିଧି ଢଲ ଜା ପାସା ୱେ ।
ଜିହ୍ନାଦେ ସିର ତେ ମୌତ ଖୁଡଗଦୀ, ଉହ୍ନାନୂଁ କେଡା ହାଂସା ୱେ ॥
ସାଧ ମିଲେଁ ସାଡୀ ଶାଦୀ (ଖୁଶୀ) ହୋଂଦୀ, ବିଛଡ ଦାଂ ଦିଲ ଗିରି (ଦୁଃଖ) ୱେ ।
ଅଖଦେ ନାନକ ସୁନୋ ଜିହାନା, ମୁଶ୍କିଲ ହାଲ ଫକୀରୀ ୱେ ।

କବୀର ସାହେବଜୀ ମହାରାଜ ମଧ୍ୟ କହନ୍ତି ଯେ :-

କବୀର, ଝୁଠେ ସୁଖ କୋ ସୁଖ କହେ, ମାନ ରହା ମନ ମୋଦ ।
ସକଲ ଚବୀନା କାଲକା, କୁଛ ମୁଖ ମେଁ କୁଛ ଗୋଦ ॥
କବୀର, ବେଟା ଜାୟା ଖୁଶୀ ହଇ, ବହୁତ ବଜାୟେ ଥାଲ ।
ଆୱଣ ଜାଣା ଲଗ ରହା, ଜ୍ୟୋଁ କୀଡୀ କା ନାଲ ॥

ବିଶେଷ:- ସ୍ତ୍ରୀ ଓ ପୁରୁଷ ଉଭୟେ ପରମାତ୍ମା ପ୍ରାପ୍ତିର ଅଧିକାରୀ ଅଟନ୍ତି । ସ୍ତ୍ରୀ ଲୋକଙ୍କର ମାସିକ ଧର୍ମ (ଗବସଭମରଶ୍ବ) ସମୟରେ ମଧ୍ୟ ନିଜର ଦୈନିକ ପୂଜା, ଜ୍ୟୋତି ଜଳାଇବା ଆଦି ବନ୍ଦ କରିବା ଅନୁଚିତ ଏବଂ କାହାର ମୃତ୍ୟୁ କିମ୍ବା ଜନ୍ମରେ ମଧ୍ୟ ଦୈନିକ ପୂଜାକର୍ମ ବନ୍ଦ କରିବେ ନାହିଁ ।

ନୋଟ୍:- ଯେଉଁ ଭକ୍ତମାନେ ଏହି ଏକୋଇଶି ସୂତ୍ରୀ ଆଦେଶ ପାଳନ ନ କରିବେ, ସେମାନଙ୍କର ନାମ ସମାପ୍ତ ହୋଇଯିବ । ଯଦି ଅଜାଣତରେ କୌଣସି ଭୁଲ ହୋଇଯାଏ ତେବେ ତାହା କ୍ଷମଣୀୟ, ଏବଂ ଯଦି ଜାଣିଶୁଣି କୌଣସି ଭୁଲ କରନ୍ତି ତେବେ ସେହି ଭକ୍ତ ନାମ ରହିତ ହୋଇଯିବ । ଏହାର ସମାଧାନ ହେଉଛି ଗୁରୁଦେବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ପୁନର୍ବାର ନାମ ଉପଦେଶ ନେବାକୁ ପଡିବ । କୃପାକରି ଆଗକୁ ପଢ଼ନ୍ତୁ ସେହି ଭକ୍ତ ମାନଙ୍କର ଅନୁଭବ ଯେଉଁମାନେ ଲୋକବେଦ ଉପରେ ଆଧାରିତ ପୂର୍ବର ସମସ୍ତ ପୂଜା କରି ମଧ୍ୟ ମହାଦୁଃଖରେ ଥିଲେ କିନ୍ତୁ ଶାସ୍ତ୍ର ବିରୁଦ୍ଧ ସାଧନା ତ୍ୟାଗ କରି ଉପରୋକ୍ତ ନିୟମଗୁଡ଼ିକୁ ପାଳନ କରି କେତେ ସୁଖୀ ହୋଇଛନ୍ତି ।

ଲେଖକ-
ସନ୍ଥ ରାମପାଲ ଦାସ ମହାରାଜ
ସତ୍‌ଲୋକ ଆଶ୍ରମ, ବରୱାଲା
ଜିଲ୍ଲା-ହିସାର, ହରିୟାଣା(ଭାରତ)

❑❑❑

## ସୃଷ୍ଟି ରଚନା

### (ସୂକ୍ଷ୍ମ ବେଦର ନିଷ୍କର୍ଷ ରୂପ ସୃଷ୍ଟି ରଚନାର ବର୍ଣ୍ଣନା)

ପ୍ରଭୁ ପ୍ରେମୀ ଆତ୍ମାଗଣ ପ୍ରଥମ ଥର ପାଇଁ ନିମ୍ନୋକ୍ତ ସୃଷ୍ଟି ରଚନା ବିଷୟଟିକୁ ପଢିଲେ ଏପରି ଲାଗିବ ଯେପରି ଏକ ମନଗଢା କାହାଣୀ । ପରନ୍ତୁ ସର୍ବ ପବିତ୍ର ସଦ୍‌ଗ୍ରନ୍ଥରେ ଥିବା ପ୍ରମାଣଗୁଡ଼ିକୁ ପଢି ଆପଣ ଆଶ୍ଚର୍ଯ୍ୟାନ୍ୱିତ ହେବେ ଏବଂ ଚିନ୍ତା କରିବେ ଯେ ଏହି ବାସ୍ତବିକ ଅମୃତ ଜ୍ଞାନ କେଉଁଠି ଲୁଚି ରହିଥିଲା ? କୃପାକରି ଧୈର୍ଯ୍ୟର ସହିତ ଏହି ଅମୃତଜ୍ଞାନକୁ ପଢନ୍ତୁ ତଥା ସୁରକ୍ଷିତ ରଖନ୍ତୁ । ଆପଣଙ୍କ ଏକଶହ ଏକ ପିଢି ପର୍ଯ୍ୟନ୍ତ ଏହା କାମରେ ଆସିବ । ପବିତ୍ର ଆତ୍ମାଗଣ କୃପାକରି ସତ୍ୟନାରାୟଣ (ଅବିନାଶୀ ପ୍ରଭୁ/ସତ୍ୟ ପୁରୁଷ)ଙ୍କ ଦ୍ୱାରା ରଚିତ ସୃଷ୍ଟି ରଚନାର ବାସ୍ତବିକ ଜ୍ଞାନ ପଢନ୍ତୁ ।

୧. ପୂର୍ଣ୍ଣ ବ୍ରହ୍ମ :- ଏହି ସୃଷ୍ଟି ରଚନାରେ ସତ୍ୟପୁରୁଷ - ସତ୍‌ଲୋକର ସ୍ୱାମୀ (ପ୍ରଭୁ), ଅଲଖ ପୁରୁଷ - ଅଲଖ ଲୋକର ସ୍ୱାମୀ (ପ୍ରଭୁ), ଅଗମ ପୁରୁଷ - ଅଗମ ଲୋକର ସ୍ୱାମୀ (ପ୍ରଭୁ) ତଥା ଅନାମୀ ପୁରୁଷ - ଅନାମୀ/ଅକହ ଲୋକର ସ୍ୱାମୀ (ପ୍ରଭୁ) ତ ସେହି ଏକ ପୂର୍ଣ୍ଣବ୍ରହ୍ମ ଅଟନ୍ତି, ଯିଏ ବାସ୍ତବରେ ଅବିନାଶୀ ପ୍ରଭୁ ଅଟନ୍ତି ଏବଂ ଭିନ୍ନ ଭିନ୍ନ ରୂପ ଧାରଣ କରି ସେ ନିଜ ଚାରି ଲୋକରେ ରୁହନ୍ତି । ଯାହା ଅନ୍ତର୍ଗତ ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି ।

୨. ପର ବ୍ରହ୍ମ:- ଇଏ କେବଳ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ପରବ୍ରହ୍ମଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ପରନ୍ତୁ ଅକ୍ଷର ପୁରୁଷ ଓ ତାଙ୍କ ବ୍ରହ୍ମାଣ୍ଡଗୁଡିକ ବାସ୍ତବରେ ଅବିନାଶୀ ନୁହେଁ।

୩. ବ୍ରହ୍ମ :- ଇଏ କେବଳ ଏକୋଇଶି ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ଇଏ କ୍ଷର ପୁରୁଷ, ଜ୍ୟୋତି ନିରଞ୍ଜନ, କାଳ ଆଦି ଉପମାତ୍ମକ ନାମରେ ପରିଚିତ । ନିଜେ ବ୍ରହ୍ମ ଓ ତାଙ୍କର ସମସ୍ତ ବ୍ରହ୍ମାଣ୍ଡ ମଧ୍ୟ ନାଶବାନ (ବିନାଶଶୀଳ) ଅଟେ ।

(ଉପରୋକ୍ତ ତିନିପୁରୁଷ (ପ୍ରଭୁ)ଙ୍କର ପ୍ରମାଣ ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୬-୧୭ରେ ମଧ୍ୟ ଅଛି ।)

୪. ବ୍ରହ୍ମା:- ବ୍ରହ୍ମା, ବ୍ରହ୍ମଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି, ବିଷ୍ଣୁ ମଧ୍ୟମ ପୁତ୍ର ଏବଂ ଶିବ ତୃତୀୟ ପୁତ୍ର ଅଟନ୍ତି । ବ୍ରହ୍ମଙ୍କର ଏହି ତିନି ପୁତ୍ର କେବଳ ଗୋଟିଏ ବ୍ରହ୍ମାଣ୍ଡର ଗୋଟିଏ ବିଭାଗ(ଗୁଣ)ର ସ୍ୱାମୀ (ପ୍ରଭୁ) ଅଟନ୍ତି ତଥା ନାଶବାନ ଅଟନ୍ତି । ବିସ୍ତୃତ ବିବରଣୀ ପାଇଁ କୃପାକରି ପଢନ୍ତୁ ନିମ୍ନଲିଖିତ ସୃଷ୍ଟି ରଚନା ବିଷୟ :-

{କବିର୍ଦେବ (କବୀର ପରମେଶ୍ୱର) ସୂକ୍ଷ୍ମବେଦ ଅର୍ଥାତ୍ କର୍ବିବାଣୀରେ ନିଜ ଦ୍ୱାରା ରଚିତ ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି ଯାହା ନିମ୍ନରେ ପ୍ରଦାନ କରାଗଲା ।}

ସର୍ବ ପ୍ରଥମେ କେବଳ ଗୋଟିଏ ସ୍ଥାନ 'ଅନାମୀ (ଅନାମୟ) ଲୋକ' ଥିଲା । ଯାହାକୁ ଅକହ ଲୋକ ମଧ୍ୟ କୁହାଯାଏ । ପୂର୍ଣ୍ଣ ପରମାତ୍ମା ସେହି ଅନାମୀ ଲୋକରେ ଏକା ରହୁଥିଲେ । ସେହି ପରମାତ୍ମାଙ୍କ ବାସ୍ତବିକ ନାମ କବିର୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଅଟେ । ସମସ୍ତ ଆତ୍ମା ସେହି ପୂର୍ଣ୍ଣଧନୀଙ୍କ ଶରୀରରେ ସମାବିଷ୍ଟ ହୋଇ ରହିଥିଲେ । ଏହି କବିର୍ଦେବଙ୍କ ଉପମାତ୍ମକ (ପଦବୀର) ନାମ ଅନାମୀ ପୁରୁଷ ଅଟେ । (ପୁରୁଷର ଅର୍ଥ ପ୍ରଭୁ ଅଟେ । ପ୍ରଭୁ ମନୁଷ୍ୟକୁ ନିଜ ସ୍ୱରୂପ ଦେଇ ଗଢିଛନ୍ତି ଏଥିପାଇଁ ମନୁଷ୍ୟର ନାମ ପୁରୁଷ ହୋଇଛି ।) ଅନାମୀ ପୁରୁଷଙ୍କର ଏକ ଲୋମକୂପର ପ୍ରକାଶ (ତେଜ)ଏକ ଶଙ୍ଖ ସୂର୍ଯ୍ୟ କିରଣ ଠାରୁ ମଧ୍ୟ ଅଧିକ ।

ବିଶେଷ:- ଯେପରି କୌଣସି ଦେଶର ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କର ନାମ ତ ଅନ୍ୟ କିଛି ଥାଏ କିନ୍ତୁ ପଦର ଉପମାତ୍ମକ (ପଦବୀର) ନାମ ପ୍ରଧାନମନ୍ତ୍ରୀ ହୋଇଥାଏ । ବେଳେ ବେଳେ ପ୍ରଧାନମନ୍ତ୍ରୀ ନିଜ ପାଖରେ ଏକାଧିକ ବିଭାଗ ମଧ୍ୟ ରଖିଥାନ୍ତି । ଯେତେବେଳେ ଯେଉଁ ବିଭାଗର ଫାଇଲ୍‌ରେ ଦସ୍ତଖତ କରନ୍ତି ସେତେବେଳେ ସେହି ପଦବୀର ନାମ ଉଲ୍ଲେଖ କରିଥାନ୍ତି । ଯେପରି ଗୃହ ମନ୍ତ୍ରାଳୟର ଫାଇଲ୍‌ରେ ଦସ୍ତଖତ କରିବା ସମୟରେ ନିଜକୁ ଗୃହମନ୍ତ୍ରୀ ବୋଲି ଲେଖିଥାନ୍ତି । ସେଠାରେ ପ୍ରଧାନମନ୍ତ୍ରୀଙ୍କର ଦସ୍ତଖତର ଶକ୍ତି ହ୍ରାସ ହୋଇ ଯାଇଥାଏ । ଏହି ପ୍ରକାରେ କବୀର ପରମେଶ୍ୱର (କବିର୍ଦେବ)ଙ୍କ ଶରୀରର ତେଜର ଅନ୍ତର ଭିନ୍ନ ଭିନ୍ନ ଲୋକରେ କମ ଅଧିକ ହୋଇ ଯାଇଥାଏ।


ଠିକ୍ ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ନିମ୍ନରେ ଅନ୍ୟ ତିନୋଟି

# ପରମେଶ୍ୱର କବୀର ସାହେବଙ୍କ ଅସଂଖ୍ୟ ବ୍ରହ୍ମାଣ୍ଡର ଲଘୁଚିତ୍ର

**ଅନାମୀ ଲୋକ :** ଏହି ଲୋକରେ କବୀର ସାହେବ ଅନାମୀ ପୁରୁଷ ରୂପରେ ଏକୁଟିଆ ଅବସ୍ଥାନ କରନ୍ତି।

**ଅଗମ ଲୋକ :** ଏହି ଲୋକରେ ମଧ୍ୟ କବୀର ସାହେବ ଅଗମ ପୁରୁଷ ରୂପରେ ରୁହନ୍ତି।

**ଅଲଖ ଲୋକ :** ଏହି ଲୋକରେ ମଧ୍ୟ କବୀର ସାହେବ ଅଲଖ ପୁରୁଷ ରୂପରେ ରୁହନ୍ତି।



ଲୋକ (ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ) ର ରଚନା ନିଜ ଶବ୍ଦ (ବଚନ) ଶକ୍ତି ଦ୍ୱାରା କଲେ । ଏହି ପୂର୍ଣ୍ଣବ୍ରହ୍ମ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକରେ ପ୍ରକଟ ହେଲେ ତଥା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ସେଠାରେ ତାଙ୍କର ଉପମାତ୍ମକ (ପଦବୀର) ନାମ ଅଗମ ପୁରୁଷ ଅର୍ଥାତ୍ ଅଗମ ପ୍ରଭୁ ଅଟେ । ଏହି ଅଗମ ପ୍ରଭୁଙ୍କ ମାନବ ସଦୃଶ ଶରୀର ବହୁତ ତେଜୋମୟ ଅଟେ । ଯାହାଙ୍କ ଗୋଟିଏ ଲୋମକୂପର ତେଜ (କିରଣ) ଅର୍ବ-ଖର୍ବ ସୂର୍ଯ୍ୟର କିରଣଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବିର ଦେବ = କବୀର ପରମେଶ୍ୱର) ଅଲଖ ଲୋକରେ ପ୍ରକଟ ହେଲେ ତଥା ସ୍ୱୟଂ ଅଲଖ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ଏହି ପରମେଶ୍ୱରଙ୍କର ଉପମାତ୍ମକ ନାମ ଅଲଖ ପୁରୁଷ ମଧ୍ୟ ଅଟେ ତଥା ଏହି ପୂର୍ଣ୍ଣପ୍ରଭୁଙ୍କ ମାନବ ସଦୃଶ ତେଜୋମୟ (ସ୍ୱର୍ଜ୍ୟୋତି) ଶରୀର ସ୍ୱୟଂ ପ୍ରକାଶିତ ଅଟେ । ଏକ ଲୋମକୂପର ରଶ୍ମି ଅର୍ବ-ଖର୍ବ ସୂର୍ଯ୍ୟର ପ୍ରକାଶ ଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣ ପ୍ରଭୁ ସତ୍‌ଲୋକରେ ପ୍ରକଟ ହେଲେ ତଥା ସିଏ ସତ୍‌ଲୋକର ମଧ୍ୟ ପ୍ରଭୁ ଅଟନ୍ତି । ଏଥିପାଇଁ ତାଙ୍କ ଉପମାତ୍ମକ (ପଦବୀର) ନାମ ସତ୍ୟପୁରୁଷ (ଅବିନାଶୀ ପ୍ରଭୁ) ଅଟେ । ଏହି ଅବିନାଶୀ ପ୍ରଭୁଙ୍କ ନାମ ଅକାଲମୂର୍ତ୍ତୀ-ଶବ୍ଦ ସ୍ୱରୂପୀ ରାମ-ପୂର୍ଣ୍ଣବ୍ରହ୍ମ-ପରମ ଅକ୍ଷର ବ୍ରହ୍ମ ଇତ୍ୟାଦି ଅଟେ । ଏହି ସତ୍ୟପୁରୁଷ କବିର୍ଦେବ (କବୀର ପ୍ରଭୁ)ଙ୍କ ମାନବ ସଦୃଶ ଶରୀର ତେଜୋମୟ ଅଟେ । ଯାହାଙ୍କର ଏକ ଲୋମକୂପର ପ୍ରକାଶ(ଆଲୋକ) କୋଟିଏ ସୂର୍ଯ୍ୟ ଏବଂ କୋଟିଏ ଚନ୍ଦ୍ରମାର ପ୍ରକାଶଠାରୁ ମଧ୍ୟ ଅଧିକ ।

ଏହି କବିର୍ଦେବ (କବୀର ପ୍ରଭୁ) ସତ୍ୟପୁରୁଷ ରୂପରେ ପ୍ରକଟ ହେଲେ, ସତ୍‌ଲୋକରେ ବିରାଜମାନ ହୋଇ ପ୍ରଥମେ ସତ୍‌ଲୋକର ଅନ୍ୟ ରଚନା କଲେ ।

ଗୋଟିଏ ଶବ୍ଦ (ବଚନ) ଦ୍ୱାରା ଷୋହଳଟି ଦ୍ୱୀପର ରଚନା କଲେ । ପୁଣି ଷୋହଳଟି ଶବ୍ଦ ଦ୍ୱାରା ଷୋହଳ ପୁତ୍ରଙ୍କୁ ଉତ୍ପତ୍ତି କଲେ । ଗୋଟିଏ ମାନସରୋବର ରଚନା କରି ସେଥିରେ ଅମୃତ ଭରିଦେଲେ । ସେହି ଷୋହଳ ପୁତ୍ରଙ୍କର ନାମଗୁଡିକ ହେଲା - (୧) "କୂର୍ମ", (୨) "ଜ୍ଞାନୀ", (୩) "ବିବେକ", (୪) "ତେଜ", (୫) "ସହଜ", (୬) "ସନ୍ତୋଷ", (୭) "ସୁରତି", (୮) "ଆନନ୍ଦ", (୯) "କ୍ଷମା", (୧୦) "ନିଷ୍କାମ", (୧୧) "ଜଲରଙ୍ଗି", (୧୨) "ଅଚିନ୍ତ", (୧୩) "ପ୍ରେମ", (୧୪) "ଦୟାଳୁ", (୧୫) "ଧୈର୍ଯ୍ୟ", (୧୬) "ଯୋଗ ସନ୍ତାୟନ" ଅର୍ଥାତ୍ ଯୋଗଜିତ୍ ।

ସତ୍ୟପୁରୁଷ କବିର୍ଦେବ ନିଜ ପୁତ୍ର ଅଚିନ୍ତକୁ ସତ୍‌ଲୋକର ଅନ୍ୟ ରଚନା ଦାୟିତ୍ୱ ଅର୍ପଣ କରିବା ସହିତ ଶକ୍ତି ମଧ୍ୟ ପ୍ରଦାନ କଲେ । ଅଚିନ୍ତ, ଶବ୍ଦ ଶକ୍ତି ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର ଉତ୍ପତ୍ତି କଲେ ତଥା କହିଲେ ଯେ ମୋତେ ସାହାଯ୍ୟ କର । ଅକ୍ଷର ପୁରୁଷ ସ୍ନାନ କରିବା ପାଇଁ ମାନସରୋବରକୁ ଗଲା, ସେଠାରେ ତାକୁ ବହୁତ ଆନନ୍ଦ ଲାଗିଲା ଏବଂ ସେଠାରେ ସେ ଶୋଇପଡିଲା। ଅନେକ ସମୟ ପର୍ଯ୍ୟନ୍ତ ବାହାରକୁ ଆସିଲା ନାହିଁ । ଅଚିନ୍ତଙ୍କ ପ୍ରାର୍ଥନା କ୍ରମେ ଅକ୍ଷର ପୁରୁଷକୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ କବିର୍ଦେବ (କବୀର ପରମେଶ୍ୱର) ସେହି ମାନସରୋବରରୁ କିଛି ଅମୃତ ଜଳ ନେଇ ଏକ ଅଣ୍ଡା ତିଆରି କଲେ ଏବଂ ସେହି ଅଣ୍ଡା ମଧ୍ୟରେ ଏକ ଆତ୍ମାକୁ ପ୍ରବେଶ କରାଇ ମାନସରୋବରର ଅମୃତ ଜଳ ମଧ୍ୟକୁ ଛାଡିଦେଲେ । ଅଣ୍ଡାର ଘଡ୍ ଘଡ୍ ଶବ୍ଦରେ ଅକ୍ଷର ପୁରୁଷର ନିଦ୍ରାଭଙ୍ଗ ହେଲା। ସେ ଅଣ୍ଡାଟିକୁ କ୍ରୋଧ ଦୃଷ୍ଟିରେ ଚାହିଁବା କାରଣରୁ ଅଣ୍ଡାଟି ଦୁଇଫାଳ ହୋଇଗଲା ଏବଂ ତା' ଭିତରୁ ଜ୍ୟୋତି ନିରଞ୍ଜନ (କ୍ଷର ପୁରୁଷ) ବାହାରିଲା ଯିଏ ପରବର୍ତ୍ତୀ ସମୟରେ "କାଳ"ନାମରେ ପରିଚିତ ହେଲା । ଯାହାର ବାସ୍ତବିକ ନାମ "କୈଲ୍" ଅଟେ । ତା'ପରେ ସତ୍ୟପୁରୁଷ (କବିର୍ଦେବ) ଆକାଶବାଣୀ କଲେ ଯେ ତୁମ୍ଭେ ଦୁହେଁ ବାହାରକୁ ଆସ ତଥା ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କର । ଆଜ୍ଞା ପାଇ ଅକ୍ଷର ପୁରୁଷ ଓ କ୍ଷରପୁରୁଷ (କୈଲ) ଦୁହେଁ ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କରିବାକୁ ଲାଗିଲେ (ପିଲାମାନଙ୍କୁ ସେମାନଙ୍କ ଦାୟିତ୍ୱହୀନତା ବିଷୟରେ ସଚେତ କରାଇଲେ କାରଣ ପିଲାମାନଙ୍କର ପୁଣି ପ୍ରଭୁତାର ଗର୍ବ ହୋଇ ନ ଯାଉ, କାରଣ ସାମର୍ଥ୍ୟ ପ୍ରଭୁଙ୍କ ବିନା କାର୍ଯ୍ୟ ସଫଳ ହୁଏ ନାହିଁ) ପୁଣି ପୂର୍ଣ୍ଣଧନୀ କବିର୍ଦେବ ନିଜେ ସମସ୍ତ ରଚନା କଲେ । ନିଜ ଶବ୍ଦ ଶକ୍ତି ଦ୍ୱାରା ଏକ ରାଜେଶ୍ୱରୀ (ରାଷ୍ଟ୍ରୀ) ଶକ୍ତି ଉତ୍ପନ୍ନ କଲେ ଯାହାଙ୍କ ଦ୍ୱାରା ସର୍ବ ବ୍ରହ୍ମାଣ୍ଡର ସ୍ଥାପନ କଲେ । ଏହାଙ୍କୁ ପରାଶକ୍ତି, ପରାନନ୍ଦନୀ ମଧ୍ୟ କୁହାଯାଏ । ପୂର୍ଣ୍ଣବ୍ରହ୍ମ

ନିଜ ବଚନ ଶକ୍ତି ଦ୍ୱାରା ସମସ୍ତ ଆତ୍ମାଙ୍କୁ ନିଜ ପରି ମାନବ ଶରୀରର ରୂପ ଦେଇ ନିଜ ଭିତରୁ ଉତ୍ପନ୍ନ କଲେ । ପ୍ରତ୍ୟେକ ହଂସ ଆତ୍ମାଙ୍କର ରଚନା ପରମାତ୍ମଙ୍କ ଶରୀର ସଦୃଶ୍ୟ କଲେ, ମାନବ ସଦୃଶ୍ୟ ଏହି ଶରୀରର ତେଜ ଷୋହଳ (୧୬) ସୂର୍ଯ୍ୟର ତେଜ ପରି ଅଟେ । ପରନ୍ତୁ ପରମେଶ୍ୱରଙ୍କ ଶରୀରର ଏକ ଲୋମକୂପର ପ୍ରକାଶ କୋଟିଏ ସୂର୍ଯ୍ୟର ତେଜ ଠାରୁ ମଧ୍ୟ ଅଧିକ । ଅନେକ ସମୟ ଉପରାନ୍ତ କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) ଚିନ୍ତା କଲା ଯେ ଆମେ ତିନିଜଣ (ଅଚିନ୍ତ - ଅକ୍ଷର ପୁରୁଷ - କ୍ଷରପୁରୁଷ) ଗୋଟିଏ ଦ୍ୱୀପରେ ରହୁଅଛୁ ତଥା ଅନ୍ୟମାନେ ସମସ୍ତେ ଗୋଟିଏ ଗୋଟିଏ ଦ୍ୱୀପରେ ରହୁଛନ୍ତି । ମୁଁ ମଧ୍ୟ ସାଧନା କରି ଭିନ୍ନ ଦ୍ୱୀପ ପ୍ରାପ୍ତ କରିବି । ଏହା ବିଚାର କରି ସେ ଗୋଟିଏ ଗୋଡରେ ଛିଡାହୋଇ ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା ।

### "ସମସ୍ତ ଆତ୍ମା କାଳ ଜାଲରେ ଫସିଲେ କିପରି ?"

ବିଶେଷ:- ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ତପସ୍ୟା କରୁଥିବା ସମୟରେ ଜ୍ୟୋତି ନିରଞ୍ଜନର ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଅବସ୍ଥାନ କରୁଥିବା ସମସ୍ତ ଆତ୍ମା (ଆମ୍ଭେ) ଏହାର ସାଧନା ପ୍ରତି ଆସକ୍ତ ହୋଇ ଅନ୍ତରରେ ତାକୁ ଭଲ ପାଇବାକୁ ଲାଗିଲୁ ତଥା ନିଜ ସୁଖଦାୟୀ ପ୍ରଭୁ ସତ୍ୟପୁରୁଷଙ୍କ ପ୍ରତି ବିମୁଖ ହୋଇଗଲୁ । ଯେଉଁ କାରଣରୁ ପତିବ୍ରତା ପଦରୁ ଦୂର ହୋଇଗଲୁ । ପୂର୍ଣ୍ଣପ୍ରଭୁ ବାରମ୍ବାର ସାବଧାନ କରିବା ସତ୍ତ୍ୱେ କ୍ଷର ପୁରୁଷଙ୍କଠାରୁ ଆମ୍ଭମାନଙ୍କର ଆସକ୍ତି ତୁଟିଲା ନାହିଁ । {ଏହି ପ୍ରଭାବ ଆଜି ମଧ୍ୟ କାଳସୃଷ୍ଟିରେ ବିଦ୍ୟମାନ । ଯେପରି ଆଜିର ଯୁବଗୋଷ୍ଠୀ ଫିଲ୍ମ ଷ୍ଟାର (ଅଭିନେତା କିମ୍ବା ଅଭିନେତ୍ରୀ) ମାନଙ୍କର ନାଟକୀୟ ଭାବଭଙ୍ଗୀ ତଥା ନିଜ ରୋଜଗାର ଉଦ୍ଦେଶ୍ୟରେ ସେମାନେ କରୁଥିବା ଭୂମିକା ପ୍ରତି ଅତି ଆସକ୍ତ ହୋଇଯାଉଛନ୍ତି, ଯେତେ ବାରଣ କଲେ ମଧ୍ୟ ମାନୁନାହାଁନ୍ତି । କୌଣସି ଅଭିନେତା ବା ଅଭିନେତ୍ରୀ ନିକଟସ୍ଥ ସହରକୁ ଆସିବାର ଥିଲେ ନିର୍ବୋଧ ଯୁବଗୋଷ୍ଠୀ କେବଳ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଏକତ୍ରିତ ହୋଇଯାଇଥାନ୍ତି । ଅଭିନେତା ନିଜ ରୋଜଗାର ବ୍ୟସ୍ତ, କିନ୍ତୁ ଖର୍ଚ୍ଚାନ୍ତ ହୁଅନ୍ତି ଯୁବଗୋଷ୍ଠୀ । ମାତା-ପିତା ଯେତେ ବୁଝାଇଲେ ମଧ୍ୟ ପିଲା ମାନନ୍ତି ନାହିଁ । ଯେ କୌଣସି ପ୍ରକାରେ ଲୁଚିଛପି ଚାଲି ଯାଇଥାନ୍ତ ।}


ପୂର୍ଣ୍ଣବ୍ରହ୍ମ କବିର୍ଦେବ(କବୀର ପ୍ରଭୁ) କ୍ଷର ପୁରୁଷକୁ ପଚାରିଲେ, କୁହ ତୁମେ କ'ଣ ଚାହୁଁଛ ? ସେ କହିଲା, ପିତାଜୀ! ଏହି ସ୍ଥାନ ମୋ ପାଇଁ କମ ପଡୁଛି । ମୋତେ ଅଲଗା ଏକ ଦ୍ୱୀପ ପ୍ରଦାନ କରିବାର କୃପା କରନ୍ତୁ । ହକ୍କା କବୀର (ସତ୍ୟ କବୀର) କ୍ଷର ପୁରୁଷକୁ ଏକୋଇଶି (୨୧) ବ୍ରହ୍ମାଣ୍ଡ ପ୍ରଦାନ କରିଦେଲେ । କିଛି ସମୟ ଉପରାନ୍ତ ଜ୍ୟୋତି ନିରଞ୍ଜନ ଚିନ୍ତା କଲା ଯେ ଏଥିରେ କିଛି ରଚନା କରାଯିବା ଉଚିତ । କେବଳ ବ୍ରହ୍ମାଣ୍ଡ (ପ୍ଲଟ୍) କେଉଁ କାମରେ ଆସିବ । ଏହା ବିଚାର କରି, ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପ୍ରଭୁ)ଙ୍କଠାରୁ ରଚନା ସାମଗ୍ରୀ ପ୍ରାପ୍ତି ପାଇଁ ପୁଣି ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା । ସତ୍ୟପୁରୁଷ ତାକୁ ତିନି ଗୁଣ ଓ ପଞ୍ଚତତ୍ତ୍ୱ ପ୍ରଦାନ କରିଦେଲେ । ଯାହା ସାହାଯ୍ୟରେ ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ନିଜ ବ୍ରହ୍ମାଣ୍ଡରେ କିଛି ରଚନା କରି ପୁଣି ଚିନ୍ତାକଲା ଯେ ଏଥିରେ କିଛି ଜୀବ ମଧ୍ୟ ରହିବା ଉଚିତ୍ । ଏକୁଟିଆ ମନ ଲାଗୁନାହିଁ । ଏହା ବିଚାର କରି ଚଉଷଠି (୬୪) ଯୁଗ ପର୍ଯ୍ୟନ୍ତ ପୁଣି ତପସ୍ୟା କଲା । ପୂର୍ଣ୍ଣ ପରମାତ୍ମା କବୀର୍ଦେବ ପଚାରିବାରୁ ସେ କହିଲା ଯେ ମୋତେ କିଛି ଆତ୍ମା ଦିଅନ୍ତୁ । ଏକୁଟିଆ ମନ ଲାଗୁନାହିଁ । ସେତେବେଳେ ସତ୍ୟପୁରୁଷ କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ 'ବ୍ରହ୍ମ' ! ତୋ ତପସ୍ୟାର ଫଳ ସ୍ୱରୂପ ମୁଁ ତୋତେ ଆଉ କିଛି ବ୍ରହ୍ମାଣ୍ଡ ଦେଇ ପାରିବି କିନ୍ତୁ କୌଣସି ଜପ-ତପ ସାଧନାର ଫଳ ରୂପେ ତୋତେ ମୋ ଆତ୍ମାମାନଙ୍କୁ ଦେଇପାରିବି ନାହିଁ । ହଁ, ଯଦି କେହି ସ୍ୱଇଚ୍ଛାରେ ତୋ ସହିତ ଯିବା ପାଇଁ ଚାହାଁନ୍ତି ତେବେ ସେମାନେ ଯାଇପାରିବେ । ଯୁବା କବୀର (ସମର୍ଥ କବୀର)ଙ୍କ ବଚନ ଶୁଣି ଜ୍ୟୋତି ନିରଞ୍ଜନ ଆମ୍ଭମାନଙ୍କ ନିକଟକୁ ଆସିଲା। ତା'ପରେ ଆମ୍ଭେ ସମସ୍ତେ(ସମସ୍ତ ହଂସାତ୍ମା) ତାକୁ ଘେରିଯାଇ ତା' ଚାରିପଟେ ଠିଆ ହୋଇଗଲୁ କାରଣ ଆମ୍ଭେମାନେ ପ୍ରଥମରୁ ତା' ପ୍ରତି ଆସକ୍ତ ଥିଲୁ । ଜ୍ୟୋତି ନିରଞ୍ଜନ କହିଲା, ମୁଁ ପିତାଙ୍କଠାରୁ ଅଲଗା ଏକୋଇଶିଟି(୨୧) ବ୍ରହ୍ମାଣ୍ଡ ପ୍ରାପ୍ତ କରିଛି । ସେଠାରେ ନାନା ପ୍ରକାରର ରମଣୀୟ ସ୍ଥଳ ତିଆରି କରିଛି । ଆପଣମାନେ ମୋ ସହିତ ଯିବେ କି ? ଏହା ଶୁଣି ସମସ୍ତେ କହିଲେ (ସମସ୍ତ

ହଂସାତ୍ମା ଯେଉଁମାନେ ଆଜି ଏହି ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଦୁଃଖମୟ ଜୀବନଯାପନ କରୁଛନ୍ତି) ଯେ ଯଦି ପିତାଜୀ ଆଜ୍ଞା ଦିଅନ୍ତି ତେବେ ଆମେ ପ୍ରସ୍ତୁତ ଅଛୁ । ଏହାଶୁଣି କ୍ଷରପୁରୁଷ, ପୂର୍ଣ୍ଣବ୍ରହ୍ମ ମହାନ କବୀର (ସମର୍ଥ କବୀର ପ୍ରଭୁ)ଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲା । କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ ମୋ ସମ୍ମୁଖରେ ସମ୍ମତି ପ୍ରଦାନ କରିବା ଆତ୍ମାମାନଙ୍କୁ କେବଳ ମୁଁ ଆଦେଶ ଦେଇପାରିବି। କ୍ଷରପୁରୁଷ ଓ ପରମ ଅକ୍ଷର ପୁରୁଷ (କବିରମିତୌଜା=କବିର ଅମିତ ଔଜା) ଅର୍ଥାତ୍ ଯାହାଙ୍କୁ ଶକ୍ତିର କୌଣସି ତୁଳନା ନାହିଁ, ସେ କବୀର) ଉଭୟେ ଆସ (ସମସ୍ତ ଆତ୍ମା) ନିକଟକୁ ଆସିଲେ । ସତ୍ କବିର ଦେବ କହିଲେ ଯେ ଯେଉଁ ହଂସ ଆତ୍ମାମାନେ ବ୍ରହ୍ମ ସହିତ ଯିବାପାଇଁ ଚାହୁଁଛନ୍ତି ସେମାନେ ହାତ ଉପରକୁ ଟେକି ସମ୍ମତି ପ୍ରଦାନ କରନ୍ତୁ । ନିଜ ପିତାଙ୍କ ସମ୍ମୁଖରେ କାହାର ସାହସ ହେଲାନାହିଁ । କେହି ରାଜି ହେଲେ ନାହିଁ । ବହୁତ ସମୟ ପର୍ଯ୍ୟନ୍ତ ନିରବତା ବ୍ୟାପି ରହିଲା। ତତ୍ପଶ୍ଚାତ୍ ଜଣେ ହଂସାତ୍ମା ସାହସ କଲେ ଏବଂ କହିଲେ ଯେ ପିତାଜୀ! ମୁଁ ଯିବାପାଇଁ ପ୍ରସ୍ତୁତ ଅଛି । ପୁଣି ତାକୁ ଦେଖି ଆମ୍ଭେ ସମସ୍ତ ଆତ୍ମା (ଯେଉଁମାନେ ଆଜି କାଲ ବ୍ରହ୍ମର ୨୧ବ୍ରହ୍ମାଣ୍ଡରେ ପଡି ରହିଛନ୍ତି) ରାଜି ହୋଇଗଲେ । ପରମେଶ୍ୱର କବୀର ଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ ତୁମେ ନିଜ ସ୍ଥାନକୁ ଯାଅ । ଯେଉଁମାନେ ତୁମ ସହିତ ଯିବାପାଇଁ ରାଜି ଅଛନ୍ତି ସେହି ହଂସ ଆତ୍ମାମାନଙ୍କୁ ମୁଁ ତୁମ ପାଖକୁ ପଠାଇଦେବି । ଜ୍ୟୋତି ନିରଞ୍ଜନ ନିଜ ୨୧ ବ୍ରହ୍ମାଣ୍ଡକୁ ଚାଲିଗଲା । ସେ ପର୍ଯ୍ୟନ୍ତ ଏହି ଏକୋଇଶି ବ୍ରହ୍ମାଣ୍ଡ ସତ୍ଲୋକରେ ହିଁ ଥିଲା ।

ତତ୍ପଶ୍ଚାତ୍ ପୂର୍ଣ୍ଣବ୍ରହ୍ମ ସର୍ବ ପ୍ରଥମେ ସହମତି ପ୍ରକାଶ କରିଥିବା ହଂସକୁ ଏକ କନ୍ୟା ରୂପ ଦେଲେ ପରନ୍ତୁ ସ୍ତ୍ରୀ ଇନ୍ଦ୍ରିୟ ଦେଇ ନ ଥିଲେ । ତା'ପରେ ସମସ୍ତ ଆତ୍ମାଙ୍କୁ (ଯେଉଁମାନେ ଜ୍ୟୋତି ନିରଞ୍ଜନ (ବ୍ରହ୍ମ) ସହ ଯିବାପାଇଁ ସହମତି ପ୍ରଦାନ କରିଥିଲେ) ସେହି କନ୍ୟା ଶରୀରରେ ପ୍ରବେଶ କରାଇ ଦେଲେ । ସେହି କନ୍ୟାର ନାମ ଆଷ୍ଟ୍ରା (ଆଦିମାୟା/ପ୍ରକୃତିଦେବୀ/ଦୁର୍ଗା) ହେଲା। ସତ୍ୟପୁରୁଷ କହିଲେ ହେ ପୁତ୍ରୀ! ମୁଁ ତୋତେ ଶବ୍ଦଶକ୍ତି ପ୍ରଦାନ କରିଛି । ବ୍ରହ୍ମ, ଯେତେ ଜୀବ ଆବଶ୍ୟକ କରିବ, ତୁମେ ତାକୁ ଉତ୍ପନ୍ନ କରିଦେବ । ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ସାହେବ)ପ୍ରକୃତିକୁ ନିଜ ପୁତ୍ର ସହଜ ଦାସଙ୍କ ସହିତ କ୍ଷରପୁରୁଷ ନିକଟକୁ ପଠାଇ ଦେଲେ । ସହଜ ଦାସ ଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ, ପିତାଜୀ ଏହି ଭଉଣୀ ଶରୀରରେ ସେହି ସମସ୍ତ ଆତ୍ମାମାନଙ୍କୁ ପ୍ରବେଶ କରାଇ ଦେଇଛନ୍ତି ଯେଉଁମାନେ ଆପଣଙ୍କ ସହିତ ଯିବାପାଇଁ ସହମତି ପ୍ରଦାନ କରିଥିଲେ ତଥା ପିତାଜୀ ପ୍ରକୃତିକୁ ବଚନ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ଯେତେ ଜୀବ ଚାହିଁବେ ପ୍ରକୃତି ନିଜ ଶବ୍ଦ ଶକ୍ତି ଦ୍ୱାରା ତାହା ଉତ୍ପନ୍ନ କରାଇବେ । ଏହା କହି ସହଜ ଦାସ ନିଜ ଦ୍ୱୀପକୁ ଫେରି ଆସିଲେ।

ଯୁବା ହୋଇଥିବା କାରଣରୁ କନ୍ୟାର ରଙ୍ଗ-ରୂପ ସୁନ୍ଦର ଦେଖା ଯାଉଥିଲା । ବ୍ରହ୍ମ ମନରେ ବିଷୟ-ବାସନା ଉତ୍ପନ୍ନ ହେବାକୁ ଲାଗିଲା ତଥା ପ୍ରକୃତି ଦେବୀ ସହିତ ସେ ଅଶ୍ଳୀଳ ଗତିବିଧି ଆରମ୍ଭ କରିଦେଲା । ଦୁର୍ଗା କହିଲେ, ଜ୍ୟୋତି ନିରଞ୍ଜନ! ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ମୋ ପାଖରେ ଅଛି । ଆପଣ ଯେତେ ପ୍ରାଣୀ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଆପଣ ମୈଥୁନ ପରମ୍ପରା ଆରମ୍ଭ କରନ୍ତୁ ନାହିଁ । ଆପଣ ସେହି ପିତାଙ୍କ ଶବ୍ଦଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଉତ୍ପନ୍ନ ହୋଇଛନ୍ତି ତଥା କିଛି ମୁହୂର୍ତ୍ତ ପରେ ମୁଁ ମଧ୍ୟ ସେହି ପିତାଙ୍କ ଶବ୍ଦଶକ୍ତିରୁ ଉତ୍ପନ୍ନ ହେଲି ତେଣୁ ଆପଣ ମୋର ବଡଭାଇ ଅଟନ୍ତି । ଭଉଣୀ-ଭାଇର ଏହି ସଂଯୋଗ ମହାପାପର କାରଣ ହେବ । ପରନ୍ତୁ ପ୍ରକୃତି ଦେବୀଙ୍କର ଏହି ପ୍ରାର୍ଥନାକୁ ଜ୍ୟୋତି ନିରଞ୍ଜନ ଆଦୌ କର୍ଣ୍ଣପାତ କଲା ନାହିଁ ତଥା ନିଜ ଶବ୍ଦ ଶକ୍ତି ଦ୍ୱାରା ନଖ ସାହାଯ୍ୟରେ ପ୍ରକୃତି ଦେବୀ ଶରୀରରେ ସ୍ତ୍ରୀ ଇନ୍ଦ୍ରିୟ (ଯୋନି) ଲଗାଇ ଦେଲା ତଥା ବଳାତ୍କାର କରିବା ପାଇଁ ଉଦ୍ୟମ କଲା । ସେହି ସମୟରେ ଦୁର୍ଗା ନିଜ ଇଜ୍ଜତ୍ ରକ୍ଷା କରିବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ସୂକ୍ଷ୍ମ ରୂପ ଧାରଣ କରି ଜ୍ୟୋତି ନିରଞ୍ଜନର ମୁଖଦ୍ୱାର ଦେଇ ପେଟ ମଧ୍ୟକୁ ପ୍ରବେଶ କରିଗଲା ତଥା ନିଜକୁ ରକ୍ଷା କରିବା ପାଇଁ ପୂର୍ଣ୍ଣବ୍ରହ୍ମ କବୀର୍ ଦେବଙ୍କୁ ପାର୍ଥନା କଲା । ସେହି ସମୟରେ କବିର୍ଦେବ (କବୀର ଦେବ) ନିଜ ପୁତ୍ର ଯୋଗସନ୍ତାୟନ ଅର୍ଥାତ୍ ଯୋଗଜୀତଙ୍କ ରୂପ ଧାରଣ କରି ସେଠାରେ ପ୍ରକଟ ହେଲେ ତଥା କନ୍ୟାକୁ ବ୍ରହ୍ମ ଉଦରରୁ ବାହାରକୁ କାଢ଼ିଲେ ତଥା କହିଲେ, ଜ୍ୟୋତି ନିରଞ୍ଜନ! ଆଜିଠୁ ତୋର ନାମ

# ଗୋଟିଏ ବ୍ରହ୍ମାଣ୍ଡର ଲଘୁଚିତ୍ର



"କାଳ" ହେବ। ଏଣିକି ତୋର ଜନ୍ମ-ମୃତ୍ୟୁ ହେବ । ଏଥିପାଇଁ ତୋର ନାମ କ୍ଷରପୁରୁଷ ହେବ ଏବଂ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀ ପ୍ରତିଦିନ ତୁ ଭକ୍ଷଣ କରିବୁ ତଥା ଏକଲକ୍ଷ ପଚିଶ ହଜାର ପ୍ରାଣୀ ଉତ୍ପନ୍ନ କରିବୁ । ଏକୋଇଶି ବ୍ରହ୍ମାଣ୍ଡ ସହିତ ତୁମ୍ଭ ଦୁହିଁଙ୍କୁ ଏଠାରୁ ନିଷ୍କାଶିତ କରାଗଲା । ଏତିକି କହିବା ପରେ ଏକୋଇଶି ବ୍ରହ୍ମାଣ୍ଡ ବିମାନ ଭଳି ଗତି କରିବାକୁ ଲାଗିଲା ତଥା ସହଜ ଦାସଙ୍କ ଦ୍ୱୀପ ନିକଟ ଦେଇ ସତ୍‌ଲୋକରୁ ଷୋହଳ (୧୬) ଶଙ୍ଖକୋଶ (ଏକକୋଶି ପାଖାପାଖି ତିନି (୩) କିଲୋମିଟର ହୋଇଥାଏ) ଦୂରରେ ଆସି ଅଟକିଗଲା ।

ବିଶେଷ ବିବରଣୀ:- ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଶକ୍ତିଙ୍କର ବିବରଣୀ ଆସିଛି ।

୧. ପୂର୍ଣ୍ଣବ୍ରହ୍ମ ଯିଏ ସତ୍ୟପୁରୁଷ, ଅକାଳପୁରୁଷ, ଶବ୍ଦସ୍ୱରୂପୀ ରାମ, ପରମ ଅକ୍ଷରବ୍ରହ୍ମ /ପୁରୁଷ ଆଦି ନାମରେ ପରିଚିତ । ଏହି ପୂର୍ଣ୍ଣବ୍ରହ୍ମ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ତଥା ବାସ୍ତବରେ ସେ ଅବିନାଶୀ ଅଟନ୍ତି ।

୨. ପରବ୍ରହ୍ମ - ଯାହାଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ବାସ୍ତବରେ ସେ ଅବିନାଶୀ ନୁହଁନ୍ତି । ସେ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ।

୩. ବ୍ରହ୍ମ - ଯିଏ ଜ୍ୟୋତି ନିରଞ୍ଜନ, କାଳ, କୈଲ, କ୍ଷରପୁରୁଷ ତଥା ଧର୍ମରାୟ ଆଦି ନାମରେ ପରିଚିତ, ସେ କେବଳ ଏକୋଇଶ ବ୍ରହ୍ମାଣ୍ଡର ସେ ସ୍ୱାମୀ ଅଟନ୍ତି । ଏବେ ଆଗକୁ ଏହି ବ୍ରହ୍ମ (କାଳ)ଙ୍କ ସୃଷ୍ଟିର ଗୋଟିଏ ବ୍ରହ୍ମାଣ୍ଡର ପରିଚୟ ଦିଆଯିବ, ଯେଉଁଥିରେ ଆଉ ତିନୋଟି ନାମ ଆପଣଙ୍କୁ ପଢିବାକୁ ମିଳିବ - ବ୍ରହ୍ମା, ବିଷ୍ଣୁ ଓ ଶିବ ।

ବ୍ରହ୍ମ ଓ ବ୍ରହ୍ମାଙ୍କ ମଧ୍ୟରେ ପାର୍ଥକ୍ୟ :- ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ସର୍ବ ଉପର ସ୍ଥାନରେ ବ୍ରହ୍ମ (କ୍ଷରପୁରୁଷ) ତିନୋଟି ଗୁପ୍ତ ସ୍ଥାନ ରଚନା କରି ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ରୁହନ୍ତି ତଥା ନିଜ ପତ୍ନୀ ପ୍ରକୃତି (ଦୁର୍ଗା)ଙ୍କ ସହଯୋଗରେ ତିନି ପୁତ୍ରଙ୍କର ଉତ୍ପତ୍ତି କରିଥାନ୍ତି ।

ସେମାନଙ୍କ ନାମ ମଧ୍ୟ ବ୍ରହ୍ମା, ବିଷ୍ଣୁ ଓ ଶିବ ରଖିଥାନ୍ତି । ବ୍ରହ୍ମଙ୍କ ପୁତ୍ର ବ୍ରହ୍ମା ଗୋଟିଏ ବ୍ରହ୍ମାଣ୍ଡର ତିନିଲୋକ (ପୃଥିବୀଲୋକ, ସ୍ୱର୍ଗଲୋକ, ପାତାଳଲୋକ)ର ଏକ ରଜଗୁଣ ବିଭାଗର ମନ୍ତ୍ରୀ (ସ୍ୱାମୀ) ଅଟନ୍ତି । ଏହାଙ୍କୁ ତ୍ରୈଲୋକୀୟ ବ୍ରହ୍ମା କୁହାଯାଏ ତଥା ବ୍ରହ୍ମ ଯିଏ ବ୍ରହ୍ମଲୋକରେ ବ୍ରହ୍ମାରୂପରେ ରୁହନ୍ତି ତାଙ୍କୁ ମହାବ୍ରହ୍ମା ବା ବ୍ରହ୍ମଲୋକୀୟ ବ୍ରହ୍ମା କୁହାଯାଏ । ଏହି ବ୍ରହ୍ମ (କାଳ)ଙ୍କୁ ସଦାଶିବ, ମହାଶିବ ଓ ମହାବିଷ୍ଣୁ ମଧ୍ୟ କୁହାଯାଏ ।

ଶ୍ରୀ ବିଷ୍ଣୁ ପୁରାଣରେ ପ୍ରମାଣ:- ଚତୁର୍ଥ ଅଂଶ ଅଧ୍ୟାୟ ୧ ପୃଷ୍ଠା ୨୩୦-୨୩୧ରେ ଶ୍ରୀ ବ୍ରହ୍ମା କହୁଛନ୍ତି :- ଯେଉଁ ଅଜନ୍ମା, ସର୍ବମୟ ବିଧାତା ପରମେଶ୍ୱରଙ୍କ ଆଦି, ମଧ୍ୟ, ଅନ୍ତ, ସ୍ୱରୂପ, ସ୍ୱଭାବ ଓ ସାର ମୁଁ ଜାଣିପାରି ନାହିଁ (ଶ୍ଳୋକ-୮୩) ।

ଯିଏ ମୋ ରୂପ ଧାରଣ କରି ସଂସାରର ସୃଷ୍ଟି କରନ୍ତି, ସ୍ଥିତି (ସଂସାର ପାଳନ) ସମୟର ପୁରୁଷ ରୂପ ତଥା ରୁଦ୍ର ରୂପରେ ଯିଏ ବିଶ୍ୱକୁ ଗ୍ରାସ କରନ୍ତି, ଅନନ୍ତ ରୂପରେ ସମ୍ପୂର୍ଣ୍ଣ ଜଗତକୁ ଧାରଣ କରିଛନ୍ତି । (ଶ୍ଳୋକ ୮୬) ।

### "ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବଙ୍କ ଉତ୍ପତ୍ତି"

କାଳ (ବ୍ରହ୍ମ), ପ୍ରକୃତି (ଦୁର୍ଗା)କୁ କହିଲା, ଏବେ ମୋର କିଏ କ'ଣ କରିବ ? ଏବେ ମୋ ଇଚ୍ଛା ମୁତାବକ ମୁଁ କାର୍ଯ୍ୟ କରିବି । ପ୍ରକୃତି ପୁଣି ପ୍ରାର୍ଥନା କରି କହିଲା, ଆପଣଙ୍କୁ ଲଜ୍ୟା ଲାଗିବା ଦରକାର। ପ୍ରଥମେ ତ ଆପଣ ମୋ ବଡଭାଇ କାରଣ ସେହି ପୂର୍ଣ୍ଣ ପରମାତ୍ମା (କବିର୍ଦେବ)ଙ୍କ ବଚନ ଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଆପଣ (ବ୍ରହ୍ମ)ଙ୍କର ଉତ୍ପତ୍ତି ହୋଇଛି ତଥା କିଛି ସମୟ ପରେ ସେହି ପରମେଶ୍ୱରଙ୍କ ବଚନ ଶକ୍ତିରୁ ମୋର ମଧ୍ୟ ଉତ୍ପତ୍ତି ହୋଇଛି । ଦ୍ୱିତୀୟରେ ଆପଣଙ୍କ ପେଟରୁ ମୁଁ ବାହାରିଛି, ମୁଁ ଆପଣଙ୍କ କନ୍ୟା ହେଲି ତଥା ଆପଣ ମୋର ପିତା ହେଲେ । ଏହି ପବିତ୍ର ସମ୍ପର୍କକୁ ନଷ୍ଟ କରିବା ମହାପାପ ହେବ । ମୋ ନିକଟରେ ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦ ଶକ୍ତି ଅଛି । ଯେତେ ପ୍ରାଣୀ ଆପଣ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଜ୍ୟୋତି ନିରଞ୍ଜନ, ଦୁର୍ଗାଙ୍କର କୌଣସି ଗୋଟିଏ ବି ପ୍ରାର୍ଥନା ଶୁଣିଲା ନାହିଁ ତଥା କହିଲା ଯେ ମୋତେ ଯେଉଁ ଦଣ୍ଡ ମିଳିବାର ଥିଲା ମିଳିଗଲା । ମୋତେ

ସତ୍‌ଲୋକରୁ ନିଷ୍କାସିତ କରି ଦିଆଗଲା । ବର୍ତ୍ତମାନ ମୁଁ ମନଇଚ୍ଛା କାର୍ଯ୍ୟ କରିବି । ଏହା କହି କାଳ ପୁରୁଷ (କ୍ଷର ପୁରୁଷ) ପ୍ରକୃତିଙ୍କ ସହିତ ବଳପୂର୍ବକ ବିବାହ କଲା ତଥା ତିନି ପୁତ୍ର (ରଜଗୁଣ ଯୁକ୍ତ – ବ୍ରହ୍ମା ଜୀ, ସତଗୁଣ ଯୁକ୍ତ – ବିଷ୍ଣୁ ଜୀ ତଥା ତମଗୁଣ ଯୁକ୍ତ – ଶିବ ଜୀ)ଙ୍କର ଉତ୍ପତ୍ତି କଲା । ଯୁବକ ହେବା ପର୍ଯ୍ୟନ୍ତ ତିନିପୁତ୍ରଙ୍କୁ ଦୁର୍ଗାଙ୍କ ଦ୍ୱାରା ଅଚେତ କରାଇ ରଖିଥାଏ । ପୁଣି ଯୁବକ ହୋଇଯିବା ପରେ ଶ୍ରୀ ବ୍ରହ୍ମାଙ୍କୁ ପଦ୍ମ ଫୁଲ ଉପରେ, ଶ୍ରୀ ବିଷ୍ଣୁଙ୍କୁ ଶେଷନାଗ ଶଯ୍ୟା ଉପରେ ତଥା ଶ୍ରୀ ଶିବଙ୍କୁ କୈଳାସ ପର୍ବତ ଉପରେ ସଚେତ କରି ଏକତ୍ରିତ କରିଦେଇଥାଏ । ତତ୍‌ପଶ୍ଚାତ୍ ପ୍ରକୃତି (ଦୁର୍ଗା) ଦ୍ୱାରା ଏହି ତିନିଜଣଙ୍କର ବିବାହ କରି ଦିଆଯାଏ ତଥା ଗୋଟିଏ ବ୍ରହ୍ମାଣ୍ଡର ତିନି ଲୋକ (ସ୍ୱର୍ଗଲୋକ, ପୃଥିବୀଲୋକ, ପାତାଳ ଲୋକ) ରେ ଏମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀ (ପ୍ରଭୁ) ରୂପେ ନିଯୁକ୍ତି କରିଦିଏ । ଯେପରି ଶ୍ରୀ ବ୍ରହ୍ମାଙ୍କୁ ରଜଗୁଣ ବିଭାଗର, ଶ୍ରୀବିଷ୍ଣୁଙ୍କୁ ସତଗୁଣ ବିଭାଗ ତଥା ଶ୍ରୀ ଶିବ ଶଙ୍କରଙ୍କୁ ତମଗୁଣ ବିଭାଗର ଦାୟିତ୍ୱ ତଥା ସ୍ୱୟଂ ଗୁପ୍ତ (ମହାବ୍ରହ୍ମା–ମହାବିଷ୍ଣୁ–ମହାଶିବ) ରୂପରେ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥାଏ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଗୋଟିଏ ବ୍ରହ୍ମଲୋକ ରଚନା କରିଛି । ସେଥିରେ ତିନୋଟି ଗୁପ୍ତସ୍ଥାନ ନିର୍ମାଣ କରିଛି । ସେଥିମଧ୍ୟରୁ ଗୋଟିଏ ରଜଗୁଣ ପ୍ରଧାନ ସ୍ଥାନ ଅଟେ । ଯେଉଁଠି ଏହି ବ୍ରହ୍ମ (କାଳ) ସ୍ୱୟଂ ମହାବ୍ରହ୍ମା (ମୁଖ୍ୟମନ୍ତ୍ରୀ) ରୂପରେ ରହିଥାଏ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାସାବିତ୍ରୀ ରୂପରେ ରଖିଥାଏ। ଏହି ଦୁହିଁଙ୍କ ସଂଯୋଗରୁ ଯେଉଁ ପୁତ୍ର ଏହି ସ୍ଥାନରେ ଉତ୍ପନ୍ନ ହୁଏ ସ୍ୱତଃପ୍ରବୃତ୍ତ ଭାବେ ସେ ରଜୋଗୁଣୀ ହୋଇଯାଏ । ଦ୍ୱିତୀୟ ସ୍ଥାନଟିକୁ ସତଗୁଣ ପ୍ରଧାନ କରି ସେଠାରେ ଏହି କ୍ଷରପୁରୁଷ ସ୍ୱୟଂ ମହାବିଷ୍ଣୁ ରୂପରେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାଲକ୍ଷ୍ମୀ ରୂପରେ ରଖି ଯେଉଁ ପୁତ୍ର ଉତ୍ପନ୍ନ କରେ ସେହି ପୁତ୍ରର ନାମ ବିଷ୍ଣୁ ରଖିଥାଏ । ସେହି ବାଳକ ସତଗୁଣ ଯୁକ୍ତ ହୋଇଥାଏ। ତୃତୀୟରେ ଏହି କାଳ ସେଠାରେ ଏକ ତମଗୁଣ ପ୍ରଧାନ କ୍ଷେତ୍ର ନିର୍ମାଣ କରିଛି । ସେଠାରେ ସେ ସଦାଶିବ ରୂପରେ ନିଜେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାପାର୍ବତୀ ରୂପରେ ରଖିଥାଏ । ଦୁହିଁଙ୍କ ପତିପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଉତ୍ପନ୍ନ ହୁଏ ତାହାର ନାମ ଶିବ ରଖିଥାନ୍ତି ତଥା ସେହି ପୁତ୍ରକୁ ତମଗୁଣ ଯୁକ୍ତ କରିଦିଅନ୍ତି । (ପ୍ରମାଣ ପାଇଁ ଦେଖନ୍ତୁ ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ପବିତ୍ର ଶ୍ରୀ ଶିବ ମହାପୁରାଣ, ବିଦ୍ଧେଶ୍ୱର ସଂହିତା ପୃଷ୍ଠା ୨୪–୨୬ ଯେଉଁଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର ବା ମହେଶ୍ୱରଙ୍କଠାରୁ ଭିନ୍ନ ସଦାଶିବ ଅଟନ୍ତି ତଥା ରୁଦ୍ର ସଂହିତା ଅଧ୍ୟାୟ ୬ ତଥା ୭,୯ ପୃଷ୍ଠା ନଂ. ୧୦୦ରୁ ୧୦୫ ତଥା ୧୧୦ରେ ଅନୁବାଦ କର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ତଥା ପବୀତ୍ର ଶ୍ରୀମଦ୍ ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୧୪ରୁ ୧୨୩ ପର୍ଯ୍ୟନ୍ତ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଯାହାର ଅନୁବାଦ କର୍ତ୍ତା ଶ୍ରୀହନୁମାନ ପ୍ରସାଦ ପୋଦ୍ଦାର ଚିମନ୍‌ଲାଲ ଗୋସ୍ୱାମୀ) । ପୁଣି ଏମାନଙ୍କ ସହିତ ଛଳନା କରି ନିଜ ଭୋଜନ ପାଇଁ ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଜୀବମାନଙ୍କର ଉତ୍ପତ୍ତି କରିଥାଏ। ଶ୍ରୀ ବିଷ୍ଣୁଙ୍କ ଦ୍ୱାରା ପାଳନ (ପରସ୍ପରକୁ ମୋହ ମମତାରେ ବାନ୍ଧି କାଳ ଜାଲରେ ରଖିବା) ତଥା ଶ୍ରୀ ଶିବଙ୍କ ଦ୍ୱାରା ସଂହାର (କାରଣ ଅଭିଶାପବଶତଃ କାଳପୁରୁଷକୁ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କର ସୂକ୍ଷ୍ମ ଶରୀରରୁ ମଇଳା ବାହାର କରି ଖାଇବାକୁ ପଡିଥାଏ । ସେଥିପାଇଁ ଏକୋଇଶିତମ ବ୍ରହ୍ମାଣ୍ଡରେ ଏକ ତପ୍ତଶୀଳା ଅଛି ଯାହା ସ୍ୱତଃ ଉତ୍ତପ୍ତ ରହିଥାଏ । ସେହି ତପ୍ତଶୀଳା ଉପରେ ଜୀବାତ୍ମାକୁ ଗରମ କରି ସେଥରୁ ବାହାରୁଥିବା ମଇଳାକୁ ଖାଇଥାଏ । ଜୀବମାନେ ମରି ନ ଥାନ୍ତି କିନ୍ତୁ ଅସହନୀୟ କଷ୍ଟ ଭୋଗିଥାନ୍ତି। ତା'ପରେ ସେମାନଙ୍କୁ କର୍ମ ଆଧାରରେ ଅନ୍ୟ ଶରୀର ପ୍ରଦାନ କରିଥାଏ) । ଯେପରି କୌଣସି ଏକ ଗୃହରେ ତିନୋଟି ପ୍ରକୋଷ୍ଠ (କକ୍ଷ ) ଅଛି, ଗୋଟିଏ ପ୍ରକୋଷ୍ଠରେ ଅଶ୍ଳୀଳ ଚିତ୍ର ଲାଗିଅଛି । ସେହି ପ୍ରକୋଷ୍ଠକୁ ପ୍ରବେଶ କରିବା ମାତ୍ରେ ମନରେ ସେହିଭଳି ଖରାପ ଭାବନା ଉତ୍ପନ୍ନ ହୋଇଯାଏ । ଦ୍ୱିତୀୟ କକ୍ଷରେ ସାଧୁସନ୍ଥ ଓ ଭକ୍ତମାନଙ୍କର ଚିତ୍ର ଲାଗିଥଲେ, ମନରେ ଉତ୍ତମ ଭାବନା ଓ ପ୍ରଭୁଚିନ୍ତନ ତଥା ଭକ୍ତିଭାବ ସୃଷ୍ଟି ହୁଏ । ତୃତୀୟ କକ୍ଷରେ ଦେଶଭକ୍ତ ଓ ସହିଦମାନଙ୍କର ଚିତ୍ର ଲାଗିଥିଲେ, ମନରେ ସେହିଭଳି ଉଗ୍ର ଭାବନା ଉତ୍ପନ୍ନ ହୋଇଯାଏ । ଠିକ୍ ଏହି ପ୍ରକାରେ ବ୍ରହ୍ମ (କାଳ) ନିଜ ବୁଦ୍ଧିରେ ଉପରୋକ୍ତ ତିନି ଗୁଣଯୁକ୍ତ ସ୍ଥାନର ରଚନା କରିଅଛି ।

### "ତିନିଗୁଣ କ'ଣ ? ପ୍ରମାଣ ସହିତ"

"ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ତିନିଗୁଣ ଅଟନ୍ତି । ଏମାନେ ବ୍ରହ୍ମ (କାଳ) ତଥା

ପ୍ରକୃତି (ଦୁର୍ଗା)ଠାରୁ ଉତ୍ପନ୍ନ ହୋଇଛନ୍ତି ଏବଂ ଏମାନେ ନାଶବାନ ଅଟନ୍ତି ।”

ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀ ଶିବ ମହାପୁରାଣ, ସଂପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ବିଦ୍ୟେଶ୍ୱର ସଂହିତା ପୃଷ୍ଠା ନଂ ୨୪-୨୬ ତଥା ରୁଦ୍ର ସଂହିତା ପୃଷ୍ଠା ନଂ ୧୧୦ ଅଧ୍ୟାୟ ୯, “ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ତିନିଗୁଣ ଯୁକ୍ତ ଦେବତା ଅଟନ୍ତି, ପରନ୍ତୁ ସଦାଶିବ (ବ୍ରହ୍ମ-କାଳ)କୁ ଗୁଣାତୀତ ବୋଲି କୁହାଯାଇଛି ।”

ଦ୍ୱିତୀୟ ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀମଦ ଦେବୀ ଭାଗବତ ପୁରାଣ, ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଚିମନଲାଲ ଗୋସ୍ୱାମୀ, ତୃତୀୟ ସ୍କନ୍ଧ, ଅଧ୍ୟାୟ ୫ ପୃଷ୍ଠା ନଂ ୧୨୩ରେ ଭଗବାନ ବିଷ୍ଣୁ, ମାତା ଦୁର୍ଗାଙ୍କର ସ୍ତୁତି କରି କହିଲେ, ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଆମ୍ଭେ ନିତ୍ୟ (ଅବିନାଶୀ) ନୁହେଁ । ତୁମ୍ଭେ ନିତ୍ୟ, ଜଗତଜନନୀ, ପ୍ରକୃତି ଏବଂ ସନାତନୀ ଦେବୀ ଅଟ । ଭଗବାନ ଶଙ୍କର କହିଲେ, ଯଦି ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁ ତୁମ୍ଭଠାରୁ ଉତ୍ପନ୍ନ ! ତେବେ ସେମାନଙ୍କ ପରେ ଉତ୍ପନ୍ନ ହୋଇ ତମଗୁଣୀ ଲୀଳା କରୁଥିବା ମୁଁ ଶଙ୍କର ତୁମ୍ଭ ସନ୍ତାନ ନୁହେଁ କି ? ଅର୍ଥାତ୍ ମୋର ଉତ୍ପତ୍ତି କର୍ତ୍ତା ତୁମ୍ଭେ ହିଁ ଅଟ । ଏହି ସଂସାରର ସୃଷ୍ଟି-ସ୍ଥିତି-ସଂହାରରେ ତୁମ୍ଭ ଗୁଣ ସଦା ସର୍ବଦା ରହିଛି । ଏହି ତିନିଗୁଣରୁ ଉତ୍ପନ୍ନ ଆମ୍ଭେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ କାର୍ଯ୍ୟରେ ତତ୍ପର ରହିଥାଉ ।

❖ ଉପରୋକ୍ତ ଏହି ବିବରଣୀ କେବଳ ହିନ୍ଦୀ ଅନୁବାଦିତ ଶ୍ରୀ ଦେବୀ ମହାପୁରାଣରେ ରହିଛି, ଯେଉଁଥିରେ କିଛି ତଥ୍ୟକୁ ଲୁଚା ଯାଇଛି । ଏଥିପାଇଁ ଦେଖନ୍ତୁ ପ୍ରମାଣ- ଶ୍ରୀମଦ୍ ଦେବୀଭାଗବତ ମହାପୁରାଣ, ସଭାଷ୍ଟିକମ୍ ସମହାତ୍ୟମ୍, ଖେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶନ, ମୁମ୍ବାଇ । ଏଥିରେ ସଂସ୍କୃତ ସହିତ ହିନ୍ଦୀ ଅନୁବାଦ ମଧ୍ୟ କରାଯାଇଛି । ତୃତୀୟ ସ୍କନ୍ଧ ଅଧ୍ୟାୟ ୪ ପୃଷ୍ଠା ନଂ ୧୦ ଶ୍ଳୋକ ୪୨:-

ବ୍ରହ୍ମା-ଅହମ୍ ଈଶ୍ୱରଃ ଫିଲ୍ ତେ ପ୍ରଭାବାତ୍ସର୍ବେ ବୟଂ ଜନି ଯୁତା ନ ଯଦା ତୂ ନିତ୍ୟାଃ କେ ଅନ୍ୟେ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା । (୪୨)

ଅନୁବାଦ:- ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ହିଁ ଜନ୍ମବାନ ଅଟୁ, ନିତ୍ୟ ନୁହେଁ ଅର୍ଥାତ୍ ଆମ୍ଭେମାନେ ଅବିନାଶୀ ନହୁଁ, ପୁଣି ଇନ୍ଦ୍ରାଦି ଅନ୍ୟ ଦେବତା କିପରି ନିତ୍ୟ ହୋଇପାରିବେ । କେବଳ ତୁମ୍ଭେ ହିଁ ଅବିନାଶୀ, ପ୍ରକୃତି ତଥା ସନାତନୀ ଦେବୀ ଅଟ ।

ପୃଷ୍ଠା ନଂ ୧୧-୧୨, ଅଧ୍ୟାୟ-୫, ଶ୍ଳୋକ-୮:- ଯଦି ଦୟାର୍ଦ୍ରମନା ନ ସଦାଂଶ୍ବିକେ କଥମହଂ ବିହିତଃ ଚ ତମୋଗୁଣଃ କମଳଜଶ୍ଚ ରଜୋଗୁଣସଂଭବଃ ସୁବିହିତଃ କିମୁ ସତ୍ୱଗୁଣୌଁ ହରିଃ । (୮)

ଅନୁବାଦ:- ଭଗବାନ ଶଙ୍କର କହିଲେ:- ହେ ମାତା ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ତେବେ ମୋତେ ତମୋଗୁଣୀ କଲେ କାହିଁକି ? ପଦ୍ମଫୁଲରୁ ଉତ୍ପନ୍ନ ବ୍ରହ୍ମାଙ୍କୁ ରଜଗୁଣ ତଥା ବିଷ୍ଣୁଙ୍କୁ ସତଗୁଣ ଯୁକ୍ତ କଲେ କାହିଁକି ? ଅର୍ଥାତ୍ ଜୀବମାନଙ୍କର ଜନ୍ମ-ମୃତ୍ୟୁ ରୂପୀ ଦୁଃଷ୍କର୍ମରେ ଆମ୍ଭଙ୍କୁ କାହିଁକି ନିୟୋଜିତ କଲେ ?

ଶ୍ଳୋକ ୧୨:-ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍ମ ଶିବେ (୧୨)

ଅନୁବାଦ:- ଆପଣ, ପତି ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ସର୍ବଦା ଭୋଗ ବିଳାସରେ ଲିପ୍ତ ରହିଥାନ୍ତି । ଆପଣଙ୍କ ଗତି ବିଷୟରେ କେହି ଜାଣନ୍ତି ନାହିଁ ।

ନିଷ୍କର୍ଷ:- ଉପରୋକ୍ତ ପ୍ରମାଣଗୁଡିକରୁ ସିଦ୍ଧ ହେଲା ଯେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ତଥା ତମଗୁଣ ଶିବ ଅଟନ୍ତି । ଏହି ତିନି ଦେବତା ନାଶବାନ ଅଟନ୍ତି । ଦୁର୍ଗାଙ୍କ ପତି ବ୍ରହ୍ମ (କାଳ) ଅଟନ୍ତି ଯିଏ ତାଙ୍କ ସହିତ ଭୋଗ ବିଳାସ କରିଥାନ୍ତି ।

### “ବ୍ରହ୍ମ(କାଳ)ଙ୍କର ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା”

### (ସୂକ୍ଷ୍ମ ବେଦର ଅବଶିଷ୍ଟାଂଶ ସୃଷ୍ଟି ରଚନା ବିଷୟ)

ତିନି ପୁତ୍ରଙ୍କର ଉତ୍ପତ୍ତି ପରେ ବ୍ରହ୍ମ ନିଜ ପତ୍ନୀ ଦୁର୍ଗା (ପ୍ରକୃତି)ଙ୍କୁ କହିଲେ, ମୁଁ ପ୍ରତିଜ୍ଞା କରୁଛି ଯେ ଭବିଷ୍ୟତରେ କାହାକୁ ବି ନିଜ ବାସ୍ତବିକ ରୂପରେ ଦର୍ଶନ ଦେବି ନାହିଁ । ଯେଉଁ କାରଣରୁ ମୁଁ ଅବ୍ୟକ୍ତ ବୋଲି ସମସ୍ତେ ଜାଣିବେ । ଆପଣ ମୋ ଭେଦ (ରହସ୍ୟ) କାହାକୁ ଜଣାଇବେ ନାହିଁ, ମୁଁ ଗୁପ୍ତ ରହିବି ।

ଦୁର୍ଗା ପଚାରିଲେ, ଆପଣ କ'ଣ ନିଜ ପୁତ୍ରମାନଙ୍କୁ ମଧ୍ୟ ଦର୍ଶନ ଦେବେ ନାହିଁ ? ବ୍ରହ୍ମ ଉତ୍ତର ଦେଲେ ଯେ ମୋ ପୁତ୍ରମାନଙ୍କୁ ଏବଂ ଅନ୍ୟ କାହାକୁ ମଧ୍ୟ କୌଣସି ସାଧନା ଦ୍ୱାରା ମୁଁ ଦର୍ଶନ ଦେବିନାହିଁ । ଏହା ମୋର ଅଟଳ ନିୟମ ହେବ । ଦୁର୍ଗା କହିଲେ, ଆପଣ ନିଜ ସନ୍ତାନମାନଙ୍କଠାରୁ ଗୁପ୍ତ ରହିବେ ଯାହା ଆପଣଙ୍କର ଉତ୍ତମ ନିୟମ ନୁହେଁ । ତା'ପରେ କାଳ କହିଲେ ଦୁର୍ଗା ! ଏଥିପାଇଁ ମୁଁ ବିବଶ । ପ୍ରତିଦିନ ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାର ଅଭିଶାପ ମୋତେ ଲାଗିଛି । ଯଦି ମୋ ପୁତ୍ର (ବ୍ରହ୍ମା, ବିଷ୍ଣୁ, ଶିବ)ଙ୍କୁ ଏହା ଜଣା ପଡ଼ିଯିବ ତେବେ ସେମାନେ ଏହି ଉତ୍ପତ୍ତି, ପାଳନ ଓ ସଂହାର କାର୍ଯ୍ୟ କରିବେ ନାହିଁ । ଏଥିପାଇଁ ମୋର ଏହି ଅନୁତ୍ତମ ନିୟମ ସର୍ବଦା ଲାଗୁ ରହିବ । ଯେତେବେଳେ ଏହି ତିନି ପୁତ୍ର ବଡ଼ ହୋଇଯିବେ ସେତେବେଳେ ସେମାନଙ୍କୁ ଅଚେତ କରିଦେବ । ମୋ ବିଷୟରେ କିଛି ବି ଜଣାଇବ ନାହିଁ, ନଚେତ୍ ମୁଁ ତୁମକୁ ମଧ୍ୟ ଦଣ୍ଡ ଦେବି । ଏହି ଭୟରେ ଦୁର୍ଗା ବାସ୍ତବତାକୁ ଲୁଚାଇ ରଖିଛନ୍ତି ।

{ପ୍ରମାଣ :- ଏଥିପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪ରେ କୁହାଯାଇଛି ଯେ ବୁଦ୍ଧିହୀନ ଜନ ସମୁଦାୟ ମୋର ଏହି ଅନୁତ୍ତମ ନିୟମ ସହିତ ଅପରିଚିତ ଅଟନ୍ତି ଯେ ମୁଁ କେବେ ବି କାହା ସମ୍ମୁଖରେ ପ୍ରକଟ ହୁଏ ନାହିଁ, ନିଜ ଯୋଗମାୟା ଦ୍ୱାରା ଲୁଚି ରହିଥାଏ । ଏହି କାରଣରୁ ମୋତେ (ଅବ୍ୟକ୍ତକୁ) ମନୁଷ୍ୟ ରୂପଧାରୀ ଅର୍ଥାତ୍ କୃଷ୍ଣ ବୋଲି ମାନିଥାନ୍ତି ।}

(ଅବୁଦ୍ଧୟଃ) ବୁଦ୍ଧିହୀନ(ମମ୍) ମୋର (ଅନୁତ୍ତମାମ୍) ଅନୁତ୍ତମ ଅର୍ଥାତ୍ ଅଶ୍ରେଷ୍ଠ (ଅବ୍ୟୟମ୍) ଅବିନାଶୀ (ପରମ୍ ଭାବମ୍) ବିଶେଷ ଭାବକୁ (ଅଜାନନ୍ତଃ) ନ ଜାଣିପାରି (ମାମ୍ ଅବ୍ୟକ୍ତମ୍) ମୁଁ ଅବ୍ୟକ୍ତକୁ (ବ୍ୟକ୍ତିମ୍) ମନୁଷ୍ୟ ରୂପରେ (ଆପନ୍ନମ) ଆସିଥିବା (ମନ୍ୟନ୍ତେ) ମାନିଥାନ୍ତି ଅର୍ଥାତ୍ ମୁଁ କୃଷ୍ଣ ନୁହେଁ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪)

ଗୀତା ଅଧ୍ୟାୟ ୧୧ ଶ୍ଳୋକ ୪୭ ଓ ୪୮ରେ କହିଛନ୍ତି ଯେ ଏହା ହେଉଛି ମୋର ବାସ୍ତବିକ କାଳ ରୂପ ଯାହାର ଦର୍ଶନ ଅର୍ଥାତ୍ ବ୍ରହ୍ମ ପ୍ରାପ୍ତି ନା ବେଦ ବର୍ଣ୍ଣିତ ବିଧି, ନା ଜପ, ନା ତପ, ନା କୌଣସି କ୍ରିୟା ଦ୍ୱାରା ହୋଇପାରିବ ।

ତିନି ସନ୍ତାନ ଯୁବକ ହୋଇଯିବା ପରେ ମାତା ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) କହିଲେ, ତୁମ୍ଭେମାନେ ସାଗର ମନ୍ଥନ କର । ପ୍ରଥମ ଥର ସାଗର ମନ୍ଥନରୁ (ଜ୍ୟୋତି ନିରଞ୍ଜନ ନିଜ ନିଶ୍ୱାସ ଦ୍ୱାରା ଚାରିବେଦର ଉତ୍ପନ୍ନ କରି ଗୁପ୍ତ ବାଣୀ ଦ୍ୱାରା ସାଗରରେ ନିବାସ କରିବା ପାଇଁ ଆଜ୍ଞା ଦେଲା) ବାହାରି ଥିବା ଚାରି ବେଦକୁ ବ୍ରହ୍ମା ନେଲେ । ସମୁଦ୍ର ମନ୍ଥନରୁ ବାହାରିଥିବା ବସ୍ତୁକୁ ସାଙ୍ଗରେ ଧରି ତିନି ପୁତ୍ର ଯେତେବେଳେ ମାତାଙ୍କ ନିକଟକୁ ଆସିଲେ ସେତେବେଳେ ମାତା କହିଲେ ଯେ ଚାରିବେଦକୁ ବ୍ରହ୍ମା ରଖନ୍ତୁ ଏବଂ ପଢନ୍ତୁ ।

ନୋଟ୍.- ବାସ୍ତବରେ ପୂର୍ଣ୍ଣବ୍ରହ୍ମ, ବ୍ରହ୍ମ ଅର୍ଥାତ୍ କାଳକୁ ପାଞ୍ଚୋଟି ବେଦ ପ୍ରଦାନ କରିଥିଲେ । କିନ୍ତୁ ବ୍ରହ୍ମ କେବଳ ଚାରିବେଦକୁ ପ୍ରକଟ କରି ପଞ୍ଚମ ବେଦକୁ ଲୁଚାଇ ଦେଲା । ଯାହାକୁ ପୂର୍ଣ୍ଣ ପରମାତ୍ମା ସ୍ୱୟଂ ପ୍ରକଟ ହୋଇ କବିର୍ଗିର୍ଭିଃ ଅର୍ଥାତ୍ କବିର୍ବାଣୀ (କବୀର ବାଣୀ) ଦ୍ୱାରା ଲୋକ ଉକ୍ତି ଓ ଦୋହା ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଦ୍ୱିତୀୟଥର ସାଗର ମନ୍ଥନରୁ ତିନି କନ୍ୟା ବାହାରିଲେ । ମାତା ତିନି କନ୍ୟାଙ୍କୁ ତିନି ପୁତ୍ରଙ୍କ ମଧ୍ୟରେ ବାଣ୍ଟି ଦେଲେ । ପ୍ରକୃତି (ଦୁର୍ଗା) ନିଜର ଅନ୍ୟ ତିନି ରୂପ (ସାବିତ୍ରୀ, ଲକ୍ଷ୍ମୀ ଓ ପାର୍ବତୀ) ଧାରଣ କଲେ । ସେମାନଙ୍କୁ ସମୁଦ୍ର ମଧ୍ୟରେ ଲୁଚାଇ ଦେଲେ ତଥା ସାଗର ମନ୍ଥନ ସମୟରେ ବାହାରକୁ ବାହାର କରିଦେଲ । ସେହି ପ୍ରକୃତି ସ୍ୱୟଂ ତିନି ରୂପ ହେଲେ ଏବଂ ପତ୍ନୀ ରୂପରେ ଭଗବାନ ବ୍ରହ୍ମାଙ୍କୁ ସାବିତ୍ରୀ, ଭଗବାନ ବିଷ୍ଣୁଙ୍କୁ ଲକ୍ଷ୍ମୀ, ଭଗବାନ ଶଙ୍କରଙ୍କୁ ପାର୍ବତୀଙ୍କୁ ଦେଲେ । ତିନି ଦେବତା ଭୋଗ ବିଳାସ କଲେ, ସୁର ଓ ଅସୁର ଉଭୟେ ଜନ୍ମ ହେଲେ ।

{ତୃତୀୟ ଥର ଯେତେବେଳେ ସାଗର ମନ୍ଥନ ସମୟରେ ବ୍ରହ୍ମାଙ୍କୁ ଚଉଦ ରତ୍ନ, ବିଷ୍ଣୁ ଓ ଦେବତାମାନଙ୍କୁ ଅମୃତ, ଅସୁରମାନଙ୍କୁ ମଦ୍ୟ (ସୁରା) ମିଳିଲା ଏବଂ ପରମାର୍ଥ ଶିବ ନିଜ କଣ୍ଠରେ ବିଷକୁ ଧାରଣ କଲେ । ଏସବୁ ତ ବହୁତ ପଛର ଘଟଣା ।} ଯେତେବେଳେ ବ୍ରହ୍ମା ବେଦ ଅଧ୍ୟୟନ କରିବାକୁ ଲାଗିଲେ

ସେତେବେଳେ ଜାଣିପାରିଲେ ଯେ ସର୍ବ ବ୍ରହ୍ମାଣ୍ଡର ରଚୟିତା, ସୃଷ୍ଟିର ମାଲିକ, ସତପୁରୁଷ (ପ୍ରଭୁ) ଅନ୍ୟ କେହି ଅଟନ୍ତି । ବିଷ୍ଣୁ ଓ ଶିବଙ୍କୁ ବ୍ରହ୍ମା କହିଲେ, ବେଦରେ ବର୍ଣ୍ଣିତ ଅଛି ଯେ ସୃଷ୍ଟିକର୍ତ୍ତା କେହି ଅନ୍ୟ ପ୍ରଭୁ ଅଟନ୍ତି । କିନ୍ତୁ ବେଦ କହୁଛି ଯେ ଏହାର ରହସ୍ୟ ବେଦ ମଧ୍ୟରେ ନାହିଁ । ଏହାର ରହସ୍ୟ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପଚାରି ବୁଝିବା ପାଇଁ ସଙ୍କେତ ଦିଆଯାଇଛି । ବ୍ରହ୍ମା, ମାତା ଦୁର୍ଗାଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । କିନ୍ତୁ ମାତା କୁହନ୍ତି ଯେ ମୋ ଉପରେ ଅନ୍ୟ କେହି ପ୍ରଭୁ ନାହାଁନ୍ତି, ମୁଁ ହିଁ କର୍ତ୍ତା, ମୁଁ ସର୍ବ ଶକ୍ତିମାନ । ପରନ୍ତୁ ବ୍ରହ୍ମା କହିଲେ, ବେଦ ତ ଈଶ୍ୱର କୃତ, ଏହା ମିଥ୍ୟା ହୋଇ ନ ପାରେ । ଦୁର୍ଗା କହିଲେ, ତୋ ପିତା ପ୍ରତିଜ୍ଞା କରିଛନ୍ତି, ସେ ତୋତେ ଦର୍ଶନ ଦେବେ ନାହିଁ । ବ୍ରହ୍ମା କହିଲେ, ମାତା ! ଆପଣଙ୍କ କଥାରେ ମୋର ବିଶ୍ୱାସ ହେଉ ନାହିଁ, ମୁଁ, ସେହି ପୁରୁଷ(ପ୍ରଭୁ)ଙ୍କର ଠିକଣା ନିଶ୍ଚୟ ଖୋଜି ବାହାର କରିବି । ଦୁର୍ଗା କହିଲେ ଯଦି ସେ ତୁମକୁ ଦର୍ଶନ ନ ଦିଅନ୍ତି ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ, ମୁଁ ଆପଣଙ୍କୁ ମୁହଁ ଦେଖାଇବି ନାହିଁ । କିନ୍ତୁ ଜ୍ୟୋତି ନିରଞ୍ଜନ ଶପଥ କରିଛନ୍ତି ଯେ ମୁଁ ଅବ୍ୟକ୍ତ ରହିବି, କାହାକୁ ଦର୍ଶନ ଦେବି ନାହିଁ । ଅର୍ଥାତ୍ ୨୧ ବ୍ରହ୍ମାଣ୍ଡରେ କେବେବି ନିଜ ବାସ୍ତବିକ କାଳ (ସାକାର) ରୂପରେ କାହା ସମ୍ମୁଖକୁ ଆସିବି ନାହିଁ ।

ଗୀତା ଅଧ୍ୟାୟ ୭ ର ଶ୍ଲୋକ ନଂ ୨୪

ଅବ୍ୟକ୍ତମ୍, ବ୍ୟକ୍ତିମ୍, ଆପନ୍ନମ୍, ମନ୍ୟନ୍ତେ, ମାମ୍, ଅବୁଦ୍ଧୟଃ ।
ପରମ୍, ଭାବମ୍, ଅଜାନନ୍ତଃ, ମମ, ଅବ୍ୟୟମ୍, ଅନୁତ୍ତମମ୍ ॥୨୪॥

ଅନୁବାଦ:- (ଅବୁଦ୍ଧୟଃ) ବୁଦ୍ଧିହୀନ ମନୁଷ୍ୟ (ମମ୍) ମୋର (ଅନୁତ୍ତମମ୍) ଅଶ୍ରେଷ୍ଠ (ଅବ୍ୟୟମ୍) ଅଟଳ (ପରମ୍) ପରମ (ଭାବମ୍) ଭାବକୁ (ଅଜାନନ୍ତଃ)ନ ଜାଣିପାରି (ଅବ୍ୟକ୍ତମ୍) ଅଦୃଶ୍ୟମାନ (ମାମ୍) ମୁଁ କାଳକୁ (ବ୍ୟକ୍ତିମ୍) ନର ଆକାରରେ କୃଷ୍ଣ (ଆପନ୍ନମ୍) ପ୍ରାପ୍ତ ହେବା (ମନ୍ୟନ୍ତେ) ମନେ କରନ୍ତି ।

ଗୀତା ଅଧ୍ୟାୟ ୭ ର ଶ୍ଲୋକ ନଂ ୨୫

ନ, ଅହମ୍, ପ୍ରକାଶଃ, ସର୍ବସ୍ୟ, ଯୋଗମାୟାସମାବୃତଃ ।
ମୂଢଃ, ଅୟମ୍, ନ, ଅଭିଜାନାତି, ଲୋକଃ, ମାମ୍, ଅଜମ୍, ଅବ୍ୟୟମ୍ ॥୨୫॥

ଅନୁବାଦ: (ଅହମ୍) ମୁଁ (ଯୋଗମାୟା ସମାବୃତଃ) ଯୋଗମାୟାରେ ଲୁଚି ରହି (ସର୍ବସ୍ୟ) ସମସ୍ତଙ୍କୁ (ପ୍ରକାଶଃ) ପ୍ରତ୍ୟକ୍ଷ (ନ) ହୁଏ ନାହିଁ ଅର୍ଥାତ୍ ଅଦୃଶ୍ୟ ଅର୍ଥାତ୍ ଅବ୍ୟକ୍ତ ରହିଥାଏ, ଏଥିପାଇଁ (ଅଜମ୍) ଜନ୍ମ ନ ନେଉଥିବା (ଅବ୍ୟୟମ୍) ଅବିନାଶୀ ଅଟଳ ଭାବକୁ (ଅୟମ୍) ଏହି (ମୂଢ) ଅଜ୍ଞାନୀ (ଲୋକଃ) ଜନ ସମୁଦାୟ, ସଂସାର (ମାମ୍) ମୋତେ (ନ) ନ (ଅଭିଜାନାତି) ଜାଣନ୍ତି ଅର୍ଥାତ୍ ମୋତେ ଅବତାର ରୂପରେ ଆସିଥିବା ମନେ କରନ୍ତି । କାରଣ ବ୍ରହ୍ମ ନିଜ ଶବ୍ଦଶକ୍ତି ବଳରେ ଭିନ୍ନ ଭିନ୍ନ ରୂପ ଧାରଣ କରି ପାରନ୍ତି । ସେ ଦୁର୍ଗାଙ୍କ ପତି ଅଟନ୍ତି, ତେଣୁ ସେ ଏହି ମନ୍ତ୍ରରେ କହିଛନ୍ତି ଯେ ମୁଁ ଶ୍ରୀକୃଷ୍ଣ ଆଦିଙ୍କ ଭଳି ଦୁର୍ଗାଙ୍କଠାରୁ ଜନ୍ମ ନିଏ ନାହିଁ ।

### "ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ପ୍ରୟାସ"

ଯେତେବେଳେ ଦୁର୍ଗା କହିଲେ, ବ୍ରହ୍ମା ! ଅଲଖ ନିରଞ୍ଜନ ତୁମ ପିତା ଅଟନ୍ତି କିନ୍ତୁ ସେ ତୁମକୁ କଦାପି ଦର୍ଶନ ଦେବେ ନାହିଁ, ସେତେବେଳେ ବ୍ରହ୍ମା କହିଲେ, ମୁଁ ନିଶ୍ଚୟ ତାଙ୍କର ଦର୍ଶନ କରି ଫେରିବି । ମାତା ପଚାରିଲେ, ଯଦି ସେ ତୁମକୁ ଦର୍ଶନ ନ ଦେବେ ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ ଯେ ମୁଁ ପ୍ରତିଜ୍ଞା କରୁଛି, ଯଦି ପିତାଙ୍କ ଦର୍ଶନ ନ ହୁଏ ତେବେ ମୁଁ ଆପଣଙ୍କ ସମ୍ମୁଖକୁ ଆସିବି ନାହିଁ । ଏହା କହି ବ୍ରହ୍ମା ବ୍ୟାକୁଳ ହୋଇ ଉତ୍ତର ଦିଗକୁ ଅଗ୍ରସର ହେଲେ ଯେଉଁଆଡେ କେବଳ ଅନ୍ଧକାର ହିଁ ଥିଲା । ସେଠାରେ ବ୍ରହ୍ମା ଚାରିଯୁଗ ପର୍ଯ୍ୟନ୍ତ ଧ୍ୟାନରେ ବସିଲେ ପରନ୍ତୁ ତାଙ୍କୁ କିଛି ବି ପ୍ରାପ୍ତି ହେଲାନାହିଁ । କାଳ ଶୂନ୍ୟବାଣୀ କଲେ ଯେ ଦୁର୍ଗା ! ଜୀବ ଉତ୍ପତ୍ତି କାହିଁକି କରୁନାହଁ ? ଭବାନୀ କହିଲେ, ଆପଣଙ୍କ ଜ୍ୟେଷ୍ଠପୁତ୍ର ବ୍ରହ୍ମା ଜିଦି କରି ଆପଣଙ୍କୁ ଖୋଜିବାକୁ ଯାଇଛି । ବ୍ରହ୍ମା ବିନା ଜୀବଙ୍କର ଉତ୍ପତ୍ତି ଅସମ୍ଭବ । ଏହା ଶୁଣି ବ୍ରହ୍ମ (କାଳ) କହିଲେ, ତାକୁ ଫେରି ଆସିବା ପାଇଁ କୁହ, ମୁଁ ତାକୁ ଦର୍ଶନ ଦେବି ନାହିଁ । ତା'ପରେ ଦୁର୍ଗା (ପ୍ରକୃତି) ନିଜ ଶବ୍ଦଶକ୍ତି ବଳରେ ଗାୟତ୍ରୀ

ନାମ୍ନୀ ଏକ କନ୍ୟାକୁ ଉତ୍ପନ୍ନ କରି ବ୍ରହ୍ମାଙ୍କୁ ଫେରାଇ ଆଣିବା ପାଇଁ ଆଦେଶ ଦେଲେ । ଗାୟତ୍ରୀ ବ୍ରହ୍ମାଙ୍କ ନିକଟକୁ ଯାଇ ଦେଖିଲେ ଯେ ବ୍ରହ୍ମା ସମାଧିସ୍ଥ ଅଛନ୍ତି, ତାଙ୍କ ନିକଟକୁ କେହି ଆସିଥିବାର କୌଣସି ଆଭାସ ନ ଥିଲା । ସେତେବେଳେ ଆଦିକୁମାରୀ (ପ୍ରକୃତି) ଧ୍ୟାନଦ୍ୱାରା ଗାୟତ୍ରୀକୁ କହିଲେ, ତାଙ୍କ ଚରଣ ସ୍ପର୍ଶକର । ଆଜ୍ଞା ପାଇ ଗାୟତ୍ରୀ ବ୍ରହ୍ମାଙ୍କର ଚରଣ ସ୍ପର୍ଶ କଲେ । ସ୍ପର୍ଶମାତ୍ରେ ବ୍ରହ୍ମାଙ୍କର ଧ୍ୟାନଭଗ୍ନ ହେଲା। ସେ କ୍ରୋଧିତ ହୋଇ କହିଲେ, କିଏ ତୁ ପାପିନୀ ମୋ ଧ୍ୟାନଭଙ୍ଗ କଲୁ, ମୁଁ ତୋତେ ଅଭିଶାପ ଦେବି । ଗାୟତ୍ରୀ କହିଲେ, ଏଥିରେ ମୋର କିଛି ଦୋଷ ନାହିଁ, ପ୍ରଥମେ ମୋ କଥା ଶୁଣନ୍ତୁ ପରେ ମୋତେ ଅଭିଶାପ ଦେବେ । ଆପଣଙ୍କୁ ଫେରାଇ ନେବା ପାଇଁ ମୋତେ ମାତା କହିଛନ୍ତି। କାରଣ ଆପଣଙ୍କ ବିନା ଜୀବ ଉତ୍ପତ୍ତି ଅସମ୍ଭବ । ବ୍ରହ୍ମା କହିଲେ, ପିତାଙ୍କ ଦର୍ଶନ ବିନା ମୁଁ କିପରି ଯିବି ? ଏପରି ସ୍ଥିତିରେ ଗଲେ ମୋର ଉପହାସ ହେବ । ଯଦି ଆପଣ ମାତାଙ୍କ ସମ୍ମୁଖରେ କହିବେ ଯେ ବ୍ରହ୍ମାଙ୍କୁ ପିତା(ଜ୍ୟୋତି ନିରଞ୍ଜନ)ଙ୍କର ଦର୍ଶନ ହୋଇଛି ଏବଂ ମୁଁ ସ୍ୱଚକ୍ଷୁରେ ଏହା ଦେଖିଛି ତେବେ ମୁଁ ଆପଣଙ୍କ ସାଥିରେ ଯିବି । ସେତେବେଳେ ଗାୟତ୍ରୀ କହିଲେ, ଯଦି ଆପଣ ମୋ ସହିତ ସମ୍ଭୋଗ(ୱରଙ) କରିବେ ତେବେ ଆପଣଙ୍କ ସପକ୍ଷରେ ମୁଁ ମିଥ୍ୟା ସାକ୍ଷୀ ଦେବି । ବ୍ରହ୍ମା ଚିନ୍ତାକଲେ ଯେ ପିତାଙ୍କ ଦର୍ଶନ ବିନା ମାତାଙ୍କ ସମ୍ମୁଖକୁ ଗଲେ ଲାଜ ଲାଗିବ ଏବଂ ଅନ୍ୟ କୌଣସି ଉପାୟ ନାହିଁ, ଏହା ଭାବି ସେ ଗାୟତ୍ରୀ ସହିତ ରତିକ୍ରୀଡା (ସମ୍ଭୋଗ) କଲେ ।

ତା'ପରେ ଗାୟତ୍ରୀ କହିଲେ ଯେ ଆମ୍ଭେ ଆଉ ଜଣକୁ ସାକ୍ଷୀ ରଖିବା ଉଚିତ୍ । ବ୍ରହ୍ମା କହିଲେ, ଏହା ଏକ ଉତ୍ତମ ପ୍ରସ୍ତାବ ଅଟେ । ଏହାଶୁଣି ଗାୟତ୍ରୀ ନିଜ ଶବ୍ଦଶକ୍ତି ଦ୍ୱାରା ଏକ କନ୍ୟା (ପୁହପବତୀ ନାମକ) ଉତ୍ପନ୍ନ କଲେ। ସେହି କନ୍ୟାକୁ ଦୁହେଁ କହିଲେ, ଆପଣ ମାତାଙ୍କ ସମ୍ମୁଖରେ ସାକ୍ଷୀ ଦେବେ ଯେ ବ୍ରହ୍ମା, ପିତାଙ୍କର ଦର୍ଶନ କରିଛନ୍ତି । ଏହାଶୁଣି ପୁହପବତୀ କହିଲେ, ମୁଁ ମିଥ୍ୟା ସାକ୍ଷୀ କାହିଁକି ଦେବି ? ହଁ, ଯଦି ବ୍ରହ୍ମା ମୋ ସହିତ ରତିକ୍ରୀଡା (ସମ୍ଭୋଗ) କରିବେ ତେବେ ମୁଁ ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ଅଛି । ଗାୟତ୍ରୀ, ବ୍ରହ୍ମାଙ୍କୁ ବୁଝାଇ କହିଲେ (ଉସକାଇଲେ) ଏବେ ଅନ୍ୟ କୌଣସି ଉପାୟ ନାହିଁ । ଏହା ଶୁଣି ବ୍ରହ୍ମା ପୁହପବତୀ ସହିତ ସଂମ୍ଭୋଗ କଲେ ଏବଂ ତିନିଜଣ ମିଶି ଆଦିମାୟା(ପ୍ରକୃତି)ଙ୍କ ନିକଟକୁ ଗଲେ । ଦୁଇ ଦେବୀ ଉପରୋକ୍ତ ସର୍ତ୍ତ ଏଥିପାଇଁ ରଖିଥିଲେ ଯେ ବ୍ରହ୍ମା ଯଦି ମାତାଙ୍କ ସମ୍ମୁଖରେ ମିଥ୍ୟା ସାକ୍ଷୀ ବିଷୟରେ କହିଦେବେ ତେବେ ମାତା ଆମ୍ଭଙ୍କୁ ଅଭିଶାପ ଦେବେ । ସେଥିପାଇଁ ସେମାନେ ବ୍ରହ୍ମାଙ୍କୁ ମଧ୍ୟ ଦୋଷୀ କରିଦେଲେ ।

(ଏଠାରେ ମହାରାଜ ଗରୀବ ଦାସଜୀ କହିଛନ୍ତି ଯେ –"ଦାସ ଗରୀବ ୟହ ଚୂକ୍ ଧୁରୋଁ ଧୁର")

ଭାବାର୍ଥ : ଉକ୍ତ କାଳ (ବ୍ରହ୍ମ) ଲୋକରେ ଏହି ପ୍ରକାରର ମନ୍ଦକର୍ମ କରିବାର ଅଭ୍ୟାସ ପ୍ରଥମରୁ ହିଁ ଅଛି ଏବଂ ଏହି କାଳ ଲୋକରେ ଦେବତାମାନେ ବି ଏଭଳି ଅପକର୍ମରେ ଲିପ୍ତ ଅଛନ୍ତି। ଯେପିରି ଶ୍ରୀ ବିଷ୍ଣୁଜୀ, ଜଳନ୍ଧର ରାକ୍ଷାସର ପତିବ୍ରତା ପତ୍ନୀ ତୁଳସୀ ସହିତ ବିଶ୍ୱାସଘାତ କରି ତା'ସହିତ ରତି କ୍ରିୟା (Sex) କରି ତା'ର ପତିବ୍ରତା ଧର୍ମ ଭଙ୍ଗ କରିଥିଲେ। ଶ୍ରୀ ବିଷ୍ଣୁ ମହିନୀ ରୂପ ଧାରଣ କରିଥିବା ସମୟରେ ଭଗବାନ ଶିବ ମଧ୍ୟ ତାଙ୍କ ସହିତ ସମ୍ଭୋଗ (Sex) କରିବା ଉଦ୍ଦେଶ୍ୟରେ ତାଙ୍କ ହାତ ଧରିପକାଇଥିଲେ। ସେହି କାରଣରୁ ଶ୍ରୀ ଶିବଙ୍କ ବୀର୍ଯ୍ୟ ସ୍ଖଳିତ ହୋଇଯାଇଥିଲା ଏବଂ ଶ୍ରୀ ବିଷ୍ଣୁଜୀ ନିଜର ବାସ୍ତବିକ ରୂପରେ ପ୍ରକଟ ହୋଇଯାଇଥିଲେ।

### "ମାତା (ଦୁର୍ଗା) ବ୍ରହ୍ମାଙ୍କୁ ଅଭିଶାପ ଦେବା"

ମାତା, ବ୍ରହ୍ମାଙ୍କୁ ପ୍ରଶ୍ନ କଲେ ଯେ ତୁମକୁ ପିତାଙ୍କର ଦର୍ଶନ ମିଳିଲା କି? ବ୍ରହ୍ମା କହିଲେ, ହଁ ମୋତେ ପିତାଙ୍କର ଦର୍ଶନ ମିଳିଲା । ଦୁର୍ଗା କହିଲେ, ସାକ୍ଷୀ ଦିଅ । ବ୍ରହ୍ମା କହିଲେ, ଏହି ଦୁହିଁଙ୍କ ସମ୍ମୁଖରେ ପିତାଙ୍କ ସହିତ ସାକ୍ଷାତକାର ହେଲା । ଦେବୀ ସେହି କନ୍ୟା ଦୁହିଁଙ୍କୁ ପଚାରିଲେ ଯେ, କ'ଣ ତୁମ୍ଭମାନଙ୍କ ସମ୍ମୁଖରେ ବ୍ରହ୍ମଙ୍କ ସହିତ ସାକ୍ଷାତକାର ହୋଇଛି ? ଉତ୍ତରରେ ସେମାନେ କହିଲେ, ହଁ ଆମ୍ଭେ ଦୁହେଁ ନିଜ ଆଖିରେ ଦେଖିଛୁ । ପୁଣି ଭବାନୀ(ପ୍ରକୃତି)ଙ୍କର ସନ୍ଦେହ ଜାତ ହେଲା । ବ୍ରହ୍ମଦେବ କାହାକୁ କେବେ ଦର୍ଶନ ଦେବେ ନାହିଁ ବୋଲି ମୋତେ କହିଥିଲେ । ଏହା ଚିନ୍ତାକରି ମାତା ଅଷ୍ଟାଙ୍ଗୀ ଧ୍ୟାନରେ ବସିଲେ ଏବଂ କାଳ/ଜ୍ୟୋତି ନିରଞ୍ଜନଙ୍କୁ ପ୍ରଶ୍ନ କଲେ ଯେ ଘଟଣା କ'ଣ ? ଜ୍ୟୋତି ନିରଞ୍ଜନ

କହିଲେ, ଏମାନେ ମିଥ୍ୟା କହୁଛନ୍ତି । ମାତା କହିଲେ, ତୁମ୍ଭେମାନେ ମିଛ କହୁଛ । ଆକାଶବାଣୀ ହେଲା ଯେ ଏମାନଙ୍କୁ କୌଣସି ଦର୍ଶନ ହୋଇନାହିଁ । ଏହି କଥା ଶୁଣି ବ୍ରହ୍ମା କହିଲେ ଯେ ମାତା ! ମୁଁ ପିତାଙ୍କୁ ଖୋଜିବା ପାଇଁ ଶପଥ କରି ଯାଇଥିଲି । ପରନ୍ତୁ ପିତା(ବ୍ରହ୍ମ)ଙ୍କ ଦର୍ଶନ ହେଲା ନାହିଁ । ଆପଣଙ୍କ ସମ୍ମୁଖକୁ ଆସିବା ପାଇଁ ଲାଜ ଲାଗୁଥିଲା । ଏଥିପାଇଁ ଆମ୍ଭେ ସମସ୍ତେ ମିଥ୍ୟାର ଆଶ୍ରୟ ନେଲୁ। ତା'ପରେ ମାତା ଦୁର୍ଗା କହିଲେ, ଏବେ ମୁଁ ତୁମ୍ଭମାନଙ୍କୁ ଅଭିଶାପ ଦେଉଛି ।

ବ୍ରହ୍ମାଙ୍କୁ ଅଭିଶାପ:- ଜଗତରେ ତୋର ପୂଜା ହେବ ନାହିଁ । ଭବିଷ୍ୟତର ତୋର ବଂଶଧର ବହୁତ ଅଧର୍ମ କରିବେ । ମିଥ୍ୟା କଥା କହି ଜଗତକୁ ଠକିବେ । ବାହାରକୁ କର୍ମକାଣ୍ଡ କରିବା ପରି ଦେଖାଯିବେ କିନ୍ତୁ ଅନ୍ତର ବିକାରଗ୍ରସ୍ତ ହେବ । ପୁରାଣ ଶାସ୍ତ୍ର ଆଦି ପଢି ଲୋକଙ୍କୁ ଧର୍ମକଥା ଶୁଣାଇବେ କିନ୍ତୁ ସଦ୍‌ଗ୍ରନ୍ଥରେ ଥିବା ବାସ୍ତବିକ ଜ୍ଞାନକୁ ନିଜେ ଗ୍ରହଣ କରିବେ ନାହିଁ । ପୁଣି ଯଶ ଓ ଧନ ପ୍ରାପ୍ତି ପାଇଁ ଗୁରୁପଦ ଧାରଣ କରି ଅନୁଗାମୀମାନଙ୍କୁ ଲୋକବେଦ (ଶାସ୍ତ୍ରବିରୋଧି ଲୋକକଥା) ଶୁଣାଇବେ । ଦେବୀ-ଦେବତାଙ୍କର ପୂଜା ନିଜେ କରିବା ସହିତ ଅନ୍ୟ ଦ୍ୱାରା ମଧ୍ୟ କରାଇବେ। ଅନ୍ୟର ନିନ୍ଦାକରି କଷ୍ଟ ପରେ କଷ୍ଟ ଭୋଗିବେ । ଯେଉଁମାନେ ତାଙ୍କର ଅନୁଗାମୀ ହେବେ ସେମାନଙ୍କୁ ପରମାର୍ଥୀ ହେବାକୁ ଦେବେ ନାହିଁ । ଦାନ-ଦକ୍ଷୀଣା ପାଇଁ ମାନବ ସମାଜକୁ ଠକିବେ । ନିଜକୁ ଶ୍ରେଷ୍ଠ ତଥା ଅନ୍ୟମାନଙ୍କୁ ନୀଚ ମନେକରିବେ । ମାତାଙ୍କ ମୁଖରୁ ଏହି କଥା ଶୁଣି ବ୍ରହ୍ମା ମୂର୍ଚ୍ଛିତ ହୋଇ ଭୂମି ଉପରେ ପଡିଗଲେ । ବହୁତ ସମୟ ପରେ ଚେତା ଫେରିଲେ ।

ଗାୟତ୍ରୀକୁ ଅଭିଶାପ:- ତୋର ବହୁତ ଷଣ୍ଡ ପତି ହେବେ । ମୃତ ଲୋକରେ ତୁ ଗାଈ ଜନ୍ମ ନେବୁ ।

ପୁହପବତୀକୁ ଅଭିଶାପ:- ତୋର ବାସ ଅପରିଷ୍କାର ସ୍ଥାନରେ ହେବ । ତୋ ଫୁଲକୁ କେହି ପୂଜାରେ ଲଗାଇବେ ନାହିଁ । ମିଥ୍ୟା ସାକ୍ଷୀ ଦେଇଥିବା କାରଣରୁ ତୋତେ ଏହି ନର୍କଭୋଗ କରିବାକୁ ପଡିବ । ତୋର ନାମ କେବଡା କେତକୀ ହେବ । (ହରିୟାଣାରେ ଏହାକୁ କୂସୋନ୍ଧୀ କୁହାଯାଏ ଯାହା ଅପରିଷ୍କାର ସ୍ଥାନରେ ଜନ୍ମିଥାଏ) ।

ଏହି ପ୍ରକାରେ ତିନିଜଣଙ୍କୁ ଅଭିଶାପ ଦେଇ ମାତା ଭବାନୀ ବହୁତ ପଶ୍ଚାତାପ ମଧ୍ୟ କଲେ। {ଜୀବ ଏହିଭଳି ଭାବେ ପ୍ରଥମେ କିଛି ବିଚାର ନ କରି ମନ (କାଳ ନିରଞ୍ଜନ) ପ୍ରଭାବରେ ଭୁଲ କାର୍ଯ୍ୟ କରିଦିଏ କିନ୍ତୁ ପରେ ଆତ୍ମା (ସତ୍ୟପୁରୁଷଙ୍କ ଅଂଶ) ପ୍ରଭାବରେ ଯେତେବେଳେ ତାର ଜ୍ଞାନ ହୋଇଯାଏ ସେତେବେଳେ ତାକୁ ପଶ୍ଚାତାପ କରିବାକୁ ପଡିଥାଏ ।) ଯେପରି ମାତା-ପିତା ଛୋଟ ଛୋଟ ଭୁଲ ପାଇଁ ନିଜ ପିଲାମାନଙ୍କୁ ଶାସ୍ତି ଦେଇଥାନ୍ତି(କ୍ରୋଧର ବଶବର୍ତ୍ତୀ ହୋଇ) କିନ୍ତୁ ପରେ ପଶ୍ଚାତାପ କରିଥାନ୍ତି । ମନ (କାଳ ନିରଞ୍ଜନ)ର ପ୍ରଭାବରେ ଏହି ପ୍ରକିୟା ସମସ୍ତ ଜୀବଙ୍କଠାରେ କ୍ରିୟାଶୀଳ ହୋଇଥାଏକ୍ର ହଁ, ଏକ ବିଶେଷ କଥା ଏହା ଯେ ନିରଞ୍ଜନ(କାଳ-ବ୍ରହ୍ମ) ମଧ୍ୟ ନିଜର ନିୟମ ତିଆରି କରିଛି, ଯଦି କୌଣସି ଜୀବ ଅନ୍ୟ ଦୁର୍ବଳ ଜୀବକୁ କଷ୍ଟ ଦିଏ ତେବେ ତା' ଉପରେ ପ୍ରତିଶୋଧ ନିଆଯିବ। ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) ଯେତେବେଳେ ବ୍ରହ୍ମା, ଗାୟତ୍ରୀ ଓ ପୁହପବତିକୁ ଅଭିଶାପ ଦେଲେ ସେତେବେଳେ ଅଲଖ ନିରଞ୍ଜନ (ବ୍ରହ୍ମ-କାଳ) କହିଲେ, ହେ ଭବାନୀ (ପ୍ରକୃତି/ଅଷ୍ଟାଙ୍ଗୀ) ତୁମେ ଆଦୌ ଠିକ୍ କାର୍ଯ୍ୟ କଲ ନାହିଁ । ଏବେ ମୁଁ (ନିରଞ୍ଜନ) ତୁମଙ୍କୁ ଅଭିଶାପ ଦେଉଛି, ଦ୍ୱାପର ଯୁଗରେ ତୁମର ମଧ୍ୟ ପାଞ୍ଚ ଜଣ ପତି ହେବେ । (ଦ୍ରୌପଦୀ ହିଁ ଆଦିମାୟାଙ୍କ ଅବତାର ଅଟନ୍ତି) ଏହି ଆକାଶବାଣୀ ଶୁଣି ଆଦିମାୟା କହିଲେ, ହେ ଜ୍ୟୋତି ନିରଞ୍ଜନ ! (କାଳ) ତୁମ ନିକଟରେ ମୁଁ ବନ୍ଧା ତେଣୁ ତୁମେ ଯାହା ଇଚ୍ଛା ତାହା କରିବ ।

{ସୃଷ୍ଟି ରଚନା ପ୍ରକରଣରେ ଦୁର୍ଗାଙ୍କର ଅନ୍ୟ ନାମଗୁଡିକୁ ବାରମ୍ବାର ଲେଖିବାର ଉଦ୍ଦେଶ୍ୟ ଏହା ଯେ ପୁରାଣ, ଗୀତା ଓ ବେଦ ଆଦିରେ ପ୍ରମାଣ ଦେଖିବା ସମୟରେ ଭ୍ରମ ଉତ୍ପନ୍ନ ହେବ ନାହିଁ। ଯେପରି ଗୀତା ଅଧ୍ୟାୟ ୧୪ ଶ୍ଳୋକ ୩-୪ ରେ କାଳବ୍ରହ୍ମ କହିଛନ୍ତି ଯେ ପ୍ରକୃତି ସମସ୍ତ ଜୀବଙ୍କର ଗର୍ଭଧାରିଣୀ ମାତା ଅଟନ୍ତି। ମୁଁ, ତାଙ୍କ ଗର୍ଭରେ ବୀଜ ସ୍ଥାପନ କରିଛି। ଶ୍ଳୋକ ୧୫ ରେ କୁହାଯାଇଛି ଯେ ପ୍ରକୃତିରୁ ଉତ୍ପନ୍ନ ତିନି ଗୁଣ ଜୀବାତ୍ମାକୁ କର୍ମ ବନ୍ଧନରେ ବାନ୍ଧି ରଖନ୍ତି।- (ଲେଖା ସମାପ୍ତ)। ଏହି ପ୍ରକରଣରେ ପ୍ରକୃତି ହିଁ ଦୁର୍ଗା ତଥା ତିନି ଗୁଣ ତିନି ଦେବତା ଅର୍ଥାତ୍ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ସାଂକେତିକ ନାମ।}

## "ନିଜ ପିତା କାଳ/ବ୍ରହ୍ମଙ୍କ ପ୍ରାପ୍ତି ପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ ଓ ମାତାଙ୍କ ଆଶୀର୍ବାଦ ପ୍ରାପ୍ତି କରିବା"

ଏହା ପରେ ପ୍ରକୃତି ଦେବୀ ବିଷ୍ଣୁଙ୍କୁ କହିଲେ ଯେ ପୁତ୍ର! ତମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ଉଚିତ। ମାତାଙ୍କଠାରୁ ଆଜ୍ଞା ପାଇ ବିଷ୍ଣୁ ନିଜ ପିତା କାଳ(ବ୍ରହ୍ମ)ଙ୍କ ଅନ୍ୱେଷଣ କରିବାକୁ ଯାଇ ପାତାଳ ଲୋକରେ ପହଞ୍ଚିଗଲେ, ଯେଉଁଠାରେ ଶେଷନାଗ ଥିଲା । ନିଜ ସୀମାରେ ବିଷ୍ଣୁଙ୍କୁ ପ୍ରବେଶ କରୁଥିବା ଦେଖି ଶେଷନାଗ କ୍ରୋଧିତ ହୋଇ ତାଙ୍କ ଉପରକୁ ବିଷ ଛାଡିଲା । ବିଷ ପ୍ରଭାବରେ ବିଷ୍ଣୁଙ୍କ ଶରୀରର ରଙ୍ଗ ଶ୍ୟାମଳ ହୋଇଗଲା । ଯେପରି ରଙ୍ଗ ସ୍ପ୍ରେ କଲେ ହୋଇଯାଏ । ବିଷ୍ଣୁ ଚିନ୍ତାକଲେ ଯେ ଏହି ଶେଷନାଗକୁ ଉଚିତ ଶୀକ୍ଷା ଦେବାକୁ ପଡିବ। ଜ୍ୟୋତି ନିରଞ୍ଜନ (କାଳ) ଦେଖିଲେ ଯେ ଏବେ ବିଷ୍ଣୁଙ୍କୁ ଶାନ୍ତ କରିବାକୁ ପଡିବ । ତା'ପରେ ଆକାଶବାଣୀ ହେଲା ଯେ ବିଷ୍ଣୁ ଏବେ ନିଜ ମାତାଙ୍କ ନିକଟକୁ ତୁମେ ଫେରିଯାଇ ସମସ୍ତ ସତ୍ୟ ବିବରଣୀ କହିଦିଅ ଏବଂ ଶେଷନାଗ ତୁମକୁ ଯେଉଁ କଷ୍ଟ ଦେଲା ତାର ପ୍ରତିଶୋଧ ଦ୍ୱାପର ଯୁଗରେ ନେବ । ଦ୍ୱାପର ଯୁଗରେ ତୁମେ (ବିଷ୍ଣୁ) କୃଷ୍ଣ ଅବତାର ଧାରଣ କରିବ ଏବଂ କାଳିଦହରେ କାଳିନ୍ଦ୍ରୀ ନାମକ ନାଗ 'ଶେଷନାଗ'ର ଅବତାର ନେବ ।

ଊଁଚ ହୋଇ କେ ନୀଚ ସତାବୈ, ତାକର ଓଏଲ (ବଦଲା) ମୋହୀ ସୌଁ ପାବୈ ।
ଜୋ ଜୀବ ଦେଈ ପୀର ପୂନୀ କାହୁଁ, ହମ ପୂନି ଓଏଲ ଦିବାଓଁ ତାହୁଁ ॥

ବିଷ୍ଣୁ, ମାତାଙ୍କ ନିକଟକୁ ଆସି ସତ୍ୟ-ସତ୍ୟ କହିଦେଲେ ଯେ ମୋତେ ପିତାଙ୍କର ଦର୍ଶନ ମିଳିଲା ନାହିଁ । ଏହିକଥା ଶୁଣି ମାତା (ପ୍ରକୃତି) ବହୁତ ପ୍ରସନ୍ନ ହେଲେ ଏବଂ କହିଲେ, ପୁତ୍ର ! ତୁମେ ସତ୍ୟବାଦୀ । ଏବେ ନିଜ ଶକ୍ତି ବଳରେ ମୁଁ, ତୁମ ପିତାଙ୍କୁ ଭେଟକରି ତୁମ ମନର ସଂଶୟ ଦୂର କରିବି ।

କବୀର, ଦେଖ ପୁତ୍ର ତୋହି ପିତା ଭୀଟାଊଁ, ତୌରେ ମନ କା ଧୋଖା ମିଟାଊଁ ।
ମନ ସ୍ୱରୂପ କର୍ତ୍ତା କହ ଜାନୋଁ, ମନ ତେ ଦୂଜା ଔର ନ ମାନୋ ।
ସ୍ୱର୍ଗ ପାତାଳ ଦୌର ମନ କେରା, ମନ ଅସ୍ଥୀର ମନ ଅହୈ ଅନେରା ।
ନିରଂକାର ମନ ହୀ କୋ କହିଏ, ମନକୀ ଆସ ନିଶ ଦିନ ରହିଏ ।
ଦେଖ ହୁଁ ପଲଟି ସୁନ୍ୟ ମହ ଜ୍ୟୋତି, ଜହାଁ ପର ଝିଲମିଲ ଝାଲର ହୋତୀ ॥

ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ, ପ୍ରକୃତି) ବିଷ୍ଣୁଙ୍କୁ କହିଲେ ଯେ ଏହି ମନ ହେଉଛି ଜଗତର କର୍ତ୍ତା। ମନ ସ୍ୱୟଂ ଜ୍ୟୋତି ନିରଞ୍ଜନ ଅଟେ । ଧ୍ୟାନ ସମୟରେ ଯେଉଁ ଏକ ହଜାର ଜ୍ୟୋତି ନଜର ଆସେ ତାହା ନିରଞ୍ଜନଙ୍କର ରୂପ ଅଟେ । ଯେଉଁ ଶଙ୍ଖ, ଘଣ୍ଟା ଶବ୍ଦ ଶୁଭୁଛି ତାହା ମହାସ୍ୱର୍ଗରେ ନିରଞ୍ଜନର ବାଜୁଛି । ମାତା (ଅଷ୍ଟାଙ୍ଗୀ /ପ୍ରକୃତି) କହିଲେ, ହେ ପୁତ୍ର ! ସର୍ବ ଦେବତାଙ୍କର ତୁମେ ମଉଡ଼ମଣୀ ଏବଂ ତୁମ୍ଭର ସମସ୍ତ ମନସ୍କାମନା ମୁଁ ପୂର୍ଣ୍ଣ କରିବି । ସାରା ଜଗତରେ ତୁମର ପୂଜା ହେବ । ତୁମେ ମୋତେ ସତ୍ୟ କହିଛ । ନିଜ ବ୍ୟର୍ଥ ମହିମା ଗାନ କରିବା ଏହି କାଳର ଏକୋଇଶ ବ୍ରହ୍ମାଣ୍ଡରେ ଥିବା ପ୍ରାଣୀମାନଙ୍କର ଏକ ବିଶେଷ ଅଭ୍ୟାସ ଅଟେ । ମାତା ଦୁର୍ଗା, ଶ୍ରୀ ବିଷ୍ଣୁଙ୍କୁ କହୁଛନ୍ତି ଯେ ତୁମ ପୂଜା ଏହି ଜଗତରେ ହେବ । ମୁଁ, ତୁମକୁ ପିତାଙ୍କର ଦର୍ଶନ କରାଇ ଦେଲି । ଦୁର୍ଗା ମାତା କେବଳ ପ୍ରକାଶ (ଆଲୋକ) ଦେଖାଇ ଶ୍ରୀ ବିଷ୍ଣୁଙ୍କୁ ଭଣ୍ଡାଇ ଦେଲେ । ପ୍ରଭୁଙ୍କର ଏହି ସ୍ଥିତି ବିଷୟରେ ଶ୍ରୀ ବିଷ୍ଣୁ ମଧ୍ୟ ନିଜ ଅନୁଗାମୀମାନଙ୍କୁ ବୁଝାଇଲେ ଯେ ପରମାତ୍ମାଙ୍କର କେବଳ ପ୍ରକାଶ ଦୃଶ୍ୟମାନ ହୁଏ । ପରମାତ୍ମା ନିରାକାର ଅଟନ୍ତି । ଏହାପରେ ଆଦି ଭବାନୀ ରୁଦ୍ର (ମହେଶ)ଙ୍କ ନିକଟକୁ ଗଲେ ତଥା କହିଲେ ଯେ, ମହେଶ ! ତୁମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ପାଇଁ ଚେଷ୍ଟା କର, ଅନ୍ୟ ଦୁଇଭାଇଙ୍କୁ ତ ପିତାଙ୍କର ଦର୍ଶନ ହେଲା ନାହିଁ । ସେମାନଙ୍କୁ ଯାହା ଦେବାର ଥିଲା ତାହା ପ୍ରଦାନ କରିଦେଲି ଏବେ ତୁମେ ଯାହା ମାଗିବା ପାଇଁ ଚାହୁଁଛ ତାହା ମାଗ । ଏହାଶୁଣି ମହେଶ କହିଲେ, ହେ ଜନନୀ ! ଦୁଇ ବଡଭାଇଙ୍କୁ ପିତାଙ୍କର ଦର୍ଶନ ମିଳିଲା ନାହିଁ, ମୁଁ ପୁନର୍ବାର ଚେଷ୍ଟା କରିବା ବ୍ୟର୍ଥ ହେବ । କୃପାକରି ମୋତେ ଏପରି ବର ପ୍ରଦାନ କରନ୍ତୁ ଯଦ୍ୱାରା ମୁଁ ଅମର (ମୃତ୍ୟୁଞ୍ଜୟ) ହୋଇଯିବି । ଏହା ଶୁଣି ମାତା କହିଲେ, ମୁଁ ଏହା କରିପାରିବି ନାହିଁ । ଏହା ମୋ କ୍ଷମତା ଅର୍ନ୍ତଭୁକ୍ତ ନୁହେଁ । ହଁ, ଅନ୍ୟ ଏକ ଉପାୟ ବିଷୟରେ କହିବି, ଯାହା ଦ୍ୱାରା ତୁମ ଆୟୁ ଅଧିକ ହୋଇଯିବ, ଏହା ଯୋଗ ସମାଧି ଅଟେ (ଏଥିପାଇଁ ମହାଦେବ ଅଧିକାଂଶ ସମୟ ସମାଧିସ୍ଥ

ରୁହନ୍ତି) । ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ-ପ୍ରକୃତି) ତିନି ପୁତ୍ରଙ୍କୁ ସେମାନଙ୍କ ବିଭାଗ ବଣ୍ଟନ କରିଦେଲେ।

ଭଗବାନ ବ୍ରହ୍ମାଙ୍କୁ କାଳ ଲୋକରେ ଚୌରାଷୀ ଲକ୍ଷ ଶରୀର ରଚନା (ଉତ୍ପତ୍ତି) କରିବା ଅର୍ଥାତ୍ ପ୍ରାଣୀମାନଙ୍କୁ ରଜଗୁଣରେ ପ୍ରଭାବିତ କରି ସନ୍ତାନ ଉତ୍ପତ୍ତି ପାଇଁ ବିବଶ କରି ଜୀବ ଉତ୍ପତ୍ତି କରାଇବା ବିଭାଗ ପ୍ରଦାନ କଲେ ।

ଉକ୍ତ ଜୀବମାନଙ୍କୁ କର୍ମାନୁସାରେ ପାଳନ ପୋଷଣ କରିବା ତଥା ମୋହ-ମମତା ଉତ୍ପନ୍ନ କରାଇ ସ୍ଥିତି ସମ୍ଭାଳି ରଖିବାର ବିଭାଗ ଭଗବାନ ବିଷ୍ଣୁଙ୍କୁ ଦେଲେ ।

ଭଗବାନ ଶିବ ଶଙ୍କର(ମହାଦେବ)ଙ୍କୁ ସଂହାର କରିବା ବିଭାଗ ପ୍ରଦାନ କଲେ । କାରଣ ଏମାନଙ୍କ ପିତା ଜ୍ୟୋତି ନିରଞ୍ଜନଙ୍କୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ଜୀବଙ୍କୁ ଖାଇବାକୁ ପଡିଥାଏ ।

ଏଠାରେ ମନକୁ ପ୍ରଶ୍ନ ଆସିପାରେ ଯେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କ ମାଧ୍ୟମରେ ସୃଷ୍ଟି, ପାଳନ ଓ ସଂହାର କିପରି ହୋଇଥାଏ। ଏମାନେ ନିଜ ନିଜ ଲୋକରେ ରହିଥାନ୍ତି । ବର୍ତ୍ତମାନ ଯେପରି ସଞ୍ଚାର ପ୍ରଣାଳୀକୁ ସଂଚାଳନ କରିବା ପାଇଁ ଆକାଶକୁ ଉପଗ୍ରହ ଛଡା ଯାଉଛି ଯାହା ପୃଥିବୀ ପୃଷ୍ଠରେ ସଞ୍ଚାର ପ୍ରଣାଳୀକୁ ନିୟନ୍ତ୍ରଣ କରିଥାଏ । ଠିକ୍ ଏହି ପ୍ରକାରେ ତିନି ଦେବତା ଯେଉଁଠାରେ ରୁହନ୍ତୁନା କାହିଁକି ଏମାନଙ୍କ ଶରୀରରୁ ବାହାରୁଥିବା ସୂକ୍ଷ୍ମ ଗୁଣର ତରଙ୍ଗ ତିନିଲୋକରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରତ୍ୟେକ ପ୍ରାଣୀଙ୍କୁ ପ୍ରଭାବିତ କରିଥାଏ ।

ଉପରୋକ୍ତ ବିବରଣୀ ବ୍ରହ୍ମ(କାଳ)ଙ୍କର ଗୋଟିଏ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ଅଟେ । ଏହିପରି କ୍ଷରପୁରୁଷ (କାଳ) ଙ୍କର ଏକୋଇଶଟି ବ୍ରହ୍ମାଣ୍ଡ ରହିଛି ।

ପରନ୍ତୁ କ୍ଷରପୁରୁଷ(କାଳ) ସ୍ୱୟଂ ବ୍ୟକ୍ତ ଅର୍ଥାତ୍ ବାସ୍ତବିକ ଶରୀର ଧାରଣ କରି କାହା ସମ୍ମୁଖକୁ ଆସନ୍ତି ନାହିଁ । ତାଙ୍କୁ ପ୍ରାପ୍ତ କରିବା ପାଇଁ ତିନିଦେବ (ବ୍ରହ୍ମା, ବିଷ୍ଣୁ, ଶିବ) ବେଦ ବର୍ଣ୍ଣିତ ବିଧି ଅନୁସାରେ ଯଥାସମ୍ଭବ ସାଧନା କରି ମଧ୍ୟ ବ୍ରହ୍ମ(କାଳ)ଙ୍କର ଦର୍ଶନ ପାଇଲେ ନାହିଁ । ତା'ପରେ ଋଷିଗଣ ବେଦକୁ ପଢିବାକୁ ଲାଗିଲେ । ସେଥିରେ ଲେଖାଅଛି ଯେ, ଅଗ୍ନେଃ ତନୂର୍ ଅସି, (ପବିତ୍ର ଯଜୁର୍ବେଦ ଅଧ୍ୟାୟ ୧ ମନ୍ତ୍ର ୧୫) ପରମେଶ୍ୱର ସଶରୀର ଅଟନ୍ତି ତଥା ପବିତ୍ର ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧ରେ ଲେଖାଅଛି ଯେ, ଅଗ୍ନେଃ ତନୁର୍ ଅସି ବିଷ୍ଣବେ ତ୍ୱା ସୋମସ୍ୟ ତନୁର୍ ଅସି। ଏହି ଦୁଇ ମନ୍ତ୍ରରେ ବେଦ ପ୍ରମାଣ ଦେଉଅଛି ଯେ ସର୍ବବ୍ୟାପକ, ସର୍ବପାଳନ କର୍ତ୍ତା ସତ୍ୟପୁରୁଷ ସଶରୀର ଅର୍ଥାତ ସାକାର ଅଟନ୍ତି । ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୮ରେ ଲେଖାଅଛି ଯେ (କବିର ମନିଷୀ) ସମସ୍ତ ପ୍ରାଣୀ ଯେଉଁ ପରମେଶ୍ୱରଙ୍କୁ ଖୋଜୁଛନ୍ତି ସେ କବିର୍ ଅର୍ଥାତ୍ କବୀର ଅଟନ୍ତି । ତାଙ୍କ ଶରୀର ନାଡି ବିହୀନ (ଅସ୍ନାବିରମ୍ ) ଅଟେ । ସେ (ଶୁକ୍ରମ୍) ବୀର୍ଯ୍ୟରୁ ଜାତ ପଞ୍ଚତତ୍ତ୍ୱରେ ଗଠିତ ଭୌତିକ (ଅକାୟମ୍) କାୟା ରହିତ ଅଟନ୍ତି । ସେ ସମସ୍ତଙ୍କର ପ୍ରଭୁ ସର୍ବୋପରି ସତ୍‌ଲୋକରେ ବିରାଜମାନ ଅଟନ୍ତି । ସେହି ପରମେଶ୍ୱରଙ୍କର ତେଜମୟ (ସ୍ୱର୍ଜ୍ୟୋତି) ସ୍ୱପ୍ରକାଶିତ ଶରୀର ଯାହା ଶବ୍ଦରୂପୀ ଅର୍ଥାତ୍ ଅବିନାଶୀ ଅଟେ । ସେହି କବିର୍ଦେବ (କବୀର ପରମେଶ୍ୱର) ହେଉଛନ୍ତି ସର୍ବ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା (ବ୍ୟଦଧାତା) ସର୍ବ ବ୍ରହ୍ମାଣ୍ଡର ରଚୟିତା (ସ୍ୱୟମ୍ଭୁଃ) ସ୍ୱୟଂ ପ୍ରକଟ ହେଉଥିବା (ଯଥା ତଥ୍ୟ ଅର୍ଥାନ୍) ବାସ୍ତବରେ (ଶାଶ୍ୱତ୍) ଅବିନାଶୀ ଅଟନ୍ତି। (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ ମଧ୍ୟ ପ୍ରମାଣ ଅଛି)। ଭାବାର୍ଥ ହେଲା ଯେ ପୂର୍ଣ୍ଣବ୍ରହ୍ମଙ୍କ ଶରୀରର ନାମ କବୀର (କବିର ଦେବ) ଅଟେ । ସେହି ପରମେଶ୍ୱରଙ୍କର ଶରୀର ନୂରତତ୍ତ୍ୱରେ ଗଠିତ । ପରମାତ୍ମାଙ୍କ ଶରୀର ଅତି ସୂକ୍ଷ୍ମ ଅଟେ ଯାହା ସେହି ସାଧକକୁ ଦୃଶ୍ୟମାନ ହୁଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ । ଏହି ପ୍ରକାରେ ଜୀବର ମଧ୍ୟ ସୂକ୍ଷ୍ମ ଶରୀର ଅଛି, ଯାହା ଉପରେ ପଞ୍ଚତତ୍ତ୍ୱର ଖୋଳ (ଡାଙ୍କୁଣି) ଅର୍ଥାତ୍ ପଞ୍ଚତତ୍ତ୍ୱର କାୟା ଢାଙ୍କି ହୋଇ ରହିଥାଏ, ଯାହା ମାତା ପିତାଙ୍କ ସଂଯୋଗରୁ (ଶୁକ୍ରମ୍) ବୀର୍ଯ୍ୟରେ ଗଠିତ ହୋଇଥାଏ । ଏହି ଶରୀର ତ୍ୟାଗ ପରେ ମଧ୍ୟ ଜୀବର ସୂକ୍ଷ୍ମ ଶରୀର ତା ସହିତ ରହିଥାଏ । ତାହା ସେହି ସାଧକକୁ ଦେଖାଯାଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ । ଏହି ପ୍ରକାରେ ପରମାତ୍ମା ଓ ଜୀବର ସ୍ଥିତିକୁ ଜାଣନ୍ତୁ । ବେଦରେ ପ୍ରମାଣ ଅଛି ଯେ ଓଁ ନାମ ସୁମିରଣ ହେଉଛି କେବଳ ବ୍ରହ୍ମଙ୍କର ସାଧନା ଅଟେ । ଏହିମତେ ଓଁ ନାମର ଜପକୁ ପୂର୍ଣ୍ଣବ୍ରହ୍ମଙ୍କ ଜପ ଭାବି ମୁନୀ-ଋଷିଗଣ ମଧ୍ୟ ହଜାର ହଜାର ବର୍ଷ ହଠଯୋଗ(କଠିନ ସମାଧି ଅଭ୍ୟାସ) କରି ପ୍ରଭୁ ପ୍ରାପ୍ତି ପାଇଁ

ଚେଷ୍ଟା କରିଛନ୍ତି ପରନ୍ତୁ ପ୍ରଭୁଦର୍ଶନ ହୋଇପାରି ନାହିଁ, ମାତ୍ର ସିଦ୍ଧି ପ୍ରାପ୍ତ ହୋଇଗଲେ । ସେହି ସିଦ୍ଧି ରୂପୀ ଖେଳନାରେ ଖେଳି ଋଷିଗଣ ଜନ୍ମ-ମୃତ୍ୟୁ ଚକ୍ରରେ ହିଁ ରହିଗଲେ ଏବଂ ନିଜ ଅନୁଭବକୁ ଶାସ୍ତ୍ରରେ ଲେଖିଦେଲେ ଯେ ପରମାତ୍ମା ନିରାକାର ଅଟନ୍ତି । ବ୍ରହ୍ମ (କାଳ) ଶପଥ କରିଛନ୍ତି ଯେ ମୁଁ ନିଜ ବାସ୍ତବିକ ରୂପରେ କାହାକୁ ଦର୍ଶନ ଦେବି ନାହିଁ । ସମସ୍ତେ ମୋତେ ଅବ୍ୟକ୍ତ ବୋଲି ଜାଣିବେ । (ଅବ୍ୟକ୍ତର ଭାବାର୍ଥ ହେଲା, କେହି ଆକାରରେ ଥାଇ ମଧ୍ୟ ନିଜ ବ୍ୟକ୍ତିଗତ ସ୍ଥୁଳ ରୂପରେ ଦର୍ଶନ ନ ଦେବା । ଯେପରି ଆକାଶକୁ ବାଦଲ ଢାଙ୍କିଦେଲେ ଦିନବେଳେ ସୂର୍ଯ୍ୟ ଅଦୃଶ୍ୟ ହୋଇଯାଆନ୍ତି, ସେ ଦୃଶ୍ୟମାନ ହୁଅନ୍ତି ନାହିଁ ପରନ୍ତୁ ବାସ୍ତବରେ ବାଦଲ ପଛପଟେ ପୂର୍ବଭଳି ବିଦ୍ୟମାନ ଥାଆନ୍ତି । ଏହି ଅବସ୍ଥାକୁ ଅବ୍ୟକ୍ତ କୁହାଯାଏ । (ପ୍ରମାଣ ପାଇଁ ଗୀତା ଅଧ୍ୟାୟ ୭, ଶ୍ଲୋକ ୨୪-୨୫, ଅଧ୍ୟାୟ ୧. ଶ୍ଲୋକ ୪୮ ତଥା ୩୨)

ପବିତ୍ର ଗୀତା ଜ୍ଞାନଦାତା ବ୍ରହ୍ମ(କାଳ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି କହୁଛନ୍ତି ଯେ ହେ ଅର୍ଜୁନ! ମୁଁ ମହାବଳି କାଳ ଅଟେ ଏବଂ ସମସ୍ତଙ୍କୁ ଖାଇବା ପାଇଁ ଆସିଛି । (ଗୀତା ଅଧ୍ୟାୟ ୧୧ ଶ୍ଲୋକ ନଂ ୩୨) ଏହା ମୋର ବାସ୍ତବିକ ରୂପ ଅଟେ । ଏହି ରୂପକୁ ତୁମ ବ୍ୟତୀତ ନା କେହି ଆଗରୁ ଦେଖିଛି ନା ପରେ ଦେଖିପାରିବ । ଅର୍ଥାତ୍ ବେଦରେ ବର୍ଣ୍ଣିତ ଯଜ୍ଞ-ଜପ-ତପ ତଥା ଓମ୍ ନାମ ଆଦି ବିଧି ଦ୍ୱାରା ମଧ୍ୟ ମୋର ଏହି ବାସ୍ତବିକ ସ୍ୱରୂପର ଦର୍ଶନ ହୋଇ ପାରିବ ନାହିଁ । (ଗୀତା ଅଧ୍ୟାୟ ୧୧, ଶ୍ଲୋକ ନଂ ୪୮) ମୁଁ କୃଷ୍ଣ ନୁହେଁ, ଏହି ମୁର୍ଖ ଲୋକମାନେ ମୁଁ ଅବ୍ୟକ୍ତକୁ କୃଷ୍ଣ ରୂପରେ ବ୍ୟକ୍ତ (ମନୁଷ୍ୟରୂପ) ବୋଲି ଭାବୁଛନ୍ତି । କାରଣ ମୋର ଏହି ଘୃଣ୍ୟ ନିୟମ ବିଷୟରେ ସମସ୍ତେ ଅପରିଚିତ ଯେ ମୁଁ କଦାପି ମୋର ବାସ୍ତବିକ କାଳ ରୂପରେ କାହା ସମ୍ମୁଖକୁ ଆସେ ନାହିଁ । ନିଜ ଯୋଗମାୟା ବଳରେ ଲୁଚି ରୁହେ (ଗୀତା ଅଧ୍ୟାୟ ୭, ଶ୍ଲୋକ ନଂ ୨୪-୨୫)। ବିଚାର କରନ୍ତୁ, ଗୀତା ଜ୍ଞାନଦାତା ନିଜର ଲୁଚି ରହିବା ନିୟମକୁ ସ୍ୱୟଂ ଅଶ୍ରେଷ୍ଠ (ଅନୁତ୍ତମ) କାହିଁକି କହୁଛନ୍ତି ?

ଯଦି ପିତା ନିଜ ସନ୍ତାନମାନଙ୍କୁ ଦର୍ଶନ ଦେଉ ନାହାଁନ୍ତି ତେବେ ତାଙ୍କର ନିଶ୍ଚୟ କୌଣସି ତ୍ରୁଟି ରହିଛି ଯେଉଁ କାରଣରୁ ସେ ସମସ୍ତ ସୁବିଧା ପ୍ରଦାନ କରି ମଧ୍ୟ ଲୁଚି ରହିଛନ୍ତି । କାଳ(ବ୍ରହ୍ମ)ଙ୍କୁ ଅଭିଶାପବଶତଃ ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାପାଇଁ ପଡୁଛି ତଥା ପ୍ରତିଦିନ ଯେଉଁ ୨୫ ପ୍ରତିଶତ ଅଧିକ ଜୀବ ଉତ୍ପନ୍ନ ହେଉଛନ୍ତି ସେମାନଙ୍କ ପାଇଁ ବ୍ୟବସ୍ଥା କରିବା ଏବଂ କର୍ମଦଣ୍ଡ ଭୋଗିବା ପାଇଁ ଚଉରାଶୀ ଲକ୍ଷ ଯୋନୀର ରଚନା କରାଯାଇଛି । ଯଦି ସର୍ବସମ୍ମୁଖରେ କାହାର ପୁତ୍ର, କାହାର ପୁତ୍ରୀ, କାହାର ପତ୍ନୀ ତଥା କାହାର ମାତା-ପିତାଙ୍କୁ ମାରି ଖାଇବେ ତେବେ 'ବ୍ରହ୍ମ' ପ୍ରତି ସମସ୍ତଙ୍କର ଘୃଣାଭାବ ଜାତ ହେବ । ପୂର୍ଣ୍ଣ ପରମାତ୍ମା କବିରଗ୍ନି (କବୀର ପରମେଶ୍ୱର) ଯେବେ ସ୍ୱୟଂ ଆସିବେ ଅଥବା ନିଜର କେହି ସନ୍ଦେଶବାହକ(ଦୂତ)ଙ୍କୁ ପ୍ରେରଣ କରିବେ, ସେତେବେଳେ ସମସ୍ତ ପ୍ରାଣୀ ସତଭକ୍ତି କରି କାଳର ଏହି ଜାଲରୁ ମୁକୁଳି ଯିବେ । ତେଣୁ ସେ ସମସ୍ତଙ୍କୁ ଭ୍ରମିତ କରି ବାସ୍ତବ ସତ୍ୟଠାରୁ ଦୂରେଇ ରଖିଛନ୍ତି ତଥା ପବିତ୍ର ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୮, ୨୪ ଓ ୨୫ ରେ ନିଜ ସାଧନା ଦ୍ୱାରା ହେଉଥିବା ମୁକ୍ତି(ଗତି)କୁ ମଧ୍ୟ (ଅନୁତ୍ତମାମ୍) ଅଶ୍ରେଷ୍ଠ (ଅତି ଖରାପ) ତଥା ନିଜ ବିଧାନ(ନିୟମ)କୁ ମଧ୍ୟ (ଅନୁତ୍ତମ) ନ୍ୟୁନ ବୋଲି କହିଛନ୍ତି।

ପ୍ରତ୍ୟେକ ବ୍ରହ୍ମାଣ୍ଡର ବ୍ରହ୍ମଲୋକରେ ଏକ ମହାସ୍ୱର୍ଗ ସୃଷ୍ଟି କରିଛନ୍ତି । ପ୍ରାଣୀମାନଙ୍କୁ ଧୋକା ଦେବା ଉଦ୍ଦେଶ୍ୟରେ ପ୍ରକୃତି(ଦୁର୍ଗା/ଆଦି ମାୟା)ଙ୍କ ଦ୍ୱାରା ମହାସ୍ୱର୍ଗର ଏକ ସ୍ଥାନରେ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମ ଲୋକ ଓ ନକଲି ଅନାମୀ ଲୋକର ରଚନା କରାଯାଇଛି । କବୀର ସାହେବଙ୍କର ଏକ ଶବ୍ଦ, 'କର ନୈନୌଂ ଦୀଦାର ମହଲ ମେଁ ପ୍ୟାରା ହୈ' ବାଣୀରେ ଅଛି ଯେ -'କାୟା ଭେଦ କିୟା ନିରବାରା, ୟହ ସବ ରଚନା ପିଣ୍ଡ ମଂଝାରା ହୈ । ମାୟା ଅବିଗତ ଜାଲ ପସାରା, ସୋ କାରୀଗର ଭାରା ହୈ । ଆଦିମାୟା କିହ୍ନି ଚତୁରାଇ, ଝୁଠୀ ବାଜୀ ପିଣ୍ଡ ଦିଖାଇ, ଅବିଗତ ରଚନା ରଚି ଅଣ୍ଡ ମାହି ବାକା ପ୍ରତିବିମ୍ବ ଡାରା ହୈ ।'

ଗୋଟିଏ ବ୍ରହ୍ମାଣ୍ଡରେ ଅନ୍ୟ ଲୋକଗୁଡିକର ମଧ୍ୟ ରଚନା ହୋଇଛି, ଯେପରି ଶ୍ରୀ ବ୍ରହ୍ମାଙ୍କ ଲୋକ, ଶ୍ରୀ ବିଷ୍ଣୁଙ୍କ ଲୋକ, ଶ୍ରୀ ଶିବଙ୍କ ଲୋକ ଆଦି । ସେଠାରେ ବସି ଏହି ତିନି ପ୍ରଭୁ ତଳେ ଥିବା ତିନି ଲୋକ (ସ୍ୱର୍ଗଲୋକ ଅର୍ଥାତ୍ ଇନ୍ଦ୍ରଙ୍କ ଲୋକ, ପୃଥିବୀ ଲୋକ ଓ ପାତାଳ ଲୋକ) ରେ ଗୋଟିଏ ଗୋଟିଏ


ବିଭାଗର ମାଲିକ ହୋଇ ପ୍ରଭୁତ୍ୱ କରିଥାନ୍ତି ତଥା ନିଜ ପିତା 'କାଳ'ଙ୍କର ଭୋଜନ ପାଇଁ ପ୍ରାଣୀମାନଙ୍କର ସୃଷ୍ଟି, ସ୍ଥିତି ଓ ସଂହାର କାର୍ଯ୍ୟଭାର ସମ୍ଭାଳିଥାନ୍ତି । ଏହି ତିନି ପ୍ରଭୁଙ୍କର ଜନ୍ମ ମୃତ୍ୟୁ ମଧ୍ୟ ହୋଇଥାଏ । ସେତେବେଳେ କାଳ ଏମାନଙ୍କୁ ମଧ୍ୟ ଖାଇଥାଏ । ଏହି ବ୍ରହ୍ମାଣ୍ଡ {ଏହାକୁ ଅଣ୍ଡ ମଧ୍ୟ କୁହାଯାଏ, କାରଣ ବ୍ରହ୍ମାଣ୍ଡର ଆକାର ଅଣ୍ଡାକାର ଅଟେ । ଏହାକୁ ପିଣ୍ଡ ମଧ୍ୟ କୁହାଯାଏ, କାରଣ ଶରୀର(ପିଣ୍ଡ)ରେ ଥିବା କମଳ ଦ୍ୱାରା ଟି.ଭି ଭଳି ବ୍ରହ୍ମାଣ୍ଡର ରଚନା ଦେଖିହୁଏ}ରେ ଗୋଟିଏ ମାନସରୋବର ଏବଂ ଧର୍ମରାୟ (ନ୍ୟାୟାଧୀଶ) ଲୋକ ମଧ୍ୟ ରହିଛି । ଏକ ଗୁପ୍ତ ସ୍ଥାନରେ ପୂର୍ଣ୍ଣ ପରମାତ୍ମା ଅନ୍ୟ ରୂପ ଧାରଣ କରି ରହିଥାନ୍ତି ଯେପରି ପ୍ରତ୍ୟେକ ଦେଶର ରାଜଦୂତ ଭବନ ରହିଥାଏ । ସେଠାକୁ କେହି ଯାଇ ପାରନ୍ତି ନାହିଁ । ସେଠାରେ ସେହି ଆତ୍ମାମାନେ ରୁହନ୍ତି ଯେଉଁମାନଙ୍କର ସତଲୋକ ପ୍ରାପ୍ତିର ଭକ୍ତି ଅପୂର୍ଣ୍ଣ ରହିଥାଏ । ଯେତେବେଳେ ଭକ୍ତିଯୁଗ ଆସେ ସେତେବେଳେ ପରମେଶ୍ୱର କବୀରଜୀ ନିଜ ପ୍ରତିନିଧି ଭାବରେ ପୂର୍ଣ୍ଣସନ୍ଥ ସଦଗୁରୁଙ୍କୁ ପଠାଇଥାନ୍ତି । ସେହି ସମୟରେ ଏହି ପୂଣ୍ୟାତ୍ମାମାନଙ୍କୁ ପୃଥିବୀଲୋକରେ ମାନବ ଶରୀର ପ୍ରାପ୍ତ ହୋଇଥାଏ ଏବଂ ଏମାନେ ଅତିଶୀଘ୍ର ସତଭକ୍ତି ମାର୍ଗରେ ଲାଗିଯାଆନ୍ତି ତଥା ସଦ୍‌ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାନ୍ତି । ସେହି ସ୍ଥାନରେ ଅବସ୍ଥାନ କରୁଥିବା ହଂସାତ୍ମାମାନଙ୍କର ଭକ୍ତି ଉପାର୍ଜିତ ଧନ ଖର୍ଚ୍ଚ ହୋଇ ନ ଥାଏ । ପରମାତ୍ମାଙ୍କ ଭଣ୍ଡାରରୁ ସର୍ବ ସୁବିଧା ଉପଲବ୍ଧ ହୋଇଥାଏ । ବ୍ରହ୍ମ(କାଳ) ସାଧକଙ୍କର ଭକ୍ତି ଉପାର୍ଜିତ ଧନ ସ୍ୱର୍ଗ-ମହାସ୍ୱର୍ଗରେ ସମାପ୍ତ ହୋଇଯାଏ, କାରଣ ଏହି କାଳଲୋକ(ବ୍ରହ୍ମଲୋକ) ତଥା ପରବ୍ରହ୍ମଲୋକରେ ପ୍ରାଣୀମାନଙ୍କୁ କେବଳ ତାଙ୍କ କୃତ କର୍ମର ଫଳ ହିଁ ମିଳିଥାଏ ।

କ୍ଷରପୁରୁଷ (ବ୍ରହ୍ମ) ନିଜ ୨୦ ଟି ବ୍ରହ୍ମାଣ୍ଡକୁ ଚାରୋଟି ମହାବ୍ରହ୍ମାଣ୍ଡରେ ବିଭାଜିତ କରିଛନ୍ତି । ୫ଟି ବ୍ରହ୍ମାଣ୍ଡର ସମୁହକୁ ଏକ ଅଣ୍ଡାକାର ଗୋଲେଇ(ପରିଧି) ମଧ୍ୟରେ ଆବଦ୍ଧ କରି ଏକ ମହାବ୍ରହ୍ମାଣ୍ଡ କରିଛନ୍ତି ଏବଂ ସେହିପରି ଚାରୋଟି ମହାବ୍ରହ୍ମାଣ୍ଡକୁ ମଧ୍ୟ ଆଉ ଏକ ଅଣ୍ଡାକାର ଗୋଲେଇ(ପରିଧି) ମଧ୍ୟରେ ଆବଦ୍ଧ କରି ରଖିଛନ୍ତି । ଏକୋଇଶିତମ ବ୍ରହ୍ମାଣ୍ଡର ରଚନା ମଧ୍ୟ ଏକ ମହାବ୍ରହ୍ମାଣ୍ଡ ଭଳି ସମାନ ଆକାରରେ ହୋଇଅଛି । ଏକୋଇଶତମ ବ୍ରହ୍ମାଣ୍ଡର ପ୍ରବେଶ ଦ୍ୱାରକୁ ଲାଗି ତିନୋଟି ରାସ୍ତା ତିଆରି ହୋଇଛି । ଏକୋଇଶିତମ ବ୍ରହ୍ମାଣ୍ଡର ବାମପାର୍ଶ୍ୱକୁ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମଲୋକ ଓ ନକଲି ଅନାମୀଲୋକର ରଚନା, ପ୍ରାଣୀମାନଙ୍କୁ ଧୋକା ଦେବା ପାଇଁ ଆଦିମାୟା (ଦୁର୍ଗା)ଙ୍କ ଦ୍ୱାରା କରାଯାଇଛି ତଥା ଡାହାଣପାର୍ଶ୍ୱକୁ ବାରଜଣ ସର୍ବଶ୍ରେଷ୍ଠ ବ୍ରହ୍ମ ସାଧକ(ଭକ୍ତ)ଙ୍କୁ ରଖିଥାନ୍ତି । ସେମାନଙ୍କୁ ନିଜର ସନ୍ଦେଶ ବାହକ (ସନ୍ଥ-ସତଗୁରୁ) ରୂପେ ପ୍ରତ୍ୟେକ ଯୁଗରେ ପୃଥିବୀ ପୃଷ୍ଠକୁ ପ୍ରେରଣ କରିଥାନ୍ତି, ଯିଏକି ଶାସ୍ତ୍ର ବିରୁଦ୍ଧ ସାଧନା ଓ ଜ୍ଞାନ ପ୍ରଚାର କରି ସ୍ୱୟଂ ଭକ୍ତିହୀନ ହେବା ସହିତ ଅନୁଯାୟୀମାନଙ୍କୁ ମଧ୍ୟ କାଳ ଜାଲରେ ଫଶାଇ ଚାଲନ୍ତି । ତା'ପରେ ସେହି ଗୁରୁ ଓ ଅନୁଗାମୀ ଉଭୟେ ନର୍କଗାମୀ ହୋଇଥାନ୍ତି । ସାମ୍ନାପଟକୁ ଯାଇଥିବା ରାସ୍ତାକୁ ଏକ ତାଲା ଲଗାଇ ବନ୍ଦ କରାଯାଇଛି ଯାହା କାଳ(ବ୍ରହ୍ମ)ଙ୍କର ନିଜ ଲୋକକୁ ଯାଇଛି, ଯେଉଁଠାରେ ଏହି ବ୍ରହ୍ମ(କାଳ) ନିଜ ବାସ୍ତବିକ ମାନବ ସଦୃଶ କାଳ ରୂପରେ ବିରାଜମାନ ଅଛନ୍ତି । ସେହି ସ୍ଥାନରେ ତାଓ୍ୱା ଆକାରର ଏକ ବିରାଟ ପଥର ଖଣ୍ଡ (ରୁଟି ସେକା ଲୁହା ପ୍ଲେଟ ଭଳି) ରହିଛି ଯାହା ସ୍ୱତଃ ଗରମ ରହିଥାଏ । ତାହା ଉପରେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀମାନଙ୍କର ସୁକ୍ଷ୍ମ ଶରୀରକୁ ଭାଜି ସେଥିରୁ ବାହାରୁଥିବା ମଇଳାକୁ ସେ ଖାଇଥାନ୍ତି । ସେହି ସମୟରେ ପ୍ରାଣୀକୁ ଭୀଷଣ ପୀଡା ଅନୁଭବ ହୋଇଥାଏ ତଥା ହାହାକାର ପଡିଯାଏ । ପୁଣି କିଛି ସମୟ ଉପରାନ୍ତ ସେମାନେ ବେହୋସ ହୋଇଯାଆନ୍ତି କିନ୍ତୁ ମରନ୍ତି ନାହିଁ । ତା'ପରେ ସେମାନଙ୍କୁ ଧର୍ମରାୟଙ୍କ ଲୋକକୁ ପଠାଯାଇ ସେଠାରେ କର୍ମ ଆଧାରରେ ଅନ୍ୟ ଜନ୍ମ ପ୍ରାପ୍ତ ହୋଇ ଜନ୍ମ-ମୃତ୍ୟୁର ଚକ୍ରରେ ଘୁରି ବୁଲନ୍ତି । ଉପରୋକ୍ତ ସାମ୍ନା ରାସ୍ତାରେ ଲାଗିଥିବା ତାଲାକୁ ବ୍ରହ୍ମ(କାଳ) କେବଳ ନିଜ ଆହାର ଉଦ୍ଦେଶ୍ୟରେ ପ୍ରାଣୀମାନଙ୍କୁ ଭିତରକୁ ଆଣିବା ପାଇଁ କିଛି ସମୟ ପାଇଁ ଖୋଲିଥାଏ । ପୂର୍ଣ୍ଣ ପରମାତ୍ମାଙ୍କ ସତନାମ ଓ ସାରନାମ ବଳରେ ସେହି ତାଲା ଆପେ ଆପେ ଖୋଲିଯାଏ । ଏହିପରି 'କାଳ'ର ଜାଲ ବିଷୟରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ସାହେବ) ନିଜ ଭକ୍ତ ଧର୍ମଦାସଜୀଙ୍କୁ ବୁଝାଇଛନ୍ତି ।


### ''ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ଥାପନା''

କବୀର ପରମେଶ୍ୱର (କବିର୍ଦେବ) ପୁଣି କହୁଛନ୍ତି ଯେ ପରବ୍ରହ୍ମ (ଅକ୍ଷର ପୁରୁଷ) ନିଜ କାର୍ଯ୍ୟରେ ଅବହେଳା କରି ଦୁଇଟି ଭୁଲ କରିଥିଲେ । ପ୍ରଥମେ ମାନସରୋବର ମଧ୍ୟରେ ଶୋଇପଡିଥିଲେ ଏବଂ

# ବ୍ରହ୍ମଲୋକର ଲଘୁଚିତ୍ର



# ଜ୍ୟୋତି ନିରଂଜନ (କାଳ) ବ୍ରହ୍ମଙ୍କର ଲୋକ (୨୧ ବ୍ରହ୍ମାଣ୍ଡ) ର ଲଘୁଚିତ୍ର



ଦ୍ୱିତୀୟରେ ପରମେଶ୍ୱର (ମୁଁ ଅର୍ଥାତ୍ କବୀର ସାହେବ) ଯେତେବେଳେ ସେହି ସରୋବର ମଧ୍ୟକୁ ଅଣ୍ଡା ଛାଡିଲେ ସେତେବେଳେ ଅକ୍ଷର ପୁରୁଷ (ପରବ୍ରହ୍ମ) ସେହି ଅଣ୍ଡାକୁ କ୍ରୋଧ ଦୃଷ୍ଟିରେ ଚାହିଁଥିଲେ । ଏହି ଦୁଇଟି ଅପରାଧ ପାଇଁ ତାଙ୍କୁ ମଧ୍ୟ ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ସତଲୋକରୁ ନିଷ୍କାସିତ କରି ଦିଆଗଲା । ଅନ୍ୟ ଏକ କାରଣ ଥିଲା ଯେ ଅକ୍ଷର ପୁରୁଷ (ପରବ୍ରହ୍ମ) ନିଜ ସାଥି ବ୍ରହ୍ମ(କ୍ଷରପୁରୁଷ)ର ବିଚ୍ଛେଦରେ ବ୍ୟାକୁଳ ହୋଇ ପରମପିତା କବିର୍ଦେବ (କବୀର ପରମେଶ୍ୱର)ଙ୍କୁ ଭୁଲି ବ୍ରହ୍ମକୁ ମନେ ପକାଇ ଭାବୁଥିଲେ ଯେ କ୍ଷରପୁରୁଷ(ବ୍ରହ୍ମ) ବହୁତ ଖୁସି ପାଳନ କରୁଥିବ, ସେ ସ୍ୱତନ୍ତ୍ର ରାଜ୍ୟ ଭୋଗ କରିବ, ମୁଁ ପଛରେ ରହିଗଲି । ଅନ୍ୟ ଯେଉଁ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ସାତଶଙ୍ଖ ବ୍ରହ୍ମାଣ୍ଡରେ ଜନ୍ମ-ମୃତ୍ୟୁର କର୍ମଦଣ୍ଡ ଭୋଗୁଛନ୍ତି, ସେମାନେ ମଧ୍ୟ ପୂର୍ଣ୍ଣ ପରମାତ୍ମା, ସୁଖଦାୟୀ କବିର୍ଦେବଙ୍କୁ ଭୁଲିଯାଇ ସେହି ହଂସାତ୍ମାମାନଙ୍କ ବିଚ୍ଛେଦର ଦୁଃଖରେ ମଗ୍ନ ହୋଇଗଲେ ଯେଉଁମାନେ ବ୍ରହ୍ମ(କାଳ)ଙ୍କର ଏକୋଇଶ ବ୍ରହ୍ମାଣ୍ଡରେ ଫଶିଛନ୍ତି । ପରମେଶ୍ୱର କବୀର ଦେବ ବାରମ୍ବାର ବୁଝାଇବା ସତ୍ତ୍ୱେ ଆସ୍ଥା ହଟିଲା ନାହିଁ । ପରବ୍ରହ୍ମ (ଅକ୍ଷର ପୁରୁଷ) ଚିନ୍ତାକଲେ ଯେ ମୁଁ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କଲେ ଠିକ୍ ହେବ । ଏହା ଚିନ୍ତାକରି ରାଜ୍ୟ ପ୍ରାପ୍ତିର ଇଚ୍ଛା ରଖି ସାରନାମର ଜପ ପ୍ରାରମ୍ଭ କରିଦେଲେ । ଏହି ପ୍ରକାରେ ଅନ୍ୟ ଆତ୍ମାମାନେ (ଯେଉଁମାନେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡରେ ଫଶିଛନ୍ତି) ଚିନ୍ତାକଲେ ଯେ ବ୍ରହ୍ମଙ୍କ ସହିତ ଯାଇଥିବା ଆତ୍ମାମାନେ ସେଠାରେ ମଉଜ-ମସ୍ତି କରୁଥିବେ, ଆମ୍ଭେ ପଛରେ ରହିଗଲୁ । ପରବ୍ରହ୍ମଙ୍କ ମନରେ ଏହି ଧାରଣା ଜାତ ହେଲା ଯେ କ୍ଷରପୁରୁଷ ଅଲଗା ହୋଇ ବହୁତ ସୁଖୀ ହୋଇଯିବ । ମନରେ ଏହି ବିଚାର ରଖି ଅନ୍ତରାତ୍ମାରେ ଭିନ୍ନ ସ୍ଥାନ ପ୍ରାପ୍ତି ପାଇଁ ନିଷ୍ପତ୍ତି ନେଲେ । ପରବ୍ରହ୍ମ (ଅକ୍ଷର ପୁରୁଷ) ଅଲଗା ରାଜ୍ୟ ପ୍ରାପ୍ତି ପାଇଁ ହଠଯୋଗ ନ କରି ବିଶେଷ ନିଷ୍ଠାର ସହିତ ସହଜ ଧ୍ୟାନ ଯୋଗ କରିବାକୁ ଲାଗିଲେ । ଅଲଗା ସ୍ଥାନ ପ୍ରାପ୍ତି କରିବା ପାଇଁ ପାଗଳଙ୍କ ପରି ବିଚରଣ କରିବାକୁ ଲାଗିଲେ, ଖାଇବା ପିଇବା ମଧ୍ୟ ତ୍ୟାଗ କରିଦେଲେ । ତାଙ୍କର ଏହି ବୈରାଗ୍ୟ ଭାବ ଦେଖି ଅନ୍ୟ କିଛି ଆତ୍ମା ତାଙ୍କ ପ୍ରତି ଆସକ୍ତ ହୋଇଗଲେ ଏବଂ ତାଙ୍କୁ ଭଲ ପାଇବାକୁ ଲାଗିଲେ । ପୂର୍ଣ୍ଣପ୍ରଭୁ ପଚାରିବାରୁ ପରବ୍ରହ୍ମ ନିଜ ପାଇଁ ଅଲଗା ସ୍ଥାନ ମାଗିଥିଲେ ଏବଂ କିଛି ହଂସ ଆତ୍ମାଙ୍କୁ ସାଥିରେ ନେବା ପାଇଁ ପ୍ରାର୍ଥନା ମଧ୍ୟ କରିଥିଲେ । ଏହାଶୁଣି କବିର୍ଦେବ କହିଲେ, ଯେଉଁ ଆତ୍ମା ଆପଣଙ୍କ ସହିତ ନିଜ ଇଚ୍ଛାରେ ଯିବା ପାଇଁ ଚାହିଁବେ ସେମାନଙ୍କୁ ପଠାଇ ଦେବି । ପୂର୍ଣ୍ଣପ୍ରଭୁ ପଚାରିଲେ ଯେ ଯେଉଁ ହଂସ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ଯିବା ପାଇଁ ଇଚ୍ଛୁକ ସେମାନେ ମୋ ସମ୍ମୁଖରେ ସହମତି ବ୍ୟକ୍ତ କର । ବହୁ ସମୟ ପରେ ଜଣେ ହଂସାତ୍ମା ସମ୍ମତି ପ୍ରଦାନ କଲା ପୁଣି ତାକୁ ଦେଖି ଅନ୍ୟ ସମସ୍ତ ଆତ୍ମା ସମ୍ମତି ପ୍ରଦାନ କଲେ । ସର୍ବ ପ୍ରଥମେ ରାଜି ହୋଇଥିବା ହଂସକୁ ପ୍ରଭୁ, ସ୍ତ୍ରୀ ରୂପ ଦେଲେ, ତାଙ୍କ ନାମ ଈଶ୍ୱରୀମାୟା (ପ୍ରକୃତି ସୁରତି) ରଖିଲେ ଏବଂ ଅନ୍ୟ ଆତ୍ମାମାନଙ୍କୁ ସେହି ଈଶ୍ୱରୀମାୟା ମଧ୍ୟରେ ପ୍ରବେଶ କରାଇ ଅଚିନ୍ତଙ୍କ ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ) ନିକଟକୁ ପଠାଇଦେଲେ । (ପତିବ୍ରତା ପଦରୁ ଓହରିବାର ଶାସ୍ତି ପାଇଲେ ।) ବହୁଯୁଗ ପର୍ଯ୍ୟନ୍ତ ଦୁହେଁ ସାତଶଙ୍ଖ ବ୍ରହ୍ମାଣ୍ଡରେ ରହିଲେ, ପରନ୍ତୁ ପରବ୍ରହ୍ମ ତାଙ୍କ ପ୍ରତି ଦୁର୍ବ୍ୟବହାର କଲେ ନାହିଁ । ଈଶ୍ୱରୀମାୟାଙ୍କ ଇଚ୍ଛାକୁ ପରବ୍ରହ୍ମ ଅଙ୍ଗିକାର କଲେ ତଥା ନିଜ ଶବ୍ଦଶକ୍ତି ଦ୍ୱାରା ନଖାଘାତ କରି ସ୍ତ୍ରୀ ଇନ୍ଦ୍ରୀୟ (ଯୋନି) ତିଆରି କଲେ । ଈଶ୍ୱରୀ ଦେବୀଙ୍କ ସହମତି କ୍ରମେ ସନ୍ତାନ ଉତ୍ପତ୍ତି କଲେ । ସେହି କାରଣରୁ ପରବ୍ରହ୍ମଙ୍କ ଲୋକ (ସାତଶଙ୍ଖ ବ୍ରହ୍ମାଣ୍ଡ)ରେ ପ୍ରାଣୀମାନଙ୍କୁ ତପ୍ତଶିଳାର କଷ୍ଟ ଦିଆଯାଏ ନାହିଁ ତଥା ସେଠାକାର ପଶୁପକ୍ଷୀମାନେ ମଧ୍ୟ ବ୍ରହ୍ମଲୋକର ଦେବତାଙ୍କଠାରୁ ଉତ୍ତମ ଚରିତ୍ରଯୁକ୍ତ ଅଟନ୍ତି । ସେମାନଙ୍କର ଆୟୁ ମଧ୍ୟ ବହୁତ ଲମ୍ବା ଅଟେ । ପରନ୍ତୁ ସେମାନଙ୍କୁ ଜନ୍ମ-ମୃତ୍ୟୁ, କର୍ମ ଆଧାରରେ କର୍ମଦଣ୍ଡ ତଥା ପରିଶ୍ରମ କରି ଉଦରପୂର୍ତ୍ତି କରିବାକୁ ପଡିଥାଏ । ଏହି ଲୋକ ଭଳି ସ୍ୱର୍ଗ ଓ ନର୍କ ସେଠାରେ ମଧ୍ୟ ଅଛି । ପରବ୍ରହ୍ମ(ଅକ୍ଷରପୁରୁଷ)ଙ୍କୁ ସାତଶଙ୍ଖ ବ୍ରହ୍ମାଣ୍ଡ ତାଙ୍କ ଇଚ୍ଛାରୂପୀ ଭକ୍ତି ଧ୍ୟାନ ଅର୍ଥାତ୍ ସହଜ ସମାଧି ବିଧି ଦ୍ୱାରା କରିଥିବା ଉପାର୍ଜନର ପ୍ରତିଫଳ ସ୍ୱରୂପ ପ୍ରଦାନ କରାଗଲା ତଥା ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅକ୍ଷରବ୍ରହ୍ମ ଓ ଈଶ୍ୱରୀମାୟାଙ୍କୁ ସତ୍‌ଲୋକରୁ ନିଷ୍କାସିତ କରାଗଲା ।

❖ ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ସତ୍‌ଲୋକର ସମସ୍ତ ବ୍ରହ୍ମାଣ୍ଡ, ବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡ ଏବଂ ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡର ମଧ୍ୟ ପ୍ରଭୁ (ମାଲିକ) ଅଟନ୍ତି ଅର୍ଥାତ୍ ପରମେଶ୍ୱର କବିର୍ଦେବ ଅନନ୍ତକୋଟି ବ୍ରହ୍ମାଣ୍ଡର ମାଲିକ ଅଟନ୍ତି ।

ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବ ଚାରି ଭୂଜା ଓ ୧୬ କଳା ବିଶିଷ୍ଟ ଅଟନ୍ତି । ପ୍ରକୃତି ଦେବୀ (ଦୁର୍ଗା) ଆଠ ଭୂଜା ଓ ୬୪ କଳାଯୁକ୍ତ ଅଟନ୍ତି । ବ୍ରହ୍ମ (କ୍ଷରପୁରୁଷ) ଏକ ହଜାର ଭୂଜା ଓ ଏକ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ଏକୋଇଶ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କର ଦଶ ହଜାର ଭୁଜା ଓ ଦଶ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ସାତ ଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷରପୁରୁଷ ଅର୍ଥାତ୍ ସତ୍ୟପୁରୁଷ) ଅସଂଖ୍ୟ ଭୂଜା ଓ ଅସଂଖ୍ୟ କଳାଯୁକ୍ତ ଅଟନ୍ତି ତଥା ବ୍ରହ୍ମର ଏକୋଇଶି ବ୍ରହ୍ମାଣ୍ଡ, ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅସଂଖ୍ୟ ବ୍ରହ୍ମାଣ୍ଡର ସେ ପ୍ରଭୁ ଅଟନ୍ତି । ସମସ୍ତ ପ୍ରଭୁ ନିଜର ସମସ୍ତ ଭୂଜାକୁ ଲୁଚାଇ କେବଳ ଦୁଇଟି ହସ୍ତ ରଖିପାରନ୍ତି ଏବଂ ନିଜ ଇଚ୍ଛାନୁସାରେ ସମସ୍ତ ହସ୍ତକୁ ପ୍ରକଟ ମଧ୍ୟ କରିପାରନ୍ତି । ପୂର୍ଣ୍ଣ ପରମାତ୍ମା ପରବ୍ରହ୍ମର ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଭିନ୍ନ ସ୍ଥାନ ନିର୍ମାଣ କରି ଅନ୍ୟ ରୂପରେ ଗୁପ୍ତ ଭାବେ ରହିଥାନ୍ତି । ଯେପରି ବାହାରେ ଏକ ଘୂର୍ଣ୍ଣ୍ୟମାନ କ୍ୟାମେରା ଲଗାଯାଇ ଭିତରେ ଟି.ଭି. (ଟେଲିଭିଜନ) ଚାଲୁକରିବା ଦ୍ୱାରା ବାହାରର ସମସ୍ତ ଦୃଶ୍ୟ ଟି.ଭି.ରେ ଦୃଶ୍ୟମାନ ହୋଇଥାଏ ତଥା ଅନ୍ୟ ଏକ ଟି.ଭି. ବାହାରେ ରଖି ଭିତରେ ଏକ କ୍ୟାମେରା ସ୍ଥାୟୀ ରୂପେ ଲଗାଇବା ଦ୍ୱାରା ସେଥିରେ କେବଳ ଭିତରେ ବସିଥିବା ପ୍ରବନ୍ଧକଙ୍କ ଚିତ୍ର ଦୃଶ୍ୟମାନ ହୋଇଥାଏ, ଯାହାଦ୍ୱାରା ସମସ୍ତ କର୍ମଚାରୀ ସାବଧାନ ରହିଥାନ୍ତି ।

ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା ନିଜ ସତ୍‌ଲୋକରେ ବସି ସମସ୍ତଙ୍କୁ ନିୟନ୍ତ୍ରିତ କରିଥାନ୍ତି ତଥା ପ୍ରତ୍ୟେକ ବ୍ରହ୍ମାଣ୍ଡରେ ମଧ୍ୟ ସଦଗୁରୁ କବିର୍ଦେବ ବିଦ୍ୟମାନ ରୁହନ୍ତି ଯେପରି ସୂର୍ଯ୍ୟ ଦୂରରେ ରହି ମଧ୍ୟ ଅନ୍ୟ ଲୋକଗୁଡିକ ଉପରେ ନିଜର ପ୍ରଭାବ ବିସ୍ତାର କରିଥାନ୍ତି ।

## ''ପବିତ୍ର ଅଥର୍ବ ବେଦରେ ସୃଷ୍ଟି ରଚନାର ପ୍ରମାଣ''

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୧ :-

ବ୍ରହ୍ମ ଯଜ୍ଞାନଂ ପ୍ରଥମଂ ପୁରସ୍ତାଦ୍ ବି ସୀମତଃ ସୁରୁଚୋ ବେନ ଆବଃ ।
ସଃ ବୁଧ୍ନ୍ୟା ଉପମା ଅସ୍ୟ ବିଷ୍ଠାଃ ସତଶ୍ଚ ଯୋନିମସତଶ୍ଚ ବି ବଃ ॥ ୧ ॥

ବ୍ରହ୍ମ-ଜ-ଜ୍ଞାନମ୍-ପ୍ରଥମମ୍-ପୁରସ୍ତାତ୍-ବିସିମତଃ-ସୁରୁଚଃ-ବେନଃ-ଆବଃ-ସଃ-
ବୁଧ୍ନ୍ୟାଃ-ଉପମା-ଅସ୍ୟ-ବିଷ୍ଠାଃ-ସତଃ-ଚ-ଯୋନିମ୍-ଅସତଃ-ଚ-ବି ବଃ ।

ଅନୁବାଦ:- (ପ୍ରଥମମ୍) ପ୍ରାଚୀନ ଅର୍ଥାତ୍ ସନାତନ (ବ୍ରହ୍ମ) ପରମାତ୍ମା (ଜ) ପ୍ରକଟ ହୋଇ (ଜ୍ଞାନମ୍) ନିଜ ବିଚାର ବଳରେ(ପୁରସ୍ତାତ୍) ଶିଖରରେ ଅର୍ଥାତ୍ ସତ୍ୟଲୋକ ଆଦିକୁ (ସୁରୁଚଃ) ସ୍ୱଇଚ୍ଛାରେ ପ୍ରବଳ ଆଗ୍ରହର ସହିତ ସ୍ୱପ୍ରକାଶିତ (ବିସିମତଃ) ସୀମା ରହିତ ଅର୍ଥାତ୍ ବିଶାଳ ଆୟତନର ଭିନ୍ନ ଲୋକଗୁଡିକୁ ରଚନା କଲେ । ସେହି (ବେନଃ) ବୁଣାକାର ସିଲେଇ କରି ଅର୍ଥାତ୍ କପଡା ଭଳି ବୁଣି (ଆବଃ) ସୁରକ୍ଷିତ କଲେ (ଚ) ତଥା (ସଃ) ସେହି ପୂର୍ଣ୍ଣବ୍ରହ୍ମ ହିଁ ସମସ୍ତ ରଚନା କଲେ (ଅସ୍ୟ) ଏଥିପାଇଁ ସେହି (ବୁଧ୍ନ୍ୟାଃ) ମୂଳ ମାଲିକ (ଯୋନିମ୍) ମୂଳସ୍ଥାନ ସତ୍ୟଲୋକର ରଚନା କରିଛନ୍ତି (ଅସ୍ୟ) ଏହାର (ଉପମା) ସଦୃଶ ଅର୍ଥାତ୍ ସାମଞ୍ଜସ୍ୟ ଥିବା (ସତଃ) ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କ ଲୋକ ଯାହା କିଛି ସ୍ଥାୟୀ (ଚ) ତଥା (ଅସତଃ) କ୍ଷରପୁରୁଷଙ୍କ ଅସ୍ଥାୟୀ ଲୋକ ଆଦି (ବି ବଃ) ଭିନ୍ନ ବସତି (ବିଷ୍ଠାଃ) ସ୍ଥାପନା କଲେ ।

ଭାବାର୍ଥ :- ପବିତ୍ର ବେଦ ଜ୍ଞାନଦାତା ବ୍ରହ୍ମ(କାଳ) କହୁଛନ୍ତି ଯେ ସନାତନ ପରମେଶ୍ୱର ସ୍ୱୟଂ ଅନାମୟ(ଅନାମୀ) ଲୋକରୁ ଆସି ସତ୍ୟଲୋକରେ ପ୍ରକଟ ହୋଇ ନିଜ ବିଚାରରେ କପଡା ବୁଣିବା ପରି ସୃଷ୍ଟି ରଚନା କରି ଉପରେ ଥିବା ସତ୍ୟଲୋକ ଆଦିକୁ ସୀମାବିହୀନ, ସ୍ୱପ୍ରକାଶିତ, ଅଜର-ଅମର ଅର୍ଥାତ୍ ଅବିନାଶୀ କଲେ ଏବଂ ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡ ଓ ଏଥିରେ ଥିବା କ୍ଷୁଦ୍ରରୁ ଅତିକ୍ଷୁଦ୍ର ରଚନା ମଧ୍ୟ ସେହି ପରମାତ୍ମା ଅସ୍ଥାୟୀ (ବିନାଶୀ) କଲେ ।

ଅଥର୍ବବେଦ କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୨ :-

ଇୟଂ ପିତ୍ର୍ୟା ରାଷ୍ଟ୍ର୍ୟେତ୍ୱଗ୍ରେ ପ୍ରଥମାୟ ଜନୁଷେ ଭୁବନେଷ୍ଠାଃ ।
ତସ୍ମା ଏତଂ ସୁରୁଚଂ ହ୍ୱାରମହ୍ୟଂ ଧର୍ମଂ ଶ୍ରୀଣନ୍ତୁ ପ୍ରଥମାୟ ଧାସ୍ୟବେ ॥୨॥

ଇୟମ୍-ପିତ୍ର୍ୟା-ରାଷ୍ଟ୍ରି-ଏତୁ-ଅଗ୍ରେ-ପ୍ରଥମାୟ-ଜନୁଷେ-ଭୁବନେଷ୍ଠାଃ-ତସ୍ମା - ଏତମ୍ - ସୁରୁଚମ୍

– ହ୍ୱାରମହ୍ୟମ୍ -ଧର୍ମମ୍ – ଶ୍ରୀଣାନ୍ତୁ – ପ୍ରଥମାୟ-ଧାସ୍ୟବେ ।

ଅନୁବାଦ:- (ଇୟମ୍) ଏହି (ପିତ୍ର୍ୟା) ଜଗତପିତା ପରମେଶ୍ୱର (ଏତୁ) ଏହି (ଅଗ୍ରେ) ସର୍ବୋତ୍ତମ (ପ୍ରଥମାୟ) ସର୍ବ ପ୍ରଥମ ମାୟା ପରାନନ୍ଦନୀ (ରାଷ୍ଟ୍ରି) ରାଜେଶ୍ୱରୀ ଶକ୍ତି ଅର୍ଥାତ୍ ପରାଶକ୍ତି ଯାହାଙ୍କୁ ଆକର୍ଷଣ ଶକ୍ତି ମଧ କୁହାଯାଏ, ଙ୍କୁ (ଜନୁଷେ) ଉତ୍ପନ୍ନ କରି (ଭୂବନେଷ୍ଟାଃ) ଲୋକ ସ୍ଥାପନା କଲେ (ତସ୍ମା) ସେହି ପରମେଶ୍ୱର (ସୁରୁଚମ୍) ପ୍ରବଳ ଆଗ୍ରହର ସହିତ ସ୍ୱଇଚ୍ଛାରେ (ଏତମ୍) ଏହି (ପ୍ରଥମାୟ) ପ୍ରଥମ ଉତ୍ପତ୍ତି ଶକ୍ତି ଅର୍ଥାତ୍ ପରାଶକ୍ତିଙ୍କ ଦ୍ୱାରା (ହ୍ୱାରମହ୍ୟମ୍) ପରସ୍ପର ବିୟୋଗକୁ ଅଟକାଇବା ଅର୍ଥାତ୍ ଆକର୍ଷଣ ଶକ୍ତିର (ଶ୍ରୀଣାନ୍ତୁ) ଗୁରୁତ୍ୱ ଆକର୍ଷଣକୁ ପରମାତ୍ମା ଆଦେଶ ଦେଲେ ଚିରକାଳ ରୁହ ସେହି କଦାପି ସମାପ୍ତ ହେଉ ନ ଥିବା (ଧର୍ମମ୍) ସ୍ୱଭାବରେ (ଧାସ୍ୟବେ) ଧାରଣ କରି ସିଲାଇ କଲେ ଅର୍ଥାତ୍ କପଡା ଭଳି ବୁଣି ଅଟକାଇ ରଖିଛନ୍ତି ।

ଭାବାର୍ଥ :- ଜଗତପିତା ପରମେଶ୍ୱର ନିଜ ଶବ୍ଦଶକ୍ତି ଦ୍ୱାରା ରାଷ୍ଟ୍ରୀ ଅର୍ଥାତ୍ ସର୍ବପ୍ରଥମ ମାୟା ରାଜେଶ୍ୱରୀଙ୍କୁ ଉତ୍ପନ୍ନ କଲେ ତଥା ସେହି ପରାଶକ୍ତି ଦ୍ୱାରା ଗୋଟିଏ ଅନ୍ୟଟିକୁ ଆକର୍ଷଣ ଶକ୍ତି ମାଧ୍ୟମରେ ଧରି ରଖିପାରୁଥିବା, କଦାପି ସମାପ୍ତ ହେଉନଥିବା ଗୁଣଦ୍ୱାରା ଉପରୋକ୍ତ ସମସ୍ତ ବ୍ରହ୍ମାଣ୍ଡକୁ ସ୍ଥାପନ କରିଛନ୍ତି ।

କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୩ :-

ପ୍ର ଯୋ ଜଜ୍ଞେ ବିଦ୍ୱାନସ୍ୟ ବନ୍ଧୁର୍ବିଶ୍ୱା ଦେବାନାଂ ଜନିମା ବିବକ୍ତି ।
ବ୍ରହ୍ମ ବ୍ରହ୍ମଣ ଉଜ୍ଜଭାର ମଧ୍ୟାନ୍ନୀଚୈରୁଚୈଃ ସ୍ୱଧା ଅଭି ପ୍ର ତସ୍ଥୌ ॥୩॥

ପ୍ର-ଯଃ-ଜଜ୍ଞେ-ବିଦ୍ୱାନସ୍ୟ-ବନ୍ଧୁଃ-ବିଶ୍ୱା-ଦେବାନାମ୍-ଜନିମା-ବିବକ୍ତି-
ବ୍ରହ୍ମଃ-ବ୍ରହ୍ମଣଃ-ଉଜ୍ଜଭାର-ମଧ୍ୟାତ୍-ନିଚୈଃ-ଉଚୈଃ-ସ୍ୱଧା-ଅଭିଃ-ପ୍ରତସ୍ଥୌ ।

ଅନୁବାଦ:- (ପ୍ର) ସର୍ବପ୍ରଥମେ (ଦେବାନାମ୍) ଦେବତାମାନଙ୍କର ଓ ବ୍ରହ୍ମାଣ୍ଡଗୁଡିକର (ଜଜ୍ଞେ) ଉତ୍ପତ୍ତିର ଜ୍ଞାନକୁ (ବିଦ୍ୱାନସ୍ୟ) ଜିଜ୍ଞାସୁ ଭକ୍ତର (ଯଃ) ଯେଉଁ (ବନ୍ଧୁଃ) ବାସ୍ତବିକ ସାଥୀ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା ହିଁ ନିଜ ସେବକଙ୍କୁ (ଜନିମା) ନିଜଦ୍ୱାରା କରାଯାଇଥିବା ସୃଷ୍ଟିକୁ (ବିବକ୍ତି) ସ୍ୱୟଂ ଠିକ୍ ଠିକ୍ ବିସ୍ତାରପୂର୍ବକ କହିଥାନ୍ତି ଯେ (ବ୍ରହ୍ମଣଃ) ପୂର୍ଣ୍ଣ ପରମାତ୍ମା (ମଧ୍ୟାତ୍) ନିଜ ମଧ୍ୟରୁ ଅର୍ଥାତ୍ ଶବ୍ଦଶକ୍ତି ଦ୍ୱାରା (ବ୍ରହ୍ମଃ) ବ୍ରହ୍ମ-କ୍ଷରପୁରୁଷ ଅର୍ଥାତ୍ କାଳକୁ (ଉଜ୍ଜଭାର) ଉତ୍ପନ୍ନ କରି (ବିଶ୍ୱା) ସାରା ସଂସାରକୁ ଅର୍ଥାତ୍ ସମସ୍ତ ଲୋକକୁ (ଉଚୈଃ) ଉପରେ ଥିବା ସତ୍ୟଲୋକ ଆଦି (ନିଚୈଃ) ତଳେ ପରବ୍ରହ୍ମ ଓ ବ୍ରହ୍ମଙ୍କ ସର୍ବ ବ୍ରହ୍ମାଣ୍ଡ (ସ୍ୱଧା) ନିଜେ ଧାରଣ କରିଥିବା (ଅଭିଃ) ଆକର୍ଷଣ ଶକ୍ତିଦ୍ୱାରା (ପ୍ରତସ୍ଥୌ) ଦ୍ୱୟକୁ ଉତ୍ତମ ଭାବେ ସ୍ଥାପନ କଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ତଥା ସମସ୍ତ ଆତ୍ମାମାନଙ୍କର ଉତ୍ପତ୍ତିର ଜ୍ଞାନ ନିଜ ପ୍ରିୟ ଦାସଙ୍କୁ ସ୍ୱୟଂ ହିଁ ଠିକ୍ ଭାବରେ କହିଥାନ୍ତି ଯେ ପୂର୍ଣ୍ଣ ପରମାତ୍ମା ନିଜ ଶରୀର ମଧ୍ୟରୁ ଶବ୍ଦଶକ୍ତି ଦ୍ୱାରା ବ୍ରହ୍ମ (କ୍ଷର ପୁରୁଷ/କାଳ)ର ଉତ୍ପତ୍ତି ତଥା ସମସ୍ତ ବ୍ରହ୍ମାଣ୍ଡ ଉପରେ ଥିବା ସତ୍ୟଲୋକ, ଅଲଖଲୋକ, ଅଗମ ଲୋକ ଓ ଅନାମୀ ଲୋକ ଆଦି ତଥା ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶି ବ୍ରହ୍ମାଣ୍ଡକୁ ନିଜେ ଧାରଣ କରିଥିବା ଆକର୍ଷଣ ଶକ୍ତି ଦ୍ୱାରା ସ୍ଥାପନା କରି ଅଟକାଇ ରଖିଛନ୍ତି ।

ଯେପରି ପୂର୍ଣ୍ଣ ପରମାତ୍ମା କବୀର ପରମେଶ୍ୱର (କବିର୍ଦେବ) ନିଜର ଅତି ପ୍ରିୟ ସେବକ ଅର୍ଥାତ୍ ସଖା ଶ୍ରୀ ଧର୍ମଦାସଜୀ ଓ ଆଦରଣୀୟ ଗରୀବ ଦାସଜୀ ଆଦିଙ୍କୁ ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି । ଉପରୋକ୍ତ ବେଦମନ୍ତ୍ର ମଧ୍ୟ ଏହାର ସମର୍ଥନ କରୁଅଛି ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୪:-

ସଃ ହି ଦିବଃ ସଃ ପୃଥିବ୍ୟା ଋତସ୍ଥା ମହୀ କ୍ଷେମଂ  ରୋଦସୀ ଅସ୍କଭାୟତ୍ ।
ମହାନ୍ ମହୀ ଅସ୍କଭାୟଦ୍ ବି ଜାତୋ ଦ୍ୟାଂ ସଦ୍ମ ପାର୍ଥିବଂ ଚ ରଜଃ ॥୪॥

ହି-ଦିବଃ-ସ-ପୃଥିବ୍ୟା-ଋତସ୍ଥା-ମହୀ-କ୍ଷେମମ୍-ରୋଦସି-ଅକସ୍ଭାୟତ୍-ମହାନ୍-ମହୀ-ଅସ୍କଭାୟଦ୍-ବିଜାତଃ-ଧାମ୍-ସଦମ୍-ପାର୍ଥିବମ୍-ଚ-ରଜଃ

ଅନୁବାଦ:- (ସଃ) ସେହି ସର୍ବଶକ୍ତିମାନ ପରମାତ୍ମା (ହି) ନିଃସନ୍ଦେହ (ଦିବଃ) ଉପରେ ଥିବା ଚାରି ଦିବ୍ୟଲୋକ ଯେପରି ସତ୍ୟଲୋକ, ଅଲଖଲୋକ, ଅଗମଲୋକ ଓ ଅନାମୀଲୋକ ଅର୍ଥାତ୍ ଅକହଲୋକ ଅର୍ଥାତ୍ ଦିବ୍ୟ ଗୁଣଯୁକ୍ତ ଲୋକଗୁଡିକୁ (ଋତସ୍ଥା) ସତ୍ୟ ସ୍ଥିର ଅର୍ଥାତ୍ ଅଜର-ଅମର ରୂପେ ସ୍ଥିର କଲେ (ସ) ସେହିଭଳି (ପୃଥିବ୍ୟା) ତଳେ ଥିବା ପୃଥିବୀ ଭଳି ସମସ୍ତ ଲୋକ ଯେପରି ପରବ୍ରହ୍ମଙ୍କ ସାତଶଙ୍ଖ ତଥା ବ୍ରହ୍ମ/କାଳଙ୍କ ଏକୋଇଶି ବ୍ରହ୍ମାଣ୍ଡ (ମହୀ) ପୃଥ୍ୱୀ ତତ୍ତ୍ୱ ଦ୍ୱାରା (କ୍ଷେମମ୍) ସୁରକ୍ଷା ସହିତ (ଅସ୍କଭାୟତ୍) ସ୍ଥାପନ କଲେ (ରୋଦସୀ) ଆକାଶ ତତ୍ତ୍ୱ ଓ ପୃଥ୍ୱୀ ତତ୍ତ୍ୱ ଦ୍ୱୟର ତଳ ଓ ଉପର ବ୍ରହ୍ମାଣ୍ଡ ଗୁଡିକୁ {ଯେପରି ଆକାଶ ଏକ ସୂକ୍ଷ୍ମ ତତ୍ତ୍ୱ ଓ ଶବ୍ଦ ଆକାଶର ଗୁଣ ଅଟେ, ପୂର୍ଣ୍ଣ ପରମାତ୍ମା ଉପର ଲୋକଗୁଡିକୁ ଶବ୍ଦ ରୂପରେ ରଚିଲେ, ଯାହା ତେଜପୁଞ୍ଜରେ ତିଆରି ତଥା ତଳେ ଥିବା ପରବ୍ରହ୍ମ (ଅକ୍ଷର ପୁରୁଷ)ଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମ/କ୍ଷରପୁରୁଷଙ୍କ ଏକୋଇଶି ବ୍ରହ୍ମାଣ୍ଡଗୁଡିକୁ ପୃଥିବୀ ତତ୍ତ୍ୱରେ ଅସ୍ଥାୟୀ ରଚନା କଲେ} (ମହାନ୍) ପୂର୍ଣ୍ଣ ପରମାତ୍ମା (ପାର୍ଥିବମ୍) ପୃଥ୍ୱୀ ଭଳି (ବି) ଭିନ୍ନ ଭିନ୍ନ (ଧାମ୍) ଲୋକ (ଚ) ଏବଂ (ସଦମ୍) ଆବାସ ସ୍ଥାନ (ମହୀ) ପୃଥ୍ୱୀ ତତ୍ତ୍ୱରେ (ରଜଃ) ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଛୋଟ-ଛୋଟ ଲୋକଗୁଡିକର (ଜାତଃ) ରଚନା କରି (ଅସ୍କଭାୟତ୍) ସ୍ଥିର କଲେ ।

ଭାବାର୍ଥ:- ଉପରେ ଥିବା ଚାରିଲୋକ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ, ଅନାମୀ ଲୋକ ଆଦିକୁ ଅଜର-ଅମର ସ୍ଥାୟୀ ଅର୍ଥାତ୍ ଅବିନାଶୀ ରୂପେ ରଚନା କରିଛନ୍ତି ଏବଂ ତଳେ ଥିବା ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକକୁ ଅସ୍ଥାୟୀ ରୂପେ ରଚନା କରିବା ସହିତ ଅନ୍ୟ ଛୋଟ-ଛୋଟ ଲୋକଗୁଡିକୁ ମଧ୍ୟ ସେହି ପରମେଶ୍ୱର ରଚନା କରି ସ୍ଥିର କରିଛନ୍ତି ।

ଅଥର୍ବବେଦ କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୫

ସଃ ବୁଧ୍ନ୍ୟାଦାଷ୍ଟ୍ର ଜନୁଷୋଽଭ୍ୟଗ୍ରଂ ବୃହସ୍ପତିର୍ଦେବତା ତସ୍ୟ ସମ୍ରାଟ୍ ।
ଅହର୍ଯଚ୍ଛୁକ୍ରଂ ଜ୍ୟୋତିଷୋ ଜନିଷ୍ଟାଥ ଦ୍ୟୁମନ୍ତୋ ବି ବସନ୍ତୁ ବିପ୍ରାଃ ॥୫॥

ସ-ବୁଧ୍ନ୍ୟାତ୍-ଆଷ୍ଟ୍ର-ଜନୁଷେଃ-ଅଭି-ଅଗ୍ରମ୍-ବୃହସ୍ପତିଃ-ଦେବତା-ତସ୍ୟ-ସମ୍ରାଟ-ଅହଃ-
ଯତ୍-ଶୁକ୍ରମ୍-ଜ୍ୟୋତିଷଃ-ଜନିଷ୍ଟ-ଅଥ-ଦ୍ୟୁମନ୍ତଃ-ବି-ବସନ୍ତୁ-ବିପ୍ରାଃ ।

ଅନୁବାଦ:-(ସଃ) ସେହି (ବୁଧ୍ନ୍ୟାତ୍) ମୂଳ ମାଲିକଙ୍କଠାରୁ (ଅଭି-ଅଗ୍ରମ୍) ସର୍ବ ପ୍ରଥମ ସ୍ଥାନରେ (ଆଷ୍ଟ୍ର) ଅଷ୍ଟଙ୍ଗୀ ମାୟା-ଦୁର୍ଗା ଅର୍ଥାତ୍ ପ୍ରକୃତି ଦେବୀ (ଜନୁଷେଃ) ଉତ୍ପନ୍ନ ହେଲେ କାରଣ ତଳେ ଥିବା ପରବ୍ରହ୍ମ ଓ ବ୍ରହ୍ମଙ୍କ ଲୋକର ପ୍ରଥମ ସ୍ଥାନ ସତ୍‌ଲୋକ ଅଟେ ଏହାକୁ ତୃତୀୟ ଧାମ ମଧ୍ୟ କୁହାଯାଏ (ତସ୍ୟ) ଏହି ଦୁର୍ଗାଙ୍କର ମଧ୍ୟ ମାଲିକ ଏହି (ସମ୍ରାଟ) ରାଜାଧିରାଜ (ବୃହସ୍ପତିଃ) ସବୁଠାରୁ ବଡ ପତି ଓ ଜଗତଗୁରୁ (ଦେବତା) ପରମେଶ୍ୱର ଅଟନ୍ତି । (ଯତ୍) ଯାହାଙ୍କଠାରୁ (ଅହଃ) ସମସ୍ତଙ୍କର ବିୟୋଗ ହୋଇଛି (ଅଥ) ଏହାପରେ (ଜ୍ୟୋତିଷଃ) ଜ୍ୟୋତି ରୂପ ନିରଞ୍ଜନ ଅର୍ଥାତ୍ କାଳଙ୍କ (ଶୁକ୍ରମ୍) ବୀର୍ଯ୍ୟ ଅର୍ଥାତ୍ ବୀଜ ଶକ୍ତିରୁ (ଜନିଷ୍ଟ) ଦୁର୍ଗାଙ୍କ ଉଦରରୁ ଉତ୍ପନ୍ନ ହୋଇ (ବିପ୍ରାଃ) ଭକ୍ତ ଆତ୍ମାମାନେ (ବି) ସ୍ୱତନ୍ତ୍ର ଭାବେ (ଦ୍ୟୁମନ୍ତଃ) ମନୁଷ୍ୟ ଲୋକ ତଥା ସ୍ୱର୍ଗ ଲୋକରେ ଜ୍ୟୋତି ନିରଞ୍ଜନର ଆଦେଶ ଅନୁସାର ଦୁର୍ଗା କହିଲେ (ବସନ୍ତୁ) ନିବାସ କର, ଅର୍ଥାତ୍ ସେମାନେ ନିବାସ କରିବାକୁ ଲାଗିଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ଉପରିସ୍ଥ ଚାରିଲୋକ ମଧ୍ୟରୁ ଯାହା ତଳୁ ସର୍ବ ପ୍ରଥମ ଅର୍ଥାତ୍ ସତ୍ୟଲୋକରେ ଆଷ୍ଟ୍ରା ଅର୍ଥାତ୍ ଅଷ୍ଟାଙ୍ଗୀ (ପ୍ରକୃତୀ ଦେବୀ/ଦୁର୍ଗା)ଙ୍କୁ ଉତ୍ପତ୍ତି କଲେ । ଏହି ରାଜାଧିରାଜ, ଜଗତଗୁରୁ, ପୂର୍ଣ୍ଣ ପରମେଶ୍ୱର(ସତ୍ୟପୁରୁଷ) ଅଟନ୍ତି, ଯାହାଙ୍କ ଠାରୁ ସମସ୍ତଙ୍କର ବିୟୋଗ ହୋଇଛି । ପୁଣି ସମସ୍ତ ପ୍ରାଣୀ ଜ୍ୟୋତି ନିରଞ୍ଜନ(କାଳ)ଙ୍କ (ବୀର୍ଯ୍ୟ)ବୀଜ ଦ୍ୱାରା ଦୁର୍ଗା(ଆଷ୍ଟ୍ରା)ଙ୍କ ଗର୍ଭରେ ଉତ୍ପନ୍ନ ହୋଇ ସ୍ୱର୍ଗଲୋକ ଓ ପୃଥିବୀ ଲୋକରେ ନିବାସ କରିବାକୁ ଲାଗିଲେ ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୬

ନୂନଂ ତଦସ୍ୟ କାବ୍ୟୋ ହିନୋତି ମହୋ ଦେବସ୍ୟ ପୂର୍ବସ୍ୟ ଧାମ ।
ଏଷ ଯଜ୍ଞେ ବହୁଭିଃ ସାକମିତ୍ଥା ପୂର୍ବେ ଅର୍ଧେ ବିଷିତେ ସସନ୍ ନୁ ॥୬॥

ନୂନଂ-ତତ୍-ଅସ୍ୟ-କାବ୍ୟଃ-ମହଃ-ଦେବସ୍ୟ-ପୂର୍ବସ୍ୟ-ଧାମ-ହୋନୋତି-ପୂର୍ବେ-

ବିଷିତେ-ଏଷ-ଯଜ୍ଞେ-ବହୁଭିଃ-ସାକମ୍-ଇଥ୍ୟା-ଅର୍ଧେ-ସସନ୍-ନୁ ।

ଅନୁବାଦ -(ନୂନମ୍)ନିଃସନ୍ଦେହ (ତତ୍) ସେହି ପୂର୍ଣ୍ଣ ପରମେଶ୍ୱର ଅର୍ଥାତ୍ ତତ୍‌ବ୍ରହ୍ମ ହିଁ (ଅସ୍ୟ) ଏହି (କାବ୍ୟ) ଭକ୍ତ ଆତ୍ମା ଯିଏ ପୂର୍ଣ୍ଣ ପରମେଶ୍ୱରଙ୍କର ଭକ୍ତି ବିଧିବତ କରିଥାଏ ତାକୁ ପୁନର୍ବାର (ମହଃ) ସର୍ବ ଶକ୍ତିମାନ (ଦେବସ୍ୟ) ପରମେଶ୍ୱରଙ୍କ (ପୂର୍ବସ୍ୟ) ପ୍ରଥମ (ଧାମ) ଲୋକ ଅର୍ଥାତ୍ ସତ୍ୟଲୋକକୁ (ହିନୋତି) ପ୍ରେରଣ କରିଥାନ୍ତି ।

(ପୂର୍ବେ) ପୂର୍ବର (ବିଷିତେ) ବିଶେଷ ପ୍ରେମୀ ଭକ୍ତ (ଏଷ) ଏହି ପରମେଶ୍ୱରଙ୍କୁ ଓ (ଯଜ୍ଞେ) ସୃଷ୍ଟି ଉପତ୍ତିର ଜ୍ଞାନକୁ ଜାଣି (ବହୁଭିଃ) ଅତ୍ୟନ୍ତ ଆନନ୍ଦ(ସାକମ୍)ର ସହିତ (ଅର୍ଧେ) ଅଧା (ସସନ୍) ଶୋଇ (ଇଥ୍ୟା) ବିଧିବତ୍ ଏହି ପ୍ରକାରେ (ନୁ) ଅନ୍ତର ଆତ୍ମାରେ/ହୃଦୟ ସହକାରେ ସ୍ତୁତି କରିଥାଏ ।

ଭାବାର୍ଥ:- ସେହି ପୂର୍ଣ୍ଣ ପରମେଶ୍ୱର ସତ୍ୟ ସାଧନା କରୁଥିବା ସାଧକକୁ ସର୍ବପ୍ରଥମ ସ୍ଥାନ(ସତ୍ୟଲୋକ)କୁ ନେଇଯାନ୍ତି, ଯେଉଁଠାରୁ ସେ ଅଲଗା ହୋଇ ଆସିଥିଲେ । ସେଠାରେ ସେହି ବାସ୍ତବିକ ସୁଖଦାୟୀ ପ୍ରଭୁଙ୍କୁ ପ୍ରାପ୍ତ କରି ଖୁସିରେ ଆତ୍ମବିଭୋର ହୋଇ, ଆନନ୍ଦରେ ସ୍ତୁତି କରି କହିଥାଏ ଯେ ହେ ପରମାତ୍ମା ! ଅସଂଖ୍ୟ ଜନ୍ମର ପଥଭ୍ରଷ୍ଟ ଆତ୍ମାକୁ ବାସ୍ତବିକ ଠିକଣା ମିଳିଗଲା ଏହାର ପ୍ରମାଣ ପବିତ୍ର ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬ ରେ ମଧ୍ୟ ଅଛି ।

ଏହି ପ୍ରକାରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦେବ(କବୀର ପରମେଶ୍ୱର) ଆଦରଣୀୟ ଗରୀବ ଦାସଜୀଙ୍କୁ ସତ୍ୟଭକ୍ତି ପ୍ରଦାନ କରି ସତ୍ୟଲୋକକୁ ନେଇଯାଇଥିଲେ, ଆଦରଣୀୟ ଗରୀବ ଦାସଜୀ ମାହାରାଜ ସ୍ୱଚକ୍ଷୁରେ ଦେଖିଥିବା ଦୃଶ୍ୟ ବିଷୟରେ ଏହା କହୁଛନ୍ତି ଯେ :-

ଗରୀବ, ଅଜବ ନଗର ମେଁ ଲେ ଗୟେ, ହମକୁଁ ସତଗୁରୁ ଆନ ।
ଝିଲକେ ବିମ୍ବ ଅଗାଧ ଗତି, ସୁତେ ଚାଦର ତାନ ॥

ଅଥର୍ବବେଦ କାଣ୍ଡ ନଂ୪ ଅନୁବାକ ନଂ ୧ ମନ୍ତ୍ର ନଂ ୭

ଯୋଽଥର୍ବାଣଂ ପିତ୍ତରଂ ଦେବବନ୍ଧୁଂ ବୃହସ୍ପତିଂ ନମସାବ ଚ ଗଛାତ୍ ।
ତ୍ୱଂ ବିଶ୍ୱେଷାଂ ଜନିତା ଯଥାସଃ କବିର୍ଦେବୋ ନ ଦଭାୟତ୍ ସ୍ୱଧାବାନ୍ ॥୭॥

ଯଃ-ଅଥର୍ବାଣମ୍-ପିତ୍ତରମ୍-ଦେବବନ୍ଧୁମ୍-ବୃହସ୍ପତିମ୍-ନମସା-ଅବ-ଚ-ଗଛାତ୍-ତ୍ୱମ୍-ବିଶ୍ୱେଷାମ୍-ଜନିତା-ଯଥା-ସଃ-କବିର୍ଦେବଃ-ନ-ଦଭାୟତ୍-ସ୍ୱଧାବାନ୍ ।

ଅନୁବାଦ:- (ଯଃ) ଯିଏ (ଅଥର୍ବାଣମ୍) ଅଚଳ ଅର୍ଥାତ୍ ଅବିନାଶୀ (ପିତ୍ତରମ୍) ଜଗତପିତା (ଦେବବନ୍ଧୁମ୍) ଭକ୍ତମାନଙ୍କର ବାସ୍ତବିକ ସାଥି ଅର୍ଥାତ୍ ଆତ୍ମାର ଆଧାର (ବୃହସ୍ପତିମ୍) ଜଗତଗୁରୁ (ଚ) ତଥା (ନମସା) ବିନମ୍ର ପୁଜାରୀ ଅର୍ଥାତ୍ ବିଧିବତ ସାଧକଙ୍କୁ (ଅବ) ସୁରକ୍ଷାର ସହିତ (ଗଛାତ୍) ସତ୍ୟଲୋକକୁ ଯାଇଥିବା ଅର୍ଥାତ୍ ଯାହାର ପୂର୍ଣ୍ଣମୋକ୍ଷ ହୋଇସାରିଛି, ଯେଉଁମାନେ ସତଲୋକକୁ ଯାଇସାରିଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା (ବିଶ୍ୱେଷାମ୍) ସମସ୍ତ ବ୍ରହ୍ମାଣ୍ଡର (ଜନିତା) ରଚନା କରିଥିବା, ଜଗଦମ୍ବା ଅର୍ଥାତ୍ ମାତା ଗୁଣଯୁକ୍ତ (ନ ଦଭାୟତ୍) କାଳ ଭଳି ଧୋକା ଦେଉ ନଥିବା (ସ୍ୱଧାବାନ୍) ସ୍ୱଭାବ ଅର୍ଥାତ୍ ବହୁ ଗୁଣଯୁକ୍ତ (ଯଥା) ଯଥାବତ୍ ଅର୍ଥାତ୍ ସେହିଭଳି (ସଃ) ସେ ହେଉଛନ୍ତି (ତ୍ୱମ୍) ଆପଣ (କବିର୍ଦେବଃ/ କବିର୍‌ଦେବଃ) କବିର୍ଦେବ ଅଟନ୍ତି ଅର୍ଥାତ୍ ଅନ୍ୟ ଭାଷାରେ ତାଙ୍କୁ କବୀର ପରମେଶ୍ୱର ମଧ୍ୟ କୁହାଯାଏ ।

ଭାବାର୍ଥ :- ଏହି ମନ୍ତ୍ରରେ ଏହା ମଧ୍ୟ ସ୍ପଷ୍ଟ ହେଲା ଯେ ସେହି ପରମେଶ୍ୱରଙ୍କର ନାମ କବିର୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଯିଏ ସମସ୍ତ ସୃଷ୍ଟିର ରଚନା କରିଛନ୍ତି ।

ଯେଉଁ ପରମେଶ୍ୱର ଅଚଳ ଅର୍ଥାତ୍ ବାସ୍ତବରେ ଅବିନାଶୀ (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ମଧ୍ୟ ପ୍ରମାଣ ଅଛି) ଜଗତଗୁରୁ, ଆତ୍ମାର ଆଧାର, ଯିଏ ପୂର୍ଣ୍ଣ ମୁକ୍ତ ହୋଇ ସତ୍ୟଲୋକ ଯାଇଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା, ସର୍ବ ବ୍ରହ୍ମାଣ୍ଡର ରଚୟିତା, କାଳ(ବ୍ରହ୍ମ)ଙ୍କ ଭଳି ଧୋକା ଦେଉ ନ ଥିବା, ଯଥାବତ ସେ ହିଁ ସ୍ୱୟଂ କବିର୍ଦେବ ଅର୍ଥାତ୍ କବୀର ପ୍ରଭୂ ଅଟନ୍ତି । ଏହି ପରମେଶ୍ୱର ସର୍ବ ବ୍ରହ୍ମାଣ୍ଡ ଓ ପ୍ରାଣୀମାନଙ୍କୁ ନିଜ ଶବ୍ଦ ଶକ୍ତିରେ ଉତ୍ପନ୍ନ କରିଥିବା କାରଣରୁ (ଜନିତା) ତାଙ୍କୁ ମାତା ବୋଲି ମଧ୍ୟ ସମ୍ବୋଧନ କରାଯାଏ ତଥା (ପିତ୍ତରମ୍) ପିତା ତଥା (ବନ୍ଧୁ) ଭାଇ

ବାସ୍ତବରେ ସେ ହିଁ ଅଟନ୍ତି ତଥା (ଦେବ) ସେ ହିଁ ପରମେଶ୍ୱର ଅଟନ୍ତି । ଏଥିପାଇଁ କବିର୍ଦେବ (କବୀର ପରମେଶ୍ୱର)ଙ୍କର ସ୍ତୁତି ଏହିଭଳି କରାଯାଇଥାଏ "ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁ ଚ ସଖା ତ୍ୱମେବ, ତ୍ୱମେବ ବିଦ୍ୟା ଚ ଦ୍ରବିଣମ୍ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବ ଦେବ" । ଏହି ପରମେଶ୍ୱରଙ୍କ ମହିମାର ବିସ୍ତୃତ ବିବରଣୀ ପବିତ୍ର ଋଗ୍‌ବେଦ ମଣ୍ଡଳ ନଂ ୧ ସୁକ୍ତ ୨୪ ରେ ଅଛି ।

"ପବିତ୍ର ଋଗ୍‌ବେଦରେ ସୃଷ୍ଟି ରଚନାର ପ୍ରମାଣ"

ମଣ୍ଡଳ ନଂ୧୦ ସୁକ୍ତ୯୦ ମନ୍ତ୍ର ୧

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋଂ ବୃତ୍ୱାତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ ॥୧॥

ସହସ୍ରଶିର୍ଷା-ପୁରୁଷଃ-ସହସ୍ରାକ୍ଷଃ-ସହସ୍ରପାତ୍
-ସ-ଭୂମିମ୍-ବିଶ୍ୱତଃ-ବୃତ୍ୱା-ଅତ୍ୟାତିଷ୍ଠତ୍-ଦଶଂଗୁଳମ୍ ।

ଅନୁବାଦ :- (ପୁରୁଷଃ) ବିରାଟ ରୂପ କାଳ ଭଗବାନ ଅର୍ଥାତ୍ କ୍ଷରପୁରୁଷ (ସହସ୍ରଶିର୍ଷା) ଏକ ହଜାର ମସ୍ତକଯୁକ୍ତ (ସହସ୍ରାକ୍ଷଃ) ଏକ ହଜାର ଚକ୍ଷୁଯୁକ୍ତ (ସହସ୍ରାପାତ) ଏକ ହଜାର ଚରଣଯୁକ୍ତ (ସ) ସେହି କାଳ (ଭୂମିମ୍) ପୃଥ୍ୱୀ ଭଳି ଏକୋଇଶଟି ବ୍ରହ୍ମାଣ୍ଡକୁ (ବିଶ୍ୱତଃ) ଚତୁଃପାର୍ଶ୍ୱରୁ (ଦଶଂଗୁଳମ୍) ଦଶ ଆଙ୍ଗୁଠି ସାହାଯ୍ୟରେ ଅର୍ଥାତ୍ ପୂର୍ଣ୍ଣ ରୂପରେ କାବୁ କରି (ବୃତ୍ୱା) ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି (ଅତ୍ୟତିଷ୍ଠତ୍) ଏହାଠାରୁ ଶ୍ରେଷ୍ଠ ଅର୍ଥାତ୍ ନିଜ କାଳ ଲୋକରେ ସବୁଠାରୁ ଭିନ୍ନ ଏକୋଇଶ ବ୍ରହ୍ମାଣ୍ଡରେ ଅବସ୍ଥାନ କଲେ ଅର୍ଥାତ୍ ସେଠାରେ ରହନ୍ତି ।

ଭାବାର୍ଥ:-ଏହି ମନ୍ତ୍ରରେ ବିରାଟ (କାଳ/ବ୍ରହ୍ମ) ବିଷୟରେ ବର୍ଣ୍ଣନା କରାଯାଇଛି । (ଗୀତା ଅଧ୍ୟାୟ ୧୦-୧୧ରେ ମଧ୍ୟ କାଳ ବ୍ରହ୍ମଙ୍କର ଏହିପରି ବର୍ଣ୍ଣନ ଅଛି । ଅଧ୍ୟାୟ ୧୧ ମନ୍ତ୍ର ନଂ ୪୬ରେ ଅର୍ଜୁନ କହିଛନ୍ତି, ହେ ସହସ୍ରବାହୁ ଅର୍ଥାତ୍ ହଜାର ଭୁଜାଧାରୀ ଆପଣ ନିଜର ସେହି ଚତୁର୍ଭୁଜ ରୂପରେ ଦର୍ଶନ ଦିଅନ୍ତୁ ।)

ଯାହାଙ୍କର ଏକହଜାର ହାତ, ଗୋଡ ଓ ଏକହଜାର ଆଖି, କାନ ଆଦି ଅଛି ସେହି ବିରାଟ ରୂପଧାରୀ କାଳପ୍ରଭୁ ନିଜ ଅଧୀନରେ ସମସ୍ତ ପ୍ରାଣୀଙ୍କୁ ପୂର୍ଣ୍ଣ ରୂପେ କାବୁ କରି ଅର୍ଥାତ୍ ୨୦ଟି ବ୍ରହ୍ମାଣ୍ଡକୁ ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସ୍ୱୟଂ ଏ ସମସ୍ତ ଉର୍ଦ୍ଧ୍ୱରେ ଥିବା (ଅଲଗା) ଏକୋଇଶିତମ ବ୍ରହ୍ମାଣ୍ଡରେ ବସିଛନ୍ତି ।

ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୨

ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥୨॥

ପୁରୁଷ-ଏବ-ଇଦମ୍-ସର୍ବମ୍-ଯତ୍-ଭୂତମ୍-ଯତ୍-ଚ-ଭାବ୍ୟମ୍
-ଉତ୍-ଅମୃତତ୍ୱସ୍ୟ-ଇଶାନଃ-ଯତ୍-ଅଗ୍ନେନ-ଅତିରୋହତି ।

ଅନୁବାଦ :- (ଏବ) ଏହିପରି ଆଂଶିକରୂପେ ସତ୍ୟ (ପୁରୁଷ) ଭଗବାନ ହେଉଛନ୍ତି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ (ଚ) ଏବଂ (ଇଦମ୍) ଏହି (ଯତ୍) ଯିଏ (ଭୂତମ୍) ଉତ୍ପନ୍ନ ହୋଇଛନ୍ତି (ଯତ୍) ଯିଏ (ଭାବ୍ୟମ୍) ଭବିଷ୍ୟତରେ ହେବେ (ସର୍ବମ୍) ସମସ୍ତ (ଯତ୍) ପ୍ରୟାସ ଅର୍ଥାତ୍ ପରିଶ୍ରମ ଦ୍ୱାରା (ଅନ୍ନେନ) ଅନ୍ନରୁ (ଅତିରୋହତି) ବିକଶିତ ହୋଇଥାଏ । ଏହି ଅକ୍ଷର ପୁରୁଷ ମଧ୍ୟ (ଉତ) ସନ୍ଦେହଯୁକ୍ତ (ଅମୃତତ୍ୱସ୍ୟ) ମୋକ୍ଷର (ଇଶାନଃ) ସ୍ୱାମୀ ଅଟନ୍ତି ଅର୍ଥାତ୍ ଭଗବାନ ରୂପେ ଅକ୍ଷର ପୁରୁଷ ମଧ୍ୟ ଆଂଶିକ ଯୋଗ୍ୟ ଅଟନ୍ତି, ପରନ୍ତୁ ପୂର୍ଣ୍ଣ ମୋକ୍ଷଦାୟକ ନୁହଁନ୍ତି ।

ଭାବାର୍ଥ :- ଏହି ମନ୍ତ୍ରରେ ପରବ୍ରହ୍ମ (ଅକ୍ଷରପୁରୁଷ)ଙ୍କ ବିବରଣୀ ଦିଆଯାଇଛି ଯିଏ କିଛି ମାତ୍ରାରେ ଭଗବାନଙ୍କ ଭଳି ଲକ୍ଷଣଯୁକ୍ତ ଅଟନ୍ତି, ପରନ୍ତୁ ତାଙ୍କ ଭକ୍ତିରେ ମଧ୍ୟ ପୂର୍ଣ୍ଣମୋକ୍ଷ ହୁଏ ନାହିଁ। ଏଥିପାଇଁ ତାଙ୍କୁ ସନ୍ଦେହଯୁକ୍ତ ମୁକ୍ତିଦାତା ଓ ଆଂଶିକରୂପେ ପ୍ରଭୁ ଗୁଣଯୁକ୍ତ କୁହାଯାଇଛି । କାରଣ କାଳ ଭଗବାନଙ୍କ ଭଳି ପରବ୍ରହ୍ମ ଜୀବମାନଙ୍କୁ ତପ୍ତଶିଳାରେ ଭାଜି ଖାଆନ୍ତି ନାହିଁ । କିନ୍ତୁ ଏହି ପରବ୍ରହ୍ମ ଲୋକର ପ୍ରାଣୀମାନଙ୍କୁ ପରିଶ୍ରମ କରି କର୍ମ ଆଧାରରେ ହିଁ ଫଳ ପ୍ରାପ୍ତି ହୋଇଥାଏ ତଥା ସମସ୍ତ ପ୍ରାଣୀଙ୍କର ଶରୀର

ଅନ୍ନରୁ ହିଁ ବିକଶିତ ହୋଇଥାଏ । ଜନ୍ମ-ମୃତ୍ୟୁର ଅବଧି ଯଦିଓ କାଳ(କ୍ଷରପୁରୁଷ) ଲୋକଠାରୁ ଅଧିକ ପରନ୍ତୁ ଉତ୍ପତ୍ତି, ପ୍ରଳୟ ଓ ଚୌରାଶୀ ଲକ୍ଷ ଯୋନିର କଷ୍ଟଭୋଗ ସେଠାରେ ମଧ୍ୟ ଅଛି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୩

ଏତାବାନସ୍ୟ ମହିମାତୋ ଜ୍ୟାୟାଁଶ୍ଚ ପୁରୁଷଃ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ॥୩॥

ଏତାବାନ୍-ଅସ୍ୟ-ମହିମାଂ-ଅତଃ-ଜ୍ୟାୟାନ୍-ଚ-ପୁରୁଷଃ
-ପାଦଃ-ଅସ୍ୟ-ବିଶ୍ୱା-ଭୂତାନି-ତ୍ରି-ପାଦ୍-ଅସ୍ୟ-ଅମୃତମ୍-ଦିବି ।

ଅନୁବାଦ :- (ଅସ୍ୟ) ଏହି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କର କେବଳ (ଏତାବାନ) ଏତିକି ମାତ୍ର (ମହିମା) ପ୍ରଭୂତା ଅଛି । (ଚ) ଏବଂ (ପୁରୁଷଃ) ସେହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ତ (ଅତଃ) ଏହାଙ୍କଠାରୁ ମଧ୍ୟ (ଜ୍ୟାୟାମ୍) ଶ୍ରେଷ୍ଠ ଅଟନ୍ତି (ବିଶ୍ୱା) ସମସ୍ତ (ଭୂତାନି) କ୍ଷରପୁରୁଷ, ଅକ୍ଷର ପୁରୁଷ ଓ ସତ୍ୟଲୋକ ତଥା ଏହି ଲୋକଗୁଡ଼ିକରେ ଥିବା ସମସ୍ତ ପ୍ରାଣୀ (ଅସ୍ୟ) ଏହି ପୂର୍ଣ୍ଣ ପରମାତ୍ମା ପରମ ଅକ୍ଷରପୁରୁଷଙ୍କ (ପାଦଃ) ଗୋଟିଏ ପାଦ ଅର୍ଥାତ୍ ଏକ ଅଂଶ ମାତ୍ର ଅଟେ । (ଅସ୍ୟ) ଏହି ପରମେଶ୍ୱରଙ୍କ (ତ୍ରି) ତିନି (ଦିବି) ଦିବ୍ୟଲୋକ ଯଥା ସତ୍ୟଲୋକ-ଅଲଖ ଲୋକ-ଅଗମ ଲୋକ (ଅମୃତମ୍) ଅବିନାଶୀ (ପାଦ୍) ଦ୍ୱିତୀୟ ପାଦ ଅଟେ ଅର୍ଥାତ୍ ସର୍ବ ବ୍ରହ୍ମାଣ୍ଡରେ ଯାହା ବି ଉତ୍ପନ୍ନ ହୋଇଛି, ତାହା ସେହି ସତ୍ୟପୁରୁଷ ପୂର୍ଣ୍ଣ ପରମାତ୍ମାଙ୍କର ଅଂଶ ବା ଅଙ୍ଗ ଅଟେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୨ରେ ବର୍ଣ୍ଣିତ ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର କେବଳ ଏତିକି ମାତ୍ର ମହିମା ରହିଛି । କିନ୍ତୁ ସେହି ପୂର୍ଣ୍ଣପୁରୁଷ କବିର୍ଦେବ ତାଙ୍କଠାରୁ ବି ବଡ ଅଟନ୍ତି ଅର୍ଥାତ୍ ସର୍ବଶକ୍ତିମାନ୍ ଅଟନ୍ତି ତଥା ସର୍ବବ୍ରହ୍ମାଣ୍ଡ ତାଙ୍କର କିଞ୍ଚିତ ଅଂଶ ଉପରେ ଅବସ୍ଥିତ । ଏହି ମନ୍ତ୍ରରେ କେବଳ ତିନିଲୋକର ବର୍ଣ୍ଣନା କରାଯାଇଛି କାରଣ ଚତୁର୍ଥ ଅନାମୀ (ଅନାମୟ) ଲୋକର ରଚନା ଅନ୍ୟ ଲୋକଗୁଡ଼ିକ ପୂର୍ବରୁ ହୋଇଛି । ଏହି ତିନିପ୍ରଭୁ (କ୍ଷରପୁରୁଷ-ଅକ୍ଷର ପୁରୁଷ ତଥା ଏହି ଦୁହିଁଙ୍କଠାରୁ ଭିନ୍ନ ପରମ ଅକ୍ଷର ପୁରୁଷ)ଙ୍କ ବିବରଣୀ ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ନଂ ୧୬-୧୭ ରେ ଅଛି ଜ୍ଞଏହାର ପ୍ରମାଣ ଦେବାକୁ ଯାଇ ଆଦରଣୀୟ ଗରୀବ ଦାସ ସାହେବଜୀ କହିଛନ୍ତି ଯେ :-

ଗରୀବ, ଜାକେ ଅର୍ଦ୍ଧ ରୂମ ପର ସକଲ ପସାରା, ଐସା ପୂର୍ଣ୍ଣ ବ୍ରହ୍ମ ହମାରା ।
ଗରୀବ, ଅନନ୍ତ କୋଟି ବ୍ରହ୍ମାଣ୍ଡ କା, ଏକ ରତି ନହୀଁ ଭାର ।
ସତଗୁରୁ ପୁରୁଷ କବୀର ହେଁ, କୁଲକେ ସୃଜନହାର ॥

{ଏହାର ପ୍ରମାଣ ଦେବାକୁ ଯାଇ ଆଦରଣୀୟ ଦାଦୁ ସାହେବଜୀ କହିଛନ୍ତି ଯେ :-
ଜିନ ମୋକୁଁ ନିଜ ନାମ ଦିୟା, ସୋଇ ସତଗୁରୁ ହମାର ।
ଦାଦୁ ଦୁସରା କୋଏ ନହୀଁ, କବୀର ସୃଜନହାର ॥

ଏହାର ପ୍ରମାଣ ଆଦରଣୀୟ ନାନକ ସାହେବଜୀ ଦେଇଛନ୍ତି ଯେ :-
ୟକ ଅର୍ଜ ଗୁଫତମ ପେଶ ତୋ ଦର କୁନ କରତାର । ହକକା କବୀର କରୀମ ତୁ, ବେଏବ ପରବରଦିଗାର ॥
(ଶ୍ରୀ ଗୁରୁଗ୍ରନ୍ଥ ସାହେବ, ପୃଷ୍ଠା ନଂ ୭୨୧, ମହଲା ୧, ରାଗ ତିଲଙ୍ଗ)

କୁନ କରତାରର ଅର୍ଥ ହେଲା ସମସ୍ତଙ୍କର ରଚୟିତା, ଅର୍ଥାତ୍ ଶବ୍ଦଶକ୍ତିରେ ରଚନା କରିଥିବା ଶବ୍ଦସ୍ୱରୂପୀ ପ୍ରଭୁ, ହକ୍କା କବୀରର ଅର୍ଥ ସତ କବୀର, କରୀମ୍‌ର ଅର୍ଥ ଦୟାଳୁ, ପରବରଦିଗାରର ଅର୍ଥ ହେଲା ପରମାତ୍ମା ଅଟେ ।}

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୪

ତ୍ରିପାଦୂର୍ଦ୍ଧ୍ୱ ଉଦୈତ୍ପୁରୂଷଃ ପାଦୋଽସ୍ୟେହାଭବତ୍ପୁନଃ ।
ତତୋ ବିଷ୍ୱ ଙ୍ଵ୍ୟକ୍ରାମତ୍ସାଶନାନଶନେ ଅଭି ॥୪॥

ତ୍ରି-ପାଦ-ଉର୍ଦ୍ଧ୍ୱଃ-ଉଦୈତ୍-ପୁରୁଷଃ-ପାଦଃ-ଅସ୍ୟ-ଇହ-ଅଭବତ୍-ପୂନଃ
-ତତଃ-ବିଶ୍ୱଙ୍ -ବ୍ୟକ୍ରାମତ୍-ସଃ-ଅଶନାନଶନେ-ଅଭି ।

ଅନୁବାଦ :- (ପୁରୁଷଃ) ଏହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ଅବିନାଶୀ ପରମାତ୍ମା (ଉର୍ଦ୍ଧ୍ୱଃ) ଉପରେ

ଥିବା (ତ୍ରି) ତିନିଲୋକ ଯେପରି ସତ୍ୟଲୋକ-ଅଲଖଲୋକ-ଅଗମଲୋକ ରୂପୀ (ପାଦ) ଗୋଡ ଅର୍ଥାତ୍ ଉପର ଅଂଶରେ (ଉଦୈତ୍) ପ୍ରକଟ ହୁଅନ୍ତି ଅର୍ଥାତ୍ ବିରାଜମାନ ଅଟନ୍ତି (ଅସ୍ୟ) ଏହି ପରମେଶ୍ୱର ପୂର୍ଣ୍ଣବ୍ରହ୍ମଙ୍କର (ପାଦଃ) ଗୋଟିଏ ଗୋଡ ଅର୍ଥାତ୍ ଏକ ଅଂଶ ଜଗତ ରୂପ (ପୁନର୍) ପୁଣି (ଇହ) ଏଠାରେ (ଅଭବତ୍) ପ୍ରକଟ ହୋଇଥାନ୍ତି (ତତଃ) ଏଥିପାଇଁ (ସଃ) ସେହି ଅବିନାଶୀ ପୂର୍ଣ୍ଣ ପରମାତ୍ମା (ଅଶନାନଶନେ) ଖାଉଥିବା କାଳ ଅର୍ଥାତ୍ କ୍ଷରପୁରୁଷ ଓ ନ ଖାଉଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ ମଧ୍ୟ (ଅଭି) ଉପରେ (ବିଶ୍ୱଙ୍) ସର୍ବତ୍ର (ବ୍ୟକ୍ରାମତ୍) ବ୍ୟାପ୍ତ ଅର୍ଥାତ୍ ତାଙ୍କ ପ୍ରଭୁତା ସର୍ବ ବ୍ରହ୍ମାଣ୍ଡ ଓ ସର୍ବ ପ୍ରଭୁମାନଙ୍କ ଉପରେ ଅଛି ଏବଂ ସେ ସମସ୍ତଙ୍କର ମାଲିକ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରିଛନ୍ତି ।

ଭାବାର୍ଥ:- ଏହି ସର୍ବ ସୃଷ୍ଟିର ରଚୟିତା ପ୍ରଭୁ ନିଜ ରଚନାର ଉପର ଅଂଶରେ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ ଆଦି ତିନି ସ୍ଥାନରେ ତିନୋଟି ରୂପରେ ସ୍ୱୟଂ ପ୍ରକଟ ହୁଅନ୍ତି ଅର୍ଥାତ୍ ସ୍ୱୟଂ ବିରାଜମାନ ଅଟନ୍ତି । ଏଠାରେ ଅନାମୀ ଲୋକର ବର୍ଣ୍ଣନା କରା ନ ଯିବାର କାରଣ ଅନାମୀ ଲୋକରେ କୌଣସି ରଚନା କରାଯାଇ ନାହିଁ ଏବଂ ଅକହ (ଅନାମୟ) ଲୋକ ଶେଷ ରଚନାର ପୂର୍ବର ଅଟେ । ପୁଣି କୁହାଯାଇଛି ଯେ ସେହି ପରମାତ୍ମାଙ୍କ ସତଲୋକରୁ ବିଛିନ୍ନ ହୋଇ ତଳର ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକର ଉତ୍ପନ୍ନ ହୋଇଛି ଏବଂ ସେହି ପୂର୍ଣ୍ଣ ପରମାତ୍ମା, ଖାଉଥିବା ବ୍ରହ୍ମ ଅର୍ଥାତ୍ କାଳ (ବ୍ରହ୍ମ/କାଳ ବହୁତ ବଡ ଅଭିଶାପ ପାଇଥିବା କାରଣରୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଖାଇଥାନ୍ତି) ତଥା ଖାଉନଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ (ପରବ୍ରହ୍ମ, ପ୍ରାଣୀମାନଙ୍କୁ ଖାଆନ୍ତି ନାହିଁ, ପରନ୍ତୁ ଜନ୍ମ-ମୃତ୍ୟୁ ଓ କର୍ମଦଣ୍ଡ ଆଦିରେ ବାନ୍ଧି ରଖିଥାନ୍ତି) ଉର୍ଦ୍ଧରେ ସର୍ବବ୍ୟାପକ ଅଟନ୍ତି । ଅର୍ଥାତ୍ ଏହି ପୂର୍ଣ୍ଣ ପରମାତ୍ମାଙ୍କ ପ୍ରଭୂତା ସମସ୍ତଙ୍କ ଉପରେ ଅଛି ଅର୍ଥାତ୍ କବୀର ପରମେଶ୍ୱର ହିଁ ସମସ୍ତଙ୍କର ପ୍ରଭୁ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରି ରଖିଛନ୍ତି । ଯେପରି ସୂର୍ଯ୍ୟ ନିଜ ପ୍ରକାଶକୁ ସମସ୍ତଙ୍କ ଉପରେ ବିକିରିତ କରି ପ୍ରଭାବିତ କରିଥାନ୍ତି । ଏହିପରି ପୂର୍ଣ୍ଣ ପରମାତ୍ମା ସମସ୍ତ ବ୍ରହ୍ମାଣ୍ଡର ନିୟନ୍ତ୍ରଣ ପାଇଁ ନିଜ ଶକ୍ତିରୂପୀ ରେଂଜ୍ (କ୍ଷମତା)କୁ ବିସ୍ତାରିତ କରିଛନ୍ତି ଯେପରି ମୋବାଇଲ ଫୋନ୍‌ର ଟାୱାର ଏକଦେଶୀୟ ହୋଇ ମଧ୍ୟ ସର୍ବଦା ନିଜ ଶକ୍ତି ଅର୍ଥାତ୍ ମୋବାଇଲ୍ ଫୋନର ରେଂଜ୍ (କ୍ଷମତା)କୁ ସର୍ବତ୍ର ବିସ୍ତାରିତ କରିଥାଏ । ଏହି ପ୍ରକାରେ ପୂର୍ଣ୍ଣ ପ୍ରଭୁ ନିଜର ନିରାକାର ଶକ୍ତିକୁ ସର୍ବବ୍ୟାପକ କରିଛନ୍ତି, ଯଦ୍ୱାରା ପୂର୍ଣ୍ଣ ପରମାତ୍ମା ସର୍ବ ବ୍ରହ୍ମାଣ୍ଡକୁ ଗୋଟିଏ ସ୍ଥାନରେ ବସି ନିୟନ୍ତ୍ରଣ କରିଥାନ୍ତି ।

ଆଦରଣୀୟ ଗରୀବ ଦାସଜୀ ମହାରାଜ ଏହାର ପ୍ରମାଣ ଦେଇ କହୁଛନ୍ତି ଯେ (ଅମୃତବାଣୀ ରାଗ କଲ୍ୟାଣ) ।

ତୀନ ଚରଣ ଚିନ୍ତାମଣୀ ସାହେବ, ଶେଷ ବଦନ ପର ଛାଏ ।
ମାତା, ପିତା, କୁଲ ନ ବନ୍ଧୁ, ନା କିହ୍ନେ ଜନନୀ ଜାଏ ॥

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୫

ତସ୍ମାଦ୍ୱିରାଳଜାୟତ ବିରାଜୋ ଅଧି ପୂରୂଷଃ । ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍‌ଭୂମିମଥୋ ପୁରଃ ॥ ୫ ॥

ତସ୍ମାତ୍-ବିରାଟ୍-ଅଜାୟତ-ବିରାଜଃ-ଅଧି-ପୁରୁଷଃ-ସ-ଜାତଃ-ଅତ୍ୟରିଚ୍ୟତ-ପଶ୍ଚାତ୍-ଭୂମିମ୍-ଥଃ-ପୁରଃ ।

ଅନୁବାଦ :- (ତସ୍ମାତ୍) ତତ୍‌ପଶ୍ଚାତ ସେହି ପରମେଶ୍ୱର ସତ୍ୟ ପୁରୁଷଙ୍କ ଶବ୍ଦଶକ୍ତିରୁ (ବିରାଟ୍) ବିରାଟ ଅର୍ଥାତ୍ ବ୍ରହ୍ମ, ଯାହାଙ୍କୁ କ୍ଷରପୁରୁଷ ବା କାଳ ମଧ୍ୟ କୁହାଯାଏ (ଅଜାୟତ) ଉତ୍ପନ୍ନ ହୋଇଛନ୍ତି (ପଶ୍ଚାତ୍) ଏହାପରେ (ବିରାଜଃ) ବିରାଟ ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କଠାରୁ (ଅଧି) ବଡ଼ (ପୁରୁଷଃ) ପରମେଶ୍ୱର (ଭୂମିମ୍) ପୃଥିବୀ ଲୋକ, କାଳ ବ୍ରହ୍ମ ତଥା ପରବ୍ରହ୍ମଙ୍କ ଲୋକକୁ (ଅତ୍ୟରିଚ୍ୟତ) ଭଲ ଭାବରେ ରଚନା କଲେ (ଅଥଃ) ପୁଣି (ପୁରଃ) ଅନ୍ୟ ଛୋଟ ଛୋଟ ଲୋକ(ସ) ସେହି ପୂର୍ଣ୍ଣ ପରମେଶ୍ୱର ହିଁ (ଜାତଃ) ଉତ୍ପନ୍ନ କଲେ ଅର୍ଥାତ୍ ସ୍ଥାପିତ କଲେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୪ରେ ବର୍ଣ୍ଣିତ ତିନିଲୋକ(ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ)ର ରଚନା କରିବା ପରେ ପୂର୍ଣ୍ଣ ପରମାତ୍ମା, ବ୍ରହ୍ମ (ଜ୍ୟୋତି ନିରଞ୍ଜନ)ଙ୍କୁ ଉତ୍ପତ୍ତି କଲେ ଅର୍ଥାତ୍ ସେହି ସର୍ବ ଶକ୍ତିମାନ ପରମାତ୍ମା ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ପ୍ରଭୁ)ଙ୍କଠାରୁ ବିରାଟ ଅର୍ଥାତ୍

ବ୍ରହ୍ମ (କାଳ)ଙ୍କର ଉତ୍ପତ୍ତି ହେଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୩ ମନ୍ତ୍ର ୧୫ରେ ଅଛି ଯେ ଅକ୍ଷର ପୁରୁଷ ଅର୍ଥାତ୍ ଅବିନାଶୀ ପ୍ରଭୁଙ୍କ ନିକଟରୁ ବ୍ରହ୍ମ ଉତ୍ପନ୍ନ ହେଲେ, ଏହି ପ୍ରମାଣ ଅଥର୍ବ ବେଦ କାଣ୍ଡ ୪ ଅନୁବାକ ୧ ସୁକ୍ତ ୩ ରେ ଅଛି ଯେ ପୂର୍ଣ୍ଣବ୍ରହ୍ମଙ୍କ ନିକଟରୁ ବ୍ରହ୍ମଙ୍କ ଉତ୍ପତ୍ତି ହେଲା । ସେହି ପୂର୍ଣ୍ଣବ୍ରହ୍ମ (ଭୂମିମ୍) ଭୂମି ଆଦି ଛୋଟ ବଡ ସମସ୍ତ ଲୋକର ରଚନା କଲେ । ସେହି ପୂର୍ଣ୍ଣବ୍ରହ୍ମ ଏହି ବିରାଟ ଭଗବାନ ବ୍ରହ୍ମଙ୍କଠାରୁ ମଧ୍ୟ ବଡ ଅଟନ୍ତି ଅର୍ଥାତ ସେ ବ୍ରହ୍ମଙ୍କର ମଧ୍ୟ ପ୍ରଭୁ ଅଟନ୍ତି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୫

ସପ୍ତାସ୍ୟାସନ୍ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ୟଜ୍ଞଂ ତନ୍ୱାନା ଅବଧ୍ନନ୍ପୁରୁଷଂ ପଶୁମ୍ ॥୧୫ ॥

ସପ୍ତ - ଅସ୍ୟ-ଆସନ୍-ପରିଧୟଃ-ତ୍ରିସପ୍ତ-ସମିଧଃ-କୃତାଃ
-ଦେବା-ଯତ୍-ଯଜ୍ଞମ୍-ତନ୍ୱାନାଃ-ଅବଧନ୍-ପୁରୁଷମ୍-ପଶୁମ୍ ।

ଅନୁବାଦ:- (ସପ୍ତ)ସାତଶଙ୍ଖ ବ୍ରହ୍ମାଣ୍ଡ ପରବ୍ରହ୍ମଙ୍କର ଏବଂ (ତ୍ରିସପ୍ତ) ଏକୋଇଶି ବ୍ରହ୍ମାଣ୍ଡ କାଳ ବ୍ରହ୍ମଙ୍କର (ଶମିଧଃ) କର୍ମଦଣ୍ଡ ଦୁଃଖ ରୂପୀ ଅଗ୍ନିରେ ଦୁଃଖି (କୃତାଃ) କରୁଥିବା (ପରିଧୟଃ) ଗୋଲାକାର ପରିଧି ରୂପୀ ସୀମାରେ (ଆସନ୍) ବିଦ୍ୟମାନ ଅଟେ (ଯତ୍) ଯିଏ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଯଜ୍ଞମ୍) ବିଧିବତ ଧାର୍ମିକ କର୍ମ ଅର୍ଥାତ୍ ପୂଜା କରନ୍ତି (ପଶୁମ୍) ବଳି ପାଇଁ ଉଦ୍ଧିଷ୍ଟ ପଶୁ ଭଳି କାଳ ଜାଲରେ କର୍ମ ବନ୍ଧନରେ ବାନ୍ଧି ହୋଇଥିବା (ଦେବା) ଭକ୍ତ ଆତ୍ମାମାନଙ୍କୁ (ତନ୍ୱାନାଃ) କାଳ ଦ୍ୱାରା ରଚିତ ଅର୍ଥାତ୍ ବିଛାଯାଇଥିବା ପାପ କର୍ମବନ୍ଧନ ରୂପୀ ଜାଲରୁ (ଅବଧ୍ନନ୍) ବନ୍ଧନ ରହିତ କରନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତିଦାତା 'ବନ୍ଦୀଛୋଡ଼' ଅଟନ୍ତି ।

ଭାବାର୍ଥ:- ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶି ବ୍ରହ୍ମାଣ୍ଡରେ ଗୋଲାକାର ପରିଧି ମଧ୍ୟରେ ବନ୍ଦୀ ହୋଇ ପାପକର୍ମର ଅଗ୍ନୀରେ ଜଳୁଥିବା ପ୍ରାଣୀମାନଙ୍କୁ ବାସ୍ତବିକ ପୂଜାବିଧି ବତାଇ ସଠିକ୍ ଉପାସନା କରାଇଥାନ୍ତି ଯେଉଁ କାରଣରୁ ବଳି ଦେବା ପାଇଁ ଉଦ୍ଧିଷ୍ଟ ପଶୁମାନଙ୍କ ଭଳି ଜନ୍ମ-ମୃତ୍ୟୁ ଚକ୍ରରେ କାଳ (ବ୍ରହ୍ମ) ଭଗବାନଙ୍କ ଭୋଜନ ପାଇଁ ତପ୍ତଶୀଳା କଷ୍ଟରେ ପୀଡିତ ଭକ୍ତାତ୍ମାମାନଙ୍କୁ କାଳ ଦ୍ୱାରା ବିଛାଯାଇଥିବା କର୍ମ ବନ୍ଧନ ରୂପୀ ଜାଲକୁ ନଷ୍ଟକରି ବନ୍ଧନ ରହିତ କରାଇଥାନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତିଦାତା ବନ୍ଦୀଛୋଡ଼ ଅଟନ୍ତି । ଏହାର ପ୍ରମାଣ ପବିତ୍ର ଯଜୁର୍ବେଦ୍ ଅଧ୍ୟାୟ ୫ ର ମନ୍ତ୍ର ୩୨ ରେ ଅଛି ଯେ କବୀରଂଘାରିସି (କବୀର) କବୀର ପରମେଶ୍ୱର (ଅଂଘ) ପାପର (ଅରି) ଶତ୍ରୁ (ଅସି) ଅଟନ୍ତି ଅର୍ଥାତ୍ କବୀର ପାପ ବିନାଶକ ଅଟନ୍ତି । ବମ୍ଭାରିସି (ବମ୍ଭାରି) ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ଼ କବୀର ପରମେଶ୍ୱର (ଅସି) ଅଟନ୍ତି ।

ଋଗବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬

ଯଜ୍ଞେନ ଯଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।
ତେ ହ ନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ॥୧୬॥

ଯଜ୍ଞେନ-ଯଜ୍ଞମ୍-ଅ-ଯଜନ୍ତ-ଦେବାଃ-ତାନି-ଧର୍ମାଣି-ପ୍ରଥମାନି-ଆସନ୍-ତେ-
ହ-ନାକମ୍-ମହିମାନଃ-ସଚନ୍ତ -ଯତ୍ର-ପୂର୍ବେ-ସାଧ୍ୟାଃ-ସନ୍ତିଦେବାଃ ।

ଅନୁବାଦ :- ଯେଉଁ (ଦେବା) ନିର୍ବିକାର ଦେବ ସ୍ୱରୂପ ଭକ୍ତାତ୍ମାଗଣ (ଅଯଜ୍ଞମ୍) ଅସମ୍ପୂର୍ଣ୍ଣ ଭୁଲ ଧାର୍ମିକ ପୂଜା ସ୍ଥାନରେ (ଯଜ୍ଞେନ) ଧାର୍ମିକ କର୍ମ ଆଧାରରେ ସତ୍ୟଭକ୍ତି (ଅଯଜନ୍ତ) ପୂଜା କରିଥାନ୍ତି (ତାନି) ସେମାନେ (ଧର୍ମାଣି) ଧାର୍ମିକ ଶକ୍ତି ସମ୍ପନ୍ନ (ପ୍ରଥମାନି) ମୁଖ୍ୟ ଅର୍ଥାତ୍ ଉତ୍ତମ (ଆସନ୍) ଅଟନ୍ତି (ତେ ହ) ସେହିମାନେ ହିଁ ବାସ୍ତବରେ (ମହିମାନଃ) ମହାନ୍ ଭକ୍ତି ଶକ୍ତିଯୁକ୍ତ ହୋଇ (ସାଧ୍ୟାଃ) ସଫଳ ଭକ୍ତଜନ (ନାକମ୍) ପୂର୍ଣ୍ଣ ସୁଖଦାୟକ ପରମେଶ୍ୱରଙ୍କୁ (ସଚନ୍ତ) ଭକ୍ତି ନିମିତ୍ତ କାରଣ ଅର୍ଥାତ୍ ସତ୍ୟଭକ୍ତିର ଉପାର୍ଜନ ଦ୍ୱାରା ପ୍ରାପ୍ତ ହୋଇଥାନ୍ତି, ସେମାନେ ସେହି ସ୍ଥାନକୁ ଚାଲିଯାନ୍ତି । (ଯତ୍ର) ଯେଉଁଠାରେ (ପୂର୍ବେ) ପ୍ରଥମେ ହୋଇଥିବା ସୃଷ୍ଟିର (ଦେବାଃ) ପାପ ରହିତ ଦେବ ସ୍ୱରୂପ ଭକ୍ତାତ୍ମାମାନେ (ସନ୍ତି) ରହନ୍ତି ।

ଭାବାର୍ଥ:- ଯିଏ ନିର୍ବିକାର(ଯେଉଁମାନେ ମାଂସ, ମଦ୍ୟ, ତମ୍ବାଖୁ ସେବନ ତ୍ୟାଗ କରିବା ସହିତ ଅନ୍ୟ କୁକର୍ମରୁ ନିଜକୁ ଦୁରେଇ ରଖିଛନ୍ତି) ସେହି ଦେବ ସ୍ୱରୂପ ଭକ୍ତାତ୍ମାଗଣ ଶାସ୍ତ୍ରବିଧି ରହିତ ପୂଜାକୁ

ତ୍ୟାଗ କରି ଶାସ୍ତ୍ରାନୁକୂଳ ସାଧନା କରିଥାନ୍ତି । ସେମାନେ ଭକ୍ତି ପୁଞ୍ଜି ବଳରେ ଧନୀ ହୋଇ କାଳର ଋଣରୁ ମୁକ୍ତ ହୋଇ ନିଜ ସତ୍ୟଭକ୍ତିର ଉପାର୍ଜନ ସାହାଯ୍ୟରେ ସେହି ସର୍ବ ସୁଖଦାୟୀ ପରମାତ୍ମାଙ୍କୁ ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ସତ୍ୟଲୋକକୁ ଚାଲି ଯାଇଥାନ୍ତି, ଯେଉଁଠାରେ ସର୍ବ ପ୍ରଥମେ ରଚିତ ସୃଷ୍ଟିର ଦେବ ସ୍ୱରୂପ ଅର୍ଥାତ୍ ପାପରହିତ ହଂସ ଆତ୍ମାମାନେ ରହୁଛନ୍ତି ।

ଯେପରି କିଛି ଆତ୍ମା କାଳ(ବ୍ରହ୍ମ) ଜାଲରେ ଫସି ଏହି ବ୍ରହ୍ମାଣ୍ଡକୁ ଆସିଗଲେ, କିଛି ଆତ୍ମା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡକୁ ଆସିଗଲେ, ତଥାପି ଅନେକ ଆତ୍ମା ଯେଉଁମାନଙ୍କର ପୂର୍ଣ୍ଣ ପରମାତ୍ମାଙ୍କ ଉପରେ ଅଟଳ ବିଶ୍ୱାସ ଥିଲା, ଯେଉଁମାନେ ପତିବ୍ରତା ପଦରୁ ଓହରି ନଥିଲେ, ସେମାନେ ସେଠାରେ ରହିଗଲେ । ଏହାର ସତ୍ୟାସତ୍ୟ ପ୍ରକାଶ କରୁଥିବା ପବିତ୍ର ବେଦର ସେହି ବିବରଣୀ ଏଠାରେ ପ୍ରଦାନ କରାଗଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୮ ର ଶ୍ଳୋକ ନଂ ୮-୧୦ ରେ ଅଛି ଯେ ଯେଉଁ ସାଧକ ଶାସ୍ତ୍ରବିଧି ଅନୁସାରେ ପୂର୍ଣ୍ଣ ପରମାତ୍ମାଙ୍କର ସତ୍ୟ ସାଧନା କରନ୍ତି ସେହି ଭକ୍ତ ନିଜ ଭକ୍ତିର ପୁଞ୍ଜି ବଳରେ ସେହି ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ତାଙ୍କ ନିକଟକୁ ଚାଲିଯାଆନ୍ତି । ଏଥିରୁ ପ୍ରମାଣିତ ହେଲା ଯେ ତିନି ପ୍ରଭୁ ଅଛନ୍ତି, ବ୍ରହ୍ମ-ପରବ୍ରହ୍ମ-ପୂର୍ଣ୍ଣବ୍ରହ୍ମ । ଏମାନଙ୍କୁ ୧. ବ୍ରହ୍ମ-ଇଶ୍-କ୍ଷରପୁରୁଷ, ୨. ପରବ୍ରହ୍ମ-ଅକ୍ଷର ପୁରୁଷ/ଅକ୍ଷର ବ୍ରହ୍ମ-ଇଶ୍ୱର ୩. ପୂର୍ଣ୍ଣବ୍ରହ୍ମ-ପରମ ଅକ୍ଷର ବ୍ରହ୍ମ-ପରମେଶ୍ୱର-ସତ୍ୟପୁରୁଷ ଆଦି ପର୍ଯ୍ୟାୟବାଚୀ ଶବ୍ଦ ଦ୍ୱାରା ସମ୍ବୋଧନ କରାଯାଏ ।

ଏହି ପ୍ରମାଣ ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭-୨୦ରେ ସ୍ପଷ୍ଟ ବର୍ଣ୍ଣିତ ଅଛି ଯେ ପୂର୍ଣ୍ଣ ପରମାତ୍ମା କବିର୍ଦେବ(କବୀର ପରମେଶ୍ୱର) ଶିଶୁରୂପ ଧାରଣ କରି ପ୍ରକଟ ହୁଅନ୍ତି ଏବଂ ନିଜ ନିର୍ମଳ ଅମୂଲ୍ୟ ଜ୍ଞାନ ଅର୍ଥାତ୍ ତତ୍ତ୍ୱଜ୍ଞାନ (କବିର୍ଗୀର୍ଭିଃ) କବୀର ବାଣୀ ଦ୍ୱାରା ନିଜ ଅନୁଯାୟୀମାନଙ୍କୁ କବିତା ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି । ସେହି କବିର୍ଦେବ(କବୀର ପରମେଶ୍ୱର)ଙ୍କର ଧାମ, ବ୍ରହ୍ମ(କ୍ଷରପୁରୁଷ)ଙ୍କ ଧାମ ଓ ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କ ଧାମଠାରୁ ଭିନ୍ନ ଅଟେ ଯାହା ପୂର୍ଣ୍ଣ ବ୍ରହ୍ମ (ପରମ ଅକ୍ଷର ପୁରୁଷ)ଙ୍କ ତୃତୀୟ ଋତଧାମ (ସତ୍ୟଲୋକ) ଅଟେ । ସେଠାରେ ସେ ସାକାର ରୂପରେ ବିରାଜମାନ ତଥା ସତ୍ୟଲୋକଠାରୁ ଚତୁର୍ଥରେ ଅନାମୀ ଲୋକ ଅଛି ଯେଉଁଠାରେ ଏହି କବିର୍ଦେବ(କବୀର ପରମେଶ୍ୱର) ଅନାମୀ ପୁରୁଷ ରୂପରେ ମନୁଷ୍ୟ ସଦୃଶ୍ୟ ଆକାରରେ ବିରାଜମାନ ଅଟନ୍ତି ।

## "ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

### "ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମାତା-ପିତା"

### (ଦୁର୍ଗା ଓ ବ୍ରହ୍ମଙ୍କ ସଂଯୋଗରୁ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଜନ୍ମ)

ପବିତ୍ର ଶ୍ରୀମଦ୍‌ଦେବୀ ମହାପୁରାଣ ତୃତୀୟ ସ୍କନ୍ଦ, ଅଧ୍ୟାୟ ୧-୩(ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ତଥା ଚିମନ୍‌ଲାଲ ଗୋସ୍ୱାମୀଜୀ, ପୃଷ୍ଠା ନଂ ୧୧୪ରୁ) ।

ପୃଷ୍ଠା ନଂ ୧୧୪ ରୁ ୧୧୮ ରେ ଏହି ବର୍ଣ୍ଣନ ଅଛି ଯେ କେତେକ ଆଚାର୍ଯ୍ୟ ଭବାନୀଙ୍କୁ ସମ୍ପୂର୍ଣ୍ଣ ମନୋସ୍କାମନା ପୂର୍ଣ୍ଣକାରୀ ବୋଲି କହିଥାନ୍ତି । ତାଙ୍କୁ ପ୍ରକୃତି କୁହାଯାଏ ଏବଂ ବ୍ରହ୍ମଙ୍କ ସହିତ ତାଙ୍କର ଅବୈଧ ସମ୍ବନ୍ଧ ଅଛି ।୍ଜଯେପରି ପତ୍ନୀକୁ ଅର୍ଦ୍ଧାଙ୍ଗିନୀ ମଧ୍ୟ କୁହାଯାଏ ଅର୍ଥାତ୍ ଦୁର୍ଗା, ବ୍ରହ୍ମ(କାଳ)ଙ୍କର ପତ୍ନୀ ଅଟନ୍ତି ।କ୍ର ଏକ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ବିଷୟରେ ରାଜା ଶ୍ରୀ ପରିକ୍ଷିତଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବ୍ୟାସଜୀ କହିଲେ, ମୁଁ ଏହାର ଉତ୍ତର ଶ୍ରୀ ନାରଦଜୀଙ୍କୁ ପଚାରିଥିଲି ଯେ ହେ ଦେବର୍ଷି ! ଏହି ବ୍ରହ୍ମାଣ୍ଡର ରଚନା କିପରି ହେଲା ? ମୋର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀ ନାରଦଜୀ କହିଲେ, ମୁଁ ନିଜ ପିତା ଶ୍ରୀ ବ୍ରହ୍ମାଙ୍କୁ ଏହା ପଚାରିଥିଲି ଯେ ହେ ପିତାଶ୍ରୀ ! ଏହି ବ୍ରହ୍ମାଣ୍ଡର ରଚନା ଆପଣ କରିଛନ୍ତି ନା ଶ୍ରୀ ବିଷ୍ଣୁଜୀ ଏହାର ରଚୟିତା ଅଟନ୍ତି ନା ଶିବଜୀ ଏହାକୁ ରଚନା କରିଛନ୍ତି ? କୃପାକରି ସତ୍ୟ କୁହନ୍ତୁ । ସେତେବେଳେ ପୂଜ୍ୟ ପିତା ଶ୍ରୀ ବ୍ରହ୍ମାଜୀ କହିଲେ, ପୁତ୍ର ନାରଦ ! ମୁଁ ପ୍ରଥମେ ନିଜକୁ ପଦ୍ମଫୁଲ ଉପରେ ବସିଥିବାର ଦେଖିବାକୁ ପାଇଲି । ଏହି ଅଗାଧ ଜଳ ଉପରେ ମୁଁ କେମିତି ଉତ୍ପନ୍ନ ହେଲି ମୋତେ ଜଣା ନାହିଁ । ହଜାରେ ବର୍ଷ ପର୍ଯ୍ୟନ୍ତ ପୃଥିବୀକୁ ଅନ୍ୱେଷଣ କରିବାକୁ ଲାଗିଲି କିନ୍ତୁ ଏହାର ଆଦି ଓ ଅନ୍ତ କିଛି ଜାଣି ପାଇଲି ନାହିଁ । ପୁଣି ଶୂନ୍ୟବାଣୀ ହେଲା ଯେ ତପସ୍ୟା କର । ଏକ ହଜାର ବର୍ଷ ତପସ୍ୟା କଲି । ତା'ପରେ ସୃଷ୍ଟି କରିବା ପାଇଁ ଶୂନ୍ୟବାଣୀ ହେଲା । ଏହି ସମୟରେ ମଧୁ ଏବଂ କୈଟଭ ନାମକ ଦୁଇ ରାକ୍ଷସ ଆସିଲେ,

ସେମାନଙ୍କ ଭୟରେ ମୁଁ ପଦ୍ମନାଭକୁ ଧରି ତଳକୁ ଓହ୍ଲାଇଲି । ସେଠାରେ ଭଗବାନ ବିଷ୍ଣୁ ଶେଷନାଗ ଶଯ୍ୟା ଉପରେ ଅଚେତ ଅବସ୍ଥାରେ ପଡିଥିଲେ । ତାଙ୍କ ଭିତରୁ ଜଣେ ସ୍ତ୍ରୀ (ପ୍ରେତରୂପରେ ପ୍ରବିଷ୍ଟ ଦୁର୍ଗା) ବାହାରିଲେ । ସେ ଆଭୂଷଣରେ ସୁସଜ୍ଜିତ ହୋଇ ଆକାଶରେ ଦୃଶ୍ୟମାନ ହେବାକୁ ଲାଗିଲେ। ସେହି ସମୟରେ ଭଗବାନ ବିଷ୍ଣୁଙ୍କ ଚେତା ଫେରିଲା । ସେତେବେଳେ ମୁଁ ଓ ବିଷ୍ଣୁ ଥିଲୁ। ଏହି ସମୟରେ ଭଗବାନ ଶଙ୍କର ମଧ୍ୟ ଆସିଲେ । ଦେବୀ ଆମ୍ଭମାନଙ୍କୁ ବିମାନରେ ବସାଇ ବ୍ରହ୍ମଲୋକକୁ ନେଇଗଲେ । ସେଠାରେ ଆଉ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଓ ଜଣେ ଶିବଙ୍କୁ ଦେଖିଲୁ ତଥା ଜଣେ ଦେବୀଙ୍କୁ ଦେଖିଲୁ । ଏହା ଦେଖି ବିଷ୍ଣୁଜୀ ବିବେକ ପୂର୍ବକ ନିମ୍ନୋକ୍ତ ବର୍ଣ୍ଣନା କଲେ (ସେହି ସମୟରେ ବ୍ରହ୍ମ/କାଳ ଭଗବାନ ବିଷ୍ଣୁଙ୍କୁ ଚେତନା ପ୍ରଦାନ କରିଦେଲେ, ତାଙ୍କର ବାଲ୍ୟକାଳ ମନେ ପଡିଗଲା । ତା'ପରେ ସେ ନିଜ ପୂର୍ବ କାହାଣୀ ଶୁଣାଇବାକୁ ଲାଗିଲେ ) ।

ପୃଷ୍ଠା ନଂ ୧୧୯-୧୨୦ ରେ ଭଗବାନ ବିଷ୍ଣୁଜୀ, ଶ୍ରୀ ବ୍ରହ୍ମାଜୀ ଓ ଶ୍ରୀ ଶିବଜୀଙ୍କୁ କହିଲେ ଯେ ଏହି ଦେବୀ ଆମ୍ଭ ତିନିଜଣଙ୍କର ମାତା ଅଟନ୍ତି, ଜଗଜ୍ଜନନୀ ପ୍ରକୃତି ଦେବୀ ଅଟନ୍ତି । ମୁଁ ଏହି ଦେବୀଙ୍କୁ ସେତେବେଳେ ଦେଖିଥିଲି ଯେତେବେଳେ ମୁଁ ଛୋଟ ବାଳକ ଥିଲି, ମୋତେ ଦୋଳିରେ ଝୁଲାଉଥିଲେ ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୩ ରେ ଶ୍ରୀ ବିଷ୍ଣୁଜୀ, ଶ୍ରୀ ଦୁର୍ଗାଜୀଙ୍କୁ ସ୍ତୁତି କରି କହିଲେ, ମାତା ତୁମ୍ଭେ ଶୁଦ୍ଧ ସ୍ୱରୂପା, ଏହି ସାରା ସଂସାର ତୁମ୍ଭଠାରୁ ଉଦ୍ଭାସିତ ହୋଉଅଛି । ମୁଁ (ବିଷ୍ଣୁ), ବ୍ରହ୍ମା ଏବଂ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଅର୍ଥାତ୍ ଆମ୍ଭେ ତିନିଜଣ ନାଶବାନ ଅଟୁ । କେବଳ ତୁମ୍ଭେ ହିଁ ନିତ୍ୟ (ଅବିନାଶୀ) ଓ ଜଗତ୍ ଜନନୀ, ପ୍ରକୃତି ଦେବୀ ଅଟ ।

ଭଗବାନ ଶଙ୍କର କହିଲେ, ଦେବୀ ! ଯଦି ମହାଭାଗ ବିଷ୍ଣୁ ତୁମ୍ଭଠାରୁ ପ୍ରକଟ (ଉତ୍ପନ୍ନ) ହୋଇଛନ୍ତି ଓ ତାଙ୍କ ପରେ ଉତ୍ପନ୍ନ ହୋଇଥିବା ବ୍ରହ୍ମା ମଧ୍ୟ ତୁମ୍ଭର ବାଳକ ହେଲେ । ତେବେ ମୁଁ ତମଗୁଣୀ ଲୀଳା କରୁଥିବା ଶଙ୍କର କ'ଣ ତୁମ୍ଭର ସନ୍ତାନ ନୁହେଁ ? ଅର୍ଥାତ୍ ମୋତେ ମଧ୍ୟ ତୁମେ ଉତ୍ପନ୍ନ କରିଛ ।

ବିଚାର କରନ୍ତୁ :- ଉପରୋକ୍ତ ବିବରଣୀରୁ ସିଦ୍ଧ ହେଲା ଯେ ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଓ ଶ୍ରୀ ଶିବଜୀ ନାଶବାନ ଅଟନ୍ତି । ମୃତ୍ୟୁଞ୍ଜୟ (ଅଜର-ଅମର) ଓ ସର୍ବେଶ୍ୱର ନୁହଁନ୍ତି ତଥା ଦୁର୍ଗା (ପ୍ରକୃତି) ଙ୍କ ପୁତ୍ର ଅଟନ୍ତି ତଥା ବ୍ରହ୍ମ (କାଳ-ସଦାଶିବ) ଏମାନଙ୍କର ପିତା ଅଟନ୍ତି ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୫ ରେ ବ୍ରହ୍ମା ପ୍ରଶ୍ନ କଲେ ଯେ ହେ ମାତା ! ବେଦରେ ଯେଉଁ ବ୍ରହ୍ମଙ୍କ ବିଷୟରେ କୁହାଯାଇଛି ସେ ଆପଣ ଅଟନ୍ତି ନା ଅନ୍ୟ କେହି ପ୍ରଭୁ ଅଟନ୍ତି ? ଏହାର ଉତ୍ତରରେ ଦୁର୍ଗା କହୁଛନ୍ତି, ମୁଁ ଓ ବ୍ରହ୍ମ ଏକ ଅଟୁ । ପୁଣି ଏହି ସ୍କନ୍ଧର ପୃଷ୍ଠା ନଂ ୧୨୯ ରେ କହୁଛନ୍ତି ଯେ ଏବେ ମୋ କାର୍ଯ୍ୟସିଦ୍ଧି ପାଇଁ ବିମାନରେ ବସି ତୁମ୍ଭେମାନେ ଶୀଘ୍ର ପ୍ରସ୍ଥାନ କର । କୌଣସି କଠିନ ପରିସ୍ଥିତି ଉପସ୍ଥିତ ହେଲେ ତୁମ୍ଭେ ଯେତେବେଳେ ମୋତେ ସ୍ମରଣ କରିବ, ସେତେବେଳେ ମୁଁ ତୁମ୍ଭମାନଙ୍କ ସମ୍ମୁଖକୁ ଆସିବି । ହେ ଦେବଗଣ ! ତୁମ୍ଭେମାନେ ସର୍ବଦା ମୋର(ଦୁର୍ଗାଙ୍କ) ଏବଂ ବ୍ରହ୍ମଙ୍କର ଧ୍ୟାନ କରିବା ଉଚିତ । ଆମ୍ଭ ଦୁହିଁଙ୍କର ସୁମିରଣ କଲେ ତୁମ୍ଭମାନଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଉପରୋକ୍ତ ବ୍ୟାଖ୍ୟାରୁ ଏହା ସ୍ୱସିଦ୍ଧ ହେଉଛି ଯେ ଦୁର୍ଗା(ପ୍ରକୃତି) ଓ ବ୍ରହ୍ମ (କାଳ) ହିଁ ଏହି ତିନି ଦେବତାଙ୍କର ମାତା-ପିତା ଅଟନ୍ତି ଏବଂ ବ୍ରହ୍ମା, ବିଷ୍ଣୁ ଓ ଶିବ ନାଶବାନ ଅଟନ୍ତି ଏବଂ ପୂର୍ଣ୍ଣ ଶକ୍ତିଯୁକ୍ତ ନୁହଁନ୍ତି ।

ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ବିବାହ ଦୁର୍ଗା(ପ୍ରକୃତି ଦେବୀ) କରାଇଛନ୍ତି। ପୃଷ୍ଠା ନଂ ୧୨୮-୧୨୯ ରେ, ତୃତୀୟ ସ୍କନ୍ଧ ।

ଗୀତା ଅଧ୍ୟାୟ ୭ ର ଶ୍ଲୋକ ନଂ ୧୨

ଯେ, ଚ, ଏବ, ସାତ୍ୱିକାଃ, ଭାବାଃ, ରାଜସାଃ, ତାମସାଃ, ଚ, ଯେ,<br>
ମତ୍ତଃ, ଏବ, ଇତି, ତାନ୍, ବିଦ୍ଧି, ନ, ତୁ, ଅହମ୍, ତେଷୁ, ତେ, ମୟି ॥

ଅନୁବାଦ:- (ଚ) ଆଉ (ଏବ) ମଧ୍ୟ (ଯେ) ଯେଉଁ (ସାତ୍ୱିକାଃ) ସତ୍ତ୍ୱଗୁଣ ବିଷ୍ଣୁଙ୍କର ସ୍ଥିତି (ଭାବାଃ)

ଭାବ ଅଟେ ଏବଂ (ଯେ) ଯେଉଁ (ରାଜସାଃ) ରଜୋଗୁଣ ବ୍ରହ୍ମାଙ୍କଠାରୁ ଉତ୍ପତ୍ତି(ଚ) ତଥା (ତାମସାଃ) ତମଗୁଣ ଶିବଙ୍କ ଦ୍ୱାରା ସଂହାର (ତାନ୍) ସେ ସବୁକୁ ତୁ (ମତଃ,ଏବ) ମୋ ଦ୍ୱାରା ସୁନିୟୋଜିତ ନିୟମାନୁସାରେ ହିଁ ହୋଇଥାଏ (ଇତି) ଏହିପରି (ବିଦ୍ଧି) ଜାଣ (ତୁ) ପରନ୍ତୁ ବାସ୍ତବରେ (ତେଷୁ) ସେମାନଙ୍କଠାରେ (ଅହମ୍) ମୁଁ ଏବଂ (ତେ) ସେମାନେ (ମୟି) ମୋଠାରେ (ନ) ନାହାଁନ୍ତି ।

### "ପବିତ୍ର ଶିବ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

(କାଳ ବ୍ରହ୍ମ ଓ ଦୁର୍ଗାଙ୍କ ଠାରୁ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କ ଉତ୍ପତ୍ତି)

ଏହାର ପ୍ରମାଣ ପବିତ୍ର ଶ୍ରୀ ଶିବ ପୁରାଣ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଏହାର ଅଧ୍ୟାୟ ୬ ରୁଦ୍ର ସଂହିତା, ପୃଷ୍ଠା ନଂ ୧୦୦ରେ କୁହାଯାଇଛି ଯେ ଯିଏ ମୂର୍ତ୍ତୀ ରହିତ ପରବ୍ରହ୍ମ ଅଟନ୍ତି, ଭଗବାନ ସଦାଶିବ ତାଙ୍କରି ମୂର୍ତ୍ତୀ ଅଟନ୍ତି । ତାଙ୍କ ଶରୀରରୁ ଏକ ଶକ୍ତି ବାହାରିଲା, ସେହି ଶକ୍ତିକୁ ଅମ୍ବିକା, ପ୍ରକୃତି (ଦୁର୍ଗା), ତ୍ରିଦେବ ଜନନୀ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କୁ ଉତ୍ପନ୍ନ କରିଥିବା ମାତା) କୁହାଗଲା । ଯାହାଙ୍କର ଆଠଟି ଭୂଜା ଅଛି । ଯିଏ ସଦାଶିବ ତାଙ୍କୁ ଶିବ, ଶମ୍ଭୁ ଓ ମହେଶ୍ୱର ମଧ୍ୟ କୁହାଯାଏ । (ପୃଷ୍ଠା ନଂ ୧୦୧ ରେ) ସେ ନିଜର ସମସ୍ତ ଅଙ୍ଗରେ ଭସ୍ମ ଲଗାନ୍ତି । ସେହି କାଳ ରୂପୀ ବ୍ରହ୍ମ, ଶିବଲୋକ ନାମକ ଏକ ସ୍ଥାନ ନିର୍ମାଣ କଲେ । ପୁଣି ଦୁହେଁ ପତି-ପତ୍ନୀ ବ୍ୟବହାର କରି ଏକ ପୁତ୍ର ଉତ୍ପନ୍ନ କଲେ, ତାଙ୍କ ନାମ ବିଷ୍ଣୁ ରଖିଲେ (ପୃଷ୍ଠା ନଂ ୧୦୨) ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୭ ପୃଷ୍ଠା ନଂ ୧୦୩ ରେ ବ୍ରହ୍ମା କହିଲେ, ମୋର ଉତ୍ପତ୍ତି ମଧ୍ୟ ଭଗବାନ ସଦାଶିବ(ବ୍ରହ୍ମ-କାଳ) ଓ ପ୍ରକୃତି(ଦୁର୍ଗା)ଙ୍କ ସଂଯୋଗରୁ ଅର୍ଥାତ୍ ପତି-ପତ୍ନୀ ବ୍ୟବହାରରୁ ହୋଇଅଛି । ପୁଣି ମୋତେ ଅଚେତ କରି ଦିଆଗଲା ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୯ ପୃଷ୍ଠା ନଂ ୧୧୦ ରେ କୁହାଯାଇଛି ଯେ ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ଏହି ତିନି ଦେବତା ଗୁଣ ଯୁକ୍ତ ଅଟନ୍ତି, ପରନ୍ତୁ ଶିବ (କାଳ-ବ୍ରହ୍ମ)ଙ୍କୁ ଗୁଣାତିତ କୁହାଯାଏ ।

ଏଠାରେ ଚାରୋଟି କଥା ପ୍ରମାଣିତ ହେଲା ଅର୍ଥାତ୍ ସଦାଶିବ(କାଳ-ବ୍ରହ୍ମ) ଓ ପ୍ରକୃତି (ଦୁର୍ଗା) ଙ୍କଠାରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଉତ୍ପନ୍ନ ହୋଇଛନ୍ତି । ତିନି ଭଗବାନ(ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବ) ଙ୍କର ମାତା ଶ୍ରୀ ଦୁର୍ଗା ତଥା ପିତା ଶ୍ରୀ ଜ୍ୟୋତି ନିରଞ୍ଜନ(ବ୍ରହ୍ମ) ଅଟନ୍ତି । ଏହି ତିନି ପ୍ରଭୁ ରଜଗୁଣ-ବ୍ରହ୍ମା, ସତ୍ୱଗୁଣ-ବିଷ୍ଣୁ, ତମଗୁଣ-ଶିବ ଅଟନ୍ତି ।


### "ପବିତ୍ର ଶ୍ରୀମଦ୍ଭଗବତ୍ ଗୀତାରେ ସୃଷ୍ଟି ରଚନାର ପ୍ରମାଣ"

ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୪ ଶ୍ଳୋକ ନଂ ୩ ରୁ ୫ ରେ ଅଛି । ବ୍ରହ୍ମ (କାଳ) କହୁଛନ୍ତି ଯେ ପ୍ରକୃତି (ଦୁର୍ଗା) ତ ମୋ ପତ୍ନୀ ଅଟେ, ମୁଁ ବ୍ରହ୍ମ (କାଳ) ଏହାର ପତି ଅଟେ । ଆମ ଦୁହିଁଙ୍କ ସଂଯୋଗରୁ ସର୍ବ ପ୍ରାଣୀମାନଙ୍କ ସହ ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ର ଉତ୍ପତ୍ତି ହୋଇଅଛି । ମୁଁ ବ୍ରହ୍ମ ସମସ୍ତ ପ୍ରାଣୀଙ୍କର ପିତା ଅଟେ ତଥା ପ୍ରକୃତି(ଦୁର୍ଗା) ଏମାନଙ୍କର ମାତା ଅଟେ । ମୁଁ ଏହାର ଉଦରରେ ବୀଜ ସ୍ଥାପନା କରିଥାଏ ଯଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ । ପ୍ରକୃତି (ଦୁର୍ଗା) ଠାରୁ ଉତ୍ପନ୍ନ ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ଜୀବମାନଙ୍କୁ କର୍ମ ଆଧାରରେ ଶରୀରରେ ବାନ୍ଧି ରଖିଥାନ୍ତି । ଏହି ପ୍ରମାଣ ଅଧ୍ୟାୟ ୧୫ ର ଶ୍ଳୋକ ୧ ରୁ ୪ ତଥା ୧୬, ୧୭ ରେ ମଧ୍ୟ ଅଛି ।

ଗୀତା ଅଧ୍ୟାୟ ନଂ ୧୫ ର ଶ୍ଳୋକ ନଂ ୧

ଊର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶ୍ୱତ୍ଥମ୍, ପ୍ରାହୁଃ, ଅବ୍ୟୟମ୍,
ଛନ୍ଦାଂସି, ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ॥

ଅନୁବାଦ: (ଊର୍ଦ୍ଧ୍ୱମୂଳମ୍) ଉପରକୁ ପୂର୍ଣ୍ଣ ପରମାତ୍ମା ଆଦିପୁରୁଷ ପରମେଶ୍ୱର ରୂପୀ ମୂଳ (ଅଧଃଶାଖମ୍) ତଳକୁ ତିନି ଗୁଣ ଅର୍ଥାତ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ରୂପୀ ଶାଖା ବାଲା(ଅବ୍ୟୟମ୍) ଅବିନାଶୀ (ଅଶ୍ୱତ୍ଥମ୍) ବିସ୍ତାରିତ ଅଶ୍ୱତଥ୍ ବୃକ୍ଷ ଅଟେ,(ଯସ୍ୟ) ଯାହାର (ଛନ୍ଦାଂସି) ଯେପରି ବେଦରେ ଛନ୍ଦ ଅଛି ଏହିଭଳି ସଂସାର ରୂପୀ ବୃକ୍ଷର ମଧ୍ୟ ବିଭାଗ ଛୋଟ-ଛୋଟ ଅଂଶକୁ ପ୍ରଶାଖା (ପର୍ଣ୍ଣାନି) ପତ୍ର (ପ୍ରାହୁଃ) କହିଛନ୍ତି (ତମ୍) ସେହି ସଂସାର ରୂପୀ ବୃକ୍ଷକୁ (ଯଃ) ଯିଏ (ବେଦ)




**ଉପରକୁ ମୂଳ ତଳକୁ ଶାଖାଯୁକ୍ତ ଓଲଟା ଭାବରେ ଥିବା ସଂସାର ରୂପୀ ବୃକ୍ଷର ଚିତ୍ର**

ଏହାକୁ ବିସ୍ତାର ସହିତ ଜାଣିଥାଏ (ସଃ) ସେ (ବେଦବିତ୍) ପୂର୍ଣ୍ଣ ଜ୍ଞାନୀ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଗୀତା ଅଧ୍ୟାୟ ନଂ ୧୫ ର ଶ୍ଲୋକ ନଂ ୨

ଅଧଃ, ଚ, ଊର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ,
ବିଷୟପ୍ରବାଳାଃ, ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧିନୀ, ମନୁଷ୍ୟଲୋକେ ॥

ଅନୁବାଦ : (ତସ୍ୟ) ସେହି ବୃକ୍ଷର (ଅଧଃ) ତଳେ (ଚ) ଏବଂ (ଊର୍ଦ୍ଧ୍ୱମ୍) ଉପରେ (ଗୁଣପ୍ରବୃଦ୍ଧାଃ) ତିନି ଗୁଣ ବ୍ରହ୍ମା-ରଜଗୁଣ, ବିଷ୍ଣୁ-ସତଗୁଣ, ଶିବ-ତମଗୁଣ ରୂପେ(ପ୍ରସୃତାଃ) ବିସ୍ତାରିତ ହୋଇ (ବିଷୟପ୍ରବାଳାଃ) ବିକାର- କାମ କ୍ରୋଧ, ମୋହ, ଲୋଭ ଅହଙ୍କାର ରୂପୀ କଅଁଳିଆ(ଶାଖାଃ) ଡାଳ ବ୍ରହ୍ମା, ବିଷ୍ଣୁ, ଶିବ (କର୍ମାନୁବନ୍ଧିନୀ) ଜୀବକୁ କର୍ମ ବନ୍ଧନରେ ବାନ୍ଧିବାର (ମୂଳାନି) ମୁଖ୍ୟ କାରଣ ଅଟନ୍ତି (ଚ) ତଥା (ମନୁଷ୍ୟଲୋକେ) ମନୁଷ୍ୟ ଲୋକ – ଅର୍ଥାତ୍ ପୃଥିବୀ ଲୋକରେ (ଅଧଃ) ତଳେ – ନର୍କ, ଚଉରାଶୀ ଲକ୍ଷ ଯୋନିରେ (ଊର୍ଦ୍ଧ୍ୱମ୍) ଉପରେ ସ୍ୱର୍ଗଲୋକ ଇତ୍ୟାଦିରେ (ଅନୁସନ୍ତତାନି) ବ୍ୟବସ୍ଥିତ କରିଛନ୍ତି ।

ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ନଂ ୩

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ,
ସମ୍ପ୍ରତିଷ୍ଠା, ଅଶ୍ୱତ୍ଥମ୍, ଏନମ୍, ସୁବିରୂଢମୂଳମ୍, ଅସଂଗଶସ୍ତ୍ରେଣ, ଦୃଢେନ, ଛିତ୍ୱା ॥

ଅନୁବାଦ : (ଅସ୍ୟ) ଏହି ରଚନାର (ନ) ନା (ଆଦିଃ) ଆରମ୍ଭ (ଚ) ତଥା (ନ) ନା (ଅନ୍ତଃ) ଅନ୍ତ ଅଛି (ନ) ନା (ତଥା) ସେପରି (ରୂପମ୍) ସ୍ୱରୂପ (ଉପଲଭ୍ୟତେ) ମିଳିଥାଏ (ଚ) ତଥା (ଇହ) ଏହି ବିଚାର କାଳରେ ଅର୍ଥାତ୍ ମୋ ଦ୍ୱାରା ଦିଆଯାଉଥିବା ଗୀତା ଜ୍ଞାନର ପୂର୍ଣ୍ଣ ଜ୍ଞାନ ମୋତେ ମଧ୍ୟ (ନ) ଜଣା ନାହିଁ (ସମ୍ପ୍ରତିଷ୍ଠା) କାରଣ ସର୍ବବ୍ରହ୍ମାଣ୍ଡ ରଚନାର ସଠିକ୍ ସ୍ଥିତି ବିଷୟରେ ମୋର ଜ୍ଞାନ ନାହିଁ (ଏନମ୍) ଏହି (ସୁବିରୂଢମୂଳମ୍) ସୁଦୃଢ ସ୍ଥିତିଯୁକ୍ତ (ଅଶ୍ୱତ୍ଥମ୍) ମଜବୁତ ସ୍ୱରୂପଯୁକ୍ତ ସଂସାର ରୂପୀ ବୃକ୍ଷର ଜ୍ଞାନକୁ (ଅସଂଗଶସ୍ତ୍ରେଣ) ପୂର୍ଣ୍ଣ ଜ୍ଞାନ ରୂପୀ (ଦୃଢେନ୍) ଦୃଢ ସୂକ୍ଷ୍ମବେଦ ଅର୍ଥାତ୍ ତତ୍ତ୍ୱଜ୍ଞାନ ଦ୍ୱାରା ଜାଣି (ଛିତ୍ୱା) ଛେଦନ କରି ଅର୍ଥାତ୍ ନିରଞ୍ଜନର ଭକ୍ତିକୁ କ୍ଷଣିକ ଅର୍ଥାତ୍ କ୍ଷଣଭଙ୍ଗୁର ବୋଲି ଜାଣି ବ୍ରହ୍ମା, ବିଷ୍ଣୁ, ଶିବ, ବ୍ରହ୍ମ ଓ ପରବ୍ରହ୍ମଙ୍କ ଉର୍ଦ୍ଧ୍ୱରେ ପୂର୍ଣ୍ଣବ୍ରହ୍ମଙ୍କର ଅନ୍ୱେଷଣ କରିବା ଉଚିତ ।

ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ନଂ ୪

ତତଃ, ପଦମ୍, ତତ୍, ପରିମାର୍ଗିତବ୍ୟମ୍, ଯସ୍ମିନ୍, ଗତାଃ, ନ, ନିବର୍ତନ୍ତି, ଭୂୟଃ ।
ତମ୍, ଏବ, ଚ, ଆଦ୍ୟମ୍, ପୁରୁଷମ୍, ପ୍ରପଦ୍ୟେ, ଯତଃ, ପ୍ରବୃତିଃ, ପ୍ରସୃତା, ପୁରାଣୀ ॥

ଅନୁବାଦ :- ଯେତେବେଳେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବେ (ତତଃ) ତା'ପରେ (ତତ୍) ସେହି ପରମାତ୍ମାଙ୍କ (ପଦମ୍) ପଦ ସ୍ଥାନ ଅର୍ଥାତ୍ ସତ୍ୟଲୋକକୁ (ପରିମାର୍ଗିତବ୍ୟମ୍) ଭଲଭାବରେ ଖୋଜିବା ଉଚିତ (ଯସ୍ମିନ୍) ଯେଉଁଠିକୁ (ଗତାଃ) ଯାଇଥିବା ସାଧକ (ଭୂୟଃ) ପୁଣି (ନ, ନିବର୍ତ୍ତନ୍ତି) ଲେଉଟି କରି ସଂସାରକୁ ଆସନ୍ତି ନାହିଁ (ଚ) ଏବଂ (ଯତଃ) ଯେଉଁ ପରମାତ୍ମା-ପରମ ଅକ୍ଷର ବ୍ରହ୍ମଙ୍କଠାରୁ (ପୁରାଣୀ) ଆଦି (ପ୍ରବୃତିଃ) ରଚନା-ସୃଷ୍ଟି (ପ୍ରସୃତା) ଉତ୍ପନ୍ନ ହୋଇଅଛି (ତମ୍) ଅଜ୍ଞାତ (ଆଦ୍ୟମ୍) ଆଦି ଯମ ଅର୍ଥାତ୍ ମୁଁ କାଳ ନିରଞ୍ଜନ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଏବ) ହିଁ (ପ୍ରପଦ୍ୟେ) ମୁଁ ଶରଣରେ ଅଛି ତଥା ତାଙ୍କ ପୂଜା କରୁଅଛି ।

ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ନଂ ୧୬

ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ, ଏବ, ଚ,
କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ , ଅକ୍ଷରଃ, ଉଚ୍ୟତେ ॥

ଅନୁବାଦ :- (ଲୋକେ) ଏହି ସଂସାରରେ (ଦ୍ୱୌ) ଦୁଇ ପ୍ରକାରର (କ୍ଷରଃ) ନାଶବାନ (ଚ) ଏବଂ (ଅକ୍ଷରଃ) ଅବିନାଶୀ (ପୁରୁଷୌ) ଭଗବାନ ଅଛନ୍ତି (ଏବ) ଏହି ପ୍ରକାର (ଇମୌ) ଏହି ଦୁଇ ପ୍ରଭୁଙ୍କ ଲୋକରେ (ସର୍ବାଣୀ) ସମ୍ପୂର୍ଣ୍ଣ (ଭୂତାନି) ପ୍ରାଣୀମାନଙ୍କର ଶରୀର (କ୍ଷରଃ) ନାଶବାନ (ଚ) ଏବଂ (କୂଟସ୍ଥଃ) ଜୀବାତ୍ମା (ଅକ୍ଷରଃ) ଅବିନାଶୀ (ଉଚ୍ୟତେ) କୁହାଯାଇଥାଏ ।

ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ନଂ ୧୭

ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ,

ଯଃ, ଲୋକତ୍ରୟମ୍, ଆବିଶ୍ୟ, ବିଭର୍ତି, ଅବ୍ୟୟଃ, ଈଶ୍ୱରଃ ।।

ଅନୁବାଦ:- (ଉତ୍ତମଃ) ଉତ୍ତମ (ପୁରୁଷ) ପ୍ରଭୁ (ତୁ) ତ (ଅନ୍ୟଃ) ଉପରୋକ୍ତ ଦୁଇପ୍ରଭୁ "କ୍ଷର ପୁରୁଷ ଓ ଅକ୍ଷର ପୁରୁଷ"ଙ୍କଠାରୁ ମଧ୍ଯ ଭିନ୍ନ (ଅଲଗା) ଅଟନ୍ତି (ଇତି) ସେ ବାସ୍ତବରେ (ପରମାତ୍ମା) ପରମାତ୍ମା (ଉଦାହୃତଃ) କୁହାଯାଇଛି । (ଯଃ) ଯିଏ (ଲୋକତ୍ରୟମ୍) ତିନି ଲୋକରେ (ଆବିଶ୍ୟ) ପ୍ରବେଶ କରି (ବିଭର୍ତି) ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ଏବଂ (ଅବ୍ୟୟଃ) ଅବିନାଶୀ (ଈଶ୍ୱରଃ) ଈଶ୍ୱର (ପ୍ରଭୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଥାତ୍ ସମର୍ଥ ପ୍ରଭୁ) ଅଟନ୍ତି ।

ଭାବାର୍ଥ :- ଗୀତା ଜ୍ଞାନଦାତା ପ୍ରଭୁ କେବଳ ଏତିକି କହିଛନ୍ତି ଯେ ଏହି ସଂସାର ଓଲଟା ଭାବେ ସ୍ଥିତ ଏକ ବୃକ୍ଷ ସଦୃଶ ଜାଣ । ଉପରେ ଚେର(ମୂଳ) ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତଳକୁ ଶାଖା-ପ୍ରଶାଖା ଆଦିକୁ ଅନ୍ୟ ଅଂଶ ବୋଲି ଜାଣନ୍ତୁ । ଏହି ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଭିନ୍ନ ଭିନ୍ନ ବିବରଣୀ ଯେଉଁ ସନ୍ଥ ଜାଣନ୍ତି ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୪ ର ଶ୍ଳୋକ ନଂ ୩୪ ରେ କୁହାଯାଇଛି । ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ନଂ ୨-୩ ରେ କେବଳ ଏତିକି କୁହାଯାଇଛି ଯେ ତିନିଗୁଣ ରୂପୀ ଶାଖା ଅଟେ । ଏହି ବିଚାର କାଳରେ ଅର୍ଥାତ୍ ଗୀତାରେ ଆପଣଙ୍କୁ ମୁଁ (ଗୀତା ଜ୍ଞାନଦାତା) ପୂର୍ଣ୍ଣ ବିବରଣୀ ଦେଇପାରିବି ନାହିଁ, କାରଣ ମୋତେ ଏହି ସୃଷ୍ଟି ରଚନାର ଆଦି ଓ ଅନ୍ତ ଜଣା ନାହିଁ । ସେଥିପାଇଁ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି ଯେ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ବିଷୟରେ ଜାଣ। ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧ ରେ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ଦିଆଯାଇଛି ଯେ ସେ ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଜ୍ଞାନ ଦେବେ, ତାଙ୍କୁ ପଚାରି ବୁଝ । ଗୀତା ଅଧ୍ୟାୟ ୧୫ର ଶ୍ଳୋକ ୪ରେ କୁହାଯାଇଛି ଯେ ସେହି ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବା ପରେ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ ଅର୍ଥାତ୍ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିର୍ଦ୍ଦେଶ ଅନୁସାରେ ସାଧନା କରିବା ଉଚିତ୍ ଯଦ୍ଦ୍ୱାରା ପୂର୍ଣ୍ଣମୋକ୍ଷ (ପରମଧାମ) ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୬-୧୭ ରେ ତିନି ପ୍ରଭୁଙ୍କ ବିଷୟରେ ସ୍ପଷ୍ଟ କରାଯାଇଛି ଯେ ଜଣେ କ୍ଷର ପୁରୁଷ (ବ୍ରହ୍ମ) ଦ୍ୱିତୀୟରେ ଅକ୍ଷର ପୁରୁଷ (ପରବ୍ରହ୍ମ) ତୃତୀୟରେ ପରମ ଅକ୍ଷର ପୁରୁଷ(ପୂର୍ଣ୍ଣବ୍ରହ୍ମ) । କ୍ଷର ପୁରୁଷ ଓ ଅକ୍ଷର ପୁରୁଷ ବାସ୍ତବରେ ଅବିନାଶୀ ନୁହନ୍ତି । ସେହି ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ହିଁ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ।

ଉପରୋକ୍ତ ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧-୪ ତଥା ୧୬-୧୭ ରେ ଏହା ପ୍ରମାଣିତ ହେଲା ଯେ ଓଲଟା ଲଟକି ଥିବା ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ ଚେର ପରମ ଅକ୍ଷରବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ ଅଟନ୍ତି ଯାହାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବୃକ୍ଷର ପାଳନ ହୋଇଥାଏ ତଥା ବୃକ୍ଷର ଯେଉଁ ଅଂଶ ଭୂପୃଷ୍ଠ ବାହାରେ ଅର୍ଥାତ୍ ମାଟି ଉପରକୁ ଦୃଶ୍ୟମାନ ହୁଏ ତାହା ଗଣ୍ଡି ଅଟେ ଯାହାକୁ ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ ବୋଲି ଜାଣନ୍ତୁ । ସେହି ଗଣ୍ଡି ଉପରକୁ ଅନ୍ୟ ମୋଟା ଶାଖାମାନ ବାହାରିଥାଏ । ସେଥିମଧ୍ୟରୁ ଗୋଟିଏ ଶାଖାକୁ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ ବୋଲି ଜାଣ ତଥା ସେହି ଶାଖାରୁ ଯେଉଁ ଅନ୍ୟ ତିନୋଟି ପ୍ରଶାଖା ବାହାରିଥାଏ ସେମାନଙ୍କୁ ବ୍ରହ୍ମା, ବିଷ୍ଣୁ ଓ ଶିବ ବୋଲି ଜାଣନ୍ତୁ ତଥା ପ୍ରଶାଖାର ଅଗ୍ରଭାଗରେ ଥିବା ପତ୍ରଗୁଡିକୁ ସାଂସାରିକ ପ୍ରାଣୀ ବୋଲି ଜାଣନ୍ତୁ । ଉପରୋକ୍ତ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ସ୍ପଷ୍ଟ ଅଛି ଯେ କ୍ଷରପୁରୁଷ(ବ୍ରହ୍ମ) ଅକ୍ଷର ପୁରୁଷ (ପରବ୍ରହ୍ମ) ତଥା ଏହି ଦୁହିଁଙ୍କ ଲୋକରେ ଯେତେ ପ୍ରାଣୀ ଅଛନ୍ତି, ସେମାନଙ୍କ ସ୍ଥୁଳ ଶରୀର ନାଶବାନ ଓ ଜୀବାତ୍ମା ଅବିନାଶୀ ଅଟେ ଅର୍ଥାତ୍ ଉପରୋକ୍ତ ଦୁଇ ପ୍ରଭୁ ଓ ଏମାନଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ନାଶବାନ ଅଟନ୍ତି । ଯଦିବା ଅକ୍ଷର ପୁରୁଷ(ପରବ୍ରହ୍ମ)ଙ୍କୁ ଅବିନାଶୀ କୁହାଯାଇଛି ପରନ୍ତୁ ବାସ୍ତବରେ ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ପାଳନପୋଷଣ କରିଥାନ୍ତି । ଉପରୋକ୍ତ ବର୍ଣ୍ଣନାରେ ତିନି ପ୍ରଭୁଙ୍କର ଭିନ୍ନ ଭିନ୍ନ ବିବରଣୀ ଦିଆଯାଇଛି ।

## "ପବିତ୍ର ବାଇବେଲ ଓ ପବିତ୍ର କୁରାନ୍ ଶରୀଫରେ ସୃଷ୍ଟି ରଚନାର ପ୍ରମାଣ"

ଏହାର ପ୍ରମାଣ ପବିତ୍ର ବାଇବେଲରେ ଓ ପବିତ୍ର କୁରାନ ଶରୀଫରେ ମଧ୍ୟ ଅଛି । କୁରାନ ଶରୀଫରେ

ପବିତ୍ର ବାଇବେଲର ଜ୍ଞାନ ମଧ୍ୟ ଅଛି, ଏଥିପାଇଁ ଏହି ଦୁଇ ସଦଗ୍ରନ୍ଥ ମିଳିତ ରୂପେ ପ୍ରମାଣ କରଥାନ୍ତି ଯେ ସୃଷ୍ଟିର ରଚିୟିତା କିଏ ଓ ତାଙ୍କ ସ୍ୱରୂପ କ'ଣ ତଥା ତାଙ୍କ ବାସ୍ତବିକ ନାମ କ'ଣ ।

ପବିତ୍ର ବାଇବଲ (ଉତ୍ପତ୍ତି ଗ୍ରନ୍ଥ ପୃଷ୍ଠା ନଂ ୨ ର ଅ. ୧:୨୦ - ୨:୫)

ଷଷ୍ଠଦିନ :- ପ୍ରାଣୀ ଓ ମନୁଷ୍ୟ :

ଅନ୍ୟ ପ୍ରାଣୀମାନଙ୍କର ରଚନା କରି ୨୬. ପୁଣି ପରମେଶ୍ୱର କହିଲେ, ମୁଁ ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ, ନିଜ ସମାନତାରେ ତିଆରି କରିଛି, ଯିଏ ସମସ୍ତ ପ୍ରାଣୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବ । ୨୭. ତା'ପରେ ପରମେଶ୍ୱର ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ ଉତ୍ପନ୍ନ କଲେ, ନିଜ ସ୍ୱରୂପ ଅନୁସାରେ ହିଁ ପରମେଶ୍ୱର ମନୁଷ୍ୟକୁ ଉତ୍ପନ୍ନ କଲେ, ନର ଓ ନାରୀ ରୂପରେ ମନୁଷ୍ୟମାନଙ୍କର ସୃଷ୍ଟି କଲେ ।

୨୯. ପ୍ରଭୁ ମନୁଷ୍ୟକୁ ଭୋଜନ ପାଇଁ ଯେତେ ମଞ୍ଜି ଯୁକ୍ତ ଛୋଟ ଛୋଟ ଗଛ ଅଛି ତଥା ଯେଉଁ ଗଛ ଫଳରେ ମଞ୍ଜି ଅଛି, ତାହା ପ୍ରଦାନ କଲେ,(ମାଂସ ଖାଇବାକୁ କହିନାହାଁନ୍ତି)

ସପ୍ତମଦିନ :- ବିଶ୍ରାମର ଦିନ :

ପରମେଶ୍ୱର ଛଅ ଦିନରେ ସର୍ବ ସୃଷ୍ଟିର ଉତ୍ପତ୍ତି କଲେ ତଥା ସପ୍ତମ ଦିନ ବିଶ୍ରାମ କଲେ ।

ପବିତ୍ର ବାଇବେଲ ପ୍ରମାଣିତ କରୁଛି ଯେ ପରମାତ୍ମାଙ୍କର ମାନବ ସଦୃଶ ଶରୀର ଅଛି, ଯିଏ ଛଅ ଦିନରେ ସର୍ବ ସୃଷ୍ଟିର ରଚନା କଲେ ଏବଂ ସପ୍ତମ ଦିନରେ ବିଶ୍ରାମ କଲେ ।

ପବିତ୍ର କୁରାନ ଶରୀଫ(ସୁରତ ଫୁର୍କାନି ୨୫, ଆୟତ ନଂ ୫୨, ୫୮, ୫୯)

ଆୟତ୍ ୫୨:-ଫଲା ତୁଲିଅଲ୍-କାଫିରନ୍ ଓ୍ୱ ଜାହିଦ୍‌ହୁମ୍ ବିହୀ ଜିହାଦନ୍ କବୀରା (କବୀରନ୍) ॥୫୨॥

ଭାବାର୍ଥ ଏହା ଯେ ହଜରତ ମହମ୍ମଦଙ୍କ ଖୁଦା (ପ୍ରଭୁ) କହୁଛନ୍ତି ଯେ ହେ ପୈଗମ୍ବର! ଆପଣ କାଫିର୍ (ଯେଉଁମାନେ ଏକ ପ୍ରଭୁଙ୍କ ଭକ୍ତି ତ୍ୟାଗ କରି ଅନ୍ୟ ଦେବୀ-ଦେବତାଙ୍କ ତଥା ମୂର୍ତ୍ତୀ ପୂଜା ଆଦି କରିଥାନ୍ତି) ମାନଙ୍କର କଥା ଆଦୌ ମାନ ନାହିଁ, କାରଣ ସେମାନେ କବୀରଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ସ୍ୱୀକାର କରନ୍ତି ନାହିଁ । ଆପଣ ମୋ ଦ୍ୱାରା ପ୍ରଦତ୍ତ ଏହି କୁରାନ୍ ଜ୍ଞାନ ଆଧାରରେ ଦୃଢ଼ ରହିବେ ଯେ କବୀର ହିଁ ପୂର୍ଣ୍ଣପ୍ରଭୁ ଅଟନ୍ତି ତଥା କବୀର ଅଲ୍ଲାହଙ୍କ ପାଇଁ ସଂଘର୍ଷ କର (ଲଢ଼ିବା ନାହିଁ) ଅର୍ଥାତ୍ ଭକ୍ତିରେ ଅଟଳ ରୁହ ।

ଆୟତ୍ ୫୮ :- ଓ୍ୱ ତଓ୍ୱକ୍କଲ ଅଲଲ - ହରିଲ୍ଲଜୀ ଲା ୟମୂତୁ ଓ୍ୱ ସବ୍ବିହ୍ ବିହମ୍‌ଦିହୀ ଓ୍ୱ କଫା ବିହୀ ବିଜୁନୂବି ଇବାଦିହୀ ଖବୀରା (କବୀରା) ॥୫୮॥

ଭାବାର୍ଥ ହେଲା ହଜରତ୍ ମହମ୍ମଦ ଯାହାଙ୍କୁ ନିଜର ଗୁରୁ ମାନୁଥିଲେ ସେହି ଆଲ୍ଲା (ପ୍ରଭୁ) କୌଣସି ଅନ୍ୟ ପୂର୍ଣ୍ଣପ୍ରଭୁଙ୍କ ଆଡକୁ ସଙ୍କେତ କରି କହୁଛନ୍ତି ଯେ ଏ ପୈଗମ୍ବର! ସେହି କବୀର୍ ପରମାତ୍ମା ଉପରେ ବିଶ୍ୱାସ ରଖ ଯିଏ ତୁମ୍ଭଙ୍କୁ ଜୀନ୍ଦା ମହାତ୍ମା(ଫକିର) ରୂପରେ ଆସି ଭେଟିଥିଲେ। ତାଙ୍କର କେବେ ମୃତ୍ୟୁ ହୁଏ ନାହିଁ ଅର୍ଥାତ୍ ବାସ୍ତବରେ ସେ ଅବିନାଶୀ ଅଟନ୍ତି । ପ୍ରଶଂସାର ସହିତ ତାଙ୍କ ପାକୀ (ପବିତ୍ର ମହିମା)ର ଗୁଣଗାନ କରାଯିବା ଉଚିତ୍, ସେହି କବୀର ଅଲ୍ଲାହ (କବିର୍ଦେବ) ପୂଜାର ଯୋଗ୍ୟ ଅଟନ୍ତି ତଥା ନିଜ ଉପାସକର ସମସ୍ତ ପାପକୁ ସେ ନାଶ କରିପାରନ୍ତି ।

ଆୟତ୍ ୫୯ :- ଅଲ୍ଲଜୀ ଖଲକସ୍‌ସମାବାତି ଓ୍ୱଲ୍‌ଅର୍ଜ ଓ୍ୱ ମା ବୈନ୍‌ହୁମା ଫି ସିତ୍ତତି ଅୟ୍ୟାମିନ୍ ସୁମ୍ମସ୍ତଓ୍ୱା ଅଲଲ୍‌ଅର୍ଶି ଅର୍ରହ୍‌ମାନୁ ଫସ୍‌ଅଲ୍ ବିହୀ ଖବୀରନ୍ (କବୀରନ୍) ॥୫୯॥

ଏହାର ଭାବାର୍ଥ ହେଲା ହଜରତ ମହମ୍ମଦଙ୍କୁ କୁରାନ ଶରୀଫ୍ ଜ୍ଞାନଦାତା ପ୍ରଭୁ (ଆଲ୍ଲାହ) କହୁଛନ୍ତି ଯେ ଏହି କବୀର ପ୍ରଭୁ ସେ ଅଟନ୍ତି ଯିଏ ଭୂମି ଓ ଆକାଶ ମଧ୍ୟରେ ଯାହା ବି ବିଦ୍ୟମାନ, ସର୍ବ ସୃଷ୍ଟିର ରଚନା ସେ ଛଅ ଦିନରେ କରିଛନ୍ତି ତଥା ସପ୍ତମ ଦିନରେ ଉପରେ ଥିବା ନିଜ ସତ୍‌ଲୋକକୁ ଯାଇ ସିଂହାସନ ଉପରେ ବିରାଜମାନ ହୋଇଗଲେ (ବସିଲେ) । ତାଙ୍କ ବିଷୟରେ ଜାଣିବା ପାଇଁ କୌଣସି (ବାଖବର) ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ପଚାର ।

ସେହି ପୂର୍ଣ୍ଣ ପରମାତ୍ମାଙ୍କୁ କିପରି ପ୍ରାପ୍ତି କରିହେବ ତଥା ବାସ୍ତବିକ ଜ୍ଞାନ ବିଷୟରେ କୌଣସି ତତ୍ତ୍ୱଦର୍ଶୀ ସନ୍ଥ (ବାଖବର) ଙ୍କୁ ପଚାର, ମୁଁ ଜାଣିନାହିଁ ।

ଉପରୋକ୍ତ ଦୁଇ ପବିତ୍ର ଧର୍ମ(ଈସାଇ ଓ ମୁସଲମାନ)ର ପବିତ୍ର ଶାସ୍ତ୍ରଗୁଡିକ ମିଳିତ ଭାବେ ଏହା ପ୍ରମାଣିତ କଲେ ଯେ ସର୍ବ ସୃଷ୍ଟିର ରଚୟିତା, ସର୍ବପାପ ବିନାଶକ, ସର୍ବ ଶକ୍ତିମାନ, ଅବିନାଶୀ ପରମାତ୍ମା ମାନବ ସଦୃଶ ସଶରୀର ସାକାର ଅଟନ୍ତି ତଥା ସେ ସତ୍ୟଲୋକରେ ରୁହନ୍ତି । ତାଙ୍କ ନାମ କବୀର ଅଟେ, ତାଙ୍କୁ ଅଲ୍ଲାହୁ ଅକବିରୂ ମଧ୍ୟ କୁହାଯାଏ ।

ଆଦରଣୀୟ ଧର୍ମଦାସଜୀ ପୂଜ୍ୟ କବୀର ପ୍ରଭୁଙ୍କୁ ପଚାରିଲେ, ହେ ସର୍ବଶକ୍ତିମାନ୍! ଆଜି ପର୍ଯ୍ୟନ୍ତ ଏହି ତତ୍ତ୍ୱଜ୍ଞାନ ବିଷୟରେ କେହି କହିନଥିଲେ, ବେଦର ମର୍ମକୁ ଜାଣିଥିବା ଜ୍ଞାନୀ ବ୍ୟକ୍ତିମାନେ ମଧ୍ୟ କହି ପାରିନାହାନ୍ତି । ଏଥିରୁ ସିଦ୍ଧ ହେଲା ଯେ ପବିତ୍ର ଚାରି ବେଦ ଓ ପବିତ୍ର ଚାରି କତେବ୍ (କୁରାନ ଶରୀଫ୍ ଇତ୍ୟାଦି) ମିଥ୍ୟା ଅଟେ । ପୂର୍ଣ୍ଣ ପରମାତ୍ମା କହିଛନ୍ତି ଯେ:-

କବୀର, ବେଦ କତେବ୍ ଝୁଠେ ନହିଁ ଭାଈ, ଝୁଠେ ହୈଁ ଜୋ ସମଝେ ନାହିଁ ।

ଭାବାର୍ଥ ଏହା ଯେ ଚାରି ପବିତ୍ର ବେଦ (ଋଗ୍‌ବେଦ-ଅଥର୍ବବେଦ-ଯଜୁର୍ବେଦ-ସାମବେଦ) ତଥା ପବିତ୍ର ଚାରି କତେବ୍ (କୁରାନ ଶରୀଫ୍-ଜବୁର୍-ତୌରାତ୍-ଇଂଜିଲ୍) ଭୁଲ୍ ନୁହେଁ । ପରନ୍ତୁ ଯେଉଁମାନେ ଏହାର ମର୍ମକୁ ବୁଝିପାରି ନାହାଁନ୍ତି ସେମାନେ ଅଜ୍ଞାନୀ ଅଟନ୍ତି ।

## "ପୂଜ୍ୟ କବୀର ପରମେଶ୍ୱର(କବିର ଦେବ)ଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନା"

➩ ବିଶେଷ :- ନିମ୍ନ ଅମୃତବାଣୀ ସନ ୧୪୦୩ {ଯେତେବେଳେ ପୂଜ୍ୟ କବିର୍ଦେବ (କବୀର ପରମେଶ୍ୱର) ଲୀଳାମୟ ଶରୀରରେ ପାଞ୍ଚ ବର୍ଷର ହୋଇଥିଲେ} ସନ ୧୫୧୮ {ଯେତେବେଳେ କବିର୍ଦେବ (କବୀର ପରମେଶ୍ୱର) ମଗହର ଧାମରୁ ସଶରୀରେ ସତ୍ୟଲୋକ ପ୍ରସ୍ଥାନ କଲେ । ମଧ୍ୟବର୍ତ୍ତୀ କାଳ ପ୍ରାୟ ୬୦୦ ବର୍ଷ ପୂର୍ବେ ପରମପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ) ନିଜ ପ୍ରିୟ ସେବକ (ଦାସ/ଭକ୍ତ) ଆଦରଣୀୟ ଧର୍ମଦାସ ସାହେବଜୀଙ୍କୁ ଶୁଣାଇଥିଲେ ତଥା ଧନୀ ଧର୍ମଦାସ ସାହେବଜୀ ଏହାକୁ ଲିପିବଦ୍ଧ କରିଥିଲେ । ପରନ୍ତୁ ସେ ସମୟରେ ପବିତ୍ର ହିନ୍ଦୁ ଓ ପବିତ୍ର ମୁସଲମାନ ଧର୍ମର ଅଜ୍ଞାନୀ ଗୁରୁମାନେ (ନୀମ-ହକିମ) କହିଥିଲେ ଯେ ଏହି ଧାଣକ (ବୁଣାକାର) କବୀର ମିଥ୍ୟାବାଦୀ ଅଟେ । କୌଣସି ସଦଗ୍ରନ୍ଥରେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ମାତା-ପିତାଙ୍କର ନାମ ଉଲ୍ଲେଖ ନାହିଁ । ଏହି ତିନି ପ୍ରଭୁ ଅବିନାଶୀ ଅଟନ୍ତି ତଥା ଏମାନଙ୍କର ଜନ୍ମ ଓ ମୃତ୍ୟୁ ହୁଏ ନାହିଁ । କବୀର ପରମେଶ୍ୱରଙ୍କ ପ୍ରମାଣ ନା ପବିତ୍ର ବେଦରେ ନା ପବିତ୍ର କୁରାନ ଶରୀଫ ଆଦି କୌଣସି ଗ୍ରନ୍ଥରେ ଅଛି । ପରମାତ୍ମା ନିରାକାର ବୋଲି ଶାସ୍ତ୍ରରେ ଲେଖାଅଛି, ପ୍ରତିଦିନ ଆମ୍ଭେ ପଠନ କରୁଛୁ । ନିରୀହ ଆତ୍ମାମାନେ ସେହି ବିଚକ୍ଷଣ (ଚତୁର ଗୁରୁ)ମାନଙ୍କ କଥାରେ ବିଶ୍ୱାସ କରିବାକୁ ଲାଗିଲେ ଏବଂ ଭାବିଲେ ଯେ ବାସ୍ତବରେ ଏହି କବୀର ତନ୍ତୀ(ବୁଣାକାର) ଅଶିକ୍ଷୀତ, ଆମ୍ଭ ଗୁରୁଜୀ ଶିକ୍ଷୀତ ତେଣୁ ନିଶ୍ଚୟ ସତ୍ୟ କହୁଥିବେ । ଆଜି ସେହି ସତ୍ୟର ପରିପ୍ରକାଶ ହେଉଛି ଏବଂ ସମସ୍ତ ପବିତ୍ର ଧର୍ମର ପବିତ୍ର ସଦଗ୍ରନ୍ଥ ମଧ୍ୟ ଏହାର ଜ୍ୱଳନ୍ତ ସାକ୍ଷୀ । ଏଥିରୁ ପ୍ରମାଣିତ ହେଲା ଯେ ପୂର୍ଣ୍ଣ ପରମେଶ୍ୱର, ସର୍ବ ସୃଷ୍ଟିର ରଚୟିତା, ସର୍ବ ବ୍ରହ୍ମାଣ୍ଡର ମାଲିକ ତଥା କବିର୍ଦେବ(କବୀର ପରମେଶ୍ୱର)ହିଁ ସର୍ବଜ୍ଞ ଅଟନ୍ତି । ଯିଏ କାଶୀ(ବନାରସ)ରେ ପଦ୍ମଫୁଲ ଉପରେ ପ୍ରକଟ ହୋଇ ନିଜ ବାସ୍ତବିକ ତେଜମୟ ଶରୀର ଉପରେ ମାନବ ସଦୃଶ ଏକ ହାଲୁକା ତେଜର ଶରୀର ଧାରଣ କରି ୧୨୦ ବର୍ଷ ପର୍ଯ୍ୟନ୍ତ ଲୀଳା କରି ନିଜ ଦ୍ୱାରା ରଚିତ ସୃଷ୍ଟିର ସଠିକ୍(ବାସ୍ତବିକ ତତ୍ତ୍ୱ) ଜ୍ଞାନ ଦେଇ ସଶରୀରେ ସତ୍ୟଲୋକ ଚାଲିଗଲେ ।

ପାଠକଗଣ କୃପାକରି ପଢନ୍ତୁ ପରମେଶ୍ୱର କବୀର ସାହେବଜୀଙ୍କ ଦ୍ୱାରା ଉଚ୍ଚାରିତ ନିମ୍ନ ଅମୃତବାଣୀ :-

ଧର୍ମଦାସ ଯହ ଜଗ ବୌରାନା । କୋଇ ନ ଜାନେ ପଦ ନିରବାନା ॥୧॥
ଯହି କାରନ ମୈଁ କଥା ପସାରା । ଜଗସେ କହିୟୋ ରାମ ନିୟାରା ॥
ଯହି ଜ୍ଞାନ ଜଗ ଜୀବ ସୁନାଓ । ସବ ଜୀବୋଁକା ଭରମ ନଶାଓ ॥୨॥
ଭରମ ଗୟେ ଜଗ ବେଦ ପୁରାନା । ଆଦିରାମ କା ଭେଦ ନ ଜାନା ॥୩॥
ରାମ ରାମ ସବ ଜଗତ ବଖାନେ । ଆଦିରାମ କୋଇ ବିରଲା ଜାନେ ॥୪॥
ଜ୍ଞାନୀ ସୁନେ ସୋ ହିରଦେ ଲଗାଇ । ମୂର୍ଖ ସୁନେ ସୋ ଗମ୍ୟ ନା ପାଇ ॥୫॥

ଅବ ମେଁ ତୁମସେ କହୋଁ ଚିତାଇ । ତ୍ରିଦେବନକୀ ଉତ୍ପତ୍ତି ଭାଇ ॥୬॥
କୁଛ ସଂକ୍ଷେପ କହୂଁ ଗୌହରାଈ । ସବ ସଂଶୟ ତୁହ୍ମରେ ମିଟ ଜାଈ ॥୭॥
ମାଁ ଅଷ୍ଟଂଗୀ ପିତା ନିରଂଜନ । ୱେ ଜମ ଦାରୁଣ ବଂଶନ ଅଞ୍ଜନ ॥୮॥
ପହିଲେ କୀହ୍ନ ନିରଂଜନ ରାଇ । ପୀଛେ ସେ ମାୟା ଉପଜାଈ ॥୯॥
ମାୟା ରୂପ ଦେଖ ଅତି ଶୋଭା । ଦେବ ନିରଂଜନ ତନମନ ଲୋଭା ॥୧୦॥
କାମଦେବ ଧର୍ମରାୟ ସତ୍ତାୟେ । ଦେବୀ କୋ ତୁରତହୀ ଧର ଖାୟେ ॥୧୧॥
ପେଟ ସେ ଦେବୀ କରି ପୁକାରା । ହେ ସାହେବ ମେରା କରୋ ଉବାରା ॥୧୨॥
ଟେର ସୁନୀ ତବ ହମ ତହାଁ ଆୟେ । ଅଷ୍ଟଙ୍ଗୀ କୋ ବନ୍ଦ ଛୁଡାୟେ ॥୧୩ ॥
ସତଲୋକ ମେଁ କୀହ୍ନା ଦୁରାଚାରି । କାଲ ନିରଂଜନ ଦିହ୍ନା ନିକାରି ॥୧୪॥
ମାୟା ସମେତ ଦିୟା ଭଗାଈ । ସୋଲହ ସଙ୍ଖ କୋସ ଦୂରୀ ପର ଆଈ ॥୧୫॥
ଅଷ୍ଟଙ୍ଗୀ ଔର କାଲ ଅବ ଦୋଈ । ମନ୍ଦ କର୍ମ ସେ ଗଏ ବିଗୋଈ ॥୧୬॥
ଧର୍ମରାୟ କୋ ହିକମତ କୀହ୍ନା । ନଖ ରେଖା ସେ ଭଗକର ଲୀହ୍ନା ॥୧୭॥
ଧର୍ମରାୟ କୀହ୍ନାଁ ଭୋଗ ବିଲାସା । ମାୟାକୋ ରହୀ ତବ ଆସା ॥୧୮॥
ତୀନ ପୁତ୍ର ଅଷ୍ଟଙ୍ଗୀ ଜାୟେ । ବ୍ରହ୍ମା ବିଷ୍ଣୁ ଶିବ ନାମ ଧରାୟେ ॥୧୯॥
ତୀନ ଦେବ ବିସ୍ତାର ଚଲାଏ । ଇନମେଁ ୟହ ଜଗ ଧୋଖା ଖାଏ ॥୨୦॥
ପୁରୁଷ ଗମ୍ୟ କୈସେ କୋ ପାୱେ । କାଲ ନିରଂଜନ ଜଗ ଭରମାବୈ ॥୨୧॥
ତୀନ ଲୋକ ଅପନେ ସୁତ ଦୀହ୍ନା । ସୁନ୍ନ ନିରଂଜନ ବାସା ଲିହ୍ନା ॥୨୨॥
ଅଲଖ ନିରଂଜନ ସୁନ୍ନ ଠିକାନା । ବ୍ରହ୍ମା ବିଷ୍ଣୁ ଶିବ ଭେଦ ନ ଜାନା ॥୨୩॥
ତୀନ ଦେବ ସୋ ଉନକୋ ଧାବେଁ । ନିରଂଜନ କା ୱେ ପାର ନା ପାବେଁ ॥୨୪॥
ଅଲଖ ନିରଂଜନ ବଡା ବଟପାରା । ତୀନ ଲୋକ ଜିବ କୀହ୍ନ ଅହାରା ॥୨୫॥
ବ୍ରହ୍ମା ବିଷ୍ଣୁ ଶିବ ନହାଁ ବଚାୟେ । ସକଲ ଖାୟ ପୁନ ଧୂର ଉଡାୟେ ॥୨୬॥
ତିନକେ ସୁତ ହୈଁ ତୀନୋଁ ଦେବା । ଆନ୍ଧର ଜୀବ କରତ ହୈଁ ସେବା ॥୨୭॥
ଅକାଲ ପୁରୁଷ କାହୂ ନହିଁ ଚୀହ୍ନା । କାଲ ପାୟ ସବହୀ ଗହ ଲିହ୍ନାଁ ॥୨୮॥
ବ୍ରହ୍ମ କାଲ ସକଲ ଜଗ ଜାନେ । ଆଦି ବ୍ରହ୍ମକୋ ନା ପହିଚାନେ ॥୨୯॥
ତୀନୋଁ ଦେବ ଔର ଔତାରା । ତାକୋ ଭଜେ ସକଲ ସଂସାରା ॥୩୦॥
ତୀନୋଁ ଗୁଣ କା ୟହ ବିସ୍ତାରା । ଧର୍ମଦାସ ମୈଁ କହୋଁ ପୁକାରା ॥୩୧॥
ଗୁଣ ତିନୋକୀ ଭକ୍ତି ମେଁ, ଭୂଲ ପରୋ ସଂସାର ॥୩୨॥
କହେ କବୀର ନିଜ ନାମ ବିନ, କୈସେ ଉତରେଁ ପାର ॥୩୩॥

ଉପରୋକ୍ତ ଅମୃତବାଣୀରେ ପରମେଶ୍ୱର କବୀର ସାହେବଜୀ ନିଜ ପ୍ରିୟ ସେବକ ଶ୍ରୀ ଧର୍ମଦାସଜୀଙ୍କୁ କହୁଛନ୍ତି ଯେ ଧର୍ମଦାସ ! ଏହି ସାରା ସଂସାର ତତ୍ତ୍ୱଜ୍ଞାନ ଅଭାବରୁ ଆଜି ବିଚଳିତ । କାହାକୁ ପୂର୍ଣ୍ଣ ମୋକ୍ଷ ମାର୍ଗ ତଥା ପୂର୍ଣ୍ଣ ସୃଷ୍ଟି ରଚନାର ଜ୍ଞାନ ନାହିଁ । ଏଥିପାଇଁ ମୁଁ ଆପଣଙ୍କୁ ମୋ ଦ୍ୱାରା ରଚିତ ସୃଷ୍ଟିର କଥା ଶୁଣାଉଛି । ବୁଦ୍ଧିମାନ ବ୍ୟକ୍ତି ତୁରନ୍ତ ବୁଝିଯିବେ, ପରନ୍ତୁ ଯେଉଁ ବ୍ୟକ୍ତି ସମସ୍ତ ପ୍ରମାଣ ସ୍ୱଚକ୍ଷୁରେ ଦେଖି ମଧ୍ୟ ନ ମାନିବେ ତେବେ ସେହି ଅଜ୍ଞାନୀ ପ୍ରାଣୀ କାଳ ପ୍ରଭାବରେ ପ୍ରଭାବିତ ବୋଲି ବୁଝିବାକୁ ପଡିବ । ସେମାନେ ଭକ୍ତି ଯୋଗ୍ୟ ନୁହଁନ୍ତି । ଏବେ ମୁଁ କହୁଛି ଶୁଣ, ତିନି ଭଗବାନ (ବ୍ରହ୍ମା, ବିଷ୍ଣୁ, ଶିବ)ର ଉତ୍ପତ୍ତି କିପରି ହେଲା ? ଏମାନଙ୍କର ମାତା ଅଷ୍ଟାଙ୍ଗୀ(ଦୁର୍ଗା) ତଥା ପିତା ଜ୍ୟୋତି ନିରଞ୍ଜନ(ବ୍ରହ୍ମ, କାଳ) ଅଟେ । ପ୍ରଥମେ ବ୍ରହ୍ମର ଉତ୍ପତ୍ତି ଅଣ୍ଡାରୁ ହେଲା, ତା'ପରେ ଦୁର୍ଗାର ଉତ୍ପତ୍ତି ହେଲା । ଦୁର୍ଗା ରୂପରେ ଆସକ୍ତ ହୋଇ କାଳ(ବ୍ରହ୍ମ) ଖରାପ (ଦୁର୍ବ୍ୟବହାର) କଲା, ସେତେବେଳେ ଦୁର୍ଗା(ପ୍ରକୃତି) ବ୍ରହ୍ମର ପେଟରେ ଶରଣ ନେଲା । ମୁଁ ସେଠାକୁ ଗଲି ଯେଉଁଠି ଜ୍ୟୋତି ନିରଞ୍ଜନ (କାଳ) ଥିଲା । ତା'ପରେ ଭବାନୀକୁ ବ୍ରହ୍ମର ଉଦରରୁ ବାହାର କରି ଉଭୟଙ୍କୁ ଏକୋଇଶ ବ୍ରହ୍ମାଣ୍ଡ ସହିତ ୧୬ ଶଙ୍ଖ କୋଶ ଦୂରକୁ ପଠାଇଦେଲି । ଜ୍ୟୋତି ନିରଞ୍ଜନ (ଧର୍ମରାୟ) ପ୍ରକୃତି ଦେବୀ (ଦୁର୍ଗା) ସହିତ ଭୋଗ-ବିଳାସ କଲା ।

ଏହି ଦୁହିଁଙ୍କ ସଂଯୋଗରୁ ତିନିଗୁଣ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ଉତ୍ପତ୍ତି ହେଲା । ଏହି ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କ ସାଧନା କରି ସମସ୍ତ ପ୍ରାଣୀ କାଳଜାଲରେ ଫସିଛନ୍ତି । ଯେ ପର୍ଯ୍ୟନ୍ତ ବାସ୍ତବିକ ମନ୍ତ୍ର ନ ମିଳିଛି, ପୂର୍ଣ୍ଣମୋକ୍ଷ କିପରି ହେବ ?

ବିଶେଷ:- ପ୍ରିୟ ପାଠକଗଣ ବିଚାର କରନ୍ତୁ, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ସ୍ଥିତିକୁ ଅବିନାଶୀ କୁହାଯାଇଛି । ସର୍ବ ହିନ୍ଦୁ ସମାଜ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ତିନି ପରମାତ୍ମାଙ୍କୁ ଅଜର-ଅମର ଓ ଜନ୍ମ-ମୃତ୍ୟୁ ରହିତ ବୋଲି ମାନି ଆସୁଥିଲେ କିନ୍ତୁ ଏହି ତିନି ଦେବତା ମରଣଶୀଳ ଅଟନ୍ତି । ଏମାନଙ୍କର ପିତା କାଳ ରୂପୀ ବ୍ରହ୍ମ ଓ ମାତା ଦୁର୍ଗା(ପ୍ରକୃତି/ଅଷ୍ଟାଙ୍ଗୀ) ଅଟନ୍ତି ଯେପରି ଆପଣ ପୂର୍ବର ସମସ୍ତ ପ୍ରମାଣରେ ପଢି ସାରିଛନ୍ତି, ସେହି ସମସ୍ତ ଜ୍ଞାନ ଆମ୍ଭ ନିଜ ଶାସ୍ତ୍ରରେ ବିଦ୍ୟମାନ କିନ୍ତୁ ହିନ୍ଦୁ ସମାଜର କଳିଯୁଗୀ ଗୁରୁ, ଋଷି ଓ ସନ୍ଥମାନଙ୍କର ଏହି ଜ୍ଞାନ ନାହିଁ । ଯେଉଁ ଅଧ୍ୟାପକ ପାଠ୍ୟକ୍ରମ (ସିଲାବସ) ସହିତ ଅପରିଚିତ ସେହି ଅଧ୍ୟାପକ ଯୋଗ୍ୟ (ବିଦ୍ୱାନ) ନୁହଁନ୍ତି, ବିଦ୍ୟାର୍ଥିମାନଙ୍କର ଭବିଷ୍ୟତର ଶତ୍ରୁ ଅଟନ୍ତି । ଏହି ପ୍ରକାରେ ଯେଉଁ ଗୁରୁମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଜଣା ନାହିଁ ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କର ମାତା-ପିତା କିଏ ? ତ ସେହି ଗୁରୁ, ଋଷି ଓ ସନ୍ଥଗଣ ଜ୍ଞାନହୀନ ଅଟନ୍ତି, ଯେଉଁ କାରଣରୁ ସର୍ବ ଭକ୍ତ ସମାଜକୁ ଶାସ୍ତ୍ରବିରୁଦ୍ଧ ଜ୍ଞାନ (ଲୋକବେଦ ଅର୍ଥାତ୍ ମନଗଢା କଥା) ଶୁଣାଇ ମିଥ୍ୟା ଜ୍ଞାନରେ ପରିପୂର୍ଣ୍ଣ କରିଦେଲେ । ଶାସ୍ତ୍ରବିଧି ବିରୁଦ୍ଧ ଭକ୍ତିସାଧନା ବତାଇ ପରମାତ୍ମାଙ୍କ ବାସ୍ତବିକ ଲାଭ (ପୂର୍ଣ୍ଣ ମୋକ୍ଷ) ରୁ ବଞ୍ଚିତ କରାଇ ସମସ୍ତଙ୍କର ଅମୂଲ୍ୟ ମାନବ ଜନ୍ମକୁ ନଷ୍ଟ କରିଦେଲେ କାରଣ ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ଏହି ପ୍ରମାଣ ଅଛି ଯେ ଯେଉଁମାନେ ଶାସ୍ତ୍ରବିଧି ତ୍ୟାଗ କରି ମନମୁଖୀ ଆଚରଣ ବା ପୂଜା କରିଥାନ୍ତି ସେମାନଙ୍କୁ କୌଣସି ଲାଭ ପ୍ରାପ୍ତି ହୁଏ ନାହିଁ । ପୂର୍ଣ୍ଣ ପରମାତ୍ମା କବୀରଜୀ ପାଞ୍ଚ ବର୍ଷୀୟ ଲୀଲାମୟ ଆୟୁରେ, ସନ ୧୪୦୩ ରୁ ସର୍ବ ଶାସ୍ତ୍ର ଯୁକ୍ତ ଜ୍ଞାନକୁ ନିଜ ଅମୃତବାଣୀ (କବୀରବାଣୀ) ରେ ପ୍ରକାଶ କରିବା ପ୍ରାରମ୍ଭ କରିଥିଲେ ପରନ୍ତୁ ସେହି ଅଜ୍ଞାନୀ ଗୁରୁମାନେ ଏହି ଜ୍ଞାନକୁ ଭକ୍ତ ସମାଜ ପର୍ଯ୍ୟନ୍ତ ପହଞ୍ଚିବାକୁ ଦେଲେ ନାହିଁ ଯାହା ବର୍ତ୍ତମାନ ସର୍ବ ସଦଗ୍ରନ୍ଥରୁ ସ୍ପଷ୍ଟ ହେବାରେ ଲାଗିଛି । ଏଥିରୁ ପ୍ରମାଣିତ ହେଲା ଯେ କର୍ବିଦେବ (କବୀର ପ୍ରଭୁ) ତତ୍ତ୍ୱଦର୍ଶୀ ସନ୍ଥଙ୍କ ରୂପରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ଆସିଥିଲେ ।

### "ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନାର ପ୍ରମାଣ"

ଆଦି ରମୈଣୀ (ସଦ୍‌ଗ୍ରନ୍ଥ ପୃଷ୍ଠା ନଂ ୬୯୦ ରୁ ୬୯୨ ପର୍ଯ୍ୟନ୍ତ)
ଆଦି ରମୈଣୀ ଅଦଲୀ ସାରା । ଜା ଦିନ ହୋତେ ଧୁଁଧୁଁକାରା ॥୧॥
ସତପୁରୁଷ କୀହ୍ନା ପ୍ରକାଶା । ହମ ହୋତେ ତଖତ କବୀର ଖୱାସା ॥୨॥
ମନ ମୋହିନୀ ସିରଜୀ ମାୟା । ସତପୁରୁଷ ଏକ ଖ୍ୟାଲ ବନାୟା ॥୩॥
ଧର୍ମରାୟ ସିରଜେ ଦରବାନୀ । ଚୌଷଠ ଜୁଗତପ ସେବା ଠାଁନୀ ॥୪॥
ପୁରୁଷ ପୃଥିବୀ ଜାଁକୂ ଦୀହ୍ନୀ । ରାଜ କରୋ ଦେବା ଆଧୀନୀ ॥୫॥
ବ୍ରହ୍ମାଣ୍ଡ ଇକୀସ ରାଜ ତୁମ ଦୀହ୍ନା । ମନ କୀ ଇଚ୍ଛା ସବ ଯୁଗ ଲୀହ୍ନା ॥୬॥
ମାୟା ମୂଲ ରୂପ ଏକ ଛାଜା । ମୋହି ଲିୟେ ଜିନହୂଁ ଧର୍ମରାଜା ॥୭॥
ଧର୍ମକା ମନ ଚଁଚଲ ଚିତ ଧାର୍‌ୟା । ମନ ମାୟାକା ରୂପ ବିଚାରା ॥୮॥
ଚଁଚଲ ଚେରୀ ଚପଲ ଚିରାଗା । ୟା କେ ପରସେ ସରବସ ଜାଗା ॥୯॥
ଧର୍ମରାୟ କୀୟା ମନ କା ଭାଗୀ । ବିଷୟ ବାସନା ସଙ୍ଗ ସେ ଜାଗୀ ॥୧୦॥
ଆଦି ପୁରୁଷ ଅଦଲୀ ଅନରାଗୀ । ଧର୍ମରାୟ ଦିୟା ଦିଲ ସେଁ ତ୍ୟାଗୀ ॥୧୧॥
ପୁରୁଷ ଲୋକ ସେଁ ଦୀୟା ଢ଼ହାହୀ । ଅଗମ ଦୀପ ଚଲି ଆୟେ ଭାଇ ॥୧୨॥
ସହଜ ଦାସ ଜିସ ଦୀପ ରହଁତା । କାରଣ କୌନ କୌନ କୁଲ ପଁଥା ॥୧୩॥
ଧର୍ମରାୟ ବୋଲେ ଦରବାନୀ । ସୁନୋ ସହଜ ଦାସ ବ୍ରହ୍ମଜ୍ଞାନୀ ॥୧୪॥
ଚୌସଠ ଜୁଗ ହମ ସେବା କୀହ୍ନୀ । ପୁରୁଷ ପୃଥିବୀ ହମ କୂଁ ଦୀହ୍ନୀ ॥୧୫॥

ଚଁଚଲ ରୂପ ଭୟା ମନ ବୌରା । ମନମୋହିନୀ ଠଗିୟା ଭୌଁରା ॥୧୬॥
ସତପୁରୁଷ କେ ନା ମନ ଭାୟେ । ପୁରୁଷ ଲୋକ ସେ ହମ ଚଲି ଆୟେ ॥୧୭॥
ଅଗର ଦୀପ ସୁନତ ବଡଭାଗୀ । ସହଜ ଦାସ ମେଟୋ ମନ ପାଗୀ ॥୧୮॥
ବୋଲେ ସହଜଦାସ ଦିଲ ଦାନୀ । ହମ ତୋ ଚାକର ସତ ସହଦାନୀ ॥୧୯॥
ସତପୁରୁଷ ସେଁ ଅରଜ ଗୁଜାରୁଁ । ଜବ ତୁହ୍ମାରା ବିବାଣ ଉତାରୁଁ ॥୨୦॥
ସହଜ ଦାସ କୋ କୀୟା ପୀୟାନା । ସତ୍ୟଲୋକ ଲୀୟା ପ୍ରବାନା ॥୨୧॥
ସତପୁରୁଷ ସାହିବ ସରବଂଗୀ । ଅବିଗତ ଅଦଲୀ ଅଚଲ ଅଭଂଗୀ ॥୨୨॥
ଧର୍ମରାୟ ତୁହ୍ମରା ଦରବାନୀ । ଅଗର ଦୀପ ଚଲି ଗୟେ ପ୍ରାନୀ ॥୨୩॥
କୌଁନ ହୁକମ କରୀ ଅରଜ ଅବାଜା । କହାଁ ପଠାବୌ ଉସ ଧର୍ମରାଜା ॥୨୪॥
ଭଇ ଅବାଜ ଅଦଲୀ ଏକ ସାଚା । ବିଷୟ ଲୋକ ଜା ତୀନୁଁ ବାଚା ॥୨୫॥
ସହଜ ବିମାଁନ ଚଲେ ଅଧିକାଇ । ଛିନ ମେଁ ଅଗର ଦୀପ ଚଲି ଆଇ ॥୨୬॥
ହମତୋ ଅରଜ କରୀ ଅନରାଗୀ । ତୁହ୍ମ ବିଷୟ ଲୋକ ଜାବୋ ବଡଭାଗୀ ॥୨୭॥
ଧର୍ମରାୟ କେ ଚଲେ ବିମାନା । ମାନସରୋବର ଆୟେ ପ୍ରାନା ॥୨୮॥
ମାନସରୋବର ରହନ ନ ପାୟେ । ଦରୈ କବୀରା ଥାଁନା ଲାୟେ ॥୨୯॥
ବଁକନାଲ କୀ ବିଷମୀ ବାଟୀ । ତହାଁ କବୀରା ରୋକୀ ଘାଟୀ ॥୩୦॥
ଇନ ପାଁଚୋଁ ମିଲି ଜଗତ ବନ୍ଧାନା । ଲକ୍ଷ ଚୌରାସୀ ଜୀବ ସନ୍ତାନା ॥୩୧॥
ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା । ଧର୍ମରାୟ କା ରାଜ ପଠାୟା ॥୩୨॥
ୟୋହ ଖୋଖା ପୁର ଝୁଠୀ ବାଜୀ । ଭିସତି ବୈକୁଣ୍ଠ ଦଗାସୀ ସାଜୀ ॥୩୩॥
କୃତିମ ଜୀବ ଭୁଲାଁନେ ଭାଇ । ନିଜ ଘର କୀ ତୋ ଖବରି ନ ପାଇ ॥୩୪॥
ସବା ଲାଖ ଉପଜେଁ ନିତ ହଂସା । ଏକ ଲାକ୍ଷ ବିନଶେଁ ନିତ ଅଁସା ॥୩୫॥
ଉପତି ଖପତି ପ୍ରଳୟ ଫେରୀ । ହର୍ଷ ଶୋକ ଜୌଁରା ଜମ ଜେରୀ ॥୩୬॥
ପାଁଚୋଁ ତତ୍ତ୍ୱ ହୈଁ ପ୍ରଳୟ ମାଁହୀ । ସତ୍ତ୍ୱଗୁଣ ରଜଗୁଣ ତମଗୁଣ ଝାଁଇ ॥୩୭॥
ଆଠୋଁ ଅଙ୍ଗ ମିଲୀ ହୈ ମାୟା । ପିଣ୍ଡ ବ୍ରହ୍ମାଣ୍ଡ ସକଲ ଭରମାୟା ॥୩୮॥
ୟା ମେଁ ସୁରତି ଶବ୍ଦକୀ ଡୋରୀ । ପିଣ୍ଡ ବ୍ରହ୍ମାଣ୍ଡ ଲଗୀହୈ ଖୋରୀ ॥୩୯॥
ଶ୍ୱାସା ପାରସ ମନ ଗହ ରାଖୋ । ଖୋହ୍ଲି କପାଟ ଅମୀରସ ଚାଖୋ ॥୪୦॥
ସୁନାଉଂ ହଂସ ଶବ୍ଦ ସୁନ ଦାସା । ଅଗମ ଦୀପ ହୈ ଅଗ ହୈ ବାସା ॥୪୧॥
ଭବସାଗର ଜମ ଦଣ୍ଡ ଜମାନା । ଧର୍ମରାୟ କା ହୈ ତଲବାଁନା ॥୪୨॥
ପାଁଚୋଁ ଉପର ପଦ କୀ ନଗରୀ । ବାଟ ବିହଂଗମ ବଂକୀ ଡଗରୀ ॥୪୩॥
ହମରା ଧର୍ମରାୟ ସୌଁ ଦାବା । ଭବସାଗର ମେଁ ଜୀବ ଭରମାବା ॥୪୪॥
ହମ ତୋ କହେଁ ଅଗମ କୀ ବାନୀ । ଜହାଁ ଅବିଗତ ଅଦଲୀ ଆପ ବିନାନୀ ॥୪୫॥
ବଂଦୀ ଛୋଡ଼ ହମାରା ନାମଂ । ଅଜର ଅମର ହୈ ଅସ୍ଥିର ଠାମଂ ॥୪୬॥
ଜୁଗନ ଜୁଗନ ହମ କହତେ ଆୟେ । ଜମ ଜୌଁରା ସେଁ ହଂସ ଛୁଟାୟେ ॥୪୭॥
ଜୋ କୋଇ ମାନେଁ ଶବ୍ଦ ହମାରା । ଭବସାଗର ନହୀଁ ଭରମେଁ ଧାରା ॥୪୮॥
ୟା ମେଁ ସୁରତି ଶବ୍ଦ କା ଲେଖା । ତନ ଅଂଦର ମନ କହୋ କୀହ୍ନୀ ଦେଖା ॥୪୯॥
ଦାସ ଗରୀବ ଅଗମ କୀ ବାଣୀ । ଖୋଜା ହଂସା ଶବ୍ଦ ସହଦାନୀ ॥୫୦॥

ଉପରୋକ୍ତ ଅମୃତବାଣୀର ଭାବାର୍ଥ ହେଲା ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଏଠାରେ ପ୍ରଥମେ କେବଳ ଅନ୍ଧକାର ଥିଲା ଏବଂ ପୂର୍ଣ୍ଣ ପରମାତ୍ମା କବୀର ସାହେବଜୀ ସତ୍ୟଲୋକରେ ତଖତ (ସିଂହାସନ) ଉପରେ ବିରାଜମାନ ଥିଲେ । ଆମ୍ଭେମାନେ ସେଠାରେ ଚାକର ରୁପରେ ଥିଲେ । ପରମାତ୍ମା ଜ୍ୟୋତି ନିରଞ୍ଜନକୁ ଉତ୍ପନ୍ନ କଲେ । ପୁଣି ତପସ୍ୟାର ପ୍ରତିଫଳ ସ୍ୱରୂପ ତାଙ୍କୁ ଏକୋଇଶି ବ୍ରହ୍ମାଣ୍ଡ ପ୍ରଦାନ କଲେ । ପୁଣି ମାୟା(ପ୍ରକୃତି)ଙ୍କୁ ଉତ୍ପନ୍ନ କଲେ । ଯୁବତୀ ଦୁର୍ଗାଙ୍କ ରୂପରେ ବିମୋହିତ

ହୋଇ ଜ୍ୟୋତି ନିରଞ୍ଜନ (ବ୍ରହ୍ମ), ଦୁର୍ଗା (ପ୍ରକୃତି)ଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କଲେ । ତେଣୁ ବ୍ରହ୍ମଙ୍କୁ ଏହି କର୍ମର ଦଣ୍ଡ ମିଳିଲା । ତାଙ୍କୁ ସତ୍ୟଲୋକରୁ ବହିଷ୍କାର କରାଯିବା ସହିତ ଏହି ଅଭିଶାପ ମିଳିଲା ଯେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ସେ ପ୍ରତିଦିନ ଆହାର କରିବେ ଏବଂ ଲକ୍ଷେ ପଚିଶ ହଜାର ଉତ୍ପନ୍ନ କରିବେ । ଏଠାରେ ସମସ୍ତ ପ୍ରାଣୀ ଜନ୍ମ-ମୃତ୍ୟୁ କଷ୍ଟ ଭୋଗୁଛନ୍ତି । ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ଶବ୍ଦ (ବାସ୍ତବିକ ନାମ ଜପମନ୍ତ୍ର) ଯଦି କେହି ଆମ୍ଭ ଠାରୁ ପ୍ରାପ୍ତ କରିବ, ତାଙ୍କୁ କାଳ ବନ୍ଧନରୁ ମୁକ୍ତ କରିଦେବୁ । ଆମ୍ଭର ବନ୍ଦୀଛୋଡ଼ ନାମ ଅଟେ। ଆଦରଣୀୟ ଗରୀବ ଦାସଜୀ ନିଜ ଗୁରୁ ଓ ପ୍ରଭୁ କବୀର ପରମାତ୍ମାଙ୍କ ଜ୍ଞାନ ଆଧାରରେ କହୁଛନ୍ତି ଯେ ସେହି ବାସ୍ତବିକ ମନ୍ତ୍ର ଅର୍ଥାତ୍ ସତ୍‌ନାମ ଓ ସାରଶବ୍ଦ ପ୍ରାପ୍ତି କଲେ ପୂର୍ଣ୍ଣମୋକ୍ଷ ନିଶ୍ଚୟ ମିଳିବ । ନଚେତ୍ ନକଲି ନାମ ଦାତା ସନ୍ଥ-ମହନ୍ତମାନଙ୍କର ମିଠା-ମିଠା କଥାରେ ଭ୍ରମିତ ହୋଇ, ଶାସ୍ତ୍ରବିଧି ରହିତ ସାଧନା କରି କାଳ ଜାଲରେ ରହିଯିବ । ପୁଣି ମହାକଷ୍ଟ ଭୋଗ କରିବ ।

ଗରୀବ ଦାସଜୀ ମହାରାଜଙ୍କ ଅମର ଗ୍ରନ୍ଥ ଅଧ୍ୟାୟ ‘‘ହଂସ ପରମହଂସ କଥାର ବାଣୀ ନଂ ୩୭-୪୩ ରେ କୁହାଯାଇଛି ଯେ :-

ମାୟା ଆଦି ନିରଂଜନ ଭାଇ, ଅପନେ ଜାଏ ଆପୈ ଖାଇ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଚେଲା, ଓଁ ସୋହଂ କା ହୈ ଖେଲା ॥୩୭॥
ଶିଖର ସୁନ୍ନ ମେଂ ଧର୍ମ ଅନ୍ୟାୟୀ, ଜିନ ଶକ୍ତି ଡାୟନ ମହଲ ପଠାଇ ।
ଲାଖ ଗ୍ରାସୈ ନିତ ଉଠି ଦୂତୀ, ମାୟା ଆଦି ତଖତ କୀ କୂତୀ ॥୩୮॥
ସବା ଲାଖ ଘଡିୟେଁ, ନିତ ଭାଁଡେ, ହଂସା ଉତ୍ପତ୍ତି ପ୍ରଳୟ ଡାଁଡେ ।
ୟେ ତିନୌଁ ଚେଲା ବଟ ପାରୀ, ସିରଜେ ପୁରୁଷା ସିରଜୀ ନାରୀ ॥୩୯॥
ଖୋଖାପୁର ମେଁ ଜୀବ ଭୁଲାୟେ, ସ୍ୱପ୍ନା ବହିସ୍ତ ବୈକୁଣ୍ଠ ବଁନାୟେ ।
ୟୋ ହରହଟ କା କୂଓ୍ୱା ଲୋଇ, ୟା ଗଲ ବନ୍ଧ୍ୟା ହୈ ସବ କୋଇ ॥୪୦॥
କୀଡୀ କୁଜଂର ଔର ଅବତାରା, ହରହଟ ଡୋରୀ ବନ୍ଧେ କଇ ବାରା ।
ଅରବ ଅଲୀଲ ଇନ୍ଦ୍ର ହୈଁ ଭାଇ, ହରହଟ ଡୋରୀ ବଁଧେ ସବ ଆଇ ॥୪୧॥
ଶେଷ ମହେଶ ଅରୁ ଗଣେଶ ତାଁଇ, ହରହଟ ଡୋରୀ ବଁଧ ସବ ଆଁଇ ॥
ଶୁକ୍ରାଦିକ ବ୍ରହ୍ମାଦିକ ଦେବା, ହରହଟ ଡୋରୀ ବଂଧେ ସବ ଖେବା ॥
କୋଟିକ କର୍ତ୍ତା ଫିରତା ଦେଖ୍ୟା, ହରହଟ ଡୋରୀ କହୂଁ ସୁନି ଲେଖା ॥୪୨॥
ଚତୁର୍ଭୁଜୀ ଭଗବାନ କହାବୈଁ, ହରହଟ ଡୋରୀ ବଁଧେ ସବ ଆବୈଁ ॥
ୟୋହ ହୈ ଖୋଖାପୁର କା କୂଓ୍ୱା, ୟାମେଁ ପର୍‌ୟା ସୋ ନିଶ୍ଚୟ ମୂବା ॥୪୩॥

ଏହି ତିନି ଦେବତା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ଜ୍ୟୋତି ନିରଞ୍ଜନ (କାଳବଳୀ)ଙ୍କ ବଶବର୍ତ୍ତି ହୋଇ, ନିଜର ମହିମା ଦେଖାଇ ଜୀବମାନଙ୍କୁ ସ୍ୱର୍ଗ-ନର୍କ ଓ ଭବସାଗରରେ (ଚଉରାଶୀ ଲକ୍ଷ ଯୋନିରେ) ଭ୍ରମିତ କରି ରଖିଥାନ୍ତି । ଜ୍ୟୋତି ନିରଞ୍ଜନ ନିଜ ମାୟା ବଳରେ ନାଗୁଣୀ ପରି ଜୀବମାନଙ୍କୁ ଉତ୍ପନ୍ନ କରି ପୁଣି ସେମାନଙ୍କୁ ମାରି ଦେଇଥାଏ। ଯେପରି ନାଗୁଣୀ ନିଜ ଲାଞ୍ଜ ଦ୍ୱାରା ଅଣ୍ଡା ଚାରିପଟେ କୁଣ୍ଡଳୀ ତିଆରି କରେ ପୁଣି ସେହି ଅଣ୍ଡାକୁ ଚୋଟ ମାରିଥାଏ ଯାହାଦ୍ୱାରା ଅଣ୍ଡାଗୁଡିକ ଫାଟି ଯାଇ ସେଥିରୁ ଛୁଆ ବାହାରିଥାଏ। ନାଗୁଣୀ ସେଗୁଡିକୁ ଖାଇଦିଏ। ଚୋଟ ମାରିବା ସମୟରେ କିଛି ଅଣ୍ଡା ଫାଟି ଯାଇଥାଏ କାରଣ ନାଗୁଣୀ ବହୁତଗୁଡିଏ ଅଣ୍ଡା ଦେଇଥାଏ । ଯେଉଁ ଅଣ୍ଡାଗୁଡିକ ଫାଟିଯାଏ ସେଥିରୁ ଛୁଆ ବାହାରିଥାନ୍ତି। ଯଦି କୌଣସି ଛୁଆ କୁଣ୍ଡଳୀ(ସାପ ନିଜ ଲାଞ୍ଜକୁ ଗୁଡାଇ କରିଥିବା ଘେରା) ବାହାରକୁ ବାହାରିଯାଏ ତେବେ ସେହି ଛୁଆ ବଞ୍ଚିଯାଇଥାଏ, ଅନ୍ୟଥା ଯେଉଁ ଛୁଆମାନେ କୁଣ୍ଡଳୀ ଭିତରେ ରହିଯାଆନ୍ତି ସେମାନଙ୍କୁ ନାଗୁଣୀ ଛାଡ଼ି ନଥାଏ । କୁଣ୍ଡଳୀ ଭିତରେ ଯେତେ ଛୁଆ ରହିଯାନ୍ତି

ନାଗୁଣୀ ସେହି ଛୁଆମାନଙ୍କୁ ଖାଇଦିଏ। ଯେଉଁ ସାଧକ ବ୍ରହ୍ମ (କାଳବ୍ରହ୍ମ ଅର୍ଥାତ୍ ଜ୍ୟୋତି ନିରଞ୍ଜନ, ଦେବୀ ଦୁର୍ଗା ଓ ବ୍ରହ୍ମା, ବିଷ୍ଣୁ, ଶିବ ତଥା ଅନ୍ୟ ଦେବତାଙ୍କର ଭକ୍ତି କରନ୍ତି ସେମାନେ କାଳବ୍ରହ୍ମ ରୂପି ନାଗୁଣୀର କୁଣ୍ଡଳୀ ଅର୍ଥାତ୍ ଜନ୍ମ ମରଣ ଚକ୍ରରେ, କାଳ ଲୋକରେ ରହିଯାନ୍ତି ଯେଉଁମାନଙ୍କୁ କାଳ ଜ୍ୟୋତି ନିରଞ୍ଜନ ଖାଇଯାଏ।)


ମାୟା କାଳୀ ନାଗିନୀ, ଅପନେ ଜାୟେ ଖାତ ।
କୁଣ୍ଡଳୀ ମେଁ ଛୋଡେ ନହିଁ, ସୌ ବାତୋ କୀ ବାତ ॥

ଏହି ପ୍ରକାରେ ଏହା କାଳବଳୀର ଜାଲ ଅଟେ। ପୂର୍ଣ୍ଣ ସନ୍ଥଙ୍କଠାରୁ ନାମଦୀକ୍ଷା ନେଇ ନିରଞ୍ଜନର ଭକ୍ତି କରିବେ ତ ଏହି ନିରଞ୍ଜନର କୁଣ୍ଡଳୀ(ଏକୋଇଶ ବ୍ରହ୍ମାଣ୍ଡ)ମଧ୍ୟରୁ ବାହାରକୁ ବାହାରି ପାରିବେ ନାହିଁ । ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ ଓ ଆଦିମାୟା ସିଂହବାହିନୀ ମଧ୍ୟ ନିରଞ୍ଜନ କୁଣ୍ଡଳୀ ମଧ୍ୟରେ ଅଛନ୍ତି । ଏହି ଅସହାୟ ଦେବୀ-ଦେବତାଗଣ ଅବତାର ଧାରଣ କରି ଆସନ୍ତି ଏବଂ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲନ୍ତି । ତେଣୁ ବିଚାର କରନ୍ତୁ ଏହି କାରଣରୁ ଧ୍ରୁବ, ପ୍ରହଲ୍ଲାଦ ଓ ଶୁକଦେବ ଋଷି ସୋହଂ ମନ୍ତ୍ର ଜପ କରି ମଧ୍ୟ ନିରଞ୍ଜନର କୁଣ୍ଡଳୀରୁ ମୁକ୍ତ ହୋଇ ପାରିନଥିଲେ । କାରଣ ଶ୍ରୀ ବିଷ୍ଣୁପୁରାଣର ପ୍ରଥମ ଅଂଶର ଅଧ୍ୟାୟ ୧୨, ଶ୍ଳୋକ ୯୩ ର ପୃଷ୍ଠା ୫୧ ରେ ଲେଖାଅଛି ଯେ ଧ୍ରୁବ କେବଳ ଏକକଳ୍ପ ଅର୍ଥାତ୍ ଏକ ହଜାର ଚତୁର୍ଯୁଗ ପର୍ଯ୍ୟନ୍ତ ମୁକ୍ତ ହୋଇଛନ୍ତି। ଏଥିପାଇଁ ସେ କାଳଲୋକରେ ହିଁ ରହିଗଲେ ତଥା 'ଓଁ ନମଃ ଭଗବତେ ବାସୁଦେବାୟ' ମନ୍ତ୍ର ଜପ କରୁଥିବା ଭକ୍ତ ମଧ୍ୟ ଶ୍ରୀକୃଷ୍ଣଙ୍କ ପର୍ଯ୍ୟନ୍ତ ଭକ୍ତି କରିଥାନ୍ତି, ସେମାନେ ମଧ୍ୟ ଚଉରାଶୀ ଲକ୍ଷ ଯୋନି ଚକ୍ରରୁ ବର୍ତ୍ତି ପାରିବେ ନାହିଁ । ପରମପୂଜ୍ୟ କବୀର ସାହେବଜୀ ଓ ଆଦରଣୀୟ ଗରୀବଦାସ ସାହେବଜୀ ମହାରାଜଙ୍କ ବାଣୀ ଏହି ପ୍ରତ୍ୟକ୍ଷ ପ୍ରମାଣ ଦେଇ କହେ ଯେ:-

ଅନନ୍ତ କୋଟି ଅବତାର ହୈଂ, ମାୟା କେ ଗୋବିନ୍ଦ । କର୍ତା ହୋ ହୋ ଅବତରେ, ବହୁର ପଡେ ଜଗ ଫନ୍ଧ ୨୪ ॥

ସତ୍ୟପୁରୁଷ କବୀର ସାହେବଜୀଙ୍କ ଭକ୍ତି ଦ୍ୱାରା ଜୀବ ମୁକ୍ତ ହୋଇପାରିବ। ଜୀବ ଯେପର୍ଯ୍ୟନ୍ତ ସତ୍ୟଲୋକକୁ ନ ଫେରିଛି ସେ ପର୍ଯ୍ୟନ୍ତ କାଳଲୋକରେ ଏହିପରି କର୍ମ କରିବ, ନାମଜପ ଓ ଦାନଧର୍ମରୁ କରିଥିବା ଭକ୍ତି ଧନକୁ ସ୍ୱର୍ଗ ରୂପୀ ହୋଟେଲରେ ସମାପ୍ତ କରି ପୁନର୍ବାର କର୍ମ ଆଧାରରେ ଏହି କାଳଲୋକରେ ଘୁରି ବୁଲିବ ଯାହା ଚଉରାସୀ ଲକ୍ଷ ପ୍ରକାର ପ୍ରାଣୀଙ୍କ ଶରୀରକଷ୍ଟ ଭୋଗର ସ୍ଥାନ ଅଟେ । ମାୟା (ଦୁର୍ଗା)ଠାରୁ ଉତ୍ପନ୍ନ କୋଟି କୋଟି ଗୋବିନ୍ଦ (ବ୍ରହ୍ମା-ବିଷ୍ଣୁ-ଶିବ) ମୃତ୍ୟୁବରଣ କରିସାରିଛନ୍ତି। ଭଗବାନଙ୍କ ଅବତାର ହୋଇ ଆସିଥିଲେ ପୁଣି କର୍ମବନ୍ଧନରେ ବାନ୍ଧି ହୋଇ, କର୍ମଦଣ୍ଡ ଭୋଗ କରି ଚଉରାଶୀ ଲକ୍ଷ ଯୋନିକୁ ଚାଲିଗଲେ । ଯେପରି ଭଗବାନ ବିଷ୍ଣୁଙ୍କୁ ଦେବର୍ଷି ନାରଦ ଅଭିଶାପ ଦେଇଥିଲେ, ସେ ଶ୍ରୀରାମଚନ୍ଦ୍ର ରୂପରେ ଅଯୋଧ୍ୟାକୁ ଆସିଲେ। ପୁଣି ଶ୍ରୀରାମ ରୂପରେ ବାଳି ବଧ କରିଥିଲେ । ସେହି କର୍ମର ଦଣ୍ଡ ଭୋଗିବା ପାଇଁ ଶ୍ରୀକୃଷ୍ଣଙ୍କ ଜନ୍ମ ହେଲା । ପୁଣି ବାଳିର ଆତ୍ମା ଶିକାରୀ ହୋଇ ପ୍ରତିଶୋଧ ନେଲା। ଶ୍ରୀକୃଷ୍ଣଙ୍କ ପାଦରେ ବିଷାକ୍ତ ତୀର ମାରି ତାଙ୍କର ବଧ କଲା । ମହାରାଜ ଗରୀବ ଦାସଜୀ ନିଜ ବାଣୀରେ କହନ୍ତି ଯେ :-

ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା, ଔର ଧର୍ମରାୟ କହିୟେ ।
ଇନ ପାଁଚୋଁ ମିଲ ପରପଁଚ ବନାୟା, ବାଣୀ ହମରୀ ଲହିୟେ ॥
ଇନ ପାଁଚୋଁ ମିଲ ଜୀବ ଅଟକାୟେ, ଜୁଗନ-ଜୁଗନ ହମ ଆନ ଛୁଟାୟେ ।
ବନ୍ଦୀଛୋଡ଼ ହମାରା ନାମଂ, ଅଜର ଅମର ହୈ ଅସ୍ଥିର ଠାମଂ ॥
ପୀର ପୈଗମ୍ବର କୁତୁବ ଔଲିୟା, ସୁର ନର ମୁନିଜନ ଜ୍ଞାନୀ ।
ୟେତା କୋ ତୋ ରାହ ନ ପାୟା, ଜମକେ ବଂଧେ ପ୍ରାଣୀ ॥
ଧର୍ମରାୟ କୀ ଧୂମା-ଧାମୀ, ଜମପର ଜଂଗ ଚଲାଉଁ ।
ଜୋରା କୋ ତୋ ଜାନ ନ ଦୂଁଗା, ବାନ୍ଧ ଅଦଲ ଘର ଲ୍ୟାଉଁ ॥
କାଲ ଅକାଲ ଦୋହୂଁ କୋ ମୋସୂଁ, ମହାକାଲ ସିର ମୂଁଡୂଁ
ମୈଁ ତୋ ତଖତ ହଜୂରୀ ହୁକମୀ, ଚୋର ଖୋଜ କୂଁ ଢୂଁଢୂ ॥




ୟହ ହରହଟ କା କୁଆଁ ଲୋଈ, ୟା ଗଲ ବଂଧ୍ୟା ହୈ ସବ କୋଈ।
କୀଡ଼ୀ କୁଂଜର ଔର ଅବତାରା, ହରହଟ ଡ଼ୋରୀ ବଁଧେ କଈ ବାରା।।

**କାଳ ଲୋକରେ ଥିବା ଜନ୍ମ-ମରଣ ରୂପୀ ଅରଟ (ଚକ୍ର)**

ମୂଲା ମାୟା ମଗ ମେଁ ବୈଠୀ, ହଂସା ଚୁନ-ଚୁନ ଖାଇ ।
ଜ୍ୟୋତି ସ୍ୱରୂପୀ ଭୟା ନିରଂଜନ, ମୈଂହୀ କର୍ତା ଭାଇ ॥
ସହଂସ ଅଠାସୀ ଦୀପ ମୁନୀଶ୍ୱର, ବନ୍ଧେ ମୁଲା ଡୋରୀ ।
ଐତ୍ୟାଁ ମେଁ ଜମ କା ତଲବାନା, ଚଲିଏ ପୁରୁଷ କୀଶୋରୀ ॥
ମୂଲା କା ତୋ ମାଥା ଦାଁଗୂ, ସତକୀ ମୋହର କରୁଂଗା ।
ପୁରୁଷ ଦୀପ କୂଁ ହଂସ ଚଲାଁଉ, ଦରାନ ରୋକନ ଦୂଂଗା ॥
ହମ ତୋ ବନ୍ଦୀ ଛୋଡ଼ କହାଁବା, ଧର୍ମରାୟ ହୈ ଚକବୈ ।
ସତଲୋକ କୀ ସକଲ ସୁନାବାଁ, ବାଣୀ ହମରୀ ଅଖବୈ ॥
ନୌ ଲଖ ପଟଟ୍‌ନ ଉପର ଖେଲୂଁ, ସାହଦରେ କୂଁ ରୋକୂଁ ।
ଦ୍ୱାଦସ କୋଟି କଟକ ସବ କାଟୂଁ, ହଂସ ପଠାଉଁ ମୋଖୂଁ ॥
ଚୌଦହ ଭୁବନ ଗମନ ହୈ ମେରା, ଜଲ ଥଲ ମେଁ ସରବଂଗୀ ।
ଖାଲିକ ଖଲକ ଖଲକ ମେଂ ଖାଲିକ, ଅବିଗତ ଅଚଲ ଅଭଂଗୀ ॥
ଅଗର ଅଲୀଲ ଚକ୍ର ହୈ ମେରା, ଜିତ ସେ ହମ ଚଲ ଆଏ ।
ପାଁଚୋ ପର ପ୍ରବାନା ମେରା, ବଁଧି ଛୁଟାବନ ଧାୟେ ॥
ଜହାଁ ଓଁକାର ନିରଂଜନ ନାହାଁ ବ୍ରହ୍ମା ବିଷ୍ଣୁ ବେଦ ନହାଁ ଜାହାଁ ।
ଜହାଁ କରତା ନହାଁ କାଲ ଭଗବାନା, କାୟା ମାୟା ପିଣ୍ଡ ନ ପ୍ରାଣା ।
ପାଁଚ ତତ୍ତ୍ୱ ତୀନୋଁ ଗୁଣ ନାହାଁ, ଜୋରା କାଲ ଦୀପ ନହାଁ ଜାହାଁ ।
ଅମର କରୁଁ ସତଲୋକ ପଠାଉଁ, ତାତେଁ ବନ୍ଦୀଛୋଡ଼ କହାଉଁ ॥

କବୀର ପରମେଶ୍ୱର (କବିର୍ଦେବ) ଙ୍କ ମହିମା ଗାନ କରି ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଆମ୍ଭମାନଙ୍କର ପ୍ରଭୁ କବୀର(କବିର୍ଦେବ) ବନ୍ଦୀ ଛୋଡ଼ ଅଟନ୍ତି । ବନ୍ଦୀ ଛୋଡ଼ର ଭାବାର୍ଥ ହେଲା, କାଳର କାରାଗାରରୁ ମୁକ୍ତ କରାଉଥିବା ପ୍ରଭୁ । କାଳବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡରେ ସମସ୍ତ ପ୍ରାଣୀ ପାପକର୍ମ କାରଣରୁ କାଳ ଦ୍ୱାରା ବନ୍ଦୀ ହୋଇ ରହିଛନ୍ତି । ପୂର୍ଣ୍ଣ ପରମାତ୍ମା (କବିର୍ଦେବ) କବୀର ସାହେବ ପାପର ବିନାଶ କରିଥାନ୍ତି । ପାପର ବିନାଶ ନା ବ୍ରହ୍ମ, ନା ପରବ୍ରହ୍ମ, ନା ବ୍ରହ୍ମା, ବିଷ୍ଣୁ ଓ ଶିବ କରିପାରିବେ । ସେମାନେ କେବଳ କର୍ମ ଅନୁସାରେ ଫଳ ଦେଇଥାନ୍ତି । ତେଣୁ ଯଦୁର୍ବେଦ ଅଧ୍ୟାୟ ୫ ର ମନ୍ତ୍ର ନଂ ୩୨ ରେ ଲେଖାଅଛି ଯେ 'କବିରଂଘାରିରସି' ଅର୍ଥାତ୍ କବିର୍ଦେବ(କବୀର ପରମେଶ୍ୱର) ପାପର ଶତ୍ରୁ ଅଟନ୍ତି, 'ବମ୍ଭାରିରସି' ଅର୍ଥାତ୍ ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ଼ ଅଟନ୍ତି ।

ଏହି ପାଞ୍ଚଜଣ (ବ୍ରହ୍ମା-ବିଷ୍ଣୁ-ଶିବ-ମାୟା ଓ ଧର୍ମରାୟ)ଙ୍କ ଉର୍ଦ୍ଧ୍ୱରେ ସତ୍ୟପୁରୁଷ ପରମାତ୍ମା (କବିର୍ଦେବ) ଅଛନ୍ତି ଯିଏ ସତ୍ୟଲୋକର ମାଲିକ ଅଟନ୍ତି । ଅନ୍ୟ ସମସ୍ତ ପ୍ରଭୁ ପରବ୍ରହ୍ମ-ବ୍ରହ୍ମ ଏବଂ ବ୍ରହ୍ମା-ବିଷ୍ଣୁ-ଶିବ ଓ ଆଦିମାୟା ନାଶବାନ ପରମାତ୍ମା ଅଟନ୍ତି । ମହାପ୍ରଳୟରେ ଏମାନଙ୍କର ସମସ୍ତ ଲୋକ ତଥା ଏମାନେ ସମସ୍ତେ ସମାପ୍ତ ହୋଇଯିବେ । କିନ୍ତୁ ଏମାନଙ୍କର ଆୟୁଷ ସାଧାରଣ ଜୀବ ଠାରୁ ବହୁ ହଜାର ଗୁଣ ଅଧିକ ଅଟେ । ପରନ୍ତୁ ଯେଉଁ ସମୟ ନିର୍ଦ୍ଧାରିତ ହୋଇଛି ତାହା ଦିନେ ନିଶ୍ଚୟ ପୂର୍ଣ୍ଣ ହେବ । ଆଦରଣୀୟ ଗରୀବ ଦାସଜୀ ମହାରାଜ କହନ୍ତି :-

ଶିବ ବ୍ରହ୍ମା କା ରାଜ, ଇନ୍ଦ୍ର ଗିନତୀ କହାଁ । ଚାର ମୁକ୍ତି ବୈକୁଣ୍ଠ ସମଝ, ଯେତା ଲହ୍ୟା ॥
ସଂଖ ଜୁଗନ କୀ ଜୁନୀ, ଉମ୍ର ବଡ ଧାରିୟା । ଜା ଜନନୀ କୁର୍ବାନ, ସୁ କାଗଜ ପାରିୟା ॥
ଯେତୀ ଉମ୍ର ବୁଲଁଦ ମେରୈଗା ଅନ୍ତ ରେ । ସତଗୁରୁ ଲଗେ ନା କାନ, ନ ଭେଁଟେ ସଁତ ରେ ॥

ଏକ ଶଙ୍ଖଯୁଗର ଲମ୍ବା ଆୟୁଷ ହୋଇଥିଲେ ମଧ୍ୟ ଦିନେ ତାହା ନିଶ୍ଚୟ ସମାପ୍ତ ହେବ । ଯଦି ସତ୍ୟପୁରୁଷ ପରମାତ୍ମା (କବିର୍ଦେବ) କବୀର ସାହେବଙ୍କ ପ୍ରତିନିଧି ପୂର୍ଣ୍ଣସନ୍ଥ(ଗୁରୁ) ଯିଏ ତିନି ନାମର ମନ୍ତ୍ର ଦୀକ୍ଷା (ଯେଉଁଥିରେ ଗୋଟିଏ ଓଁ + ତତ୍ + ସତ୍ ସାଙ୍କେତିକ ଅଛି) ଦିଅନ୍ତି ତଥା ତାଙ୍କୁ ମଧ୍ୟ ପୂର୍ଣ୍ଣସନ୍ଥଙ୍କ ଦ୍ୱାରା ନାମଦାନ ଦେବାର ଆଦେଶ ଅଛି । ତାଙ୍କ ନିକଟରୁ ଉପଦେଶ ନେଇ ଯେତେବେଳେ ଆମ୍ଭେ ନାମର ଉପାର୍ଜନ କରିବା ସେତେବେଳେ ଆମ୍ଭେ ସତ୍ୟଲୋକର ଅଧିକାରୀ ହଂସ ହୋଇପାରିବା । ବିନା

ସତ୍ୟସାଧନାରେ ଲମ୍ବା ଆୟୁଷ କୌଣସି କାର୍ଯ୍ୟରେ ଆସେ ନାହିଁ କାରଣ ଏହି ନିରଞ୍ଜନ ଲୋକରେ କେବଳ ଦୁଃଖ ଅଛି ।

କବୀର, ଜୀବନା ତୋ ଥୋଡା ହୀ ଭଲା, ଜୈ ସତ ସୁମରନ ହୋୟ ।
ଲାଖ ବର୍ଷ କା ଜୀବନା, ଲେଖୈ ଧରୈ ନା କୋୟ ॥

❖ ଯଦି ସତ୍ୟସାଧନା କରୁଛନ୍ତି ତେବେ ଅଳ୍ପ ଆୟୁଷ ଭଲ। ଯଦି ସତ୍ୟପୁରୁଷଙ୍କର ସତ୍ୟସାଧନା ନକରି କାଳବ୍ରହ୍ମ ଓ ଦେବୀ-ଦେବତାଙ୍କର ପୂଜା ଓ ପ୍ରାଣାୟାମ ଆଦି କରି ଦୀର୍ଘକାଳ ପାଇଁ ବଞ୍ଚିଥିବା ବ୍ୟକ୍ତିର କୌଣସି ଲେଖା(Account) ମୋକ୍ଷ ମାର୍ଗରେ ଗଣତି କରାଯିବ ନାହିଁ। ଯେତେ ଲମ୍ବା ଆୟୁଷ(ଶଙ୍କର ଭଗବାନଙ୍କ ପରି) ମିଳିଲେ ମଧ୍ୟ ଦିନେ ନା ଦିନେ ମୃତ୍ୟୁ ଅବଶ୍ୟ ହେବ। ଭୁଲ ଭକ୍ତି କାରଣରୁ ଜନ୍ମ-ମୃତ୍ୟୁ ଚକ୍ର ସଦାସର୍ବଦା ପାଇଁ ଲାଗି ରହିବ। ଏହିଭଳି ଆୟୁଷରୁ କିଛି ଲାଭ ମିଳିବ ନାହିଁ।

କବୀର ସାହେବ ନିଜ (ପୂର୍ଣ୍ଣବ୍ରହ୍ମ) ବିଷୟରେ ସ୍ୱୟଂ ବିବରଣୀ ଦେଇ କହୁଛନ୍ତି ଯେ ଏହି ସର୍ବ ପରମାତ୍ମାଙ୍କ ଉର୍ଦ୍ଧ୍ୱରେ ଅସଙ୍ଖ୍ୟ ଭୂଜା ବିଶିଷ୍ଟ ପରମାତ୍ମା ସତ୍ୟପୁରୁଷ ଅଛନ୍ତି ଯିଏ ସତ୍ୟଲୋକ(ସଚ୍ଚ ଖଣ୍ଡ, ସତ୍ ଧାମ)ରେ ରହନ୍ତି ତଥା ତାଙ୍କ ଅନ୍ତର୍ଗତ ଏହି ସମସ୍ତ ଲୋକ {ବ୍ରହ୍ମ (କାଳ)ଙ୍କ ୨୧ ବ୍ରହ୍ମାଣ୍ଡ, ବ୍ରହ୍ମା, ବିଷ୍ଣୁ, ଶିବ ଶକ୍ତିଙ୍କ ଲୋକ ତଥା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ଅନ୍ୟ ସମସ୍ତ ବ୍ରହ୍ମାଣ୍ଡ} ଥାଏ ଏବଂ କେବଳ ସତ୍ୟନାମ-ସାରନାମର ଜପ ଦ୍ୱାରା ସେଠାରେ ପହଞ୍ଚି ହେବ ଯାହା ପୂର୍ଣ୍ଣ ଗୁରୁଙ୍କ ଠାରୁ ହିଁ ପ୍ରାପ୍ତ ହୋଇଥାଏ । ଯେଉଁ ଆତ୍ମା ସଚ୍ଚଖଣ୍ଡ (ସତ୍ୟଲୋକ) କୁ ଚାଲିଯାଏ ତା'ର ଆଉ ପୂନର୍ଜନ୍ମ ହୋଇ ନଥାଏ । ସତ୍ୟପୁରୁଷ (ପୂର୍ଣ୍ଣବ୍ରହ୍ମ) କବୀର ସାହେବ(କବିର୍ଦେବ) ସ୍ୱୟଂ ଅନ୍ୟ ସମସ୍ତ ଲୋକରେ ଭିନ୍ନ-ଭିନ୍ନ ନାମ ଧାରଣକରି ବିରାଜମାନ ଅଛନ୍ତି । ଯେପରି ଅଲଖ ଲୋକରେ ଅଲଖ ପୁରୁଷ, ଅଗମ ଲୋକରେ ଅଗମ ପୁରୁଷ ଏବଂ ଅକହ ଲୋକରେ ଅନାମୀ ପୁରୁଷ ରୂପରେ ବିରାଜମାନ ଅଛନ୍ତି । ଏହା ତାଙ୍କର ଉପମାତ୍ମକ ନାମ ଅଟେ, ପରନ୍ତୁ ସେହି ପୂର୍ଣ୍ଣ ପୁରୁଷଙ୍କର ବାସ୍ତବିକ ନାମ କବିର୍ଦେବ (ଭାଷା ଭିନ୍ନ ହୋଇ କବୀର ସାହେବ ହୋଇଛି) ଅଟେ ।

### "ଆଦରଣୀୟ ନାନକ ସାହେବଜୀଙ୍କ ବାଣୀରେ ସୃଷ୍ଟି ରଚନାର ସଙ୍କେତ"

ଶ୍ରୀ ନାନକ ସାହେବଜୀଙ୍କ ଅମୃତବାଣୀ, ମହାଲା ୧, ରାଗ ବିଲାବଲୁ, ଅଂଶ ୧ (ଗୁ.ଗ୍ର.ପୃ.୮୩୯)

ଆପେ ସଚୁ କୀଆ କର ଜୋଡି । ଅଣ୍ଡଜ ଫୋଡି ଯୋଡି ବିଛୋଡ଼ ॥
ଧରତୀ ଆକାଶ କୀଏ ବୈସଣ କଉ ଥାଉ । ରାତି ଦିନଁତୁ କୀଏ ଭଉ-ଭାଉ ॥
ଜିନ କୀଏ କରି ବେଖଣହାରା (୩)
ତ୍ରିତୀଆ ବ୍ରହ୍ମା-ବିସନୁ-ମହେସା । ଦେବୀ ଦେବ ଉପାଏ ୱେସା ॥୪॥
ପଉଣ ପାଣୀ ଅଗନୀ ବିସରାଉ । ତାହୀ ନିରଂଜନ ସାଚୋ ନାଉ ॥
ତିସୁ ମହି ମନୁଆ ରହିଆ ଲିବ ଲାଇ । ପ୍ରଣବତି ନାନକୁ କାଲୁ ନ ଖାଇ ॥୧୦॥

ଉକ୍ତ ଅମୃତବାଣୀର ଭାବାର୍ଥ ହେଲା ସତ୍ୟ ପରମାତ୍ମା (ସତ୍ୟପୁରୁଷ) ସ୍ୱୟଂ ନିଜ ହାତରେ ସମସ୍ତ ସୃଷ୍ଟିର ରଚନା କରିଛନ୍ତି । ସେ ହିଁ ଅଣ୍ଡା ତିଆରି କଲେ, ପୁଣି ଫଟାଇଲେ ତଥା ସେଥିମଧ୍ୟରୁ ଜ୍ୟୋତି ନିରଞ୍ଜନ ବାହାରିଲା । ସେହି ପୂର୍ଣ୍ଣ ପରମାତ୍ମା ସର୍ବ ପ୍ରାଣୀଙ୍କର ରହିବା ପାଇଁ ଧରିତ୍ରୀ, ଆକାଶ, ପବନ, ପାଣି ଆଦି ପଞ୍ଚତତ୍ତ୍ୱର ରଚନା କଲେ । ନିଜେ ରଚନା କରିଥିବା ସୃଷ୍ଟିର ସେ ସ୍ୱୟଂ ସାକ୍ଷୀ ଅଟନ୍ତି । ଅନ୍ୟ କେହି ସଠିକ୍ ବିବରଣୀ ଦେଇପାରିବ ନାହିଁ । ପୁଣି ଅଣ୍ଡା ଫୁଟି ସେଥିରୁ ନିରଞ୍ଜନ ବାହାରିବା ପରେ ତିନି ଦେବତା ଶ୍ରୀ ବ୍ରହ୍ମା, ଶ୍ରୀବିଷ୍ଣୁ, ଶ୍ରୀ ଶିବଙ୍କର ଉତ୍ପତ୍ତି ହେଲା ତଥା ଅନ୍ୟ ଦେବୀ-ଦେବତା ଉତ୍ପନ୍ନ ହେଲେ ତଥା ଅଗଣିତ ଜୀବମାନଙ୍କର ଉତ୍ପତ୍ତି ହେଲା । ଏହାପରେ ଅନ୍ୟ ଦେବତାମାନଙ୍କର ଜୀବନ ଚରିତ୍ର ତଥା ଅନ୍ୟ ଋଷିମାନଙ୍କ ଅନୁଭବରୁ ଛଅଶାସ୍ତ୍ର ତଥା ଅଠର ପୁରାଣ ରଚିତ ହେଲା । ଶ୍ରୀ ନାନକଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କର ବାସ୍ତବିକ ନାମ(ସତ୍ୟନାମ)ର ସାଧନା ଅନନ୍ୟ ମନରେ କରିବା ଦ୍ୱାରା ତଥା ଗୁରୁ ମର୍ଯ୍ୟାଦାରେ ରହିବା ବ୍ୟକ୍ତି(ପ୍ରଣବତୀ)କୁ କାଳ ଗ୍ରାସ କରେ ନାହିଁ ।

ରାଗ ମାରୁ(ଅଂଶ) ଅମୃତବାଣୀ ମହଲା ୧ (ଗୁ.ଗ୍ର.ପୃ. ୧୦୩୭)

ସୁନହୁ ବ୍ରହ୍ମା, ବିସନୁ, ମହେସୁ ଉପାଏ । ସୁନେ ବରତେ ଯୁଗ ସବାଏ ॥
ଇସୁ ପଦ ବିଚାରେ ସୋ ଜନୁ ପୁରା । ତିସ ମିଲିଏ ଭରମୁ ଚୁକାଇଦା ॥ ୩ ॥
ସାମ ବେଦୁ, ରୁଗୁ ଜୁଜରୁ ଅଥରବଣୁ । ବ୍ରହମେଁ ମୁଖ ମାଇଆ ହୈ ତ୍ରୈଗୁଣ ॥
ତା କୀ କୀମତ କହି ନ ସକୈ । କୋ ତିଉ ବୋଲେ ଜିଉ ବୁଲାଇଦା ॥୯॥

ଉପରୋକ୍ତ ଅମୃତ ବାଣୀର ସାରାଂଶ ଏହା ଯେ ଯେଉଁ ସନ୍ଥ ପୂର୍ଣ୍ଣ ସୃଷ୍ଟି ରଚନା ବିଷୟ ଶୁଣାଇ ପାରିବେ ତଥା କହିଦେବେ ଯେ ଅଣ୍ଡା ଦୁଇ ଭାଗ ହୋଇ କିଏ ବାହାରିଲେ, ଯିଏ ପୁଣି ବ୍ରହ୍ମଲୋକର ଶୂନ୍ୟରେ ଅର୍ଥାତ୍ ଗୁପ୍ତସ୍ଥାନରେ ବ୍ରହ୍ମା-ବିଷ୍ଣୁ-ଶିବଜୀଙ୍କର ଉତ୍ପତ୍ତି କଲେ ତଥା ସେହି ପରମାତ୍ମା କିଏ ଅଟନ୍ତି ଯିଏ ବ୍ରହ୍ମ(କାଳ) ମୁଖରେ ଚାରିବେଦ (ପବିତ୍ର ଋଗବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବବେଦ) ଉଚ୍ଚାରଣ କରାଇଲେ, ସେହି ପୂର୍ଣ୍ଣ ପରମାତ୍ମା ଯେପରି ଚାହିଁବେ ସେହିପରି ପ୍ରତ୍ୟେକ ପ୍ରାଣୀକୁ ଡକାଇଥାନ୍ତି । ଏହି ସମସ୍ତ ଜ୍ଞାନକୁ ସଂପୂର୍ଣ୍ଣ ରୂପେ ବତାଇ ପାରୁଥିବା ସନ୍ଥ ଯଦି ମିଳିଯିବେ ତେବେ ତାଙ୍କ ପାଖକୁ ଯାଆନ୍ତୁ ଯିଏ ସମସ୍ତ ଶଙ୍କାର ପୂର୍ଣ୍ଣ ନିବାରଣ କରିଥାନ୍ତି, ସେ ହିଁ ପୂର୍ଣ୍ଣସନ୍ଥ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ୯୨୯ ଅମୃତ ବାଣୀ ଶ୍ରୀ ନାନକ ସାହେବଜୀଙ୍କ ‘ରାଗ ରାମକଲୀ’ ମହଲା ୧ ଦଖଣୀ ଓଅଂକାର ।

ଓଅଙ୍କାରି ବ୍ରହ୍ମା ଉତପତ୍ତି । ଓଅଙ୍କାରୁ କୀଆ ଜିନି ଚିତ । ଓଅଙ୍କାରି ସୈଲ ଜୁଗ ଭଏ । ଓଅଙ୍କାରି ବେଦ ନିରମୟେ । ଓଅଙ୍କାରି ସବଦି ଉଧରେ । ଓଅଙ୍କାରି ଗୁରୁମୁଖି ତରେ । ଓନମ ଅଖର ସୁଣହୁ ବୀଚାରୁ । ଓନମ ଅଖରୁ ତ୍ରିଭବଣ ସାରୁ ।

ଉପରୋକ୍ତ ଅମୃତବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଓଁକାର ଅର୍ଥାତ୍ ଜ୍ୟୋତି ନିରଞ୍ଜନ (କାଳ) ଠାରୁ ବ୍ରହ୍ମାଙ୍କର ଉତ୍ପତ୍ତି ହେଲା । ବହୁ ଯୁଗ ପର୍ଯ୍ୟନ୍ତ ମଉଜ କରି ଓଁକାର (ବ୍ରହ୍ମ) ବେଦର ଉତ୍ପତ୍ତି କଲେ ଯାହା ବ୍ରହ୍ମାଙ୍କୁ ପ୍ରାପ୍ତ ହେଲା । ତିନିଲୋକରେ ଭକ୍ତିର କେବଳ ଗୋଟିଏ ‘ଓମ୍’ ମନ୍ତ୍ର ହିଁ ବାସ୍ତବରେ ଜପ କରିବା ଉଚିତ । ପୂର୍ଣ୍ଣ ସନ୍ଥଙ୍କଠାରୁ ଉପଦେଶ ନେଇ ଅର୍ଥାତ୍ ଗୁରୁ ଧାରଣ କରି ଜପ କରିବା ଦ୍ୱାରା ଉଦ୍ଧାର ହୋଇଥାଏ ।

ବିଶେଷ :- ଶ୍ରୀ ନାନକ ସାହେବଜୀ ଅନେକ ସ୍ଥାନରେ ଏହି ତିନିମନ୍ତ୍ର (ଓମ୍ +ତତ୍ + ସତ୍)ର ରହସ୍ୟାତ୍ମକ ବିବରଣୀ ଦେଇଛନ୍ତି । ଏହାକୁ କେବଳ ପୂର୍ଣ୍ଣସନ୍ଥ (ତତ୍ତ୍ୱଦର୍ଶୀ ସନ୍ଥ) ହିଁ ବୁଝି ପାରିବେ ଏବଂ ତିନିମନ୍ତ୍ରର ଜପ ବିଷୟରେ କେବଳ ଉପଦେଶୀଙ୍କୁ ବୁଝାଇ କୁହାଯାଇଥାଏ ।

(ପୃଷ୍ଠା-୧୦୩୮) ଉତ୍ତମ ସତିଗୁରୁ ପୁରୁଷ ନିରାଲେ, ସବଦି ରତେ ହରି ରସ ମତବାଲେ ।
ରିଧି, ବୁଧି, ସିଧି, ଗିଆନ ଗୁରୁତେ ପାଇଏ, ପୂରେ ଭାଗ ମିଲାଇଦା ॥ ୧୫॥
ସତିଗୁରୁ ତେ ପାଏ ବୀଚାରା, ସୁନ ସମାଧି ସଚେ ଘରବାରା ।
ନାନକ ନିରମଲ ନାଦୁ ସବଦ ଧୁନି, ସଚୁ ରାମୈଁ ନାମି ସମାଇଦା (୧୭)

ଉପରୋକ୍ତ ଅମୃତବାଣୀର ଭାବାର୍ଥ ହେଲା ବାସ୍ତବିକ ଜ୍ଞାନ ଦେଉଥିବା ସତଗୁରୁ ବିରଳ ଅଟନ୍ତି, ସେ କେବଳ ନାମ ଜପ ଜପିଥାନ୍ତି, ଅନ୍ୟ ହଠଯୋଗ(କଠିନ ତପସ୍ୟା) ସାଧନା ବତାନ୍ତି ନାହିଁ । ଯଦି ଆପଣଙ୍କୁ ଧନ ଦୌଲତ, ପଦ-ପଦବୀ, ବୁଦ୍ଧି ବା ଭକ୍ତି-ଶକ୍ତି ଆବଶ୍ୟକ ଅଛି ତେବେ ସେହି ଭକ୍ତି ମାର୍ଗର ଜ୍ଞାନକୁ ପୂର୍ଣ୍ଣସନ୍ଥ ସଂପୂର୍ଣ୍ଣ ରୂପେ ପ୍ରଦାନ କରିବେ, ଏହିଭଳି ପୂର୍ଣ୍ଣସନ୍ଥ ଭାଗ୍ୟରେ ଥିଲେ ମିଳନ୍ତି । ସେହି ପୂର୍ଣ୍ଣସନ୍ଥଙ୍କ ବିବରଣୀ ବୟାନ କରେ ଯେ ପରମେଶ୍ୱର ଉପରେ ଶୂନ୍ୟ (ଆକାଶ)ରେ ଆତ୍ମ ବାସ୍ତବିକ ଘର(ସତ୍ୟଲୋକ)ର ସଂରଚନା କରି ରଖିଛନ୍ତି ।

ସେଠାରେ ଏକ ବାସ୍ତବିକ ସାରନାମର ଧ୍ୱନୀ(ଶବ୍ଦ) ପ୍ରତିଧ୍ୱନିତ ହେଉଛି । ସେହି ଆନନ୍ଦରେ ଅବିନାଶୀ ପରମେଶ୍ୱରଙ୍କ ସାରଶବ୍ଦ ମିଶାଇ ଦିଆଯିବ ଅର୍ଥାତ୍ ସେହି ବାସ୍ତବିକ ସୁଖଦାୟୀ ସ୍ଥାନରେ ଆତ୍ମର ନିବାସ ହୋଇପାରିବ, ଅନ୍ୟ ନାମ ଜପ ବା ଅଜ୍ଞାନୀ ଗୁରୁମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ ନାହିଁ ।

ଆଂଶିକ ଅମୃତବାଣୀ ମହଲା ପହଲା (ଶ୍ରୀ ଗୁ.ଗ୍ର.ପୃ.୩୫୯- ୩୬୦)

ସିବ ନଗରୀ ମାହୀ ଆସଣି ବୈସଉ କଲପ ତ୍ୟାଗୀ ବାଦଂ ॥୧॥
ସିଂଙୀ ସବଦ ସଦା ଧୁନି ସୋହୈ ଅହିନିସି ପୂରେ ନାଦଂ ॥୨॥
ହରି କିରତୀ ରହ ରାସି ହମାରୀ ଗୁରୁ ମୁଖ ପନ୍ଥ ଅତୀତଂ ॥୩॥
ସଗଲୀ ଜୋତି ହମାରୀ ସମିଆଁ ନାନା ବରଣ ଅନେକଂ ।
କହ ନାନକ ଶୁଣି ଭରଥରୀ ଯୋଗୀ ପାରବ୍ରହ୍ମ ଲିବ ଏକଂ ॥୪॥

ଉପରୋକ୍ତ ଅମୃତବାଣୀର ଭାବାର୍ଥ ହେଲା ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ! ହେ ଭରଥରୀ ଯୋଗୀ ଆପଣଙ୍କ ସାଧନା ଭଗବାନ ଶିବଙ୍କ ପର୍ଯ୍ୟନ୍ତ ଅଟେ, ଏହି ସାଧନାର ଫଳ ସ୍ୱରୂପ ଆପଣଙ୍କୁ ଶିବ ନଗରୀ (ଲୋକ)ରେ ସ୍ଥାନ ମିଳିଛି ଏବଂ ଶରୀରରେ ଯେଉଁ ସିଂଗୀ ଶବ୍ଦ ଆଦି ସୃଷ୍ଟି ହେଉଛି ତାହା ସେହି କମଳଗୁଡ଼ିକର ଅଟେ ତଥା ଟେଲିଭିଜନ ଭଳି ପ୍ରତ୍ୟେକ ଦେବତାଙ୍କ ଲୋକରୁ ଶରୀର ମଧ୍ୟରେ ଶୁଣାଯାଉଛି ।

ଆମ୍ଭେ ତ ଏକ ପରମାତ୍ମା ପାରବ୍ରହ୍ମ ଅର୍ଥାତ୍ ସବୁଠାରୁ ଉର୍ଦ୍ଧ୍ୱରେ ଯେଉଁ ପୂର୍ଣ୍ଣ ପରମାତ୍ମା ଅଛନ୍ତି ସେହି ଏକ ପରମାତ୍ମାଙ୍କଠାରେ ଧ୍ୟାନ କେନ୍ଦ୍ରିତ (ଅନନ୍ୟ ମନରେ ଧ୍ୟାନ) କରିଥାଉ ।

ଆମ୍ଭେ ଲୋକ ଦେଖାଣିଆ (ଭସ୍ମ ଲଗାଇବା, ହାତରେ ଆଶା ବାଡ଼ି ଧରିବା ଭଳି) କର୍ମ କରି ନଥାଉ । ମୁଁ ସମସ୍ତ ପ୍ରାଣୀଙ୍କୁ ଏକ ପୂର୍ଣ୍ଣ ପରମାତ୍ମା(ସତ୍ୟପୁରୁଷ)ଙ୍କର ସନ୍ତାନ ବୋଲି ଭାବିଥାଏ । ସମସ୍ତେ ସେହି ଶକ୍ତିଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହୋଇଥାନ୍ତି । ଆମ୍ଭ ମୁଦ୍ରା ତ ସତ୍ୟ ନାମ ଯାହା ଗୁରୁଙ୍କଠାରୁ ପ୍ରାପ୍ତ କରି ଜପ କରିବାର ଅଛି ତଥା କ୍ଷମା କରିବା ଆମର ବାଣା (ବେଶଭୂଷା) ଅଟେ । ମୁଁ ତ ପୂର୍ଣ୍ଣ ପରମାତ୍ମାଙ୍କ ଉପାସକ ଅଟେ ତଥା ପୂର୍ଣ୍ଣ ସତଗୁରୁଙ୍କ ଭକ୍ତି ମାର୍ଗ ଏହା ଠାରୁ ଭିନ୍ନ ଅଟେ ।

ଅମୃତ ବାଣୀ ରାଗ ଆସା ମହଲା ୧ (ଶ୍ରୀ.ଗୁ.ଗ୍ର. ପୃ. ୪୨୦)

॥ ଆସା ମହଲା ॥ ଜିନୀ ନାମୁ ବିସାରିଆ ଦୂଜୈ ଭରମି ଭୁଲାଇ । ମୂଲୁ ଛୋଡି ଡାଲୀ ଲଗେ କିଆ ପାବହି ଛାଇ ॥ ୧॥ ସାହିବୁ ମେରା ଏକୁ ହେ ଅବରୁ ନହୀଁ ଭାଈ । କିରପା ତେ ସୁଖୁ ପାଇଆ ସାଚେ ପରଥାଇ ॥୩॥ ଗୁରୁ କୀ ସେବା ସୋ କରେ ଜିସୁ ଆପି କରାଏ । ନାନକ ସିରୁ ଦେ ଛୁଟୀ ଏ ଦରଗହ ପତି ପାଏ ॥ ୮ ॥ ॥୧୮॥

ଉପରୋକ୍ତ ବାଣୀର ଭାବାର୍ଥ ହେଲା ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମକୁ ଭୁଲିଯାଇ ଯେଉଁମାନେ ଅନ୍ୟ ଭଗବାନଙ୍କ ନାମ ଜପ କରି ଭ୍ରମିତ ହେଉଛନ୍ତି ସେମାନେ ଏପରି କରୁଛନ୍ତି ଯେପରି ମୂଳ (ପୂର୍ଣ୍ଣ ପରମାତ୍ମା) କୁ ଛାଡି (ତିନିଗୁଣ ରୂପୀ ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବଜୀ) ଡାଳରେ ଜଳ ସିଞ୍ଚନ (ପୂଜା) କରୁଛନ୍ତି । ସେହି ସାଧନା ଦ୍ୱାରା କୌଣସି ସୁଖ ମିଳି ନଥାଏ ଅର୍ଥାତ୍ ଗଛ ଶୁଖି ମରିଗଲେ ଗଛ ଛାଇରେ ବସି ପାରିବେ ନାହିଁ । ଭାବାର୍ଥ ହେଲା ଶାସ୍ତ୍ରବିଧି ରହିତ ସାଧନା କରିବା ବ୍ୟର୍ଥ ପ୍ରୟାସ ଅଟେ । ଏହାଦ୍ୱାରା କୌଣସି ଲାଭ ମିଳେ ନାହିଁ । ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ ରେ ମଧ୍ୟ ଅଛି । ସେହି ପୂର୍ଣ୍ଣ ପରମାତ୍ମାଙ୍କର ପ୍ରାପ୍ତି ପାଇଁ ମନମୁଖୀ (ମନଇଚ୍ଛା) ସାଧନା ତ୍ୟାଗ କରି ପୂର୍ଣ୍ଣ ଗୁରୁଦେବଙ୍କ ଚରଣରେ ନିଜକୁ ସମର୍ପଣ କରିବା ତଥା ବାସ୍ତବିକ ନାମ ଜପ ଦ୍ୱାରା ହିଁ ମୋକ୍ଷ ସମ୍ଭବ ହୋଇଥାଏ, ନଚେତ୍ ମୃତ୍ୟୁ ଉପରାନ୍ତ ନିଶ୍ଚୟ ନର୍କଗାମୀ ହେବ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୮୪୩-୮୪୪)

॥ ବିଲାବଲୁ ମହଲା ୧ ॥ ମୈଁ ମନ ଚାହୁ ଘଣା ସାଚି ବିଗାସୀ ରାମ । ମୋହୀ ପ୍ରେମ ପିରେ ପ୍ରଭୁ ଅବିନାସୀ ରାମ ॥ ଅବିଗତୋ ହରି ନାଥୁ ନାଥହ ତିସୈ ଭାବୈ ସୋ ଥୀଏ । କିରପାଲୁ ସଦା ଦଇଆଲୁ ଦାତା ଜୀଆ ଅଂଦରି ତୂଁ ଜୀଏ । ମୈଂ ଆଧାରୁ ତେରା ତୂ ଖସମୁ ମେରା ମୈ ତାଣୁ ତକୀଆ ତେରଓ । ସାଚି ସୂଚା ସଦା ନାନକ ଗୁରସବଦି ଝଗରୁ ନିବେରଓ ॥୪॥୨॥

ଉପରୋକ୍ତ ଅମୃତ ବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଅବିନାଶୀ ପୂର୍ଣ୍ଣ ପରମାତ୍ମା, ନାଥଙ୍କର ମଧ୍ୟ ନାଥ ଅଟନ୍ତି, ଅର୍ଥାତ୍ ଦେବଙ୍କର ଦେବ ଅଟନ୍ତି (ସର୍ବପ୍ରଭୁ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ

ତଥା ବ୍ରହ୍ମ ଓ ପରବ୍ରହ୍ମଙ୍କର ମଧ୍ୟ ନାଥ ଅଟନ୍ତି ଅର୍ଥାତ୍ ସ୍ୱାମୀ ଅଟନ୍ତି) ମୁଁ ତ ବାସ୍ତବିକ ନାମକୁ ହୃଦୟରେ ଧାରଣ କରିସାରିଛି। ହେ ପରମାତ୍ମା ! ସର୍ବ ପ୍ରାଣୀଙ୍କର ଜୀବନ ଆଧାର ଆପଣ ହିଁ ଅଟନ୍ତି । ମୁଁ ଆପଣଙ୍କ ଚରଣରେ ଆଶ୍ରିତ, ଆପଣ ମୋର ମାଲିକ ଅଟନ୍ତି । ଆପଣ ହିଁ ଗୁରୁ ରୂପରେ ଆସି ସତ୍ୟଭକ୍ତିର ନିର୍ଣ୍ଣାୟକ ଜ୍ଞାନ ଦେଇ ସମସ୍ତ କଳହ ସମାପ୍ତ କରିଦେଲେ ଅର୍ଥାତ୍ ସମସ୍ତ ଶଙ୍କାର ସମାଧାନ କରିଦେଲେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୭୨୧, ରାଗ ତିଲଙ୍ଗ ମହଲା ୧)

ୟକ ଅର୍ଜ ଗୁଫତମ ପେଶ ତୋ ଦର କୂନ କରତାର । ହକକା କବୀର କରୀମ ତୂ ବେଐବ ପରବରଦିଗାର ।
ନାନକ ବୁଗୋୟଦ ଜନ ତୁରା ତେରେ ଚାକରାଂ ପାଖାକ ।

ଉପରୋକ୍ତ ଅମୃତବାଣୀ ଏହା ସ୍ପଷ୍ଟ କଲା ଯେ ହେ (ହକ୍କା କବୀର) ଆପଣ ସତ୍ କବୀର (କୂନ୍ କରତାର) ଶବ୍ଦ ଶକ୍ତିରେ ରଚନା କରୁଥିବା ଶବ୍ଦ ସ୍ୱରୂପୀ ପ୍ରଭୁ ଅର୍ଥାତ୍ ସର୍ବ ସୃଷ୍ଟିର ରଚୟିତା ଅଟନ୍ତି। ଆପଣ ହିଁ ବେଏବ୍ ନିର୍ବିକାର (ପରବରଦିଗାର) ସମସ୍ତଙ୍କର ପାଳନକର୍ତ୍ତା ଦୟାଳୁ ପ୍ରଭୁ ଅଟନ୍ତି । ମୁଁ ଆପଣଙ୍କ ଦାସଙ୍କର ଦାସ ଅଟେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୨୪, ରାଗ ସୀରୀ ମହଲା ୧)

ତେରା ଏକ ନାମ ତାରେ ସଂସାର, ମୈଁ ଏହା ଆସ ଏହୋ ଆଧାର ।
ନାନକ ନୀଚ କହେ ବିଚାର, ଧାଣକ ରୂପ ରହା କରତାର ॥

ଉପରୋକ୍ତ ଅମୃତବାଣୀ ପ୍ରମାଣ କରୁଛି ଯେ ଯିଏ କାଶୀର ଧାଣକ(ବୁଣାକାର) ସେ ହିଁ(କରତାର) ସୃଷ୍ଟିକର୍ତ୍ତା ଅଟନ୍ତି । ଅତି ବିନୟ ଭାବରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ! ମୁଁ ସତ୍ୟ କହୁଛି ଯେ ଏହି ଧାଣକ (ବୁଣାକାର) ଅର୍ଥାତ୍ କବୀର (ଜୁଲାହା) ତନ୍ତି ହିଁ ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ଅଟନ୍ତି ।

ବିଶେଷ :- ଏହି ସୃଷ୍ଟିର ସଂରଚନା କିପରି ହୋଇଥିଲା ? ତାହା ଉପରୋକ୍ତ ପ୍ରମାଣଗୁଡିକର ସାଙ୍କେତିକ ଜ୍ଞାନରୁ ପ୍ରମାଣିତ ହେଲା। ଏବେ ପୂର୍ଣ୍ଣ ପରମାତ୍ମାଙ୍କର ପ୍ରାପ୍ତି କରିବା ଉଚିତ। ଏହା ପୂର୍ଣ୍ଣସନ୍ଥଙ୍କ ଠାରୁ ନାମ ନେବା ପରେ ହିଁ ସମ୍ଭବ ହୋଇପାରିବ ।

## "ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମନଗଢା କାହାଣୀ"

ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନା ବିଷୟରେ ଯେଉଁ ଜ୍ଞାନ କୁହାଯାଇଛି ତାହା କ'ଣ ? କୃପାକରି ନିମ୍ନରେ ପଢନ୍ତୁ :- ସୃଷ୍ଟି ରଚନା ବିଷୟରେ ରାଧାସ୍ୱାମୀ ପନ୍ଥ ଓ ଧନ-ଧନ ସତଗୁରୁ ପନ୍ଥର ସନ୍ଥମାନଙ୍କର ବିଚାର:-

ପବିତ୍ର ପୁସ୍ତକ ଜୀବନ ଚରିତ୍ର ପରମ ସନ୍ଥ ବାବା ଜୟମଲ ସିଂହଜୀ ମହାରାଜ "ପୃଷ୍ଠା ନଂ ୧୦୨-୧୦୩ ରେ "ସୃଷ୍ଟି କୀ ରଚନା" (ସାୱନ କୃପାଳ ପବ୍ଲିକେସନ, ଦିଲ୍ଲୀ)

"ପହଲେ ସତ୍ୟପୁରୁଷ ନିରାକାର ଥା, ଫିର ଇଜହାର (ଆକାର) ମେଂ ଆୟା ତୋ ଉପର କେ ତିନି ନିର୍ମଳ ମଣ୍ଡଳ (ସତ୍‌ଲୋକ, ଅଲଖଲୋକ, ଅଗମଲୋକ) ବନ ଗୟା ତଥା ପ୍ରକାଶ ତଥା ମଣ୍ଡଲୋଂ କା ନାଦ (ଧ୍ୱନୀ) ବନ ଗୟା ।"

ପବିତ୍ର ପୁସ୍ତକ ସାରବଚନ (ନସର) ପ୍ରକାଶକ - ରାଧାସ୍ୱାମୀ ସତସଙ୍ଗ ସଭା, ଦୟାଲବାଗ ଆଗ୍ରା, "ସୃଷ୍ଟି କୀ ରଚନା" ପୃଷ୍ଠା ୮ ।

"ପ୍ରଥମ ଧୂଂଧୂଂକାର ଥା । ଉସମେଁ ପୁରୁଷ ସୁନ୍ନ ସମାଧ ମେଂ ଥେ, ଯବ କୁଛ ରଚନା ନେହିଁ ହୁଇ ଥୀ । ଫିର ଯବ ମୌଜ ହୁଇ ତବ ପ୍ରକଟ ହୁଆ ଔର ଉସସେ ସବ ରଚନା ହୁଇ, ଔର ଫିର ସତ୍‌ପୁରୁଷ କେ କଲା ସେ ତିନ ଲୋକ ଔର ସବ ବିସ୍ତାର ହୁଆ ।"

ଏହି ଜ୍ଞାନ ଏପରି ଅଟେ ଯେପରି କୌଣସି ପିଲା ଏକଦା ଚାକିରି ପାଇଁ ସାକ୍ଷାତକାର (ଇଣ୍ଟରଭ୍ୟୁ) ଦେବାକୁ ଯାଇଥିବା ବେଳେ ଅଧିକାରୀ ପଚାରିଲେ ଯେ ଆପଣ ମହାଭାରତ ପଢିଛନ୍ତି କି ? ପିଲା ଉତ୍ତର ଦେଲା ଯେ ପାଣି ଭଳି ସବୁ ମୁଖସ୍ଥ କରିଦେଇଛି । ଅଧିକାରୀ ପ୍ରଶ୍ନ କଲେ ପଞ୍ଚୁପାଣ୍ଡବଙ୍କ ନାମ କୁହ। ପିଲା ଉତ୍ତର ଦେଲା, ଜଣେ ଭୀମ ଥିଲା, ତାଙ୍କର ଜଣେ ବଡ ଭାଇ ଥିଲେ, ଜଣେ ତାଙ୍କ ଠାରୁ ଛୋଟ ଥିଲେ, ଆଉ ଜଣେ ମଧ୍ୟ ଥିଲେ ତଥା ଜଣଙ୍କର ନାମ ମୁଁ ଭୁଲିଗଲି । ଉପରୋକ୍ତ ସୃଷ୍ଟି ରଚନାର ଜ୍ଞାନ ଏହିଭଳି ଅଟେ।

ସତ୍ୟପୁରୁଷ ଓ ସତ୍ୟଲୋକର ମହିମା ଗାନ କରୁଥିବା ସନ୍ଥ, ପାଞ୍ଚନାମ (ଓଁକାର-ଜ୍ୟୋତି ନିରଞ୍ଜନ -ରରଂକାର-ସୋହଂ-ସତ୍ୟନାମ) ଓ ତିନିନାମ (ଅକାଳମୂର୍ତ୍ତୀ-ସତ୍ୟପୁରୁଷ-ଶବ୍ଦ ସ୍ୱରୂପୀ ରାମ) ପ୍ରଦାନ କରୁଥିବା ସନ୍ଥମାନଙ୍କ ଦ୍ୱାରା ରଚିତ କିଛି ପୁସ୍ତକର ନିଷ୍କର୍ଷ :-

ସନ୍ତମତ ପ୍ରକାଶ ଭାଗ ୩ ପୃଷ୍ଠା ୭୬ ରେ ଲେଖାଅଛି ଯେ "ସଚ୍ଚଖଣ୍ଡ ବା ସତନାମ ଚତୁର୍ଥ ଲୋକ ଅଟେ", ଏଠାରେ "ସତନାମ"କୁ ସ୍ଥାନ କୁହାଯାଇଛି । ପୁଣି ଏହି ପବିତ୍ର ପୁସ୍ତକର ପୃଷ୍ଠା ନଂ ୭୬ ରେ ଲେଖାଅଛି ଯେ "ଏକ ରାମ ଦଶରଥ କା ବେଟା, ଦ୍ୱିତୀୟ ରାମ 'ମନ', ତୃତୀୟ ରାମ 'ବ୍ରହ୍ମ', ଚତୁର୍ଥ ରାମ 'ସତ୍‌ନାମ', ଏହା ଅସଲି ରାମ ଅଟେ" । ପୁଣି ପବିତ୍ର ପୁସ୍ତକ ସନ୍ତମତ ପ୍ରକାଶ ପ୍ରଥମ ଭାଗ ପୃଷ୍ଠା ନଂ ୧୭ ରେ ଲେଖାଅଛି ଯେ "ୱହ ସତଲୋକ ହେ, ଉସିକୋ ସତନାମ କହା ଜାତା ହେ" । ପବିତ୍ର ପୁସ୍ତକ 'ସାରବଚନ ନସର ଯାନି ବାର୍ତ୍ତୀକ' ପୃଷ୍ଠା ନଂ ୩ ରେ ଲେଖାଅଛି ଯେ "ଏବେ ଏହା ବୁଝିବା ଉଚିତ ଯେ ରାଧା ସ୍ୱାମୀ ପଦ ସବୁଠାରୁ ଉଚ୍ଚ ସ୍ଥାନ ଅଟେ ଯାହାକୁ ସନ୍ଥମାନେ ସତ୍‌ଲୋକ ଓ ସଚ୍ଚଖଣ୍ଡ, ସାରଶବ୍ଦ ଓ ସତଶବ୍ଦ, ସତନାମ ଓ ସତ୍ୟପୁରୁଷ ରୂପେ ବର୍ଣ୍ଣନ କରିଛନ୍ତି । ପବିତ୍ର ପୁସ୍ତକ ସାର ବଚନ(ନସର) ଆଗ୍ରାରୁ ପ୍ରକାଶିତ ପୃଷ୍ଠା ନଂ ୪ରେ ମଧ୍ୟ ଏହି ବର୍ଣ୍ଣନ ଅଛି। ପବିତ୍ର ପୁସ୍ତକ "ସଚ୍ଚଖଣ୍ଡ କୀ ସଡକ'' ପୃଷ୍ଠା ନଂ ୨୨୬ ସନ୍ଥମାନଙ୍କର ଦେଶ ସଚ୍ଚ୍‌ଖଣ୍ଡ ବା ସତ୍‌ଲୋକ ଅଟେ, ଏହାକୁ ସତ୍‌ନାମ-ସତ୍‌ଶବ୍ଦ-ସାରଶବ୍ଦ କୁହାଯାଏ ।

ବିଶେଷ:- ଉପରୋକ୍ତ ବ୍ୟାଖ୍ୟା ଏପରି ଲାଗିଲା ଯେପରି କେହି ଜୀବନରେ ନା କେବେ ସହର ଦେଖିଛି, ନା କାର୍ ଦେଖିଛି, ନା ପେଟ୍ରୋଲ ଦେଖିଛି, ନା ତା'ର ଡ୍ରାଇଭିଙ୍ଗ ଜ୍ଞାନ ଅଛି, ନା ଡ୍ରାଇଭର କାହାକୁ କୁହାଯାଏ ବୋଲି ସେ ଜାଣିଛି ? ଏବଂ ସେହି ବ୍ୟକ୍ତି ଯଦି ଅନ୍ୟ ସାଥିମାନଙ୍କୁ କହିବ ଯେ ମୁଁ କାର୍‌ରେ ବସି ସହରକୁ ଯାଏ, କାର୍‌ରେ ବସି ଆନନ୍ଦିତ ହୁଏ, ପୁଣି ସାଥିମାନେ ପଚାରିଲେ, କାର୍ ଦେଖିବାକୁ କିପରି, ପେଟ୍ରୋଲ ଦେଖିବାକୁ କିପରି, ଡ୍ରାଇଭର କିପରି ଅଟେ, ସହର ଦେଖିବାକୁ କିପରି ? ସେହି ଗୁରୁ ଉତ୍ତର ଦେଲେ ଯେ ସହର କହନ୍ତୁ କି କାର୍ କହନ୍ତୁ ଏକା କଥା, ସହର ବି କାର୍, ପେଟ୍ରୋଲକୁ ବି କାର୍ କୁହାଯାଏ, କାର୍‌କୁ ମଧ୍ୟ ଡ୍ରାଇଭର କୁହାଯାଏ, ସଡକକୁ ମଧ୍ୟ କାର୍ କୁହାଯାଏ ।

ଆସନ୍ତୁ ବିଚାର କରିବା - ସତ୍‌ପୁରୁଷ ତ ପୂର୍ଣ୍ଣ ପରମାତ୍ମା ଅଟନ୍ତି, ସତ୍‌ନାମ ସେହି ଦୁଇ ମନ୍ତ୍ରର ନାମ ଅଟେ ଯେଉଁଥିରେ ଗୋଟିଏ ଓମ୍ + ତତ୍ ଅଛି ଯାହା ସାଙ୍କେତିକ ଅଟେ ଏବଂ ଏହା ପରେ ସାଧକକୁ ପୂର୍ଣ୍ଣଗୁରୁଙ୍କ ଦ୍ୱାରା ସାରନାମ ଦିଆଯାଇଥାଏ । ସତ୍‌ନାମ ଓ ସାରନାମ ଏହି ଦୁଇଟି ସ୍ମରଣ କରିବାର ନାମ ଅଟେ । ସତ୍‌ଲୋକ ସେହି ସ୍ଥାନ ଯେଉଁଠି ସତ୍ୟପୁରୁଷ ରହନ୍ତି । ପୂଣ୍ୟାତ୍ମାଗଣ ସ୍ୱୟଂ ନିର୍ଣ୍ଣୟ କରନ୍ତୁ କେଉଁଟି ସତ୍ୟ ଓ କେଉଁଟି ଅସତ୍ୟ ।

❑❑❑

## ସର୍ବ ବ୍ରହ୍ମାଣ୍ଡର ମାଲିକ କିଏ ଏବଂ ସେ କିପରି ଅଟନ୍ତି ?

ଯେଉଁ-ଯେଉଁ ପୂଣ୍ୟାତ୍ମାମାନେ ପରମାତ୍ମା ପ୍ରାପ୍ତି କରିଛନ୍ତି ସେମାନେ କହିଛନ୍ତି ଯେ ଏହି ସୃଷ୍ଟିର ମାଲିକ ଜଣେ ହିଁ ଅଟନ୍ତି । ସେ ମାନବ ସଦୃଶ ତେଜମୟ ଶରୀରଯୁକ୍ତ ଅଟନ୍ତି । ଯାହାଙ୍କର ଏକ ଲୋମକୂପର ପ୍ରକାଶ କୋଟିଏ ସୂର୍ଯ୍ୟ ଓ କୋଟିଏ ଚନ୍ଦ୍ରମାର କିରଣଠାରୁ ମଧ୍ୟ ଅଧିକ । ସେ ନାନା ପ୍ରକାରର ରୂପ ଧାରଣ କରିଛନ୍ତି । ପରମେଶ୍ୱରଙ୍କର ବାସ୍ତବିକ ନାମ ବିଭିନ୍ନ ପ୍ରାନ୍ତିୟ ଭାଷାରେ ଏହିପରି ରହିଛି ଯେପରି କବିର୍ଦ୍ଦେବ (ବେଦରେ ସଂସ୍କୃତ ଭାଷାରେ) ତଥା ହକ୍କା କବୀର (ଶ୍ରୀ ଗୁରୁଗ୍ରନ୍ଥ ସାହେବର ପୃଷ୍ଠା ନଂ ୭୨୧ ରେ ପ୍ରାନ୍ତିୟ ଭାଷାରେ) ତଥା ସତ୍ କବୀର(ଶ୍ରୀ ଧର୍ମଦାସଜୀଙ୍କ ସଦଗ୍ରନ୍ଥରେ ପ୍ରାନ୍ତିୟ ଭାଷାରେ) ତଥା ବନ୍ଦୀ ଛୋଡ଼ କବୀର (ସନ୍ଥ ଗରୀବ ଦାସଜୀଙ୍କ ସଦଗ୍ରନ୍ଥରେ ପ୍ରାନ୍ତିୟ ଭାଷାରେ) ତଥା କବୀରା, କବୀରନ୍ ଓ ଖବୀରା ବା ଖବୀରନ୍ (ଶ୍ରୀ କୁରାନ ଶରୀଫ ସୂରତ୍ ଫୁର୍କାନି ନଂ-୨୫, ଆୟତ ନଂ-୧୯, ୨୧, ୫୨, ୫୮, ୫୯ ରେ ପ୍ରାନ୍ତିୟ ଆରବୀ ଭାଷାରେ) । ଏହି ପୂର୍ଣ୍ଣ ପରମାତ୍ମାଙ୍କ ଉପମାତ୍ମକ ନାମ ଅନାମୀ ପୁରୁଷ, ଅଗମ ପୁରୁଷ, ଅଲଖ ପୁରୁଷ, ସତ୍ୟପୁରୁଷ, ଅକାଳ ମୂର୍ତ୍ତୀ, ଶବ୍ଦ ସ୍ୱରୂପୀ ରାମ, ପୂର୍ଣ୍ଣବ୍ରହ୍ମ, ପରମ ଅକ୍ଷର ବ୍ରହ୍ମ ଇତ୍ୟାଦି ଅଟେ, ଯେପରି କୌଣସି ଦେଶର ପ୍ରଧାନମନ୍ତ୍ରୀଙ୍କର ବାସ୍ତବିକ ଶରୀରର ନାମ ତ ଅନ୍ୟ କିଛି ଥାଏ କିନ୍ତୁ ଉପମାତ୍ମକ ନାମ ପ୍ରଧାନମନ୍ତ୍ରୀ, ପ୍ରାଇମ ମିନିଷ୍ଟର ଇତ୍ୟାଦି ଅଟେ । ଯେପରି ଭାରତ ଦେଶର ପ୍ରଧାନମନ୍ତ୍ରୀ ନିଜ ପାଖରେ ଗୃହ ବିଭାଗ ରଖି ଯେତେବେଳେ ସେହି ବିଭାଗର ଦସ୍ତାବେଜରେ ଦସ୍ତଖତ କରିଥାନ୍ତି ସେତେବେଳେ ଗୃହମନ୍ତ୍ରୀର ଭୂମିକା କରି ନିଜ ପଦର ନାମ ଗୃହମନ୍ତ୍ରୀ ଲେଖିଥାନ୍ତି ଏବଂ ଦସ୍ତଖତ ସେହିଭଳି କରିଥାନ୍ତି । ଈଶ୍ୱରୀୟ ଶକ୍ତିକୁ ଏହି ପ୍ରକାରେ ବୁଝିବା ଉଚିତ । ଯେଉଁ ସନ୍ଥ ଓ ଋଷିମାନଙ୍କୁ ପରମାତ୍ମା ପ୍ରାପ୍ତି ହୋଇ ନାହିଁ, ସେମାନେ ନିଜ ଅନ୍ତିମ ଅନୁଭୂତି ଆଧାରରେ ଏହା କହିଛନ୍ତି ଯେ ପ୍ରଭୁଙ୍କର କେବଳ ପ୍ରକାଶ ଦେଖାଯାଇ ପାରିବ, ପ୍ରଭୁଙ୍କୁ ସାକାର ରୂପରେ ଦେଖା ଯାଇପାରିବ ନାହିଁ କାରଣ ତାଙ୍କର କୌଣସି ଆକାର ନାହିଁ ତଥା ଶରୀର ମଧ୍ୟରେ ଧ୍ୱନୀ ଇତ୍ୟାଦି ଶୁଣିବାକୁ ପ୍ରଭୁ ଭକ୍ତିର ଉପଲବ୍ଧି କୁହାଯାଏ ।

ଆସନ୍ତୁ ବିଚାର କରିବା - ଯେପରି କୌଣସି ଅନ୍ଧ ବ୍ୟକ୍ତି ଅନ୍ୟ ଅନ୍ଧମାନଙ୍କ ନିକଟରେ ନିଜକୁ ଦୃଷ୍ଟିଶକ୍ତି ସଂପନ୍ନ ବ୍ୟକ୍ତି ଭାବେ ପ୍ରମାଣିତ କରିବାକୁ ଯାଇ କହିଥାଏ ଯେ ରାତ୍ରୀରେ ଚନ୍ଦ୍ରମାର କିରଣ ବହୁତ ରମଣୀୟ ଓ ମନମୁଗ୍ଧକର ହୋଇଥାଏ, ମୁଁ ପ୍ରତିଦିନ ଦେଖୁଛି । ଅନ୍ୟ ଅନ୍ଧ ଶିଷ୍ୟମାନେ ପ୍ରଶ୍ନ କରନ୍ତି, ଗୁରୁଜୀ ! ଚନ୍ଦ୍ରମା ଦେଖିବାକୁ କିପରି ? ଚତୁର ଅନ୍ଧ ଉତ୍ତର ଦେଲା ଯେ ଚନ୍ଦ୍ରମା ତ ନିରାକାର, ତାକୁ କ'ଣ ଦେଖିହୁଏ । କେହି ଯଦି କହେ ଯେ ସୂର୍ଯ୍ୟ ନିରାକାର, ତାକୁ ଦେଖି ହୁଏ ନାହିଁ କିନ୍ତୁ ରବି ସ୍ୱପ୍ରକାଶିତ ତେଣୁ ତା'ର କେବଳ ପ୍ରକାଶ ଦୃଶ୍ୟମାନ ହୋଇଥାଏ । ଗୁରୁଜୀଙ୍କ କହିବା ଅନୁସାରେ ଶିଷ୍ୟମାନେ ସକାଳେ ଅଢ଼େଇ ଘଣ୍ଟା ଓ ସନ୍ଧ୍ୟା ସମୟରେ ଅଢ଼େଇ ଘଣ୍ଟା ଆକାଶକୁ ଚାହିଁଥାନ୍ତି କିନ୍ତୁ କିଛି ବି ଦୃଶ୍ୟମାନ ହୁଏ ନାହିଁ । ତା'ପରେ ସ୍ୱୟଂ ବିଚାର ବିମର୍ଷ କରିଥାନ୍ତି ଯେ ଗୁରୁଜୀ ତ ଠିକ୍ କହୁଛନ୍ତି, ସଞ୍ଜ-ସକାଳେ ଆମ୍ଭମାନଙ୍କର ଅଢ଼େଇ ଘଣ୍ଟାର ସାଧନା ପୁରା ହୋଇ ପାରୁନାହିଁ । ଏଥିପାଇଁ ଆମ୍ଭକୁ ସୂର୍ଯ୍ୟ ଓ ଚନ୍ଦ୍ରମାର ପ୍ରକାଶ ଦେଖାଯାଉ ନାହିଁ । ଚତୁର ଗୁରୁଙ୍କ ବ୍ୟାଖ୍ୟାରେ ଅନୁପ୍ରାଣିତ ହୋଇ ସେହି ଚତୁର ଅନ୍ଧ (ଜ୍ଞାନହୀନ) ର ବ୍ୟାଖ୍ୟାର ପ୍ରଚାରକ କୋଟି କୋଟି ସଂଖ୍ୟାରେ ଅନ୍ଧ(ଜ୍ଞାନହୀନ) ହୋଇସାରିଛନ୍ତି, ପୁଣି ସେମାନଙ୍କୁ ଦୃଷ୍ଟିଶକ୍ତି ସଂପନ୍ନ(ତତ୍ତ୍ୱଦର୍ଶୀ) ସନ୍ଥ କହନ୍ତି ଯେ ସୂର୍ଯ୍ୟ ସାକାର ଓ ସେଥିରୁ ପ୍ରକାଶ ବାହାରୁଛି, ଏହି ପ୍ରକାରେ ଚନ୍ଦ୍ରମାରୁ ମଧ୍ୟ ପ୍ରକାଶ ବାହାରୁଛି, ଆରେ ନେତ୍ରହୀନ ବ୍ୟକ୍ତିଗଣ ! ଚନ୍ଦ୍ରମା ବିନା ରାତ୍ରୀରେ ଆଲୋକ ଆସିବ କେଉଁଠୁ। ଯେପରି କୌଣସି ବ୍ୟକ୍ତି କହିଥାଏ ଯେ ମୁଁ ଟ୍ୟୁବ୍ ଲାଇଟ୍ ଦେଖିଛି, ତାପରେ କେହି ଯଦି ତାକୁ ପ୍ରଶ୍ନ କରେ ଯେ ଟ୍ୟୁବ୍ ଲାଇଟ୍ କିପରି ଯାହାର ଆଲୋକ ଆପଣ ଦେଖିଛନ୍ତି ? ଉତ୍ତର ମିଳିଲା, ଟ୍ୟୁବ୍ ଲାଇଟ୍ ନିରାକାର ହୋଇଥିବା କାରଣରୁ ଦେଖାଯାଏ ନାହିଁ । କେବଳ ଆଲୋକ ଦୃଶ୍ୟମାନ ହେବ । ବିଚାର କରନ୍ତୁ - ଟ୍ୟୁବ୍ ଲାଇଟ୍ ବିନା ଆଲୋକ ଆସିବ କେଉଁଠୁ ?

ଯଦି କେହି କହେ ଯେ ହୀରା ସ୍ୱପ୍ରକାଶିତ । ପୁଣି ଏହା ବି କହେ ଯେ ହୀରାର ପ୍ରକାଶକୁ କେବଳ ଦେଖାଯାଇପାରିବ କାରଣ ହୀରା ତ ନିରାକାର, ତାକୁ କ'ଣ ଦେଖାଯାଇପାରିବେ, ତେବେ ସେହି ବ୍ୟକ୍ତି ହୀରା ସହିତ ସମ୍ପୂର୍ଣ୍ଣ ଅପରିଚିତ ଏବଂ ଅଯଥାରେ ନିଜକୁ ସ୍ୱର୍ଣ୍ଣକାର(ବଣିଆ) କହୁଛି । ଯେଉଁମାନେ ପରମାତ୍ମାଙ୍କୁ ନିରାକାର କହିଥାନ୍ତି ଏବଂ କେବଳ ପ୍ରକାଶ ଦେଖିବା ବା ଧ୍ୱନି ଶୁଣିବାକୁ ପ୍ରଭୁ ପ୍ରାପ୍ତି ବୋଲି କହିଥାନ୍ତି ସେମାନେ ଭକ୍ତି ଓ ଭଗବାନଙ୍କ ସହିତ ସଂପୂର୍ଣ୍ଣ ଅପରିଚିତ ଅଟନ୍ତି । ସେମାନଙ୍କୁ ଯେତେବେଳେ ପ୍ରାର୍ଥନା

କରି କୁହାଗଲା ଯେ ଆପଣ କିଛି ବି ଦେଖି ନାହାଁନ୍ତି, ଆପଣ ନିଜ ଅନୁଗାମୀମାନଙ୍କୁ ଭ୍ରମିତ କରି ଦୋଷୀ ହେଉଛନ୍ତି । ନାଁ ଆପଣଙ୍କ ଗୁରୁଙ୍କର ତତ୍ତ୍ୱଜ୍ଞାନ ରୂପୀ ନେତ୍ର ଅଛି ନାଁ ଆପଣଙ୍କର । ତେଣୁ ସାରା ଜଗତକୁ ଭ୍ରମିତ କରିବା ବନ୍ଦ କରନ୍ତୁ । ଏହି କଥା ଶୁଣି ସମସ୍ତ ଜ୍ଞାନ ନେତ୍ରହୀନ ଅନ୍ଧ ବ୍ୟକ୍ତି ଠେଙ୍ଗା ଉଠାଇବାକୁ ଲାଗିଲେ ଏବଂ କହିଲେ, 'ଆମେ ତ ମିଛୁଆ, ତୁ ଏକା ସତ୍ୟବାଦୀ' । ଆଜି ସନ୍ଥ ରାମପାଲଜୀ ମହାରାଜଙ୍କ ସହିତ ଏହିଭଳି ଘଟଣା ଘଟିଛି ।

ଏହି ବିବାଦର ସମାଧାନ ହେବ କିପରି ? କେଉଁ ସନ୍ଥଙ୍କର ବିଚାର ଠିକ୍ ଏବଂ କେଉଁ ସନ୍ଥଙ୍କର ବିଚାର ଭୁଲ ? ଉଦାହରଣ ସ୍ୱରୂପ ଯେପରି କୌଣସି ଅପରାଧର ବିଚାର ସମୟରେ ପାଞ୍ଚଜଣ ଓକିଲ ନିଜ-ନିଜର ଯୁକ୍ତି ଉପସ୍ଥାପନ କରି କହିଥାନ୍ତି ଯେ ଏହି ଅପରାଧରେ ସମ୍ବିଧାନର ୩୦୧ ଧାରା ଲାଗୁ ହେବ, ଦ୍ୱିତୀୟ ଜଣକ କହିଥାନ୍ତି ୩୦୨, ତୃତୀୟ ଜଣକ କହିଥାନ୍ତି ୩୦୪, ଚତୁର୍ଥ ଜଣକ କହିଥାନ୍ତି ୩୦୬ ଏବଂ ପଞ୍ଚମ ଓକିଲ ୩୦୭ ଧାରାକୁ ଉପଯୁକ୍ତ କହିଥାନ୍ତି ।

ଏହି ପାଞ୍ଚଜଣ ଓକିଲ ଠିକ୍ ହୋଇ ନ ପାରନ୍ତି । କେବଳ ଜଣେ ଓକିଲଙ୍କର କଥା ଠିକ୍ ହେବ ଯଦି ତାଙ୍କ ବ୍ୟାଖ୍ୟା ନିଜ ଦେଶର ସମ୍ବିଧାନ ସହିତ ମେଳ ଖାଉଥିବ । ଯଦି ତାଙ୍କ ବ୍ୟାଖ୍ୟା ସମ୍ବିଧାନ ବିପରୀତ ହୋଇଥିବ ତେବେ ସେହି ପାଞ୍ଚଜଣ ଓକିଲ ଭୁଲ୍ । ତେଣୁ ଏହାର ନିର୍ଣ୍ଣୟ ଦେଶର ପବିତ୍ର ସମ୍ବିଧାନ କରିବ ଯାହା ସର୍ବମାନ୍ୟ ହେବ । ଏହି ପ୍ରକାରେ ଭିନ୍ନ ଭିନ୍ନ ବିଚାରଧାରା ଓ ଭିନ୍ନ ଭିନ୍ନ ସାଧନା ମଧ୍ୟରୁ କେଉଁଟି ଶାସ୍ତ୍ର ଅନୁକୂଳ ଓ କେଉଁଟି ଶାସ୍ତ୍ର ବିରୁଦ୍ଧ ଏହାର ନିର୍ଣ୍ଣୟ କେବଳ ପବିତ୍ର ସଦଗ୍ରନ୍ଥ ହିଁ କରିବ ଯାହା ସର୍ବମାନ୍ୟ ହେବ । (ଏହି ପ୍ରମାଣ ପବିତ୍ର ଶ୍ରୀମଦଭଗବତ୍ ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୨୩-୨୪ ରେ ଅଛି) ।

ଯେଉଁ ଦୃଷ୍ଟିଶକ୍ତି ସଂପନ୍ନ ସନ୍ଥଗଣ (ପୂର୍ଣ୍ଣସନ୍ଥ) ସୂର୍ଯ୍ୟ (ପୂର୍ଣ୍ଣ ପରମାତ୍ମା)ଙ୍କୁ ଦେଖିଛନ୍ତି ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ନିମ୍ନରେ ପ୍ରଦାନ କରାଗଲା :-

(କ) ଆଦରଣୀୟ ଧର୍ମଦାସ ସାହେବଜୀ । (ଖ) ଆଦରଣୀୟ ଦାଦୁ ସାହେବଜୀ ।
(ଗ) ଆଦରଣୀୟ ମଲୁକ ଦାସ ସାହେବଜୀ । (ଘ) ଆଦରଣୀୟ ଗରୀବଦାସ ସାହେବଜୀ ।
(ଙ) ଆଦରଣୀୟ ନାନକ ସାହେବଜୀ । (ଚ) ଆଦରଣୀୟ ଘିସା ଦାସ ସାହେବଜୀ ଆଦି ।

(କ) ଆଦରଣୀୟ ଧର୍ମଦାସ ସାହେବଜୀ, ବାନ୍ଧବଗଡ, ମଧ୍ୟପ୍ରଦେଶର ବାସିନ୍ଦା ଯାହାଙ୍କୁ ପୂର୍ଣ୍ଣ ପରମାତ୍ମା ଜିନ୍ଦା ମହାତ୍ମା(ସାଧୁ/ଫକୀର) ରୂପରେ ମଥୁରାରେ ଦର୍ଶନ ଦେଲେ, ସତ୍ୟଲୋକ ଦର୍ଶନ କରାଇଲେ । ସତ୍ୟଲୋକରେ ଦୁଇଟି ରୂପ ଦେଖାଇ ଜିନ୍ଦା ମହାତ୍ମା ରୂପରେ ସତ୍ୟଲୋକରେ ଥିବା ପୂର୍ଣ୍ଣ ପରମାତ୍ମାଙ୍କ ସିହାଂସନ ଉପରେ ବିରାଜମାନ ହୋଇଗଲେ ତଥା ଆଦରଣୀୟ ଧର୍ମଦାସ ସାହେବଜୀଙ୍କୁ କହିଲେ, ମୁଁ ହିଁ କାଶୀ(ବନାରସ) ରେ ନୀରୁ-ନୀମାଙ୍କ ଘରକୁ ଆସିଛି । ସେଠାରେ ଧାଣକ(ବୁଣାକାର) କାର୍ଯ୍ୟ କରୁଅଛି । ଆଦରଣୀୟ ଶ୍ରୀ ରାମାନନ୍ଦଜୀ ମୋ ଗୁରୁଜୀ ଅଟନ୍ତି । ଏହା କହି ଶ୍ରୀ ଧର୍ମଦାସଜୀଙ୍କ ଆତ୍ମାକୁ ପୁଣି ଶରୀର ମଧ୍ୟକୁ ପ୍ରବେଶ କରାଇ ଦେଲେ । ଶ୍ରୀ ଧର୍ମଦାସଜୀଙ୍କ ଶରୀର ଦୁଇଦିନ ପର୍ଯ୍ୟନ୍ତ ଅଚେତ ରହିଲା, ତୃତୀୟ ଦିନରେ ଚେତା ଆସିବା ପରେ କାଶୀରେ ଖୋଜିବାରୁ ପାଇଲେ ଯେ କାଶୀକୁ ଆସିଥିବା ଏହି ଧାଣକ(ବୁଣାକାର) ହିଁ ପୂର୍ଣ୍ଣ ପରମାତ୍ମା(ସତ୍ୟପୁରୁଷ) ଅଟନ୍ତି । ଆଦରଣୀୟ ଧର୍ମଦାସ ସାହେବଜୀ ସ୍ୱୟଂ ସତ୍ୟଲୋକରେ ଦେଖି ଆସିଥିବା ଦୃଶ୍ୟ ତଥା ପୂର୍ଣ୍ଣ ପରମାତ୍ମାଙ୍କ ପବିତ୍ର ମୁଖ ମଣ୍ଡଳରୁ ନିସୃତ ଅମୃତ ବଚନ ରୂପୀ ବିବରଣୀରୁ ପବିତ୍ର କବୀର ସାଗର, କବୀର ସାଖୀ, କବୀର ବୀଜକ ନାମକ ସଦଗ୍ରନ୍ଥ ରଚନା କଲେ । ଅମୃତ ବାଣୀରେ ପ୍ରମାଣ :-

ଆଜ ମୋହେ ଦର୍ଶନ ଦିୟୋ ଜୀ କବୀର ॥ ଟେକ ॥
ସତ୍ୟଲୋକ ସେ ଚଲକର ଆଏ, କାଟନ ଜମକୀ ଜଞ୍ଜୀର ॥୧॥
ଥାରେ ଦର୍ଶନ ସେ ହ୍ମାରେ ପାପ କଟତ ହୈଂ, ନିର୍ମଲ ହୋବୈ ଜୀ ଶରୀର ॥୨॥
ଅମୃତ ଭୋଜନ ହ୍ମାରେ ସତଗୁରୁ ଜୀମୈଂ, ଶବ୍ଦ ଦୂଧ କୀ ଖୀର ॥୩॥
ହିନ୍ଦୁ କେ ତୁମ ଦେବ କହାଏ, ମୁସଲମାନ କେ ପୀର ॥୪॥
ଦୋନୋଁ ଦୀନ କା ଝଗଡା ଛିଡ ଗୟା, ଟୋହେ ନା ପାୟେ ଶରୀର ॥୫॥
ଧର୍ମଦାସ କୀ ଅର୍ଜ ଗୋସାଁଈ, ବେଡା ଲଁଘାଇୟୋ ପରଲେ ତୀର ॥୬॥

(ଖ) ଆଦରଣୀୟ ଦାଦୂ ସାହେବଜୀଙ୍କ (ଅମୃତ ବାଣୀରେ ପ୍ରମାଣ) କବୀର ପରମେଶ୍ୱରଙ୍କ ସାକ୍ଷୀ :-

ଆଦରଣୀୟ ଦାଦୂ ସାହେବଜୀ ଯେତେବେଳେ ସାତବର୍ଷର ବାଳକ ଥିଲେ ସେତେବେଳ ପୂର୍ଣ୍ଣ

ପରମାତ୍ମା ଜୀନ୍ଦା ମହାତ୍ମା(ସାଧୁ/ଫକୀର) ରୂପରେ ତାଙ୍କୁ ଦର୍ଶନ ଦେଇ ସତ୍ୟଲୋକ ନେଇଗଲେ। ଦାଦୁ ସାହେବ ତିନିଦିନ ପର୍ଯ୍ୟନ୍ତ ଅଚେତ ରହିଲେ । ଚେତା ଫେରିବା ପରେ ନିଜ ଅଖିରେ ଦେଖି ଆସିଥିବା ପରମେଶ୍ୱରଙ୍କ ମହିମାର ଅନେକ ଅମୃତବାଣୀ ଉଚ୍ଚାରଣ କଲେ :-

ଜିନ ମୋକୁଁ ନିଜ ନାମ ଦିଆ, ସୋଇ ସତଗୁରୁ ହମାର । ଦାଦୂ ଦୂସରା କୋଇ ନହୀଁ, କବୀର ସୃଜନ ହାର ।।
ଦାଦୂ ନାମ କବୀର କୀ, ଜୈ କୋଇ ଲେବେ ଓଟ । ଉନକୋ କବହୂ ଲାଗେ ନହୀଁ କାଲ ବଜ୍ର କୀ ଚୋଟ ।।
ଦାଦୂ ନାମ କବୀର କା, ସୁନକର କାଁପେ କାଲ । ନାମ ଭରୋସେ ଜୋ ନର ଚଲେ, ହୋବେ ନ ବଂକା ବାଲ ।।
ଜୋଜୋ ଶରଣ କବୀର କେ, ତର ଗଏ ଅନନ୍ତ ଅପାର । ଦାଦୂ ଗୁଣ କୀତା କହେ, କହତ ନ ଆବୈ ପାର ।।
କବୀର କର୍ତ୍ତା ଆପ ହୈ, ଦୂଜା ନାହିଁ କୋୟ । ଦାଦୂ ପୂରନ ଜଗତ କୋ, ଭକ୍ତି ଦୃଢାବତ ସୋୟ ।।
ଠେକା ପୂରନ ହୋୟ ଜବ, ସବ କୋଇ ତଜୈ ଶରୀର । ଦାଦୂ କାଲ ଗୌଂଜେ ନହଂୀ, ଜପୈ ଜୋ ନାମ କବୀର ।।
ଆଦମୀ କୀ ଆୟୁ ଘଟୈ, ତବ ଯମ ଘେରେ ଆୟ । ସୁମିରନ କିୟା କବୀର କା, ଦାଦୂ ଲିୟା ବଚାୟ ।।
ମେଟି ଦିୟା ଅପରାଧ ସବ, ଆୟ ମିଲେ ଛନମାଁହ । ଦାଦୂ ସଙ୍ଗ ଲେ ଚଲେ, କବୀର ଚରଣ କୀ ଛାଂହ ।।
ସେବକ ଦେବ ନିଜ ଚରଣ କା, ଦାଦୂ ଅପନା ଜାନ । ଭୃଙ୍ଗୀ ସତ୍ୟ କବୀର ନେ, କୀହ୍ନା ଆପ ସମାନ ।।
ଦାଦୂ ଅନ୍ତରଗତ ସଦା, ଛିନ-ଛିନ ସୁମିରନ ଧ୍ୟାନ । ବାରୁ ନାମ କବୀର ପର, ପଲ-ପଲ ମେରା ପ୍ରାନ ।।
ସୁନ-ସୁନ ସାଖୀ କବୀର କୀ, କାଲ ନବାବେ ମାଥ । ଧନ୍ୟ-ଧନ୍ୟ ହୋ ତୀନ ଲୋକ ମେଁ, ଦାଦୂ ଜୋଡେ ହାଥ ।।
କେହରୀ ନାମ କବୀର କା, ବିଷମ କାଲ ଗଜରାଜ । ଦାଦୂ ଭଜନ ପ୍ରତାପତେ, ଭାଗେ ସୁନତ ଆବାଜ ।।
ପଲ ଏକ ନାମ କବୀର କା, ଦାଦୂ ମନଚିତ ଲାୟ । ହସ୍ତୀକେ ଅଶ୍ୱାର କୋ, ଶ୍ୱାନ କାଲ ନହୀଁ ଖାୟ ।।
ସୁମରତ ନାମ କବୀର କା, କଟେ କାଲକୀ ପୀର । ଦାଦୂ ଦିନ ଦିନ ଉଚେଁ ପରମାନନ୍ଦ ସୁଖ ସୀର ।।
ଦାଦୂ ନାମ କବୀର କୀ, ଜୋ କୋଇ ଲେବେ ଓଟ । ତିନକୋ କବହୁଁ ନା ଲଗଇ, କାଲ ବଜ୍ର କି ଚୋଟ ।।
ଔର ସନ୍ତ ସବ କୂପ ହୈଁ, କେତେ ଝରିତା ନୀର । ଦାଦୂ ଅଗମ ଅପାର ହୈ, ଦରିୟା ସତ୍ୟ କବୀର ।।
ଅବହୀ ତେରୀ ସବ ମିଟୈ, ଜନ୍ମ ମରନ କୀ ପୀର । ସ୍ୱାଁସ ଉସ୍ୱାଁସ ସୁମିରଲେ, ଦାଦୂ ନାମ କବୀର ।।
କୋଇ ସର୍ଗୁନ ମେଁ ରୀଝ ରହା, କୋଇ ନିର୍ଗୁଣ ଠହରାୟ । ଦାଦୂ ଗତୀ କବୀର କୀ, ମୋତେ କହୀ ନ ଜାୟ ।।

(ଗ) ଆଦରଣୀୟ ମଲୁକ ଦାସ ସାହେବଜୀ କବିର୍ଦେବଙ୍କ ସାକ୍ଷୀ-

୪୨ ବର୍ଷ ବୟଷରେ ଶ୍ରୀ ମଲୂକ ଦାସ ସାହେବଜୀଙ୍କୁ ପୂର୍ଣ୍ଣ ପରମାତ୍ମା ମିଳିଥିଲେ ତଥା ଦୁଇଦିନ ପର୍ଯ୍ୟନ୍ତ ଶ୍ରୀ ମଲୂକ ଦାସଜୀ ଅଚେତ ରହିଥିଲେ। ତା'ପରେ ନିମ୍ନୋକ୍ତ ବାଣୀ ଉଚ୍ଚାରଣ କରିଥିଲେ :-

ଜପୋ ରେ ମନ ସତଗୁରୁ ନାମ କବୀର । ଜପୋ ରେ ମନ ପରମେଶ୍ୱର ନାମ କବୀର ॥ ଟେକ ॥

ଏକ ସମୟ ଗୁରୁ ବଂଶୀ ବଜାଇ କାଳନ୍ଦ୍ରୀ କେ ତୀର ॥
ସୁର-ନର ମୁନି ଥକ ଗୟେ, ରୂକ ଗୟା ଦରିୟା ନୀର ॥
କାଁଶୀ ତଜ ଗୁରୁ ମଗହର ଆୟେ, ଦୋନୋଁ ଦୀନ କେ ପୀର ॥
କୋଇ ଗାଢେ କୋଇ ଅଗ୍ନି ଜରାବୈ, ଢୁଣ୍ଡା ନ ପାୟା ଶରୀର ॥
ଚାର ଦାଗ ସେ ସତଗୁରୁ ନ୍ୟାରା, ଅଜରୋ ଅମର ଶରୀର ॥
ଦାସ ମଲୂକ ସଲୂକ କହତ ହୈଁ, ଖୋଜୋ ଖସମ କବୀର ॥

(ଘ) ଆଦରଣୀୟ ଗରୀବ ଦାସ ସାହେବଜୀ, ଗ୍ରାମ - ଛୁଡାଣୀ, ଜିଲ୍ଲା - ଝଜ୍ଜର, ହରିୟାଣାଙ୍କ (ଅମୃତ ବାଣୀରେ ପ୍ରମାଣ) ପ୍ରଭୁ କବୀର (କବିର୍ଦେବ)ଙ୍କ ସାକ୍ଷୀ -

ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଆର୍ବିଭାବ ସନ ୧୭୧୭ ରେ ହେଲା ଏବଂ ସାହେବ କବୀରଜୀଙ୍କ ଦର୍ଶନ ପ୍ରାପ୍ତି ତାଙ୍କୁ ସନ ୧୭୨୭ ରେ ଦଶବର୍ଷ ବୟସରେ ନଲା ନାମକ ଜମିରେ ହେଲା ତଥା ସନ ୧୭୭୮ ରେ ସେ ସତ୍ୟଲୋକ ଗମନ କଲେ । ପରମାତ୍ମା କବୀର ସାହେବ, ଆଦରଣୀୟ ଗରୀବ ଦାସଜୀଙ୍କୁ ମଧ୍ୟ ସଶରୀରେ ଜିନ୍ଦା(ସାଧୁ/ଫକୀର) ରୂପରେ ମିଳିଥିଲେ। ଆଦରଣୀୟ ଗରୀବ ଦାସଜୀ ଅନ୍ୟ ସାଥି ଗାଈଆଳ ପିଲାଙ୍କ ସହିତ ନଲା ନାମକ ନିଜର ଯେଉଁ ଜମିରେ ଗାଈ ଚରାଉଥିଲେ ସେହି ଜମି କବଲାନା ଗାଁର ସୀମାକୁ ଲାଗିଥିଲା। ନଲା ନାମକ ଜମିରେ ପରମାତ୍ମା କବୀର ଦେବ, ଆଦରଣୀୟ ଗରୀବ ଦାସ ସାହେବଜୀଙ୍କୁ ମଧ୍ୟ ସଶରୀରେ ଜୀନ୍ଦା ମହାତ୍ମା(ସାଧୁ/ଫକୀର) ରୂପରେ ଭେଟିଥିଲେ। ଗାଈଆଳ ପିଲାମାନେ ଜୀନ୍ଦା ମହାତ୍ମା ରୂପରେ ପ୍ରକଟ କବୀର ପରମେଶ୍ୱରଙ୍କୁ ଅନୁରୋଧ କଲେ କି ଯଦି

ଆପଣ ଖାଦ୍ୟ ଗ୍ରହଣ ନ କରିବେ ତେବେ ଦୁଗ୍ଧ ଗ୍ରହଣ କରନ୍ତୁ କାରଣ ପରମାତ୍ମା ସେମାନଙ୍କୁ କହିଥିଲେ ଯେ ନିଜ ସତ୍ୟଲୋକ ଗ୍ରାମରୁ ମୁଁ ଭୋଜନ କରିଆସିଛି । ଉତ୍ତରରେ କବୀର ପରମେଶ୍ୱର କହିଲେ, ମୁଁ କୁଆଁରୀ ଗାଈ(ମାଈ ବାଛୁରୀ/ଛଡ଼ା) ର କ୍ଷୀରପାନ କରେ । ବାଳକ ଗରୀବ ଦାସଜୀ, ପରମେଶ୍ୱର କବୀରଜୀଙ୍କ ପାଖକୁ ଏକ କୁଆଁରୀ ଗାଈ ଆଣି କହିଲେ, ବାବା ଏହି କୁଆଁରୀ ଗାଈ(ଛଡା) କିପରି କ୍ଷୀର ଦେବ? ଯେତେବେଳେ କବିର୍ଦେବ(କବୀର ପରମେଶ୍ୱର)ସେହି କୁଆଁରୀ ଗାଈ ଅର୍ଥାତ୍ ଛଡାର ପିଠି ଉପରେ ହାତ ରଖିଲେ ସେତେବେଳେ କୁଆଁରୀ ଗାଈ (ଅଧନ୍ୟା ଧେନୁ)ର ସ୍ତନରୁ ସ୍ୱତଃପ୍ରବୃତ୍ତ ଭାବେ କ୍ଷୀର ବୋହିବାକୁ ଲାଗିଲା। ପାତ୍ର ପୂର୍ଣ୍ଣ ହୋଇଯିବା ପରେ କ୍ଷୀର ବୋହିବା ବନ୍ଦ ହୋଇଗଲା । ସେହି ଦୁଗ୍ଧକୁ ପରମେଶ୍ୱର କବୀରଜୀ ପାନକଲେ ଏବଂ ପ୍ରସାଦ ରୂପରେ କିଛି କ୍ଷୀର ନିଜ ପ୍ରିୟ ଆତ୍ମା ଗରୀବ ଦାସଜୀଙ୍କୁ ପିଆଇଲେ ତଥା ସତ୍ୟଲୋକ ଦର୍ଶନ କରାଇଲେ । ସତ୍ୟଲୋକରେ ନିଜର ଦୁଇଟି ରୂପ ଦେଖାଇ ସାକାର ରୂପରେ ଅନନ୍ତ କୋଟି ବ୍ରହ୍ମାଣ୍ଡର ମାଲିକ ରୂପରେ ସିଂହାସନ ଉପରେ ବିରାଜମାନ ହୋଇଗଲେ ଏବଂ କହିଲେ, ମୁଁ ହିଁ କାଶୀରେ ୧୨୦ ବର୍ଷ ପର୍ଯ୍ୟନ୍ତ ଧାଣକ(ବୁଣାକାର) ରୂପରେ ରହିଥିଲି, ମୁଁ ପ୍ରଥମେ ହଜରତ ମହମ୍ମଦଙ୍କୁ ମଧ୍ୟ ଦର୍ଶନ ଦେଇଥିଲି, ପବିତ୍ର କୁରାନ ଶରୀଫରେ ଯେଉଁ କବୀରା, କବୀରନ୍, ଖବୀରା, ଖବୀରନ୍, ଆଲ୍ଲାହୁ ଆକବର ଆଦି ନାମ ଉଲ୍ଲେଖ ଅଛି ସେହି ନାମ ମୋର ଅଟେ ତଥା ମୁଁ ହିଁ ଶ୍ରୀ ନାନକଜୀଙ୍କୁ ବେଈ ନଦୀ କୂଳରେ ଜିନ୍ଦା ମାହାତ୍ମା(ସାଧୁ/ଫକିର) ବେଶରେ ଭେଟିଥିଲି ଜମୁସଲମାନଙ୍କ ମଧ୍ୟରେ ଯେଉଁମାନେ ମୁଣ୍ଡରେ କଳା ଟୋପି ପିନ୍ଧିବା ସହିତ ଆଣ୍ଠୁ ତଳ ପର୍ଯ୍ୟନ୍ତ ଲମ୍ବିଥିବା କଳା ଚୌଗା(ଓଭର କୋର୍ଟ ଭଳି) ପରିଧାନ କରନ୍ତି ସେମାନଙ୍କୁ ଜିନ୍ଦା ମହାତ୍ମା କୁହାଯାଏକ୍ର ତଥା ମୁଁ ହିଁ ବଲଖ ସହରର ନରେଶ ଶ୍ରୀ ଆବ୍ରାହମ୍ ସୁଲତାନ ଅଧମଜୀ ଓ ଶ୍ରୀ ଦାଦୁଜୀଙ୍କୁ ମିଳିଥିଲି ତଥା ପବିତ୍ର ଚାରିବେଦରେ ଯେଉଁ କବିର ଅଗ୍ନି, କବିର୍ଦେବ(କବୀରଂଘାରିଃ) ଇତ୍ୟାଦି ନାମ ଅଛି ସେଗୁଡ଼ିକ ମୋର ଅଟେ । "କବୀର, ବେଦ ହମାରା ଭେଦ ହୈ, ମୈଁ ମିଲୁ ବେଦୋଁ ସେ ନାହିଁ। ଜୌନ ବେଦ ସେ ମୈଁ ମିଲୂ, ଓ ବେଦ ଜାନତେ ନାହିଁ।।" ମୁଁ ହିଁ 'ବେଦ' ପୂର୍ବରୁ ସତ୍ୟଲୋକରେ ବିରାଜମାନ ଥିଲି।

(ଗ୍ରାମ – ଛୁଡାଣୀ, ଜିଲ୍ଲା – ଝଜ୍ଜର(ହରିୟାଣା)ର ସେହି ଜଙ୍ଗଲରେ ଏକ ସ୍ମୃତିସ୍ଥଳ ଅଛି ଯେଉଁଠାରେ ପୂର୍ଣ୍ଣ ପରମାତ୍ମାଙ୍କ ମାନବ ଶରୀର ସହିତ ସନ୍ଥ ଗରୀବ ଦାସଜୀଙ୍କର ସାକ୍ଷାତକାର ହୋଇଥିଲା । ଆଦରଣୀୟ ଗରୀବ ଦାସଜୀଙ୍କ ଆତ୍ମା ପରମାତ୍ମା ବନ୍ଦୀଛୋଡ଼ କବୀର ଦେବଙ୍କ ସହିତ ସତ୍ୟଲୋକ ଯାଇଥିବା ସମୟରେ ପରିବାର ଲୋକେ ତାଙ୍କୁ ମୃତ ଭାବି ମର ଶରୀରକୁ ଯୁଇ ଉପରେ ରଖି ଦାହ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିବା ସମୟରେ ପୂର୍ଣ୍ଣ ପରମେଶ୍ୱର, ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଆତ୍ମାକୁ ଅଚେତ ଶରୀରରେ ପ୍ରବେଶ କରାଇଦେଲେ । ଦଶବର୍ଷୀୟ ବାଳକ ଗରୀବ ଦାସ ଜୀବିତ ହୋଇଗଲେ । ତା'ପରେ ସ୍ୱଚକ୍ଷୁରେ ଦେଖି ଆସିଥିବା ସେହି ପୂର୍ଣ୍ଣ ପରମାତ୍ମାଙ୍କର ବିବରଣୀକୁ ନିଜ ଅମୃତ ବାଣୀର ରୂପ ଦେଇ "ସଦଗ୍ରନ୍ଥ" ନାମକ ଗ୍ରନ୍ଥ ରଚନା କଲେ । ସେହି ଅମୃତ ବାଣୀରେ ଥିବା ପ୍ରମାଣ :-

ଅଜବ ନଗର ମେଁ ଲେ ଗୟା, ହମକୁଁ ସତଗୁରୁ ଆନ ।
ଝିଲକେ ବିମ୍ବ ଅଗାଧ ଗତି, ସୂତେ ଚାଦର ତାନ ॥
ଅନନ୍ତ କୋଟି ବ୍ରହ୍ମାଣ୍ଡ କା ଏକ ରତି ନହୀଁ ଭାର ।
ସତଗୁରୁ ପୁରୁଷ କବୀର ହୈଁ କୁଲ କେ ସୃଜନ ହାର ॥
ଗୈବି ଖ୍ୟାଲ ବିଶାଳ ସତଗୁରୁ, ଅଚଲ ଦିଗମ୍ବର ଥିର ହୈ ।
ଭକ୍ତି ହେତ କାୟା ଧର ଆୟେ, ଅବିଗତ ସତ୍ କବୀର ହୈଁ ॥
ହରଦମ ଖୋଜ ହନୋଜ ହାଜର, ତ୍ରୀବୈଣୀ କେ ତୀର ହୈଁ ।
ଦାସ ଗରୀବ ତବୀବ ସତଗୁରୁ, ବନ୍ଦୀ ଛୋଡ଼ କବୀର ହୈଁ ॥
ହମ ସୁଲତାନୀ ନାନକ ତାରେ, ଦାଦୂ କୁଁ ଉପଦେଶ ଦିୟା ।
ଜାତ ଜୁଲାହା ଭେଦ ନହୀଁ ପାୟା, କାଶୀ ମାହେ କବୀର ହୁଆ ॥
ସବ ପଦବୀ କେ ମୂଲ ହୈଁ, ସକଲ ସିଦ୍ଧି ହୈଁ ତୀର ।
ଦାସ ଗରୀବ ସତପୁରୁଷ ଭଜୋ ଅବିଗତ କଲା କବୀର ॥
ଜିଁଦା ଜୋଗୀ ଜଗତ୍ ଗୁରୂ, ମାଲିକ ମୁରଶଦ ପୀର ।

ଦହୂଁ ଦୀନ ଝଗଡା ମଁଡ୍ୟା, ପାୟା ନହୀଁ ଶରୀର ॥
ଗରୀବ ଜିସ କୁଁ କହତେ କବୀର ଜୁଲାହା । ସବ ଗତି ପୂର୍ଣ୍ଣ ଅଗମ ଅଗାହା ॥

ଉପରୋକ୍ତ ବାଣୀରେ ଆଦରଣୀୟ ଗରୀବ ଦାସଜୀ ମହାରାଜ ସ୍ପଷ୍ଟ କରିଦେଲେ ଯେ କାଶୀର ସେହି ଧାଣକ(ବୁଣାକାର/ତନ୍ତୀ) ମୋତେ ନାମଦୀକ୍ଷା ଦେଇ ଏହି ସଂସାରରୁ ପାରି କଲେ। କାଶୀର ଏହି ଧାଣକ ହିଁ (ସତ୍ୟପୁରୁଷ) ପୂର୍ଣ୍ଣବ୍ରହ୍ମ ଅଟନ୍ତି ।

ପରମେଶ୍ୱର କବୀର ହିଁ ସତ୍ୟଲୋକରୁ ଜିନ୍ଦା ମହାତ୍ମା(ସାଧୁ/ଫକିର) ରୂପରେ ଆସି ମୋତେ ଅଜବ ନଗର (ଅଦ୍ଭୁତ ନଗର ସତ୍ୟଲୋକ)କୁ ନେଇଗଲେ ଯେଉଁଠାରେ କେବଳ ଆନନ୍ଦ ଅଛି। କୌଣସି ଚିନ୍ତା ନାହିଁ, ଜନ୍ମ-ମୃତ୍ୟୁ କିମ୍ବା ଅନ୍ୟ ପ୍ରାଣୀଙ୍କ ଶରୀର କଷ୍ଟ ଇତ୍ୟାଦି ସେଠାରେ ନାହିଁ ।

ଧାଣକ ରୂପ ଧାରଣ କରି କାଶୀ ନଗରକୁ ଆସିଥିବା ସେହି ସତ୍ୟପୁରୁଷ ଭିନ୍ନ ଭିନ୍ନ ସମୟରେ ପ୍ରକଟ ହୋଇ ଆଦରଣୀୟ ଶ୍ରୀ ଅବ୍ରାହିମ ସୁଲତାନ ଅଧମ ସାହେବଜୀ, ଆଦରଣୀୟ ଦାଦୁ ସାହେବଜୀ ଓ ଆଦରଣୀୟ ନାନକ ସାହେବଜୀଙ୍କୁ ସତ୍ୟନାମ ଦେଇ ପାରି କରିଥିଲେ । ସେହି କବିର୍ଦେବ ଯାହାଙ୍କର ଏକ ଲୋମକୂପର ପ୍ରକାଶ କୋଟିଏ ସୂର୍ଯ୍ୟର ପ୍ରକାଶ ସହିତ ସମାନ ତଥା ସେ ମାନବ ସଦୃଶ୍ୟ ଅଟନ୍ତି। ଅତି ତେଜମୟ ନିଜ ବାସ୍ତବିକ ଶରୀର ଉପରେ ହାଲୁକା ତେଜ ପୁଞ୍ଜର ଚୋଲା (ଭଦ୍ରା ବସ୍ତ୍ରା ଅର୍ଥାତ୍ ତେଜପୁଞ୍ଜର ଶରୀର) ଧାରଣ କରି ଆମ୍ଭମାନଙ୍କୁ ଏହି ମୃତ୍ୟୁଲୋକ (ମନୁଷ୍ୟ ଲୋକ) ରେ ମିଳିଥାନ୍ତି କାରଣ ପରମେଶ୍ୱରଙ୍କର ସେହି ବାସ୍ତବିକ ସ୍ୱରୂପର ପ୍ରକାଶକୁ ଏହି ଚର୍ମଦୃଷ୍ଟି ସହ୍ୟ କରି ପାରିବ ନାହିଁ ।

ଆଦରଣୀୟ ଗରୀବ ଦାସ ସାହେବଜୀ ନିଜ ଅମୃତବାଣୀରେ କହିଛନ୍ତି ଯେ ସର୍ବକଳା ସତଗୁରୁ ସାହେବ କୀ, ହରିଆଏ ହରିୟାଣେ ନୁଁ । ଭାବାର୍ଥ ଏହା ଯେ ପୂର୍ଣ୍ଣ ପରମାତ୍ମା କବୀର ହରି (କବିର୍ଦେବ) ଯେଉଁ ଭୁଖଣ୍ଡକୁ ଆସିବେ ତାହାର ନାମ ହରିୟାଣା ଅର୍ଥାତ୍ ପରମାତ୍ମାଙ୍କ ପବିତ୍ର ଆଗମନ ସ୍ଥଳକୁ ହରିଆନା (ହରିୟାଣା) କୁହାଯିବ। ସନ ୧୯୬୬ ରେ ପଞ୍ଜାବ ରାଜ୍ୟର ବିଭାଜନ ପରେ ଏହି ଭୁଖଣ୍ଡର ନାମ ହରିଆଣା (ହରିୟାଣା) ହେଲା । ପ୍ରାୟ ୨୩୬ ବର୍ଷ ପୂର୍ବେ କୁହାଯାଇଥିବା ବାଣୀ ୧୯୬୬ ରେ ପ୍ରମାଣିତ ହେଲା ଯେ ସମୟ ଆସିଲେ ଏହି କ୍ଷେତ୍ର ହରିୟାଣା ପ୍ରାନ୍ତ ନାମରେ ବିଖ୍ୟାତ ହେବ। ଯାହା ଆଜି ପ୍ରତ୍ୟକ୍ଷ ପ୍ରମାଣ ରୂପେ ବିଦ୍ୟମାନ ।

ଏଥିପାଇଁ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ୭୨୧ ରେ ନିଜ ଅମୃତବାଣୀ ମହଲା ୧ ରେ ଶ୍ରୀ ନାନକଜୀ କହିଛନ୍ତି ଯେ :-

"ହକ୍କା କବୀର କରୀମ ତୁ, ବେ ଏବ ପରବରଦୀଗାର ।
ନାନକ ବୁଗୋୟଦ ଜନୁତୁରା, ତେରେ ଚାକରାଁ ପାଖାକ ।"

ଏହାର ପ୍ରମାଣ ଗୁରୁଗ୍ରନ୍ଥ ସାହେବର ରାଗ "ସିରୀ" ମହଲା ୧ ପୃଷ୍ଠା ନଂ ୨୪ ରେ ଶବ୍ଦ ନଂ ୨୯

ଶବ୍ଦ- ଏକ ସୁଆନ ଦୁଇ ସୁଆନୀ ନାଲ, ଭଲକେ ଭୌଁକହୀ ସଦା ବିଆଲ ।
କୁଡଛୁରା ମୁଠା ମୁରଦାର, ଧାଣକ ରୁପ ରହା କରତାର ॥୧॥
ମୈ ପତି କୀ ପଁଦି ନ କରନୀ କୀ କାର, ଉହ ବିଗଡୈ ରୂପ ରହା ବିକରାଲ ॥
ତେରା ଏକ ନାମ ତାରେ ସଂସାର, ମୈଁ ଏହୋ ଆସ ଏହୋ ଆଧାର ।
ମୁଖ ନିଁଦା ଆଖା ଦିନ ରାତ, ପର ଘର ଜୋହୀ ନୀଚ ମନାତି ॥
କାମ କ୍ରୋଧ ତନ ବସହ ଚଁଡାଲ, ଧାଣକ ରୁପ ରହା କରତାର ॥୨॥
ଫାହୀ ସୁରତ ମଲୁକୀ ବେସ, ଉହ ଠଗୱାଡା ଠଗୀ ଦେସ ॥
ଖରା ସିଆଣାଂ ବହୁତା ଭାର, ଧାଣକ ରୁପ ରହା କରତାର ॥୩॥
ମୈଁ କୀତା ନ ଜାତା ହରାମଖୋର, ଉହ କିଆ ମୁହଁ ଦେସା ଦୁଷ୍ଟ ଚୋର ।
ନାନକ ନୀଚ କହ ବିଚାର, ଧାଣକ ରୁପ ରହା କରତାର ॥୪॥

ଗୁରୁଗ୍ରନ୍ଥ ସାହେବ, ରାଗ ଆସାବରୀ, ମହଲା ୧ ର କିଛି ଅଂଶ –
ସାହିବ ମେରା ଏକୋ ହୈ । ଏକୋ ହୈ ଭାଈ ଏକୋ ହୈ ।
ଆପେ ରୂପ କରେ ବହୁ ଭାନ୍ତୀ ନାନକ ବପୁଡା ଏବ କହ ॥ (ପୃ-୩୫୦) ।
ଜ୍ୟୋ ତିନ କୀଆ ସୋ ସଚୁ ଥୀଆ, ଅମୃତ ନାମ ସତଗୁରୁ ଦୀଆ ॥ (ପୃ-୩୫୨)

ଗୁରୂ ପୁରେ ତେ ଗତି ମତି ପାଇ । (ପୃ-୩୫୩) ॥
ବୂଡତ ଜଗୁ ଦେଖିଆ ତଉ ଡରି ଭାଗେ ।
ସତିଗୁରୂ ରାଖେ ସେ ବଡ ଭାଗେ, ନାନକ ଗୁରୂକୀ ଚରଣୌଁ ଲାଗେ ॥ (ପୃ-୪୧୪)
ମୈଁ ଗୁରୂ ପୂଛିଆ ଅପଣା ସାଚା ବିଚାରୀ ରାମ । (ପୃ-୪୩୯)

ଉପରୋକ୍ତ ଅମୃତ ବାଣୀରେ ଶ୍ରୀ ନାନକ ସାହେବଜୀ ସ୍ୱୟଂ ସ୍ୱୀକାର କରୁଛନ୍ତି ଯେ ସାହେବ(ପ୍ରଭୁ) ଜଣେ ହିଁ ଅଟନ୍ତି ତଥା ତାଙ୍କର (ଶ୍ରୀ ନାନକଜୀଙ୍କର) କେହି ମନୁଷ୍ୟ ରୂପୀ ସମୟଗୁରୁ ମଧ୍ୟ ଥିଲେ ଯାହାଙ୍କ ବିଷୟରେ ସେ କହୁଛନ୍ତି ଯେ ପୂର୍ଣ୍ଣଗୁରୁଙ୍କ ଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ ହେଲା ତଥା ମୋ ଗୁରୁଜୀ ମୋତେ (ଅମୃତ ନାମ) ଅମର ମନ୍ତ୍ର ଅର୍ଥାତ୍ ପୂର୍ଣ୍ଣ ମୋକ୍ଷଦାୟକ ଉପଦେଶ ନାମ ମନ୍ତ୍ର ଦେଲେ, ମୋର ସେହି ଗୁରୁ ନାନା ରୂପ ଧାରଣ କରନ୍ତି ଅର୍ଥାତ୍ ସେ ହିଁ ସତ୍ୟପୁରୁଷ ଅଟନ୍ତି, ସେ ହିଁ ଜିନ୍ଦା ରୂପ ଧାରଣ କରନ୍ତି । ସେ ହିଁ ଧାଣକ(ବୁଣାକାର) ରୂପରେ କାଶୀ ନଗରରେ ବିରାଜମାନ ହୋଇ ଜଣେ ସାଧାରଣ ବ୍ୟକ୍ତି ଅର୍ଥାତ୍ ଭକ୍ତର ଭୂମିକା କରିଛନ୍ତି। ଶାସ୍ତ୍ରବିରୁଦ୍ଧ ପୂଜାରେ ଲୀନ ସାରା ଜଗତକୁ ଜନ୍ମ-ମୃତ୍ୟୁ ଓ କର୍ମଫଳ ଅଗ୍ନିରେ ଜଳୁଥିବାର ଦେଖି, ଜୀବନ ବ୍ୟର୍ଥ ହୋଇଯିବା ଭୟରେ ଦୌଡି ଯାଇ ମୁଁ ଗୁରୁଜୀଙ୍କ ଚରଣ କମଳରେ ଶରଣାପନ୍ନ ହେଲି।

ବଲିହାରୀ ଗୁରୁ ଆପଣେ ଦିଉହାଡୀ ସଦବାର ।
ଜିନ ମାଣସ ତେ ଦେବତେ କୀଏ ନ ଲାଗୀ ବାର ।
ଆପୀନୈ ଆପ ସାଜିଓ ଆପିନୈ ରଚିଓ ନାଉ ।
ଦୁୟୀ କୁଦରତି ସାଜୀଏ କରି ଆସଣୁ ଡିଠୋ ଚାଉ ।
ଦାତା କରତା ଆପି ତୂଂ ତୁସି ଦେବହି କରହି ପସାଉ ।
ତୂଂ ଜାଣୋଇ ସଭସୈ ଦେ ଲୈସହି ଦିନ୍ଦ କବାଉ କରି ଆସଣୁ ଡିଠୋ ଚାଉ । (ପୃ-୪୬୩)

ଭାବାର୍ଥ ଏହା ଯେ ପୂର୍ଣ୍ଣ ପରମାତ୍ମା ଜିନ୍ଦା ରୂପ ଧାରଣ କରି ବେଈ ନଦୀ ତଟକୁ ଆସିଲେ ଅର୍ଥାତ୍ ଜିନ୍ଦା ରୂପେ ପରିଚିତ ହେଲେ ତଥା ଉପରେ (ସତ୍ୟଲୋକ ଇତ୍ୟାଦି) ତଥା ତଳେ (ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକ) ଦୁଇଟି ଦୁନିଆ ନିଜେ ସଂରଚନା କରି ଉପରିସ୍ଥ ସତ୍ୟଲୋକରେ ସାକାର ରୂପରେ ଆସନ ଉପରେ ବିରାଜମାନ ହୋଇ ଅତି ଆନନ୍ଦରେ ନିଜ ଦ୍ୱାରା ରଚିତ ଦୁନିଆକୁ ଦେଖୁଛନ୍ତି ତଥା ଆପଣ ହିଁ ସ୍ୱୟମ୍ଭୁ ଅର୍ଥାତ୍ ମାତୃଗର୍ଭରୁ ଜନ୍ମ ନିଅନ୍ତି ନାହିଁ, ସ୍ୱୟଂ ପ୍ରକଟ ହୁଅନ୍ତି । ଏହି ପ୍ରମାଣ ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୮ ରେ ଅଛି ଯେ କବୀର ମନୀଷି ସ୍ୱୟମ୍ଭୂଃ ପରିଭୂ ବ୍ୟବଧାତା, ଭାବାର୍ଥ ହେଲା କବୀର ପରମାତ୍ମା ସର୍ବଜ୍ଞ ଅଟନ୍ତି (ମନୀଷିର ଅର୍ଥ ସର୍ବଜ୍ଞ ଅଟେ) ତଥା ସେ ସ୍ୱୟଂ ପ୍ରକଟ ହୁଅନ୍ତି । ସେ (ପରିଭୂ) ସନାତନ ଅର୍ଥାତ୍ ସର୍ବ ପ୍ରଥମ ପ୍ରଭୁ ଅଟନ୍ତି। ସେ ସର୍ବ ବ୍ରହ୍ମାଣ୍ଡର (ବ୍ୟବଧାତା) ଭିନ୍ନ-ଭିନ୍ନ ଅର୍ଥାତ୍ ସମସ୍ତ ଲୋକର ରଚୟିତା ଅଟନ୍ତି।

ଏହୂ ଜୀଉ ବହୁତେ ଜନମ ଭରମିଆ, ତା ସତିଗୁରୂ ଶବଦ ସୁଣାଇୟା ॥ (ପୃ-୪୬୫)

ଭାବାର୍ଥ ହେଲା, ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ମୋର ଏହି ଜୀବନ ଅନେକ କାଳରୁ ଜନ୍ମ-ମୃତ୍ୟୁ ଚକ୍ରରେ ଭ୍ରମଣ କରୁଥିଲା, ଏବେ ପୂର୍ଣ୍ଣ ସଦଗୁରୁ ବାସ୍ତବିକ ନାମ ପ୍ରଦାନ କଲେ।

ଶ୍ରୀ ନାନକଜୀଙ୍କ ପୂର୍ବ ଜନ୍ମ-ସତ୍ୟଯୁଗରେ ରାଜା ଅମ୍ବରୀଷ, ତ୍ରେତୟା ଯୁଗରେ ରାଜା ଜନକ ଓ କଳିଯୁଗରେ ନାନକଜୀ ରୂପରେ ଜନ୍ମ ନେଇଥିଲେ । ଅନ୍ୟ ଯୋନିରେ ମିଳିଥିବା ଜନ୍ମର କୌଣସି ଗଣନା ହିଁ ନାହିଁ।

"ପ୍ରଭୁ କବୀରଜୀ, ସ୍ୱାମୀ ରାମାନନ୍ଦଜୀଙ୍କୁ ତତ୍ତ୍ୱଜ୍ଞାନ ବୁଝାଇଲେ"

ପଣ୍ଡିତ ସ୍ୱାମୀ ରାମାନନ୍ଦଜୀ ଜଣେ ବିଦ୍ୱାନ ପୁରୁଷ ଥିଲେ। ବେଦ ଓ ଗୀତାର ମର୍ମଜ୍ଞ ଜ୍ଞାତା ରୂପେ ପରିଚିତ ଥିଲେ ।

"ପାଞ୍ଚବର୍ଷ ବୟସରେ ରାମାନନ୍ଦଜୀଙ୍କୁ ଗୁରୁ ରୂପେ ଗ୍ରହଣ କରିବା"

କବୀର ପରମେଶ୍ୱର (କବିର୍ଦେବ) ନିଜ ଲୀଳାମୟ ଶରୀରରେ ଯେତେବେଳେ ପାଞ୍ଚବର୍ଷ ବୟସର ହୋଇଗଲେ ସେତେବେଳେ ଗୁରୁ ମର୍ଯ୍ୟାଦା ବଜାୟ ରଖିବା ପାଇଁ ବିଭିନ୍ନ ଲୀଳା କରିଥିଲେ । ଅଢ଼େଇ ବର୍ଷର ଏକ ବାଳକ ରୂପ ଧାରଣ କରି ଭୋର୍ ସମୟର ଅନ୍ଧାରରେ ପଞ୍ଚଗଙ୍ଗା ଘାଟର ପାହାଚ ଉପରେ ଶୋଇଗଲେ ଯେଉଁଠିକୁ ସ୍ୱାମୀ ରାମାନନ୍ଦଜୀ ପ୍ରତିଦିନ ସ୍ନାନାର୍ଥେ ଯାଉଥିଲେ । ଶ୍ରୀ ରାମାନନ୍ଦଜୀ ଚାରିବେଦର

ବିଜ୍ଞ ଏବଂ ପବିତ୍ର ଗୀତାର ବିଦ୍ୱାନ ରୂପେ ପ୍ରସିଦ୍ଧ ଥିଲେ । ସେତେବେଳକୁ ସ୍ୱାମୀ ରାମାନନ୍ଦଜୀଙ୍କର ଆୟୁ ୧୦୪ ବର୍ଷ ହୋଇଯାଇଥିଲା । କାଶୀର ଅନ୍ୟ ପଣ୍ଡିତମାନଙ୍କ ଦ୍ୱାରା କାରାଯାଉଥିବା ସମସ୍ତ ପାଖଣ୍ଡ ପୂଜା(ଶାସ୍ତ୍ରବିରୁଦ୍ଧ)କୁ ସେ ବନ୍ଦ କରି ଦେଇଥିଲେ। ରାମାନନ୍ଦଜୀ ଶାସ୍ତ୍ର ଅନୁକୂଳ ସାଧନା ବତାଉଥିଲେ ତଥା କାଶୀରେ ନିଜର ବାଣ୍ଡନ ଦରବାରର ଆୟୋଜନ କରୁଥିଲେ । ରାମାନନ୍ଦଜୀ ପବିତ୍ର ଗୀତା ଓ ପବିତ୍ର ବେଦ ଆଧାରରେ ବିଧିବତ ସାଧନା ବତାଉଥିଲେ। ଓଁ ନାମ ଜପର ଉପଦେଶ ଦେଉଥିଲେ ।

ପ୍ରତିଦିନ ପରି ସେଦିନ ସ୍ନାନ କରିବା ପାଇଁ ପଞ୍ଚଗଙ୍ଗା ଘାଟକୁ ଯିବାବେଳକୁ ପାହାଚ ଉପରେ କବୀର ସାହେବ ଶୋଇଥିଲେ। ସକାଳର ବ୍ରହ୍ମ ମୁହୂର୍ତ୍ତର ଅନ୍ଧାରରେ ସ୍ୱାମୀ ରାମାନନ୍ଦଜୀଙ୍କୁ କବୀର ସାହେବ ଦୃଶ୍ୟମାନ ହେଲେ ନାହିଁ । କବୀର ସାହେବଙ୍କ ମସ୍ତକରେ ରାମାନନ୍ଦଜୀଙ୍କ ପାଦର କଠଉ ବାଜିଗଲା । କବିର୍ଦେବ ଛୋଟ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେ । କାଳେ ଛୁଆଟିକୁ ଆଘାତ ଲାଗି ଯାଇଥିବ ଏହା ଭାବି ରାମାନନ୍ଦଜୀ ଖୁବ୍ ଶୀଘ୍ର ନଇଁ ପଡ଼ି ତଳକୁ ଚାହିଁଲେ, ତା'ପରେ ଅତି ଆଦରର ସହିତ ପିଲାଟିକୁ ତଳୁ ଉଠାଇ ଅଣିଲେ । ସେହି ସମୟରେ ରାମାନନ୍ଦଜୀଙ୍କ ବେକରୁ କଣ୍ଠି (ମାଳା) ବାହାରି ଯାଇ ପରମେଶ୍ୱର କବିର୍ଦେବଙ୍କ ବେକରେ ପଡିଗଲା । ରାମାନନ୍ଦଜୀ କହିଲେ, ପୁତ୍ର ! ରାମ-ରାମ କୁହ । ରାମ ନାମ ଜପ ଦ୍ୱାରା ଦୁଃଖ ଦୂର ହୋଇଯାଏ, ପୁତ୍ର ! ରାମ-ରାମ କୁହ, ଏହା କହି କବୀର ସାହେବଙ୍କ ମସ୍ତକ ଉପରେ ହାତ ରଖିଲେ । ଶିଶୁ ରୂପଧାରୀ କବୀର ସାହେବ ଚୁପ୍ ହୋଇଗଲେ । ତା'ପରେ ରାମାନନ୍ଦଜୀ ସ୍ନାନ କରିବାକୁ ଗଲେ ଏବଂ ଭାବିଲେ କି ପିଲାଟିକୁ ଆଶ୍ରମକୁ ନେଇଯିବି, ସେ ଯାହାର ପିଲା ହୋଇଥିବ ପରେ ତାଙ୍କ ପାଖକୁ ପଠାଇ ଦେବି । ରାମାନନ୍ଦଜୀ ସ୍ନାନ କରିସାରିବା ପରେ ଦେଖନ୍ତି ତ ପିଲାଟି ସେହି ସ୍ଥାନରେ ନାହିଁ । କବୀର ସାହେବ ସେହି ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଯାଇ ନିଜ କୁଡ଼ିଆ ମଧ୍ୟକୁ ଚାଲି ଆସିଲେ । ରାମାନନ୍ଦଜୀ ଚିନ୍ତା କଲେ ଯେ ଛୋଟ ପିଲାଟା କୁଆଡ଼େ ଚାଲି ଯାଇଥିବ ଏବେ ତାକୁ କେଉଁଠି ଖୋଜିବି ?

"କବୀର ପ୍ରଭୁଙ୍କ ଦ୍ୱାରା ସ୍ୱାମୀ ରାମାନନ୍ଦଜୀଙ୍କ ଆଶ୍ରମରେ ଦୁଇଟି ରୂପ ଧାରଣ କରିବା"

ଏକଦା ସ୍ୱାମୀ ରାମାନନ୍ଦଜୀଙ୍କର ଜଣେ ଶିଷ୍ୟ କୌଣସି ଏକ ସ୍ଥାନରେ ସତସଙ୍ଗ କରୁଥିଲେ। କବୀର ସାହେବ ସେଠାକୁ ଯାଇଥିଲେ । ସେହି ଋଷି ମହାତ୍ମା ସେଦିନ ଶ୍ରୀ ବିଷ୍ଣୁ ପୁରାଣ କଥା ଶୁଣାଉଥିଲେ । ସେ କହୁଥିଲେ ଯେ ଭଗବାନ ବିଷ୍ଣୁ ସାରା ସୃଷ୍ଟିର ରଚୟିତା ଅଟନ୍ତି । ସେ ହିଁ ପାଳନକର୍ତ୍ତା, ରାମ ଓ କୃଷ୍ଣ ରୂପରେ ଅବତାର ହୋଇ ଆସିଥିବା ପରମଶକ୍ତି ସେ ହିଁ ଅଟନ୍ତି, ସେ ଅଜନ୍ମା, ତାଙ୍କର କେହି ମାତା-ପିତା ନାହାଁନ୍ତି । କବୀର ପରମେଶ୍ୱର ସମସ୍ତ ଜ୍ଞାନ ଚର୍ଚ୍ଚା ଶୁଣିଲେ । ସତସଙ୍ଗ ଉପରାନ୍ତ କବୀର ପରମେଶ୍ୱର କହିଲେ, ଋଷିବର ! ମୁଁ ଏକ ପ୍ରଶ୍ନ ପଚାରି ପାରିବି କି ? ଋଷି କହିଲେ, ହଁ ବତ୍ସ ! ପଚାର । ସେଠାରେ ଶହ ଶହ ସଂଖ୍ୟାରେ ଭକ୍ତ ଉପସ୍ଥିତ ଥିଲେ। କବିର୍ଦେବ କହିଲେ, ଆପଣ ବିଷ୍ଣୁ ପୁରାଣରୁ ସତସଙ୍ଗ ଶୁଣାଇ କହୁଥିଲେ ଯେ ଶ୍ରୀବିଷ୍ଣୁ ପରମଶକ୍ତି ଅଟନ୍ତି ତଥା ତାଙ୍କଠାରୁ ବ୍ରହ୍ମା ଓ ଶିବଙ୍କର ଉତ୍ପତ୍ତି ହୋଇଛି । ଋଷିଜୀ କହିଲେ ହଁ, ମୁଁ ଯାହା ଶୁଣାଉଛି, ବିଷ୍ଣୁ ପୁରାଣରେ ତାହା ହିଁ ଲେଖାଅଛି । କବୀର ସାହେବଜୀ କହିଲେ, ଋଷିବର ! ମୋ ସଂଶୟ ନିବାରଣ ପାଇଁ ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି, ଆପଣ କ୍ଷୁବ୍ଧ ହୁଅନ୍ତୁ ନାହିଁ । ଏକଦା ମୁଁ ଶିବପୁରାଣ ଶୁଣୁଥିଲି । ସେଥିରେ ସେହି ମହାପୁରୁଷ ଶୁଣାଉଥିଲେ ଯେ ଭଗବାନ ଶିବଙ୍କଠାରୁ ବିଷ୍ଣୁ ଓ ବ୍ରହ୍ମାଙ୍କର ଉତ୍ପତ୍ତି ହୋଇଛି । ପ୍ରମାଣ - (ପବିତ୍ର ଶିବପୁରାଣ, ରୁଦ୍ର ସଂହିତା, ଅଧ୍ୟାୟ ୬ ଓ ୭, ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ) ଦେବୀ ଭାଗବତର ତୃତୀୟ ସ୍କନ୍ଧରେ ଲେଖାଅଛି ଯେ ଦେବୀ ଏହି ତିନିଜଣ ବ୍ରହ୍ମା-ବିଷ୍ଣୁ-ଶିବଙ୍କର ମାତା ଅଟନ୍ତି । ଏହି ତିନିଦେବତା ବିନାଶଶୀଳ ଅଟନ୍ତି, ଅବିନାଶୀ ନୁହଁନ୍ତି । ଋଷି ନିରୁତ୍ତର ହୋଇଗଲେ । କ୍ରୋଧିତ ହୋଇ କହିଲେ ତୁ କିଏ ? ତୁ କାହାର ପୁତ୍ର ? କବୀର ସାହେବ ଉତ୍ତର ଦେବା ପୂର୍ବରୁ ସେଠାରେ ଥିବା ଅନ୍ୟ ଭକ୍ତମାନେ କହିବାକୁ ଲାଗିଲେ ଯେ ଇଏ ତ ନୀରୁ ଜୁଲାହା (ବୁଣାକାର)ର ପୁଅ ଅଟେ । ସ୍ୱାମୀ ରାମାନନ୍ଦଙ୍କ ଶିଷ୍ୟ କହିବାକୁ ଲାଗିଲେ ଯେ ତୁ ଗଳାରେ କଣ୍ଠିମାଳା କାହିଁକି ପିନ୍ଧିଛୁ ? (ବୈଷ୍ଣବ ସାଧୁମାନେ ଏକ ତୁଳସୀମାଳ ବେକରେ ପକାନ୍ତି । ଏଥିରୁ ପ୍ରମାଣିତ ହେଲା ଯେ ଋଷି ମହାଶୟ ବିଷ୍ଣୁ ପରମ୍ପରାରୁ ଉପଦେଶ ନେଇଛନ୍ତି) । ତୋ ଗୁରୁଦେବ କିଏ ? କବୀର ସାହେବ କହିଲେ, ଯିଏ ଆପଣଙ୍କର ଗୁରୁଦେବ ସେ ମୋର ମଧ୍ୟ ଗୁରୁଦେବ ଅଟନ୍ତି । ଋଷି କ୍ରୋଧାନ୍ୱିତ ହୋଇ କହିଲେ, ଆରେ ଅଜ୍ଞାନୀ ! ତୁ ଅସବର୍ଣ୍ଣ ତନ୍ତୀ(ବୁଣାକାର) ପିଲା ହୋଇ ମୋ ଗୁରୁଦେବଙ୍କୁ ନିଜର ଗୁରୁଦେବ ବୋଲି କହୁଛୁ । ମୋ ଗୁରୁଦେବଙ୍କୁ ଜାଣିଛୁ ସେ କିଏ ? ଶ୍ରୀ ଶ୍ରୀ ୧୦୦୮ ପଣ୍ଡିତ ରାମାନନ୍ଦଜୀ

ଆଚାର୍ଯ୍ୟ । ତୁ ଜୁଲାହା(ବୁଣାକାର/ତନ୍ତୀ) ପିଲା, ସେ ତୋ ଭଳି ଅସବର୍ଣ୍ଣର ଦର୍ଶନ ମଧ୍ୟ କରନ୍ତି ନାହିଁ । ଆଉ ତୁ କହୁଛୁ କ'ଣ ନା, ମୁଁ ତାଙ୍କଠାରୁ ନାମଦୀକ୍ଷା ନେଇଛି । ଦେଖ ଭାଇମାନେ, ଭକ୍ତମାନେ ଏ ମିଛୁଆ କପଟିକୁ ଦେଖ । ବର୍ତ୍ତମାନ ଗୁରୁଦେବଙ୍କ ପାଖକୁ ଯିବି ଏବଂ ତୋର ସମସ୍ତ କାହାଣୀ ବିଷୟରେ ତାଙ୍କୁ କହିବି । ତୁ ଛୋଟ ଜାତିର ପିଲା ଆମ ଗୁରୁଦେବଙ୍କୁ ଅସମ୍ମାନ କରୁଛୁ । 'କବିରଗ୍ନି' କହିଲେ, ଠିକ୍ ଅଛି ଥରେ ଗୁରୁଦେବଙ୍କୁ କହି ଦେଖ । ଶ୍ରୀ ରାମାନନ୍ଦଜୀଙ୍କ ପାଖକୁ ଯାଇ ସେହି ଋଷି କହିଲେ, ଗୁରୁଦେବ ଏକ ତନ୍ତୀ ଜାତିର ପିଲା ଆଜି ଆମ ନାକନିଶ ତଳେ ପକାଇ ଦେଇଛି, ସେ କହୁଛି ଯେ ସ୍ୱାମୀ ରାମାନନ୍ଦଜୀ ମୋର ଗୁରୁଦେବ ଅଟନ୍ତି । ହେ ଭଗବାନ ! ଏବେ ବାହାରକୁ ବାହାରିବା ଆମ୍ଭ ପାଇଁ କଠିନ ହୋଇଯିବ । ସ୍ୱାମୀ ରାମାନନ୍ଦଜୀ କହିଲେ, କାଲି ସକାଳେ ତାକୁ ସାଙ୍ଗରେ ଧରିଆସ । କାଲି ଦେଖିବ, ତୁମ ସମ୍ମୁଖରେ ମୁଁ ତାକୁ କିପରି ଦଣ୍ଡ ଦେବି ।

"ସ୍ୱାମୀ ରାମାନନ୍ଦଜୀଙ୍କ ମନକଥା କହିବା"

ପରଦିନ ସକାଳୁ ସକାଳୁ ଦଶଜଣ ଅଜ୍ଞାନୀ ବ୍ୟକ୍ତି କବୀର ସାହେବଙ୍କୁ ଧରି ରାମାନନ୍ଦଙ୍କ ସମ୍ମୁଖରେ ହାଜର କରାଇଲେ । ରାମାନନ୍ଦଜୀ ନିଜ ସମ୍ମୁଖରେ ଏକ ପରଦା ଟାଣି ଦେଲେ । ରାମାନନ୍ଦଜୀ ପରଦା ପଛରେ ରହି ପଚାରୁଛନ୍ତି, ତୁ କିଏ ଏବଂ ତୋର ଜାତି କ'ଣ ? ତୋର ପନ୍ଥ କ'ଣ, ଅର୍ଥାତ୍ କେଉଁ ପରମାତ୍ମାଙ୍କର ତୁ ପୂଜା କରୁଛୁ ? ରାମାନନ୍ଦଜୀ ପରଦା ଟାଣିବାର କାରଣ ହେଲା, ସେ ପ୍ରମାଣିତ କରିବାକୁ ଚାହୁଁଥିଲେ ଯେ ଛୋଟ ଜାତିର ଲୋକଙ୍କର ସେ ମୁଖଦର୍ଶନ କରନ୍ତି ନାହିଁ ଏବଂ ଏହି ବାଳକ ମୋଠାରୁ ଦୀକ୍ଷା ଗ୍ରହଣ କରି ନାହିଁ, ଇଏ ମିଛ କହୁଛି ।

ରାମାନଁଦ ଅଧିକାର ସୁନି, ଜୁଲହା ଅକ ଜଗଦୀଶ । ଦାସ ଗରୀବ ବିଲଁବ ନା, ତାହି ନବାବତ ଶୀଶ ॥ ୪୦୭ ॥
ରାମାନଁଦ କୁଁ ଗୁରୁ କହେ, ତନସେଁ ନହୀଁ ମିଲାତ । ଦାସ ଗରୀବ ଦର୍ଶନ ଭୟେ, ପୈଡେ ଲଗୀ ଜୁଁ ଲାତ ॥୪୦୮॥
ପଁଥ ଚଲତ ଠୋକର ଲଗୀ, ରାମନାମ କହି ଦୀନ । ଦାସ ଗରୀବ କସର ନହୀଁ, ସୀଖ ଲଈ ପ୍ରବୀନ ॥୪୦୯॥
ଆଡା ପଡଦା ଲାୟ କରି, ରାମାନଁଦ ବୂଝଁତ । ଦାସ ଗରୀବ କୁଲଁଗ ଛବି, ଅଧର ଡାକ କୂଦଁତ ॥୪୧୦॥
କୌନ ଜାତି କୁଲ ପନ୍ଥ ହୈ, କୌନ ତୁହ୍ମାରା ନାମ । ଦାସ ଗରୀବ ଅଧୀନ ଗତି, ବୋଲତ୍ ହୈଁ ବଲି ଜାଁବ ॥୪୧୧॥

କବୀରଜୀଙ୍କ ଉତ୍ତର :-

ଜାତ ହମାରୀ ଜଗତଗୁରୁ, ପରମେଶ୍ୱର ପଦ ପଁଥ । ଦାସ ଗରୀବ ଲିଖତି ପରୈ, ନାମ ନିରଂଜନ କଁତ ॥୪୧୨॥

ରାମାନନ୍ଦଜୀ କହିଲେ :-

ରେବାଲକସୁନଦୁର୍ବଦ୍ଧି,ଘଟମଠତନଆକାର।ଦାସଗରୀବଦରଦଲଗ୍ୟା,ହୋବୋଲେସିରଜନହାର॥୪୧୩॥
ତୁମ ମୋମନ କେ ପାଲବା, ଜୁଲହେ କେ ଘର ବାସ । ଦାସ ଗରୀବ ଅଜ୍ଞାନ ଗତି, ଏତା ଦୃଢ ବିଶ୍ୱାସ ॥୪୧୪॥
ମାନ ବଡାଈ ଛାଁଡି କରି, ବୋଲୌ ବାଲକ ବୈଁନ । ଦାସ ଗରୀବ ଅଧମ ମୁଖୀ, ଏତା ତୁମ ଘଟ ଫୈଁନ ॥୪୧୫॥
ତର୍କ ତଲୂସେଁ ବୋଲତେ, ରାମାନଁଦ ସୁର ଜ୍ଞାନ । ଦାସ ଗରୀବ କୁଜାତି ହୈ, ଆଖର ନୀଚ ନିଦାନ ॥୪୨୩॥

ପରମେଶ୍ୱର କବୀରଜୀ (କବିର୍ଦେବ) ପ୍ରେମପୂର୍ବକ ଉତ୍ତର ଦେଲେ :-

ମହକେ ବଦନ ଖୁଲାସ କର, ସୁନି ସ୍ୱାମୀ ପ୍ରବୀନ । ଦାସ ଗରୀବ ମନୀ ମରୈ, ମୈଁ ଆଜିଜ ଆଧୀନ ॥୪୨୮॥
ମୈଁ ଅବିଗତ ଗତି ସେଁ ପରେ, ଚ୍ୟାରି ବେଦ ସେଁ ଦୂର । ଦାସ ଗରୀବ ଦଶୌଁ ଦିଶା, ସକଲ ସିଁଧ ଭରପୁର ॥୪୨୯॥
ସକଲ ସିଁଧ ଭରପୂର ହୂଁ, ଖାଲିକ ହମରା ନାମ । ଦାସ ଗରୀବ ଅଜାତ ହୂଁ, ତୈଁ ଜୁଁ କହ୍ୟା ବଲି ଜାଁଉ ମୈଁ ॥୪୩୦॥
ଜାତ ପାତ ମେରେ ନହୀଁ, ନହୀଁ ବସ୍ତୀ ନହୀଁ ଗ୍ରାମ । ଦାସ ଗରୀବ ଅନିନ ଗତି, ନହୀଁ ହମାରେ ଚାମ ॥୪୩୧॥
ନାଦ ବିନ୍ଦ ମେରେ ନହୀଁ, ନହୀଁ ଗୁଦା ନହୀଁ ଗାତ । ଦାସ ଗରୀବ ଶବ୍ଦ ସଜା, ନହୀଁ କିସୀକା ସାଥ ॥୪୩୨॥
ସବ ସଂଗୀ ବିଛରୂ ନହୀଁ, ଆଦି ଅନ୍ତ ବହୁ ଜାଁହି । ଦାସ ଗରୀବ ସକଲ ବଁସୁ, ବାହାର ଭିତର ମାଁହି ॥୪୩୩॥
ଏ ସ୍ୱାମୀ ସୃଷ୍ଟା ମୈଁ, ସୃଷ୍ଟି ହମାରୈ ତୀର । ଦାସ ଗରୀବ ଅଧର ବସୂଁ, ଅବିଗତ ସତ୍ୟ କବୀର ॥୪୩୪॥
ପୌହମୀ ଧରଣୀ ଆକାଶ ମୈଁ, ମୈଁ ବ୍ୟାପକ ସବ ଠୌର । ଦାସ ଗରୀବ ନ ଦୂସରା, ହମ ସମତୁଲ ନହୀଁ ଔର ॥୪୩୬॥
ହମ ଦାସନ କେ ଦାସ ହୈଁ, କରତା ପୁରୁଷ କରୀମ । ଦାସ ଗରୀବ ଅବଧୂତ ହମ, ହମ ବ୍ରହ୍ମଚାରୀ ସୀମ ॥୪୩୯॥
ସୁନି ରାମାନନ୍ଦ ରାମ ହମ, ମୈଁ ବାବନ ନରସିଂହ । ଦାସ ଗରୀବ କଲୀ କଲୀ, ହମ ହୀଁ ସେ କୃଷ୍ଣ ସରବଂଗ ॥୪୪୦॥
ହମ ହୀଁ ସେ ଇନ୍ଦ୍ର କୁବେର ହୈଁ, ବ୍ରହ୍ମା ବିଷ୍ଣୁ ମହେଶ । ଦାସ ଗରୀବ ଧରମ ଧ୍ୱଜା, ଧରଣୀ ରସାତଳ ଶେଷ ॥୪୪୭॥
ସୁନି ସ୍ୱାମୀ ସତୀ ଭାଖହୂଁ, ଝୂଠ ନ ହମରୈ ରିଁଚ । ଦାସ ଗରୀବ ହମ ରୂପ ବିନ, ଔର ସକଲ ପ୍ରପଁଚ ॥୪୫୩॥

ଗୋତା ଲାଉଁ ସ୍ୱର୍ଗ ସେଁ, ଫିରି ପୈଠୂଁ ପାତାଲ । ଗରୀବ ଦାସ ଢୁଁଢତ ଫିରୂଁ, ହୀରେ ମାଣିକ ଲାଲ ॥୪୭୬॥
ଇସ ଦରିୟା କଂକର ବହୁତ, ଲାଲ କହିଁ କହିଁ ଠାବ । ଗରୀବ ଦାସ ମାଣିକ ଚୁଗେଁ, ହମ ମୁରଜୀବା ନାଁଓ ॥୪୭୭॥
ମୁରଜୀବା ମାଣିକ ଚୁଗେଁ, କଂକର ପଥର ଡାରି । ଦାସ ଗରୀବ ଡୋରୀ ଅଗମ, ଉତରୋ ଶବ୍ଦ ଅଧାର ॥୪୭୮॥

ଯଦି ମୋ ଜାତି ପଚାରୁଛନ୍ତି ତେବେ ମୁଁ ଜଗତଗୁରୁ ଅଟେ । (ବେଦରେ ଲେଖାଅଛି ଯେ ସାରା ସୃଷ୍ଟିଙ୍କୁ ଜ୍ଞାନ ପ୍ରଦାନ କରୁଥିବା ଜଗତଗୁରୁ କବୀର ପ୍ରଭୁ ଅଟନ୍ତି) ମୋର ପନ୍ଥ କ'ଣ ? (କେଉଁ ପରମେଶ୍ୱରଙ୍କର ମୁଁ ମାର୍ଗଦର୍ଶନ କରାଉଛି ?) ଏହାର ଉତ୍ତରରେ କବୀରଜୀ କହିଲେ, ମୋର ପରମେଶ୍ୱର ପନ୍ଥ ଅଟେ । ଈଶ୍, ଈଶ୍ୱର, ପରମେଶ୍ୱର (ବ୍ରହ୍ମ, ପରବ୍ରହ୍ମ, ପୂର୍ଣ୍ଣବ୍ରହ୍ମ ଏବଂ କ୍ଷରପୁରୁଷ, ଅକ୍ଷର ପୁରୁଷ, ପରମ ଅକ୍ଷର ପୁରୁଷ)ଙ୍କ ମଧ୍ୟରେ ସେହି ସର୍ବୋଚ୍ଚ ଶକ୍ତି (ସୁପ୍ରୀମ ପାୱାର) ପରମେଶ୍ୱରଙ୍କର ମାର୍ଗଦର୍ଶନ କରିବା ପାଇଁ ଆସିଛି ଯିଏ ଅନନ୍ତ କୋଟି ବ୍ରହ୍ମାଣ୍ଡର ରଚୟିତା ଓ ସମସ୍ତଙ୍କର ଧାରଣ-ପୋଷଣ କରୁଥିବା ପ୍ରଭୁ ଅଟନ୍ତି । ବେଦରେ ଯାହାଙ୍କୁ କବିର୍ଦେବ, କବିରଗ୍ନି ଇତ୍ୟାଦି ନାମରେ ସମ୍ବୋଧିତ କରାଯାଇଅଛି ।

ଈଶ୍ ଓ କ୍ଷରପୁରୁଷ ତ ବ୍ରହ୍ମଙ୍କୁ କୁହାଯାଏ । ଯିଏ କେବଳ ଏକୋଇଶି ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । ପରବ୍ରହ୍ମ ଓ ଅକ୍ଷର ପୁରୁଷଙ୍କୁ ଈଶ୍ୱର କୁହାଯାଏ । ଯିଏ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ତଥା ପରମ ଅକ୍ଷର ପୁରୁଷଙ୍କୁ ପୂର୍ଣ୍ଣବ୍ରହ୍ମ ଓ ପରମେଶ୍ୱର କୁହାଯାଏ ଯିଏ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । ଅର୍ଥାତ୍ ସର୍ବ ସୃଷ୍ଟିର ମାଲିକ ଅଟନ୍ତି । ଏଥିପାଇଁ କବୀରଜୀ, ସ୍ୱାମୀ ରାମାନନ୍ଦଜୀଙ୍କୁ କହିଲେ ଯେ ମୋର ପନ୍ଥ ପରମେଶ୍ୱର ପ୍ରାପ୍ତି କରାଉଥିବା ପନ୍ଥ ଅଟେ ।

ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ନଂ ୧୭ ରେ ଲେଖାଅଛି ଯେ ବାସ୍ତବରେ ଅବିନାଶୀ ପରମେଶ୍ୱର ତ ଅନ୍ୟ କେହି ଅଟନ୍ତି ଏବଂ ସେ ହିଁ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ପାଳଣପୋଷଣ କରିନ୍ତି ଏବଂ ସେହି ଅବିନାଶୀ ପରମାତ୍ମା ପରମେଶ୍ୱର ଏହି ନାମରେ ପରିଚିତ ଅଟନ୍ତି । ସେହି ପରମେଶ୍ୱର ମୁଁ ହିଁ ଅଟେ । ଏହି କଥା ଶୁଣି ସ୍ୱାମୀ ରାମାନନ୍ଦଜୀ ବହୁତ କ୍ଷୁବ୍ଧ ହୋଇଗଲେ ଏବଂ କହିଲେ, ଆରେ ନିକର୍ମା ! ତୁ ଛୋଟ ଜାତିର ଏବଂ ଛୋଟ ମୁହଁରେ ବଡ କଥା, ନିଜକୁ ତୁ ଭଗବାନ ବୋଲି କହୁଛୁ । ଖରାପ ଭାଷାରେ ଗାଳି ମଧ୍ୟ ଦେଲେ । କବୀର ସାହେବ କହିଲେ, ହେ ଗୁରୁଦେବ ! ଆପଣ ମୋର ଗୁରୁଜୀ ଅଟନ୍ତି । ଆପଣ ମୋତେ ଗାଳି ଦେଉଛନ୍ତି କିନ୍ତୁ ମୋତେ ଆନନ୍ଦ ଲାଗୁଛି । ପରନ୍ତୁ ମୁଁ ଆପଣଙ୍କୁ ଯାହା କହୁଛି ତାହା ନିରାଟ ସତ୍ୟ ଯେ ମୁଁ ହିଁ ବାସ୍ତବରେ ପୂର୍ଣ୍ଣବ୍ରହ୍ମ, ଏଥିରେ କୌଣସି ସଂଶୟ ନାହିଁ । ଏହି କଥା ଶୁଣି ରାମାନନ୍ଦଜୀ କହିଲେ, ଅପେକ୍ଷା କର, ତୁ ସହଜରେ ମାନିବୁ ନାହିଁ, ତୋତେ ଏବେ ପାନେ ଦେବି । ମୁଁ ପ୍ରଥମେ ମୋ ପୂଜା କାର୍ଯ୍ୟ ଶେଷ କରିଦିଏ । ରାମାନନ୍ଦଜୀ କହିଲେ, ତାକୁ ଏଠାରେ ଅଟକାଇ ରଖ, ମୁଁ ପ୍ରଥମେ ମୋର କିଛି ପୂଜାକର୍ମ ସଂପନ୍ନ କରିବା ପରେ ତା' କଥା ବୁଝିବି । ସ୍ୱାମୀ ରାମାନନ୍ଦଜୀ କେଉଁ କ୍ରିୟା କରୁଥିଲେ ? କଳ୍ପନାରେ ଭଗବାନ ବିଷ୍ଣୁଜୀଙ୍କର ଏକ ମୂର୍ତ୍ତୀ ତିଆରି କରୁଥିଲେ । ସମ୍ମୁଖରେ ମୂର୍ତ୍ତୀ ଦେଖାଯାଉଥିଲା (ପୂଜାକର୍ମ କରିବା ପରି ଭଗବାନଙ୍କ ମୂର୍ତ୍ତୀରୁ ପୂର୍ବରୁ ପିନ୍ଧା ଯାଇଥିବା ସମସ୍ତ ବସ୍ତ୍ରକୁ କାଢି, ଜଳରେ ସ୍ନାନ କରାଇ ପୁଣି ସ୍ୱଚ୍ଛ କପଡା ଠାକୁର ଭଗବାନଙ୍କୁ ପିନ୍ଧାଇ, ବେକରେ ମାଳ ପିନ୍ଧାଇ, ମସ୍ତକରେ ତିଳକ ଲଗାଇ ମୁକୁଟ ପିନ୍ଧାଇଥାନ୍ତି ।) ରାମାନନ୍ଦଜୀ ଏହି ସମସ୍ତ କ୍ରିୟା କଳ୍ପନାରେ କରୁଥାନ୍ତି । କଳ୍ପନା କରି ଭଗବାନଙ୍କର କାଳ୍ପନିକ ମୂର୍ତ୍ତୀର ତିଆରି କଲେ । ଶ୍ରଦ୍ଧାର ସହିତ ଖାଲି ପାଦରେ ଯାଇ ସ୍ୱୟଂ ଗଙ୍ଗା ଜଳ ଆଣିଲେ, ମନରେ ଏହିଭଳି ଭାବନା ଜାଗ୍ରତ କରି ଠାକୁରଙ୍କ ମୂର୍ତ୍ତୀରୁ ବସ୍ତ୍ର କାଢିଲେ । ତା'ପରେ ସ୍ନାନ କରାଇ ନୂତନ ବସ୍ତ୍ର ପିନ୍ଧାଇଲେ । ତିଳକ ଲଗାଇ ମୁକୁଟ ପିନ୍ଧାଇଲେ କିନ୍ତୁ କଣ୍ଠିମାଳ ପିନ୍ଧାଇବାକୁ ଭୁଲିଗଲେ । ଯଦି କଣ୍ଠିମାଳ ପିନ୍ଧା ନ ଯାଏ ତେବେ ପୂଜା ଅସଂପୁର୍ଣ୍ଣ ରହିଯାଏ ଏବଂ ମୁକୁଟ ଥରେ ପିନ୍ଧାଇବା ପରେ ପୁନର୍ବାର କଢ଼ାଯାଏ ନାହିଁ । ଯଦି ସେଦିନ ମୁକୁଟ କାଢ଼ି ଦେବେ ତେବେ ପୂଜା ଖଣ୍ଡିତ ହୋଇଗଲା ବୋଲି ଧରାଯାଏ । ସ୍ୱାମୀ ରାମାନନ୍ଦଜୀ ନିଜକୁ ଦୋଷ ଦେଇ କହିବାକୁ ଲାଗିଲେ ଯେ ମୋ ଜୀବନ କାଳ ଭିତରେ ଏପରି ଭୁଲ୍ କେବେ ବି ହୋଇନଥିଲା । ହେ ପ୍ରଭୁ, ମୋ ପରି ପାପୀ ଦ୍ୱାରା ଆଜି ଏଭଳି ଭୁଲ କିପରି ହୋଇଗଲା ? ଯଦି ମୁକୁଟ କାଢ଼ିବି ତେବେ ପୂଜା ଖଣ୍ଡିତ ହୋଇଯିବ । ସେ ଚିନ୍ତା କଲେ ଯେ ଥରେ ମୁକୁଟ ଉପରୁ କଣ୍ଠିମାଳ ପକାଇ ଦେଖିବା (କଳ୍ପନାରେ କରୁଥାନ୍ତି, କୌଣସି ମୂର୍ତ୍ତୀ ସମ୍ମୁଖରେ ନଥାଏ ଏବଂ ପରଦା ଟଣା ଯାଇଥାଏ, ଆରପଟେ କବୀର ସାହେବ ବସିଥାନ୍ତି) ମୁକୁଟରେ ମାଳ ଅଟକିଯାଇଛି ତଳକୁ ଯାଉନାହିଁ । ରାମାନନ୍ଦଜୀ ଚିନ୍ତା କଲେ ଏବେ କ'ଣ କରିବି ? ହେ ଭଗବାନ !

ଆଜି ସାରାଦିନ ମୋର ବ୍ୟର୍ଥ ହୋଇଗଲା । ମୋର ଆଜିର ଭକ୍ତି ଉପାର୍ଜନ ବ୍ୟର୍ଥ ହୋଇଗଲା (କାରଣ ପରମାତ୍ମାଙ୍କ ପ୍ରତି ବାସ୍ତବିକ ଭକ୍ତିଭାବ ଥିବା ଭକ୍ତର ଯଦି ଗୋଟିଏ ବି ନିତ୍ୟନିୟମ ବାକି ରହିଯାଏ ତେବେ ତା' ମନରେ ବହୁତ କଷ୍ଟ ହୋଇଥାଏ । ଯେପରି ପକେଟ୍ ମାରୁ ହୋଇଗଲେ ମଣିଷ ଦୁଃଖରେ ବହୁତ ପଶ୍ଚାତାପ କରିଥାଏ । ଏହିପରି ପ୍ରଭୁଙ୍କର ବାସ୍ତବିକ ଭକ୍ତମାନଙ୍କର ନିଷ୍ଠା ଥାଏ ।) ଏହି ସମୟରେ କବୀର ଭଗବାନ କହିଲେ, ସ୍ୱାମୀଜୀ ! ମାଳଟିର ଗଣ୍ଠି ଖୋଲି ବେକରେ ପକାଇ ପୁଣି ଗଣ୍ଠି ବାନ୍ଧି ଦିଅନ୍ତୁ, ମୁକୁଟ କାଢ଼ିବାକୁ ପଡ଼ିବ ନାହିଁ । ଏହି କଥା ଶୁଣି ରାମାନନ୍ଦଜୀ ମୁକୁଟ କାଢ଼ିବେ କ'ଣ, ଗଣ୍ଠି ଖୋଲିବେ କ'ଣ, କୁଟୀର ସମ୍ମୁଖରେ ବନ୍ଧା ଯାଇଥିବା ପରଦାକୁ ନିଜ ହାତରେ କାଢ଼ି ଫିଙ୍ଗି ଦେଲେ ଏବଂ ଉପସ୍ଥିତ ବ୍ରାହ୍ମଣ ସମାଜ ସମ୍ମୁଖରେ କବୀର ପରମେଶ୍ୱରଙ୍କୁ ଅଲିଙ୍ଗନ କଲେ । ରାମାନନ୍ଦଜୀ କହିଲେ, ହେ ଭଗବାନ ! ଆପଣଙ୍କ ଶରୀର ତୁଳା ପରି କୋମଳ ଏବଂ ମୋ ଶରୀର ତ ପଥର ଭଳି । ଗୋଟିଏ ପଟେ ପ୍ରଭୁ ଛିଡ଼ା ହୋଇଛନ୍ତି, ଅନ୍ୟ ପଟେ ଜାତି-ଧର୍ମର ପାଚେରି ଛିଡା ହୋଇଛି । ପ୍ରଭୁପ୍ରେମୀ ପୁଣ୍ୟାତ୍ମାମାନେ ଜାତି-ଧର୍ମ ରୂପକ ପାଚେରୀକୁ ଭାଙ୍ଗି ଦେବାକୁ ଶ୍ରେୟସ୍କର ମଣିଥାନ୍ତି । ଠିକ୍ ଏହିଭଳି କାର୍ଯ୍ୟ ସ୍ୱାମୀ ରାମାନନ୍ଦଜୀ କଲେ । ନିଜ ସମ୍ମୁଖରେ ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତି କରି ନା ଜାତି ପ୍ରତି ଦୃଷ୍ଟି ଦେଲେ, ନା ଧର୍ମ କଥା ଚିନ୍ତା କଲେ, ନା ଛୁଆଁ-ଅଛୁଆଁ ଭେଦ ଭାବ ଦେଖିଲେ, କେବଳ ଆତ୍ମକଲ୍ୟାଣ ଉଦ୍ଦେଷ୍ୟ ରଖିଲେ । ବାସ୍ତବରେ ଏହିଭଳି ବ୍ୟକ୍ତିଙ୍କୁ ବ୍ରାହ୍ମଣ କୁହାଯାଏ ।

ବୋଲତ ରାମାନଁଦଜୀ, ହମ ଘର ବଡା ସୁକାଲ । ଗରୀବ ଦାସ ପୂଜା କରେଁ, ମୁକୁଟ ଫହୀ ଜଦି ମାଲ ॥୪୭୯॥
ସେବା କରୌ ସମ୍ଭାଲ କରି, ସୁନି ସ୍ୱାମୀ ସୁର ଜ୍ଞାନ । ଗରୀବ ଦାସ ଶିର ମୁକୁଟ ଧରି, ମାଲା ଅଟକୀ ଜାନ ॥୪୮୦॥
ସ୍ୱାମୀ ଘୁଁଡି ଖୋଲି କରି, ଫିରି ମାଲା ଗଲ ଡାର । ଗରୀବ ଦାସ ଇସ ଭଜନ କୁଁ, ଜାନତ ହୈ କରତାର ॥୪୮୧॥
ଡଯୋଢୀ ପଡଦା ଦୂରି କରି, ଲୀୟା କଂଠ ଲଗାୟ । ଗରୀବ ଦାସ ଗୁଜରୀ ବୌହତ, ବଦନେଁ ବଦନ ମିଲାୟ ।୪୮୨॥

ସ୍ୱାମୀ ରାମାନନ୍ଦଜୀ କହିଲେ, ହେ କବୀର ପ୍ରଭୁ ! ଆପଣ ମିଛ କହିଲେ କାହିଁକି ? କବୀର ସାହେବ କହିଲେ, କେଉଁ ମିଛ ସ୍ୱାମିଜୀ ? ସ୍ୱାମୀ ରାମାନନ୍ଦଜୀ କହିଲେ, ଆପଣ କହୁଛନ୍ତି ଯେ ମୋଠାରୁ ନାମ ଉପଦେଶ ନେଇଛନ୍ତି । କିନ୍ତୁ ଆପଣ ମୋଠାରୁ ନାମ ଉପଦେଶ କେବେ ନେଲେ ? କବୀର ସାହେବ କହିଲେ, ଥରେ ଆପଣ ସ୍ନାନ କରିବା ପାଇଁ ପଞ୍ଚଗଙ୍ଗା ଘାଟକୁ ଯାଇଥିଲେ । ମୁଁ ସେଠାରେ  ପାହାଚ ଉପରେ ଶୋଇଥିଲି । ଆପଣଙ୍କ ପାଦର କଠଉ ମୋର ମୁଣ୍ଡରେ ବାଜିଥିଲା, ସେତେବେଳେ ଆପଣ କହିଥିଲେ ପୁତ୍ର ! ରାମ ନାମ କୁହ, ରାମାନନ୍ଦଜୀ କହିଲେ, ହଁ, ଏବେ ମନେପଡ଼ିଲା । ପରନ୍ତୁ ସେ ତ ବହୁତ ଛୋଟ ପିଲାଟିଏ ଥିଲା (କାରଣ ସେ ସମୟରେ ପାଞ୍ଚବର୍ଷ ବୟସର ପିଲାମାନେ ବହୁତ ବଡ଼ ଦେଖାଯାଉଥିଲେ ଏବଂ ପାଞ୍ଚବର୍ଷର ବାଳକ ଓ ଅଢ଼େଇ ବର୍ଷର ବାଳକର ଶରୀର ମଧ୍ୟରେ ଦୁଇଗୁଣ ଅନ୍ତର ପରିଲକ୍ଷିତ ହେଉଥିଲା) କବୀର ସାହେବ କହିଲେ, ସ୍ୱାମିଜୀ ! ଦେଖନ୍ତୁ, ମୁଁ ଏହିଭଳି ଦେଖାଯାଉଥିଲି । ସ୍ୱାମୀ ରାମାନନ୍ଦଜୀଙ୍କ ସମ୍ମୁଖରେ ଠିଆ ହୋଇଗଲେ ଏବଂ ଦ୍ୱିତୀୟ ରୂପ ଧାରଣ କରି ଏକ ଅଢେଇ ବର୍ଷୀୟ ପିଲା ରୂପରେ ଜଣେ ସେବକ ପାଇଁ ପଡିଥିବା ଖଟିଆ ଉପରେ ବିରାଜମାନ ହୋଇଗଲେ । ରାମାନନ୍ଦଜୀ ଛଅଥର ଏପଟକୁ ଦେଖିଲେ, ଛଅଥର ସେପଟକୁ ଦେଖିଲେ । ଆଖି ମଳି ମଳି ପୁଣି ଦେଖିଲେ ଏବଂ ଭାବୁଥାନ୍ତି ମୋ ଆଖି ମୋତେ ଧୋକା ଦେଉନାହିଁ ତ । ଏହିଭଳି ଦେଖୁଥିବା ଅବସ୍ଥାରେ କବୀର ସାହେବଙ୍କର ଛୋଟ ବାଳକ ରୂପ ଉଠିପଡ଼ି କବୀର ସାହେବଙ୍କର ବଡ଼ ପାଞ୍ଚବର୍ଷୀୟ ବାଳକ ସ୍ୱରୂପ ସହିତ ମିଶିଗଲା । କବୀର ସାହେବଙ୍କର କେବଳ ଏକ ପାଞ୍ଚବର୍ଷୀୟ ବାଳକ ସ୍ୱରୂପ ହୋଇଗଲା ।

ମନକୀପୂଜାତୁମଲଖୀ, ମୁକୁଟମାଲପରବେଶ । ଗରୀବଦାସଗତିକୋଲଖୈ, କୌନବରଣକ୍ୟାଭେଷ ॥୪୮୩॥
ୟହତୌତୁମଶିକ୍ଷାଦଈ, ମାନିଲଈମନମୋରା । ଗରୀବଦାସକୋମଲପୁରୁଷ, ହମରାବଦନକଠୋରା ॥୪୮୪॥

ସେତେବେଳେ ରାମାନନ୍ଦଜୀ କହିଲେ, ଏବେ ମୋର ସମସ୍ତ ସଂଶୟ ଦୂର ହୋଇଗଲା । ହେ ପରମେଶ୍ୱର ! ଆପଣଙ୍କୁ କିପରି ଚିହ୍ନିବି । ଆପଣ କେଉଁ ଜାତି ତଥା କେଉଁ ବେଶଭୂଷାରେ ଦଣ୍ଡାୟମାନ ହୋଇଛନ୍ତି । ଆମ୍ଭ ପରି ଅଜ୍ଞାନୀ ପ୍ରାଣୀମାନେ ଆପଣଙ୍କ ସହିତ ବାଦ-ବିବାଦ କରି ଦୋଷୀ ହୋଇଗଲୁ, କ୍ଷମା କରନ୍ତୁ ପୂର୍ଣ୍ଣ ପରମେଶ୍ୱର କବିର୍ଦେବ ! ମୁଁ ଆପଣଙ୍କର ଅଜ୍ଞାନୀ ସନ୍ତାନ ଅଟେ ।

## "ସ୍ୱାମୀ ରାମାନନ୍ଦଜୀଙ୍କ ସତ୍ୟଲୋକ ଦର୍ଶନ"

ସୁନି ବଙ୍କା ମୈଁ ସ୍ୱର୍ଗ କୀ କୈସେଁ ଛାଁଡୌଁ ରୀତି । ଗରୀବଦାସ ଗୁଦରୀ ଲଗୀ, ଜନମ ଜାତ ହୈ ବୀତ ॥୪୮୬॥
ଚ୍ୟାରି ମୁକ୍ତି ବୈକୁଣ୍ଠ ମୈଁ, ଜିନ କୀ ମୋରେ ଚାହ । ଗରୀବଦାସ ଘର ଅଗମ କୀ, କୈସେଁ ପାଉଁ ଥାହ ॥୪୮୭॥
ହେମ ରୂପ ଜହାଁ ଧରଣି ହୈ, ରତନ ଜଡେ ବୌହ ଶୋଭ । ଗରୀବଦାସ ବୈକୁଁଠ କୂଁ, ତନ ମନ ହମରା ଲୋଭ ॥୪୮୮॥
ଶଙ୍ଖ ଚକ୍ର ଗଦା ପଦମ୍ ହୈଁ, ମୋହନ ମଦନ ମୁରାରୀ । ଗରୀବଦାସ ମୁରଲୀ ବଜୈ, ସୁରଗଲୋକ ଦରବାରୀ ॥୪୮୯॥
ଦୂଧୌଁ କୀ ନଦିୟାଁ ବଗୈଁ, ସେତ ବୃକ୍ଷ ସୁଭାନ । ଗରୀବଦାସ ମଁଦଲ ମୁକ୍ତି, ସୁରଗାପୁର ଅସ୍ଥାନ ॥୪୯୦॥
ରତନ ଜଡାଉ ମନୁଷ୍ୟ ହୈଁ, ଗଣ ଗନ୍ଧର୍ବ ସବ ଦେବ । ଗରୀବଦାସ ଉସ ଧାମ କୀ, କୈସେଁ ଛାଁଡୂ ସେବ ॥୪୯୧॥
ରଗ ଯୁଜ ସାମ ଅଥର୍ବଣଂ, ଗାବୈଁ ଚାରୌଁ ବେଦ । ଗରୀବଦାସ ଘର ଅଗମ କୀ, କୈସେଁ ଜାନୋ ଭେଦ ॥୪୯୨॥
ଚ୍ୟାରି ମୁକ୍ତି ଚିତବନ ଲଗୀ, କୈସେଁ ବଁଚୁଁ ତାହି । ଗରୀବଦାସ ଗୁପ୍ତାରଗତି, ହମକୁଁ ଦ୍ୟୌ ସମଝାୟ ॥୪୯୩॥
ସୁରଗ ଲୋକ ବୈକୁଂଠ ହୈ, ଯାସେଁ ପରେ ନ ଔର । ଗରୀବଦାସ ଷଟ୍‌ଶାସ୍ତ୍ର, ଚ୍ୟାରି ବେଦ କୀ ଦୌର ॥୪୯୪॥
ଚ୍ୟାରି ବେଦ ଗାବୈଁ ତିସେଁ, ସୁର ନର ମୁନି ମିଲାପ । ଗରୀବଦାସ ଧ୍ରୁବ ପୋର ଜିସ, ମିଟି ଗୟେ ତୀନୂଁ ତାପ ॥୪୯୫॥
ପ୍ରହଲାଦ ଗୟେ ତିସ ଲୋକକୂଁ, ସୁରଗା ପୁରୀ ସମୂଲ । ଗରୀବଦାସ ହରିଭକ୍ତି କୀ, ମୈଁ ବଁଚତ ହୂଁ ଧୂଲ ॥୪୯୬॥
ବିଁଦ୍ରାବନ ଗୟେ ତିସ ଲୋକକୂଁ, ସୁରଗା ପୁରୀ ସମୂଲ । ଗରୀବଦାସ ଉସ ମୁକ୍ତି କୂଁ, କୈସେଁ ଜାଉଁ ଭୂଲ ॥୪୯୭॥
ନାରଦ ବ୍ରହ୍ମା ତିସ ରଟୈଁ, ଗାବୈଁ ଶେଷ ଗଣେଶ । ଗରୀବଦାସ ବୈକୁଁଣ୍ଠ ସେଁ, ଔର ପରେ କୋ ଦେଶ ॥୪୯୮॥
ସହଁସ ଅଠାସୀ ଜିସ ଜପୈଁ, ଔର ତେତିସୌଁ ସେବ । ଗରୀବଦାସ ଜାସେଁ ପରେ, ଔର କୌନ ହୈ ଦେବ ॥୪୯୯॥
ସୁନି ସ୍ୱାମୀ ନିଜ ମୂଲ ଗତି, କହି ସମଝାଉଁ ତୋହି । ଗରୀବଦାସ ଭଗବାନ କୂଁ, ରାଖ୍ୟା ଜଗତ ସମୋହି ॥୫୦୦॥
ତୀନି ଲୋକ କେ ଜୀବ ସବ, ବିଷୟ ବାସ ଭରମାୟ । ଗରୀବଦାସ ହମକୂ ଜପୈଁ, ତିସକୂଁ ଧାମ ଦିଖାୟ ॥୫୦୧॥
ଜୋ ଦେଖୈଗା ଧାମ କୁଁ, ସୋ ଜାନତ ହୈ ମୁଝ । ଗରୀବଦାସ ତୋସେଁ କହୂଁ, ସୁନି ଗାୟତ୍ରୀ ଗୁଝ ॥୫୦୨॥
କୃଷ୍ଣ ବିଷ୍ଣୁ ଭଗବାନ କୁଁ, ଜହଡାୟେଁ ହୈଁ ଜୀବ । ଗରୀବଦାସ ତ୍ରିଲୋକ୍ ମୈଁ, କାଲ କର୍ମ ଶୀର ଶୀବ ॥୫୦୩॥
ସୁନି ସ୍ୱାମୀ ତୋସେଁ କହୂଁ, ଅଗମ ଦୀପ କୀ ସୈଲ । ଗରୀବଦାସ ପୂଠେ ପରେ, ପୁସ୍ତକ ଲାଦେ ବୈଲ ॥୫୦୪॥
ପୌହମୀ ଧରଣୀ ଆକାଶ ଥଁଭ, ଚଲସୀ ଚଁଦର ସୂର । ଗରୀବଦାସ ରଜ ବିରଜ୍ କୀ, କହାଁ ରହୈଗୀ ଧୂର ॥୫୦୫॥
ତାରାୟଣ ତ୍ରିଲୋକ ସବ, ଚଲସୀ ଇନ୍ଦ୍ର କୁବେର । ଗରୀବଦାସ ସବ ଜାତ ହୈଁ, ସୁରଗ ପାତାଲ ସୁମେର ॥୫୦୬॥
ଚ୍ୟାରି ମୁକ୍ତି ବୈକୁଣ୍ଠ ବଟ, ଫନା ହୁଆ କଈବାର । ଗରୀବଦାସ ଅଲପ ରୂପ ମଘ, କ୍ୟା ଜାନୈଁ ସଂସାର ॥୫୦୭॥
କହୌ ସ୍ୱାମୀ କିତ ରହୌଗେ, ଚୌଦା ଭୁବନ ବିହଂଡ । ଗରୀବଦାସ ବୀଜକ କହ୍ୟା, ଚଲତ ପ୍ରାଣ ଔର ପିଣ୍ଡ ॥୫୦୮॥
ସୁନ ସ୍ୱାମୀ ଏକ ଶକ୍ତି ହୈ, ଅରଧଂଗୀ ଓଁକାର । ଗରୀବଦାସ ବୀଜକ ତହାଁ, ଅନନ୍ତ ଲୋକ ସିଂଘାର ॥୫୦୯॥
ଜୈସେ କା ତୈସା ରହୈ, ପରଲୋ ଫନା ପ୍ରାନ । ଗରୀବଦାସ ଉସ ଶକ୍ତିକୂଁ, ବାର ବାର କୁରବାନ ॥୫୧୦॥
କୋଟି ଇନ୍ଦ୍ର ବ୍ରହ୍ମା ଜହାଁ, କୋଟି କୃଷ୍ଣ କୈଲାସ । ଗରୀବଦାସ ଶିବ କୋଟି ହୈଁ, କରୌ କୌନ କୀ ଆଶ ॥୫୧୧॥
କୋଟି ବିଷ୍ଣୁ ଜହାଁ ବସତ ହୈଁ, ଉସ ଶକ୍ତି କେ ଧାମ । ଗରୀବଦାସ ଗୁଲ ବୌହତ ହୈଁ, ଅଲଫ ବସ୍ତୁ ନିହକାମ ॥୫୧୨॥
ଶିବ ଶକ୍ତି ଜାସେ ହୁଏ, ଅନନ୍ତ କୋଟି ଅବତାର । ଗରୀବଦାସ ଉସ ଅଲଫ କୁଁ, ଲଖୈ ସୋ ହୋୟ କରତାର ॥୫୧୩॥
ଅଲଫ ହମାରା ରୂପ ହୈ, ଦମ ଦେହୀ ନହିଁ ଦଁତ । ଗରୀବଦାସ ଗୁଲସେଁ ପରେ, ଚଲନା ହୈ ବିନ ପନ୍ଥ ॥୫୧୪॥
ବିନା ପନ୍ଥ ଉସ କଁତ କେ, ଧାମ ଚଲନ ହେ ମୋର । ଗରୀବଦାସ ଗତି ନା କିସୀ, ସଂଖ ସୁରଗ ପର ଡୋର ॥୫୧୫॥

ସଂଖ ସୁରଗପର ହମ ବସେଁ, ସୁନି ସ୍ୱାମୀ ଯହ ସୈଁନ ।
ଗରୀବଦାସ ହମ ଅଲଫଂ ହୈଁ, ଯୋହ ଗୁଲ ଫୋକଟ ଫୈନ ॥୫୧୬॥
ଜୋ ତୈ କହୟା ସୌ ମୈଁ ଲହୟା, ବିନ ଦେଖୈ ନହାଁ ଧୀଜ ।
ଗରୀବଦାସ ସ୍ୱାମୀ କହୈ, କହାଁ ଅଲଫ ଓ ବୀଜ ॥୫୧୭॥

ଅନନ୍ତ କୋଟି ବ୍ରହ୍ମାଣ୍ଡ ଫଣ, ଅନନ୍ତ କୋଟି ଉଦଗାର । ଗରୀବଦାସ ସ୍ୱାମୀ କହୈ, କହାଁ ଅଲଫ ଦୀଦାର ॥୫୧୮॥
ହଦ ବେହଦ କହାଁ ନା କହାଁ, ନା କହାଁ ଥରପୀ ଠୌର । ଗରୀବଦାସ ନିଜ ବ୍ରହ୍ମ କୀ, କୌନ ଧାମ ଓହ ପୌର ॥୫୧୯॥
ଚଲ ସ୍ୱାମୀ ସର ପର ଚଲେଁ, ଗଂଗ ତୀର ସୁନ ଜ୍ଞାନ । ଗରୀବଦାସ ବୈକୁଣ୍ଠ ବଟ, କୋଟି କୋଟି ଘଟ ଧ୍ୟାନ ॥୫୨୦॥
ତହାଁ କୋଟି ବୈକୁଣ୍ଠ ହୈଁ, ନକ ସରବର ସଂଗୀତ । ଗରୀବଦାସ ସ୍ୱାମୀ ସୁନୈଁ, ଜାତ ଅନନ୍ତ ଜୁଗ ବୀତ ॥୫୨୧॥
ପ୍ରାଣ ପିଂଡ ପୁରମୈଁ ଧସୌ, ଗୟେ ରାମାନଁଦ କୋଟି । ଗରୀବଦାସ ସର ସୁରଗ ମୈଁ, ରହୌ ଶବ୍ଦ କୀ ଓଟ ॥୫୨୨॥

ତଁହା ଓହାଁ ଚିତ ଚକ୍ରିତ ଭୟା, ଦେଖି ଫଜଲ ଦରବାର । ଗରୀବଦାସ ସିଜଦା କିୟା, ହମ ପାୟେ ଦୀଦାର ।।୫୨୩।।
ତୁମ ସ୍ୱାମୀ ମୈଁ ବାଲ ବୁଦ୍ଧି, ଭର୍ମ କର୍ମ କିୟେ ନାଶ । ଗରୀବଦାସ ନିଜ ବ୍ରହ୍ମ ତୁମ, ହମରେ ଦୃଢ ବିଶ୍ୱାସ ।।୫୨୪।।

ସୁନ୍ନ-ବେସୁନ୍ନ ସେଁ ତୁମ ପରେ, ଉରେଁ ସେ ହମରେ ତୀର ।
ଗରୀବଦାସ ସରବଂଗମେଁ, ଅବିଗତ ପୁରୁଷ କବୀର ।।୫୨୫।।
କୋଟି କୋଟି ସିଜଦେ କରେଁ, କୋଟି କୋଟି ପ୍ରଣାମ ।
ଗରୀବଦାସ ଅନହଦ ଅଧର, ହମ ପରସେଁ ତୁମ ଧାମ । ।୫୨୬।।
ସୁନି ସ୍ୱାନୂ ଏକ ଗଲ ଗୁଝ, ତିଲ ତାରୀ ପଲ ଜୋରୀ ।
ଗରୀବଦାସ ସର ଗଗନ ମେଁ, ସୂରଜ ଅନଂତ କରୋରି ।।୫୨୭।।
ଶହର ଅମାନ ଅନନ୍ତପୁର, ରିମ୍ ଝିମ୍ ରିମ୍ ଝିମ୍ ହୋୟ ।
ଗରୀବଦାସ ଉସ ନଗର କା, ମରମ ନ ଜାନେଁ କୋୟ ।।୫୨୮।।

ସୁନିସ୍ୱାମୀକୈସେଁଲଖୌ, କହିସମଝାଊଁତୋହିାଗରୀବଦାସବିନପରଉଡେଁ, ତନମନଶୀଶନହୋୟ।।୫୨୯।।
ରବନପୁରୀ ଏକ ଚକ୍ର ହୈ, ତହାଁ ଧନଜୟ ବାୟ । ଗରୀବଦାସ ଜୀତେ ଜନ୍ମ, ୟାକୂଁ ଲେତ ସମାୟ ।।୫୩୦।।
ଆସନପଦମଲଗାୟକର, ଭିରଂଗନାଦକୋଖୈଁଚିାଗରୀବଦାସଅଚବନକରେ, ଦେବଦତ୍ତକୋଏଚି।।୫୩୧।।
କାଲୀ ଉନ କୁଲୀନ ରଂଗ, ଜାକେ ଦୋ ଫୁନ ଧାର । ଗରୀବଦାସ କୁରଂଭ ଶିର, ତାସ କରେ ଉଦ୍‌ଗାର ।।୫୩୨।।
ଚିଶ୍ବେଁଲାଲଗୁଲାଲରଙ୍ଗ, ତିନୀଗିରହନଭପେଞ୍ଚ।ଗରୀବଦାସଓହନାଗନୀକୂଁ, ହୈନେନଦେବେରେଚ।।୫୩୩।।
କୁମ୍ଭକରେଚକସବକରେ, ଉନକରତଉଦଗାର।ଗରୀବଦାସଉସନାଗନୀକୂଁ, ଜୀତୈକୋଇଖିଲାର।।୫୩୪।।
କୁଂଭଭରୈରେଚକକରେ, ଫିରଟୁଟତହୈପୌନ।ଗରୀବଦାସଗଗନମଣ୍ଡଲ, ନହୀଁହୋତହେରୌନ।।୫୩୫।।
ଆଗେ ଘାଟୀ ବଂଦ ହୈ, ଇଙ୍ଗ୍ଳା-ପିଂଗଲା ଦୋୟ । ଗରୀବଦାସ ସୁଷମନ ଖୁଲେ, ତାସ ମିଲାବା ହୋୟ ।।୫୩୬।।
ଜୂଂକା ତୂଂହୀ ବୈଠି ରହୋ, ତଜି ଆସନ ସବ ଜୋଗ । ଗରୀବଦାସ ପଲ ବୀଚ ପଦ, ସର୍ବ ସୈଲ ସବ ଭୋଗ ।।୫୪୭।।
କୋଟିକୋଟିବୈକୁଂଠହୈ, କୋଟିକୋଟିଶିବଶେଷ।ଗରୀବଦାସଉସଧାମମେଁ, ବ୍ରହ୍ମାକୋଟିନରେଶ।।୫୫୩।।
ଅବାଦାନଅମାନପୁର, ଚଲିସ୍ୱାମୀତହାଁଚାଲ।ଗରୀବଦାସପରଲୋଅନଂତ, ବୌହରିନଝଂପୈକାଲ।।୫୫୪।।
ଅମରଟୀରତହାଁପହରିହୈ, ଅମରହଂସସୁଖଧାମ।ଗରୀବଦାସଭୋଜନଅଜର, ଚଲସ୍ୱାମୀନିଜଧାମ।।୫୫୫।।
ବୋଲତ ରାମାନଂଦଜୀ, ସୁନ କବୀର କରତାର । ଗରୀବଦାସ ସବ ରୂପମେଁ, ତୁମହୀଁ ବୋଲନ ହାର ।।୫୫୬।।
ତୁମ ସାହିବ ତୁମ ସଂଥ ହୌ, ତୁମ ସତଗୁରୂ ତୁମ ହଂସ । ଗରୀବଦାସ ତୁମ ରୂପ ବିନ ଔର ନ ଦୂଜା ଅଂଶ ।।୫୫୭।।
ମୈଁ ଭଗତା ମୁକ୍ତା ଭୟା, କିୟା କର୍ମ କୁନ୍ଦ ନାଶ । ଗରୀବଦାସ ଅବିଗତ ମିଲେ, ମେଟୀ ମନକୀ ବାସ ।।୫୫୮।।
ଦୋହୁଁଠୌରହୈଏକତୂଁ, ଭୟାଏକସେଦୋୟ।ଗରୀବଦାସହମକାରଣେଁ, ଉତରେହୈଁମଧଜୋୟ।।୫୫୯।।
ଗୋଷ୍ଠୀ ରାମାନଁଦସେଁ, କାଶୀ ନଗର ମଁଝାର । ଗରୀବଦାସ ଜିଁଦ ପୀରକେ, ହମ ପାୟେ ଦୀଦାର ।।୫୬୨।।
ବୋଲେ ରାମାନଁଦ ଜୀ, ସୁନୌଁ କବୀର ସୁଭାଁନ । ଗରୀବଦାସ ମୁକ୍ତା ଭୟେ, ଉଧରେ ପିଁଡ ଅରୁ ପ୍ରାଣ ।।୫୬୭।।

କବୀର ସାହେବ (କବିର୍ଦ୍ଦେବ) ସ୍ୱାମୀ ରାମାନନ୍ଦଜୀଙ୍କୁ ପଚାରିଲେ, ହେ ସ୍ୱାମୀଜୀ ଆପଣ କେଉଁ ପୂଜା କରନ୍ତି ? ସ୍ୱାମୀ ରାମାନନ୍ଦଜୀ କହିଲେ, ମୁଁ ବେଦ ଓ ଗୀତା ଅନୁସାରେ ସାଧନା କରିଥାଏ । କବୀର ସାହେବ ପଚାରିଲେ, ବେଦ ଓ ଗୀତା ଆଧାରରେ ସାଧନା କରି ଆପଣ କେଉଁ ଲୋକକୁ ଯିବେ ? ରାମାନନ୍ଦଜୀ କହିଲେ ସ୍ୱର୍ଗକୁ ଯିବି। କବୀର ସାହେବ ପଚାରିଲେ ସ୍ୱର୍ଗରେ କ'ଣ କରିବେ ପ୍ରଭୁ ? ରାମାନନ୍ଦଜୀ କହିଲେ, ସେଠାରେ ଅତି ପ୍ରିୟ ଭଗବାନ ବିଷ୍ଣୁ ଅଛନ୍ତି ଯାହାଙ୍କର ମୁଁ ଦର୍ଶନ କରିବି। ସେଠାରେ ଦୁଗ୍ଧର ନଦୀ ଅଛି । ସେଠାରେ କୌଣସି ଚିନ୍ତା ନାହିଁ, କୌଣସି ଦୁଃଖ ନାହିଁ, ମୁଁ ସେଠାରେ ଆନନ୍ଦରେ ରହିବି । କବୀର ପରମେଶ୍ୱର ପଚାରିଲେ, ସ୍ୱାମୀଜୀ ସ୍ୱର୍ଗରେ କେତେ ଦିନ ରହିବେ ? (ସ୍ୱାମୀଜୀ ବିଦ୍ୱାନ ପୁରୁଷ ଥିଲେ ତେଣୁ ଅତି ଶୀଘ୍ର ବୁଝିଗଲେ) ।

ସ୍ୱାମୀଜୀ କହିଲେ, ଯେ ପର୍ଯ୍ୟନ୍ତ ଭକ୍ତିପୁଞ୍ଜି ଜମାଥିବ ସେ ପର୍ଯ୍ୟନ୍ତ ରହିବି । କବୀର ସାହେବ ପଚାରିଲେ, ତା'ପରେ କେଉଁଠିକୁ ଯିବେ ? ରାମାନନ୍ଦଜୀ କହିଲେ, ଜଣା ନାହିଁ କର୍ମ ଆଧାରରେ କେବେ, କେଉଁଠାରେ, କେଉଁ ଯୋନିରେ ଜନ୍ମ ନେବି ତାହା ଜାଣେ ନାହିଁ ? କବୀର ସାହେବ କହିଲେ, ସ୍ୱାମୀଜୀ ! ଏହିଭଳି ସାଧନା ଆପଣ ଅସଂଖ୍ୟ ଥର କରିଛନ୍ତି । ଏହାଦ୍ୱାରା ଜୀବର ମୁକ୍ତି ହେବ ନାହିଁ । ଆପଣ ଶ୍ରୀ ବିଷ୍ଣୁଙ୍କର ସାଧନା କରି ସ୍ୱର୍ଗଲୋକକୁ ଯିବା ପାଇଁ ଚାହୁଁଛନ୍ତି। ବ୍ରହ୍ମ ସାଧନା କରି ବ୍ରହ୍ମଲୋକକୁ

ଯାଉଥିବା ସାଧକ ଜନ୍ମ-ମୃତ୍ୟୁ ଚକ୍ରରେ ରହିଥାନ୍ତି କାରଣ ବ୍ରହ୍ମଲୋକରେ ନିର୍ମିତ ମହାସ୍ୱର୍ଗ ମଧ୍ୟ ନଷ୍ଟ ହୋଇଥାଏ । ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୬ ରେ ଏହା କୁହାଯାଇଛି । ସ୍ୱାମୀ ରାମାନନ୍ଦଜୀ ବିଦ୍ୱାନ ପୁରୁଷ ଥିଲେ ତେଣୁ ଗୀତାର ସମସ୍ତ ଶ୍ଳୋକ ତାଙ୍କର ମନେ ଥିଲା । ସ୍ୱାମୀ ରାମନନ୍ଦଜୀ କହିଲେ, ଆପଣ ଠିକ୍ କହୁଛନ୍ତି, ଗୀତାରେ ଏହା ହିଁ ଲେଖାଅଛି । କବୀର ସାହେବ କହିଲେ, ଏବେ କୁହନ୍ତୁ, କେଉଁଠି ରହିବେ ? ନା ଆପଣଙ୍କ ଶ୍ରୀ କୃଷ୍ଣମୁରାରୀ ରହିବେ, ନା ଏହି ବ୍ରହ୍ମଲୋକ ରହିବ, ନା ବିଷ୍ଣୁଲୋକ ଇତ୍ୟାଦିର ସମସ୍ତ ପ୍ରାଣୀ ରହିବେ । ଶ୍ରୀ ବ୍ରହ୍ମା, ବିଷ୍ଣୁ ଓ ଶିବ ଆଦି ତିନି ଦେବତା ମଧ୍ୟ ବିନାଶ ହୋଇଯିବେ । ତା'ପରେ ଆପଣ କେଉଁଠି ରହିବେ ଗୁରୁଦେବ ? ରାମାନନ୍ଦଜୀ ବିଚାର କରିବା ପାଇଁ ବିବଶଃ ହୋଇଗଲେ । ପରମେଶ୍ୱର କବୀର ସାହେବଜୀ ପଚାରିଲେ, ସ୍ୱାମୀଜୀ ! ଗୀତା ଜ୍ଞାନ କିଏ କହିଛନ୍ତି ? ସ୍ୱାମୀ ରାମାନନ୍ଦଜୀ କହିଲେ, ଶ୍ରୀକୃଷ୍ଣ ଭଗବାନ କହିଛନ୍ତି । ପରମେଶ୍ୱର କବୀର ସାହେବଜୀ କହିଲେ, ସ୍ୱାମୀଜୀ ! ସଂକ୍ଷିପ୍ତ ମହାଭାରତ ଦ୍ୱିତୀୟ ଖଣ୍ଡ (ପୁରୁଣା ସଂସ୍କରଣ, ପୃଷ୍ଠା ୧୫୩୧ ଓ ନୂତନ ସଂସ୍କରଣ, ପୃଷ୍ଠା ୬୬୭) ରେ ଏହା ଲେଖାଅଛି ଯେଉଁଥିରେ ଶ୍ରୀକୃଷ୍ଣ ଭଗବାନ କହୁଛନ୍ତି ! ହେ ଅର୍ଜୁନ, ସେହି ଗୀତାଜ୍ଞାନ ଏବେ ମୋର ମନେ ପଡୁ ନାହିଁ, ମୁଁ ଦ୍ୱିତୀୟଥର ସେହି ଜ୍ଞାନ ଶୁଣାଇ ପାରିବି ନାହିଁ । ପରମେଶ୍ୱର କବୀର ସାହେବଜୀ ସମସ୍ତ ପ୍ରମାଣ ବିଷୟରେ କହିଲେ ।

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୩ ରେ ଗୀତା ଜ୍ଞାନଦାତା (ବ୍ରହ୍ମ) କହୁଛନ୍ତି ଯେ

ଓମ୍ ଇତି ଏକାକ୍ଷରମ୍ ବ୍ରହ୍ମ, ବ୍ୟାହରନ୍ ମାମ୍ ଅନୁସ୍ମରନ୍,  
ଯଃ ପ୍ରୟାତି ତ୍ୟଜନ୍ ଦେହମ୍ ସଃ ଯାତି ପର ମାମ୍ ଗତିମ୍ ॥୧୩॥

ଏହାର ଭାବାର୍ଥ ହେଲା ଗୀତା ଜ୍ଞାନଦାତା ବ୍ରହ୍ମ ଅର୍ଥାତ୍ କାଳ କହୁଛନ୍ତି ଯେ (ମାମ୍ ବ୍ରହ୍ମ) ମୋର, ବ୍ରହ୍ମର ତ (ଇତି) ଏହି (ଓମ୍ ଏକାକ୍ଷରମ୍) ଓମ୍/ଓଁ ଏକ ଅକ୍ଷର ଅଟେ (ବ୍ୟାହରନ୍) ଉଚ୍ଚାରଣ କରି (ଅନୁସ୍ମରନ୍) ସ୍ମରଣ କରିବାର (ଯଃ) ଯେଉଁ ସାଧକ (ତ୍ୟଜନ୍ ଦେହମ୍) ଶରୀର ତ୍ୟାଗ କରିବା ପର୍ଯ୍ୟନ୍ତ ଅର୍ଥାତ୍ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ (ପ୍ରୟାତି) ସ୍ମରଣ ସାଧନା କରିଥାଏ (ସଃ) ସେହି ସାଧକ ମୋଠାରୁ ମିଳୁଥିବା(ପରମାମ୍ ଗତିମ୍) ପରମ ଗତି (ଯାତି) ଲାଭ କରେ ।

ଭାବାର୍ଥ ଏହା ଯେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ବ୍ରହ୍ମ ଅର୍ଥାତ୍ ଏକ ହଜାର ଭୂଜା ବିଶିଷ୍ଟ ଜ୍ୟୋତି ନିରଞ୍ଜନ କାଳ କହୁଛନ୍ତି ଯେ ଯେଉଁ ସାଧକ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ କେବଳ ଗୋଟିଏ ଓମ୍ (ଓଁ) ନାମକୁ ନେଇ ମୋର(ବ୍ରହ୍ମର) ସାଧନା କରେ ତାକୁ ମୋଠାରୁ ମିଳୁଥିବା ଲାଭ ପ୍ରାପ୍ତ ହୋଇଥାଏ, ଅନ୍ୟ କୌଣସି ମନ୍ତ୍ର ମୋ ଭକ୍ତି ପାଇଁ ପ୍ରଯୁଜ୍ୟ ନୁହେଁ ।

ଗୀତା ଅଧ୍ୟାୟ ୮ର ଶ୍ଳୋକ ୫,୭ ଓ ୧୩ରେ ଗୀତା ଜ୍ଞାନଦାତା ନିଜ ସାଧନା ବିଷୟରେ କହିଛନ୍ତି ଯେ ଯେଉଁ ବ୍ୟକ୍ତି ମୋ ସାଧନା ଅର୍ଥାତ୍ ଓମ୍ (ଓଁ) ନାମର ସୁମିରଣ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ କରେ, ସେ ମୋତେ ପ୍ରାପ୍ତ କରିଥାଏ । ଏଥିପାଇଁ ତୁମେ ଯୁଦ୍ଧ କରିବା ସହିତ ମୋ ଓମ୍ ନାମର ସୁମିରଣ ମଧ୍ୟ କର କାରଣ ଯୁଦ୍ଧ ଉଚ୍ଚ କୋଳାହଳ ମଧ୍ୟରେ କରାଯାଏ । ଏଥିପାଇଁ କୁହାଯାଇଛି ଯେ ଉଚ୍ଚ ସ୍ୱରରେ ଓମ୍ (ଓଁ) ନାମ ଉଚ୍ଚାରଣ କରି ସୁମିରଣ କର,ଯୁଦ୍ଧ ମଧ୍ୟ କର ।

ପୁଣି ଗୀତା ଅଧ୍ୟାୟ ୮ ର ଶ୍ଳୋକ ୬ ରେ କୁହାଯାଇଛି ଯେ ଅନ୍ତିମ ସମୟରେ ଯେଉଁ ପ୍ରଭୁଙ୍କର ସୁମିରଣ କରି ଶରୀର ତ୍ୟାଗ କରାଯାଏ ସାଧକକୁ ସେହି ପ୍ରଭୁ ହିଁ ପ୍ରାପ୍ତ ହୋଇଥାନ୍ତି, ଏହା ବିଧାନ ଅଟେ । ଗୀତା ଜ୍ଞାନଦାତା ପ୍ରଭୂ ଗୀତା ଅଧ୍ୟାୟ ୮ ଶ୍ଳୋକ ୮ ରୁ ୧୦ ପର୍ଯ୍ୟନ୍ତ ତିନୋଟି ଶ୍ଳୋକରେ କହିଛନ୍ତି ଯେ ବ୍ରହ୍ମଠାରୁ ଭିନ୍ନ ପୂର୍ଣ୍ଣ ପରମାତ୍ମା (ପରମ ଦିବ୍ୟ ପୁରୁଷ ପରମେଶ୍ୱର ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ)ଙ୍କର ସାଧନା କରୁଥିବା ସମୟରେ ପ୍ରାଣୀ ଯଦି ଶରୀର ତ୍ୟାଗ କରେ ତେବେ ସେହି ପୂର୍ଣ୍ଣ ପରମାତ୍ମା(ପରମେଶ୍ୱର)ଙ୍କୁ ସେ ପ୍ରାପ୍ତ କରିଥାଏ । ତାଙ୍କ ଦ୍ୱାରା ପୂର୍ଣ୍ଣମୋକ୍ଷ ଅର୍ଥାତ୍ ସତ୍ୟଲୋକ ଓ ପରମ ଶାନ୍ତି ପ୍ରାପ୍ତି ହୋଇଥାଏ । ଏଥିପାଇଁ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ (ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ନଂ ୬୨ ରୁ ୬୬ ଓ ଅଧ୍ୟାୟ ୧୫ ର ଶ୍ଳୋକ ନଂ ୪) ମୁଁ (ଗୀତା ଜ୍ଞାନଦାତା ବ୍ରହ୍ମ) ମଧ୍ୟ ତାଙ୍କ ଶରଣରେ ଅଛି ।

ରାମାନନ୍ଦଜୀ ପ୍ରମାଣଗୁଡ଼ିକୁ ସ୍ୱଚକ୍ଷୁରେ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ତଥା ସତ୍ୟକୁ ସ୍ୱୀକାର କଲେ ଏବଂ କହିଲେ, ବାସ୍ତବରେ ଶାସ୍ତ୍ରରେ ତ ଏହା ହିଁ ଲେଖାଅଛି କିନ୍ତୁ ଆଜି ପର୍ଯ୍ୟନ୍ତ ଆମ୍ଭକୁ ଏ ବିଷୟରେ କେହି କହି ନାହାଁନ୍ତି, ଆମ୍ଭେ କ'ଣ କରିବୁ ? କବୀର ସାହେବ କହିଲେ, ପବିତ୍ର ଗୀତାରେ

ଏହା ଲେଖା ଅଛି । ଅଷ୍ଟମ ଅଧ୍ୟାୟର ଶ୍ଳୋକ ୮, ୯ ଓ ୧୦ ତଥା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ପଢ଼ନ୍ତୁ ।

ପବିତ୍ର ଗୀତା ଓ ପବିତ୍ର ବେଦ ଜ୍ଞାନଦାତା ବ୍ରହ୍ମ (କାଳ) କହୁଛନ୍ତି ଯେ ଅର୍ଜୁନ ତୁମେ ସେହି ପରମାତ୍ମାଙ୍କ ଶରଣକୁ ଯାଅ, ତାଙ୍କ କୃପାରୁ ତୁମର ପୁନଃ ଜନ୍ମ-ମୃତ୍ୟୁ ହେବ ନାହିଁ । ସେଥିପାଇଁ ଅଧ୍ୟାୟ ନଂ ୪ ର ଶ୍ଳୋକ ୩୪ ରେ କୁହାଯାଇଛି ଯେ ସେହି ସନ୍ଥଙ୍କ ଅନ୍ୱେଷଣ କର ଯିଏ ସେହି ପରମାତ୍ମାଙ୍କ ପରମତତ୍ତ୍ୱକୁ ଜାଣିଥିବେ । ତାଙ୍କୁ ଦଣ୍ଡବତ ପ୍ରଣାମ କର, ବିନମ୍ର ଓ ନିଷ୍କପଟ ଭାବରେ ତାଙ୍କର ସତ୍କାର କର । ଯେତେବେଳେ ସେହି ତତ୍ତ୍ୱଦର୍ଶୀ ସନ୍ଥ ପ୍ରସନ୍ନ ହୋଇଯିବେ ସେତେବେଳେ ତାଙ୍କୁ ଦୀକ୍ଷା (ନାମ) ମାଗନ୍ତୁ, ତତ୍‌ପଶ୍ଚାତ୍ ତୋ'ର ପୁନର୍ଜନ୍ମ ଓ ମୃତ୍ୟୁ ସମାପ୍ତ ହୋଇଯିବ । ପବିତ୍ର ଗୀତା ଅଧ୍ୟାୟ ୧୫ ମନ୍ତ୍ର ୧ ରୁ ୪ରେ କୁହାଯାଇଛି ଯେ ଓଲଟା ଝୁଲୁଥିବା ସଂସାର ରୂପୀ ବୃକ୍ଷ ଯାହାର ଉପରକୁ ମୂଳ ତ ଆଦି ପୁରୁଷ ଅର୍ଥାତ୍ ସନାତନ ପରମାତ୍ମା ଅଟନ୍ତି ତଥା ତଳେ ତିନି ଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ରୂପୀ ଶାଖାଗୁଡିକ ଅଛି । ଏହି ପୂର୍ଣ୍ଣ ସଂସାର ରୂପୀ ବୃକ୍ଷ ଅର୍ଥାତ୍ ପୂର୍ଣ୍ଣ ସୃଷ୍ଟି ରଚନା ବିଷୟରେ ମୁଁ (ବ୍ରହ୍ମ-କାଳ) ଜାଣି ନାହିଁ । ବର୍ତ୍ତମାନର ବିଚାର କାଳରେ ଅର୍ଥାତ୍ ଗୀତାର ପୂର୍ଣ୍ଣ ଜ୍ଞାନ ମୁଁ ଆପଣଙ୍କୁ ଦେଇପାରିବି ନାହିଁ । ସେଥିପାଇଁ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କର (ଗୀତା ଅଧ୍ୟାୟ ୪ ର ମନ୍ତ୍ର ୩୪)। ସେ ଆପଣଙ୍କୁ ସର୍ବ ସୃଷ୍ଟି ରଚନାର ବାସ୍ତବିକ ଜ୍ଞାନ ତଥା ପ୍ରଭୁମାନଙ୍କର ସ୍ଥିତି ବିଷୟରେ ସଠିକ ଜ୍ଞାନ ଦେଇ ପାରିବେ। ତା'ପରେ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ ଯାହାଙ୍କ ନିକଟକୁ ଯିବାପରେ ସାଧକର ପୁନଃ ଜନ୍ମ-ମୃତ୍ୟୁ ହୁଏନାହିଁ, ଅର୍ଥାତ୍ ପୂର୍ଣ୍ଣମୋକ୍ଷ ହୋଇଯାଏ । ଯେଉଁ ପରମେଶ୍ୱର ସଂସାର ରୂପୀ ବୃକ୍ଷ ଅର୍ଥାତ୍ ସର୍ବ ବ୍ରହ୍ମାଣ୍ଡର ରଚନା କରିଛନ୍ତି ମୁଁ (ବ୍ରହ୍ମ-କାଳ) ମଧ୍ୟ ସେହି ପରମେଶ୍ୱରଙ୍କର ଶରଣରେ ଅଛି, ତେଣୁ ତୁମେ ସେହି ପରମେଶ୍ୱରଙ୍କର ଉପାସନା କର । ସ୍ୱାମୀ ରାମାନନ୍ଦଜୀ କହିଲେ, ପୁତ୍ର ! ବାସ୍ତବରେ ପୁସ୍ତକରେ ଏହିଭଳି ହିଁ ଲେଖାଅଛି । ପରନ୍ତୁ ପୂର୍ବରୁ ସତ୍ୟଲୋକ ବିଷୟରେ କେବେ କାହାଠାରୁ ଶୁଣି ନଥିଲି, ଯେଉଁ କାରଣରୁ ଏବେ ମୋତେ ବିଶ୍ୱାସ ହେଉ ନାହିଁ । ଏହା କ'ଣ ସତ୍ୟ ? କବୀର ସାହେବ ପଚାରିଲେ ଆପଣ କେଉଁ ସାଧନା କରୁଛନ୍ତି ? ସ୍ୱାମୀ ରାମାନନ୍ଦଜୀ କହିଲେ, ମୁଁ ସାରା ଶରୀରକୁ ଆୟତ କରି ରଖିଛି । ଯୋଗ ଅଭ୍ୟାସ ସହିତ ଶରୀର ଭିତରେ ଥିବା ସମସ୍ତ କମଳରୁ ଆରମ୍ଭ କରି ତ୍ରିକୁଟୀ (ତ୍ରିବେଣୀ) ପର୍ଯ୍ୟନ୍ତ ପହଞ୍ଚି ସାରିଛି। କବୀର ସାହେବ କହିଲେ, ଆପଣ ବର୍ତ୍ତମାନ ମୋ ସମ୍ମୁଖରେ ତ୍ରିବେଣୀ ପର୍ଯ୍ୟନ୍ତ ଥରେ ପହଞ୍ଚି ଦେଖାନ୍ତୁ । ରାମାନନ୍ଦଜୀ ଯେତେବେଳେ ସମାଧିସ୍ଥ ହେଲେ(ଏହା ତାଙ୍କର ପ୍ରତିଦିନର ଅଭ୍ୟାସ ଥିଲା) ସେ ଦେଖିଲେ ଯେ ତ୍ରିବେଣୀ ପାଖରେ ରାସ୍ତା ତିନି ଭାଗ ହୋଇଛି । ପ୍ରତ୍ୟେକ ବହ୍ମାଣ୍ଡରେ ନିର୍ମିତ ବ୍ରହ୍ମଲୋକରେ ପ୍ରବେଶ କରିବା ମାତ୍ରେ ତିନୋଟି ରାସ୍ତା ନଜର ଆସୁଛି । ଏହି ପ୍ରକାରେ କୋଡିଏଟି ବ୍ରହ୍ମାଣ୍ଡ ପାରି ହେଲା ପରେ ଏକୋଇଶିତମ ବ୍ରହ୍ମାଣ୍ଡରେ ମଧ୍ୟ ଏହିପରି ବ୍ୟବସ୍ଥା ଅଛି । ଆଗରେ ଗୋଟିଏ ରାସ୍ତା ବ୍ରହ୍ମଲୋକରେ ନିର୍ମିତ ତିନି ଗୁପ୍ତ ସ୍ଥାନକୁ ଯାଇଛି, ଯେଉଁଠାରେ ଜ୍ୟୋତି ନିରଞ୍ଜନ ତିନୋଟି ରୂପ ଧାରଣ କରି ଅବସ୍ଥାନ କରନ୍ତି, ତୁମ୍ଭର ଏହି ନାମ ଦ୍ୱାରା ଆଗରେ ଥିବା ବ୍ରହ୍ମରନ୍ଧ୍ର ଖୋଲିବ ନାହିଁ । ଏହି ବ୍ରହ୍ମରନ୍ଧ୍ର ସତ୍ୟନାମ ଦ୍ୱାରା ହିଁ ଖୋଲିବ । କବୀର ସାହେବ ନିଶ୍ୱାସ ଦ୍ୱାରା ସ୍ୱୟଂ ସତ୍ୟନାମ ଉଚ୍ଚାରଣ କଲେ, ଆଗରେ ଥିବା ଦ୍ୱାର ଖୋଲିଗଲା । କବୀର ସାହେବ କହିଲେ, ଦେଖ ! ବର୍ତ୍ତମାନ ଆପଣଙ୍କୁ ମୁଁ କାଳ ଭଗବାନଙ୍କୁ ଦେଖାଉଛି ଯାହାକୁ ଆପଣମାନେ ନିରାକାର ବୋଲି କହୁଛନ୍ତି । ଗୀତାରେ ଯିଏ କହିଛନ୍ତି ଯେ ଅର୍ଜୁନ ! ମୁଁ ସମସ୍ତଙ୍କୁ ଖାଇବି, ମୁଁ କାହାକୁ କେବେ ଦର୍ଶନ ଦିଏ ନାହିଁ, ମୁଁ କାହା ସମ୍ମୁଖରେ କେବେ ପ୍ରତୀୟମାନ ହୁଏ ନାହିଁ । କବୀର ସାହେବ କହିଲେ, ଆପଣଙ୍କ ସମ୍ମୁଖରେ ଏବେ ମୁଁ ସେହି କାଳକୁ ଦେଖାଉଛି । ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ବ୍ରହ୍ମଲୋକର ଗୁପ୍ତ ସ୍ଥାନରେ କାଳ କିପରି ବ୍ରହ୍ମା, ବିଷ୍ଣୁ, ଶିବ ରୂପ ଧାରଣ କରି ବସିଛନ୍ତି ପ୍ରଥମେ ତାହା ଦେଖାଇଲେ। ତା'ପରେ ବ୍ରହ୍ମଲୋକକୁ ପାରି ହେବାର ଦ୍ୱାର ଦେଇ ବାହାରକୁ ଆସି ଏକୋଇଶିତମ ବ୍ରହ୍ମାଣ୍ଡକୁ ନେଇଗଲେ । ବ୍ରହ୍ମଲୋକ ଆଗରେ ଥିବା ରାସ୍ତା ଯାହା ଜଟା କୁଣ୍ଡଳୀ ସରୋବର ଉପରେ ଅବସ୍ଥିତ ସେହି ରାସ୍ତା ଉପରେ

ମଧ୍ୟ କାଳ ନଜର ରଖିଥାଏ । କେହି ଯେମିତି ବାହାରକୁ ବାହାରି ନଯାଉ ଏଥିପ୍ରତି ସର୍ବଦା ନଜର ରଖିଥାଏ । ଏକୋଇଶିତମ ବ୍ରହ୍ମାଣ୍ଡରେ ଯେଉଁ ଅନ୍ତିମ ଲୋକ ଅବସ୍ଥିତ ତାହା କାଳ-ବ୍ରହ୍ମ (କ୍ଷର ପୁରୁଷ)ର ନିଜ ସ୍ଥାନ ଅଟେ । ସେଠାରେ ସେହି ଭୟଙ୍କର ରୂପ ଧାରଣ କରି ସେ ବସିଛି ଯାହା ତା'ର ବାସ୍ତବିକ ରୂପ ଅଟେ। କବୀର୍ ସାହେବ କହିଲେ, ଦେଖ ସେଠାରେ ତୁମ୍ଭମାନଙ୍କର ସେହି ନିରାକାର ଭଗବାନ ବସିଛି, ଯାହାକୁ ତୁମ୍ଭେ ନିରାକାର ବୋଲି କହିଥାଅ (କାରଣ ଯୋଗୀଗଣ ବେଦ ଆଧାରରେ ଓମ୍ ନାମର ସାଧନା କରି ପରମାତ୍ମା ପ୍ରାପ୍ତି କରି ପାରିଲେ ନାହିଁ, ସିଦ୍ଧି ଶକ୍ତି ଓ ସ୍ୱର୍ଗ ପ୍ରାପ୍ତି ହେଲା, ମହାସ୍ୱର୍ଗକୁ ମଧ୍ୟ ଗଲେ, ତା'ପରେ ପୃଥିବୀ ପୃଷ୍ଠକୁ ଫେରି ପୁନର୍ବାର ପଶୁ ଜନ୍ମ ପ୍ରାପ୍ତି କଲେ । ସେଥିପାଇଁ ସମସ୍ତେ କହିଲେ ଯେ ଭଗବାନ ନିରାକାର ଏବଂ ସେ କାହାକୁ ଦର୍ଶନ ଦିଅନ୍ତି ନାହିଁ କିନ୍ତୁ ବେଦରେ ଉଲ୍ଲେଖ ଅଛି ଯେ ଭଗବାନ ସାକାର ଅଟନ୍ତି)। କାଳ ପାଖରେ ପହଞ୍ଚିବା ପରେ ସାହେବ ନିଜ ସାରନାମ ସହିତ ସତ୍ୟନାମ ମଧ୍ୟ ଉଚ୍ଚାରଣ କଲେ ଯାହାଦ୍ୱାରା କାଳ ମୁଣ୍ଡ ତଳକୁ ନଇଁଗଲା । କାଳ ମୁଣ୍ଡ ଉପରେ ସେହି ଦ୍ୱାର ଅଛି ଯେଉଁ ଦ୍ୱାର ଦେଇ ସତ୍ୟଲୋକ ଓ ପରବ୍ରହ୍ମଙ୍କ ଲୋକକୁ ପ୍ରବେଶ କରାଯାଏ । ଏହାପରେ ଏକ ଭ୍ରମର ଗୁମ୍ଫା ଆରମ୍ଭ ହୋଇଥାଏ (ଅନ୍ୟ ଏକ ଭ୍ରମର ଗୁମ୍ଫା କାଳ ଲୋକରେ ମଧ୍ୟ ଅଛି)। କାଳ ମୁଣ୍ଡ ଉପରେ ଗୋଡ଼ ରଖି କବୀରଜୀଙ୍କ ହଂସ (ନିର୍ବିକାରୀ ସାଧକ) ଉପରକୁ ଯାଇଥାନ୍ତି । ଏହି କାଳ ସିଡ଼ି (ପାହାଚ) ଭଳି କାମ କରିଥାଏ । ପରବ୍ରହ୍ମଙ୍କ ଲୋକ ପାର ହୋଇ କବୀର ସାହେବ ଶ୍ରୀ ରାମାନନ୍ଦଜୀଙ୍କ ଆତ୍ମାକୁ ସତ୍ୟଲୋକକୁ ନେଇଗଲେ । (ସେଠାରେ ମଧ୍ୟ ଏକ ଭ୍ରମର ଗୁମ୍ଫା ଅଛି) ସତ୍ୟଲୋକରେ ଶ୍ରୀ ରାମାନନ୍ଦଜୀ ଦେଖିଲେ ଯେ କବୀର ସାହେବ(କବିର୍ଦେବ) ନିଜ ବାସ୍ତବିକ ରୂପରେ ସେଠାରେ ବସିଛନ୍ତି । ସେଠାରେ କବୀର୍ ସାହେବଙ୍କ ଶରୀରର ତେଜ ଏତେ ଯେ ତାଙ୍କର ଗୋଟିଏ ଲୋମକୂପର କିରଣ ତୁଳନାରେ କୋଟି କୋଟି ସୂର୍ଯ୍ୟ ଓ କୋଟି କୋଟି ଚନ୍ଦ୍ରମାର ମିଳିତ କିରଣ (ସେଥିରେ କିନ୍ତୁ ଉତ୍ତାପ ନଥାଏ) ମଧ୍ୟ ଫିକା ପଡିଯାଏ । କବୀର ସାହେବ ସେଠାରେ ପହଞ୍ଚି ନିଜର ଦ୍ୱିତୀୟ ରୂପ ଉପରେ ସ୍ୱୟଂ ଚଅଁର ବୁଲାଇବାକୁ ଲାଗିଲେ । ଶ୍ରୀ ରାମାନନ୍ଦଜୀ ଭାବିଲେ ସିଂହାସନ ଉପରେ ଯିଏ ବସିଛନ୍ତି ସେ ତ ଭଗବାନ କିନ୍ତୁ ଏହି ଦ୍ୱିତୀୟ କବୀର ନିଶ୍ଚୟ ଏଠାକାର କୌଣସି ସେବକ(ଗଣ) ହୋଇଥିବେ। ପରନ୍ତୁ ଅନ୍ୟ ଲୋକଠାରୁ ଏହି ଲୋକ ଭିନ୍ନ ଅଟେ । ପରମାତ୍ମା ବହୁତ ତେଜଯୁକ୍ତ ଅଟନ୍ତି । ଏହିକଥା ଭାବୁଥିବା ସମୟରେ ପରମାତ୍ମାଙ୍କ ତେଜମୟ ରୂପ ସିଂହାସନରୁ ଉଠିଲା ଏବଂ ପାଞ୍ଚ ବର୍ଷୀୟ ବାଳକ ରୂପରେ ପରମେଶ୍ୱର କବୀରଜୀ ସିଂହାସନରେ ବିରାଜମାନ ହୋଇଗଲେ । ବାସ୍ତବିକ ତେଜମୟ ରୂପରେ ପରମେଶ୍ୱର କବୀରଙ୍କର ସେହି ରୂପ ବାଳକ ରୂପଧାରୀ କବୀର ସାହେବଙ୍କ ଉପରେ ଚଁଅର ବୁଲାଇବାକୁ ଲାଗିଲେ । ଏହାପରେ କବୀର ସାହେବଙ୍କ ସତ୍ୟଲୋକର ତେଜମୟ ରୂପ ବାଳକ ରୂପୀ କବୀର ସାହେବଙ୍କ ଶରୀରରେ ବିଲୀନ ହୋଇଗଲେ ଏବଂ ପାଞ୍ଚ ବର୍ଷୀୟ ବାଳକ ରୂପରେ କବୀର ପରମେଶ୍ୱର ଏକୁଟିଆ ସିଂହାସନ ଉପରେ ବିରାଜମାନ ଥିଲେ, ଚଁଅର ସ୍ୱତପ୍ରବୃତ୍ତଃ ଭାବେ ଚାଲୁଥିଲା । ପରମେଶ୍ୱର ଏହି ସମୟରେ ରାମାନନ୍ଦଜୀଙ୍କ ଆତ୍ମାକୁ ପୁନର୍ବାର ଶରୀର ମଧ୍ୟକୁ ପ୍ରବେଶ କରିଦେଲେ । ତାଙ୍କର ସମାଧି ଭଙ୍ଗ ହୋଇଗଲା । ଆଖି ଆଗରେ ଦେଖିଲେ କବୀର ସାହେବ ପାଞ୍ଚ ବର୍ଷୀୟ ବାଳକ ରୂପ ଧାରଣ କରି ବସିଛନ୍ତି । ସେତେବେଳେ ସ୍ୱାମୀ ରାମାନନ୍ଦଜୀ କହିବାକୁ ଲାଗିଲେ ଯେ :-

ତହାଁ ଓହାଁ ଚିତ ଚକ୍ରିତ ଭୟା, ଦେଖି ଫଜଲ ଦରବାର ।
ଗରୀବଦାସ ସିଜଦା କିୟା, ହମ ପାୟେ ଦୀଦାର ॥୫୨୩॥
ତୁମ ସ୍ୱାମୀ ମୈ ବାଲ ବୁଦ୍ଧି, ଭର୍ମକର୍ମ କିୟେ ନାଶ ।
ଗରୀବଦାସ ନିଜ ବ୍ରହ୍ମ ତୁମ, ହମରେ ଦୃଢ ବିଶ୍ୱାସ ॥୫୨୪॥
ସୁନ୍ନ-ବେସୁନ୍ନ ସେଁ ତୁମ ପରେ, ଉରେଁ ସେ ହମରେ ତୀର ।
ଗରୀବଦାସ ସରବଂଗମେଁ, ଅବିଗତ ପୁରୁଷ କବୀର ॥୫୨୫॥

କୋଟି କୋଟି ସିଜଦେ କରେଁ, କୋଟି କୋଟି ପ୍ରଣାମ ।
ଗରୀବଦାସ ଅନହଦ ଅଧର, ହମ ପରସେଁ ତୁମ ଧାମ ॥୫୨୬॥
ବୋଲତ ରାମାନନ୍ଦ ଜୀ, ସୁନ କବୀର କରତାର ।
ଗରୀବଦାସ ସବ ରୂପମେଁ, ତୁମହିଁ ବୋଲନ ହାର ॥୫୫୬॥
ତୁମ ସାହିବ ତୁମ ସନ୍ତ ହୌ, ତୁମ ସତଗୁରୁ ତୁମ ହଂସ ।
ଗରୀବଦାସ ତୁମ ରୂପବିନ ଔର ନ ଦୂଜା ଅଂଶ ॥୫୫୭॥
ମୈଁ ଭଗତା ମୁକ୍ତା ଭୟା, କିୟା କର୍ମ କୁନ୍ଦ ନାଶ ।
ଗରୀବଦାସ ଅବିଗତ ମିଲେ, ମେଟି ମନ କୀ ବାସ ॥୫୫୮॥

ଦୋହୁଁଠୌରହେଁଏକତୂଁ,ଭୟାଏକସେଦୋୟ।ଗରୀବଦାସହମକାରଣେଁ,ଉତରେହେଁମଘଜୋୟ॥୫୫୯॥

ବୋଲତ ରାମାନନ୍ଦ ଜୀ, ସୁନ କବୀର କରତାର । ଗରୀବଦାସ ସବ ରୂପ ମେଁ, ତୂଁ ହୀ ବୋଲନହାର ॥

ରାମାନନ୍ଦଜୀ କହିଲେ, ହେ ପରମେଶ୍ୱର ! ହେ କବୀର ପରମାତ୍ମା ! ହେ କବୀର କରତାର (ସର୍ବ ସୃଷ୍ଟିର ରଚୟିତା) ! ଆପଣ ହିଁ ସର୍ବ ବ୍ୟାପକ ପୂର୍ଣ୍ଣ ପରମେଶ୍ୱର ଅଟନ୍ତି ।

ଦହୂଁ ଠୋଡ ହୈ ଏକ ତୂଁ, ଭୟା ଏକ ସେ ଦୋ । ଗରୀବଦାସ ହମ କାରଣେ, ଆଏହୋ ମଗ ଜୋ ॥

ହେ ପରମେଶ୍ୱର କବୀର ! ଉଭୟ ସତ୍ୟଲୋକରେ ଓ ମୋ ସମ୍ମୁଖରେ ଆପଣ ହିଁ ଅଛନ୍ତି ଏବଂ ଆମ୍ଭ ଭଳି ତୁଚ୍ଛ ଜୀବମାନଙ୍କ ପାଇଁ ଏକରୁ ଦୁଇଟି ରୂପ ଧାରଣ କରି ଏଠାକୁ ଆସିଛନ୍ତି ।

ମୈଁ ଭକ୍ତା ମୁକ୍ତା ଭୟା, କର୍ମ କୁନ୍ଦ ଭୟେ ନାଶ । ଗରୀବଦାସ ଅବିଗତ ମିଲେ, ମିଟ ଗଈ ମନ କୀ ବାଁସ ॥

ରାମାନନ୍ଦଜୀ ୧୦୪ ବର୍ଷୀୟ ମହାପୁରୁଷ ଅଟନ୍ତି ଏବଂ ପାଞ୍ଚ ବର୍ଷୀୟ ବାଳକ କବୀର ପରମେଶ୍ୱରଙ୍କୁ ସେ କହୁଛନ୍ତି ଯେ ମୁଁ ଆପଣଙ୍କ ଦାସ, ମୁକ୍ତ ହୋଇଗଲି ଏବଂ ମୋ ମନର ସମସ୍ତ ଭ୍ରମ ଦୂର ହୋଇଗଲା । ମୋତେ ପରମାତ୍ମାଙ୍କ ବାସ୍ତବିକ ସ୍ୱରୂପ ଦର୍ଶନ ହୋଇଗଲା । ହେ ପୂର୍ଣ୍ଣ ପରମାତ୍ମା କବୀର ସାହେବ (କବିର୍ଦେବ) ! ଚାରି ପବିତ୍ର ବେଦ ଏବଂ ପବିତ୍ର ଗୀତା ଆପଣଙ୍କର ହିଁ ଗୁଣଗାନ୍ କରୁଛନ୍ତି । ସ୍ୱୟଂ କବିର୍ଦେବ (କବୀର ପରମେଶ୍ୱର) ମଧ୍ୟ କହିଛନ୍ତି :-

ବେଦ ହମାରା ଭେଦ ହୈ, ମୈଁ ନା ବେଦନ କେ ମାହୀଁ । ଜିସ ବେଦ ସେ ମୈଁ ମିଲୂଁ, ବେଦ ଜାନତେ ନାହୀଁ ।

ଭାବାର୍ଥ ଏହା ଯେ ଚାରି ପବିତ୍ର ବେଦରେ ପୂର୍ଣ୍ଣ ପରମାତ୍ମାଙ୍କର ହିଁ ଜ୍ଞାନ ଅଛି । ପରନ୍ତୁ ପୂଜା କରିବାର ବିଧି କେବଳ ଜ୍ୟୋତି ନିରଞ୍ଜନ ପର୍ଯ୍ୟନ୍ତ ଅଛି । ପରମେଶ୍ୱର କବୀର (କବିର୍ଦେବ)ଙ୍କ ପୂଜା ବିଧିର ଜ୍ଞାନ ଓ ତତ୍ତ୍ୱଜ୍ଞାନ ପାଇଁ ପବିତ୍ର ଚାରି ବେଦ ଓ ପବିତ୍ର ଗୀତାରେ କୁହାଯାଇଛି ଯେ ସେହି ଜ୍ଞାନ କେହି ତତ୍ତ୍ୱଦର୍ଶୀ ସନ୍ଥ ହିଁ କହି ପାରିବେ, ଯିଏ ସ୍ୱୟଂ ହିଁ ପରମେଶ୍ୱର ହୋଇଥିବେ ଅଥବା ତାଙ୍କ ଦ୍ୱାରା ପ୍ରେରିତ ବାସ୍ତବିକ ପ୍ରତିନିଧି ହୋଇଥିବେ । ତାଙ୍କଠାରୁ ଉପଦେଶ ପ୍ରାପ୍ତ କରିବା ପରେ ପୂର୍ଣ୍ଣମୋକ୍ଷ ଓ ପରମ ଶାନ୍ତି ପ୍ରାପ୍ତି ହୁଏ ।

❑❑❑

## ପବିତ୍ର ଶାସ୍ତ୍ର ମଧ୍ୟ କବିର୍ଦ୍ଦେବ (କବୀର ପରମେଶ୍ୱର)ଙ୍କ ସାକ୍ଷୀ

ଏହି ପ୍ରକାରେ କବିର୍ଦ୍ଦେବ(କବୀର ପରମେଶ୍ୱର) ମୁସଲମାନଙ୍କୁ କେଉଁଠି ଖରାପ କହିନାହାଁନ୍ତି, ନା ପବିତ୍ର କୁରାନ ଶରୀଫଙ୍କୁ ଭୁଲ ବୋଲି କହିଛନ୍ତି, କେବଳ ସେହି କାଜୀ ଓ ମୁଲ୍ଲାମାନଙ୍କୁ ତିରସ୍କାର କରିଛନ୍ତି ଯେଉଁମାନେ ସର୍ବ ସମାଜକୁ କୁରାନ ଶରୀଫର ବାସ୍ତବିକ ଜ୍ଞାନ ବିପରୀତ ମନମୁଖୀ ସାଧନା କରାଉଛନ୍ତି ।

ଯେପରି ପବିତ୍ର ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବଙ୍କ ବିଷୟରେ ଜନ୍ମ ନେଇ ଅବତାର ରୂପେ ଆସିଥିବାର କେହି କହିଥାନ୍ତି, କେବେ ଜନ୍ମ ନେଉନଥିବା ନିରାକାର ବୋଲି କେହି କେହି କହିଥାନ୍ତି । ତାଙ୍କ ବିଷୟରେ (ଧୀରାଣାମ୍) ତତ୍ତ୍ୱଦର୍ଶୀ ସନ୍ଥ ହିଁ କହିପାରିବେ । ମୁଁ (ବ୍ରହ୍ମ) ଜାଣେ ନାହିଁ (ଯଜୁର୍ବେଦ ଅଧ୍ୟାୟ ୪୦ ର ମନ୍ତ୍ର ୧୦) । ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ଓ ଅଧ୍ୟାୟ ୧୫ ର ଶ୍ଳୋକ ୧ ରୁ ୪ ରେ ମଧ୍ୟ ଅଛି । ଯେ ପର୍ଯ୍ୟନ୍ତ ସେହି ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିଛନ୍ତି ସେ ପର୍ଯ୍ୟନ୍ତ ଜୀବର କଲ୍ୟାଣ ଅସମ୍ଭବ । ସେହି ସନ୍ଥ ଏବେ ଆସି ଯାଇଛନ୍ତି, ସେହି ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ ।

### "ପବିତ୍ର କୁରାନ ଶରୀଫରେ ପ୍ରମାଣ"

ଏହି ପ୍ରକାରେ ପବିତ୍ର କୁରାନ ଶରୀଫ ଅଧ୍ୟାୟ ସୂରତ୍ ଫୁର୍କାନୀ ସଂ. ୨୫, ଆୟତ ୫୨ ରୁ ୫୯ ରେ କୁହାଯାଇଛି ଯେ ବାସ୍ତବରେ (ଇବାଦଇ କବୀରା) ପୂଜାର ଯୋଗ୍ୟ କବୀର ଅଲ୍ଲାହ ଅଟନ୍ତି । ଏହି କବୀର ସେହି ପୂର୍ଣ୍ଣ ପରମାତ୍ମା ଅଟନ୍ତି ଯିଏ ଛଅ ଦିନରେ ସୃଷ୍ଟି ରଚନା କରି ସପ୍ତମ ଦିନରେ ସିଂହାସନ ଉପରେ ଯାଇ ବିରାଜମାନ ହେଲେ, ତାଙ୍କ ଖବର କୌଣସି ବାଖବର (ତତ୍ତ୍ୱଦର୍ଶୀ)ଙ୍କୁ ପଚାରି ବୁଝ ।

ପବିତ୍ର କୁରାନ ଶରୀଫ ଜ୍ଞାନଦାତା ସ୍ୱୟଂ ଆଲ୍ଲାହ କେଉଁ ଅନ୍ୟ କବୀର ନାମକ ପ୍ରଭୁଙ୍କ ଆଡକୁ ସଙ୍କେତ କରୁଛନ୍ତି ଏବଂ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମା କବୀରଙ୍କ ବିଷୟରେ ମୁଁ ମଧ୍ୟ ଜାଣି ନାହିଁ, ତାଙ୍କ ବିଷୟରେ କୌଣସି ତତ୍ତ୍ୱଦର୍ଶୀ ସନ୍ଥ (ବାଖବର୍)ଙ୍କ ଠାରୁ ପଚାରି ବୁଝନ୍ତୁ ।

କବିର୍ଦ୍ଦେବ ଏହା ହିଁ କହିଥିଲେ ଯେ ମୁଁ ସ୍ୱୟଂ ପୂର୍ଣ୍ଣ ପରମାତ୍ମା(ଆଲ୍ଲା କବୀର/ଅକବିରୁ) ଅଟେ । ନିଜ ସ୍ୱସ୍ଥ ଜ୍ଞାନର ସଂଦେଶବାହକ ରୂପେ ମୁଁ ସ୍ୱୟଂ ଆସିଅଛି । ଏହା ହେଉଛି ମୋର ପରିଚୟ, ମୋତେ ଚିହ୍ନନ୍ତୁ । ପରନ୍ତୁ ସର୍ବ ପଣ୍ଡିତ ଓ ଆଚାର୍ଯ୍ୟଗଣ ବହୁ ପୁର୍ବରୁ ପରମେଶ୍ୱରଙ୍କର ଏହି ବାସ୍ତବିକ ଜ୍ଞାନକୁ ଏହିଭଳି ଜନତାଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ଦେଇ ନାହାଁନ୍ତି । ସେମାନେ କହିଥିଲେ ଯେ କବୀର ତ ଅଶିକ୍ଷିତ, ସେ ସଂସ୍କୃତ ଜାଣେ ନାହିଁ । କେବଳ ଆମ୍ଭେମାନେ ଶିକ୍ଷିତ । ଏହି କଥାରେ ଭକ୍ତଗଣ ପ୍ରଥମେ ପଥଭ୍ରଷ୍ଟ ହୋଇ ଯାଇଥିଲେ କିନ୍ତୁ ବର୍ତ୍ତମାନର ସର୍ବ ସମାଜ ଶିକ୍ଷିତ ଅଟେ । ତେଣୁ ଏହି ମାର୍ଗଭ୍ରଷ୍ଟ ଆଚାର୍ଯ୍ୟମାନଙ୍କର ଏବେ ଭାତ ହଜମ ହେଉନାହିଁ, ହେବ ମଧ୍ୟ ନାହିଁ ।

ସଲ୍ଲି ଅଲା:- ଜ-ସ-ଦି ମୁହମ୍ମଦିନ ଫିଲ୍ ଅଜ୍ୱାଦି ଆଲ୍ଲାହୁମ୍ ମ ସଲ୍ଲି ଅଲା କବିର୍ (କବୀର୍) ମୁହମ୍ମିଦ୍ ଫିଲ୍ କୁବୂରିଂ ଫଜାଇଲେ ଜିକ୍ର

୫. ହୁଜୂରେ ଅକଦସ ସଲ୍ଲଲ୍ଲାହୁ ଅଲୈହି ଓ ସଲ୍ଲମ କା ଇର୍ଶାଦ ହୈ କି କୋଇ ବନ୍ଦା ଐସା ନହିଁ

٥-عَنْ اَبِیْ هُرَیْرَةَ رض قَالَ قَالَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ مَا
قَالَ عَبْدٌ لَآ اِلٰہَ اِلَّا اللّٰہُ اِلَّا فُتِحَتْ لَہٗ اَبْوَابُ السَّمَآءِ حَتّٰی یُفْضِیَ اِلَی الْعَرْشِ
مَا اجْتُنِبَتِ الْکَبَائِرُ۔ رواہ الترمذی وھکذا فی المشکوٰۃ لکن لیس فیھا
حسن بل غریب فقط قال القاری و رواہ النسائی وابن حبان وعزاہ
السیوطی فی الجامع الی الترمذی و رقم لہ بالحسن وحکاہ السیوطی فی
الدر من طریق ابن مردویہ عن ابی ھریرۃ ولیس فیہ ما اجتنبت الکبائر
وفی الجامع الصغیر بروایۃ الطبرانی عن معقل ابن یسار لکل شی مفتاح
ومفتاح السموات قول لَآ اِلٰہَ اِلَّا اللّٰہُ ورقم لہ بالضعف۔

କି 'ଲାଇଲା-ହ-ଇଲ୍ଲାଲ୍ଲାହହ' କହେ ୱୌର ଉସକେ ଲିଏ ଆସମାନୋଁ କେ ଦରବାଜେଁ ନ ଖୁଲ ଜାୟେଁ, ୟହାଁ ତକ କି ୟହ କଲିମା ସୀଧା ଅର୍ଶ ତକ ପହୁଁଚତା ହୈ, ବଶର୍ତେ କି କବୀରା ଗୁନାହୋଁ ସେ ବଚାତା ରହେ ।

ଫ-କିତନୀ ବଡୀ ଫଜୀଲତ ହୈ ୱୌର କୁବୂଲିୟତ କୀ ଇନ୍ତିହା ହୈ କି ୟହ କଲିମା ବରାହେ ରାସ୍ତ ଅର୍ଶେ ମୁଅଲ୍ଲା ତକ ପହୁଁଚତା ହୈ ୱୌର ୟହ ଅଭୀ ମାଲୂମ ହୋ ଚୁକା ହୈ କି ଅଗର କବୀରା ଗୁନାହୋଁ କେ ସାଥ ଭୀ କହା ଜାୟେ, ତୋ ନଫା ସେ ଉସ ବକ୍ତ ଭୀ ଖାଲି ନହୀଁ ।

ମୁଲ୍ଲା ଅଲୀ କାରୀ ରହଂ ଫରମାତେ ହୈଁ କି କବାଇର ସେ ବଚନେ କୀ ଶର୍ତ କୁବୂଲ କୀ ଜଲଦୀ ୱୌର ଆସମାନ କେ ସବ ଦରବାଜେ ଖୁଲନେ କେ ଏତାବର ସେ ହୈ, ବରନା ସବାବ ୱୌର କୂବୂଲ ସେ କବାଇର (କବୀର) କେ ସାଥ ଭୀ ଖାଲି ନହୀଁ ।

ବାଜ ଉଲେମା ନେ ଇସ ହଦୀସ କା ୟହ ମତଲବ ବୟାନ ଫରମାୟା ହୈ କି ଐସେ ଶଖ୍ସ କେ ବାସ୍ତେ ମରନେ କେ ବାଦ ଉସ କୀ ରୂହ କେ ଏଜାଜ ମେଁ ଆସମାନ କେ ସବ ଦରବାଜେ ଖୁଲ ଜାୟେଙ୍ଗେ ।

ଏକ ହଦୀସ ମେଁ ଆୟା ହୈ, ଦୋ କଲିମେ ଐସେ ହୈଁ କି ଉନମେଁ ସେ ଏକ କେ ଲିଏ ଅର୍ଶ କେ ନୀଚେ କୋଈ ମୁନ୍ତହା ନହୀଁ । ଦୂସରା ଆସମାନ ୱୌର ଜମିନ କୋ (ଅପନେ ନୂର ୟା ଅପନେ ଅଜ୍ର ସେ) ଭର ଦେ-ଏକ 'ଲାଇଲା-ହ-ଇଲ୍ଲଲାହ' ହୈ, ଦୂସରା 'ଅଲ୍ଲାହୁ ଆକବର' (କବୀର) ହୈ,

## "ପବିତ୍ର ବେଦରେ ପ୍ରମାଣ"

କବିର୍ଦେବ ନିଜ ଜ୍ଞାନର ଦୂତ ହୋଇ ସ୍ୱୟଂ ଆସିଥାନ୍ତି ତଥା ନିଜ ସୁଷ୍ଠୁ ଜ୍ଞାନ(ବାସ୍ତବିକ ତତ୍ତ୍ୱଜ୍ଞାନ) ର ପ୍ରଚାର ସ୍ୱୟଂ ହିଁ କରିଥାନ୍ତି ।

ସ୍ୱୟଂ କବିର୍ଦେବ(କବୀର ପରମେଶ୍ୱର)ଜୀ ନିଜ ଅମୃତ ବାଣୀରେ କହିଛନ୍ତି ଯେ :-

ଶବ୍ଦ.- ଅବିଗତ ସେ ଚଲ ଆଏ, କୋଈ ମେରା ଭେଦ ମର୍ମ ନହୀଁ ପାୟା । (ଟେକ) ନ ମେରା ଜନ୍ମ ନ ଗର୍ଭ ବସେରା, ବାଳକ ହୋ ଦିଖଲାୟା । କାଶୀ ନଗର ଜଲ କମଲ ପର ଡେରା, ୱହାଁ ଜୁଲାହେ ନେ ପାୟା । ମାତା- ପିତା ମେରେ କୁଛ ନହୀଁ, ନା ମେରେ ଘର ଦାସୀ (ପତ୍ନୀ) । ଜୁଲହା କା ସୁତ ଆନ କହାୟା, ଜଗତ କରେଁ ମେରୀ ହାଁସୀ ॥ ପାଞ୍ଚତତ୍ତ୍ୱ କା ଧଡ ନହୀଁ ମେରା, ଜାନୁଁ ଜ୍ଞାନ ଅପାରା । ସତ୍ୟ ସ୍ୱରୂପୀ(ବାସ୍ତବିକ) ନାମ ସାହେବ(ପୂର୍ଣ୍ଣ ପ୍ରଭୁ) କା ସୋଈ ନାମ ହମାରା ॥ ଅଧର ଦ୍ୱୀପ (ଉପର ସତ୍ୟଲୋକ ମେଁ) ଗଗନ ଗୁମ୍ଫା ମେଁ ତହାଁ ନିଜ ବସ୍ତୁ ସାରା । ଜ୍ୟୋତ ସ୍ୱରୂପୀ ଅଲଖ ନିରଂଜନ (ବ୍ରହ୍ମ) ଭୀ ଧରତା ଧ୍ୟାନ ହାମାରା ॥ ହାଡ ଚାମ ଲହୁ ନା ମେରେ କୋଈ ଜାନେ ସତ୍ୟନାମ ଉପାସୀ । ତାରନ ତରନ ଅଭୟ ପଦ ଦାତା, ମୈଁ ହୂଁ କବୀର ଅବିନାଶୀ ।

ଉପରୋକ୍ତ ଶବ୍ଦରେ କବୀର ପରମେଶ୍ୱର କହୁଛନ୍ତି ଯେ ନାଁ ମୋର କେହି ପତ୍ନୀ ଅଛନ୍ତି ନାଁ ମୋର ପାଞ୍ଚତତ୍ତ୍ୱ (ହାଡ଼, ଚର୍ମ, ଲହୁ ଅର୍ଥାତ୍ ନାଡିଯୁକ୍ତ କାୟା)ର ଶରୀର ଅଛି । ମୁଁ ସ୍ୱୟଂମ୍ଭୁ ତଥା କାଶୀର ଲହର ତାରା ନାମକ ପୁଷ୍କରିଣୀର ଜଳର ପଦ୍ମଫୁଲ ଉପରେ ସ୍ୱୟଂ ପ୍ରକଟ ହୋଇ ବାଳକ ରୂପ ଧାରଣ କରିଥିଲି । ସେଠାରୁ ମୋତେ ନୀରୁ ନାମକ ଜୁଲାହା(ବୁଣାକାର/ତନ୍ତି) ଘରକୁ ଆଣିଥିଲେ । ପରମେଶ୍ୱରଙ୍କର ଅର୍ଥାତ୍ ମୋର ଯେଉଁ ବାସ୍ତବିକ ନାମଗୁଡିକ ଅଛି (ବେଦରେ କବିର୍ଦେବ, ଗୁରୁଗ୍ରନ୍ଥ ସାହେବରେ ହକ୍କା କବୀର ତଥା କୁରାନ ଶରୀଫରେ ଅଲ୍ଲାହ କବୀରନ୍) ସେହି ନାମଗୁଡିକ ମୋର ଅଟେ । ମୁଁ ଉପରିସ୍ଥ ଋତଧାମରେ ଅବସ୍ଥାନ କରେ ତଥା ଆପଣଙ୍କ ଭଗବାନ ଜ୍ୟୋତି ନିରଞ୍ଜନ (ବ୍ରହ୍ମ) ମଧ୍ୟ ମୋର ପୂଜା କରେ । ଏହାର ପ୍ରମାଣ ସତ୍ୟାର୍ଥ ପ୍ରକାଶ ସପ୍ତମ ସମୁଲ୍ଲାସ (ପୃ.-୧୫୨-୧୫୩, ଦୀନା ନଗର ପଞ୍ଜାବରୁ ପ୍ରକାଶିତ) ରେ ମଧ୍ୟ ଅଛି । ସ୍ୱାମୀ ଦୟାନନ୍ଦଜୀ ଯଜୁର୍ବେଦ ଅଧ୍ୟାୟ ୧୩ ର ମନ୍ତ୍ର ୪ ତଥା ଋଗବେଦ ମଣ୍ଡଳ ୧୦, ସୁକ୍ତ ୪୯ ର ମନ୍ତ୍ର ୧ ର ଅନୁବାଦ କରି କହିଛନ୍ତି । ଯେଉଁଥିରେ ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ (୫ = ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୪୯ ମନ୍ତ୍ର ୧ ତଥା ୬ = ଯଜୁର୍ବେଦ ଅଧ୍ୟାୟ ୧୩ ମଣ୍ଡଳ ୪) ହେ ମନୁଷ୍ୟଗଣ ! ଯିଏ ସୃଷ୍ଟି ପୂର୍ବର ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ଓ ସମସ୍ତଙ୍କର ସ୍ୱାମୀ ଥିଲେ, ଅଛନ୍ତି, ଆଗକୁ ମଧ୍ୟ ରହିବେ ସେ ସମସ୍ତ ସୃଷ୍ଟିର ସଂରଚନା କରି ଧାରଣ କରିଛନ୍ତି । ସେହି ସୁଖ ସ୍ୱରୂପୀ ପରମାତ୍ମାଙ୍କର

ଭକ୍ତି ଯେପରି ଆମ୍ଭେମାନେ (ବ୍ରହ୍ମ ଓ ଅନ୍ୟ ଦେବତାମାନେ ମଧ୍ୟ ତାଙ୍କ ସାଧନା) କରୁଅଛୁ ସେହିଭଳି ତୁମ୍ଭେମାନେ ମଧ୍ୟ କର ।

ପ୍ରମାଣ -୧. ପବିତ୍ର ଯଜୁର୍ବେଦ ଅଧ୍ୟାୟ ୨୯ ର ମନ୍ତ୍ର ୨୫ -

ସମିଦ୍ଧୋऽଅଦ୍ୟ ମନୁଷୋ ଦୁରୋଣେ ଦେବୋ ଦେବାନ୍ୟଜସି ଜାତବେଦଃ ।
ଆ ଚ ବହ ମିତ୍ରମହଶ୍ଚିକିତ୍ୱାନ୍ତ୍ୱଂ ଦୂତଃ କବିରସି ପ୍ରଚେତାଃ ॥୨୫॥

ସମିଦ୍ଧୋ-ଅଦ୍ୟ - ମନୁଷଃ-ଦୁରୋଣେ-ଦେବଃ-ଦେବାନ୍ - ଯଜ୍ -ଅସି-ଜାତ-ବେଦଃ-ଆ-ଚ-ବହ-ମିତ୍ରମହଃ -ଚିକିତ୍ୱାନ୍-ତ୍ୱମ୍-ଦୂତଃ-କବିର୍-ଅସି-ପ୍ରଚେତାଃ ।

ଅନୁବାଦ:- (ଅଦ୍ୟ) ଆଜି ଅର୍ଥାତ୍ ବର୍ତ୍ତମାନ ସମୟରେ (ଦୁରୋଣେ) ଶରୀର ରୂପୀ ମହଲରେ ଦୂରାଚାର ପୂର୍ବକ (ମନୁଷଃ) ମିଥ୍ୟା ପୂଜାରେ ଲୀନ ମନନଶୀଳ ବ୍ୟକ୍ତିମାନଙ୍କୁ (ସମିଦ୍ଧଃ) ଲାଗିଥିବା ଅଗ୍ନୀ ଅର୍ଥାତ୍ ଶାସ୍ତ୍ରବିଧି ରହିତ ବର୍ତ୍ତମାନର ପୂଜା ଯାହା ହାନିକାରକ ହୋଇଥାଏ, ସେହି ସ୍ଥାନରେ (ଦେବାନ୍)ଦେବତାମାନଙ୍କର (ଦେବଃ) ଦେବତା (ଜାତବେଦଃ) ପୂର୍ଣ୍ଣ ପରମାତ୍ମା ସତ୍ୟପୁରୁଷଙ୍କର ବାସ୍ତବିକ (ଯଜ୍) ପୂଜା (ଅସି) ଅଟେ। (ଆ) ଦୟାଳୁ, (ମିତ୍ରମହଃ) ଜୀବର ବାସ୍ତବିକ ସାଥୀ ପୂର୍ଣ୍ଣ ପରମାତ୍ମାଙ୍କ ହିଁ ନିଜ (ଚିକିତ୍ୱାନ୍) ସୁସ୍ଥ ଜ୍ଞାନ ଅର୍ଥାତ୍ ଯଥାର୍ଥ ଭକ୍ତିକୁ (ଦୂତଃ) ସନ୍ଦେଶବାହକ ରୂପରେ (ବହ) ଆଣି ଆସିଥିବା (ଚ) ତଥା (ପ୍ରଚେତାଃ) ବୋଧ କରାଉଥିବା (ତ୍ୱମ୍) ଆପଣ (କବିର୍ଦେବ ଅର୍ଥାତ୍ କବୀର ପରମେଶ୍ୱର) କବୀର (ଅସି) ଅଟନ୍ତି ।

ଭାବାର୍ଥ:- ଯେଉଁ ସମୟରେ ଭକ୍ତ ସମାଜକୁ ଶାସ୍ତ୍ରବିଧି ତ୍ୟାଗ କରାଇ ମନମୁଖି ଆଚରଣ (ପୂଜା) ପାଇଁ ପ୍ରବର୍ତ୍ତାଯାଏ। ସେହି ସମୟରେ କର୍ବିଦେବ (କବୀର ପରମେଶ୍ୱର) ତତ୍ତ୍ୱଜ୍ଞାନକୁ ପ୍ରକଟ କରାଇଥାନ୍ତି।

ପ୍ରମାଣ ୨. ପବିତ୍ର ସାମବେଦ ସଂଖ୍ୟା ନଂ ୧୪୦୦ ରେ

ସଂଖ୍ୟା ନଂ. ୩୫୯ ସାମବେଦ ଅଧ୍ୟାୟ ନଂ ୪ ର ଖଣ୍ଡ ନଂ ୨୫ ର ଶ୍ଲୋକ ନଂ ୮ -

ପୁରାଂ ଭିନ୍ଦୁର୍ଯୁବା କବୀରମିତୌଜା ଅଜାୟତ ।
ଇନ୍ଦ୍ରୋ ବିଶ୍ୱସ୍ୟ କର୍ମଣୋ ଧର୍ତା ବଜ୍ରୀ ପୁରୁଷ୍ଟୁତଃ ॥୪॥

ପୁରାମ୍-ଭିନ୍ଦୁଃ-ଯୁବା-କବୀର୍-ଅମିତ-ଔଜା-ଅଜାୟତ-ଇନ୍ଦ୍ରଃ-ବିଶ୍ୱସ୍ୟ-କର୍ମଣଃ-ଧର୍ତା-ବର୍ଜୀ-ପୁରୂଷ୍ଟୁତଃ ।

ଶବ୍ଦାର୍ଥ:- (ଯୁବା) ପୂର୍ଣ୍ଣ ସମର୍ଥ (କବିର) କବିର୍ଦେବ ଅର୍ଥାତ୍ କବୀର ପରମେଶ୍ୱର(ଅମିତଔଜା) ବିଶାଳ ଶକ୍ତିଯୁକ୍ତ ଅର୍ଥାତ୍ ସର୍ବ ଶକ୍ତିମାନ ଅଟନ୍ତି (ଅଜାୟତ) ତେଜପୁଞ୍ଜର ମାୟାବୟୀ ଶରୀରରେ (ଧର୍ତା) ପ୍ରକଟ ହୋଇ ଅର୍ଥାତ୍ ଅବତାର ଧାରଣ କରି (ବଜ୍ରୀ) ନିଜର ସତ୍ୟଶବ୍ଦ ଓ ସତ୍ୟନାମ ରୂପୀ ଶସ୍ତ୍ର ଦ୍ୱାରା (ପୂରାମ୍) କାଳ-ବ୍ରହ୍ମର ପାପ ରୂପୀ ବନ୍ଧନ ରୂପୀ ଦୁର୍ଗକୁ (ଭିନ୍ଦୁଃ) ଭାଙ୍ଗି ପାରୁଥିବା, ଖଣ୍ଡ ଖଣ୍ଡ କରୁଥିବା (ଇନ୍ଦ୍ରଃ) ସର୍ବ ସୁଖଦାୟକ ପରମେଶ୍ୱର (ବିଶ୍ୱସ୍ୟ) ସମସ୍ତ ଜଗତର, ସର୍ବ ପ୍ରାଣୀମାନଙ୍କର (କର୍ମଣଃ) ମନସାବାଚା କର୍ମଣା ଅର୍ଥାତ୍ ପୂର୍ଣ୍ଣ ନିଷ୍ଠାର ସହିତ ଅନନ୍ୟ ମନରେ ଧାର୍ମିକ କର୍ମ ଦ୍ୱାରା ସତ୍ୟଭକ୍ତି ଦ୍ୱାରା(ପୁରୂଷ୍ଟୁତଃ) ସ୍ତୁତି ଉପାସନା କରିବା ଯୋଗ୍ୟ ଅଟନ୍ତି ।

{ଯେପରି ବାଳକ ଓ ବୃଦ୍ଧ ସର୍ବ କାର୍ଯ୍ୟ କରିବା ପାଇଁ ସମର୍ଥ ନୁହଁନ୍ତି, ସର୍ବ କାର୍ଯ୍ୟ କରିବାର କ୍ଷମତା ଯୁବ ବ୍ୟକ୍ତିମାନଙ୍କର ଥାଏ । ଏହିପରି ପରବ୍ରହ୍ମ-ବ୍ରହ୍ମ ଓ ତ୍ରିଲୋକୀୟ ବ୍ରହ୍ମା-ବିଷ୍ଣୁ-ଶିବ ଓ ଅନ୍ୟ ଦେବୀ-ଦେବତାମାନଙ୍କୁ ବାଳକ ତଥା ବୃଦ୍ଧ ବୋଲି ବୁଝନ୍ତୁ ଏଥିପାଇଁ କବୀର ପରମେଶ୍ୱରଙ୍କୁ ବେଦରେ ଯୁବକର ଉପମା ଦିଆଯାଇଛି ।}

ଭାବାର୍ଥ:- ଯେଉଁ କବିର୍ଦେବ (କବୀର ପରମେଶ୍ୱର) ସଂସାରକୁ ତତ୍ତ୍ୱଜ୍ଞାନ ଆଣି ଆସନ୍ତି, ସେ ସର୍ବ ଶକ୍ତିମାନ ଅଟନ୍ତି ତଥା କାଳ (ବ୍ରହ୍ମ)ର କର୍ମ ରୂପୀ ଦୁର୍ଗକୁ ଭାଙ୍ଗି ଚୂରମାର୍ କରି ଦିଅନ୍ତି । ସେ ସର୍ବ ସୁଖଦାତା ଅଟନ୍ତି ତଥା ସମସ୍ତଙ୍କର ପୂଜ୍ୟ ଅଟନ୍ତି ।

ସଂଖ୍ୟା ନଂ ୧୪୦୦ ସାମବେଦ ଉତାର୍ଚିକ ଅଧ୍ୟାୟ ନଂ ୧୨ ଖଣ୍ଡ ନଂ ୩, ଶ୍ଲୋକ ନଂ ୫ ।

ଭଦ୍ରା ବସ୍ତ୍ରା ସମନ୍ୟାऽବସାନୋ ମହାନ୍ କବିର୍ନିର୍ବାଚନି ଶଂସନ୍ ।
ଆ ବଚ୍ୟସ୍ୱ ଚମ୍ୱୋଃ ପୂୟମାନୋ ବିଚକ୍ଷଣୋ ଜାଗୃବିର୍ଦେବବୀତୌ ॥୫ ॥

ଭଦ୍ରା ବସ୍ତ୍ରା ସମନ୍ୟା ବସଅନଃ ମହାନ୍ କବୀର୍ ନିବଚନାନି ଶଂସନ୍ ଆବଚ୍ୟସ୍ୱ ଚମ୍ୱୋଃ ପୂୟମାନଃ
ବିଚକ୍ଷଣଃ ଜାଗୃବିଃ ଦେବ ବୀତୌ

ଅନୁବାଦ :- (ବିଚକ୍ଷଣଃ) ଚତୁର ବ୍ୟକ୍ତିମାନେ (ଆବଚ୍ୟସ୍ୱ) ନିଜ ବଚନ ଦ୍ୱାରା ପୂର୍ଣ୍ଣବ୍ରହ୍ମଙ୍କ ପୂଜାକୁ ନ ବତାଇ ଅନ୍ୟ ଉପାସନାର ମାର୍ଗଦର୍ଶନ କରି ଅମୃତ ସ୍ଥାନରେ (ପୂୟମାନଙ୍କ) ଅନ୍ୟ ଉପାସନା {ଯେପରି ଭୂତ-ପ୍ରେତଙ୍କ ପୂଜା, ପିତୃ ପୁରୁଷଙ୍କ ପୂଜା, ତିନି ଗୁଣ(ରଜଗୁଣ-ବ୍ରହ୍ମା, ସତ୍ତ୍ୱଗୁଣ-ବିଷ୍ଣୁ, ତମଗୁଣ-ଶିବଶଙ୍କର) ତଥା ବ୍ରହ୍ମ-କାଳ ଇତ୍ୟାଦିଙ୍କ ପୂଜା} ରୂପୀ ପୂଜ-ନସାକୁ (ଚମ୍ୱୋଃ) ଆଦରର ସହିତ ଆଚମନ (ସେବନ) କରୁଥିବା ଭୁଲ ଜ୍ଞାନକୁ (ଭଦ୍ରା) ପରମ ସୁଖଦାୟକ (ମହାନ କବୀର) ପୂର୍ଣ୍ଣ ପରମାତ୍ମା କବୀର(ବସ୍ତ୍ରା) ସଶରୀରେ ସାଧାରଣ ବେଶ ଭୂଷାରେ "ଅର୍ଥାତ୍ ବସ୍ତ୍ରର ଅର୍ଥ ବେଶଭୂଷା, ସନ୍ଥଙ୍କ ଭାଷାରେ ଏହାକୁ ଚୋଲା ମଧ୍ୟ କହନ୍ତି, ଚୋଲାର ଅର୍ଥ ଶରୀର ଅଟେ । ଯଦି କୌଣସି ସନ୍ଥଙ୍କର ଦେହାନ୍ତ ହୋଇଯାଏ ତେବେ କୁହାଯାଏ ଯେ ସେ ଚୋଲା ଛାଡ଼ିଗଲେ" (ସମନ୍ୟା) ନିଜ ସତ୍ୟଲୋକ ରୂପୀ ଶରୀର ସଦୃଶ ତେଜ ପୁଞ୍ଜର ଶରୀର ଧାରଣ କରି (ବସାନଃ) ସାଧାରଣ ବ୍ୟକ୍ତିଙ୍କ ଭଳି ଜୀବନ ଅତିବାହିତ କରି କିଛି ଦିନ ସଂସାରରେ ରହି (ନିବଚନାନି) ନିଜ ଶବ୍ଦାବଳୀ ଆଦି ମାଧ୍ୟମରେ ସତ୍ୟଜ୍ଞାନ (ଶଂସନ୍) ବର୍ଣ୍ଣନା କରି (ଦେବ) ପୂର୍ଣ୍ଣ ପରମାତ୍ମାଙ୍କର (ବୀତୌ) ଲୁଚି ରହିଥିବା ସଗୁଣ-ନିର୍ଗୁଣ ଜ୍ଞାନ ଆଦିକୁ (ଜାଗୃବିଃ) ଜାଗ୍ରତ କରିଥାନ୍ତି ।

ଭାବାର୍ଥ :- ଶାସ୍ତ୍ରବିଧି ବିରୁଦ୍ଧ ସାଧନା ରୂପି ପୂଜ-ନସା ଅର୍ଥାତ୍ ଘାତକ ସାଧନା ଉପରେ ଆଧାରିତ ଭକ୍ତ ସମାଜକୁ ତତ୍ତ୍ୱଜ୍ଞାନ ବୁଝାଇବା ପାଇଁ କବିର୍ଦେବ(କବୀର ପରମେଶ୍ୱର) ଏହି ସଂସାରରେ ପ୍ରକଟ ହୁଅନ୍ତି । ସେହି ସମୟରେ ନିଜ ତେଜମୟ ଶରୀର ଉପରେ ଅନ୍ୟ ଶରୀର ରୂପୀ ବସ୍ତ୍ର (ହାଲୁକା ତେଜଯୁକ୍ତ) ପରିଧାନ କରି ଆସନ୍ତି । (କାରଣ ପରମେଶ୍ୱରଙ୍କର ବାସ୍ତବିକ ତେଜମୟ ଶରୀରକୁ ଏହି ଚର୍ମ ଦୃଷ୍ଟିରେ ଦେଖାଯାଇ ପାରିବ ନାହିଁ ।) କିଛିଦିନ ସାଧାରଣ ବ୍ୟକ୍ତିଙ୍କ ଭଳି ଜୀବନ ଅତିବାହିତ କରି ଲୀଳା କରନ୍ତି ତଥା ପରମେଶ୍ୱରଙ୍କୁ (ନିଜକୁ) ପ୍ରାପ୍ତ କରିବାର ଜ୍ଞାନକୁ ଉଜାଗର କରନ୍ତି ।

ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭

ଶିଶୁଂ ଜଜ୍ଞାନଂ ହର୍ଯତଂ ମୃଜନ୍ତି ଶୁମ୍ଭନ୍ତି ବହ୍ନି ମରୁତୋ ଗଣେନ ।
କବିର୍ଗୀର୍ଭିଃ କାବ୍ୟେନା କବିଃ ସନ୍ତ୍ସୋମଃ ପବିତ୍ର ମତ୍ୟେତି ରେଭନ୍ ॥୧୭॥
ଶିଶୁମ୍ ଜଜ୍ଞାନମ୍ ହର୍ଯ ତମ୍ ମୃଜନ୍ତି ବହ୍ନି ମରୁତଃ ଗଣେନ ।
କବିଗୀର୍ଭି କାବ୍ୟେନା କବିର୍ ସନ୍ତ ସୋମଃ ପବିତ୍ରମ୍ ଅତ୍ୟେତି ରେଭନ୍ ॥

ଅନୁବାଦ :- ପୂର୍ଣ୍ଣ ପରମାତ୍ମା (ହର୍ଯ ଶିଶୁମ୍) ବିଲକ୍ଷଣ ମନୁଷ୍ୟର ବାଳକ ରୂପରେ (ଯଜ୍ଞାନମ୍) ଜାଣିଶୁଣି ପ୍ରକଟ ହୁଅନ୍ତି ତଥା ନିଜ ତତ୍ତ୍ୱଜ୍ଞାନକୁ (ତମ୍) ସେହି ସମୟରେ (ମୃଜନ୍ତି) ନିର୍ମଳତାର ସହିତ (ଶୁମ୍ଭନ୍ତି) ଉଚ୍ଚାରଣ କରିଥାନ୍ତି । (ବହ୍ନି) ପ୍ରଭୁ ପ୍ରାପ୍ତି ପାଇଁ ଲାଗିଥିବା ବିରହ ଅଗ୍ନିରେ ଜଳୁଥିବା (ମରୁତଃ) ଭକ୍ତ(ଗଣେନ) ସମୂହଙ୍କ ପାଇଁ (କାବ୍ୟେନା) କବିତ୍ୱ ମାଧ୍ୟମରେ କବିତା ଦ୍ୱାରା (ପବିତ୍ରମ୍ ଅତ୍ୟେତି) ଅତ୍ୟଧିକ ନିର୍ମଳତାର ସହିତ (କବୀର ଗୀର୍ଭି) କବିର ବାଣୀ ଅର୍ଥାତ୍ କବୀର ବାଣୀ ଦ୍ୱାରା (ରେଭନ୍) ଉଚ୍ଚସ୍ୱରରେ ସମ୍ବୋଧନ କରି କହିଥାନ୍ତି (କବୀର ସନ୍ଥ ସୋମଃ) ସେହି ଅମର ପୁରୁଷ ଅର୍ଥାତ୍ ସତ୍ୟପୁରୁଷ ହିଁ ସନ୍ଥ ଅର୍ଥାତ୍ ଋଷି ରୂପରେ ସ୍ୱୟଂ କବିର୍ଦେବ ହିଁ ଆସିଥାନ୍ତି । ପରନ୍ତୁ ସେହି ପରମାତ୍ମାଙ୍କୁ ଚିହ୍ନି ନ ପାରି ଲୋକେ ତାଙ୍କୁ କବି ରୂପେ ସମ୍ବୋଧିତ କରିଥାନ୍ତି । ପରନ୍ତୁ ସେ ହିଁ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତାଙ୍କ ବାସ୍ତବିକ ନାମ କବିର୍ଦେବ ଅଟେ ।

ଭାବାର୍ଥ :- ଋଗ୍‌ବେଦ ମଣ୍ଡଳ ନଂ ୯ ସୁକ୍ତ ନଂ ୯୬, ମନ୍ତ୍ର ୧୬ ରେ କୁହାଯାଇଛି ଯେ ଆସ ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମକୁ ଜାଣିବା, ଏହି ମନ୍ତ୍ର ୧୭ ରେ ସେହି ପରମାତ୍ମାଙ୍କ ନାମ ଓ ପରିପୂର୍ଣ୍ଣ ପରିଚୟ ଦିଆଯାଇଛି । ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମା ବିଲକ୍ଷଣ ମନୁଷ୍ୟଯୁକ୍ତ ବାଳକ ରୂପରେ ପ୍ରକଟ ହୋଇ କବିର୍ଦେବ ନିଜ ବାସ୍ତବିକ ଜ୍ଞାନକୁ ନିଜ କବୀର୍ ବାଣୀ ଦ୍ୱାରା ନିର୍ମଳ ଜ୍ଞାନକୁ ନିଜ ହଂସ ଆତ୍ମା ଅର୍ଥାତ୍ ପୁଣ୍ୟାତ୍ମା ଅନୁଗାମୀମାନଙ୍କୁ କବିତା ତଥା ଲୋକଗୀତ ଦ୍ୱାରା ସମ୍ବୋଧନ କରି ଅର୍ଥାତ୍ ଉଚ୍ଚାରଣ କରି ବର୍ଣ୍ଣନା କରିଥାନ୍ତି । ତତ୍ତ୍ୱଜ୍ଞାନ ଅଭାବରୁ ସେହି ସମୟରେ ପ୍ରକଟ ହୋଇଥିବା ଏହି ପରମାତ୍ମାଙ୍କୁ ଚିହ୍ନି ନ ପାରି ଲୋକେ କେବଳ ଜଣେ ଋଷି ବା ସନ୍ଥ ବା କବି ରୂପେ ସ୍ୱୀକାର କରିଥାନ୍ତି । ପରନ୍ତୁ

ସେହି ପରମାତ୍ମା ହିଁ ସ୍ୱୟଂ କହିଥାନ୍ତି ଯେ ମୁଁ ପୂର୍ଣ୍ଣବ୍ରହ୍ମ ଅଟେ । କିନ୍ତୁ ଲୋକବେଦ ଆଧାରରେ ପରମାତ୍ମାଙ୍କୁ ନିରାକାର ଭାବୁଥିବା ପ୍ରଜାଗଣ ଚିହ୍ନି ପାରନ୍ତି ନାହିଁ ଯେପରି କାଶୀରେ ପ୍ରକଟ ପରମାତ୍ମାଙ୍କୁ ଚିହ୍ନି ପାରି ଗରୀବ ଦାସଜୀ ମହାରାଜ ତାଙ୍କ ମହିମା ଗାନ କରିଥିଲେ ତଥା ସେହି ପରମେଶ୍ୱର ନିଜ ମହିମା ବିଷୟରେ ଯାହା କହିଥିଲେ ତାହାର ଯଥାବତଃ ବର୍ଣ୍ଣନା ନିଜ ବାଣୀରେ କରିଛନ୍ତି –

ଗରୀବ, ଜାତି ହମାରୀ ଜଗତ ଗୁରୁ, ପରମେଶ୍ୱର ହୈ ପନ୍ଥ । ଦାସଗରୀବ ଲିଖ ପଡେ ନାମ ନିରଂଜନ କଁତ ॥
ଗରୀବ, ହମହୀ ଅଲଖ ଅଲ୍ଲାହ ହୈ, କୁତୁବ ଗୋସ ଔର ପୀର । ଗରୀବଦାସ ଖାଲିକ ଧନୀ ହମରା ନାମ କବୀର ॥
ଗରୀବ, ଐ ସ୍ୱାମୀ ସୃଷ୍ଟା ମୈଁ, ସୃଷ୍ଟୀ ହମରେ ତୀର, ଦାସ ଗରୀବ ଅଧର ବସୂ ଅବିଗତ ସତ କବୀର ॥

ଏତେ ସ୍ପଷ୍ଟ କରିବା ପରେ ମଧ୍ୟ ତାଙ୍କୁ କବି ବା ସନ୍ଥ, ଭକ୍ତ ବା ବୁଣାକାର କହିଥାନ୍ତି । ପରନ୍ତୁ ସେ ହିଁ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତାଙ୍କର ବାସ୍ତବିକ ନାମ କବିର୍ଦେବ ଅଟେ । ସେହି ସତ୍ୟପୁରୁଷ କବୀର ସ୍ୱୟଂ ଋଷି ବା ସନ୍ଥରୂପ ଧାରଣ କରିଥାନ୍ତି । ପରନ୍ତୁ ତତ୍ତ୍ୱ ଜ୍ଞାନହୀନ ଋଷି, ସନ୍ଥ ଓ ଗୁରୁମାନଙ୍କ ଅଜ୍ଞାନ ସିଦ୍ଧାନ୍ତ ଆଧାରରେ ଆଧାରିତ ପ୍ରଜା ସେହି ସମୟରେ ଅତିଥି ରୂପରେ ପ୍ରକଟ ପରମାତ୍ମାଙ୍କୁ ଚିହ୍ନି ପାରନ୍ତି ନାହିଁ କାରଣ ସେହି ଅଜ୍ଞାନୀ ଋଷି, ସନ୍ଥ ଓ ଗୁରୁମାନେ ପରମାତ୍ମାଙ୍କୁ ନିରାକାର ବୋଲି କହିଥାନ୍ତି ।

ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୮

ଋଷିମନା ଯ ଋଷିକୃତ୍ସ୍ୱାର୍ଷାଃ ସହସ୍ରାଣୀଥଃ ପଦବୀଃ କବୀନାମ୍ ॥
ତୃତୀୟଂ ଧାମ ମହିଷଃ ସିଷାସନ୍ତୋ୍ସମୋ ବିରାଜମନୁ ରାଜତି ଷ୍ଟୁପ୍ ॥୧୮॥

ଋଷିମନା ଯ ଋଷିକୃତ୍ ସ୍ୱର୍ଷାଃ ସହସ୍ରାଣୀଥଃ ପଦବୀଃ କବୀନାମ୍ । ତୃତୀୟମ୍ ଧାମ ମହିଷଃ ସିଷା ସନ୍ତ୍ ସୋମଃ ବିରାଜମାନୁ ରାଜତି ସ୍ଟୁପ୍ ॥

ଅନୁବାଦ:- ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ (ଯ) ଯେଉଁ ପୂର୍ଣ୍ଣ ପରମାତ୍ମା ବିଲକ୍ଷଣ ବାଳକ ରୂପରେ ଆସି (କବିନାମ୍) ପ୍ରସିଦ୍ଧ କବିଭାବରେ (ପଦବୀଃ) ଉପାଧି ପ୍ରାପ୍ତ କରି ଅର୍ଥାତ୍ ଜଣେ ସନ୍ଥ ବା ଋଷିର ଭୂମିକା କରିଥାନ୍ତି, ସେହି (ଋଷିକୃତ୍) ସନ୍ଥ ରୂପରେ ପ୍ରକଟ ହୋଇଥିବା ପ୍ରଭୁଙ୍କ ଦ୍ୱାରା ରଚିତ (ସହସ୍ରାଣୀଥଃ) ହଜାର ହଜାର ବାଣୀ (ଋଷିମନା) ସନ୍ଥ ସ୍ୱଭାବଯୁକ୍ତ ବ୍ୟକ୍ତି ଅର୍ଥାତ୍ ଭକ୍ତମାନଙ୍କ ପାଇଁ (ସ୍ୱର୍ଷାଃ) ସ୍ୱର୍ଗତୁଲ୍ୟ ଆନନ୍ଦଦାୟକ ହୋଇଥାଏ । (ସୋମ) ସେହି ଅମର ପୁରୁଷ ଅର୍ଥାତ୍ ସତ୍‌ପୁରୁଷ (ତୃତୀୟା) ତୃତୀୟ (ଧାମ) ମୁକ୍ତିଲୋକ ଅର୍ଥାତ୍ ସତ୍‌ଲୋକର (ମହିଷଃ) ସୁଦୃଢ ପୃଥିବୀକୁ (ସିଷା) ସ୍ଥାପିତ କରି (ଅନୁ) ତା'ପରେ (ସନ୍ଥ) ମାନବ ସଦୃଶ ସନ୍ଥ ରୂପ ଧାରଣ କରି (ସ୍ଟୁପ) ଗୁବଁଦ ଅର୍ଥାତ୍ ଗୁମ୍ବଜ ଭିତରେ ଉଚ୍ଚସ୍ଥାନ ରୂପି ସିଂହାସନରେ (ବିରାଜମନୁ ରାଜତି) ଉଜ୍ଜ୍ୱଳ ସ୍ଥୁଳ ଆକାରରେ ଅର୍ଥାତ୍ ମାନବ ସଦୃଶ ତେଜମୟ ଶରୀରରେ ବିରାଜମାନ ।

ଭାବାର୍ଥ:- ମନ୍ତ୍ର ୧୭ ରେ କୁହାଯାଇଛି ଯେ କବିର୍ଦେବ ଶିଶୁ ରୂପ ଧାରଣ କରନ୍ତି । ଲୀଳା କରି ବଡ ହୁଅନ୍ତି । କବିତା ଦ୍ୱାରା ତତ୍ତ୍ୱଜ୍ଞାନ ବର୍ଣ୍ଣନା କରୁଥିବା କାରଣରୁ କବି ପଦବୀ ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ଲୋକେ ତାଙ୍କୁ ଋଷି, ସନ୍ଥ ଓ କବି କହିଥାନ୍ତି । ବାସ୍ତବରେ ସେ ପୂର୍ଣ୍ଣ ପରମାତ୍ମା କବୀର ହିଁ ଅଟନ୍ତି । ତାଙ୍କ ଦ୍ୱାରା ରଚିତ ଅମୃତବାଣୀକୁ କବୀର ବାଣୀ (କବିର୍ବାଣୀ) କୁହାଯାଏ ଯାହା ଭକ୍ତମାନଙ୍କ ପାଇଁ ସ୍ୱର୍ଗତୁଲ୍ୟ ସୁଖଦାୟୀ ହୋଇଥାଏ । ସେହି ପରମାତ୍ମା ତୃତୀୟ ମୁକ୍ତିଧାମ ଅର୍ଥାତ୍ ସତ୍ୟଲୋକର ସ୍ଥାପନା କରି ତେଜମୟ ମାନବ ସଦୃଶ ଶରୀର ଧାରଣ କରି ଏକ ଗୁବଁଦ ଅର୍ଥାତ୍ ଗୁମ୍ବଜ ଭିତରେ ସିଂହାସନ ଉପରେ ସାକାର ରୂପରେ ବିରାଜମାନ ।

ଏହି ମନ୍ତ୍ରରେ ସତ୍ୟଲୋକକୁ ତୃତୀୟ ଧାମ କୁହାଯାଇଛି । ଯେପରି ଗୋଟିଏ ବ୍ରହ୍ମଲୋକ ଅର୍ନ୍ତଗତ ଏକୋଇଶିଟି ବ୍ରହ୍ମାଣ୍ଡ ଥାଏ, ଦ୍ୱିତୀୟରେ ପରବ୍ରହ୍ମଙ୍କ ଲୋକ ଅନ୍ତର୍ଗତ ସାତଶଙ୍ଖ ବ୍ରହ୍ମାଣ୍ଡ ଥାଏ, ତୃତୀୟରେ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମଙ୍କର ସତ୍ୟଲୋକ ଅଛି । କାରଣ ପୂର୍ଣ୍ଣ ପରମାତ୍ମା ସତ୍ୟଲୋକରେ ସତ୍ୟପୁରୁଷ ରୂପରେ ବିରାଜମାନ ହୋଇ ତଳ ଲୋକଗୁଡ଼ିକର ରଚନା କରିଛନ୍ତି । ସେଥିପାଇଁ ତଳେ ଥିବା ଲୋକଗୁଡିକର ଗଣନା କରାଯାଇଛି ।

ଏହି ଆଖିଦେଖା ପ୍ରମାଣ ବିଷୟରେ ସନ୍ଥ ଗରୀବ ଦାସଜୀ କୁହନ୍ତି ଯେ :-

ଅର୍ସ କୁର୍ସ ପର ସଫେଦ ଗୁମ୍ବଜ ହୈ, ଜହାଁ ସତଗୁରୁ କା ଡେରା ।

ଭାବାର୍ଥ ହେଉଛି ଉପର ଆକାଶର ଉପର ଭାଗରେ କବୀର ପରମେଶ୍ୱରଜୀ ଏକ ଶ୍ୱେତ ଗୁବଁଦ

(ଗମ୍ବୁଜ) ମଧ୍ୟରେ ଅବସ୍ଥାନ କରନ୍ତି ।

ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୯

ଚମୂଷଚ୍ଛ୍ୟେନଃ ଶକୁନୋ ବିଭୃତ୍ୱା ଗୋବିନ୍ଦୁର୍ଦ୍ରପ୍ସ ଆୟୁଧାନି ବିଭ୍ରତ୍ ।
ଅପାମୂର୍ମି ସଚମାନାଃ ସମୁଦ୍ରଂ ତୁରୀୟଂ ଧାମ ମହିଷୋ ବିବକ୍ତି ॥୧୯॥
ଚମୂସତ୍ ଶ୍ୟେନଃ ଶକୁନଃ ବିଭୃତ୍ୱା ଗୋବିନ୍ଦୁଃ ଦ୍ରପ୍ସ ଆୟୁଧାନି ବିଭ୍ରତ୍ ।
ଅପାମୂର୍ମିଃ ସଚମାନଃ ସମୁଦ୍ରମ୍ ତୁରୀୟମ୍ ଧାମ ମହିଷଃ ବିବକ୍ତି ॥

ଅନୁବାଦ :- (ଚମୂସତ୍) ପବିତ୍ର (ଗୋବିନ୍ଦୁଃ) କାମଧେନୁ ରୂପୀ ସର୍ବ ମନସ୍କାମନା ପୂର୍ଣ୍ଣ କରୁଥିବା ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ (ବିଭୃତ୍ୱା) ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି । (ଶ୍ୟେନଃ) ଶ୍ୱେତ ରଙ୍ଗଯୁକ୍ତ (ଶକୁନଃ) ଶୁଭ ଲକ୍ଷଣଯୁକ୍ତ (ଚମୂସତ୍) ସର୍ବଶକ୍ତିମାନ ଅଟନ୍ତି । (ଦ୍ରପ୍ସଃ) ଯେପରି ଦୁଗ୍ଧରୁ ଦହି ତିଆରି କରିବାର ବିଧି ଅଛି, ସେହିଭଳି ଶାସ୍ତ୍ରାନୁକୂଳ ସାଧନା ଦ୍ୱାରା ଦହିରୂପୀ ପୂର୍ଣ୍ଣ ମୁକ୍ତିଦାତା (ଆୟୁଧାନି) ତତ୍ତ୍ୱଜ୍ଞାନରୂପୀ କାଳ ଜାଲ ବିନାଶକ ଧନୁଷ ଯୁକ୍ତ ସାରଙ୍ଗ ପାଣି ପ୍ରଭୂ ଅଟନ୍ତି । (ସଚମାନଃ)ବାସ୍ତବିକ (ବିଭ୍ରତ୍) ସମସ୍ତଙ୍କର ପାଳନ ପୋଷଣ କରନ୍ତି । (ଅପାମୂର୍ମିଃ) ଗଭୀର ଜଳଯୁକ୍ତ (ସମୁଦ୍ରମ୍) ସାଗର ଭଳି ଗଭୀର ଓ ଗମ୍ଭୀର ଅର୍ଥାତ୍ ବିଶାଳ (ତୁରୀୟମ୍) ଚତୁର୍ଥ (ଧାମ) ଲୋକ ଅର୍ଥାତ୍ ଅନାମୀ ଲୋକରେ (ମହିଷଃ) ଉଜ୍ଜ୍ୱଳ ସୁଦୃଢ ପୃଥିବୀ ଉପରେ (ବିବକ୍ତି) ଅଲଗା ସ୍ଥାନରେ ଭିନ୍ନ ଭାବେ ମଧ୍ୟ ରୁହନ୍ତି ଏହି ବିବରଣୀ କବିର୍ଦ୍ଦେବ ସ୍ୱୟଂ ଭିନ୍ନ-ଭିନ୍ନ କରି ବିସ୍ତାରର ସହିତ ଦିଅନ୍ତି ।

ଭାବାର୍ଥ:- ମନ୍ତ୍ର ୧୮ ରେ କୁହାଯାଇଛି ଯେ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ(କବୀର ପରମେଶ୍ୱର) ତୃତୀୟ ମୁକ୍ତିଧାମ ଅର୍ଥାତ ସତ୍ୟଲୋକରେ ଏକ ଗମ୍ବୁଜରେ ରହନ୍ତି । ମନ୍ତ୍ର ୧୯ ରେ କୁହାଯାଇଛି ଯେ ଅତ୍ୟଧିକ ଶ୍ୱେତ ରଙ୍ଗଯୁକ୍ତ ପୂର୍ଣ୍ଣପ୍ରଭୁ ଯିଏ କାମଧେନୁ ଭଳି ସର୍ବ ମନୋସ୍କାମନା ପୂର୍ଣ୍ଣ କରନ୍ତି, ସେ ହିଁ ବାସ୍ତବରେ ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି । ସେହି କବିର୍ଦ୍ଦେବ ଯିଏ ଏହି ମୃତ୍ୟୁଲୋକକୁ ଶିଶୁ ରୂପ ଧାରଣ କରି ଆସନ୍ତି, ଯେପରି ଦୁଗ୍ଧରୁ ଦହି ତିଆରି କରିବାର ବିଧି ଅଛି । ସେହିଭଳି ପୂର୍ଣ୍ଣମୋକ୍ଷ ପ୍ରାପ୍ତି କରିବା ପାଇଁ ଶାସ୍ତ୍ରବିଧି ଅନୁସାରେ ସାଧନା ବତେଇ, ପୂର୍ଣ୍ଣମୋକ୍ଷ ରୂପି ଦହି ପ୍ରଦାନକାରୀ ଅଟନ୍ତି, ତତ୍ତ୍ୱଜ୍ଞାନ ରୂପୀ ଶାସ୍ତ୍ର ଅର୍ଥାତ ଧନୁଷ ଯୁକ୍ତ ହୋଇଥିବା କାରଣରୁ ସାରଙ୍ଗପାଣି (ସାରଙ୍ଗ ନାମକ ଧନୁ ଯିଏ ଧାରଣ କରିଥାନ୍ତି) ଅଟନ୍ତି ତଥା ଯେପରି ସମୁଦ୍ର ସମସ୍ତ ଜଳର ଉତ୍ସ ଅଟେ, ସେହିପରି ପୂର୍ଣ୍ଣ ପରମାତ୍ମାଙ୍କଠାରୁ ସମସ୍ତଙ୍କର ଉତ୍ପତ୍ତି ହୋଇଅଛି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୩ ରେ କୁହାଯାଇଛି ଯେ ସଂସାର ରୂପୀ ବୃକ୍ଷକୁ ତତ୍ତ୍ୱଜ୍ଞାନ ରୂପୀ ଶସ୍ତ୍ର ଦ୍ୱାରା ଛେଦନ କରି ଅର୍ଥାତ୍ ତତ୍ତ୍ୱଜ୍ଞାନ ଦ୍ୱାରା ସଂଶୟ ସମାପ୍ତ କରି ତା'ପରେ ସେହି ପରମପଦ ପରମେଶ୍ୱରଙ୍କୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ଲେଉଟି ଆସେ ନାହିଁ ଅର୍ଥାତ୍ ପୂର୍ଣ୍ଣ ହୋଇଯାଏ । ଯେଉଁ ପରମେଶ୍ୱରଙ୍କଠାରୁ ସଂସାର ରୂପୀ ବୃକ୍ଷର ପ୍ରବୃତି ବିସ୍ତାର ଲାଭ କରିଛି ସେହି ପୂର୍ଣ୍ଣପ୍ରଭୁ ଚତୁର୍ଥ ଧାମ ଅର୍ଥାତ୍ ଅନାମୀ ଲୋକରେ ରୁହନ୍ତି । ଯେପରି ପ୍ରଥମେ ସତ୍ୟଲୋକ, ଦ୍ୱିତୀୟରେ ଅଲଖ ଲୋକ, ତୃତୀୟରେ ଅଗମ ଲୋକ, ଚତୁର୍ଥରେ ଅନାମୀ ଲୋକ ଅଛି । ଏଥିପାଇଁ ମନ୍ତ୍ର ୧୯ ରେ ସ୍ପଷ୍ଟ କରାଯାଇଛି ଯେ କବିର୍ଦ୍ଦେବ (କବୀର ପରମେଶ୍ୱର) ହିଁ ଅନାମୀ ପୁରୁଷ ରୂପରେ ଚତୁର୍ଥ ଧାମ ଅର୍ଥାତ୍ ଅନାମୀ ଲୋକରେ ମଧ୍ୟ ଅନ୍ୟ ତେଜମୟ ରୂପ ଧାରଣ କରି ରହିଥାନ୍ତି ।

ଋଗ୍ ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୨୦

ମର୍ଯୋ ନ ଶୁଭ୍ରସ୍ତନ୍ୱଂ ମୃଜାନୋଽତ୍ୟୋ ନ ସୃତ୍ୱା ସନୟେ ଧନାନାମ୍ ।
ବୃଷେବ ଯୂଥା ପରି କୋଶମର୍ଷନକନିକ୍ରଦଚ୍ଚମ୍ୱୋଽରା ବିବେଶ ॥୨୦॥

ମର୍ୟଃ ନ ଶୁଭ୍ରସ୍ତନ୍ୱମ୍ ମୃଜାନଃ ଅତ୍ୟଃ ନ ସୃତ୍ୱା ସନୟେ ଧନାନାମ୍ ।
ବୃଷେବ ଯୂଥା ପରିକୋଶମ୍ ଅର୍ଷନ୍ କନିକ୍ରଦତ୍ ଚମ୍ୱୋଃ ଇରା ବିବେଶ ॥

ଅନୁବାଦ :- ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ ଯିଏ ଚତୁର୍ଥ ଧାମ ଅର୍ଥାତ୍ ଅନାମୀ ଲୋକରେ ତଥା ତୃତୀୟ

ଧାମ ଅର୍ଥାତ୍ ସତ୍ୟଲୋକରେ ରୁହନ୍ତି ସେହି ପରମାତ୍ମା (ନ ମର୍ଯଃ) ମନୁଷ୍ୟ ଭଳି ଅଟନ୍ତି ପରନ୍ତୁ ନାଶ ରହିତ ଅର୍ଥାତ୍ ଅମର (ମୃଜନଃ) ନିର୍ମଳ ମୁଖମଣ୍ଡଳ ଯୁକ୍ତ ଆକାରରେ (ଅତ୍ୟଃ) ବହୁତ (ଶୁଭ୍ରସ୍ତନ୍ୱମ୍) ବିଶାଳ ଶ୍ୱେତ ଶରୀର ଧାରଣ କରି ଉପରସ୍ଥ ଲୋକରେ ବିଦ୍ୟମାନ ତଥା ସେଠାରୁ (ସ୍ମୃତ୍ୱା) ଗତିକରି ଅର୍ଥାତ୍ ଗମନ କରି ଯାହା କାହାରିକୁ ଜ୍ଞାତ ହୁଏ ନାହିଁ, ସେହି ସମରୂପ ପରମାତ୍ମା (ଇରା) ପୃଥିବୀ ଉପରେ (ବିବେଶ) ଅନ୍ୟ ବେଶଭୂଷା ଅର୍ଥାତ୍ ଭିନ୍ନ ରୂପ (ଚମ୍ୱୋଃ) ଧାରଣ କରି ଆସନ୍ତି । ସତ୍ୟଲୋକ ତଥା ପୃଥିବୀ ଲୋକ ଉପରେ ଲୀଳା କରନ୍ତି (ଯଥା) ବହୁତ ବଡ ସମୂହକୁ ବାସ୍ତବିକ (ସନୟେ) ସନାତନ ପୂଜାର (ବୃଷେବ) ବର୍ଷା କରି(ନ ଧନାନାମ୍) ସେହି ରାମ ନାମ ରୂପୀ ଉପାର୍ଜନକୁ ନିର୍ଧନମାନଙ୍କୁ (କନିକ୍ରଦତ୍) ମନ୍ଦ ସ୍ୱରରେ ଅର୍ଥାତ୍ ନିଶ୍ୱାସ-ପ୍ରଶ୍ୱାସରେ ମନେ ମନେ ଉଚ୍ଚାରଣ କରି ପୂଜା କରାଇଥାନ୍ତି ଯାହା ଦ୍ୱାରା ଅସଂଖ୍ୟ ଅନୁଗାମୀଙ୍କର ପୁରା ସଙ୍ଘ (ପରି କୋଶମ୍) ପୂର୍ବର ସୁଖ ସାଗର ରୂପୀ ଅମୃତ ଖଣି ଅର୍ଥାତ୍ ସତ୍ୟଲୋକକୁ (ଅର୍ଷନ୍) ପୂଜା କରି ପ୍ରାପ୍ତ କରିଥାନ୍ତି ।

ଭାବର୍ଥ :- ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ଉପରର ତୃତୀୟ ଧାମ ଅର୍ଥାତ୍ ସତ୍ୟଲୋକରେ ରୁହନ୍ତି ତଥା ସେହି ପରମେଶ୍ୱର ଅନ୍ୟ ମନୁଷ୍ୟ ରୂପ ଧାରଣ କରି ଚତୁର୍ଥ ଧାମ ଅର୍ଥାତ୍ ଅନାମୀ ଲୋକରେ ରୁହନ୍ତି । ସେହି ପରମାତ୍ମା ସେହିଭଳି ମନୁଷ୍ୟ ରୂପୀ ସମରୂପ ସୁନ୍ଦର ମୁଖମଣ୍ଡଳ ଯୁକ୍ତ ଶ୍ୱେତ ଶରୀରଯୁକ୍ତ ସାକାର ରୂପରେ ଏହି ପୃଥିବୀ ଲୋକକୁ ମଧ୍ୟ ଆସନ୍ତି ତଥା ନିଜ ବାସ୍ତବିକ ପୂଜାବିଧିର ଜ୍ଞାନ ପ୍ରଦାନ କରି ବହୁତ ବଡ ସମୂହକୁ ଅର୍ଥାତ୍ ପୁରା ସଂଘକୁ ସତ୍ୟଭକ୍ତିରେ ଧନୀ କରି ଦିଅନ୍ତି, ଅସଂଖ୍ୟ ଅନୁଗାମୀଙ୍କର ପୁରା ସଂଘ ସତ୍ୟଭକ୍ତିର ପୁଞ୍ଜି ବଳରେ ପୂର୍ବର ସୁଖମୟ ଲୋକ, ପୂର୍ଣ୍ଣମୁକ୍ତିର ଖଣି ଅର୍ଥାତ୍ ସତ୍ୟଲୋକକୁ ସାଧନା କରି ପ୍ରାପ୍ତ କରାଇଥାନ୍ତି ।

ଅଥର୍ବ ବେଦ କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୭ (ସନ୍ଥ ରାମପାଲ ଦାସଜୀଙ୍କ ଦ୍ୱାରା ଅନୁବାଦିତ) -

ଯୋଽଥର୍ବାଣଂ ପିତ୍ତରଂ, ଦେବବନ୍ଧୁ ବୃହସ୍ପତିଂ ନମସାବ ଚ ଗଚ୍ଛାତ୍ ।
ତ୍ୱଂ ବିଶ୍ୱେଷାଂ' ଜନିତା ଯଥାସଃ କବିର୍ଦେବୋ ନ ଦଭାୟତ୍ ସ୍ୱାଧାବାନ୍ ॥୭॥

ଯଃ-ଅଥର୍ବାଣମ୍-ପିତ୍ତରମ୍-ଦେବବନ୍ଧୁମ୍-ବୃହସ୍ପତିମ୍-ନମସା-ଅବ-ଚ-ଗଚ୍ଛାତ୍-ତ୍ୱମ୍-ବିଶ୍ୱେଷାମ୍-ଜନିତା-ଯଥା-ସଃ-କବିର୍ଦେବଃ-ନ-ଦଭାୟତ୍-ସ୍ୱାଧାବାନ୍ ।

ଅନୁବାଦ:- (ଯଃ) ଯିଏ (ଅଥର୍ବାଣମ୍) ଅଚଳ ଅର୍ଥାତ୍ ଅବିନାଶୀ (ପତ୍ତରମ୍) ଜଗତ ପିତା (ଦେବବନ୍ଧୁମ୍) ଭକ୍ତଙ୍କର ବାସ୍ତବିକ ସାଥୀ ଅର୍ଥାତ୍ ଆତ୍ମାର ଆଧାର (ବୃହସ୍ପତିମ୍) ସବୁଠାରୁ ବଡ ସ୍ୱାମୀ, ଜ୍ଞାନଦାତା ଜଗତଗୁରୁ (ଚ) ତଥା (ନମସା) ବିନମ୍ର ପୁଜାରୀ ଅର୍ଥାତ୍ ବିଧିବତ୍ ସାଧକକୁ (ଅବ) ସୁରକ୍ଷାର ସହିତ (ଗଚ୍ଛାତ୍) ଯେଉଁମାନେ ସତ୍ୟଲୋକ ଗମନ କରି ସାରିଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇଥିବା (ବିଶ୍ୱେଷାମ୍) ସର୍ବ ବ୍ରହ୍ମାଣ୍ଡର(ଜନିତା) ରଚୟିତା (ନ ଦଭାୟତ୍) କାଳ ଭଳି ବିଶ୍ୱାସଘାତକତା କରୁ ନ ଥିବା (ସ୍ୱଧାବାନ୍) ସ୍ୱଭାବ ଅର୍ଥାତ୍ ଗୁଣଯୁକ୍ତ (ଯଥା) ପୂର୍ବବତଃ ସେହିଭଳି (ସଃ) ସେ (ତ୍ୱମ୍) ଆପଣ (କବିର୍ଦେବଃ କବୀର୍/ଦେବଃ) କବୀର ପରମେଶ୍ୱର ଅର୍ଥାତ୍ କବିର୍ଦେବ ଅଟନ୍ତି ।

ଭାବାର୍ଥ :- ଯେଉଁ ପରମେଶ୍ୱରଙ୍କ ବିଷୟରେ ଏହା କୁହାଯାଏ ଯେ-ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁ ଚ ସଖା ତ୍ୱମେବ, ତ୍ୱମେବ ବିଦ୍ୟା ଚ ଦ୍ରବିଣମ୍, ତ୍ୱମେବ ସର୍ବମ୍ ମମ୍ ଦେବ ଦେବ । ସେହି ଅବିନାଶୀ ସମସ୍ତଙ୍କର ମାତା-ପିତା, ଭାଇ, ସଖା ଓ ଜଗତଗୁରୁ ରୂପରେ ସମସ୍ତଙ୍କୁ ସତ୍ୟଭକ୍ତି ପ୍ରଦାନ କରି ସତ୍ୟଲୋକ ନେଇଯିବା ଓ କାଳ ଭଳି ଧୋକା ଦେଉ ନଥିବା ପ୍ରଭୁ ସର୍ବ ବ୍ରହ୍ମାଣ୍ଡର ରଚୟିତା କବିର୍ଦେବ (କବୀର ପରମେଶ୍ୱର) ଅଟନ୍ତି ।

❑❑❑

## କବୀର ସାହେବଜୀ ଚାରି ଯୁଗରେ ଆସନ୍ତି

ସତଗୁରୁ ପୁରୁଷ କବୀର ହୈଁ, ଚାରୋଁ ଯୁଗ ପ୍ରବାନ ।
ଝୂଠେ ଗୁରୁୱା ମରଗଏ, ହୋ ଗଏ ଭୂତ ମସାନ ॥

### "ସତ୍ୟଯୁଗରେ କବିର୍ଦ୍ଦେବ (କବୀର ସାହେବ) ଙ୍କର ସତ୍‌ସୁକୃତ ନାମରେ ପ୍ରାକଟ୍ୟ"

ତତ୍ତ୍ୱଜ୍ଞାନ ଅଭାବରୁ ଶ୍ରଦ୍ଧାଳୁଗଣ ଏହି ଶଙ୍କା ବ୍ୟକ୍ତ କରିଥାନ୍ତି ଯେ ବୁଣାକାର ରୂପରେ କବୀରଜୀ ବି.ସଂ. ୧୪୫୫ (ସନ ୧୩୯୮) ରେ କାଶୀକୁ ଆସିଥିଲେ । ବେଦରେ ଯେଉଁ କବିର୍ଦ୍ଦେବଙ୍କ ବିଷୟରେ କୁହାଯାଇଛି, କାଶୀର ଏହି ଜୁଲାହ(ବୁଣାକାର/ତନ୍ତି) କିପରି ସେହି ପୂର୍ଣ୍ଣ ପରମାତ୍ମା ହୋଇ ପାରିବେ ?

ଏହି ବିଷୟରେ ଦାସ (ସନ୍ଥ ରାମପାଲ ଦାସ) ର ଏହି ପ୍ରାର୍ଥନା ଯେ ଏହି ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ (କବୀର ପରମେଶ୍ୱର) ବେଦ ଜ୍ଞାନ ପୂର୍ବରୁ ମଧ୍ୟ ସତ୍ୟଲୋକରେ ବିଦ୍ୟମାନ ଥିଲେ ତଥା ନିଜ ବାସ୍ତବିକ ଜ୍ଞାନ (ତତ୍ତ୍ୱଜ୍ଞାନ) ପ୍ରଦାନ କରିବା ପାଇଁ ଚାରି ଯୁଗରେ ପ୍ରକଟ ହୋଇଥାନ୍ତି। ସତ୍ୟଯୁଗରେ ସତ୍‌ସୁକୃତ ନାମରେ, ତ୍ରେତୟା ଯୁଗରେ ମୁନିନ୍ଦ୍ର ନାମରେ, ଦ୍ୱାପର ଯୁଗରେ କରୁଣାମୟ ନାମରେ ଏବଂ କଳିଯୁଗରେ ବାସ୍ତବିକ କବିର୍ଦ୍ଦେବ(କବୀର ପ୍ରଭୁ) ନାମରେ ପ୍ରକଟ ହୋଇଛନ୍ତି । ଏହା ବ୍ୟତୀତ ଅନ୍ୟ ରୂପ ଧାରଣ କରି ଯେ କୌଣସି ସମୟରେ ପ୍ରକଟ ହୋଇ ନିଜ ଲୀଳା ସମାପନ କରି ଅନ୍ତର୍ଦ୍ଧାନ ହୋଇଯାଆନ୍ତି । ପ୍ରଭୁପ୍ରେମୀ ଶ୍ରଦ୍ଧାଳୁଗଣ ଲୀଳା କରିବାକୁ ଆସିଥିବା ପରମେଶ୍ୱରଙ୍କୁ ସେହି ସମୟରେ ଚିହ୍ନି ପାରିଲେ ନାହିଁ କାରଣ ସନ୍ଥ-ମହନ୍ତ-ମହର୍ଷି ରୂପେ ପରିଚିତ ସେହି ଅଜ୍ଞାନୀ ପଣ୍ଡିତଗଣ ପ୍ରଭୁଙ୍କୁ ନିରାକାର ବୋଲି କହି ଆସୁଥିଲେ । କିନ୍ତୁ ପରମାତ୍ମା ବାସ୍ତବରେ ସାକାର ଅଟନ୍ତି । ସେ ମନୁଷ୍ୟ ସଦୃଶ୍ୟ ଶରୀରଯୁକ୍ତ ଅଟନ୍ତି । ପରନ୍ତୁ ପରମେଶ୍ୱରଙ୍କ ଶରୀର ନାଡି ତଥା ଶିରା ପ୍ରଶିରା ଯୁକ୍ତ ପଞ୍ଚତତ୍ତ୍ୱର ନୁହେଁ । ତାଙ୍କ ଶରୀର ଏକ ତେଜପୁଞ୍ଜରେ ଗଠିତ । ପୂର୍ଣ୍ଣ ପରମାତ୍ମା ଯେତେବେଳେ ଇଚ୍ଛା କରନ୍ତି ସେତେବେଳେ ଏହି ଧରାପୃଷ୍ଠରେ ପ୍ରକଟ ହୋଇଯାନ୍ତି । ସେ ମାତୃ ଗର୍ଭରୁ କେବେ ଜନ୍ମ ନିଅନ୍ତି ନାହିଁ, କାରଣ ସେ ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ଅଟନ୍ତି ।

ପୂର୍ଣ୍ଣପ୍ରଭୁ କବୀରଜୀ(କବିର୍ଦ୍ଦେବ) ସତ୍ୟଯୁଗରେ ସତ୍‌ସୁକୃତ ନାମରେ ସ୍ୱୟଂ ପ୍ରକଟ ହୋଇ ସେହି ସମୟରେ ଗରୁଡ, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ଆଦିଙ୍କୁ ସତ୍ୟଜ୍ଞାନ ବୁଝାଇଥିଲେ । ଶ୍ରୀ ମନୁ ମହର୍ଷିଙ୍କୁ ମଧ୍ୟ ତତ୍ତ୍ୱଜ୍ଞାନ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । ପରନ୍ତୁ ଶ୍ରୀ ମନୁଜୀ ପରମେଶ୍ୱରଙ୍କ ସତ୍ୟଜ୍ଞାନକୁ ବୁଝି ନ ପାରି ଶ୍ରୀ ବ୍ରହ୍ମାଙ୍କଠାରୁ ଶୁଣିଥିବା ବେଦଜ୍ଞାନ ଉପରେ ଆଧାରିତ ହୋଇ ତଥା ନିଜ ଇଚ୍ଛାରେ ବେଦର ନିଷ୍କର୍ଷ ବାହାର କରି ସେହି ସିଦ୍ଧାନ୍ତ ଉପରେ ଦୃଢ଼ ରହିଲେ । ଜ୍ଞାନ ବୁଝିବା ପରିବର୍ତ୍ତେ ପରମେଶ୍ୱର ସତ୍ ସୁକୃତଜୀଙ୍କୁ ଉପହାସ କରିବାକୁ ଲାଗିଲେ ଏବଂ କହିଲେ, ଆପଣ ! ତ ସର୍ବ ବିପରୀତ ଜ୍ଞାନ କହୁଛନ୍ତି । ସେଥିପାଇଁ ପରମେଶ୍ୱର ସତ୍‌ସୁକୃତଙ୍କ ଉପମାତ୍ମକ ନାମ ବାମଦେବ ରଖି ଦେଲେ (ବାମର ଅର୍ଥ ହେଲା ଓଲଟା ବା ବିପରୀତ, ଯେପରି ବାମ ହାତକୁ ବାମା ଅର୍ଥାତ୍ ଓଲଟା ହାତ ଏବଂ ଡାହାଣ ହାତକୁ ସିଧା ହାତ ମଧ୍ୟ କୁହାଯାଏ) ।

ଏହି ପ୍ରକାରେ ସତ୍ୟଯୁଗରେ ପରମେଶ୍ୱର କବିର୍ଦ୍ଦେବଜୀ ସତ୍‌ସୁକୃତ ନାମରେ ପ୍ରକଟ ହୋଇ ସେ ସମୟର ଋଷି ଓ ସାଧକମାନଙ୍କୁ ବାସ୍ତବିକ ଜ୍ଞାନ ବୁଝାଇଥିଲେ । ପରନ୍ତୁ ସେହି ଅଜ୍ଞାନୀ ଋଷି ଓ ସାଧକଗଣ ପରମେଶ୍ୱରଙ୍କର ଏହି ବାସ୍ତବିକ ଜ୍ଞାନକୁ ସ୍ୱୀକାର କଲେ ନାହିଁ । ସତ୍‌ସୁକୃତ ନାମ ପରିବର୍ତ୍ତେ ପରମେଶ୍ୱରଙ୍କୁ "ବାମଦେବ" ନାମରେ ସମ୍ବୋଧନ କଲେ ।

ଏଥିପାଇଁ ଯଜୁର୍ବେଦ ଅଧ୍ୟାୟ ୧୨ ର ମନ୍ତ୍ର ୪ ରେ ଏହି ବିବରଣୀ ଅଛି ଯେ ବାମଦେବ ଋଷି ଯଜୁର୍ବେଦର ବାସ୍ତବିକ ଜ୍ଞାନକୁ ଠିକ୍ ଭାବରେ ବୁଝିବା ସହିତ ଅନ୍ୟମାନଙ୍କୁ ବୁଝାଇଥିଲେ । ପବିତ୍ର ବେଦ ରେ ଥିବା ଜ୍ଞାନକୁ ବୁଝିବା ପାଇଁ କୃପାକରି ବିଚାର କରନ୍ତୁ - ଯେପରି ଯଜୁର୍ବେଦ ଏକ ପବିତ୍ର ପୁସ୍ତକ ଅଟେ । ଏହା ବିଷୟରେ କେତେକ ସ୍ଥାନରେ ସଂସ୍କୃତ ଭାଷାରେ ବିବରଣୀ ଦିଆଯାଇଛି ଯେଉଁଠି ଯଜୁଃ ବା ଯଜୁମ୍ ଆଦି ଶବ୍ଦ ପ୍ରୟୋଗ କରାଯାଇଛି ଯାହା ପବିତ୍ର ପୁସ୍ତକ ଯଜୁର୍ବେଦକୁ ହିଁ ବୁଝାଇଥାଏ । ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମ କବିର୍ଦ୍ଦେବ ଅଟେ। ଏହି ନାମକୁ ଭିନ୍ନ ଭିନ୍ନ ଭାଷାରେ କବୀର ସାହେବ, କବୀର ପରମେଶ୍ୱର ଆଦି କୁହାଗଲା। ଶ୍ରଦ୍ଧାଳୁ ଶଙ୍କା ବ୍ୟକ୍ତ କରନ୍ତି ଯେ କବିର୍‌କୁ କିପରି କବୀର ପ୍ରମାଣିତ କରି ଦିଆଗଲା । ବ୍ୟାକରଣ ଦୃଷ୍ଟିକୋଣରୁ କବିଃ ର ଅର୍ଥ ସର୍ବଜ୍ଞ ହୋଇଥାଏ । ଦାସର ଏହି ପ୍ରାର୍ଥନା ଯେ

ପ୍ରତ୍ୟେକ ଶବ୍ଦର କିଛି ନା କିଛି ଅର୍ଥ ବାହାରିଥାଏ । ଏବେ ବ୍ୟାକରଣକୁ ବିଚାରକୁ ନେବା । ପ୍ରଥମେ ଭାଷା ଆସିଛି କାରଣ ବେଦବାଣୀ ପ୍ରଭୁଙ୍କ ଦ୍ୱାରା କୁହାଯାଇଛି ଏବଂ ବ୍ୟାକରଣ ଋଷିମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ଆସିଲା । ଏଥିରେ ତୃଟି ପରିଲକ୍ଷିତ ହୋଇପାରେ । ବେଦ ଅନୁବାଦ (ଭାଷା-ଭାଷ୍ୟ)ରେ ବ୍ୟାକରଣ ନିଶ୍ଚିତ ନୁହେଁ ଅର୍ଥାତ୍ ଏହା ଅସଙ୍ଗତ ଓ ବିରୋଧ ଭାବ ପ୍ରକଟ କରେ । କାରଣ ବେଦବାଣୀ ମନ୍ତ୍ର ମାଧ୍ୟମରେ ପଦ ଆକାରରେ ଅଛି । ଯେପରି ପଲବଲ୍ ଶହରର ଆଖପାଖ ବ୍ୟକ୍ତି ପଲବଲ୍‌କୁ ପରବର୍ କହିଥାନ୍ତି । ଯେପରି ପଲବଲ୍‌କୁ ପରବର୍ ସିଦ୍ଧ କରାଗଲା ଠିକ୍ ସେହିପରି କବିର୍‌କୁ କବୀର ପ୍ରମାଣିତ କରାଗଲା, କେବଳ କଥା ପ୍ରସଙ୍ଗରେ ଏହିପରି କୁହାଯାଇଥାଏ । ଯେପରି ଆଞ୍ଚଳିକ ଭାଷାରେ ପଲବଲ୍ ସହରକୁ ପରବର୍ କୁହନ୍ତି ଏହି ପ୍ରକାରେ କବିର୍‌କୁ କବୀର କୁହନ୍ତି, ସେ ହିଁ ପ୍ରଭୁ ଅଟନ୍ତି । ମହର୍ଷି ଦୟାନନ୍ଦଜୀ "ସତ୍ୟାର୍ଥ ପ୍ରକାଶ" ସମୂଲ୍ଲାସ ୪ ପୃଷ୍ଠା ୧୦୦ରେ (ଦୟାନନ୍ଦ ମଠ ଦୀନାନଗର ପଞ୍ଜାବରୁ ପ୍ରକାଶିତ) "ଦେବୃକାମା"ର ଅର୍ଥ ଦେବର (ଦିଅର) ର କାମନା କରିବା କରିଛନ୍ତି, ଦେବୃକୁ ପୂର୍ଣ୍ଣମାତ୍ରାରେ "ର" ଲେଖି "ଦେବର" କରିଛନ୍ତି । କବିର୍‌କୁ ପୁଣି ଭାଷା ଭିନ୍ନ କବୀର୍ ଲେଖିବା ଓ କହିବାରେ କୌଣସି ଆପତ୍ତି ବା ବ୍ୟାକରଣ ଜନିତ ତ୍ରୁଟି ନାହିଁ । ପୂର୍ଣ୍ଣ ପରମାତ୍ମା କବିର୍ଦେବ ଅଟନ୍ତି । ଏହି ପ୍ରମାଣ ଯଜୁର୍ବେଦ ଅଧ୍ୟାୟ ୨୯ ର ମନ୍ତ୍ର ୨୫ ଓ ସାମବେଦ ସଂଖ୍ୟା ୧୪୦୦ ରେ ମଧ ଅଛି ଯାହା ନିମ୍ନରେ ପ୍ରଦାନ କରାଗଲା :-

ଯଜୁର୍ବେଦ ଅଧ୍ୟାୟ ନଂ ୨୯ ର ଶ୍ଲୋକ ନଂ ୨୫

(ସନ୍ଥ ରାମପାଲ ଦାସଜୀଙ୍କ ଦ୍ୱାରା ଅନୁବାଦିତ):-

ସମିଦ୍ଧୋऽଦ୍ୟ ମନୁଷୋ ଦୁରୋଣେ ଦେବୋ ଦେବାନ୍ୟଜସି ଜାତବେଦଃ ।
ଆ ଚ ବହ ମିତ୍ରମହଶ୍ଚିକିତ୍ୱାନ୍ତ୍ୱ ଦୂତଃ କବିରସି ପ୍ରଚେତାଃ ॥୨୫॥

ସମିଦ୍ଧଃ:- ଅଦ୍ୟ-ମନୁଷଃ-ଦୁରୋଣେ- ଦେବଃ-ଦେବାନ୍ - ଯଜ୍ -ଅସି-ଜାତବେଦଃ-ଆ-ଚ-ବହ-ମିତ୍ରମହଃ - ଚିକିତ୍ୱାନ୍-ତ୍ୱମ୍ -ଦୂତଃ - କବିର୍ - ଅସି-ପ୍ରଚେତାଃ ।

ଅନୁବାଦ :- (ଅଦ୍ୟ) ଆଜି ଅର୍ଥାତ୍ ବର୍ତ୍ତମାନ ସମୟରେ (ଦୁରୋଣେ) ଶରୀର ରୂପୀ ମହଲରେ ଦୂରାଚାର ପୂର୍ବକ (ମନୁଷଃ) ମିଥ୍ୟା ପୂଜାରେ ଲୀନ/ମନନଶୀଳ ବ୍ୟକ୍ତି ମାନଙ୍କଠାରେ(ସମିଦ୍ଧଃ) ଲାଗିଥିବା ଅଗ୍ନି ଅର୍ଥାତ୍ ଶାସ୍ତ୍ରବିଧି ରହିତ ବର୍ତ୍ତମାନର ପୂଜା ଯାହା ହାନିକାରକ ହୋଇଥାଏ, ସେହି ସ୍ଥାନରେ (ଦେବାନ୍) ଦେବତାମାନଙ୍କର(ଦେବଃ) ଦେବତା (ଜାତବେଦଃ) ପୂର୍ଣ୍ଣ ପରମାତ୍ମା ସତ୍ୟପୁରୁଷଙ୍କର ବାସ୍ତବିକ (ଯଜ୍) ପୂଜା (ଅସି) ପ୍ରଯୁଜ୍ୟ । (ଆ) ଦୟାଳୁ (ମିତ୍ରମହଃ) ଜୀବର ବାସ୍ତବିକ ସାଥୀ ପୂର୍ଣ୍ଣ ପରମାତ୍ମା ନିଜ (ଚିକିତ୍ୱାନ୍) ସୁସ୍ଥ ଜ୍ଞାନ ଅର୍ଥାତ୍ ଯଥାର୍ଥ ଭକ୍ତିକୁ (ଦୂତଃ) ସନ୍ଦେଶବାହକ ରୂପେ (ବହ) ନେଇ ଆସୁଥିବା (ଚ) ତଥା (ପ୍ରଚେତାଃ) ବୋଧ କରାଉଥିବା (ତ୍ୱମ୍) ଆପଣ (କବିରସି) କବିର୍ଦେବ ଅର୍ଥାତ୍ କବୀର ପରମେଶ୍ୱର ଅଟନ୍ତି ।

ଭାବାର୍ଥ :- ଯେଉଁ ସମୟରେ ପୂର୍ଣ୍ଣ ପରମାତ୍ମା ପ୍ରକଟ ହୁଅନ୍ତି ସେହି ସମୟରେ ସମସ୍ତ ଋଷି ଓ ସନ୍ଥଜନ ଶାସ୍ତ୍ରବିଧି ତ୍ୟାଗ କରି ମନମୁଖୀ ଆଚରଣ ଅର୍ଥାତ ମନମୁଖୀ ପୂଜା ଦ୍ୱାରା ସର୍ବ ଭକ୍ତ ସମାଜକୁ ମାର୍ଗଦର୍ଶନ କରିଥାନ୍ତି, ସେତେବେଳେ ନିଜ ତତ୍ତ୍ୱଜ୍ଞାନ ଅର୍ଥାତ୍ ସୁସ୍ଥ ଜ୍ଞାନର ସଂଦେଶବାହକ ରୂପେ ସ୍ୱୟଂ କବିର୍ଦେବ ଅର୍ଥାତ୍ କବୀର ପ୍ରଭୁ ହିଁ ଆସିଥାନ୍ତି ।

ସଂଖ୍ୟା ନଂ ୧୪୦୦ ସାମବେଦ ଉତାର୍ଚିତ ଅଧ୍ୟାୟ ନଂ ୧୨ ଖଣ୍ଡ ନଂ ୩ ଶ୍ଲୋକ ନଂ ୫

(ସନ୍ଥ ଶ୍ରୀ ରାମପାଲ ଦାସଜୀ ମହାରାଜଙ୍କ ଦ୍ୱାରା ଅନୁବାଦିତ):-

ଭଦ୍ରା ବସ୍ତ୍ରା ସମନ୍ୟାऽବସାନୋ ମହାନ୍ କର୍ବିର୍ନବଚନାନି ଶଂସନ୍ ।
ଆ ବଚ୍ୟସ୍ୱ ଚମ୍ୱୋଃ ପୂୟମାନୋ ବିଚକ୍ଷଣୋ ଜାଗୃବିର୍ଦେବବୀତୌ ॥୫॥

ଭଦ୍ରା-ବସ୍ତ୍ରା-ସମନ୍ୟା-ବସାନଃ-ମହାନ୍-କବିର୍-ନିବଚନାନି-ଶଂସନ୍-ଆବଚ୍ୟସ୍ୱ-ଚମ୍ୱୋଃ-ପୂୟମାନଃ-ବିଚକ୍ଷଣଃ-ଜାଗୃବି-ଦେବ-ବୀତୌ ।

ଅନୁବାଦ:- (ବିଚକ୍ଷଣଃ) ଚତୁର ବ୍ୟକ୍ତିମାନେ (ଆବଚ୍ୟସ୍ୱ) ନିଜ ବଚନ ଦ୍ୱାରା କହିଥାନ୍ତି ଯେ ଆମ୍ଭେ ଯେଉଁ ପ୍ରବଚନ କରୁଛୁ ତାହାକୁ ଅନୁସରଣ କର । ସେହି ଚତୁର ବ୍ୟକ୍ତିମାନେ ପୂର୍ଣ୍ଣବ୍ରହ୍ମଙ୍କ ପୂଜା ବିଷୟରେ ନ ବତାଇ ଅନ୍ୟ ଉପାସନାର ମାର୍ଗଦର୍ଶନ କରାଇ ଅମୃତ ସ୍ଥାନରେ (ପୂୟମାନଃ) ଅନ୍ୟ ଉପାସନା ରୂପୀ

ପୂଯ-ଘାଆ {ଯେପରି ଭୂତପୂଜା, ପ୍ରେତପୂଜା, ପିତୃପୁରୁଷଙ୍କ ପୂଜା (ଶ୍ରାଦ୍ଧ), ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବଶଙ୍କର) ଏବଂ ବ୍ରହ୍ମ-କାଳଙ୍କ ପୂଜା} ଆଦିକୁ (ଚମ୍ଯୋଃ) ଆଦରର ସହିତ ସେବନ କରି ଚାଲିଥାନ୍ତି ଅର୍ଥାତ୍ ଶାସ୍ତ୍ରବିରୁଦ୍ଧ ଭୁଲ ଜ୍ଞାନକୁ ସମାପ୍ତ କରିବା ପାଇଁ (ଭଦ୍ରା) ପରମସୁଖ ଦାୟକ (ମହାନ କବୀର୍) ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା କବୀର(ବସ୍ତ୍ରା) ସ୍ୱଶରୀରେ ସାଧାରଣ ବେଶ ଭୂଷାରେ "ଅର୍ଥାତ୍ ବସ୍ତ୍ରର ଅର୍ଥ ବେଶଭୂଷା ଅଟେ, ସନ୍ଥଙ୍କ ଭାଷାରେ ଏହାକୁ ଚୋଲା ମଧ୍ୟ କୁହନ୍ତି, ଚୋଲାର ଅର୍ଥ ଶରୀର ଅଟେ । ଯଦି କୌଣସି ସନ୍ଥଙ୍କ ଦେହାନ୍ତ ହୋଇଯାଏ ତେବେ କୁହନ୍ତି ଯେ ସନ୍ଥ ଚୋଲା ଛାଡିଗଲେ ।" (ସମନ୍ୟା) ନିଜ ସତ୍ୟଲୋକର ଶରୀର ସଦୃଶ୍ୟ ଅନ୍ୟ ହାଲୁକା ତେଜପୁଞ୍ଜର ଶରୀର ଧାରଣକରି (ବସାନଃ) ସାଧାରଣ ବ୍ୟକ୍ତିଙ୍କ ଭଳି ଜୀବନ ବିତାଇ, କିଛିଦିନ ସଂସାରରେ ଅତିଥି ଭଳି ଅବସ୍ଥାନ କରି (ନିବଚନାନି) ନିଜ ଶବ୍ଦାବଳୀ 'କବୀରବାଣୀ' ଆଦି ମାଧ୍ୟମରେ ସତ୍ୟଜ୍ଞାନ(ସଂଶନ୍) ବର୍ଣ୍ଣନା କରି (ଦେବ) ପୂର୍ଣ୍ଣ ପରମାତ୍ମାଙ୍କର(ବୀତୌ) ଲୁକାୟିତ ହୋଇ ରହିଥିବା ସର୍ଗୁଣ-ନିର୍ଗୁଣ ଜ୍ଞାନ ରୂପୀ ଧନକୁ (ଜାଗୃତିଃ) ଜାଗ୍ରତ କରିଥାନ୍ତି ।

ଭାବାର୍ଥ :- ଯେପରି ଯଜୁର୍ବେଦ ଅଧ୍ୟାୟ ୫ ର ମନ୍ତ୍ର ୧ ରେ କୁହାଯାଇଛି ଯେ "ଅଗ୍ନେଃ ତନୂଃ ଅସି"= ପରମେଶ୍ୱର ସଶରୀର ଅଟନ୍ତି । ବିଷ୍ଣବେ ତ୍ୱା ସୋମସ୍ୟ ତନୂଃ ଅସି = ପାଳନ ପୋଷଣ ପାଇଁ ସେହି ଅମର ପ୍ରଭୁଙ୍କର ଅନ୍ୟ ଶରୀର ଅଛି, ଯେଉଁ ରୂପ ଧାରଣ କରି ସେ କିଛି ଦିନ ପାଇଁ ସଂସାରକୁ ଅତିଥି ରୂପେ ଆସିଥାନ୍ତି ତଥା ଅଜ୍ଞାନ ନିଦ୍ରାରେ ଶୋଇଥିବା ତତ୍ତ୍ୱଜ୍ଞାନ ହୀନ ପ୍ରଭୁ ପ୍ରେମୀମାନଙ୍କୁ ଜାଗ୍ରତ କରିଥାନ୍ତି । ସେହି ପ୍ରମାଣ ଏହି ମନ୍ତ୍ରରେ ଅଛି, ପୂର୍ଣ୍ଣ ପରମାତ୍ମା କବିର୍ଦେବ ଅର୍ଥାତ୍ କବୀର ପ୍ରଭୁ କିଛି ସମୟ ପାଇଁ ନିଜ ରୂପ ବଦଳାଇ, ସାମାନ୍ୟ ବ୍ୟକ୍ତିଙ୍କ ଭଳି ରୂପ ଧାରଣ କରି ପୃଥିବୀ ମଣ୍ଡଳରେ ପ୍ରକଟ ହୋଇଥାନ୍ତି ତଥା କବିର୍ନିବଚନାନି ସଂସନ୍ ଅର୍ଥାତ୍ କବିର୍ବାଣୀ ବୋଲିଥାନ୍ତି । ଯାହା ମାଧ୍ୟମରେ ସେ ତତ୍ତ୍ୱଜ୍ଞାନକୁ ଜାଗ୍ରତ କରିଥାନ୍ତି । ସେହି ସମୟରେ ନିଜକୁ ମହର୍ଷି ବୋଲାଉଥିବା ଚତୁର ପ୍ରାଣୀମାନେ ମିଥ୍ୟା ଜ୍ଞାନ ଆଧାରରେ ଭକ୍ତାତ୍ମାମାନଙ୍କୁ ଶାସ୍ତ୍ରବିଧି ରହିତ ପୂଜା ସାଧନା କରାଉଥାନ୍ତି । ସେହି ଶାସ୍ତ୍ରବିଧି ରହିତ ପୂଜା ରୂପୀ ପୂଯ-ଘାଆକୁ ଶ୍ରଦ୍ଧାର ସହିତ ପାନ କରିଥାନ୍ତି ଅର୍ଥାତ୍ ପୂଜା କରାଇଥାନ୍ତି, ସତ୍ୟସାଧନା ରୂପୀ ଅମୃତ ଜ୍ଞାନକୁ ସେମାନେ ଜନସମାଜଠାରୁ ଦୂରେଇ ରଖିଥାନ୍ତି । ସେହି ସମୟରେ ପୂର୍ଣ୍ଣ ପରମାତ୍ମା ସ୍ୱୟଂ ପ୍ରକଟ ହୋଇ ତତ୍ତ୍ୱଜ୍ଞାନ ମାଧ୍ୟମରେ ଶାସ୍ତ୍ରବିଧି ଅନୁସାରେ ସାଧନା ଜ୍ଞାନ ପ୍ରଦାନ କରିଥାନ୍ତି ।

ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧

ଅଗ୍ନେଃ ତନୂଃ ଅସି। ବିଷ୍ଣବେ ତ୍ୱା ସୋମସ୍ୟ ତନୂଃ ଅସି। ବିଷ୍ଣବେ ତ୍ୱା ଅତିଥେଃ ଅତିଥ୍ୟମ୍ ଅସି। ବିଷ୍ଣବେ ତ୍ୱା ଶ୍ୟେନାୟ, ତ୍ୱା ସୋମ ଭୃତେ ବିଷ୍ଣବେ ତ୍ୱା ଅଗ୍ନୟେଃ ତ୍ୱା ରାୟଃ ପୋଷଦେ ବିଷ୍ଣବେ ତ୍ୱା। (୧)

ଅନୁବାଦ :- ଏହି ମନ୍ତ୍ରରେ ପରମେଶ୍ୱରଙ୍କର ଦୁଇଟି ସ୍ଥିତିର ବର୍ଣ୍ଣନା ଅଛି। ଗୋଟିଏ ସ୍ଥିତିରେ ପରମେଶ୍ୱର ଉପର ଲୋକରେ ତେଜମୟ ଶରୀରଯୁକ୍ତ ଅଟନ୍ତି। ଅନ୍ୟ ସ୍ଥିତିରେ ପରମେଶ୍ୱର ଋଷି ବା ସନ୍ଥ ବେଶଭୂଷାରେ ଜଣେ ସାଧାରଣ ବ୍ୟକ୍ତି ପରି ଶରୀର ଧାରଣ କରି ସମସ୍ତ ଆତ୍ମାଙ୍କୁ ସହାୟ ହୋଇଥାନ୍ତି ଯେପରି ଆଗନ୍ତୁକ ଅର୍ଥାତ୍ ଅତିଥି ଆସିଥାନ୍ତି। ଅତିଥିର ଭାବାର୍ଥ ହେଲା ଯାହାଙ୍କର ଆସିବାର ତିଥି ପୂର୍ବରୁ ନିର୍ଦ୍ଧାରିତ ହୋଇନଥାଏ। ସେହି ପରମାତ୍ମା ଅତିଥି ରୂପରେ ଦୁଇ ପ୍ରକାର ସ୍ଥିତିରେ ଆସିଥାନ୍ତି ଯେପରି :-

୧. ପରମାତ୍ମା କିଛି ସମୟ ପାଇଁ ଏହି ସଂସାରକୁ ଆସି ଜଣେ ସାଧରଣ ବ୍ୟକ୍ତି ପରି ଜୀବନଯାପନ କରି ନିଜ ତତ୍ତ୍ୱଜ୍ଞାନର ପ୍ରଚାର କରନ୍ତି ଯେପରି କବୀର ରୂପରେ ପ୍ରକଟ ହୋଇ ପରମେଶ୍ୱର ବନାରସ (କାଶୀ) ସହରରେ ୧୨୦ ବର୍ଷ ରହିଥିଲେ। ପଦ୍ମଫୁଲ ଉପରେ ଅଚାନକ ଶିଶୁ ରୂପରେ ପ୍ରକଟ ହୋଇ ପୁଣି ଲୀଳାକରି ବଡ଼ ହୋଇ ସଂସାରରେ ୧୨୦ ବର୍ଷ ଅତିଥି ଭଳି ରହି ସଶରୀରେ ସତ୍ୟଲୋକ{ନିଜ ମୂଳସ୍ଥାନକୁ} ଚାଲିଗଲେ। ଦ୍ୱିତୀୟରେ "ପରମାତ୍ମା ଅଚାନକ ସନ୍ଥ, ଋଷି କିମ୍ବା ଅନ୍ୟ ସାଧାରଣ ମାନବ ରୂପରେ ପ୍ରକଟ ହୋଇ ନିଜର ପ୍ରିୟ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ତତ୍ତ୍ୱଜ୍ଞାନ ବୁଝାଇବା ସହିତ ନିଜ ସତ୍ୟଲୋକର ଦର୍ଶନ କରାଇ ପୁଣି ତଳେ ଛାଡ଼ି ଦିଅନ୍ତି। ତା'ପରେ ସେହି ପରମ ଭକ୍ତ ସ୍ୱଚକ୍ଷୁରେ ଦେଖି ଆସିଥିବା ପୂର୍ଣ୍ଣ ପରମାତ୍ମାଙ୍କର ସେହି ମହିମା ବର୍ଣ୍ଣନା କରିଥାନ୍ତି। ଏହାକୁ ଅଲଲ ପକ୍ଷୀ ବା ବାଜ ପକ୍ଷୀ(ଇଗଲ୍) କ୍ରୀୟା କୁହାଯାଇଛି। ଯେପରି ବାଜ ପକ୍ଷୀ (ଇଗଲ୍) ଅନ୍ୟ ପକ୍ଷୀ ଉପରକୁ ଲମ୍ଫ ପ୍ରଦାନ କରି ଅତି କ୍ଷୀପ୍ର ଗତିରେ ଶୀକାର କରି ଚାଲିଯାଏ। ଏହି ପ୍ରକାରେ ଅଲଲ ପକ୍ଷୀ (ଆକାଶ ମଣ୍ଡଳରେ ରହୁଥିବା)

ସହିତ ମଧ୍ ତୁଳନା କରାଯାଇଛି, ଯିଏ ଅତି ଚଞ୍ଚଳତାର ସହିତ ତଳକୁ ଆସି ନିଜ ପଞ୍ଜାରେ ହାତୀମାନଙ୍କୁ ଧରି ପୁଣି ଉପରକୁ ଚାଲିଯାଏ, ଯେପରି ପରମାତ୍ମା ଅଚାନକ ପ୍ରକଟ ହୋଇ ସନ୍ଥ ନାନକଜୀଙ୍କୁ ବେଇ ନଦୀ କୂଳରେ ମିଳିଥିଲେ । ସଚ୍ଚଖଣ୍ଡ ଅର୍ଥାତ୍ ସତ୍ୟଲୋକର ଦର୍ଶନ କରାଇ ତୃତୀୟ ଦିବସରେ ଅଚାନକ ପୃଥିବୀ ଉପରେ ତାଙ୍କୁ ଛାଡି ଦେଇଥିଲେ । ତତ୍‌ପଶ୍ଚାତ୍ ସନ୍ଥ ନାନକ ସାହେବଜୀ ସ୍ୱଚକ୍ଷୁରେ ଦେଖିଥିବା ପୂର୍ଣ୍ଣ ପରମାତ୍ମାଙ୍କର ମହିମା ଗାନ କଲେ ଯାହା ତାଙ୍କ ବାଣୀରେ ଗୁରୁଗ୍ରନ୍ଥ ସାହେବ ପୁସ୍ତକର ମହଲା-ପହଲାରେ ଅଛି । ପରମେଶ୍ୱର ଏହି ପ୍ରକାରେ ସନ ୧୭୨୭ ରେ ସନ୍ଥ ଗରୀବ ଦାସଜୀଙ୍କୁ ଗ୍ରାମ-ଛୁଡ଼ାଣୀ, ଜିଲ୍ଲା-ଝଜ୍ଜର(ହରିୟାଣା ପ୍ରାନ୍ତ)ରେ ''ନଲା'' ନାମକ କ୍ଷେତରେ ଜୀନ୍ଦା ମହାତ୍ମା(ସାଧୁ/ଫକିର) ରୂପରେ ଭେଟିଥିଲେ । ସତ୍ୟଲୋକର ଦର୍ଶନ କରାଇ ସେହିଦିନ ପୁନର୍ବାର ପୃଥିବୀ ପୃଷ୍ଠରେ ଛାଡି ଦେଇଥିଲେ । ତତ୍‌ପଶ୍ଚାତ୍ ସନ୍ଥ ଗରୀବ ଦାସ ସାହେବଜୀ ପରମାତ୍ମାଙ୍କର ସେହି ମହିମା ଗାନ କରିଥିଲେ ଯାହା ସ୍ୱଚକ୍ଷୁରେ ସତ୍ୟଲୋକରେ ଦେଖି ଆସିଥିଲେ । ତାଙ୍କ ଅମୃତବାଣୀ ରୂପରେ ''ବାଣୀ ସଦ ଗ୍ରନ୍ଥ'' ରେ ତାହା ବିଦ୍ୟମାନ । ଏହି ପ୍ରକାରେ ସନ୍ଥ ଦାଦୁ ସାହେବଙ୍କୁ ମଧ୍ୟ ଭେଟିଥିଲେ । ସନ୍ଥ ମଲୁକ ଦାସ ସାହେବଜୀଙ୍କୁ ସାକ୍ଷାତ କରିଥିଲେ । ସନ୍ଥ ଧର୍ମଦାସ ସାହେବଜୀଙ୍କୁ ସାକ୍ଷାତ କରିଥିଲେ । ସନ୍ଥ ଘୀସା ଦାସ ସାହେବଜୀଙ୍କୁ ସାକ୍ଷାତ କରିଥିଲେ । ହଜରତ୍ ମହମ୍ମଦ ସାହେବଜୀଙ୍କୁ ଭେଟିଥିଲେ । ରାଜା ଆବ୍ରାହିମ ଅଧମ ସୁଲ୍‌ତାନଜୀଙ୍କୁ ସାକ୍ଷାତ କରିଥିଲେ । ପୂର୍ଣ୍ଣପ୍ରଭୁ ଦିତୀୟ ବିଧିରେ ଅନ୍ୟ ବହୁତ ପୁଣ୍ୟାତ୍ମାମାନଙ୍କୁ ଅତିଥି ରୂପରେ ଭେଟି ନିଜ ଯଥାର୍ଥ ଜ୍ଞାନର ପ୍ରଚାର କରିଥିଲେ ତଥା ନିଜ ଜୀବାତ୍ମାମାନଙ୍କର କଲ୍ୟାଣ କରିଥିଲେ । ଆଚାର୍ଯ୍ୟ ସ୍ୱାମୀ ରାମାନନ୍ଦଜୀ, ପୂର୍ଣ୍ଣ ପରମାତ୍ମା କବୀରଜୀଙ୍କର ସେହି ମହିମା ବର୍ଣ୍ଣନା କରିଥିଲେ ଯାହା ସ୍ୱଚକ୍ଷୁରେ ସେ ଦେଖିଥିଲେ ।

ଦୋହୁ ଠୋର ହୈ ଏକ ତୂ ଭୟା ଏକ ସେ ଦୋ ॥ ହେ କବୀର ହମ କାରଣେ ଆୟେ ହୋ ମଗ ଜୋୟ ॥

ସ୍ୱାମୀ ରାମାନନ୍ଦଜୀ କହିଲେ ହେ କବୀର ପରମେଶ୍ୱର ଆପଣ ଉପର ଲୋକରେ ତେଜମୟ ଶରୀର ଧାରଣ କରିଛନ୍ତି ତଥା ଏଠାରେ ମଧ୍ୟ ଅଛନ୍ତି, ଉଭୟ ସ୍ଥାନରେ ଆପଣ ବିରାଜମାନ । ଆମ୍ଭମାନଙ୍କ ପାଇଁ ଆପଣ ଏତେ ରାସ୍ତା ଅତିକ୍ରମ କରି ଆସିଛନ୍ତି ।

(ଅଗ୍ନେଃ) ସ୍ୱପ୍ରକାଶିତ ପରମେଶ୍ୱର (ତନୂଃ) ସ୍ୱଶରୀର(ଅସି) ଅର୍ଥାତ୍ ପରମେଶ୍ୱର ତେଜମୟ ଶରୀର ଧାରଣ କରିଛନ୍ତି । (ବିଷ୍ଣବେ) ପାଳନ-ପୋଷଣ କରିବା ପାଇଁ ଅର୍ଥାତ୍ ସର୍ବ ଲୋକର ସମସ୍ତ ଆତ୍ମାଙ୍କର ଆବଶ୍ୟକତା ପୂରଣ କରିବା ପାଇଁ (ତ୍ୱା) ସେହି (ସୋମସ୍ୟ) ଅମର ପୁରୁଷ ଅର୍ଥାତ୍ ଅବିନାଶୀ ପରମାତ୍ମାଙ୍କର (ତନୂଃ) ଶରୀର (ଅସି) ଅଛି । ସୋମପୁରୁଷ ଅର୍ଥାତ୍ ଅମର ପ୍ରଭୁ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ପାଳନ-ପୋଷଣ କରନ୍ତି । ଅତିଥି ରୂପରେ ତାଙ୍କର ଆଗମନ ହୋଇଥାଏ ଅର୍ଥାତ୍ ସେ ଅଚାନକ ପ୍ରକଟ ହୋଇଥାନ୍ତି ।ଜ୍ଯାହାଙ୍କର ଆଗମନର ତିଥି ପୂର୍ବରୁ ନିର୍ଦ୍ଧାରିତ ହୋଇ ନଥାଏ ତାଙ୍କୁ ଆଗନ୍ତୁକ ଅର୍ଥାତ୍ ଅତିଥି କୁହାଯାଏ ।କ୍ର(ତ୍ୱା) ସେହି ପରମେଶ୍ୱରଙ୍କର (ବିଷ୍ଣବେ) ତିନି ଲୋକରେ ପ୍ରବେଶ କରି ପାଳନ-ପୋଷଣ କରିବା ପାଇଁ ଆଗମନ ହୋଇଥାଏ । (ଅତିଥେ) ଅତିଥି ରୂପରେ ପ୍ରକଟ ପରମେଶ୍ୱର (ଅତିଥ୍ୟମ) ଅତିଥିୟନ ଅର୍ଥାତ୍ ପୂଜାର ଯୋଗ୍ୟ (ଅସି) ଅଟନ୍ତି । (ତ୍ୱା) ସେହି ପରମେଶ୍ୱରଙ୍କର ଆଗମନ(ବିଷ୍ଣବେ) ପାଳନ କରିବା ପାଇଁ (ସୋମଭତେ) ଅମର ସୁଖ ପ୍ରଦାନ କରିବା ପାଇଁ ଅର୍ଥାତ୍ ପୂର୍ଣ୍ଣ ମୋକ୍ଷ ମାର୍ଗ ପ୍ରଦାନ କରି ଭକ୍ତି ରୂପୀ ଅମୃତରେ ପରିପୂର୍ଣ୍ଣ କରିବା ପାଇଁ ଦୁଇ ପ୍ରକାର ବିଧିରେ ହୋଇଥାଏ । ସେଥିମଧ୍ୟରୁ ଗୋଟିଏ ହେଲା (ତ୍ୱା) ସେହି ପରମାତ୍ମାଙ୍କର ଆଗମନ (ବିଷ୍ଣବେ) କିଛି ସମୟ ପାଇଁ ସଂସାରରେ ବ୍ୟାପକ ହେବା ପାଇଁ ଅର୍ଥାତ୍ ସଂସାରରେ ମାନବ ପରି କିଛି ସମୟ ପାଇଁ ଲୀଳା କରି ଜୀବନଯାପନ କରି ପୂଣ୍ୟାତ୍ମାମାନଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରିବା ପାଇଁ ତଥା ସମସ୍ତ ସୁବିଧା-ସୁଯୋଗ ପ୍ରଦାନ କରିବାକୁ ଯେଉଁଭାବରେ ପରମେଶ୍ୱର ଚାରିଯୁଗରେ ଲୀଳା କରିବା ପାଇଁ ଏକ ଶିଶୁ ରୂପରେ ଲୀଳା ପ୍ରଦର୍ଶନ କରନ୍ତି ଏବଂ ସମୟ ଅନୁଯାୟୀ ସାଧାରଣ ବ୍ୟକ୍ତି ପରି ଅଭିବୃଦ୍ଧି ହାସଲ କରିବାପରେ କିଛିକାଳ ସଂସାରରେ ରୁହନ୍ତି । କଳିଯୁଗରେ ୧୩୯୮ ଖ୍ରୀଷ୍ଟାବ୍ଦରେ ପରମେଶ୍ୱର ଭଗବାନ କବୀର, କାଶୀ ନଗରୀରେ ଏକ ପଦ୍ମଫୁଲ ଉପରେ ଆବିର୍ଭୂତ ହୋଇଥିଲେ ଏବଂ ୧୨୦ ବର୍ଷ ପର୍ଯ୍ୟନ୍ତ ପୃଥିବୀରେ ବସବାସ କରିଥିଲେ ଏବଂ ତା'ପରେ ସ୍ୱଶରୀରେ ସତ୍‌ଲୋକକୁ ଫେରିଯାଇଥିଲେ, ଅନ୍ୟପଟେ (ତ୍ୱା) ସେହି ପରମ ଈଶ୍ୱରଙ୍କର ଆଗମନ (ଶ୍ୟେମାନ) ଶେନ୍ ପକ୍ଷୀ ପରି ଶୀଘ୍ର ଫେରିବା ପାଇଁ ହୋଇଥାଏ । ଯେପରି ବାଜପକ୍ଷୀ (ଇଗଲ୍) ଏବଂ ଅଲଲ ପକ୍ଷୀ ନିଜ ଖାଦ୍ୟ ପାଇଁ ଅନ୍ୟ ପ୍ରାଣୀମାନଙ୍କ

ଉପରେ ଶୀଘ୍ରତାର ସହିତ ଝାମ୍ପ ମାରି ଶୀଘ୍ର ଫେରିଯାଏ। ସେହିଭଳି ଦ୍ୱିତୀୟ ସ୍ଥିତିରେ ପରମାତ୍ମା ଅଜ୍ଞାନ ନିଦ୍ରାରେ ଶୋଇଥିବା ଲୋକଙ୍କୁ ଜାଗ୍ରତ କରିବା ପାଇଁ ଅଚାନକ ପ୍ରକଟ ହୋଇଥାନ୍ତି। ନିଜର ପ୍ରିୟ ଭକ୍ତଙ୍କୁ ତତ୍ତ୍ୱଜ୍ଞାନ ଉପଦେଶ ଦେଇଥାନ୍ତି। ସେ ତାଙ୍କୁ ନିଜ ବାସସ୍ଥାନ ସତ୍‌ଲୋକକୁ ନେଇଯାଆନ୍ତି। ସେଠାରେ ସମସ୍ତ ଦୃଶ୍ୟ ଦେଖାଇ ପୁନର୍ବାର ଭକ୍ତଙ୍କୁ ପୃଥିବୀ ପୃଷ୍ଠରେ ଛାଡି ଦିଅନ୍ତି। ତତ୍‌ପଶ୍ଚାତ୍ ସେହି ପରମାତ୍ମାପ୍ରାପ୍ତ ଭକ୍ତ ସ୍ୱଚକ୍ଷୁରେ ଦେଖିଥିବା ପରମାତ୍ମାଙ୍କ ମହିମାର ବର୍ଣ୍ଣନା କରଥାନ୍ତି। ଯେପରି ସନ୍ଥ ନାନକଜୀଙ୍କୁ ବେଈ ନଦୀ କୂଳରେ ଭେଟିଥିଲେ। ତାଙ୍କୁ ସଚ୍ଚଖଣ୍ଡ ଅର୍ଥାତ୍ ସତ୍ୟଲୋକକୁ ନେଇଯାଇଥିଲେ। ତିନିଦିନ ପରେ ସେହି ନଦୀ ନିକଟରେ ଛାଡ଼ି ଦେଇଥିଲେ। ଯେପରି ସନ୍ଥ ଗରିବଦାସଜୀଙ୍କୁ ଗ୍ରାମ- ଛୁଡାନୀ, ଜିଲ୍ଲା-ଝଜ୍ଜର ହରିୟାଣା ପ୍ରାନ୍ତରେ ଭେଟିଥିଲେ ତଥା ତାଙ୍କୁ ସତ୍ୟଲୋକକୁ ନେଇଯାଇଥଲେ ଏବଂ କିଛି ଘଣ୍ଟା ପରେ ପୁନର୍ବାର ତାଙ୍କୁ ପୃଥିବୀ ପୃଷ୍ଠରେ ଛାଡିଥିଲେ। ଉପରୋକ୍ତ ଦୁଇ ମହାତ୍ମା ପରମାତ୍ମାଙ୍କ ମହିମାର ପ୍ରତ୍ୟକ୍ଷ ଅନୁଭୂତିର ବର୍ଣ୍ଣନା କଲେ। ଯାହା ସେହି ଦୁଇ ସନ୍ଥଙ୍କର ଅମୃତବାଣୀରେ ବିଦ୍ୟମାନ। (ଦ୍ୱା) ସେହି ସମର୍ଥ ପରମେଶ୍ୱରଙ୍କର ସମସ୍ତ ଲୀଳା ଅଟେ ଯାହା ସେ (ଅଗ୍ନେୟ) ସ୍ୱପ୍ରକାଶିତ ରହିବା ପାଇଁ ଲୀଳା କରିଥାନ୍ତି। (ଦ୍ୱା) ତାଙ୍କର ଆଗମନ (ବିଷ୍ଟବେ) ସମସ୍ତ ଜଗତରେ ପ୍ରବେଶ କରି ପାଳନ-ପୋଷଣ କରିବାକୁ ହୋଇଥାଏ। (ରାୟଃ ପୋଷଦେ) ସେହି କୁଳର ମାଲିକ ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି। ସେ କେବଳ ନିଜ ଜୀବମାନଙ୍କର ସମୃଦ୍ଧତା ପାଇଁ ସମସ୍ତ ଲୀଳା କରିଥାନ୍ତି।

ପବିତ୍ର ଋଗ୍‌ବେଦର ନିମ୍ନ ମନ୍ତ୍ରରେ ମଧ୍ୟ ଏହି ପରିଚୟ ଦିଆଯାଇ କୁହାଯାଇଛି ଯେ ପୂର୍ଣ୍ଣ ପରମାତ୍ମା କିଛି ଦିନ ପାଇଁ ଏହି ସଂସାରକୁ ଯେତେବେଳେ ଲୀଳା କରିବାକୁ ଆସନ୍ତି ସେତେବେଳେ ସେ ଶିଶୁ ରୂପ ଧାରଣ କରିଥାନ୍ତି ଏବଂ ସେହି ପୂର୍ଣ୍ଣ ପରମାତ୍ମାଙ୍କର ପାଳନ-ପୋଷଣ (ଅଧ୍ନ୍ୟଧେନବଃ) କୁଆଁରୀ ଗାଈ ଦ୍ୱାରା ହୋଇଥାଏ । ପୁଣି ଲୀଳା କରି ବଡ଼ ହୋଇଥାନ୍ତି । ନିଜକୁ ପ୍ରାପ୍ତ କରିବା, ସତ୍ୟଲୋକ ଯିବା ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତିର ତତ୍ତ୍ୱଜ୍ଞାନ (କବିର୍ଗିଭିଃ) କବୀର ବାଣୀକୁ କବିତା ମାଧ୍ୟମରେ ଶୁଣାଇଥାନ୍ତି । ତେଣୁ ତାଙ୍କୁ ପ୍ରସିଦ୍ଧ କବି କୁହାଯାଇଥାଏ । ପରନ୍ତୁ ସେ ସ୍ୱୟଂ କବିର୍ଦ୍ଦେବ ଅଟନ୍ତି । ସର୍ବ ସୃଷ୍ଟିର ମାଲିକ, ପୂର୍ଣ୍ଣ ପରମାତ୍ମା ସେ ହିଁ ଅଟନ୍ତି । ସେ ତୃତୀୟ ମୁକ୍ତିଧାମ ସତ୍ୟଲୋକରେ ରହନ୍ତି ।

ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୧ ମନ୍ତ୍ର ୯ ଓ ସୁକ୍ତ ୯୬ ମନ୍ତ୍ର ୧୭-୧୮:-

ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୧ ମନ୍ତ୍ର ୯

ଅଭୀ ଇମଂ ଅଧ୍ନ୍ୟା ଉତ ଶ୍ରୀଣନ୍ତି ଧେନବଃ ଶିଶୁମ୍ । ସୋମମିନ୍ଦ୍ରାୟ ପାତବେ ॥୯॥

ଅଭୀ ଇମମ୍-ଅଧ୍ନ୍ୟା ଉତ ଶ୍ରୀଣନ୍ତି ଧେନବଃ ଶିଶୁମ୍ ସୋମମ୍ ଇନ୍ଦ୍ରାୟ ପାତବେ ।

ଅନୁବାଦ:- (ଉତ) ବିଶେଷ କରି (ଇମମ୍) ଏହି (ଶିଶୁମ୍) ବାଳକ ରୂପରେ ପ୍ରକଟ (ସୋମମ୍)ପୂର୍ଣ୍ଣ ପରମାତ୍ମା ଅମର ପ୍ରଭୁଙ୍କ (ଇନ୍ଦ୍ରାୟ) ସୁଖ ସୁବିଧା ଦ୍ୱାରା ଅର୍ଥାତ୍ ଖାଦ୍ୟ-ପେୟ ଦ୍ୱାରା ଶରୀର ଯେଉଁ ବୃଦ୍ଧି ପ୍ରାପ୍ତି ହୋଇଥାଏ ତାହାର(ପାତବେ) ବୃଦ୍ଧି ପାଇଁ (ଅଭୀ) ସଂପୂର୍ଣ୍ଣ ଭାବେ (ଅଧ୍ନ୍ୟାଧେନବଃ) ଯେଉଁ ଗାଈ ଷଣ୍ଢ ଦ୍ୱାରା କେବେ ବି ସ୍ପର୍ଶ ହୋଇ ନଥିବ ଅର୍ଥାତ୍ କୁଆଁରୀ ଗାଈ ଦ୍ୱାରା (ଶ୍ରୀଣନ୍ତି) ପାଳନ ପୋଷଣ କରାଯାଇଥାଏ ।

ଭାବାର୍ଥ :- ପୂର୍ଣ୍ଣ ପରମାତ୍ମା ଅମର ପୁରୁଷ ଯେତେବେଳେ ଛୋଟ ଶିଶୁ ରୂପରେ ପ୍ରକଟ ହୋଇଥାନ୍ତି । ତା'ପରେ ସେ କୁଆଁରୀ ଗାଈର କ୍ଷୀର ପିଇଥାନ୍ତି ଏବଂ ଲୀଳା କରି ବଡ଼ ହୁଅନ୍ତି । କୁଆଁରୀ ଗାଈଟି ପରମେଶ୍ୱରଙ୍କ ଆଶୀର୍ବାଦରୁ ଆପେ କ୍ଷୀର ପ୍ରଦାନ କରିଥାଏ । ପରମେଶ୍ୱରଙ୍କର ପାଳନପୋଷଣ ଏହିଭଳି କରାଯାଇଥାଏ ।

ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭

ଶିଶୁମ୍ ଜଜ୍ଞାନମ୍ ହର୍ଯ୍ୟ ତମ୍ ମୃଜନ୍ତି ଶୁମ୍ଭନ୍ତି ବହ୍ନିମ୍‌ମରୁତଃ ଗଣେନ ।

କବିର୍ଗୀର୍ଭି କାବ୍ୟେନା କବିର୍ ସନ୍ତ୍ ସୋମଃ ପବିତ୍ରମ୍ ଅତ୍ୟେତି ରେଭନ୍ ॥୧୭॥

ଅନୁବାଦ :- ପୂର୍ଣ୍ଣ ପରମାତ୍ମା (ହର୍ଯ୍ୟ ଶିଶୁମ୍) ମନୁଷ୍ୟର ବାଳକ ରୂପରେ (ଜଜ୍ଞାନମ୍) ଜାଣିଶୁଣି ପ୍ରକଟ ହୁଅନ୍ତି ତଥା ନିଜ ତତ୍ତ୍ୱଜ୍ଞାନକୁ (ତମ୍) ସେହି ସମୟରେ (ମୃଜନ୍ତି) ନିର୍ମଳତାର ସହିତ (ଶୁମ୍ଭନ୍ତି) ଉଚ୍ଚାରଣ କରିଥାନ୍ତି । (ବହ୍ନିମ୍) ପ୍ରଭୁ ପ୍ରାପ୍ତି ପାଇଁ ଲାଗିଥିବା ବିରହ ଅଗ୍ନିର (ମରୁତଃ) ବାୟୁ ଭଳି ଶୀତଳ ଭକ୍ତ (ଗଣେନ) ସମୁହଙ୍କ ପାଇଁ (କାବ୍ୟେନା) କବିତା ଦ୍ୱାରା କବିତ୍ୱ ସାହାଯ୍ୟରେ (ପବିତ୍ରମ୍ ଅତ୍ୟେତି)

ଅତ୍ୟାଧିକ ନିର୍ମଳତାର ସହିତ (କବିରଗୀର୍ଭି) କବୀର ବାଣୀ ଦ୍ୱାରା (ରେଭନ୍) ଉଚ୍ଚ ସ୍ୱରରେ ସମ୍ବୋଧନ କରିଥାନ୍ତି, (କବିର୍ ସନ୍ତ ସୋମଃ) ସେହି ଅମର ପୁରୁଷ ଅର୍ଥାତ୍ ସତ୍ୟପୁରୁଷ ସନ୍ଥ ଅର୍ଥାତ୍ ଋଷି ରୂପରେ ସ୍ୱୟଂ କବିର୍ଦେବ ହିଁ ଆସିଥାନ୍ତି । ପରନ୍ତୁ ଲୋକେ ସେହି ପରମାତ୍ମାଙ୍କୁ ଚିହ୍ନି ନପାରି ତାଙ୍କୁ କବି ରୂପେ ସମ୍ବୋଧିତ କରିଥାନ୍ତି ।

ଭାବାର୍ଥ:- ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ବିଲକ୍ଷଣ ମନୁଷ୍ୟର ବାଳକ ରୂପରେ ପ୍ରକଟ ହୋଇ ପୂର୍ଣ୍ଣ ପରମାତ୍ମା କବିର୍ଦେବ ନିଜର ବାସ୍ତବିକ ଜ୍ଞାନକୁ ନିଜର କବିର୍ଗିଭିଃ ଅର୍ଥାତ୍ କବୀର ବାଣୀ ଦ୍ୱାରା, ନିର୍ମଳ ଜ୍ଞାନ, ନିଜ ହଂସାତ୍ମାମାନଙ୍କୁ ଅର୍ଥାତ୍ ପୁଣ୍ୟାତ୍ମା ଅନୁଗାମୀମାନଙ୍କୁ କବି ରୂପରେ କବିତା ଦ୍ୱାରା ଲୋକୋକ୍ତି ମାଧ୍ୟମରେ ସମ୍ବୋଧନ କରି ଅର୍ଥାତ୍ ଉଚ୍ଚାରଣ କରି ବର୍ଣ୍ଣନା କରିଥାନ୍ତି । ସେ ସ୍ୱୟଂ ସତ୍ୟପୁରୁଷ କବୀର ଅଟନ୍ତି ।

ଋଗ୍ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୮

ଋଷିମନା ଯ ଋଷିକୃତ୍ ସ୍ୱର୍ଷାଃ ସହସ୍ରାଣୀଥଃ ପଦବୀଃ କବୀନାମ୍ ।

ତୃତୀୟମ୍ ଧାମ ମହିଷଃ ସିଷା ସନ୍ତ୍ ସୋମଃ ବିରାଜମାନୁ ରାଜତି ସ୍ଟୁପ୍ ॥୧୮॥

ଅନୁବାଦ:- ବେଦ ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ (ଯ) ଯେଉଁ ପୂର୍ଣ୍ଣ ପରମାତ୍ମା ବିଲକ୍ଷଣ ବାଳକ ରୂପରେ ଆସି (କବୀନାମ୍) ପ୍ରସିଦ୍ଧ କବିମାନଙ୍କ (ପଦବୀ) ଉପାଧି ପ୍ରାପ୍ତ କରି ଅର୍ଥାତ୍ ଜଣେ ସନ୍ଥ ବା ଋଷିର ଭୂମିକା କରିଥାନ୍ତି । ସେହି (ଋଷିକୃତ) ସନ୍ଥ ରୂପରେ ପ୍ରକଟ ହୋଇଥିବା ପ୍ରଭୁଙ୍କ ଦ୍ୱାରା ରଚନା କରାଯାଇଥିବା (ସହସ୍ରାଣୀଥଃ) ହଜାର ହଜାର ବାଣୀ (ଋଷିମନା) ସନ୍ଥ ସ୍ୱଭାବର ବ୍ୟକ୍ତି ଅର୍ଥାତ୍ ଭକ୍ତମାନଙ୍କ ପାଇଁ (ସ୍ୱର୍ଷାଃ) ସ୍ୱର୍ଗ ତୁଲ୍ୟ ଆନନ୍ଦଦାୟକ ହୋଇଥାଏ । (ସନ୍ତ ସୋମଃ) ଋଷି/ସନ୍ଥ ରୂପରେ ପ୍ରକଟ ହୋଇଥିବା ସେହି ଅମର ପୁରୁଷ ଅର୍ଥାତ୍ ସତ୍ୟପୁରୁଷ ହିଁ ଅଟନ୍ତି, ସେହି ପୂର୍ଣ୍ଣପ୍ରଭୁ (ତୃତୀୟା) ତୃତୀୟ (ଧାମ) ମୁକ୍ତିଲୋକ ଅର୍ଥାତ୍ ସତ୍ୟଲୋକର(ମହିଷଃ) ସୁଦୃଢ଼ ପୃଥିବୀକୁ (ସିଷା) ସ୍ଥାପିତ କରି (ଅନୁ) ପରେ ମାନବ ସଦୃଶ ସନ୍ଥ ରୂପରେ (ସ୍ଟୁପ) ଗୁବଁଦ ଅର୍ଥାତ୍ ଗୁମ୍ବଜରେ, ଉଚ୍ଚ ସ୍ଥଳ ରୂପୀ ସିଂହାସନରେ (ବିରାଜମନୁ ରାଜତି) ଉଜ୍ଜ୍ୱଳ ସ୍ଥୁଳ ଆକାରରେ ଅର୍ଥାତ୍ ମାନବ ସଦୃଶ ସଶରୀରେ ବିରାଜମାନ ।

ଭାବାର୍ଥ:- ମନ୍ତ୍ର ୧୭ ରେ କୁହାଯାଇଛି ଯେ କବିର୍ଦେବ ଶିଶୁ ରୂପ ଧାରଣ କରି ଲୀଳା କରି ବଡ ହୁଅନ୍ତି। କବିତା ମାଧ୍ୟମରେ ତତ୍ତ୍ୱଜ୍ଞାନ ବର୍ଣ୍ଣନା କରିବା କାରଣରୁ କବି ପଦବୀ ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ତାଙ୍କୁ ଲୋକେ କବି କହିଥାନ୍ତି । ସେହି ପୂର୍ଣ୍ଣ ପରମାତ୍ମା ବାସ୍ତବରେ କବିର୍(କବୀର ପ୍ରଭୁ) ଅଟନ୍ତି । ତାଙ୍କ ଦ୍ୱାରା ରଚିତ ଅମୃତବାଣୀକୁ କବୀର ବାଣୀ (କବିର୍ଗିରଃ ଅର୍ଥାତ୍ କବିର୍ବାଣୀ) କୁହାଯାଇଥାଏ ଯାହା ପ୍ରଭୁ ଭକ୍ତମାନଙ୍କ ପାଇଁ ସ୍ୱର୍ଗ ତୁଲ୍ୟ ସୁଖଦାୟୀ ହୋଇଥାଏ। ସେହି ପରମାତ୍ମା ତୃତୀୟ ମୁକ୍ତିଧାମ ଅର୍ଥାତ୍ ସତ୍ୟଲୋକର ସ୍ଥାପନା କରି ଏକ ଗୁବଁଦ ଅର୍ଥାତ୍ ଗୁମ୍ବଜ ଭିତରେ ସିଂହାସନ ଉପରେ ତେଜମୟ ମାନବ ସଦୃଶ ଶରୀରରେ ଆକାରରେ ବିରାଜମାନ ।

ଏହି ମନ୍ତ୍ରରେ ସତ୍ୟଲୋକକୁ ତୃତୀୟ ଧାମ କୁହାଯାଇଛି । ଯେପରି ବ୍ରହ୍ମଙ୍କର ଗୋଟିଏ ଲୋକ ଏକୋଇଶି ବ୍ରହ୍ମାଣ୍ଡକୁ ନେଇ ଗଠିତ । ଦ୍ୱିତୀୟରେ ପରବ୍ରହ୍ମଙ୍କ ଲୋକ ଯାହା ସାତଶଙ୍ଖ ବ୍ରହ୍ମାଣ୍ଡକୁ ନେଇ ଗଠିତ। ତୃତୀୟରେ ପରମ ଅକ୍ଷରବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମଙ୍କ ଋତଧାମ ଅର୍ଥାତ୍ ସତ୍ୟଲୋକ ଅଟେ ।

## "ତ୍ରେତୟା ଯୁଗରେ କବିର୍ଦେବ (କବୀର ସାହେବ)ଙ୍କର ମୁନିନ୍ଦ୍ର ନାମରେ ପ୍ରାକଟ୍ୟ"

## "ନଳ ଓ ନୀଳଙ୍କୁ ଶରଣକୁ ନେବା"

ତ୍ରେତୟା ଯୁଗରେ ସ୍ୱୟଂଭୁ (ସ୍ୱୟଂ ପ୍ରକଟ ହେଉଥିବା ପ୍ରଭୁ) କବିର୍ଦେବ (କବୀର ପରମେଶ୍ୱର) ନିଜର ରୂପାନ୍ତର କରି ମୁନିନ୍ଦ୍ର ଋଷି ନାମରେ ଆସିଥିଲେ । ଅନଳ ଅର୍ଥାତ୍ ନଳ ଏବଂ ଅନୀଳ ଅର୍ଥାତ୍ ନୀଳ ଦୁହେଁ ମାଉସୀ ପୁଅ ଭାଇଥିଲେ । ମାତା-ପିତାଙ୍କ ଦେହାନ୍ତ ହୋଇ ସାରିଥିଲା, ନଳ ଓ ନୀଳ ଦୁହେଁ ଶାରୀରିକ ଓ ମାନସିକ ରୋଗରେ ଅତ୍ୟାଧିକ ପୀଡିତ ଥିଲେ । କଷ୍ଟ ନିବାରଣ ପାଇଁ ସମସ୍ତ ଋଷି ଓ ସନ୍ଥମାନଙ୍କୁ ପ୍ରାର୍ଥନା କରିସାରିଥିଲେ । ସର୍ବ ସନ୍ଥ/ଋଷି ଏହା କହୁଥିଲେ ଯେ ପ୍ରାରବ୍ଧ ପାପକର୍ମର ଦଣ୍ଡ ଆପଣଙ୍କୁ ଭୋଗ କରିବାକୁ ହିଁ ପଡିବ । ଏହାର କୌଣସି ସମାଧାନ ନାହିଁ । ଦୁଇ ବନ୍ଧୁ ଜୀବନ ପ୍ରତି ନିରାଶ ହୋଇ ମୃତ୍ୟୁ ଅପେକ୍ଷାରେ ଜୀବନ ବିତାଉଥିଲେ ।

ମୁନିନ୍ଦ୍ର ନାମରେ ପ୍ରକଟ ପୂର୍ଣ୍ଣ ପରମାତ୍ମାଙ୍କ ସତସଙ୍ଗ ଶୁଣିବା ପାଇଁ ଥରେ ଦୁହିଁଙ୍କୁ ସୁଯୋଗ ମିଳିଲା ।

ସତସଙ୍ଗ ଉପରାନ୍ତ ଦୁହେଁ ପରମେଶ୍ୱର କବିର୍ଦେବ (କବୀର ସାହେବ) ଓରଫ୍ ମୁନିନ୍ଦ୍ର ଋଷିଙ୍କ ଚରଣ ସ୍ପର୍ଶ କଲେ । ପରମେଶ୍ୱର ମୁନିନ୍ଦ୍ରଜୀ ସେମାନଙ୍କ ମସ୍ତକ ଉପରେ ହାତ ରଖିବା ମାତ୍ରେ ଦୁହିଁଙ୍କର ଅସାଧ୍ୟ ରୋଗ କ୍ଷଣିକ ମଧ୍ୟରେ ଉଭାନ୍ ହୋଇଗଲା ଅର୍ଥାତ୍ ଦୁଇବନ୍ଧୁ (ନଳ-ନୀଳ) ସୁସ୍ଥ ହୋଇଗଲେ । ଏହି ଅଦ୍ଭୁତ ଚମତ୍କାର ଦେଖି ଦୁଇବନ୍ଧୁ ପ୍ରଭୁଙ୍କ ଚରଣରେ ବହୁତ ସମୟ ପର୍ଯ୍ୟନ୍ତ କାନ୍ଦିଥିଲେ ତଥା କହିଲେ, ଆଜି ଆମ୍ଭଙ୍କୁ ସେହି ପ୍ରଭୁ ମିଳିଗଲେ ଯାହାଙ୍କୁ ଆମ୍ଭେ ଖୋଜୁଥିଲୁ । ଏଥିରେ ପ୍ରଭାବିତ ହୋଇ ତାଙ୍କଠାରୁ ନାମ (ଦୀକ୍ଷା) ନେଲେ ତଥା ସେବା କରିବା ପାଇଁ ମୁନିନ୍ଦ୍ର ସାହେବଜୀଙ୍କ ସହିତ ରହିବାକୁ ଲାଗିଲେ । ସନ୍ଥମାନଙ୍କର ସତସଙ୍ଗ ସେତେବେଳେ ଜଳ ବ୍ୟବସ୍ଥାକୁ ନଜରରେ ରଖି ନଦୀ ନିକଟରେ ହେଉଥିଲା । ନଳ-ନୀଳ ଦୁହେଁ ବହୁତ ପ୍ରଭୁପ୍ରେମୀ ତଥା ସରଳ ସ୍ୱଭାବର ଥିଲେ । ପରମାତ୍ମାଙ୍କଠାରେ ସେମାନଙ୍କର ବହୁତ ଶ୍ରଦ୍ଧା ଥିଲା । ସେମାନେ ବହୁତ ସେବା କରୁଥିଲେ । ସମାଗମକୁ ଆସୁଥିବା ରୋଗୀ, ବୃଦ୍ଧ ଓ ବିକଳାଙ୍ଗ ବ୍ୟକ୍ତିମାନଙ୍କର ଲୁଗାପଟା ସଫା କରିବା ସହିତ ବାସନ କୁସନ ମଧ୍ୟ ସଫା କରୁଥିଲେ । ସେମାନଙ୍କର ଲୋଟା(ଡାଳ) ଏବଂ ପାନୀୟ ପାତ୍ର ମାଜି ଦେଉଥିଲେ । ପରନ୍ତୁ ସେମାନେ ସରଳମନା (ଭୋଳା) ଥିଲେ । ଲୁଗା ଧୋଇବା ସମୟରେ ସତସଙ୍ଗରେ ପ୍ରଭୁଙ୍କ ଦ୍ୱାରା କୁହାଯାଇଥିବା ଆଧାତ୍ମିକ କଥାକୁ ପରସ୍ପର ମଧ୍ୟରେ ଆଲୋଚନା ବା ଚର୍ଚ୍ଚା କରୁଥିଲେ । ପ୍ରଭୁଙ୍କ ଚର୍ଚ୍ଚାରେ ଦୁହେଁ ଏତେ ମାତ୍ରାରେ ନିମଗ୍ନ ରହୁଥିଲେ ଯେ ସେ ସମୟରେ କିଛି ବସ୍ତୁ ଜଳରେ ବୁଡ଼ି ଯାଉଥିଲା ଯାହା ସେମାନେ ଜାଣି ପାରୁନଥିଲେ । କାହାର ଚାରୋଟି ବସ୍ତୁ ନେଇ ଦୁଇଟି ବସ୍ତୁ ଫେରାଉ ଥିଲେ । ଭକ୍ତମାନେ କହୁଥିଲେ, ଭାଇ ! ଆପଣ ଭଲ ସେବା କରୁଛନ୍ତି କିନ୍ତୁ ଆମ୍ଭ ଜିନିଷ ହଜାଇ ଦେଉଛନ୍ତି । ହଜି ଯାଉଥିବା ସେହି ବସ୍ତୁଗୁଡ଼ିକୁ ଆମ୍ଭେ କିପରି ପାଇବୁ ? ଆପଣ ଆମ୍ଭର ସେବା କରିବା ଦରକାର ନାହିଁ । ଆମ୍ଭ ସେବା ଆମ୍ଭେ ନିଜେ କରିବୁ । ଏହା ଶୁଣି ନଳ-ନୀଳ କାନ୍ଦିବାକୁ ଲାଗିଲେ ଏବଂ କହିଲେ, ଦୟାକରି ଆମ୍ଭ ସେବା ଛଡ଼ାଇ ନିଅନ୍ତୁ ନାହିଁ, ଆଉ କେବେ ବି ଏଭଳି ଭୁଲ କରିବୁ ନାହିଁ । ପରନ୍ତୁ ପୁଣି ସେହି ଭୁଲ କରୁଥିଲେ । ପୁଣି ପ୍ରଭୁ ଚର୍ଚ୍ଚାରେ ନିମଗ୍ନ ହୋଇ ଯାଉଥିଲେ ତେଣୁ ବସ୍ତୁଗୁଡ଼ିକ ଜଳରେ ବୁଡ଼ି ଯାଉଥିଲା । ଭକ୍ତମାନେ, ଋଷି ମୁନିନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରି କହିଲେ, ଦୟାକରି ନଳ-ନୀଳଙ୍କୁ ବୁଝାନ୍ତୁ । ସେବା କରିବା ପାଇଁ ଏମାନଙ୍କୁ ଯେତେ ମନା କଲେ ବି ମାନୁନାହାଁନ୍ତି କି ନିଜ ତରଫରୁ ମନା ମଧ୍ୟ କରୁ ନାହାଁନ୍ତି ଏବଂ କାନ୍ଦି ପକାଉଛନ୍ତି । ଆମ୍ଭର ତ ଅଧା ବସ୍ତୁ ଫେରାଉ ନାହାଁନ୍ତି । ନଦୀ କୂଳରେ ଏମାନେ ଭଗବାନଙ୍କ ଚର୍ଚ୍ଚାରେ ବ୍ୟସ୍ତ ରହୁଛନ୍ତି, ସତସଙ୍ଗରୁ ଶୁଣୁଥିବା ଜ୍ଞାନ ବିଷୟରେ ଚର୍ଚ୍ଚା କରୁଛନ୍ତି, ଯାହାଦ୍ୱାରା ବସ୍ତୁଗୁଡ଼ିକ ଜଳରେ ବୁଡ଼ିଯାଉଛି । ମୁନିନ୍ଦ୍ର ସାହେବ ଥରେ ଦୁଇଥର ସେମାନଙ୍କୁ ବୁଝାଇଲେ । ବୁଝାଇବା ସମୟରେ ସେମାନେ କାନ୍ଦି ପକାଉଥିଲେ ଏବଂ କହୁଥିଲେ, ସାହେବ ! ଆମ୍ଭଠାରୁ ଏହି ସେବା ଛଡ଼ାନ୍ତୁ ନାହିଁ । ସଦଗୁରୁ ମୁନିନ୍ଦ୍ର ସାହେବ କହିଲେ, ବତ୍ସ ! ନଳ-ନୀଳ ତୁମ୍ଭେମାନେ ବହୁତ ସେବା କରୁଛ ଆଜିଠାରୁ ତୁମ୍ଭ ଦୁହିଁଙ୍କ ହାତରୁ କୌଣସି ବସ୍ତୁ ଏପରିକି ପଥର, ଲୁହା ମଧ୍ୟ ଜଳରେ ବୁଡିବ ନାହିଁ । ମୁନିନ୍ଦ୍ର ସାହେବ ସେମାନଙ୍କୁ ଏହି ଆଶୀର୍ବାଦ ଦେଲେ ।

ଆପଣ ରାମାୟଣରେ ନିଶ୍ଚୟ ଶୁଣିଥିବେ । ଏକଦା ରାବଣ, ସୀତାଦେବୀଙ୍କୁ ଅପହରଣ କରି ନେଇଗଲା । ଭଗବାନ ରାମଙ୍କୁ ଏହା ଜଣା ନ ଥିଲା ଯେ ସୀତାଙ୍କୁ କିଏ ଅପହରଣ କରିଛି ? ଶ୍ରୀ ରାମଚନ୍ଦ୍ର ବଣ ମଧ୍ୟରେ ବିଭିନ୍ନ ସ୍ଥାନରେ ସୀତାଙ୍କୁ ଖୋଜିଥିଲେ । ହନୁମାନ ସୀତାଙ୍କୁ ଲଙ୍କାରେ ଠାବ କରିଥିଲେ ଏବଂ ରାବଣ (ରାକ୍ଷସ) ସୀତାଙ୍କୁ ବନ୍ଦୀ କରି ରଖିଥିବାର ଖବର ରାମଚନ୍ଦ୍ରଙ୍କୁ ଦେଇଥିଲେ । ଏହି ଖବର ପାଇବା ପରେ ଭଗବାନ ରାମଚନ୍ଦ୍ର ରାବଣ ନିକଟକୁ ଶାନ୍ତିଦୂତ ପଠାଇଲେ ଏବଂ ପ୍ରାର୍ଥନା କରି କହିଲେ ଯେ ସୀତାଙ୍କୁ ଫେରାଇ ଦିଅ । କିନ୍ତୁ ରାବଣ ମାନିଲା ନାହିଁ । ଏହି କାରଣରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଲା । ଠିକ୍ ଏତିକି ବେଳେ ରାମଚନ୍ଦ୍ରଙ୍କ ସେନା କିପରି ସମୁଦ୍ର ପାରିହେବେ ଏହି ସମସ୍ୟା ଉପୁଜିଲା ।

ଭଗବାନ ଶ୍ରୀ ରାମଚନ୍ଦ୍ର ତିନିଦିନ ପର୍ଯ୍ୟନ୍ତ ଆଣ୍ଠୁଏ ପାଣିରେ ଛିଡ଼ା ହୋଇ ହାତ ଯୋଡ଼ି ସମୁଦ୍ରକୁ ପ୍ରାର୍ଥନା କରି କହିଲେ, ଆମ୍ଭକୁ ଆର ପାରିକୁ ଯିବା ପାଇଁ ରାସ୍ତା ଦିଅନ୍ତୁ । ପରନ୍ତୁ ରାମଚନ୍ଦ୍ରଙ୍କ ପ୍ରାର୍ଥନାକୁ ସମୁଦ୍ର ତିଳେ ମାତ୍ର ଶୁଣିଲେ ନାହିଁ । ସେହି କାରଣରୁ ଶ୍ରୀରାମଚନ୍ଦ୍ର ସମୁଦ୍ରକୁ ଅଗ୍ନିବାଣ ମାରି ଜଳାଇବାକୁ ଚାହିଁଲେ । ସମୁଦ୍ର ଭୟଭିତ ହୋଇ ଏକ ବ୍ରାହ୍ମଣ ରୂପ ଧାରଣ କରି ଶ୍ରୀରାମଚନ୍ଦ୍ରଙ୍କ ସମ୍ମୁଖକୁ ଆସିଲେ ଏବଂ କହିଲେ, ଭଗବାନ ! ସମସ୍ତଙ୍କର ନିଜର ଏକ ମର୍ଯ୍ୟାଦା ଅଛି, ଦୟାକରି ମୋତେ ଜଳାନ୍ତୁ ନାହିଁ । ମୋ ଭିତରେ ଅସଂଖ୍ୟ ଜୀବ ବାସ କରୁଛନ୍ତି । ମୋତେ ଜଳାଇ ଆପଣ ଆର ପାରିକୁ ଯାଇପାରିବେ ନାହିଁ । କାରଣ

ଏଠାରେ ବହୁତ ଗଭୀର ଖାଲ ହୋଇଯିବ ଯାହାକୁ ଆପଣ କେବେ ବି ପାର କରିପାରିବେ ନାହିଁ ।

ସମୁଦ୍ର କହିଲେ, ଭଗବାନ ! ଏପରି କାମ କରନ୍ତୁ ଯେପରି ସାପ ମରିବ କିନ୍ତୁ ଲାଠି ଭାଙ୍ଗିବ ନାହିଁ । ମୋର ମର୍ଯ୍ୟାଦା ରକ୍ଷା ହେବା ସହିତ ଆପଣଙ୍କର ସେତୁ ମଧ୍ୟ ନିର୍ମାଣ ହୋଇଯାଉ । ଏହାଶୁଣି ଭଗବାନ ଶ୍ରୀରାମଚନ୍ଦ୍ର ସମୁଦ୍ରଙ୍କୁ ପ୍ରଶ୍ନ କଲେ, ତାହା କିପରି ସମ୍ଭବ ? ବ୍ରାହ୍ମଣ ରୂପରେ ଉପସ୍ଥିତ ସମୁଦ୍ର କହିଲେ, ଆପଣଙ୍କ ସେନାରେ ନଳ-ନୀଳ ନାମକ ଦୁଇ ସୈନିକ ଅଛନ୍ତି । ସେମାନଙ୍କ ପାଖରେ ତାଙ୍କ ଗୁରୁଦେବଙ୍କଠାରୁ ପ୍ରାପ୍ତ ଏଭଳି ଏକ ଶକ୍ତି ଅଛି ଯାହା ଦ୍ୱାରା ଦୁହିଁଙ୍କ ହାତର ପଥର ଜଳରେ ଭାସିଥାଏ । ଲୌହ ହେଉ କି ପଥର ତାଙ୍କ ହାତର ପ୍ରତ୍ୟେକ ବସ୍ତୁ ଜଳରେ ଭାସିଥାଏ । ଶ୍ରୀରାମଚନ୍ଦ୍ର ନଳ-ନୀଳଙ୍କୁ ଡକାଇଲେ ଏବଂ ସେମାନଙ୍କୁ ପଚାରିଲେ, ବାସ୍ତବରେ କ'ଣ ତୁମ୍ଭମାନଙ୍କ ପାଖରେ ଏଭଳି ଶକ୍ତି ଅଛି ? ନଳ-ନୀଳ କହିଲେ, ହଁ ଆଜ୍ଞା, ଆମ୍ଭ ହାତର ପଥର ଜଳରେ ବୁଡ଼େ ନାହିଁ । ଶ୍ରୀ ରାମଚନ୍ଦ୍ର କହିଲେ, ପରୀକ୍ଷଣ କରାଯାଉ ।

ସେହି ଦୁଇ ଅଜ୍ଞାନୀ (ନଳ-ନୀଳ) ଭାବିଲେ ଯେ ଆଜି ସମସ୍ତଙ୍କ ସମ୍ମୁଖରେ ଆମ୍ଭମାନଙ୍କର ମହିମା ଗାନ ହେବ । ସେଦିନ ସେମାନେ ନିଜ ଗୁରୁଦେବ ଭଗବାନ ମୁନିନ୍ଦ୍ର (କବୀର ସାହେବ)ଙ୍କର ସ୍ମରଣ ଏହା ଭାବି କରିନଥିଲେ ଯେ ଯଦି ଆମ୍ଭେ ଗୁରୁଙ୍କ ସ୍ମରଣ କରିବୁ ତେବେ ଶ୍ରୀରାମଚନ୍ଦ୍ର ଏହା ଭାବିବେ ଯେ ଏ ଦୁହିଁଙ୍କ ପାଖରେ କୌଣସି ଶକ୍ତି ନାହିଁ, ଏମାନେ ଅନ୍ୟଠାରୁ ଶକ୍ତି ଭିକ୍ଷା କରୁଛନ୍ତି । ସେମାନେ ପଥର ଉଠାଇ ପାଣିରେ ପାକାଇଲେ କ୍ଷଣୀ ପଥର ପାଣିରେ ବୁଡ଼ିଗଲା । ନଳ-ନୀଳ ବହୁତ ଚେଷ୍ଟା କଲେ କିନ୍ତୁ ସେମାନଙ୍କ ଦ୍ୱାରା ପଥର ଜଳରେ ଭାସିଲା ନାହିଁ । ଏହା ଦେଖି ଭଗବାନ ରାମଚନ୍ଦ୍ର ସମୁଦ୍ର ଆଡ଼କୁ ଚାହିଁଲେ, ମାନନ୍ତୁ ଏହା କହିବା ପାଇଁ ଚାହୁଁଥିଲେ ଯେ ଆପଣ ମିଛ କହୁଛନ୍ତି । ଏମାନଙ୍କ ନିକଟରେ କୌଣସି ଶକ୍ତି ନାହିଁ । ସମୁଦ୍ର କହିଲେ, ନଳ-ନୀଳ ଆଜି ତୁମ୍ଭେ ନିଜ ଗୁରୁଦେବଙ୍କୁ ସ୍ମରଣ କରି ନାହଁ, ଆରେ ଅଜ୍ଞାନୀ ! ନିଜ ଗୁରୁଦେବଙ୍କୁ ମନେପକାଅ । ସେମାନେ ବୁଝି ପାରିଲେ, ଆଜି ତ ଆମ୍ଭେ ବହୁତ ବଡ଼ ଭୁଲ କରିଦେଲୁ । ସେମାନେ ସଦଗୁରୁ ମୁନିନ୍ଦ୍ର ସାହେବଙ୍କୁ ସ୍ମରଣ କଲେ । ସଦଗୁରୁ ମୁନିନ୍ଦ୍ର (କବୀର ସାହେବ) ସେଠାରେ ପହଞ୍ଚିଗଲେ । ଭଗବାନ ରାମଚନ୍ଦ୍ର କହିଲେ, ହେ ଋଷିବର ! ଏହା ମୋର ଦୁର୍ଭାଗ୍ୟ ଯେ ଆପଣଙ୍କ ସେବକମାନଙ୍କ ହାତରୁ ପଥର ଭାସୁନାହିଁ । ମୁନିନ୍ଦ୍ର ସାହେବ କହିଲେ, ଏବେ ଏମାନଙ୍କ ହାତର ବସ୍ତୁ ଆଉ ଭାସିବ ନାହିଁ । କାରଣ ଏମାନଙ୍କ ମନରେ ଅଭିମାନ ଆସିଯାଇଛି । ସଦଗୁରୁଙ୍କ ବାଣୀ ପ୍ରମାଣ କରୁଛି ଯେ:-

ଗରୀବ,ଜୈସେମାତାଗର୍ଭକୋ,ରାଖେଜତନବନାୟାଠେସଲଗେତୋକ୍ଷୀଣହୋବେ,ତେରୀଐସେଭକ୍ତିଜାୟା

ସେହିଦିନ ଠାରୁ ନଳ-ନୀଳଙ୍କର ସେହି ଶକ୍ତି ସମାପ୍ତ ହୋଇଗଲା । ଶ୍ରୀ ରାମଚନ୍ଦ୍ର, ପରମେଶ୍ୱର ମୁନିନ୍ଦ୍ର ସାହେବଙ୍କୁ କହିଲେ, ହେ ଋଷିବର ! ମୋ ଉପରକୁ ବହୁତ ବଡ଼ ବିପଦ ଆସିଯାଇଛି, ଆପଣଙ୍କ ଦୟାରୁ ମୋ ସେନା କୌଣସି ପ୍ରକାରେ ଆରପଟକୁ ପାର ହୋଇଯାଆନ୍ତୁ । ଯଦି ଆପଣ ନିଜ ସେବକଙ୍କୁ ଶକ୍ତି ଦେଇ ପାରୁଛନ୍ତି ତେବେ ମୋତେ କିଛି ଦୟା କରନ୍ତୁ ପ୍ରଭୁ । ମୁନିନ୍ଦ୍ର ସାହେବ କହିଲେ, ସମ୍ମୁଖରେ ଏ ଯେଉଁ ପାହାଡଟି ଅଛି ତା' ଚାରିପଟେ ମୁଁ ଏକ ରେଖା ଟାଣି ଦେଇଛି । ଏହାର ମଝି ଅଂଶରୁ ପଥର ଆଣିଲେ ସେଗୁଡ଼ିକ ବୁଡ଼ିବ ନାହିଁ । ଶ୍ରୀରାମ ପରୀକ୍ଷଣ ପାଇଁ ପଥର ମଗାଇଲେ, ପାଣି ଉପରେ ରଖିବାରୁ ସେଗୁଡ଼ିକ ଭାସିବାକୁ ଲାଗିଲା । ନଳ-ନୀଳ କାରୀଗର (ଶିଳ୍ପୀ) ମଧ୍ୟ ଥିଲେ । ହନୁମାନ ପ୍ରତିଦିନ ଭଗବାନଙ୍କୁ ସ୍ମରଣ କରୁଥିଲେ । ସେ ନିଜ ଦୈନିକ କ୍ରିୟା କରିବା ସହିତ ପଥର ଉପରେ ରାମ-ରାମ ଲେଖିଲେ ଏବଂ ପୁରା ପାହାଡ଼କୁ ଉଠାଇ ନେଇ ଆସୁଥିଲେ । ନଳ-ନୀଳ ସେଗୁଡିକୁ ଯୋଡି ସେତୁ କାର୍ଯ୍ୟରେ ଲଗାଉ ଥିଲେ । ଏହି ପ୍ରକାରେ ସେତୁ ନିର୍ମିତ ହୋଇଥିଲା । ଧର୍ମଦାସଜୀ କହିଛନ୍ତି :-

ରହେ ନଳ-ନୀଲ ଜତନ କର ହାର, ତବ ସଦଗୁରୁ ସେ କରୀ ପୁକାର ।
ଜା ସତ ରେଖା ଲିଖୀ ଅପାର, ସିନ୍ଧୁ ପର ଶିଲା ତିରାନେ ବାଲେ ।
ଧନ-ଧନ ସତଗୁରୁ ସତ୍ୟ କବୀର, ଭକ୍ତ କୀ ପୀର ମିଟାନେ ବାଲେ ।

କିଛି ବ୍ୟକ୍ତି କହନ୍ତି ଯେ ହନୁମାନ ପଥର ଉପରେ ରାମ ନାମ ଲେଖିବାରୁ ପଥର ଭାସିଥିଲା । ଆଉ କିଛି ବ୍ୟକ୍ତି କହନ୍ତି କି ନଳ-ନୀଳ ସେତୁ ନିର୍ମାଣ କରିଥିଲେ । ଶ୍ରୀରାମଚନ୍ଦ୍ର ସେତୁ ନିର୍ମାଣ କରିଥିବା କଥା କିଛି ଲୋକ କହିଥାନ୍ତି । ପରନ୍ତୁ ଉପରେ ଯାହା ବର୍ଣ୍ଣନା କରାଯାଇଛି ତାହା ହିଁ ସତ୍ୟ ।

(ସତ କବୀର କୀ ସାକ୍ଷୀ-ପୃଷ୍ଠା ୧୭୯ ରୁ ୧୮୨ ପର୍ଯ୍ୟନ୍ତ)

-: ପୀବ ପିଛାନ କୋ ଅଙ୍ଗ :-

କବୀର-ତୀନ ଦେବ କୋ ସବ କୋଇ ଧ୍ୟାବୈ, ଚୌଥେ ଦେବ କା ମରମ ନ ପାବୈ ।
ଚୌଥା ଛାଡ଼ ପଁଚମ କୋ ଧ୍ୟାବୈ, କହୈ କବୀର ସୋ ହମ ପର ଆବୈ ॥୩॥
କବୀର-ଓଁକାର ନିଶ୍ଚୟ ଭୟା, ଯହ କର୍ତାମତ ଜାନ ।
ସାଚା ଶବ୍ଦ କବୀର କା, ପରଦେ ମାଁହୀ ପହଚାନ ॥୫॥
କବୀର-ରାମକୃଷ୍ଣ ଅବତାର ହୈଁ, ଇନ୍‌କା ନାଁ ହୀ ସଂସାର ।
ଜିନ ସାହେବ ସଂସାର କିୟା, ସୋ କିହୁଁ ନ ଜନ୍ମ୍ୟା ନାର ॥୧୭॥
କବୀର-ଚାର ଭୁଜାକେ ଭଜନ ମେଁ, ଭୂଲି ପରେ ସବ ସନ୍ତ ।
କବିରା ସୁମିରୋ ତାସୁକୋ, ଜାକେ ଭୁଜା ଅନଁତ ॥୨୩॥
କବୀର-ସମୁଦ୍ର ପାଟ ଲଙ୍କା ଗୟେ, ସୀତା କୋ ଭରତାର । ତାହି
ଅଗସ୍ତ ମୁନି ପୀୟ ଗୟୋ, ଇନମେଁ କୋ କରତାର ॥୨୬॥
କବୀର-ଗୋବର୍ଦ୍ଧନ ଗିରି ଧାରୟୋ କୃଷ୍ଣ ଜୀ, ଦ୍ରୋଣାଗିରି ହନୁମଁତ ।
ଶେଷନାଗ ସବ ସୃଷ୍ଟି ସହାରୀ, ଇନ୍‌ମେଁ କୋ ଭଗବଁତ ॥୨୭॥
କବୀର-କାଟେ ବନ୍ଧନ ବିପତି ମେଁ, କଠିନ କିୟା ସଂଗ୍ରାମ ।
ଚିହ୍ନୋଁ ରେ ନର ପ୍ରାଣୀୟାଁ, ଗରୁଡ଼ ବଡୋ କୀ ରାମ ॥୨୮॥
କବୀର-କହ କବୀର ଚିତ୍ ଚେତହୂଁ, ଶବ୍ଦ କରୌ ନିରୂବାର ।
ଶ୍ରୀରାମ ହି କର୍ତା କହତ୍ ହୈଁ, ଭୂଲି ପରୟୋ ସଂସାର ॥୨୯॥
କବୀର-ଜିନ ରାମ କୃଷ୍ଣ ଓ ନିରଂଜନ କିୟୋ, ସୋ ତୋ କରତା
ନ୍ୟାର । ଅନ୍ଧା ଜ୍ଞାନ ନ ବୂଝଇ, କହୈ କବୀର ବିଚାର ॥୩୦॥

## "ଦ୍ୱାପର ଯୁଗରେ କବିର୍ଦେବ୍ (କବୀର ସାହେବ)ଙ୍କର କରୁଣାମୟ ନାମରେ ପ୍ରାକାଟ୍ୟ"

ପରମେଶ୍ୱର କବୀର (କବିର୍ଦେବ) ଦ୍ୱାପର ଯୁଗରେ କରୁଣାମୟ ନାମରେ ପ୍ରକଟ ହୋଇଥିଲେ । ସେହି ସମୟରେ ବାଲ୍ମୀକ ଜାତିରେ ଜନ୍ମୀତ ସୁଦର୍ଶନ ସୁପଚ ନାମକ ଜଣେ ଭକ୍ତ (ଅନୁସୂଚିତ ଜାତିର) ତାଙ୍କର ଶିଷ୍ୟ ଥିଲେ । ଏହି ସୁଦର୍ଶନ ସୁପଚ ପାଣ୍ଡବମାନଙ୍କର ଯଜ୍ଞ ସଫଳ କରିଥିଲେ । ଯେଉଁ ଯଜ୍ଞ ନା ଶ୍ରୀକୃଷ୍ଣଙ୍କ ଭୋଜନରେ ସଫଳ ହୋଇଥିଲା, ନା ତେତିଶ କୋଟି ଦେବତା, ଅଠାଅଶୀ ହଜାର ଋଷି, ବାର କୋଟି ବ୍ରାହ୍ମଣ, ନଅନାଥ, ଚଉରାଶୀ ସିଦ୍ଧ ପୁରୁଷ ଆଦିଙ୍କ ଭୋଜନରେ ହୋଇଥିଲା । ଭକ୍ତ ସୁଦର୍ଶନ ବାଲ୍ମୀକ, ପୂର୍ଣ୍ଣ ଗୁରୁଙ୍କଠାରୁ ବାସ୍ତବିକ ତିନିମନ୍ତ୍ର ପ୍ରାପ୍ତ କରି, ଗୁରୁ ମର୍ଯ୍ୟାଦାରେ ରହି ସତ୍ୟସାଧନା କରୁଥିଲେ ।

## "ଦ୍ୱାପର ଯୁଗରେ ଇନ୍ଦ୍ରମତିକୁ ଶରଣକୁ ନେବା"

ଦ୍ୱାପର ଯୁଗରେ ଚନ୍ଦ୍ରବିଜୟ ନାମକ ଜଣେ ରାଜା ଥିଲେ । ତାଙ୍କ ପତ୍ନୀ ଇନ୍ଦ୍ରମତି ବହୁତ ଧାର୍ମିକ ପ୍ରବୃତ୍ତିର ଥିଲେ । ସନ୍ଥ-ମହାତ୍ମାଙ୍କର ସେ ବହୁତ ଆଦର ସତ୍କାର କରୁଥିଲେ । ତାଙ୍କର ଜଣେ ଗୁରୁ ମଧ୍ୟ ଥିଲେ । ତାଙ୍କ ଗୁରୁଦେବ ତାଙ୍କୁ କହିଥିଲେ, ପୁତ୍ରୀ ! ସାଧୁ-ସନ୍ଥମାନଙ୍କର ସେବା କରିବା ଉଚିତ । ସନ୍ଥମାନଙ୍କୁ ଭୋଜନ କରାଇବା ଦ୍ୱାରା ବହୁତ ଲାଭ ମିଳିଥାଏ । ଏକାଦଶୀ ବ୍ରତ, ମନ୍ତ୍ରଜପ ଆଦି ଯେଉଁ ସାଧନା ଗୁରୁଦେବ ବତାଇଥିଲେ ସମସ୍ତ ମର୍ଯ୍ୟଦା ପାଳନ କରି ଦୃଢ଼ତାର ସହିତ ଭଗବତ ଭକ୍ତିରେ ନିଜକୁ ନିମଗ୍ନ କରୁଥିଲେ । ଗୁରୁଦେବ କହିଥିଲେ ଯେ ସନ୍ଥମାନଙ୍କୁ ଭୋଜନ କରାଇବା ଦ୍ୱାରା ପରବର୍ତ୍ତୀ ଜନ୍ମରେ ତୁ ରାଣୀ ମଧ୍ୟ ହେବୁ ଏବଂ ତୋତେ ସ୍ୱର୍ଗ ପ୍ରାପ୍ତି ହେବ । ତେଣୁ ପ୍ରତିଦିନ ଜଣେ ସନ୍ଥଙ୍କୁ ଭୋଜନ କରାଇବା ପାଇଁ ରାଣୀ ମନସ୍ଥ କରିଥିଲେ । ସେ ଏହି ପ୍ରତିଜ୍ଞା କରିଥିଲେ ଯେ ପ୍ରଥମେ ଜଣେ ସନ୍ଥଙ୍କୁ ଭୋଜନ କରାଇବା ପରେ ହିଁ ମୁଁ ଖାଦ୍ୟ ଗ୍ରହଣ କରିବି । ଏହାଦ୍ୱାରା ମୋର ମନେ ରହିବ, ମୁଁ ଭୁଲିବି ନାହିଁ । ରାଣୀ ପ୍ରତିଦିନ ଜଣେ ସନ୍ଥଙ୍କୁ ଭୋଜନ ଦେଉଥିଲେ, ତା'ପରେ ନିଜେ ଭୋଜନ କରୁଥିଲେ । କିଛି ବର୍ଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିଲା ।

ଏକଦା ହିରଦ୍ୱାରରେ କୁମ୍ଭମେଳାର ଆୟୋଜନ ହେଲା । ତ୍ରିଗୁଣୀ ମାୟାର ଯେତେ ଉପାସକ ସନ୍ଥ ଥିଲେ ସମସ୍ତେ ଗଙ୍ଗାରେ ସ୍ନାନ କରିବା ପାଇଁ (ପୂଣ୍ୟ ଅର୍ଜନ ପାଇଁ) ହରିଦ୍ୱାରକୁ ପ୍ରସ୍ଥାନ କଲେ । ଏହି କାରଣରୁ ଭୋଜନ କରାଇବା ପାଇଁ କିଛିଦିନ ପର୍ଯ୍ୟନ୍ତ ରାଣୀଙ୍କୁ କୌଣସି ସନ୍ଥ ମିଳିଲେ ନାହିଁ । ପ୍ରତିଜ୍ଞା ବଶତଃ ରାଣୀ ଇନ୍ଦ୍ରମତୀ ସ୍ୱୟଂ ଭୋଜନ କଲେ ନାହିଁ । ଚତୁର୍ଥ ଦିନ ରାଣୀ ଇନ୍ଦ୍ରମତୀ ନିଜ ଚାକରାଣୀକୁ କହିଲେ, ଦାସୀ ! ଦେଖ ଆଜି କେହି ସନ୍ଥ ମିଳୁଛନ୍ତି କି ନାହିଁ, ନଚେତ୍ ତୋ ରାଣୀ ଆଉ ଜୀବିତ ରହିବ ନାହିଁ । ମୋ ପ୍ରାଣ ଚାଲିଗଲେ ବି ଆଜି ମୁଁ ଖାଦ୍ୟ ଗ୍ରହଣ କରିବି ନାହିଁ । ଦୀନବନ୍ଧୁ କବୀର ପରମେଶ୍ୱର ନିଜ ଭକ୍ତକୁ ଶରଣକୁ ନେବା ପାଇଁ ଜଣା ନାହିଁ କେଉଁ କେଉଁ ଲୀଳା କରିଥାନ୍ତି ? ଦାସୀ କୋଠା ଉପରୁ ଦେଖିଲା ଯେ ଜଣେ ସନ୍ଥ ଆସୁଛନ୍ତି । ଦାସୀ ତଳକୁ ଆସି ରାଣୀକୁ କହିଲା ଯେ ଜଣେ ବ୍ୟକ୍ତି ଆସୁଛନ୍ତି ଯିଏ ଜଣେ ସାଧୁ ମହାତ୍ମା ଭଳି ଜଣାପଡୁଛନ୍ତି । ରାଣୀ କହିଲେ, ଶୀଘ୍ର ଯାଇ ତାଙ୍କୁ ଡାକି ଆଣ, ଦାସୀ ମହଲ ବାହାରକୁ ଯାଇ ପ୍ରାର୍ଥନା କରି କହିଲା, ହେ ମହାତ୍ମା ! ଆପଣଙ୍କୁ ଆମ ରାଣୀ ଆମନ୍ତ୍ରଣ କରିଛନ୍ତି । କରୁଣାମୟ ସାହେବ କହିଲେ, ରାଣୀ ମୋତେ କାହିଁକି ଆମନ୍ତ୍ରଣ କଲେ, ମୋର ରାଣୀଙ୍କ ସହିତ କି ସମ୍ପର୍କ ଅଛି ? ସାଧୁ ମହାତ୍ମାଙ୍କୁ ସମସ୍ତ କଥା ଦାସୀ କହିଲା । କରୁଣାମୟ (କବୀର ସାହେବ) କହିଲେ, ଯଦି ରାଣୀଙ୍କର ଆବଶ୍ୟକତା ଅଛି ତେବେ ସେ ଏଠାକୁ ଆସନ୍ତୁ, ମୁଁ ଏହିଠାରେ ଛିଡା ହୋଇଛି । ତୁ ଦାସୀ ଏବଂ ସେ ରାଣୀ । ମୁଁ ସେଠାକୁ ଯିବାପରେ ଯଦି ସେ କହିବେ ଯେ ତୋତେ କିଏ ଡାକିଥିଲା, ଅଥବା ତା ରାଜା ଯଦି କିଛି କହିଦେବ ତେବେ ବହୁତ ଅସୁବିଧା ହେବ, ପୁତ୍ରୀ ! ସନ୍ଥମାନଙ୍କର ଅନାଦର ବହୁତ ପାପଦାୟକ ହୋଇଥାଏ । ଦାସୀ ପୁଣି ଫେରିଯାଇ ରାଣୀକୁ ସମସ୍ତ କଥା କହିଲା । ଏହା ଶୁଣି ରାଣୀ କହିଲେ, ଦାସୀ ! ମୋ ହାତ ଧରି ସାଧୁଙ୍କ ନିକଟକୁ ନେଇଯାଅ । ରାଣୀ ସନ୍ଥଙ୍କ ନିକଟକୁ ଯାଇ ଦଣ୍ଡବତ ପ୍ରଣାମ କରି ପ୍ରାର୍ଥନା କଲେ ଏବଂ କହିଲେ, ହେ ପ୍ରଭୁ ! ଇଚ୍ଛା ହେଉଛି ଆପଣଙ୍କୁ କାନ୍ଧରେ ବସାଇ ନେଇଯିବା ପାଇଁ । କରୁଣାମୟ ସାହେବ କହିଲେ, ପୁତ୍ରୀ ! ମୁଁ ଏହା ଜାଣିବାକୁ ଚାହୁଁଥିଲି ଯେ ତୋ ମନରେ କିଞ୍ଚିତ ଶ୍ରଦ୍ଧା ଅଛି ନାଁ ତୁ ମିଛରେ ଉପାସ ଅଛୁ । ରାଣୀ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କଲେ । କରୁଣାମୟ ରୂପରେ ଆସିଥିବା କବିର୍ଦେବ କହିଲେ, ମୁଁ ଖାଦ୍ୟ ଖାଏ ନାହିଁ । ମୋର ଏହି ଶରୀର ଖାଦ୍ୟ ଆବଶ୍ୟକ କରେ ନାହିଁ । ଏହାଶୁଣି ରାଣୀ କହିଲେ, ମୁଁ ମଧ୍ୟ ଖାଦ୍ୟ ଗ୍ରହଣ କରିବି ନାହିଁ । କରୁଣାମୟ ସାହେବଜୀ କହିଲେ ଠିକ୍ ଅଛି ପୁତ୍ରୀ ! ଖାଦ୍ୟ ଆଣ ମୁଁ ଭୋଜନ କରିବି । କାରଣ ସାମର୍ଥ୍ୟବାନ ତାଙ୍କୁ ହିଁ କୁହାଯାଏ ଯିଏ ଯାହା ଚାହିଁବେ ତାହା କରିବେ । କରୁଣାମୟ ସାହେବ ଭୋଜନ କଲେ । କରୁଣାମୟ ରୂପରେ ପ୍ରକଟ କବିରଗ୍ନି (କବୀର ପରମେଶ୍ୱର) ରାଣୀଙ୍କୁ ପଚାରିଲେ, ତୁ ଏ ଯେଉଁ ସାଧନା କରୁଛୁ ତାହା ତୋତେ କିଏ ବତାଇଛି ? ରାଣୀ କହିଲେ, ମୋ ଗୁରୁଦେବ ଆଦେଶ ଦେଇଛନ୍ତି । କବୀର ସାହେବ ପଚାରିଲେ, ତୋ ଗୁରୁଦେବ ତୋତେ କେଉଁ ଆଦେଶ ଦେଇଛନ୍ତି ? ଇନ୍ଦ୍ରମତୀ କହିଲେ, ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କ ପୂଜା, ଏକାଦଶୀ ବ୍ରତ, ତୀର୍ଥ ଭ୍ରମଣ, ଦେବୀ ପୂଜା, ଶ୍ରାଦ୍ଧ ଦେବା, ମନ୍ଦିରକୁ ଯିବା, ସନ୍ଥମାନଙ୍କର ସେବା କରିବା ଇତ୍ୟାଦି... । କରୁଣାମୟ (କବୀର) ସାହେବ କହିଲେ, ଯେଉଁ ସାଧନା ତୋତେ ତୋ ଗୁରୁଦେବ ବତାଇଛନ୍ତି ସେହି ସାଧନା ଦ୍ୱାରା ଜନ୍ମ-ମୃତ୍ୟୁ ଓ ସ୍ୱର୍ଗ-ନର୍କ ଚକ୍ରରେ ତୋତେ ସର୍ବଦା ରହିବାକୁ ପଡିବ ଏବଂ ଏହି ସାଧନା ତୋତେ ଚଉରାସୀ ଲକ୍ଷ ଯୋନିର କଷ୍ଟରୁ ମୁକ୍ତି ଦେବନାହିଁ । ରାଣୀ କହିଲେ, ମହାରାଜଜୀ ! ପ୍ରତ୍ୟେକ ସନ୍ଥ ନିଜ ନିଜ ପ୍ରଭୁତା ବିଷୟରେ ହିଁ କହିଥାନ୍ତି । ମୋତେ ମୁକ୍ତି ମିଳୁ କି ନମିଳୁ କିନ୍ତୁ ମୋ ଗୁରୁଦେବଙ୍କ ବିଷୟରେ କିଛି ବି କୁହନ୍ତୁ ନାହିଁ ।

କରୁଣାମୟ(କବୀର ସାହେବ) ଭାବୁଥାନ୍ତି, ଏହି ସରଳ, ନିଷ୍କପଟ ଜୀବକୁ କିପରି ବୁଝାଇବି ? ଇଏ ମରିବ ପଛେ ଯେଉଁ ଲାଞ୍ଜ ଧରିଛି ତାକୁ ଛାଡ଼ିବ ନାହିଁ । କରୁଣାମୟ ସାହେବ କହିଲେ, ପୁତ୍ରୀ ତୋର ଯାହା ଇଚ୍ଛା ତୁ ତାହା କର । ମୁଁ କାହାର ନିନ୍ଦା କରୁନାହିଁ । ତୁମ ଗୁରୁଦେବଙ୍କୁ ମୁଁ କ'ଣ ଗାଳି ଦେଇଛି ନା କୌଣସି ଖରାପ କଥା କହିଛି ? ମୁଁ ଭକ୍ତିମାର୍ଗ ବିଷୟରେ କହୁଛି, ତୋ ଭକ୍ତିମାର୍ଗ ଶାସ୍ତ୍ରବିରୁଦ୍ଧ ଅଟେ ଯାହା ତୋତେ ମୁକ୍ତି ଦେଇ ପାରିବ ନାହିଁ। ଏହି ସାଧନା ଦ୍ୱାରା ତୋର କୌଣସି କର୍ମଦଣ୍ଡ କଟିବ ନାହିଁ ଏବଂ

ଶୁଣ, ଆଜିଠୁ ତିନିଦିନ ପରେ ତୋ'ର ମୃତ୍ୟୁ ହେବ । ନାଁ ତୋ ଗୁରୁ, ନାଁ ତୋର ଏହି ନକଲି ସାଧନା ତୋତେ ବଞ୍ଚାଇ ପାରିବ। (ଜୀବ ସହଜରେ କୌଣସି କଥାକୁ ସ୍ୱୀକାର କରି ନ ଥାଏ କିନ୍ତୁ ମରିବା ସମୟ ଆସିଲେ ଜୀବକୁ ଭୟ ଲାଗେ) ରାଣୀ ଚିନ୍ତା କଲା ଯେ ସନ୍ଥ କେବେ ମିଛ କୁହନ୍ତି ନାହିଁ । ଏଭଳି ଘଟଣା ନ ଘଟୁ, ତିନିଦିନ ପରେ ମୋର ମୃତ୍ୟୁ ହୋଇ ନଯାଉ । ଏହି ଭୟରେ ରାଣୀ, କରୁଣାମୟ ସାହେବଙ୍କୁ ପଚାରିଲେ, ମୋ ଜୀବନ କ'ଣ ରକ୍ଷା ହୋଇ ପାରିବ ? କରୁଣାମୟଜୀ କହିଲେ, ନିଶ୍ଚୟ ହୋଇ ପାରିବ ଯଦି ତୁ ମୋ ନିକଟରୁ ଉପଦେଶ ନେଇ ମୋର ଶିଷ୍ୟା ହେବୁ, ପୂର୍ବରୁ କରୁଥିବା ସମସ୍ତ ପୂଜା ଓ ସାଧନାକୁ ଯେତେବେଳେ ତୁ ପରିତ୍ୟାଗ କରିବୁ ସେତେବେଳେ ତୋ ଜୀବନ ବଞ୍ଚିଯିବ । ଇନ୍ଦ୍ରମତୀ କହିଲେ, ମୁଁ ଶୁଣିଛି ଯେ ଗୁରୁ ବଦଳାଇବା ଉଚିତ ନୁହେଁ, ଏହାଦ୍ୱାରା ପାପ ଲାଗିଥାଏ । କରୁଣାମୟଜୀ କହିଲେ, ନା ପୁତ୍ରୀ ଏହା ମଧ୍ୟ ଭୁଲ କାରଣ ଜଣେ ବୈଦ୍ୟଙ୍କ ଔଷଧରେ ଯଦି ରୋଗ ଭଲ ନ ହେଉଛି ତେବେ ଅନ୍ୟ ବୈଦ୍ୟଠାରୁ ଔଷଧ ଆଣିବା କି ନାହିଁ ? ଯେପରି ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବାବେଳେ ପୁଣି ଉଚ୍ଚଶ୍ରେଣୀ ପାଇଁ ଅନ୍ୟ ଜଣେ ଶିକ୍ଷକ ଥାଆନ୍ତି, ପୁତ୍ରୀ ! ଉପର ଶ୍ରେଣୀକୁ ଯିବାକୁ ପଡିବ । ଜୀବନ ସାରା କ'ଣ ସେହି ଗୋଟିଏ ଶ୍ରେଣୀରେ ପଢୁଥିବୁ । ଏହି ଶ୍ରେଣୀ ଛାଡିବାକୁ ପଡିବ । ଆଗକୁ ଯେଉଁ ପାଠ ଅଛି ଏବେ ତାହା ତୁ ପଢ଼, ମୁଁ ପଢ଼ାଇବା ପାଇଁ ଆସିଛି । ରାଣୀ ସହଜରେ ଏହି କଥାକୁ ସ୍ୱୀକାର କରିନଥାନ୍ତା କିନ୍ତୁ ମୃତ୍ୟୁ ସନ୍ନିକଟ ଥିଲା। ସନ୍ଥ କହୁଛନ୍ତି କାଳେ କଥା ବିଗିଡି ଯିବ ଏହି ବିଚାର କରି ଇନ୍ଦ୍ରମତୀ କହିଲେ, ଆପଣ ଯେଉଁଭଳି କହିବେ ମୁଁ ସେହିଭଳି ହିଁ କରିବି । କରୁଣାମୟ ସାହେବ ଇନ୍ଦ୍ରମତୀକୁ ଉପଦେଶ ଦେଇ କହିଲେ, ତୃତୀୟ ଦିନରେ କାଳ ମୋ ରୂପରେ ଆସିବ, ତା ସହିତ ତୁ କୌଣସି ବାର୍ତ୍ତାଳାପ କରିବୁ ନାହିଁ । ମୁଁ ଯେଉଁ ନାମ ଦେଇଛି ତାକୁ ଦୁଇ ମିନିଟ୍ ପର୍ଯ୍ୟନ୍ତ ଜପ କରିବୁ । ଦୁଇ ମିନିଟ୍ ପରେ ତାକୁ ଦେଖିବୁ, ତା'ପରେ ସତ୍କାର କରିବୁ । ଯଦି ଗୁରୁଦେବ ଆସିଥିବେ ତେବେ ଅତି ଶୀଘ୍ର ତାଙ୍କୁ ପ୍ରଣିପାତ କରିବୁ । ତୋ ପ୍ରତି ମୋର ଏହି ଆଦେଶ କେବଳ ଗୋଟିଏ ଥର ପାଇଁ । ରାଣୀ କହିଲେ ଠିକ୍ ଅଛି ପ୍ରଭୁ !

ଏବେ ରାଣୀର ଚିନ୍ତା ବଢିଗଲା ତଥାପି ଶ୍ରଦ୍ଧାର ସହିତ ଜପ କରୁଥାଏ । କରୁଣାମୟ ସାହେବଙ୍କ ରୂପ ଧାରଣ କରି ଗୁରୁ ରୂପରେ କାଳ ଆସିଲା, ଇନ୍ଦ୍ରମତୀ-ଇନ୍ଦ୍ରମତୀ ନାମଧରି ଡାକିଲା। ରାଣୀ ପ୍ରଥମରୁ ତ ଭୟବିତ ଥିଲେ, କାଳ ପ୍ରତି ଦୃଷ୍ଟି ନ ଦେଇ ନାମ ସ୍ମରଣ ଆରମ୍ଭ କରି ଦେଲେ, । ଦୁଇ ମିନିଟ୍ ପରେ ଦେଖେ ତ କାଳର ରୂପ ବଦଳିଗଲା । ନିଜର ଅସଲ ଚେହେରା ବଦଳି ଯିବାର ଦେଖି କାଳ ଜାଣିଗଲା ଯେ ରାଣୀ ପାଖରେ କୌଣସି ଏକ ପ୍ରବଳ ଶକ୍ତିଯୁକ୍ତ ମନ୍ତ୍ର ଅଛି । ତୋତେ ମୁଁ ପରେ ଦେଖିବି, ଏହିକଥା କହି ଚାଲିଗଲା । ବର୍ତ୍ତମାନ ଜୀବନ ବଞ୍ଚିଗଲା ଜାଣି ରାଣୀ ବହୁତ ଖୁସି ହେଲେ, ତା ଖୁସିର ସୀମା ରହିଲା ନାହିଁ । ଖୁସିରେ ନିଜ ଚାକରାଣୀଙ୍କୁ ଡାକିଲେ ଏବଂ କହିଲେ, ମୋର ମୃତ୍ୟୁ ହେବାର ଥିଲା, ମୋ ଗୁରୁଦେବ ମୋତେ ବଞ୍ଚାଇ ଦେଲେ । ସେ ରାଜାଙ୍କ ପାଖକୁ ମଧ୍ୟ ଗଲେ ଏବଂ କହିଲେ ଯେ ଆଜି ମୋର ମୃତ୍ୟୁ ହେବାର ଥିଲା, ମୋ ଗୁରୁଦେବ ମୋତେ ବଞ୍ଚାଇ ଦେଲେ । କାଳ ମୋତେ ନେବା ପାଇଁ ଆସିଥିଲା । ରାଜା କହିଲେ, ତୁମେ ଏହିଭଳି ନାଟକ କରିଥାଅ । ଯଦି ପ୍ରକୃତରେ କାଳ ଆସିଥାନ୍ତା ତେବେ ତୁମକୁ କ'ଣ ଛାଡ଼ି ଦେଇଥାନ୍ତା ? ସନ୍ଥମାନେ ଏହିଭଳି ଭୂଆଁ ବୁଲାଇଥାନ୍ତି । ରାଜାଙ୍କ କଥାକୁ ରାଣୀ କେମିତି ବା ସ୍ୱୀକାର କରିବେ, ଖୁସି ମନରେ ରାଣୀ ନିଜ କକ୍ଷକୁ ଯାଇ ଶୋଇ ପଡିଲେ । କିଛି ସମୟ ପରେ କାଳ ପୁଣି ସର୍ପରୂପ ଧାରଣ କରି ଆସିଲା ଏବଂ ରାଣୀଙ୍କୁ ଦଂଶନ କଲା । ସର୍ପ ଦଂଶନ ମାତ୍ରେ ହିଁ ରାଣୀ ଜାଣିପାରିଲେ । ରାଣୀ ଜୋର୍‌ରେ ଚିତ୍କାର କରି କହିଲେ, ମୋତେ ସାପ କାମୁଡିଦେଲା। ଚାକରମାନେ ଦୌଡ଼ି ଆସିଲେ । ସର୍ପ ସଙ୍ଗେ ସଙ୍ଗେ ପାଣି ନିଷ୍କାସନ ପାଇଁ ଥିବା ଛୋଟ ଛିଦ୍ର ଦେଇ ବାହାରକୁ ବାହାରି ଗଲା । ତା'ପରେ ନିଜ ଗୁରୁଦେବଙ୍କୁ ସ୍ମରଣ କରି ରାଣୀ ଅଚେତ୍ ହୋଇଗଲେ । କରୁଣାମୟ (କବୀର) ସାହେବ ତତ୍‌କ୍ଷଣାତ ସେଠାରେ ପ୍ରକଟ ହୋଇଗଲେ । ଲୋକ ଦେଖାଣିଆ କିଛି ମନ୍ତ୍ର ବୋଲି ଇନ୍ଦ୍ରମତୀକୁ ଜୀବିତ କରିଦେଲେ (ବିନା ମନ୍ତ୍ରରେ ସେ କାହାକୁ ବି ଜୀବିତ କରିପାରନ୍ତି, କୌଣସି ଯନ୍ତ୍ର-ମନ୍ତ୍ରର ଆବଶ୍ୟକତା ନାହିଁ) । ଏହାପରେ ରାଣୀ ବହୁତ ଖୁସି ହେଲେ ଏବଂ କହିଲେ, ହେ ବନ୍ଦୀଛୋଡ଼ ! ଯଦି ଆଜି ମୁଁ ଆପଣଙ୍କ ଶରଣରେ ନଥାନ୍ତି ତେବେ ମୋର ନିଶ୍ଚୟ ମୃତ୍ୟୁ ହୋଇଥାନ୍ତା । କବୀର ପରମେଶ୍ୱର କହିଲେ ! ଇନ୍ଦ୍ରମତୀ, ମୁଁ କାଳକୁ ତୋ ଘର ଭିତରକୁ ପଶିବାକୁ ଦେଇନଥାନ୍ତି । କାଳ ତୋ ଉପରେ କୌଣସି ପ୍ରକାରର ଆକ୍ରମଣ ମଧ୍ୟ କରିନଥାନ୍ତା । ପରନ୍ତୁ ତୋର ବିଶ୍ୱାସ ହୋଇନଥାନ୍ତା । ତୁ ଏହା ଭାବିଥାନ୍ତୁ ଯେ ମୋ ଉପରକୁ କୌଣସି

ବିପଦ ଆସିବାର ହିଁ ନ ଥିଲା । ଗୁରୁଜୀ ମୋତେ ଭୂଆଁ ବୁଲେଇ ନାମଦୀକ୍ଷା ଦେଲେ । ଏଥିପାଇଁ ତୋତେ ଏକ ଛୋଟ ବିପଦର ନମୁନା ଦେଖାଇଲି । ନଚେତ୍ ତୋର ବିଶ୍ୱାସ ଦୃଢ଼ ହୋଇନଥାନ୍ତା ।

ଧର୍ମଦାସ ଯହାଁ ଘନା ଅନ୍ଧେରା, ବିନ ପରଚୟ ଜୀବ ଜମ କା ଚେରା ॥

କବୀର ସାହେବ (କରୁଣାମୟ) କହିଲେ, ଏବେ ଯେତେବେଳେ ମୁଁ ଚାହିଁବି ତୋର ମୃତ୍ୟୁ ସେତେବେଳେ ହିଁ ହେବ । ଗରୀବ ଦାସଜୀ କହିଛନ୍ତି ଯେ :-

ଗରୀବ, କାଳ ଡରୈ କରତାର ସେ, ଜୟ ଜୟ ଜୟ ଜଗଦୀଶ ।
ଜୌରା ଜୌରୀ ଝାଡ଼ତୀ, ପଗ ରଜ ଡାରେ ଶୀଶ ॥

ଏହି କାଳ, କବୀର ଭଗବାନଙ୍କୁ ମଧ୍ୟ ଭୟ କରେ ଏବଂ ଏହି ମୃତ୍ୟୁ କବୀର ସାହେବଙ୍କ ଜୋତା ସଫା କରେ ଅର୍ଥାତ ତାଙ୍କର ଚାକର ତୁଲ୍ୟ । ପୁଣି ସେହି ଧୂଳିକୁ ନିଜ ମୁଣ୍ଡରେ ଲଗାଇ କହିଥାଏ ଯେ ଆପଣଙ୍କ ଭକ୍ତ ପାଖକୁ ମୁଁ ଯିବି ନାହିଁ ।

ଗରୀବ, କାଳ ଜୋ ପୀସୈ ପୀସନା, ଜୌରା ହୈ ପନିହାର ।
ଯେ ଦୋ ଅସଲ ମଜୂର ହୈଁ, ମେରେ ସାହେବ କେ ଦରବାର ॥

ଏହି କାଳ ଯିଏ ଏକୋଇଶି ବ୍ରହ୍ମାଣ୍ଡର ଭଗବାନ (ବ୍ରହ୍ମ) ସେ ବ୍ରହ୍ମା, ବିଷ୍ଣୁ, ମହେଶଙ୍କର ପିତା ଅଟେ । ସେମାନେ ତ ମୋ କବୀର ସାହେବଙ୍କର ଅଟା ପେଷନ୍ତି ଅର୍ଥାତ୍ ବଡ଼ ଚାକର ଅଟନ୍ତି ଏବଂ ମୃତ୍ୟୁ ମୋ କବୀର ପରମେଶ୍ୱରଙ୍କର ପାଣି ଭରିଥାଏ ଅର୍ଥାତ୍ ଏକ ବିଶେଷ ଚାକରାଣୀ ଅଟେ । ଏହି ଦୁହେଁ ମୋ କବୀର ପରମେଶ୍ୱରଙ୍କ ଦରବାରର ବାସ୍ତବରେ ଦିନ ମଜୁରିଆ ଅଟନ୍ତି । କିଛିଦିନ ପରେ ସାହେବ ପୁଣି ଆସି ରାଣୀ ଇନ୍ଦ୍ରମତୀକୁ ସତ୍ୟନାମ ପ୍ରଦାନ କଲେ ।

ପୁଣି କିଛିଦିନ ଉପରାନ୍ତ କରୁଣାମୟ ସାହେବ ରାଣୀ ଇନ୍ଦ୍ରମତୀର ଅତି ଦୃଢ ନିଷ୍ଠା ଓ ଶ୍ରଦ୍ଧା ଦେଖି ସାରନାମ ପ୍ରଦାନ କଲେ । ଶବ୍ଦ ଉପଲବ୍ଧ କରାଇଲେ । କବୀର ପରମେଶ୍ୱର, ରାଣୀ ଇନ୍ଦ୍ରମତିକୁ ସମୟ-ସମୟରେ ଦର୍ଶନ ଦେବା ପାଇଁ ଯେତେବେଳେ ଯାଉଥିଲେ ସେତେବେଳେ ଇନ୍ଦ୍ରମତୀ ପ୍ରାର୍ଥନା କରୁଥିଲେ ଯେ ମୋ ପତି ରାଜାଙ୍କୁ ଟିକେ ଜ୍ଞାନ ବୁଝାନ୍ତୁ, ହେ ପ୍ରଭୁ ! ସେ ଜ୍ଞାନ ସ୍ୱୀକାର କରି ଆପଣଙ୍କ ଚରଣାଶ୍ରିତ ହୋଇଗଲେ ମୋ ଜୀବନ ସଫଳ ହୋଇଯିବ । ଚନ୍ଦ୍ରବିଜୟଙ୍କୁ କବୀର ସାହେବ ପ୍ରାର୍ଥନା କରି କହିଲେ, ଚନ୍ଦ୍ରବିଜୟ ! ଆପଣ ମଧ୍ୟ ନାମଦୀକ୍ଷା ନିଅନ୍ତୁ । ଏହି ରାଜକୀୟ ସୁଖ ଓ ଆଡମ୍ବର ଅଢ଼େଇ ଦିନର । ଏହା ପରେ ପ୍ରାଣୀ ଚଉରାସୀ ଲକ୍ଷ ଯୋନୀକୁ ଚାଲିଯିବ । ଚନ୍ଦ୍ରବିଜୟ କହିଲେ, ଭଗବାନ ! ମୁଁ କଦାପି ନାମ ନେବି ନାହିଁ ଏବଂ ଆପଣଙ୍କ ଶିଷ୍ୟାକୁ ମଧ୍ୟ ବାରଣ କରିବି ନାହିଁ । ମୁଁ ତାଙ୍କୁ କହିଛି, ନିଜ ଇଚ୍ଛା ଅନୁସାରେ ତୁମେ ଧନରତ୍ନ ଅଳଙ୍କାର ଦାନ କରିପାରିବ, ନିଜ ଇଚ୍ଛା ଅନୁସାରେ ସତସଙ୍ଗ ଆୟୋଜନ କରିପାରବ, ମୁଁ ମନା କରିବି ନାହିଁ । କବୀର ସାହେବ(କରୁଣାମୟ) ପଚାରିଲେ, ଆପଣ ନାମ (ଦୀକ୍ଷା) କାହିଁକି ନେବେ ନାହିଁ ? ରାଜା କହିଲେ ଯେ ନିମନ୍ତ୍ରଣ ରକ୍ଷା କରି ମୋତେ ଅନ୍ୟ ବଡ଼ ରାଜାମାନଙ୍କର ଭୋଜନ-ଭଣ୍ଡାରାକୁ ଯିବାକୁ ପଡ଼ିଥାଏ । କରୁଣାମୟ ସାହେବ କହିଲେ, ନିମନ୍ତ୍ରିତ ହୋଇ ଭୋଜନ-ଭଣ୍ଡାରାକୁ ଯିବାରେ ନାମଦୀକ୍ଷା କ'ଣ ବାଧା ସୃଷ୍ଟି କରିବ ? ସଭା ସମିତିକୁ ଯାଇ ସେଠାରେ କାଜୁ ଖାଅ, ଦୁଗ୍ଧପାନ କର, ଫଳରସ ପାନକର କିନ୍ତୁ ମଦିରା ପାନ କରନାହିଁ । ମଦ୍ୟପାନ କରିବା ମହାପାପ ଅଟେ । ପରନ୍ତୁ ରାଜା ସ୍ୱୀକାର କଲେ ନାହିଁ ।

ରାଣୀ ପୁନର୍ବାର ପ୍ରାର୍ଥନା କରିବାରୁ କରୁଣାମୟ ସାହେବ, ରାଜାକୁ ପୁନର୍ବାର ବୁଝାଇ କହିଲେ କି ନାମଦୀକ୍ଷା ବିନା ଏହି ଜୀବନ ବିନା କାରଣରେ ବ୍ୟର୍ଥ ହୋଇଯିବ । ଆପଣ ନାମଦୀକ୍ଷା ନିଅନ୍ତୁ । ରାଜା ପୁଣି କହିଲା, ଗୁରୁଜୀ ମୋତେ ନାମ ନେବା ପାଇଁ ଆଦୌ କୁହନ୍ତୁ ନାହିଁ। ଆପଣଙ୍କ ଶିଷ୍ୟାକୁ ମୁଁ ବାରଣ କରିବି ନାହିଁ, ସେ ତାଙ୍କ ଇଚ୍ଛା ଅନୁସାରେ ଯେତେ ଦାନ କରନ୍ତୁ, ଯେତେ ସତସଙ୍ଗ କରନ୍ତୁ, ମୁଁ କୌଣସି କାର୍ଯ୍ୟରେ ବାଧ ଦେବି ନାହିଁ । ଭଗବାନ କହିଲେ, ପୁତ୍ରୀ ! ଏହି କ୍ଷଣୀକ ସୁଖକୁ ଦେଖି ଏହାର ବୁଦ୍ଧି ଭ୍ରଷ୍ଟ ହୋଇଯାଇଛି । ତୁ ନିଷ୍ଠାର ସହିତ ପ୍ରଭୁଙ୍କ ଚରଣରେ ଭକ୍ତି କରି ନିଜ ଅତ୍ମକଲ୍ୟାଣ କର । ଏହି ମୃତ୍ୟୁଲୋକରେ କେହି କାହାରି ପତି ନୁହଁନ୍ତି, କେହି କାହାର ପତ୍ନୀ ନୁହଁନ୍ତି । ପୂର୍ବଜନ୍ମର ସଂସ୍କାର ଅନୁସାରେ ଏହି ସମ୍ପର୍କ କେବଳ ଦୁଇଦିନିଆ। ପୁତ୍ରୀ ! ତୁ ନିଜ କର୍ମରେ ମନନିବେଶ କର । ଏବେ ଇନ୍ଦ୍ରମତୀ ଅଶୀ (୮୦) ବର୍ଷର ବୁଢ଼ୀ ହୋଇଯାଇଛି, ଚାଳିଶ ବର୍ଷ ବୟସରେ ତାର ମୃତ୍ୟୁ ହେବାର ଥିଲା । ବୃଦ୍ଧାବସ୍ଥାରେ ଯେତେବେଳେ ଶରୀର

ଥରିବାକୁ ଲାଗିଲା ସେତେବେଳେ କରୁଣାମୟ ସାହେବ ପଚାରିଲେ, କହ ଇନ୍ଦ୍ରମତୀ, ଏବେ ତୁ କ'ଣ ଚାହୁଁଛୁ ? ସତ୍ୟଲୋକ ଯିବା ପାଇଁ ଚାହୁଁଛୁ କି ? ଇନ୍ଦ୍ରମତୀ କହିଲା, ହେ ! ପରମେଶ୍ୱର ମୁଁ ପ୍ରସ୍ତୁତ ଅଛି ଦାତା ! ମୁଁ ଏକ୍‌ଦମ୍ ପ୍ରସ୍ତୁତ ଅଛି । କରୁଣାମୟ ସାହେବ କହିଲେ, ନାତି- ନାତୁଣୀଙ୍କ ପାଖରେ ତୋର ଆଦୌ ମମତା ନାହିଁ ତ ? ରାଣୀ କହିଲ, ଆଦୌ ନାହିଁ ପରମେଶ୍ୱର । ଆପଣ ଏଭଳି ନିର୍ମଳ ଜ୍ଞାନ ମୋତେ ଦେଇଛନ୍ତି ଯେ ଏହି ଅପରିଷ୍କାର ମର୍ତ୍ତ୍ୟଲୋକରେ ଆଉ କେଉଁ ଇଚ୍ଛା ରଖିବି ? କବୀର ପରମେଶ୍ୱରଜୀ କହିଲେ, ପୁତ୍ରୀ ! ମୋ ସହିତ ସତ୍ୟଲୋକକୁ ଚାଲ । ରାଣୀ ପ୍ରାଣତ୍ୟାଗ କଲେ । ପରମେଶ୍ୱର କରୁଣାମୟ (ବନ୍ଦୀଛୋଡ଼) ରାଣୀ ଇନ୍ଦ୍ରମତୀର ଆତ୍ମାକୁ ଉପରକୁ ନେଇଗଲେ । ଏହି ବ୍ରହ୍ମାଣ୍ଡରେ ଏକ ମାନସରୋବର ଅଛି । ସତ୍ୟଲୋକକୁ ଯିବା ପାଇଁ ଯୋଗ୍ୟ ଆତ୍ମାମାନଙ୍କୁ ସେହି ମାନସରୋବରରେ ସ୍ନାନ କରିବାକୁ ପଡ଼ିଥାଏ । କବୀର ପରମେଶ୍ୱର ପୂର୍ଣ୍ଣଗୁରୁଙ୍କ ସ୍ୱରୂପରେ ପ୍ରକଟ ହୋଇ ସେହି ପ୍ରାଣୀକୁ ମାନୋସରୋବରରେ କିଛି ସମୟ ପର୍ଯ୍ୟନ୍ତ ରଖିଥାନ୍ତି । ପରମେଶ୍ୱର କବୀର ବନ୍ଦୀଛୋଡ଼ ଇନ୍ଦ୍ରମତୀକୁ ପୁଣି ପଚାରିଲେ, ଏହି ସଂସାରରେ କିଛି ଇଚ୍ଛା ଯଦି ତୋର ବାକି ଅଛି ତେବେ ଦ୍ୱିତୀୟଥର ତୋତେ ଜନ୍ମ ନେବା ପାଇଁ ପଡିବ । ଯଦି ମନରେ କୌଣସି ଅଭିଳାସ ରହି ଯାଇଥିବ ତେବେ ସତ୍ୟଲୋକ ଯାଇପାରିବୁ ନାହିଁ। ଇନ୍ଦ୍ରମତୀ କହିଲା, ଭଗବାନ ! ଆପଣ ତ ଅନ୍ତର୍ଯ୍ୟାମୀ, ମୋର ଆଉ କୌଣସି ଇଚ୍ଛା ନାହିଁ, କେବଳ ଆପଣଙ୍କ ଚରଣରେ ରହିବା ହିଁ ମୋର ଇଚ୍ଛା । କିନ୍ତୁ ମନରେ ଶଙ୍କା ଅଛି ଯେ ମୋ ପତି ମୋତେ କେବେ କୌଣସି ଧାର୍ମିକ କର୍ମ କରିବା ପାଇଁ ବାରଣ କରିନାହାଁନ୍ତି । ଆଜିକାଲିର ପତିମାନେ ନିଜ ପତ୍ନୀମାନଙ୍କୁ କେତେ ଯେ କଷ୍ଟ ଦେଇଥାନ୍ତି । ଯଦି ସେ ମୋତେ ମନା କରି ଦେଇଥାନ୍ତେ ତେବେ ମୁଁ ଆପଣଙ୍କ ଚରଣକୁ ଆସି ପାରିନଥାନ୍ତି ତଥା ମୋର କଲ୍ୟାଣ ହୋଇ ପାରିନଥାନ୍ତା । ଯଦି ଏହି ଶୁଭକର୍ମରେ ସହଯୋଗ କରିବାର କିଛି ଲାଭ ପାଇବା ପାଇଁ ସେ ଯୋଗ୍ୟ, ତେବେ ତାଙ୍କ ଉପରେ ମଧ୍ୟ ଦୟା କରନ୍ତୁ ଦାତା ! ପରମେଶ୍ୱର କବୀରଜୀ ଦେଖିଲେ, ଏହି ନିରୀହ ସରଳ ଆତ୍ମା ରାଜା ପଛରେ ପଡିଯାଇଛି । ସାହେବ କହିଲେ ଠିକ୍ ଅଛି ପୁତ୍ରୀ ! ଏବେ ତୁ ଦୁଇ ଚାରିବର୍ଷ ପାଇଁ ଏଠାରେ ରହ ।

ଦୁଇବର୍ଷ ପରେ ରାଜାର ମଧ୍ୟ ମୃତ୍ୟୁ ହେଲା। କାରଣ ସେ ପ୍ରଭୁଙ୍କଠାରୁ ନାମ ଉପଦେଶ ନେଇ ନଥିଲା । ମୃତ୍ୟୁ ସମୟରେ ଯମଦୂତ ଆସି ପହଞ୍ଚିବାରୁ ରାଜାଙ୍କ ମୁଣ୍ଡ ବୁଲାଇ ତଳେ ପଡ଼ିଗଲେ । ଯମଦୂତମାନେ ରାଜାଙ୍କ ଗଳାକୁ ଚିପି ଦେଲେ । ରାଜାର ମଳମୂତ୍ର ବାହାରି ପଡିଲା । କରୁଣାମୟ (କବୀର ସାହେବ) ରାଣୀକୁ କହିଲେ, ଦେଖ ତୋ ରାଜାର କିଭଳି ଅବସ୍ଥା ହେଉଛି। କବିରଜୀ ସେହି ମାନସରୋବର ନିକଟରୁ ରାଣୀକୁ ଏହି ଦୃଶ୍ୟ ଦେଖାଇଲେ । ଏହି ସମସ୍ତ ଘଟଣା ଦେଖି ରାଣୀ କହିଲେ, ହେ ଦାତା ! ଯଦି ଭକ୍ତିରେ ସହଯୋଗର କିଛି ଫଳ ମିଳିବାର ଅଛି ତେବେ ତାଙ୍କୁ ଦୟା କରନ୍ତୁ । ତଥାପି ରାଣୀର ରାଜା ପ୍ରତି କିଛି ମମତା ରହିଥାଏ । ସାହେବ କବୀର (କରୁଣାମୟ) ଚିନ୍ତା କଲେ ଯେ ରାଣୀ ପୁଣି କାଳଜାଲରେ ଫସିଯିବ । ତେଣୁ ସେ ମାନସରୋବରରୁ ରାଜାଙ୍କ ମହଲକୁ ଗଲେ ଯେଉଁଠାରେ ରାଜା ଚନ୍ଦ୍ରବିଜୟ ଅଚେତ ଅବସ୍ଥାରେ ପଡିଥିଲେ । ଯମଦୂତ ରାଜାଙ୍କର ଶ୍ୱାସରୁଦ୍ଧ କରୁଥିବା ସମୟରେ କବୀର ସାହେବ ସେହି ସ୍ଥାନରେ ପହଞ୍ଚିଲେ। ଯମଦୂତମାନେ ଆକାଶକୁ ଏପରି ଉଡିଗଲେ ଯେପରି ଶାଗୁଣାମାନେ ମୁର୍ଦ୍ଦାରକୁ ଛାଡ଼ି ଉଡ଼ି ଯାଇଥାନ୍ତି । ରାଜା ଚନ୍ଦ୍ରବିଜୟକଙ୍କର ଚେତା ଫେରିଲା । ସମ୍ମୁଖରେ କରୁଣାମୟ ସାହେବ ଦଣ୍ଡାୟମାନ ଥିଲେ । କେବଳ ଚନ୍ଦ୍ରବିଜୟ ତାଙ୍କୁ ଦେଖି ପାରୁଥିଲେ । ଅନ୍ୟମାନଙ୍କୁ ସେ ଦୃଶ୍ୟମାନ ହେଉନଥିଲେ । ଚନ୍ଦ୍ରବିଜୟ ପରମେଶ୍ୱରଙ୍କ ଚରଣରେ ପଡ଼ି କ୍ଷମାଯାଚନା କରି କହିଲେ, ପ୍ରଭୁ ! ମୋତେ କ୍ଷମା କରିଦିଅନ୍ତୁ, ମୋ ଜୀବନ ବଞ୍ଚାନ୍ତୁ । କାରଣ ସେ ଦେଖିଲା ଯେ ଜୀବନ ଯିବା ସୁନିଶ୍ଚିତ (ଯେତେବେଳେ ଜୀବର ଜ୍ଞାନନେତ୍ର ଖୋଲିଯାଏ ସେତେବେଳେ ସେ ଜାଣିପାରେ ଯେ ଏବେ ପରିସ୍ଥିତି ଅଣାୟତ) । ମୋତେ କ୍ଷମା କରିଦିଅନ୍ତୁ ଦାତା ! ମୋ ଜୀବନ ବଞ୍ଚାଇ ଦିଅନ୍ତୁ ପ୍ରଭୁ ! କବୀର ସାହେବ କହିଲେ, ରାଜା ! ସେଦିନ ଯେଉଁ ସର୍ତ୍ତଥିଲା, ଆଜି ମଧ୍ୟ ସେହି ସର୍ତ୍ତ ଯେ ଉପଦେଶ ନେବାକୁ ପଡିବ । ରାଜା କହିଲେ, ପ୍ରଭୁ ! ମୁଁ ବର୍ତ୍ତମାନ ନାମଦୀକ୍ଷା ଗ୍ରହଣ କରିବି। କବୀର ସାହେବ ନାମ ଉପଦେଶ ଦେଇ କହିଲେ ଯେ ବର୍ତ୍ତମାନ ମୁଁ ତୋର ପରମାୟୁ ଦୁଇବର୍ଷ ବଢାଇ ଦେବି । ଏହାପରେ ଯଦି ଗୋଟିଏ ବି ନିଶ୍ୱାସ ବ୍ୟର୍ଥ ଯିବ ତେବେ ପୁନର୍ବାର କର୍ମଦଣ୍ଡ ଭୋଗିବାକୁ ପଡିବ।

କବୀର, ଜୀବନ ତୋ ଥୋଡା ଭଲା, ଜୈ ସତ ସୁମରଣ ହୋ । ଲାଖ ବର୍ଷ କା ଜୀବନା, ଲେଖେ ଧରେ ନା କୋ ॥

ଶୁଭକର୍ମରେ ସହଯୋଗ ଦେଇଥିବା ସହିତ ପୂର୍ବଜନ୍ମର କର୍ମଫଳ, ଏହା ସହିତ ଶ୍ରଦ୍ଧାରେ ଜପିଥିବା ଦୁଇବର୍ଷର ନାମ ସୁମିରଣର ଫଳ ତଥା ତିନି ନାମ ପ୍ରଦାନ କରି କବୀର ସାହେବ ଚନ୍ଦ୍ରବିଜୟଙ୍କୁ ମଧ୍ୟ ପାର କଲେ । ବୋଲୋ (କବୀର ପରମେଶ୍ୱର) କବିର୍ଦେବଙ୍କ ଜୟ । "ଜୟ ବନ୍ଦୀଛୋଡ଼ ଜୟ ବନ୍ଦୀ ମୁକ୍ତିଦାତା" ।

ପରମେଶ୍ୱର କବୀରଜୀ ଦୃଢ଼ ଭକ୍ତମାନଙ୍କର ପରମାୟୁ ବଢ଼ାଇ ଦିଅନ୍ତି ତଥା ସେମାନଙ୍କ ପରିବାରର ମଧ୍ୟ ରକ୍ଷା କରନ୍ତି, ଉପରୋକ୍ତ ବିବରଣୀରୁ ଏହା ପ୍ରମାଣିତ ହେଲା । ଏହି ପ୍ରମାଣ ବହୁତ ପୂର୍ବର ଅଟେ । ବର୍ତ୍ତମାନ ସମୟର ସାଧାରଣ ବ୍ୟକ୍ତି ଏହି କଥାକୁ ବିଶ୍ୱାସ କରୁନାହାଁନ୍ତି । ପୂଜ୍ୟ କବୀର ପରମେଶ୍ୱରଙ୍କ ଶକ୍ତି ବଳରେ ବର୍ତ୍ତମାନ ସମୟରେ ଏହି ଦାସ (ମୋ) ଦ୍ୱାରା ହୋଇଥିବା କଷ୍ଟ ନିବାରଣ ତଥା ଆୟୁ ବୃଦ୍ଧିର ଅନେକ ପ୍ରମାଣ ପଢ଼ନ୍ତୁ ଏହି ପୁସ୍ତକର "ପରମେଶ୍ୱର କା ସାର ସନ୍ଦେଶ" ବିଷୟରେ ।

## "କବୀର ସାହେବ(କର୍ବିଦେବ)ଙ୍କର କଳିଯୁଗରେ ପ୍ରାକଟ୍ୟ"

ବିକ୍ରମୀ ସମ୍ବତ ୧୪୫୫ (ସନ ୧୩୯୮) ଜ୍ୟେଷ୍ଠ ପୂର୍ଣ୍ଣିମା ସକାଳର ବ୍ରହ୍ମ ମୁହର୍ତ୍ତରେ ପୂର୍ଣ୍ଣ ପରମେଶ୍ୱର କବୀର(କବିର୍ଦେବ) ନିଜ ମୂଳସ୍ଥାନ ସତ୍ୟଲୋକରୁ ସ୍ୱୟଂ ଅବତରଣ କଲେ । କାଶୀର ଲହର ତାରା ନାମକ ପୁଷ୍କରିଣୀରେ ଫୁଟିଥିବା ପଦ୍ମଫୁଲ ଉପରେ ଏକ ଛୋଟ ଶିଶୁ ରୂପ ଧାରଣ କରି ପ୍ରକଟ ହେଲେ । ପ୍ରଥମେ ମୁଁ ଆପଣଙ୍କୁ ନିରୁ-ନୀମାଙ୍କ ବିଷୟରେ କହିବା ପାଇଁ ଚାହିଁବି ଯେ ସେମାନେ କିଏ ? ସେମାନେ ଦ୍ୱାପର ଯୁଗରେ ସୁପଚ ସୁଦର୍ଶନଙ୍କର ମାତା ପିତା ଥିଲେ । ସେମାନେ ସେ ସମୟରେ କବୀର ସାହେବଙ୍କ ଉପଦେଶକୁ ସ୍ୱୀକାର କରି ନଥିଲେ । ପରିଶେଷରେ କରୁଣାମୟ ରୂପରେ ଆସିଥିବା କବୀର ସାହେବଙ୍କୁ ସୁଦର୍ଶନ ପ୍ରାର୍ଥନା କରି କହିଲେ, ହେ ପ୍ରଭୁ ! ମୋତେ ଉପଦେଶ ଦେଇ ଆପଣ ମୋ ମନସ୍କାମନା ପୂର୍ଣ୍ଣ କରିସାରିଛନ୍ତି । ଆଜି ପର୍ଯ୍ୟନ୍ତ ଆପଣଙ୍କୁ  ମାଗିବା ପାଇଁ ମୋର କିଛି ଦରକାର ପଡିନାହିଁ । କାରଣ ଆପଣ ମୋର ସମସ୍ତ ମନସ୍କାମନା ପୂର୍ଣ୍ଣ କରି ଦେଇଥିଲେ ଏବଂ ବାସ୍ତବିକ ଭକ୍ତିଧନ ଦେଇ ମୋତେ ପରିପୂର୍ଣ୍ଣ କରିଦେଲେ, ଏହି ଦାସର ଏକ ପ୍ରାର୍ଥନାକୁ ଯଦି ଆପଣ ଉଚିତ ମଣିବେ ତେବେ ଏହାକୁ ସ୍ୱୀକାର କରିବେ । ହେ ପ୍ରଭୁ ! ମୋ ମାତା-ପିତା ଯଦି କୌଣସି ଜନ୍ମରେ କେବେ ମନୁଷ୍ୟ ଶରୀର ପ୍ରାପ୍ତ କରିବେ ତେବେ ସେମାନଙ୍କୁ ଆପଣ ସହାୟ ହେବେ । ସେମାନେ ବହୁତ ପୂଣ୍ୟକର୍ମୀ ପ୍ରାଣୀ କିନ୍ତୁ ଆଜି ସେମାନଙ୍କ ବୁଦ୍ଧି ବିପରୀତଗାମୀ ହୋଇଯାଇଛି, ପରମାତ୍ମାଙ୍କ ବାଣୀକୁ ସ୍ୱୀକାର କରୁନାହାଁନ୍ତି । କବୀର ସାହେବ କହିଲେ, ଚିନ୍ତା କର ନାହିଁ, ନିଜ ପିତା-ମାତାଙ୍କ କଥା ଏବେ ଚିନ୍ତା କରି ତୁମେ ଏଠାରେ ନିଜ ଅସ୍ତିତ୍ୱକୁ ଭୁଲିଯିବ ତେଣୁ ସମୟକୁ ଅପେକ୍ଷା କର । ସେମାନଙ୍କୁ ମଧ୍ୟ ମୁଁ ସହାୟ ହୋଇ କାଳଜାଲରୁ ପାର କରିଦେବି, ତୁମେ ନିଶ୍ଚିନ୍ତ ହୋଇ ସତ୍ୟଲୋକକୁ ଯାଅ । ସୁଦର୍ଶନଜୀ ସତ୍ୟଲୋକ ଚାଲିଗଲେ ।

ସୁଦର୍ଶନଙ୍କ ପିତା-ମାତା କଳିଯୁଗରେ ନିରୁ-ନୀମା ରୂପରେ ଜନ୍ମ ନେବା ପୂର୍ବରୁ ବ୍ରାହ୍ମଣ ଘରେ ଦୁଇଥର ଜନ୍ମ ନେଇ ସାରିଥିଲେ । ସେ ସମୟରେ ମଧ୍ୟ ସେମାନେ ନିଃସନ୍ତାନ ଥିଲେ, ସେମାନଙ୍କର ତୃତୀୟ ମନୁଷ୍ୟ ଜନ୍ମ କାଶୀରେ ହେଲା । ସେ ସମୟରେ ମଧ୍ୟ ସେମାନେ ବ୍ରାହ୍ମଣ/ବ୍ରାହ୍ମଣୀ(ଗୌରୀଶଙ୍କର ଓ ସରସ୍ୱତୀ ନାମ ଥିଲା) ଥିଲେ । ଦୁହେଁ ଭଗବାନ ଶିବଙ୍କର ଉପାସକ ଥିଲେ । ଶିବପୁରାଣ ପଢି ଭକ୍ତାତ୍ମାମାନଙ୍କୁ ନିଃଶୁଳ୍କ ଭଗବାନ ଶିବଙ୍କ ମହିମା ଶୁଣାଉଥିଲେ । କାହାଠାରୁ ପାଉଣାଟିଏ (ଅର୍ଥ) ମଧ୍ୟ ନେଉନଥିଲେ । ସେମାନେ ଏତେ ସଙ୍କୋଚ ଥିଲେ ଯେ କେହି ଯଦି ସେମାନଙ୍କୁ ନିଜ ତରଫରୁ ଦକ୍ଷିଣା ଦେଉଥିଲା ତେବେ ସେହି ଦକ୍ଷିଣରୁ ସେମାନେ ନିଜ ଭୋଜନ ପାଇଁ କିଛି ଆବଶ୍ୟକ ଅର୍ଥ ପାଖରେ ରଖି ବଳକା ଅର୍ଥକୁ ଅନ୍ନଦାନରେ ଖର୍ଚ୍ଚ କରି ଦେଉଥିଲେ ।

ଅନ୍ୟ ସ୍ୱାର୍ଥୀ ବ୍ରାହ୍ମଣମାନେ ଗୌରୀଶଙ୍କର ଓ ସରସ୍ୱତୀଙ୍କ ପ୍ରତି ଈର୍ଷା କରୁଥିଲେ କାରଣ ଗୌରୀଶଙ୍କର ନିଃସ୍ୱାର୍ଥପର ଭାବେ ଲୋକଙ୍କୁ ଧର୍ମକଥା ଶୁଣାଉଥିଲେ । ଅର୍ଥ ଲୋଭରେ ଭକ୍ତମାନଙ୍କୁ ପଥଭ୍ରଷ୍ଟ କରୁନଥିଲେ । ଯେଉଁ କାରଣରୁ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇ ପାରିଥିଲେ । ଅନ୍ୟ ପଟେ ମୁସଲମାନମାନେ ଜାଣି ପାରିଲେ ଯେ ଏମାନଙ୍କ ସପକ୍ଷରେ କୌଣସି ହିନ୍ଦୁ ବ୍ରାହ୍ମଣ ନାହାଁନ୍ତି । ସେମାନେ ଏହି ପରିସ୍ଥିତିର ଲାଭ ଉଠାଇ ବଳପୂର୍ବକ ସେମାନଙ୍କୁ ମୁସଲମାନ କରିଦେଲେ । ମୁସଲମାନମାନେ

ସେମାନଙ୍କର ଅଇଁଠା ପାଣି ତାଙ୍କ ଘରେ ଛଞ୍ଚିବା ସହିତ ଉଭୟ ପତିପତ୍ନୀଙ୍କ ମୁହଁରେ ମଧ୍ୟ ଢାଳି ଦେଲେ ତଥା ସମସ୍ତ ବସ୍ତ୍ର ଉପରେ ମଧ୍ୟ ଛିଞ୍ଚି ଦେଲେ । ସେହି କାରଣରୁ ହିନ୍ଦୁ ବ୍ରାହ୍ମଣମାନେ କହିଲେ ଯେ ଏବେ ଏ ଦୁହେଁ ମୁସଲମାନ ହୋଇଯାଇଛନ୍ତି । ଆଜିଠାରୁ ଆମ ସହିତ ଏମାନଙ୍କର କୌଣସି ସଂପର୍କ ରହିବ ନାହିଁ ।

### "ନିରୁ-ନୀମାଙ୍କୁ ବୁଣାକାର ଉପାଧି ତଥା ପରମେଶ୍ୱର ପ୍ରାପ୍ତି"

ବିଚରା ଗୌରୀଶଙ୍କର ଓ ସରସ୍ୱତୀ ବିବଶ ହୋଇ ଯାଇଥିଲେ । ମୁସଲମାନମାନେ ପୁରୁଷର ନାମ ନିରୁ ଓ ସ୍ତ୍ରୀର ନାମ ନୀମା ରଖିଲେ । ସେମାନଙ୍କ ପାଖକୁ ପ୍ରଥମେ ଯେଉଁ ପୂଜାଭେଟି ଆସୁଥିଲା ସେଥିରେ ସେମାନଙ୍କର ଗୁଜୁରାଣ ମେଣ୍ଟି ଯାଉଥିଲା ଏବଂ ଅଳ୍ପ ଯେଉଁ କେତେ ଟଙ୍କା ବଳୁଥିଲା ସେମାନେ ତାର ଦୁରୂପଯୋଗ କରୁନଥିଲେ । ସେହି ବଳକା ଧନରେ ଅନ୍ନଦାନ ଆଦି ଧର୍ମକାର୍ଯ୍ୟ କରୁଥିଲେ । ପୂଜାଭେଟି ଆସିବା ମଧ୍ୟ ବନ୍ଦ ହୋଇଗଲା । ସେମାନେ ଚିନ୍ତା କଲେ ଯେ ଏବେ କେଉଁ କାମ କରିବା ? ଲୁଗା ବୁଣିବା ପାଇଁ ସେମାନେ ଏକ ଅରଟ ଆଣିଲେ ଏବଂ ବୁଣାକାରର କାର୍ଯ୍ୟ କରିବା ପ୍ରାରମ୍ଭ କଲେ । ଲୁଗା ବୁଣି ଜୀବନ ନିର୍ବାହ କରିବାକୁ ଲାଗିଲେ । ଲୁଗାବୁଣାରୁ ଯେଉଁ ଅର୍ଥ ମିଳୁଥିଲା ସେଥିରୁ ନିଜ ଘରଖର୍ଚ୍ଚ ପାଇଁ କିଛି ଅର୍ଥ ରଖି ବଳକା ଧନକୁ ମଧ୍ୟ ଅନ୍ନଦାନରେ ଲଗାଇ ଦେଉଥିଲେ । ହିନ୍ଦୁ ବ୍ରାହ୍ମଣମାନେ ନିରୁ-ନୀମାଙ୍କୁ ଗଙ୍ଗା ନଦୀରେ ଥିବା ଗଙ୍ଗାଘାଟରେ ସ୍ନାନ କରିବା ପାଇଁ ବାରଣ କରି କହୁଥିଲେ ଯେ ତୁମେମାନେ ଏବେ ମୁସଲମାନ ହୋଇଯାଇଛ ତେଣୁ ଗଙ୍ଗାରେ ସ୍ନାନ କରିପାରିବ ନାହିଁ ।

କାଶୀରେ ଗଙ୍ଗାନଦୀର ପାଣି ଲହଡ଼ୀ ଦ୍ୱାରା ଉଚ୍ଛୁଳି ଲହରତାରା ନାମକ ଏକ ବହୁତ ବଡ ସରୋବରକୁ ସର୍ବଦା ପୂର୍ଣ୍ଣକରି ରଖୁଥିଲା । ସରୋବରଟି ସର୍ବଦା ନିର୍ମଳ ଜଳରେ ପରିପୂର୍ଣ୍ଣ ହୋଇ ରହୁଥିଲା । ସେଥିରେ ପଦ୍ମଫୁଲ ଫୁଟୁଥିଲା । ସନ ୧୩୯୮ (ବିକ୍ରମୀ ସମ୍ୱତ ୧୪୫୫) ଜ୍ୟୋଷ୍ଠ ମାସ ଶୁକ୍ଳ ପୂର୍ଣ୍ଣିମାର ବ୍ରହ୍ମମୁହୂର୍ତ୍ତରେ (ସୂର୍ଯ୍ୟୋଦୟର ପ୍ରାୟ ଦେଢ଼ଘଣ୍ଟା ପୂର୍ବରୁ) ପରମେଶ୍ୱର କବୀର(କବିର୍ଦେବ)ବାଳକ ରୂପ ଧାରଣ କରି, ନିଜ ସତ୍ୟଲୋକ(ଋତଧାମ)ରୁ ଅବତରଣ କରି ଲହରତାରା ପୁଷ୍କରିଣୀରେ ପଦ୍ମଫୁଲ ଉପରେ ବିରାଜମାନ ହେଲେ । ପ୍ରତିଦିନ ସକାଳର ବ୍ରହ୍ମମୁହୂର୍ତ୍ତରେ ନିରୁ-ନିମା ସ୍ନାନ କରିବା ପାଇଁ ସେହି ଲହରତାରା ପୁଷ୍କରିଣୀକୁ ଯାଇଥାନ୍ତି । (ସୂର୍ଯ୍ୟୋଦୟର ଦେଢ଼ଘଣ୍ଟା ପୂର୍ବର ସମୟକୁ ବ୍ରହ୍ମମୁହୂର୍ତ୍ତ କୁହାଯାଏ) ଏକ ବଡ ଗୋଲାକାର ଆଲୋକ ପୁଞ୍ଜ (ବାଳକ ରୂପରେ ପରମେଶ୍ୱର କବୀର ସାହେବଜୀ ତେଜମୟ ଶରୀରଯୁକ୍ତ ହୋଇ ଆସିଥିଲେ, ଦୂରରେ ଥିବା କାରଣରୁ ତାହା ପ୍ରକାଶପୁଞ୍ଜ ଭଳି ନଜର ଆସୁଥିଲା) ଉପରୁ (ସତ୍ୟଲୋକରୁ) ଆସିଲା ଏବଂ ପଦ୍ମଫୁଲ ଉପରେ ଲିଭିଗଲା । ଯାହାଦ୍ୱାରା ଲହରତାରା ପୁଷ୍କରିଣୀ ଆଲୋକମୟ ହୋଇ ଯାଇଥିଲା ଏବଂ ଏକ କୋଣରେ ତାହା ଅଦୃଶ୍ୟ ହୋଇଗଲା । ଏହି ଦୃଶ୍ୟକୁ ସ୍ୱାମୀ ରାମାନନ୍ଦଜୀଙ୍କର ଜଣେ ଶିଷ୍ୟ ଋଷି ଅଷ୍ଟାନନ୍ଦଜୀ ନିଜ ଆଖିରେ ଦେଖିଥିଲେ । ଅଷ୍ଟାନନ୍ଦଜୀ ମଧ୍ୟ ସ୍ନାନ କରିବା ପାଇଁ ପ୍ରତିଦିନ ସେହି ଲହରତାରା ପୁଷ୍କରିଣୀରର ଏକ ଏକାନ୍ତ ସ୍ଥାନକୁ ଯାଉଥିଲେ । ସେଠାରେ ବସି ସାଧନା ତଥା ନିଜ ଗୁରୁଦେବ ଯେଉଁ ମନ୍ତ୍ର ଦେଇଥିଲେ ତାହା ଜପ କରୁଥିଲେ । ପ୍ରକୃତିର ଆନନ୍ଦ ମଧ୍ୟ ଉପଭୋଗ କରୁଥିଲେ । ସ୍ୱାମୀ ଅଷ୍ଟାନନ୍ଦଜୀ ଯେତେବେଳେ ଏତେ ବଡ଼ ଆଲୋକ ପୁଞ୍ଜ ଦେଖିଲେ ତାଙ୍କ ଆଖି ମଧ୍ୟ ଝଲସି ଗଲା । ଋଷି ଭାବିଲେ ବୋଧହୁଏ ମୋ ଭକ୍ତିର ଏହା କୌଣସି ଏକ ଉପଲବ୍ଧି କିମ୍ୱା ଏହା ମୋ ମନର ଭ୍ରମ ମଧ୍ୟ ହୋଇପାରେ । ଏହା ଚିନ୍ତା କରି କାରଣ ଜାଣିବା ପାଇଁ ନିଜ ଗୁରୁଦେବଙ୍କ ନିଜଟକୁ ପଚାରିବା ପାଇଁ ଗଲେ ।

ଅଷ୍ଟାନନ୍ଦଜୀ, ଆଦରଣୀୟ ରାମାନନ୍ଦଜୀଙ୍କୁ ପଚାରିଲେ, ହେ ଗୁରୁଦେବ ! ମୁଁ ଆଜି ଏଭଳି ଏକ ତେଜମୟ ଆଲୋକ ଦେଖିଲି ଯାହା ଜୀବନରେ କେବେ ବି ଦେଖିନଥିଲି । ସମସ୍ତ ବୃତ୍ତାନ୍ତ ପ୍ରକାଶ କରି କହିଲେ ଯେ ଆକାଶରୁ ଏକ ପ୍ରକାଶପୁଞ୍ଜ ତଳକୁ ଖସିଲା ଯାହାକୁ ମୁଁ ଦେଖିବାକୁ ଚେଷ୍ଟା କରିବାରୁ ମୋ ଆଖି ସେହି ତେଜମୟ କିରଣକୁ ସହ୍ୟ କରିପାରିଲା ନାହିଁ । ସେଥିପାଇଁ ଆଖି ବନ୍ଦ ହୋଇଗଲା । ଆଖି ବନ୍ଦ ଥିବା ଅବସ୍ଥାରେ ଏକ ଶିଶୁ ରୂପ ମୋତେ ଦେଖାଗଲା । (ଯେପରି ସୂର୍ଯ୍ୟଙ୍କ ଆଡକୁ ଦେଖିବା ପରେ ସୂର୍ଯ୍ୟ ଏକ ଗୋଲ ପିଣ୍ଡୁଳା ପରି ଦେଖାଯାନ୍ତି, ବାଳକଟି ସେହିଭଳି ଦେଖାଯାଉଥିଲା) । ଏହା ମୋ ଭକ୍ତିର କୌଣସି ଉପଲବ୍ଧି ନା ଏହା ମୋର ଦୃଷ୍ଟିଦୋଷ ଥିଲା ? ସ୍ୱାମୀ ରାମାନନ୍ଦଜୀ କହିଲେ ବତ୍ସ ! ଏହିଭଳି

ଲକ୍ଷଣ ସେତେବେଳେ ଦୃଶ୍ୟମାନ ହୁଏ ଯେତେବେଳେ ଉପରିସ୍ଥ ଲୋକରୁ କେହି ଅବତାର ଅବତରିତ ହୋଇଥାନ୍ତି । କୌଣସି ଏକ ସ୍ଥାନରେ ସେ ପ୍ରକଟ ହୋଇ କେଉଁ ଏକ ମାଆ କୋଳରେ ଜନ୍ମ ନେବେ ଏବଂ ପୁଣି ଲୀଳା କରିବେ କାରଣ ଋଷିମାନଙ୍କର ଏହି ଧାରଣା ଥାଏ ଯେ ଅବତାରଗଣ ମାଆ କୋଳରେ ଜନ୍ମ ନିଅନ୍ତି ) ଋଷି ନିଜ ଜ୍ଞାନ ଆଧାରରେ ନିଜ ଶିଷ୍ୟଙ୍କର ଶଙ୍କା ସମାଧାନ କଲେ ।

ନିରୁ-ନୀମା ପ୍ରତିଦିନ ଭଳି ସେଦିନ ମଧ୍ୟ ସ୍ନାନ କରିବା ପାଇଁ ଯାଇଥିଲେ । ରାସ୍ତାରେ ଯାଉଥିବା ସମୟରେ ନିମା ପ୍ରଭୁଙ୍କୁ ପ୍ରାର୍ଥନା କରି କହିଲା, ହେ ଭଗବାନ ଶିବ ! (କାରଣ ସେମାନେ ମୁସଲମାନ ହୋଇ ଯାଇଥିଲେ ମଧ୍ୟ ନିଜର ସେହି ପୂର୍ବ ସାଧନାକୁ ହୃଦୟରୁ ଭୁଲିପାରୁ ନଥିଲେ ଯେଉଁ ସାଧନା ବହୁତ ବର୍ଷ ଧରି ସେମାନେ କରି ଆସୁଥିଲେ) ଆମ୍ଭକୁ ଏକ ସନ୍ତାନ ଦେବା ପାଇଁ ଆପଣଙ୍କ ହୃଦୟରେ ଟିକେ ବି ଦୟା ନାହିଁ କି ? ଆମ୍ଭକୁ ମଧ୍ୟ ଏକ ସନ୍ତାନ ଦିଅ ପ୍ରଭୁ, ଆମ୍ଭ ଜୀବନ ସଫଳ ହୋଇଯିବ । ଏହିଭଳି କହି ଅତି ଦୁଃଖର ସହିତ କାନ୍ଦିବାକୁ ଲାଗିଲା । ତା' ପତି ନିରୂ କହିଲା, ନୀମା ! ପ୍ରଭୁଙ୍କ ଇଚ୍ଛାରେ ପ୍ରସନ୍ନ ରହିବା ହିଁ ହିତକର । ଯଦି ତୁ ସବୁବେଳେ ଏହିଭଳି କାନ୍ଦିବୁ ତେବେ ତୋ ଶରୀର ଦୁର୍ବଳ ହୋଇଯିବ । ଆଖି ଦୁର୍ବଳ ହୋଇଯିବ । ଆମ ଭାଗ୍ୟରେ ସନ୍ତାନ ନାହିଁ । ଏହିଭଳି କଥାବାର୍ତ୍ତା ହେବା ଅବସ୍ଥାରେ ଲହରତାରା ପୁଷ୍କରିଣୀ ନିକଟରେ ପହଞ୍ଚିଯାଇଥିଲେ । ସେତେବେଳେ ଅଳ୍ପ ଅନ୍ଧାର ଥିଲା । ନୀମା ସ୍ନାନ କରି ଉପରକୁ ଆସି ନିଜ ବସ୍ତ୍ର ବଦଳିଲେ । ନିରୂ ସ୍ନାନ କରିବା ପାଇଁ ପୋଖରୀକୁ ପ୍ରବେଶ କରି ମୁଣ୍ଡ ବୁଡ଼େଇ ଗାଧୋଇବାକୁ ଲାଗିଲା । ନୀମା ଯେତେବେଳେ ବସ୍ତ୍ର ଧୋଇବା ପାଇଁ ଦ୍ୱିତୀୟଥର ପୋଖରୀ କୂଳକୁ ଗଲା ସେତେବେଳକୁ ଅନ୍ଧାର ଦୂର ହୋଇଯାଇଥିଲା । ସୂର୍ଯ୍ୟ ଉଦୟ ହେବାକୁ ଯାଉଥିଲା । ନୀମା ପୋଖରୀ ମଧ୍ୟରେ ଦେଖିଲା ଯେ ସମ୍ମୁଖରେ ଥିବା ପଦ୍ମଫୁଲ ଉପରେ କୌଣସି ଏକ ବସ୍ତୁ ହଲୁଛି । ବାଳକ ରୂପୀ କବୀର ସାହେବ ଗୋଟିଏ ଗୋଡ଼ର ଆଙ୍ଗୁଠିକୁ ପାଟିରେ ପୁରାଇଥିଲେ ଏବଂ ଅନ୍ୟ ଗୋଡଟିକୁ ହଲାଉଥିଲେ । ପ୍ରଥମେ ନୀମା ଭାବିଲା ଯେ ଏହା କୌଣସି ସାପ ନୁହଁ ତ ଏବଂ ଏହା ମୋ ପତିଙ୍କ ଆଡ଼କୁ ଚାଲି ଆସିବନି ତ । ପୁଣି ଭଲ ଭାବରେ ଧ୍ୟାନର ସହିତ ଦେଖିବାରୁ ବୁଝି ପାରିଥିଲା ଯେ ଏହା ଏକ ଶିଶୁ । ଶିଶୁ ପୁଣି ପଦ୍ମଫୁଲ ଉପରେ । ଏହା ଦେଖି ଉତ୍ସାହର ସହିତ ନିଜ ପତିଙ୍କୁ ଉଚ୍ଚସ୍ୱରରେ ଡାକି କହିଲା, ଦେଖ ତ ! ଶିଶୁଟି ବୁଡିଯିବ, ଶିଶୁଟି ବୁଡିଯିବ । ନିରୁ କହିଲା, ତୁ ଏତେ ସରଳ ଯେ ସନ୍ତାନ ଚିନ୍ତାରେ ପାଗଳୀ ହୋଇଯାଇଛୁ । ପାଣିରେ ବି ତୋତେ ପିଲା ନଜର ଆସୁଛି । ନୀମା କହିଲା, ହଁ ଆଗରେ ଦେଖ ପଦ୍ମଫୁଲ ଉପରେ ଏକ ପିଲା ଶୋଇଛି । ନୀମାର ଉଚ୍ଚସ୍ୱରରେ ପ୍ରଭାବିତ ହୋଇ ନିରୁ ସେହି ଆଡ଼କୁ ନଜର ପକାଇଲା ଯେଉଁ ଆଡକୁ ସେ ହାତ ଦେଖାଇ ସଙ୍କେତ କଲା । ଏକ ପଦ୍ମଫୁଲ ଉପରେ ଶୟନ ଅବସ୍ଥାରେ ଏକ ନବଜାତ ଶିଶୁ ଗୋଡ ଦୁଇଟିକୁ ହଲାଉଥିଲା । ନିରୁ ସେହି ଶିଶୁଟିକୁ ଫୁଲ ସହିତ ଉଠାଇ ଆଣି ନୀମାକୁ ଦେଲା । ତା'ପରେ ସ୍ୱୟଂ ସ୍ନାନ କରିବାକୁ ଲାଗିଲା । ନିରୁ ସ୍ନାନ କରି ଉପରକୁ ଆସିଲା । ନିମା ଶିଶୁ ରୂପରେ ପ୍ରକଟ ପରମେଶ୍ୱରଙ୍କୁ ବହୁତ ଗେଲ କରିବାକୁ ଲାଗିଲା ତଥା ଭଗବାନ ଶିବଙ୍କର ବହୁତ ପ୍ରଶଂସା ଓ ସ୍ତୁତି କରି କହିଲା, ହେ ପ୍ରଭୁ ! ଅନେକ ବର୍ଷର ମୋର ମନସ୍କାମନା ଆପଣ ପୂର୍ଣ୍ଣ କରିଦେଲେ । କାରଣ ସେ ଶିବଙ୍କର ପୂଜାରିଣୀ ଥିଲା ଏବଂ କହୁଥିଲେ, ହେ ଶିବ ପ୍ରଭୁ ! ଆପଣଙ୍କୁ ଆଜି ମୁଁ ହୃଦୟର ସହିତ ଡାକିଥିଲି ଆଉ ଆଜି ତୁମେ ମୋ ଗୁହାରୀ ଶୁଣିଲ ।

ସେହି କବୀର ପରମେଶ୍ୱର ଯାହାଙ୍କ ନାମ ନେବା କ୍ଷଣୀ ଆମ୍ଭ ହୃଦୟ ଶିହରି ଉଠେ, ଯାହାଙ୍କ ପ୍ରେମରେ ଲୋମ ଟାଙ୍କୁରୀ ଉଠିଥାଏ, ଆତ୍ମା ଆନନ୍ଦିତ ହୋଇଯାଏ ଏବଂ ଯେଉଁ ମାଆ-ଭଉଣୀ ସେହି ପ୍ରଭୁଙ୍କୁ କୋଳରେ ଧରି ପୁତ୍ର ଭଳି ସ୍ନେହ କଲା, ଯେଉଁ ଆନନ୍ଦ ସେହି ମାତାକୁ ମିଳିଥିବ ଯାହା ଅବର୍ଣ୍ଣନୀୟ । ଯେପରି ଜଣେ ବ୍ୟକ୍ତି ଗୁଡ଼ ସେବନ କରିବା ପରେ ଯେଉଁ ଆନନ୍ଦ ମିଳେ ସେହି ଆନନ୍ଦକୁ ସେ ଅନ୍ୟ ନିକଟରେ ପ୍ରକାଶ କରି ପାରିନଥାଏ, କେବଳ ଖାଇବା ଲୋକ ହିଁ ଜାଣିପାରେ । ମାଆ ପ୍ରେମ କରିବା ପରି ଶିଶୁ ରୂପଧାରୀ ପରମେଶ୍ୱରଙ୍କୁ ନିମା ସ୍ନେହ କରିବାକୁ ଲାଗିଲା । କେତେବେଳେ ମୁଖକୁ ଚୁମା ଦେଉଥାଏ ତ କେତେବେଳେ କୋଳାଗ୍ରତ କରି ବାରମ୍ବାର ପିଲା ମୁଖକୁ ଦେଖୁଥାଏ । ଇତି ମଧ୍ୟରେ ନିରୁ ସ୍ନାନ କରି ବାହାରକୁ ଆସିଲା (କାରଣ ମନୁଷ୍ୟ, ସମାଜ ପ୍ରତି ଅଧିକ ଦୃଷ୍ଟି ଦେଇଥାଏ) ସେ ଚିନ୍ତାକଲା ଯେ ବର୍ତ୍ତମାନ

ମୁସଲମାନଙ୍କ ସହିତ ଆମ୍ଭର କୌଣସି ଉତ୍ତମ ସଂପର୍କ ନାହିଁ, ହିନ୍ଦୁ ବ୍ରାହ୍ମଣମାନେ ମଧ୍ୟ ଆମ୍ଭ ପ୍ରତି ଈର୍ଷା ଓ ଦ୍ୱେଷ ଭାବ ରଖୁଛନ୍ତି । ଏହାର ସୁଯୋଗ ନେଇ ମୁସଲମାନମାନେ ଆମ୍ଭକୁ ମୁସଲମାନ କରିଦେଲେ । ଏବେ ଆମ୍ଭର କେହି ସାଥି ନାହାଁନ୍ତି । ଏହି ବାଳକକୁ ଯଦି ଆମ୍ଭେ ଘରକୁ ନେବା ତେବେ ଲୋକମାନେ ପ୍ରଶ୍ନ କରିବେ ଯେ ଏହି ବାଳକର ମାତା-ପିତା କିଏ ? ତୁମ୍ଭେ ଆଉ କାହା ପିଲାକୁ ନେଇଆସିଛ, ପିଲାର ମାଆ କାନ୍ଦୁଥିବ । ସେତେବେଳେ ଆମ୍ଭେ କି ଉତ୍ତର ଦେବା । ପଦ୍ମଫୁଲ ଉପରୁ ପିଲାଟିକୁ ପାଇଲୁ ବୋଲି କହିଲେ କେହି ମାନିବେ ନାହିଁ। ଏହିକଥା ବିଚାର କରି ନିରୁ କହିଲା, ନୀମା ! ଏହି ବାଳକକୁ ଏହିଠାରେ ଛାଡ଼ିଦିଅ, ନିମା କହିଲା, ସ୍ୱାମୀ ! ମୁଁ ଏ ବାଳକକୁ ଛାଡି ପାରିବି ନାହିଁ । ମୋ ପ୍ରାଣ ଚାଲିଯିବ, ମୁଁ ଛଟପଟ ହୋଇ ମରିଯିବି। ମୁଁ ଜାଣିପାରୁ ନାହିଁ ମୋ ଉପରେ ଏହି ବାଳକ କି ଯାଦୁ କରି ଦେଇଛି ? ମୁଁ ଏହି ପିଲାକୁ ଛାଡ଼ିପାରିବି ନାହିଁ । ନିରୁ, ନିମାକୁ ସମସ୍ତ କଥା ବୁଝାଇ କହିଲା ଯେ ଆମ୍ଭ ସହିତ କୌଣସି ଅଘଟଣ ମଧ୍ୟ ଘଟିପାରେ। ନିମା କହିଲା ଏହି ବାଳକ ପାଇଁ ମୁଁ ଦେଶ ମଧ୍ୟ ଛାଡ଼ିଦେବି ପରନ୍ତୁ ପିଲାକୁ ଛାଡ଼ି ପାରିବି ନାହିଁ । ନିରୁ, ନୀମାର ଏହି ପିଲାଳିଆ ସ୍ୱଭାବ ଦେଖି ଭାବିଲା ଇଏ ତ ପାଗଳୀ ହୋଇଯାଇଛି । ସମାଜ ପ୍ରତି ମଧ୍ୟ ଏହାର ଖାତିର ନାହିଁ । ନିରୁ ନୀମାକୁ କହିଲା, ଆଜି ପର୍ଯ୍ୟନ୍ତ ମୁଁ ତୋର କୌଣସି କଥାକୁ ଅମାନ୍ୟ କରି ନଥିଲି କାରଣ ଆମ୍ଭର ସନ୍ତାନ ନଥିଲେ । ତୁ ଯାହା କହୁଥିଲୁ ମୁଁ ତାହା ମାନୁଥିଲି ପରନ୍ତୁ ଆଜି ତୋ କଥା ମୁଁ ଆଦୌ ମାନିବି ନାହିଁ । ବାଳକକୁ ଏହିଠାରେ ଛାଡ଼ି ଦେଇ ଆସ ନଚେତ୍ ମୁଁ ତୋତେ ଦୁଇ ଚାପୁଡ଼ା ମାରିବି । ଜୀବନରେ ପ୍ରଥମଥର ପାଇଁ ସେହି ମହାପୁରୁଷ (ନିରୁ) ନିଜ ପତ୍ନୀ ଉପରକୁ ହାତ ଉଠାଇଲେ । ସେ ସମୟରେ ଶିଶୁ ରୂପଧାରୀ କବୀର ପରମେଶ୍ୱର(କବିର୍ଦେବ) କହିଲେ ! ନିରୁ ମୋତେ ଘରକୁ ନେଇଯାଅ । ତୁମ୍ଭମାନଙ୍କ ପ୍ରତି କୌଣସି ବିପଦ ଆସିବ ନାହିଁ । ଶିଶୁ ରୂପଧାରୀ ପରମେଶ୍ୱରଙ୍କ ବଚନ ଶୁଣି ନିରୁ ଭୟରେ ଆଚମ୍ବିତ ହୋଇଗଲା ଏବଂ ଭାବିଲା ଏ ବାଳକ ନିଶ୍ଚୟ କୌଣସି ଧର୍ମାତ୍ମା କିମ୍ବା କୌଣସି ସିଦ୍ଧପୁରୁଷ ହୋଇଥିବେ । ତା'ପରେ ନିଜ ଉପରକୁ କୌଣସି ବିପଦ ଆସିବା ଭୟରେ ଚୁପ୍‌ଚାପ୍ ସେଠାରୁ ପ୍ରସ୍ଥାନ କଲେ ।

ନିରୁ-ନୀମା ଶିଶୁଟିକୁ ଯେତେବେଳେ ଘରକୁ ଧରି ଆସିଲେ ସେତେବେଳେ ସମସ୍ତେ ଏହା ପଚାରିବା ପାଇଁ ଭୁଲିଗଲେ ଯେ ପିଲାଟିକୁ କେଉଁଠାରୁ ଆଣିଛ ? ପିଲାଟିକୁ ଦେଖିବା ପାଇଁ କାଶୀର ସ୍ତ୍ରୀ-ପୁରୁଷମାନେ ତାଙ୍କ ଘରକୁ ଆସିଲେ ଏବଂ କହିବାକୁ ଲାଗିଲେ ଯେ ଏ ବାଳକ ତ ଦେବତାଙ୍କ ଭଳି ଦେଖାଯାଉଛି । ଏଭଳି ସୁନ୍ଦର ଶରୀରଯୁକ୍ତ, ଏଭଳି ତେଜମୟ ବାଳକ ଆଗରୁ କେବେ ବି ଆମ୍ଭେ ଦେଖିନାହୁଁ। ସେମାନଙ୍କ ମଧ୍ୟରୁ କିଛି ଲୋକ କହୁଥାନ୍ତି ଯେ ଇଏ ତ ବ୍ରହ୍ମା, ବିଷ୍ଣୁ, ମହେଶଙ୍କ ମଧ୍ୟରୁ କେହି ଜଣେ ପ୍ରଭୁ ଅଟନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ କୁହନ୍ତି ଯେ ଇଏ ଉପର ଲୋକରୁ ଆସିଥିବା କୌଣସି ଶକ୍ତି ଅଟନ୍ତି । ଏହିଭଳି ସମସ୍ତେ ନିଜ ମନ୍ତବ୍ୟ ଦେଉଥାନ୍ତି।

ଗରୀବ, ଚୌରାସୀ ବନ୍ଧନ କାଟନ, କୀନୀ କଲପ କବୀର ।
ଭବନ ଚତୁରଦଶ ଲୋକ ସବ, ଟୂଟେଁ ଜମ ଜଁଜୀର ॥୩୭୬॥
ଗରୀବ, ଅନନ୍ତ କୋଟି ବ୍ରହ୍ମାଣ୍ଡ ମେଁ,ବନ୍ଦୀଛୋଡ କହାୟ ।
ସୋ ତୌ ଏକ କବୀର ହୈଁ, ଜନନୀ ଜନ୍ୟା ନ ମାୟ ॥୩୭୭॥
ଗରୀବ, ଶବ୍ଦ ସ୍ୱରୂପ ସାହିବ ଧନୀ, ଶବ୍ଦ ସିଂଘ ସବ ମାଁହି ।
ବାହର ଭିତର ରମି ରହ୍ୟା, ଜହାଁ ତହାଁ ସବ ଠାଁହି ॥ ୩୭୮॥
ଗରୀବ, ଜଲ ସ୍ଥଲ ପୃଥ୍ୱୀ ଗଗନ ମେଁ, ବାହର ଭିତର ଏକ ।
ପୂରଣବ୍ରହ୍ମ କବୀର ହୈଁ, ଅବିଗତ ପୁରୁଷ ଅଲେଖ ॥୩୭୯॥
ଗରୀବ, ସେବକ ହୋୟ କରି ଉତରେ, ଇସ ପୃଥ୍ୱୀ କେ ମାହିଁ ।
ଜୀବ ଉଧାରନ ଜଗତଗୁରୁ, ବାର ବାର ବଲି ଜାହିଁ ॥୩୮୦॥
ଗରୀବ, କାଶୀପୁରୀ କସ୍ତ କିୟା, ଉତରେ ଅଧର ଅଧାର ।
ମୋମନ କୁଁ ମୁଜରା ହୁବା, ଜଙ୍ଗଲ ମେଁ ଦୀଦାର ॥୩୮୧ ॥

ଗରୀବ, କୋଟି କିରଣ ଶଶି ଭାନ ସୁଧି, ଆସନ ଅଧର ବିମାନ।
ପରସତ ପୂରଣବ୍ରହ୍ମ କୁଁ, ଶୀତଲ ପିଣ୍ଡରୁ ପ୍ରାଣ ॥୩୮୨॥
ଗରୀବ, ଗୋଦ ଲୀୟା ମୁଖ ଚୁମ୍ବି କରି, ହେମ ରୂପ ଝଲକଁତ ।
ଜଗର ମଗର କାୟା କରୈ, ଦମକୈଁ ପଦମ ଅନଁତ ॥୩୮୩॥
ଗରୀବ, କାଶୀ ଉମଟୀ ଗୁଲ ଭୟା, ମୋମନ କା ଘର ଘେର ।
କୋଇ କହେ ବ୍ରହ୍ମା ବିଷ୍ଣୁ ହୈଁ, କୋଇ କହେ ଇନ୍ଦ୍ର କୁବେର ॥୩୮୪॥
ଗରୀବ, କୋଇ କହେ ଛଲ ଈଶ୍ୱର ନହିଁ, କୋଇ କିଁନର କହଲାୟ।
କୋଇ କହେ ଗଣ ଈଶକା, ଜ୍ୟୁଁ ଜ୍ୟୁଁ ମାତ ରିସାୟ ॥୩୮୮॥
ଗରୀବ, କୋଇ କହେ ବରୁଣ ଧର୍ମରାୟ ହୈ, କୋଇ କୋଇ କହତେ ଈଶ ।
ସୋଲହ କଲା ସୁଭାଁନ ଗତି, କୋଇ କହେ ଜଗଦ୍ଦୀଶ ॥୩୮୫॥
ଗରୀବ, ଭକ୍ତି ମୁକ୍ତି ଲେ ଉତରେ, ମେଟନ ତୀନୁଁ ତାପ ।
ମୋମନ କେ ଡେରା ଲିୟା, କହେ କବୀରା ବାପ ॥୩୮୬ ॥
ଗରୀବ,ଦୁଧ ନ ପୀବେ ନ ଅନ୍ନ ଭଖୈ, ନହିଁ ପଲନେ ଝୁଲଁତ ।
ଅଧର ଅମାନ ଧ୍ୟାନ ମେଁ, କମଲ କଲା ଫୁଲଁତ ॥୩୮୭॥
ଗରୀବ,କାଶୀମେଁ ଅଚରଜ ଭୟା, ଗଈ ଜଗତ କୀ ନୀନ୍ଦ ।
ଐସେ ଦୁଲହେ ଉତରେ, ଜ୍ୟୁଁ କନ୍ୟା ବର ବୀଁଦ ॥୩୮୯॥
ଗରୀବ, ଖଲକ ମୁଲକ ଦେଖନ ଗୟା, ରାଜା ପ୍ରଜା ରୀତ ।
ଜମ୍ବୂଦୀପ ଜିହାଁନ ମେଁ, ଉତରେ ଶବ୍ଦ ଅତୀତ ॥ ୩୯୦॥
ଗରୀବ, ଦୁନୀ କହେ ୟୋହ ଦେବ ହୈ, ଦେବ କହତ ହୈଁ ଈଶ ।
ଈଶ କହୈ ପାରବ୍ରହ୍ମ ହୈ, ପୂରଣ ବୀଶବେ ବୀଶ ॥୩୯୧॥

ପରମେଶ୍ୱର କବୀରଜୀ ହିଁ ଅନାଦି ପରମଗୁରୁ ଅଟନ୍ତି । ନିଜ ରୂପାନ୍ତର କରି ସେ ସନ୍ଥ ଓ ଋଷି ବେଶରେ ସମୟ-ସମୟରେ (ସ୍ୱୟମ୍ଭୁ) ସ୍ୱୟଂ ପ୍ରକଟ ହୁଅନ୍ତି । କାଳଦୂତ (ସନ୍ଥ) ମାନଙ୍କ ଦ୍ୱାରା ବିକୃତ କରି ଦିଆଯାଇଥିବା ତତ୍ତ୍ୱଜ୍ଞାନକୁ ସଜାଡିଥାନ୍ତି । କବୀର ସାହେବ ନିଜ ସତ୍ୟଲୋକରୁ ଆସି ବ୍ରହ୍ମା, ବିଷ୍ଣୁ ଓ ଶିବ ଆଦି ଦେବତା ତଥା ମୁନି-ଋଷି ଓ ସନ୍ଥମାନଙ୍କୁ ସମୟ-ସମୟରେ ନାମ ଉପଦେଶ ଦେଇଛନ୍ତି । ଆଦରଣୀୟ ଗରୀବ ଦାସଜୀ ମହାରାଜ ନିଜ ବାଣୀରେ ତାହା ଉଲ୍ଲେଖ କରିଛନ୍ତି ଯାହା କବୀରଜୀ ସ୍ୱୟଂ କହିଛନ୍ତି :-

ଆଦି ଅଁତ ହମରା ନହିଁ, ମଧ୍ୟ ମିଲାବା ମୂଲ । ବ୍ରହ୍ମା ଜ୍ଞାନ ସୁନାଇୟା, ଧର ପିଁଣ୍ଡା ଅସ୍ଥୁଲ ॥
ଶ୍ୱେତ ଭୂମିକା ହମଗଏ, ଜହାଁ ବିଶ୍ୱମ୍ଭରନାଥ । ହରିୟମ ହୀରା ନାମ ଦେ, ଅଷ୍ଟ କମଲ ଦଲ ସ୍ୱାଁତି ॥
ହମ ବୈରାଗୀ ବ୍ରହ୍ମ ପଦ, ସନ୍ୟାସୀ ମହାଦେବୀ । ସୋହଂ ମନ୍ତ୍ର ଦିୟା ଶଙ୍କର କୁଁ, କରତ ହମାରୀ ସେବ ॥
ହମ ସୁଲତାନୀ ନାନକତାରେ, ଦାଦୁ କୁଁ ଉପଦେଶ ଦିୟା ।
ଜାତି ଜୁଲାହା ଭେଦ ନ ପାୟା, କାଶୀ ମାହେ କବୀର ହୁଆ ॥
ସତଯୁଗ ମେ ସତସୁକୃତ କହ ଟେରା, ତ୍ରେତା ନାମ ମୁନିନ୍ଦ୍ର ମେରା ।
ଦ୍ୱାପର ମେଁ କରୁଣାମୟ କହଲାୟା, କଲିଯୁଗ ମେଁ ନାମ କବୀର ଧରାୟା ॥
ଚାରୋଁ ଯୁଗୋଁ ମେଁ ହମ ପୁକାରେଁ, କୂକ କହେଁ ହମ ହେଲ ରେ ।
ହୀରେ ମାଣିକ ମୋତୀ ବରସେଁ, ୟେ ଜଗ ଚୁଗତା ଢେଲ ରେ ॥

ଉପରୋକ୍ତ ବାଣୀରୁ ଏହା ପ୍ରମାଣିତ ହେଲା ଯେ କବୀର ପରମେଶ୍ୱର ହିଁ ଅବିନାଶୀ ପରମାତ୍ମା ଅଟନ୍ତି । ସେ ହିଁ ଅଜର-ଅମର ଅଟନ୍ତି । ସେହି ପରମାତ୍ମା ଚାରି ଯୁଗରେ ସ୍ୱୟଂ ଅତିଥି ରୂପରେ କିଛିଦିନ ପାଇଁ ଏହି ସଂସାରକୁ ଆସି ନିଜ ସତ୍ୟଭକ୍ତିର ମାର୍ଗଦର୍ଶନ କରାନ୍ତି ।

❒❒❒

## ପୂର୍ଣ୍ଣସନ୍ଥଙ୍କ ପରିଚୟ

(ପବିତ୍ର ସଦଗ୍ରନ୍ଥ ଆଧାରରେ ପୂର୍ଣ୍ଣ ସନ୍ଥଙ୍କ ପରିଚୟ)

❖ ପବିତ୍ର ଚାରିବେଦ ଓ ଗୀତା ଆଦି ସଦଗ୍ରନ୍ଥରୁ ଏହି ପ୍ରମାଣ ମିଳିଥାଏ ଯେ ଯେବେ ଯେବେ ଧର୍ମର କ୍ଷୟ ହୁଏ ଓ ଅଧର୍ମର ବୃଦ୍ଧି ହୁଏ ତଥା ବର୍ତ୍ତମାନର ନକଲି ସନ୍ଥ, ମହନ୍ତ, ଓ ଗୁରୁମାନଙ୍କ ଦ୍ୱାରା ଭକ୍ତି ମାର୍ଗର ସ୍ୱରୂପକୁ ବିଗାଡ଼ି ଦିଆଯାଏ ସେତେବେଳେ ପରମେଶ୍ୱର ସ୍ୱୟଂ ଆସନ୍ତି ଅଥବା ନିଜ ପରମ ଜ୍ଞାନୀ ସନ୍ଥଙ୍କୁ ପ୍ରେରଣ କରି ସତ୍ୟଜ୍ଞାନ ଦ୍ୱାରା ଧର୍ମର ପୁନଃ ସ୍ଥାପନ କରିଥାନ୍ତି । ସେ ଭକ୍ତିମାର୍ଗକୁ ଶାସ୍ତ୍ର ଅନୁସାରେ ବୁଝାଇଥାନ୍ତି । ତାଙ୍କ ପରିଚୟ ଏହା ହୋଇଥାଏ ଯେ ବର୍ତ୍ତମାନର ସମସ୍ତ ଧର୍ମଗୁରୁ ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି, ରାଜା ଓ ପ୍ରଜା ଉଭୟଙ୍କୁ ଭ୍ରମିତ କରାଇ ତାଙ୍କ ଉପରେ ଅତ୍ୟାଚାର କରିଥାନ୍ତି । କବୀର ସାହେବଜୀ ନିଜ ବାଣୀରେ କହିଛନ୍ତି ଯେ –

ଜୋ ମମ ସନ୍ତ ସତ ଉପଦେଶ ଦୃଢାବୈ (ବତାବୈ) ବାକେ ସଂଗ ସଭି ରାଡ ବଢାବୈ ।
ୟା ସବ ସନ୍ତ ମହଁତନ କୀ କରଣୀ, ଧର୍ମଦାସ ମୈଁ ତୋ ସେ ବର୍ଣୀ ।

କବୀର ସାହେବ ନିଜ ପ୍ରିୟ ଶିଷ୍ୟ ଧର୍ମଦାସଙ୍କୁ ଏହି ବାଣୀ ମାଧ୍ୟମରେ ବୁଝାଉଛନ୍ତି ଯେ ମୋ ସନ୍ଥ ସତ୍ୟଭକ୍ତି ମାର୍ଗ ବତାଇବ ଏବଂ ଅନ୍ୟ ସମସ୍ତ ସନ୍ଥ-ମହନ୍ତ ତାଙ୍କ ସହିତ କଳହ କରିବେ । ଏହା ତାଙ୍କର ପରିଚୟ ହେବ ।

❖ ଦ୍ୱିତୀୟ ପରିଚୟ, ସେହି ସନ୍ଥ ସର୍ବ ଧର୍ମଗ୍ରନ୍ଥର ପୂର୍ଣ୍ଣ ଜ୍ଞାନୀ ହୋଇଥାନ୍ତି । ସଦଗୁରୁ ଗରୀବ ଦାସଜୀଙ୍କ ବାଣୀରେ ପ୍ରମାଣ :-

"ସତଗୁରୁ କେ ଲକ୍ଷଣ କହୁଁ, ମଧୂରେ ବୈନ ବିନୋଦ । ଚାରବେଦ ଷଟ ଶାସ୍ତ୍ର, କହୈ ଅଠାରା ବୋଧ ॥"

ସଦଗୁରୁ ଗରୀବ ଦାସଜୀ ମହାରାଜ ନିଜ ବାଣୀରେ ପୂର୍ଣ୍ଣସନ୍ଥଙ୍କ ପରିଚୟ ଦେଇ କହୁଛନ୍ତି ଯେ ଚାରିବେଦ, ଛଅଶାସ୍ତ୍ର, ଅଠର ପୁରାଣ ଆଦି ସମସ୍ତ ଗ୍ରନ୍ଥର ସେ ପୂର୍ଣ୍ଣ ଜ୍ଞାନୀ ହୋଇଥିବେ ଅର୍ଥାତ୍ ସେଗୁଡିକର ନିଷ୍କର୍ଷ ବାହାର କରି ବତାଇବେ । ଯଜୁର୍ବେଦ ଅଧ୍ୟାୟ ୧୯ ମନ୍ତ୍ର ୨୫, ୨୬ ରେ ଲେଖାଅଛି ଯେ ବେଦ ରେ ଥିବା ଅସମ୍ପୂର୍ଣ୍ଣ ବାକ୍ୟ ଅର୍ଥାତ୍ ସାଙ୍କେତିକ ଶବ୍ଦ ଓ ଏକ ଚତୁର୍ଥାଂଶ ଶ୍ଳୋକଗୁଡିକୁ ପୂର୍ଣ୍ଣ କରି ବିସ୍ତାରର ସହିତ ବର୍ଣ୍ଣନା କରିବେ ଏବଂ ତିନି ସମୟର ପୂଜା ବିଷୟରେ କହିବେ । ପ୍ରାତଃକାଳରେ ପୂର୍ଣ୍ଣ ପରମାତ୍ମାଙ୍କ ପୂଜା, ଦ୍ୱିପ୍ରହରରେ ବିଶ୍ୱର ସମସ୍ତ ଦେବତାଙ୍କର ସତ୍କାର ଓ ସନ୍ଧ୍ୟାକାଳରେ ସନ୍ଧ୍ୟା ଆରତୀ ଆଦିକୁ ଭିନ୍ନ ଭିନ୍ନ କରି ବତାଇବେ, ସେ ଜଗତର କଲ୍ୟାଣକାରୀ ସନ୍ଥ ଅଟନ୍ତି ।

ଯଜୁର୍ବେଦ ଅଧ୍ୟାୟ ୧୯ ମନ୍ତ୍ର ୨୫

ସନ୍ଧିଛେଦ :- ଅର୍ଦ୍ଧ ରଚୈଃ ଉକ୍ଥାନାମ୍ ରୂପମ୍ ପଦୈଃ ଆପ୍ନୋତି ନିବିଦଃ ।
ପ୍ରଣବୈଃ ଶସ୍ତ୍ରାଣାମ୍ ରୂପମ୍ ପୟସା ସୋମଃ ଆପ୍ୟତେ ॥୨୫॥

ଅନୁବାଦ:-ଯେଉଁ ସନ୍ଥ (ଅର୍ଦ୍ଧ ରଚୈଃ) ବେଦରେ ଥିବା ଅର୍ଦ୍ଧ ବାକ୍ୟଗୁଡିକୁ ଅର୍ଥାତ୍ ସାଙ୍କେତିକ ଶବ୍ଦଗୁଡିକୁ ପୂର୍ଣ୍ଣ କରି (ନିବିଦଃ) ଆପୂର୍ତ୍ତି କରିଥାନ୍ତି (ପଦୈଃ) ଶ୍ଳୋକର ଚତୁର୍ଥ ଭାଗକୁ ଅର୍ଥାତ୍ ଆଂଶିକ ବାକ୍ୟଗୁଡିକୁ (ଉକ୍ଥାନମ୍ ସ୍ତୋତ୍ର (ରୂପମ୍) ରୂପରେ (ଆପ୍ନୋତି) ପ୍ରାପ୍ତ କରନ୍ତି ଅର୍ଥାତ୍ ଆଂଶିକ ବିବରଣୀକୁ ପୂର୍ଣ୍ଣ ରୂପେ ସ୍ୱୟଂ ବୁଝନ୍ତି ଏବଂ ବୁଝାଇଥାନ୍ତି (ଶସ୍ତ୍ରାଣାମ୍) ଯେପରି ଶସ୍ତ୍ର ଚାଳନା ଜାଣିଥିବା ବ୍ୟକ୍ତି ସେଗୁଡ଼ିକୁ (ରୂପମ୍) ପୂର୍ଣ୍ଣ ରୂପରେ ପ୍ରୟୋଗ କରନ୍ତି, ଏହିଭଳି ପୂର୍ଣ୍ଣସନ୍ଥ (ପ୍ରଣବୈଃ) ଓଁକାରୋଁ ଆଦି ଅର୍ଥାତ୍ ଓମ୍-ତତ୍-ସତ୍ ମନ୍ତ୍ରକୁ ପୂର୍ଣ୍ଣ ରୂପେ ସ୍ୱୟଂ ବୁଝି ଓ ବୁଝାଇ (ପୟସା) ଦୁଗ୍ଧ-ପାଣି ଛାଣିଥାନ୍ତି ଅର୍ଥାତ୍ ପାଣିରହିତ ଦୁଗ୍ଧ ଭଳି ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତି ଯଦ୍ୱାରା (ସୋମଃ) ଅମରପୁରୁଷ ଅର୍ଥାତ୍ ଅବିନାଶୀ ପରମାତ୍ମାଙ୍କୁ (ଆପ୍ୟତେ) ପ୍ରାପ୍ତ କରାଇଥାନ୍ତି । ସେହି ପୂର୍ଣ୍ଣସନ୍ଥଙ୍କୁ ବେଦଜ୍ଞ କୁହା ଯାଇଥାଏ ।

ଭାବାର୍ଥ :- ତତ୍ତ୍ୱଦର୍ଶୀ ସନ୍ଥ ତାଙ୍କୁ କୁହାଯାଏ ଯିଏ ବେଦରେ ଥିବା ସାଙ୍କେତିକ ଶବ୍ଦଗୁଡ଼ିକୁ ବିସ୍ତାରର ସହିତ ବର୍ଣ୍ଣନା କରିଥାନ୍ତି, ଯାହାଦ୍ୱାରା ପୂର୍ଣ୍ଣ ପରମାତ୍ମାଙ୍କର ପ୍ରାପ୍ତି ହୋଇଥାଏ ଏବଂ ସେହି ସନ୍ଥଙ୍କୁ ବେଦଜ୍ଞ କୁହାଯାଇଥାଏ ।

ଯଜୁର୍ବେଦ ଅଧ୍ୟାୟ ୧୯ ମନ୍ତ୍ର ୨୬

ସନ୍ଧିଛେଦ :- ଅଶ୍ୱିଭ୍ୟାମ୍ ପ୍ରାତଃ ସବନମ୍ ଇନ୍ଦ୍ରେଣ ଐନ୍ଦ୍ରମ୍ ମାଧ୍ୟନ୍ଦିନମ୍
ବୈଶ୍ୱଦେବମ୍ ସରସ୍ୱତ୍ୟା ତୃତୀୟମ୍ ଆପ୍ତମ୍ ସବନମ୍ ॥୨୬॥

ଅନୁବାଦ :- ସେହି ପୂର୍ଣ୍ଣସନ୍ଥ ତିନି ସମୟର ସାଧନା ବତାନ୍ତି । (ଅଶ୍ୱିଭ୍ୟାମ୍) ସୂର୍ଯ୍ୟଙ୍କ ଉଦୟ-ଅସ୍ତରୁ ହେଉଥିବା ଗୋଟିଏ ଦିନ ଆଧାରରେ (ଇନ୍ଦ୍ରେଣ) ପ୍ରଥମ ଶ୍ରେଷ୍ଠତାରେ ସର୍ବ ଦେବତାଙ୍କ ମାଲିକ ପୂର୍ଣ୍ଣ ପରମାତ୍ମାଙ୍କ (ପ୍ରାତଃ ସବନମ୍) ପୂଜା ତ ପ୍ରାତଃ କାଳରେ କରିବା ପାଇଁ କହନ୍ତି ଯାହା (ଐନ୍ଦ୍ରମ୍) ପୂର୍ଣ୍ଣ ପରମାତ୍ମାଙ୍କ ଉଦ୍ଦେଶ୍ୟରେ କରାଯାଏ । ଦ୍ୱିତୀୟରେ(ମାଧନ୍ଦିନମ୍) ଦିନର ମଧ୍ୟ କାଳରେ କରିବା ପାଇଁ କହିଥାନ୍ତି ଯାହା (ବୈଶ୍ୱଦେବମ୍) ସର୍ବ ଦେବତାଙ୍କର ସତ୍କାର ସମ୍ବନ୍ଧିତ (ସରସ୍ୱତ୍ୟା) ଅମୃତବାଣୀ ଦ୍ୱାରା ସାଧନା କରିବା ପାଇଁ କହନ୍ତି ତଥା (ତୃତୀୟମ୍) ତୃତୀୟ (ସବନମ୍) ପୂଜା ସନ୍ଧ୍ୟାରେ (ଆପ୍ତମ୍) ପ୍ରାପ୍ତ କରାନ୍ତି ଅର୍ଥାତ୍ ଯିଏ ତିନି ସମୟର ସାଧନାକୁ ଭିନ୍ନ-ଭିନ୍ନ ଭାବରେ କରିବା ପାଇଁ କହିଥାନ୍ତି ସେ ଜଗତର କଲ୍ୟାଣକାରୀ ସନ୍ଥ ଅଟନ୍ତି ।

ଭାବାର୍ଥ :- ଯେଉଁ ପୂର୍ଣ୍ଣସନ୍ଥଙ୍କ ବିଷୟରେ ମନ୍ତ୍ର ୨୫ ରେ କୁହାଯାଇଛି । ସେ ଦିନରେ ତିନିଥର (ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟାରେ) ସାଧନା କରିବା ପାଇଁ କୁହନ୍ତି । ସକାଳେ ତ ପୂର୍ଣ୍ଣ ପରମାତ୍ମାଙ୍କ ପୂଜା, ମଧ୍ୟାହ୍ନରେ ସର୍ବ ଦେବତାଙ୍କର ସତ୍କାର ପାଇଁ ତଥା ସନ୍ଧ୍ୟାରେ ସନ୍ଧ୍ୟା ଆରତୀ ଆଦିକୁ ଅମୃତବାଣୀ ଦ୍ୱାରା କରିବା ପାଇଁ କହିଥାନ୍ତି, ସେ ସର୍ବ ସଂସାରର କଲ୍ୟାଣକାରୀ ସନ୍ଥ ଅଟନ୍ତି ।

ଯଜୁର୍ବେଦ ଅଧ୍ୟାୟ ୧୯ ମନ୍ତ୍ର ୩୦

ସନ୍ଧିଛେଦ :- ବ୍ରତେନ ଦୀକ୍ଷାମ୍ ଆପ୍ନୋତି ଦୀକ୍ଷୟା ଆପ୍ନୋତି ଦକ୍ଷିଣାମ୍ ।
ଦକ୍ଷିଣା ଶ୍ରଦ୍ଧାମ୍ ଆପ୍ନୋତି ଶ୍ରଦ୍ଧୟା ସତ୍ୟମ୍ ଆପ୍ୟତେ ॥୩୦॥

ଅନୁବାଦ:- (ବ୍ରତେନ) ଦୁର୍ବ୍ୟସନଗୁଡ଼ିକର ବ୍ରତ ରଖିବା ଯୋଗୁଁ ଅର୍ଥାତ୍ ଭାଙ୍ଗ, ମଦିରା, ମାଂସ ଓ ତମାଖୁ ଆଦିର ସେବନରୁ ସଂଯମତା ରକ୍ଷା କରୁଥିବା ସାଧକ (ଧୀକ୍ଷାମ୍) ପୂର୍ଣ୍ଣସନ୍ଥଙ୍କଠାରୁ ଦୀକ୍ଷା (ଆପ୍ନୋତି) ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ସେ ପୂର୍ଣ୍ଣସନ୍ଥଙ୍କ ଶିଷ୍ୟ ହୋଇଥାନ୍ତି (ଦୀକ୍ଷୟା) ପୂର୍ଣ୍ଣସନ୍ଥ ଦୀକ୍ଷିତ ଶିଷ୍ୟଠାରୁ (ଧକ୍ଷିଣାମ୍) ଦାନ (ଆପ୍ନୋତି) ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ସନ୍ଥ ତାଙ୍କଠାରୁ ଦକ୍ଷିଣା ନେଇଥାନ୍ତି ଯିଏ ତାଙ୍କଠାରୁ ନାମ ନିଅନ୍ତି । ଏହି ପ୍ରକାରେ ବିଧିବତ୍ (ଦକ୍ଷିଣା) ଗୁରୁଙ୍କ ନିର୍ଦ୍ଦେଷ ଅନୁସାରେ ଯିଏ ଦାନ-ଦକ୍ଷିଣା ମାଧ୍ୟମରେ ଧର୍ମ କରିଥାଏ, ସେଥିରୁ (ଶ୍ରଦ୍ଧାମ୍) ଶ୍ରଦ୍ଧା (ଆପ୍ନୋତି) ପ୍ରାପ୍ତ ହୋଇଥାଏ (ଶ୍ରଦ୍ଧୟା) ଶ୍ରଦ୍ଧାର ସହିତ ଭକ୍ତି କରିବା ଦ୍ୱାରା (ସତ୍ୟମ୍) ଚିରନ୍ତନ ସୁଖ ଓ ପରମାତ୍ମା ଅର୍ଥାତ୍ ଅବିନାଶୀ ପରମାତ୍ମାଙ୍କୁ (ଆପ୍ୟେତେ) ପ୍ରାପ୍ତ ହୁଅନ୍ତି ।

ଭାବାର୍ଥ :- ପୂର୍ଣ୍ଣସନ୍ଥ ସେହି ବ୍ୟକ୍ତିଙ୍କୁ ଶିଷ୍ୟ କରିଥାନ୍ତି ଯିଏ ସଦାଚାରୀ ହୋଇଥାଏ । ଅଭକ୍ଷ ପଦାର୍ଥ ଓ ନିଶାଦ୍ରବ୍ୟ ଆଦି ସେବନ ନ କରିବା ପାଇଁ ଆଶ୍ୱାସନା ଦିଏ । ପୂର୍ଣ୍ଣସନ୍ଥ ସେହି ବ୍ୟକ୍ତିଙ୍କଠାରୁ ଦାନ ଗ୍ରହଣ କରନ୍ତି ଯିଏ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତି, ପୁଣି ଗୁରୁଙ୍କଠାରୁ ଦୀକ୍ଷା ପ୍ରାପ୍ତ କରି ପୁଣି ଦାନ ଦକ୍ଷିଣା ଆଦି ଗ୍ରହଣ କରିଥାନ୍ତି ଯାହାଦ୍ୱାରା ଶ୍ରଦ୍ଧା ବଢ଼ିଥାଏ। ଶ୍ରଦ୍ଧାର ସହିତ ସତ୍ୟଭକ୍ତି କରିବା ଦ୍ୱାରା ଅବିନାଶୀ ପରମାତ୍ମାଙ୍କ ପ୍ରାପ୍ତି ହୋଇଥାଏ, ଅର୍ଥାତ୍ ପୂର୍ଣ୍ଣମୋକ୍ଷ ମିଳିଥାଏ । ପୂର୍ଣ୍ଣସନ୍ଥ ଦ୍ୱାର ଦ୍ୱାର ବୁଲି ଭିକ୍ଷା ବା ଚାନ୍ଦା ମାଗନ୍ତି ନାହିଁ ।

କବୀର, ଗୁରୁ ବିନ ମାଲା ଫେରତେ ଗୁରୁ ବିନ ଦେତେ ଦାନ ।
ଗୁରୁ ବିନ ଦୋନୋଁ ନିଷ୍ଫଳ ହୈ ପୂଛୋ ବେଦ ପୁରାଣ ॥

❖ ତୃତୀୟ ପରିଚୟ, ତିନି ପ୍ରକାରର ମନ୍ତ୍ର (ନାମ)କୁ ତିନିଦଫାରେ ଉପଦେଶ ଦେବେ ଯାହାର ବର୍ଣ୍ଣନା କବୀରସାଗର ଗ୍ରନ୍ଥର ପୃଷ୍ଠା ନଂ ୨୬୫, ବୋଧ ସାଗରରେ ମିଳିଥାଏ, ତାହା ଗୀତା ଅଧ୍ୟାୟ ନଂ

୧୭ ର ଶ୍ଳୋକ ୨୩ ଓ ସାମବେଦ ସଂଖ୍ୟା ନଂ ୮୨୨ ରେ ମିଳିଥାଏ ।

କବୀର ସାଗରରେ ଥିବା ଅମର ମୂଳ ବୋଧ ସାଗର ପୃଷ୍ଠା ୨୬୫-

ତବ କବୀର ଅସ କହେବେ ଲୀହ୍ନା, ଜ୍ଞାନଭେଦ ସକଲ କହ ଦୀହ୍ନା ॥
ଧର୍ମଦାସ ମୈଁ କହୋ ବିଚାରୀ, ଜିହିତେ ନିବହୈ ସବ ସଂସାରୀ ॥
ପ୍ରଥମହି ଶିଷ୍ୟ ହୋୟ ଜୋ ଆଈ, ତା କହେଁ ପାନ ଦେହୁ ତୁମ ଭାଈ ॥୧॥
ଜବ ଦେଖହୁ ତୁମ ଦୃଢତା ଜ୍ଞାନା, ତା କହେଁ କହୁ ଶବ୍ଦ ପ୍ରବାନା ॥୨॥
ଶବ୍ଦ ମାଁହି ଜବ ନିଶ୍ଚୟ ଆବୈ, ତା କହେଁ ଜ୍ଞାନ ଅଗାଧ ସୁନାୱେ ॥୩॥

ପୁଣିଥରେ ବୁଝାଇଲେ :-

ବାଲକ ସମ ଜାକର ହୈ ଜ୍ଞାନା । ତାସୌଁ କହହୁ ବଚନ ପ୍ରବାନା ॥୧॥
ଜା କୋ ସୂକ୍ଷ୍ମ ଜ୍ଞାନ ହୈ ଭାଈ । ତା କୋ ସ୍ମରନ ଦେହୁ ଲଖାଈ ॥୨॥
ଜ୍ଞାନ ଗମ୍ୟ ଜା କୋ ପୁନି ହୋଈ । ସାର ଶବ୍ଦ ଜା କୋ କହ ସୋଈ ॥୩॥
ଜା କୋ ହୋଏ ଦିବ୍ୟ ଜ୍ଞାନ ପରବେଶା, ତାକୋ କହେ ତତ୍ତ୍ୱଜ୍ଞାନ ଉପଦେଶା ॥୪॥

ଉପରୋକ୍ତ ବାଣୀରୁ ସ୍ପଷ୍ଟ ହୁଏ ଯେ ପୂର୍ଣ୍ଣଗୁରୁ (ପୂର୍ଣ୍ଣସନ୍ଥ) ତିନୋଟି ସ୍ଥିତିରେ ସାରନାମ ପ୍ରଦାନ କରିଥାନ୍ତି ତଥା ଚତୁର୍ଥ ସ୍ଥିତିରେ ସାରଶବ୍ଦ ପ୍ରଦାନ କରିଥାନ୍ତି । କବୀର ସାଗରରେ ଥିବା ପ୍ରମାଣ  ପରେ ଦେଖିଥିଲି, କିନ୍ତୁ ଉପଦେଶ ବିଧି ପୂଜ୍ୟ ଦାଦା ଗୁରୁଦେବ ଏବଂ ପରମେଶ୍ୱର କବୀର୍ ସାହେବଜୀଙ୍କ ଦ୍ୱାରା ମୋ ପୂଜ୍ୟ ଗୁରୁଦେବଙ୍କୁ ବହୁତ ପୁର୍ବରୁ ପ୍ରଦାନ କରା ଯାଇଥିଲା ଯେଁଉ ବିଧି ମୁତାବକ ଆମ୍ଭମାନଙ୍କୁ ଆରମ୍ଭରୁ ତିନିଦଫାରେ ନାମଦୀକ୍ଷା ଦିଆ ଯାଉଅଛି ।

ଆମ୍ଭ ଗୁରୁଦେବ ରାମପାଲଜୀ ମହାରାଜ ପ୍ରଥମ ଦଫାରେ ଶ୍ରୀ ଗଣେଶ, ଶ୍ରୀ ବ୍ରହ୍ମା ସାବିତ୍ରୀ, ଶ୍ରୀ ଲକ୍ଷ୍ମୀ ବିଷ୍ଣୁ, ଶ୍ରୀ ଶଙ୍କର ପାର୍ବତୀ ଓ ମାତା ସିଂହବାହିନୀଙ୍କ ନାମ ମନ୍ତ୍ର ଦିଅନ୍ତି । ଯାହାଙ୍କର ବାସସ୍ଥାନ ଆମ୍ଭ ମାନବ ଶରୀରରେ ଥିବା ଚକ୍ରଗୁଡ଼ିକ ମଧ୍ୟରେ ଥାଏ । ମୂଳାଧାର ଚକ୍ରରେ ଶ୍ରୀ ଗଣେଶଙ୍କ ବାସ, ସ୍ୱାଦ ଚକ୍ରରେ ବ୍ରହ୍ମା ସାବିତ୍ରୀଙ୍କ ବାସ, ନାଭି ଚକ୍ରରେ ଲକ୍ଷ୍ମୀ ବିଷ୍ଣୁଙ୍କ ବାସ, ହୃଦୟ ଚକ୍ରରେ ଶଙ୍କର ପାର୍ବତୀଙ୍କ ବାସ, କଣ୍ଠ ଚକ୍ରରେ ସିଂହବାହିନୀ ମାତାଙ୍କ ବାସ ଏବଂ ଏହି ଦେବା-ଦେବୀମାନଙ୍କର ଆଦି ଅନାଦି ନାମ ମନ୍ତ୍ର ଅଛି ଯାହା ବର୍ତ୍ତମାନ ସମୟର ଗୁରୁମାନଙ୍କୁ ଜଣା ନାହିଁ । ଏହି ମନ୍ତ୍ରଜପ ଦ୍ୱାରା ଆମ ଶରୀରର ପାଞ୍ଚ ଚକ୍ର ଖୋଲି ଯାଏ, ଏହି ଚକ୍ରଗୁଡ଼ିକ ଖୋଲିଯିବା ପରେ ମାନବ ଭକ୍ତି କରିବା ପାଇଁ ଯୋଗ୍ୟ ହୋଇଯାଏ, ସଦଗୁରୁ ଗରୀବ ଦାସଜୀ ନିଜ ବାଣୀରେ ପ୍ରମାଣ ଦିଅନ୍ତି ଯେ :-

ପାଞ୍ଚନାମ ଗୁଝ ଗାୟତ୍ରୀ ଆତ୍ମ ତତ୍ତ୍ୱ ଜଗାଓ । ଓଁ କିଲିୟଂ ହରିୟମ୍ ଶ୍ରୀୟମ ସୋହଂ ଧ୍ୟାଓ ॥

ଭାବାର୍ଥ :- ପାଞ୍ଚନାମ ଯାହା ଗୁଝ୍ ଗାୟତ୍ରୀ ଅଟେ । ଏମାନଙ୍କ ଜପ କରି ଆତ୍ମାକୁ ଜାଗ୍ରତ କର । ଦ୍ୱିତୀୟ ଦଫାରେ ଦୁଇ ଅକ୍ଷରର ଜପ ଦିଅନ୍ତି ଯେଉଁଥିରେ ଗୋଟିଏ ଓମ୍ ଓ ଦ୍ୱିତୀୟଟି ତତ୍ (ଯାହା ଗୁପ୍ତ ଅଟେ, ଉପଦେଶୀକୁ କୁହାଯାଇଥାଏ) ଯାହାକୁ ନିଶ୍ୱାସ ସହିତ ଜପ କରା ଯାଇଥାଏ ତୃତୀୟ ଦଫାରେ ସାରନାମ ଦିଅନ୍ତି ଯାହା ସମ୍ପୂର୍ଣ୍ଣ ଗୁପ୍ତ ଅଟେ ।

### -: ତିନି ପର୍ଯ୍ୟାୟରେ ନାମ ମନ୍ତ୍ର ଦେବାର ପ୍ରମାଣ:-

ଗୀତା ଅଧ୍ୟାୟ ୧୭ର ଶ୍ଳୋକ ୨୩

ଓଁ, ତତ୍, ସତ୍, ଇତି, ନିର୍ଦ୍ଦେଶଃ, ବ୍ରହ୍ମଣଃ, ତ୍ରିବିଧଃ, ସ୍ମୃତଃ,
ବ୍ରାହ୍ମଣାଃ, ତେନ, ବେଦାଃ, ଚ, ଯଜ୍ଞାଃ, ଚ, ବିହିତାଃ, ପୁରା ॥୨୩॥

ଅନୁବାଦ : (ଓଁ) ବ୍ରହ୍ମଙ୍କର (ତତ୍) ଏହି ସାଙ୍କେତିକ ମନ୍ତ୍ର ପରବ୍ରହ୍ମଙ୍କର (ସତ୍) ପୂର୍ଣ୍ଣ ବ୍ରହ୍ମଙ୍କର ଅଟେ (ଇତି) ଏହିଭଳି ଏହା (ତ୍ରିବିଧଃ) ତିନି ପ୍ରକାରର (ବ୍ରହ୍ମଣଃ) ପୂର୍ଣ୍ଣ ପରମାତ୍ମାଙ୍କ ନାମ ସ୍ମରଣର (ନିର୍ଦ୍ଦେଶଃ) ସଙ୍କେତ (ସ୍ମୃତଃ) ବୋଲି କୁହାଯାଇଛି (ଚ) ଏବଂ (ପୁରା) ସୃଷ୍ଟିର ଆଦି କାଳରେ (ବ୍ରାହ୍ମଣାଃ) ବିଦ୍ୱାନଗଣ କହିଛନ୍ତି ଯେ (ତେନ) ସେହି ପୂର୍ଣ୍ଣ ପରମାତ୍ମା (ବେଦାଃ) ବେଦ (ଚ) ତଥା (ଯଜ୍ଞାଃ) ଯଜ୍ଞାଦି (ବିହିତାଃ) ରଚନା କରିଛନ୍ତି ।

ସଂଖ୍ୟା ନଂ ୮୨୨ ସାମବେଦ ଉତାର୍ଚିକ ଅଧ୍ୟାୟ ୩ ଖଣ୍ଡ ୫ ଶ୍ଳୋକ ନଂ ୮ (ସନ୍ଥ ରାମପାଳ ଦାସଜୀ ମହାରାଜଙ୍କ ଦ୍ୱାରା ଅନୁବାଦିତ) :-

ମନୀଷିଭିଃ ପବତେ ପୂର୍ବ୍ୟଃ କବିର୍ନୃଭିର୍ଯତଃ ପରି କୋଶାଂ ଅସିଷ୍ୟଦତ୍ ।

ତ୍ରିତସ୍ୟ ନାମ ଜନୟନ୍ମଧୁ କ୍ଷରନ୍ନିନ୍ଦ୍ରସ୍ୟ ବାୟୁଂ ସଖ୍ୟାୟ ବର୍ଧୟନ୍ ॥ ୮ ॥

ମନୀଷିଭିଃ-ପବତେ-ପୂର୍ବ୍ୟଃ-କବିର୍-ନୃଭିଃ-ଯତଃ-ପରି-କୋଶାନ୍-ଅସିଷ୍ୟଦତ୍-ତ୍ରି-ତସ୍ୟ-ନାମ-ଜନୟନ୍-ମଧୁ-କ୍ଷରନଃ-ନ-ଇନ୍ଦ୍ରସ୍ୟ-ବାୟୁମ୍-ସଖ୍ୟାୟ-ବର୍ଧୟନ୍ ।

ଶବ୍ଦାର୍ଥ :-(ପୂର୍ବ୍ୟଃ) ସନାତନ ଅର୍ଥାତ୍ ଅବିନାଶୀ (କବୀର୍ ନୃଭିଃ) କବୀର ପରମେଶ୍ୱର ମାନବ ରୂପ ଧାରଣ କରି ଅର୍ଥାତ୍ ଗୁରୁ ରୂପରେ ପ୍ରକଟ ହୋଇ (ମନୀଷିଭିଃ) ହୃଦୟରେ ଭଲ ପାଉଥିବା ଶ୍ରଦ୍ଧାରେ ଭକ୍ତି କରୁଥିବା ଭକ୍ତାତ୍ମାମାନଙ୍କୁ (ତ୍ରି) ତିନି (ନାମ) ମନ୍ତ୍ର ଅର୍ଥାତ୍ ନାମ ଉପଦେଶ ଦେଇ (ପବତେ) ପବିତ୍ର କରି (ଜନୟନ୍) ଜନ୍ମ ଓ (କ୍ଷରନଃ) ମୃତ୍ୟୁରୁ (ନ) ରହିତ କରିଥାନ୍ତି ତଥା (ତସ୍ୟ) ତାଙ୍କ (ବାୟୁମ୍) ପ୍ରାଣ ଅର୍ଥାତ୍ ଜୀବନ-ଶ୍ୱାସକୁ ଯେଉଁ ବ୍ୟକ୍ତି ସଂସ୍କାର ବଶତଃ ଗଣି ଗଣି ଗ୍ରହଣ କରନ୍ତି ତାଙ୍କୁ (କୋଶାନ୍) ନିଜ ଭଣ୍ଡାରରୁ (ସଖ୍ୟାୟ) ମିତ୍ରତା ଆଧାରରେ (ପରି) ପୂର୍ଣ୍ଣ ରୂପରେ (ବର୍ଧୟନ୍) ବଢାଇଥାନ୍ତି । (ଯତଃ) ଯେଉଁ କାରଣରୁ (ଇନ୍ଦ୍ରସ୍ୟ) ପରମେଶ୍ୱରଙ୍କର (ମଧୁ) ବାସ୍ତବିକ ଆନନ୍ଦକୁ (ଅସିଷ୍ୟଦତ୍) ନିଜର ଆଶୀର୍ବାଦ ପ୍ରସାଦ ମାଧ୍ୟମରେ ପ୍ରାପ୍ତ କରାଇଥାନ୍ତି ।

ଭାବାର୍ଥ :-ଏହି ମନ୍ତ୍ରରେ ସ୍ୱଷ୍ଟ କରାଯାଇଛି ଯେ ପୂର୍ଣ୍ଣ ପରମାତ୍ମା କବିର୍ ଅର୍ଥାତ୍ କବୀର୍ ମାନବ ଶରୀରଧରି ଗୁରୁ ରୂପରେ ପ୍ରକଟ ହୋଇ ପ୍ରଭୂ ପ୍ରେମୀମାନଙ୍କୁ ତିନି ନାମର ଜପ ଦେଇ ସତ୍ୟଭକ୍ତି କରାଇଥାନ୍ତି ତଥା ସେହି ମିତ୍ର, ଭକ୍ତକୁ ପବିତ୍ର କରି ନିଜ ଆଶୀର୍ବାଦ ଦ୍ୱାରା ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତି କରାଇ ପୂର୍ଣ୍ଣସୁଖ ପ୍ରାପ୍ତ କରାଇଥାନ୍ତି, ସାଧକର ଆୟୁ ବଢାଇ ଦିଅନ୍ତି । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ଅଛି ଯେ ଓମ୍-ତତ୍-ସତ୍ ଇତି ନିର୍ଦ୍ଦେଶଃ ବ୍ରହ୍ମଣଃ ତ୍ରିବିଧଃ ସ୍ମୃତଃ । ଭାବାର୍ଥ ଏହା ଯେ ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତି କରିବାର ଓଁ (୧) ତତ୍ (୨) ସତ୍ (୩) ଏହି ମନ୍ତ୍ର ଜପ ସ୍ମରଣ କରିବା ପାଇଁ ନିର୍ଦ୍ଦେଶ ଅଛି । ଏହି ନାମ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପ୍ରାପ୍ତ କରନ୍ତୁ । ତତ୍ତ୍ୱଦର୍ଶୀ ସନ୍ଥଙ୍କ ବିଷୟରେ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି ତଥା ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧ ଓ ୪ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ପ୍ରଦାନ କରାଯାଇ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରି ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା କରିବା ଉଚିତ୍ ଯେଉଁ ପରମେଶ୍ୱରଙ୍କ ନିକଟକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ଫେରି ଆସି ନ ଥାଏ, ଅର୍ଥାତ୍ ପୂର୍ଣ୍ଣ ମୁକ୍ତ ହୋଇଯାଏ । ସେହି ପୂର୍ଣ୍ଣ ପରମାତ୍ମାଙ୍କ ଦ୍ୱାରା ସଂସାର ସୃଷ୍ଟି ହୋଇଛି ।

ବିଶେଷ : ଉପରୋକ୍ତ ବିବରଣୀରୁ ସ୍ୱଷ୍ଟ ହେଲା ଯେ ପବିତ୍ର ଚାରିବେଦ ମଧ୍ୟ ଏହାର ସାକ୍ଷୀ ଯେ ପୂର୍ଣ୍ଣ ପରମାତ୍ମା ହିଁ ପୂଜାର ଯୋଗ୍ୟ ଅଟନ୍ତି । ତାଙ୍କ ବାସ୍ତବିକ ନାମ କବିର୍ଦ୍ଦେବ (କବୀର ପରମେଶ୍ୱର) ଅଟେ ତଥା ତିନିମନ୍ତ୍ର ଜପ ଦ୍ୱାରା ହିଁ ପୂର୍ଣ୍ଣମୋକ୍ଷ ହୋଇଥାଏ ।

ଧର୍ମଦାସଜୀଙ୍କୁ ପରମେଶ୍ୱର କବୀର ସାହେବଜୀ ସାରଶବ୍ଦ ଦେବା ପାଇଁ ମନା କରିଥିଲେ ଏବଂ କହିଥିଲେ ଯେ ସାରଶବ୍ଦ ଯଦି କୌଣସି କାଳଦୂତ ହାତରେ ପଡିଯିବ ତେବେ ମଧ୍ୟମ ପିଢିର ହଂସ ପାରି ହୋଇ ପାରିବେ ନାହିଁ । ଯେପରି କଳିଯୁଗର ପ୍ରାରମ୍ଭରେ ପ୍ରଥମ ପିଢ଼ିର ଭକ୍ତ ଅଶିକ୍ଷିତ ଥିଲେ ତଥା କଳିଯୁଗର ଶେଷରେ ଅନ୍ତିମ ପିଢ଼ିର ଭକ୍ତ କୃତଘ୍ନୀ ହୋଇଯିବେ ତଥା ବର୍ତ୍ତମାନ ସମୟରେ (ସନ ୧୯୪୭ ରେ ଭାରତ ସ୍ୱତନ୍ତ୍ର ହୋଇସାରିବା ପରେ) ମଧ୍ୟମ ପିଢ଼ି ପ୍ରାରମ୍ଭ ହୋଇଛି, ସନ ୧୯୫୧ ରେ ସଦଗୁରୁ ରାମପାଳଜୀ ମହାରାଜଙ୍କୁ ପରମେଶ୍ୱର ପଠାଇଛନ୍ତି, ବର୍ତ୍ତମାନର ସର୍ବ ଭକ୍ତ ସମାଜ ଶିକ୍ଷିତ ଅଟନ୍ତି ତଥା ଶାସ୍ତ୍ର ମଧ୍ୟ ନିଜ ପାଖରେ ବିଦ୍ୟମାନ । ଏହି ସତ୍ୟମାର୍ଗର ସତ୍ୟସାଧନା ଏବେ ପୂରା ସଂସାରରେ ବ୍ୟାପିବ ଏବଂ ନକଲି ଗୁରୁ ଓ ସନ୍ଥ ମହନ୍ତମାନଙ୍କୁ ଲୁଚିବା ପାଇଁ ସ୍ଥାନ ମିଳିବ ନାହିଁ ।

ଏଥିପାଇଁ କବୀର ସାଗର, ଜୀବ ଧର୍ମବୋଧ, ବୋଧ ସାଗର, ପୃଷ୍ଠା ୧୯୩୭ ରେ:-

ଧର୍ମଦାସ ତୋହି ଲାଖ ଦୁହାଇ, ସାର ଶବ୍ଦ କହାଁ ବାହର ନହାଁ ଜାଇ ।
ସାର ଶବ୍ଦ ବାହର ଜୋ ପରି ହୈ, ବିଚଲୀ ପୀଢୀ ହଂସ ନହାଁ ତରି ହୈ ॥

ପୁସ୍ତକ "ଧନୀ ଧର୍ମଦାସ ଜୀବନ ଦର୍ଶନ ଏବଂ ବଂଶ ପରିଚୟ"ର ପୃଷ୍ଠା ୪୬ ରେ ଲେଖାଅଛି ଯେ ଏକାଦଶତମ ପିଢ଼ିକୁ ଗାଦ୍ଦୀ ମିଳିଲା ନାହିଁ । ଯେଉଁ ମହନ୍ତଙ୍କ ନାମ "ଧୀରଜ ନାମ ସାହେବ", ସେ କବର୍ଧାରେ ରହୁଥିଲେ । ତାଙ୍କ ପରେ ଦ୍ୱାଦଶତମ ମହନ୍ତ ଉଗ୍ରନାମ ସାହେବ ଦାମାଖେଡାରେ ଗାଦ୍ଦୀ ସ୍ଥାପନା କଲେ ତଥା ସ୍ୱୟଂ ମହନ୍ତ ହୋଇ ବସିଗଲେ । ଏହା ପୂର୍ବରୁ ଦାମାଖେଡାରେ ଗାଦ୍ଦୀ ନଥିଲା । ଏଥିରୁ ସ୍ପଷ୍ଟ ହେଲା ଯେ ପୂରା ବିଶ୍ୱରେ ସଦଗୁରୁ ରାମପାଲଜୀ ମହାରାଜଙ୍କ ଅତିରିକ୍ତ କାହା ପାଖରେ ବାସ୍ତବିକ ଭକ୍ତିମାର୍ଗ ନାହିଁ । ସନ୍ଥ ରାମପାଲଜୀ ମହାରାଜ ନିଜ ପ୍ରବଚନରେ ବାରମ୍ୱାର କୁହନ୍ତି ଯେ ସର୍ବ ପ୍ରଭୁପ୍ରେମୀ ଶ୍ରଦ୍ଧାଳୁମାନଙ୍କୁ ମୋର ଏହି ପ୍ରାର୍ଥନା ଯେ ମୋତେ ପ୍ରଭୁଙ୍କ ଦ୍ୱାରା ପ୍ରେରିତ ଦାସ ଭାବି ନିଜର କଲ୍ୟାଣ କରାନ୍ତୁ ।

ୟହ ସଂସାର ସମଝଦା ନାହାଁ, କହନ୍ଦା ଶ୍ୟାମ ଦୋପହରେ ନୂଁ ।
ଗରୀବ ଦାସ ୟହ ବକ୍ତ ଜାତ ହୈ, ରୋଓ୍ୱୋଗେ ଇସ ପହରେ ନୂଁ ॥

ଦ୍ୱାଦଶପନ୍ଥ (ଗରୀବ ଦାସ ପନ୍ଥକୁ ଦ୍ୱାଦଶତମ ପନ୍ଥ ବୋଲି ଲେଖାଯାଇଛି, କବୀର ସାଗର, କବୀର ଚରିତ୍ରବୋଧ ପୃଷ୍ଠା ୧୮୭୦ ରେ) ବିଷୟରେ କବୀର ସାଗର କବୀର ବାଣୀ ପୃଷ୍ଠା ନଂ ୧୩୬-୧୩୭ ରେ ଏହି ବାଣୀ ଲେଖାଅଛି ଯେ :-

ସମ୍ୱତ୍ ସତ୍ରାସୈ ପଚତ୍ତର ହୋଇ, ତା ଦିନ ପ୍ରେମ ପ୍ରକଟେଁ ଜଗ ସୋଇ ॥
ସାଖୀ ହମାରୀ ଲେ ଜୀବ ସମଝାବୈ, ଅସଂଖ୍ୟ ଜନ୍ମ ଠୌର ନହାଁ ପାବୈ ॥
ବାରଓ୍ୱେଁ ପନ୍ଥ ପ୍ରଗଟ ହ୍ୱେଁ ବାନୀ, ଶବ୍ଦ ହମାରେ କୀ ନିର୍ଣ୍ଣୟ ଠାନୀ ॥
ଅସ୍ଥିର ଘର କା ମରମ ନ ପାଓ୍ୱେଁ, ୟେ ବାରା ପନ୍ଥ ହମହୀ କୋ ଧ୍ୟାଓ୍ୱେଁ ॥
ବାରଓ୍ୱେଁ ପନ୍ଥ ହମ ହୀ ଚଲି ଆଓ୍ୱେଁ, ସବ ପନ୍ଥ ମେଟି ଏକ ହୀ ପନ୍ଥ ଚଲାଓ୍ୱେଁ ॥
ଧର୍ମଦାସ ମୋରୀ ଲାଖ ଦୋହାଇ, ସାର ଶବ୍ଦ ବାହର ନହାଁ ଜାଇ ।
ସାର ଶବ୍ଦ ବାହର ଜୋ ପରହୀ, ବିଚଲୀ ପୀଢୀ ହଂସ ନହାଁ ତରହାଁ ॥
ତେତିଶ ଅର୍ବ ଜ୍ଞାନ ହମ ଭାଖା, ସାର ଶବ୍ଦ ଗୁପ୍ତ ହମ ରାଖା ॥
ମୂଲ ଜ୍ଞାନ ତବ ତକ ଛୁପାଇ, ଜବ ଲଗ ଦ୍ୱାଦଶ ପନ୍ଥ ମିଟ ଜାଇ ॥

ଏଠାରେ ସାହେବ କବୀରଜୀ ନିଜ ଶିଷ୍ୟ ଧର୍ମଦାସଜୀଙ୍କୁ ବୁଝାଉଛନ୍ତି ଯେ ସମ୍ୱତ୍ ୧୭୭୫ ରେ ମୋ ଜ୍ଞାନ ପ୍ରଚାର ହେବ ଯାହା ଦ୍ୱାଦଶତମ ପନ୍ଥ ହେବ । ଦ୍ୱାଦଶତମ ପନ୍ଥରେ ମୋ ବାଣୀ ପ୍ରକଟ ହେବ ପରନ୍ତୁ ସେଥିରେ ସଠିକ୍ ଭକ୍ତିମାର୍ଗର ଉଲ୍ଲେଖ ନଥିବ । ଦ୍ୱାଦଶତମ ପନ୍ଥରେ ମୁଁ ସ୍ୱୟଂ ଆସିବି ଏବଂ ସମସ୍ତ ପନ୍ଥକୁ ସମାପ୍ତ କରି କେବଳ ଗୋଟିଏ ପନ୍ଥ ଚଲାଇବି । କିନ୍ତୁ ଧର୍ମଦାସ ତୋତେ ଲକ୍ଷେ ରାଣ (ସୌଗନ୍ଧ) କୌଣସି କୁପାତ୍ରକୁ ଏହି ସାରଶବ୍ଦ ଦେବୁନାହିଁ, ନଚେତ୍ ମଧ୍ୟମ ପିଢ଼ିର ହଂସ ପାରି ହୋଇ ପାରିବେ ନାହିଁ । ଏଥିପାଇଁ ଯେପର୍ଯ୍ୟନ୍ତ ବାର ପନ୍ଥର ସମାପ୍ତ ହୋଇ ଗୋଟିଏ ପନ୍ଥ ଚାଲୁ ନ ହୋଇଛି ସେପର୍ଯ୍ୟନ୍ତ ଏହି ମୂଳ ଜ୍ଞାନକୁ ଲୁଚାଇ ରଖିବି । ସନ୍ଥ ଗରୀବଦାସଜୀ ମହାରାଜଙ୍କ ବାଣୀରେ ନାମର ମହତ୍ତ୍ୱ:-

ନାମ ଅଭୈପଦ ଊଁଚା ସଂତୋ, ନାମ ଅଭୈପଦ ଊଁଚା ।
ରାମ ଦୁହାଇ ସାଚ କହତ ହୂଁ, ସତଗୁରୁ ସେ ପୂଛା ॥
କହେ କବୀର ପୁରୁଷ ବରିୟାମଂ, ଗରୀବଦାସ ଏକ ନୌକା ନାମଂ ॥
ନାମ ନିରଂଜନ ନୀକା ସଁତୋ, ନାମ ନିରଂଜନ ନୀକା ।
ତୀର୍ଥ ବ୍ରତ ଥୋଥରେ ଲାଗେ, ଜପ ତପ ସଂଜମ ଫିକା ॥
ଗଜ ତୁରକ ପାଲକୀ ଅର୍ଥା, ନାମ ବିନା ସବ ଦାନଁ ବ୍ୟର୍ଥା ।
କବୀର, ନାମ ଗହେ ସୋ ସନ୍ତ ସୁଜାନା, ନାମ ବିନା ଜଗ ଉରଝାନା ।
ତାହି ନା ଜାନେ ୟେ ସଂସାର, ନାମ ବିନା ସବ ଜମ କେ ଚାରା ॥

ସନ୍ଥ ନାନକ ସାହେବଜୀଙ୍କ ବାଣୀରେ ନାମର ମହତ୍ତ୍ୱ :-

ନାନକ ନାମ ଚଢଦୀ କଲାଁ, ତେରେ ଭାଣେ ସରବତ ଭଲା ।
ନାନକ ଦୁଃଖିୟା ସବ ସଂସାର, ସୁଖିୟା ସୋୟ ନାମ ଆଧାର ॥
ଜାପ ତାପ ଜ୍ଞାନ ସବ ଧ୍ୟାନ, ଷଟ ଶାସ୍ତ୍ର ସିମରତ ବ୍ୟାଖାନ ।
ଜୋଗ ଅଭ୍ୟାସ କର୍ମଧର୍ମ ସବ କ୍ରିୟା, ସଗଲ ତ୍ୟାଗବଣ ମଧ୍ୟ ଫିରିୟା ।
ଅନେକ ପ୍ରକାର କିଏ ବହୁତ ଯନ୍ତ୍ରା, ଦାନ ପୁଣ୍ୟ ହୋମୈ ବହୁ ରତ୍ନା ।
ଶୀଶ କଟାୟେ ହେମୈ କର ରାତି, ବ୍ରତ ନେମ କରେ ବହୁଭାଁତି ॥
ନହୀଁ ତୁଲ୍ୟ ରାମ ନାମ ବିଚାର, ନାନକ ଗୁରୁମୁଖ ନାମ ଜପିୟେ ଏକ ବାର ॥
(ପରମ ପୂଜ୍ୟ କବୀର ସାହେବ (କବିର୍ ଦେବ) ଙ୍କ ଅମୃତ ବାଣୀ)

ସଂନ୍ତୋ ଶବ୍ଦଈ ଶବ୍ଦ ବଖାନା ॥ ଟେକ ॥ ଶବ୍ଦ ଫାଁସ ଫଁସା ସବ କୋଈ ଶବ୍ଦ ନହୀଁ ପହଚାନା ॥
ପ୍ରଥମହିଁ ବ୍ରହ୍ମ ସ୍ୱଂ ଇଚ୍ଛା ତେ ପାଁଚୌ ଶବ୍ଦ ଉଚାରା ॥ ସୋହଂ, ନିରଞ୍ଜନ, ରରଙ୍କାର, ଶକ୍ତି ଔର ଓଁକାରା ॥
ପାଁଚୌ ତତ୍ତ୍ୱ ପ୍ରକୃତି ତୀନୋଁ ଗୁଣ ଉପଜାୟା ॥ ଲୋକ ଦ୍ୱୀପ ଚାରୋଁ ଖାନ ଚୌରାଶୀ ଲକ୍ଷ ବନାୟା ।
ଶବ୍ଦଈ କାଲ କଲନ୍ଦର କହିୟେ ଶବ୍ଦଈ ଭର୍ମ ଭୁଲାୟା ॥ ପାଞ୍ଚ ଶବ୍ଦକୀ ଆଶା ମେଁ ସର୍ବସ ମୂଲ ଗମ୍ୱାୟା ॥
ଶବ୍ଦଈ ବ୍ରହ୍ମ ପ୍ରକାଶ ମେଁଟ କେ ବୈଠେ ମୂଁଦେ ଦ୍ୱାରା । ଶବ୍ଦଈ ନିରଗୁଣ ଶବ୍ଦଈ ସରଗୁଣ ଶବ୍ଦଈ ବେଦ ପୁକାରା ॥
ଶୁଦ୍ଧ ବ୍ରହ୍ମ କାୟାକେ ଭୀତର ବୈଠ କରେ ସ୍ଥାନା । ଜ୍ଞାନୀ ଯୋଗୀ ପଣ୍ଡିତ ଔ ସିଦ୍ଧ ଶବ୍ଦ ମେଁ ଉରଝାନା ॥
ପାଁଚଈ ଶବ୍ଦ ପାଁଚ୍ ହେଁ ମୁଦ୍ରା କାୟା ବୀଚ ଠିକାନା । ଜୋ ଜିହସଙ୍କ ଆରାଧନ କରତା ସୋ ତିହି କରତ ବଖାନା ॥
ଶବ୍ଦ ନିରଂଜନ ଚାଂଚରୀ ମୁଦ୍ରା ନୈନନ କେ ମାଁହୀ । ତାକୋ ଜାନେ ଗୋରଖ ଯୋଗୀ ମହା ତେଜ ତପ ମାଁହୀ ॥
ଶବ୍ଦ ଓଁକାର ଭୂଚାରୀ ମୁଦ୍ରା ତ୍ରିକୁଟୀ ହୈ ସ୍ଥାନା । ବ୍ୟାସଦେବ ତାହି ପହିଚାନା ଚାନ୍ଦ ସୂର୍ଯ୍ୟ ତିହି ଜାନା ॥
ସୋହଂ ଶବ୍ଦ ଅଗୋଚରୀ ମୁଦ୍ରା ଭଁୱରଗୁଫା ସ୍ଥାନା ॥ ଶୁକଦେବ ମୁନୀ ତାହି ପହିଚାନା ସୁନ୍ ଅନହଦ କୋ କାନା ॥
ଶବ୍ଦ ରରଁକାର ଖେଚରୀ ମୁଦ୍ରା ଦସୱେଁ ଦ୍ୱାର ଠିକାନା । ବ୍ରହ୍ମା ବିଷ୍ଣୁ ମହେଶ ଆଦି ଲୋ ରରଁକାର ପହିଚାନା ॥
ଶକ୍ତି ଶବ୍ଦ ଧ୍ୟାନ ଉନମୁନୀ ମୁଦ୍ରା ବସେ ଆକାଶ ସନେହୀ । ଝିଲ ମିଲ ଝିଲ ମିଲ ଜୋତ ଦିଖାବେ ଜାନେ ଜନକ ବିଦେହୀ ॥
ପାଁଚ ଶବ୍ଦ ପାଁଚ ହେଁ ମୁଦ୍ରା ସୋ ନିଶ୍ଚୟ କର ଜାନା । ଆଗେ ପୁରୁଷ ପୁରାନ ନିଃଅକ୍ଷର ତିନକୀ ଖବର ନ ଜାନା ॥
ନୌ ନାଥ ଚୌରାସୀ ସିଦ୍ଧି ଲୋ ପାଁଚ ଶବ୍ଦ ମେଁ ଅଟକେ । ମୁଦ୍ରା ସାଧ ରହେ ଘଟ ଭିତର ଫିର ଓଁଧେ ମୁଖ ଲଟକେ ॥
ପାଁଚ ଶବ୍ଦ ପାଁଚ ହୈ ମୁଦ୍ରା ଲୋକ ଦ୍ୱୀପ ଯମଜାଲା । କହେଁ କବୀର ଅକ୍ଷର କେ ଆଗେ ନିଃଅକ୍ଷର କା ଉଜିୟାଲା ॥

ଯେପରି ଏହି ଶବ୍ଦ "ସନ୍ତୋ ଶବ୍ଦଈ ଶବ୍ଦ ବଖାନା"ରେ ଲେଖାଅଛି ଯେ ସମସ୍ତ ସନ୍ଥ ଶବ୍ଦ(ନାମ)ର ମହିମା ଶୁଣାଇଥାନ୍ତି । ପୂର୍ଣ୍ଣବ୍ରହ୍ମ କବୀର ସାହେବଜୀ କହିଛନ୍ତି ଯେ ଶବ୍ଦ ସତ୍ୟପୁରୁଷଙ୍କର ମଧ୍ୟ ଅଛି ଯାହା ସତ୍ୟପୁରୁଷଙ୍କ ପ୍ରତୀକ ଅଟେ ଏବଂ ଜ୍ୟୋତି ନିରଞ୍ଜନ (କାଳ)ର ପ୍ରତୀକ ମଧ୍ୟ ଶବ୍ଦ ହିଁ ଅଟେ । ଯେପରି ଶବ୍ଦ ଜ୍ୟୋତି ନିରଞ୍ଜନ, ଏହା ଚାଁଚରୀ ମୁଦ୍ରାକୁ ପ୍ରାପ୍ତ କରାଇଥାଏ, ଏହାକୁ ଗୋରଖ ଯୋଗୀ କଠିନ ତପ କରି ପ୍ରାପ୍ତ କଲେ କିନ୍ତୁ ସାଧାରଣ ବ୍ୟକ୍ତି ପକ୍ଷେ ଏହା ସମ୍ଭବ ନୁହେଁ ଏବଂ ପୁଣି ଗୋରଖ ନାଥ କାଳ ପର୍ଯ୍ୟନ୍ତ ସାଧନା କରି ସିଦ୍ଧପୁରୁଷ ହୋଇଗଲେ, କିନ୍ତୁ ତାଙ୍କର ମୁକ୍ତି ହୋଇ ପାରିଲେ ନାହିଁ। କବୀର ସାହେବ ସତ୍ୟନାମ ଓ ସାରନାମ ଦେବା ଉପରାନ୍ତ ଗୋରଖନାଥଙ୍କର କାଳ କବଳରୁ ମୁକ୍ତି ହେଲା । ଏଥିପାଇଁ ଜ୍ୟୋତି ନିରଞ୍ଜନ ନାମ ଜପ କରୁଥିବା ସାଧକ କାଳ ଜାଲରୁ ମୁକ୍ତ ହୋଇ ପାରିବ ନାହିଁ, ଅର୍ଥାତ୍ ସତ୍ୟଲୋକ ଯାଇପାରିବ ନାହିଁ। ଶବ୍ଦ ଓଁକାର(ଓମ୍) ଜାପ କରିବା ଦ୍ୱାରା ସାଧକ ଭୂଂଚରୀ ମୁଦ୍ରା ସ୍ଥିତିକୁ ଆସି ଯାଇଥାଏ ଯେଉଁ ସାଧନା ବେଦବ୍ୟାସ କଲେ ଏବଂ କାଳଜାଲ ମଧ୍ୟରେ ହିଁ ରହିଗଲେ । ସୋହଂ ନାମ ଜପ ଦ୍ୱାରା ସାଧକ ଆଗୋଚରୀ ମୁଦ୍ରା ସ୍ଥିତିକୁ ଆସିଯାଏ ଏବଂ କାଳଲୋକରେ ନିର୍ମୀତ ଭ୍ରମର ଗୁମ୍ଫା ପର୍ଯ୍ୟନ୍ତ ପହଞ୍ଚିଯାଏ ଯେଉଁ ସାଧନା ଶୁକଦେବ ଋଷି କରି କେବଳ ଶ୍ରୀ ବିଷ୍ଣୁଙ୍କ ଲୋକରେ ନିର୍ମିତ ସ୍ୱର୍ଗ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ । ଶବ୍ଦ ରରଙ୍କାର ଖେଁଚରୀ ମୁଦ୍ରା ବଳରେ ସାଧକ ଦଶମ ଦ୍ୱାର(ସୁଷ୍ମନା) ପର୍ଯ୍ୟନ୍ତ ପହଞ୍ଚିଥାଏ । ବ୍ରହ୍ମା, ବିଷ୍ଣୁ, ମହେଶ ଆଦି ତିନି ଦେବତା ରରଙ୍କାରକୁ ସତ୍ୟ ମାନି କାଳ ଜାଲରେ ଭ୍ରମିତ ହୋଇ ରହିଗଲେ । ଶକ୍ତି (ଶ୍ରୀୟମ୍) ଶବ୍ଦ ଏହା ଉନ୍‌ମନୀ ମୁଦ୍ରାକୁ ପ୍ରାପ୍ତ କରାଇଥାଏ ଯାହାକୁ ରାଜା ଜନକ ପ୍ରାପ୍ତ କଲେ ପରନ୍ତୁ ମୁକ୍ତି ହେଲା ନାହିଁ । କେହି କେହି ସନ୍ଥ ପାଞ୍ଚନାମ ମଧ୍ୟରୁ ଶକ୍ତି ସ୍ଥାନରେ

ସତ୍ୟନାମକୁ ଯୋଡି ଦେଲେ ଯାହା ସତ୍ୟନାମର ଜପ କଦାପି ନୁହେଁ । ବାସ୍ତବିକ ନାମ ପ୍ରତି ଏହା ସଂକେତ ମାତ୍ର । ଯେପରି ସତ୍ୟଲୋକକୁ ସଚ୍ଚଖଣ୍ଡ ମଧ୍ୟ କୁହନ୍ତି । ସତ୍ୟନାମ ଓ ସଚ୍ଚାନାମ ଏହିପରି ଅଟେ । କେବଳ ସତ୍ୟନାମ-ସତ୍ୟନାମ ଜପ କରିବା ନିରର୍ଥକ ଅଟେ । ଏହି ପାଞ୍ଚଶବ୍ଦର ସାଧନା କରିଥିବା ନଅନାଥ ଓ ଚୌରାସୀ ସିଦ୍ଧ କାଳ ପର୍ଯ୍ୟନ୍ତ ସୀମିତ ରହିଗଲେ ତଥା ଶରୀର ମଧ୍ୟରେ (ଘଟରେ) ଧ୍ୱନୀ ଶୁଣି ଆନନ୍ଦିତ ହେଲେ । ବାସ୍ତବିକ ସତ୍ୟଲୋକ ସ୍ଥାନ ଶରୀର (ପିଣ୍ଡ) ଓ (ଅଣ୍ଡ) ବ୍ରହ୍ମାଣ୍ଡର ଉର୍ଦ୍ଧ୍ୱରେ, ଏଥିପାଇଁ ପୁଣି ମାତାଙ୍କ ଗର୍ଭକୁ ଆସିଲେ (ଓଲଟା ସ୍ଥିତିରେ ରହିଲେ) ଅର୍ଥାତ୍ ଜନ୍ମ-ମୃତ୍ୟୁର କଷ୍ଟ ସମାପ୍ତ ହେଲା ନାହିଁ । ଶରୀର (ଘଟ) ରେ ଯାହାବି ଉପଲବ୍ଧି ହେବ ତାହା କାଳ(ବ୍ରହ୍ମ) ପର୍ଯ୍ୟନ୍ତ ସିମୀତ ଅଟେ, କାରଣ ପୂର୍ଣ୍ଣ ପରମାତ୍ମାଙ୍କ ନିଜ ସ୍ଥାନ (ସତ୍ୟଲୋକ) ତଥା ତାଙ୍କ ଶରୀରର ପ୍ରକାଶ ତ ପରବ୍ରହ୍ମ ଆଦିଙ୍କଠାରୁ ଅଧିକ ତଥା ବହୁତ ଆଗରେ (ଦୂର) ଅଟେ । ସେଥିପାଇଁ ପୂର୍ଣ୍ଣସନ୍ଥ ହିଁ ସମ୍ପୂର୍ଣ୍ଣ ସାଧନା ବତାଇବେ ଯାହା ପାଞ୍ଚନାମ (ଶବ୍ଦ) ଠାରୁ ଭିନ୍ନ ଅଟେ ।

ସନ୍ତୋଁ ସତଗୁରୁ ମୋହେ ଭାବୈ, ଜୋ ନୈନନ ଅଲଖ ଲଖାବୈ ।
ଢୋଲତ ଢିଗୈ ନା ବୋଲତ ବିସରୈ, ସତ ଉପଦେଶ ଦୃଢାବୈ ॥
ଆଁଖ ନା ମୂଁଦୈ କାନ ନା ରୂନ୍ଦେଁ ନା ଅନହଦ ଉରଝାବୈ,
ପ୍ରାଣ ପୁଞ୍ଜ କ୍ରିୟାଓଁ ସେ ନ୍ୟାରା, ସହଜ ସମାଧି ବତାବୈ ॥

ଘଟ ରାମାୟଣର ରଚୟିତା ହାଥରସର ବାସିନ୍ଦା ଆଦରଣୀୟ ତୁଳସୀ ଦାସ ସାହେବଜୀ ସ୍ୱୟଂ କହିଛନ୍ତି କି : (ଘଟ ରାମାୟଣ ପ୍ରଥମ ଭାଗ ପୃଷ୍ଠା ନଂ ୨୭) ।

ପାଁଚୋଁ ନାମ କାଲକେ ଜାନୌ ତବ ଦାନୀ ମନ ସଂକା ଆନୌ ।
ସୁରତି ନିରତ ଲୈ ଲୋକ ସିଧାଉ, ଆଦିନାମ ଲେ କାଲ ଗିରାଉଁ ।
ସତନାମ ଲେ ଜୀବ ଉବାରୀ, ଅସ ଚଲ ଜାଉଁ ପୁରୁଷ ଦରବାରୀ ॥
କବୀର, କୋଟି ନାମ ସଂସାର ମେଁ, ଇନସେ ମୁକ୍ତି ନ ହୋ ।
ସାରନାମ ମୁକ୍ତି କା ଦାତା, ବାକୋ ଜାନେ ନ କୋଏ ॥
ପୂରା ସତଗୁରୁ ସୋଏ କହାବୈ, ଦୋୟ ଅଖର କା ଭେଦ ବତାବୈ ।
ଏକ ଛୁଡାବୈ ଏକ ଲଖାବୈ, ତୋ ପ୍ରାଣୀ ନିଜ ଘର ଜାବୈ ॥

ଗୁରୁ ନାନକଜୀଙ୍କ ବାଣୀରେ ତିନିନାମର ପ୍ରମାଣ :-

ଜୈ ପଂଡ଼ିତ ତୁ ପଢିୟା, ବିନା ଦୁଉ ଅଖର ଦୁଉ ନାମା ।
ପରଣବତ ନାନକ ଏକ ଲଙ୍ଘାଏ, ଜେ କର ସଚ ସମାବା ।
ବେଦ କତେବ ସିମରିତ ସବ ସାଂସତ, ଇନ ପଢି ମୁକ୍ତି ନ ହୋଈ ॥
ଏକ ଅକ୍ଷର ଜୋ ଗୁରୁମୁଖ ଜାପୈ, ତିସ କୀ ନିରମଲ ହୋଇ ॥

ଭାବାର୍ଥ :- ଗୁରୁ ନାନକଜୀ ମହାରାଜ ନିଜ ବାଣୀ ମାଧ୍ୟମରେ ଏହା ବୁଝାଇବାକୁ ଚାହିଁଛନ୍ତି ଯେ ପୂର୍ଣ୍ଣ ସଦଗୁରୁ ସେ ହିଁ ଅଟନ୍ତି ଯିଏ ଦୁଇ ଅକ୍ଷରର ଜପ ବିଷୟରେ ଜାଣିଥାନ୍ତି । ଯେଉଁଥିରୁ ପ୍ରଥମଟି କାଳ ଓ ମାୟାଜାଲରୁ(ବନ୍ଧନରୁ) ମୁକ୍ତି ଦେଇଥାଏ ଏବଂ ଦ୍ୱିତୀୟଟି ପରମାତ୍ମାଙ୍କର ସାକ୍ଷାତକାର କରାଇଥାଏ ଏବଂ ତୃତୀୟଟି ଯାହା ଏକ ଅକ୍ଷରର ଅଟେ ତାହା ପରମାତ୍ମା ପ୍ରାପ୍ତି କରାଇଥାଏ ।

ସନ୍ଥ ଗରୀବ ଦାସଜୀ ମହାରାଜଙ୍କ ଅମୃତ ବାଣୀରେ ସ୍ୱାଂସ ନାମର ପ୍ରମାଣ:-

ଗରୀବ, ସ୍ୱାଂସା ପାରସ ଭେଦ ହମାରା, ଜୋ ଖୋଜେ ସୋ ଉତରେ ପାରା ।
ସ୍ୱାଂସା ପାରା ଆଦି ନିଶାନୀ, ଜୋ ଖୋଜେ ସୋ ହୋଏ ଦରବାନୀ ॥
ଗରୀବ,ସ୍ୱାଂସା ହୀ ମେଁ ସାର ପଦ, ପଦ ମେଁ ସ୍ୱାଂସା ସାର ।
ଦମ ଦେହୀ କା ଖୋଜ କରୋ, ଆବାଗମନ ନିବାର ॥
ଗରୀବ, ସ୍ୱାଂସ ସୁରତି କେ ମଧ୍ୟ ହୈ, ନ୍ୟାରା କଦେ ନହୀଁ ହୋୟ ।
ସତଗୁରୁ ସାକ୍ଷୀ ଭୁତ୍ କୁଁ, ରାଖୋ ସୁରତି ସମୋୟ ॥

ଗରୀବ, ଚାର ପଦାର୍ଥ ଉରମେଁ ଜୋବୈ, ସୁରତି ନିରତି ମନ ପବନ ସମୋବୈ।
ସୁରତି ନିରତି ମନ ପବନ ପଦାର୍ଥ (ନାମ), କରୋ ଇକତ୍ତର ୟାର ॥
ଦ୍ୱାଦଶ ଅନ୍ଦର ସମୋୟ ଲେ, ଦିଲ ଅନ୍ଦର ଦୀଦାର ।
କବୀର, କହତା ହୂଁ କହି ଜାତ ହୂଁ, କହୂଁ ବଜା କର ଢୋଲ ।
ଶ୍ୱାଂସ ଜୋ ଖାଲୀ ଜାତ ହୈ, ତୀନ ଲୋକ କା ମୋଲ ॥
କବୀର, ମାଲା ଶ୍ୱାଂସ ଉଶ୍ୱାଂସ କୀ, ଫରେଙ୍ଗେ ନିଜ ଦାସ ।
ଚୌରାସୀ ଭ୍ରମେ ନହୀଁ, କଟୈଁ କର୍ମ କୀ ଫାଁସ ॥

ଗୁରୁ ନାନକ ଦେବଜୀଙ୍କ ବାଣୀରେ ପ୍ରମାଣ :-

ଚହଉଁ କା ସଙ୍ଗ, ଚହଉଁ କା ମୀତ, ଜାମୈ ଚାରି ହଟାବୈ ନିତ ।
ମନ ପବନ କୋ ରାଖୈ ବନ୍ଦ, ଲହେ ତ୍ରିକୁଟୀ ତ୍ରିବେଣୀ ସଁଘ ॥
ଅଖଣ୍ଡ ମଣ୍ଡଳ ମୈଁ ସୁନ୍ନ ସମାନା, ମନ ପବନ ସଚ୍ଚଖଣ୍ଡ ଟିକାନା ॥

ପୂର୍ଣ୍ଣ ସଦଗୁରୁ ସେ ଅଟନ୍ତି ଯିଏ ତିନି ଦଫାରେ ନାମ ଦିଅନ୍ତି ଓ ଶ୍ୱାସକ୍ରିୟା ସହିତ ସ୍ମରଣର ବିଧି କହିଥାନ୍ତି । ଯାହାଦ୍ୱାରା ଜୀବର ମୋକ୍ଷ ହୋଇଥାଏ । ଯେପରି ପରମାତ୍ମା ସତ୍ୟ ଅଟନ୍ତି, ଠିକ୍ ସେହି ପ୍ରକାରେ ପରମାତ୍ମାଙ୍କ ସାକ୍ଷାତକାର ଓ ମୋକ୍ଷ ପ୍ରାପ୍ତି କରିବାର ଉପାୟ ମଧ୍ୟ ଆଦି ଅନାଦି ଓ ସତ୍ୟ ଅଟେ । ଯାହା କେବେ ବି ବଦଳି ନଥାଏ । ଗରୀବ ଦାସଜୀ ମହାରାଜ ନିଜ ବାଣୀରେ କୁହନ୍ତି ଯେ :-

ଭକ୍ତି ବୀଜ ପଲଟୈ ନହୀଁ, ଯୁଗ ଜାଁହୀ ଅସଂଖ । ସାଈଁ ସିର ପର ରାଖିୟୋ, ଚୌରାସୀ ନହୀଁ ଶଂକ ॥
ଘୀସା ଆଏ ଏକୋ ଦେଶ ସେ, ଉତରେ ଏକୋ ଘାଟ । ସମଝୌଁ କା ମାର୍ଗ ଏକ ହୈ, ମୂର୍ଖ ବାରହ ବାଟ ॥
କବୀର ଭକ୍ତି ବୀଜ ପଲଟୈ ନହୀଁ, ଆନ ପଡେ ବହୁ ଝୋଲ ।
ଜୈ କଂଚନ ବିଷ୍ଟା ପରେ, ଘଟେ ନ ତାକା ମୋଲ ॥

ଅଧିକାଂଶ ମହାପୁରୁଷ ସଚ୍ଚାନାମ (ବାସ୍ତବିକ ନାମ) ବିଷୟରେ ଜାଣି ନାହାଁନ୍ତି । ସେମାନେ ମନମୁଖୀ ନାମ ଦେଇଥାନ୍ତି, ଯାହାଦ୍ୱାରା ନା ସୁଖ ମିଳିଥାଏ ନା ମୁକ୍ତି ମିଳିଥାଏ । କେହି କୁହନ୍ତି ତପସ୍ୟା, ହବନ (ହୋମ), ଯଜ୍ଞ ଆଦି କର, କିଛି ମହାପୁରୁଷ ଆଖି,କାନ ଓ ମୁଖ ବନ୍ଦ କରି ଶରୀର ମଧ୍ୟରେ ଧ୍ୟାନ ଲଗାଇବା କଥା ମଧ୍ୟ କହିଥାନ୍ତି । ଯାହା ସେମାନଙ୍କ ମନମୁଖୀ ସାଧନାର ପ୍ରତୀକ ଅଟେ । କିନ୍ତୁ କବୀର ସାହେବ, ସନ୍ଥ ଗରୀବ ଦାସଜୀ ମହାରାଜ, ଗୁରୁ ନାନକ ଦେବଜୀ ଆଦି ପରମ ସନ୍ଥଗଣ ଏହି ସମସ୍ତ କ୍ରିୟାକୁ ମନାକରି କେବଳ ଗୋଟିଏ ନାମଜପ କରିବା ପାଇଁ କହିଛନ୍ତି।

ନାସ୍ତ୍ରେଦମସ ନାମକ ଜଣେ ଭବିଷ୍ୟବକ୍ତା ଥିଲେ, ଯାହାଙ୍କର ସମସ୍ତ ଭବିଷ୍ୟବାଣୀ ଏବେ ସତ୍ୟ ପ୍ରମାଣିତ ହେଉଛି, ସେହି ଭବିଷ୍ୟବାଣୀଗୁଡ଼ିକୁ ସେ ପ୍ରାୟ ଚାରିଶହ ବର୍ଷ ପୂର୍ବେ ଲେଖିଥିଲେ ଓ କହିଥିଲେ । ସେ କହିଛନ୍ତ ଯେ ସନ ୨୦୦୬ ରେ ଜଣେ ହିନ୍ଦୁ ସନ୍ଥ ପ୍ରକଟ ହେବେ ଅର୍ଥାତ୍ ସାରା ସଂସାରରେ ତାଙ୍କର ଚର୍ଚ୍ଚା ହେବ । ସେହି ସନ୍ଥ ନା ତ ମୁସଲମାନ ହେବେ, ନା ସେ ଈସାଇ ହେବେ, ସେ କେବଳ ହିନ୍ଦୁ ହିଁ ହେବେ । ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଭକ୍ତିମାର୍ଗ ସମସ୍ତଙ୍କ ଠାରୁ ଭିନ୍ନ ତଥା ତଥ୍ୟ ଆଧାରିତ ହେବ । ତାଙ୍କୁ ଜ୍ଞାନରେ କେହି ବି ପରାଜିତ କରିପାରିବେ ନାହିଁ । ସନ ୨୦୦୬ ସୁଦ୍ଧା ସେହି ସନ୍ଥଙ୍କର ଆୟୁ ୫୦ ରୁ ୬୦ ବର୍ଷ ମଧ୍ୟରେ ହିଁ ହେବ । (ସନ୍ଥ ରାମପାଲଜୀ ମହାରାଜଙ୍କ ଜନ୍ମ ୮ ସେପ୍ଟେମ୍ବର ସନ ୧୯୫୧ ରେ ହୋଇଥିଲା । ସନ ୨୦୦୬ ଜୁଲାଇ ମାସକୁ ସନ୍ଥଜୀଙ୍କ ଆୟୁ ଠିକ୍ ୫୫ ବର୍ଷ ହେଉଛି ଯାହା ଭବିଷ୍ୟବାଣୀ ଅନୁସାରେ ସଠିକ୍ ଅଟେ) ସେହି ହିନ୍ଦୁ ସନ୍ଥଙ୍କ ଦ୍ୱାରା ବତାଯାଇଥିବା ଜ୍ଞାନକୁ ସାରା ସଂସାର ସ୍ୱୀକାର କରିବ । ସେହି ହିନ୍ଦୁ ସନ୍ଥଙ୍କ ଅଧ୍ୟକ୍ଷତାରେ ସାରା ବିଶ୍ୱରେ ଭାରତବର୍ଷର ଶାସନ ହେବ ତଥା ସେହି ସନ୍ଥଙ୍କ ଆଜ୍ଞାରେ ସର୍ବ କାର୍ଯ୍ୟ ସିଦ୍ଧ ହେବ । ତାଙ୍କ ମହିମାର ଗାନ ଉର୍ଦ୍ଧ୍ୱ ଆକାଶରେ ହେବ । ନାସ୍ତ୍ରେଦମସଙ୍କର ସଙ୍କେତ ସନ୍ଥ ରାମପାଲଜୀ ମହାରାଜୀଙ୍କ ପ୍ରତି ଅଟେ । ଯିଏ ୨୦୦୬ ରେ ବିଖ୍ୟାତ ହୋଇଛନ୍ତି। ଅଜ୍ଞାନୀ ବ୍ୟକ୍ତିମାନେ ତାଙ୍କର ବହୁତ ଅପପ୍ରଚାର କଲେ କିନ୍ତୁ ସନ୍ଥଙ୍କର କୌଣସି ଦୋଷ ନାହିଁ ।

ଉପରେ ଯେଉଁ ସବୁ ଲକ୍ଷଣ ବିଷୟରେ କୁହାଯାଇଛି ସେ ସମସ୍ତ ଲକ୍ଷଣ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କଠାରେ ବିଦ୍ୟମାନ ।

❐❐❐

## ସନ୍ଥଙ୍କୁ କଷ୍ଟ ଦେବାର ଫଳ

ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଜନ୍ମ ପବିତ୍ର ଗ୍ରାମ-ଛୁଡାଣୀ, ଜିଲ୍ଲା-ଝଜ୍ଜରରେ ଶ୍ରୀ ବଳରାମଜୀ ଧନଖଡ(ଜାଟ)ଙ୍କ ଘରେ ହେଲା । ପୂର୍ଣ୍ଣବ୍ରହ୍ମ କବୀର ପରମେଶ୍ୱର(କବିର୍ଦେବ) ସତ୍ୟଲୋକ(ଋତଧାମ) ରୁ ସନ ୧୭୨୭ ରେ ସଶରୀରେ ଆସି ଆପଣଙ୍କୁ ଦର୍ଶନ ଦେଲେ ତଥା ଆପଣଙ୍କ ଆତ୍ମାକୁ ସତ୍ୟଲୋକ ନେଇ ଯାଇଥିଲେ । ତତ୍‌ପଶ୍ଚାତ୍ ପରିବାର ଲୋକେ ଗରୀବ ଦାସଜୀଙ୍କୁ ମୃତ ଭାବି ଯୁଇ ଉପରେ ରଖି ଦେଇଥିଲେ । ଠିକ୍ ସେହି ସମୟରେ କବିର୍ଦେବ ଆପଣଙ୍କ ଆତ୍ମାକୁ ପୁନର୍ବାର ଶରୀର ମଧ୍ୟକୁ ପ୍ରବେଶ କରାଇଦେଲେ । ତା'ପରେ ଆଦରଣୀୟ ଗରୀବ ଦାସଜୀ ପରମ ପୂଜ୍ୟ କବିର୍ଦେବ (କବୀର ପରମେଶ୍ୱର) ଙ୍କ ମହିମା ଜନସାଧାରଣଙ୍କୁ ଶୁଣାଇଲେ ଯାହା ନିଜ ଆଖିରେ ସେ ଦେଖି ଆସିଥିଲେ । ଯେଉଁ ଦୁଃଖୀ ପ୍ରାଣୀ ଆପଣଙ୍କଠାରୁ ଉପଦେଶ ପ୍ରାପ୍ତ କରୁଥିଲା ସେ ସୁଖୀ ହୋଇ ଯାଉଥିଲା । ଆପଣଙ୍କ ମହିମା ବୃଦ୍ଧି ତଥା ଆପଣଙ୍କ ତତ୍ତ୍ୱଜ୍ଞାନ ଆଗରେ ଅନ୍ୟ ଗୁରୁ (ଆଚାର୍ଯ୍ୟମାନଙ୍କର) ଅସଂପୂର୍ଣ୍ଣର ଜ୍ଞାନର ପର୍ଦାଫାସ ହେଉଥିବାର ଦେଖି ଆଖପାଖର ସମସ୍ତ ଅଜ୍ଞାନୀ ଗୁରୁ ଓ ଆଚାର୍ଯ୍ୟଗଣ ଆପଣଙ୍କ ପ୍ରତି ଅତ୍ୟଧିକ ଈର୍ଷା କରିବାକୁ ଲାଗିଲେ । ସେମାନେ ଆଖପାଖର ମୁଖ୍ୟ ଚୌଧୁରୀ (ମୁଖିଆ) ମାନଙ୍କୁ ଓଲଟା ପାଠ ପଢାଇଲେ, ଯାହାଦ୍ୱାରା ପଡୋଶି ଗ୍ରାମଗୁଡିକର ସାଧାରଣ ଜନତା ପ୍ରଭୁ କବୀରଙ୍କ ପ୍ରିୟ ସନ୍ତାନ ଆଦରଣୀୟ ଗରୀବ ଦାସଜୀଙ୍କୁ ଘୃଣା କରିବାକୁ ଲାଗିଲେ ।

ଦିଲ୍ଲୀର ବାଜୀଦ୍‌ପୁର ଗ୍ରାମରେ ଆପଣଙ୍କର ଏକ ଶିଷ୍ୟ ଥିଲେ । ଗ୍ରାମବାସୀ ତାଙ୍କୁ ମଧ୍ୟ ଈର୍ଷା କରୁଥିଲେ । ସେ ପ୍ରାର୍ଥନା କରିବାରୁ ଆପଣ ବାଜୀଦ୍‌ପୁରରେ କିଛିଦିନ ରହିଲେ । ସେସମୟରେ ଫସଲ ନଷ୍ଟ କରୁଥିବା ଛୋଟ ଛୋଟ ପକ୍ଷୀଦଳ ଆଖପାଖରେ ଥିବା କ୍ଷେତଗୁଡିକର ବାଜରା ଫସଲ ନଷ୍ଟ କରି ଦେଉଥିଲେ ପରନ୍ତୁ ଆପଣଙ୍କ ସେବକର ଫସଲକୁ ନଷ୍ଟ କରୁନଥିଲେ । ଗ୍ରାମବାସୀ ସନ୍ଥ ଗରୀବ ଦାସଜୀଙ୍କ ମହିମାରେ ପ୍ରଭାବିତ ହେଲେ ଏବଂ ଜ୍ଞାନ ସ୍ୱୀକାର କରି ନିଜ ଆତ୍ମକଲ୍ୟାଣ କରାଇଲେ ।

ସେହି ଭକ୍ତ ଆପଣଙ୍କ ଆଦେଶାନୁସାରେ ଉକ୍ତ ବାଜରାକୁ ଗ୍ରାମବାସୀମାନଙ୍କୁ ବାଣ୍ଟି ଦେଲେ ତଥା ଗରୀବ ଦାସଜୀ ମନା କରିବା ପରେ ବି ଅଳ୍ପ କିଛି ବାଜରା ଶଗଡରେ ରଖିଦେଲା ଏବଂ କହିଲେ ଯେ ପ୍ରତ୍ୟେକ ପୂର୍ଣ୍ଣିମାରେ ଆପଣ ଯେଉଁ ଅନ୍ନଦାନ କରୁଛନ୍ତି ସେଥିରେ ଆପଣଙ୍କର ଏହି ଦାସର କିଛି ଦାନ ମଧ୍ୟ ହୋଇଯିବ । ଭକ୍ତର ଶ୍ରଦ୍ଧାକୁ ଧ୍ୟାନ ରଖି ଆପଣ ସ୍ୱୀକୃତି ପ୍ରଦାନ କଲେ । (ଆଦରଣୀୟ ଗରୀବ ଦାସଜୀଙ୍କର ଚାରି ପୁତ୍ର ଓ ଦୁଇ କନ୍ୟା ସନ୍ତାନ ଥିଲେ ଏବଂ ୧୩୦୦ ଏକର ଜମିର ସେ ମାଲିକ ଥିଲେ) ସେହି ଶଗଡରେ ବସି ଆପଣ ଛୁଡାଣୀ ଗ୍ରାମକୁ ଯାଉଥିଲେ । ରାସ୍ତାରେ ଗ୍ରାମ କାଣୌଁଦା ପାଖରେ ଶଗଡ ପହଞ୍ଚିବା କ୍ଷଣୀ ପୂର୍ବରୁ କରାଯାଇଥିବା ସୁନିୟୋଜିତ ଷଡଯନ୍ତ୍ର ଅନୁସାରେ ସ୍ୱାର୍ଥୀ ଗୁରୁ (ଆଚାର୍ଯ୍ୟମାନେ) ସନ୍ଥ ଗରୀବ ଦାସଜୀଙ୍କୁ ଚାରିପଟୁ ଘେରିଗଲେ । ସମସ୍ତ ବାଜରା ଲୁଟିନେଲେ ତଥା ସେହି ଗ୍ରାମର ମୁଖିଆ ଛାଜୁରାମ ଛିକ୍କାରାକୁ ସୂଚନା ଦେଇ କହିଲେ ଯେ ହିନ୍ଦୁ ଧର୍ମର ସେହି ଦ୍ରୋହୀକୁ ଆମେ ଧରି ପକାଇଛୁ । ଚୌଧୁରୀ ଛାଜୁରାମଜୀଙ୍କ ଆଦେଶାନୁସାରେ ଗରୀବ ଦାସଜୀଙ୍କୁ କୋଠ ଘରେ ବାନ୍ଧି ଦିଆଗଲା । ଚୌଧୁରୀ (ମୁଖିଆ) ଛାଜୁରାମଙ୍କୁ ସରକାରଙ୍କ ତରଫରୁ ଆଇନ ଅନୁସାରେ କିଛି ଅଧିକାର ପ୍ରାପ୍ତ ଥିଲା । ସେଥିରେ ଛଅ ମାସର କାରାଦଣ୍ଡ, ପାଞ୍ଚଶହ ଟଙ୍କା ଜୋରିମାନା ତଥା ମହାଦୋଷୀକୁ ହରିକାଠରେ ବନ୍ଦ କରିବା ଆଦି ଅର୍ନ୍ତଭୂକ୍ତ ଥିଲା ।

ଧର୍ମର ସେହି ଅଜ୍ଞାନୀ ଠିକାଦାର (ଗୁରୁ-ଆଚାର୍ଯ୍ୟ) ମାନଙ୍କ ଦ୍ୱାରା ପୂର୍ବରୁ ପଢ଼ା ଯାଇଥିବା ଓଲଟା ପାଠ ଆଧରରେ ଚୌଧୁରୀ ଛାଜୁରାମ୍ ଛିକ୍କାରଜୀ ସେହି ପରମ ଆଦରଣୀୟ ଗରୀବ ଦାସଜୀ ମହାରାଜଙ୍କୁ ହରିକାଠରେ ବନ୍ଦ କରିଦେଲେ (ହରିକାଠରେ ବନ୍ଦ କରିବା ଏକ ପ୍ରକାରର କଠିନ କାରାଦଣ୍ଡ ଥିଲା, ଦୁଇ ଗୋଡ଼ର ଆଣ୍ଠୁ ଉପରରେ କାଠର ଏକ ମୋଟା ବାଡ଼ି ବାନ୍ଧି ଦୁଇହାତକୁ ପଛପଟୁ ବାନ୍ଧି ଦିଆଯାଉଥିଲା, ଯାହାଦ୍ୱାରା ବ୍ୟକ୍ତି ଠିକ୍‌ରେ ବସି ନପାରି ବହୁତ କଷ୍ଟ ଭୋଗ କରିଥାଏ ଏବଂ ଗୋଡ ଫୁଲିଯାଇ ବ୍ୟଥା ହୋଇଥାଏ) ଶଗଡ଼ିଆ ଖାଲି ଗାଡ଼ିଟିକୁ ନେଇ ବାଜିଦ୍‌ପୁର ଗ୍ରାମକୁ ପୁଣି ଫେରିଗଲା ଯାହା ଗାଁ କାଣୌଁଦା ଠାରୁ ପ୍ରାୟ ୧୦ କି.ମି. ଦୂରରେ ଅବସ୍ଥିତ ଥିଲା । ସୂଚନା ପ୍ରାପ୍ତ ହେବା ମାତ୍ରେ ବାଜିଦ୍‌ପୁର

ଗ୍ରାମର କେତେକ ମୁଖ୍ୟ ବ୍ୟକ୍ତି ତୁରନ୍ତ କାଣୌଁଦା ଗାଁଆରେ ପହଞ୍ଚିଗଲେ ତଥା ଚୌଧୁରୀ ଛାଜୁରାମ୍‌ଜୀଙ୍କୁ ପ୍ରାର୍ଥନା କଲେ ଏବଂ ବହୁତ ବୁଝାଇ କହିଲେ ଯେ ଇଏ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି, ଇଏ ଜଣେ ପରମଶକ୍ତି ସଂପନ୍ନ ବ୍ୟକ୍ତି ଅଟନ୍ତି, ଆପଣ କ୍ଷମାଯାଚନା କରନ୍ତୁ । ମୁଖିଆ ଛାଜୁରାମଜୀ ବହୁ ସଙ୍କୋଚ ତଥା ଦୟାଳୁ ଓ ନମ୍ର ହୃଦୟର ବ୍ୟକ୍ତି ଥିଲେ ପରନ୍ତୁ ସେହି ସ୍ୱାର୍ଥୀ ଓ ପ୍ରଭୂତାର ଲୋଭୀ ଗୁରୁ ଓ ଆଚାର୍ଯ୍ୟ ମାନେ ପୁଣ୍ୟାତ୍ମା ଶ୍ରୀ ଛାଜୁରାମ ଛିକ୍କାରାଜୀଙ୍କୁ ମିଥ୍ୟା କାହାଣୀ ଶୁଣାଇ ପ୍ରଭୁଙ୍କ ପ୍ରିୟ ସନ୍ତାନ ଆଦରଣୀୟ ଗରୀବ ଦାସଜୀଙ୍କ ପ୍ରତି ତାଙ୍କ ମନରେ ବହୁତ ଘୃଣା ଭାବ ସୃଷ୍ଟି କରାଇ ଦେଇଥିଲେ । ଯେଉଁ କାରଣରୁ ଚୌଧୁରୀ ଛାଜୁରାମଜୀ କାରଣ ନ ଜାଣି ଦଣ୍ଡ ଦେବା ଆରମ୍ଭ କରି ଦେଇଥିଲେ । କିନ୍ତୁ ବାଜିଦ୍‌ପୁରର ଭକ୍ତମାନଙ୍କର ପ୍ରାର୍ଥନାକୁ ଗ୍ରହଣ କରି ଆଦରଣୀୟ ଗରୀବ ଦାସଜୀଙ୍କୁ ସେମାନେ ଛାଡି ଦେଲେ । ଆଦରଣୀୟ ଗରୀବ ଦାସଜୀ, ମୁଖିଆଙ୍କୁ କିଛି ନ କହି ନିଜ ଗ୍ରାମ ଛୁଡାଣୀକୁ ଆସିଲେ । କିଛିଦିନ ଉପରାନ୍ତ ପ୍ରାତଃ ସମୟରେ ମୁଖିଆ ଛାଜୁରାମ ନିଜ ନିତ୍ୟକର୍ମ ପାଇଁ ପୋଖରୀକୁ ଯାଇଥିବା ସମୟରେ  ଘୋଡାରେ ଚଢି ଆସିଥିବା ଦୁଇଜଣ ବଦମାସ ତାଙ୍କ ଦୁଇ ହାତକୁ କାଟିଦେଲେ ଏବଂ ସେହି ସମୟରେ ହିଁ ତାଙ୍କ ସମ୍ମୁଖରୁ ଅଦୃଶ୍ୟ ହୋଇଗଲେ । ପୋଖରୀରେ ଉପସ୍ଥିତ କିଛି ବ୍ୟକ୍ତି ଏହି ଦୃଶ୍ୟକୁ ଦେଖିଥିଲେ । ବହୁ ଉପଚାର କରାଇଲେ ପରନ୍ତୁ କଷ୍ଟ ଓ ରକ୍ତସ୍ରାବ ବନ୍ଦ ହେଲା ନାହିଁ । କିଛିଦିନ ପର୍ଯ୍ୟନ୍ତ ଅସହନୀୟ ଯନ୍ତ୍ରଣା ଭୋଗ କଲେ । ତା'ପରେ ଜଣେ ବ୍ୟକ୍ତି କହିଲା, ସନ୍ଥ ଗରୀବ ଦାସଜୀଙ୍କ ନିକଟକୁ ଯାଇ କ୍ଷମା ପ୍ରାର୍ଥନା କର, ସେ ବହୁତ ଦୟାଳୁ ଅଟନ୍ତି । ପରିବାର ଲୋକେ ମୁଖିଆଙ୍କୁ ଘୋଡା ପିଠିରେ ବସାଇ ଛୁଡାଣୀ ଗ୍ରାମକୁ ନେଇଗଲେ, ଶ୍ରୀ ଛାଜୁରାମଜୀ ସେଠାରେ ପହଞ୍ଚି ଆଦରଣୀୟ ଗରୀବ ଦାସଙ୍କ ଚରଣ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲେ । ସନ୍ଥ ଗରୀବ ଦାସଜୀ ତାଙ୍କୁ ଆଶୀର୍ବାଦ ଦେଲେ ତଥା ନାମ ଉପଦେଶ ଦେଇ ଆଜୀବନ ଭକ୍ତି କରିବା ପାଇଁ କହିଲେ । ମୁଖିଆ ଛାଜୁରାମଜୀ କହିଲେ, ଦାତା ! ଆପଣଙ୍କ ବିଷୟରେ ଭୁଲ ତଥ୍ୟ ଦିଆଯାଇ ମୋତେ ଭ୍ରମିତ କରାଯାଇଥିଲା ।

ଆପଣ ପୂର୍ଣ୍ଣ ପରମାତ୍ମାଙ୍କ ଅବତାର, ମୋତେ ଏହା ଜଣା ନଥିଲା । ଆଦରଣୀୟ ଗରୀବ ଦାସଜୀ କହିଲେ, ମୁଁ ପୂର୍ଣ୍ଣ ପରମାତ୍ମା କବୀର ସାହେବ (କବିର୍ଦେବ) ବୁଣାକାରଙ୍କ ପ୍ରେରିତ ଦାସ ଅଟେ । ତାଙ୍କ ଶକ୍ତି ବଳରେ ଆପଣ ଠିକ୍ ହୋଇଛନ୍ତି, ମୁଁ ଆପଣଙ୍କୁ କୌଣସି ଅଭିଶାପ ଦେଇନଥିଲି, ଆପଣଙ୍କ କର୍ମ ଫଳ ଆପଣଙ୍କୁ ମିଳିଛି । ଯଦି ଏଠାକୁ ଆସି ନ ଥାନ୍ତେ ତେବେ ଆପଣଙ୍କ ପରିବାର ଉପରେ ପାପର ପ୍ରଭାବ ବହୁତ ବଢ଼ି ଯାଇଥାନ୍ତା । ଏବେ ପାପର ପ୍ରଭାବ କମ ହୋଇଯିବ କାରଣ ଆପଣ ଉପଦେଶ ପ୍ରାପ୍ତ କଲେ । ମୁଖିଆ ଛାଜୁରାମଜୀ ନିଜ ପରିବାର ସଦସ୍ୟଙ୍କୁ ଉପଦେଶ ଦିଆଇଲେ । ପୂଣ୍ୟାତ୍ମା ଛାଜୁରାମଙ୍କ ବଂଶଜ ଆଜି ବି ଆଦରଣୀୟ ଗରୀବ ଦାସଜୀଙ୍କ ପରମ୍ପରାଗତ ପୂଜା କରୁଛନ୍ତି । ପାଖାପାଖି ଶତାଧିକ ପରିବାର ଅଛନ୍ତି ଯେଉଁମାନଙ୍କୁ ଛାଜୁବାଡ଼ା କୁହାଯାଏ । କାରଣ : -

ତୁମନେ ଉସ ଦରଗାହ କା ମହଲ ନା ଦେଖ୍ୟା । ଧର୍ମରାୟ କେ ତିଲ-ତିଲ କା ଲେଖ ॥

ରାମ୍ କହେ ମେରେ ସାଧ କୋ, ଦୁଃଖ ନା ଦିଜୋ କୋଏ ।
ସାଧ ଦୁଖାୟ ମୈଁ ଦୁଃଖୀ, ମେରା ଆପା ଭୀ ଦୁଃଖୀ ହୋୟ ॥
ହିରଣ୍ୟକ ଶିପୁ ଉଦର (ପେଟ) ବିଦାରିୟା, ମୈଁ ହୀ ମାର୍‌ୟା କଂଶ ।
ଜୋ ମେରେ ସାଧୁ କୋ ସତାବୈ, ବାକା ଖୋ-ଦୂଁ ବଂଶ ॥
ସାଧ ସତାବନ କୋଟି ପାପ ହୈ, ଅନଗିନ ହତ୍ୟା ଅପରାଧଂ ।
ଦୁର୍ବାସା କୀ କଲ୍ପ କାଳ ସେ, ପ୍ରଳୟ ହୋ ଗଏ ଯାଦବ ॥

ଉପରୋକ୍ତ ବାଣୀରେ ସଦଗୁରୁ ଗରୀବ ଦାସଜୀ ସାହେବ ପ୍ରମାଣ ଦେଉଛନ୍ତି ଯେ ପରମେଶ୍ୱର କୁହନ୍ତି ମୋ ସନ୍ଥକୁ ଆଦୌ ଦୁଃଖୀ କରନାହିଁ । ମୋ ସନ୍ଥକୁ ଯିଏ ଦୁଃଖୀ କରେ ସେ ମୋତେ ହିଁ ଦୁଃଖୀ କରିଥାଏ ବୋଲି ଜାଣନ୍ତୁ । ଯେତେବେଳେ ମୋ ଭକ୍ତ ପ୍ରହଲ୍ଲାଦକୁ ଦୁଃଖୀ କରାଗଲା ସେତେବେଳେ ମୁଁ ହିରଣ୍ୟକଶ୍ୟପର ପେଟ ଚିରିଦେଲି ଏବଂ ମୁଁ ହିଁ କଂସକୁ ମାରିଛି ଏବଂ ମୋ ସାଧୁକୁ ଯିଏ ଦୁଃଖୀ କରିବ ମୁଁ ତା ବଂଶ ନଷ୍ଟ କରିଦେବି । ଏଥିପାଇଁ ସନ୍ଥଙ୍କୁ କଷ୍ଟ ଦେଲେ କୋଟି କୋଟି ପାପ ଲାଗିଥାଏ ଯାହା

ଅସଂଖ୍ୟ ହତ୍ୟା ସହିତ ସମାନ । ଏହି ଅଜ୍ଞାନୀ ବ୍ୟକ୍ତିମାନେ ପରମାତ୍ମାଙ୍କ ସମ୍ବିଧାନ ସହିତ ପରିଚିତ ନୁହଁନ୍ତି ଏଥିପାଇଁ ସେମାନେ ଭୟଙ୍କର ଭୁଲ୍ କରି ପୁଣି ଦଣ୍ଡର ଭାଗୀ ହୁଅନ୍ତି । ସାଧୁ ସନ୍ଥଙ୍କୁ କଷ୍ଟ ଦେଲେ ନିମ୍ନ ଦଣ୍ଡ ମିଳିଥାଏ ।

ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ମାରିଦିଏ ତେବେ ପରଜନ୍ମରେ ହତ୍ୟା କରିବା ପରେ ହିସାବ ପୂରା ହୋଇଥାଏ । କିନ୍ତୁ ଜଣେ ସନ୍ଥଙ୍କୁ କଷ୍ଟ ଦେଲେ କଠିନ ଦଣ୍ଡ ମିଳିଥାଏ ଯାହା ଅନେକ ଜନ୍ମରେ ମଧ୍ୟ ପୂର୍ଣ୍ଣ ହୋଇ ନ ଥାଏ। ସଦଗୁରୁ ନିଜ ବାଣୀରେ କହନ୍ତି ଯେ :-

ଅର୍ଦ୍ଧମୁଖୀ ଗର୍ଭବାସ ମେଁ ହରଦମ ବାରମ୍ବାର,<br>
ଜୂନୀ ଭୂତ ପିଶାଚ କୀ, ଜବଲଗ ସୃଷ୍ଟି ସଂହାର ।

ଏଭଳି ଭୁଲ କରିବା ବ୍ୟକ୍ତିକୁ ପରମେଶ୍ୱର ଭିନ୍ନ-ଭିନ୍ନ ପ୍ରାଣୀଙ୍କ ଯୋନିରେ ବାରମ୍ବାର ଜନ୍ମ ଦିଅନ୍ତି ଅର୍ଥାତ୍ ସେ ଜନ୍ମ ନେବା ମାତ୍ରେ ହିଁ ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ ଏବଂ ଏହି ସୃଷ୍ଟି ଯେପର୍ଯ୍ୟନ୍ତ ପ୍ରଳୟ ନ ହୋଇଛି ସେପର୍ଯ୍ୟନ୍ତ ସେ ଭୂତ ପିଶାଚ ଯୋନି ଓ ମାତୃ ଗର୍ଭରେ ମହାକଷ୍ଟ ଭୋଗିଥାଏ ଯାହା ବହୁ କଷ୍ଟଦାୟକ ହୋଇଥାଏ ଏବଂ ସେହି ଦୁଃଖୀ ସନ୍ଥ ନିଜେ କ୍ଷମା ନ କରିବା ପର୍ଯ୍ୟନ୍ତ ସେହି ବ୍ୟକ୍ତିକୁ କ୍ଷମା ମିଳେ ନାହିଁ ।

ଏକଦା ଦୁର୍ବାସା ଋଷି ଅହଙ୍କାରର ବଶବର୍ତ୍ତୀ ହୋଇ ଅମ୍ବ୍ରୀଷ ଋଷିଙ୍କୁ ମାରିବା ପାଇଁ ନିଜ ଶକ୍ତି ବଳରେ ଏକ ସୁଦର୍ଶନ ଚକ୍ର ଛାଡ଼ିଲେ । ସୁଦର୍ଶନ ଚକ୍ର ଅମ୍ବ୍ରିଷ ଋଷିଙ୍କ ଚରଣ ଛୁଇଁ ପୁଣି ଦୁର୍ବାସା ଋଷିଙ୍କୁ ମାରିବା ପାଇଁ ଅଗ୍ରସର ହେଲା । ଦୁର୍ବାସା ଋଷି ଚିନ୍ତାକଲେ ଯେ ମୁଁ ବହୁତ ବଡ଼ ଭୁଲ କରିଦେଲି । କିନ୍ତୁ ହାତରେ ସମୟ ଅଧିକ ନଥିବା ଦେଖି ଦୁର୍ବାସା ସୁଦର୍ଶନ ଚକ୍ରର ଆଗେ ଆଗେ ଦୌଡ଼ିବାକୁ ଲାଗିଲେ । ଦୌଡ଼ି ଦୌଡ଼ି ଶ୍ରୀ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ ଏବଂ କହିଲେ, ହେ ଭଗବାନ ! କୃପାକରି ଆପଣ ମୋତେ ଏହି ସୁଦର୍ଶନ ଚକ୍ର କବଳରୁ ରକ୍ଷା କରନ୍ତୁ । ଏହା ଶୁଣି ଶ୍ରୀ ବ୍ରହ୍ମା କହିଲେ, ଋଷିବର ! ଏହା ମୋ କ୍ଷମତାର ବାହାରେ । ନିଜ ଉପରୁ ବିପଦ ଟାଳିବାକୁ ଯାଇ କହିଲେ, ଆପଣ ଭଗବାନ ଶଙ୍କରଙ୍କ ପାଖକୁ ଯାଆନ୍ତୁ, ସେ ହିଁ ଆପଣଙ୍କୁ ବଞ୍ଚାଇ ପାରିବେ। ଏହା ଶୁଣି ଦୁର୍ବାସା ଋଷି ସଙ୍ଗେ ସଙ୍ଗେ ଭଗବାନ ଶଙ୍କରଙ୍କ ପାଖକୁ ଗଲେ ଏବଂ କହିଲେ, ହେ ଭଗବାନ ! କୃପାକରି ମୋତେ ଏହି ସୁଦର୍ଶନ ଚକ୍ର କବଳରୁ ବଞ୍ଚାନ୍ତୁ । ଏହା ଶୁଣି ଭଗବାନ ଶିବ ମଧ୍ୟ ବ୍ରହ୍ମାଙ୍କ ଭଳି ବିପଦକୁ ଟାଳିବାକୁ ଯାଇ କହିଲେ, ଆପଣ ଶ୍ରୀ ବିଷ୍ଣୁ ଭଗବାନଙ୍କ ପାଖକୁ ଯାଆନ୍ତୁ, ସେ ଆପଣଙ୍କୁ ବଞ୍ଚାଇ ପାରିବେ । ଏହା ଶୁଣି ଦୁର୍ବଶା ଋଷି ସଙ୍ଗେ ସଙ୍ଗେ ଭଗବାନ ବିଷ୍ଣୁଙ୍କ ନିକଟକୁ ଯାଇ କହିଲେ, ହେ ଭଗବାନ ! ଆପଣ ହିଁ ମୋତେ ଏହି ସୁଦର୍ଶନ ଚକ୍ର କବଳରୁ ବଞ୍ଚାଇ ପାରିବେ, ନଚେତ୍ ଏହି ଚକ୍ର ମୋତେ କାଟିଦେବ । ଏହା ଶୁଣି ଭଗବାନ ବିଷ୍ଣୁ କହିଲେ, ହେ ଋଷିବର ! ସୁଦର୍ଶନ ଚକ୍ର ଆପଣଙ୍କୁ କାହିଁକି ମାରିବା ପାଇଁ ଚାହୁଁଛି ? ଉତ୍ତରରେ ଦୁର୍ବାଶା ଋଷି ଉପରୋକ୍ତ ସମସ୍ତ ଘଟଣା ବୟାନ କଲେ । ଏହା ଶୁଣି ବିଷ୍ଣୁ କହିଲେ, ହେ ଦୁର୍ବାଶା ଋଷି ! ଯଦି ଆପଣ ଅମ୍ବ୍ରିଷ ଋଷିଙ୍କ ଚରଣ ଧରି କ୍ଷମା ପ୍ରାର୍ଥନା କରିବେ ତେବେ ସୁଦର୍ଶନ ଚକ୍ର ଆପଣଙ୍କୁ କ୍ଷମା କରିଦେଇପାରେ ଅନ୍ୟଥା ମୁଁ କିମ୍ବା ଅନ୍ୟ କୌଣସି ବି ଦେବତା ଆପଣଙ୍କୁ ବଞ୍ଚାଇ ପାରିବେ ନାହିଁ । ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ । ''ମରତା କ୍ୟା ନେହିଁ କରତା'' ଦୁର୍ବାସା ଋଷି ଫେରିଯାଇ ଅମ୍ବ୍ରିଷ ଋଷିଙ୍କ ଚରଣ ଧରି କାନ୍ଦିବାକୁ ଲାଗିଲେ ଏବଂ ନିଜେ ସହୃଦୟରେ କ୍ଷମା ମାଗିଲେ । ତା'ପରେ ଅମ୍ବ୍ରୀଷ ଋଷି ସେହି ସୁଦର୍ଶନ ଚକ୍ରକୁ ନିଜ ହାତରେ ଧରି ଦୁର୍ବାସା ଋଷିଙ୍କୁ ଦେଲେ ଏବଂ କହିଲେ ଯେ ସନ୍ଥ/ଋଷିମାନଙ୍କ ସହିତ ଧୃଷ୍ଟତା କରିବା ଅନୁଚିତ । ଏହାର ପରିଣାମ ବହୁତ ଭୟଙ୍କର ହୋଇଥାଏ ।

"ଶ୍ରୀ କୃଷ୍ଣ ଗୁରୁ କସନୀ ହୁଈ ଔର ବଚେଗା କୌନ"

ଯେଉଁଠି ଶ୍ରୀ କୃଷ୍ଣଙ୍କ ଗୁରୁ ଶ୍ରୀ ଦୁର୍ବାସାଙ୍କ ଭଳି ଋଷିଙ୍କର ଏଭଳି ଅବସ୍ଥା ହୋଇଗଲା ପୁଣି ସାଧାରଣ ବ୍ୟକ୍ତି କିପରି ବର୍ତ୍ତି ପାରିବ ?

❑❑❑

## ପଥଭ୍ରଷ୍ଟଙ୍କୁ ମାର୍ଗଦର୍ଶନ

"ଭକ୍ତ ସମାଜ ପ୍ରଭୁଙ୍କ ବାସ୍ତବିକ ଭକ୍ତିଠାରୁ ଅନେକ କୋଶ ଦୂରରେ"

ସତ୍ୟଲୋକ ଆଶ୍ରମ କରୌନ୍ଥା, ଜିଲ୍ଲା- ରୋହତକ, ହରିୟାଣାରେ କବିର୍ଦେବ (କବୀର୍ ପରମେଶ୍ୱର)ଙ୍କ ପ୍ରକଟ ଦିବସ ଉପଲକ୍ଷେ ଆୟୋଜିତ ପାଞ୍ଚ ଦିବସୀୟ ସତସଙ୍ଗ ସମାରୋହରେ (୨୦୦୫ ମସିହା, ଜୁନ୍ ୧୮ ରୁ ଜୁନ୍ ୨୨ ପର୍ଯ୍ୟନ୍ତ) ଭକ୍ତ ବସନ୍ତ ସିଂହ ସୈନୀ ନିଜ କାହାଣୀ ଶୁଣାଇଛନ୍ତି ଯାହା ନିମ୍ନରେ ବର୍ଣ୍ଣନ କରାଗଲା, କୃପାକରି ପଢନ୍ତୁ :-

"ପ୍ରଭୁପ୍ରେମୀ ଭକ୍ତ ବସନ୍ତ ସିଂହ ସୈନୀଙ୍କୁ ସତ୍ୟମାର୍ଗ ମିଳିବା"

ମୁଁ ବସନ୍ତ ସିଂହ ସୈନୀ, ଗ୍ରାମ- ଗାନ୍ଧାରା, ଜିଲ୍ଲା- ରୋହତକ, ହରିୟାଣାର ବାସିନ୍ଦା ଅଟେ । ପୁରୁଣା ଠିକଣା-ଘର ନଂ- ଏସ୍ ୧୬୧ ପାଣ୍ଡବ ନଗର, ମଦର ଡାଇରୀ ପାଖ, ଯମୁନା ପାର, ଦିଲ୍ଲୀ - ୯୨ ରେ ପ୍ରଥମେ ରହୁଥିଲି । ସତେ ଯେପରି ଆମ ପରିବାର ଉପରେ ଦୁଃଖର ପାହାଡ ଛିଣ୍ଡି ପଡିଥିଲା ତଥାପି ପରମାତ୍ମା ପ୍ରାପ୍ତିର ଇଚ୍ଛା ଓ ଦୁଃଖ ନିବାରଣ ପାଇଁ ଆମ୍ଭେ ସନ୍ଥ ଓ ମହନ୍ତମାନଙ୍କ ନିକଟକୁ ଯିବା ଆସିବା ଜାରି ରଖିଥିଲୁ ପରନ୍ତୁ କେଁଉଠାରେ ମଧ୍ୟ ଦୁଃଖ ନିବାରଣ ହେଲା ନାହିଁ । ପରିଶେଷରେ ପ୍ରସିଦ୍ଧ ସନ୍ଥ ଶ୍ରୀ ଆସାରାମ ବାପୁଙ୍କୁ ସାକ୍ଷାତ କଲୁ । ସେତେବେଳେ ବାପୁଜୀଙ୍କର ଦିଲ୍ଲୀ ସହରରେ ପ୍ରାୟ ଏକ ହଜାର ସଙ୍ଗତ (ଅନୁଗାମୀ) ଥିଲେ । ସେହି କାରଣରୁ ଅତି ନିକଟରୁ ତାଙ୍କୁ ଦେଖା କରିବା ପାଇଁ ସୁଯୋଗ ମିଳିଗଲା । ତାଙ୍କ ସମ୍ମୁଖରେ ଆମ୍ଭେ ନିଜର ସମସ୍ତ ଦୁଃଖ ଓ ପରମାତ୍ମାଙ୍କୁ ପାଇବାର ଜିଜ୍ଞାସା ବିଷୟରେ ଜଣାଇଲୁ । ସେ ଆମକୁ ୭ ଟି ମନ୍ତ୍ର (ଓଁ ଗୁରୁ, ହରି ଓଁ, ଓଁ ଏଂ ନମଃ, ଓଁ ନମଃ ଶିବାୟ, ଓଁ ନମୋ ଭଗବତେ ବାସୁଦେବାୟ, ହ୍ଲୀଂ ରାମାୟ ନମଃ ଓ ଗାୟତ୍ରୀ ମନ୍ତ୍ର ଇତ୍ୟାଦି) ବିଷୟରେ ବତାଇଲେ । ସେଥିରୁ ଗୋଟିଏ ବାଛିବା ପାଇଁ କୁହାଗଲା ଏବଂ ଆଉ ଗୋଟିଏ ମନ୍ତ୍ର (ସୋହଂ ମନ୍ତ୍ର)କୁ ନିଶ୍ୱାସ ଦ୍ୱାରା ଜପିବାକୁ କୁହାଗଲା, 'ସୋ' ଭିତରକୁ ଏବଂ 'ହଂ' ବାହାରକୁ ବାହାର କରି ଜପ କରିବାକୁ କୁହାଗଲା । ଏକାଦଶୀ ଓ ପୂର୍ଣ୍ଣିମାରେ ବ୍ରତ, ସୋମବାର ବ୍ରତ ଓ ଅଷ୍ଟମୀ ବ୍ରତ ରଖିବାକୁ ସେ କହିଲେ । ଅଧିକରୁ ଅଧିକ ତ୍ରିବଂଧ ପ୍ରାଣାୟମ ଓ ସିଦ୍ଧାସନରେ ବସି ଧ୍ୟାନ ଲଗାଇବା ଓ ଅନୁଷ୍ଠାନ କରିବାକୁ କହିଲେ । ଆମ୍ଭେ ମନ୍ତ୍ରଦୀକ୍ଷା ନେଲୁ । ଆମ୍ଭ ସହିତ ଘଟିଥିବା ସମସ୍ତ ଦୁଃଖ ବିଷୟରେ ତାଙ୍କ ସମ୍ମୁଖରେ କାନ୍ଦି କାନ୍ଦି ପ୍ରକାଶ କରି କହିଲୁ ଯେ ଚାଳିଷ ବର୍ଷ ପୂର୍ବେ ମରିଯାଇଥିବା ଆମ ଜେଜେ ବାପା ବହୁତ ବଡ଼ ପ୍ରେତ ହୋଇ ଯାଇଛନ୍ତି ଯିଏ ଆମ୍ଭର ଦୁଇ ଭାଇଙ୍କୁ ମାରି ଦେଇଛନ୍ତି, ଆଠ-ଦଶଟି ମଇଁଷିକୁ ମାରିଛନ୍ତି, ପାଞ୍ଚ-ଛଅଟି ଗାଈକୁ ମାରି ଦେଇଛନ୍ତି, ତାଙ୍କ ଯୋଗୁଁ ଗାଈ ଗୋରୁମାନଙ୍କର କୌଣସି ଛୁଆ ଜୀବିତ ରହୁନାହାଁନ୍ତି, ଘରର ସମସ୍ତ ସଦସ୍ୟ ଅଧିକାଂଶ ସମୟ ରୋଗରେ ପୀଡିତ ରହୁଛନ୍ତି, ଦୁଃଖରେ ଆମ୍ଭେ ବିଚଳିତ ହୋଇଯାଇଛୁ । ଠିକ୍‌ରେ କୌଣସି କାମଧନ୍ଦା କରିବାକୁ ଦେଉ ନାହାଁନ୍ତି । ଏବେ କହୁଛନ୍ତି  କ'ଣ ନା ତୁମ୍ଭ ପିତାଙ୍କୁ ମଧ୍ୟ ନେଇ ଯିବି । ଆମ୍ଭେ ବାପୁଜୀଙ୍କୁ ପ୍ରାର୍ଥନା କରି କହିଲୁ, ଆମ୍ଭଙ୍କୁ ବଞ୍ଚାନ୍ତୁ । ପରନ୍ତୁ ଛଅମାସ ପରେ ସେହି ପ୍ରେତ ଆମ୍ଭ ପିତାଙ୍କୁ ମଧ୍ୟ ନେଇଗଲା । ବାପୁଜୀ କହିଲେ ! ଯାହା ଘଟିଗଲା ତାହା ଘଟିବାର ଥିଲା, ପଶୁହାନୀ, ଧନହାନୀ ଓ ଶାରୀରିକ ପିଡ଼ା ଏ ସବୁ ପାପର ଭୋଗ ଯାହା ଜୀବର ପ୍ରାରବ୍ଧରେ ଲେଖାଥାଏ, ଏଗୁଡ଼ିକୁ ଭୋଗିବାକୁ ପଡ଼ିବ, ଆପଣ ଭକ୍ତି କରନ୍ତୁ । ପରମାତ୍ମା ପ୍ରାପ୍ତି ପାଇଁ ଆମ୍ଭେ ଚେଷ୍ଟା ଜାରି ରଖିଥାଉ । ବାପୁଜୀଙ୍କ କହିବା ଅନୁସାରେ ପରମାତ୍ମା ପ୍ରାପ୍ତି ପାଇଁ ଆମ୍ଭେ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ଚେଷ୍ଟା ଜାରି ରଖିଲୁ ତଥା ମୁଁ (ବସନ୍ତ ଦାସ) ସର୍ବ ପ୍ରଥମେ ଶ୍ରୀ ଆଶାରାମ ବାପୁ ଆଶ୍ରମ ଦିଲ୍ଲୀରେ ମହନ୍ତ ନରେନ୍ଦ୍ର ବ୍ରହ୍ମଚାରୀଙ୍କ ପରାମର୍ଶ କ୍ରମେ ଚାଳିଷିଦିନିଆ ଅନୁଷ୍ଠାନର ଆୟୋଜନ କଲି । ଏହାପରେ ଚାଳିଶଦିନିଆ ଛଅଟି ଅନୁଷ୍ଠାନ ଆଶାରାମ୍ ବାପୁ ଆଶ୍ରମ ପଞ୍ଚେଡ଼ ରତଲାମ୍, ମଧ୍ୟପ୍ରଦେଶରେ ମହନ୍ତ କାକାଜୀଙ୍କ ତତ୍ତ୍ୱାବଧାନରେ କଲି । ଏହାପରେ ଦୁଇଟି ଅନୁଷ୍ଠାନ ଗୁଜୁରାଟର ମୌନ୍ ମନ୍ଦିରରେ, ଆଶାରାମ ଆଶ୍ରମ ସାବରମତୀ ଅହମଦାବାଦରେ କଲି  ଯେଉଁଠାରେ ଶ୍ରୀ ଆଶାରାମ ବାପୁଙ୍କ ସହିତ ଭଲରେ କଥାବାର୍ତ୍ତା ହେବା ପାଇଁ ମୋତେ ସୁଯୋଗ ମିଳିଲା । ସେତେବେଳେ ମୁଁ ବାପୁଜୀଙ୍କୁ ପଚାରିଲି, ବାପୁଜୀ ! ସେହି ପରମାତ୍ମା କିଏ ଅଟନ୍ତି ଯାହାଙ୍କୁ ପ୍ରାପ୍ତି ପାଇଁ ମୁଁ ଓ ସାରା ଭକ୍ତ ସମାଜ ପ୍ରୟାସରତ ।

ସେହି ପରମାତ୍ମା କିପରି ଅଟନ୍ତି ଏବଂ ସେ କେଉଁଠି ରୁହନ୍ତି ? କୃପାକରି ଜଣାନ୍ତୁ ।

ଏହା ଶୁଣି ବାପୁ କହିଲେ, ଆପଣ ଭକ୍ତି କରନ୍ତୁ, ସବୁ ଜଣାପଡ଼ିଯିବ ଏବଂ ନିର୍ଦ୍ଦେଶ ଦେଲେ ଯେ ଗୀତାର ଗୋଟିଏ ଅଧ୍ୟାୟ ପ୍ରତିଦିନ ପାଠ କର ଏବଂ କେବେ ଯଦି ମୋ ଦର୍ଶନ ପାଇଁ ଇଚ୍ଛା ହେବ ତେବେ ଗୋଟିଏ କ୍ରିୟା ବତାଉଛି ତାହା କରିବ । ତିନିଦିନ ପର୍ଯ୍ୟନ୍ତ ଗୋଟିଏ କୋଠରୀ ଭିତରେ ରହିବ । କୋଠରୀ ଭିତକୁ ଯିବାର ପୂର୍ବ ଦିନଠାରୁ ଖାଇବା ପିଇବା ଛାଡିଦେବ ଯାହାଦ୍ୱାରା ସନ୍ଧ୍ୟା ପର୍ଯ୍ୟନ୍ତ ପାଇଖାନା ଓ ବାଥରୁମ୍‌ରୁ କାର୍ଯ୍ୟ ସରିଯିବ, ସେହି ତିନିଦିନ ପର୍ଯ୍ୟନ୍ତ  କିଛି ମଧ୍ୟ ଖାଇବା ପିଇବା ମନା, ବାହାରକୁ ବାହାରିବା ମଧ୍ୟ ଆବଶ୍ୟକ ନାହିଁ, ପ୍ରକୋଷ୍ଠ ମଧ୍ୟରେ ରହି ତ୍ରାଟକ କର । ଘରକୁ ଯିବା ପରେ ମୁଁ ଏହାକୁ ତିନିଥର କଲି, ପରନ୍ତୁ ବାପୁଙ୍କ ଦର୍ଶନ ମିଳିଲା ନାହିଁ । ଧାର୍ମିକ କ୍ରିୟାରେ ବ୍ୟସ୍ତ ରହି ଭୟଙ୍କର ରୂପେ ରୋଗଗ୍ରସ୍ତ ହୋଇଗଲି ତଥା ଜିବନ-ମରଣ ସମସ୍ୟା ଦେଇ ମୋତେ ଗତି କରିବାକୁ ପଡିଥିଲା । ପରନ୍ତୁ ଏ ସବୁ ସତ୍ତ୍ୱେ ପରମାତ୍ମା ପ୍ରାପ୍ତି ପାଇଁ ଚେଷ୍ଟା ଜାରି ରଖିଥାଏ ।

ସେପ୍ଟେମ୍ବର ୨୦୦୦ ରେ ସନ୍ଥ ରାମପାଲ ଦାସଜୀଙ୍କ ସତସଙ୍ଗ ରୋହତକର କାଠ୍‌ମଣ୍ଡିରେ ଶୁଣିଲି, ଗୁରୁଜୀ ତତ୍ତ୍ୱଜ୍ଞାନ ଆଧାରରେ ଗୀତାଜ୍ଞାନ ବୁଝାଉଥିଲେ, ତା'ପରେ ଗୀତାପାଠ କରି ଜାଣିପାରିଲି ଯେ ଗୀତାରେ ଭଗବାନ କହୁଛନ୍ତି କ'ଣ ଏବଂ ବାପୁଜୀ ବତାଉଛନ୍ତି କ'ଣ । ସତରେ ଏମାନେ ଭଗବାନଙ୍କ ବିରୁଦ୍ଧ ସାଧନା କରୁନାହାଁନ୍ତି ତ ? ସନ୍ଥ ରାମପାଲଜୀଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଉଥିବା ଗୀତାର ଅନୁବାଦ କୁ ବୁଝି ଅନ୍ତରାତ୍ମାର ସହିତ କାନ୍ଦିବାକୁ ଲାଗିଲି  ଏବଂ ବାପୁଜୀଙ୍କୁ ସାକ୍ଷାତ କରି ଏହିସବୁ ଶଙ୍କାର ସମାଧାନ ଚାହିଁଲି । ସାଙ୍ଗରେ ଗୀତା ନେଇ ମୁଁ ବାପୁଜୀଙ୍କ ପାଖକୁ ଗଲି ତଥା ସମସ୍ତ ଶଙ୍କା ବିଷୟରେ ପଚାରିଲି ପରନ୍ତୁ ବାପୁଜୀ କୌଣସି ଗୋଟିଏ ଶଙ୍କାର ମଧ୍ୟ ସମାଧାନ କରିପାରିଲେ ନାହିଁ । ମୁଁ ବାପୁଜୀଙ୍କୁ କହିଲି, ପରମାତ୍ମାଙ୍କ ବିଷୟରେ ଯଦି ଆପଣଙ୍କୁ ଜଣା ନାହିଁ ତେବେ ଆପଣ ଭକ୍ତ ସମାଜକୁ କାହିଁକି ଭ୍ରମିତ କରୁଛନ୍ତି । ଏକଥା ଶୁଣି ବାପୁଜୀ ମୋ ଆଡକୁ ନାଲିଆଖି ଦେଖାଇ କହିଲେ, ତୁ ଭକ୍ତି ବିଷୟରେ କ'ଣ ଜାଣିଛୁ ?, ମୁଁ ସେଠାରୁ ଉଠି କାନ୍ଦି କାନ୍ଦି ନିଜ ଘରକୁ ଚାଲିଆସିଲି ।

ପରମାତ୍ମାଙ୍କର ପ୍ରାପ୍ତି ନହେବା ତଥା ଜୀବନର ଜଟିଳ ପରିସ୍ଥିତିକୁ ଲକ୍ଷ୍ୟ କରି ତଥା କଠୋର ଧାର୍ମିକ କାର୍ଯ୍ୟ ଓ ବ୍ରତ ଉପବାସ କାରଣରୁ ଶରୀର ବହୁତ ଦୁର୍ବଳ ହୋଇଗଲା, ମୃତ୍ୟୁ ସନ୍ନିକଟ ପରି ଲାଗୁଥାଏ । ପୁଣି ଅନ୍ୟ ସନ୍ଥମାନଙ୍କୁ (ରାଧାସ୍ୱାମୀ ପନ୍ଥ, ଧନ୍-ଧନ୍ ସଦଗୁରୁ, ଶ୍ରୀ ସତପାଲଜୀ ମହାରାଜ, ଶ୍ରୀ ବାଲଯୋଗେଶ୍ୱରଜୀ ମହାରାଜ, ଦିବ୍ୟ ଜ୍ୟୋତି, ବ୍ରହ୍ମାକୁମାରୀ, ନିରଂକାରୀ ମିଶନ, ଜୟଗୁରୁଦେବ ମଥୁରା ବାଲା ଆଦି)ଙ୍କୁ ଭେଟିଲି ପରନ୍ତୁ ଯେଉଁ ନିର୍ଣ୍ଣାୟକ ଜ୍ଞାନ ସନ୍ଥ ରାମପାଲଜୀ ମହାରାଜ ଦେଲେ ତାହା ଉପରୋକ୍ତ କୌଣସି ପନ୍ଥ ଓ ସନ୍ଥମାନଙ୍କ ପାଖରେ ନଥିଲା । ମୁଁ ପଶ୍ଚାତାପ କରି ଭାବିଲି ଯେ ବର୍ତ୍ତମାନ ସମୟରେ ପୃଥିବୀରେ ଏଭଳି କୌଣସି ସନ୍ଥ ନାହାଁନ୍ତି ଯାହାଙ୍କୁ ପରମାତ୍ମା ପ୍ରାପ୍ତି ହୋଇଥିବ ଏବଂ ସେ ଏହା ସ୍ପଷ୍ଟ କରି ଦେଇପାରିବେ ଯେ ପରମାତ୍ମା କିଏ ? ତାଙ୍କ ସ୍ୱରୂପ କଣ ? ଏବଂ ସେ କେଉଁଠି ରୁହନ୍ତି ? ଏହି ବିଚାର କରି ମୁଁ ରାତିସାରା କାନ୍ଦିଲି । ସନ୍ଥମାନଙ୍କ ଉପରୁ ମୋର ବିଶ୍ୱାସ ତୁଟିଗଲା । ମନରେ ଏହି ବିଚାର ଆସିଥିଲା ଯେ ଶ୍ରୀ ଆଶାରାମଜୀଙ୍କ ଭଳି ସୁପ୍ରସିଦ୍ଧ ସନ୍ଥ ଯଦି ଶାସ୍ତ୍ରବିଧି ତ୍ୟାଗକରି ମନମୁଖୀ ଆଚରଣ କରୁଛନ୍ତି ଓ କରାଉଛନ୍ତି  ତେବେ କେଉଁ ଅନ୍ୟ ସନ୍ଥଙ୍କ ଉପରେ କିପରି ବିଶ୍ୱାସ କରାଯିବ ? ସନ୍ଥ ରାମପାଲଜୀ ଶ୍ରେଷ୍ଠଜ୍ଞାନ ବତାଉଛନ୍ତି ପରନ୍ତୁ ତାଙ୍କ ପାଖରେ ଏତେ କମ ଜନସମୂହ କାହିଁକି । ସେ ପୂର୍ଣ୍ଣସନ୍ଥ କିପରି ହୋଇପାରିବେ ? ମନକୁ ଏହି ଶଙ୍କା ଆସିଲା । କିଛିଦିନ ପରେ ସନ୍ଥ ରାମପାଲଜୀ ମହାରାଜଙ୍କର ଜଣେ ଶିଷ୍ୟଙ୍କ ସହିତ ଦେଖାହେଲା । ସେ ଆମ ଗାଁ ଲୋକ ଥିଲେ । ସେ ମୋ କାହାଣୀ ଶୁଣି ମୋତେ ପୁନର୍ବାର ପରମାତ୍ମାଙ୍କ ସ୍ୱରୂପ ପୂର୍ଣ୍ଣସନ୍ଥ ରାମପାଲଜୀ ମହାରାଜଙ୍କ ସତସଙ୍ଗରେ ଦ୍ୱିତୀୟଥର ଆଣି ବସାଇଲେ । ମୁଁ ଏକ ଘଣ୍ଟା ପର୍ଯ୍ୟନ୍ତ ସତସଙ୍ଗ ଶୁଣିଲି ଏବଂ ସତସଙ୍ଗ ଉପରାନ୍ତ କାନ୍ଦି କାନ୍ଦି ମହାରାଜଙ୍କୁ ସାକ୍ଷାତ କଲି । ମହାରାଜଜୀ ମୋତେ ଆଲିଙ୍ଗନ କରି କହିଲେ ପୁର୍ବରୁ ଆପଣ ଯେଉଁ ସନ୍ଥମାନଙ୍କ ନିକଟକୁ ଯାଇଛନ୍ତି ସେମାନେ ଶାସ୍ତ୍ରବିଧି ତ୍ୟାଗ ପୂର୍ବକ  ମନମୁଖୀ ଆଚରଣ କରି ଭକ୍ତି ନିଜେ କରୁଛନ୍ତି ଓ କରାଉଛନ୍ତି । ଯେପରି ସମସ୍ତ ଘଟଣା ବିଷୟରେ ସେ ପ୍ରଥମରୁ ଜାଣିଥିଲେ । ମୁଁ କ'ଣ ଚାହୁଁଛି,

ମୋ ମନରେ କ'ଣ ଅଛି, ଏହି ପ୍ରକାରେ ସ୍ୱୟଂ ସନ୍ଥ ରାମପାଲଜୀ ମହାରାଜ ମୋତେ ନିଜ ଚରଣ ନିକଟରେ ମୋ ଶଙ୍କାଗୁଡ଼ିକର ସମାଧାନ କଲେ ।

ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜ କହିଲେ, ପବିତ୍ର ଗୀତା ଅଧ୍ୟାୟ ୯ ର ମନ୍ତ୍ର ୨୫ ରେ ପିତୃପୁରୁଷଙ୍କ ପୂଜା ଅର୍ଥାତ୍ ଶ୍ରାଦ୍ଧ ଦେବା ପାଇଁ ମନା କରାଯାଇଛି । ଅନ୍ୟ ଦେବୀ-ଦେବତାମାନଙ୍କର ପୂଜା କରୁଥିବା ବ୍ୟକ୍ତିମାନଙ୍କୁ ମନ୍ଦ ବୁଦ୍ଧିଯୁକ୍ତ ବୋଲି ଲେଖାଯାଇଛି (ଗୀତା ଅଧ୍ୟାୟ ୭ ର ମନ୍ତ୍ର ୧୨ ରୁ ୧୫ ତଥା ୨୦ ରୁ ୨୩ ପର୍ଯ୍ୟନ୍ତ) । ପରନ୍ତୁ ଶ୍ରୀ ଆସାରାମଜୀ "ଶ୍ରାଦ୍ଧ ମହିମା" ନାମକ ପୁସ୍ତକରେ ଶ୍ରାଦ୍ଧ ଦେବାର ଶ୍ରେଷ୍ଠ ବିଧି ବିଷୟରେ କହିଛନ୍ତି । ସନ୍ଥ ଶ୍ରୀ ଆସାରାମଜୀଙ୍କ ସାବରମତି ଅହମଦାବାଦ ଆଶ୍ରମରୁ ପ୍ରକାଶିତ ପତ୍ରିକା ଋଷି ପ୍ରସାଦ ଅଙ୍କ-୧୩୫ ମାର୍ଚ୍ଚ ୨୦୦୪ର ସଂସ୍କରଣରେ ଲେଖାଅଛି ଯେ ଭୂତ ପୂଜିବା ବ୍ୟକ୍ତି ତଥା ପିତୃପୁରୁଷଙ୍କୁ ପୂଜିବା ବ୍ୟକ୍ତି ତଥା ଅନ୍ୟ ଦେବୀ ଦେବତାମାନଙ୍କୁ ପୂଜିବା ବ୍ୟକ୍ତି କେଉଁ ଲାଭ ପାଇଥାନ୍ତି, ପଢନ୍ତୁ ପତ୍ରିକାର ଆଗାମୀ ଅଙ୍କରେ .....। ଆଗାମୀ ଅଙ୍କର ପତ୍ରିକା ଋଷି ପ୍ରସାଦ ଅଙ୍କ ୧୩୬ ଅପ୍ରେଲ୍ ୨୦୦୪ ପୃଷ୍ଠା ୧୯ରେ ଲେଖାଥିଲା ଯେ ଭୂତ ପୂଜିବା ବ୍ୟକ୍ତି ଭୂତଲୋକ ପ୍ରାପ୍ତ ହେବେତ ଓ ପିତୃପୁରୁଷଙ୍କୁ ପୂଜିବା ବ୍ୟକ୍ତି ପିତୃଲୋକକୁ ପ୍ରାପ୍ତ ହେବେ ତଥା ଶ୍ରୀକୃଷ୍ଣଙ୍କ ପୂଜାରୀ ଭଗବାନ ଶ୍ରୀ କୃଷ୍ଣଙ୍କ ବୈକୁଣ୍ଠ ଲୋକ ପ୍ରାପ୍ତ ହେବେ । ବିଚାର କରନ୍ତୁ ଶ୍ରୀ ଆଶାରାମଜୀଙ୍କ ଦ୍ୱାରା ପ୍ରକାଶିତ ଶ୍ରାଦ୍ଧମହିମା ପୁସ୍ତକରେ ପିତୃପୁରୁଷଙ୍କୁ ପୂଜିବାର ଉତ୍ତମ ବିଧି ବିଷୟରେ ମଧ୍ୟ ଲେଖାଅଛି ।

କୃପାକରି ଚିନ୍ତା କରନ୍ତୁ - କୂଅରେ ପଡିଲେ ମୃତ୍ୟୁ ପ୍ରାପ୍ତ ହେବା କଥା କହି ଯଦି କେହି ପୁଣି ଅନ୍ୟକୁ କୂଅରେ ପଡିବା ପାଁଇ ପରାମର୍ଶ ଦିଅନ୍ତି ତଥା କୁହନ୍ତି ଯେ କୂଅରେ ପଡିବାର ଭଲ ବିଧି ହେଉଛି ଦୁଇ ଗୋଡ ଉପରକୁ ଉଠାଇ ଏକ୍‌ଦମ୍ ଡେଇଁ ପଡିବା, କୂଅରେ ପଡି ମରିବାର ଏହା ଶ୍ରେଷ୍ଠ ବିଧି ଅଟେ । ଯିଏ ଏଭଳି ନ କରିବ ସେ ଦୋଷୀ ହେବ ।

ସେହି ବ୍ୟକ୍ତିଙ୍କୁ କଣ ସାଧୁ କୁହାଯିବ ? ଏହି ଭୂମିକା ଶ୍ରୀ ଆସାରାମଜୀ ସନ୍ଥ କରୁଛନ୍ତି, ଏପଟେ କହୁଛନ୍ତି ପିତୃପରୁଷଙ୍କୁ ପୁଜିବା ଓ ଭୂତ ପୂଜିବା ବ୍ୟକ୍ତି ଭୂତ-ପ୍ରେତ ହୋଇ ଭୂତଲୋକ ଓ ପିତୃଲୋକକୁ ଯିବେ ଏବଂ ସେଠାରେ ସେମାନେ ଭୋକିଲା ଓ ଶୋଷିଲା ରହିବେ, ପୁଣି କହୁଛନ୍ତି ସେମାନଙ୍କୁ ଶ୍ରାଦ୍ଧ ଦ୍ୱାରା ହିଁ ତୃପ୍ତ କରା ଯାଇପାରିବ। ଅନ୍ୟ ଏକ ବିଚାର ଯୋଗ୍ୟ ବିଷୟ ଏହା ଯେ ଯେତେବେଳେ ନିଜ ମାତା-ପିତା ଜିବୀତ ଥିଲେ ସେତେବେଳେ ସେମାନେ ପ୍ରତିଦିନ ଅତିକମ୍‌ରେ ଦୁଇଥର ଭୋଜନ କରୁଥିଲେ । ଏବେ ମୃତ୍ୟୁ ପରେ ସେମାନେ ଗୀତା ବିପରୀତ ସାଧନା କରି ଦୁଃଖଦାୟୀ ଭୂତ ଓ ପିତୃପୁରୁଷଙ୍କ ଯୋନି ପ୍ରାପ୍ତ କରି ସାରିଛନ୍ତି । ଏବେ ଗୋଟିଏ ଦିନର ଶ୍ରାଦ୍ଧରେ ସେମାନେ କିପରି ତୃପ୍ତ ହୋଇଯିବେ । ଅବଶିଷ୍ଟ ୩୬୪ ଦିନ କ'ଣ ଖାଇବେ ? ଏଥିପାଇଁ ସେହି ସନ୍ଥ ଓ ଗୁରୁମାନେ ଦୋଷୀ ଅଟନ୍ତି ଯେଉଁମାନେ ସରଳ ନିଷ୍କପଟ ଆତ୍ମାମାନଙ୍କୁ ଭ୍ରମିତ କରୁଛନ୍ତି । ଶାସ୍ତ୍ରଜ୍ଞାନ ସହିତ ଅପରିଚିତ ସନ୍ଥମାନେ ହିଁ ଜୀବକୁ ଶାସ୍ତ୍ରବିଧି ରହିତ ସାଧନା ବତାଇ ଦୁଃଖଦାୟୀ ଯୋନିକୁ ପଠାଇଥାନ୍ତି ।

ଶ୍ରୀ ଆଶାରାମଜୀ, ଶ୍ରୀ ଶିବ ଭଗବାନଙ୍କର ଉପାସନାର ମନ୍ତ୍ର (ଓଁ ନମୋ ଶିବାୟ) ଓ ଶ୍ରୀ ବିଷ୍ଣୁଙ୍କର ଉପାସନା ମନ୍ତ୍ର (ଓଁ ନମୋ ଭଗବତେ ବାସୁଦେବାୟ) ଆଦି ବତାଇଥାନ୍ତି । ଏହା ବ୍ୟତୀତ ହରି ଓଁ, ଓଁ ଗୁରୁ ଆଦି ନାମଗୁଡିକ ମଧ୍ୟରୁ କୌଣସି ଗୋଟିଏ ମନ୍ତ୍ର ନିଜ ଇଚ୍ଛାନୁସାରେ ବାଛି ନେବାକୁ କହିଥାନ୍ତି ଏବଂ ସୋହଂ ମନ୍ତ୍ରକୁ ଦୁଇ ଭାଗକରି ନିଶ୍ୱାସ ଦ୍ୱାରା ସୁମିରଣ କରିବାକୁ କୁହନ୍ତି ଯାହାର କୌଣସି ଶାସ୍ତ୍ର ପ୍ରମାଣ ନାହିଁ ।

ବିଚାର କରନ୍ତୁ - ଯଦି କୌଣସି ରୋଗୀର ପେଟରେ କଷ୍ଟ ହେଉଥିବ ଏବଂ ସେ ବୈଦ୍ୟଙ୍କ ପାଖକୁ ସେ ଚିକିତ୍ସା ପାଇଁ ଗଲେ ବୈଦ୍ୟ ତା ସମ୍ମୁଖରେ ଛଅ ପ୍ରକାର ବଟିକା ରଖିଦେଇ କହିବେ ଯେ ଯେଉଁଟା ତୋତେ ଭଲ ଲାଗୁଛି ସେଥିମଧ୍ୟରୁ ଗୋଟିଏ ନେଇ ଖାଅ । ସେଭଳି ଲୋକକୁ କ'ଣ ଚିକିତ୍ସକ କୁହାଯିବ ?

ପବିତ୍ର ଗୀତା ଅଧ୍ୟାୟ ୮ ର ମନ୍ତ୍ର ୧୩ ରେ କହିଛନ୍ତି ଯେ :-

ଓମ୍ ଇତି ଏକାକ୍ଷରମ୍ ବ୍ରହ୍ମ, ବ୍ୟାହରନ୍ ମାମ୍ ଅନୁସ୍ମରନ୍,
ଯଃ ପ୍ରୟାତି ତ୍ୟଜନ୍ ଦେହମ୍ ସଃ ଯାତି ପରମାମ୍ ଗତିମ୍ ॥୧୩॥

ଏହାର ଶବ୍ଦାର୍ଥ ହେଲା ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ (ମାମ୍ ବ୍ରହ୍ମ) ମୋର ବ୍ରହ୍ମର ତ (ଇତି) ଏହି ଏକ (ଓମ୍ ଏକାକ୍ଷରମ୍) ଓମ୍ ଏକ ଅକ୍ଷର ଅଟେ । (ବ୍ୟାହରନ୍) ଉଚ୍ଚାରଣ କରି (ଅନୁସ୍ମରନ୍) ସୁମିରଣ କରି (ଯଃ) ଯେଉଁ ସାଧକ (ତ୍ୟଜନ୍ ଦେହମ୍) ଶରୀର ତ୍ୟାଗ ପର୍ଯ୍ୟନ୍ତ ଅର୍ଥାତ୍ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ (ପ୍ରୟାତି) ସୁମିରଣ ସାଧନା କରିଥାଏ (ସଃ) ସେହି ସାଧକ ମୋଠାରୁ ମିଳୁଥିବା (ପରମାମ୍ ଗତିମ୍) ପରମଗତି (ଯାତି) ପ୍ରାପ୍ତ ହୋଇଥାଏ ।

ଭାବାର୍ଥ ହେଲା ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି ବ୍ରହ୍ମ ଅର୍ଥାତ୍ ଏକ ହଜାର ହାତ ବିଶିଷ୍ଟ ଜ୍ୟୋତି ନିରଞ୍ଜନ କାଳ କହୁଛନ୍ତି ଯେ ମୋର (ବ୍ରହ୍ମର) ସାଧନା କେବଳ ଏକ ଓମ୍ (ଓଁ) ନାମ ଦ୍ୱାରା ମୃତ୍ୟୁ ପର୍ଯ୍ୟନ୍ତ କରୁଥିବା ସାଧକକୁ ମୋ ଠାରୁ ମିଳିବାକୁ ଥିବା ଲାଭ ପ୍ରାପ୍ତ ହୋଇଥାଏ। ଅନ୍ୟ କୌଣସି ମନ୍ତ୍ର ମୋ ଭକ୍ତି ପାଇଁ ପ୍ରଯୁଜ୍ୟ ନୁହେଁ ତଥା ନିଜ ଗତିକୁ ମଧ୍ୟ ଗୀତା ଅଧ୍ୟାୟ ୭ ର ମନ୍ତ୍ର ୧୮ ରେ ଅନୁତ୍ତମାମ୍ ଅର୍ଥାତ୍ ଅତି ଘୃଣ୍ୟ କହିଛନ୍ତି । ଏହାର ପ୍ରମାଣ ଗୀତା ଅଧ୍ୟାୟ ୯ ମନ୍ତ୍ର ୨୦ ରୁ ୨୫ ରେ ଦିଆଯାଇ କୁହାଯାଇଛି ଯେ ତିନି ବେଦ(ଋଗ୍‌ବେଦ, ଯଜୁର୍ବେଦ ଓ ସାମବେଦ)ରେ ବର୍ଣ୍ଣିତ ବିଧି ଦ୍ୱାରା ମୋ ସାଧନା ଯେଉଁମାନେ କରିଥାନ୍ତି ତଥା ଅନ୍ୟ ଦେବତାମାନଙ୍କର ପୂଜା ମଧ୍ୟ କରିଥାନ୍ତି ସେମାନଙ୍କର ଜନ୍ମ-ମୃତ୍ୟୁ ଓ ସ୍ୱର୍ଗ-ନର୍କ ପ୍ରାପ୍ତି ପ୍ରକ୍ରିୟା ଚାଲୁ ରହିଥାଏ ତଥା ପିତୃପୁରୁଷଙ୍କ ପୂଜା କରୁଥିବା ବ୍ୟକ୍ତି (ଶ୍ରାଦ୍ଧ ଦେଉଥିବା ବ୍ୟକ୍ତି) ପିତର ହୋଇ ପିତୃପୁରୁଷଙ୍କୁ ପ୍ରାପ୍ତ ହୋଇଥାନ୍ତି । ଭୂତ ପୂଜା କରୁଥିବା (ଦଶକ୍ରୀୟା,ଏଗାର କ୍ରୀୟା, ବର୍ଷିକ୍ରୀୟା, ଗଙ୍ଗାରେ ଅସ୍ଥି ବିସର୍ଜନ କ୍ରିୟା, ପିଣ୍ଡ ଦେବା ଆଦି ଭୂତପୂଜା ଅଟେ)। ବ୍ୟକ୍ତି, ଭୂତ ଯୋନି ପ୍ରାପ୍ତ କରି ଭୂତଲୋକକୁ ଚାଲିଯିବ, ତା'ପରେ ପୃଥିବୀ ପୃଷ୍ଠରେ ପଥଭ୍ରଷ୍ଟ ହୋଇ ଘୂରି ବୁଲିବ । ଏହି ସମସ୍ତ ପୂଜା ଅବିଧିପୂର୍ବକ, ଅଜ୍ଞାନପୂର୍ବକ ଓ ମନମୁଖୀ ଅଟେ । ତେଣୁ ଏହା ବ୍ୟର୍ଥ ଅଟେ । ପ୍ରମାଣ ପାଇଁ ଦେଖନ୍ତୁ ଗୀତା ଅଧ୍ୟାୟ ୧୬ ର ମନ୍ତ୍ର ୨୩-୨୪ । ବିଶେଷ:- ଏଠାରେ ଚତୁର୍ଥ ଅଥର୍ବବେଦର ବିବରଣୀ ଏଥିପାଇଁ ନାହିଁ ଯେ ଏଥିରେ ପୂଜାବିଧି କମ ଓ ସୃଷ୍ଟି ରଚନା ଜ୍ଞାନ ଅଧିକ ଅଛି । ଏଥିପାଇଁ ଗୀତା ଅଧ୍ୟାୟ ୧୮ ମନ୍ତ୍ର ୬୨ ରେ କୁହାଯାଇଛି ଯେ ସେହି ପରମାତ୍ମାଙ୍କ ଶରଣକୁ ତୁମେ ଯାଅ ଯାହା ଦ୍ୱାରା ତୁମ୍ଭର ପୂର୍ଣ୍ଣମୁକ୍ତି ହୋଇଯିବ ତଥା ପରମଶାନ୍ତି ଓ ଶାଶ୍ୱତ ସ୍ଥାନ ଅର୍ଥାତ୍ ସତ୍ୟଲୋକକୁ ତୁମେ ପ୍ରାପ୍ତ ହେବ ତଥା ଗୀତା ଅଧ୍ୟାୟ ୧୫ ର ମନ୍ତ୍ର ୪ ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଗଲେ ତାଙ୍କ ନିର୍ଦ୍ଦେଶ ମୁତାବକ ଶାସ୍ତ୍ରବିଧି ଅନୁସାରେ ସାଧନା କରିବା ଉଚିତ୍ । ଏହାପରେ ପୁନର୍ବାର ସେହି ପରମପଦ ପରମେଶ୍ୱରଙ୍କର ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବାପରେ ସାଧକର ପୁନର୍ବାର ଜନ୍ମ-ମୃତ୍ୟୁ ହୋଇ ନ ଥାଏ ଅର୍ଥାତ୍ ଅନାଦି ମୋକ୍ଷ ପ୍ରାପ୍ତ ହୋଇଥାଏ । (ଗୀତା ଜ୍ଞାନଦାତା କାଳ ଅର୍ଥାତ୍ କ୍ଷରପୁରୁଷ-ବ୍ରହ୍ମ କହୁଛନ୍ତି ଯେ) ମୁଁ ମଧ୍ୟ ସେହି ଆଦିପୁରୁଷ ପରମେଶ୍ୱରଙ୍କ ଶରଣରେ ଆଶ୍ରିତ ।

ସନ୍ଥ ରାମପାଲଜୀ କହିଲେ, ଅନ୍ୟ ସମସ୍ତ ସନ୍ଥ କୁହନ୍ତି ଯେ ପାପ ଭୋଗ ପ୍ରାରବ୍ଧରେ ଲେଖାଥିବା କାରଣରୁ ଜୀବକୁ ଭୋଗିବାକୁ ପଡିଥାଏ । ଭକ୍ତି ଜାରି ରଖିବା ଉଚିତ୍ ଏହାଦ୍ୱାରା ଭବିଷ୍ୟତ ଜୀବନ ସୁଖମୟ ହୋଇଥାଏ ।

କୃପାକରି ବିଚାର କରନ୍ତୁ :- ଯଦି କାହା ଗୋଡରେ କଣ୍ଟା ପଶି ବହୁତ ପୀଡା ହେଉଛି ଏବଂ ସେହି କଷ୍ଟ ନିବାରଣ ପାଇଁ ଅନ୍ୟକୁ ପ୍ରାର୍ଥନା କରିବାରୁ ଏହି ଉତ୍ତର ମିଳେ ଯେ କଣ୍ଟା ଗୋଡରେ ଥାଉ ଜୋତା ପିନ୍ଧି ଦିଅ, ଭଭିଷ୍ୟତରେ ପୁନର୍ବାର କଣ୍ଟା ପଶିବ ନାହିଁ । ତେବେ ସେହି ବ୍ୟକ୍ତି କ'ଣ ଠିକ୍ ଉପଦେଶ ଦେଲେ ? ନାଁ , କାରଣ କଣ୍ଟା ପଶିଥିବା ଗୋଡରେ ଜୋତା ପିନ୍ଧାଯାଇ ପାରିବ ନାହିଁ । ପ୍ରଥମେ କଣ୍ଟା ବାହାର କରାଯାଉ, ତା'ପରେ ଏହି ଭୟରେ ଜୋତା ପିନ୍ଧିବ ଯେ ପୁନର୍ବାର ଗୋଡରେ କଣ୍ଟା ଯେପରି ନ ପଶୁ । ଠିକ୍ ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମାଙ୍କ(ପୂର୍ଣ୍ଣସନ୍ଥ)ଙ୍କ ଚରଣାଶ୍ରିତ ହେବା ଦ୍ୱାରା ପାପ ରୂପୀ କଣ୍ଟାର କଷ୍ଟ ସମାପ୍ତ ହୋଇଥାଏ । ସାଧକ ପୂର୍ଣ୍ଣପ୍ରଭୁଙ୍କ ଶାସ୍ତ୍ରବିଧି ଅନୁସାରେ ସାଧନା ରୂପୀ ଜୋତା ଏହି ଭୟରେ ପିନ୍ଧିବ ଯେ ପୁନର୍ବାର କୌଣସି ପାପ ରୂପୀ କଣ୍ଟା କେଷ୍ଟ ନ ଦେଉ ।

ପବିତ୍ର ଗୀତା ଅନୁବାଦରେ ସନ୍ଥଗଣ ଅର୍ଥର ଅନର୍ଥ କରିଛନ୍ତି । ଗୀତା ଅଧ୍ୟାୟ ୭ ର ମନ୍ତ୍ର ୧୮ ଓ ୨୪ ରେ "ଅନୁତ୍ତମାମ୍‌ର ଅର୍ଥ ଅତି ଉତ୍ତମ ବୋଲି କହିଛନ୍ତି ତଥା ଅଧ୍ୟାୟ ୧୮ ର ମନ୍ତ୍ର ୬୬ ରେ

"ବ୍ରଜ"ଶବ୍ଦର ଅର୍ଥ 'ଆସିବା' କରିଛନ୍ତି । ପ୍ରକୃତରେ ଅନୁତ୍ତମର ଅର୍ଥ ଅତି ନିକୃଷ୍ଟ ହୋଇଥାଏ ତଥା ବ୍ରଜର ଅର୍ଥ ଯିବା ହୋଇଥାଏ । ତତ୍ତ୍ୱଜ୍ଞାନ ଅଭାବ ଓ ଜ୍ଞାନହୀନ ଗୁରୁମାନଙ୍କ ଯୋଗୁଁ ସର୍ବ ଭକ୍ତ ସମାଜ ଆଜି ଶାସ୍ତ୍ର ବିଧି ରହିତ ସାଧନା କରି ବହୁମୂଲ୍ୟ ମନୁଷ୍ୟ ଜନ୍ମକୁ ବ୍ୟର୍ଥ କରୁଛନ୍ତି । (ପବିତ୍ର ଗୀତା ଅଧ୍ୟାୟ ୧୬ ର ମନ୍ତ୍ର ୨୩-୨୪) । ସର୍ବ ପବିତ୍ର ଧର୍ମର ପବିତ୍ର ଆତ୍ମାମାନେ ତତ୍ତ୍ୱଜ୍ଞାନ ସହିତ ଅପରିଚିତ ତେଣୁ ଭଣ୍ଡ, ନକଲୀ ଗୁରୁ, ସନ୍ଥ, ମହନ୍ତ ଓ ଋଷିମାନଙ୍କର ପ୍ରଭାବ ବଢିଯାଇଛି । ଯେତେବେଳେ ସର୍ବ ପବିତ୍ର ଭକ୍ତ ସମାଜ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ସହିତ ସମ୍ପୂର୍ଣ୍ଣ ପରିଚିତ ହୋଇଯିବେ ସେତେବେଳେ ଏହି ନକଲୀ ଗୁରୁ, ସନ୍ଥ, ସ୍ୱାମୀ ଓ ଆଚାର୍ଯ୍ୟମାନଙ୍କୁ ଲୁଚିବା ପାଇଁ ସ୍ଥାନ ମିଳିବ ନାହିଁ।

ଉପରୋକ୍ତ ସତ୍ୟ ଘଟଣାକୁ ଅନୁଭବ କରି ମୁଁ ଓ ମୋ ପରିବାରର ଅନ୍ୟ ସମସ୍ତ ସଦସ୍ୟ ସନ୍ଥ ରାମପାଲଜୀ ମହାରାଜଙ୍କ ଚରଣରେ ବର୍ତ୍ତମାନ ଆଶ୍ରିତ । ମୋ ପରିବାର ଏବେ ସଂପୂର୍ଣ୍ଣ ସୁସ୍ଥ, କାହାର କୌଣସି ପ୍ରକାରର ରୋଗ ନାହିଁ ଏବଂ ଯେଉଁ ଭୂତ ମୋ ପରିବାରର ସଦସ୍ୟଙ୍କୁ ମାରି ଦେଉଥିଲା, ଗାଈ-ଗୋରୁ ଆଦିଙ୍କୁ ମାରି ଦେଉଥିଲା, ଠିକ୍‌ରେ କାମ ଧନ୍ଦା ହେବାକୁ ଦେଉ ନ ଥିଲା, ସେହି ଭୂତ ଏବେ କେବଳ ଘରୁ ନୁହେଁ ପୁରା ଗାଁ ଛାଡି ପଳାଇ ଯାଇଛି । ଅନ୍ୟ ସମ୍ପର୍କୀୟମାନଙ୍କ ଘରକୁ ଏବେ ଚାଲିଯାଇଛି ଯେଉଁମାନେ ଏବେ ମଧ୍ୟ ଶ୍ରୀ ଆସାରାମଜୀଙ୍କ ପୂଜାରୀ ଅଟନ୍ତି । ସେଠାକୁ ଯାଇ ଭୂତ କହୁଛି ଯେ ବସନ୍ତ ଘର ଏବେ ପରମାତ୍ମାଙ୍କ ନିବାସ ହୋଇଯାଇଛି । ତାଙ୍କୁ ପରମାତ୍ମାଙ୍କ ସ୍ୱରୂପ ପୂର୍ଣ୍ଣସନ୍ଥ ମିଳି ଯାଇଛନ୍ତି । ଆମ୍ଭେ ସେଠାକୁ ଏବେ ଯାଇପାରିବୁ ନାହିଁ। ସନ୍ଥ ରାମପାଲଜୀଙ୍କଠାରୁ ଉପଦେଶ ପ୍ରାପ୍ତି ପରେ ଆମ୍ଭେ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁଖୀ ଜୀବନ ଅତିବାହିତ କରୁଛୁ । ଆମ୍ଭ ପରିବାର ଓ ସମ୍ପର୍କୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ଦୁଇଶହ ଜଣ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ଉପଦେଶ ପ୍ରାପ୍ତ କରିଛନ୍ତି ଯେଉଁମାନେ ପ୍ରଥମେ ଆଶାରାମଜୀଙ୍କ ଶିଷ୍ୟ ଥିଲେ। ବର୍ତ୍ତମାନ ସନ୍ଥ ରାମପାଲଜୀଙ୍କ ଦ୍ୱାରା ପ୍ରଦତ୍ତ ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ଶ୍ରୀ ଆଶାରାମଜୀଙ୍କର ପ୍ରାୟ ଦଶହଜାର ଶିଷ୍ୟ ସଦଗୁରୁ ରାମପାଲଜୀ ମହାରାଜଙ୍କର ଚରଣରେ ଆଶ୍ରିତ । ସେମାନେ ମଧ୍ୟ ମୋ ଭଳି ପଶ୍ଚାତାପ କରୁଛନ୍ତି। ଭକ୍ତସମାଜକୁ ମୋର ଏହି ପ୍ରାର୍ଥନା ଯେ ପରମାତ୍ମା ପ୍ରାପ୍ତି ପାଇଁ ଯିଏ ଇଚ୍ଛୁକ ଅଛି ତଥା ପରମାତ୍ମାଙ୍କୁ ଯିଏ ଖୋଜୁଛି ସେମାନେ କୃପାକରି ପରମାତ୍ମାଙ୍କ ସ୍ୱରୂପ ପୂର୍ଣ୍ଣସନ୍ଥ ରାମପାଲଜୀ ମହାରାଜଙ୍କ ଚରଣକୁ ଆସି ନିଜ ଜୀବନକୁ ସୁଖୀ କରନ୍ତୁ ତଥା ପରମାତ୍ମା ପ୍ରାପ୍ତି କରନ୍ତୁ ।

ଭକ୍ତ ବସନ୍ତ ଦାସ, ମୋ. ନଂ- ୯୦୫୩୨୭୫୫୬୯

## "ଅଦ୍ଭୁତ ଚମତ୍କାର"

ପୂଜନୀୟ ଗୁରୁଦେବଜୀ ! ଦଣ୍ଡବତ ପ୍ରଣାମ

ନିଜ ପରିବାରର ଖୁସିକୁ ମୁଁ ଆଦର ପୂର୍ବକ ସୂଚିତ କରିବାକୁ ଯାଇ ଏହା କହିବାକୁ ଚାହୁଁଛି ଯେ ଜାନୁୟାରୀ ୨୦୦୦ର ପ୍ରାରମ୍ଭରେ ଆପଣଙ୍କ ପ୍ରବଚନ/ସତ୍‌ସଙ୍ଗ ମୁଁ ତାଜପୁର ଗ୍ରାମ ଦେହଲୀରେ ଶ୍ରୀ ମୁରାରୀ ଭକ୍ତଙ୍କ ନିବାସରେ ଚାଲୁଥିଲା ସମୟରେ ଶୁଣିଲି । ଜଣେ ଭକ୍ତଙ୍କର ଝିଅ ମୋ ପତ୍ନୀ ଶ୍ରୀମତୀ ବିମଳା ଦେବୀ (ଛାଓଲା)ଙ୍କୁ କହିଲେ, ଚାଚୀ ! ପଡ଼ୋଶୀ ଗ୍ରାମରେ ଯେଉଁ ସତସଙ୍ଗ ଚାଲିଛି ଯଦି ଆପଣ ସେହି ମହାରାଜଙ୍କଠାରୁ ନାମଦୀକ୍ଷା ନେବେ ତେବେ ଆପଣଙ୍କର ସେହି ଅସାଧ ରୋଗ (ମେରୁଦଣ୍ଡର ହାଡ଼ରେ ଏକ ଇଁଚ୍‌ର ଫାଟ) ଠିକ୍ ହୋଇଯିବ ମୋ ପତ୍ନୀ ସେହି ଝିଅକୁ କହିଲେ ଯେ ଅଲ୍ ଇଣ୍ଡିଆ ମେଡ଼ିକାଲ ଇନିଷ୍ଟିଚ୍ୟୁଟ ଅଫ୍ ରିସର୍ଚ ସେଣ୍ଟର ଅଫ୍ ସାଇନ୍‌ସ୍, ଦିଲ୍ଲୀରେ ଅଢ଼େଇବର୍ଷର ଚିକିତ୍ସା ଅସଫଳ ହୋଇଗଲା, ଏକ ନାମ ବା ଶବ୍ଦରେ କେଉଁ ଶକ୍ତି ଅଛି ଯେ ତାହା ମୋର ଏହି ଅସାଧ ରୋଗକୁ ଠିକ୍ କରିଦେବ ? ଅନେକ ସମୟ ପର୍ଯ୍ୟନ୍ତ ଦୁଇଜଣଙ୍କ ମଧ୍ୟରେ ତର୍କ ବିତର୍କ ହେଲା ପରିଶେଷରେ ଉଭୟେ ଶାନ୍ତ ହୋଇ ସେହି ସତସଙ୍ଗକୁ ଯିବା ପାଇଁ ନିର୍ଣ୍ଣୟ ନେଲେ । ପରମପୂଜ୍ୟ ସନ୍ଥ ରାମପାଲ୍‌ଜୀ ମହାରାଜଙ୍କ ପ୍ରବଚନ/ଅମୃତବାଣୀ ଶ୍ରବଣ କରି ବନ୍ଦୀଛୋଡ଼ଙ୍କ କୃପାରୁ ଭକ୍ତିରୂପୀ ତାର ପୁନଃ ଯୋଡ଼ି ହୋଇଗଲା ଏବଂ ଅଢ଼େଇ ବର୍ଷର ଚିକିତ୍ସାରେ ଯେଉଁ ଅସାଧ ରୋଗ ଭଲ ହୋଇ ପାରି ନଥିଲା ତାହା କେବଳ ନାମ ସୁମିରଣ ଦ୍ୱାରା ପାଞ୍ଚଦିନ ମଧ୍ୟରେ ଠିକ୍ ହୋଇଗଲା । ଏହା ପୂର୍ବରୁ ଡାକ୍ତର ଉଠିବା ବସିବା କରିବା ପାଇଁ ସମ୍ପୂର୍ଣ୍ଣ ମନା କରିଥିଲେ ଯେଉଁ ଟ୍ରିଟ୍‌ମେଣ୍ଟ ସ୍ଲିପ୍‌ରେ ଲେଖା ଏବେ ମଧ୍ୟ ଆପଣ ଦେଖିପାରିବେ ତଥା ସେହି ଏକ ଇଞ୍ଚର

ଫାଟର ଏକ୍ସରେ ମଧ୍ୟ ଏବେ ମହଜୁଦ୍ ଅଛି । ସବୁଠୁ ବଡ଼ ସମସ୍ୟା ମୋ ପତ୍ନୀର ଏହା ଥିଲା ଯେ ସେ ବସି ପାଇଖାନା କରି ପାରୁନଥିଲା ଏବଂ ହାତ ଧୋଇବା ସମୟରେ ଦଶ ପନ୍ଦର ମିନିଟ୍ ପର୍ଯ୍ୟନ୍ତ କାନ୍ଦୁଥିଲା କାରଣ ଅଧିକ ନଇଁବା ଦ୍ୱାରା ଯନ୍ତ୍ରଣା ଆରମ୍ଭ ହୋଇ ଯାଉଥିଲା । ପରମପୂଜ୍ୟ ସଦଗୁରୁ ରାମପାଲଜୀ ମହାରାଜଙ୍କ ଆଶୀର୍ବାଦରୁ ଏବେ ସେ ୫୦ କିଲୋଗ୍ରାମ ବସ୍ତୁ/ଓଜନ ସ୍ୱୟଂ ଏକୁଟିଆ ଟେକି ପାରୁଛନ୍ତି ଏବଂ ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ସର୍ବ ପାଠକଙ୍କୁ ମୋର ଏହି ପ୍ରାର୍ଥନା ଯେ ପରମେଶ୍ୱର ତୁଲ୍ୟ ସନ୍ଥ ରାମପାଲଜୀ ମହାରାଜ ଯିଏ କବିର୍ଦେବ (କବୀର ପରମେଶ୍ୱର)ଙ୍କର ପୂର୍ଣ୍ଣ କୃପାପାତ୍ର ଅଟନ୍ତି, ତାଙ୍କଠାରୁ ଅତିଶୀଘ୍ର ନିଃଶୁଳ୍କ ନାମଦୀକ୍ଷା ପ୍ରାପ୍ତ କରି ପୁରା ପରିବାରର କଲ୍ୟାଣ କରନ୍ତୁ ତଥା ପୂର୍ଣ୍ଣମୋକ୍ଷ ବା ସତ୍ୟଲୋକ (ଶାଶ୍ୱତମ୍ ସ୍ଥାନମ୍) ପ୍ରାପ୍ତ କରନ୍ତୁ ।

ଆପଣଙ୍କ ସେବକ ଭକ୍ତ ନଥୁରାମ, ଗ୍ରାମ-ଛାବଲା, ଦିଲ୍ଲୀ, ଦୂରଭାଷ - ୯୮୧୧୯୫୬୭୯୧୨

### "ଅସମ୍ଭବକୁ ସମ୍ଭବ କଲେ ପରମେଶ୍ୱର"

ମୁଁ ଭକ୍ତ ସୁରେନ୍ଦ୍ର ଦାସ, ଗ୍ରାମ-ଗାନ୍ଧାରା, ତହସିଲ- ସାଂପଲା, ଜିଲ୍ଲା-ରୋହତକର ବାସିନ୍ଦା। ମୋର ଆୟୁ ୩୧ ବର୍ଷ । ପରମାତ୍ମା ପ୍ରାପ୍ତି ପାଇଁ ପିଲାବେଳୁ ଚେଷ୍ଟା ଜାରି ରଖିଛି ତଥା ବିଭିନ୍ନ ମନମୁଖୀ ପୂଜା (ମନ୍ଦିରକୁ ଯିବା, ବ୍ରତ ରଖିବା, ଶ୍ରାଦ୍ଧ ଦେବା ଆଦି) ମଧ୍ୟ କରୁଥିଲି ପରନ୍ତୁ ଶାରିରୀକ ଓ ମାନସିକ କଷ୍ଟ ସବୁବେଳେ ଲାଗି ରହୁଥିଲା । ତଥାପି ପରମାତ୍ମାଙ୍କ ପ୍ରତି ବିଶ୍ୱାସ ଓ ପରମାତ୍ମା ପ୍ରାପ୍ତିର ବହୁତ ଉତ୍ସୁକତା ମୋ ମନରେ ଥିଲା । ଏହି ଉତ୍ସୁକତା ସନ ୧୯୯୫ ରେ ମୋତେ ସନ୍ଥ ଆସାରାମ ବାପୁଙ୍କ ଆଡକୁ ଆକର୍ଷିତ କଲା । ମୁଁ ତାଙ୍କଠାରୁ ନାମ ଉପଦେଶ ନେଲି ଏବଂ ଯେପରି ଭକ୍ତି ସାଧନା ବାପୁଜୀ ବତାଇଲେ ଆଗ୍ରହର ସହିତ ତାହା କଲି । ପରନ୍ତୁ ଏହାଦ୍ୱାରା ମୋର ନା କୌଣସି ଶାରୀରିକ କଷ୍ଟ ଦୂର ହେଲା ନା ଏଥିରୁ କୌଣସି ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତି ହେଲା, ଅଧିକନ୍ତୁ କଷ୍ଟ ବଢ଼ିଗଲା । ଆସାରାମ ବାପୁଙ୍କ ନର୍ଦ୍ଦେଶ ଅନୁସାରେ ମୁଁ ସାଧନା କରୁଥିଲି । ସକାଳେ ୨୫୦ ମିଲିଲିଟର ଦୁଗ୍ଧ ଏବଂ ସନ୍ଧ୍ୟାରେ ୨୫୦ ମି.ଲି. ପିଉଥିଲି ଏବଂ ମନ୍ତ୍ରରେ ଯେତୋଟି ଅକ୍ଷର ଥିଲା ସେତିକି ଲକ୍ଷ ମନ୍ତ୍ର ଜପ କରୁଥିଲି ଏବଂ ସମାଧି ଅଭ୍ୟାସ କରୁଥିଲି। ଚାଳିଶ ଦିନର ଏହା ଏକ କ୍ରିୟା ଥିଲା ଯାହାକୁ ଗୋଟିଏ ଅନୁଷ୍ଠାନ ରୂପେ ଗଣା ଯାଉଥିଲା । ଏହି ଭଳି ମୁଁ ଲଗାତାର ଚଉଦଟି ଧାର୍ମିକ ଅନୁଷ୍ଠାନ କଲି ।

ଏକଦା ମୁଁ ବାପୁଜୀଙ୍କ ସତସଙ୍ଗରେ ଶୁଣିଲି ଯେ ସାତଦିନ ପର୍ଯ୍ୟନ୍ତ ଅନାହାର ରହି ମନ୍ତ୍ର ଜପ କରିବା ସମାଧିରେ ବସିବା ତଥା ପ୍ରାଣାୟାମ କରିବା ଦ୍ୱାରା ଈଶ୍ୱର ପ୍ରାପ୍ତି ହୋଇପାରିବ । ପୁଣି ମୁଁ ଏହି ବଚନକୁ ସତ୍ୟ ମାନି ସେହିଭଳି କଲି ପରନ୍ତୁ ପରମାତ୍ମା ପ୍ରାପ୍ତି ବଦଳରେ ଉପବାସ ରହିବା କାରଣରୁ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିଗଲି ତଥା ପ୍ରାଣାୟାମ କରିବା ଦ୍ୱାରା ମସ୍ତିଷ୍କର ସନ୍ତୁଳନ ବିଗିଡ଼ି ଗଲା ଏବଂ ଏପରି ଲାଗିଲା ଯେପରି ମୁଁ ପାଗଳ ହୋଇଯିବି । ଇତି ମଧ୍ୟରେ ମୋ ଉପରେ ସଦଗୁରୁ ପୂର୍ଣ୍ଣସନ୍ଥ ରାମପାଲଜୀ ମହାରାଜଙ୍କ କୃପାଦୃଷ୍ଟି ପଡ଼ିଲା ଏବଂ ମୋତେ ସେପ୍ଟେମ୍ବର ୨୦୦୦ରେ ପୂଜ୍ୟ ଗୁରୁଦେବ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ପ୍ରାପ୍ତ ହେଲା। ଉପଦେଶ ପ୍ରାପ୍ତ ହେବା ପରେ ମୋତେ ଏପରି ଲାଗିଲା ଯେପରି ଦୀପରେ କେହି ଘିଅ ଢାଳିଦେଲା ତଥା ମୋ ଜୀବନ ଶାନ୍ତ ଓ ବ୍ୟବସ୍ଥିତ ହୋଇଗଲା ।

ପୂର୍ଣ୍ଣସନ୍ଥ ପାପକର୍ମକୁ ସମାପ୍ତ କରିପାରନ୍ତି ଯାହାର ପ୍ରମାଣ ମୋ ଜୀବନରେ ସ୍ପଷ୍ଟ ରୂପେ ସେତେବେଳେ ପ୍ରମାଣିତ ହେଲା ମଇ ୨୦୦୪ରେ ଯେତେବେଳେ ମୁଁ ମହାରାଷ୍ଟ୍ରର ଔରଙ୍ଗାବାଦରେ ସନ୍ଥ ରାମପାଲଜୀ ମହାରାଜଙ୍କ ସତସଙ୍ଗ ପାଇଁ ଟେଣ୍ଟ କପଡ଼ା ବାନ୍ଧୁଥିବା ସମୟରେ ୨୫ ଫୁଟ ଉପରୁ ପଥୁରିଆ ଚଟାଣରେ ପଡିଗଲି । ଏଠାରେ କାଳର ଅନ୍ୟ କିଛି ବିଚାର ଥିଲା, ମୋ ମେରୁହାଡ଼ ଭାଙ୍ଗିଗଲା ଏବଂ ମୋ ଶରୀରର ତଳ ଅଙ୍ଗ ଅକାମୀ ହୋଇଗଲା । ସେ ସମୟରେ ମୋ ସଦଗୁରୁ ସନ୍ଥ ରାମପାଲଜୀ ମହାରାଜଙ୍କୁ ମୁଁ ସ୍ମରଣ କଲି । ମୋ ଗୁରୁଦେବଙ୍କ ଦୟାରୁ ସେହି ସମୟରେ ମୋ ଦୁଇଗୋଡ଼ ଠିକ୍‌ରେ କାମ କରିବାକୁ ଲାଗିଥିଲା ।

ଗରୀବ, କାଲ ଡରୈ କରତାର ସେ, ଜୈ ଜୈ ଜଗଦୀଶ ।
ଜୌରା ଜୌରୀ ଝାଡତୀ, ପଗ ରଜ ଡାରୈ ଶୀଶ ॥

ଏହାପରେ ମୋତେ ଔରଙ୍ଗାବାଦର ଏକ ଘରୋଇ ହସ୍‌ପିଟାଲ (ପଟବର୍ଦ୍ଧନ ହସପିଟାଲ) କୁ ନିଆଗଲା । ସେଠାରେ ଡଃ. ଡୀ.ଜୀ ପଟ୍ଟବର୍ଦ୍ଧନ ମୋ ଶରୀରର ପରୀକ୍ଷା କରିବା ସହିତ ମେରୁଦଣ୍ଡ ହାଡର ଏକ୍ସ-ରେ କଲେ । ରିପୋର୍ଟରୁ ଜଣାପଡ଼ିଲା ଯେ ମେରୁଦଣ୍ଡର ହାଡ଼ ଭାଙ୍ଗିଯାଇଛି। ରିପୋର୍ଟ ଦେଖି ଡାକ୍ତର ବହୁତ ଆଚମ୍ଭିତ ହୋଇ କହିଲେ ଯେ ଆପଣଙ୍କ ମେରୁଦଣ୍ଡର ହାଡ଼ ଭାଙ୍ଗିଯାଇଛି ଏବଂ ଖଣ୍ଡେ ହାଡ ଭାଙ୍ଗି ଅଲଗା ହୋଇଯାଇଛି । ଡାକ୍ତର ବାରମ୍ବାର ମୋ ଦୁଇ ଗୋଡ଼କୁ ହାତ ଲଗାଇ ଦେଖୁଥାନ୍ତି। ଡାକ୍ତର କହିଲେ ଯେ ଆପଣଙ୍କ ଗୋଡ଼ ପ୍ରତି ପରମାତ୍ମାଙ୍କର ବିଶେଷ କୃପା ଅଛି ଯାହାଦ୍ୱାରା ଆପଣଙ୍କ ପାଦ ଠିକରେ କାମ କରୁଛି, କାରଣ ଏହି ରିପୋର୍ଟ ଅନୁସାରେ ଆପଣଙ୍କୁ ନିଶ୍ଚିତ ପାରାଲିସିସ୍ ହୋଇଯିବା କଥା । ସେହି ହସ୍‌ପିଟାଲରେ ମୁଁ ତିନିଦିନ ପର୍ଯ୍ୟନ୍ତ ରହିଲି । ଏହାପରେ ଛୁଟି ନେଇ ନିଜ ଘର ହରିୟାଣା ଚାଲି ଆସିଲି । ରୋହତକର ପ୍ରସିଦ୍ଧ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଚଡ୍‌ଢାଙ୍କ ଦ୍ୱାରା ଚିକିତ୍ସା କରାଇଲି । ଡାକ୍ତର ଚଡ୍‌ଢା ମଧ୍ୟ ମୋ ରିପୋର୍ଟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ତଥା କହିଲେ ଯେ ଆପଣ ଚଲାବୁଲା କିପରି କରି ପାରୁଛନ୍ତି ? ରିପୋର୍ଟ ଅନୁସାରେ ଆପଣଙ୍କୁ ତ ପାରାଲିସିସ୍ ହୋଇଯିବା କଥା। ଡାକ୍ତର ଚଡଢା ପୁଣି ଡିଜିଟାଲ ଏକ୍ସ-ରେ କରାଇଲେ ତଥା କହିଲେ ଯେ ଏହାର ଚିକିତ୍ସା ଅସମ୍ଭବ । ଅପରେସନ୍ ଦ୍ୱାରା ଏହାକୁ କେବଳ ସେହି ସ୍ଥିତିରେ ରୋକା ଯାଇପାରିବ ଯାହାଦ୍ୱାରା ହାଡ଼ ଆଉ ଭାଙ୍ଗିବ ନାହିଁ । ହାଡ଼କୁ ମଜଭୁତ କରିବା ପାଇଁ ଇଞ୍ଜେକ୍‌ସନ୍ ଦେଲେ ଏବଂ ପୁରା ତିନିମାସ ପର୍ଯ୍ୟନ୍ତ ଇଞ୍ଜେକସନ ଦିଆଗଲା। ସେ ପୁଣି କହିଲେ ଯେ ଅପରେସନ ନିଶ୍ଚୟ କରିବାକୁ ପଡ଼ିବ ନଚେତ୍ ଅବଶିଷ୍ଟ ହାଡ଼ ମଧ୍ୟ ଭାଙ୍ଗି ଯାଇପାରେ। ଅପରେସନ ପାଇଁ ଦୁଇଲକ୍ଷ ଟଙ୍କା ଆବଶ୍ୟକ ହେବ ବୋଲି କହିଲେ । ପୁଣି ଡାକ୍ତର କହିଲେ ଯେ ରିପୋର୍ଟ ଅନୁସାରେ ଆପଣଙ୍କର ତିନିମାସ ଭିତରେ ମୃତ୍ୟୁ ହୋଇ ଯାଇଥାନ୍ତା । ଆଜି ଆପଣ ପରମାତ୍ମାଙ୍କ କୃପାରୁ ଜୀବିତ ଅଛନ୍ତି । ମୁଁ ଅପରେସନ ପାଇଁ ଦୁଇଲକ୍ଷ ଖର୍ଚ୍ଚ କରିବାକୁ ଅସମର୍ଥ ଥିଲି ଏଥିପାଇଁ ଅନ୍ୟ ଜଣେ ଡାକ୍ତରଙ୍କ ନିକଟକୁ ଚିକିତ୍ସା ପାଇଁ ଗଲି । ରିପୋର୍ଟ ଦେଖି ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କହିଲେ ଯେ ଯଦି ଅପରେସନରେ ବିଳମ୍ବ ହେବ ତେବେ ଅନ୍ୟ ହାଡ ମଧ୍ୟ ଭାଙ୍ଗି ଯାଇପାରେ । ସେ ମଧ୍ୟ ଏହା କହିଲେ ଯେ ରିପୋର୍ଟ ଅନୁସାରେ ଆପଣଙ୍କୁ ପାରାଲିସିସ୍ ହେବାର ଥିଲା, ଆପଣ ଚଲାବୁଲା କିପରି କରି ପାରୁଛନ୍ତି ? ଶେଷରେ ମୁଁ ହାରମାନି ନିଜ ଗୁରୁଦେବ ସନ୍ଥ ରାମପାଲଜୀ ମହାରାଜଙ୍କ ଚରଣରେ ଯେତେବେଳେ ପ୍ରାର୍ଥନା କଲି  ସେତେବେଳେ ମୋ ପୂଜ୍ୟ ଗୁରୁଦେବ ମୋ ଉପରେ ଦୟା କଲେ ଏବଂ ମସ୍ତକରେ ହାତ ରଖି କହିଲେ ପୁତ୍ର ! ତୁମେ ସଂପୂର୍ଣ୍ଣ ଠିକ୍ ହୋଇଯିବ । ଆଜି ଯଦି ତୁମେ ପରମେଶ୍ୱର କବୀର ସାହେବଜୀଙ୍କ ଶରଣରେ ନଥାନ୍ତ ତେବେ ତୁମକୁ ବହୁତ କଷ୍ଟ ଭୋଗ କରି ମରିବାକୁ ପଡିଥାନ୍ତା। ତୁମର ଅଧିକ ଆୟୁଷ ନ ଥିଲା । ତୁମେ ପୁଣିଥରେ ଡାକ୍ତରଙ୍କୁ ଦେଖା କରନ୍ତୁ । ମୁଁ ଗୁରୁଜୀଙ୍କ ଆଦେଶ ଅନୁସାରେ ତହିଁ ପରଦିନ ସେହି ଡାକ୍ତରଙ୍କୁ ଭେଟିଲି ଯେଉଁ ଡାକ୍ତର ମୋ ଏକ୍ସ-ରେ କରିଥିଲେ। ସେ ଏକ୍ସ-ରେ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିଲେ ଯେ ଭଙ୍ଗାହାଡ ଯାହା ଅଲଗା ହୋଇଯାଇଥିଲା ତାହା ଉପରକୁ ଉଠି ଆପେ କିପରି ଯୋଡ଼ି ହୋଇଗଲା । ଡାକ୍ତର କହିଲେ ଯେ ହାଡ଼ର ଏଭଳି ସ୍ଥିତି ଥିଲା ଯେପରି କୌଣସି ଗାଡ଼ି (ଯାନ) ଅଧିକ ଉଚ୍ଚ ସ୍ଥାନକୁ ଉଠୁଥିବା ସମୟରେ ଇଞ୍ଜିନ୍ ଫେଲ ହୋଇ ଅଟକିଯାଏ, ତାହା କେବଳ ତଳକୁ ଫେରି ପାରେ ଅଥବା ଚକ ତଳେ ପଥର ଆଦି ଲଗାଇ ପ୍ରଥମ ଗିୟରରେ ତାକୁ ସେଠାରେ କେବଳ ରୋକା ଯାଇପାରିବ, ଆଗକୁ ଚଢ଼ି ପାରିବ ନାହିଁ । ଆପଣଙ୍କ ହାଡଟି ଏହିପରି ଭାବେ ଉପରକୁ ଚଢ଼ିଯାଇ ଯୋଡ଼ି ହୋଇଯାଇଛି ଯାହା ଡାକ୍ତରୀ ଇତିହାସରେ ପ୍ରଥମ କଥା । ଏଥିରୁ ମୋତେ ମଧ୍ୟ ଅନୁଭବ ହୋଇଗଲା ଯେ କୌଣସି ଶକ୍ତି ଅଛି ଯାହା ଅସମ୍ଭବକୁ ସମ୍ଭବ କରି ପାରିଥାଏ। ଏହା ଅସ୍ତ୍ରୋପଚାରରେ ମଧ୍ୟ ଠିକ୍ ହୋଇ ପାରି ନ ଥାନ୍ତା । ଅସ୍ତ୍ରୋପଚାର କରି କୌଣସି ପଦାର୍ଥ ଏଥିରେ ଭର୍ତ୍ତି କରି ସେହି ଫାଙ୍କା ସ୍ଥାନକୁ ପୂର୍ଣ୍ଣ କରାଯାଇ ପାରିଥାନ୍ତା । ତା'ପରେ ଆପଣ ଯଦି କୌଣସି ଓଜନ ଉଠାଇବା କାର୍ଯ୍ୟ କରିଥାନ୍ତେ ତେବେ ସେହି ହାଡ ପୁଣି ଖସି ଯାଇଥାନ୍ତା । ଆପଣ ଯନ୍ତ୍ରଣା ଭୋଗ କରି ଖଟିଆ ଉପରେ ପଡ଼ି ପଡ଼ି ମରିଥାନ୍ତେ । ଡାକ୍ତର ଏହା ବୁଝିପାରୁ ନ ଥାନ୍ତି। ମୁଁ କହିଲି, ପୂର୍ଣ୍ଣବ୍ରହ୍ମ କବୀର୍ ସାହେବଙ୍କ ସ୍ୱରୂପ ପୂଜ୍ୟ ଗୁରୁଦେବ ସନ୍ଥ ରାମପାଲଜୀ ମହାରାଜ ମୋ ପାପକର୍ମକୁ କାଟି ମୃତ୍ୟୁକୁ

ଟାଳିଦେଇ ନିଜ କୋଟାରୁ ମୋତେ ନୂତନ ଜୀବନ ପ୍ରଦାନ କରିଛନ୍ତି । ପରମେଶ୍ୱର କବୀର ସାହେବଙ୍କ ବାଣୀରେ ଅଛି ଯେ :-

"ଜୋ ମେରୀ ଭକ୍ତି ପୀଛୋଡୀ ହୋଇ, ତୋ ହମରା ନାମ ନ ଲେବେ କୋଇ"

ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ସଦଗୁରୁଙ୍କ ଚରଣରେ ଆତ୍ମକଲ୍ୟାଣ ହେତୁ ନିଃସ୍ୱାର୍ଥ ସେବା କରୁଛି। ୫୦ କି.ଗ୍ରା. ଓଜନର ବସ୍ତୁ ଆପେ ଉଠାଇ ପାରୁଛି । ଆମ୍ଭ ଗୁରୁଦେବଙ୍କ ବାସ୍ତବିକ ଉଦ୍ଦେଶ୍ୟ ଭକ୍ତି ଦ୍ୱାରା ଜୀବକୁ ବିକାର ରହିତ କରାଇ, ନିଜ ପରମ (ଶ୍ରେଷ୍ଠ) ଧାମ ସତ୍ୟଲୋକକୁ ନେଇଯିବା । ଏଠାକାର ଛୋଟ-ମୋଟ ସୁଖ ଆମ୍ଭ ଗୁରୁଦେବ ନିଜ ଭଣ୍ଡାରରୁ ଦେଇଥାନ୍ତି ଯାହାଦ୍ୱାରା ଜୀବ ଭକ୍ତିମାର୍ଗରୁ ବିଚ୍ୟୁତ ହୋଇ ନ ଥାଏ । ଅତଃ ସର୍ବ ସମାଜକୁ ଏହି ପ୍ରାର୍ଥନା ଯେ ଆମ୍ଭ ଗୁରୁଦେବଙ୍କ ଚରଣକୁ ଆସି ସତ୍ୟଭକ୍ତି କରନ୍ତୁ ତଥା ସାଂସାରିକ ସୁଖ ସୁବିଧା ସହିତ ଆତ୍ମକଲ୍ୟାଣର ମାର୍ଗ ମଧ୍ୟ ପ୍ରାପ୍ତ କରନ୍ତୁ । ସତ୍ ସାହେବ !!

ବିଶେଷ :- ଋଗବେଦ ମଣ୍ଡଳ ୧୦ ସୁକ୍ତ ୧୬୧ ମନ୍ତ୍ର ୨ ରେ ପୂର୍ଣ୍ଣ ପରମାତ୍ମା କହିଛନ୍ତି ଯେ ଶାସ୍ତ୍ରାନୁକୂଳ ସାଧନା କରୁଥିବା ସାଧକ ! ତୁ ଦୃଢତାର ସହିତ ମୋ ଶରଣ ଗ୍ରହଣ କର ଅର୍ଥାତ୍ ସଂଶୟ ରହିତ ହୋଇ ମୋ ଭକ୍ତି କର, ତୋ ଅସାଧ୍ୟ ରୋଗ ମଧ୍ୟ ଆରୋଗ୍ୟ କରିଦେବି, ଯଦି ତୋ ଆୟୁଷ ବଳକା ନଥିବ ତଥାପି ତୋ ନିଶ୍ୱାସ-ପ୍ରଶ୍ୱାସକୁ ବଢାଇ ଦେଇ ଶହେ ବର୍ଷ କରିଦେବି। ଉପରୋକ୍ତ କଥା ପ୍ରଭୁଙ୍କ ସାମର୍ଥ୍ୟତାକୁ ପ୍ରମାଣିତ କରୁଛି ।

ଭକ୍ତ ସୁରେନ୍ଦ୍ର ଦାସ, ମୋବାଇଲ ନଂ - ୮୦୫୯୭୦୯୮୧୯

"ଭଗବାନ ହେବେ ତ ଏହିଭଳି"

ମୁଁ ଭକ୍ତ ମହାବୀର ସିଂହ, ପିତା- ଶ୍ରୀ କେହର ସିଂହ, ଗ୍ରାମ- ଢରାଣା, ଜିଲ୍ଲା-ଝଜ୍ଜର, (ହରିୟାଣା) ର ବାସିନ୍ଦା । ପ୍ରଥମେ ମୁଁ ଶିବ ଭଗବାନଙ୍କର ଦୃଢ଼ ଭକ୍ତି କରୁଥିଲି । ମୋ ଲିଭର ଓ କିଡନୀରେ ଘାଆ ହୋଇ ଯାଇଥିଲା । ମୋ ଭାଇ ଭକ୍ତ ମହେନ୍ଦ୍ର ସିଂହ ଚିକିତ୍ସା ପାଇଁ ମୋତେ ମେଡିକାଲକୁ ନେଲେ, ତା' ପୂର୍ବରୁ ମଧ୍ୟ ବହୁତ ଅର୍ଥ ବ୍ୟୟ ହୋଇ ସାରିଥିଲା ପରନ୍ତୁ କୌଣସି ଲାଭ ମିଳି ନ ଥିଲା । ମେଡିକାଲରେ ଅଲଟ୍ରାସାଉଣ୍ଡ କରିବା ପରେ ତିନିଥର ଅପରେସନ ହେବ ବୋଲି ଡାକ୍ତର କହିଲେ । ଏହା ଶୁଣି ମୁଁ ବହୁତ ଭୟଭୀତ ହୋଇଗଲି । ମୁଁ ଅପରେସନ କରାଇବାକୁ ମନା କରିଦେଲି । ଖାଦ୍ୟ ମଧ୍ୟ ଖାଇ ହେଉ ନ ଥାଏ । ଅବସ୍ଥା ସମ୍ପୂର୍ଣ୍ଣ ଖରାପ ହୋଇ ଯାଇଥିଲା । ମୋ ବଡ଼ଭାଇ ମହେନ୍ଦ୍ର କହିଲା, ତୁମେ ସନ୍ଥ ରାମପାଲଜୀଙ୍କ ଠାରୁ ଉପଦେଶ ଗ୍ରହଣ କର । ସେ ସ୍ୱଂୟ ପୂର୍ଣ୍ଣପରମାତ୍ମାଙ୍କ ଅବତାର ଅଟନ୍ତି । କବୀର ପରମେଶ୍ୱର ପୂର୍ଣ୍ଣବ୍ରହ୍ମ ଅଟନ୍ତି ମୁଁ କହିଲି, ଶିବ ଭଗବାନଙ୍କ ତୁଳନାରେ ତୋ କବୀର ଜୁଲାହ (ତନ୍ତୀ/ବୁଣାକାର)ର କି ସାମର୍ଥ୍ୟ ଅଛି । କବୀର ତ ଜଣେ କବି ଥିଲା । ସେ କେବେ ଭଗବାନ ହୋଇ ନ ପାରେ । ମୋ ବଡ଼ଭାଇ ମହେନ୍ଦ୍ର ସିଂହ, ପିତା- ଶ୍ରୀ କେହର ସିଂହର ପରିବାର ମଧ୍ୟ ସଂପୂର୍ଣ୍ଣ ଉଜୁଡି ଯାଇଥିଲା । ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଯାଇ ସେମାନେ ଏବେ ସଂପୂର୍ଣ୍ଣ ସୁଖୀ ଅଛନ୍ତି । ସେମାନେ ପୂର୍ବରୁ କରୁଥିବା ସମସ୍ତ ପୂଜା ତ୍ୟାଗ କରି ଦେଇଛନ୍ତି। ସେମାନେ ବହୁତ ସୁଖୀ ଥିଲେ । ମୁଁ ମଧ୍ୟ ଏହା ସ୍ୱୀକାର କରୁଥିଲି ତଥାପି ନିଜ ଭଗବାନ ଶିବଙ୍କଠାରୁ ବଡ ଅନ୍ୟ କେଉଁ ଭଗବାନଙ୍କୁ ମୁଁ ସ୍ୱୀକାର କରୁ ନ ଥିଲି। ମୋ ବଡ଼ଭାଇ ମହେନ୍ଦ୍ର ମୋତେ କହୁଥିଲା, ମହାବୀର ଏହିଭଳି ଭୁଲ ଧାରଣା ସମସ୍ତଙ୍କର ଅଛି । ପୂର୍ଣ୍ଣବ୍ରହ୍ମ କବୀର ଦେବ (କବୀର ପରମେଶ୍ୱର) ଅଟନ୍ତି । ତାଙ୍କ ଆଗରେ ବ୍ରହ୍ମା, ବିଷ୍ଣୁ, ଶିବ, ବ୍ରହ୍ମ ଓ ପରବ୍ରହ୍ମ ମଧ୍ୟ ବହୁତ ନ୍ୟୁନ ଶକ୍ତିଯୁକ୍ତ ଅଟନ୍ତି । ଯେପରି ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ତୁଳନାରେ ସ୍ଥାନୀୟ ମନ୍ତ୍ରୀମାନଙ୍କର ଶକ୍ତି ନ୍ୟୁନ ମନେ ହୋଇଥାଏ । ସେହିପରି ପରମେଶ୍ୱର କବୀରଜୀଙ୍କ (ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ପରି) ଓ ଶିବ (ଗୋଟିଏ ବିଭାଗର ମନ୍ତ୍ରୀ ପରି)ଙ୍କ ଶକ୍ତିରେ ପ୍ରଭେଦ ଅଛି । ଏବେ ଆପଣ ସ୍ୱୟଂ ବିଚାର କରନ୍ତୁ କେଉଁଠି କବିର୍ଦେବ/କବୀର ପରମେଶ୍ୱର) କେଉଁଠି ଭଗବାନ ଶିବ ଅର୍ଥାତ୍ ବୃଷଭ ସହିତ ଛେଳିର ତୁଳନା"। ସନ୍ଥ ରାମପାଲଜୀ ମହାରାଜ ସମସ୍ତ ସଦଗ୍ରନ୍ଥର ଗଭୀର ଅଧ୍ୟୟନ କରିଛନ୍ତି ତଥା ଭକ୍ତିଶକ୍ତିର ସ୍ୱ ଅନୁଭବରୁ ପ୍ରମାଣ ପାଇବା ପରେ ଜୁନିୟର ଇଞ୍ଜିନୀୟର ଚାକିରୀ ତ୍ୟାଗ କରି ଭକ୍ତି ରୂପୀ ରଣାଙ୍ଗନକୁ ଲମ୍ଫ ପ୍ରଦାନ କରି ଆଜିର ସମସ୍ତ ସନ୍ଥ, ମହନ୍ତ, ଆଚାର୍ଯ୍ୟ, ପଣ୍ଡିତମାନଙ୍କୁ ପଛରେ ପକାଇ

ଦେଇଛନ୍ତି । ସର୍ବ ପନ୍ଥ ଓ ମହର୍ଷି ଦୟାନନ୍ଦଙ୍କ ଭଳି ଆଚାର୍ଯ୍ୟଙ୍କୁ ତାଙ୍କ ନିଜ ଲେଖାର ପ୍ରମାଣ ଦେଖାଇ ଫେଲ୍ କରି ଦେଇଛନ୍ତି । ସମାଚାର ପତ୍ରରେ ମଧ୍ୟ ଖୋଲା ଖୋଲି ଭାବେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହାର ଉତ୍ତରରେ କେହି କିଛି ମଧ୍ୟ ଜବାବ୍ ଦେଇ ପାରିନାହାଁନ୍ତି । ଆର୍ଯ୍ୟସମାଜର କିଛି ମୂଢ ଅଜ୍ଞାନୀ ଏହାର ବିରୋଧ କରିଥିଲେ, ସେମାନଙ୍କ ପାଟି ଖନି ବାଜିଗଲା କାରଣ ମହାରାଜ ରାମପାଲଜୀ ପ୍ରମାଣ ସହିତ ତଥ୍ୟ ଉପସ୍ଥାପନ କରିଥାନ୍ତି । ସତ୍ୟ ସମ୍ମୁଖରେ ଅସତ୍ୟ କଦାପି ତିଷ୍ଠି ପାରିବ ନାହିଁ ।

ବଡଭାଇ ମହେନ୍ଦ୍ରଙ୍କ ଉପରୋକ୍ତ କଥା ଶୁଣି ଝଗଡା କରିବା ପାଇଁ ମୋର ଇଚ୍ଛା ହେଉଥିଲା । ପରନ୍ତୁ ସେ ମୋଠାରୁ ବଡ ହୋଇଥିବା କାରଣରୁ କିଛି କହି ପାରୁନଥିଲି । ଅନ୍ୟ କେହି ଯଦି କହିଥାନ୍ତା ତେବେ "କାହିଁ କବୀର ପରମେଶ୍ୱର, କାହିଁ ଭଗବାନ ଶିବ କଥାରେ ମୁଁ (ମହାବୀର) ନିଶ୍ଚୟ ଲଢେଇ କରିଥାନ୍ତି ।" ପରନ୍ତୁ ଏବେ ଜଣା ପଡିଲା ଯେ ପ୍ରକୃତରେ କବୀରଜୀ ହିଁ ପୂର୍ଣ୍ଣ ପରମେଶ୍ୱର ଅଟନ୍ତି । ମୃତ୍ୟୁ ଅପେକ୍ଷାରେ ଥିବା ଲୋକ କ'ଣ ବା ନ କରେ ? ସେଦିନ ମୁଁ ଭାଇ, ମହେନ୍ଦ୍ରକୁ କହିଲି, ମୋ ଜୀବନ ବଞ୍ଚାଇ ଦିଅ । ଭାଇ ମହେନ୍ଦ୍ର କହିଲେ, ମୋ ସହିତ କରୋନ୍ଥା ଆଶ୍ରମ ଚାଲ, ତୋ ଜୀବନ ସେହିଠାରେ ବଞ୍ଚିପାରିବ । ମୋତେ ଅପରେସନ ଥିଏଟରକୁ ନେଇ ଯିବା ପାଇଁ ଟ୍ରଲିରେ ଶୁଆଇ ଅପରେସନ ବେଳେ ପିନ୍ଧା ଯାଉଥିବା କପଡା ପିନ୍ଧାଇ ଦିଆ ଯାଇଥାଏ । ମୁଁ ଉଠିପଡି ସେହି ଅପରେସନ କପଡା ବାହାର କରି ଦେଇ ନିଜ ବସ୍ତ୍ର ପିନ୍ଧି ଭାଇ ମହେନ୍ଦ୍ରକୁ କହିଲି, ମୁଁ ନାମଦୀକ୍ଷା ନେବି । ଆମେ ଦୁହେଁ ରୋହତକ ମେଡିକାଲରୁ ଗୋଟିଏ ଗାଡି ଭଡା କରି ସିଧା ବନ୍ଦୀଛୋଡ ସଦଗୁରୁ ରାମପାଲଜୀ ମହାରାଜଙ୍କ ଶରଣକୁ ଚାଲି ଆସି ମୁଁ ନାମ ଉପଦେଶ ନେଲି । ସେ ସମୟରେ ଆଶ୍ରମରେ ମୁଁ ଭୋଜନ ମଧ୍ୟ ଗ୍ରହଣ କଲି । ତା'ପରେ ମୁଁ ମେଡିକାଲକୁ ଯାଇ ପରୀକ୍ଷା କରାଇଲି । ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଗଲେ । ମୋଠାରେ ରୋଗର କୌଣସି ଲକ୍ଷଣ ସେମାନେ ଦେଖିବାକୁ ପାଇଲେ ନାହିଁ । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲି । ଆଶ୍ରମରେ ମୋର କୌଣସି ଖର୍ଚ୍ଚ ମଧ୍ୟ ହେଲା ନାହିଁ । ନାମଦୀକ୍ଷା ଓ ମନ୍ତ୍ରଜପ ପୁସ୍ତକ ମାଗଣାରେ ପ୍ରାପ୍ତ ହେଲା । ମୋ ପୁରା ପରିବାର ଅନ୍ୟ ଦେବୀ-ଦେବତାଙ୍କର ପୂଜାପାଠ କରୁଥିଲେ ପରନ୍ତୁ ଉପଦେଶ ନେବା ପରେ ପୂର୍ବର ସମସ୍ତ ପୂଜା ତ୍ୟାଗ କରିଦେଲୁ । ପୂର୍ବ ଅପେକ୍ଷା ଆମ୍ଭେ ଅଧିକ ସୁଖୀ ଓ ସୁସ୍ଥ ହୋଇଗଲୁ । ଏବେ ବନ୍ଦୀଛୋଡ଼ ପୂର୍ଣ୍ଣ ପରମାତ୍ମା ସଦଗୁରୁ ରାମପାଲଜୀ ମହାରାଜଙ୍କର ଆମ୍ଭେ ଦିନରାତି ଗୁଣଗାନ କରୁଅଛୁ ।

ସନ୍ଥ ରାମପାଲଜୀ ମହାରାଜଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା ନାମ ଉପଦେଶ ଦେଇ ଭକ୍ତି କରାଇ କାଳ ଜାଲରୁ ଜୀବକୁ ମୁକ୍ତ କରାଇବା । ସମାଜ ସୁଧାର ଓ ଅନ୍ୟସୁଖ ତ ଲାଭ ଆକାରରେ ଅର୍ଥାତ୍ ଆପେ ଆପେ ମିଳିଯିବ । "ସତ୍ ସାହେବ୍"

ଭକ୍ତ ମହାବୀର ଦାସ

## "ସନ୍ଥ ହେବେ ତ ଏହିଭଳି"

ମୁଁ ଶଶୀପ୍ରଭା, ପ୍ରଧାନାଚାର୍ଯ୍ୟ, (ପ୍ରିନ୍ସିପାଲ୍) ସରକାରୀ ବରିଷ୍ଠ ମାଧ୍ୟମିକ ବିଦ୍ୟାଳୟ, ଡିଗାନା, ଜିଲ୍ଲା - ଜିନ୍ଦ୍‌ରେ କାର୍ଯ୍ୟରତ । ଆମ୍ଭ ଘରର ଲଢ଼େଇ-ଝଗଡ଼ା ଓ ମାନସିକ ଅଶାନ୍ତି କାରଣରୁ ପ୍ରାୟ ୩୫ ବର୍ଷରୁ ମୁଁ ଦୁଃଖିତ ଥିଲି । ମୋ ପତି ମଧ୍ୟ ମୋତେ ମାଡ ମାରୁଥିଲେ । ମୋର ସମସ୍ତ ଦରମା ଟଙ୍କା ଛଡ଼ାଇ ନେଇଯାଇ ମୋତେ ଯଥାସମ୍ଭବ କଷ୍ଟ ଦେଉଥିଲେ । ୩୨ ଏକର ଜମିର ମାଲିକ ହୋଇଥିଲେ ମଧ୍ୟ ଆମ୍ଭକୁ କୁକୁରଙ୍କୁ ରୁଟି ଦେବା ଭଳି ଖାଇବାକୁ ଦେଉଥିଲେ । ମୁଁ ତାଙ୍କର ସମସ୍ତ ବନ୍ଧୁ ତଥା ମୋର ନିଜର ସମସ୍ତ ବନ୍ଧୁଙ୍କୁ ସାହାଯ୍ୟ ମାଗିଲି, ଗ୍ରାମ ମୁଖିଆମାନଙ୍କୁ ମଧ୍ୟ ସାହାଯ୍ୟ ମାଗିଲି କିନ୍ତୁ କେହି ମୋତେ ସାହାଯ୍ୟ କଲେ ନାହିଁ । ମନକୁ ଏହି ବିଚାର ଆସିଲା ଯେ ବିଗିଡି ଯାଇଥିବା କାର୍ଯ୍ୟକୁ କେବଳ ସାଧୁ-ସନ୍ଥମାନେ ସଜାଡି ପାରନ୍ତି ତେଣୁ ମୁଁ ଆନନ୍ଦପୁର (ବୀନା) ମଧ୍ୟପ୍ରଦେଶର ଜଣେ ସନ୍ଥଙ୍କୁ ଗୁରୁ କଲି କିନ୍ତୁ ପୂର୍ବର ସେହି ପାରିବାରିକ ସମସ୍ୟା କୌଣସି ପ୍ରକାରେ ଦୂର ହେଲା ନାହିଁ । ଝିଅମାନେ ପରମାତ୍ମାଙ୍କ ଦୟାରୁ ନିଜେ ପରିଶ୍ରମ କରି ଶିକ୍ଷାପ୍ରାପ୍ତ କଲେ କିନ୍ତୁ ବର୍ତ୍ତମାନ ସେମାନଙ୍କର ବିଭାଘର ହୋଇ ପାରୁନାହିଁ । ସେମାନଙ୍କର ବାପା ଝିଅମାନଙ୍କ ବିବାହ ପାଇଁ ବନ୍ଧୁଘର ଖୋଜିବା ବନ୍ଦ କରିଦେଲେ । ଏହି ସମସ୍ୟାର ନିବାରଣ ପାଇଁ ମୁଁ ବାଲାବଗଡ଼ (ରାଜସ୍ଥାନ), ଧୌଲୀ ଧାର, ହିମାଚଳ ପ୍ରଦେଶ ମଧ୍ୟ ଗଲି । ପୀର ଫକୀର, ଗୁରୁଦ୍ୱାରର ସାହାଯ୍ୟ ମଧ୍ୟ ନେଲି । ଘରେ ଏକୁଟିଆ ଥିବାବେଳେ ମନେ ମନେ ବହୁତ କାନ୍ଦୁଥିଲି ଏବଂ ଭାବୁଥିଲି ଯେ

ଏହି ଧରାପୃଷ୍ଠରେ ପରମାତ୍ମା ନାହାଁନ୍ତି । ଅନ୍ୟାୟ ଓ ଅତ୍ୟାଚାର ସହ୍ୟ କରି ମୋ ଅବସ୍ଥା ପାଗଳଙ୍କ ଭଳି ହୋଇଗଲା ।

ପୁଣି ଦିନେ ଏହି ଦୁଃଖୀ ଆତ୍ମା ସେହି ପରମାତ୍ମାଙ୍କ ଦରବାରରେ ପହଞ୍ଚିଗଲା ଯେଉଁ ପ୍ରଭୁ ଦୁଃଖ ନିବାରଣ କରିପାରନ୍ତି । ମୋ ପଡୋଶୀ ଘରେ ପାଠପ୍ରକାଶ ହେଲା । ମୋ ପଡୋଶୀ ପ୍ରସାଦ ଗ୍ରହଣ କରିବା ପାଇଁ ମୋ ଘରକୁ ଡାକିବାକୁ ଆସିଲେ । ତାଙ୍କ ଘରକୁ ଯିବାପରେ ତାଙ୍କ ସହିତ ବାର୍ତ୍ତାଳାପ ହେଲା । ପାଠପ୍ରକାଶ ବିଷୟରେ ସେ କହିଲେ ଯେ ଏହି ପାଠ ପରମାତ୍ମାଙ୍କ ସତ୍ୟବାଣୀର ପାଠ ଅଟେ ଯାହା ଦ୍ୱାରା ଦୁଃଖ ନିବାରଣ ହୋଇଥାଏ । ପରନ୍ତୁ ଏହି ପାଠ କେବଳ ସନ୍ଥ ରାମପାଲଜୀଙ୍କ ଆଜ୍ଞା ଅନୁସାରେ କରିବା ଦ୍ୱାରା ଲାଭ ମିଳିଥାଏ । ଅନ୍ୟ କାହା ଦ୍ୱାରା ପାଠ କରାଇଲେ କୌଣସି ଲାଭ ହୋଇ ନ ଥାଏ । ଯେପରି ରାଜା ପରିକ୍ଷୀତଙ୍କୁ ଭାଗବତ କଥା ଶୁଣାଇବା ପାଇଁ କୌଣସି ଋଷି ଭାଗବତ ପାଠ କରିବା ପାଇଁ ସାହସ କରି ନ ଥିଲେ । କାରଣ ସେମାନେ ଅନଧିକାରୀ ଥିଲେ ତଥା ସପ୍ତମ ଦିନରେ ପରିଣାମ ଆସିବାର ଥିଲା । ଏଥିପାଇଁ ସ୍ୱର୍ଗରୁ ଋଷି ଶୁକଦେବ ଆସିଲେ, ସେ ରାଜା ପରିକ୍ଷୀତଙ୍କୁ ନାମଦୀକ୍ଷା ଦେଇ (ଶିଷ୍ୟ କରି) ସାତଦିନ ପର୍ଯ୍ୟନ୍ତ କଥା (ପାଠ) କରିବା ପରେ ରାଜା ପରିକ୍ଷୀତଙ୍କୁ କିଛି ମାତ୍ରାରେ ଶାନ୍ତି ମିଳିଲା । ବର୍ତ୍ତମାନ ସମୟରେ କେହି ମଧ୍ୟ ବାସ୍ତବିକ ଜ୍ଞାନ ଓ ସତ୍ୟ ସାଧନା ସହିତ ପରିଚିତ ନୁହଁନ୍ତି । ଏଥିପାଇଁ ଯେକୌଣସି ବ୍ୟକ୍ତି ପାଠ କରୁଛନ୍ତି ଯାହାଦ୍ୱାରା ସାଧକକୁ କୌଣସି ଲାଭ ହେଉନାହିଁ । ଯେଉଁ ଭଉଣୀଙ୍କ ସହିତ ମୋର ଚର୍ଚ୍ଚା ହେଲା ସେ ସନ୍ଥ ରାମପାଲଜୀ ମହାରାଜଙ୍କ ସତସଙ୍ଗ ନିୟମିତ ଶୁଣୁଥିଲେ । ସେ ଅଶିକ୍ଷିତ ହୋଇଥିଲେ ମଧ୍ୟ ଶାସ୍ତ୍ରରେ ଥିବା ଗୁଢ ରହସ୍ୟଗୁଡିକୁ ସନ୍ଥଜୀଙ୍କଠାରୁ ଶୁଣିଥିବା କାରଣରୁ ମୋତେ ଶୁଣାଇଲେ । ମୁଁ ପ୍ରଧାନ ଆଚାର୍ଯ୍ୟା (ପ୍ରିନ୍ସିପାଲ୍) ହୋଇଥିଲେ ମଧ୍ୟ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ଏପରି ଲାଗିଲା ଯେପରି ପରମାତ୍ମା ମୋତେ ତାଙ୍କ ଆଡକୁ ଆକର୍ଷିତ କରୁଛନ୍ତି । ଭଉଣୀ କହିଲେ ଆମ୍ଭ ଗୁରୁଜୀ ଦୁଃଖ ନିବାରଣ କରନ୍ତି । ମୁଁ ନିଜ ମତବ୍ୟକ୍ତ କରି ମୋ ତରଫରୁ କହିଲି ଯେ ଆପଣ ମୋତେ ଆପଣଙ୍କ ଗୁରୁଜୀଙ୍କ ସହିତ ଦର୍ଶନ କରାଇ ଦେଇ ପାରିବେ କି ? ମାଲିକଙ୍କ ଦୟାରୁ ତା'ପର ଦିନ ଗୁରୁ ରାମପାଲଜୀ ମହାରାଜଙ୍କୁ ଏକ ଅତି ସାଧାରଣ ଚେୟାର ଉପରେ ବସିଥିବାର ମୁଁ ଦେଖିଲି। ମୁଁ ପୁର୍ବରୁ ଜାଣି ନଥିଲି ଯେ ସନ୍ଥମାନେ ଦେଖିବାକୁ କିପରି, ତାଙ୍କ ମହିମା କ'ଣ । ଯିଏ ଯେତେ ଉଚ୍ଚ ହୋଇଥାନ୍ତି ସେମାନେ ସେତେ ସାଧାରଣ ଦେଖାଯାନ୍ତି । ଧରାପୃଷ୍ଠରୁ ଅନେକ ତଳେ ଆମ୍ଭମାନଙ୍କର ସ୍ଥାନ ଅଟେ । ଆମେ ପରମାତ୍ମାଙ୍କ ମହିମାକୁ କ'ଣ ବୁଝି ପାରିବା । ମୋ ଗୁରୁଜୀ ମୋ ବ୍ୟଥା ଶୁଣି କହିଲେ ଯେ ଆପଣ ନାମ ଉପଦେଶ ନିଅନ୍ତୁ ସବୁ ଠିକ୍ ହୋଇଯିବ । ତହିଁ ପରଦିନ ମୋତେ ନାମ ଉପଦେଶ ଦେଲେ । ଏକମାସ ଭିତରେ ଝିଅର ବିଭାଘର ପ୍ରସ୍ତାବ ଆସିଲା ଏବଂ ବାହାଘର ମଧ୍ୟ ହୋଇଗଲା। ମୋତେ ଏପରି ଲାଗିଲା ଯେପରି କିଛି ଅଦ୍ଭୁତ ଚମତ୍କାର ଘଟିଗଲା। ମୋ ପତି ଯାହାଙ୍କର ବିବାହ ପ୍ରସ୍ତାବରେ କୌଣସି ଆଗ୍ରହ ନ ଥିଲା ସେ ଆଜି ନିଜ ହାତରେ ଆଜି ବିଭାଘର କରୁଛନ୍ତି । ପୁଣି କିଛି ସମୟ ଉପରାନ୍ତ ମୋ ବଡଝିଅ ପେଟରେ ଟ୍ୟୁମର ହୋଇଗଲା । ପେଟରେ ପିଲା ନ ଥିଲା ତଥାପି ଚିନ୍ତା ବଢିଗଲା । ନିଜ ପୁଅକୁ ମୁଁ କହିଲି ଯେ ଫିଲ୍ମରେ ଆମ୍ଭେ ଦେଖି ଅଛେ ଯେପରି କୌଣସି ବ୍ୟକ୍ତିର ଅପରେସନ ଚାଲୁଥିବା ସମୟରେ ଅନ୍ୟପଟେ ପରାମାତ୍ମାଙ୍କୁ ପ୍ରାର୍ଥନା କରାଯାଉଥାଏ ଏବଂ ସେହି ଅପରେସନ ସଫଳ ହୋଇଯାଏ । ସେ ମୋ କଥାରେ ସହମତ ହୋଇଗଲା ଏବଂ ମୁଁ ସଦଗୁରୁଙ୍କ ସତସଙ୍ଗ ସେବା ପାଇଁ ତାଜପୁର(ଦିଲ୍ଲୀ) ଚାଲିଗଲି । ସେଠାରୁ ଝିଅ ପାଖକୁ ହସପିଟାଲକୁ ଗଲି। ଅପରେସନ ସଫଳ ହେଲା । କ୍ୟାନସର ହୋଇଥିବାର ଯେଉଁ ସନ୍ଦେହ ଆମ୍ଭର ଥିଲା ତାହା ମଧ୍ୟ ଦୁର ହୋଇଗଲା । ତା'ପରେ ଝିଅ ପୁନର୍ବାର ଗର୍ଭବତୀ ହେଲା । ଇତି ମଧ୍ୟରେ ଜ୍ୱାଇଁଙ୍କ ସହିତ ଦୁର୍ଘଟଣା ଘଟିଥିବାର ଖବର ମିଳିଲା । ମୋତେ ମୋ ପୂଜ୍ୟ ଗୁରୁଦେବଜୀଙ୍କ ବ୍ୟତୀତ ଅନ୍ୟ କିଛି ନଜର ଆସୁ ନ ଥିଲା । ପ୍ରଭୁଙ୍କର ଯେତେ ମହିମା ଗାଇବା ସେତେ କମ । ଏହି ମୁଖରେ ମୁଁ ନିଜ ଗୁରୁଜୀଙ୍କ ମହିମା ଯେତେ ଲୋକମାନଙ୍କୁ ଶୁଣାଇଲେ ବି ତାହା କମ । ଦେଢମାସ ଭିତରେ ଜ୍ୱାଇଁ ଠିକ୍ ହୋଇ ଘରକୁ ଆସିଲେ । ଏ ଦୁନିଆ କ'ଣ ବୁଝିବ ମୋ ଗୁହାରି ପରମ୍ତାମା କିପରି ଶୁଣନ୍ତି ।

ଯେଉଁଦିନ ମୁଁ ନାମ ଉପଦେଶ ନେଲି ସେହିଦିନ ନକଲି ସନ୍ଥମାନଙ୍କର ଫଟୋ ନିଜ ଘରୁ ବାହାର

କରି ସ୍ୱାହା କରିଦେଲି । ସେହି ଦିନ ମୋ ଜୀବନ ରୂପକ ରେଳଗାଡ଼ି ଧାରଣା ଉପରେ ଚଢ଼ିଲା । ୨୩ ସେପ୍ଟେମ୍ବର ୨୦୦୩ ରେ ଉଜାଗର ଥିବା ଅବସ୍ଥାରେ ଭୋର ୪-୫ ଟା ସମୟରେ ମୁଁ ଏକ ଭୟଙ୍କର ଦୃଶ୍ୟ ଦେଖିଲି । ସେହି ବ୍ୟକ୍ତିର ରୂପ ଏତେ ଭୟଙ୍କର ଥିଲା ଯେ ଯଦି ମୁଁ ନାମ ନେଇ ନ ଥାନ୍ତି ତେବେ ମୋ ଛାତି ସେହି କ୍ଷଣୀ ଫାଟି ଯାଇଥାନ୍ତା । ପରନ୍ତୁ ମୋତେ ସେ ସମୟରେ ଭୟ ଲାଗିନଥିଲା କିନ୍ତୁ ଅନୁଭବ ହୋଇ ଯାଇଥିଲା ଯେ ଇଏ ଯମଦୂତ ଅଟେ । ତା' ପରଦିନ ଏହିକଥା ନିଜ ଗୁରୁଜୀଙ୍କୁ ମୁଁ କହିଲି । ସେ ସ୍ପଷ୍ଟ କରିଦେଇ କହିଲେ ଯେ ସେଦିନ ମୋ ଆୟୁଷ ପୂର୍ଣ୍ଣ ହୋଇ ଯାଇଥିଲା । ଏବେ ମୋ ପରମାତ୍ମା ସ୍ୱରୂପ ଗୁରୁଜୀଙ୍କ ଦୟାରୁ ମୁଁ ବଞ୍ଚିଛି । ତାଙ୍କ କୃପାରୁ ସାନଝିଅର ବିବାହ ଏକ ଇଞ୍ଜିନିୟର ସହିତ ଗତବର୍ଷ ହୋଇଯାଇଛି । ଦୁଇ-ତିନିଥର ମୋ ଚାକିରୀ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି । କିନ୍ତୁ ମୋ ପରମାତ୍ମା ମୋତେ ସହାୟ ହେଲେ, ମୋର ଦୁଇଟି ପଦୋନ୍ନତି ହେଲା । ସନ୍ଥ ରାମପାଲଜୀ ମହାରାଜ କୁହନ୍ତି, ରାଜା ମଧ୍ୟ ପ୍ରଭୁଙ୍କର ସନ୍ତାନ । ପ୍ରଭୁଙ୍କ ଶକ୍ତି ରାଜାକୁ ପ୍ରଭାବିତ କରିଥାଏ । ପରମେଶ୍ୱର ନିଜ ସାଧକର ହିତ ପାଇଁ ରାଜା ମନରେ ପ୍ରେରଣା ସୃଷ୍ଟି କରି ପରିସ୍ଥିତିକୁ ବଦଳାଇ ଦିଅନ୍ତି । କାର୍ଯ୍ୟ ସମ୍ପାଦନ ରାଜା କରୁଥିବା ଭଳି ଜଣା ପଡିଥାଏ କିନ୍ତୁ କରିଥାନ୍ତି ପରମାତ୍ମା । କେହି ମୋ ଗୁରୁ ରାମପାଲଜୀ ମହାରାଜଙ୍କ ଚରଣରେ ଥରେ ଆଶ୍ରିତ ହୋଇ ଦେଖନ୍ତୁ, ସେହି ବ୍ୟକ୍ତିର କଷ୍ଟ ଅବଶ୍ୟ ନିବାରଣ ହୋଇଯିବ ଯେପରି ମୋର ହୋଇଛି । ପରମାତ୍ମା ବାସ୍ତବରେ ଅସହାୟମାନଙ୍କୁ ସହାୟ ହୁଅନ୍ତି । ଆତ୍ମାର ଡାକ ଶୁଣିଥାନ୍ତି । ମୋ ସହିତ ବିଗତ କିଛିବର୍ଷ ଭିତରେ ଯାହାସବୁ ଘଟିଯାଇଛି ତାହା କେବଳ ପରମାତ୍ମା ଦ୍ୱାରା ସମ୍ଭବ ହୋଇପାରିଛି । ମୋ ଗୁରୁଜୀଙ୍କ ମହିମା ବର୍ଣ୍ଣନା କରିବା ପାଇଁ ମୋ ପାଖରେ ପର୍ଯ୍ୟାପ୍ତ ଶବ୍ଦ ନାହିଁ । ସେ ସ୍ୱୟଂ କବୀର ସାହେବଙ୍କର ଅବତାର ଅଟନ୍ତି । ପରମାତ୍ମାଙ୍କ ସାନିଧ ଯେଉଁମାନେ ଚାହୁଁଛନ୍ତି ସେମାନେ କରୌନ୍ଥା ଆସିବାକୁ ଭୁଲନ୍ତୁ ନାହିଁ । ମୋ ଭଳି ଅଜ୍ଞାନୀ ଜୀବକୁ ଆପଣ ଯେପରି ଉଦ୍ଧାର କଲେ? ଆପଣଙ୍କ ନିକଟରେ ମୁଁ କୃତଜ୍ଞ । କେଉଁ ଶବ୍ଦରେ ଆପଣଙ୍କ ମହିମା ଗାନ କରିବି? ପାଠକବୃନ୍ଦ ସେହି ଶବ୍ଦଗୁଡ଼ିକୁ ନିଜ ହୃଦୟରେ ଧାରଣ କରି ଲାଭ ଉଠାନ୍ତୁ । ସତ୍ ସାହେବ । ବହୁତ ତୁଚ୍ଛ ପ୍ରାଣୀ ।

ଭକ୍ତମତୀ ଶଶୀ, ମୋ : ୭୮୨୭୭୪୧୨୪୮

## "ପୂର୍ଣ୍ଣ ପରମାତ୍ମା ତିନିତାପକୁ ସମାପ୍ତ କରିଦିଅନ୍ତି"

ଭକ୍ତ ରାମକୁମାର ଢାକା (Ex-Head Master. M.A. B.Ed.) ଙ୍କ ପ୍ରମାଣ

ମୁଁ ଭକ୍ତ ରାମକୁମାର ଢାକା ରିଟାୟର୍ଡ ହେଡ ମାଷ୍ଟର ଦିଲ୍ଲୀ. (M.A. B.Ed.), ଗ୍ରାମ- ସୁଁଡାନା, ଜିଲ୍ଲା- ରୋହତକ, ବର୍ତ୍ତମାନର ଠିକଣା- ଆଜାଦ୍ ନଗର, ରୋହତକ (ମୋ. ନଂ-୯୮୧୩୮୪୪୭୪୭) ରେ ରହୁଛି । ସନ ୧୯୯୬ ରୁ ମୋ ପତ୍ନୀ ଓ ଦୁଇପୁଅ ଏକ ଭୟଙ୍କର ରୋଗରେ ପୀଡିତ ଥିଲେ । ଏହି ରୋଗ କାରଣରୁ ଆମ୍ଭେ ଏତେ କଷ୍ଟ ପାଇଥିଲୁ ଯେ ଦୁଇପୁତ୍ର କହିବାକୁ ଲାଗିଲେ, ଆଉ ଚାକିରୀ କରିହେବ ନାହିଁ କାରଣ ଏହି ରୋଗ ପ୍ରକୋପରେ କଣ୍ଠରୁଦ୍ଧ ହେବା ସହିତ ନିଶ୍ୱାସ ବନ୍ଦ ହୋଇ ଯାଉଥିଲା । ଏପରି ଅବସ୍ଥାରେ ଡାକ୍ତର ନିଶା ଇଞ୍ଜେକ୍ସନ ଦେଉଥିଲେ । ପରନ୍ତୁ ରାତିରେ ଡ୍ୟୁଟି ସମୟରେ କେଉଁଠିକୁ ଯିବା, କ'ଣ କରିବା, ଏହିପରି ଚିନ୍ତିତ ଅବସ୍ଥାରେ ଆମ୍ଭେ ସମୟ ଅତିବାହିତ କରୁଥିଲୁ । ଉପରସ୍ଥ ଅଫିସର ପଚାରିବାରୁ ମୁଁ ତାଙ୍କୁ ସମସ୍ତ ସମସ୍ୟା ବିଷୟରେ ଜଣାଇଲି । ସେ ଚିକିତ୍ସା ଜାରି ରଖିବା ପାଇଁ କହିଲେ । ଆମ୍ଭେ ଘରେ ରହିବା ସମୟରେ ରାତିରେ ଡାକ୍ତରଙ୍କୁ ଦୁଇ-ଦୁଇଥର ଆସିବାକୁ ପଡୁଥିଲା । କାରଣ ଘରର କେହି ନା କେହି ସଦସ୍ୟ କେତେବେଳେ ବି ଅସୁସ୍ଥ ହୋଇ ପଡୁଥିଲେ । ଯଦି ଆପଣଙ୍କର ସନ୍ଦେହ ହେଉଛି ତେବେ ଡବଲ ଗେଟ ପାଖରେ ଡାକ୍ତର ସତ୍‌ଦେବାଙ୍କ ଦୋକାନ ଅଛି, ତାଙ୍କୁ ପଚାରି ବୁଝନ୍ତୁ ଯେ ମାଷ୍ଟରଜୀଙ୍କ ଘର ପରିସ୍ଥିତି କ'ଣ ଥିଲା ?

ଯିଏ ଯେଉଁଆଡ଼େ ଯିବାକୁ କହିଲା ମୁଁ ସେଠାକୁ ଗଲି - ଉତ୍ତରପ୍ରଦେଶର ଶାମଲୀ ନିକଟରେ ଥିବା କରାନା, ଉତ୍ତର ପ୍ରଦେଶର ଖେଖଡା, ରାଜସ୍ଥାନର ବାଲାଜୀକୁ ଅନେକ ଥର ଯାଇଥିଲି । ଖାଟୁଶ୍ୟାମଜୀ ଓ ତନ୍ତ୍ର-ମନ୍ତ୍ର ପାଇଁ ତାନ୍ତ୍ରିକଙ୍କ ପାଖକୁ ଯାଇଥିଲି, ଏପରିକି ହରିୟାଣାର ସମସ୍ତ ସ୍ଥାନକୁ ଗଲି ପରନ୍ତୁ କୌଣସି ଲାଭ ମିଳିଲା ନାହିଁ । କରେଲା ନିକଟସ୍ଥ ଖେଡା କଞ୍ଜନୀ, ବୋହତାବାଲା, ଗୋହାନ୍ତା ନିକଟସ୍ଥ ନଗର,

ସମଚାନା, ସିକନ୍ଦରପୁର, ଖିଡ୍‌ବାଲୀ ଆଦି ଅନେକ ସ୍ଥାନକୁ ଯାଇ ପ୍ରାୟ ତିନିଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା ମାତ୍ର କୌଣସି ଲାଭ ମିଳିଲା ନାହିଁ ।

ମୁଁ ଥକି ସାରିଥିଲି, ମୋ ପରିବାର ବରବାଦ ହୋଇଗଲା । ମୋ ପତ୍ନୀ କହିଲେ, ମୋ ଜୀବନ ସମାପ୍ତ ହେବାକୁ ଯାଉଛି । ଭକ୍ତ ସୁବାଷ, ପିତା ମହେନ୍ଦ୍ର (ପୋଲିସ୍) ଯେଉଁ ସନ୍ଥ ରାମପାଲଙ୍କ ମହିମା ଶୁଣାଉଛନ୍ତି, ମୋତେ ସେହି ସନ୍ଥଙ୍କଠାରୁ ନାମଦୀକ୍ଷା ଦିଅ । ପ୍ରଥମେ ମୁଁ ଏଭଳି କଥାକୁ ବିଶ୍ୱାସ କରୁନଥିଲି ଏବଂ ଗୁରୁ ଗ୍ରହଣ କରିବା ବହୁତ ହେୟ ମଣୁଥିଲି । କହୁଥିଲି, ମୁଁ ହେଉଛି ତୁମ ଗୁରୁ, ମୁଁ ହେଉଛି M.A.B.ed, ମୋଠାରୁ ଆଉ ବଡ ଗୁରୁ କିଏ ଅଛି । କିନ୍ତୁ ପରିସ୍ଥିତି ମୋତେ ଏଭଳି ବିବଶଃ କରିଦେଇଥିଲା ଯେ ମୋ ପତ୍ନୀଙ୍କୁ ନାମଦୀକ୍ଷା ନେବା ପାଇଁ ମୁଁ ବାଧ ହୋଇ ସ୍ୱୀକୃତି ଦେଲି । କାରଣ ତାଙ୍କ ଆୟୁଷ ଶେଷ ହେବାକୁ ଯାଉଥିଲା, ସେ ୮୦ କେଜି ଓଜନରୁ ୫୦ କେଜି ହୋଇ ସାରିଥିଲେ । ଚଲାବୁଲା ତ ଦୂରର କଥା ସେ ବସିଉଠି ମଧ୍ୟ ପାରୁ ନଥିଲେ । ତେଣୁ ମୁଁ କହିଲି, ମରିବ ତ ନିଶ୍ଚୟ, ମନରେ ଏହା ଭାବି ନାମଦୀକ୍ଷା ନେଇ ଦେଖ । ଏବେ ମୁଁ ତୁମକୁ ଅଟକାଇବି ନାହିଁ, ଠିକ୍ ଅଛି ନାମଦୀକ୍ଷା ନିଅ । କାରଣ ସନ୍ଥ ରାମପାଲଜୀଙ୍କଠାରୁ ନାମଦୀକ୍ଷା ନେବା ପାଇଁ ମୋ ଭଣଜା ସୁବାଷ ମାସରେ ଦୁଇ ତିନିଥର ଆସୁଥିଲା । ସେ କହୁଥିଲା, ମାଇଁ ନାମଦୀକ୍ଷା ନିଅ ନଚେତ୍ ମରିବ । ମୁଁ କହିଲି, ଏମିତି କୌଣସି ଗୋଟିଏ ବି ଡାକ୍ତରଖାନା ନାହିଁ ଯେଉଁଠିକୁ ଆମ୍ଭେ ଯାଇ ନାହୁଁ ଏବଂ ବାଲାଜୀ ଆଦି ସମସ୍ତ ତାନ୍ତ୍ରିକଙ୍କ ପାଖରୁ ନିରାଶ ହୋଇ ଫେରିଛୁ, ତୁମ ସନ୍ଥ ଏମିତି କ'ଣ କରି ପାରିବେ ?

ତେଣୁ କୌଣସି ଉପାୟ ନ ପାଇ ବିରକ୍ତ ହୋଇ ନାମଦୀକ୍ଷା ନେବା ପାଇଁ ସେମାନଙ୍କୁ ପଠାଇଲି । କାରଣ ମୋ ପରିବାର ଆଶ୍ରମକୁ ଯାଉ, ମୁଁ ନିଜେ ମଧ୍ୟ ଏହାର ଘୋର ବିରୋଧି ଥିଲି । ସେ ୧୬ ଜାନୁଆରୀ ୨୦୦୩ ରେ ନାମଦୀକ୍ଷା ନେଲେ ଓ (ଗହରୀ ନଜର ଗୀତା ମେଁ) ନାମକ ପୁସ୍ତକ ସାଙ୍ଗରେ ଆଣି ଆସିଲେ । ଦୀପରେ ତେଲ ଢାଳିଲେ ଯେପରି ଆଲୋକିତ ହୋଇଯାଏ ସେହିପରି ପ୍ରତ୍ୟେକ ମାସରେ ତାଙ୍କର ତିନି କି.ଗ୍ରା. ଓଜନ ବଢ଼ିବାକୁ ଲାଗିଲା ।

ବଡ଼ ପୁଅ ନାମଦୀକ୍ଷା ନେଇ ନ ଥିଲା, କିନ୍ତୁ ତା ମାଆ ନାମଦୀକ୍ଷା ନେବା ଦ୍ୱାରା ତାକୁ ମଧ୍ୟ ଭଲ ନିଦ ହେବାକୁ ଲାଗିଲା । ତା'ପରେ ସେ ନିଜ ପତ୍ନୀକୁ ମଧ୍ୟ ନାମ ଉପଦେଶ ଦିଆଇଲା । ମୁଁ ମଧ୍ୟ "ଗହରୀ ନଜର ଗୀତା ମେଁ" ପୁସ୍ତକ ପଢିଲି । ଗଭୀରତାର ସହିତ ପଢିବାରୁ ଜାଣିବାକୁ ପାଇଲି ଯେ ଏଭଳି ଜ୍ଞାନ ଯାହା ପୂର୍ବରୁ କେବେ ମୁଁ ପଢ଼ିଥିଲି ନା ଶୁଣିଥିଲି ଏବଂ ଏପ୍ରିଲ ୨୦୦୩ ରେ ମୁଁ ମଧ୍ୟ ନାମଦୀକ୍ଷା ନେଲି । ଆଜି ମୋ ଘରର ଛୋଟ ବଡ଼ ସମସ୍ତ ସଦସ୍ୟ ନାମଦୀକ୍ଷା ନେଇ ସାରିଛନ୍ତି ।

ଯେତେବେଳେ ସେହି ବେମାର ହେଉଥିଲା ସେତେବେଳେ ସାରା ଘର କମ୍ପି ଉଠୁଥିଲା, ଲଢ଼ାଇ-ଝଗଡ଼ା, ଚାକିରୀରେ ବିବାଦ, ଘରକୁ ଡାକ୍ତରଙ୍କ ଯିବା ଆସିବା ବା ମେଡ଼ିକାଲକୁ ଏମରଜେନ୍‌ସିରେ ଯିବା ଏସବୁ ଲାଗି ରହୁଥିଲା । ଆଜି ଆମ ଘର ସ୍ୱର୍ଗ ସମାନ ଏବଂ ସତ୍ୟଲୋକ ଯିବାର ପ୍ରବଳ ଇଚ୍ଛା ମନରେ ଅଛି ।

ଏକମାସ ପୂର୍ବରୁ ସ୍ୱପ୍ନରେ ପରମେଶ୍ୱର କବୀର ସାହେବଜୀ ଆସିଥିଲେ । ଗୁଡ୍‌ଗାଓଁ ସେକ୍ଟର ୫୭ ରେ ପ୍ଲଟ୍ ବୁକିଙ୍ଗ କରି ଚାଲିଗଲେ, ଯେତେବେଳେ ଡ୍ର ବାହାରିଲା ସେତେବେଳେ ସେହି ପ୍ଲଟ୍ ନମ୍ବର ମିଳିଲା ଯେଉଁ ପ୍ଲଟ୍ ବିଷୟରେ କବୀର ପରମେଶ୍ୱର ସ୍ୱପ୍ନରେ କହିଥିଲେ, ସକାଳେ ସମାଚାର ପତ୍ର ପଢ଼ିବା ପରେ ଜାଣି ପାରିଲି ଯେ ସେହି ପ୍ଲଟ୍ ନଂ ଆମ୍ଭକୁ ହିଁ ଆବଣ୍ଟନ କରାଯାଇଥିଲା ।

ଆମ୍ଭେ ଯେପରି ଭାବେ ରୋଗଗ୍ରସ୍ତ ଥିଲୁ ସେଭଳି କଷ୍ଟ କେହି ବି ଭୋଗି ନ ଥିବେ । ଏବେ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ଉପଦେଶ ପ୍ରାପ୍ତ କରିବା ପରେ ଖୁବ୍ ସ୍ୱଳ୍ପ ସମୟ ଭିତରେ ଆମ୍ଭେ ବହୁତ ସୁଖି ହୋଇଯାଇଛୁ ।

ମୋ ଘର ଭିତରେ ଜିନ୍ଦ (ଭୂତ) ପ୍ରକଟ ହେଲା, ସେ କହିଲା, ମୁଁ ଆପଣଙ୍କ ଆଶ୍ରମକୁ ଯାଇ ସବୁକିଛି ଦେଖିକରି ଆସେ ପରନ୍ତୁ ମୁଁ କାଚଘର ଭିତରକୁ ଯାଇପାରେ ନାହିଁ ଯେଉଁଠି ସନ୍ଥଜୀ ବସି ସତସଙ୍ଗ କରନ୍ତି କାରଣ ମୋତେ ସବୁ ବିଷୟ ଜଣାଅଛି । ଯଦି ତା ଭିତରକୁ ଯିବି ତେବେ ମୋତେ ମାଡ଼ ମିଳିବ ।

ସେଥିପାଇଁ ବାହାରୁ ଫେରିଆସେ ଏବଂ ତୁମ୍ଭେ ଯେତେବେଳେ ତାନ୍ତ୍ରିକ ଓ ବାଲା ଜୀ ଯାଉଛ, ସେଠାରେ ମୁଁ ଭିତରକୁ ନ ଯାଇ ବାହାରେ ରହିଯାଏ, ମୋତେ କେହି ବାନ୍ଧି ପାରିବେ ନାହିଁ । ମୋ ସାଥିମାନେ ଭୟାଳୁ ଥିଲେ ତେଣୁ ସେମାନେ ପଳାୟନ କଲେ । ମୁଁ ଯିବି ନାହିଁ, ମୋତେ ଶିକ୍ଷା ଦେଇ ଛଡାଯାଇଛି । ତୋ ଘର ଓ ତୋ ଝିଅ ଘରକୁ ମୋତେ ସମ୍ପୂର୍ଣ୍ଣ ବରବାଦ୍ କରିବାର ଅଛି । ମୋତେ ଏହିଭଳି ପାଠ ପଢ଼ାଇ ଛଡ଼ାଯାଇଛି । ଜଣକ ପରେ ଜଣେ ସମସ୍ତଙ୍କର ବିନାଶର ନମ୍ବର ଆସିବ । ଯାହା ପାଖକୁ ଯିବାର ଅଛି ଯାଅ ।

କିଛିଦିନ ପରେ ସେହି ପ୍ରେତ ପୁଣି ଘରେ ପ୍ରକଟ ହେଲା ଏବଂ ଜୋର୍ ଜୋର୍‌ରେ ପାଟିକରି କହିବାକୁ ଲାଗିଲା ଯେ କେଉଁଠି ଅଛି ତୋ ଗୁରୁ ରାମପାଲ ? କେଉଁଠି ଅଛି ତୋ ପ୍ରଭୁ କବିର୍ଦେବ (କବୀର ପରମେଶ୍ୱର) ? ସେ ପ୍ରକଟ ହେବା ସମୟରେ ମନୁଷ୍ୟ ଭଳି କଥାବାର୍ତ୍ତା କରୁଥିଲା । ସେ ସମୟରେ ମୋ ପତ୍ନୀ ଆମ୍ଭ ଘରର ପୂଜାସ୍ଥଳକୁ ଯାଇ ଦଣ୍ଡବତ ପ୍ରଣାମ କଲେ । ତା'ପରେ ପ୍ରେତକୁ ମାଡ଼ ଆରମ୍ଭ ହୋଇଗଲା । ପ୍ରେତ କହିବାକୁ ଲାଗିଲା, ମାଡ଼ କ'ଣ ପାଇଁ ଦେଉଛ, ଏହି କାନ୍ଥ ଭାଙ୍ଗିଦେବି । ତା ଉପରେ ଉତ୍ତମ ମଧ୍ୟମ ମାଡ ହେଲା । ପ୍ରେତ କହିଲା ! ହାୟ ଏଗୁଡାକ କାନ୍ଥ ନୁହେଁ ଲୁହାର ଜାଲ, ଏଗୁଡାକ ଲୁହାଛଡ ଭଳି, ପ୍ରଭୁ ରାମପାଲଜୀ କେଉଁଠି ଥିଲେ ହଠାତ୍ ଆସିଗଲେ, ଇଏ ତ ସତସଙ୍ଗ କରିବାକୁ ବରୱାଲା ଯାଇଥିଲେ (ସେଦିନ ସନ୍ଥ ରାମପାଲଜୀ ମହାରାଜ ବରୱାଲା, ଜିଲ୍ଲା: ହିସାରକୁ ସତସଙ୍ଗ କରିବାକୁ ଯାଇଥିଲେ) ମୁଁ ଭାବିଲି ପ୍ରଭୁ ଆଜି ଏଠାରେ ନାହାଁନ୍ତି, ସେଥିପାଇଁ ଆସିଥିଲି ।

ପ୍ରେତ କହିଲା, ମୁଁ ତୁମ ଅବସ୍ଥା ସାଂଘାତିକ କରିବାକୁ ଏଠାକୁ ଆସିଥିଲି ପରନ୍ତୁ ମୋ ଅବସ୍ଥା ଶୋଚନୀୟ ହୋଇଗଲା । ମୋତେ ନର୍କରେ ପକାଇ ଦେବେ, ମୁଁ ଚାଲିଯିବି, ମୋତେ ମୁକ୍ତ କରିଦିଅ । କରୋନ୍ଥା ଆଶ୍ରମରେ ସନ୍ଥ ରାମପାଲଜୀ ବସିଛନ୍ତି । ତାଙ୍କୁ ମଣିଷ ବୋଲି ଭାବିବ ନାହିଁ, ସେ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତାଙ୍କୁ କଦାପି ଛାଡିବ ନାହିଁ ନଚେତ୍ ଦୋଷୀ ହୋଇଯିବ । ଖେଡା କଟନିର ସେହି ପଣ୍ଡିତ ମଧ୍ୟ ଏହିଭଳି କାର୍ଯ୍ୟ କରୁଥିଲା ।

ଯେବେ ମୁଁ ଖେଡ଼ା କଟନୀ ଗଲି ସେଠାରେ ସେହି ପଣ୍ଡିତ ମୋତେ କହିଲା, ଜଣକ ପରେ ଜଣେ ଆପଣଙ୍କ ପରିବାରର ସମସ୍ତ ଲୋକ ସମାପ୍ତ ହୋଇଯିବେ । ମୁଁ ତାଙ୍କ କଥାକୁ କର୍ଣ୍ଣପାତ କଲି ନାହିଁ । ଭାଇ ଝିଅର ବାହାଘର ଶାହାପୁରରେ ହୋଇଥିଲା ତଥା ସେହି ପଣ୍ଡିତ ମଧ୍ୟ ଶାହପୁର ଗ୍ରାମର ଥିଲା । ପଣ୍ଡିତଜୀ ଆମ ଚୌଧୁରୀକୁ କହିଲେ ଯେ ରୋହତକର ଚୌଧୁରୀ ରାମକୁମାରଙ୍କ ପରିବାରକୁ ବହୁତ ଭୟାନକ ରୋଗ ଗ୍ରାସ କରିଛି ଏବଂ ସାରା ପରିବାର ନଷ୍ଟ ହୋଇଯିବ । ସେମାନଙ୍କୁ ଡକାଅ । ସେତେବେଳେ ଆମ୍ଭ ଚୌଧୁରୀ ସାହେବ, ଜ୍ୱାଇଁକୁ ମୋ ପାଖକୁ ପଠାଇଲେ । ଆମ୍ଭ ଜ୍ୱାଇଁ ଜିଲେ ସିଂହ ରୋହତକ ଆସି ଆମ୍ଭକୁ ସାଥିରେ ନେଇଗଲେ । ଡାକିବା ତ ସହଜ ଥିଲା କିନ୍ତୁ ଚିକିତ୍ସା କରାଇବା ବହୁତ କଠିନ ହେଉଥିଲା, ସେ କିଛି କରି ପାରୁନଥିଲେ । ମଙ୍ଗଳବାର ଓ ଶନିବାର ରାତ୍ରି ସମୟରେ ପାଞ୍ଚ-ପାଞ୍ଚଜଣ ଚୌକି (ଅତୃପ୍ତ ଆତ୍ମା) ଆସୁଥିଲେ । ସେହି ଆତ୍ମାମାନଙ୍କୁ ନିଷ୍କ୍ରୀୟ କରି ପୁଣି ପୋଖରୀରେ ପାକାଇ ଦେଉଥିଲୁ (ଅତୃପ୍ତ ଆତ୍ମାମାନଙ୍କୁ ଦୂର କରିବା ପାଁଇ ଯେଉଁ ସାମଗ୍ରୀ ବ୍ୟବହାର କରାଯାଏ ତାକୁ ପୋଖରୀରେ ପକାଇବା) । ଏହିଭଳି କାର୍ଯ୍ୟକ୍ରମ ଚାରିବର୍ଷ ପର୍ଯ୍ୟନ୍ତ ଚାଲିଲା । କିନ୍ତୁ ଶେଷରେ ଏସବୁ କରିବା ବନ୍ଦ କରି ଦିଆଗଲା ।

ମୁଁ ବୋହତାବାଲା (ଜିନ୍ଦ) ନାମକ ଜଣେ ତାନ୍ତ୍ରିକ ପାଖକୁ ଗଲି । ସେ କହିଲା, ତୁମ ରୋଗ ମୁଁ ଭଲ କରିଦେବି । ଆପଣଙ୍କ ରୋଗ ବିଷୟରେ ମୋତେ ଜଣାଅଛି । ସେ ଆମ୍ଭକୁ ସାଙ୍ଗରେ ନେଇ ଅନେକ ଥର ବାଲାଜୀକୁ ଗଲା କିନ୍ତୁ ସେହି ଅତୃପ୍ତ ଆତ୍ମା ନା ତାନ୍ତ୍ରିକ ନିୟନ୍ତ୍ରଣକୁ ଆସିଲା ନା ତା ମନ୍ଦିରକୁ । କାରଣ ମଙ୍ଗଳ ଓ ଶନିବାର ଦିନ ଚୌକି(ଅତୃପ୍ତ ଆତ୍ମା) ଆସୁଥିବା କାରଣରୁ ତାକୁ ଏତେ ବିରକ୍ତି ଭାବ ଆସି ଯାଇଥିଲା ଯେ ସେ ମଧ୍ୟ ହାର ମାନିନେଲା । କାରଣ ଯେତେବେଳେ ଚୌକି(ଅତୃପ୍ତ ଆତ୍ମା) ଆସୁଥିଲା ସେତେବେଳେ ମୋ ପାଖକୁ ମଧ୍ୟ ଖବର ଆସି ଯାଉଥିଲା ଯେ ରାତି ୯ ଟା ରୁ ୨ ଟା ପର୍ଯ୍ୟନ୍ତ ନିଆଁ ଜଳାଇ ପାଣିଭର୍ତ୍ତୀ ଲୋଟା (ପାତ୍ର) ଓ ଲାଠି ସାଥିରେ ରଖି ଜାଗ୍ରତ ରୁହ । ଏହି କାର୍ଯ୍ୟକ୍ରମ ସନ ୧୯୯୬ ରୁ ୨୦୦୨ ପର୍ଯ୍ୟନ୍ତ ଚାଲୁରହିଲା । ବୋହତାବାଲା ପାଖକୁ ଯେତେବେଳେ ଚୌକି ଆସିଲା

ସେତେବେଳେ ସେଥିରୁ ଏକ ହାତ ଲେଖା କାଗଜ ମିଳିଥିଲା ଯେଉଁଥିରେ ବୋହତାବାଲା ତାନ୍ତ୍ରିକଙ୍କୁ ନିର୍ଦ୍ଦେଶ କରି ଲେଖାଥିଲା ଯେ ଆମ ମାର୍ଗରୁ ହଟିଯାଅ ତୁମକୁ ପଚାଷ ହଜାର ଟଙ୍କା ଦେବୁ, ନଚେତ୍ ତୁମର ମଧ୍ୟ ଅସୁବିଧା ହେବ । ସେ ଭୟରେ ମୋତେ ମନା କରିଦେଲା । ମୁଁ ଦିନରେ ଚାକିରି କରିବାକୁ ଦିଲ୍ଲୀ ଯାଏ ଏବଂ ରାତିରେ ପହରା ଦିଏ । ରାତିରେ ବେଳେ ବେଳେ ଡାକ୍ତରଙ୍କୁ ସାଙ୍ଗରେ ଡାକିବାକୁ ପଡ଼ିଥାଏ, ମୋ ଦୁର୍ଦ୍ଦଶା ବହୁତ ବଢିଗଲା। ମୁଁ ଉପରୋକ୍ତ କର୍ମ ଓ ସାରା ପରିବାରର ରୋଗ କାରଣରୁ ବହୁତ ଅଶାନ୍ତିରେ ଥିଲି। ଯାହାକୁ କହୁଥିଲୁ ସେ ଥଟ୍ଟା କରୁଥିଲା, କେହି ମଧ୍ୟ ସାହାଯ୍ୟ କଲେ ନାହିଁ । ବହୁତ ଅର୍ଥ (ପ୍ରାୟ ୩ ଲକ୍ଷ) ଖର୍ଚ୍ଚ ହୋଇଗଲା ।

ମୋ ପତ୍ନୀ ଚାନ୍ଦ୍ କୌରକୁ ଥାଏରଏଡ୍ ହୋଇଥିଲା । ଜାନୁୟାରୀ ୨୦୦୩ ରେ ଡାକ୍ତର ଓ.ପି.ଗୁପ୍ତା ଥାଏରଏଡ୍ ଚିକିତ୍ସା ପାଇଁ ଦିଲ୍ଲୀର ତିମାରପୁର ହସପିଟାଲରେ ଭର୍ତ୍ତି କରିବା ପାଇଁ ନିର୍ଦ୍ଦେଶ ଦେଲେ । ପରନ୍ତୁ ସେଠାକୁ ନ ଯାଇ ମୁଁ ମେଡ଼ିକାଲରେ ଡାକ୍ତର ଚୁଗ୍ (ଥାଇରଏଡ ବିଶେଷଜ୍ଞ) ଙ୍କ ଦ୍ୱାରା ଚିକିତ୍ସା କଲି । ସେ କହିଲେ ଜୀବନସାରା ଔଷଧ ଖାଇବାକୁ ପଡିବ । ପରନ୍ତୁ ୨୦୦୩ ରେ ନାମଦୀକ୍ଷା ନେବା ପରେ ଔଷଧ ଖାଇବା ଆବଶ୍ୟକ ପଡ଼ିଲା ନାହିଁ । ମୁଁ ଡାକ୍ତର ଚୁଗ୍‌ଙ୍କ ଦ୍ୱାରା ପରିକ୍ଷା କରାଇବା ପରେ ସେ ଆଶ୍ଚର୍ଯ୍ୟ ହୋଇଗଲେ । ଏହା କିପରି ହେଲା ବୋଲି ପଚାରିଲେ । ତାଙ୍କୁ ସମସ୍ତ କଥା କହିଲି ।

ଏବେ ମୋ ପୁତ୍ର ଓ ପତ୍ନୀର ସମସ୍ତ ରୋଗକୁ ବନ୍ଦୀ ମୁକ୍ତିଦାତା ଠିକ୍ କରି ଦେଇଛନ୍ତି । ବଡ଼ପୁଅର ନାମ ସୁରେନ୍ଦ୍ର କୁମାର ଓ ସାନପୁଅର ନାମ ମନୋଜ କୁମାର ଅଟେ । ଦୁହେଁ ହରିୟାଣା ପୁଲିସ ବିଭାଗରେ ଚାକିରି କରୁଛନ୍ତି । ଯେତେବେଳେ ସେ ଦୁହେଁ ଜିନ୍ଦ୍ ଭୁତ ଦ୍ୱାରା ଆକ୍ରାନ୍ତ ଥିଲେ ସେତେବେଳେ ସେହି ତାନ୍ତ୍ରିକ ଦୁହିଁଙ୍କ ଉପରେ ମଧ୍ୟ କେତେଥର ଆକ୍ରମଣ କରିଥିଲା । ପରନ୍ତୁ ସେମାନେ ନାମ ଉପଦେଶ ନେଇ ସାରିଥିଲେ । ସେହି କାରଣରୁ ସେମାନଙ୍କୁ ପରମାତ୍ମା କବୀର୍ ସାହେବ୍ ବଞ୍ଚାଇ ଦେଲେ ।

ତତ୍ତ୍ୱଦର୍ଶୀ ଜଗତଗୁରୁ ସନ୍ଥ ରାମ୍‌ପାଲ୍‌ଜୀ ମହାରାଜ ଆତ୍ମମାନଙ୍କ ନିମନ୍ତେ ଅବତରିତ ହୋଇଛନ୍ତି । କାରଣ ଯେଉଁ ପରିବାରର ଦୁଇ ପୁତ୍ର ଚାକିରୀଆ ଏବଂ ଦୁହିଁଙ୍କୁ ପ୍ରେତାତ୍ମା ପ୍ରଭାବିତ କରୁଥିବ, ସେହି ପରିବାରର ଅବସ୍ଥା କ'ଣ ହେବ । ଯେଉଁ ମହିଳାଙ୍କ ଦୁଇ ପୁତ୍ର ଏହିଭଳି ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିବେ ଏବଂ ନିଜକୁ ମଧ୍ୟ ପ୍ରେତାତ୍ମା ଗ୍ରାସ କରିଥିବ, ତାଙ୍କ ସମୟ କିପରି କଟୁଥିବ ? କରୋନ୍ଥା ଆଶ୍ରମ ବିଷୟରେ ଯେଉଁ ଲୋକମାନଙ୍କର ଜ୍ଞାନ ନାହିଁ ସେମାନେ ଅନ୍ଧକାର ଭିତରେ ଅଛନ୍ତି । କାରଣ ପଢ଼ିବା ପାଇଁ ପାରମାତ୍ମା ମସ୍ତିଷ୍କ ଦେଇଛନ୍ତି, ପଢ଼ନ୍ତୁ ଏବଂ ଚିନ୍ତା କରନ୍ତୁ, ବାସ୍ତବିକତା କ'ଣ ଜାଣନ୍ତୁ ।

ଆମ ପରିବାର ଉଯୁଡ଼ି ଯାଇଥିଲା । ମୋ ପିଲାମାନେ ଏବଂ ମୋ ପତ୍ନୀ ଯେତେବେଳେ ଠିକ୍ ହୋଇଗଲେ ସେତେବେଳେ ମୁଁ ନିଜକୁ ସଦଗୁରୁ ରାମପାଲଜୀ ମହାରାଜଙ୍କ ଚରଣ ତଳେ ସମର୍ପିତ କରିଦେଲି । ଏ ସଂସାରରେ ମୋର କିଛି ନାହିଁ । ତନ-ମନ-ଧନ ସବୁକିଛି ଗୁରୁଜୀଙ୍କ ଚରଣରେ ସମର୍ପିତ କରୁଛି।

ମୋ ଝିଅ ଓ ଜ୍ୱାଇଁ ମଧ୍ୟ ନାମ ନେଇଛନ୍ତି । ଆଜି ମୋ ଝିଅଘର ମଧ୍ୟ ସ୍ୱର୍ଗ ପରି ହୋଇଯାଇଛି। ମୋ ଜ୍ୱାଇଁ ମଦ୍ୟପାନ କରୁଥିଲା । ସେ ମଦ ତ୍ୟାଗ କରି ଦେଇଛି । ମୋ ଝିଅର ପ୍ରମୋସନ୍ ହେଲା ଓ ତାକୁ ଫ୍ଲାଟ, ଜମି ଆଦି ଅଳ୍ପ ଦିନରେ ପ୍ରାପ୍ତ ହୋଇଗଲା ଏବଂ ସେମାନେ ସମସ୍ତେ ମଉଜରେ ଅଛନ୍ତି ।

ସନ ୨୦୦୩ ରେ ବନ୍ଦୀ ମୁକ୍ତଦାତା ଗୁରୁ ରାମପାଲଜୀ ମହାରାଜ ଆମ୍ଭ ପାପକର୍ମ ରୂପୀ ସୁଖିଲା ଘାସଗଦାକୁ ସନାତନ ରୂପୀ ଅଗ୍ନୀରେ ଜଳାଇ ନଷ୍ଟ କରିଦେଲେ । ନା କୌଣସି ଗଣ୍ଡା (ପଇତା), ଡୋରୀ, ଭସ୍ମ, ପାଉଁଶ, ତିଳକ, ଗ୍ରହ ପଥର, ତାବିଜ ଆଦି କିଛି ଦରକାର ନାହିଁ, କେବଳ ବନ୍ଦୀଛୋଡ଼ଙ୍କ ମନ୍ତ୍ର (ନାମ ଉପଦେଶ) ବଳରେ ସମସ୍ତ ରୋଗ ନଷ୍ଟ ହୋଇଗଲା । ମୋକ୍ଷପ୍ରାପ୍ତି ପାଇଁ ଗୁରୁଜୀ ମନ୍ତ୍ର ଦେଲେ ଯାହା ସମସ୍ତ ବନ୍ଧନରୁ ମୁକ୍ତ କରାଇ ସତ୍ୟଲୋକକୁ ନେଇଯିବାର ଚାବିକାଠି ଅଟେ । କବୀରଦେବଙ୍କ କୃପାରୁ ସମସ୍ତ ରୋଗ ଆପେ ଆପେ ସମାପ୍ତ ହୋଇ ଯାଇଥାଏ । ଯଦି ଏଭଳି ନ ହେବ ତେବେ ଭକ୍ତି ଉପରୁ ଲୋକମାନଙ୍କର ବିଶ୍ୱାସ ତୁଟିଯିବ। ଏବେ ଆମ୍ଭେ ବହୁତ ସୁଖୀ ଅଛୁ । ଏବେ ଆମ୍ଭ ପରିବରର ଅନିଷ୍ଟ କଥା କେହି ଯଦି ଚିନ୍ତା କରେ ତେବେ ଆମ୍ଭର କିଛି ଅସୁବିଧା ହେବ ନାହିଁ । କାରଣ ଆମ୍ଭେ

ବନ୍ଦୀଛୋଡ଼ କବୀର ସାହେବଙ୍କ ହଂସାତ୍ମା ଅଟୁ । ତାଙ୍କ ଚରଣରେ ଆମ୍ଭେ ଆଶ୍ରିତ । ମୁଁ ମଧ୍ୟ ସ୍ୱୀକାର କରୁ ନ ଥିଲି, ଏସବୁ କଥାକୁ ପାଖଣ୍ଡ (ଶାସ୍ତ୍ରବିରୁଦ୍ଧ) ବୋଲି କହୁଥିଲି । କିନ୍ତୁ ଜଣକ ପରେ ଜଣକୁ ଯେତେବେଳେ ଡାକ୍ତରଙ୍କ ପାଖକୁ ନେବାକୁ ପଡ଼ିଲା ତଥା ରୋଗ ପାଇଁ ଅର୍ଥ ବ୍ୟୟ କରି ବିରକ୍ତ ହୋଇଗଲି ସେତେବେଳେ ମୋ ଆଖି ଖୋଲିଗଲା ଏବଂ ବୁଝିଗଲି ଯେ ବାସ୍ତବରେ ଆମ୍ଭକୁ ଜାଲରେ ଫସାଇ ରଖାଯାଇଛି । ଏଥିପାଇଁ ଆପଣମାନେ ନିଜର ଏହି ଭ୍ରମ ଦୂର କରିବା ଉଚିତ୍ ଯେ ଏହି ଦୁନିଆରେ ଭୂତ-ପ୍ରେତ ନାହାଁନ୍ତି । ମୁଁ କହୁଥିବା କଥା ମନଗଢ଼ା ନୁହେଁ, ଏହା ବାସ୍ତବରେ ସତ୍ୟ ଅଟେ । ଅହଙ୍କାରର ବଶବର୍ତ୍ତି ହୋଇ ମୋ ନିଜ ଘରକୁ ମୁଁ ବରବାଦ କରି ଦେଇଥାନ୍ତି । ଏଥିପାଇଁ ମୁଁ ସମସ୍ତ ପାଠକଙ୍କୁ ପ୍ରାର୍ଥନା କରୁଛି ଯେ ଆପଣ ମଧ୍ୟ ନିଜର ସମସ୍ତ ଦୁଃଖରୁ ମୁକ୍ତି ପାଇବା ପାଇଁ ଓ ସତ୍ୟଭକ୍ତି ଦ୍ୱାରା ମୋକ୍ଷ ପ୍ରାପ୍ତି ପାଇଁ ସତ୍ୟଲୋକ ଆଶ୍ରମ କରୋନ୍ଥାକୁ ଯାଇ ପରମପୂଜ୍ୟ ସନ୍ଥ ରାମପାଲଜୀଙ୍କ ଠାରୁ ନିଃଶୁଳ୍କ ଉପଦେଶ ପ୍ରାପ୍ତ କରି ନିଜର ମନୁଷ୍ୟ ଜୀବନକୁ ସଫଳ କରାନ୍ତୁ ।

ନିବେଦକ,<br>
ହେଡମାଷ୍ଟର ରାମକୁମାର (ଏମ୍.ଏ.ବି.ଏଡ୍),<br>
ମୋ : ୦୮୬୮୪୮୬୯୦୫୧

ଉପରୋକ୍ତ କିଛି ଭକ୍ତାତ୍ମାମାନଙ୍କର ଆତ୍ମକଥା ଆପଣ ପଢିଲେ । ଏହିପରି ହଜାର-ହଜାର ଲକ୍ଷ-ଲକ୍ଷ ସଂଖ୍ୟାରେ ଭକ୍ତ ନିଜ ଆତ୍ମକଥା ପୁସ୍ତକରେ ଲେଖାଇବା ପାଇଁ ଚାହୁଁଛନ୍ତି କିନ୍ତୁ ଏଠାରେ ସ୍ଥାନ ଅଭାବ କାରଣରୁ ଆମ୍ଭେ ଅଳ୍ପ କିଛି ଭକ୍ତଙ୍କ ଆତ୍ମକଥା ପ୍ରକାଶ କରିଛୁ । ଯଦି ସମସ୍ତ ଭକ୍ତଙ୍କର ଆତ୍ମକଥା ଲେଖିବା ପାଇଁ ଆମ୍ଭେ ଚେଷ୍ଟା କରିବୁ ତେବେ ଶହ ଶହ ପୁସ୍ତକ ଛାପିବାକୁ ପଡିବ ତେଣୁ ବୁଦ୍ଧିମାନ ବ୍ୟକ୍ତି ପାଇଁ କେବଳ ଇଙ୍ଗିତ ହିଁ ପର୍ଯ୍ୟାପ୍ତ ।

ଭକ୍ତିରେ ଅନ୍ତର :- ଭକ୍ତି ଭକ୍ତି ମଧ୍ୟରେ ବହୁତ ଅନ୍ତର ଥାଏ । ଆପଣଙ୍କ ଇଚ୍ଛାନୁଯାୟୀ ଯେକୌଣସି ଦେବୀ/ଦେବତାଙ୍କ ଭକ୍ତି କଲେ ତାହାର ଫଳ ଅବଶ୍ୟ ମିଳିବ ଯାହା ନାଶବାନ (କ୍ଷୀଣସ୍ଥାୟୀ) ହେବ ମାତ୍ର ଏହାଦ୍ୱାରା ମୁକ୍ତି ହୋଇ ପାରିବ ନାହିଁ ଏବଂ ପାପକର୍ମ ମଧ୍ୟ ସମାପ୍ତ ହେବ ନାହିଁ ଯାହା ଭୋଗ କରିବା ପାଇଁ ବାରମ୍ବାର ଜନ୍ମ ନେବାକୁ ପଡ଼ିବ, ମୁକ୍ତି କେବଳ ପୂର୍ଣ୍ଣସନ୍ଥଙ୍କ ଶରଣକୁ ଯିବା ଦ୍ୱାରା ଅର୍ଥାତ୍ ତାଙ୍କଠାରୁ ନାମ ଉପଦେଶ ନେଇ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି କରିବା ଦ୍ୱାରା ହୋଇପାରିବ ଅନ୍ୟଥା ନୁହେଁ ।

ୟେ ସଂସାର ସମଝଦା ନାଁହୀ, କହଁଦା ଶ୍ୟାମ ଦୁପହରେ ନୂଁ ॥<br>
ଗରୀବ ଦାସ ୟେ ବକ୍ତ ଜାତ ହେ, ରୋୱେଗା ଇସ ପହରେ ନୂଁ ॥

❒❒❒

## କବୀର ସାହେବଙ୍କର କାଳ ସହିତ ବାର୍ତ୍ତା

ଯେତେବେଳେ ସମସ୍ତ ବ୍ରହ୍ମାଣ୍ଡର ରଚନା କରି ପରମେଶ୍ୱର କବୀର ସାହେବ ନିଜ ଲୋକରେ ବିଶ୍ରାମ କଲେ। ତତ୍‌ପଶ୍ଚାତ ଆମ୍ଭେ ସମସ୍ତେ କାଳ ବ୍ରହ୍ମାଣ୍ଡରେ ଅବସ୍ଥାନ କରିବା ପୂର୍ବକ ନିଜ କୃତକର୍ମର ଦଣ୍ଡ ଭୋଗୀବାକୁ ଲାଗିଲେ ଏବଂ ବହୁତ ଦୁଃଖରେ କାଳତିପାତ କରିବାକୁ ଲାଗିଲେ । ସୁଖ ଓ ଶାନ୍ତି ଖୋଜିବାକୁ ଯାଇ ପଥଭ୍ରଷ୍ଟ ହେଲେ ଏବଂ ଆମ୍ଭ ନିଜଘର ସତ୍ୟଲୋକର ସ୍ମୃତି ଆମ୍ଭକୁ ବହୁତ କଷ୍ଟ ଦେଲା ତଥା ସେଠାକୁ ଯିବା ପାଇଁ ଆମ୍ଭେ ଭକ୍ତି ପ୍ରାରମ୍ଭ କଲେ । କେହି ଚାରିବେଦକୁ କଣ୍ଠସ୍ଥ କଲା ତ କେହି କଠିନ ତପସ୍ୟାରେ ନିମଗ୍ନ ରହିଲା । ତା'ପରେ ହୋମ, ଯଜ୍ଞ, ଧ୍ୟାନ, ସମାଧି ଅଦି କ୍ରୀୟାର ପ୍ରାରମ୍ଭ ହେଲା । କିନ୍ତୁ ଏହି ସମସ୍ତ କ୍ରୀୟା କରିବା ପରେ ମଧ ଆମ୍ଭ ନିଜଘର ସତ୍ୟଲୋକକୁ ଆମ୍ଭେ ଯାଇପାରିଲେ ନାହିଁ କାରଣ ଉପରୋକ୍ତ କ୍ରିୟାଗୁଡିକ ଦ୍ୱାରା ପରଜନ୍ମରେ ଉତ୍ତମ ସମୃଦ୍ଧ ଜୀବନ ପ୍ରାପ୍ତ କରି (ଯେପରି ରାଜା-ମହାରାଜା, ବଡ଼ ବ୍ୟବସାୟୀ, ବଡ ପଦବୀ, ଦେବ-ମହାଦେବ, ସ୍ୱର୍ଗ-ମହାସ୍ୱର୍ଗ ଆଦି) ପୁନର୍ବାର ଚୌରାଶୀ ଲକ୍ଷ ଯୋନିର କଷ୍ଟ ଭୋଗିବାକୁ ଲାଗିଲେ । ବହୁତ କଷ୍ଟରେ ସମୟ ଅତିବାହିତ କରିବାକୁ ଲାଗିଲେ ଏବଂ ପରମପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ କି, ହେ ଦୟାଳୁ! ଆମ୍ଭ ନିଜଘର ସତ୍ୟଲୋକର ରାସ୍ତା ଆମ୍ଭକୁ ଦେଖାନ୍ତୁ । ଆମ୍ଭେ ସହୃଦୟରେ ଆପଣଙ୍କର ଭକ୍ତି କରୁଛୁ, ଆପଣ ଆମ୍ଭଙ୍କୁ ଦର୍ଶନ ଦେଉନାହାଁନ୍ତି କାହିଁକି ?

କବୀର ସାହେବ ଉକ୍ତ ବୃତ୍ତାନ୍ତ ଧର୍ମଦାସଜୀଙ୍କୁ ଶୁଣାଇ କହିଲେ, ହେ ଧର୍ମଦାସ ! ଏହି ଜୀବମାନଙ୍କର ଆକୁଳ ନିବେଦନ ଶୁଣି ଯୋଗଜୀତ ରୂପ ଧାରଣ କରି ମୁଁ ନିଜ ସତ୍ୟଲୋକରୁ ଏହି କାଳଲୋକକୁ ଆସି ଦେଖିଲି ଯେ ଏକୋଇଶିତମ ବ୍ରହ୍ମାଣ୍ଡ ଯାହା କାଳର ନିଜଘର ସେଠାରେ ତପ୍ତଶିଳା ଉପରେ ଜୀବମାନଙ୍କ ସୁକ୍ଷ୍ମଶରୀରକୁ ଭାଜି ସେଥିରୁ ଗନ୍ଧ ବାହାର କରାଯାଉଛି । ମୁଁ ପହଞ୍ଚିବା କ୍ଷଣୀ ସେହି ଜୀବମାନଙ୍କର ଜ୍ୱଳନ ସମାପ୍ତ ହୋଇଗଲା । ସେମାନେ ମୋତେ ଦେଖି କହିଲେ, ହେ ମହାପୁରୁଷ ! ଆପଣ କିଏ ? ଆପଣଙ୍କ ଦର୍ଶନ ମାତ୍ରେ ଆମ୍ଭକୁ ବହୁତ ସୁଖ ଓ ଶାନ୍ତି ଅନୁଭୁତ ହେଉଛି । ତା'ପରେ ମୁଁ କହିଲି, ମୁଁ ପାରବ୍ରହ୍ମ ପରମେଶ୍ୱର କବୀର ଅଟେ । ଆପଣମାନେ ସମସ୍ତେ ମୋ ଲୋକରୁ ଆସି କାଳ(ବ୍ରହ୍ମ) ର ଲୋକରେ ଫସି ଯାଇଛ । ଏହି କାଳ ପ୍ରତିଦିନ ଏକ ଲକ୍ଷ ମାନବଙ୍କ ସୁକ୍ଷ୍ମ ଶରୀରରୁ ଗନ୍ଧ ବାହାର କରି ଖାଇଥାଏ, ତା'ପରେ କର୍ମଦଣ୍ଡ ଭୋଗବା ପାଇଁ ଆତ୍ମାକୁ ବିଭିନ୍ନ ଯୋନିରେ ଜନ୍ମ ଦେଇଥାଏ । ସେତେବେଳେ ଏହି ଜୀବାତ୍ମାମାନେ କହିଲେ, ହେ ଦୟାଳୁ ପରମେଶ୍ୱର ! ଆମ୍ଭମାନଙ୍କୁ ଏହି କାଳଲୋକରୁ ମୁକ୍ତ କରନ୍ତୁ, ମୁଁ କହିଲି, କାଳ ତିନି ଥର ଭକ୍ତି କରି ମୋ ଠାରୁ ଏହି ବ୍ରହ୍ମାଣ୍ଡ ପ୍ରାପ୍ତ କରିଛି । ଆପଣମାନେ ଏଠାରେ ଯେଉଁ ବସ୍ତୁଗୁଡିକୁ ଉପଭୋଗ କରୁଛନ୍ତି ଏହା କାଳର ଅଟେ ଏବଂ ଆପଣମାନେ ନିଜ ଇଛାରେ ଏଠାକୁ ବୁଲିବା ପାଇଁ ଆସିଛନ୍ତି । ଏଥିପାଇଁ ଆପଣଙ୍କ ଉପରେ କାଳବ୍ରହ୍ମର ବହୁତ ଋଣ ହୋଇଯାଇଛି ଏବଂ ଏହି ଋଣ ମୋ ସତ୍ୟନାମର ଜପ ବିନା ପରିଶୋଧ ହେବ ନାହିଁ ।

ଯେପର୍ଯ୍ୟନ୍ତ ଆପଣ ଋଣମୁକ୍ତ ନ ହୋଇଛନ୍ତି ସେପର୍ଯ୍ୟନ୍ତ ଆପଣ କାଳବ୍ରହ୍ମଙ୍କ ଜେଲରୁ ବାହାରକୁ ଯାଇପାରିବେ ନାହିଁ । ସେଥିପାଇଁ ଆପଣଙ୍କୁ ମୋଠାରୁ ନାମ ଉପଦେଶ ନେଇ ଭକ୍ତି କରିବାକୁ ପଡ଼ିବ, ତା'ପରେ ମୁଁ ଆପଣଙ୍କୁ ମୁକ୍ତ କରି ନେଇ ଯିବି । ଏହି ବିଷୟରେ କଥାବାର୍ତ୍ତା ହେଉଥିବା ସମୟରେ ସେହି ସ୍ଥାନରେ କାଳବ୍ରହ୍ମ ପ୍ରକଟ ହୋଇ ବହୁତ କ୍ରୋଧିତ ହୋଇ ମୋ ଉପରେ ଆକ୍ରମଣ କଲା । ମୁଁ ନିଜ ଶବ୍ଦଶକ୍ତି ବଳରେ ତାକୁ ମୂର୍ଚ୍ଛିତ କରିଦେଲି। କିଛି ସମୟ ପରେ ତା'ର ଚେତା ଫେରିଲା । ମୋ ଚରଣରେ ପଡି କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା ଏବଂ କହିଲା, ଆପଣ ମୋଠାରୁ ବଡ଼, ମୋ ଉପରେ ଦୟା କରନ୍ତୁ। ପ୍ରଥମେ ମୋତେ କୁହନ୍ତୁ ଯେ ଆପଣ ମୋ ଲୋକକୁ କାହିଁକି ଆସିଛନ୍ତି ? ଏହା ଶୁଣି ମୁଁ କାଳପୁରୁଷକୁ କହିଲି, କିଛି ଜୀବାତ୍ମା ଭକ୍ତି କରି ନିଜ ସତ୍ୟଲୋକକୁ ଫେରିଯିବାକୁ ଚାହୁଁଛନ୍ତି। ସେମାନଙ୍କୁ ସତ୍ୟଭକ୍ତିର ମାର୍ଗ ମିଳିପାରୁ ନ ଥିବାରୁ ସେମାନେ ବହୁତ ଭକ୍ତି କରିବା ସତ୍ତ୍ୱେ ଏହି ମୃତ୍ୟୁଲୋକରେ ରହି ଯାଉଛନ୍ତି । ମୁଁ ସେମାନଙ୍କୁ ସତ୍ୟଭକ୍ତିର ମାର୍ଗ ଓ ତୋର ଭେଦ (ପ୍ରକୃତ ପରିଚୟ) ଦେବା ପାଇଁ ଏଠାକୁ ଆସିଛି । ତୁ ହେଉଛୁ କାଳ, ତୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ଜୀବ ଆହାର କରିଥାଉ ଏବଂ ଏକଲକ୍ଷ ପଚିଶ ହଜାର ଉତ୍ପନ୍ନ କରିଥାଉ, ପୁଣି ଏଠାରେ ଭଗବାନ ହୋଇ ବସିଛୁ । ମୁଁ ସମସ୍ତଙ୍କୁ କହିବି ଯେ ତୁମ୍ଭେମାନେ ଯାହାର ଭକ୍ତି କରୁଛ ସେ ଭଗବାନ ନୁହେଁ, ସେ କାଳ ଅଟେ । ଏହା ଶୁଣି କାଳ କହିଲା ଯଦି ସମସ୍ତ ଜୀବାତ୍ମା ସତ୍ୟଲୋକ ଫେରିଯିବେ ତେବେ ମୁଁ କିପରି ଭୋଜନ କରିବି ? ମୁଁ ଭୋକ ଉପବାସରେ ମରିଯିବି । ଆପଣଙ୍କୁ ମୋର ଏହି ପ୍ରାର୍ଥନା ଯେ ତିନିଯୁଗରେ କମ୍ ସଂଖ୍ୟାରେ ଜୀବ ନେବେ ଏବଂ ମୋର ଭେଦ କାହାକୁ କହିବେ ନାହିଁ ଯେ ମୁଁ ହେଉଛି କାଳ ଓ ସମସ୍ତଙ୍କୁ ଖାଉଛି । କିନ୍ତୁ

କଳିଯୁଗରେ ଆପଣ ନିଜ ଇଚ୍ଛା ମୁତାବକ ଜୀବ ନେଇଯିବେ । କାଳ ମୋଠାରୁ ଏହି ଇଚ୍ଛା ପ୍ରାପ୍ତ କଲା । କବୀର ସାହେବ, ଧର୍ମଦାସଙ୍କୁ ପୁଣି କହିଲେ ଯେ ମୁଁ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗରେ ମଧ୍ୟ ଆସିଥିଲି ଏବଂ ବହୁତ ଜୀବଙ୍କୁ ସତ୍ୟଲୋକ ନେଇଯାଇଛି କିନ୍ତୁ ଏହାର ପ୍ରକୃତ ଭେଦ କହିନାହିଁ । କାଳ ସହିତ ହୋଇଥିବା ବାର୍ତ୍ତା ଅନୁସାରେ ଏବେ ମୁଁ କଳିଯୁଗରେ ଆସିଛି। କାଳବ୍ରହ୍ମ ମୋତେ କହିଛି ଯେ କଳିଯୁଗରେ ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ଆପଣଙ୍କ କଥା କେହି ଶୁଣିବେ ନାହିଁ । କାରଣ ପ୍ରଥମେ ମୁଁ ଜୀବମାନଙ୍କୁ ଭକ୍ତିଯୋଗ୍ୟ କରି ରଖିବି ନାହିଁ । ମୁଁ ସେମାନଙ୍କୁ ମଦ, ମାଂସ ଓ ବିଡ଼ି, ସିଗାରେଟ୍ ଆଦି ଦୁର୍ବାସନାରେ ଅଭ୍ୟସ୍ତ କରି ସେମାନଙ୍କ ବୁଦ୍ଧି ଭ୍ରଷ୍ଟ କରି ନାନାପ୍ରକାର ବ୍ୟର୍ଥ ପୂଜାରେ ଲଗାଇ ରଖିବି । ଦ୍ୱିତୀୟରେ ଆପଣ ଜୀବାତ୍ମାମାନଙ୍କୁ ନିଜ ଜ୍ଞାନ ଦେଇସାରି ଯେତେବେଳେ ସତ୍ୟଲୋକକୁ ଫେରିଯିବେ ସେତେବେଳେ ମୁଁ (କାଳ) ନିଜ ଦୂତ ପଠାଇ ଆପଣଙ୍କ ପନ୍ଥ ସହିତ ସାମଞ୍ଜସ୍ୟ ରଖୁଥିବା ବାର ପ୍ରକାର ପନ୍ଥ ଚଳାଇ ଜୀବମାନଙ୍କୁ ଭ୍ରମିତ କରିଦେବି । ସେମାନେ ସତ୍ୟଲୋକର ମହିମା ଗାନ କରି ଆପଣଙ୍କ ଜ୍ଞାନ ଚର୍ଚ୍ଚା କରିବେ ପରନ୍ତୁ ମୋର ନାମ ଜପ କରିବେ, ଯାହାର ପରିଣାମ ସ୍ୱରୂପ ସେମାନେ ମୋର ହିଁ ଭୋଜନ ହେବେ । ଏହା ଶୁଣି କବୀର ସାହେବ କହିଲେ, ତୁ ତୋର ପ୍ରୟାସ କର, କିନ୍ତୁ ମୁଁ ସତ୍ୟର ମାର୍ଗଦର୍ଶନ କରାଇ ହିଁ ଫେରିବି । ଯେଉଁମାନେ ମୋ ଜ୍ଞାନକୁ ଗ୍ରହଣ କରିବେ ସେମାନେ କଦାପି ତୋ ମିଥ୍ୟାଜ୍ଞାନରେ ଭ୍ରମିତ ହେବେ ନାହିଁ ।

ସଦଗୁରୁ କବୀର ସାହେବ କହିଲେ, ହେ ନିରଞ୍ଜନ ! ଯଦି ମୁଁ ଚାହିଁବି ତେବେ କ୍ଷଣିକେ ତୋର ସମସ୍ତ ଖେଳ ସମାପ୍ତ କରଦେବି ପରନ୍ତୁ ଏପରି କରିବା ଦ୍ୱାରା ମୋର ବଚନ ଭଙ୍ଗ ହେବ। ଏହା ଚିନ୍ତାକରି ମୁଁ ନିଜ ହଂସାତ୍ମାମାନଙ୍କୁ ଯଥାର୍ଥ ଜ୍ଞାନ ଓ ଶବ୍ଦଶକ୍ତି ପ୍ରଦାନ କରି ସତ୍ୟଲୋକକୁ ନେଇଯିବି ଏବଂ କହିଲେ ଯେ :-

ସୁନୋ ଧର୍ମରାୟା, ହମ ସଂଖୋ ହଂସା ପଦ ପରସାୟା। ଜିନ ଲୀହ୍ନା ହମରା ପ୍ରବାନା, ସୋ ହଂସା ହମ କିଏ ଅମାନା॥

(ଜୀବମାନଙ୍କୁ ମାୟାଜାଲର କୁହେଳିକାରେ ବାନ୍ଧି ରଖିବା ତଥା ନିଜର ଭୋକ ମେଣ୍ଟାଇବା ପାଇଁ ଭିନ୍ନ ଭିନ୍ନ ଉପାୟର ବର୍ଣ୍ଣନା ପବିତ୍ର କବୀର ସାଗରରେ କରାଯାଇଛି) ।

ଦ୍ୱାଦସ ପନ୍ଥ କରୂଁ ମୈଁ ସାଜା, ନାମ ତୁହ୍ମାରା ଲେ କରୂଁ ଆବାଜା ॥
ଦ୍ୱାଦସ ଯମ ସଂସାର ପଠହୋ, ନାମ ତୁହ୍ମାରେ ପନ୍ଥ ଚଲୈହୋ ॥
ପ୍ରଥମ ଦୂତ ମମ ପ୍ରଗଟେ ଜାଈ, ପୀଛେ ଅଂଶ ତୁହ୍ମାରା ଆଈ ॥
ଯହୀ ବିଧି ଜୀବନ୍‌କୋ ଭ୍ରମାଉଁ, ପୁରୁଷ ନାମ ଜୀବନ ସମଝାଉଁ ॥
ଦ୍ୱାଦସ ପନ୍ଥ ନାମ ଜୋ ଲୈହେ, ସୋ ହମରେ ମୁଖ ଆନ ସମୈ ହୈ ॥
କହା ତୁହ୍ମାରା ଜୀବ ନହୀଂ ମାନେ, ହମାରୀ ଓୖର ହୋୟ ବାଦ ବଖାନେ ॥
ମୈଁ ଦୃଢ ଫନ୍ଦା ରଚୀ ବନାଈ, ଜାମେଁ ଜୀବ ରହେ ଉରଝାଈ ॥
ଦେବଲ ଦେବ ପାଷାନ ପୂଜାଈ, ତୀର୍ଥ ବ୍ରତ ଜପ-ତପ ମନ ଲାଈ ॥
ଯଜ୍ଞ ହୋମ ଅରୂ ନେମ ଅଚାରା, ଔର ଅନେକ ଫନ୍ଦ ମୈଁ ଡାରା ॥
ଜୋ ଜ୍ଞାନୀ ଜାଅ ସଂସାରା, ଜୀବ ନ ମାନୈ କହା ତୁହ୍ମାରା ॥

(ସତ୍ୟଗୁରୁଙ୍କ ବଚନ)

ଜ୍ଞାନୀ କହେ ସୁନୋ ଅନ୍ୟାଇ, କାଟୋ ଫନ୍ଦ ଜୀବ ଲେ ଜାଈ ॥
ଜେତିକ ଫନ୍ଦ ତୁମ ରଚେ ବିଚାରୀ, ସତ୍ୟ ଶବଦ ତୈ ସବୈ ବିଁଡାରୀ ॥
ଜୌନ ଜୀବ ହମ ଶବ୍ଦ ଦୃଢାବୈ, ଫନ୍ଦ ତୁହ୍ମାରା ସକଲ ମୁକାବୈ ॥
ଚୌକା କର ପ୍ରବାନା ପାଈ, ପୁରୁଷ ନାମ ତିହି ଦେଊଁ ଚିହ୍ନାଈ ॥
ତାକେ ନିକଟ କାଲ ନହୀଁ ଆବୈ, ସଂଧି ଦେଖୀ ତାକହଁ ସିର ନାବୈ ॥

ଉପରୋକ୍ତ ବିବରଣୀରୁ ଏହା ସିଦ୍ଧ ହେଉଅଛି ଯେ ଅନ୍ୟ ଯେତେ ପନ୍ଥ ଚାଲିଛି, ଯେଉଁମାନଙ୍କ ପାଖରେ କବୀର ସାହେବଙ୍କ ଦ୍ୱାରା ବତାଯାଇଥିବା ସତ୍ୟଭକ୍ତି ମାର୍ଗ ନାହିଁ, ସେମାନେ ସମସ୍ତେ କାଳ ଦ୍ୱାରା ପ୍ରେରିତ ଅଟନ୍ତି । ଅତଃ ବୁଦ୍ଧିମାନ ବ୍ୟକ୍ତି ବୁଝିବିଚାରି ଭକ୍ତିମାର୍ଗକୁ ଆପଣେଇବା ଉଚିତ୍ କାରଣ ଏହି ମନୁଷ୍ୟ ଜନ୍ମ ଅମୂଲ୍ୟ ଅଟେ, ଏହା ବାରମ୍ବାର ମିଳି ନଥାଏ । କବୀର ସାହେବ କହନ୍ତି :-

କବୀର ମାନୁଷ ଜନ୍ମ ଦୁର୍ଲଭ ହୈ, ମିଲେ ନା ବାରମ୍ବାର ।
ତରୁବର ସେ ପତ୍ତା ଟୂଟ ଗିରେ, ବହୁର ନ ଲଗତା ଡାରି ॥

❒❒❒

## ବିଶ୍ୱ ବିଜୟୀ ସନ୍ଥ

(ସନ୍ଥ ରାମପାଲଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ହିନ୍ଦୁସ୍ଥାନ ବିଶ୍ୱ ଧର୍ମଗୁରୁ ରୂପରେ ପ୍ରତିଷ୍ଠିତ ହେବ)

"ସନ୍ଥ ରାମପାଲଜୀଙ୍କ ବିଷୟରେ ''ନାସ୍ତ୍ରେଦମସ''ଙ୍କ ଭବିଷ୍ୟବାଣୀ"

ଫ୍ରେଞ୍ଚ୍ (ଫ୍ରାନ୍ସ) ଦେଶର ନାସ୍ତ୍ରେଦମସ ନାମକ ଜଣେ ପ୍ରସିଦ୍ଧ ଭବିଷ୍ୟବକ୍ତା ସନ (ଇ.ସ.) ୧୫୫୫ ରେ ଏକ ହଜାର ଶ୍ଳୋକ ମାଧ୍ୟମରେ ଭବିଷ୍ୟତର ସାଙ୍କେତିକ ସତ୍ୟ ଭବିଷ୍ୟବାଣୀଗୁଡ଼ିକୁ ଲେଖିଛନ୍ତି । ଶହେ-ଶହେ ଶ୍ଳୋକକୁ ନେଇ ଦଶଟି ଶତକ ଗଠନ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସମସ୍ତ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇସାରିଛି । ହିନ୍ଦୁସ୍ଥାନରେ ସତ୍ୟ ପ୍ରମାଣିତ ହୋଇ ସାରିଥିବା ଭବିଷ୍ୟବାଣୀ ଗୁଡିକ ମଧ୍ୟରୁ :-

୧. ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ବହୁତ ପ୍ରଭାବଶାଳୀ ଓ କୁଶଳୀ ହେବେ (ଏହି ଇଙ୍ଗିତ ସ୍ୱର୍ଗତ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି) ଏବଂ ତାଙ୍କର ମୃତ୍ୟୁ ନିକଟତମ ଅଙ୍ଗରକ୍ଷକ ଦ୍ୱାରା ହେବ ବୋଲି ଲେଖାଅଛି ଯାହା ସତ୍ୟ ସିଦ୍ଧ ହୋଇସାରିଛି ।

୨. ତା'ପରେ ତାଙ୍କ ପୁତ୍ର ତାଙ୍କର ଉତ୍ତରାଧିକାରୀ ହେବେ ଏବଂ ସେ ବହୁତ କମ୍ ସମୟ ପାଇଁ ଶାସନ କରିବେ ଏବଂ ଆକସ୍ମିକ ଭାବେ ସେ ମୃତ୍ୟୁକୁ ପ୍ରାପ୍ତ ହେବେ ଯାହା ସତ୍ୟ ସିଦ୍ଧ ହୋଇଛି । (ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ ବିଷୟରେ) ।

୩. ସନ୍ଥ ରାମପାଲଜୀ ମହାରାଜଙ୍କ ବିଷୟରେ ନାସ୍ତ୍ରେଦମସଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀ ଯାହା ନିମ୍ନରେ ବିସ୍ତାରପୂର୍ବକ ବର୍ଣ୍ଣନା କରାଯାଇଛି ।

(କ) ନିଜ ଭବିଷ୍ୟବାଣୀର ଶତକ ପାଞ୍ଚର ଶେଷରେ ତଥା ଶତକ ଛଅର ପ୍ରାରମ୍ଭରେ ନାସ୍ତ୍ରେଦମସଜୀ ଲେଖିଛନ୍ତି ଯେ ଆଜି ଅର୍ଥାତ ଇ.ସ. (ସନ ୧୫୫୫) ରୁ ଠିକ୍ ୪୫୦ ବର୍ଷ ପରେ ଅର୍ଥାତ୍ ୨୦୦୬ ରେ ଜଣେ ହିନ୍ଦୁ ସନ୍ଥ (ଶାୟରନ) ପ୍ରକଟ ହେବ ଏବଂ ସାରା ବିଶ୍ୱରେ ତାଙ୍କର ଚର୍ଚ୍ଚା ହେବ । ସେତେବେଳକୁ ସେହି ହିନ୍ଦୁ ଧାର୍ମିକ ସନ୍ଥ (ଶାୟରନ) ଙ୍କର ଆୟୁ ୫୦ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବ । ପରମେଶ୍ୱର, ନାସ୍ତ୍ରେଦମସଙ୍କୁ ସନ୍ଥ ରାମପାଲଜୀ ମହାରାଜଙ୍କ ଅର୍ଦ୍ଧବୟସ୍କ ରୂପର ସାକ୍ଷାତ କରାଇ ସିନେମା ଦୃଶ୍ୟ ଭଳି ସମସ୍ତ ଘଟଣାଗୁଡ଼ିକୁ ଦେଖାଇ ବୁଝାଇଥିଲେ । ଶ୍ରୀ ନାସ୍ତ୍ରେଦମସଜୀ ଷୋଡଶ ଶତାବ୍ଦୀକୁ ପ୍ରଥମ ଶତକ କହିଛନ୍ତି । ଏହି ପ୍ରକାରେ ପଞ୍ଚମ ଶତାବ୍ଦୀ ୨୦ ତମ ଶତାବ୍ଦୀ ହେଲା । ନାସ୍ତ୍ରେଦମସଜୀ କହିଛନ୍ତି ଯେ ସେହି ଧାର୍ମିକ ହିନ୍ଦୁ ନେତା ଅର୍ଥାତ୍ ସନ୍ଥ (ମଷଙ୍କକ୍ସରଭ) ପଞ୍ଚମ ଶତକର ଅନ୍ତିମ ବର୍ଷ ଆଡକୁ ଅର୍ଥାତ୍ ସନ (ଇ.ସଂ.) ୧୯୯୯ ରେ ଘର ଘର ବୁଲି ସତସଙ୍ଗ କରିବା ତ୍ୟାଗ କରି ଅର୍ଥାତ୍ ଚାରିଦ୍ୱାରକୁ ଲଂଘି ବାହାରକୁ ଆସିବେ ତଥା ନିଜର ଅନୁଗାମୀମାନଙ୍କୁ ଶାସ୍ତ୍ରବିଧି ଅନୁସାରେ ଭକ୍ତିମାର୍ଗ ବତାଇବେ । ସେହି ମହାନ ସନ୍ଥଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୋଇ ଅନୁଗାମୀମାନେ ଅଦ୍ୱିତୀୟ ଆଧ୍ୟାତ୍ମିକ ଓ ଭୌତିକ ଲାଭ ପ୍ରାପ୍ତ କରିବେ । ସେହି ତତ୍ତ୍ୱଦ୍ରଷ୍ଟା ହିନ୍ଦୁସନ୍ଥଙ୍କ ଦ୍ୱାରା ବତାଯାଇଥିବା ଶାସ୍ତ୍ର ପ୍ରମାଣିତ ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ପରମାତ୍ମା ପ୍ରେମୀ ଶ୍ରଦ୍ଧାଳୁଗଣ ଏପରି ଆଚମ୍ଭିତ ହେବେ ଯେପରି କେହି ଗଭୀର ନିଦ୍ରାରୁ ଜାଗ୍ରତ ହୋଇଥାଏ । ସେହି ତତ୍ତ୍ୱଦ୍ରଷ୍ଟା ହିନ୍ଦୁ ସନ୍ଥଙ୍କ ଦ୍ୱାରା ୧୯୯୯ ରେ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ କ୍ରାନ୍ତି ଇ.ସ. ୨୦୦୬ ପର୍ଯ୍ୟନ୍ତ ଚାଲିବ । ସେତେବେଳକୁ ବହୁତ ସଂଖ୍ୟାରେ ପରମାତ୍ମା ପ୍ରେମୀ ଭକ୍ତ ତାଙ୍କ ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ତାଙ୍କର ଅନୁଯାୟୀ ହୋଇ ସୁଖୀ ହୋଇଯାଇଥିବେ । ଏହାପରେ ସେ ଚାରିଦ୍ୱାରକୁ ଲଂଘନ କରି ବାହାରକୁ ଆସିବେ । ତା'ପରେ ସନ ୨୦୦୬ ରୁ ସ୍ୱର୍ଣ୍ଣଯୁଗର ପ୍ରାରମ୍ଭ ହେବ ।

ନୋଟ: ପ୍ରିୟ ପାଠକଗଣ ! ଫ୍ରାନ୍ସ ଦେଶର ବାସିନ୍ଦା ନାସ୍ତ୍ରେଦମସ ଯେଉଁ ଭବିଷ୍ୟବାଣୀ କରିଥିଲେ ଆପଣ କୃପା କରି ନିମ୍ନରେ ପଢନ୍ତୁ । ଯେଉଁ ବିଷୟରେ ମାଡ୍ରାସ (ଚେନ୍ନାଇ) ର ଜଣେ ଜ୍ୟୋତିଷଶାସ୍ତ୍ରୀ କେ.ଏସ୍. କୃଷ୍ଣମୂର୍ତ୍ତୀ କହିଛନ୍ତି ଯେ ଶ୍ରୀ ନାସ୍ତ୍ରେଦମସଙ୍କ ଦ୍ୱାରା ସନ ୧୫୫୫ ରେ ଲିଖିତ ଭବିଷ୍ୟବାଣୀଗୁଡିକର ଯଥାର୍ଥ ଅନୁବାଦ "ସନ୍ ୧୯୯୮ ରେ ଜଣେ ଜ୍ୟୋତିଷଶାସ୍ତ୍ରୀ କରିବେ । ସେହି ଜ୍ୟୋତିଷଶାସ୍ତ୍ରୀ ନାସ୍ତ୍ରେଦମସଙ୍କ ଭବିଷ୍ୟବାଣୀଗୁଡିକର ସାଂକେତିକ ଭାଷାକୁ ସ୍ପଷ୍ଟ କରି ସେଥିରେ ଲିଖିତ

ଭବିଷ୍ୟତର ଘଟଣାବଳୀ ଗୁଡ଼ିକର ଅର୍ଥ ଉଲ୍ଲେଖ କରି ନିଜର ଭବିଷ୍ୟଗ୍ରନ୍ଥ ପ୍ରକାଶିତ କରିବେ।" ସେହି ଜ୍ୟୋତିଷଶାସ୍ତ୍ରୀଙ୍କ ଦ୍ୱାରା ଯଥାର୍ଥ ଅନୁବାଦିତ କରାଯାଇଥିବା ପୁସ୍ତକରୁ ଅନୁବାଦ କର୍ତ୍ତାଙ୍କ ଶବ୍ଦରେ ପଢନ୍ତୁ।

୧. (ପୃଷ୍ଠା ୩୨-୩୩ ରେ) :- ଅପେକ୍ଷା କର, ସ୍ୱର୍ଣ୍ଣ ଯୁଗ (ରାମରାଜ୍ୟ) ଆସୁଛି । ଜଣେ ଅର୍ଦ୍ଧବୟସ୍କ ଔଦାର୍ଯ୍ୟ (ଉଦାର) ଅଖଣ୍ଡ ମହାସତ୍ତାର ଅଧିକାରୀ କେବଳ ଭାରତବର୍ଷ ନୁହେଁ ବରଂ ସମଗ୍ର ପୃଥିବୀରେ ସ୍ୱର୍ଣ୍ଣ ଯୁଗ ଆଣିବେ ଏବଂ ନିଜ ସନାତନ ଧର୍ମର ପୁନରୁତ୍ଥାନ କରି ଯଥାର୍ଥ ଭକ୍ତିମାର୍ଗ ପ୍ରକାଶକରି ସର୍ବଶ୍ରେଷ୍ଠ ହିନ୍ଦୁରାଷ୍ଟ୍ର ଗଠନ କରିବେ । ତତ୍‌ପଶ୍ଚାତ ସେ ବ୍ରହ୍ମଦେଶ, ପାକିସ୍ତାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳ, ତିବ୍ବତ (ତିବେତ), ଆଫଗାନିସ୍ତାନ ଓ ମାଲୟ (ମଲାୟା) ଆଦି ଦେଶଗୁଡ଼ିକର ସାର୍ବଭୌମିକ ଧାର୍ମିକ ନେତା ହେବେ। ସତ୍ତାଧାରୀ ସ୍ୱାର୍ଥୀ ଚଣ୍ଡାଳମାନଙ୍କ ଉପରେ ତାଙ୍କର ଆଧିପତ୍ୟ ହେବ। ସେହି ଧାର୍ମିକ ନେତା (ଶାୟରନ) ସମଗ୍ର ଦୁନିଆରେ ଅକସ୍ମାତ୍ ପରିଚିତ ହେବେ, ବାସ୍ ଅପେକ୍ଷା କର ।

୨. (ପୃଷ୍ଠା ୪୦ ରେ ପୁଣି ଲେଖାଅଛି):- ଅପେକ୍ଷା କର, ରାମରାଜ୍ୟ (ସ୍ୱର୍ଣ୍ଣଯୁଗ) ଆସୁଛି। ଜୁନ ଇ.ସ. ୧୯୯୯ ରୁ ଇ.ସ. ୨୦୦୬ ପର୍ଯ୍ୟନ୍ତ ହେବାକୁ ଥିବା ବିବର୍ତ୍ତନରେ ସୁବର୍ଣ୍ଣଯୁଗର ଉତ୍ଥାନ ହେବ । ହିନ୍ଦୁସ୍ଥାନରୁ ଆବିର୍ଭୂତ ସେହି ତ୍ରାଣକର୍ତ୍ତା ଶାୟରନ ଦୁନିଆକୁ ସୁଖ-ସମୃଦ୍ଧି ଓ ଶାନ୍ତି ପ୍ରଦାନ କରିବେ । ନାସ୍ତ୍ରେଦମସଜୀ ନିଃସନ୍ଦେହରେ କହିଛନ୍ତି ଯେ ଭବିଷ୍ୟତରେ ପ୍ରକଟ ହେବାକୁ ଥିବା ସେହି ଶାୟରନ (Chyren) ବର୍ତ୍ତମାନ ଜ୍ଞାତ ନୁହଁନ୍ତି । ପରନ୍ତୁ ସେ ଖ୍ରୀଷ୍ଟିୟାନ କିମ୍ବା ମୁସଲମାନ କଦାପି ନୁହଁନ୍ତି । ସେ ନିଶ୍ଚିତ ଜଣେ ହିନ୍ଦୁ ହେବେ ଏବଂ ମୁଁ ନାସ୍ତ୍ରେଦମସ ତାଙ୍କ ପ୍ରତି ବର୍ତ୍ତମାନ ଛାତି ଫୁଲେଇ ଗର୍ବର ସହିତ କହୁଛି ଯେ ସେହି ଦିବ୍ୟ ସ୍ୱତନ୍ତ୍ର ସୂର୍ଯ୍ୟ ସ୍ୱରୂପ ଶାୟରନଙ୍କର ଉଦୟ ମାତ୍ରେ ବିଦ୍ୱାନ ବୋଲାଉଥିବା ପୂର୍ବର ସମସ୍ତ ମହାନ ନେତାମାନଙ୍କୁ ନିଷ୍ପ୍ରଭ ହୋଇ ତାଙ୍କ ସମ୍ମୁଖରେ ନମ୍ର ହେବାକୁ ପଡ଼ିବ । ସେହି ହିନ୍ଦୁସ୍ଥାନୀ ମହାନ ତତ୍ତ୍ୱଦୃଷ୍ଟା ସନ୍ଥ ସମସ୍ତଙ୍କୁ ଅଭୁତପୂର୍ବ ରାଜ୍ୟ ପ୍ରଦାନ କରିବେ । ସେ ସମାନ ନୀତି-ନିୟମ ପ୍ରଣୟନ କରି ସ୍ତ୍ରୀ-ପୁରୁଷ, ଧନୀ-ଗରିବ ଓ ଜାତି-ଧର୍ମର କୌଣସି ଭେଦଭାବ ରଖିବେ ନାହିଁ ଏବଂ କାହା ଉପରେ ଅନ୍ୟାୟ ହେବାକୁ ଦେବେ ନାହିଁ । ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ସର୍ବ ଜନତା ବିଶେଷ ଭାବେ ସମ୍ମାନ କରିବେ । ମାତା-ପିତା ଅବଶ୍ୟ ଆଦରଣୀୟ ପରନ୍ତୁ ଆଧ୍ୟାତ୍ମିକତା ଓ ପବିତ୍ରତା ଆଧାରରେ ସେହି ଶାୟରନ୍ (ତତ୍ତ୍ୱଦର୍ଶୀ ସନ୍ଥ) ଙ୍କର ସ୍ଥାନ ମାତା-ପିତାଙ୍କଠାରୁ ମଧ ଭିନ୍ନ ହେବ । ନାସ୍ତ୍ରେଦମସ ସ୍ୱୟଂ ଜ୍ୟୁ ବଂଶର ଥିଲେ ତଥା ଫ୍ରାନ୍ସ ଦେଶର ନାଗରିକ ଥିଲେ । ସେ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ହୋଇ ମଧ ନିଃସନ୍ଦେହରେ କହିଛନ୍ତି ଯେ ପ୍ରକଟ ହେବାକୁ ଥିବା ସେହି ଶାୟରନ କେବଳ ଜଣେ ହିନ୍ଦୁ ହେବ ।

୩. (ପୃଷ୍ଠା ୪୧ ରେ):- ସେ ସମସ୍ତଙ୍କୁ ସମାନ ନୀତି-ନିୟମ ଓ ଅନୁଶାସନ ପାଳନ କରାଇବା ସହିତ ସତ୍ୟପଥରେ ଅଗ୍ରସର କରାଇବେ । ମୁଁ ନାସ୍ତ୍ରେଦମସ ନିର୍ବିବାଦରେ ସେହି ଗୋଟିଏ କଥା ସିଦ୍ଧ କରୁଅଛି ଯେ ସେହି ଶାୟରନ (ଧାର୍ମିକ ନେତା) ନୂତନ ଜ୍ଞାନର ଆବିଷ୍କାର କରିବେ । ସତ୍ୟମାର୍ଗ ଦର୍ଶନଦାତ୍ତା ସେହି ତ୍ରାଣକର୍ତ୍ତା, ଏସିଆ ଭୂଖଣ୍ଡରେ ଯେଉଁ ଦେଶର ନାମ ଏକ ମହାସାଗର (ହିନ୍ଦ ମହାସାଗର) ନାମରେ ନାମିତ ହୋଇଥିବ, ସେହି (ହିନ୍ଦୁସ୍ଥାନ) ଦେଶରେ ଜନ୍ମ ନେବେ । ସେ ନା ଖ୍ରୀଷ୍ଟିୟାନ ନା ମୁସଲମାନ ନା ଜ୍ୟୁ ହେବେ ନିଃସନ୍ଦେହ ସେ ହିନ୍ଦୁ ହେବେ। ଅନ୍ୟ ଭୂତପୂର୍ବ ଧାର୍ମିକ ନେତାମାନଙ୍କଠାରୁ ସର୍ବଶ୍ରେଷ୍ଠ ବୁଦ୍ଧିମାନ ଓ ଅପରାଜେୟ ହେବେ । (ନାସ୍ତ୍ରେଦମସ ଭବିଷ୍ୟବାଣୀର ଶତକ ୬ ଶ୍ଳୋକ ୭୦ ର ମହତ୍ତ୍ୱପୂର୍ଣ୍ଣ ସଙ୍କେତ ଏହି ସଂଦେଶ ଦେଉଛି) ତାଙ୍କୁ ସମସ୍ତେ ପ୍ରେମ କରିବେ । ତାଙ୍କର ଆଧିପତ୍ୟ ରହିବ। ସମସ୍ତଙ୍କର ତାଙ୍କ ପ୍ରତି ଭୟ ମଧ ରହିବ । କେହି କେବେ ଅପକର୍ମ କରିବାକୁ ସାହାସ କରିବେ ନାହିଁ । ତାଙ୍କର ନାମ ଓ କିର୍ତ୍ତୀ ତିନିପୁରରେ ପ୍ରତିଧ୍ୱନିତ ହେବ ଅର୍ଥାତ୍ ଗଗନ ମଣ୍ଡଳର ଊର୍ଦ୍ଧ୍ୱରେ ତାଙ୍କ ମହିମାର ଆଧିପତ୍ୟ ରହିବ । ବର୍ତ୍ତମାନ ପର୍ଯ୍ୟନ୍ତ ଗଭୀର ଅଜ୍ଞାନ ନିଦ୍ରାରେ ଶୋଇଥିବା ମାନବ ସମାଜକୁ ସେ ତତ୍ତ୍ୱଜ୍ଞାନର କିରଣରେ ଜାଗ୍ରତ କରାଇବେ । ତାଙ୍କ କାର୍ଯ୍ୟଶୈଳୀ ଦେଖି ସମସ୍ତ ମାନବ ସମାଜ ଅପ୍ରତ୍ୟାଶିତ ଭାବେ ଆଚମ୍ଭିତ ହୋଇଯିବ । ତାଙ୍କ ତତ୍ତ୍ୱଜ୍ଞାନ ଆଧାରରେ ସମସ୍ତେ ଭକ୍ତି ସାଧନା କରିବେ । ସର୍ବ ସମାଜକୁ ସେ ସତ୍ୟସାଧନାର ମାର୍ଗ ଦେଖାଇବେ ଯାହାଦ୍ୱାରା ସାଧକକୁ ନିଜ ଆଦି ଅନାଦି ସ୍ଥାନ (ସତ୍ୟଲୋକ) ର ଜ୍ଞାନ ହୋଇଯିବ । ସାଧକକୁ ସେ ନିଜ ପୂର୍ବଜମାନଙ୍କ ପାଖକୁ (ସତ୍ୟଲୋକ) ନେଇଯାଇ ସେଠାରେ ସ୍ଥାୟୀ

ସ୍ଥାନ ପ୍ରାପ୍ତି କରାଇବେ (ଉତ୍ତରାଧିକାରୀ କରାଇବେ) । ଏହି କ୍ରୁରଭୂମି (କାଳଲୋକ) ରୁ ମୁକ୍ତ କରାଇବେ । ଏହି ଶବ୍ଦ ସର୍ବତ୍ର ପ୍ରତିଧ୍ୱନିତ ହେବ ।

୪. (ପୃଷ୍ଠା ୪୨-୪୩):- ଏହି ହିଂସୁକ କ୍ରୁରଚନ୍ଦ୍ର (ମହାକାଳ) କିଏ, କେଉଁଠି ଅଛି ଏହି କଥା ଶାୟରନ (ତତ୍ତ୍ୱଦର୍ଶୀ ସନ୍ଥ) ବତାଇବ । ସେହି କ୍ରୁରଚନ୍ଦ୍ର କବଳରୁ ସେହି (Chyren ) ଶାୟରନ୍ ହିଁ ମୁକ୍ତ କରାଇବେ । ଶାୟରନ୍ (ତତ୍ତ୍ୱଦର୍ଶୀ ସନ୍ଥ)ର ସଫଳ ପ୍ରଚେଷ୍ଟାରେ ଏହି ଭୂତଳର ପବିତ୍ର ଭୂମିରେ (ହିନ୍ଦୁସ୍ଥାନରେ) ସ୍ୱର୍ଣ୍ଣଯୁଗର ଅବତରଣ ହେବ, ପୁଣି ତାହା ସମ୍ପୂର୍ଣ୍ଣ ବିଶ୍ୱକୁ ପ୍ରସାରିତ ହେବ । ସେହି ବିଶ୍ୱନେତା ଓ ତାଙ୍କ ସଦଗୁଣର ମହିମାଗାନ ତାଙ୍କ ଅନ୍ତେ ମଧ୍ୟ କରାଯିବ। ତାଙ୍କ ମନର ଶାଳୀନତା, ବିନମ୍ରତା, ଉଦାରତା ଏତେ ମାତ୍ରାରେ ଆଧିପତ୍ୟ ବିସ୍ତାର କରିବ ଯେ ଏହା ପୂର୍ବରୁ ପ୍ରକାଶ କରାଯାଇଥିବା ଶତକ ୬ ଶ୍ଳୋକ ୭୦ ର ଶେଷ ପଂକ୍ତିରେ କରାଯାଇଥିବା ଉଲ୍ଲେଖର ନିଜସ୍ୱ ଶବ୍ଦ ଆପେ ବୟାନ କରୁଛି ଏବଂ ଶାୟରନର ନିଜ ମୁଖରେ ବୟାନ କରୁଛି ଯେ "ଶାୟରନ୍ ନିଜ ବିଷୟରେ କେବଳ ତିନୋଟି ଶବ୍ଦ କହିଥାନ୍ତି" ଏକ ବିଜୟୀ ଜ୍ଞାତା" । ଏହା ସହିତ ଅନ୍ୟ ବିଶ୍ଳେଷଣ ନ ଲଗାନ୍ତୁ ମୋତେ ମଞ୍ଜୁର ହେବ ନାହିଁ । (ଏହା ପୃଷ୍ଠା ୪୨ ର ୪ ଉଲ୍ଲେଖ ବାଣୀ ଶତକ ୬ ଶ୍ଳୋକ ୭୧ ର ଅଟେ) ହିନ୍ଦୁ ଶାୟରନ ନିଜ ଜ୍ଞାନ ଦ୍ୱାରା ଦେଦିପ୍ୟମାନ ଉତ୍ତୁଙ୍ଗ ଉଚ୍ଚ ସ୍ୱରୂପର ବିଧାନ (ତତ୍ତ୍ୱଜ୍ଞାନ) ବିନା ସର୍ତ୍ତରେ ପୁଣିଥରେ ଉଜାଗର କରାଇବେ । (Chyren will be chief of the world, loved feared and unchallanged) ଏବଂ ମାନବୀୟ ସଂସ୍କୃତିକୁ ସଙ୍କୋଚତାର ସହିତ ସୁଧାରିବେ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏବେ କାହାକୁ ଏ ବିଷୟରେ ଜଣା ନାହିଁ ପରନ୍ତୁ ନିଜ ସମୟରେ ଯେପରି ନରସିଂହ ଅଚାନକ ପ୍ରକଟ ହୋଇଥିଲେ ସେହିଭଳି ସେହି ବିଶ୍ୱ ମହାନ ନେତା (ଏକ୍ସରବସ୍ଥ ଉଷଜ୍ଞକ୍ସରଭ) ନିଜର ତର୍କଶୁଦ୍ଧ, ଲକ୍ଷଭେଦୀ ଅଧ୍ୟାତ୍ମିକ ଜ୍ଞାନ ଓ ଭକ୍ତି ତେଜ ବଳରେ ବିଖ୍ୟାତ ହେବେ । ମୁଁ (ନାସ୍ତ୍ରେଦମସ୍) ଆଚମ୍ଭିତ ହେଉଛି । ନା ମୁଁ ତାଙ୍କ ଦେଶ (ଯେଉଁଠାରୁ ସେ ଅବତରିତ ହେବେ ଅର୍ଥାତ୍ ସତ୍ୟଲୋକ ଦେଶ)କୁ ଦେଖିଛି ନା ତାଙ୍କୁ ଜାଣିଛି, ମୁଁ ତାଙ୍କୁ ମୋ ସମ୍ମୁଖରେ କେବଳ ଦେଖୁଅଛି, ତାଙ୍କ ମହିମାକୁ ଶବ୍ଦରେ କେହି ବୟାନ କରି ପାରିବେ ନାହିଁ । ସେଭଳି ଚରିତ୍ରର ତୁଳନାତ୍ମକ ଦୃଷ୍ଟାନ୍ତ ଦେବା ଅସମ୍ଭବ । କେବଳ ତାଙ୍କୁ Great Chyren (ମହାନ୍ ଧାର୍ମିକ ନେତା) ବୋଲି କହୁଛି, ନିଜ ଧାର୍ମିକ ବନ୍ଧୁମାନଙ୍କର ବର୍ତ୍ତମାନକାଳୀନ ସମସ୍ୟା ଦ୍ୱାରା ଦୟନୀୟ ଅବସ୍ଥାରେ ଅସ୍ଥିର ହୋଇ ସ୍ୱତନ୍ତ୍ର ଜ୍ଞାନସୂର୍ଯ୍ୟର ଉଦୟ କରି ନିଜ ଭକ୍ତି ତେଜ ବଳରେ ଜଗତର ତ୍ରାଣକର୍ତ୍ତା ୫ ମ ଶତକ (୨୦ ତମ ଶତାବ୍ଦୀର ଅନ୍ତିମ ବର୍ଷରେ) ର ଶେଷରେ ଇ.ସ. ୧୯୯୯ ରେ ଅର୍ଦ୍ଧ ବୟସ୍କ ମହାନ ବିଶ୍ୱନେତା ତେଜସ୍ୱୀ ସିଂହ ପରି ମାନବ (ଏକ୍ସରବସ୍ଥ ଉଷଜ୍ଞକ୍ସରଭ) ଉଦ୍‌ବିଗ୍ନ ଅବସ୍ଥାରେ ଚାରିକାନ୍ଥକୁ ଲଘଂନ କରି ମୋ (ନାସ୍ତ୍ରେଦମସ) ମନକୁ ଭେଦ କରୁଅଛି ଏବଂ ମୁଁ ତାଙ୍କୁ ସ୍ୱାଗତ କରିବା ସହିତ ଆଶ୍ଚର୍ଯ୍ୟ ମଧ୍ୟ ହେଉଅଛି, ଉଦାସ ମଧ୍ୟ ହେଉଛି, କାରଣ ଦୁନିଆ ତାଙ୍କ ପ୍ରତି ଅଜ୍ଞ ଥିବାରୁ ମୋର ଶାୟରନ (ତତ୍ତ୍ୱଦର୍ଶୀ ସନ୍ଥ) ଉପେକ୍ଷାର ପାତ୍ର ହେବ ।

ମୋର (ନାସ୍ତ୍ରେଦମସଙ୍କର) ଚିତ୍ତଭେଦୀ ଭବିଷ୍ୟତ ବାଣୀ ଓ ସେହି ବୈଶ୍ୱିକ ସିଂହ ମାନବର ଉପେକ୍ଷା କରନ୍ତୁ ନାହିଁ । ସେ ପ୍ରକଟ ହେବା ମାତ୍ରେ ତଥା ତାଙ୍କ ତେଜସ୍ୱୀ ତତ୍ତ୍ୱଜ୍ଞାନ ରୂପୀ ସୂର୍ଯ୍ୟ ଉଦୟ ହେବ । ଯାହାଦ୍ୱାରା ଆଦର୍ଶବାଦୀ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ପୁନରୁତ୍ଥାନ ତଥା ସ୍ୱର୍ଣ୍ଣଯୁଗର ପ୍ରଭାତ ଶତକ ୬ ରେ ଆଜି ଇ.ସ.୧୫୫୫ ଠାରୁ ୪୫୦ ବର୍ଷ ପରେ ଅର୍ଥାତ୍ ୨୦୦୬ ରେ (୧୫୫୫+୪୫୦=୨୦୦୫ ପରେ ଅର୍ଥାତ୍ ୨୦୦୬ ରେ) ଆରମ୍ଭ ହେବ । ଏହି କୃତାର୍ଥ ଶୁଭାରମ୍ଭର ମୁଁ (ନାସ୍ତ୍ରେଦମସ) ଦ୍ରଷ୍ଟା ।

୫. (ପୃଷ୍ଠା-୪୪, ୪୫, ୪୬):- (ନାସ୍ତ୍ରେଦମସ ଶତକ ୧ ଶ୍ଳୋକ ୫୦ ରେ ପୁଣି ପ୍ରମାଣିତ କରୁଛନ୍ତି) ତିନିପଟରୁ ସାଗର ଘେରି ରହିଥିବା ଦ୍ୱୀପ (ହିନ୍ଦୁସ୍ଥାନ ଦେଶ)ରେ ସେହି ମହାନ ସନ୍ଥଙ୍କର ଜନ୍ମ ହେବ । ସେ ସମୟରେ ତତ୍ତ୍ୱଜ୍ଞାନ ଅଭାବରୁ ଅଜ୍ଞାନତାର ଅନ୍ଧକାର ଚତୁର୍ଦ୍ଦିଗରେ ବ୍ୟାପିଥିବ । ନୈତିକତାର ପତନ ହୋଇ ଚାରିଆଡେ ହାହାକାର ମାଚିଥିବ । ସେହି ଶାୟରନ (ଧାର୍ମିକ ନେତା) ଗୁରୁବର ଅର୍ଥାତ୍ ଗୁରୁଜୀଙ୍କୁ ଶ୍ରେଷ୍ଠ ମାନି ନିଜେ ସାଧନା କରିବେ ଓ କରାଇବେ । ସେହି ଧାର୍ମିକନେତା (ତତ୍ତ୍ୱଦର୍ଶୀ ସନ୍ଥ) ନିଜର ଧର୍ମବଳ ଅର୍ଥାତ୍ ଭକ୍ତିର ଶକ୍ତିରେ ତଥା ତତ୍ତ୍ୱଜ୍ଞାନ ଦ୍ୱାରା ସମସ୍ତ ରାଷ୍ଟ୍ରକୁ ନତମସ୍ତକ କରାଇବେ ।

ଏସିଆ ମହାଦେଶରେ ତାଙ୍କୁ ରୋକିବା ଅର୍ଥାତ୍ ତାଙ୍କର ପ୍ରଚାରରେ ବାଧା ସୃଷ୍ଟି କରିବା ପାଗଳାମି ହେବ । (ଶତକ ୧ ଶ୍ଳୋକ-୫୦) ।

ନୋଟ୍ :- (ନାସ୍ତ୍ରେଦମସଙ୍କ ଭବିଷ୍ୟବାଣୀ ଫ୍ରାନ୍ସ ଦେଶର ଭାଷାରେ ଲେଖାଯାଇଥିଲା । ପରେ ପାଲ୍‌ବ୍ରଣ୍ଟନ୍ ନାମକ ଜଣେ ଇଂରେଜ ଫ୍ରାନ୍ସରେ କିଛି ବର୍ଷ ଅବସ୍ଥାନ କରି ନାସ୍ତ୍ରେଦମସଙ୍କର ସେହି ଭବିଷ୍ୟବାଣୀ "ସେଞ୍ଚୁରୀ ଗ୍ରନ୍ଥ"କୁ ବୁଝି ପରବର୍ତ୍ତୀ ସମୟରେ ଇଂରାଜୀ ଭାଷାରେ ଲେଖିଥିଲେ। ସେ ଗୁରୁବର ଶବ୍ଦକୁ (ବୃହସ୍ପତି) ଗୁରୁବାର ଅର୍ଥାତ୍ ଥାର୍ସ୍‌ଡେ ଭାବି ଲେଖି କହିଥିଲେ ଯେ ସେ ଗୁରୁବାରକୁ ନିଜର ପୂଜାର ଆଧାର କରିବେ । ବାସ୍ତବରେ ଗୁରୁବର ଶବ୍ଦର ଅର୍ଥ ସର୍ବଗୁରୁମାନଙ୍କ ମଧ୍ୟରେ ଯିଏ ତତ୍ତ୍ୱଜ୍ଞାତା ବା ଶ୍ରେଷ୍ଠ ତଥା ଗୁରୁଙ୍କୁ ମୁଖ୍ୟ ମାନି ସାଧନା କରିବା । ବେଦ ଭାଷାରେ ବୃହସ୍ପତିର ଭାବାର୍ଥ ସର୍ବୋଚ୍ଚ ସ୍ୱାମୀ ଅର୍ଥାତ୍ ପରମେଶ୍ୱର, ବୃହସ୍ପତିର ଦ୍ୱିତୀୟ ଅର୍ଥ ଜଗତ୍‌ଗୁରୁ ମଧ୍ୟ ହେବ । ଜଗତଗୁରୁ ଓ ପରମେଶ୍ୱର ମଧ୍ୟ ବୃହସ୍ପତିର ସମାନ ଅର୍ଥବୋଧକ ଶବ୍ଦ ଅଟେ ।)

ସେ ଅର୍ଦ୍ଧ ବୟସରେ ତତ୍ତ୍ୱଜ୍ଞାନର ଜ୍ଞାତା ଓ ବିଜ୍ଞ ହୋଇ ତିନିଲୋକରେ କିର୍ତ୍ତୀମାନ ହେବେ । ମୋତେ (ନାସ୍ତ୍ରେଦମସଙ୍କୁ) ତାଙ୍କ ନୂତନ ଉପାୟ ଓ ସାଧନା ମନ୍ତ୍ର ଏପରି କ୍ରୁର ଅନୁଭୁତି ଦେଉଛି ଯେପରି ସର୍ପକୁ ବଶୀଭୂତ କରାଯାଉଥିବା ଗାରୁଡି ମନ୍ତ୍ର ଦ୍ୱାରା ମହାବିଷାକ୍ତ ସର୍ପକୁ ବଶୀଭୂତ କରାଯାଏ। ସେହି ନୂତନ ଉପାୟ, ନୂତନ ବୁଦ୍ଧି, ନୂତନ ନୀତିନିୟମ ଗଠନ କରୁଥିବା ତତ୍ତ୍ୱଜ୍ଞାନୀ ଦୁନିଆ ସମ୍ମୁଖରେ ପ୍ରକଟ ହେବେ । ମୁଁ (ନାସ୍ତ୍ରେଦମସ) ଆଚମ୍ଭିତ ହୋଇ ତାଙ୍କୁ ''ଗ୍ରେଟ୍ ଶାୟରନ୍'' ବୋଲି ସମ୍ବୋଧିତ କରୁଛି । ତାଙ୍କ ଜ୍ଞାନର ଦିବ୍ୟ ତେଜ ପ୍ରଭାବରୁ ସେହି ଦ୍ୱୀପକଳ୍ପ (ଭାରତବର୍ଷ)ରେ ଆକ୍ରାମକ ଝଡ଼-ତୋଫାନର ତାଣ୍ଡବ ହେବ ଅର୍ଥାତ୍ ଅଜ୍ଞାନୀ ସନ୍ଥମାନଙ୍କ ଦ୍ୱାରା ବିଦ୍ରୋହ ସୃଷ୍ଟି କରାଯିବ । ସେହି ବିଦ୍ରୋହକୁ ଶାନ୍ତ କରିବାର ଉପାୟ ମଧ୍ୟ ତାକୁ ଜଣାଥିବ ଯେପରି କ୍ରୁର ସର୍ପକୁ ବଶିଭୂତ କରାଯାଏ । ସେ ସିଂହତୁଲ୍ୟ ଶକ୍ତିଶାଳୀ ଓ ତେଜପୂଞ୍ଜ ବ୍ୟକ୍ତିତ୍ୱର ଅଧିକାରି ହେବେ । ମୁଁ (ନାସ୍ତ୍ରେଦମସ) ସ୍ପଷ୍ଟ ଶବ୍ଦରେ ଏହା କହୁଛି ଯେ ସେ କୁଣ୍ଡଳିନୀ ଶକ୍ତି ଧାରଣ କରିଛନ୍ତି । ପୂନର୍ବାର ସ୍ପଷ୍ଟ ଶବ୍ଦରେ କୁହାଯାଇପାରେ ଯେ ସେ ସମୟରେ, ଯେଉଁ ମହାସାଗର ମଧ୍ୟରେ ସେହି ଦ୍ୱିପକଳ୍ପ (ଉପଦ୍ୱୀପ) ଅଛି ସେହି ଦେଶର ନାମରେ ଏକ ମହାସାଗରର ମଧ୍ୟ ନାମ ଅଛି (ହିନ୍ଦ୍ ମହାସାଗର) ଯେଉଁଠାରେ ସେହି ଉଷଙ୍କସ୍ୱରଭ ପ୍ରକଟ ହେବ । ବିଶେଷତ୍ୱ ଏହା ହେବ ଯେ ସେହି ଦେଶର ଭୂଜଂଗ ସର୍ପିଣୀ ଶକ୍ତି (କୁଣ୍ଡଳିନୀ ଶକ୍ତି) ସହିତ ସେ ପୂର୍ଣ୍ଣ ରୂପେ ପରିଚିତ True Master ହେବେ । ସେହି Chyren (ମହାନ ଧାର୍ମିକ ନେତା) ଉଦାର ମତାବଲମ୍ବି, କୃପାଳୁ, ଦୟାଳୁ, ଦେଦିପ୍ୟମାନ, ସନାତନ ସାମ୍ରାଜ୍ୟ ଅଧିକାରୀ, ଆଦିପୁରୁଷ (ସତ୍ୟପୁରୁଷ) ଙ୍କ ଅନୁଗାମୀ ହେବେ । ତାଙ୍କ ଶକ୍ତି ସାର୍ବଭୌମ ହେବ, ତାଙ୍କ ମହିମା, ଉପାୟ ଗୁରୁ ଶ୍ରଦ୍ଧା, ଗୁରୁଭକ୍ତି ଅର୍ଥାତ୍ ଗୁରୁବିନା କୌଣସି ସାଧନା ସଫଳ ହୁଏ ନାହିଁ, ଏହି ସିଦ୍ଧାନ୍ତକୁ ସେ ଦୃଢ଼ କରିବେ । ତତ୍ତ୍ୱଜ୍ଞାନର ସତସଙ୍ଗ କରି ପ୍ରଥମେ ଅଜ୍ଞାନ ନିଦ୍ରାରେ ଶୋଇଥିବା ଧାର୍ମିକ ବନ୍ଧୁମାନଙ୍କୁ (ହିନ୍ଦୁମାନଙ୍କୁ) ଜାଗ୍ରତ କରି ଅନ୍ଧବିଶ୍ୱାସ ଆଧାରରେ ସାଧନା କରୁଥିବା ଶ୍ରଦ୍ଧାଳୁମାନଙ୍କର ଶାସ୍ତ୍ରବିଧି ରହିତ ସାଧନାର ପର୍ଦ୍ଦାଫାସ୍ କରି, ଗୁଢ଼ ଗଭୀର ଜ୍ଞାନ (ତତ୍ତ୍ୱଜ୍ଞାନ) ପ୍ରକାଶ କରିବେ । ନିଜ ସନାତନ ଧର୍ମର ପାଳନ କରି ସମୃଦ୍ଧି, ଶାନ୍ତିର ଅଧିକାରୀ କରାଇବେ । ତତ୍‌ପଶ୍ଚାତ୍ ତାଙ୍କ ତତ୍ତ୍ୱଜ୍ଞାନ ସମ୍ପୂର୍ଣ୍ଣ ବିଶ୍ୱକୁ ବିସ୍ତାରିତ ହେବ। ସେହି (ମହାନ ତତ୍ତ୍ୱଦର୍ଶୀ ସନ୍ଥ)ଙ୍କ ଜ୍ଞାନ ସମତୁଲ୍ୟ କେହି ହୋଇ ପାରିବେ ନାହିଁ ଅର୍ଥାତ୍ ତାଙ୍କର କେହି ପ୍ରତିଦ୍ୱନ୍ଦୀ ରହିବେ ନାହିଁ । ତାଙ୍କ ଗୁଢଜ୍ଞାନ (ତତ୍ତ୍ୱଜ୍ଞାନ) ସମ୍ମୁଖରେ ସୂର୍ଯ୍ୟର ତେଜ ମଧ୍ୟ କମ ପଡ଼ିଯିବ । ସେହି ବିଶ୍ୱବିଖ୍ୟାତ ସିଂହ ମହାମାନବ ଏତେ ମାତ୍ରାରେ ମହାନ ହେବେ ଯେ ମୁଁ (ନାସ୍ତ୍ରେଦମସ) ତାଙ୍କ ମହିମାକୁ ଶବ୍ଦରେ ବର୍ଣ୍ଣନା କରିପାରୁ ନାହିଁ । ମୁଁ (ନାସ୍ତ୍ରେଦମସ) ସେହି ଗ୍ରେଟ୍ ଶାୟରନକୁ ମୋ ସମ୍ମୁଖରେ ଦେଖୁଅଛି ।

ଉପରୋକ୍ତ ବିବରଣୀର ଭାବାର୍ଥ ଏହା ଯେ "୫୦ ବର୍ଷ ବୟସରେ ସେହି ବିଶ୍ୱନେତାଙ୍କୁ ଶାସ୍ତ୍ରରେ ଥିବା ତତ୍ତ୍ୱଜ୍ଞାନ ଜଣା ପଡିଯିବ ଅର୍ଥାତ୍ ସେ ୫୦ ବର୍ଷ ବୟସରେ (ସନ ୨୦୦୧ ରେ) ସର୍ବ ଧର୍ମଶାସ୍ତ୍ରକୁ ପଢ଼ି ସେଗୁଡ଼ିକର ଜ୍ଞାନୀ (ତତ୍ତ୍ୱଜ୍ଞାନୀ) ହେବେ ତଥା ତା'ପରେ ସେ ସେହି ତତ୍ତ୍ୱଜ୍ଞାନର ଜ୍ଞାନୀ (ଜାଣିବା ଯୋଗ୍ୟ ପରମେଶ୍ୱରଙ୍କ ଜ୍ଞାନ ଅନ୍ୟକୁ ପ୍ରଦାନ କରିପାରୁଥିବା) ହେବେ । ତାଙ୍କର

ଆଧ୍ୟାତ୍ମିକ ଜନ୍ମ ଅମାବାସ୍ୟାରେ ହେବ । ସେ ସମୟରେ ତାଙ୍କର ବୟସ ତରୁଣ ଅର୍ଥାତ୍ ୧୦, ୨୦, ୨୫ ବର୍ଷ ମଧ୍ୟରେ ହୋଇ ନଥିବ, ସେ ପ୍ରୌଢ଼ ହୋଇଥିବେ ତଥା ଯେତେବେଳେ ସେ ପ୍ରସିଦ୍ଧ ହେବେ ସେତେବେଳେ ତାଙ୍କର ବୟସ ପଚାଶରୁ ଷାଠିଏ ବର୍ଷ ମଧ୍ୟରେ ହୋଇଥିବ ।"

୬. (ପୃଷ୍ଠା ୪୬, ୪୭):- ନାସ୍ତ୍ରେଦମସ କହୁଛନ୍ତି ଯେ ନିଃସନ୍ଦେହ ବିଶ୍ୱର ଶ୍ରେଷ୍ଠ ତତ୍ତ୍ୱଜ୍ଞାନୀ (ଗ୍ରେଟ ଶାୟରନ) ଙ୍କ ବିଷୟରେ ମୋ ଭବିଷ୍ୟବାଣୀର ଗୋଟିଏ ଗୋଟିଏ ଶବ୍ଦ ସହିତ କୌଣସି ନେତାଙ୍କ ଯୋଡି ତର୍କ-ବିତର୍କ କରି ଦେଖିଲେ କେହି ମଧ୍ୟ ସେଥିରେ ଉତ୍ତୀର୍ଣ୍ଣ ହେବେ ନାହିଁ । ମୁଁ (ନାସ୍ତ୍ରେଦମସ) ଛାତି ବାଡେଇ ଏହି ଶବ୍ଦ କହୁଛି ଯେ ମୋ ଶାୟରନର କର୍ତ୍ତୃତ୍ୱ ଏବଂ ତାଙ୍କ ଗୂଢ଼ଗଭୀର ଜ୍ଞାନ (ତତ୍ତ୍ୱଜ୍ଞାନ) ସମସ୍ତଙ୍କର ମୁଖା ଖୋଲି ଦେବ, ବାସ୍ ୨୦୦୬ ମସିହାକୁ ଅପେକ୍ଷା କର। ଏହି ବିଧାନର ଗୋଟିଏ ଗୋଟିଏ ଶବ୍ଦର ସଠିକ୍ ଉତ୍ତର ଶାୟରନ ହିଁ ଦେବ ।

୭. (ପୃଷ୍ଠା -୫୨):- ନାସ୍ତ୍ରେଦାମସ ନିଜ ଭବିଷ୍ୟବାଣୀରେ କହିଛନ୍ତି ଯେ ୨୧ ତମ ଶତାବ୍ଦୀର ପ୍ରାରମ୍ଭରେ ଦୁନିଆର ଆକାଶରେ ସେହି ଶାୟରନଙ୍କର ଉଦୟ ହେବ । ଯାହା ମଧ୍ୟ ପରିବର୍ତ୍ତନ ହେବ ତାହା ମୋ (ନାସ୍ତ୍ରେଦମସର) ଇଚ୍ଛାରେ ନୁହେଁ ସେସବୁ କେବଳ ଶାୟରନର ଆଜ୍ଞା ଓ ନିୟତିର ଇଚ୍ଛାରେ ସମସ୍ତ ପରିବର୍ତ୍ତନ ନିଶ୍ଚୟ ହେବ । ସେଥିମଧ୍ୟରୁ ନୂତନ ପରିବର୍ତ୍ତନ ଅର୍ଥାତ୍ ହିନ୍ଦୁସ୍ଥାନ ସର୍ବଶ୍ରେଷ୍ଠ ରାଷ୍ଟ୍ର ଭାବେ ପରିଗଣିତ ହେବ । ଅନେକ ଶତାବ୍ଦୀ ଧରି ହିନ୍ଦୁମାନଙ୍କର ଯେଉଁ ସୁଖ ସାମ୍ରାଜ୍ୟ ଦୃଷ୍ଟିଗୋଚର ହେଉ ନ ଥିଲା ତାହା ଦୃଶ୍ୟମାନ ହେବ । ସେହି ଦେଶରେ ଜନ୍ମ ହୋଇଥିବା ଧାର୍ମିକ ସନ୍ଥ ହିଁ ତତ୍ତ୍ୱଦ୍ରଷ୍ଟା, ଜଗତର ତ୍ରାଣକର୍ତ୍ତା ଓ ବିଶ୍ୱବିଜୟୀ ହେବେ । ଏସିଆ ଖଣ୍ଡରେ ପ୍ରଚଳିତ ହିନ୍ଦୁମାନଙ୍କର ରାମାୟଣ, ମହାଭାରତ ଆଦିର ଜ୍ଞାନଠାରୁ ଭିନ୍ନ ଜ୍ଞାନ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କର ହେବ । ସେ ସତ୍ୟପୁରୁଷଙ୍କ ଅନୁଗାମୀ ହେବେ । ସେ ଜଣେ ଅଦ୍ୱିତୀୟ ସନ୍ଥ ହେବେ ।

୮. (ପୃଷ୍ଠା-୭୪):- ଅନେକ ସନ୍ଥ, ନେତା ଆସିବେ ଓ ଯିବେ, ସମସ୍ତେ ପରମାତ୍ମାଙ୍କ ଦ୍ରୋହୀ ଓ ଅଭିମାନୀ ହେବେ । ମୋତେ (ନାସ୍ତ୍ରେଦମସଙ୍କୁ) ସେହି ଶାୟରନର ଆନ୍ତରିକ ସାକ୍ଷାତକାର ହୋଇଛି । ନାସ୍ତ୍ରେଦମସ କହିଛନ୍ତି ଯେ ସେହି ମହାନ ହିନ୍ଦୁ ଧାର୍ମିକ ନେତାଙ୍କୁ ଚିହ୍ନି ନ ପାରି ତାଙ୍କ ଉପରେ ରାଷ୍ଟ୍ରଦ୍ରୋହର ଆରୋପ ମଧ୍ୟ ଲଗାଯିବ । ଏଥିପାଇଁ ମୁଁ ଦୁଃଖିତ ଯେ ସେହି ଧାର୍ମୀକ ନେତା (chyren) ଉପେକ୍ଷାର ପାତ୍ର ହେବେ ପରନ୍ତୁ ହିନ୍ଦୁସ୍ତାନର ସେହି ହିନ୍ଦୁ ସନ୍ଥ ଆଗାମୀ ଅନ୍ଧକାରୀ (ଭକ୍ତିଜ୍ଞାନ ଅଭାବରୁ ଅନ୍ଧ) ପ୍ରଳୟଙ୍କାରୀ (ସ୍ୱାର୍ଥବଶତଃ ଭାଇ-ଭାଇକୁ ମାରୁଛି, ପୁତ୍ର ପିତା ପ୍ରତି ବିମୁଖ, ହିନ୍ଦୁ-ହିନ୍ଦୁର ଶତ୍ରୁ, ମୁସଲମାନ-ମୁସଲମାନର ଶତ୍ରୁ ହୋଇଛି) ଧୁଁଧୁଁକାରୀ (ଅତି ବ୍ୟଗ୍ରତାର ସହିତ ମାୟା ପଛରେ ଭାବେ ଦୌଡୁଥିବା ମାନବ ସମାଜ) ଜଗତକୁ ନୂତନ ପ୍ରକାଶ ପ୍ରଦାନକାରୀ ସର୍ବଶ୍ରେଷ୍ଠ ବିଶ୍ୱବିଜେତା, ଧାର୍ମିକ ବିଶ୍ୱନେତାଙ୍କର ନିଜ ଉଦାରତା ବ୍ୟତୀତ ଅନ୍ୟ କୌଣସି ଅଭିଳାଷା ରହିବ ନାହିଁ ଅର୍ଥାତ୍ ମାନବ ସମାଜର ଉଦ୍ଧାର ପାଇଁ ଚିନ୍ତା କରିବା ବ୍ୟତୀତ ଅନ୍ୟ କୌଣସି ସ୍ୱାର୍ଥ ତାଙ୍କର ରହିବ ନାହିଁ । ନା ସେ ଅଭିମାନୀ ହେବେ। ମୋ ଭବିଷ୍ୟବାଣୀ ପାଇଁ ଏହା ଗୌରବର ବିଷୟ ହେବ ଯେ ସେହି ତତ୍ତ୍ୱଦର୍ଶୀ ସନ୍ଥ ସଂସାରରେ ନିଶ୍ଚୟ ପ୍ରସିଦ୍ଧ ହେବେ। ତାଙ୍କ ଦ୍ୱାରା ବତାଯାଇଥିବା ଜ୍ଞାନ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହି ସନ୍ଥ ଆଧୁନିକ ଯୁଗର ବୈଜ୍ଞାନିକମାନଙ୍କର ଆଖିକୁ ଝଲସାଇ ଦେବେ, ସେ ଏଭଳି ଆଧ୍ୟାତ୍ମିକ ଚମତ୍କାର କରିବେ ଯେ ବୈଜ୍ଞାନିକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ତାଙ୍କର ସମସ୍ତ ଜ୍ଞାନ ଶାସ୍ତ୍ର ପ୍ରମାଣିତ ହେବ। ମୁଁ (ନାସ୍ତ୍ରେଦମସ୍) କହୁଅଛି ଯେ ବୁଦ୍ଧିଜିବୀ ବ୍ୟକ୍ତି ତାଙ୍କର ଉପେକ୍ଷା କରନ୍ତୁ ନାହିଁ। ତାଙ୍କୁ ଛୋଟ ଜ୍ଞାନଦୀପ ମନେ କରନ୍ତୁ ନାହିଁ, ସେହି ତତ୍ତ୍ୱଜ୍ଞାନୀ ମହାମାନବ (ଶାୟରନ)ଙ୍କୁ ସିଂହାସନସ୍ଥ କରାଇ (ଆସନରେ ବସାଇ) ଆରାଧ୍ୟ ଦେବ ରୂପେ ପୂଜା କରନ୍ତୁ। ସେହି ଆଦିପୁରୁଷ (ସତ୍ୟପୁରୁଷ)ଙ୍କ ଅନୁଯାୟୀ ଦୁନିଆର ତାରଣକର୍ତ୍ତା ହେବେ।

## "ସନ୍ଥ ରାମପାଲଜୀ ମହାରାଜଙ୍କ ସମର୍ଥନରେ ଅନ୍ୟ ଭବିଷ୍ୟବକ୍ତାମାନଙ୍କର ଭବିଷ୍ୟବାଣୀ"

୧. ଇଂଲଣ୍ଡର ଜ୍ୟୋତିଷ 'କୀରୋ' ସନ ୧୯୨୫ ରେ ଲେଖିଥିବା ପୁସ୍ତକରେ ଭବିଷ୍ୟବାଣୀ କରି କହିଛନ୍ତି ଯେ ବିଂଶ ଶତାବ୍ଦୀ ଅର୍ଥାତ୍ ୨୦୦୦ ଇ.ର ଉତ୍ତରାର୍ଦ୍ଧରେ (ସନ ୧୯୫୦ ପରେ ଜନ୍ମିତ ସନ୍ଥ) ବିଶ୍ୱରେ ଏକ ନୂତନ ସଭ୍ୟତା ଆଣିବେ ଯାହା ସମ୍ପୂର୍ଣ୍ଣ ବିଶ୍ୱକୁ ବିସ୍ତାରିତ ହେବ। ଭାରତର ସେହି ଜଣେ ବ୍ୟକ୍ତି

ସାରା ସଂସାରରେ ଜ୍ଞାନର କ୍ରାନ୍ତି ଆଣିବେ ।

୨. ଭବିଷ୍ୟବକ୍ତା "ଶ୍ରୀ ଓ୍ବେଜୀଲେଟିନ୍"ଙ୍କ ଅନୁସାରେ ୨୦ ତମ ଶତାବ୍ଦୀର ଉତ୍ତରାର୍ଦ୍ଧରେ, ବିଶ୍ୱରେ ଆପୋଷ ପ୍ରେମର ଅଭାବ ହେବ, ମାନବିକତା ହ୍ରାସ ପାଇବ, ମାୟା ସଂଗ୍ରହର ଦୌଡ ବଢିବ, ଲୁଣ୍ଠନ ବଢିବ ଓ ରାଜନେତାମାନେ ଅନ୍ୟାୟୀ ହୋଇଯିବେ । ଏହି ପ୍ରକାରେ ବହୁ ଉତ୍ପାତ ଦେଖିବାକୁ ମିଳିବ । ପରନ୍ତୁ ଭାରତରୁ ଉତ୍ପନ୍ନ ଶାନ୍ତି ଭାତୃତ୍ୱ ଭାବ ଉପରେ ଆଧାରିତ ନୂତନ ସଭ୍ୟତା ସଂସାରରେ ଦେଶ-ରାଜ୍ୟ ଓ ଜାତି ସୀମାକୁ ଲଙ୍ଘନ କରି ସାରା ବିଶ୍ୱରେ ସୁଖ ଶାନ୍ତି ଉତ୍ପନ୍ନ କରିବ ।

୩. ଆମେରିକାର ମହିଳା ଭବିଷ୍ୟବକ୍ତା "ଜୀନ୍ ଡିକ୍ସନ୍"ଙ୍କ ଅନୁସାରେ ୨୦ ତମ ଶତାବ୍ଦୀ ଶେଷ ହେବା ପୂର୍ବରୁ ବିଶ୍ୱରେ ଘୋର ହାହାକାର ପଡିଯିବ ଏବଂ ମାନବତାର ସଂହାର ହେବ । ବୈଚାରିକ ଯୁଦ୍ଧ ପରେ ଆଧ୍ୟାତ୍ମିକତା ଉପରେ ଆଧାରିତ ଏକ ନୂତନ ସଭ୍ୟତା ସମ୍ଭବତଃ ଭାରତର ଗ୍ରାମୀଣ ପରିବାରରେ ଜନ୍ମ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ଚାଲିବ ଏବଂ ସେ ସଦାସର୍ବଦା ପାଇଁ ସଂସାରରୁ ଯୁଦ୍ଧକୁ ଦୂର କରିଦେବେ ।

୪. ଆମେରିକାର "ଶ୍ରୀ ଏଣ୍ଡରସନ୍"ଙ୍କ ଅନୁସାରେ ୨୦ ତମ ଶତାବ୍ଦୀ ଶେଷ ହେବା ପୂର୍ବରୁ ଅଥବା ୨୧ ତମ ଶତାବ୍ଦୀର ପ୍ରଥମ ଦଶକରେ ବିଶ୍ୱରେ ଅସଭ୍ୟତାର ନଗ୍ନ ତାଣ୍ଡବ ନୃତ୍ୟ ଦେଖିବାକୁ ମିଳିବ । ଇତ୍ୟାବସରରେ ଭାରତର ଗ୍ରମାଞ୍ଚଳରେ ଜନ୍ମିତ ଜଣେ ଧାର୍ମିକ ବ୍ୟକ୍ତି, ଏକ ମାନବ, ଏକ ଭାଷା ଓ ଏକ ପତାକାର ରୂପରେଖ ଅନୁସାରେ ସମ୍ବିଧାନ ଗଠନ କରିବେ ତଥା ସଂସାରକୁ ସେ ସଦାଚାର, ଉଦାରତା, ମାନବୀୟ ସେବା ଓ ପ୍ରେମର ଉପଯୁକ୍ତ ଶିକ୍ଷା ଦେବେ । ସନ ୧୯୯୯ ପରେ ଏହି ମହାପୁରୁଷ ଆଗାମୀ ହଜାର ବର୍ଷ ପାଇଁ ବିଶ୍ୱକୁ ଧର୍ମ ଓ ସୁଖ ଶାନ୍ତିରେ ପରିପୂର୍ଣ୍ଣ କରିଦେବେ ।

୫. ହଲାଣ୍ଡର ଭବିଷ୍ୟବକ୍ତା "ଶ୍ରୀ ଗେରାର୍ଡ କ୍ରାଇସେ"ଙ୍କ ଅନୁସାରେ ୨୦ ତମ ଶତାବ୍ଦୀ ଶେଷ ହେବା ପୂର୍ବରୁ ଅଥବା ୨୧ ତମ ଶତାବ୍ଦୀର ପ୍ରଥମ ଦଶକରେ ଭୟଙ୍କର ଯୁଦ୍ଧ କାରଣରୁ କେତେକ ଦେଶର ଅସ୍ତିତ୍ୱ ସମାପ୍ତ ହୋଇଯିବ ପରନ୍ତୁ ଭାରତର ଜଣେ ମହାପୁରୁଷ ସମ୍ପୂର୍ଣ୍ଣ ବିଶ୍ୱକୁ ମାନବତାର ଏକସୂତ୍ରରେ ବାନ୍ଧି ହିଂସା, ଦ୍ୱେଷ, ଦୂରାଚାର, କପଟତା ଆଦିକୁ ସଦାସର୍ବଦା ପାଇଁ ସଂସାରରୁ ସମାପ୍ତ କରିଦେବେ ।

୬. ଆମେରିକାର ଭବିଷ୍ୟବକ୍ତା "ଶ୍ରୀ ଚାଲର୍ସ କ୍ଲାର୍କ"ଙ୍କ ଅନୁସାରେ ୨୦ ତମ ଶତାବ୍ଦୀର ଅନ୍ତ ପୂର୍ବରୁ ଏକ ଦେଶ ବିଜ୍ଞାନରେ ଉନ୍ନତି କରି ସବୁ ଦେଶକୁ ପଛରେ ପକାଇଦେବ ପରନ୍ତୁ ଭାରତର ପ୍ରତିଷ୍ଠା ବିଶେଷ କରି ଏହାର ଧର୍ମ ଓ ଦର୍ଶନ ହେବ ଯାହାକୁ ସମ୍ପୂର୍ଣ୍ଣ ବିଶ୍ୱ ଆପଣାଇ ନେବ। ୨୧ ତମ ଶତାବ୍ଦୀର ପ୍ରଥମ ଦଶକରେ ଏହି ଧାର୍ମୀକ କ୍ରାନ୍ତି ସମ୍ପୂର୍ଣ୍ଣ ବିଶ୍ୱକୁ ପ୍ରଭାବିତ କରିବ ଏବଂ ଆଧ୍ୟାତ୍ମକତାକୁ ଗ୍ରହଣ କରିବା ପାଇଁ ମାନବକୁ ବାଧ୍ୟ କରିଦେବ ।

୭. ହଙ୍ଗେରୀର ମହିଳା ଜ୍ୟୋତିଷୀ "ବୋରିସ୍କା"ଙ୍କ ଅନୁସାରେ ସନ ୨୦୦୦ ଈ.ର ପ୍ରାରମ୍ଭରେ ହତ୍ୟା-ଲୁଣ୍ଠନର ଉଗ୍ର ପରିସ୍ଥିତି ମଧ୍ୟରେ ମାନବୀୟ ସଦଗୁଣର ବିକାଶ ହେବ ଯାହା ଏକ ଭାରତୀୟ ଧର୍ମାବତାରଙ୍କ ସହିତ ଭୌତିକବାଦର ସଂଘର୍ଷର ଫଳାଫଳ ହେବ ଏବଂ ଏହା ଚିରସ୍ଥାୟୀ ହୋଇ ରହିବ, ବହୁତ ସଂଖ୍ୟାରେ ଗରିବଲୋକ ଏହି ଆଧ୍ୟାତ୍ମିକ ବ୍ୟକ୍ତିଙ୍କର ଅନୁଗାମୀ ହୋଇ ଭୌତିକବାଦକୁ ଆଧ୍ୟାତ୍ମକତାରେ ବଦଳାଇ ଦେବେ ।

୮. ଫ୍ରାନ୍ସର ଡ଼କ୍ଟର ଜୁଲବର୍ନଙ୍କ ଅନୁସାରେ ସନ ୧୯୯୦ ପରେ ୟୁରୋପୀୟ ଦେଶଗୁଡିକ ଭାରତର ଧାର୍ମିକ ସଭ୍ୟତା ପ୍ରତି ଶିଘ୍ରତାର ସହିତ ନତମସ୍ତକ ହେବେ । ସନ ୨୦୦୦ ପର୍ଯ୍ୟନ୍ତ ବିଶ୍ୱର ଜନସଂଖ୍ୟା ପ୍ରାୟ ୬୪୦ କୋଟି ହୋଇଯିବ । ଭାରତରୁ ଉଦୟ ଏକ ଧାର୍ମିକ କ୍ରାନ୍ତିର ଜ୍ଞାନ ନାସ୍ତିକବାଦକୁ ବିନାଶ କରି ଘୂର୍ଣ୍ଣିବାତ୍ୟା ଭଳି ସମ୍ପୂର୍ଣ୍ଣ ବିଶ୍ୱକୁ ଢାଙ୍କି ଦେବ । ଚାହୁଁ ଚାହୁଁ ସେହି ଭାରତୀୟ ମହାନ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଅନୁଗାମୀଙ୍କ ସମୁହ ଏକ ସଂସ୍ଥା ରୂପରେ "ଆତ୍ମଶକ୍ତି"ବଳରେ ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବେ ।

୯. ଫ୍ରାନ୍ସର "ନାସ୍ତ୍ରେଦମସ"ଙ୍କ ଅନୁସାରେ ସୈନିକ କ୍ରାନ୍ତି ପରେ ସାରା ବିଶ୍ୱରେ ଅଳ୍ପ କିଛି ଉତ୍ତମ ଲୋକ ସଂସାରକୁ ଭଲ ରୂପେ ଗଢିବେ । ସେମାନଙ୍କର ମହାନ ଧର୍ମନିଷ୍ଠ ବିଶ୍ୱବିଖ୍ୟାତ ନେତା ୨୦ ତମ ଶତାବ୍ଦୀର ଶେଷ ଏବଂ ୨୧ ତମ ଶତାବ୍ଦୀର ପ୍ରାରମ୍ଭରେ, ପୂର୍ବଦିଗରେ ଥିବା କୌଣସି ଏକ ଦେଶରୁ ଜନ୍ମ

ନେଇ ଭ୍ରାତୃବୃତ୍ତି ଓ ସୌଜନ୍ୟତା ମାଧ୍ୟମରେ ସାରା ବିଶ୍ୱକୁ ଏକସୂତ୍ରରେ ବାନ୍ଧିବେ । (ନାସ୍ତ୍ରେଦମସ ଶତକ ୧ ଶ୍ଲୋକ ୫୦ ରେ ପ୍ରମାଣିତ କରୁଛନ୍ତି) ତିନିପଟରୁ ସାଗର ଘେରି ରହିଥିବା ଦ୍ୱୀପରେ ସେହି ମହାନ ସନ୍ଥଙ୍କ ଜନ୍ମ ହେବ । ତତ୍ତ୍ୱଜ୍ଞାନ ଅଭାବରୁ ସେ ସମୟରେ ସର୍ବତ୍ର ଅଜ୍ଞାନତା ଅନ୍ଧକାର ଥିବ। ନୈତିକତାର ପତନ ସହିତ ଚାରିଆଡ଼େ ହାହାକାର ପଡିଯାଇଥିବ। ସେହି ଶାୟରନ(ଧାର୍ମିକ ନେତା) ଗୁରୁବର ଅର୍ଥାତ୍ ଗୁରୁଜୀଙ୍କୁ ବର (ଶ୍ରେଷ୍ଠ) ମାନି ନିଜର ସାଧନା କରିବେ ଓ କରାଇବେ । ସେହି ଧାର୍ମିକ ନେତା (ତତ୍ତ୍ୱଦର୍ଶୀ ସନ୍ଥ) ନିଜର ଧର୍ମବଳ ଅର୍ଥାତ୍ ଭକ୍ତିଶକ୍ତି ତଥା ତତ୍ତ୍ୱଜ୍ଞାନ ଦ୍ୱାରା ସମସ୍ତ ରାଷ୍ଟ୍ରକୁ ନତମସ୍ତକ କରାଇବେ । ଏସିଆରେ ତାଙ୍କୁ ରୋକିବା ବା ତାଙ୍କ ପ୍ରଚାରରେ ବାଧାଦେବା ପାଗଳାମୀ ହେବ । (ଶତକ ୧ ଶ୍ଲୋକ ୫୦) (ସେଞ୍ଚୁରୀ-୧, କନ୍ନା ୫୦) ।

୧୦. ଇସ୍ରାଏଲର ପ୍ରଫେସର ହରାରଙ୍କ ଅନୁସାରେ ୨୦୦୦ ଇ.ର ପୂର୍ବରୁ ଭାରତ ଦେଶର ଜଣେ ଦିବ୍ୟ ମହାପୁରୁଷ ମାନବବାଦୀ ବିଚାର ଦ୍ୱାରା ଆଧ୍ୟାତ୍ମିକ କ୍ରାନ୍ତିର ମୂଳଦୁଆକୁ ମଜଭୂତ କରିବେ ଏବଂ ତାଙ୍କ ବିଚାର ଶୁଣିବା ପାଇଁ ସାରା ବିଶ୍ୱ ବାଧ୍ୟ ହେବ । ଭାରତର ଅଧିକାଂଶ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବ କିନ୍ତୁ ପରବର୍ତ୍ତୀ କାଳରେ ଧର୍ମନିଷ୍ଠ ବୀରଲୋକମାନଙ୍କ ହାତରେ ନେତୃତ୍ୱ ରହିବ ଯେଉଁମାନେ ଏକ ଧାର୍ମିକ ସଂଗଠନରେ ଆଶ୍ରିତ ହୋଇଥିବେ ।

୧୧. ନରୱେର ଶ୍ରୀ ଆନନ୍ଦାଚାର୍ଯ୍ୟଙ୍କ ଭବିଷ୍ୟବାଣୀ ଅନୁସାରେ ସନ ୧୯୯୮ ଉପରାନ୍ତ ଭାରତରେ ଏକ ଶକ୍ତିଶାଳୀ ଧାର୍ମିକ ସଂସ୍ଥା ପ୍ରକାଶ ହେବ ଯାହାର ସ୍ୱାମୀ ଜଣେ ଗୃହସ୍ଥ ବ୍ୟକ୍ତି ହେବେ ଏବଂ ପୂରା ବିଶ୍ୱ ତାଙ୍କ ଆଚାରସଂହିତାର ପାଳନ କରିବ । ଭାରତ ଧିରେ-ଧିରେ ଔଦ୍ୟୋଗିକ, ଧାର୍ମିକ ଓ ଆର୍ଥିକ ଦୃଷ୍ଟିରୁ ବିଶ୍ୱର ନେତୃତ୍ୱ କରିବ ଏବଂ ତାଙ୍କ ବିଜ୍ଞାନ (ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ) ପୂରା ବିଶ୍ୱକୁ ମାନ୍ୟ ହେବ ।

ଉପରୋକ୍ତ ଭବିଷ୍ୟବାଣୀ ଅନୁସାରେ ଆଜି ବିଶ୍ୱରେ ଘଟଣାମାନ ଘଟୁଅଛି । ଯୁଗ ପରିବର୍ତ୍ତନ ପ୍ରକୃତିର ଅଟଳ ସିଦ୍ଧାନ୍ତ ଅଟେ । ବୈଦିକ ଦର୍ଶନ ଅନୁସାରେ ଚାରୋଟି ଯୁଗ- ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପରଯୁଗ ଓ କଳିଯୁଗର ବ୍ୟବସ୍ଥା ଅଛି । ଯେତେବେଳେ ପାପୀମାନଙ୍କର ଏକଛତ୍ରବାଦ ସାମ୍ରାଜ୍ୟ ଏହି ପୃଥିବୀ ଉପରେ ହୋଇଯାଏ ସେତେବେଳେ ଭଗବାନ ପୃଥିବୀ ଉପରେ ମାନବ ରୂପରେ ପ୍ରକଟ ହୋଇଥାନ୍ତି ।

ମାନବତାର ଏହି ପୂର୍ଣ୍ଣ ବିକାଶର କାମ ଅନାଦି କାଳରୁ ଭାରତ କରି ଆସୁଅଛି । ଏହି ପୂଣ୍ୟଭୂମି ଉପରେ ଅବତାରମାନଙ୍କର ଅବତରଣ ଅନାଦିକାଳରୁ ହୋଇ ଆସୁଅଛି ।

ପରନ୍ତୁ ଏ କିପରି ବିଡ଼ମ୍ବନା ଦେଖନ୍ତୁ ଋଷି-ମୁନୀ, ମହାପୁରୁଷ ଓ ଅବତାରମାନଙ୍କ ଜୀବନ କାଳରେ ସେହି ସମୟର ଶାସନ ବ୍ୟବସ୍ଥା ଓ ଜନତା ସେମାନଙ୍କ ଦିବ୍ୟ ଜ୍ଞାନଯୁକ୍ତ ବାଣୀ ଓ ଆଦର୍ଶ ପ୍ରତି ଧ୍ୟାନ ନ ଦେଇ ସେମାନେ ଅର୍ନ୍ତଧାନ ହୋଇଯିବା ପରେ ଦୁଇଗୁଣା ଉତ୍ସାହର ସହିତ ସେମାନଙ୍କ ପୂଜା ଆରମ୍ଭ କରିଥାନ୍ତି । ଏହା ମଧ୍ୟ ଏକ ବିଡମ୍ବନା ଯେ ଆମ୍ଭେମାନେ ଜୀବନ୍ତ ଅବସ୍ଥାରେ ହାତରେ ସମୟ ଥାଇ ସୁଦ୍ଧା ସେମାନଙ୍କୁ ଓ ସେମାନଙ୍କ ଜ୍ଞାନକୁ ସ୍ୱୀକାର କରି ନ ଥାଉ ଅଧିକନ୍ତୁ ସେମାନଙ୍କୁ ବିରୋଧ ଓ ଅପମାନିତ କରି ଚାଲିଥାଉ । କିଛି ସ୍ୱାର୍ଥୀବ୍ୟକ୍ତି ଓ ସଂସ୍ଥା ଜନତାଙ୍କୁ ଭ୍ରମିତ କରି ପରମସନ୍ଥଙ୍କୁ ବଦ୍‌ନାମ କରି ବାଧକ ସାଜିଥାନ୍ତି । ଏହି ଉକ୍ତି ସମସ୍ତ ଯୁଗରେ ଚରିତାର୍ଥ ହୋଇ ଆସୁଛି ଏବଂ ବର୍ତ୍ତମାନ ସମୟରେ ମଧ୍ୟ ସେହିଭଳି ସଫଳ ହେବ ।

ଯେଉଁ ମହାପୁରୁଷ ବହୁତ କଷ୍ଟ ସହ୍ୟକରି ନିଜ ତପସ୍ୟା ଓ ସତ୍ୟ ଉପରେ ଅଟଳ ରହିଥାନ୍ତି, ସେମାନଙ୍କ ବଚନ କଦାପି ଅସତ୍ୟ ହେବ ନାହିଁ । ସତ୍ୟ ଉପରେ ଅଟଳ ରହି ଈସାମସୀହ (ଯୀଶୁ) ନିଜ ଶରୀରରେ ଲୌହକଣ୍ଟାର ଭୟଙ୍କର ପୀଡାକୁ ସହ୍ୟ କଲେ, ସକ୍ରେଟିସ୍ (ସୁକ୍‌ରାତ୍) ବିଷପାନ କଲେ, ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଯାତନାର ଶିକାର ହେବାକୁ ପଡ଼ିଲା ।

ଈସାମସିହ କହିଥିଲେ ଯେ "ପୃଥିବୀ ଓ ଆକାଶ ଟଳି ଯାଇପାରେ, ସୂର୍ଯ୍ୟଙ୍କ ଅଟଳ ସିଦ୍ଧାନ୍ତ ଉଦୟ-ଅସ୍ତ ତାହା ମଧ୍ୟ ନିଷ୍କ୍ରୀୟ ହୋଇ ଯାଇପାରେ ପରନ୍ତୁ ମୋ କଥା କଦାପି ମିଥ୍ୟା ହୋଇ ନ ପାରେ ।"

ସଜ୍ଜନମଣ୍ଡଳୀ ! ଯଦି ଆଜିର କୋଟି କୋଟି ମାନବ ସେହି ପରମ ତତ୍ତ୍ୱଜ୍ଞାନୀ ସନ୍ଥଙ୍କୁ ଖୋଜି, ସ୍ୱୀକାର କରି, ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗରେ ପରିଚାଳିତ ହୋଇ ନିଜ ଜୀବନ ଶୈଳୀକୁ ସୁଧାରି ନେବେ ତେବେ

ପୂରା ବିଶ୍ୱରେ ସଦଭାବନା, ଭାତୃଭାବ, ଦୟା ଓ ସଦଭକ୍ତିର ବାତାବରଣ ସୃଷ୍ଟି ହୋଇଯିବ । ବର୍ତ୍ତମାନର ବୁଦ୍ଧିଜିବୀ ମାନବ ସେହି ସନ୍ଥଙ୍କ ବିଚାରକୁ ନିଶ୍ଚୟ ସ୍ୱୀକାର କରି ଧନ୍ୟ ହେବ । ସେହି ସନ୍ଥ ଜଗତଗୁରୁ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜ ଅଟନ୍ତି । କୃପାକରି ପଢ଼ନ୍ତୁ ସନ୍ଥ ରାମପାଲଜୀ ମହାରାଜଙ୍କ ସଂକ୍ଷିପ୍ତ ଜୀବନୀ ଯାହା ସର୍ବ ଭବିଷ୍ୟବାଣୀ ଆଧାରରେ ସତ୍ୟ ସିଦ୍ଧ ହେବାରେ ଲାଗିଛି ।

### "ସନ୍ଥ ରାମପାଲଜୀ ମହାରାଜଙ୍କ ସଂକ୍ଷିପ୍ତ ପରିଚୟ"

ସନ୍ଥ ରାମପାଲଜୀଙ୍କ ଜନ୍ମ ୮ ସେପ୍ଟେମ୍ବର ୧୯୫୧ ରେ, ଗ୍ରାମ- ଧନାନା, ଜିଲ୍ଲା-ସୋନୀପତ୍ (ହରିୟାଣାର) ର ଏକ କୃଷକ ପରିବାରରେ ହୋଇଥିଲା । ପାଠପଢ଼ା ସାରି ହରିୟାଣା ରାଜ୍ୟର ଜଳସେଚନ ବିଭାଗରେ ସେ ଜୁନିୟର ଇଞ୍ଜିନିୟର ପଦରେ ଅଠର (୧୮) ବର୍ଷ କାଳ କାର୍ଯ୍ୟରତ ଥିଲେ । ସନ ୧୯୮୮ ରେ ପରମସନ୍ଥ ରାମଦେବାନନ୍ଦଜୀଙ୍କ ଠାରୁ ସେ ଦୀକ୍ଷା ପ୍ରାପ୍ତ କଲେ ତଥା ତନ-ମନରେ ସକ୍ରିୟ ହୋଇ ସ୍ୱାମୀ ରାମଦେବାନନ୍ଦଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଭକ୍ତି ମାର୍ଗରେ ସାଧନା କରି ପରମାତ୍ମାଙ୍କ ସାକ୍ଷାତକାର କଲେ ।

୧୯୮୮ ମସିହା ଫେବୃୟାରୀ ୧୭ ତାରିଖ ଫାଲ୍‌ଗୁନ ମାସର ଅମାବାସ୍ୟା ରାତ୍ରିରେ ସନ୍ଥ ରାମପାଲଜୀଙ୍କୁ ନାମଦୀକ୍ଷା ପ୍ରାପ୍ତି ହେଲା । ସେତେବେଳେ ସନ୍ଥ ରାମପାଲଜୀ ମହାରାଜଙ୍କ ବୟସ ୩୭ବର୍ଷ ଥିଲା । ଉପଦେଶ ଦିବସ (ଦୀକ୍ଷା ଦିବସ)କୁ ସନ୍ଥ ମତରେ ଉପଦେଶୀ ଭକ୍ତର ଆଧ୍ୟାତ୍ମିକ ଜନ୍ମଦିନ କୁହାଯାଇଥାଏ ।

ଉପରୋକ୍ତ ବିବରଣୀ ସହିତ ଶ୍ରୀ ନାସ୍ତେଦମସଜୀଙ୍କ ସେହି ଭବିଷ୍ୟବାଣୀ ସଂପୂର୍ଣ୍ଣ ମେଳଖାଉଛି । ଯାହା ପୃଷ୍ଠା ସଂଖ୍ୟା ୪୪-୪୫ ରେ ଲେଖାଅଛି । "ଯେଉଁ ସମୟରେ ସେହି ତତ୍ତ୍ୱଦ୍ରଷ୍ଟା ଶାୟରନଙ୍କ ଆଧ୍ୟାତ୍ମିକ ଜନ୍ମ ହେବ ସେହି ଦିନ ଅମାବାସ୍ୟା ହୋଇଥିବ । ସେହି ସମୟରେ ସେହି ବିଶ୍ୱନେତାଙ୍କ ଆୟୁ ୧୬, ୨୦, ୨୫ ବର୍ଷ ହୋଇ ନ ଥିବ, ସେ ଯୁବକ ହୋଇ ନ ଥିବେ ସେ କେବଳ ଜଣେ ପ୍ରୌଢ଼ ବ୍ୟକ୍ତି ହୋଇଥିବେ ଏବଂ ୫୦ ରୁ ୬୦ ବର୍ଷ ମଧ୍ୟରେ ତାଙ୍କର ବୟସ ହୋଇଥିବା ସମୟରେ ସେ ସଂସାରରେ ପ୍ରସିଦ୍ଧ ହେବେ । ସେହି ସମୟ ସନ ୨୦୦୬ ହେବ ।"

ସନ ୧୯୯୩ ରେ ସ୍ୱାମୀ ରାମଦେବାନନ୍ଦଜୀ ମହାରାଜ ଆପଣଙ୍କୁ ସତସଙ୍ଗ କରିବା ପାଇଁ ଆଜ୍ଞା ଦେଲେ ତଥା ସନ ୧୯୯୪ ରେ ନାମଦାନ କରିବା ପାଇଁ ଆଜ୍ଞା ପ୍ରଦାନ କଲେ । ଭକ୍ତି ମାର୍ଗରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରି ଜେ.ଇ. ପୋଷ୍ଟରୁ ତ୍ୟାଗପତ୍ର ଦେଲେ ଯାହା ହରିୟାଣା ସରକାରଙ୍କ ଦ୍ୱାରା ପତ୍ର କ୍ରମାଙ୍କ ୩୪୯୨-୩୫୦୦, ତିଥି ତା-୧୬.୦୫.୨୦୦୦ ରିଖରେ ସ୍ୱୀକୃତ ହୋଇଛି । ସନ ୧୯୯୪ ରୁ ୧୯୯୮ ପର୍ଯ୍ୟନ୍ତ ସନ୍ଥ ରାମପାଲଜୀ ମହାରାଜ ଘର-ଘର, ଗ୍ରାମ-ଗ୍ରାମ, ନଗର-ନଗର ବୁଲି ସତସଙ୍ଗ କଲେ । ଆପଣଙ୍କ ସହିତ ବହୁତ ସଂଖ୍ୟାରେ ଅନୁଗାମୀ ଯୋଡି ହେବା ସହିତ ଜ୍ଞାନହୀନ ସନ୍ଥମାନଙ୍କର ବିରୋଧ ମଧ୍ୟ ବଢ଼ିଲା । ସନ ୧୯୯୯ ରେ ଗ୍ରାମ କରୋନ୍ଥା ଜିଲ୍ଲା ରୋହତକ (ହରିୟାଣା) ରେ 'ସତ୍ୟଲୋକ ଆଶ୍ରମ' କରୋନ୍ଥା ସ୍ଥାପନା କଲେ ତଥା ଜୁନ୍ ୧-୧୯୯୯ ରୁ ଜୁନ୍ ୭-୧୯୯୯ ପର୍ଯ୍ୟନ୍ତ ପରମେଶ୍ୱର କବୀରଜୀଙ୍କ ପ୍ରକଟ ଦିବସ ଉପଲକ୍ଷେ ସପ୍ତଦିବସୀୟ ବିଶାଳ ସତସଙ୍ଗର ଆୟୋଜନ କରି ଆଶ୍ରମ ପ୍ରାରମ୍ଭ କଲେ ତଥା ପ୍ରତ୍ୟେକ ମାସର ପୂର୍ଣ୍ଣିମାରେ ତିନିଦିବସୀୟ ସତସଙ୍ଗ ପ୍ରାରମ୍ଭ କଲେ । ସତସଙ୍ଗ ଶୁଣିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିବାକୁ ଲାଗିଲେ ତଥା ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ନାମଦିକ୍ଷା ନେଲେ । ଅଳ୍ପ କିଛିଦିନ ମଧ୍ୟରେ ସନ୍ଥ ରାମପାଲଜୀ ମହାରାଜଙ୍କ ଅନୁଗମୀମାନଙ୍କ ସଂଖ୍ୟା ଲକ୍ଷାଧିକ ହୋଇଗଲା । ଯେଉଁ ଜ୍ଞାନହୀନ ସନ୍ଥ ଓ ଋଷିମାନଙ୍କ ଅନୁଗାମୀ ସନ୍ଥ ରାମପାଲଜୀଙ୍କ ନିକଟକୁ ଆସି ଶିଷ୍ୟତ୍ୱ ଗ୍ରହଣ କଲେ ସେହି ଅଜ୍ଞାନୀ ଆଚାର୍ଯ୍ୟ ଓ ସନ୍ଥମାନଙ୍କୁ ସେମାନେ ବିଭିନ୍ନ ପ୍ରଶ୍ନ ପଚାରିବାକୁ ଲାଗିଲେ ଏବଂ କହିଲେ ଯେ ଆପଣଙ୍କର ସମସ୍ତ ଜ୍ଞାନ ଆମ୍ଭ ସଦଗ୍ରନ୍ଥ ବିପରୀତ ଅଟେ ।

ଯଜୁର୍ବେଦ ଅଧ୍ୟାୟ ୮ ର ମନ୍ତ୍ର ୧୩ ରେ ଲେଖାଅଛି ଯେ ପୂର୍ଣ୍ଣ ପରମାତ୍ମା ନିଜ ଭକ୍ତର ସମସ୍ତ ଅପ ରାଧ (ପାପ) ନାଶ (କ୍ଷମା) କରି ଦିଅନ୍ତି । ଆପଣଙ୍କର ଯେଉଁ ପୁସ୍ତକ ଆମ୍ଭେ କିଣିଛୁ ସେଥିରେ ଲେଖାଅଛି ଯେ "ପରମାତ୍ମା ନିଜ ଭକ୍ତର ପାପ କ୍ଷମା (ନାଶ) କରନ୍ତି ନାହିଁ । ଆପଣଙ୍କ ପୁସ୍ତକ ସତ୍ୟାର୍ଥ ପ୍ରକାଶ

ମମ୍ପୁଲ୍ଲାସ ୭ ରେ ଲେଖାଅଛି ଯେ ପୃଥିବୀରେ ମନୁଷ୍ୟ ଓ ଅନ୍ୟ ପ୍ରାଣୀ ବାସ କରୁଥିବା ଭଳି ସୂର୍ଯ୍ୟରେ ମଧ୍ୟ ବାସ କରନ୍ତି । ପୃଥିବୀ ଭଳି ସମସ୍ତ ପଦାର୍ଥ ସୂର୍ଯ୍ୟରେ ମଧ୍ୟ ଅଛି ଉଦ୍ୟାନ, ନଦୀ, ଝରଣା ଏହା କ'ଣ ସୂର୍ଯ୍ୟରେ ସମ୍ଭବ? ପବିତ୍ର ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧ ରେ ଲେଖାଅଛି ଯେ ପରମାତ୍ମା ଶରୀରଯୁକ୍ତ ଅଟନ୍ତି । ଅଗ୍ନେ ତୁନୂଃ ଅସି । ବିଷ୍ଣବୈ ତ୍ୱାଂ ସୋମସ୍ୟ ତନୂର୍ ଅସି ॥ ଏହି ମନ୍ତ୍ରରେ ଦୁଇଥର ପ୍ରମାଣ ଦିଆଯାଇଛି ଯେ ପରମେଶ୍ୱର ସଶରୀର ଅଟନ୍ତି । ସମସ୍ତଙ୍କର ପାଳନ ପାଇଁ ସେହି ଅମରପୁରୁଷ ପରମାତ୍ମାଙ୍କର ଶରୀର ଅଛି ଅର୍ଥାତ୍ ପରମାତ୍ମା ଯେତେବେଳେ ନିଜ ଭକ୍ତମାନଙ୍କୁ ତତ୍ତ୍ୱଜ୍ଞାନ ବୁଝାଇବା ପାଇଁ ଅତିଥି ରୂପରେ ଏହି ସଂସାରକୁ କିଛି ସମୟ ପାଇଁ ଆସନ୍ତି ସେତେବେଳେ ନିଜ ବାସ୍ତବିକ ତେଜୋମୟ ଶରୀର ଉପରେ ହାଲୁକା ତେଜପୁଞ୍ଜର ଏକ ଶରୀର ଢାଙ୍କି ଆସିଥାନ୍ତି । ଏଥିପାଇଁ ଉପରୋକ୍ତ ମନ୍ତ୍ରରେ ଦୁଇ ଦୁଇ ଥର ପ୍ରମାଣ ଦିଆଯାଇଛି । ଏହି ପ୍ରକାରେ ତର୍କରେ ନିରୁତ୍ତର ହୋଇ ନିଜ ଅଜ୍ଞାନତାର ପର୍ଦ୍ଦାଫାସ୍ ହେବା ଭୟରେ ସେହି ଅଜ୍ଞାନୀ ସନ୍ଥ-ମହନ୍ତ ଓ ଆଚାର୍ଯ୍ୟଗଣ ସନ୍ଥ ରାମପାଲଜୀ ମହାରାଜଙ୍କୁ ବଦ୍‌ନାମ କରିବା ପାଇଁ "ସତ୍ୟଲୋକ ଆଶ୍ରମ"ର ଆଖପାଖ ଗାଁ ଗୁଡିକରେ ଦୁଷ୍ପ୍ରଚାର କରିବା ଆରମ୍ଭ କରିଦେଲେ ତଥା ତା-୧୨.୦୭.୨୦୦୬ ରିଖରେ ସନ୍ଥ ରାମପାଲଜୀଙ୍କୁ ଜୀବନରୁ ମାରିଦେବା ପାଇଁ ତଥା ଆଶ୍ରମକୁ ନଷ୍ଟ କରିଦେବା ପାଇଁ ସେମାନେ ନିଜେ ଏବଂ ନିଜର ଅନୁଗାମୀମାନଙ୍କ ଦ୍ୱାରା ସତ୍ୟଲୋକ ଆଶ୍ରମ ଉପରେ ଆକ୍ରମଣ କଲେ । ପୋଲିସ୍ ରୋକିବା ପାଇଁ ଚେଷ୍ଟା କଲା ଯେଉଁ କାରଣରୁ କିଛି ଉପଦ୍ରବୀ ଆହତ ହୋଇଗଲେ । ସରକାର ସତ୍ୟଲୋକ ଆଶ୍ରମକୁ ନିଜ ଅଧୀନକୁ ନେଇଗଲେ ତଥା ସନ୍ଥ ରାମପାଲଜୀ ମହାରାଜ ଓ ତାଙ୍କର କିଛି ଅନୁଗାମୀଙ୍କ ଉପରେ ମିଥ୍ୟା ମୋକଦ୍ଦମା ରୁଜୁକରି ସମସ୍ତଙ୍କୁ ଜେଲ୍‌କୁ ପଠାଇ ଦେଲେ । ଏହି ପ୍ରକାର ୨୦୦୬ ରେ ସନ୍ଥ ରାମପାଲଜୀ ମହାରାଜ ବିଖ୍ୟାତ ହେଲେ । ଅଜ୍ଞାନୀ ବ୍ୟକ୍ତିମାନେ ମିଥ୍ୟା ଆରୋପ ଲଗାଇ ସନ୍ଥଙ୍କୁ ବଦ୍‌ନାମ କରିବା ପାଇଁ ଚେଷ୍ଟା କଲେ ପରନ୍ତୁ ସନ୍ଥ ନିର୍ଦ୍ଦୋଷ ଅଟନ୍ତି । ପ୍ରିୟ ପାଠକଗଣ (ନାସ୍ତ୍ରେଦମ୍‌ସ) ଙ୍କ ଭବିଷ୍ୟବାଣୀକୁ ପଢି ଭାବିବେ ଯେ ସନ୍ଥ ରାମପାଲଜୀଙ୍କୁ ଯଦି ଏପରି ବଦ୍‌ନାମ୍ କରି ଦିଆଗଲା ପୁଣି ବିଶ୍ୱରେ ଜ୍ଞାନ ପ୍ରଚାର କେମିତି ହେବ । ସେମାନଙ୍କୁ ଏହି ଆମ୍ଭର ପ୍ରାର୍ଥନା ଯେ ପରମାତ୍ମା ଗୋଟିଏ କ୍ଷଣରେ ପରିସ୍ଥିତିକୁ ବଦଳାଇ ଦେଇପାରନ୍ତି ।"

କବୀର, ସାହେବସେସବହୋତହୈ, ବଂଦେସେକଛୁନାହିଁ। ରାଇସେପର୍ବତକରେ, ପର୍ବତସେଫିରରାଇ॥

ପରମେଶ୍ୱର କବୀରଜୀ ଅତିଶୀଘ୍ର ନିଜ ସନ୍ତାନମାନଙ୍କର ଉଦ୍ଧାର ପାଇଁ ସମାଜକୁ ତତ୍ତ୍ୱଜ୍ଞାନ ସହିତ ପରିଚିତ କରାଇବେ ଏବଂ ବାସ୍ତବିକତା କ'ଣ ସମାଜ ତାହ ଜାଣିପାରିବ । ତା'ପରେ ପୁରା ବିଶ୍ୱ ସନ୍ଥ ରାମପାଲଜୀ ମହାରାଜଙ୍କ ଜ୍ଞାନକୁ ମହତ୍ତ୍ୱ ଦେବ ।

ସନ୍ଥ ରାମପାଲଜୀ ମହାରାଜ ସନ ୨୦୦୩ ରୁ ଖବର କାଗଜ ଓ ଟି.ଭି. ଚ୍ୟାନେଲ୍ ମାଧ୍ୟମରେ ସତ୍ୟଜ୍ଞାନର ପ୍ରଚାର କରି ଅନ୍ୟ ଧର୍ମଗୁରୁମାନଙ୍କୁ କହିଛନ୍ତି ଯେ ଆପଣଙ୍କ ଜ୍ଞାନ ଶାସ୍ତ୍ରବିରୁଦ୍ଧ ଅର୍ଥାତ୍ ଆପଣ ଭକ୍ତସମାଜକୁ ଶାସ୍ତ୍ରରହିତ ପୂଜା କରାଇ ଦୋଷୀ ହେଉଛନ୍ତି । ଯଦି ମୁଁ ଭୁଲ କହୁଛି ତେବେ ଏହାର ଉତ୍ତର ଦିଅ । ମାତ୍ର ଏହାର ଉତ୍ତର ଦେବା ପାଇଁ କୌଣସି ସନ୍ଥ ଆଜି ପର୍ଯ୍ୟନ୍ତ ସାହସ କରିପାରି ନାହାଁନ୍ତି ।

ସନ୍ଥ ରାମପାଲଜୀ ମହାରାଜଙ୍କୁ ଇ.ସଂ. (ସନ୍) ୨୦୦୧ ଅକ୍ଟୋବର ମାସର ପ୍ରଥମ ଗୁରୁବାର ଦିନ ହଠାତ୍ ପ୍ରେରଣା ହେଲା ଯେ "ସର୍ବ ଧର୍ମର ସଦଗ୍ରନ୍ଥଗୁଡିକୁ ଗଭୀରତାର ସହିତ ଅଧ୍ୟୟନ କର ।" ଏହି ଆଧାରରେ ସର୍ବ ପ୍ରଥମ ସେ ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟୟନ କରି ଗହରୀ ନଜର ଗୀତା ମେଁ ପୁସ୍ତକ ରଚନା କଲେ ତଥା ସେହି ଆଧାରରେ ସର୍ବ ପ୍ରଥମେ ରାଜସ୍ଥାନ ରାଜ୍ୟର ଯୋଧପୁର ସହରରେ ମାର୍ଚ୍ଚ ୨୦୦୨ ରେ ସତସଙ୍ଗ ପ୍ରାରମ୍ଭ କଲେ । ଏଥିପାଇଁ ନାସ୍ତ୍ରେଦମସଜୀ କହିଛନ୍ତି ଯେ ବିଶ୍ୱ ଧାର୍ମିକ ହିନ୍ଦୁସନ୍ଥ (ଶାୟରନ) ୫୦ ବର୍ଷର ଆୟୁରେ ଅର୍ଥାତ୍ ୨୦୦୧ ବିଜ୍ଞ ହୋଇ ପ୍ରଚାର କରିବେ । ସନ୍ଥ ରାମପାଲଜୀ ମହାରାଜଙ୍କ ଜନ୍ମ ପବିତ୍ର ହିନ୍ଦୁଧର୍ମରେ ସନ (ଇ.ସଂ.) ୧୯୫୧, ସେପ୍ଟେମ୍ବର ୮ ରେ ଗ୍ରାମ ଧନାନା, ଜିଲ୍ଲା ସୋନିପତ, ରାଜ୍ୟ ହରିୟାଣା (ଭାରତ) ରେ ଏକ କୃଷକ ପରିବାରରେ ହୋଇଥିଲା । ଏହି ପ୍ରକାରେ ସନ ୨୦୦୫ କୁ ସନ୍ଥ ରାମପାଲଜୀ ମହାରାଜଙ୍କ ଆୟୁ ୫୦ବର୍ଷ ହେଉଛି । ତାହା ନାସ୍ତ୍ରେଦମସଙ୍କ ମତାନୁସାରେ ଏକ୍‌ଦମ୍ ସଠିକ୍ । ତେଣୁ ସେହି ବିଶ୍ୱ ଧାର୍ମିକନେତା ସନ୍ଥ ରାମପାଲଜୀ

ମହାରାଜ ଅଟନ୍ତି ଯାହାଙ୍କ ଅଧ୍ୟକ୍ଷତାରେ ପୁରା ବିଶ୍ୱ ଉପରେ ଭାରତ ରାଜୁତି କରିବ । ପୁରା ବିଶ୍ୱରେ ଗୋଟିଏ ଜ୍ଞାନ (ଭକ୍ତିମାର୍ଗ) ଚାଲିବ। ଗୋଟିଏ ଆଇନ୍ ପ୍ରଣୟନ ହେବ, କେହି ଦୁଃଖି ହେବେ ନାହିଁ, ବିଶ୍ୱରେ ପୂର୍ଣ୍ଣଶାନ୍ତି ସ୍ଥାପିତ ହେବ। ବିରୋଧି ବ୍ୟକ୍ତିମାନେ ପରିଶେଷରେ ପଶ୍ଚାତାପ କରି ତତ୍ତ୍ୱଜ୍ଞାନକୁ ସ୍ୱୀକାର କରିବା ପାଇଁ ବାଧ୍ୟ ହେଇଯିବେ । ସର୍ବ ସମାଜ, ମାନବ ଧର୍ମ ପାଳନ କରିବ ଏବଂ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରି ସତ୍ୟଲୋକକୁ ଗମନ କରିବ ।

ନାସ୍ତ୍ରେଦମସଜୀ ନିଜ ଭବିଷ୍ୟବାଣୀରେ ଯେଉଁ ତତ୍ତ୍ୱଜ୍ଞାନ ବିଷୟରେ ଉଲ୍ଲେଖ କରିଛନ୍ତି, ବିଶ୍ୱବିଜୟୀ ସନ୍ଥଙ୍କ ଦ୍ୱାରା ବତାଯାଇଥିବା ସେହି ଶାସ୍ତ୍ର ପ୍ରମାଣିତ ତତ୍ତ୍ୱଜ୍ଞାନ ଆଗରେ ପୂର୍ବର ସମସ୍ତ ସନ୍ଥ ନିଷ୍ପ୍ରଭ (ଅସଫଳ) ହୋଇଯିବେ ତଥା ସମସ୍ତଙ୍କୁ ବିନମ୍ର ସହକାରେ ନତମସ୍ତକ ହେବାକୁ ପଡ଼ିବ। ସେହି ବିଷୟରେ ବନ୍ଦୀଛୋଡ଼ ପରମେଶ୍ୱର କବୀର ନିଜ ଅମୃତବାଣୀରେ (ପବିତ୍ର 'କବୀର ସାରଗ୍ରନ୍ଥ' ଯାହା ସନ୍ଥ ଧର୍ମଦାସଜୀଙ୍କ ଦ୍ୱାରା ପ୍ରାୟ ୫୫୦ ବର୍ଷ ପୂର୍ବେ ଲିପିବଦ୍ଧ କରାଯାଇଛି) କହିଛନ୍ତି ଯେ ସମୟ ଆସିବ ଯେତେବେଳେ ପୁରା ବିଶ୍ୱରେ କେବଳ ମୋ ଜ୍ଞାନ ହିଁ ଚାଲିବ । ପୁରା ବିଶ୍ୱ ଶାନ୍ତିପୂର୍ବକ ଭକ୍ତି କରିବ । ପରସ୍ପର ମଧ୍ୟରେ ପ୍ରେମଭାବ ସ୍ଥାପନ ହେବ। ସମୟ ସତ୍ୟଯୁଗ ପରି(ସ୍ୱର୍ଣ୍ଣଯୁଗ) ହେବ। ବନ୍ଦୀଛୋଡ଼ ପରମେଶ୍ୱର କବୀରଙ୍କ ଦ୍ୱାରା ବତାଯାଇଥିବା ଜ୍ଞାନକୁ ସନ୍ଥ ରାମପାଲ ଦାସଜୀ ମହାରାଜ ବୁଝିପାରିଛନ୍ତି। ଏହି ଜ୍ଞାନ ବିଷୟରେ କବୀର ସାହେବଜୀ ନିଜ ବାଣୀରେ କହିଛନ୍ତି ଯେ –

କବୀର,ଔରଜ୍ଞାନସବଜ୍ଞାନଡୀ,କବୀରଜ୍ଞାନସୋଜ୍ଞାନା।ଜୈସେଗୋଲାତୋବକା,କରତାଚଲେମୈଦାନ॥

ଭାବାର୍ଥ ହେଲା ଏହି ତତ୍ତ୍ୱଜ୍ଞାନ ଏତେ ପ୍ରଭାବଶାଳୀ ହେବ ଯେ ଏହା ସମ୍ମୁଖରେ ଅନ୍ୟ ସନ୍ଥ ଓ ଋଷିମାନଙ୍କର ଜ୍ଞାନ ଟିକି ପାରିବ ନାହିଁ । ଯେପରି ତୋପର ଗୋଳା ଯେଉଁଠି ବି ପଡେ ସେଠାକାର ସମସ୍ତ ବସ୍ତୁକୁ ନଷ୍ଟ କରି ସମତଳ କରିଦିଏ ।

ଏହି ପ୍ରମାଣ ଦେଇ ସନ୍ଥ ଗରୀବ ଦାସଜୀ (ଛୁଡ଼ାଣି, ଜିଲ୍ଲା ଝଜ୍ଜର୍, ହରିୟାଣା) କହିଛନ୍ତି ଯେ ସଦ ଗୁରୁ (ବନ୍ଦିଛୋଡ ପରମେଶ୍ୱର କବୀରଜୀଙ୍କ ଦ୍ୱାରା ପ୍ରେରିତ ତତ୍ତ୍ୱଦର୍ଶୀ ସନ୍ଥ) ଦିଲ୍ଲୀ ମଣ୍ଡଳକୁ ଆସିବେ ।

"ଗରୀବ, ସଦଗୁରୁ ଦିଲ୍ଲୀ ମଣ୍ଡଳ ଆୟସୀ, ସୂତୀ ଧରଣୀ ସୂମ ଜଗୟସୀ"

ଭକ୍ତିରେ କୃପଣ ହୋଇ ଯାଇଥିବା ବ୍ୟକ୍ତିମାନଙ୍କୁ ପରମାତ୍ମା ଜାଗ୍ରତ କରାଇବେ । ଗ୍ରାମ-ଧନାନା, ଜିଲ୍ଲା- ସୋନିପତ୍ ପ୍ରଥମେ ଦିଲ୍ଲୀ ଶାସିତ ଅଞ୍ଚଳ ଅଧିନରେ ଥିଲା । ଏଥିପାଇଁ ସନ୍ଥ ଗରୀବ ଦାସଜୀ ମହାରାଜ କହିଛନ୍ତି ଯେ ସଦଗୁରୁ(ବାସ୍ତବିକ ଜ୍ଞାନ ଜାଣିଥିବା ସନ୍ଥ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥ) ଦିଲ୍ଲୀ ମଣ୍ଡଳକୁ ଆସିବେ, ପୁଣି କହିଛନ୍ତି :-

"ସାହେବ କବୀର ତଖତ ଖବାସା, ଦିଲ୍ଲୀ ମଣ୍ଡଳ ଲୀଜୈ ବାସା"

ଭାବାର୍ଥ ହେଲା ଯେ ପରମେଶ୍ୱର କବୀର ବନ୍ଦୀଛୋଡ଼ଙ୍କ ଦରବାରର ଚାକର ଅର୍ଥାତ୍ ପରମେଶ୍ୱରଙ୍କ ପ୍ରତିନିଧି ଦିଲ୍ଲୀ ମଣ୍ଡଳରେ ବାସ କରିବେ ଅର୍ଥାତ୍ ସେଠାରେ ଉତ୍ପନ୍ନ ହେବେ । ପ୍ରଥମେ ନିଜ ହିନ୍ଦୁ ବନ୍ଧୁମାନଙ୍କୁ ତତ୍ତ୍ୱଜ୍ଞାନ ସହିତ ପରିଚିତ କରାଇବେ । ବୁଦ୍ଧିମାନ ହିନ୍ଦୁ ଏପରି ଜାଗ୍ରତ ହେବେ ଯେପରି ହଠାତ୍ କେହି ନିଦ୍ରାରୁ ଜାଗ୍ରତ ହୁଏ । ଅର୍ଥାତ୍ ସେହି ସନ୍ଥଙ୍କ ଦ୍ୱାରା ବତାଯାଇଥିବା ତତ୍ତ୍ୱଜ୍ଞାନକୁ ବୁଝି ଅବିଳମ୍ବେ ତାଙ୍କ ଶରଣ ଗ୍ରହଣ କରିବେ । ତା'ପରେ ସେହି ତତ୍ତ୍ୱଦର୍ଶୀ ହିନ୍ଦୁସନ୍ଥଙ୍କ ଜ୍ଞାନକୁ ପୁରା ବିଶ୍ୱ ସ୍ୱୀକାର କରିବ । ଏହି ଭବିଷ୍ୟବାଣୀ ଶ୍ରୀ ନାସ୍ତ୍ରେଦମସଜୀ ମଧ୍ୟ କରିଛନ୍ତି । ନାସ୍ତ୍ରେଦସସଜୀ ଏହା ମଧ୍ୟ ଲେଖିଛନ୍ତି ଯେ ମୁଁ ଏହି କଥାରେ ଦୁଃଖି ଯେ ତାଙ୍କ ସହିତ ଅପରିଚିତ ହେବା କାରଣରୁ ମୋ ଶାୟରନ (ତତ୍ତ୍ୱଦର୍ଶୀ ସନ୍ଥ) ଉପେକ୍ଷାର ପାତ୍ର ହେବ । ରେ ବୁଦ୍ଧିମାନ ମାନବ ! ତାଙ୍କୁ ଉପେକ୍ଷା କରନାହିଁ । ତାଙ୍କୁ ସିଂହାସନସ୍ଥ କରି(ଆସନରେ ବସାଇ) ଆରାଧ ଦେବ (ଇଷ୍ଟଦେବ) ରୂପେ ପୂଜା କର । ସେ ପୂଜାର ଯୋଗ୍ୟ ଅଟନ୍ତି । ସେହି ହିନ୍ଦୁ ଧାର୍ମିକ ସନ୍ଥ, ଶାୟରନ୍ ଆଦି ପୁରୁଷ (ପୂର୍ଣ୍ଣ ପରମାତ୍ମା) ଙ୍କ ଅନୁଗାମୀ ଜଗତର ତ୍ରାଣକର୍ତ୍ତା ଅଟନ୍ତି ।

ଭବିଷ୍ୟବକ୍ତା ନାସ୍ତ୍ରେଦମସଜୀ ତାଙ୍କ ପୁସ୍ତକର ପୃଷ୍ଠା ୪୧-୪୨ ରେ ତିନୋଟି ଶବ୍ଦର ଉଲ୍ଲେଖ

କରିଛନ୍ତି । ସେ କହିଛନ୍ତି ସେହି ବିଶ୍ୱବିଜୟୀ ତତ୍ତ୍ୱଦର୍ଶୀ ସନ୍ଥ କ୍ରୁରଚନ୍ଦ୍ର ଅର୍ଥାତ୍ କାଳର ଦୁଃଖଦାୟୀ ଭୂମିରୁ ମୁକ୍ତ କରି ଆଦି ଅନାଦି ନିଜର ପୂର୍ବଜମାନଙ୍କର ଉତ୍ତରାଧିକାରୀ କରାଇବେ ତଥା ମୁକ୍ତି ଦେବେ । ଏଠାରେ ଉପଦେଶ ମନ୍ତ୍ରଆଡକୁ ଏହି ସଙ୍କେତ ଅଛି ଯେ ସେହି ଶାଇରନ୍ କେବଳ ତିନୋଟି ଶବ୍ଦ (ଓଁ-ତତ୍-ସତ୍) ଜପ ପାଇଁ ଦେବେ । ଏହି ତିନୋଟି ଶବ୍ଦ ସହିତ ମୁକ୍ତିର ଅନ୍ୟ କୌଣସି ଶବ୍ଦ ମିଶାଯିବ ନାହିଁ । ଏହି ପ୍ରମାଣ ପବିତ୍ର ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬, ସାମବେଦ ଶ୍ଳୋକ ସଂଖ୍ୟା ୮୨୨ ତଥା ଶ୍ରୀମଦ୍ ଗୀତା ଅଧ୍ୟାୟ ୧୭ ର ଶ୍ଳୋକ ୨୩ ରେ ଅଛି ଯେ ପୂର୍ଣ୍ଣସନ୍ଥ (ତତ୍ତ୍ୱଦର୍ଶୀ ସନ୍ଥ) ତିନୋଟି ମନ୍ତ୍ର (ଓଁ-ତତ୍-ସତ୍ ଯେଉଁଥିରେ ତତ୍ ଓ ସତ୍ ସାଙ୍କେତିକ ଅଟେ) ପ୍ରଦାନ କରି ପୂର୍ଣ୍ଣ ପରମାତ୍ମା (ଆଦି ପୁରୁଷ) ଙ୍କ ଭକ୍ତି କରାଇ ଜୀବକୁ କାଳଜାଲରୁ ମୁକ୍ତ କରିଥାନ୍ତି । ତା'ପରେ ସେହି ସାଧକ ନିଜ ଭକ୍ତି ଉପାର୍ଜନ ବଳରେ ସେଠାକୁ ଚାଲିଯାଇଥାଏ ଯେଉଁଠାରେ ଆଦି ସୃଷ୍ଟିର ଉତ୍ତମ ପ୍ରାଣୀମାନେ ରୁହନ୍ତି ଯେଉଁଠାରୁ ଏହି ଜୀବ ନିଜ ପୂର୍ବଜମାନଙ୍କୁ ଛାଡି କ୍ରୂରଚନ୍ଦ୍ର (କାଳପ୍ରଭୁ) ସହିତ ଚାଲିଆସି ମହା ଦୁଃଖଦାୟୀ ଲୋକରେ କଷ୍ଟ ପରେ କଷ୍ଟ ଭୋଗକରୁଛି । ନାସ୍ତ୍ରେଦମସଜୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ମଧ୍ୟକାଳ ଅର୍ଥାତ୍ 'ମଧ୍ୟମପିଢ଼ି' ହିନ୍ଦୁ ଧର୍ମର ଆଦର୍ଶ ଜୀବନଯାପନ କରିବେ । ଶାଇରନ୍ (ତତ୍ତ୍ୱଦର୍ଶୀସନ୍ଥ) ନିଜ ଜ୍ଞାନ ଦ୍ୱାରା ଦେଦୀପ୍ୟମାନ ଉଚ୍ଚ ଉତ୍ତୁଙ୍ଗ ସ୍ୱରୂପ ଅର୍ଥାତ୍ ସର୍ବଶ୍ରେଷ୍ଠ ଶାସ୍ତ୍ରାନୁକୂଳ ଭକ୍ତି ବିଧାନ ପୁଣି ଥରେ ବିନା ସର୍ତ୍ତରେ ଉଜାଗର କରିବେ ଏବଂ ମାନବୀୟ ସଂସ୍କୃତି ଅର୍ଥାତ୍ ନିଷ୍କପଟ ଭାବରେ ମାନବ ଧର୍ମର ଲକ୍ଷଣ ସୁଧାରିବେ । (ମଧଲ୍ୟା କାଳାତ ହିନ୍ଦୁ ଧର୍ମାଚେ ଓ ହିନ୍ଦୁଚ୍ୟା ଆଦର୍ଶବତ୍ ଝାଲେଲ୍- ଏହା ମରାଠି ଭାଷାରେ ପୃଷ୍ଠା ୪୨ ରେ ଲେଖାଅଛି । ଉପରୋକ୍ତ ଭାବାର୍ଥ ଏହା ଯେ ଶାୟରନ ମଧ୍ୟମ ପିଢିର ଉଦ୍ଧାର କରିବେ । ଏହି ଉଲ୍ଲେଖ ପୃଷ୍ଠା ୪୨ ର ହିନ୍ଦୀ ଲେଖା ବାକି ରହିଯାଇଥିଲା ତେଣୁ ଏଠାରେ ଲେଖି ଏହାର ସ୍ପଷ୍ଟିକରଣ ମଧ୍ୟ ଦେଇଛନ୍ତି । ଏହି ପ୍ରମାଣ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବୀରଜୀ କହିଛନ୍ତି ଯେ –

ଧର୍ମଦାସ ତୋହେ ଲାଖ ଦୁହାଇ,ସାରଜ୍ଞାନ ଓ ସାରଶବ୍ଦ କହିଁ ବାହର ନା ଜାଇ ।
ସାରନାମ ବାହର ଜୋ ପରହୀ, ବିଚଲୀ ପୀଢୀ ହଂସ ନହୀଁ ତରହୀ ॥
ସାରଜ୍ଞାନ ତବ ତକ ଛୁପାଇ, ଜବ ତକ ଦ୍ୱାଦସ ପନ୍ଥ ନ ମିଟ ଜାଇ ।

ଯେପରି ଇ.ସଂ. (ସନ୍) ୧୯୪୭ ରେ ଭାରତବର୍ଷ ଇଂରେଜମାନଙ୍କ ନିକଟରୁ ମୁକ୍ତ ହେଲା। ତା'ପୂର୍ବରୁ ହିନ୍ଦସ୍ଥାନରେ ଶିକ୍ଷାର ଉତ୍ତମ ବ୍ୟବସ୍ଥା ନ ଥିଲା । ପରମେଶ୍ୱରଜୀ ସନ ୧୯୫୧ ରେ ସନ୍ଥ ରାମପାଲଜୀ ମହାରାଜଙ୍କୁ ପୃଥିବୀ ପୃଷ୍ଠକୁ ପ୍ରେରଣ କଲେ । ସନ ୧୯୪୭ ର ପୂର୍ବକାଳକୁ କଳିଯୁଗର ପ୍ରଥମ ପିଢି ବୋଲି ଜାଣନ୍ତୁ ତଥା ୧୯୪୭ ପରଠାରୁ ମଧ୍ୟମ ପିଢୀ ଆରମ୍ଭ ହୋଇଛି । ଏହି ପିଢୀ ଏକହଜାର ବର୍ଷ ପର୍ଯ୍ୟନ୍ତ ସତ୍ୟଭକ୍ତି କରିବ । ଏହି ସମୟରେ ଯିଏ ପୂର୍ଣ୍ଣ ନିଶ୍ଚୟ (ନିଷ୍ଠାର ସହିତ) ଭକ୍ତି କରିବ ସେ ସତ୍ୟଲୋକ ଚାଲିଯିବ । ଯେଉଁମାନେ ସତ୍ୟଲୋକ ନ ଯାଇ ପାରିବେ ତଥା ପୂର୍ବରୁ କେବେ ଏହି ସତ୍ୟଭକ୍ତି କରି ପୁଣି ଅଧାରୁ ଛାଡି ଦେଇଥିବେ ପରନ୍ତୁ ଗୁରୁଦ୍ରୋହୀ ହୋଇ ନ ଥିବେ ସେମାନେ ପୁଣି ଏହି କଳିଯୁଗରେ ହଜାର ହଜାର ମନୁଷ୍ୟ ଜନ୍ମ ପ୍ରାପ୍ତ କରିବେ କାରଣ ଏହା ସେମାନଙ୍କର ଶାସ୍ତ୍ରବିଧି ଅନୁସାରେ ସାଧନା କରିବାର ପରିଣାମ ହେବ। କଳିଯୁଗର ସମୟ ଏହି ପ୍ରକାରେ କିଛି ହଜାର ବର୍ଷ ପର୍ଯ୍ୟନ୍ତ ବର୍ତ୍ତମାନ ସମୟ ଅପେକ୍ଷା ଭଲ ଚାଲିବ । ତା'ପରେ ଅନ୍ତିମ ପିଢି ଭକ୍ତି ରହିତ ହୋଇ ନେବେ କାରଣ ଭକ୍ତି ଯୁଗରେ ଯେଉଁ ପ୍ରାଣୀ ଶୁଭ ଉପାର୍ଜନ କରିଥାଏ ସେ ବାରମ୍ବାର ଜନ୍ମ ପ୍ରାପ୍ତ କରି ତାହ ଖର୍ଚ୍ଚ (ସମାପ୍ତ) କରି ଦେଇଥାଏ । ଏହି ପ୍ରକାରେ କଳିଯୁଗର ଶେଷ ପିଢ଼ୀ କୃତଘ୍ନୀ ହୋଇଯିବେ । ସେମାନେ ଭକ୍ତି କରି ପାରିବେ ନାହିଁ। ଏଥିପାଇଁ କୁହାଯାଇଛି ଯେ ବର୍ତ୍ତମାନ କଳିଯୁଗର ମଧ୍ୟମ ପିଢ଼ୀ ଚାଲୁଛି (୧୯୪୭ ପରଠାରୁ) । ସନ ୨୦୦୬ ଠାରୁ ସେହି ଶାୟରନ ସର୍ବ ସମକ୍ଷରେ ପ୍ରକଟ ହୋଇ ସାରିଛନ୍ତି । ସେ ସନ୍ଥ ରାମପାଲଜୀ ମହାରାଜ ଅଟନ୍ତି ।

ପ୍ରଥମ ପିଢ଼ୀ, ମଧ୍ୟମ ପିଢ଼ୀ ଓ ଅନ୍ତିମ ପିଢ଼ୀ ବିଷୟରେ ଉପରୋକ୍ତ ଯେଉଁ ଜ୍ଞାନ ସନ୍ଥ ରାମପାଲଜୀ ବର୍ଷ ବର୍ଷ ଧରି ନିଜ ପ୍ରବଚନ ମାଧ୍ୟମରେ ଦେଇ ଆସୁଛନ୍ତି, ବର୍ତ୍ତମାନ ନାସ୍ତ୍ରେଦମସଜୀଙ୍କ ଭବିଷ୍ୟବାଣୀ ତାହା ସ୍ପଷ୍ଟ କରିଦେଲା । ଏଥିପାଇଁ ସନ୍ଥ ଗରୀବ ଦାସଜୀ ମହାରାଜ କହିଛନ୍ତି ଯେ ପୂର୍ଣ୍ଣସନ୍ଥଙ୍କଠାରୁ ଉପଦେଶ

ନେଇ କବୀର ପରମେଶ୍ୱରଙ୍କ ଭକ୍ତି କରନ୍ତୁ ନଚେତ୍ ପୁଣି ଏହି ସୁଅବସର ହାତଛଡ଼ା ହୋଇଯିବ ।

ଗରୀବ, ସମଝା ହେ ତୋ ସିର ଧର ପାଁଓ, ବହୁର ନହାଁ ରେ ଐସା ଦାଓ ॥

ଭାବର୍ଥ ହେଲା ଆପଣ ତତ୍ତ୍ୱଜ୍ଞାନ ବୁଝି ସାରିଛନ୍ତି ତେବେ ଅଣ୍ଟାରେ ଲୁଗା ଭିଡ଼ନ୍ତୁ ଅର୍ଥାତ୍ ଅତି ଶୀଘ୍ର ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ଉପଦେଶ ନେଇ ନିଜର କଲ୍ୟାଣ କରନ୍ତୁ । ଏହି ସୁଅବସର ପୁନର୍ବାର ମିଳିବ ନାହିଁ । ଏହା ମଧ୍ୟମ ପିଢ଼ୀର (ମଧ୍ୟକାଳ) ସମୟ ଏବଂ ଆପଣଙ୍କୁ ମାନବ ଶରୀର ମଧ୍ୟ ମିଳିଛି ତଥା ତତ୍ତ୍ୱଦର୍ଶୀ ସନ୍ଥ ମଧ୍ୟ ପ୍ରକଟ ହୋଇସାରିଛନ୍ତି । ଯଦି ଏବେ ଆପଣ ଭକ୍ତି ନ କରୁଛନ୍ତି ତେବେ ସେ ବିଷୟରେ ଏହା କୁହାଯାଇଛି ଯେ :-

ଯହ ସଂସାର ସମଝଦା ନାହାଁ, କହଁଦା ଶ୍ୟାମ ଦୁପହରେ ନୂଁ ।
ଗରୀବ ଦାସ ଯହ ବକ୍ତ ଜାତ ହୈ,ରୋବୋଗେ ଇସ ପହରେ ନୂଁ ॥


ଭାବାର୍ଥ ହେଲା ସନ୍ଥ ଗରୀବଦାସଜୀ ମହାରାଜ କହୁଛନ୍ତି ଯେ ଏହି ଭୋଳା ସଂସାର ଶାସ୍ତ୍ରବିଧି ରହିତ ସାଧନା କରୁଅଛି ଯାହା ଅତି ଦୁଃଖଦାୟକ ଅଟେ, କିନ୍ତୁ ଏହାକୁ ସେ ସୁଖଦାୟୀ ଭାବୁଛି । ଯେପରି ଜ୍ୟେଷ୍ଠ ମାସ ଦ୍ୱିପ୍ରହର ଖରାରେ ଠିଆ ହୋଇ କୌଣସି ବ୍ୟକ୍ତି ଦ୍ୱିପ୍ରହରକୁ ସନ୍ଧ୍ୟା କହିଥାଏ । ଯେପରି କେହି ମଦ୍ୟପ ମଦ୍ୟପାନ କରି ସଡ଼କ ଉପରେ ଛିଡ଼ା ହୋଇଛି ଏବଂ ତାକୁ କେହି ଯଦି କହୁଛି ଯେ ଆପଣ ଦ୍ୱିପ୍ରହର ଖରାରେ କାହିଁକି ଠିଆ ହୋଇଛନ୍ତି, ଛାଇକୁ ଚାଲନ୍ତୁ । ମଦ ନିଶାରେ ସେ କହୁଛି କ'ଣ ନା ବର୍ତ୍ତମାନ ସନ୍ଧ୍ୟା ହୋଇଛି, ଏହା ଦ୍ୱିପ୍ରହର ବୋଲି କିଏ କହୁଛି ? ଏହି ପ୍ରକାରେ ଶାସ୍ତ୍ରବିଧି ତ୍ୟାଗ କରି ଯେଉଁ ସାଧକ ମନମୁଖୀ ଆଚରଣ (ପୂଜା) କରୁଛନ୍ତି, ସେମାନେ ନିଜ ଜୀବନ ବ୍ୟର୍ଥ କରୁଛନ୍ତି । ଏହି ବିଧିକୁ ତ୍ୟାଗ କରିବା ପାଇଁ ସେମାନେ ଚାହୁଁନାହାଁନ୍ତି ଅପିତୁ ଏହାକୁ ସର୍ବଶ୍ରେଷ୍ଠ ମାନି କାଳଲୋକରେ ଲାଗିଥିବା ନିଆଁରେ ଜଳୁଛନ୍ତି । ସନ୍ଥ ଗରୀବଦାସଜୀ ମହାରାଜ କହୁଛନ୍ତି ଯେ ଏତେ ପ୍ରମାଣ ମିଳିବା ପରେ ମଧ୍ୟ ପୂର୍ଣ୍ଣସନ୍ଥଙ୍କ ଦ୍ୱାରା ବତାଯାଇଥିବା ସତ୍ୟସାଧନା ଯଦି ନ କରୁଛ ତେବେ ଏହି ବହୁମୂଲ୍ୟ ମାନବ ଶରୀର ଓ ମଧ୍ୟମ ପିଢୀର ଭକ୍ତିଯୁଗ ହାତଛଡ଼ା ହୋଇଯିବ । ତା'ପରେ ଏହି ସମୟକୁ ମନେପକାଇ କାନ୍ଦିବାକୁ ପଡ଼ିବ, ବହୁତ ପଶ୍ଚାତାପ କରିବାକୁ ପଡ଼ିବ । ପୁଣି ଯେତେ ମୁଣ୍ଡ ପିଟିଲେ ମଧ୍ୟ ସେହି ସମୟ ଆଉ ଫେରିବ ନାହିଁ । ବନ୍ଦିଛୋଡ଼ ପରମେଶ୍ୱର କବୀରଜୀ କହନ୍ତି ଯେ :-

ଆଛେଦିନ ପାଛେ ଗଏ, ସତଗୁରୁ ସେ କିୟା ନା ହେତ ।
ଅବ ପଛତାୱା କ୍ୟା କରେ, ଜବ ଚିଡିୟା ଚୁଗ ଗଈ ଖେତ ॥

ସର୍ବ ମାନବ ସମାଜକୁ ଏହି ପ୍ରାର୍ଥନା ଯେ ପୂର୍ଣ୍ଣସନ୍ଥ ରାମପାଲଜୀ ମହାରାଜଙ୍କୁ ଚିହ୍ନନ୍ତୁ ତଥା ନିଜର ଓ ନିଜ ପରିବାରର କଲ୍ୟାଣ କରାନ୍ତୁ । ନିଜ ସମ୍ପର୍କୀୟ, ବନ୍ଧୁ ଓ ମିତ୍ରଙ୍କୁ ମଧ୍ୟ କୁହନ୍ତୁ ତଥା ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରନ୍ତୁ । ସ୍ୱର୍ଣ୍ଣଯୁଗ ପ୍ରାରମ୍ଭ ହୋଇସାରିଛି । ଲକ୍ଷାଧିକ ପୂଣ୍ୟତ୍ମା ସନ୍ଥ ରାମପାଲଜୀ ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ଚିହ୍ନି ସତ୍ୟଭକ୍ତି କରୁଛନ୍ତି, ସେମାନେ ବହୁତ ସୁଖୀ ହୋଇପାରିଛନ୍ତି । ସର୍ବ ବିକାର ପରିତ୍ୟାଗ କରି ନିର୍ମଳ ଜୀବନଯାପନ କରୁଛନ୍ତି ।

କୃପାକରି ଆଗକୁ ପଢ଼ନ୍ତୁ ମହାରାଷ୍ଟ୍ରର ଜ୍ୟୋତିଷଶାସ୍ତ୍ରୀଙ୍କ ଦ୍ୱାରା ମରାଠୀ ଭଷାରେ ଅନୁବାଦିତ ନାସ୍ତ୍ରେଦମସଙ୍କ ଭବିଷ୍ୟବାଣୀ ।

❐❐❐


की
भविष्यवाणियों का अपूर्व अर्थग्रहण व सम्प्रेषण
भारत के उज्ज्वल भविष्य के दर्शन
महायुद्धों से सम्बन्धित उद्घोषणा
उन्मादियों द्वारा धर्मस्थलों को नेस्तनाबूद
के कर्णधारों का तख्तापलट
भी बहुत-बहुत-बहुत कुछ
जयकुमार आलन्दकर

होते ही वे फिर से विश्व में योग्यमार्ग से भ्रमण करके शत्रुत्व के भाव से भारत को त्रस्त करेंगे। देखिए, प्रथम मुस्लिम समाज रूप से शुक्र भारत पर आक्रमण करके उस भूमि को तहस-नहस कर देगा। उसके बाद भारत में घुसकर वे सत्ता पर कब्जा करेंगे, अंधश्रद्धालु और दुर्बल भारतीय जनता को सतायेंगे और उन्हें मुस्लिम धर्म की दीक्षा देंगे। उसके कारण महान् भारतमाता मुस्लिमों की दासी बनेगी। भारतीय प्रदेश और समाज भ्रष्ट होगा। यह कार्य इ.स.1291 से 1999 तक चलेगा।

इसी काल में भारत माता का (कामदुहिता का) बंधु गुरु पिंगल सम शत्रुत्व भाव धारण करके पश्चिम यूरोप के क्रिश्चनों को व्यापारी और नाविक बनाकर भारत की ओर भेज देगा। वे प्रथम व्यापारी बनकर भारतमाता को लूटेंगे। उसके बाद एक-- एक प्रदेश हाथ में लेकर उन्हें और वहाँ की जनता को भ्रष्ट क्रिश्चन बनाकर उन पर शासन करेंगे। धीरे-धीरे अपना प्रभाव बढ़ाकर वे संपूर्ण भारत माता को अपने कब्जे में ले लेंगे। उसी समय भारतीय गुलाम दुर्बल जनता मोक्षप्राप्ति के लिए मंदिर बाँधकर देवी-देवता के भजन-कीर्तन करती रहेगी।

इसी काल में धोखेबाज क्रिश्चन गुरु का भ्रष्टाचारी रूप लेकर आयेंगे। यहाँ के प्राचीन ज्योतिष शास्त्रों का अध्ययन कर किरो जैसे यूरोपीयन विश्व प्रसिद्ध ज्योतिषी होंगे। लेकिन भारतीय अंध और झूठे ज्योविषियों को अपने ज्योतिष-ग्रंथों का अर्थ नहीं समझेगा। वे गुलाम होंगे। उन्हें अपनी मानसिकता और प्रवृत्ति के कारण अंग्रेजी भाषा में मौजूदा ज्ञान ही सत्य लगेगा। लेकिन कीरोसम भारतीय ज्योतिषशास्त्र का अध्ययन करके महान् विद्वताधारक लेखकों द्वारा लिखित अंग्रेजी पुस्तक के आधार पर ज्योतिषशास्त्र नहीं समझेगा अन्त में वे शापित होंगे और उसके कारण उनमें मूर्खता और क्रूरता होगी।

उसके कारण महापरिवर्तन काल का आरंभ होगा। वह काल होगा इ.स. 1905 से 2028 तक। सबसे पहले भारत को स्वातंत्र्य प्राप्त करने के लिए काँग्रेस की स्थापना होगी। भारतीय जनता महान् राक्षस कुंभकर्ण के अनुसार गहरी नींद में से जागृत होने लगेगी। झूठा ज्योतिषशास्त्र नष्ट करके अचूक भविष्य ज्ञान देने के लिए मद्रास में के.एस.कृष्णमूर्ति का जन्म होकर वे भारतीय जनता को कृष्णमूर्ति पद्धति का ज्ञान देंगे। 1998 में महाराष्ट्र में एक ज्योतिषशास्त्री नॉस्ट्रॅडॅमस की भविष्यवाणी में अंकित सांकेतिक भाषा का स्पष्टीकरण कर उसमें लिखित भविष्य घटनाओं का अर्थ देकर अपना भविष्यग्रंथ प्रकाशित करेगा। उस समय वह भारत में अज्ञात ज्योतिष द्वारा कलियुग के विषय में दिये गए महान् सांकेतिक भाषा में अर्थ को सुलझाकर उसमें लिखित महान् भविष्यवाणी का अर्थ स्पष्ट करेगा। लेकिन भारतीय जनता पर और सत्ताधारियों पर झूठे प्रचंड ज्योतिषियों का प्रभुत्व होगा। वे इन नये महान् ज्ञानी ज्योतिषियों को प्रकाश में नहीं आने देंगे। लेकिन उन पर स्वार्थ के अंधकार से, झूठे धर्म जाति का भूत सवार हुआ होगा। अब भी वे मातंग (गारुड़ी) कार्य में मग्न होकर सत्य का, मानवता धर्म का, ज्योतिष ज्ञान का खून करते रहेंगे।


२१ व्या शतकात डोकावताना जगातील
सर्व श्रेष्ठ भविष्यवेत्ता
नॉस्ट्राडेमस्
यांचे जागतिक स्तरावरचे भविष्य
- डॉ. रामचंद्र ज. जोशी

२१ व्या शतकाकडे झेपावतांना
जगातील सर्वश्रेष्ठ भविष्यवेत्ता!
मायकेल द नॉत्रदेम (नॉस्ट्राडेमस)
यांचे जागतिक स्तरावरचे भाविष्य

डॉ. रामचंद्र ज. जोशी.

ग्रंथ मिळण्याचे ठिकाण

| | |
|---|---|
| **जोशी ब्रदर्स**<br>अप्पा बळवंत चौक,<br>पुणे २.<br>फोनः ४४५१४२४ | **श्री गजानन बुक डेपो**<br>भरत नाट्य मंदिरासमोर,<br>पुणे ३०.<br>फोन : ४४७३३०४ |
| **श्री गजानन बुक डेपो**<br>कबुतरखाना, दादर,<br>मुंबई २८.<br>फोन: ४२२७५८४ | **श्री गजानन बुक डेपो**<br>बिल्डिंग नं. १३२, पहिला माळा,<br>पंतनगर, घाटकोपर, मुंबई ७५.<br>फोन: ५१३८००९ |

...(32)...

आफ्रिकेला वळसा घालण्याचा द्राविडी-प्राणायाम त्या सुवेज कालव्याच्या निर्मितीने कमी झाला हे खरेच, पण त्या कालव्याच्या निर्मितीची कल्पना नॉस्ट्राडेमसच्या विलक्षण भाकिताने फ्रेंच वास्तुशास्त्रविशारद लेसेप्स याला सुचलेली आहे ही वस्तुस्थिती आहे.

पाहिल्या प्रकरणातच स्पष्ट केले आहे की, १९९९ साली छेडल्या जाणाऱ्या तिसऱ्या जागतिक महायुध्दात, आज वरवर पाहता परस्पर विरोधी राष्ट्रे मित्र बनून, अमेरिका व रशिया यांचे एकत्रित बळ प्रचंड असेल. नॉस्ट्राडेमसच्या मृत्यूनंतर २०९ वर्षांनी जन्माला आलेली अमेरिका आपल्या सामर्थ्याच्या शिखरावर असेल असे, शतक २, श्लोक ४९ मध्ये हा द्रष्टा ज्योतिर्विद सांगतो हे सत्य किती चित्तथरारक आहे?

## 'भारत' सर्वश्रेष्ठ हिंदु राष्ट्र?

या पूर्वीच्या लेखात कै. इंदिरा गांधींचा नॉस्ट्राडेमसने केलेला उल्लेख आपण वाचला. त्या संदर्भात हेन्री सी रॉबर्टस 'कंप्लीट प्रोफेसीज ऑफ नॉस्ट्राडेमस' या १९४२ साली प्रसिध्द झालेल्या आपल्या पुस्तकात लिहितो- 'डॉमिनन्ट प्रिमियर' (म्हणजेच प्रभावी पंतप्रधान) इंदिराजी गांधी यांच्या आकस्मिक खुनानंतर दोन बदल होतील. त्यातील क्रमांक पहिल्या बदलाप्रमाणे त्यांचे पुत्र राजीव गांधी जरी पंतप्रधान झाले असले तरी दुसरा जो बदल होणार आहे तो म्हणजे एक मध्यम वयाचा नेता पाकिस्तान, ब्रह्मदेश, बांगला देश, श्रीलंका, नेपाळ, तिबेट, अफगाणिस्तान, मलाया आदी देश जिंकून हिंदुस्थानाला जगातील सर्वश्रेष्ठ हिंदुराष्ट्र म्हणून निर्माण करणार आहे. तो सार्वभौम असेल. औदार्यात अजोड व आपल्या सनातन धर्माला पुनरुज्जीवन देईल आणि भारत खंडातच नव्हे तर साऱ्या पृथ्वीवर सुवर्णयुग आणील. (सेंच्युरी शतक ५, श्लोक ४१ वा). या श्लोकाबद्दल सर्वच भाष्यकारांत एकमत आहे. वरील दोन बदलांच्या दरम्यानच्या काळात सत्ताधारी मंडळीत वावरणारी चांडाळ चौकडी सत्ताकेंद्र आपल्या ताब्यात ठेवून बराच काळ मनमानी करील. वर उल्लेख केलेला नेता फक्त जगाला अद्याप माहीत व्हायचा आहे!

...(33)...

# : ४ :

# थांबा, इ. स. २००६ मध्ये रामराज्य येतेय!

## हिंदु जगज्जेता भूतलावर सुवर्ण-युग आणणार आहे!

### ज्योतिष हे हि एक शास्त्र आहे

'शितावरून भाताची परीक्षा' या वाकप्रचारानुसार नॉस्ट्राडेमस यांनी वर्तविलेल्या अनेक भाकितांचे खरेपण आपण गेल्या प्रकरणात पाहिले. नॉस्ट्राडेमस यांना हे सर्व ज्ञान आगामी पिढीला देणे आवश्यक वाटले; व त्याने 'सेंच्युरी' मंध्ये दहा शतके (१००० श्लोक) लिहिलीं व १५५५ साली तें पुस्तक प्रसिध्द झाले. या पुस्तकातील श्लोकांची वर्गवारी केली तर असे आढळते की पहिले सुमारे १०० श्लोक फ्रान्स व युरोपसाठी, म्हणजे नॉस्ट्राडेमसच्या काळातील घटनांबद्दल केलेल्या भाकितांवरच खर्च झाले आहेत. त्यानंतर ३५० - ४०० श्लोक १९ - २० व्या शतकातील घटनांच्या भाकितांचा ऊहापोह करण्यात लागले असून उरलेल्या ४५० - ५०० श्लोकांत २१ व्या शतकापासून इ. स. ३७९२ पर्यंतच्या कालखंडात होऊ घातलेल्या भाकितांचे विवरण आलेले आहे.

-ज्योतिष शास्त्र हे असे चमत्कारिक शास्त्र आहे की सर्वसामान्य माणसांपासून अधिकारी वर्ग, देशा-राष्ट्रांचे शास्ते, धनाढ्य, श्रीमंत, राजेरजवाड्यापर्यंत सर्वांनाच त्याचे आकर्षण आहे. उघडरीत्या त्या शास्त्राचा निषेध, परंतु खाजगीरीत्या त्याची चाचपणीच केवळ नव्हे तर आवर्जून त्या शास्त्राच्या पारंगत ज्योतिर्विदाची मनधरणी करण्याची प्रथा सर्वकाली व सर्व देशांतून रूढ असल्याचे दिसते. ज्योतिष हे शास्त्र आहे, त्याचे आकाशस्थ ग्रहांच्या गतीनुसार ठरलेले आडाखे आहेत. इथून तिथून निसर्ग हा सारखाच असल्याने त्या त्या काळच्या ग्रहस्थितीनुसार व्यक्ति, समाज, देश नि त्यांचे धर्म, संस्कृती यावर परिणाम घडत असतात. ज्योतिषी फक्त त्याने केलेल्या शास्त्राभ्यासाच्या आधाराने मिळविलेल्या ज्ञानाने जे परिणाम घडायचे असतात त्याची आगाऊ माहिती सांगतो, त्याचे आनंददायी, सुखसंवर्धक बदल स्पष्ट करतो. ते बदल केव्हा कसे होतील त्याबद्दल भाकित वर्तवतो. त्याचप्रमाणे दुःख वर्धक उलथापालथी काय होतील त्याचीही नोंद करीत असतो. जे घडायचे असते ते ज्योतिषाला टाळता येत नाही - किंवा तो ते घडवीतही नाही. म्हणून नॉस्ट्राडेमससारखे जगप्रसिध्द ज्योतिर्विद आत्मविश्वासाने म्हणतात की, 'मी लिहिले, सांगितले - त्यात काहीही बदल करण्याची माझी इच्छा नाही.'

...(40)...

गेली नऊ वर्षे इराकबरोबर विध्वंसक युध्दात गेली. जवळ जवळ एक हजार किलोमीटर प्रदेश इराकने सोडलेला नाही. युध्दकैदी सोडविता आले नसल्याने युध्द थांबले, परंतु इराणची मानहानी संपलेली नाही. या युध्दात पेट्रोलियमच्या उद्योगाची महत्त्वाची साधने उद्ध्वस्त झाली, अर्थव्यवस्था, उद्योगधंदे, रोजगार यांची झालेली हानी फार मोठी आहे. शाह यांच्या पदच्युतीच्या सुमारास जी स्थिती होती त्यापेक्षा कितीतरी पटीने सध्याची इराणची आर्थिक स्थिती ढासळली आहे.

आपले घरदार, कौटुंबिक सुख व सुरक्षितता या बाबींचा विचार टाळता येणे अशक्य झाले आहे; आणि त्याबद्दल बहुजनसमाज बोलू लागला आहे. इराणी राष्ट्रांच्या समस्यांना तोंड फुटू लागले आहे आणि त्या समस्यांची सोडवणूक करायला इस्लामची अथवा धर्माची वाढ पुरेशी पडणार नाही याची जाणीव बहुजन समाजालाच नव्हे तर सत्तारूढ पक्षातल्या मवाळांनाही होऊ लागली आहे.

नॉस्ट्राडेमस यांनी शतक १ श्लोक ७० मध्ये असे स्वच्छ लिहून ठेवले आहे की, खोमेनीच्या कडव्या हेकटपणाला विरोधकच कडवेपणाने मोडून काढतील नि खोमेनी विरोधकांची सरशी होईल; त्यांचा विजय होईल. अखेरीस फ्रान्सच मध्यस्थी करून खोमेनी व त्याचे साथीदार यांना दया दाखवावी असे सांगेल व बंडखोर फ्रान्सचा सल्ला मानतीलही! नॉस्ट्राडेमस या सर्व घडामोडींचे वर्णन करून सांगतोय. 'थांबा, रामराज्य येतंय!' जुलै १९९९ ते इ. स. २००६ पर्यंत चालणाऱ्या या सर्व संहारक युध्दाच्या शेवटी सुवर्णयुग अवतरेल; हिंदुस्थानात उगवणारा तारणहार शायरन व फ्रेंच नेता मार्स यांची युति होईल. त्यानंतर ७५ वर्षे जगात सुख-समृध्दि, व शांतता नांदेल. (१० /८९)

नॉस्ट्राडेमसने निःसंधिग्धपणे म्हटलेय, की नव्याने प्रकट होणारा शायरन (CHYREN) आजच्या घटकेला अज्ञान आहे. परंतु तो ख्रिश्चन वा मुस्लिम नसेल. पाश्चात्य विद्वानांनीही हे विधान मान्य केले आहे.

नॉस्ट्राडेमस स्वतः ज्यू वंशाचा, ख्रिश्चन धर्म स्वीकारलेला, फ्रान्सचा नागरिक. तो ४५० वर्षांनी अवतरणारा विश्वनेता हिंदूच असेल असे छातीठोकपणे सांगतो, त्या हिंदु नेत्याचा गौरव करतो तो ह्याच कारणांनी की त्या स्वातंत्र्यसूर्य शायरनच्या उदयाबरोबर आधीते नेते निष्प्रभ होऊन नम्र होतील. 'तो' शायरन तिसऱ्या जागतिक युध्दाच्या काळानंतर वाचलेल्या नागरिकांना कायद्याचे राज्य देईल. कुणावरही अन्याय होणार नाही. 'गुणाः पूजास्थानं नच लिंगम् नच वयः' बरोबरच 'नच श्रध्दास्थानः' ही त्या लोकशाही राज्याची वेदी असे. सामाजिक रचना 'गुणकर्मविभागशः' असेल. जन्मदात्या मातापित्याच्या श्रध्दास्थानांवर ती आधारलेली असणार नाही. राखीव जागा, खास हक्क ही भाषा असणार नाही. त्याचप्रमाणे दलित, मागासलेला समाज अशी विभागणीही या साम्राज्यात असणार नाही. प्रत्येकाच्या वैयक्तिक गतिशील प्रयत्नांना प्रोत्साहन दिले जाईल; त्याच्या प्रगमनशील कर्तृत्वाला भरपूर संधि व वाव दिला जाईल, सरसकट आमिषांची खिरापत वाटली जाणार नाही. यामुळे जो मेहनत करील

...(41)...

त्याला 'संधि' मिळेलच मिळेल अशी आश्वासक खात्री पटल्याने राष्ट्रसंवर्धनाला आवश्यक असणारी चढाओढ समाजात मानवाला कार्यप्रवण करील. शासन अमानवी वागणारांना वठणीवर आणीलच, शिवाय त्यांच्यातील अतिरेक्यांचा निःपात केला गेला जाईल. सर्वांना लागू पडणारा समान कायदा राज्यभर कसोशीने पाळण्यात येईल.

आता एक गोष्ट निर्विवादपणे सिध्द झाली आहे की तिसऱ्या अतिसंहारक महायुध्दातून नव्याने दर्शन घडविणारा तारणहार 'आशिया खंडात जन्म घेतलेला असेल, (शतक २० श्लोक २५).' युरोपात नाहीच नाही! तो ख्रिश्चन नसेल, मुसलमान तर नसेलच नसेल. ज्यूही असणार नाही. तर हिंदूच असेल असे जे नॉस्ट्राडेमसने निःसंदिग्धपणे म्हटलेय् ते पाश्चात्य विद्वानांनाहि मान्य आहे. तो हिंदू-नेता अन्य सर्व भूतपूर्व नेत्यांपेक्षा महत्तर असेल, बुध्दिमान असेल, अजिंक्यही! नॉस्ट्राडेमसचा शतक ६ श्लोक ७० फार महत्त्वाचा मानावा लागेल.

The grest CHYREN will be
chief of the world.
Loved feard and unchallenged
even at the death
His name and praise will reach
beyond the skies.
And he will be content to be
known only as Victor.

महान् शायरन जगाचा प्रमुख नियंता होई ल. त्याच्यावर सर्वसामान्य जनता प्रेम करील; त्याचबरोबर त्याचा वचक येवढा असेल की प्रजाजन काहीही अपकृत्य करायला धजणार नाहीत. त्याच्या मृत्युनंतरही त्याचा दबदबा कायम राहील, त्याचे नाव आणि पराक्रम नागरिकांच्या मनावर इतके खोलवर परिणाम करतील की त्याची कीर्ति त्रिखंड पसरेल. सामर्थ्य इतके प्रचंड असेल की शत्रू त्याच्या देशाला घाबरतील, त्याच्या राज्याची, नव्हे साम्राज्याची दहशत मानतील. तो सार्वभौम असेल, त्याच्या कर्तृत्वाचा प्रभाव संपूर्ण जगावर पडेल. हा महान् हिंदु नेता भारताला भूमि आणि सागर यावर अजिंक्यपद प्राप्त करून देईल. आतापर्यंत निद्रिस्त असलेल्या हिंदूंना खडबडून जागृत करून त्यांच्याकरवी अशी काही चिरंतन कामगिरी करवील की ज्याने ते आपल्या पूर्वजांचे सार्थ वारस ठरतील.

शतक २, श्लोक ७९ द्वारा फ्रेंच द्रष्टा नॉस्ट्राडेमस स्वच्छपणे सांगतोय की, शायरन क्रूर आणि हिंसक जमातीतल्यांना ठिकाणावर आणिल आणि चंद्रकोरीच्या ताब्यातील भूमि मुक्त करील. त्याचे हे शब्दच पहा किती बोलके आहेत!

फ्रेंच - Subjuguva 10 gent crelle add fiere Le grand chyren ostera du longin Tous les captifs par seline baniaet.

...(42)...

इंग्लिशमध्ये स्वैर भाषांतरित शब्दात सांगायचे तर -

1) Will subjugate the cruel and
violent freed,
The great CHYREN will
take from distance,
All those held captive by
crescent moon

वरील श्लोकातील Cruel and Violent held captive by crescent moon म्हणजेच - हिंसक आणि क्रूरचंद्र हे शब्द इतके अर्थवाही आहेत की वरील उल्लेख मुसलमानांना उद्देशूनच आहेत याबाबत दुमत न व्हावे.

थोडक्यात सांगायचे तर शायरनच्या कारकीर्दीत या भूतलावर सुवर्णयुग अवतरेल. त्याच्या मृत्यूनंतरही त्याच्या महानतेचे व सद्‌गुणांचे आवर्जून गुणगान होत राहिल. पण त्याच्या मनाची शालिनता, विनम्रपणा व औदार्य इतके ढळढळीतपणे दिसते की यापूर्वी नमूद केलेल्या शतक ६ श्लोक ७० व्या श्लोकाच्या शेवटच्या ओळीत त्याबद्दल केलेला उल्लेख फार बोलका आहे. (शायरन म्हणतोय) 'जनतेने त्याच्याबद्दलचा उल्लेख फक्त एक विजयी नेता या तीन शब्दात करायचा तर करावा आणखी विशेषणे त्याच्या नावाला चिकटवू नयेत.

मधल्या काळात हिंदूधर्माचे व हिंदूंच्या आदर्शवत् जीवनाचे पुसट झालेले क्षणचित्र, पुन्हा आपल्या देदिप्यमान उत्तुंग स्वरूपात प्रस्थापित होणारच, आणि मानवी संस्कृती निर्धोक बनेल हे नॉस्ट्राडेमसने पुरेशा स्पष्टपणे सुचविले आहे. त्यात संदिग्धता कुठेही नाही. हे सर्व घडवून आणणारा आज अज्ञात असणारा परंतु योग्य समयी प्रकट होणारा महापुरुष तथा शायरन हा हिंदुधर्मीयच असेल असेही नॉस्ट्राडेमस निखालसपणे सांगतो, नव्हे नव्हे, जवळ जवळ साडेचारशे वर्षापूर्वी अक्षरबध्द करतो. त्याने या शायरनच्या मनाचा घेतलेला वेधही इतका काही तर्कशुध्द व अचूक आहे की नॉस्ट्राडेमसच्या द्रष्टेपणाचे आश्चर्य वाटते! नॉस्ट्राडेमसने म्हटलेय की, शायरन बेचैन मनाने खूप प्रवास करील. या बेचैनीचे कारण काय असणे शक्य आहे? आपल्या धर्मबांधवांच्या समस्या आणि त्यांची सद्यःकालीन दयनीय अवस्था हे असू शकेल! त्या बेचैन अस्वस्थ मनाचा कानोसा आपण पुढच्या प्रकरणात घेऊ!

...(43)...

## : ५ :

# नॉस्ट्राडेमसच्या भाकितांना दुजोरा देणारी आणखी कांही भाकिते

उभ्या आयुष्यात भारताला कधीही भेट न दिलेल्या महर्षी नॉस्ट्राडेमसने, सुमारे ४००-४५० वर्षांपुर्वी,'२००१ साली प्रलयंकारी विनाशाच्या उंबरठ्यावर असलेल्या जगाला शायरन (CHYREN) हा हिंदू नेता आपल्या क्षात्रतेजाने तारणहार होईल.' या स्वातंत्र्यसूर्याच्या आगमनाने बलाढ्य हिंदू राष्ट्राचा उदय होऊन हिंदूंचे पुनरुत्थान होईल, हिंदू साम्राज्य स्थापन होऊन 'सुवर्णयुग अवतरेल' असे भविष्य शब्दबध्द केले आहे.

१९९९ साली सुरू होणाऱ्या व इ. स. २००६ ला संपणाऱ्या महायुध्दासंबंधी अनेक श्लोकात नॉस्ट्राडेमस लिखित, 'सेंच्युरी' मध्ये 'शायरन' या टोपण नावाचा उल्लेख 'विश्वनेता' म्हणून ठिकठिकाणी केलेला आढळतो. गेली जवळ जवळ २०० वर्षे या 'शायनर' चा शोध घेण्याचे काम नॉस्ट्राडेमस विषयातील तज्ञ हिरीरीने करीत आहेत. गेल्या प्रकरणांत या विश्वनेत्याबद्दल नॉस्ट्राडेमसच्या कित्येक अभ्यासकांनी लढविलेले तर्क कुतर्क किती विसंगत आहेत हे दाखविले; आणि त्या संदर्भात सध्याचा इराणचा धर्मनेता आयातुल्ला खोमेनीचे नाव आग्रहाने घेतले जाते ते तर किती असंबध्द आहे त्याचीही चर्चा केली.

नॉस्ट्राडेमसच्या भविष्यवाणीत 'क्रम' नसतो-सकारण नसतो, त्यामुळे हे तर्काधिष्ठित घोटाळे होतात हे जरी खरे असले तरी नॉस्ट्राडेमस वेगवेगळया लोकांमधून शायरन् बाबत जे विखुरलेले उल्लेख करतो त्यावरून येऊ पाहाणाऱ्या ३ऱ्या जागतिक युध्दकालातील क्षितिजावर नव्याने उगवणारा पण आज जगाला अज्ञात असलेला जगज्जेता कोण असेल, कुठचा असेल याबाबत सुसंगत तर्ककरायला अडचण पडू नये.

पृष्ठसंख्येचे बंधन लक्षांत घेऊन आतापर्यंत नॉस्ट्राडेमसच्या श्लोकांचे 'शतक अमुक व श्लोक क्रमांक अमुक' एवढाच निर्देश करून त्याने वर्तविलेल्या भाकितांचा मागोवा घेत घेत गूढार्थाची उकल केली. परंतु, आता यापुढे महान् शायरनच्या कर्तृत्वाचा प्रकाश पाडणाऱ्या भाकितांबद्दलचे लेखन, नुसतेच शतक 'श्लोक' क्रमांक अशा संदर्भात न देता, आवश्यक तेवढे मूळ श्लोक, जसेच्या तसे, उध्दृत केल्याशिवाय वाचकांचेही समाधान होणार नाही म्हणून ते प्रसिध्द करण्याचे योजिले आहे. मूळ फ्रेंच भाषेतील श्लोक देणे अशक्य नाही. तरी ती भाषा अत्यल्प लोकांना समजणारी असल्याने त्या श्लोकांचे इंग्रजीत भाषांतर उध्दृत केले जाईल. त्यावरून नॉस्ट्राडेमसच्या एकेका विधानाचे निरुपण करणे सोपे होईल.

...(44)...

यापूर्वीच्या २ ऱ्या प्रकरणांत नॉस्ट्राडेमसचा जीवनवृतांत देतांना, त्याने गूढ भाषेत भविष्यकथन कसे केले आहे त्याचे उदाहरण म्हणून, 'सेंच्युरी' च्या शतक ४ श्लोक १४ चा पूर्वार्ध मूळ फ्रेंच व त्याचेच इंग्रजीत रुपांतरित भाग उध्दृत करून त्याबद्दल विवरण केले. तिसरे प्रकरण नॉस्ट्राडेमसच्या तंतोतंत खऱ्या झालेल्या भाकितांची ओळख वाचकांना व्हावी म्हणून लिहीले, त्यात पुन्हा वरील शतका-श्लोकाच्या आधारे भारताच्या 'डॉमिनंट प्रिमिअर' कै. इंदिरा गांधी यांच्यां अकस्मात (इंग्रजी शब्द आहे Sudden) हत्येने 'भारत' सर्वश्रेष्ठ हिंदुराष्ट्र घडविण्याच्या संभाव्य दोन बदलांचा उल्लेख केला तो असा- इंदिराजींचे पुत्र राजीव गांधी हे पंतप्रधान होतील (श्लोकातील शब्द shall cause change) हा पहिला बदल तर, वरील शब्दांपाठोपाठ त्याच श्लोकात आलेल्या 'and put another in the reign soon' या अधोरेखित शब्दांनी ध्वनित होणारे राजीव गांधींच्या पाठोपाठ २० व्या शतकाचा अस्त होण्याचे काळी उगवणारे दुसरे सत्ताधारी म्हणजेच नॉस्ट्राडेमसना अभिप्रेत असलेला 'शायरन' असेल हे सुसंगत वाटते. हेन्री सी. रॉबर्टस् नामक नॉस्ट्राडेमसचे एक प्रसिध्द भाष्यकार आहेत. यांनीही वरील विधान उचलून धरले आहे.

नॉस्ट्राडेमस येवढ्यावरच थांबत नाही तर विश्वनेत्याबद्दल आणखी काही महत्त्वाच्या खुणा दाखवतो.

शतक ५ श्लोक ४१ मध्ये नॉस्ट्राडेमसने स्पष्टच सांगितले आहे की, रात्री अंधाऱ्या वेळी (त्यांचे शब्द आहेत - Noctural time) 'तो' जन्माला येईल. तो सर्वभौम असेल आणि औदार्यात त्याच्याशी कुणीही बरोबरी करू शकणार नाही. तो आपल्या सनातन धर्माचे पुनरुज्जीवन करील आणि या अवनीतलावर सुवर्णयुग आणील!

'अंधाऱ्या वेळीं' या शब्दाचे अनेक अर्थ संभवतात. पैकी एक म्हणजे श्रीकृष्णाच्या जन्माचे वेळेप्रमाणे 'तो' शायरन रात्रीच केवळ नव्हे तर अमावास्येच्या अंधःकारमय रात्रीहि जन्म पावला असेल! दुसरा असाही अर्थ होऊ शकतो की, भोवतालचे जगात जेव्हा त्या जगास 'अंधार-युग' म्हणण्याइतकी काळ्या कृत्यांची बेबंदशाही माजली असेल तशा भयंकर कालावधीत 'शायरन'ने या जगात पदार्पण केले असावे. तिसराही अर्थ या 'रात्रीं'च्या उल्लेखाला चिकटवला जातो, तो म्हणजे, या अवनीतलावर चालू असलेल्या 'जगा'मध्ये आणीबाणी जाहीर होऊन (उदा. २ ऱ्या महायुध्दाचे वेळी जशी अंमलात होती तशी) ब्लॅक आऊट असेल तेव्हा जन्माला आलेले हे मूल असावे! या सर्व लेखनाचा इतकाच इत्यर्थ निघतो की आगामी महासंहारक तिसऱ्या महायुध्दात अमेरिका-रशियाच्या युतिसह 'शायरन' ही तिसरी भारतीय शक्ती महान कार्य करील. आज ती अज्ञात असली तरी ती व्यक्ती आजच्या जगात वावरत असेल. अमावस्येसारख्या कुठल्या तरी अंधेऱ्या रात्री जन्म घेतलेली व आगामी महान नेता ठरणारी ही व्यक्ती तरुण १६ते२०-२५ वर्षाची तरी असेल किंवा पन्नाशीसाठी गाठलेली अनुभवी ध्येयैकशरण प्रौढ व्यक्तीही असू शकेल; यापेक्षा शायरनच्या वयावर प्रकाश पाडणारा उल्लेख नॉस्ट्राडेमसने कुठे केल्याचे आढळत नाही.

...(45)...

नाही म्हणायला नॉस्ट्राडेमस हे मात्र नमुद करतो की या नेत्याच्या नेतृत्वाखाली भारत हा जगातील सर्व-श्रेष्ठ देश बनेल. इतकेच नव्हे तर दूरवर पसरलेले हिंदूंचे साम्राज्य नव्याने आकारास येईल.

शतक १,श्लोक ५० मध्ये त्या पुरुषाचा पुन्हा उल्लेख आढळतो तो असा-

'From Peninsula of three seas will be born one who will make Thursday his day of worship. His fame praise and rule will form mighty by land, sea. There will be a tempest of India.'

तीन सागरांनी बनलेल्या व्यापक द्वीपकल्पात तो जन्म घेईल; त्याचा गुरुवार हा प्रार्थनेचा दिवस असेल. त्याची कीर्ति त्रिखंडात पसरेल. त्याचे सामर्थ्य इतके प्रभावी असेल की त्याच्या आक्रमक घोडदौडीमुळे उत्पन्न झालेल्या त्याच्या प्रभावाने वादळी वातावरण उत्पन्न होईल. द्वीपकल्प, गुरुवार प्रार्थनेचा दिवस (या संदर्भात असेही म्हटले गेले आहे की शायरनचा विश्रांती घेण्याचा दिवस सोमवार असेल). या तिन्ही लाक्षणिक शब्दांद्वारे नॉस्ट्राडेमसला काय सुचवायचे असावे त्याबद्दल यापूर्वीच्या प्रकरणांतून स्पष्टीकरण केलेच आहे. या सर्वांचा निःसंदिग्धपणे आशय स्पष्ट होतो तो हा की शायरन हा महाम नेता भारतात जन्मलेला हिंदू नेताच असेल.

वरील भाकिताला दुजोरा देणारे भाष्य नॉस्ट्राडेमसने स्वतःच शतक ५, श्लोक २५ मध्ये केले आहे तेच पहा ना -

The Arab Primer, Mars, Sol, Venus, Leo,Rule of Church will surrender to the sea towards Persia, close to a million, True serpent power invade Turkey and Egypt.'

मागे उल्लेख केलेल्या हेन्री रॉबर्टस्ने याही श्लेकाखाली, आपल्या पुस्तकात टीप दिली आहे की -

'Christian Ideal will be overcome by Oriental Ideology where serpent meaning True serpent.....'

(म्हणजेच कुंडलिनी शक्ति धारण करणारी व्यक्ति). नॉस्ट्राडेमस भविष्याचा वेध घेऊन, वरील श्लोकात स्वच्छपणे सांगून टाकतो की सागराच्या नावाचा धर्म ज्याचा आहे (म्हणजेच हिंदी महासागर त्या अनुषंगाने हिंदुधर्म-तथा हिदुस्थान!) - कुठल्याहि प्रादेशिक भूमीकडे अंगुली निर्देश करण्याकरिता असा उल्लेख कुठल्याही भौगोलिक वाङमयात आढळत नाही-तो ज्याचा आहे त्याच्या पुढाकाराने युरोपमधील नव्हेत तर ख्रिश्चन व यावनी संस्कृतीचा खातमा केला जाईल. त्यांची सारी केन्द्रे ज्या ज्या राष्ट्रात विखुरलेली आहेत ती राष्ट्रेही पादाक्रांत केली जातील. इतर, कोणत्याही धर्मात ज्याप्रमाणे गुरुवार हा प्रार्थनेचा दिवस म्हणून पाळला जात नाही त्याचप्रमाणे कुंडलिनी शक्ति कुणाही बिगर हिंदूला ज्ञात नाही. हिंदूंचे ते खास शक्तिस्थान आहे, ते हिंदुच इजिप्त, तुर्कस्तान इत्यादी मध्यपूर्वेत असलेल्या सत्ताधाऱ्यांना दूर फेकून तिथे हिंदु संस्कृति केवळ नांदू लागेल असे नाही तर तिचा अम्मल सुखेनैव चालू राहील.

...(46)...

वरील भाकितावर आणखी झगझगीत प्रकाश टाकणारे भाकीत नॉस्ट्राडेमसने शतक १०, श्लोक ९६ मध्ये प्रसिध्द केले आहे ते असे -' Religion of the name of sea will against the sect of Caliphs of the Moon vanquish. The deplorably obstinate sect shall br afraid of wounded by Alef and Alef.'

फ्रेंच द्रष्ट्या ज्योतिषवर्याने केलेले वरील भविष्य फार महत्त्वाचे आहे. कारण, यात जास्तच स्पष्टपणे सांगितले आहे की समुद्राचे (तथा हिंदी महासागराचे) नाव असलेला देश - हिंदुस्थान - खलिफाच्या प्रशंसित पंथाचा नाश करील. वरच्या श्लोकातील २ ऱ्या ओळीतील Sect हा शब्द महत्त्वाचा व नॉस्ट्राडेमसच्या मार्मिक शब्दयोजनांचा निदर्शक आहे. त्या शब्दाचा एक अर्थ जसा 'पंथ' होऊ शकतो तसाच तो शब्द फ्रेंच भाषेत वापरला जातो तो 'श्रध्दा' या अर्थाने! या दृष्टीने या काव्यपंक्तीचा अर्थ लावावयाचा तर समुद्राचे नाव असलेल्यांची श्रध्दा तथा धर्म, हा सद्धर्म आहे तर खलिफा प्रशंसित धर्म ही केवळ अंधश्रध्दा आहे. या वाक्याचा आणखी स्पष्टार्थ करायचा तर नॉस्ट्राडेमसला हिंदू हा 'धर्म' तर इस्लामला तो अंधश्रध्दा म्हणून अभिप्रेत आहे. Obstinate हे विशेषण खलिफाच्या पंथाला लावून नॉस्ट्राडेमसने हेही आडपडदा न ठेवता सांगून टाकले आहे की, 'खलिफ-प्रशंसित पंथ अपरिवर्तनशील, अतिरेकी आहे!'

या पूर्वीच्या प्रकरणात 'शायरन' म्हणून आयातुल्ला खोमेनीबद्दल लिहितांना सध्या जगभर चालू असलेल्या रश्दींच्या 'सॅटॅनिक व्हर्सेस' या कादंबरीवरून उसळलेल्या सैतानी उद्रेकाचा उल्लेख केलाच आहे. त्याला आणखी दुजोरा देणारी बातमी नुकतीच वाचण्यात आली, तीही या संदर्भात बरेच काही सांगून जाते असे वाटते म्हणून येथे तिचा उल्लेख करतो - पॅरिसहून आलेली ही सत्यकथा आहे. प्रसिध्द फ्रेंच गायिका व्हेरोनिक सान्साँ, आपल्या कार्यक्रमात 'अल्ला' हे गीत सादर करीत असे. (म. गांधी ज्याप्रमाणे त्यांच्या रामनामात - 'ईश्वर अल्ला तेरे नाम' असे खादीचे ठिगळ लावून म्हणत त्याप्रमाणे!) परंतु, गीत - गायकाला ठार मारू अशी धमकी त्यांना देण्यात आल्यावर त्यांनी ते गीत न गाण्याचे ठरविले. नभोवाणीवरील एका मुलाखतीत ही माहिती देऊन पुढे स्पष्टीकरणही केले की, 'वास्तविक या गीतात इस्लामचा अवमान करणारे काहीही नाही, ती एक प्रार्थना आहे. पण 'ज्ञानलव दुर्विदग्धं ब्रह्मापि नरं न रंजयति।।' हे जास्त अनुभवसिध्द वाक्य कुणाच्या खिजगणतीत आहे?

मुस्लिम धर्माच्या तत्त्वांना खोमेनीसारखे धर्मांध त्यांना अभिप्रेत असलेला वेगळाच रंग देण्याचा प्रयत्न करीत असतात. त्यामुळे होते काय तर काही मुस्लिम मूळ ग्रंथ न वाचताच विनाकारण कडवे धर्मांध बनत चाललेले आहेत. मशिदीमध्ये ठिय्या मारून बसलेले मुल्ला - मौलवी नि इमाम आपापले राजकारण पुढे रेटण्याचे मनसुबे उभारण्यात मश्गूल झाले आहेत. भारतीय शिक्षण यंत्रणेतून इस्लाम विरोधी (हेही त्यांनीच ठरवायचे) सारे उल्लेख काढून टाकावेत, पाठ्यपुस्तकांचे शुध्दीकरण (!) केले

...(47)...

जावे अशी मागणी करायला सुरुवात झाली आहे. या सर्वांची परिणती कशात होईल हे सांगणे आतापर्यंतच्या अतिरेकी अनुभवावरून जाणता येण्यासारखे असले तरी ज्या वेगाने १९९९ चा झंझावात समीप येत आहे त्या वेगाशी सुसंगत असा अत्याचारांचा नेहमी उसळणारा डोंब लक्षात आला की हीच वावटळ आगामी तिसऱ्या महायुध्दाची नांदी ठरण्याची शक्यता नाकारता येणार नाही.

१७ व्या शतकात ज्याप्रमाणे मुसलमानांच्या अत्याचारांनी हिंदुस्तानांत मर्यादा गाठली, तेव्हा मूठभर मावळ्यांना एकत्र करून परिस्थितीशी मुकाबला करणे अपरिहार्य झाले.

तेव्हा बाल शिवरायांनी विजापूर सोडून पुण्याच्या आपल्या जहागिरीत राहायला सुरुवात केली व आपल्या सवंगड्यांसह करंगळीचे बोट कापून श्रीशंकरावर (रोहिडोश्वर?) रक्ताचा अभिषेक करून स्वराज्याची मुहूर्तमेढ रोवली. हाताशी असलेले सीमित मनुष्यबळ, युध्दमान शस्त्रांचा तुटवडा, अर्धपोटी जेवण, आणि एकंदर समाजावर मुसलमानी अंमलाची खोलवर रूजलेली दहशत व त्यामुळे रूळलेली अगतिकता यामुळे गनिमी काव्याने या सत्तेशी दोन हात करावे लागले. पारतंत्र्याचा एक अवश्यमेव भाग असा असतो की त्याविरुध्द प्रथम उठाव करणाराला नामोहरम करणे, घरच्यापेक्षा बाहेरचा सत्ताधारी आपलासा वाटणे! घरभेदीपणा सत्कर्माचा रंग घेतो. प्रत्येक कृतीला धर्मांधता म्हणण्यात येते, जातीयतेचा छाप मारला जातो. सूर्याजी पिसाळाची अवलाद उत्तम होऊन फंद - फितुरी वाढते - या सर्वांवर मात करून शिवरायांनी राजगडावर तोरण बांधून, राज्याभिषेक करविला तेव्हाच भूषण कवींनी त्यांचा गौरव केला तो या शब्दांनी - 'शिवाजी न होता तो सब की होती सुन्ता'. इतिहासाची पुनरावृत्ती होत असते असे म्हणतात त्यानुसार आजही शायरनच्या नेतृत्त्वाने हिंदुत्वाची द्वाही फिरवण्याची नेमकी वेळ आली आहे. शिवरायांनी अनुसरलेला मार्ग धर्मांधतेचा नव्हता तर 'स्वत्व' टिकविण्याचा होता. त्याकरिता प्राणांची बाजी लावून मराठमोळ्यांनी लढा दिला होता. ती स्फूर्ति नंतर १९ व्या शतकापर्यंत कार्यरत होती. मराठ्यांचा भगवा जरिपटका अटकेपार लागला, दिल्लीचे तक्त फोडून आपल्या शौर्याची मुद्रा भारतभर पसरलेल्या भारतीयावर उमटवली. एवढी मर्दुमकी असूनही दिल्लीच्या सिंहासनावर - तक्तावर - .शेवटपर्यंत 'मराठा' न बसविता, मोगल बादशाहीच चालू राहिली. हे विषयांतर एवढ्यासाठीच केले की हिंदूंची युध्दप्रविणता ते सत्ताधीश होण्याइतकी बलशाली असूनही, त्यांच्या विशिष्ट मानसिक ठेवणीनुसार ते आक्रमक सत्ताधारी केव्हाच झाले नाहीत हे स्पष्ट व्हावे!

भारतीय हिंदू हे निसर्गतः व त्यांना मिळालेल्या धार्मिक व अध्यात्मिक वारसानुसार प्रवृत्तीने सौम्य प्रकृतीचे आहेत, आक्रमक नाहीत. परंतु, या आधी उध्दृत केलेल्या नॉस्ट्राडेमसच्या शतक १, श्लोक ५० प्रमाणे, 'शायरन' हा हिंदू नेता अखिल हिंदुविश्वाला जागृति आणून स्वतःच्या वादळी व्यक्तिमत्वाने, आपल्या भूमि नि सागरी सामर्थ्याचे दर्शन घडविणार आहे. अजिंक्य हिंदुनेता ही आपली प्रतिमा सर्व

...(52)...

प्रारंभी जगाच्या क्षितीजावर उगवणार आहे. हा जो बदल घडणार आहे तो नॉस्ट्राडेमसच्या इच्छेने घडणार नसून नियतीच्या इच्छेने हा सारा बनाव घडणार आहे. त्यातून नवीन जे घडणार आहे ते म्हणजे हिंदुस्थान हा सर्वश्रेष्ठ देश होणार आहे. आज कित्येक शतके न दिसलेले, दृष्टिआड झालेले हिंदुंचे साम्राज्य अवतरणार आहे.

आजच्या विज्ञानयुगात अणुशास्त्राचा जो अभ्यास चालू आहे, व अणु-अस्त्रे बनविण्याची वा संग्रही ठेवण्याची जी चढाओढ सर्व जगभर चालू आहे त्यावरून आगामी युध्दाची भीषणता स्पष्ट होत आहे. संयुक्त राष्ट्रसंघातर्फे तज्ज्ञांनी केलेल्या अभ्यासानंतर जो अहवाल प्रसिध्द झाला आहे त्यावरून निःसंदिग्ध शब्दात प्रामुख्याने सांगितले आहे की, आगामी युध्द हे अणुयुध्द झाल्यास - आणि आज, त्या दृष्टीने जी पावले पडत आहेत त्यानुसार ३ हे महायुद्ध अणुयुध्दच होणार याबद्दल दुमत होण्यासारखेही नाही - प्रत्यक्ष परिणाम प्रचंड मनुष्यहानी, उद्ध्वस्त झालेले देश, भस्मसात झालेली मालमत्ता व शेती या दृष्यांनी दिसतील हे तर खरेच, पण त्याहीपेक्षा त्याचे जे अप्रत्यक्ष परिणाम प्रदीर्घ कालपर्यंत जाणवतील ते मात्र फारच भयंकर स्वरूपाचे असतील.

या अणुयुध्दाने जगातील हवामानात बदल होईल. ज्या गोलार्धातील शहरांवर अणुबॉंब किंवा रॉकिट्स यांचा मारा होईल - आणि उत्तर गोलार्धातील मोठ्या शहरांवर असा वर्षाव होण्याचा संभव जास्त - त्या गोलार्धातील तपमान शून्य अंश सेल्शिअस् खाली जाईल. सूर्यप्रकाश पुरेसा मिळणार नाही. पाऊस कमी पडेल. त्यामुळे शेती, वनस्पती उगवण्या - उत्पन्न होण्यावर विपरित परिणाम होईल. ओझोनचा संरक्षक थर कमी होत आहे, अशी आजच आवई उठली आहे. तो संरक्षक थरही अणुयुध्दाने आणखी कमी होऊन अतिनील किरण रोखले जाण्याचे प्रमाण कमी होईल.

नॉस्ट्राडेमसला हे सर्व प्रलयंकारी दृष्य दिसत असूनही त्याने केलेल्या ग्रहगणिताच्या आधारे तो म्हणतो की, या तिसऱ्या महायुध्दात अनेक तथाकथित प्रगत देश बेचिराख होतील. तरी त्यातून मानववंश टिकून राहील; हिंदुस्थान - म्हणजे हिंदुराष्ट्र - आणि त्या देशात जन्मलेला द्रष्टा नेताच, सर्व जगाचा तारणहार जगज्जेता असेल!

भगवान् श्री रामकृष्ण परमहंस यांचे एक फ्रेंच भक्त रीनकोर्ट नामक लेखक आहेत. त्यांनी परमहंसांचा निर्वाणापूर्वी जे सांगितले ते श्री रामकृष्णांचे शब्द उद्धृत करून म्हटले आहे की रामकृष्णांची ती भविष्यवाणी नॉस्ट्राडेमसच्या भाकितांना पुष्टीच देते. भगवान रामकृष्ण परमहंस म्हणाले होते की त्यांचा 'पुढचा जन्म भारताच्या वायव्येला होईल' हेच दुसऱ्या भाषेत विशद करून सांगायचे तर परमहंस रशियांत हिंदु संत म्हणून पुनः जन्म घेतील, नि हिंदुत्वाचे पुनरुत्थापन होईल. 'शक-हूण' आदि जमातींप्रमाणे रशियाहि हिंदुत्ववादी झालेला दिसेल, त्या जीवनपद्धतीचा स्वीकार करील कारण या आकाशाखाली सर्वकश विचारस्वातंत्र्य असलेली दुसरी जीवनपद्धतीच नाही. रशिया,

...(74)...

हिंदु संस्कृति, धर्म, व त्यांचे राष्ट्रप्रेम याबद्दल, नॉस्ट्राडेमस स्वतः ज्यू वा ख्रिश्चन असूनहि, जे उत्कटतेने उद्‌गार काढतो, ते त्याला काही आंतरिक साक्षात्कार झाल्यामुळें काढीत असावा असे वाटण्याइतके खणखणीत आहेत. भारतांतील हिंदु हे खरे हिंदुस्तानचे रहिवासी, भारतांतील मुस्लिम हे घुसखोर तरी किंवा बाटगे मुसलमान, त्यामुळें त्यांना, नॉस्ट्राडेमस, राष्ट्रद्रोही. म्हणतो. हिंदु धर्माशिवाय हिंदुस्तान अशक्य, आणि हिंदुस्तानची हिंदु संस्कृतीहि अशक्यच! आगामी प्रलयंकारी युद्धांतून जगाला नवा प्रकाश देणारा जगज्जेता म्हणून हिंदूच नेता असेल याबद्दल 'नॉस्ट्राडेमस' ठाम आहे!

❑❑❑

## "ଯଥାର୍ଥ ଜ୍ଞାନ ପ୍ରକାଶ ବିଷୟ"

### "ପରମେଶ୍ୱରଙ୍କ ବିଷୟରେ ଶାସ୍ତ୍ର କ'ଣ କହୁଛି ?"

ପ୍ରଭୁ-ସ୍ୱାମୀ-ଈଶ-ରାମ-ଖୁଦା-ଅଲ୍ଲାହ-ରବ-ମାଲିକ-ସାହେବ-ଦେବ-ଭଗବାନ-ଗଡ ।

ଏଗୁଡିକ ଶକ୍ତିବୋଧକ ଶବ୍ଦ ଅଟେ ଯାହା ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭାବରେ ଉଚ୍ଚାରଣ କରାଯାଏ ଓ ଲେଖାଯାଇଥାଏ ।

"ପ୍ରଭୁ"ଙ୍କ ମହିମାରେ ପ୍ରତ୍ୟେକ ପ୍ରାଣୀ ପ୍ରଭାବିତ ଯେ କେହି ଜଣେ ଶକ୍ତି ଅଛନ୍ତି ଯିଏ ପରମ ସୁଖଦାୟକ ଓ କଷ୍ଟ ନିବାରକ ଅଟନ୍ତି । ସେ କିଏ ? ତାଙ୍କ ସ୍ୱରୂପ କ'ଣ ? ସେ କେଉଁଠାରେ ଅଛନ୍ତି ? ସେ କିପରି ପ୍ରାପ୍ତ ହେବେ ? ଏହି ପ୍ରଶ୍ନବାଚୀ ଚିହ୍ନଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ଦୂର ହୋଇପାରିଲା ନାହିଁ । ଏହି ଶଙ୍କା ଉକ୍ତ ପୁସ୍ତକ ଦ୍ୱାରା ସଂପୂର୍ଣ୍ଣ ରୂପେ ସମାପ୍ତ ହୋଇଯିବ ।

ଯେଉଁ ଶକ୍ତି ଅନ୍ଧକୁ ଦୃଷ୍ଟିଶକ୍ତି, ମୂକକୁ କଥାକହିବାର ଶକ୍ତି, ବଧିରକୁ ଶ୍ରବଣ ଶକ୍ତି, ବନ୍ଧ୍ୟାକୁ ପୁତ୍ର, ନିର୍ଦ୍ଧନକୁ ଧନ ପ୍ରଦାନ କରେ ତଥା ରୋଗୀକୁ ନିରୋଗୀ କରିଦିଏ, ଯାହାଙ୍କ ଦର୍ଶନ ମାତ୍ରେ ଅତି ଆନନ୍ଦ ମିଳିଥାଏ, ଯିଏ ସର୍ବ ବ୍ରହ୍ମାଣ୍ଡର ରଚୟିତା, ପୂର୍ଣ୍ଣ ଶାନ୍ତିଦାୟକ, ଜଗତଗୁରୁ ଓ ସର୍ବଜ୍ଞ ଅଟନ୍ତି, ଯାହାଙ୍କ ବିନା ଆଜ୍ଞାରେ ଗଛର ପତ୍ର ମଧ୍ୟ ହଲେ ନାହିଁ ଅର୍ଥାତ୍ ଯିଏ ସର୍ବଶକ୍ତିମାନ ତାଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ । ଏହିଭଳି ଗୁଣ ଯାହାଙ୍କଠାରେ ବିଦ୍ୟମାନ ବାସ୍ତବରେ ସେ ହିଁ ପ୍ରଭୁ (ସ୍ୱାମୀ, ଈଶ, ରାମ, ଭଗବାନ, ଖୁଦା, ଅଲ୍ଲାହ, ରହୀମ, ମାଲିକ, ରବ, ଗଡ) ପଦବାଚ୍ୟ ।

ଏକ ବିଶେଷ ବିଚାରଣୀୟ ବିଷୟ ଏହା ଯେ କୌଣସି ଶକ୍ତିଙ୍କ ବିଷୟରେ ଜ୍ଞାନ ଶାସ୍ତ୍ରରୁ ହିଁ ମିଳିଥାଏ । ସେହି ଶାସ୍ତ୍ର ଆଧାରରେ ଗୁରୁମାନେ ନିଜ ଅନୁଗାମୀଙ୍କୁ ମାର୍ଗଦର୍ଶନ କରାଇଥାନ୍ତି । ସେହି ଶାସ୍ତ୍ରଗୁଡିକ (ଧାର୍ମିକ ପୁସ୍ତକ) ଚାରି ବେଦ (ଋଗବେଦ, ସାମବେଦ, ଯଜୁର୍ବେଦ, ଅଥର୍ବ ବେଦ) ଶ୍ରୀମଦ୍ଭଗବତ୍ ଗୀତା, ଶ୍ରୀମଦ୍ଭଗବତ୍ ସୁଧାସାଗର, ଅଠର ପୁରାଣ, ମହାଭାରତ, ବାଇବେଲ, କୁରାନ ଇତ୍ୟାଦି ଅଟେ । ଏଗୁଡିକ ପ୍ରମାଣିତ ପବିତ୍ର ଶାସ୍ତ୍ର ଅଟେ । ପୂର୍ଣ୍ଣ ପରମାତ୍ମାଙ୍କ ଆଦେଶ ଅନୁସାରେ ଜ୍ୟୋତି ନିରଞ୍ଜନ (କାଳ) ଚାରିବେଦକୁ ସମୁଦ୍ର ଭିତରେ ନିଜ ନିଶ୍ୱାସ ସାହାଯ୍ୟରେ ଗୁପ୍ତ ସ୍ଥାନରେ ଲୁଚାଇ ଦେଲେ ଏବଂ ପ୍ରଥମଥର ଯେତେବେଳେ ସାଗର ମନ୍ଥନ ହେଲା ସେତେବେଳେ ଏହି ଚାରିବେଦ ଶ୍ରୀ ବ୍ରହ୍ମାଙ୍କୁ ପ୍ରାପ୍ତ ହେଲା । ବ୍ରହ୍ମା (କ୍ଷରପୁରୁଷଙ୍କର ଜ୍ୟେଷ୍ଠ ପୁତ୍ର ଅଟନ୍ତି) ଯାହା ପଢ଼ିଲେ, ଯେପରି ବୁଝିଲେ ସେହି ଆଧାରରେ ସଂସାରରେ ଜ୍ଞାନ ପ୍ରଚାର ସ୍ୱୟଂ କଲେ ଓ ନିଜ ବଂଶଜ(ଋଷି)ମାନଙ୍କ ଦ୍ୱାରା କରାଇଲେ । ପୂର୍ଣ୍ଣ ପରମାତ୍ମା ପଞ୍ଚମ "ସ୍ୱସମ"(ସୂକ୍ଷ୍ମ) ବେଦ ମଧ୍ୟ ବ୍ରହ୍ମ(କାଳ)ଙ୍କୁ ଦେଇଥିଲେ ଯାହାକୁ ଜ୍ୟୋତି ନିରଞ୍ଜନ ନିଜ ପାଖରେ ଗୁପ୍ତ ରଖିଲେ ଏବଂ ତାହାକୁ ସମାପ୍ତ କରିଦେଲେ ।

କିଛି ସମୟ ଉପରାନ୍ତ ଅର୍ଥାତ୍ ଏକକଳ୍ପ (ଏକ ହଜାର ଚତୁର୍ଯୁଗ) ପରେ ତିନିଲୋକ (ପୃଥିବୀ ଲୋକ, ସ୍ୱର୍ଗଲୋକ, ପାତାଳ ଲୋକ) ର ସମସ୍ତ ପ୍ରାଣୀଙ୍କର ବିନାଶ ହୋଇଯାଏ । ପୁଣି ଜ୍ୟୋତି ନିରଞ୍ଜନ(କାଳ) ଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମା ନିଜ ରାତ୍ରି (ଏକ ହଜାର ଚତୁର୍ଯୁଗରେ ବ୍ରହ୍ମାଙ୍କର ଗୋଟିଏ ରାତ୍ରି ହୋଇଥାଏ ତଥା ଗୋଟିଏ ଦିନ ମଧ୍ୟ ସମାନ ସମୟର ହୋଇଥାଏ) ସମାପ୍ତ ତଥା ଦିନ ପ୍ରାରମ୍ଭ ହେବା ପରେ ରଜଗୁଣ ପ୍ରଭାବିତ କରି ତିନିଲୋକରେ ପ୍ରାଣୀମାନଙ୍କର ଉତ୍ପତ୍ତି କରିଥାନ୍ତି ।

ସତ୍ୟଯୁଗର ପ୍ରାରମ୍ଭରେ କାଳ(ବ୍ରହ୍ମ) ସ୍ୱୟଂ ସେହି ଚାରିବେଦକୁ ବ୍ରହ୍ମାଙ୍କୁ ପୁନର୍ବାର ପ୍ରଦାନ କରିଥାନ୍ତି ତଥା ପ୍ରାକୃତିକ ଉତ୍ଥାନ-ପତନ କାରଣରୁ ପୁନର୍ବାର ପବିତ୍ର ଚାରିବେଦର ଜ୍ଞାନ ସମାପ୍ତ ହୋଇଯାଏ । ଏହାପରେ ପୁଣି ସମୟ ଅନୁସାରେ ଅନ୍ୟ ଋଷିମାନଙ୍କ ମନରେ ପ୍ରେରଣା ସୃଷ୍ଟି କରି ପୁନର୍ବାର ଲେଖିଥାନ୍ତି । ପୁଣି ସମୟ ଅନୁସାରେ ପ୍ରାକୃତିକ ଉତ୍ଥାନ-ପତନ ପରେ ସ୍ୱାର୍ଥୀ ଲୋକମାନଙ୍କ ଦ୍ୱାରା ବେଦରେ ପରିବର୍ତ୍ତନ କରି ସଂସାରରୁ ବାସ୍ତବିକ ଜ୍ଞାନକୁ ବିଲୁପ୍ତକରି ଦିଆଯାଇଥାଏ । ସେହି କାଳ (ବ୍ରହ୍ମ-ଜ୍ୟୋତି ନିରଞ୍ଜନ) ମହାଭାରତ ଯୁଦ୍ଧ ସମୟରେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି ଚାରିବେଦର ସଂକ୍ଷିପ୍ତ ବିବରଣୀକୁ ଶ୍ରୀମଦ୍ଭଗବତ୍ ଗୀତାର ରୂପ ଦେଇ କହିଲେ, ଅର୍ଜୁନ! ଏହି ଜ୍ଞାନ ପ୍ରଥମେ ମୁଁ ସୂର୍ଯ୍ୟଙ୍କୁ ଦେଇଥିଲି । ସେ ନିଜ ପୁତ୍ର ବୈବସ୍ୱତ ଅର୍ଥାତ୍ ମନୁଙ୍କୁ ଓ ବୈବସ୍ୱତ ଅର୍ଥାତ୍ ମନୁ ନିଜ ପୁତ୍ର ଇକ୍ଷ୍ୱାକୁଙ୍କୁ

ଦେଇଥିଲେ ପରନ୍ତୁ ମଧ୍ୟକାଳରେ ଏହି ଉତ୍ତମ ଜ୍ଞାନ ପ୍ରାୟ ସମାପ୍ତ ହୋଇ ଯାଇଥିଲା ।

ଏହି କାଳ (ବ୍ରହ୍ମ-ଜ୍ୟୋତି ନିରଞ୍ଜନ) ଶ୍ରୀ ବେଦବ୍ୟାସ ଋଷିଙ୍କ ଶରୀରରେ ପ୍ରବେଶ କରି ଚାରିବେଦ, ମହାଭାରତ, ଅଠରପୁରାଣ, ଶ୍ରୀମଦ୍‌ଭଗବତ୍ ଗୀତା, ଶ୍ରୀ ସୁଧାସାଗରକୁ ପୁନଃ ଲିପିବଦ୍ଧ (ସଂସ୍କୃତ ଭାଷାରେ) କରାଇଲେ, ଯାହା ଆଜି ସମସ୍ତଙ୍କ ପାଇଁ ଉପଲବ୍ଧ । ଏହି ସର୍ବ ଶାସ୍ତ୍ର ଶ୍ରେଷ୍ଠ ଅଟେ । କଳିଯୁଗର ଋଷିମାନେ ଏହି ଶାସ୍ତ୍ରଗୁଡ଼ିକର ଭାଷା-ଭାଷ୍ୟ ଅର୍ଥାତ୍ ହିନ୍ଦୀରେ ଅନୁବାଦ କରି ସେଥିରେ ନିଜସ୍ୱ ବିଚାର ମିଶାଇବାକୁ ଚେଷ୍ଟା କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଭୁଲ ତଥା ମୁଳ ବ୍ୟାଖ୍ୟା ସହିତ ଏହା ମେଳ ଖାଉନାହିଁ । ଏହିସବୁ ଶାସ୍ତ୍ର ପୁନର୍ବାର ମହର୍ଷି ବ୍ୟାସଙ୍କ ଦ୍ୱାରା ପ୍ରାୟ ୫୩୦୦ (ପାଞ୍ଚହଜାର ତିନିଶହ) ବର୍ଷ ପୂର୍ବେ ଲେଖାଯାଇଥିଲା । ସେହି ସମୟରେ ହିନ୍ଦୁ, ମୁସଲମାନ୍, ଶିଖ ଓ ଈଷାଇ ଆଦି କୌଣସି ଧର୍ମ ନଥିଲା । ବେଦକୁ ମାନୁଥିବା ଆର୍ଯ୍ୟମାନେ ସେ ସମୟରେ ଭାରତରେ ଥିଲେ । କର୍ମ ଆଧାରରେ ଜାତି ଥିଲା ତଥା କେବଳ ଚାରିବର୍ଣ୍ଣ (କ୍ଷତ୍ରୀୟ-ବୈଶ୍ୟ-ବ୍ରାହ୍ମଣ ତଥା ଶୁଦ୍ର) ଥିଲେ ।

ଏଥିରୁ ଗୋଟିଏ ବିଷୟ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଏହି ସମସ୍ତ ଶାସ୍ତ୍ର କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ବ୍ୟକ୍ତି ବିଶେଷଙ୍କ ପାଇଁ ନୁହେଁ ବରଂ କେବଳ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟରେ ଏହା ପ୍ରମାଣିତ ହେଉଛି ଯେ ଆମ୍ଭମାନଙ୍କର ପୂର୍ବଜ ଏକ ଥିଲେ ଯେଉଁମାନଙ୍କର ସଂସ୍କାର ଆପୋଷରେ ମିଶୁଥିଲା ।

ସର୍ବ ପ୍ରଥମେ ପବିତ୍ର ଗୀତାକୁ ବିଚାରକୁ ନେବା ।

## "ପବିତ୍ର ଗୀତାଜ୍ଞାନ କିଏ କହିଛନ୍ତି ?"

ପବିତ୍ର ଗୀତାଜ୍ଞାନ ସେହି ସମୟରେ କୁହାଯାଇଥିଲା ଯେତେବେଳେ ମହାଭାରତ ଯୁଦ୍ଧ ହେବାକୁ ଯାଉଥିଲା । ଅର୍ଜୁନ ଯୁଦ୍ଧ କରିବା ପାଇଁ ମନା କରିଦେଇଥିଲା । ଯୁଦ୍ଧ କାହିଁକି ହେଉଥିଲା ? ଏହି ଯୁଦ୍ଧକୁ ଧର୍ମଯୁଦ୍ଧର ସଂଜ୍ଞା ମଧ୍ୟ ଦିଆଯାଇ ପାରିବ ନାହିଁ କାରଣ ଏହା ଦୁଇ ପରିବାର ମଧ୍ୟରେ ସମ୍ପତ୍ତି ବଣ୍ଟନର ବିଷୟ ଥିଲା । କୌରବ ଓ ପାଣ୍ଡବମାନଙ୍କର ସମ୍ପତ୍ତି ବଣ୍ଟନ ହୋଇ ପାରୁନଥିଲା । କୌରବମାନେ, ପାଣ୍ଡବମାନଙ୍କୁ ଅର୍ଦ୍ଧେକ ରାଜ୍ୟ ମଧ୍ୟ ଦେବା ପାଇଁ ମନା କରି ଦେଇଥିଲେ ଦୁଇପକ୍ଷ ମଧ୍ୟରେ ମଧ୍ୟସ୍ଥତା ଓ ସମସ୍ୟା ସମାଧାନ ପାଇଁ ପ୍ରଭୁ ଶ୍ରୀକୃଷ୍ଣ ତିନିଥର ଶାନ୍ତିଦୂତ ହୋଇ ଯାଇଥିଲେ । ପରନ୍ତୁ ଉଭୟ ପକ୍ଷ ନିଜ ନିଜ ଜିଦିରେ ଅଟଳ ରହିଥିଲେ । ଯୁଦ୍ଧରେ ହେବାକୁଥିବା ହାନି ସମ୍ବନ୍ଧରେ ଶ୍ରୀକୃଷ୍ଣ ସମସ୍ତଙ୍କୁ ଅବଗତ କରାଇବା ସହିତ କହିଥିଲେ ଯେ ଜଣା ନାହିଁ କେତେ ଯେ ଭଉଣୀ ବିଧବା ହୋଇଯିବେ ? ଜଣା ନାହିଁ କେତେ ଛୋଟ ପିଲା ଅନାଥ ହୋଇଯିବେ ? ମହାପାପ ଅତିରିକ୍ତ କିଛି ବି ପ୍ରାପ୍ତହେବ ନାହିଁ । ଯୁଦ୍ଧରେ କିଏ ମରିବ କିଏ ବଞ୍ଚିବ ଜଣାନାହିଁ ? ଆପୋଷ ସମାଧାନ ପାଇଁ ତୃତୀୟଥର ଶ୍ରୀକୃଷ୍ଣ ଯେତେବେଳେ ଗଲେ ସେତେବେଳେ ଉଭୟ ପକ୍ଷ ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଯାଇ କହିଲେ ଯେ ଆମ୍ଭ ସପକ୍ଷରେ ଏହି ଏହି ରାଜା ଅଛନ୍ତି ତଥା ଏହି ଏହି ରାଜା ଆମ୍ଭକୁ ସମର୍ଥନ କରିବେ । ଶ୍ରୀକୃଷ୍ଣ ଦେଖିଲେ ଯେ ଉଭୟ ପକ୍ଷ ନିଜ ନିଜ ଜିଦିରେ ଅଟଳ । ଶାନ୍ତି ମନୋଭାବ କାହାର ନାହିଁ ଅଧିକନ୍ତୁ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି । ସେତେବେଳେ ଶ୍ରୀକୃଷ୍ଣ ଚିନ୍ତାକଲେ ଯେ ଆଉ ଏକ ଉପାୟ ପ୍ରୟୋଗ କରି ଦେଖିବା । ଶ୍ରୀକୃଷ୍ଣ ଚିନ୍ତାକଲେ କାଳେ ପାଣ୍ଡବମାନେ ମୋ ସମ୍ପର୍କୀୟ ହୋଇଥିବା କାରଣରୁ ନିଜ ଜିଦିରେ ଅଟଳ ରହି ଏହା ଭାବୁଥିବେ ଯେ ଶ୍ରୀକୃଷ୍ଣ ଆମ ସାଥିରେ ଅଛନ୍ତି ତେଣୁ ଆମ୍ଭେ ନିଶ୍ଚୟ ବିଜୟଲାଭ କରିବୁ (କାରଣ ଶ୍ରୀକୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ ବିବାହ ଶ୍ରୀ ଅର୍ଜୁନଙ୍କ ସହିତ ହୋଇଥିଲା) । ଶ୍ରୀକୃଷ୍ଣ କହିଲେ ଯେ ଗୋଟିଏ ପକ୍ଷରେ ମୋ ସର୍ବସେନା ରହିବା ସହିତ ଅନ୍ୟ ପକ୍ଷରେ ମୁଁ ରହିବି ଏବଂ ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ଅସ୍ତ୍ର ଉଠାଇବି ନାହିଁ (ପ୍ରୟୋଗ କରିବି ନାହିଁ) । ଏହି ଘୋଷଣା ପରେ ପାଣ୍ଡବମାନଙ୍କ ଗୋଡ଼ତଳୁ ମାଟି ଖସିଗଲା । ସେମାନଙ୍କୁ ଅନୁଭବ ହେଲା ଯେ ଏବେ ଆମ୍ଭମାନଙ୍କର ପରାଜୟ ସୁନିଶ୍ଚିତ । ମନରେ ଏହି ବିଚାର କରି ପଞ୍ଚୁପାଣ୍ଡବ ବାହାରକୁ ଗଲେ ଏବଂ କହିଲେ ଯେ ଆମ୍ଭକୁ କିଛି ବିଚାର ବିମର୍ଷ କରିବାର ଅଛି । ଶ୍ରୀକୃଷ୍ଣ ବାହାରକୁ ଆସିବାରୁ ପାଣ୍ଡବମାନେ କହିଲେ, ହେ ଭଗବାନ ! ଆମ୍ଭକୁ ପାଞ୍ଚୋଟି ଗ୍ରାମ ଦେଇ ଦିଅନ୍ତୁ । ଆମ୍ଭମାନଙ୍କର ସମ୍ମାନ ରକ୍ଷା ହୋଇଯିବ ଏବଂ ଯୁଦ୍ଧ ମଧ୍ୟ ଟଳିଯିବ କାରଣ ଆପଣ ମଧ୍ୟ ଯୁଦ୍ଧ ସପକ୍ଷରେ ନାହାଁନ୍ତି ।

ପାଣ୍ଡବମାନଙ୍କର ଏହି ସିଦ୍ଧାନ୍ତରେ ଶ୍ରୀକୃଷ୍ଣ ବହୁତ ପ୍ରସନ୍ନ ହେଲେ ଏବଂ ଚିନ୍ତାକଲେ ଯେ ଖରାପ ସମୟ ଅତିବାହିତ ହୋଇଗଲା । ସଭାରେ କେବଳ କୌରବ ଓ ସେମାନଙ୍କ ସମର୍ଥକ ବସିଥିବା ସମୟରେ ଶ୍ରୀକୃଷ୍ଣ କହିଲେ, ଦୁର୍ଯ୍ୟୋଧନ ! ଯୁଦ୍ଧ ଟଳିଗଲା, ମୋର ମଧ୍ୟ ଏହି ହାର୍ଦ୍ଦିକ ଇଚ୍ଛା ଥିଲା ଯେ ପାଣ୍ଡବମାନଙ୍କୁ ଆପଣ ପାଞ୍ଚୋଟି ଗ୍ରାମ ଦେଇଦିଅନ୍ତୁ, ସେମାନେ ଯୁଦ୍ଧ ଚାହୁଁ ନାହାନ୍ତି । ଦୁର୍ଯ୍ୟୋଧନ କହିଲେ, ପାଣ୍ଡବମାନଙ୍କୁ 'ସୂଚୀ ଅଗ୍ର ତୁଲ୍ୟ' ଜମି ମଧ୍ୟ ମିଳିବ ନାହିଁ । ଯଦି ସେମାନଙ୍କର ଗ୍ରାମ ଆବଶ୍ୟକ ତେବେ ଯୁଦ୍ଧ ପାଇଁ କୁରୁକ୍ଷେତ୍ର ରଣାଙ୍ଗନକୁ ଆସନ୍ତୁ । ଏହି କଥାରେ ଶ୍ରୀକୃଷ୍ଣ ନାରାଜ ହୋଇ କହିଲେ, ଦୁର୍ଯ୍ୟୋଧନ ତୁ ମାନବ ନୁହେଁ, ତୁ ଶୈତାନ୍, କାହିଁ ଅର୍ଦ୍ଧେକ ରାଜ୍ୟ, କାହିଁ ପଞ୍ଚୋଟି ଗ୍ରାମ ? ମୋ କଥା ମାନି ପାଞ୍ଚୋଟି ଗ୍ରାମ ଦେଇଦିଅ । ଶ୍ରୀକୃଷ୍ଣଙ୍କ ପ୍ରତି ନାରାଜ ହୋଇ ଦୁର୍ଯ୍ୟୋଧନ ସଭାରେ ଉପସ୍ଥିତ ଯୋଦ୍ଧାମାନଙ୍କୁ ଆଜ୍ଞା ଦେଲା ଯେ ଶ୍ରୀକୃଷ୍ଣଙ୍କୁ ଧରି କାରାଗାରରେ ବନ୍ଦ କରିଦିଅ । ଆଜ୍ଞା ମିଳିବା ମାତ୍ରେ ଯୋଦ୍ଧାମାନେ ଶ୍ରୀକୃଷ୍ଣଙ୍କୁ ଚାରିପଟୁ ଘେରିଗଲେ । ଶ୍ରୀକୃଷ୍ଣ ନିଜର ବିରାଟ ରୂପ ଦେଖାଇଲେ । ଯେଉଁ କାରଣରୁ ସମସ୍ତ ଯୋଦ୍ଧା ଓ କୌରବମାନେ ଭୟବିତ ହୋଇ ସିଂହାସନ ତଳେ ଲୁଚିଗଲେ ତଥା ଶ୍ରୀକୃଷ୍ଣଙ୍କ ଶରୀରର ତେଜ ପ୍ରକାଶରେ ସେମାନଙ୍କ ଆଖି ବନ୍ଦ ହୋଇଗଲା । ତା'ପରେ ଶ୍ରୀକୃଷ୍ଣ ସେଠାରୁ ପ୍ରସ୍ଥାନ କଲେ ।

ଆସନ୍ତୁ ବିଚାର କରିବା :- ଉପରୋକ୍ତ ବିରାଟ ରୂପ ଦେଖାଇବାର ପ୍ରମାଣ ସଂକ୍ଷିପ୍ତ ମହାଭାରତ (ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ)ରେ ସ୍ପଷ୍ଟ ଲେଖାଅଛି । ଯେତେବେଳେ କୁରୁକ୍ଷେତ୍ର ପ୍ରାଙ୍ଗଣରେ ପବିତ୍ର ଗୀତାଜ୍ଞାନ ଶୁଣାଇବାକୁ ଯାଇ ଗୀତା ଜ୍ଞାନଦାତା ଅଧ୍ୟାୟ ୧୧ ର ଶ୍ଳୋକ ୩୨ ରେ କହୁଛନ୍ତି ଯେ "ଅର୍ଜୁନ ! ମୁଁ ବିରାଟ ରୂପଧାରୀ କାଳ ଅଟେ । ବର୍ତ୍ତମାନ ସମସ୍ତଙ୍କୁ ଖାଇବା ପାଇଁ ପ୍ରକଟ ହୋଇଛି ।" ଟିକେ ଚିନ୍ତା କରନ୍ତୁ, ଶ୍ରୀକୃଷ୍ଣ ପ୍ରଥମରୁ ହିଁ ଅର୍ଜୁନଙ୍କ ସହିତ ଥିଲେ । ଯଦି ଶ୍ରୀକୃଷ୍ଣ ପବିତ୍ର ଗୀତାଜ୍ଞାନ କହୁଥିଲେ ତେବେ ସେ ଏହା କେବେ ବି କହି ନଥାନ୍ତେ ଯେ ମୁଁ ଏବେ "ପ୍ରକଟ"ହୋଇଛି । ଶ୍ରୀକୃଷ୍ଣ କାଳ ନଥିଲେ, ତାଙ୍କ ଦର୍ଶନ ମାତ୍ରେ ମନୁଷ୍ୟ, ପଶୁ (ଗାଇ ଆଦି) ପ୍ରସନ୍ନ ହୋଇ ତାଙ୍କ ନିକଟକୁ ଆସି ସ୍ନେହ ପ୍ରେମ ପ୍ରାପ୍ତ କରୁଥିଲେ, ଯାହାଙ୍କ ଦର୍ଶନ ବିନା ଗୋପୀମାନଙ୍କର ଖାଦ୍ୟପେୟ ବନ୍ଦ ହୋଇ ଯାଉଥିଲା । ତେଣୁ କାଳ ଅନ୍ୟ କୌଣସି ଏକ ଶକ୍ତି ଯିଏ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି ପବିତ୍ର ଶ୍ରୀମଭଗବତ୍ ଗୀତାଜ୍ଞାନ କହିଥିଲା ଯାହା ଚାରିବେଦର ସାରମର୍ମ ଅଟେ । କାଳ ଏକହଜାର ହାତ ବିଶିଷ୍ଟ ଅଟେ । ଶ୍ରୀକୃଷ୍ଣ, ବିଷ୍ଣୁଙ୍କର ଅବତାର ଥିଲେ ଯାହାଙ୍କର ଚାରୋଟି ହାତ ଅଛି । ପୁଣି ଅଧ୍ୟାୟ ୧୧ ଶ୍ଳୋକ ୨୧ ଓ ୪୬ ରେ ଅର୍ଜୁନ କହୁଛନ୍ତି ଯେ ଭଗବାନ ! ଆପଣ ତ ଋଷି, ଦେବତା ଓ ସିଦ୍ଧି ପ୍ରାପ୍ତ ସମସ୍ତ ପ୍ରାଣୀଙ୍କୁ ମଧ୍ୟ ଖାଉଛନ୍ତି । ଯେଉଁମାନେ ପବିତ୍ର ବେଦ ମନ୍ତ୍ର ଉଚାରଣ କରି ଆପଣଙ୍କର ଗୁଣଗାନ କରୁଛନ୍ତି ତଥା ନିଜ ଜୀବନ ରକ୍ଷା ପାଇଁ ମଙ୍ଗଳ କାମନା କରୁଛନ୍ତି ସେମାନଙ୍କୁ ମଧ୍ୟ ଆପଣ ଖାଉଛନ୍ତି । କିଛି ଆପଣଙ୍କ ଓଠରେ ଝୁଲିଛନ୍ତି ତ କିଛି ଆପଣଙ୍କ ମୁଖରେ ପ୍ରବିଷ୍ଟ ହୋଇଛନ୍ତି । ହେ ! ସହସ୍ରବାହୁ ଅର୍ଥାତ୍ ହଜାରେ ହାତଯୁକ୍ତ ଭଗବାନ ! ଆପଣ ସେହି ଚତୁର୍ଭୁଜ ରୂପରେ ଦର୍ଶନ ଦିଅନ୍ତୁ ମୁଁ ଆପଣଙ୍କ ବିକଟାଳ ରୂପ ଦେଖି ଧୈର୍ଯ୍ୟ ଧରି ପାରୁନାହିଁ ।

ଅଧ୍ୟାୟ ୧୧ ର ଶ୍ଳୋକ ୪୭ ରେ ପବିତ୍ର ଗୀତା ଜ୍ଞାନଦାତା ପ୍ରଭୁ କାଳ କହୁଛନ୍ତି, ହେ ଅର୍ଜୁନ ! ଏହା ମୋର ବାସ୍ତବିକ କାଳ ରୂପ ଅଟେ ଯାହାକୁ ତୁମ ବ୍ୟତୀତ ପୁର୍ବରୁ କେହି ଦେଖିନଥିଲେ ।

ଉପରୋକ୍ତ ବିବରଣୀରୁ ଏହା ପ୍ରମାଣିତ ହେଲା ଯେ ଶ୍ରୀକୃଷ୍ଣ କୌରବମାନଙ୍କ ସଭାରେ ବିରାଟ ରୂପ ଦେଖାଇଥିଲେ ତଥା ଏହି ଯୁଦ୍ଧଭୂମିରେ ବିରାଟ ରୂପ (ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତବତଃ ପ୍ରବେଶ କରି ନିଜ ବିରାଟ ରୂପ) କାଳ ଦେଖାଇଥିଲେ । ନଚେତ୍ ସେ ଏହା କେବେ ମଧ୍ୟ କହିନଥାନ୍ତେ ଯେ ଏହି ବିରାଟ ରୂପ ତୁମ ବ୍ୟତୀତ ପୂର୍ବରୁ ଅନ୍ୟ କେହି ମଧ୍ୟ ଦେଖିନାହାଁନ୍ତି । କାରଣ ଶ୍ରୀକୃଷ୍ଣ ନିଜ ବିରାଟ ରୂପ ପ୍ରଥମେ କୌରବଙ୍କ ସଭାରେ ଦେଖାଇଥିଲେ ।

ଦ୍ୱିତୀୟରେ ଏହା ପ୍ରମାଣିତ ହେଲା ଯେ ପବିତ୍ର ଗୀତାଜ୍ଞାନ ଶ୍ରୀକୃଷ୍ଣ କହିନାହାନ୍ତି, କାଳ (ବ୍ରହ୍ମ-ଜ୍ୟୋତି ନିରଞ୍ଜନ) କହିଛନ୍ତି । କାରଣ ଶ୍ରୀକୃଷ୍ଣ ପୂର୍ବରୁ କେବେ ମଧ୍ୟ ଏହା କହିନାହାଁନ୍ତି ଯେ ମୁଁ କାଳ ତଥା ପରେ ମଧ୍ୟ ନିଜକୁ କାଳ ବୋଲି କେବେ କହିନାହାଁନ୍ତି । ଶ୍ରୀକୃଷ୍ଣ କେବେ କାଳ ହୋଇ ପାରିବେ ନାହିଁ । ତାଙ୍କ

ଦର୍ଶନ ପ୍ରାପ୍ତି ପାଇଁ ଦୂର ଦୂରାନ୍ତରର ସ୍ତ୍ରୀ-ପୁରୁଷ ଆକୁଳ ହୃଦୟରେ ଚାହିଁ ରହୁଥିଲେ ।

ନୋଟ୍- ବିରାଟ ରୂପ କ'ଣ ?

ବିରାଟ ରୂପ :- ଦିବା ସମୟରେ କିମ୍ବା ପୂର୍ଣ୍ଣିମା ରାତ୍ରିରେ ଯେତେବେଳେ ନିଜ ଶରୀରର ଛାୟା ଛୋଟ ଥିବ (ପ୍ରାୟ ଶରୀର ଆକାରର ଲମ୍ବା ବା ବଡ଼ ହୋଇଥିବ) ସେହି ଛାୟାର ମଝି ଅଂଶ(ଛାତି)କୁ ଦୁଇ ମିନିଟ୍ ପର୍ଯ୍ୟନ୍ତ ଚାହାଁନ୍ତୁ, ଚାହିଁବା ସମୟରେ ଆଖିରୁ ପାଣି ମଧ୍ୟ ବାହାରିପାରେ । ତା'ପରେ ଉପର ଆକାଶକୁ ଦେଖନ୍ତୁ । ଆପଣଙ୍କୁ ନିଜର ବିରାଟ ରୂପ ଦେଖାଯିବ, ଶ୍ୱେତ ରଙ୍ଗର ଆକାର ଯାହା ଆକାଶକୁ ଛୁଉଁଥିବ । ଏହି ପ୍ରକାର ପ୍ରତ୍ୟେକ ମାନବର ବିରାଟ ରୂପ ଥାଏ । ପରନ୍ତୁ ଯେଉଁମାନଙ୍କର ଭକ୍ତିଶକ୍ତି ଯେତେ ଅଧିକ ସେମାନେ ସେତେ ଅଧିକ ତେଜଯୁକ୍ତ ହୋଇଥାନ୍ତି ।

ଏହି ପ୍ରକାରେ ଶ୍ରୀକୃଷ୍ଣ ପୂର୍ବର ଭକ୍ତିଶକ୍ତି ବଳରେ ସିଦ୍ଧିଯୁକ୍ତ ଥିଲେ । ତେଣୁ ନିଜର ସିଦ୍ଧିଶକ୍ତି ଦ୍ୱାରା ସେ ବିରାଟ ରୂପ ପ୍ରକଟ କରିପାରିଥିଲେ, ତାଙ୍କ ଶରୀର କାଳର ତେଜମୟ ଶରୀର (ବିରାଟ) ଠାରୁ କମ୍ ତେଜଯୁକ୍ତ ଥିଲା । ତୃତୀୟ କଥା ଏହା ପ୍ରମାଣିତ ହେଲା ଯେ ପବିତ୍ର ଗୀତା ଜ୍ଞାନଦାତା ପ୍ରଭୁ କାଳ ଶହସ୍ରବାହୁ ଅର୍ଥାତ୍ ଏକ ହଜାର ହସ୍ତଯୁକ୍ତ ଅଟନ୍ତି କିନ୍ତୁ ଶ୍ରୀକୃଷ୍ଣ ତ ବିଷ୍ଣୁଙ୍କର ଅବତାର ଥିଲେ ତେଣୁ ସେ ଚାରି ଭୂଜାଯୁକ୍ତ ଅଟନ୍ତି । ଶ୍ରୀ ବିଷ୍ଣୁ ଷୋହଳ କଳାଯୁକ୍ତ ଅଟନ୍ତି ତଥା ଶ୍ରୀ ଜ୍ୟୋତି ନିରଞ୍ଜନ-କାଳ ଭଗବାନ ଏକ ହଜାର କଳାଯୁକ୍ତ । ଯେପରି ଏକ ୬୦ ୱାଟ୍‌ର ବଲ୍‌ବ, ଏକ ୧୦୦ ୱାଟ୍‌ର ବଲବ ଓ ଏକ ୧୦୦୦ ୱାଟ୍‌ର ବଲବ ମଧ୍ୟରେ ପ୍ରଭେଦ ଥାଏ । ଆଲୋକ ତ ସମସ୍ତ ବଲ ଦେଇଥାନ୍ତି, କିନ୍ତୁ ଆଲୋକରେ ବହୁତ ତଫାତ୍ ଥାଏ । ଠିକ୍ ଏହି ପ୍ରକାରେ ଦୁଇ ପ୍ରଭୁଙ୍କ ଶକ୍ତି ଓ ବିରାଟ ରୂପର ତେଜ ମଧ୍ୟରେ ଅନ୍ତର ଥିଲା ।

ଏହି ତତ୍ତ୍ୱଜ୍ଞାନ ପ୍ରାପ୍ତି ହେବା ପୂର୍ବରୁ ଯେଉଁ ମହାତ୍ମାମାନେ ଅନ୍ୟକୁ ଗୀତା ଜ୍ଞାନ ବୁଝାଉଥିଲେ ସେମାନଙ୍କୁ ଏହି ଦାସ (ରାମପାଲ ଦାସ) ଅନେକଥର ପ୍ରଶ୍ନ କରିଥିଲା ଯେ ପ୍ରଥମେ ତ ଭଗବାନ ଶ୍ରୀକୃଷ୍ଣ ତିନିଥର ଶାନ୍ତିଦୂତ ହୋଇ ଯାଇଥିଲେ ଏବଂ କହିଥିଲେ ଯେ ଯୁଦ୍ଧ କରିବା ମହାପାପ । ଯେତେବେଳେ ଶ୍ରୀ ଅର୍ଜୁନ ସ୍ୱୟଂ ଯୁଦ୍ଧ କରିବାକୁ ରାଜି ନ ହୋଇ କହିଥିଲେ ଯେ, ହେ ଦେବକୀ ନନ୍ଦନ ! ମୁଁ ଯୁଦ୍ଧ କରିବାକୁ ଚାହୁଁ ନାହିଁ । ସମ୍ମୁଖରେ ଉପସ୍ଥିତ ସମସ୍ତ ସ୍ୱଜନ, ଜ୍ଞାତିକୁଟୁମ୍ବ ଓ ସୈନିକମାନଙ୍କର ହେବାକୁଥିବା ବିନାଶକୁ ଲକ୍ଷ୍ୟ କରି ମୁଁ ଅଟଳ ନିଷ୍ପତ୍ତି ନେଉଛି ଯେ ମୋତେ ଯଦି ବା ତିନିଲୋକର ସମସ୍ତ ରାଜ୍ୟ ପ୍ରାପ୍ତ ହୋଇଯାଏ ତଥାପି ମୁଁ ଯୁଦ୍ଧ କରିବି ନାହିଁ । ମୁଁ ଚାହୁଁଛି ଯେ ମୋ ଭଳି ନିରସ୍ତ୍ରକୁ ଦୁର୍ଯ୍ୟୋଧନ ଆଦି ତୀର ସାହାଯ୍ୟରେ ମାରି ଦିଅନ୍ତୁ । ଫଳସ୍ୱରୂପ ମୋ ମୃତ୍ୟୁ ହୋଇଯିବା ଦ୍ୱାରା ଯୁଦ୍ଧରେ ହେବାକୁଥିବା ବିନାଶରୁ ରକ୍ଷା ମିଳିଯିବ । ହେ ଶ୍ରୀକୃଷ୍ଣ ! ମୁଁ ଯୁଦ୍ଧ ନ କରି ଭିକ୍ଷାନ୍ନ ଖାଇ ଜୀବନ ନିର୍ବାହ କରିବାକୁ ଉଚିତ୍ ମନେକରିବି, ହେ କୃଷ୍ଣ ! ସ୍ୱଜନ ଆଦିଙ୍କୁ ହତ୍ୟାକରି କେବଳ ପାପ ଜମା କରିବି, ମୋ ବୁଦ୍ଧି କାମ କରୁନାହିଁ । ଆପଣ ଆମ୍ଭମାନଙ୍କର ଗୁରୁ ଓ ମୁଁ ଆପଣଙ୍କର ଶିଷ୍ୟ, ଆପଣ ଆମ୍ଭକୁ ସେହି ଉପଦେଶ ଦିଅନ୍ତୁ ଯାହା ଆମ୍ଭ ପାଇଁ ହିତକର ହେବ । ପରନ୍ତୁ ଆପଣଙ୍କର କୌଣସି ଉପଦେଶ ମୋତେ ଯୁଦ୍ଧ କରିବା ପାଇଁ ରାଜି କରିପାରିବ ନାହିଁ ଅର୍ଥାତ୍ ମୁଁ ଯୁଦ୍ଧ କରିବି ନାହିଁ । ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧ ର ଶ୍ଳୋକ ୩୧ ରୁ ୩୯, ୪୬ ଓ ଅଧ୍ୟାୟ ୨ ର ଶ୍ଳୋକ ୫ ରୁ ୮) ।

ପୁଣି ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି କାଳ ବାରମ୍ବାର କହୁଛନ୍ତି, ଅର୍ଜୁନ ! କାପୁରୁଷତା ତ୍ୟାଗ କରି ଯୁଦ୍ଧ କର । ଯଦି ଯୁଦ୍ଧରେ ମରିବ ତେବେ ସ୍ୱର୍ଗ ପ୍ରାପ୍ତ ହେବ, ବିଜୟ ଲାଭ କଲେ ରାଜ୍ୟ ଭୋଗ କରିବ । ପ୍ରବର୍ତ୍ତାଇବା ଭଳି କଥା କହି ଏଭଳି ଭୟଙ୍କର ବିନାଶ କରିଦେଲେ ଯାହା ଆଜି ପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିଛି । ଆଜି ପର୍ଯ୍ୟନ୍ତ ଯେତେ ସନ୍ଥ-ମାହାତ୍ମା, ସଭ୍ୟ ଲୋକ ଜନ୍ମ ନେଇଛନ୍ତି ସେମାନଙ୍କ ମଧ୍ୟରେ ଏଭଳି ଚରିତ୍ରଟିଏ ଖୋଜିଲେ ସୁଦ୍ଧା ମିଳିବ ନାହିଁ । ସେହି ଅଜ୍ଞାନୀ ମୂଢ଼ ଗୁରୁମାନେ (ନିମ-ହକିମ୍) କହିଲେ କ'ଣ ନା ଅର୍ଜୁନ କ୍ଷତ୍ରୀୟ ଧର୍ମ ତ୍ୟାଗ କରି ଯୁଦ୍ଧ ପାଇଁ ପଛଘୁଞ୍ଚା ଦେଉଥିଲା । ଏହାଦ୍ୱାରା ସଦାସର୍ବଦା ପାଇଁ କ୍ଷତ୍ରୀୟ ଧର୍ମର ହାନି ଓ ସୁରବୀରତ୍ୱର ବିନାଶ ହୋଇଥାନ୍ତା । ଅର୍ଜୁନକୁ କ୍ଷତ୍ରୀୟ ଧର୍ମ ପାଳନ କରାଇବା ପାଇଁ ଶ୍ରୀକୃଷ୍ଣ ଏହି ମହାଭାରତର ଯୁଦ୍ଧ କରାଇଥିଲେ । ପ୍ରଥମେ ସେମାନଙ୍କର ଏହି ନିରର୍ଥକ କାହାଣୀ ଶୁଣି ମୁଁ

ନୀରବ ହୋଇଯାଉଥିଲି । କାରଣ ମୋର ନିଜର ଜ୍ଞାନ ନଥିଲା ।

ପୁଣି ବିଚାର କରନ୍ତୁ :- ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ କ୍ଷତ୍ରୀୟ ଥିଲେ । କଂସ ବଦ୍ଧ ପରେ ଉଗ୍ରସେନ ନିଜ ନାତି ଶ୍ରୀକୃଷ୍ଣଙ୍କୁ ମଥୁରାର ଦାୟିତ୍ୱ ସମ୍ଭାଳିବା ପାଇଁ କହିଥିଲେ । ଦିନେ ନାରଦ ଶ୍ରୀକୃଷ୍ଣଙ୍କୁ କହିଲେ ଯେ ନିକଟରେ ଥିବା ଏକ ଗୁମ୍ଫାରେ ରାକ୍ଷସ ରାଜା ମୁଚକନ୍ଦ (ସିଦ୍ଧି ପ୍ରାପ୍ତ) ଶୋଇଛି । ସେ ଛଅମାସ ଶୋଇଥାଏ ଓ ଛଅମାସ ଜାଗ୍ରତ ରହିଥାଏ । ଜାଗ୍ରତ ହେବା ମାତ୍ରେ ଛଅମାସ ପର୍ଯ୍ୟନ୍ତ ଯୁଦ୍ଧ କରିଥାଏ ଏବଂ ଶୋଇଥିବା ଅବସ୍ଥାରେ ଯଦି କେହି ତା ନିଦ୍ରା ଭଙ୍ଗ କରେ ତେବେ ମୁଚକନ୍ଦ ଆଖିରୁ ଅଗ୍ନିବାଣ ବର୍ଷା ହୋଇଥାଏ ତଥା ସମ୍ମୁଖରେ ଥିବା ପ୍ରାଣୀର ତୁରନ୍ତ ମୃତ୍ୟୁ ହୋଇ ଯାଇଥାଏ । ଆପଣ ସାବଧାନ ରହିବେ । ଏହା କହି ଶ୍ରୀ ନାରଦ ଚାଲିଗଲେ ।

କିଛି ସମୟ ଉପରାନ୍ତ ସ୍ୱଳ୍ପ ବୟସ୍କ ଶ୍ରୀକୃଷ୍ଣଙ୍କୁ ମଥୁରା ସିଂହାସନରେ ବସିଥିବା ଦେଖି ଏକ କାଲ୍ୟବନ ନାମକ ଜଣେ ରାଜା ଅଠରକୋଟି ସେନା ସହିତ ମଥୁରା ଉପରେ ଆକ୍ରମଣ କଲା। ଶ୍ରୀକୃଷ୍ଣ ଦେଖିଲେ ଯେ ଶତ୍ରୁସେନାର ସଂଖ୍ୟା ବହୁତ ଏବଂ ଯୁଦ୍ଧ ହେଲେ କିଏ ଜାଣେ କେତେ ଯେ ସୈନିକ ମୃତ୍ୟୁକୁ ପ୍ରାପ୍ତ ହେବେ ? କାଲ୍ୟବନକୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ଯୁଦ୍ଧ ଭୂମି ଛାଡି (କ୍ଷତ୍ରୀୟଧର୍ମକୁ ଭୁଲି ବିନାଶକୁ ଟାଳିବା ଆବଶ୍ୟକ ଭାବି) ଦଉଡ଼ିବାକୁ ଲାଗିଲେ ଏବଂ ସେହି ଗୁମ୍ଫା ମଧ୍ୟରେ ଯାଇ ଲୁଚିଗଲେ ଯେଉଁଠାରେ ମୁଚକନ୍ଦ ଶୋଇଥିଲା ଏବଂ ନିଜ ପିତାମ୍ବର (ହଳଦିଆ ବସ୍ତ୍ର) ତା ଉପରେ ପକାଇ ଦେଲେ । ପଛେ-ପଛେ କାଲ୍ୟବନ, ଶ୍ରୀକୃଷ୍ଣଙ୍କୁ ଅନୁସରଣ କରି ଗୁମ୍ଫା ଭିତରେ ପ୍ରବେଶ କଲା । କାଲ୍ୟବନ, ମୁଚକନ୍ଦକୁ ଶ୍ରୀକୃଷ୍ଣ ଭାବି ତା ଗୋଡକୁ ଧରି ମୋଡ଼ିଦେଲା ତଥା କହିଲା, ଭୀରୁ! ତୁ ଏଠାରେ ଆସି ଲୁଚିଛୁ । ତୋତେ ମୁଁ ଛାଡ଼ିବି ନାହିଁ। ଯନ୍ତ୍ରଣା ହେବା କାରଣରୁ ମୁଚକନ୍ଦର ନିଦ୍ରାଭଙ୍ଗ ହେଲା । ଦୁଇ ଆଖିରୁ ଅଗ୍ନିବାଣ ବାହାରିଲା ଯାହାଦ୍ୱାରା କାଲ୍ୟବନର ମୃତ୍ୟୁ ହେଲା। କାଲ୍ୟବନର ସୈନିକ ଓ ମନ୍ତ୍ରୀ ନିଜ ରାଜାଙ୍କ ଶବକୁ ନେଇ ଫେରିଗଲେ । କାରଣ ଯୁଦ୍ଧରେ ରାଜାର ମୃତ୍ୟୁ ହେଲେ ସେନାବାହିନୀର ହାର ହୋଇଥାଏ। କାଲ୍ୟବନର ସୈନିକମାନେ ଫେରିବା ସମୟରେ କହି ଯାଇଥିଲେ ଯେ ନୂଆ ରାଜା ନିଯୁକ୍ତ କରି ଆମ୍ଭେ ଖୁବ୍ ଶୀଘ୍ର ଆସିବୁ, ଶ୍ରୀକୃଷ୍ଣ ତୋତେ ଆମ୍ଭେ ଛାଡିବୁ ନାହିଁ ।

ଶ୍ରୀକୃଷ୍ଣ ନିଜର ମୁଖ୍ୟ ଯନ୍ତ୍ରୀ (ଚିଫ୍ ଇଞ୍ଜିନିୟର) ଶ୍ରୀ ବିଶ୍ୱକର୍ମାଙ୍କୁ ଡାକି କହିଲେ ଯେ ଏଭଳି ଏକ ସ୍ଥାନ ଖୋଜ ଯେଉଁ ସ୍ଥାନର ତିନିପଟରୁ ସମୁଦ୍ର ଓ ଗୋଟିଏ ରାସ୍ତା (ଦ୍ୱାର) ଥିବ । ସେହିଠାରେ ଅତିଶୀଘ୍ର ଏକ ଦ୍ୱାରିକା (ଏକଦ୍ୱାର ବିଶିଷ୍ଟ) ନଗରୀ ନିର୍ମାଣ କର । ଆମ୍ଭେ ଅତିଶୀଘ୍ର ଏଠାରୁ ପ୍ରସ୍ଥାନ କରିବୁ । ଏହି ଅଜ୍ଞାନୀ ଲୋକମାନେ ଆମ୍ଭକୁ ଏଠାରେ ଶାନ୍ତିରେ ବଞ୍ଚିବାକୁ ଦେବେ ନାହିଁ । ଶ୍ରୀକୃଷ୍ଣ ଏତେ ଦୟାଳୁ ଆତ୍ମା ଓ ଯୁଦ୍ଧ ବିରୋଧି ଥିଲେ ଯେ ନିଜ କ୍ଷତ୍ରୀୟତ୍ୱକୁ ବାଜି ଲଗାଇ ଯୁଦ୍ଧ ଟାଳି ଦେଇଥିଲେ । ପୁଣି ସେହି ଶ୍ରୀକୃଷ୍ଣ କିପରି ନିଜର ଅତି ଆପଣାର ସାଥି ସମ୍ପର୍କୀୟମାନଙ୍କୁ ଯୁଦ୍ଧ ପରି ଭୂଲ ପ୍ରେରଣା ଦେଇପାରିବେ ? ତଥା ସ୍ୱୟଂ ଯୁଦ୍ଧ ନ କରିବା କଥା କହୁଥିବା ବ୍ୟକ୍ତି ଅନ୍ୟକୁ କିପରି ଯୁଦ୍ଧର ପ୍ରେରଣା ଦେଇପାରିବେ ? ଅର୍ଥାତ୍ ଏଭଳି ପ୍ରେରଣା ସେ କେବେ ମଧ୍ୟ ଦେଇପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣଙ୍କ ରୂପରେ ସ୍ୱୟଂ ଶ୍ରୀ ବିଷ୍ଣୁ ଅବତାର ଧାରଣ କରି ଆସିଥିଲେ ।

ଏକଦା ଶ୍ରୀ ବିଷ୍ଣୁ (ଶ୍ରୀକୃଷ୍ଣ) ବସିଥିବା ସମୟରେ ଶ୍ରୀ ଭୃଗୁ ଋଷି ତାଙ୍କ ଛାତିରେ ପଦାଘାତ କରିଦେଲେ । ଶ୍ରୀ ବିଷ୍ଣୁ ସେହି ସମୟରେ ଶ୍ରୀ ଭୃଗୁ ଋଷିଙ୍କ ପାଦକୁ ଆଉଁସି ଦେଇ କହିଲେ ଯେ ହେ ଋଷିବର ! ଆପଣଙ୍କ କୋମଳ ପାଦକୁ ଆଘାତ ଲାଗି ନାହିଁ ତ ? କାରଣ ମୋ ଛାତି ପଥର ଭଳି କଠିନ । ଯଦି ଶ୍ରୀ ବିଷ୍ଣୁ (ଶ୍ରୀକୃଷ୍ଣ) ଯୁଦ୍ଧପ୍ରିୟ ହୋଇଥାନ୍ତେ ତେବେ ସୁଦର୍ଶନ ଚକ୍ରରେ ଶ୍ରୀ ଭୃଗୁଙ୍କ ଶରୀରକୁ ଏପରି ଖଣ୍ଡ ଖଣ୍ଡ କରି ଦେଇଥାନ୍ତେ ଯାହାର ଗଣତି ହୋଇ ପାରିନଥାନ୍ତା ।

ବାସ୍ତବିକତା ଏହା ଯେ ଏକୋଇଶି ବ୍ରହ୍ମାଣ୍ଡର ପ୍ରଭୁ କାଳ ଭଗବାନ ପ୍ରତିଜ୍ଞା କରିଛନ୍ତି ଯେ ସେ ସଶରୀରେ ବ୍ୟକ୍ତ (ମାନବ ସଦୃଶ ନିଜର ବାସ୍ତବିକ) ରୂପରେ ସର୍ବେ ସମ୍ମୁଖକୁ କେବେ ମଧ୍ୟ ଆସିବେ ନାହିଁ । ସେ ସୂକ୍ଷ୍ମ ଶରୀର ଧାରଣ କରି ପ୍ରେତବତଃ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ପବିତ୍ର ଗୀତାଜ୍ଞାନ ନିର୍ଭୁଲ (ବେଦ ସାର) କହିଲେ ପରନ୍ତୁ ଯୁଦ୍ଧ କରାଇବା ପାଇଁ ସମସ୍ତ କୌଶଳ ପ୍ରୟୋଗ କରି ନିଜ ଅଭିପ୍ରାୟକୁ

ଚରିତାର୍ଥ କରିଥିଲେ । କାଳ (ବ୍ରହ୍ମ) କିଏ ? ଏହା ଜାଣିବା ପାଇଁ ପଢନ୍ତୁ ସୃଷ୍ଟି ରଚନା ଏହି ପୁସ୍ତକ "ଜ୍ଞାନଗଙ୍ଗା"ର ପୃଷ୍ଠା ୪୦ ରୁ ୮୭ ପର୍ଯ୍ୟନ୍ତ ।

ମହାଭାରତ ଯୁଦ୍ଧ ସମାପ୍ତ ହେବା ପର୍ଯ୍ୟନ୍ତ ଜ୍ୟୋତି ନିରଞ୍ଜନ (କାଳ-ବ୍ରହ୍ମ-କ୍ଷରପୁରୁଷ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବିଷ୍ଟ ରହି ଯୁଧିଷ୍ଠିରଙ୍କ ଦ୍ୱାରା ଏହି ମିଥ୍ୟା କୁହାଇଥିଲେ ଯେ କହି ଦିଅ ଅଶ୍ୱତ୍ଥମା ମରିଗଲା, ଭୀମଙ୍କ ନାତି ଘଟୋତ୍କଚଙ୍କ ପୁତ୍ର ବବରୁଭାନ (ବବ୍ରୁବାହନ) ର ମସ୍ତକ ଛେଦନ ପରୋକ୍ଷରେ ସେ ହିଁ କରାଇଲେ ତଥା ରଥଚକକୁ ହତିଆର ରୂପେ ସ୍ୱୟଂ ବ୍ୟବହାର କରିଥିଲେ । ଏସବୁ କାଳବ୍ରହ୍ମ ଦ୍ୱାରା କରାଯାଇଥିବା ଉପଦ୍ରବର ଦୃଷ୍ଟାନ୍ତ ଥିଲା, ପ୍ରଭୁ ଶ୍ରୀକୃଷ୍ଣଙ୍କର ନୁହେଁ । ମହାଭାରତ ଯୁଦ୍ଧ ସମାପ୍ତ ହେବା ମାତ୍ରେ କାଳ ଭଗବାନ ଶ୍ରୀକୃଷ୍ଣଙ୍କ ଶରୀରରୁ ବାହାରିଗଲେ । ଶ୍ରୀ ଯୁଧିଷ୍ଠିରଙ୍କୁ ଇନ୍ଦ୍ରପ୍ରସ୍ଥ (ଦିଲ୍ଲୀ)ର ରାଜଗାଦୀ ଉପରେ ବସାଇ ଶ୍ରୀକୃଷ୍ଣ ସ୍ୱୟଂ ଦ୍ୱାରିକା ଯିବାକୁ ଇଚ୍ଛା କଲେ । ଯେତେବେଳେ ଅର୍ଜୁନ ଆଦି ସମସ୍ତେ ଏହି ପ୍ରାର୍ଥନା କରି କହିଲେ ଯେ ହେ ଶ୍ରୀକୃଷ୍ଣ ! ଆପଣ ଆମ୍ଭ ପୂଜ୍ୟ ଗୁରୁଦେବ, ଆମ୍ଭଙ୍କୁ ଥରେ ସତ୍‌ସଙ୍ଗ ଶୁଣାଇ ଏଠାରୁ ପ୍ରସ୍ଥାନ କରିବେ, ଯାହାଦ୍ୱାରା ଆପଣଙ୍କ ସଦ୍‌ବଚନକୁ ଅନୁଶରଣ କରି ଆମ୍ଭେ ଆତ୍ମକଲ୍ୟାଣ କରି ପାରିବୁ ।

ଏହି ପ୍ରାର୍ଥନା ସ୍ୱୀକାର କରି ଶ୍ରୀକୃଷ୍ଣ ତିଥି ସମୟ ଓ ସ୍ଥାନ ନିର୍ଦ୍ଧାରଣ କଲେ । ଅର୍ଜୁନ ଧାର୍ଯ୍ୟ ତିଥିରେ ଭଗବାନ ଶ୍ରୀକୃଷ୍ଣଙ୍କୁ କହିଲେ, ପ୍ରଭୁ ! ଆଜି ଆପଣ ସେହି ପବିତ୍ର ଗୀତାଜ୍ଞାନ ପୂର୍ବଭଳି ଶୁଣାଇବେ କାରଣ ମତିଭ୍ରମ କାରଣରୁ ସେହି ପୂର୍ବଜ୍ଞାନକୁ ମୁଁ ଭୁଲିଯାଇଛି । ସେତେବେଳେ ଶ୍ରୀକୃଷ୍ଣ କହିଲେ ହେ ! ଅର୍ଜୁନ ତୁମେ ନିଶ୍ଚୟ ବଡ଼ ଶ୍ରଦ୍ଧାହୀନ, ତୁମ ବୁଦ୍ଧି ଉତ୍ତମ ନୁହେଁ, ଏଭଳି ପବିତ୍ର ଜ୍ଞାନକୁ ତୁମେ ଭୁଲିଗଲ କାହିଁକି ? ପୁଣି କହିଲେ, ବର୍ତ୍ତମାନ ସେହି ପୂର୍ଣ୍ଣ ଗୀତାଜ୍ଞାନ ମୁଁ ଦେଇପାରିବି ନାହିଁ, ଅର୍ଥାତ୍ ମୋର ସେହି ଜ୍ଞାନ ନାହିଁ ଏବଂ କହିଲେ ଯେ ସେ ସମୟରେ ମୁଁ ଧ୍ୟାନସ୍ଥ ହୋଇ କହିଥିଲି । ବିଚାରଣୀୟ ବିଷୟ ଏହା ଯେ ଯଦି ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧ ସମୟରେ ଯୋଗଯୁକ୍ତ ହୋଇ ପାରିଲେ ତେବେ ଶାନ୍ତ ପରିବେଶରେ ଯୋଗଯୁକ୍ତ ହେବା କୌଣସି କଠିନ କାର୍ଯ୍ୟ ନୁହେଁ । କିନ୍ତୁ ଶ୍ରୀ ବ୍ୟାସ ବହୁତ ବର୍ଷ ଉପରାନ୍ତ ସେହି ପବିତ୍ର ଗୀତାଜ୍ଞାନକୁ ପୂର୍ବଭଳି ଲିପିବଦ୍ଧ କରି ଦେଇ ପାରିଥିଲେ । ସେହି ସମୟରେ ବ୍ରହ୍ମ (କାଳ-ଜ୍ୟୋତି ନିରଞ୍ଜନ) ଶ୍ରୀ ବ୍ୟାସଙ୍କ ଶରୀରରେ ପ୍ରବେଶ କରି ପବିତ୍ର ଶ୍ରୀମଭଗବତ୍ ଗୀତାକୁ ଲିପିବଦ୍ଧ କରାଇଥିଲେ, ଯାହା ଆପଣଙ୍କ କର କମଳରେ ବର୍ତ୍ତମାନ ଉପଲବ୍ଧ ।

ପ୍ରମାଣ : ସଂକ୍ଷିପ୍ତ ମହାଭାରତ ପୃଷ୍ଠା ନଂ ୬୬୭ ଓ ପୁରୁଣା ସଂସ୍କରଣର ପୃଷ୍ଠା ନଂ ୧୫୩୧ :-

ନ ଶକ୍ୟଂ ତନ୍ମୟା ଭୂୟସ୍ତଥା ବକ୍ତୁମଶେଷତଃ ॥ ପରଂ ହି ବ୍ରହ୍ମ କଥିତଂ ଯୋଗଯୁକ୍ତେନ ତନ୍ମୟା ।

(ମହାଭାରତ, ଆଶ୍ରବ ୧୬୧୨-୧୩)

ଭଗବାନ କହିଲେ -"ୱହ ସବ-କା -ସବ ଉସୀ ରୂପ ମେଁ ଫିର ଦୁହରା ଦେନା ଅବ ମେରେ ବଶକୀ ବାତ ନହୀଁ ହେଁ । ଉସ ସମୟ ମୈନେ ଯୋଗଯୁକ୍ତ ହୋକର ପରମାତ୍ମା ତତ୍ତ୍ୱକା ବର୍ଣ୍ଣନ କିୟା ଥା ।"

ସଂକ୍ଷିପ୍ତ ମହାଭାରତର ଦ୍ୱିତୀୟ ଭାଗ, ପୃଷ୍ଠା ନଂ ୧୫୩୧ ରୁ ସହାଭାର :

('ଶ୍ରୀକୃଷ୍ଣ ଅର୍ଜୁନକୁ ଗୀତା ବିଷୟ ପଚାରିବା-ସିଦ୍ଧ ମହର୍ଷି ବୈଶମ୍ପାୟନ ଏବଂ କାଶ୍ୟପଙ୍କ ସମ୍ବାଦ') - ପାଣ୍ଡୁନନ୍ଦନ ଅର୍ଜୁନ ଶ୍ରୀକୃଷ୍ଣଙ୍କ ସହିତ ରହି ବହୁତ ପ୍ରସନ୍ନ ଥିଲେ । ସେ ଥରେ ସେହି ରମଣୀୟ ସଭା ଆଡକୁ ଦୃଷ୍ଟି ଦେଇ ଭଗବାନଙ୍କୁ ଏହି ବଚନ କହିଲେ ଯେ "ଦେବକୀନନ୍ଦନ ! ଯେତେବେଳେ ଯୁଦ୍ଧ ପରିସ୍ଥିତି ଥିଲା, ସେ ସମୟରେ ମୋତେ ଆପଣଙ୍କ ମାହାତ୍ମ୍ୟର ଜ୍ଞାନ ଓ ଇଶ୍ୱରୀୟ ସ୍ୱରୂପ କା ଦର୍ଶନ ହୁଆ ଥା, କିନ୍ତୁ କେଶବ ! ଆପଣ ସ୍ନେହ ବଶତଃ ପ୍ରଥମେ ମୋତେ ଯେଉଁ ଜ୍ଞାନ ଉପଦେଶ ଦେଇଥିଲେ, ସେ ସବୁ ଏବେ ବୁଦ୍ଧି ଦୋଷରୁ ମୁଁ ଭୁଲିଯାଇଛି । ସେହି ବିଷୟଗୁଡିକୁ ଶୁଣିବା ପାଇଁ ମୋ ମନ ମଧ୍ୟରେ ଉତ୍କଣ୍ଠା ଜାତ ହେଉଛି । ଏପଟେ ଆପଣ ଶୀଘ୍ର ଦ୍ୱାରିକା ଯିବାପାଇଁ ବାହାରିଛନ୍ତି । ତେଣୁ ପୁଣିଥରେ ସେହି ସବୁ ବିଷୟ ମୋତେ ଶୁଣାନ୍ତୁ ।"

ବୈଶମ୍ପାୟନ କହୁଛନ୍ତି - ଅର୍ଜୁନଙ୍କଠାରୁ ଏହି କଥା ଶୁଣିବା ପରେ ବକ୍ତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ମହାତେଜସ୍ୱୀ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଆଲିଙ୍ଗନ କରି ଏହି ପ୍ରକାରେ ଉତ୍ତର ଦେଲେ ।

ଶ୍ରୀକୃଷ୍ଣ କହିଲେ - ଅର୍ଜୁନ ! ସେ ସମୟରେ ମୁଁ ତୁମକୁ ଅତ୍ୟନ୍ତ ଗୋପନୀୟ ବିଷୟ ଶୁଣାଇଥିଲି

ନିଜର ସ୍ୱରୂପଭୂତ ଧର୍ମ ସନାତନ ପୁରୁଷୋତ୍ତମତତ୍ତ୍ୱର ପରିଚୟ ଦେଇଥିଲି ଏବଂ (ଶୁକ୍ଳ-କୃଷ୍ଣ ଗତିର ନିରୂପଣ କରି) ନିତ୍ୟ ଲୋକର ବର୍ଣ୍ଣନା ମଧ୍ୟ କରିଥିଲି । କିନ୍ତୁ ନିଜ ବୁଦ୍ଧିହୀନତା କାରଣରୁ ତୁମେ ସେହି ଉପଦେଶଗୁଡ଼ିକୁ ମନେ ରଖିପାରିଲ ନାହିଁ ତେଣୁ ଏହା ଜାଣି ମୋତେ ବହୁତ ଦୁଃଖ ଲାଗୁଛି । ସେହି ସମସ୍ତ କଥାର ପୁନଃ ସ୍ମରଣ ଏବେ ସମ୍ଭବ ନୁହେଁ । ପାଣ୍ଡୁ ନନ୍ଦନ ! ତୁମେ ନିଶ୍ଚୟ ବହୁତ ଶ୍ରଦ୍ଧାହୀନ । ତୁମ ବୁଦ୍ଧି ଉତ୍ତମ ନୁହେଁ । ଏବେ ମୋ ପାଇଁ ସେହି ଉପଦେଶକୁ ପୂର୍ବଭଳି ପୁନରାବୃତ୍ତି କରିବା କଠିନ କାରଣ ସେ ସମୟରେ ଯୋଗଯୁକ୍ତ ହୋଇ ମୁଁ ପରମାତ୍ମତତ୍ତ୍ୱର ବର୍ଣ୍ଣନା କରିଥିଲି । (ଅଧିକ ଜାଣିବାପାଇଁ ପଢନ୍ତୁ - "ସଂକ୍ଷିପ୍ତ ମହାଭାରତ ଦ୍ୱିତୀୟ ଭାଗ")

"ବିଚାର କରନ୍ତୁ:- ମହାଭାରତର ଉପୋରୋକ୍ତ ଲେଖା ଓ ଶ୍ରୀବିଷ୍ଣୁ ପୁରାଣର ଲେଖା ତଥା ଶ୍ରୀମଦ୍‌ଭଗବତ୍ ଗୀତାର ଲେଖାରୁ ଏହା ସିଦ୍ଧ ହେଲା ଯେ ଗୀତାଜ୍ଞାନ ଶ୍ରୀକୃଷ୍ଣ କହିନାହାଁନ୍ତି, କାଳ ରୂପୀ ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ଅର୍ଥାତ ମହାବିଷ୍ଣୁ ପ୍ରେତରୂପରେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବିଷ୍ଟ ହୋଇ ଏହା କହିଥିଲେ ।"

ଅନ୍ୟ ପ୍ରମାଣ:-୧.ଶ୍ରୀ ବିଷ୍ଣୁ ପୁରାଣ (ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ) ଚତୁର୍ଥ ଅଂଶ ଅଧ୍ୟାୟ ଦ୍ୱିତୀୟ ଶ୍ଳୋକ୨୬ ପୃଷ୍ଠା ୨୩୩ ରେ ବିଷ୍ଣୁଜୀ (ମହାବିଷ୍ଣୁ ଅର୍ଥାତ୍ କାଳରୂପୀ ବ୍ରହ୍ମ) ଦେବତା ଓ ରାକ୍ଷସମାନଙ୍କ ଯୁଦ୍ଧ ସମୟରେ ଦେବତାମାନଙ୍କର ପ୍ରାର୍ଥନା ସ୍ୱୀକାର କରି କହିଲେ ଯେ ମୁଁ ରାଜର୍ଷି ଶଶାଦଙ୍କ ପୁତ୍ର ପୁରଞ୍ଜୟର ଶରୀରରେ ଅଂଶ ମାତ୍ର ଅର୍ଥାତ୍ କିଛି ସମୟ ପାଇଁ ପ୍ରବେଶ କରି ରାକ୍ଷସମାନଙ୍କର ନାଶ କରିଦେବି ।

୨. ଶ୍ରୀ ବିଷ୍ଣୁ ପୁରାଣ (ଗୀତାପ୍ରେସ ଗୋରଖପୁରରୁ ପ୍ରକାଶିତ) ଚତୁର୍ଥ ଅଂଶ ଅଧ୍ୟାୟ ତୃତୀୟ ଶ୍ଳୋକ ୬ ର ପୃଷ୍ଠା ୨୪୨ ରେ ଗନ୍ଧର୍ବ ଓ ନାଗମାନଙ୍କ ଯୁଦ୍ଧରେ ନାଗମାନଙ୍କର ସପକ୍ଷରେ ଶ୍ରୀ ବିଷ୍ଣୁ କହିଲେ, "ମୁଁ (ମହାବିଷ୍ଣୁ ଅର୍ଥାତ୍ କାଳରୂପୀ ବ୍ରହ୍ମ) ମାନ୍ଧାତାଙ୍କ ପୁତ୍ର ପୁରୁକୁତ୍ସଙ୍କ ଶରୀରରେ ପ୍ରବିଷ୍ଟ ହୋଇ ସେହି ଦୁଷ୍ଟ ଗନ୍ଧର୍ବମାନଙ୍କର ସଂପୂର୍ଣ୍ଣ ନାଶ କରିଦେବି ।

ଅନ୍ୟ ପ୍ରମାଣ :- କିଛି ସମୟ ଉପରାନ୍ତ ଶ୍ରୀ ଯୁଧିଷ୍ଠିରଙ୍କୁ ଭୟଙ୍କର ସ୍ୱପ୍ନ ଆସିବାକୁ ଲାଗିଲା । ଶ୍ରୀକୃଷ୍ଣଙ୍କୁ ଏହାର କାରଣ ଓ ସମାଧାନ ପଚାରିବାରୁ ଶ୍ରୀକୃଷ୍ଣ କହିଲେ ଯେ ତୁମ୍ଭେ ଯୁଦ୍ଧରେ ଯେଉଁ ପାପ କରିଛ ସେହି ନରସଂହାରର ଦୋଷ ତୁମ୍ଭକୁ ଦୁଃଖଦାୟୀ ହେଉଅଛି । ଏଥିପାଇଁ ଏକ ଯଜ୍ଞର ଆୟୋଜନ କର । ଶ୍ରୀକୃଷ୍ଣଙ୍କ ମୁଖକମଳରୁ ଏହି ବଚନ ଶୁଣି ଶ୍ରୀ ଅର୍ଜୁନଙ୍କୁ ବହୁତ ଦୁଃଖ ଲାଗିଲା ଏବଂ ମନେରେ ବିଚାର କରିବାକୁ ଲାଗିଲେ ଯେ ଭଗବାନ ଶ୍ରୀକୃଷ୍ଣ ପବିତ୍ର ଗୀତାଜ୍ଞାନ ଦେଉଥିବା ସମୟରେ କହୁଥିଲେ ଯେ ଅର୍ଜୁନ ! ତୁମ୍ଭକୁ କୌଣସି ପାପ ଲାଗିବ ନାହିଁ, ତୁମ୍ଭେ ଯୁଦ୍ଧକର (ପବିତ୍ର ଗୀତା ଅଧ୍ୟାୟ ୨ ର ଶ୍ଳୋକ ୩୭-୩୮) । ଯଦି ଯୁଦ୍ଧରେ ମରିଯିବ ତେବେ ସ୍ୱର୍ଗସୁଖ ଭୋଗ କରିବ, ଅନ୍ୟଥା ଯୁଦ୍ଧରେ ବିଜୟଲାଭ କରି ପୃଥିବୀ ପୃଷ୍ଠରେ ରାଜଭୋଗ କରିବ । ଅର୍ଜୁନ ବିଚାର କଲେ ଯେ ଦୁଃଖ ନିବାରଣ ପାଇଁ ଶ୍ରୀକୃଷ୍ଣ ଯେଉଁ ସମାଧାନ ବତାଉଛନ୍ତି ସେଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହାଦ୍ୱାରା ବଡଭାଇ ଯୁଧିଷ୍ଠିରଙ୍କର କଷ୍ଟ ନିବାରଣ ହେବ । ଯଦି ମୁଁ ଶ୍ରୀକୃଷ୍ଣଙ୍କ ସହିତ ବିବାଦ କରି କହିବି ଯେ ଆପଣ ପବିତ୍ର ଗୀତାଜ୍ଞାନ ଦେବା ସମୟରେ ଏହା କହୁଥିଲେ ଯେ ପାପ ଲାଗିବ ନାହିଁ, ବର୍ତ୍ତମାନ ତା'ର ବିପରୀତ କଥା କହୁଛନ୍ତି ? । ଏହାଦ୍ୱାରା ମୋ ବଡଭାଇ ଏହା ନ ଭାବନ୍ତୁ ଯେ କୋଟି କୋଟି ଟଙ୍କା ଖର୍ଚ୍ଚକୁ ଦେଖି ଅର୍ଜୁନ ବିରକ୍ତ ହୋଇଯାଇଛି ଏବଂ ମୋ କଷ୍ଟ ନିବାରଣ ପାଇଁ ସେ ଚିନ୍ତିତ ନୁହେଁ । ଏଥିପାଇଁ ମୌନ ରହିବା ଉଚିତ୍ ଭାବି ସହର୍ଷ ସ୍ୱୀକୃତି ଦେଇ କହିଲେ ଯେ ଯେପରି ଆପଣ କହିବେ ସେହିଭଳି ହେଉ । ଶ୍ରୀକୃଷ୍ଣ ସେହି ଯଜ୍ଞର ତିଥି ନିର୍ଦ୍ଧାରଣ କଲେ ଏବଂ ସ୍ୱପଚ-ସୁଦର୍ଶନ ଭୋଜନ କରିବା ଦ୍ୱାରା ତାହା ସଫଳ ହୋଇଥିଲା ।

କିଛି ସମୟ ପରେ ଋଷି ଦୁର୍ବାଷାଙ୍କ ଅଭିଶାପରେ ଯାଦବ କୂଳର ବିନାଶ ହେଲା । ଭଗବାନଙ୍କ ଶ୍ରୀକୃଷ୍ଣ ତଳିପାଦକୁ ଏକ ଶିକାରୀ (ତ୍ରେତୟା ଯୁଗର ସୁଗ୍ରୀବର ଭାଇ ବାଳୀର ଆତ୍ମା) ବିଶାକ୍ତ ତୀର ମାରିଥିଲା । ପଞ୍ଚୁପାଣ୍ଡବ ଘଟଣା ସ୍ଥଳରେ ପହଞ୍ଚିବା ପରେ ଶ୍ରୀକୃଷ୍ଣ କହିଲେ, ଆପଣମାନେ ମୋ ଶିଷ୍ୟ ଏବଂ ମୁଁ ଆପଣମାନଙ୍କର ଧାର୍ମିକ ଗୁରୁ ମଧ୍ୟ । ଏଥିପାଇଁ ମୋ ଅନ୍ତିମ ଆଜ୍ଞା ଆପଣମାନେ ଶୁଣନ୍ତୁ । ପ୍ରଥମ ଇଛା, ଅର୍ଜୁନ ! ଦ୍ୱାରିକାର ସମସ୍ତ ମହିଳାଙ୍କୁ ଇନ୍ଦ୍ରପ୍ରସ୍ତ (ଦିଲ୍ଲୀ) ନେଇଯାଅ, କାରଣ ଏଠାରେ କେହି ପୁରୁଷ ଆଉ ଜୀବିତ ନାହାଁନ୍ତି, ଦ୍ୱିତୀୟରେ ଆପଣମାନେ (ସର୍ବପାଣ୍ଡବ) ରାଜ୍ୟ ତ୍ୟାଗ କରି ହିମାଳୟରେ ସାଧନା

କରି ନିଜ ଶରୀରକୁ ନଷ୍ଟ କରିଦିଅ । କାରଣ ମହାଭାରତ ଯୁଦ୍ଧରେ ତୁମ୍ଭେମାନେ ଯେଉଁ ନରସଂହାର କରିଛ ସେହି ହତ୍ୟାର ଭୟଙ୍କର ପାପ ତୁମ୍ଭମାନଙ୍କୁ ଲାଗିବ । ସେ ସମୟରେ ଅର୍ଜୁନ ନିଜକୁ ରୋକି ନ ପାରି କହିଲେ ପ୍ରଭୁ ! ବର୍ତ୍ତମାନ ଆପଣଙ୍କର ଯେଉଁ ସ୍ଥିତି ଏହି ପରିସ୍ଥିତିରେ ମୁଁ ଆପଣଙ୍କ ସହିତ ଏଭଳି କଥାବାର୍ତ୍ତା କରିବା ଉଚିତ୍ ନୁହେଁ କିନ୍ତୁ ପ୍ରଭୁ ! ଯଦି ଆଜି ମୋ ଶଙ୍କାର ସମାଧାନ ନ ହୁଏ ତେବେ ମୁଁ ଶାନ୍ତିରେ ମରି ପାରିବି ନାହିଁ । ସାରା ଜୀବନ ମୁଁ କାନ୍ଦିବି । ଶ୍ରୀକୃଷ୍ଣ କହିଲେ, ଅର୍ଜୁନ ! ଯାହା ପଚାରିବାର ଅଛି ପଚାର, ଏହା ମୋ ଜିବନର ଶେଷ ମୁହୂର୍ତ୍ତ  ଅଶ୍ରୁଳ ନୟନରେ ଶ୍ରୀ ଅର୍ଜୁନ କହିଲେ, ପ୍ରଭୁ ! ଭୁଲ ବୁଝିବେ ନାହିଁ, ଯେତେବେଳେ ଆପଣ ପବିତ୍ର ଗୀତାଜ୍ଞାନ କହୁଥିଲେ ସେ ସମୟରେ ମୁଁ ଯୁଦ୍ଧ କରିବା ପାଇଁ ମନା କରୁଥିଲି । ଆପଣ କହିଥିଲେ ଯେ ଅର୍ଜୁନ ! ତୋର ଦୁଇ ହାତରେ ଲଡୁ । ଯଦି ଯୁଦ୍ଧରେ ତୁ ମରିଯିବୁ ତେବେ ସ୍ୱର୍ଗ ପ୍ରାପ୍ତି ହେବ ଏବଂ ଯଦି ବିଜୟୀ ହେବୁ ତେବେ ପୃଥିବୀ ପୃଷ୍ଠରେ ରାଜ୍ୟ ଭୋଗ କରିବୁ ତଥା ତୁମ୍ଭକୁ କୌଣସି ପାପ ଲାଗିବ ନାହିଁ । ଆମ୍ଭେ ଆପଣଙ୍କ ଆଜ୍ଞା ଓ ନିର୍ଦ୍ଦେଷ ଅନୁସାରେ ଯୁଦ୍ଧ କଲୁ (ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୨ ର ଶ୍ଳୋକ ୩୭-୩୮) । ହେ ଭଗବାନ ! ଏବେ ଆମ୍ଭମାନଙ୍କର ଗୋଟିଏ ହାତରେ ମଧ୍ୟ ଲଡୁ ରହିଲା ନାହିଁ ନା ଯୁଦ୍ଧରେ ମରି ସ୍ୱର୍ଗପ୍ରାପ୍ତି ହେଲା ନା ରାଜଭୋଗର ଆନନ୍ଦ ଆମ୍ଭେ ଲାଭ କରିପାରିଲୁ । କାରଣ ଏବେ ରାଜ୍ୟ ପରିତ୍ୟାଗ କରିବା ପାଇଁ ଆପଣ ଆଦେଶ ଦେଉଛନ୍ତି । ଏଭଳି ଛଳନା କରିବାରେ ଆପଣଙ୍କର କେଉଁ ସ୍ୱାର୍ଥ ଥିଲା ? ଅର୍ଜୁନଙ୍କ ମୁଖରୁ ଏହି ବଚନ ଶୁଣି ଯୁଧିଷ୍ଠିର କହିଲେ, ଅର୍ଜୁନ ! ଏହା ଭଗବାନଙ୍କର ଅନ୍ତିମ ସମୟ ଏଭଳି ସ୍ଥିତିରେ ଆପଣଙ୍କର ଏହି ଶିଷ୍ଟାଚାରହୀନ ବ୍ୟବହାର ଆଦୌ ଶୋଭା ପାଉନାହିଁ । ଶ୍ରୀକୃଷ୍ଣ କହିଲେ, ଅର୍ଜୁନ ବର୍ତ୍ତମାନ ମୁଁ ଜୀବନର ଅନ୍ତିମ ସ୍ଥିତିରେ ଅଛି, ତୁମେ ମୋର ଅତ୍ୟନ୍ତ ପ୍ରିୟ, ଆଜି ମୁଁ ଏହି ବାସ୍ତବିକତାକୁ ଆପଣମାନଙ୍କ ଆଗରେ କହୁଛି ଯେ କୌଣସି ଏକ ଖଳନାୟକ ଶକ୍ତି ମୋତେ ଯନ୍ତ୍ରଭଳି ନଚାଉଥିଲା, ମୁଁ ଗୀତାରେ କ'ଣ କହିଛି, ମୋତେ କିଛି ବି ଜଣାନାହିଁ ପରନ୍ତୁ ଏବେ ମୁଁ ଯାହା କହୁଛି ତାହା ତୁମ୍ଭମାନଙ୍କର ହିତ ପାଇଁ କହୁଛି । ଶ୍ରୀକୃଷ୍ଣ ଅଶ୍ରୁଭରା ନୟନରେ ଏହିକଥା କହି ପ୍ରାଣତ୍ୟାଗ କଲେ । ଉପରୋକ୍ତ ବିବରଣୀରୁ ଏହା ସିଦ୍ଧ ହେଲା ଯେ ପବିତ୍ର ଗୀତାଜ୍ଞାନ ଶ୍ରୀକୃଷ୍ଣ କହିନାହାଁନ୍ତି । ଏହି ଜ୍ଞାନ ବ୍ରହ୍ମ (ଜ୍ୟୋତି ନିରଞ୍ଜନ-କାଳ) କହିଛନ୍ତି । ଯିଏ ଏକୋଇଶି ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । କାଳ (ବ୍ରହ୍ମ) କିଏ ? ଏହା ଜାଣିବା ପାଇଁ ଦୟାକରି ପଢ଼ନ୍ତୁ ଏହି ପୁସ୍ତକର ପୃଷ୍ଠା ୨୦ ରୁ ୬୭ ପର୍ଯ୍ୟନ୍ତ ।

ଶ୍ରୀକୃଷ୍ଣଙ୍କ ସହିତ ସମସ୍ତ ଯାଦବଙ୍କର ଅନ୍ତିମ ସଂସ୍କାର କରି ଚାରିଭାଇ ଅର୍ଜୁନଙ୍କୁ ଛାଡି ଇନ୍ଦ୍ରପ୍ରସ୍ଥ (ଦିଲ୍ଲୀ) ଚାଲିଗଲେ । ପରେ ଅର୍ଜୁନ ଦ୍ୱାରିକାର ସମସ୍ତ ମହିଳାଙ୍କୁ ସାଙ୍ଗରେ ଧରି ଫେରୁଥିବା ସମୟରେ ରାସ୍ତାରେ ଜଙ୍ଗଲୀ ଲୋକମାନେ ଗୋପୀମାନଙ୍କୁ ଲୁଟିବା ସହିତ କିଛି ଗୋପୀଙ୍କୁ ହରଣ କରି ନେଇଗଲେ ତଥା ଅର୍ଜୁନକୁ ମାଡଦେଲେ । ଅର୍ଜୁନ ହାତରେ ସେହି ଗାଣ୍ଡିବଧନୁ ଥିଲା ଯାହା ସାହାଯ୍ୟରେ ମହାଭାରତ ଯୁଦ୍ଧରେ ସେ ଅଗଣତି ହତ୍ୟା କରିଥିଲେ । ସେ ସମୟରେ ତାହା କାମ କଲା ନାହିଁ । ସେତେବେଳେ ଅର୍ଜୁନ କହିଥିଲେ ଯେ ଏହି ଶ୍ରୀକୃଷ୍ଣ ବାସ୍ତବରେ ମିଥ୍ୟାବାଦୀ ଓ କପଟି ଥିଲେ । ଯୁଦ୍ଧରେ ପାପ କରାଇବା ପାଇଁ ମୋତେ ଶକ୍ତି ପ୍ରଦାନ କରିଥିଲେ, ଗୋଟିଏ ତୀରରେ ଶହଶହ ଯୋଦ୍ଧାଙ୍କୁ ମାରି ପାରୁଥିଲି ଏବଂ ସେହି ଶକ୍ତି ଆଜି ମୋଠାରୁ ହରଣ କରିନେଲେ, ମୁଁ ଆଜି ମାଡ ଖାଉଛି । ଏ ବିଷୟରେ ପୂର୍ଣ୍ଣବ୍ରହ୍ମ କବୀର ସାହେବଜୀ(କବିର୍ଦେବ) କହିଛନ୍ତି ଯେ ଶ୍ରୀକୃଷ୍ଣ କପଟି, ମିଥ୍ୟାବାଦୀ ନ ଥିଲେ, ସମସ୍ତ ଅପକର୍ମ କାଳ (ଜ୍ୟୋତି ନିରଞ୍ଜନ) କରୁଛି । ଯେପର୍ଯ୍ୟନ୍ତ ଏହି ଆତ୍ମା ପୂର୍ଣ୍ଣସନ୍ଥଙ୍କ ମାଧ୍ୟମରେ କବୀର ପରମେଶ୍ୱର (ସତ୍ୟ ପୁରୁଷ)ଙ୍କ ଶରଣକୁ ନ ଆସିଛି ସେପର୍ଯ୍ୟନ୍ତ କାଳ ଏହି ପ୍ରକାରେ କଷ୍ଟ ଉପରେ କଷ୍ଟ ଦେଉଥିବ । ତତ୍ତ୍ୱଜ୍ଞାନରୁ ହିଁ ପୂର୍ଣ୍ଣଜ୍ଞାନ ପ୍ରାପ୍ତି ହୋଇଥାଏ । ଏଥିପାଇଁ କାଳ କିଏ ? ଏହା ଜାଣିବା ପାଇଁ ଦୟାକରି ପଢନ୍ତୁ ଏହି ପୁସ୍ତକରେ ପୃଷ୍ଠା ୨୦ ରୁ ୬୭ ପର୍ଯ୍ୟନ୍ତ ।

ବିଶେଷ ବିଚାର:-ଉପରୋକ୍ତ ପ୍ରମାଣରୁ ଏହା ସିଦ୍ଧ ହେଲା ଯେ ଶ୍ରୀମଭଗବତ୍ ଗୀତାଜ୍ଞାନ ଶ୍ରୀକୃଷ୍ଣ କହି ନାହାଁନ୍ତି, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି ବ୍ରହ୍ମ (କାଳ ଅର୍ଥାତ୍ ଜ୍ୟୋତି ନିରଞ୍ଜନ) କହିଥିଲେ ।

## "ଶ୍ରୀମଦ୍ଭଗବତ୍ ଗୀତା ସାର"


ଏହି ଆତ୍ମା ଅନେକ ଯୁଗରୁ ପରମେଶ୍ୱରଙ୍କୁ ଖୋଜୁଛି ଯେପରି ତୃଷାର୍ତ୍ତଙ୍କୁ ଜଳର ଆବଶ୍ୟକତା ଥାଏ । ଜୀବାତ୍ମା ପରମାତ୍ମାଙ୍କଠାରୁ ଅଲଗା ହୋଇଯିବା ପରେ ମହାକଷ୍ଟ ଭୋଗୁଛି । ପୂର୍ଣ୍ଣବ୍ରହ୍ମ (ସତ୍ୟ ପୁରୁଷ) ଙ୍କ ସତ୍ୟଲୋକ (ଋତଧାମ) ରେ ଯେଉଁ ସୁଖ ଥିଲା ଏଠାକାର କାଳ (ବ୍ରହ୍ମ) ଲୋକରେ ସେହି ସୁଖ ନାହିଁ । କେହି କୋଟିପତି ହୁଅନ୍ତୁ ନା କାହିଁକି, କେହି ପୃଥିବୀପତି (ସର୍ବ ପୃଥିବୀର ରାଜା), କେହି ସୁରପତି (ସ୍ୱର୍ଗର ରାଜ ଇନ୍ଦ୍ର), କେହି ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ହୋଇ ତ୍ରିଲୋକପତି ହୁଅନ୍ତୁ ନା କାହିଁକି ଜନ୍ମ-ମୃତ୍ୟୁ ଓ କୃତକର୍ମର ଫଳ ଅବଶ୍ୟ ଭୋଗ କରିବାକୁ ପଡ଼ିଥାଏ । (ପ୍ରମାଣ ଗୀତା ଅଧ୍ୟାୟ ୨ ର ଶ୍ଳୋକ ୧୨, ଅଧ୍ୟାୟ ୪ ର ଶ୍ଳୋକ ୫) । ଏଥିପାଇଁ ପବିତ୍ର ଶ୍ରୀମଦ୍ଭଗବତ୍ ଗୀତା ଜ୍ଞାନଦାତା ପ୍ରଭୁ (କାଳ ଭଗବାନ) ଅଧ୍ୟାୟ ୧୫ ର ଶ୍ଳୋକ ୧ ରୁ ୪ ଓ ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କହିଛନ୍ତି ଯେ ଅର୍ଜୁନ ! ତୁ ସର୍ବ ଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ । ତାଙ୍କ କୃପାରୁ ତୁ ପରମଶାନ୍ତି ଓ ସତ୍ୟଲୋକ (ଶାଶ୍ୱତମ୍ ସ୍ଥାନମ୍)କୁ ପ୍ରାପ୍ତ କରିବୁ । ସେହି ପରମେଶ୍ୱରଙ୍କ ତତ୍ତ୍ୱଜ୍ଞାନ ଓ ଭକ୍ତିମାର୍ଗକୁ ମୁଁ (ଗୀତା ଜ୍ଞାନଦାତା)ଜାଣେ ନାହିଁ । ତତ୍ତ୍ୱଦର୍ଶୀ ସନ୍ଥଙ୍କ ପାଖକୁ ଯାଇ ତାଙ୍କୁ ଦଣ୍ଡବତ ପ୍ରଣାମ କର ତଥା ବିନମ୍ର ସହକାରେ ପ୍ରଶ୍ନ କରିବା ପରେ ସେହି ତତ୍ତ୍ୱଦ୍ରଷ୍ଟା ସନ୍ଥ ତୋତେ ପରମେଶ୍ୱରଙ୍କ ତତ୍ତ୍ୱଜ୍ଞାନ ବିଷୟରେ କହିବେ । ତା'ପରେ ତାଙ୍କ ଦ୍ୱାରା ବତାଯାଇଥିବା ଭକ୍ତିମାର୍ଗରେ ସର୍ବ ଭାବରେ ନିମଗ୍ନ ହୋଇଯାଅ (ପ୍ରମାଣ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪) । ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ବିଷୟରେ ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧ ରେ କୁହାଯାଇଛି ଏବଂ ଏହା ମଧ୍ୟ କୁହାଯାଇଛି ଯେ ଏହି ସଂସାର ଓଲଟା ସ୍ଥିତିରେ ଝୁଲୁଥିବା ଥିବା ଏକ ବୃକ୍ଷ ଭଳି ଯାହାର ମୂଳ ଉପରକୁ ଓ ଶାଖା ତଳକୁ ବ୍ୟାପ୍ତ । ଯିଏ ଏହି ସଂସାର ରୂପୀ ବୃକ୍ଷ ବିଷୟରେ ଜାଣିଥାନ୍ତି ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୨ ରୁ ୪ ରେ କୁହାଯାଇଛି ଯେ ଏହି ସଂସାର ରୂପୀ ବୃକ୍ଷର ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ରୂପୀ ଶାଖା ଅଛି ଯାହା ତିନିଲୋକରେ (ସ୍ୱର୍ଗଲୋକ, ପାତାଳଲୋକ ଓ ପୃଥିବୀଲୋକ) ଉପରେ ଓ ତଳେ ବିସ୍ତାର ଲାଭ କରିଛି । ସେହି ସଂସାର ରୂପୀ ଓଲଟ ବୃକ୍ଷ ବିଷୟରେ ଅର୍ଥାତ୍ ସୃଷ୍ଟିରଚନା ବିଷୟରେ ମୁଁ ଏହି ଗୀତାଜ୍ଞାନ ମାଧ୍ୟମରେ କହି ପାରିବି ନାହିଁ । ଏହି ବିଚାର କାଳରେ (ଗୀତାଜ୍ଞାନ) ଯେଉଁ ଜ୍ଞାନ ଆପଣଙ୍କୁ କହୁଅଛି ଏହା ସମ୍ପୂର୍ଣ୍ଣ ଜ୍ଞାନ ନୁହେଁ । ସେଥିପାଇଁ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ରେ ଏହି ସଙ୍କେତ ଦିଆଯାଇଛି ଯେଉଁଥିରେ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଜ୍ଞାନ (ତତ୍ତ୍ୱଜ୍ଞାନ) ପ୍ରାପ୍ତି ପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଅ, ସେ ତୁମକୁ କହିବେ । ମୋର ପୂର୍ଣ୍ଣଜ୍ଞାନ ନାହିଁ । ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୪ ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରାପ୍ତି ପରେ ସେହି ପରମପଦ ପରମେଶ୍ୱର (ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କୁହାଯାଇଛି)ଙ୍କୁ ଖୋଜିବା ଉଚିତ୍ । ଯେଉଁଠିକୁ ଯିବା ପରେ ସାଧକ ପୁଣି ଲେଉଟି ଏହି ସଂସାରକୁ ଆସି ନଥାଏ ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାଏ ।

ତତ୍ତ୍ୱଦର୍ଶୀ ସନ୍ଥ ସେ ଅଟନ୍ତି ଯିଏ ଉପରକୁ ମୂଳ ଓ ତଳକୁ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ରୂପୀ ଶାଖା ତଥା କାଣ୍ଡ ଓ ମୋଟା ଡାଳ ବିଷୟରେ ପୂର୍ଣ୍ଣ ପରିଚୟ ପ୍ରଦାନ କରିଥାନ୍ତି । (ଓଲଟା ଝୁଲୁଥିବା ସଂସାର ରୂପୀ ବୃକ୍ଷର ଚିତ୍ର ଦେଖନ୍ତୁ)

ପୂର୍ଣ୍ଣ ପରମାତ୍ମା କବୀର ଦେବ (କବିର ପରମେଶ୍ୱର) ନିଜ ଦ୍ୱାରା ରଚିତ ସୃଷ୍ଟିର ପୂର୍ଣ୍ଣଜ୍ଞାନ (ତତ୍ତ୍ୱଜ୍ଞାନ) ତତ୍ତ୍ୱଦର୍ଶୀସନ୍ଥଙ୍କ ଭୂମିକା କରି (କବିର୍ଗିର୍ଭିଃ) କବୀରବାଣୀ ମାଧ୍ୟମରେ ସ୍ୱୟଂ କହିଛନ୍ତି (ପ୍ରମାଣ - ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୬ ରୁ ୨୦ ଓ ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧ ରୁ ୫ ଓ ଅଥର୍ବ ବେଦ କାଣ୍ଡ ୪ ଅନୁବାକ ୧ ମନ୍ତ୍ର ୧ ରୁ ୭ ରେ)।

କବୀର, ଅକ୍ଷର ପୁରୁଷ ଏକ ପେଡ ହୈ, ଜ୍ୟୋତି ନିରଞ୍ଜନ ବାକୀ ଡାର।
ତୀନୋଁ ଦେବା ଶାଖା ହୈଁ, ପାତ ରୂପ ସଂସାର ॥

ପବିତ୍ର ଗୀତାରେ ମଧ୍ୟ ତିନି ପ୍ରଭୁ (କ୍ଷରପୁରୁଷ ଅର୍ଥାତ୍ ବ୍ରହ୍ମ, ଅକ୍ଷରପୁରଷ ଅର୍ଥାତ୍ ପରବ୍ରହ୍ମ ଓ ପରମ ଅକ୍ଷର ପୁରୁଷ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ) ଙ୍କ ବିଷୟରେ ବର୍ଣ୍ଣନ କରାଯାଇଛି । ପ୍ରମାଣ - ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୬-୧୭, ଅଧ୍ୟାୟ ୮ ର ଶ୍ଳୋକ ୧ ର ଉତ୍ତର ଶ୍ଳୋକ ୩ ରେ ଅଛି, ସେ ହିଁ ପରମଅକ୍ଷର ବ୍ରହ୍ମ




ଉପରକୁ ମୂଳ ତଳକୁ ଶାଖାଯୁକ୍ତ
ଓଲଟା ଭାବରେ ଥିବା ସଂସାର ରୂପୀ ବୃକ୍ଷର ଚିତ୍ର

ଅଟନ୍ତି ତଥା ତିନି ପ୍ରଭୁଙ୍କ ବିଷୟରେ ଆଉ ଏକ ପ୍ରମାଣ ଗୀତା ଅଧ୍ୟାୟ ୭ ର ଶ୍ଲୋକ ୨୫ ରେ ଅଛି, ସେଥିରେ ଗୀତା ଜ୍ଞାନଦାତା କାଳ (ବ୍ରହ୍ମ) ନିଜ ବିଷୟରେ କହିଛନ୍ତି ଯେ ମୁଁ ଅବ୍ୟକ୍ତ ଅଟେ। ଏଠାରେ ପ୍ରଥମ ଅବ୍ୟକ୍ତ ପ୍ରଭୁ କାଳ । ପୁଣି ଗୀତା ଅଧ୍ୟାୟ ୮ ର ଶ୍ଲୋକ ୧୮ ରେ କହିଛନ୍ତି ଯେ ଦିବାକାଳରେ ଏହି ସଂସାର ଅବ୍ୟକ୍ତ (ପରବ୍ରହ୍ମ)ଙ୍କ ଠାରୁ ଉତ୍ପନ୍ନ ହୋଇଛି । ରାତି ସମୟରେ ପୁଣି ସେଥିରେ ଲୀନ ହୋଇଯାଏ । ଏଠାରେ ଦ୍ୱିତୀୟ ଅବ୍ୟକ୍ତ ହେଲେ ପରବ୍ରହ୍ମ । ଅଧ୍ୟାୟ ୮ ର ଶ୍ଲୋକ ୨୦ ରେ କହିଛନ୍ତି ଯେ ସେହି ଅବ୍ୟକ୍ତଙ୍କ ଠାରୁ ଭିନ୍ନ ଆଉ ଜଣେ ଅବ୍ୟକ୍ତ (ପୂର୍ଣ୍ଣବ୍ରହ୍ମ) ଯିଏ ପରମ ଦିବ୍ୟ ପୁରୁଷ ଅଟନ୍ତି ଏବଂ ସମସ୍ତ ପ୍ରାଣୀ ନଷ୍ଟ ହୋଇଗଲା ପରେ ମଧ୍ୟ ସେ ନଷ୍ଟ ହୁଅନ୍ତି ନାହିଁ । ଏହି ପ୍ରମାଣ ଗୀତା ଅଧ୍ୟାୟ ୨ ର ଶ୍ଲୋକ ୧୭ ରେ ମଧ୍ୟ ଅଛି ଯେ ଅବିନାଶୀ ସେହି ପରମାତ୍ମାଙ୍କୁ ଜାଣ, ତାଙ୍କୁ ନାଶ କରିବା ପାଇଁ କେହି ସମର୍ଥ ନୁହଁନ୍ତି । ନିଜ ବିଷୟରେ ଗୀତା ଜ୍ଞାନଦାତା (ବ୍ରହ୍ମ) ପ୍ରଭୁ ଅଧ୍ୟାୟ ୪ ର ମନ୍ତ୍ର ୫ ଓ ଅଧ୍ୟାୟ ୨ ର ଶ୍ଲୋକ ୧୨ ରେ କହିଛନ୍ତି ଯେ ମୁଁ ଜନ୍ମ-ମୃତ୍ୟୁ ଚକ୍ରରେ ଅଛି ଅର୍ଥାତ୍ ନାଶବାନ ଅଟେ ।

ଉପରୋକ୍ତ ସଂସାର ରୂପୀ ବୃକ୍ଷର ମୂଳ (ଚେର) ପରମ ଅକ୍ଷର ପୁରୁଷ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ କବିର୍ଦେବ ଅଟନ୍ତି । ଯାହାଙ୍କୁ ତୃତୀୟ ଅବ୍ୟକ୍ତ ପ୍ରଭୁ କୁହାଯାଇଛି । ବୃକ୍ଷର ମୂଳରୁ ସମ୍ପୂର୍ଣ୍ଣ ବୃକ୍ଷକୁ ଆହାର ପ୍ରାପ୍ତ ହୋଇଥାଏ । ଏଥିପାଇଁ ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ୧୭ ରେ କୁହାଯାଇଛି ଯେ ବାସ୍ତବରେ ପରମାତ୍ମା କ୍ଷରପୁରୁଷ ଅର୍ଥାତ୍ ବ୍ରହ୍ମ ଓ ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କଠାରୁ ମଧ୍ୟ ଭିନ୍ନ ଅଟନ୍ତି ଯିଏକି ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି ।

୧. କ୍ଷର ଅର୍ଥ ନାଶବାନ କାରଣ ବ୍ରହ୍ମ ଅର୍ଥାତ୍ ଗୀତା ଜ୍ଞାନଦାତା ସ୍ୱୟଂ କହିଛନ୍ତି ଯେ ଅର୍ଜୁନ ତୁମେ ଏବଂ ମୁଁ ଜନ୍ମ-ମୃତ୍ୟୁ ଚକ୍ରରେ ରହିଛେ (ପ୍ରମାଣ ଗୀତା ଅଧ୍ୟାୟ ୨ ର ଶ୍ଲୋକ ୧୨, ଅଧ୍ୟାୟ ୪ ର ଶ୍ଲୋକ ୫) ।

୨. ଅକ୍ଷର ଅର୍ଥ ଅବିନାଶୀ । ଏଠାରେ ପରବ୍ରହ୍ମଙ୍କୁ ମଧ୍ୟ ସ୍ଥାୟୀ ଅର୍ଥାତ୍ ଅବିନାଶୀ କୁହାଯାଇଛି । କିନ୍ତୁ ବାସ୍ତବରେ ସେ ମଧ୍ୟ ଅବିନାଶୀ ନୁହଁନ୍ତି । ଏହା ଚିରସ୍ଥାୟୀ ଯେପରି ଏକ ମାଟି ପାନୀୟ ପାତ୍ର ଯାହା ଧଳା ରଙ୍ଗର ହୋଇଥାଏ, ଚା ପିଇବା କାମରେ ଆସିଥାଏ । ତାହା ପଡିଯିବା ମାତ୍ରେ ଭାଙ୍ଗି ଯାଇଥାଏ । ଏହି ପରିସ୍ଥିତି (କାଳ ଅର୍ଥାତ୍ କ୍ଷରପୁରୁଷ)ବ୍ରହ୍ମଙ୍କର ବୋଲି ଜାଣନ୍ତୁ । ଦ୍ୱିତୀୟ ପାନୀୟ ପାତ୍ର ଇସ୍ପାତ (ଷ୍ଟିଲ୍) ର ହୋଇଥାଏ । ଏହା ମାଟି ପାନୀୟ ପାତ୍ର ତୁଳନାରେ ଅଧିକ ସ୍ଥାୟୀ (ଅବିନାଶୀ) ଜଣା ପଡେ । ପରନ୍ତୁ ଏଥିରେ ମଧ୍ୟ କଳଙ୍କି ଲାଗେ ଏବଂ ଏହା ନଷ୍ଟ ହୋଇଯାଏ । ସମୟ ଅଧିକ ଲାଗିପାରେ କିନ୍ତୁ ତାହା ନିଶ୍ଚୟ ନଷ୍ଟ ହୋଇଥାଏ । ଏଥିପାଇଁ ଏହା ମଧ୍ୟ ବାସ୍ତବରେ ଅବିନାଶୀ ନୁହେଁ । ତୃତୀୟ ପାତ୍ର (ପାନୀୟପାତ୍ର) ସୁନାରେ ତିଆରି । ସ୍ୱର୍ଣ୍ଣ ଧାତୁ ବାସ୍ତବରେ ଅବିନାଶୀ ଯାହାର ବିନାଶ ହୁଏ ନାହିଁ ।

ଯେପରି ପରବ୍ରହ୍ମ (ଅକ୍ଷର ପୁରୁଷ) କୁ ଅବିନାଶୀ ମଧ୍ୟ କୁହାଯାଇଛି କିନ୍ତୁ ବାସ୍ତବରେ ଅବିନାଶୀ ପ୍ରଭୁ ଏହି ଦୁଇଜଣଙ୍କ ଠାରୁ ଭିନ୍ନ ଅଟନ୍ତି । ଏଥିପାଇଁ ଅକ୍ଷର ପୁରୁଷଙ୍କୁ ଅବିନାଶୀ କୁହାଯାଇନାହିଁ କାରଣ ସାତଜଣ ରଜଗୁଣୀ ବ୍ରହ୍ମାଙ୍କ ମୃତ୍ୟୁ ଉପରାନ୍ତ ଜଣେ ସତଗୁଣୀ ବିଷ୍ଣୁଙ୍କର ମୃତ୍ୟୁ ହୋଇଥାଏ। ସାତଜଣ ସତଗୁଣୀ ବିଷ୍ଣୁଙ୍କ ମୃତ୍ୟୁ ପରେ ଜଣେ ତମଗୁଣୀ ଶିବଙ୍କର ମୃତ୍ୟୁ ହୋଇଥାଏ । ତମଗୁଣୀ ଶିବଙ୍କର ୭୦ ହଜାର ଥର ମୃତ୍ୟୁ ହୋଇଯିବା ପରେ ଜଣେ କ୍ଷରପୁରୁଷ (ବ୍ରହ୍ମ)ଙ୍କର ମୃତ୍ୟୁ ହୋଇଥାଏ । ଏହା ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର ଏକ ଯୁଗ ହୋଇଥାଏ । ଏହିପରି ଏକ ହଜାର ଯୁଗକୁ ନେଇ ପରବ୍ରହ୍ମଙ୍କର ଗୋଟିଏ ଦିନ ଓ ଗୋଟିଏ ରାତ୍ରୀ ହୋଇଥାଏ । ୩୦ ଟି ଦିନ ଓ ରାତିରେ ଏକ ମାସ, ୧୨ ମାସରେ ଏକ ବର୍ଷ ଓ ୧୦୦ବର୍ଷର ଆୟୁ ଏହି (ଅକ୍ଷର ପୁରୁଷ) ପରବ୍ରହ୍ମଙ୍କର ଅଟେ । ସେତେବେଳେ ଏହି ପରବ୍ରହ୍ମ ଓ ସତ୍ୟଲୋକ ତଳେ ଥିବା ସର୍ବବ୍ରହ୍ମାଣ୍ଡ ନଷ୍ଟ ହୋଇଯାଏ । କିଛି ସମୟ ଉପରାନ୍ତ ତଳେ ଥିବା ସମସ୍ତ ବ୍ରହ୍ମାଣ୍ଡ (ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକଗୁଡିକ)ର ରଚନା ପୂର୍ଣ୍ଣବ୍ରହ୍ମ ଅର୍ଥାତ୍ ପରମ ଅକ୍ଷରପୁରୁଷ କରିଥାନ୍ତି । ଉକ୍ତ ତତ୍ତ୍ୱଜ୍ଞାନକୁ ଏହିପରି ବୁଝିବା ଉଚିତ । ପରନ୍ତୁ ପରମ ଅକ୍ଷର ପୁରୁଷ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ (ସତ୍ୟ ପୁରୁଷ) ତଥା ତାଙ୍କ ସତ୍ୟଲୋକ (ଋତଧାମ) ସହିତ ଉପରେ ଥିବା ଅଲଖ ଲୋକ, ଅଗମ ଲୋକ ଓ ଅନାମୀ ଲୋକ କେବେ ମଧ୍ୟ ନଷ୍ଟ ହୋଇନଥାଏ । ଏହି ସମସ୍ତ ଲୋକକୁ ସନାତନ ପରମଧାମ କୁହାଯାଏ ।

ଏଥିପାଇଁ ଗୀତା ଅଧ୍ୟାୟ ୧୫ ଶ୍ଲୋକ ୧୭ ରେ କୁହାଯାଇଛି ଯେ ବାସ୍ତବରେ ଉତ୍ତମ ପ୍ରଭୁ ଅର୍ଥାତ୍ ପୁରୁଷୋତ୍ତମ, ବ୍ରହ୍ମ (କ୍ଷର ପୁରୁଷ) ଓ ପରବ୍ରହ୍ମ (ଅକ୍ଷର ପୁରୁଷ) ଙ୍କଠାରୁ ଭିନ୍ନ ଅଟନ୍ତି, ସେ

ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷର ପୁରୁଷ) ଅଟନ୍ତି । ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି, ସେ ହିଁ ସମସ୍ତଙ୍କର ଧାରଣପୋଷଣ କରୁଥିବା ସଂସାର ରୂପୀ ବୃକ୍ଷର ମୂଳ ରୂପୀ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ବୃକ୍ଷର ଯେଉଁ ଅଂଶ ମାଟି ବାହାରକୁ ତୁରନ୍ତ ନଜର ଆସେ ତାକୁ କାଣ୍ଡ କୁହାଯାଏ । ତାକୁ ଅକ୍ଷର ପୁରୁଷ (ପରବ୍ରହ୍ମ) ବୋଲି ଜାଣନ୍ତୁ । କାଣ୍ଡକୁ ମଧ୍ୟ ଆହାର ମୂଳ (ଚେର) ଦ୍ୱାରା ପ୍ରାପ୍ତ ହୋଇଥାଏ । କାଣ୍ଡ ପରେ ପୁଣି ବୃକ୍ଷର କିଛି ଡାଳ ଥାଏ । ସେଥିମଧ୍ୟରୁ ଗୋଟିଏ ଡାଳ ବ୍ରହ୍ମ (କ୍ଷର ପୁରୁଷ) ଅଟେ । ମୂଳ (ଚେର) ଅର୍ଥାତ୍ ପରମ ଅକ୍ଷର ପୁରୁଷଙ୍କ ମାଧ୍ୟମରେ ତାଙ୍କୁ ମଧ୍ୟ ଆହାର ପ୍ରାପ୍ତ ହୋଇଥାଏ । ଧରନ୍ତୁ ସେହି ଡାଳ (କ୍ଷରପୁରୁଷ/ବ୍ରହ୍ମ)ର ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ରୂପୀ ଶାଖା ଅଛି । ସେମାନଙ୍କୁ ମଧ୍ୟ ମୂଳ (ପରମ ଅକ୍ଷର ପୁରୁଷ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମଙ୍କ)ଠାରୁ ଆହାର ପ୍ରାପ୍ତି ହୋଇଥାଏ । ପତ୍ର ରୂପେ ଅନ୍ୟ ପ୍ରାଣୀମାନେ ମଧ୍ୟ ଏହି ତିନି ଶାଖରେ ଆଶ୍ରିତ ଅଛନ୍ତି । ବାସ୍ତବରେ ତାଙ୍କୁ ମଧ୍ୟ ମୂଳ (ପରମ ଅକ୍ଷର ପୁରୁଷ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମଙ୍କ) ମାଧ୍ୟମରେ ଆହାର ପ୍ରାପ୍ତ ହୋଇଥାଏ । ଏଥିପାଇଁ ପୂର୍ଣ୍ଣ ପରମାତ୍ମା ସମସ୍ତଙ୍କର ପୂଜ୍ୟ ବୋଲି ସିଦ୍ଧ ହେଲା । ଏହି କଥାକୁ ମଧ୍ୟ ଅସ୍ୱୀକାର କାରାଯାଇ ପାରିବ ନାହିଁ ଯେ ପତ୍ର ପର୍ଯ୍ୟନ୍ତ ଆହାର ପହଞ୍ଚାଇବା ପାଇଁ କାଣ୍ଡ, ଡାଳ ଓ ଶାଖାର କୌଣସି ଯୋଗଦାନ ନାହିଁ । ଏଥିପାଇଁ ସମସ୍ତେ ଆଦରଣୀୟ ଅଟନ୍ତି ପରନ୍ତୁ କେବଳ ମୂଳ (ଚେର) ପୂଜ୍ୟନୀୟ ଅଟେ । ଆଦର ଓ ପୂଜାରେ ଅନ୍ତର ଥାଏ । ଯେପରି ପତିବ୍ରତା ସ୍ତ୍ରୀ ସତ୍କାର ସମସ୍ତଙ୍କର କରିଥାଏ, ଯେପରି ଦେଢସୁରଙ୍କୁ ବଡଭାଇ ସମାନ, ଦିଅରକୁ ଛୋଟ ଭାଇ ସମାନ ପରନ୍ତୁ ପୂଜା ନିଜ ସ୍ୱାମୀର କରିଥାଏ ଅର୍ଥାତ୍ ଯେଉଁ ଭାବ ପତିବ୍ରତା ସ୍ତ୍ରୀର ନିଜ ପତିଙ୍କ ପ୍ରତି ଥାଏ ସେହି ଭାବ ଅନ୍ୟ ପୁରୁଷ ପ୍ରତି ରହିବ ନାହିଁ ।

ଦ୍ୱିତୀୟ ଉଦାହରଣ :- ଏକଦା ହରିୟାଣା ରାଜ୍ୟରେ ବନ୍ୟା ଆସିଲା । ସେ ସମୟରେ ୬୦୦ କୋଟି ଟଙ୍କାର କ୍ଷୟ କ୍ଷତି ହୋଇଥିଲା ଯେଉଁ କ୍ଷତିର ପୂରଣ ହରିୟାଣା ସରକାର କରି ପାରିନଥାନ୍ତା କାରଣ ହରିୟାଣା ସରକାରଙ୍କର ପୁରା ବର୍ଷର ବଜେଟ୍ ୯୦୦ କୋଟି ଟଙ୍କା ଥିଲା ସେହି କ୍ଷତିପୂରଣ ଦେଶର ପ୍ରଧାନମନ୍ତ୍ରୀ କରିଥିଲେ । ସେହି ଛଅଶହ କୋଟି ଅର୍ଥର ବିତରଣ ହରିୟାଣା ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନେ କରିଥିଲେ । ସହାୟତା ରାଶି କେନ୍ଦ୍ରରୁ ଆସିଥିଲା । ଯେଉଁମାନେ ସାହାଯ୍ୟ ପାଇଥିଲେ ସେମାନେ ବିତରଣକର୍ତ୍ତାଙ୍କୁ ଚିହ୍ନିଲେ ଏବଂ ସେହି ବିତରଣକର୍ତ୍ତାଙ୍କୁ ସାହାଯ୍ୟକର୍ତ୍ତା ଭାବି ଭବିଷ୍ୟତରେ ମଧ୍ୟ ସାହାଯ୍ୟ ପାଇବାକୁ ଆଶା ରଖୁଥିଲେ ତଥା ସେମାନଙ୍କର ପୂଜା (ଲାଞ୍ଚଦେବା ଆଦି) କରାଗଲା । ପରନ୍ତୁ ଯେଉଁମାନେ ଶିକ୍ଷିତ ସେମାନେ ଭଲଭାବେ ଜାଣନ୍ତି ଯେ ଏହି କର୍ମଚାରୀମାନଙ୍କର ଏଥିରେ କେତେ ଯୋଗଦାନ ଅଛି । ଶିକ୍ଷିତ ଲୋକମାନେ ଆଦର କରନ୍ତି ପରନ୍ତୁ ପୂଜା (ଲାଞ୍ଚ ଆଦି ଦେବା) କରନ୍ତି ନାହିଁ, ନା ଅନ୍ୟ କୌଣସି କାର୍ଯ୍ୟସିଦ୍ଧିର ଆଶା କରିଥାନ୍ତି ।

ବନ୍ୟା ରିଲିଫ୍ ଅର୍ଥ ବିତରଣ ପରେ ସେହି ସ୍ଥାନକୁ ରାଜ୍ୟର ମନ୍ତ୍ରୀ ଆସିଲେ । ସେ କହିଲେ ଯେ ମୁଁ ଏହି ବନ୍ୟା କ୍ଷତିଗ୍ରସ୍ତ ପାଇଁ ଆପଣଙ୍କ ଅଞ୍ଚଳକୁ ଦଶଲକ୍ଷ ଟଙ୍କା ଅର୍ଥ ଦେଇଛି । ସେହି ଗ୍ରାମର ତାଲିକା ପତ୍ରରେ ନାମ ପଢି ଶୁଣାଇଲେ ୧. ରାମଅବତାରକୁ ଦଶ ହଜାର ଟଙ୍କା ... ଆଦି ଦେଇଛି । ପୁଣି ରାଜ୍ୟର ମୁଖ୍ୟମନ୍ତ୍ରୀ ସେହି ଗ୍ରାମକୁ ଆସିଲେ । ସେ ମଧ୍ୟ ସେହି ତାଲିକା ପତ୍ର ପଢିଲେ ଏବଂ କହିଲେ ଯେ ମୁଁ ଆପଣଙ୍କ ଗ୍ରାମକୁ ଦଶଲକ୍ଷ ଟଙ୍କା ଦେଇଛି ୧. ରାମଅବତାରକୁ ୧୦ ହଜାର ଟଙ୍କା... ଆଦି ଦେଇଛି । ତାପରେ ସେହି ଗ୍ରାମକୁ ଦେଶର ପ୍ରଧାନମନ୍ତ୍ରୀ ଆସିଲେ । ସେ ମଧ୍ୟ ଏହା କହିଲେ ଯେ ମୁଁ ଆପଣଙ୍କ ଗ୍ରାମକୁ ଦଶ ଲକ୍ଷ ଟଙ୍କା ଦେଇଛି ଏବଂ ସେହି ତାଲିକା ପତ୍ର ପଢି ଶୁଣାଇଲେ ଯେଉଁ ଥିରେ ଲେଖାଥିଲା ୧. ରାମଅବତାରକୁ ଦଶହଜାର ଟଙ୍କା ଦେଇଛି, ରାମ ଅବତାର କହିଲା ଏମାନେ ସମସ୍ତେ ମିଛ କହୁଛନ୍ତି । ମୋତେ ଟଙ୍କା ସରପଞ୍ଚ ଦେଇଛନ୍ତି । ସେହି ଅଜ୍ଞାନୀ ରାମଅବତାର ଅଜ୍ଞାନତାର ବଶବର୍ତ୍ତୀ ହୋଇ ଗ୍ରାମ ସରପଞ୍ଚଙ୍କର ପୂଜାକରି ନିଜର ଅନ୍ୟ ସମସ୍ତ କାର୍ଯ୍ୟ ହାସଲ କରିବାକୁ ଚାହିଁଲା । ଯେଉଁମାନେ ଶିକ୍ଷିତ ସେମାନେ ଜାଣିନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ରିଲିଫ୍ ଦେଇନଥାନ୍ତେ ତେବେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସରପଞ୍ଚ କିଛି ଦେଇ ପାରିନଥାନ୍ତେ । ଯଦି ମୁଖ୍ୟମନ୍ତ୍ରୀ ନିଜ ପାଣ୍ଠିରୁ ବନ୍ୟା ପିଡ଼ୀତମାନଙ୍କୁ ଅର୍ଥ ସହାୟ ଦେଇଥାନ୍ତେ ତେବେ ଲୋକମାନଙ୍କୁ ଅତି ବେଶୀରେ ଶହେ ଶହେ ଟଙ୍କା ମିଳିଥାନ୍ତା ଯାହା ନାମକୁ ମାତ୍ର ହୋଇଥାନ୍ତା । ଏହି ପ୍ରକାରେ ଜ୍ଞାନୀବ୍ୟକ୍ତି ଜାଣେ କାହାର କେତେ କ୍ଷମତା । ସେହି


ଆଧାରରେ ସେମାନଙ୍କଠାରେ ଆସ୍ଥା ରଖିଥାନ୍ତି । କେହି ଅନାଦରଣୀୟ ନୁହଁନ୍ତି ପରନ୍ତୁ ଜ୍ଞାନୀବ୍ୟକ୍ତି ପୂଜା ପାଇଁ ବୁଝିବିଚାରି ଚୟନ କରିଥାଏ । ଠିକ୍ ଏହି ପ୍ରକାରେ ଗୀତା ଅଧ୍ୟାୟ ୨ ର ଶ୍ଳୋକ ୪୬ ରେ କୁହାଯାଇଛି ଯେ ଅର୍ଜୁନ ! ବହୁତ ବଡ଼ ଜଳାଶୟର (ଦଶବର୍ଷ ପର୍ଯ୍ୟନ୍ତ ବର୍ଷା ନ ହେଲେ ମଧ୍ୟ ଏହି ଜଳାଶୟର ଜଳ ସମାପ୍ତ ହୁଏ ନାହିଁ) ପ୍ରାପ୍ତି ପରେ ଯେଭଳି ଛୋଟ ଜଳାଶୟ (ଗୋଟିଏ ବର୍ଷ ବର୍ଷା ନହେଲେ ଯାହାର ଜଳ ସମାପ୍ତ ହୋଇ ଯାଇଥାଏ)ରେ ଆସ୍ଥା ରହି ଯାଇଥାଏ, ଏହି ପ୍ରକାରେ ପୂର୍ଣ୍ଣ ପରମତ୍ମାଙ୍କଠାରୁ ମିଳିବାକୁ ଥିବା ଲାଭ ବିଷୟରେ ତୁମେ ଜ୍ଞାନ ଆଧାରରେ ପରିଚିତ ହୋଇଯିବା ପରେ ସେହିଭଳି ଆସ୍ଥା ଅନ୍ୟ ପ୍ରଭୂଙ୍କଠାରେ ତୁମର ରହିଯିବ । ସେହି ଛୋଟ ଜଳାଶୟର ଜଳ ଖରାପ ନୁହେଁ । କିନ୍ତୁ ସେହି ଜଳାଶୟର କ୍ଷମତା ବିଷୟରେ ଜଣା ଅଛି ଯେ ତାହା କେବଳ କାମଚଳା ଅଟେ ।


ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୨ ରୁ ୧୫ ରେ କୁହାଯାଇଛି ଯେ ତିନିଗୁଣର ପ୍ରଭାବରେ ଯାହା କିଛି ବି ଘଟୁଛି, ଯେପରି ରଜଗୁଣ-ବ୍ରହ୍ମାଙ୍କ ଦ୍ଵାରା ଜୀବମାନଙ୍କ ଉତ୍ପତ୍ତି, ସତଗୁଣ-ବିଷ୍ଣୁଙ୍କ ଦ୍ଵାରା ସଂସାରର ସ୍ଥିତି ଓ ତମଗୁଣ-ଶିବଙ୍କ ଦ୍ଵାରା ସଂହାର, ଏହାର ମୁଖ୍ୟ କାରଣ ମୁଁ (ବ୍ରହ୍ମ/କାଳ) ହିଁ ଅଟେ । ଯେଉଁ ସାଧକ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କ ପୂଜା କରନ୍ତି ସେମାନେ ରାକ୍ଷସ ସ୍ଵଭାବକୁ ଧାରଣ କରିବା ସହିତ ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୁଷ୍କର୍ମ କରୁଥିବା ମୂର୍ଖ ବ୍ୟକ୍ତି ମୋର (ବ୍ରହ୍ମର) ମଧ୍ୟ ଭକ୍ତି କରନ୍ତି ନାହିଁ । ପୁଣି ନିଜର ଭକ୍ତିକୁ ମଧ୍ୟ ଅତି ନିକୃଷ୍ଟ (ଅନୁତ୍ତମାମ୍) କହିଛନ୍ତି । ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ଏଥିପାଇଁ ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୪ ଓ ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କହିଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି ଦ୍ଵାରା ହିଁ ପୂର୍ଣ୍ଣ ଲାଭ, ପୂର୍ଣ୍ଣମୋକ୍ଷ ପ୍ରାପ୍ତି ହୋଇଥାଏ । ଏହା ଶାସ୍ତ୍ରବିଧି ସମ୍ମତ ଭକ୍ତି ଅଟେ ଏବଂ ଅନ୍ୟ ପ୍ରଭୁମାନଙ୍କୁ ଇଷ୍ଟ ରୂପେ ସ୍ଵୀକାର କରି ସାଧନା କରିବା ଶାସ୍ତ୍ରବିଧିର ବିରୁଦ୍ଧ ହୋଇଥିବା କାରଣରୁ ବ୍ୟର୍ଥ ଅଟେ (ପ୍ରମାଣ ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୨୩ -୨୪) ।

ଯେପରି ନର୍ସରୀରୁ ଆମ୍ବଚାରା ଆଣି ମାଟିରେ ଗାତ ଖୋଳି ତା ମୂଳକୁ ପୋତି ଲଗାଇବା । ତା'ପରେ ମୂଳରେ ପାଣି ଦେବା (ପୂଜା କରିବା) ଦ୍ଵାରା ଚାରା ବଡ଼ ହୋଇ ବଡ଼ବୃକ୍ଷ ରୂପ ଧାରଣ କରିବ । ତା'ପରେ ଶାଖାଗୁଡ଼ିକରେ ଫଳ ଫଳିବ । ଯଦି ଶାଖାଗୁଡ଼ିକୁ ମାଟିରେ ପୋତି ମୂଳ ଉପରେ ପାଣି ଢାଳିବା ତେବେ ଚାରାଟି ଶୁଖିଯିବ । (କୃପାକରି ଦେଖନ୍ତୁ ସିଧା ଓ ଓଲଟା ଲଗାଯାଇଥିବା ଭକ୍ତିରୂପୀ ବୃକ୍ଷର ଚିତ୍ର ଏହି ପୁସ୍ତକର ପୃଷ୍ଠା ୧୭୬-୧୭୭ ରେ) ।

ଭାବାର୍ଥ ହେଲା ଇଷ୍ଟ ରୂପେ ପୂର୍ଣ୍ଣ ପରମାତ୍ମାଙ୍କର (ମୂଳର) ସାଧନା (ପୂଜା) କରିବା ଦ୍ଵାରା ସାଧକକୁ ଫଳ ଏହି ତିନିଦେବ ବ୍ରହ୍ମା, ବିଷ୍ଣୁ ଓ ଶିବ (ଶାଖା) ହିଁ ପ୍ରଦାନ କରିବେ । କାରଣ ଏହି ତିନି ଭଗବାନ କେବଳ କୃତକର୍ମର ଫଳ ଦେଇପାରନ୍ତି ।

ଯଦି ଆପଣଙ୍କୁ କୌଣସି କମ୍ପାନୀରେ ଚାକିରୀ କରିବାର ଅଛି ତେବେ କମ୍ପାନୀ(ଫାକ୍ଟ୍ରୀ) ମାଲିକଙ୍କର ପୂଜା କରିବାକୁ ପଡିଥାଏ । ପ୍ରାର୍ଥନା ପତ୍ର ମାଧ୍ୟମରେ ଚାକିରି କରିବା ପାଇଁ ତାଙ୍କୁ ଅନୁରୋଧ କରିବାକୁ ପଡ଼ିଥାଏ । ଚାକିରୀ (ପୂଜା) ମାଲିକର କରାଯାଇଥାଏ । ଚାକିରୀ ସମୟରେ ଯେଉଁ କାର୍ଯ୍ୟ ସେହି ଚାକରକୁ କୁହାଯାଇଥାଏ ସେ ନିଜ ସେବାକାଳ ମଧ୍ୟରେ ତାହା ଅବଶ୍ୟ କରିଥାଏ । ଏହି ପୂଜା (ଚାକିରୀ) ମାଲିକ ଉଦ୍ଦେଶ୍ୟରେ ହେଲା । ସେହି ମାଲିକର ଅନ୍ୟ ଜଣେ ଚାକର (କର୍ମଚାରୀ/ଅଧିକାରୀ) ଚାକିରୀ (ପୂଜା)ର ପାରିଶ୍ରମିକ (ଦରମା) ଦେଇଥାନ୍ତି । ଯେପରି ସିଫ୍ଟ ଅଫିସର ଉପସ୍ଥିତି ଆଧାରରେ ଦରମାର ହିସାବ ତିଆରି କରି କ୍ୟାସିୟରଙ୍କ ପାଖକୁ ପଠାଇଥାନ୍ତି । ସେହି କର୍ମଚାରୀଙ୍କୁ (ସେବକ)କୁ କ୍ୟାସିୟରଙ୍କ ନିକଟରୁ ସେବା (ପୂଜା)ର ଫଳ ପ୍ରାପ୍ତ ହୋଇଥାଏ । ସିଫ୍ଟ ଅଫିସର ଓ କ୍ୟାସିୟର କେବଳ କରାଯାଇଥିବା କର୍ମର ଫଳ (ଦ ରମା) ଦେଇଥାନ୍ତି । ସେଥିରେ କୌଣସି ପରିବର୍ତ୍ତନ କରି ପାରନ୍ତି ନାହିଁ । ସେମାନେ ନା ଏକ ଟଙ୍କା ଅଧିକ ଦେଇ ପାରିବେ ନା ଏକ ଟଙ୍କା ଊଣା କରି ପାରିବେ । ଯଦି ସେହି ଚାକର (ସେବକ/ପୂଜକ) ସାଧୁତା ନିତି ଅପଣାଇ କାମ (ପୂଜା) କରେ ତେବେ ମାଲିକ ତା ଧନରାଶି (ଦରମା) ବୃଦ୍ଧି କରିଦିଅନ୍ତି ତଥା ପୁରସ୍କାର ରୂପେ ଅଲଗା କିଛି ଅଧିକ ଧନରାଶି ମଧ୍ୟ ଦେଇଥାନ୍ତି । ଯଦି ସେହି ସେବକ ମାଲିକର ଚାକିରୀ (ପୂଜା)କୁ ତ୍ୟାଗ କରି ଅନ୍ୟ ଅଧିକାରୀର ଚାକିରୀ (ପୂଜା) କରେ ତେବେ ତାକୁ ମାଲିକଙ୍କଠାରୁ ମିଳୁଥିବା ଧନଲାଭ


ଗୀତା ଅଧ୍ୟାୟ ନଂ.୧୫
ଶ୍ଲୋକ ନଂ. ୧ ରୁ ୪ ତଥା
୧୬-୧୭ ର ପ୍ରମାଣ
ବ୍ରହ୍ମା (ରଜଗୁଣ)
ଶିବ (ତମଗୁଣ)
କବୀର
ଅକ୍ଷର ପୁରୁଷ ଏକ ପେଡ଼ ହେଁ,
ନିରଞ୍ଜନ ବାକି ଡ଼ାର।
ତିନୌଁ ଦେବା ଶାଖା ହେଁ,
ପାତ ରୂପ ସଂସାର।।
ବିଷ୍ଣୁ (ସତଗୁଣ)
ଡାଳ
ଡାଳ=[କ୍ଷର ବ୍ରହ୍ମ ଅର୍ଥାତ୍ କ୍ଷର ପୁରୁଷ (କାଳବ୍ରହ୍ମ)]
କାଣ୍ଡ
କାଣ୍ଡ =[ଅକ୍ଷର ବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷ (ପରବ୍ରହ୍ମ)]
କବୀର ସାହେବ
(ମୂଳ ଅର୍ଥାତ୍ ଚେର)
[ପରମ ଅକ୍ଷର ବ୍ରହ୍ମ = ପୂର୍ଣ୍ଣ ବ୍ରହ୍ମ]
ଶାସ୍ତ୍ରାନୁକୂଳ
ସାଧନା
ଅର୍ଥାତ୍ ସିଧା ଭାବରେ ଲଗାଯାଇଥିବା ଭକ୍ତି ରୂପୀ ବୃକ୍ଷ


ଗୀତା ଅଧ୍ୟାୟ ନଂ.୧୫
ଶ୍ଲୋକ ନଂ. ୧ ରୁ ୪ ତଥା
୧୬-୧୭ ର ପ୍ରମାଣ
ପୂର୍ଣ୍ଣ ବ୍ରହ୍ମ କବୀର ସାହେବ
କବୀର ସାହେବ
(ମୂଳ ଅର୍ଥାତ୍ ଚେର)
[ପରମ ଅକ୍ଷର ବ୍ରହ୍ମ = ପୂର୍ଣ୍ଣ ବ୍ରହ୍ମ]
କବୀର
ଅକ୍ଷର ପୁରୁଷ ଏକ ପେଡ଼ ହୈ,
ନିରଞ୍ଜନ ବାକି ଡ଼ାର।
ତିନୋଁ ଦେବା ଶାଖା ହୈଁ,
ପାତ ରୂପ ସଂସାର।।
କାଣ୍ଡ
କାଣ୍ଡ =[ଅକ୍ଷର ବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷ (ପରବ୍ରହ୍ମ)]
ଡାଳ=[କ୍ଷର ବ୍ରହ୍ମ ଅର୍ଥାତ୍ କ୍ଷର ପୁରୁଷ (କାଳବ୍ରହ୍ମ)]
ଡାଳ
ଶିବ (ତମଗୁଣ)
ବ୍ରହ୍ମା (ରଜଗୁଣ)
ବିଷ୍ଣୁ (ସତଗୁଣ)
ଶାସ୍ତ୍ରବିରୁଦ୍ଧ
ସାଧନା
ଅର୍ଥାତ୍ ଓଲଟା ଭାବରେ ଲଗାଯାଇଥିବା ଭକ୍ତି ରୂପୀ ବୃକ୍ଷ

ବନ୍ଦ ହୋଇ ଯାଇଥାଏ । ଯେଉଁ କାରଣରୁ ସେହି ନିର୍ବୋଧ ବ୍ୟକ୍ତି ନିର୍ଧନ ହୋଇ ଯାଇଥାଏ । ମାଲିକ ବ୍ୟତୀତ ଅଧିକାରୀମାନେ ତାକୁ ସେହି ପରିମାଣର ପାରିଶ୍ରମିକ ଦେଇ ପାରିବେ ନାହିଁ । କାରଖାନା ମାଲିକଙ୍କ ତୁଳନାରେ ବହୁତ କମ୍ ସୁବିଧା ମିଳିବା କାରଣରୁ ସେହି ଅନ୍ୟ ଅଧିକାରୀମାନଙ୍କର ସେବକ ଅର୍ଥାତ୍ ଗୋଟିଏ ମାଲିକକୁ ତ୍ୟାଗ କରି ଅନ୍ୟର ଉପାସନା କରୁଥିବା ବ୍ୟକ୍ତି ମହାଦୁଃଖି ହୋଇଯାଏ । କୃପାକରି ତତ୍ତ୍ୱଜ୍ଞାନ ଆଧାରରେ ପବିତ୍ର ଶ୍ରୀମଦ୍ଭଗବତ୍ ଗୀତାର ଜ୍ଞାନକୁ ଏହି ପ୍ରକାରେ ବୁଝନ୍ତୁ ।

ପୂର୍ଣ୍ଣବ୍ରହ୍ମ, ସର୍ବ ବ୍ରହ୍ମାଣ୍ଡର ମାଲିକଙ୍କ ପୂଜା ତ୍ୟାଗ କରି ଅନ୍ୟ ଦେବତାଙ୍କର ପୂଜା କରିବା ଦ୍ୱାରା ସାଧକକୁ ପୂର୍ଣ୍ଣଲାଭ ପ୍ରାପ୍ତ ହୁଏ ନାହିଁ ତଥା ସାଧନା ସମୟରେ ସାଧକ ମହାକଷ୍ଟ ମଧ୍ୟ ଭୋଗିଥାଏ ।

ଏଥିପାଇଁ ପବିତ୍ର ଗୀତା ଅଧ୍ୟାୟ ର ଶ୍ଲୋକ ୧୨ ରୁ ୧୫ ଓ ୨୦ ରୁ ୨୩ ରେ କୁହାଯାଇଛି ଯେ ତିନିଗୁଣ ଅର୍ଥାତ୍ ତିନି ଦେବତା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ପୂଜା କରୁଥିବା ମନୁଷ୍ୟ ରାକ୍ଷସ ସ୍ୱଭାବକୁ ଧାରଣ କରିବା ସହିତ ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୁଷ୍କର୍ମ କରୁଥିବା ମୂର୍ଖମାନେ ମୋର (ବ୍ରହ୍ମ କ୍ଷରପୁରୁଷ ଅର୍ଥାତ୍ କାରଖାନା ମାଲିକ ଅଧିନସ୍ଥ ସିଫ୍ଟ ଅଫିସରଙ୍କ) ପୂଜା (ଚାକିରି) କରନ୍ତି ନାହିଁ । ଭାବାର୍ଥ ହେଲା ଯେ ଯେଉଁମାନେ ତିନି ଦେବତା ଓ ଅନ୍ୟ ସମସ୍ତ ଦେବା-ଦେବୀଙ୍କର ପୂଜା କରନ୍ତି (କ୍ୟାସିୟର ପାଖରେ ଖୋସାମତି କରନ୍ତି) ସେମାନଙ୍କୁ ମୂର୍ଖ ଓ ରାକ୍ଷସ ସ୍ୱଭାବଧାରୀ ମନୁଷ୍ୟ ବୋଲି କୁହାଯାଇଛି । ଯେଉଁ ବ୍ୟକ୍ତିର ଆୟ ଉପାର୍ଜନ କମ ଥାଏ ସେହି ବ୍ୟକ୍ତି କିଛି ଅଦଳ-ବଦଳ କାର୍ଯ୍ୟ ଅବଶ୍ୟ କରିଥାଏ । କେତେବେଳେ ଚୋରୀ ତ କେତେବେଳେ ଅପମିଶ୍ରଣ ଆଦି ଛଳକପଟର ରାସ୍ତା ଆପଣାଇ ଥାଏ । ଯେଉଁ କାରଣରୁ ସେହି ବ୍ୟକ୍ତି ସମାଜରେ ଘୃଣାର ପାତ୍ର ହୋଇଥାଏ ଓ ଦରିଦ୍ର ମଧ୍ୟ ହୋଇଯାଏ । ଏହି ପ୍ରକାରେ ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶିବ) ଓ ଅନ୍ୟ ଦେବତାଙ୍କ ପୂଜା କରିବା ଦ୍ୱାରା ପୂର୍ଣ୍ଣଲାଭ ହୋଇ ନଥାଏ । ଯେଉଁ କାରଣରୁ ସାଧକ ମିଥ୍ୟା କପଟ ଓ ଅନ୍ୟ ବିକାରଯୁକ୍ତ କର୍ମ କରେ । ପୁଣି ତାକୁ ପାପକର୍ମର ଦଣ୍ଡ ମଧ୍ୟ ଭୋଗିବାକୁ ପଡିଥାଏ । ଏଥିପାଇଁ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ (ସିଫ୍ଟ ଅଫିସର) କହୁଛନ୍ତି ଯେ ଏହି ମୂର୍ଖ ସାଧକ ମୋ ପୂଜା (ଚାକିରି) ମଧ୍ୟ କରନ୍ତି ନାହିଁ । ମୁଁ ଏହି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କଠାରୁ ମଧ୍ୟ ଅଧିକ ପାରିଶ୍ରମିକ (କରିଥିବା କର୍ମର ଧନ) ଦେଇ ପାରିବି ଯାହା ଉପରୋକ୍ତ ପ୍ରଭୁମାନଙ୍କ ପାରିଶ୍ରମିକଠାରୁ ଅଧିକ ଅଟେ । ପୁଣି ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୮ ରେ କହିଛନ୍ତି ଯେ ମୋ ପୂଜା (ଚାକିରୀ) ମଧ୍ୟ ପୂର୍ଣ୍ଣ ଲାଭଦାୟକ ନୁହେଁ । ଏଥିପାଇଁ ଗୀତା ଜ୍ଞାନଦାତା (ବ୍ରହ୍ମ/କ୍ଷରପୁରୁଷ) ପ୍ରଭୁ ନିଜ ପୁଜାକୁ (ଅନୁତ୍ତମାମ୍) ଅଶ୍ରେଷ୍ଠ ଅର୍ଥାତ୍ ଅତି ନିକୃଷ୍ଟ କହିଛନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ୪ ଓ ଅଧ୍ୟାୟ ୧୮ ର ଶ୍ଲୋକ ୬୨ ରେ କୁହାଯାଇଛି ଯେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ ଯାହାଙ୍କ କୃପାରୁ ତୁମେ ପରମଶାନ୍ତି ଓ ସତ୍ୟଲୋକ (ଶାଶ୍ୱତ ସ୍ଥାନ)କୁ ପ୍ରାପ୍ତ ହେବ । ସେଠାକୁ ଯିବା ପରେ ସାଧକର ପୁର୍ନଜନ୍ମ ହୁଏ ନାହିଁ ଅର୍ଥାତ୍ ଅନାଦି ମୋକ୍ଷ (ପୂର୍ଣ୍ଣ ମୋକ୍ଷ) ପ୍ରାପ୍ତି ହୁଏ ତଥା ଗୀତା ଜ୍ଞାନଦାତା ପ୍ରଭୁ (କ୍ଷରପୁରୁଷ/ବ୍ରହ୍ମ) କହୁଛନ୍ତି ଯେ ମୁଁ ମଧ୍ୟ ସେହି ଆଦିପୁରୁଷ ପରମେଶ୍ୱରଙ୍କ ଶରଣରେ ଅଛି । ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୨-୧୫, ୧୮ ଓ ୨୦-୨୩ କୁ ବୁଝିବା ପାଇଁ କୃପାକରି ଧ୍ୟାନପୂର୍ବକ ନିମ୍ନ ବିବରଣୀ ପଢନ୍ତୁ ।

### "ତିନିଗୁଣ କ'ଣ ? ପ୍ରମାଣ ସହିତ"

"ତିନିଗୁଣ ରଜଗୁଣ ବ୍ରହ୍ମାଜୀ, ସତଗୁଣ ବିଷ୍ଣୁଜୀ ଓ ତମଗୁଣ ଶିବଜୀ ଅଟନ୍ତି । ସେମାନେ ବ୍ରହ୍ମ (କାଳ) ଓ ପ୍ରକୃତି (ଦୁର୍ଗା) ଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ତଥା ଏହି ତିନି ଦେବତା ନାଶବାନ ଅଟନ୍ତି ।"

ପ୍ରମାଣ :- ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ଶ୍ରୀ ଶିବ ମହାପୁରାଣ ଯାହାର ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦାର ପୃଷ୍ଠା ନଂ ୧୧୦ ଅଧ୍ୟାୟ ୯, ରୁଦ୍ର ସଂହିତା "ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ଏହି ତିନି ଦେବତା ଗୁଣଯୁକ୍ତ ଅଟନ୍ତି । ପରନ୍ତୁ ଶିବଙ୍କୁ (ବ୍ରହ୍ମ-କାଳ) ଗୁଣାତୀତ ବୋଲି କୁହାଯାଇଛି ।"

ଦ୍ୱିତୀୟ ପ୍ରମାଣ:- ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ଶ୍ରୀମଦ୍ ଦେବୀ ଭାଗବତ ପୁରାଣ ଯାହାର ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦାର ଓ ଚିମନ୍ ଲାଲ୍ ଗୋସ୍ୱାମୀ, ତୃତୀୟ ସ୍କନ୍ଧ ଅଧ୍ୟାୟ ୫ ପୃଷ୍ଠା ୧୨୩ :- ଭଗବାନ ବିଷ୍ଣୁ, ଦୁର୍ଗାଙ୍କ ସ୍ତୁତି କଲେ, କହିଲେ, ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ତୁମ୍ଭ କୃପାରୁ

ବିଦ୍ୟମାନ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଓ ତିରୋଭାବ (ମୃତ୍ୟୁ) ହୋଇଥାଏ । ଆମେ ନିତ୍ୟ (ଅବିନାଶୀ) ନହୁଁ । ତୁମେ ହିଁ ନିତ୍ୟ, ଜଗତଜନନୀ, ପ୍ରକୃତି ଓ ସନାତନୀ ଦେବୀ ଅଟ । ଭଗବାନ ଶଙ୍କର କହିଲେ :- ଯଦି ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁ ତୁମଠାରୁ ଉତ୍ପନ୍ନ ହୋଇଛନ୍ତି ତେବେ ସେମାନଙ୍କ ପରେ ଉତ୍ପନ୍ନ ହୋଇଥିବା ମୁଁ ତମୋଗୁଣୀ ଲୀଳାକାରୀ ଶଙ୍କର କ'ଣ ତୁମର ସନ୍ତାନ ନୁହେଁ କି ଅର୍ଥାତ୍ ମୋତେ ଉତ୍ପନ୍ନ କରିଥିବା ମାତା ତୁମେ ଅଟ । ଏହି ସଂସାରର ସୃଷ୍ଟି-ସ୍ଥିତି-ସଂହାରରେ ତୁମ ଗୁଣ ସଦାସର୍ବଦା ବିଦ୍ୟମାନ । ଏହି ତିନିଗୁଣରୁ ଉତ୍ପନ୍ନ ଆମ୍ଭେ, ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ ସର୍ବଦା କାର୍ଯ୍ୟରେ ତତ୍ପର ରହିଥାଉ ।

ଉପରୋକ୍ତ ବିବରଣୀ କେବଳ ହିନ୍ଦୀ ଅନୁବାଦିତ ଶ୍ରୀ ଦେବୀ ମହାପୁରାଣରୁ ଉଦ୍ଧୃତ । ଯେଉଁଥିରେ କିଛି ତଥ୍ୟ ଲୁଚାଯାଇଛି । ଏଥିପାଇଁ ଦେଖନ୍ତୁ ପ୍ରମାଣ ଶ୍ରୀମଦ ଦେବୀ ଭାଗବତ ମହାପୁରାଣ ସଭାଷଟିକମ୍ ସମହାତ୍ୟମ୍, ଖେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶନ, ମୁମ୍ବାଇ । ଏଥିରେ ସଂସ୍କୃତ ସହିତ ହିନ୍ଦୀରେ ମଧ୍ୟ ଅନୁବାଦ କରାଯାଇଛି । ତୃତୀୟ ସ୍କନ୍ଧ ଅଧ୍ୟାୟ ୪ ପୃଷ୍ଠା ୧୦ ଶ୍ଳୋକ ୪୨ :-

ବ୍ରହ୍ମା - ଅହମ୍ ମହେଶ୍ୱରଃ ଫିଲ ତେ ପ୍ରଭାବାତ୍ସର୍ବେ ବୟଂ ଜନି ଯୁତା ନ ଯଦା ତୂ ନିତ୍ୟାଃ, କେ ଅନ୍ୟେ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା (୪୨) ॥

ଅନୁବାଦ :- (ବିଷ୍ଣୁ କହିଲେ) ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ହିଁ ଜନ୍ମବାନ ଅଟୁ, ଆମ୍ଭେ ନିତ୍ୟ ଅର୍ଥାତ୍ ଅବିନାଶୀ ନୋହୁଁ ତେବେ ଇନ୍ଦ୍ରାଦି ଅନ୍ୟ ଦେବତା ନିତ୍ୟ ହୋଇପାରିବେ କିପରି । ତୁମେ ହିଁ ଅବିନାଶୀ, ଆମ୍ଭ ସମସ୍ତଙ୍କର ଜନନୀ ଅର୍ଥାତ୍ ଉତ୍ପନ୍ନ କରିଥିବା ମାତା, ପ୍ରକୃତି ଓ ସନାତନୀ ଦେବୀ ଅଟ । (୪୨) ।

ପୃଷ୍ଠା ୧୧-୧୨, ଅଧ୍ୟାୟ ୫ ର ଶ୍ଳୋକ ୮ :- ଯଦି ଦୟାର୍ଦ୍ରମନା ନ ସାଦାଂଽବିକେ କଥମହଂ ବିହିତଃ ଚ ତମୋଗୁଣଃ କମଳଜଶ୍ଚ ରଜୋଗୁଣସଂଭବଃ ସୁବିହିତଃ କିମୁ ସତ୍ୱଗୁଣୌଁ ହରିଃ । (୮)

ଅନୁବାଦ - ଭଗବାନ ଶଙ୍କର କହିଲେ :- ହେ ମାତ ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ତେବେ ମୋତେ କାହିଁକି ତମୋଗୁଣୀ କଲେ, ପଦ୍ମରୁ ଉତ୍ପନ୍ନ ବ୍ରହ୍ମାଙ୍କୁ କାହିଁକି ରଜଗୁଣୀ ଓ ବିଷ୍ଣୁଙ୍କୁ ସତଗୁଣୀ କଲେ ? ଅର୍ଥାତ୍ ଜୀବମାନଙ୍କର ଜନ୍ମ-ମୃତ୍ୟୁ ରୂପୀ ଦୁଷ୍କର୍ମ କରିବାକୁ ଆମ୍ଭକୁ କାହିଁକି ପ୍ରବର୍ତ୍ତାଇଲେ ?

ଶ୍ଳୋକ ୧୨ :- ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍ମ ଶିବେ । (୧୨)

ଅନୁବାଦ:- ନିଜ ପତି ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ସର୍ବଦା ଭୋଗବିଳାସ କରୁଥାଅ । ଆପଣଙ୍କ ଗତି କେହି ଜାଣନ୍ତି ନାହିଁ ।

ତୃତୀୟ ସ୍କନ୍ଧ ପୃଷ୍ଠା ୧୪, ଅଧ୍ୟାୟ ୫ ର ଶ୍ଳୋକ ୪୩ :- ଏକ ମେବା ଦ୍ୱିତୀୟଂ ଯତ୍ ବ୍ରହ୍ମ ବେଦା ବଦଂତି ବୈ । ସା କିଂ ତ୍ୱମ୍ ବାଽପ୍ୟସୌ ବା କିଂ ସଂଦେହଂ ବିନିବର୍ତ୍ତୟ (୪୩) ॥

ଅନୁବାଦ:- ଯାହାକୁ ବେଦରେ ଅଦ୍ୱିତୀୟ କେବଳ ଏକ ପୂର୍ଣ୍ଣବ୍ରହ୍ମ ବୋଲି କୁହାଯାଇଛି ସେ ଆପଣ କି କିମ୍ବା ଅନ୍ୟ କେହି ଅଟନ୍ତି ? ମୋର ଏହି ଶଙ୍କାର ନିବାରଣ କରନ୍ତୁ । ବ୍ରହ୍ମାଙ୍କ ପ୍ରାର୍ଥନା ଶୁଣି ଦେବୀ କହିଲେ -

ଦେବ୍ୟୁବାଚ ସଦୈକତ୍ୱଂ ନ ଭେଦୋଽସ୍ତି ସର୍ବଦୈବ ମମାସ୍ୟ ଚ ॥ ଯୋଽସୌ ସାଽହମହଂ ଯୋଽସୌ ଭେଦୋଽସ୍ତି ମତିବିଭ୍ରମାତ୍ ॥୨॥ ଆବୟୋରଂତରଂ ସୂକ୍ଷ୍ମଂ ଯୋ ବେଦ ମତିମାହ୍ନି ସଃ ॥ ବିମୁକ୍ତଃ ସ ତୂ ସଂସାରାନ୍ମୁଚ୍ୟତେ ନାତ୍ର ସଂଶୟଃ ॥ ୩ ॥

ଅନୁବାଦ :- ଦେବୀ କହିଲେ, ସେହି ଅଦ୍ୱିତୀୟ ମୁଁ ହିଁ ଅଟେ ଏବଂ ଯିଏ ମୁଁ ସେ ସେହି ଅଦ୍ୱିତୀୟ ଅଟନ୍ତି । ମତିଭ୍ରମ କାରଣରୁ ଭେଦ ପ୍ରକାଶିତ ହେଉଛି ॥୨॥ ଆମ୍ଭ ଦୁଇଜଣଙ୍କର ଯେଉଁ ସୂକ୍ଷ୍ମ ଅନ୍ତର ଅଛି ଏହାକୁ ଯିଏ ଜାଣିଛି ସେ ମତିମାନ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟେ, ସେ ସଂସାରରୁ ପୃଥକ ହୋଇ ମୁକ୍ତ ରହିଥାଏ, ଏଥିରେ ସଂଦେହ ନାହିଁ ॥୩॥

ସୁମରଣାଦ୍ଦର୍ଶନଂ ତୁଭ୍ୟଂ ଦାସ୍ୟେଽହଂ ବିଷମେ ସ୍ଥିତେ ॥ ସ୍ୱର୍ତବ୍ୟାଽହଂ ସଦା ଦେବାଃ ପରମାତ୍ମା ସନାତନଃ ॥୮୦॥ ଉଭୟୋଃ ସୁମରଣାଦେବ କାର୍ଯ୍ୟସିଦ୍ଧିର ସଂଶୟମ୍ ॥ ବ୍ରହ୍ମୋବାଚ ॥ ଇତ୍ୟୁକ୍ତ୍ୱା ବିସସର୍ଜାସ୍ମାନ୍ଦ ତ୍ତ୍ୱା ଶକ୍ତୀଃ ସୁସଂସ୍କୃତାନ୍ ॥୮୧॥ ବିଷ୍ଣବେଽଥ ମହାଲକ୍ଷ୍ମୀ ମହାକାଳୀଂ ଶିବାୟ ଚ ॥ ମହାସରସ୍ୱତୀଂ ମହ୍ୟଂ

ସ୍ମାନାଉସ୍ମାଦ୍ୱିସର୍ଜିତାଃ ॥୮୨॥

ଅନୁବାଦ :- ସଂକଟ ଉପସ୍ଥିତ ହେବା ସମୟରେ ସ୍ମରଣ ଦ୍ୱାରା ମୁଁ ତୁମ୍ଭମାନଙ୍କୁ ଦର୍ଶନ ଦେବି, ଦେବଗଣ ! ପରମାତ୍ମା ସନାତନ ଦେବଙ୍କ ଶକ୍ତି ରୂପରେ ସଦାସର୍ବଦା ମୋର ସ୍ମରଣ କରିବ ॥୮୦॥ ଦୁହିଁଙ୍କ ସ୍ମରଣରେ କାର୍ଯ୍ୟସିଦ୍ଧି ଅବଶ୍ୟ ହେବ, ବ୍ରହ୍ମା କହିଲେ, ଏହି ପ୍ରକାରେ ସଂସ୍କାର ରୂପୀ ଶକ୍ତି ପ୍ରଦାନ କରି ଆମ୍ଭମାନଙ୍କୁ ବିଦାୟ କଲେ ॥୮୧॥ ବିଷ୍ଣୁଙ୍କ ପାଇଁ ମହାଲକ୍ଷ୍ମୀ, ଶିବଙ୍କ ପାଇଁ ମହାକାଳୀ ଓ ମୋତେ ମହାସରସ୍ୱତୀ ପ୍ରଦାନ କରି ବିଦାୟ ଦେଲେ ॥୮୨॥

ମମ ଚୈବ ଶରୀରଂ ବୈ ସୂତ୍ରମିତ୍ୟାଭିଧୀୟତେ ॥ ସ୍ଥୂଳଂ ଶରୀରଂ ବକ୍ଷ୍ୟାମି ବ୍ରହ୍ମଣଃ ପରମାତ୍ମନଃ ॥୮୩॥

ଅନୁବାଦ:-ମୋ ଶରୀରକୁ ସୂତ୍ରରୂପ କୁହାଯାଏ, ପରମାତ୍ମା ବ୍ରହ୍ମଙ୍କ ଶରୀରକୁ ସ୍ଥୁଳ ଶରୀର କୁହାଯାଇଛି ॥୮୩॥

## "ଉପରୋକ୍ତ ପୁରାଣ ବାକ୍ୟଗୁଡିକର ସାରାଂଶ"

ଏହା ସ୍ପଷ୍ଟ ହେଲା ଯେ ଶ୍ରୀ ବ୍ରହ୍ମା ରଜଗୁଣ, ଶ୍ରୀ ବିଷ୍ଣୁ ସତଗୁଣ ଓ ଶ୍ରୀ ଶିବ ତମଗୁଣ ଅଟନ୍ତି । ଏହି ତିନିପ୍ରଭୁ ନାଶବାନ ଅଟନ୍ତି ଅର୍ଥାତ୍ ଏମାନଙ୍କର ଜନ୍ମ-ମୃତ୍ୟୁ ହୋଇଥାଏ । ଦୁର୍ଗାକୁ ପ୍ରକୃତି ମଧ୍ୟ କୁହାଯାଏ । ଦୁର୍ଗାଙ୍କ ପତି ବ୍ରହ୍ମ (କ୍ଷରପୁରୁଷ/କାଳ) ଅଟନ୍ତି । ସେ ତାଙ୍କ ସହିତ ପତି-ପତ୍ନୀ ବ୍ୟବହାର (ରମଣ/ବିଳାସ) କରନ୍ତି । ଦୁର୍ଗା ଓ ବ୍ରହ୍ମ ଦୁହେଁ ସ୍ଥୁଳ ଶରୀର ଧାରଣ କରି ଆକାରରେ ଅଛନ୍ତି ।

ଏହି ପ୍ରମାଣ ଗୀତା ଅଧ୍ୟାୟ ୧୪ ର ଶ୍ଳୋକ ୩ ରୁ ୫ ମଧ୍ୟରେ ଅଛି । ଗୀତା ଜ୍ଞାନଦାତା ବ୍ରହ୍ମ (କାଳ/କ୍ଷରପୁରୁଷ) କହୁଛନ୍ତି ଯେ ପ୍ରକୃତି (ଦୁର୍ଗା) ମୋ ପତ୍ନୀ ଅଟନ୍ତି । ମୁଁ ତାଙ୍କ ଯୋନି (ଗର୍ଭଧାନ ସ୍ଥାନ) ରେ ବୀଜ ସ୍ଥାପନ କରେ, ଯାହାଦ୍ୱାରା ପ୍ରାଣୀମାନଙ୍କର ଉତ୍ପତ୍ତି ହୋଇଥାଏ । ମୁଁ ସମସ୍ତଙ୍କ (ଏକୋଇଶି ବ୍ରହ୍ମାଣ୍ଡରେ ଥିବା ପ୍ରାଣୀମାନଙ୍କର) ର ପିତା ଅଟେ ଏବଂ ପ୍ରକୃତି (ଦୁର୍ଗା/ଅଷ୍ଟାଙ୍ଗୀ) ସମସ୍ତଙ୍କର ମାତା ଅଟନ୍ତି । ଏହି ଦୁର୍ଗା (ପ୍ରକୃତି/ଅଷ୍ଟାଙ୍ଗୀ) ଙ୍କ ଠାରୁ ଉତ୍ପନ୍ନ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ଅନ୍ୟ ପ୍ରାଣୀମାନଙ୍କୁ କର୍ମ ବନ୍ଧନରେ ବାନ୍ଧି ରଖିଥାନ୍ତି ।

## ॥ ତ୍ରିଗୁଣୀ ମାୟା(ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ) ଜୀବଙ୍କୁ ମୁକ୍ତି ହେବାକୁ ଦିଅନ୍ତି ନାହିଁ ॥

ପବିତ୍ର ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧ ଓ ୨ ରେ ବ୍ରହ୍ମ କହିଛନ୍ତି ଯେ ଅର୍ଜୁନ ! ଏବେ ତୁମକୁ ସେହି ଜ୍ଞାନ ଶୁଣାଇବି ଯାହା ଜାଣିବା ପରେ ଆଉ କିଛି ଜାଣିବାକୁ ତୁମର ବାକି ରହିବ ନାହିଁ ।

ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୨ : ଗୀତା ଜ୍ଞାନଦାତା ବ୍ରହ୍ମ (କ୍ଷରପୁରୁଷ/କାଳ) କହୁଛନ୍ତି ଯେ ତିନିଗୁଣ ପ୍ରଭାବରେ ଯାହା କିଛି ହେଉଛି, ସେ ସବୁ ମୋ ଦ୍ୱାରା ହେଉଛି ବୋଲି ଜାଣ । ଯେପରି ରଜଗୁଣ (ବ୍ରହ୍ମା) ଦ୍ୱାରା ଉତ୍ପତ୍ତି, ସତଗୁଣ (ବିଷ୍ଣୁ) ଦ୍ୱାରା ପାଳନ ପୋଷଣ ସ୍ଥିତି ଓ ତମଗୁଣ (ଶିବ) ଦ୍ୱାରା ପ୍ରଳୟ (ସଂହାର) ର କାରଣ କାଳ ଭଗବାନ ହିଁ ଅଟନ୍ତି । ପୁଣି କହୁଛନ୍ତି ଯେ ମୁଁ ଏମାନଙ୍କ ମଧ୍ୟରେ ନାହିଁ । କାରଣ କାଳ ବହୁତ ଦୂରରେ (ଏକୋଇଶିତମ ବ୍ରହ୍ମାଣ୍ଡସ୍ଥିତ ନିଜ ଲୋକରେ ରୁହନ୍ତି) ଅଛନ୍ତି ପରନ୍ତୁ ମନ ରୂପରେ ମଉଜ କାଳ ହିଁ କରିଥାଏ ଓ ରିମୋଟ୍ ସାହାଯ୍ୟରେ ସମସ୍ତ ପ୍ରାଣୀ, ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ଯନ୍ତ୍ରଭଳି ଚଲାଇଥାନ୍ତି । ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ଏହି ଏକୋଇଶି ବ୍ରହ୍ମାଣ୍ଡର ପ୍ରାଣୀମାନଙ୍କର ଶାସ୍ତ୍ର ଅନୁକୂଳ ସାଧନାର ପ୍ରାରମ୍ଭ ମୋ ଠାରୁ ହୋଇଥାଏ ଯାହା ବେଦରେ ବର୍ଣ୍ଣିତ ଅଛି । ମୋ ଅନ୍ତର୍ଗତ ଯେତେ ପ୍ରାଣୀ ଅଛନ୍ତି ସେମାନଙ୍କ ବୁଦ୍ଧି ମୋ ହାତରେ ଅଛି । ମୁଁ କେବଳ ଏକୋଇଶ ବ୍ରହ୍ମାଣ୍ଡର ମାଲିକ ଅଟେ । ଏଥିପାଇଁ (ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୨ ରୁ ୧୫) ତିନିଗୁଣ ଦ୍ୱାରା (ରଜଗୁଣ ବ୍ରହ୍ମାଙ୍କ ଦ୍ୱାରା ଜୀବମାନଙ୍କର ଉତ୍ପତ୍ତି, ସତଗୁଣ ବିଷ୍ଣୁଙ୍କ ଦ୍ୱାରା ସ୍ଥିତି ଓ ତମଗୁଣ ଶିବଙ୍କ ଦ୍ୱାରା) ସଂହାର ହେଉଛି ତଥା ସେ ସବୁର ମୁଖ୍ୟ କାରଣ ମୁଁ (ବ୍ରହ୍ମ/କାଳ) ଅଟେ । (କାରଣ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ମାରି ସେମାନଙ୍କ ଶରୀରର ମଇଳାକୁ ଖାଇବା ପାଇଁ କାଳକୁ ଅଭିଶାପ ମିଳିଛି) ଯେଉଁ ସାଧକ ମୋ(ବ୍ରହ୍ମ) ସାଧନା ନ କରି ତ୍ରିଗୁଣମୟୀ ମାୟା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କ ସାଧନା କରି କ୍ଷଣିକ ଲାଭ ପ୍ରାପ୍ତ କରନ୍ତି ସେମାନେ ଅଧିକ କଷ୍ଟ ଭୋଗିଥାନ୍ତି, ତତ୍‌ସହିତ ଏହି ସଙ୍କେତ ମଧ୍ୟ କରିଛନ୍ତି ଯେ ସେମାନଙ୍କଠାରୁ ଅଧିକ ଲାଭ ମୁଁ (ବ୍ରହ୍ମ/କାଳ) ଦେଇପାରିବି । ପରନ୍ତୁ ଏହି ମୂର୍ଖ ସାଧକମାନେ ତତ୍ତ୍ୱଜ୍ଞାନ ଅଭାବରୁ ତିନିଗୁଣ (ରଜଗୁଣ

ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ)ଙ୍କର ସାଧନା କରିଥାନ୍ତି । ଏମାନଙ୍କ ବୁଦ୍ଧି ଏହି ତିନିପ୍ରଭୁଙ୍କ ପର୍ଯ୍ୟନ୍ତ ସୀମିତ । ଏଥିପାଇଁ ଏମାନେ ରାକ୍ଷସ ସ୍ୱଭାବକୁ ଧାରଣ କରିବା ସହିତ ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଶାସ୍ତ୍ରବିରୁଦ୍ଧ ସାଧନା ରୂପୀ ଦୁଷ୍କର୍ମ କରୁଥିବା ମୂର୍ଖ, ମୋତେ (ବ୍ରହ୍ମକୁ) ମଧ ଭଜନ୍ତି ନାହିଁ । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୪ ରୁ ୨୦ ଓ ୨୩,୨୪ ପର୍ଯ୍ୟନ୍ତ, ଅଧ୍ୟାୟ ୧୭ ର ଶ୍ଳୋକ ୨ ରୁ ୧୪ ଓ ୧୯ ଓ ୨୦ ରେ ମଧ୍ୟ ବର୍ଣ୍ଣିତ ଅଛି ।

ବିଚାର କରନ୍ତୁ :- ଭଗବାନ ଶିବଙ୍କୁ ମୃତ୍ୟୁଞ୍ଜୟ, ଅଜର-ଅମର, ସର୍ବେଶ୍ୱର ମାନି ରାବଣ ଭକ୍ତି କଲା । ଦଶଥର ନିଜ ମୁଣ୍ଡ କାଟି ସମର୍ପଣ କଲା । ଯାହା ବଦଳରେ ଯୁଦ୍ଧ ସମୟରେ ରାବଣକୁ ଦଶଟି ମୁଣ୍ଡ ପ୍ରାପ୍ତ ହେଲା । ପରନ୍ତୁ ମୁକ୍ତି ହୋଇପାରିଲା ନାହିଁ, ରାକ୍ଷସ ରୂପେ ପରିଗଣିତ ହେଲା । ଏହି ଦୋଷ ରାବଣର ନୁହେଁ, ରାବଣର ଯିଏ ଗୁରୁ ଥିଲା ଏହି ଦୋଷ ତା'ର ଅଟେ । ସେହି ଅଜ୍ଞାନୀ (ନିମ୍-ହକିମ୍) ଗୁରୁ ବେଦକୁ ଠିକ୍‌ରେ ବୁଝି ନ ପାରି ନିଜ ଅନୁମାନରେ ତମଗୁଣୀ ଭଗବାନ ଶିବଙ୍କୁ ପୂର୍ଣ୍ଣ ପରମାତ୍ମା କହିଲା ଏବଂ ଅଜ୍ଞାନୀ ଆତ୍ମା ରାବଣ ମିଥ୍ୟାବାଦୀ ଗୁରୁ ଉପରେ ବିଶ୍ୱାସ କରି ନିଜ ଜୀବନ ସହିତ ନିଜ କୂଳର ବିନାଶ କଲା ।

୧. ଭସ୍ମାଗିରୀ ନାମକ ଏକ ସାଧକ ଥିଲା ଯିଏ ଶିବ(ତମଗୁଣ) ଙ୍କୁ ଇଷ୍ଟ ରୀପେ ସ୍ୱୀକାର କରି ଶୀର୍ଷାସନ (ଗୋଡ଼) ଉପରକୁ ମୁଣ୍ଡ ତଳକୁ) କରି ୧୨ ବର୍ଷ ପର୍ଯ୍ୟନ୍ତ ସାଧନା କଲା । ଭଗବାନ ଶିବଙ୍କୁ ବଚନବଦ୍ଧ କରାଇ ତାଙ୍କ ହାତରେ ଥିବା ଭସ୍ମକଣ୍ଡା ହାସଲ କଲା ଓ ଭଗବାନ ଶିବଙ୍କୁ ମାରିବା ପାଇଁ ଗୋଡ଼ାଇଲା । ଉଦ୍ଦେଶ୍ୟ ଏହା ଥିଲା ଯେ ଭସ୍ମକଣ୍ଡା ପ୍ରାପ୍ତ କରି ଭଗବାନ ଶିବଙ୍କୁ ମାରି ପାର୍ବତୀଙ୍କୁ ପତ୍ନୀ କରିବ । ଭଗବାନ ଶିବ ଭୟରେ ଦଉଡ଼ିବାକୁ ଲାଗିଲେ । ତା'ପରେ ଶ୍ରୀ ବିଷ୍ଣୁ ସେହି ଭସ୍ମାସୁରକୁ ଗଣ୍ଡହଥ ନୃତ୍ୟ ନଚାଇ ସେହି ଭସ୍ମକଣ୍ଡା ସାହାଯ୍ୟରେ ଭସ୍ମ କରିଦେଲେ । ଶିବଙ୍କର ସେହି ସାଧକକୁ ରାକ୍ଷସ କୁହାଗଲା । ହିରଣ୍ୟକଶ୍ୟପ ଭଗବାନ ବ୍ରହ୍ମା (ରଜଗୁଣ)ଙ୍କର ସାଧନା କରି ରାକ୍ଷସ ରୂପେ ପରିଗଣିତ ହେଲା ।

୨. ଏକଦା (ସନ ୨୦୦୬) ଆଜକୁ ପ୍ରାୟ ୩୩୫ ବର୍ଷ ପୂର୍ବେ ହରିଦ୍ୱାରରେ (ଶାସ୍ତ୍ରବିଧି ବିରୁଦ୍ଧ ସାଧନା କରୁଥିବା ସାଧକମାନଙ୍କର) କୁମ୍ଭମେଳା ଆୟୋଜନ ହେଲା । ହର୍‌କୀ ପୈଡିଠାରେ ସମସ୍ତ (ତ୍ରିଗୁଣ ଉପାସକ) ମହାତ୍ମା ସ୍ନାନାର୍ଥେ ପହଞ୍ଚିଲେ । ସେଠାରେ ଗିରୀ, ପୁରୀ, ନାଥ, ନାଗା ଆଦି ତମଗୁଣି ଶିବଙ୍କ ଉପାସକ ତଥା ବୈଷ୍ଣୋ ଭଗବାନ ଶ୍ରୀ ବିଷ୍ଣୁଙ୍କ ସତଗୁଣୀ ଉପାସକ ସମସ୍ତେ ଥିଲେ । ପ୍ରଥମେ ସ୍ନାନ କରିବା ପାଇଁ ନାଗା ଓ ବୈଷ୍ଣୋ ସାଧୁମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହେଲା । ପ୍ରାୟ ୨୫ ହଜାର ତ୍ରିଗୁଣ ଉପାସକ ମୃତ୍ୟୁକୁ ପ୍ରାପ୍ତ ହେଲେ ।  ଆପଣମାନେ ସ୍ୱୟଂ ବିଚାର କରନ୍ତୁ ଯେଉଁ ବ୍ୟକ୍ତି ଛୋଟ ଛୋଟ କଥାରେ କ୍ରୋଧିତ ହୋଇ ନରସଂହାର କରେ ସେ ସାଧୁ ନା ରାକ୍ଷସ । ସାଧାରଣ ବ୍ୟକ୍ତିଟିଏ କେଉଁ ଏକ ସ୍ଥାନରେ ସ୍ନାନ କରୁଥିବା ସମୟରେ ଅନ୍ୟ କେହି ବ୍ୟକ୍ତି ଯଦି ଆସି କହିବେ ଯେ ସ୍ନାନ କରିବା ପାଇଁ ମୋତେ ଟିକେ ସ୍ଥାନ ଦିଅନ୍ତୁ ତେବେ ଶିଷ୍ଟାଚାର ଦୃଷ୍ଟିରୁ କୁହାଯାଇଥାଏ ଯେ ଆସନ୍ତୁ ଆପଣ ମଧ ସ୍ନାନ କରନ୍ତୁ । ଏଥିପାଇଁ ପବିତ୍ର ଗୀତା ଅଧ୍ୟାୟ ୩ ର ଶ୍ଳୋକ ୧୨ ରୁ ୧୫ ରେ କୁହାଯାଇଛି ଯେ ମୋ ତ୍ରୀଗୁଣୀମୟୀ ମାୟା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ର ପୂଜା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି ସେମାନେ ଅହଙ୍କାରୀ ଓ ରାକ୍ଷସ ସ୍ୱଭାବକୁ ଧାରଣ କରିବା ସହିତ ମନୁଷ୍ୟଙ୍କ ମଧ୍ୟରେ ନୀଚ ଅର୍ଥାତ୍ ସାଧାରଣ ବ୍ୟକ୍ତିଠାରୁ ମଧ ପତିତ ସ୍ୱଭାବଯୁକ୍ତ ଦୁଷ୍କର୍ମ କରୁଥିବା ମୁର୍ଖମାନେ ମୋର ମଧ ଭକ୍ତି କରନ୍ତି ନାହିଁ । ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୬ ରୁ ୧୮ ପର୍ଯ୍ୟନ୍ତ ପବିତ୍ର ଗୀତା ଜ୍ଞାନଦାତା (ବ୍ରହ୍ମ) ପ୍ରଭୁ କହୁଛନ୍ତି ଯେ ମୋ ଭକ୍ତି (ବ୍ରହ୍ମ ସାଧନା) ମଧ ଚାରି ପ୍ରକାରର ସାଧକ କରନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଅର୍ଥାର୍ଥୀ (ଧନଲାଭ ଚାହୁଁଥିବା ବ୍ୟକ୍ତି) ଯେଉଁମାନେ ବେଦମନ୍ତ୍ର ଦ୍ୱାରା ଯନ୍ତ୍ର-ମନ୍ତ୍ର ଓ ହୋମଯଜ୍ଞ ଆଦି କରନ୍ତି । ଦ୍ୱିତୀୟରେ ଆର୍ତ୍ତ (ସଙ୍କଟ ନିବାରଣ ପାଇଁ ବେଦମନ୍ତ୍ର ଦ୍ୱାର ଯନ୍ତ୍ର-ମନ୍ତ୍ର ହୋମ କରନ୍ତି) । ତୃତୀୟରେ ଜିଜ୍ଞାସୁ ଯେଉଁମାନେ ପରମାତ୍ମାଙ୍କ ଜ୍ଞାନକୁ ଜାଣିବାର ଇଚ୍ଛା ରଖି କେବଳ ଜ୍ଞାନ ଗ୍ରହଣ କରି ବକ୍ତା ହୋଇଯାନ୍ତି ଓ ଜ୍ଞାନ ଶ୍ରେଷ୍ଠତା ଆଧାରରେ ଅନ୍ୟ ସମସ୍ତଙ୍କ ମଧ୍ୟରେ ଉତ୍ତମ ହୋଇ ଜ୍ଞାନବାନ ଆଖ୍ୟା ଅର୍ଜନ କରି ଅଭିମାନବଶତଃ ଭକ୍ତିହୀନ ହୋଇ ଯାଇଥାନ୍ତି । ଚତୁର୍ଥରେ ଜ୍ଞାନୀ, ଯେଉଁମାନଙ୍କୁ ଏହି ଜ୍ଞାନ ହୋଇଯାଏ ଯେ ମାନବ ଶରୀର ବାରମ୍ବାର ମିଳେ ନାହିଁ ଏବଂ ଏହି ଜନ୍ମରେ ଯଦି ପ୍ରଭୁ ସାଧନା ହୋଇ ନ ପାରିବ ତେବେ ଜୀବନ ବ୍ୟର୍ଥ ହୋଇଯିବା ଭୟ ସେମାନଙ୍କର ଥାଏ । ପୁଣି

ବେଦ ପଢି ସେଥିରୁ ଜ୍ଞାନ ହେଲା ଯେ (ବ୍ରହ୍ମା, ବିଷ୍ଣୁ, ଶିବ) ତିନିଗୁଣର ଅଧିକାରି ଅଟନ୍ତି । ତାଙ୍କ ଉପରେ ବ୍ରହ୍ମ (କ୍ଷରପୁରୁଷ) ଓ ପରବ୍ରହ୍ମ (ଅକ୍ଷର ପୁରୁଷ)ଙ୍କ ଉପରେ ପୂର୍ଣ୍ଣବ୍ରହ୍ମ ଅଛନ୍ତି । କେବଳ ତାଙ୍କ ଭକ୍ତି କରିବା ଉଚିତ୍ ଅନ୍ୟ ଦେବତାଙ୍କର ନୁହେଁ, ସେହି ଜ୍ଞାନୀ, ଉଦାର ଆତ୍ମାମାନଙ୍କୁ ମୁଁ ଭଲ ଲାଗିଥାଏ ତଥା ମୋତେ ସେମାନେ ଏଥିପାଇଁ ଭଲ ଲାଗନ୍ତି ଯେ ସେମାନେ ତିନିଗୁଣର (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ଊର୍ଦ୍ଧ୍ୱକୁ ଯାଇ ମୋ ବ୍ରହ୍ମ ସାଧନା କରଥାନ୍ତି ଯାହା ଅନ୍ୟ ଦେବତାଙ୍କ ସାଧନା ଅପେକ୍ଷା ଉତ୍ତମ ଅଟେ । ପରନ୍ତୁ ବେଦର 'ଓଁ' ନାମ ଯାହା କେବଳ ବ୍ରହ୍ମଙ୍କର ସାଧନା ମନ୍ତ୍ର ଅଟେ । ବେଦଜ୍ଞ ବିଦ୍ୱାନମାନେ ସ୍ୱୟଂ ବିଚାରବିମର୍ଷ କରି ଓମ୍ ମନ୍ତ୍ରକୁ ପୂର୍ଣ୍ଣବ୍ରହ୍ମଙ୍କ ମନ୍ତ୍ର ଭାବି ବର୍ଷ ବର୍ଷ ଧରି ସାଧନା କରିଥାନ୍ତି, ପରନ୍ତୁ ଏହାଦ୍ୱାରା ପ୍ରଭୁ ପ୍ରାପ୍ତି ନ ହୋଇ ଅନ୍ୟ ସିଦ୍ଧି ପ୍ରାପ୍ତ ହୋଇଥାଏ । କାରଣ ପବିତ୍ର ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ଓ ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦ରେ ବର୍ଣ୍ଣିତ ବିବରଣୀ ଅନୁସାରେ ତତ୍ତ୍ୱଦର୍ଶୀ ସନ୍ଥ ପ୍ରାପ୍ତି ହେଲେ ନାହିଁ ଯିଏ ତିନିମନ୍ତ୍ର ମାଧ୍ୟମରେ ପୂର୍ଣ୍ଣବ୍ରହ୍ମଙ୍କ ସାଧନା ବତାଇଥାନ୍ତି । ଏଥିପାଇଁ ଜ୍ଞାନୀ ବ୍ୟକ୍ତି ମଧ ବ୍ରହ୍ମ (କାଳ) ସାଧନା କରି ଜନ୍ମ-ମୃତ୍ୟୁ ଚକ୍ରରେ ରହିଗଲେ ।

ଜଣେ ଜ୍ଞାନୀ ଉଦାରଆତ୍ମା ମହର୍ଷି ଚୂଣକଦେବ ବେଦ ଅଧ୍ୟୟନ କରି ଓଁ ମନ୍ତ୍ରକୁ ସେହି ଏକ ପୂର୍ଣ୍ଣପ୍ରଭୁଙ୍କ ଭକ୍ତିର ମନ୍ତ୍ର ଭାବି ଅରେକ ବର୍ଷ ପର୍ଯ୍ୟନ୍ତ ଏହି ମନ୍ତ୍ର ସାଧନା କଲେ । ଜଣେ ମାନ୍ଧାତା ଚକ୍ରବର୍ତ୍ତୀ ରାଜା ଥିଲେ । (ଚକ୍ରବର୍ତ୍ତୀ ସେହି ରାଜାଙ୍କୁ କୁହାଯାଏ ଯାହାଙ୍କର ଶାସନ ସଂମ୍ପୂର୍ଣ୍ଣ ପୃଥିବୀରେ ଥିବ) ସେ ନିଜ ଅନ୍ତର୍ଗତ ରାଜାମାନଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଲେ । ଘୋଡାବେକରେ ଏକ ଲିଖିତ ପତ୍ର ବାନ୍ଧି ସାରା ରାଜ୍ୟରେ ବୁଲାଇଲେ । ସର୍ତ୍ତ ଥିଲା ଯେ ରାଜା ମାନ୍ଧାତାଙ୍କ ଅଧୀନତାକୁ ଯିଏ ସ୍ୱୀକାର ନ କରିବ ତାକୁ ଯୁଦ୍ଧ କରିବାକୁ ପଡ଼ିବ ତଥା ସେ ଏହି ଘୋଡାକୁ ଧରି ଖମ୍ୱରେ ବାନ୍ଧିବେ । ଘୋଡ଼ାକୁ କେହି ବାନ୍ଧିବାକୁ ସାହାସ କଲେ ନାହିଁ । ମହର୍ଷି ଚୂଣକ ଜାଣିପାରିଲେ ଯେ ରାଜା ବହୁତ ଅଭିମାନୀ ହୋଇଯାଇଛି । ସେ କହିଲେ ଯେ ରାଜାଙ୍କ ସହିତ ଯୁଦ୍ଧ କରିବା ପାଇଁ ମୁଁ ପ୍ରସ୍ତୁତ ଅଛି, ମୁଁ ଯୁଦ୍ଧ ସ୍ୱୀକାର କରୁଛି । ତା'ପରେ ଯୁଦ୍ଧ ଆରମ୍ଭ ହେଲା । ମାନ୍ଧାତା ରାଜାଙ୍କ ପାଖରେ ୭୨ କୋଟି ସୈନିକ ଥିଲେ । ତାକୁ ଚାରିଭାଗ କରି ଗୋଟିଏ ଭାଗରେ (ଅଠର କୋଟି) ସେନା ସାହାଯ୍ୟରେ ମହର୍ଷି ଚୂଣକଙ୍କ ଉପରେ ରାଜା ଆକ୍ରମଣ କଲେ। ଅନ୍ୟପଟେ ମହର୍ଷି ଚୁଣକ ନିଜ ସାଧନା ବଳରେ ହାସଲ କରିଥିବା ସିଦ୍ଧି ସାହାଯ୍ୟରେ ଚାରୋଟି ପୁତୁଳା (ବୋମା) ତିଆରି କଲେ ତଥା ଚାରି ଭାଗରେ ବିଭକ୍ତ ହୋଇ ଲଢୁଥିବା ରାଜାଙ୍କର ସମସ୍ତ ସୈନିକଙ୍କୁ ନାଶ କରିଦେଲେ ।

ବିଶେଷ :- ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ, ବ୍ରହ୍ମ ଓ ପରବ୍ରହ୍ମଙ୍କ ଭକ୍ତି ଦ୍ୱାରା ପାପ-ପୂଣ୍ୟ ଉଭୟ ଭୋଗୀବାକୁ ପଡ଼ିଥାଏ । ପୂଣ୍ୟଭୋଗ ସ୍ୱର୍ଗରେ ଏବଂ ପାପଭୋଗ ନର୍କ ଓ ଚୌରାସୀ ଲକ୍ଷ ପ୍ରାଣୀଙ୍କ ଶରୀର ପ୍ରାପ୍ତ କରି ଭୋଗୀବାକୁ ପଡ଼ିଥାଏ । ଯେପରି ଜ୍ଞାନୀଆତ୍ମା ଶ୍ରୀ ଚୂଣକ ଓଁ ନାମ ଜପର ଉପାର୍ଜନ ଅର୍ଥାତ୍ କିଛି ସିଦ୍ଧିଶକ୍ତିକୁ ଚାରୋଟି ପୁତୁଳା ତିଆରି କରିବାରେ ସମାପ୍ତ କରି ଦେଇ ମହର୍ଷି ରୂପେ ପରିଚିତ ହେଲେ । କିଛି ସାଧନାର ଫଳ ମହାସ୍ୱର୍ଗରେ ଭୋଗକରି ପୁଣି ନର୍କ ଭୋଗିବେ, ପୁଣି ଚୌରାସୀ ଲକ୍ଷ ପ୍ରାଣୀଙ୍କ ଶରୀର ଧାରଣ କରି କଷ୍ଟ ଉପରେ କଷ୍ଟ ସହ୍ୟ କରିବେ। ନିଜ ବଚନ ଶକ୍ତି ଦ୍ୱାରା ୭୨ କୋଟି ପ୍ରାଣୀଙ୍କର (ସୈନିକଙ୍କୁ) ଯେଉଁ ସଂହାର କଲେ ତା'ର ଫଳ ମଧ୍ୟ ତାଙ୍କୁ ହିଁ ଭୋଗିବାକୁ ପଡିବ । କେହି ଅସ୍ତ୍ରରେ ହତ୍ୟା କରୁ ବା ବଚନ ରୂପୀ ଖଣ୍ଡାରେ ହତ୍ୟା କରୁ ଉଭୟ କର୍ମର ସମାନ ଦଣ୍ଡ ପ୍ରଭୁ ଦିଅନ୍ତି । ମହର୍ଷି ଚୂଣକଙ୍କ ଜୀବାତ୍ମା ଯେତେବେଳେ କୁକୁରର ଶରୀର ପ୍ରାପ୍ତ କରିବ ତଥା ତା' ମୁଣ୍ଡରେ କ୍ଷତ ଥିବ, ସେହି ସମୟରେ ସେହି ସୈନିକମାନଙ୍କ ଆତ୍ମା ପୋକ ହୋଇ ନିଜ ପ୍ରତିଶୋଧ ନେବେ । କେତେବେଳେ ଗୋଡ଼ ଭାଙ୍ଗିବ ତ କେବେ ପଛଗୋଡ଼ ଅକାମୀ ହୋଇ କେବଳ ଆଗ ଗୋଡ଼ ସାହାଯ୍ୟରେ ଘୋସାରୀ ହୋଇ ଚାଲିବ ତଥା ଖରା, ବର୍ଷା ଓ ଶୀତ କାକରର ଅସହନୀୟ ପୀଡ଼ା ଭୋଗୀବାକୁ ପଡ଼ିବ ।

ଏଥିପାଇଁ ପବିତ୍ର ଗୀତା ଜ୍ଞାନଦାତା ବ୍ରହ୍ମ (କାଳ) ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ସ୍ୱୟଂ କହିଛନ୍ତି ଯେ ସମସ୍ତ ଜ୍ଞାନୀଆତ୍ମା ନିଶ୍ଚୟ ଉଦାର ସ୍ୱଭାବର ଅଟନ୍ତି, ପରନ୍ତୁ ପୂର୍ଣ୍ଣ ପରମାତ୍ମାଙ୍କ ତିନିମନ୍ତ୍ରର ବାସ୍ତବିକ ସାଧନା ବତାଇ ପାଇଁ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ଏମାନେ ସମସ୍ତେ ମୋର ସେହି (ଅନୁତ୍ତମାମ୍) ଅତି ଅଶ୍ରେଷ୍ଠ ମୁକ୍ତି (ଗତି) ଆଶାରେ ଆଶ୍ରିତ ହୋଇ ରହିଲେ ଅର୍ଥାତ୍ ମୋ ସାଧନା ମଧ

ଅଶ୍ରେଷ୍ଠ ଅଟେ । ଏଥିପାଇଁ ପବିତ୍ର ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କହୁଛନ୍ତି, ହେ ଅର୍ଜୁନ ! ତୁମେ ସର୍ବଭାବରେ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଶରଣକୁ ଚାଲିଯାଅ ଯାହାଙ୍କ କୃପାରୁ ତୁମେ ପରମଶାନ୍ତି ଓ ସନାତନ ପରମଧାମ (ସତ୍ୟଲୋକ) ପ୍ରାପ୍ତ କରିବ । ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତବତଃ ପ୍ରବେଶ କରି ପବିତ୍ର ଗୀତା ଜ୍ଞାନଦାତା ବ୍ରହ୍ମ/କାଳ ଏହା କହିଛନ୍ତି । କିଛିବର୍ଷ ଉପରାନ୍ତ ସ୍ୱୟଂ ବ୍ରହ୍ମ (କ୍ଷରପୁରୁଷ) ମହର୍ଷି ବ୍ୟାସଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି ପବିତ୍ର ଗୀତା ଓ ପବିତ୍ର ଚାରିବେଦ ଲିପିବଦ୍ଧ କଲେ । ପରମାତ୍ମା କିଏ ? ତାଙ୍କ ଭକ୍ତି କିପରି କରିବା ଉଚିତ ତଥା ତାଙ୍କୁ ଆମ୍ଭେ କିପରି ପ୍ରାପ୍ତି କରିପାରିବା ? ଏହି ସମସ୍ତ ଜ୍ଞାନ ଏଥିରେ ବିସ୍ତୃତ ଭାବରେ ବର୍ଣ୍ଣିତ ଅଛି ପରନ୍ତୁ ପୂଜାର ବିଧି କେବଳ ବ୍ରହ୍ମ ଅର୍ଥାତ୍ ଜ୍ୟୋତି ନିରଞ୍ଜନ/କାଳ ପର୍ଯ୍ୟନ୍ତ ସୀମିତ ଅଛି ।

ପୂର୍ଣ୍ଣବ୍ରହ୍ମଙ୍କ ଭକ୍ତି ପାଇଁ ପବିତ୍ର ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ରେ ପବିତ୍ର ଗୀତା ଜ୍ଞାନଦାତା (ବ୍ରହ୍ମ) ପ୍ରଭୁ ସ୍ୱୟଂ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି ଓ ପ୍ରାପ୍ତି ପାଇଁ କୌଣଷି ତତ୍ତ୍ୱଜ୍ଞାନୀ ସନ୍ଥଙ୍କ ଅନ୍ୱେଷଣ କର । ତା'ପରେ ସେ ଯେପରି ବିଧି ବତାଇବେ ସେହିପରି କରବ । ପବିତ୍ର ଗୀତା ଜ୍ଞାନଦତା ପ୍ରଭୁ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ପୂର୍ଣ୍ଣଜ୍ଞାନ ଓ ଭକ୍ତିବିଧି ବିଷୟରେ ମୁଁ ଜାଣି ନାହିଁ । ନିଜ ସାଧନା ବିଷୟରେ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୩ ରେ କହିଛନ୍ତି ଯେ ମୋ ଭକ୍ତିର ମନ୍ତ୍ର କେବଳ ଗୋଟିଏ 'ଓଁ' ଅକ୍ଷର ଅଟେ ଯାହାକୁ ଉଚ୍ଚାରଣ କରି ଅନ୍ତିମ ନିଶ୍ୱାସ (ତ୍ୟଜନ୍ ଦେହମ୍) ପର୍ଯ୍ୟନ୍ତ ଜପ କରିବା ଦ୍ୱାରା ମୋଠାରୁ ମିଳୁଥିବା ପରମ ଗତି ପ୍ରାପ୍ତ ହେବ । ପୁଣି ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ କହିଛନ୍ତି ଯେ ଯେଉଁ ପ୍ରଭୁପ୍ରେମୀ ଆତ୍ମାମାନଙ୍କୁ ପୂର୍ଣ୍ଣବ୍ରହ୍ମଙ୍କ ସାଧନା ଜାଣିଥିବା ତତ୍ତ୍ୱଦର୍ଶୀ ସନ୍ଥ ମିଳିଲେ ନାହିଁ ସେହି ଉଦାର ଆତ୍ମାମାନେ ମୋଠାରୁ ମିଳୁଥିବା(ଅନୁତ୍ତମାମ୍) ଅତି ଅନୁତ୍ତମ ପରମ ଗତିରେ ଆଶ୍ରିତ ହେଲେ । (ପବିତ୍ର ଗୀତା ଜ୍ଞାନଦାତା ପ୍ରଭୁ ସ୍ୱୟଂ କହୁଛନ୍ତି ଯେ ମୋ ସାଧନା ଦ୍ୱାରା ଯେଉଁ ଗତି ଅର୍ଥାତ୍ ମୁକ୍ତି ମିଳେ ତାହା ମଧ୍ୟ ଅତି ଅଶ୍ରେଷ୍ଠ ଅଟେ ।)

### "ଅନ୍ୟ ଦେବତା(ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କର ପୂଜା ଅଜ୍ଞାନୀ ବ୍ୟକ୍ତି କରିଥାନ୍ତି"

ଅଧ୍ୟାୟ ୭ ର ଶ୍ଳୋକ ୨୦ ଯାହାର ସମ୍ବନ୍ଧ ଅଧ୍ୟାୟ ୭ ର ଶ୍ଳୋକ ୧୫ ରୁ ଲଗାତାର ଅଛି-ଶ୍ଳୋକ ୧୫ ରେ କୁହାଯାଇଛି ଯେ ତ୍ରିଗୁଣିମୟୀ ମାୟା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ ଓ ତମଗୁଣ-ଶିବଙ୍କ ପୂଜା ପର୍ଯ୍ୟନ୍ତ ସିମୀତ ତଥା ଏମାଙ୍କଠାରୁ ପ୍ରାପ୍ତ କ୍ଷଣିକ ସୁଖ) ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି, ଏହିଭଳି ଅସୁର ସ୍ୱଭାବ ଧାରଣ କରିଥିବା ନୀଚ, ବ୍ୟକ୍ତି ଦୁଷ୍କର୍ମ କରୁଥିବା ମୂର୍ଖ ମୋତେ ମଧ୍ୟ ଭଜନ୍ତି ନାହିଁ । ଅଧ୍ୟାୟ ୭ ର ଶ୍ଳୋକ ୨୦ ରେ ସେହି ଭୋଗ କାମନା କାରଣରୁ ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି ସେମାନେ ନିଜ ସ୍ୱଭାବବଶତଃ ପ୍ରେରିତ ହୋଇ ଅଜ୍ଞାନ ଅନ୍ଧକାର ନିୟମରେ ଆଶ୍ରିତ ଅନ୍ୟ ଦେବତାମାନଙ୍କୁ ପୂଜା କରନ୍ତି । ଅଧ୍ୟାୟ ୭ ର ଶ୍ଳୋକ ୨୧ ରେ କହିଛନ୍ତି ଯେ ଯେଉଁ ଭକ୍ତ ଯେଉଁ ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାର ସହିତ ପୂଜା କରିବା ପାଇଁ ଇଚ୍ଛା କରିଥାଏ ସେହି ଭକ୍ତର ଶ୍ରଦ୍ଧାକୁ ମୁଁ ସେହି ଦେବତାଙ୍କଠାରେ ସ୍ଥିର କରି ଦେଇଥାଏ ।

ଅଧ୍ୟାୟ ୭ ର ଶ୍ଳୋକ ୨୨ ରେ କୁହାଯାଇଛି ଯେ ଯେଉଁ ଶ୍ରଦ୍ଧାରେ ଯୁକ୍ତ ହୋଇ ଯେଉଁ ଦେବତାଙ୍କର ପୂଜନ ବ୍ୟକ୍ତି କରିଥାଏ ତାହା ମା ଦ୍ୱାରା ହିଁ ବିଧାନ କରାଯାଇଥିବା କିଛି ଇଛିତ ଭୋଗ ସେହି ଦେବତାଙ୍କଠାରୁ ସେ ପ୍ରାପ୍ତ କରିଥାନ୍ତି । ଯେପରି ମୁଖ୍ୟମନ୍ତ୍ରୀ କହିଥାନ୍ତି ଯେ ନିମ୍ନସ୍ଥ ସମସ୍ତ ଅଧିକାରୀ ମୋର ଚାକର ଅଟନ୍ତି । ମୁଁ ସେମାନଙ୍କୁ କିଛି ଅଧିକାର ଦେଇଛି, ଯେଉଁମାନେ ସେମାନଙ୍କ (ଅଧିକାରୀଙ୍କ) ଉପରେ ଆଶ୍ରିତ ଅଟନ୍ତି ସେହି ଲାଭ ଦ୍ୱାରା ମୋ ଦ୍ୱାରା ପ୍ରଦାନ କରାଯାଇଥାଏ । ପରନ୍ତୁ ତାହ ପୂର୍ଣ୍ଣ ଲାଭ ନୁହେଁ । ଅଧ୍ୟାୟ ୭ ର ଶ୍ଳୋକ ୨୩ ରେ ଏହି ବର୍ଣ୍ଣନ ଅଛି ପରନ୍ତୁ ସେହି ମନ୍ଦ ବୁଦ୍ଧିଯୁକ୍ତ ବ୍ୟକ୍ତିମାନଙ୍କର ଫଳ ନାଶବାନ ହୋଇଥାଏ । ଦେବତାମାନଙ୍କର ପୂଜା କରୁଥିବା ସାଧକ ଦେବତାଙ୍କୁ ପ୍ରାପ୍ତ ହୋଇଥାନ୍ତି । (ମଦ୍‌ଭକ୍ତ) ମତାବଲମ୍ବୀ ଯିଏ ବେଦ ବର୍ଣ୍ଣିତ ଭକ୍ତିବିଧି ଅନୁସାରେ ଭକ୍ତି କରନ୍ତି ସେ ମୋତେ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ କାଳଜାଲରୁ କେହି ମୁକ୍ତ ନୁହଁନ୍ତି ।

ବିଶେଷ :- ଅଧ୍ୟାୟ ୭ ର ଶ୍ଳୋକ ୨୦ ରୁ ୨୩ ରେ କୁହାଯାଇଛି ଯେ ସେମାନେ ପିତୃପୁରୁଷଙ୍କ ପୂଜା, ଭୂତପୂଜା ଓ ଦେବୀ-ଦେବତାଙ୍କ ପୂଜା ଆଦି ଯାହା ବି କରିଥାନ୍ତି ସେହି ମନ୍ଦ ବୁଦ୍ଧଯୁକ୍ତ ଲୋକ(ଭକ୍ତ)

ଙ୍କୁ ମୁଁ (ବ୍ରହ୍ମ/କାଳ) ସେହି ଦେବତାଙ୍କ ପ୍ରତି ଆଶକ୍ତ କରାଇଥାଏ। ଅଜ୍ଞାନୀ ସାଧକ ଦେବତାମାନଙ୍କ ପାଖରୁ ଯେଉଁ ଲାଭ ପ୍ରାପ୍ତ କରନ୍ତି ସେହି ଦେବତାମାନଙ୍କୁ ମୁଁ କିଛି ଶକ୍ତି ପ୍ରଦାନ କରିଛି । ଦେବତାମାନଙ୍କର ସେହି ପୂଜାରୀ ଏହି ଆଧାରରେ ଦେବତାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି । ପରନ୍ତୁ ବୁଦ୍ଧିହୀନ ସାଧକମାନଙ୍କର ସେହି ପୂଜା ୮୪ ଲକ୍ଷ ଯୋନୀ ମଧ୍ୟକୁ ଶୀଘ୍ର ସେମାନଙ୍କୁ ନେଇ ଯାଇଥାଏ ତଥା ଯେଉଁମାନେ ମୋତେ (କାଳକୁ) ଭଜିଥାନ୍ତି ସେମାନେ ତପ୍ତଶୀଳା ଭୋଗ ପରେ ପୁଣି ମୋ ମହାସ୍ୱର୍ଗ (ବ୍ରହ୍ମଲୋକ)କୁ ଚାଲିଯାନ୍ତି ଏବଂ ତା'ପରେ ଜନ୍ମ-ମରଣ ଚକ୍ରରେ ଘୁରି ବୁଲନ୍ତି, ମୋକ୍ଷ ପ୍ରାପ୍ତି କରିପାରନ୍ତି ନାହିଁ। ଏହାର ଭାବାର୍ଥ ଅନ୍ୟ ଦେବୀ-ଦେବତା, ବ୍ରହ୍ମା, ବିଷ୍ଣୁ, ଶିବ ଓ ମାତାଙ୍କ ସାଧନା ଅପେକ୍ଷା ଭଗବାନ ବ୍ରହ୍ମଙ୍କ ସାଧନା ଅଧିକ ଲାଭଦାୟକ ଅଟେ। ମହାସ୍ୱର୍ଗ ପ୍ରାପ୍ତି ସାଧକର ସୁଖଭୋଗ ସମୟ (ସ୍ୱର୍ଗରେ) ଏକ ମହାକଳ୍ପ ପର୍ଯ୍ୟନ୍ତ ହୋଇପାରେ ପରନ୍ତୁ ଶୁଭକର୍ମ ଜନିତ ସୁଖ, ମହାସ୍ୱର୍ଗରେ ଭୋଗ କରି ପୁଣି ନର୍କ ଓ ତା'ପରେ ଅନ୍ୟ ପ୍ରାଣୀଙ୍କ ଶରୀରରେ ଜନ୍ମ ନେଇ କଷ୍ଟ ଭୋଗ କରିବାକୁ ବାଧ୍ୟ ହୁଏ। ପୂର୍ଣ୍ଣମୋକ୍ଷ ବିନା କାଳ ଜାଲରୁ ମୁକ୍ତି ନାହିଁ।

### "ଅନ୍ୟ ପ୍ରମାଣ"

ପବିତ୍ର ଗୀତା ଓ ପବିତ୍ର ବେଦରେ ଅନ୍ୟ ଦେବତାଙ୍କ ପୂଜା, ପିତୃପୁରୁଷଙ୍କ ପୂଜା (ଶ୍ରାଦ୍ଧ ଦେବା) ଓ ଭୂତପୂଜା (ଗଙ୍ଗାରେ ଅସ୍ଥି ବିଷର୍ଜନ, ପିଣ୍ଡଦାନ, ସମାଧି ପୂଜା)ଆଦି କରିବାକୁ ମନା କରାଯାଇଛି ।

### "ପବିତ୍ର ଚାରିବେଦ ଅନୁସାରେ ସାଧନା କରିବାର ପରିଣାମ କେବଳ ସ୍ୱର୍ଗ-ମହାସ୍ୱର୍ଗ ପ୍ରାପ୍ତି, ମୁକ୍ତି ନୁହେଁ"

ପବିତ୍ର ଗୀତା ଅଧ୍ୟାୟ ୯ ର ଶ୍ଳୋକ ୨୦, ୨୧ ରେ କୁହାଯାଇଛି ଯେ ଯେଉଁମାନେ ମନସ୍କାମନା(ସକାମ) ପୂରଣ ପାଇଁ ତିନିବେଦ ବର୍ଣ୍ଣୀତ ବିଧି ଅନୁସାରେ ଶାସ୍ତ୍ର ଅନୁକୂଳ ସାଧାନା କରିଥାନ୍ତି ସେମାନେ ନିଜ କର୍ମ ଆଧାରରେ ମହାସ୍ୱର୍ଗରେ ଆନନ୍ଦରେ ରହି ପୁଣି ଜନ୍ମ-ମରଣ ଚକ୍ରକୁ ଆସିନ୍ତି ଅର୍ଥାତ୍ ଯଜ୍ଞ ଯେତେ ଶାସ୍ତ୍ରାନୁକୂଳ ହେଲେ ମଧ୍ୟ ସେଗୁଡିକରୁ ଏକମାତ୍ର ଲାଭ ମିଳେ, ସାଂସାରିକ ଭୋଗ, ସ୍ୱର୍ଗ ପୁଣି ନର୍କ ପୁଣି ଚଉରାଶୀ ଲକ୍ଷ ଯୋନି । ଯେପର୍ଯ୍ୟନ୍ତ ତିନିମନ୍ତ୍ର (ଓମ୍, ତତ୍ ଓ ସତ୍ ସାଂକେତିକ) ପୂର୍ଣ୍ଣ ସନ୍ଥଙ୍କଠାରୁ ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ମୋକ୍ଷ ନାହିଁ । ଅଧ୍ୟାୟ ୨ ର ଶ୍ଳୋକ ୨୨ ରେ କୁହାଯାଇଛି ଯେ ନିଷ୍କାମ ଭାବରେ ଯେଉଁମାନେ ମୋର ଶାସ୍ତ୍ରାନୁକୂଳ ପୂଜା କରିଥାନ୍ତି ସେମାନଙ୍କର ପୂଜା (ସାଧନା)ର ରକ୍ଷା ମୁଁ ସ୍ୱୟଂ କରିଥାଏ, ମୁକ୍ତି ମିଳିନଥାଏ ।

### "ଶାସ୍ତ୍ରବିଧି ବିପରୀତ ସାଧନା ପତନର କାରଣ ଅଟେ"

ପବିତ୍ର ଗୀତା ଅଧ୍ୟାୟ ୯ ର ଶ୍ଳୋକ ୨୩, ୨୪ ରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ଅନ୍ୟ ଦେବତାଙ୍କର ପୂଜା କରନ୍ତି ସେମାନେ ପରୋକ୍ଷ ଭାବରେ ମୋର(କାଳଜାଲରେ ରହିବା ପାଇଁ) ପୂଜା କରିଥାନ୍ତି । ପରନ୍ତୁ ତାଙ୍କର ଏହି ପୂଜା ଅବିଧିପୂର୍ବକ ଅଟେ (ଅର୍ଥାତ୍ ଶାସ୍ତ୍ରବିରୁଦ୍ଧ ଅଟେ ଯାହାର ଭାବାର୍ଥ ଅନ୍ୟ ଦେବତାଙ୍କୁ ପୂଜିବା ଅନୁଚିତ) । କାରଣ ସମ୍ପୂର୍ଣ୍ଣ ଯଜ୍ଞର ଭୋକ୍ତା ଓ ସ୍ୱାମୀ ମୁଁ ହିଁ ଅଟେ । ସେହି ଭକ୍ତମାନେ ମୋତେ ଭଲ ଭାବରେ ଜାଣି ନାହାଁନ୍ତି। ଏଥିପାଇଁ ଅଧଗତି ପ୍ରାପ୍ତ ହୋଇ ନର୍କ ଓ ଚୌରାସୀ ଲକ୍ଷ ଯୋନିର କଷ୍ଟ ଭୋଗିଥାନ୍ତି। ଯେପରି ଗୀତା ଅଧ୍ୟାୟ ୩ ଶ୍ଳୋକ ୧୪-୧୫ ରେ କୁହାଯାଇଛି ଯେ ସର୍ବ ଯଜ୍ଞରେ ପ୍ରତିଷ୍ଠିତ ଅର୍ଥାତ୍ ସମ୍ମାନିତ ଯାହାଙ୍କୁ ଯଜ୍ଞ ସମର୍ପଣ କରାଯାଏ ସେହି ପରମାତ୍ମା (ସର୍ବଗତମ୍ ବ୍ରହ୍ମ) ପୂର୍ଣ୍ଣବ୍ରହ୍ମ ଅଟନ୍ତି । ସେ କର୍ମାଧାର ହୋଇ ସର୍ବ ପ୍ରାଣୀଙ୍କୁ ଫଳ ପ୍ରଦାନ କରିଥାନ୍ତି । ପରନ୍ତୁ ପୂର୍ଣ୍ଣସନ୍ଥ ନ ମିଳିବା ପର୍ଯ୍ୟନ୍ତ ସମସ୍ତ ଯଜ୍ଞର ଭୋଗ (ଆନନ୍ଦ) କାଳ (ମନରୂପରେ) ଭୋଗ କରିଥାଏ, ଏଥିପାଇଁ କୁହାଯାଇଛି ଯେ ମୁଁ ହିଁ ସମସ୍ତ ଯଜ୍ଞର ଭୋକ୍ତା ଓ ସ୍ୱାମୀ ଅଟେ।

### "ଶ୍ରାଦ୍ଧ ଦେଉଥିବା (ପିତୃପୁରୁଷଙ୍କର ପୂଜା କରୁଥିବା) ବ୍ୟକ୍ତି ପ୍ରେତ ହେବେ, ତାଙ୍କର ମୁକ୍ତି ହୁଏନାହିଁ"

ଗୀତା ଅଧ୍ୟାୟ ୯ ର ଶ୍ଳୋକ ୨୫ ରେ କୁହାଯାଇଛି ଯେ, ଦେବତାମାନଙ୍କର ପୂଜା କରୁଥିବା ବ୍ୟକ୍ତିଙ୍କୁ ଦେବତାମାନେ ପ୍ରାପ୍ତ ହୋଇଥାନ୍ତି, ପିତୃପୁରୁଷଙ୍କ ପୂଜା କରୁଥିବା ବ୍ୟକ୍ତିଙ୍କୁ ପିତୃପୁରୁଷ ପ୍ରାପ୍ତ ହୋଇଥାନ୍ତି, ଭୂତ ପୂଜା କରୁଥିବା (ପିଣ୍ଡଦାନ କରୁଥିବା) ବ୍ୟକ୍ତି ଭୂତଙ୍କୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ଭୂତ ହୋଇଥାନ୍ତି, ଶାସ୍ତ୍ରାନୁକୂଳ (ପବିତ୍ର ବେଦ ଓ ଗୀତା ଅନୁସାରେ) ପୂଜା କରୁଥିବା ବ୍ୟକ୍ତି ମୋତେ ହିଁ ପ୍ରାପ୍ତ ହୁଅନ୍ତି

ଅର୍ଥାତ୍ କାଳ ଦ୍ୱାରା ନିର୍ମିତ ସ୍ୱର୍ଗ ଓ ମହାସ୍ୱର୍ଗ ଆଦିରେ କିଛି ଅଧିକ ସମୟ ପର୍ଯ୍ୟନ୍ତ ମଉଜ ମସ୍ତି କରିଥାନ୍ତି ।

ବିଶେଷ:-ଯେପରି ତହସିଲଦାର ଚାକିରି(ସେବା-ପୂଜା)କରିଥିବା କୌଣସି ବ୍ୟକ୍ତି ତହସିଲଦାର ହୋଇପାରେ ନାହିଁ। ହଁ, ଚାକିରିରୁ ପ୍ରାପ୍ତ ଧନରେ ଗୁଜୁରାଣ ମେଣ୍ଟାଇଥାଏ ଅର୍ଥାତ୍ ତା ଅଧୀନରେ ରହିବ। ଠିକ୍ ଏହି ପ୍ରକାରେ ଯିଏ ଯେଉଁ ଦେବତା (ଶ୍ରୀ ବ୍ରହ୍ମାଦେବ, ଶ୍ରୀ ବିଷ୍ଣୁଦେବ ଓ ଶ୍ରୀ ଶିବଦେବ ଅର୍ଥାତ୍ ତ୍ରିଦେବ) ଙ୍କ ପୂଜା (ଚାକିରୀ) କରିଥାଏ ତାଙ୍କୁ ସେହି ଲାଭ ହିଁ ମିଳିଥାଏ ଯାହା ସେହି ଦେବତା ଦେଇଥାନ୍ତି । ତ୍ରିଗୁଣମୟୀ ମାୟା ଅର୍ଥାତ୍ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ର ପୂଜାକୁ ପବିତ୍ର ଗୀତା (ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ଓ ୨୦ ରୁ ୨୩ ପର୍ଯ୍ୟନ୍ତ) ରେ ନିଷେଧ କରାଯାଇଛି । ଏହି ପ୍ରକାରେ ଯଦି କେହି ପିତୃପୁରୁଷଙ୍କର ପୂଜା (ଚାକିରୀ-ସେବା) କରୁଛି ତେବେ ସେ ପିତୃପୁରୁଷଙ୍କ ପାଖରେ ଛୋଟ ପିତୃପୁରୁଷ ହୋଇ ସେହିମାନଙ୍କ ପରି କଷ୍ଟ ଭୋଗୀବ । ଏହି ପ୍ରକାରେ ଯିଏ ଭୂତ(ପ୍ରେତ) ପୂଜା (ସେବା)କରିବ ସେ ନିଶ୍ଚୟ ଭୂତ ହେବ । କାରଣ ଜୀବନସାରା ଯେଉଁଥିରେ ଆଶକ୍ତି ରହିଥାଏ ଶେଷରେ ସେହିଥିରେ ତା'ର ମନ ଲାଗିଯାଏ । ଯେଉଁ କାରଣରୁ ସେହିମାନଙ୍କ ପାଖକୁ ସେ ଚାଲି ଯାଇଥାଏ । କିଛିଲୋକ ଏହା କୁହନ୍ତି ଯେ ଆମ୍ଭେ ପିତୃପୁରୁଷ-ଭୂତ-ଦେବତାଙ୍କର ପୂଜା କରିବୁ ତା ସହିତ ଆପଣଙ୍କଠାରୁ ଉପଦେଶ ନେଇ ସାଧନା ମଧ୍ୟ କରିବୁ । କିନ୍ତୁ ଏପରି ଚଳିବ ନାହିଁ । ଯେଉଁ ସାଧନା କରିବାକୁ ପବିତ୍ର ଗୀତା ଓ ପବିତ୍ର ଚାରିବେଦରେ ମନା କରାଯାଇଛି ତାହା କରିବା ଶାସ୍ତ୍ରବିରୁଦ୍ଧ ହେବ । ପବିତ୍ର ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୨୩-୨୪ ରେ ଏହା ମନା କରାଯାଇଛି ଏବଂ କୁହାଯାଇଛି ଯେ ଯେଉଁମାନେ ଶାସ୍ତ୍ରବିଧି ତ୍ୟାଗ କରି ମନମୁଖି ଆଚରଣ (ପୂଜା) କରନ୍ତି ସେମାନେ ନା ସୁଖ ପ୍ରାପ୍ତ କରିଥାନ୍ତି ନା ପରମଗତି ନା କୌଣସି କାର୍ଯ୍ୟ ସିଦ୍ଧ କରିବାକୁ ସିଦ୍ଧି ପ୍ରାପ୍ତ କରନ୍ତି ଅର୍ଥାତ୍ ଅମୂଲ୍ୟ ମାନବ ଜୀବନକୁ ବ୍ୟର୍ଥ କରିଥାନ୍ତି । ଏଥିପାଇଁ ଅର୍ଜୁନ ! ତୋ ପାଇଁ କର୍ତ୍ତବ୍ୟ (ସାଧନା କରିବା ପାଇଁ ଯେଉଁ କାର୍ଯ୍ୟର ଆବଶ୍ୟକତା ରହିଛି) ଓ ଅକର୍ତ୍ତବ୍ୟ(ଯେଉଁ କର୍ମ ସାଧନା ଯୋଗ୍ୟ ନୁହେଁ)ର ବ୍ୟବସ୍ଥା (ନିୟମରେ)ରେ ଶାସ୍ତ୍ର ହିଁ ପ୍ରମାଣ ଅଟେ । ଅନ୍ୟ ସମସ୍ତ ସାଧନା ବର୍ଜନୀୟ ।

ଏହାର ପ୍ରମାଣ ମାର୍କଣ୍ଡେୟ ପୁରାଣ (ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ପୃଷ୍ଠା ୨୩୭ ରେ ଅଛି । ଯେଉଁଥିରେ ମାର୍କଣ୍ୟ ପୁରାଣ ଓ ବ୍ରହ୍ମ ପୁରାଣର ବ୍ୟାଖ୍ୟା ଏକ ସଙ୍ଗେ କରାଯାଇଛି)ରେ ମଧ୍ୟ ଅଛି ଯେ ରୂଚୀ ନାମକ ଜଣେ ବ୍ରହ୍ମଚାରୀ ସାଧକ ବେଦ ଆଧାରରେ ସାଧନା କରୁଥିଲେ । ଯେତେବେଳେ ସେ ୪୦ବର୍ଷ ବୟସର ହୋଇଗଲେ ସେତେବେଳେ ତାଙ୍କର ଚାରିଜଣ ପୂର୍ବଜ (ଯେଉଁମାନେ ଶାସ୍ତ୍ରବିରୁଦ୍ଧ ସାଧନା କରି ପିତୃଲୋକରେ କଷ୍ଟ ଭୋଗ କରୁଥିଲେ) ତାଙ୍କୁ ଦେଖାଦେଲେ । "ପିତୃପୁରୁଷମାନେ କହିଲେ, ପୁତ୍ର ରୁଚୀ ! ବିବାହ କରି ଆମ୍ଭଙ୍କୁ ଶ୍ରାଦ୍ଧ ଦିଅ, ଆମ୍ଭେ ବହୁତ ଦୁଃଖ ଭୋଗ କରୁଛୁ । ରୁଚି ଋଷି କହିଲେ ପିତ୍ରମହୋ ! କର୍ମକାଣ୍ଡ ମାର୍ଗ (ଶ୍ରାଦ୍ଧ, ପିଣ୍ଡଦେବା ଆଦି)କୁ ବେଦରେ ମୁର୍ଖମାନଙ୍କର ସାଧନା ବୋଲି କୁହାଯାଇଛି । ତଥାପି ଆପଣମାନେ ମୋତେ କହିଁକି ସେହି ବ୍ୟର୍ଥ (ଶାସ୍ତ୍ରବିଧି ରହିତ) ସାଧନାରେ ଲଗାଇବା ପାଇଁ ଚେଷ୍ଟା କରୁଛନ୍ତି । ପିତୃପୁରୁଷ କହିଲେ, ପୁତ୍ର ତୋର ଏହି କଥା ନିରାଟ ସତ୍ୟ । ବେଦରେ ପିତୃପୁରୁଷଙ୍କ ପୂଜା, ଭୂତପୂଜା, ଦେବୀ-ଦେବତାଙ୍କ ପୂଜା (କର୍ମକାଣ୍ଡ)କୁ ଅବିଦ୍ୟା ବୋଲି କୁହାଯାଇଛି । ଏଥିରେ ତିଳେ ମାତ୍ର ମିଥ୍ୟା ନାହିଁ। ଉପରୋକ୍ତ ମାର୍କଣ୍ଡେୟ ପୁରାଣର ଏହି ଲେଖାରେ ପିତୃପୁରୁଷମାନେ କହୁଛନ୍ତି ଯେ ତଥାପି ପିତୃପୁରୁଷ କିଛି ଲାଭ ଦେଇଥାନ୍ତି ।

ବିଶେଷ :- ଏହି ଅନୁମାନ ପିତୃପୁରୁଷମାନଙ୍କର ଯେଉଁଗୁଡିକୁ ଆମ୍ଭେ ପାଳନ କରିବାର ଆବଶ୍ୟକ ନାହିଁ, କାରଣ ପୁରାଣରେ ଦିଆଯାଇଥିବା ଆଦେଶ କୌଣସି ଋଷିଙ୍କର ଅଟେ ଯିଏ ପିତୃପୁରୁଷଙ୍କ ପୂଜା, ଭୂତ ବା ଅନ୍ୟଦେବତାଙ୍କର ପୁଜା କରିବା ପାଇଁ କହିଛନ୍ତି । ପରନ୍ତୁ ବେଦରେ ପ୍ରମାଣ ନଥିବା କାରଣରୁ ଏହା ପ୍ରଭୁଙ୍କ ଆଦେଶ ନୁହେଁ। ଏଥିପାଇଁ କୌଣସି ସନ୍ଥ ବା ଋଷିଙ୍କ ପ୍ରରୋଚନାରେ ପଡି ପ୍ରଭୁଙ୍କ ଆଜ୍ଞାର ଉଲଂଘନ କରିବା ଦ୍ୱାରା ଆମ୍ଭେ ଦଣ୍ଡରେ ଭାଗୀହେବା ।

ଥରେ ଜଣେ ପୋଲିସ ଥାନାବାବୁଙ୍କ ସହିତ ଜଣେ ବ୍ୟକ୍ତିଙ୍କର ବନ୍ଧୁତା ହୋଇଗଲା । ସେହି ବ୍ୟକ୍ତି ନିଜ ମିତ୍ର ଥାନାବାବୁଙ୍କୁ କହିଲେ, ମୋ ପଡ଼ୋଶୀ ମତେ ବହୁତ ହଇରାଣ କରୁଛି । ଥାନାବାବୁ (ଆଇ.ଆଇ.ସି.)

କହିଲେ ପ୍ରଥମେ ତାକୁ ମାଡ଼ଦିଅ, ପରେ ସେ କଥା ମୁଁ ବୁଝିବି । ନିଜ ମିତ୍ର ଥାନାବାବୁଙ୍କ ଆଜ୍ଞା ପାଳନ କରି ସେହି ବ୍ୟକ୍ତି ନିଜ ପଡ଼ୋଶୀକୁ ଲାଠିରେ ପିଟିଦେଲା, ମୁଣ୍ଡରେ ଆଘାତ ଲାଗିବା କାରଣରୁ ପଡୋଶୀର ମୃତ୍ୟୁ ହୋଇଗଲା । ସେହି ପୋଲିସ ଉକ୍ତ ଅଞ୍ଚଳର ଥାନା ଅଧିକାରୀ ହୋଇଥିବା କାରଣରୁ ନିଜ ମିତ୍ରକୁ ଧରି ଆଣି କାରାଗାରରେ ରଖିବା ସହିତ ସେହି ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ମିଳିଲା । ଏହି ମାମଲାରେ ଥାନାବାବୁ କୌଣସି ପ୍ରକାର ସାହାଯ୍ୟ କରିପାରିଲେ ନାହିଁ । କାରଣ ରାଜାଙ୍କ ସମ୍ବିଧାନ ମୁତାବକ ଯଦି କେହି କାହାର ହତ୍ୟା କରେ ତେବେ ତାକୁ ମୃତ୍ୟୁଦଣ୍ଡ ନିଶ୍ଚୟ ମିଳିବ । ସେହି ଅଜ୍ଞାନୀ ବ୍ୟକ୍ତି ନିଜ ମିତ୍ର ଦାରୋଗାର ଆଜ୍ଞା ମାନି ରାଜାଙ୍କ ସମ୍ବିଧାନକୁ ଉଲଂଘନ କଲା । ଯାହାଦ୍ୱାରା ନିଜ ଜୀବନ ହରାଇଲା । ଠିକ୍ ଏହି ପ୍ରକାରେ ପବିତ୍ର ଗୀତା ଓ ପବିତ୍ର ବେଦ ପ୍ରଭୁଙ୍କ ସମ୍ବିଧାନ ଅଟେ । ଯେଉଁଥିରେ କେବଳ ଏକ ପୂର୍ଣ୍ଣ ପରମାତ୍ମାଙ୍କର ପୂଜାର ବିଧାନ ଅଛି, ଅନ୍ୟ ଦେବତା-ପିତୃପୁରୁଷ-ଭୁତଙ୍କର ପୂଜା କରିବା ମନା ଅଛି । ପୁରାଣରେ ଋଷିମାନଙ୍କର (ଥାନାବାବୁ) ବିଭିନ୍ନ ଆଦେଶ ଅଛି, ସେହି ଆଜ୍ଞା ପାଳନ କରିବା ଦ୍ୱାରା ପ୍ରଭୁଙ୍କ ସମ୍ବିଧାନ ଭଙ୍ଗ ହୁଏ, ସେହି କାରଣରୁ କଷ୍ଟ ପରେ କଷ୍ଟ ଭୋଗିବାକୁ ପଡ଼ିଥାଏ । ଏଥିପାଇଁ ଅନ୍ୟ ଉପାସନା ପୂର୍ଣ୍ଣମୋକ୍ଷ ମାର୍ଗରେ ବାଧକ ଅଟେ ।

## "ସତ୍ୟକଥା"

ମୋ ପୂଜ୍ୟ ଗୁରୁଦେବ ସ୍ୱାମୀ ରାମଦେବାନନ୍ଦଜୀ ପ୍ରାୟ ଶୋହଳ ବର୍ଷ ବୟଷରେ ପୂର୍ଣ୍ଣ ପରମାତ୍ମା ପ୍ରାପ୍ତି ପାଇଁ ଗୃହତ୍ୟାଗ କରି ଦେଇଥିଲେ । ପ୍ରତିଦିନ ପିନ୍ଧୁଥିବା ବସ୍ତ୍ରକୁ ନିଜ ଜମି ନିକଟସ୍ଥ ଘନ ଜଙ୍ଗଲରେ କୌଣସି ଏକ ମୃତ ପଶୁର ଅସ୍ଥି ନିକଟରେ ଫିଙ୍ଗି ଦେଇ ଚାଲିଗଲେ । ସନ୍ଧ୍ୟାରେ ଘରେ ନ ପହଞ୍ଚିବା କାରଣରୁ ପରିବାର ଲୋକେ ଜଙ୍ଗଲରେ ଖୋଜିଥିଲେ । ରାତ୍ରିରେ ତାଙ୍କ ପିନ୍ଧାବସ୍ତ୍ରକୁ ଘରଲୋକେ ଚିହ୍ନି ପାରି ଦୁଃଖି ମନରେ କୌଣସି ପଶୁର ଅସ୍ଥିକୁ ନିଜ ପିଲାର ଅସ୍ଥି ଭାବି ଘରକୁ ଆଣିଲେ ଏବଂ ଏହା ଭାବିଲେ ଯେ ପିଲାଟିକୁ କୌଣସି ହିଂସ୍ରଜନ୍ତୁ ମାରି ଖାଇ ଦେଇଥିବ। ଅନ୍ତିମ ସଂସ୍କାର କଲେ । ଦଶକ୍ରିୟା, ଏକାଦଶାହ କ୍ରିୟା ଓ ବାର୍ଷିକ କ୍ରିୟା ଆଦି ସମସ୍ତ କର୍ମ କଲେ ତଥା ଶ୍ରାଦ୍ଧ ଦେବା ମଧ୍ୟ ଆରମ୍ଭ କରିଦେଲେ । ପ୍ରାୟ ୧୦୪ ବର୍ଷ ଆୟୁ ପ୍ରାପ୍ତ ହେବା ପଶ୍ଚାତ୍ ସ୍ୱାମୀଜୀ ଅଚାନକ ନିଜ ଗ୍ରାମ "ବଡ଼ା ପୈନ୍ତାବାସ" ଜିଲ୍ଲା-ଭିୱାଣୀ, ତହସିଲ-ଚରଖୀ ଦାଦ୍ରୀ, ରାଜ୍ୟ-ହରିୟାଣାରେ ପହଞ୍ଚିଗଲେ । ସ୍ୱାମୀଜୀଙ୍କ ପିଲାଦିନର ନାମ ଶ୍ରୀ ହରିଦ୍ୱାରୀଜୀ ଥିଲା ତଥା ପବିତ୍ର ବ୍ରାହ୍ମଣ କୂଳରେ ସେ ଜନ୍ମ ହୋଇଥିଲେ । ଏହି ଦାସକୁ ଖବର ମିଳିବା ପରେ ଦର୍ଶନାର୍ଥେ ଏହି ଦାସ ମଧ୍ୟ ସେଠାରେ ପହଞ୍ଚିଗଲା । ସ୍ୱାମୀଜୀଙ୍କ ଭାଉଜ ପ୍ରାୟ ୯୨ ବର୍ଷ ବୟଷର ହୋଇ ଯାଇଥିଲେ । ମୁଁ ସେହି ବୃଦ୍ଧାଙ୍କୁ ପଚାରିଲି ଯେ ଆମ ଗୁରୁଜୀ ଘର ତ୍ୟାଗ କରି ଚାଲିଯିବା ପରେ ଆପଣମାନେ କ'ଣ ଅନୁଭବ କଲେ ? ସେହି ବୃଦ୍ଧା କହଲେ, ମୋ ବିବାହ ପରେ ମୋତେ କୁହାଗଲା ଯେ ହରିଦ୍ୱାରୀ ନାମକ ଜଣେ ଭାଇ ଆମ୍ଭର ଥିଲେ ଯାହାଙ୍କୁ କୌଣସି ହିଂସ୍ରଜନ୍ତୁ ଜଙ୍ଗଲରେ ଖାଇ ଦେଇଥିଲା । ବୃଦ୍ଧା କହିଲେ, ତାଙ୍କର ୭୦ ଥର ଶ୍ରାଦ୍ଧ ମୋ ନିଜ ହାତରେ ମୁଁ ଦେଇସାରିଛି । କେବେ ଯଦି ଫସଲ ହାନି ହୁଏ କିମ୍ବା ଘରର କୌଣସି ସଦସ୍ୟ ଯଦି ରୋଗରେ ପଡନ୍ତି ତେବେ ନିଜ ପୁରୋହିତ (ଗୁରୁଜୀ) ଙ୍କୁ କାରଣ ପଚାରିଲେ ସେ କହିଥାନ୍ତି ଯେ ହରିଦ୍ୱାରୀ ପିତୃପୁରୁଷ ହୋଇଯାଇଛି, ସେ ତୁମ୍ଭମାନଙ୍କୁ ଦୁଃଖ ଦେଉଛି । ଶ୍ରାଦ୍ଧ ଦେବା ସମୟରେ କୌଣସି ଅଶୁଦ୍ଧି ରହିଯାଇଛି । ଏଥର ସମସ୍ତ କ୍ରିୟା ମୁଁ ନିଜ ହାତରେ କରିବି । ପ୍ରଥମେ ମୋତେ ସମୟ ମିଳୁ ନ ଥିଲା କାରଣ ଗୋଟିଏ ଦିନରେ ଏମିତି ଅନେକ ସ୍ଥାନରେ ଶ୍ରାଦ୍ଧକ୍ରିୟା କରିବା ପାଇଁ ମୋତେ ଯିବାକୁ ପଡୁଥିଲା । ସେଥିପାଇଁ ପୁଅକୁ ପଠାଉଥିଲି । ସେପର୍ଯ୍ୟନ୍ତ କିଛି ଦକ୍ଷିଣା ଦେବାକୁ ହେବ ଯଦ୍ୱରା ତାକୁ ଶାନ୍ତ କରା ଯାଇପାରିବ । ଭୟରେ ଗୁରୁଜୀଙ୍କୁ ୨୧ ଟଙ୍କା କିମ୍ବା ୫୧ଟଙ୍କା ଯାହାବି କହୁଥିଲେ ଭୟରେ ଦକ୍ଷିଣା ଆକାରରେ ତାହ ଦେଇ ଦେଉଥିଲୁ। ପୁଣି ଶ୍ରାଦ୍ଧ ଦେବା ସମୟରେ ଗୁରୁଜୀ ସ୍ୱୟଂ ଶ୍ରାଦ୍ଧ କରୁଥିଲେ । ଏସବୁ ଶୁଣି ମୁଁ କହିଲି, ମାଆ ! ଏହି ଗୀତାବିରୁଦ୍ଧ ସାଧନା ବର୍ତ୍ତମାନ ତ୍ୟାଗ କରି ଦିଅନ୍ତୁ ନଚେତ୍ ଆପଣ ମଧ୍ୟ ପ୍ରେତ ହୋଇଯିବେ । ଗୀତା ଅଧ୍ୟାୟ ୯ ର ଶ୍ଳୋକ ୨୫ ପଢି ଶୁଣାଇବା ପରେ ସେହି ବୃଦ୍ଧା କହିଲେ, ଗୀତା ମୁଁ ମଧ୍ୟ ପଢୁଛି । ଦାସ କହିଲା, ଆପଣ ପଢିଛନ୍ତି ସତ କିନ୍ତୁ ତାର ମର୍ମ ବୁଝିପାରି ନାହାଁନ୍ତି । ଏହି ନିରର୍ଥକ, ମୂଲ୍ୟହୀନ ସାଧନା ଏବେ ବନ୍ଦ କରନ୍ତୁ । ବୃଦ୍ଧା

ଉତ୍ତର ଦେଲେ, ନା ଭାଇ ଏ ସବୁକୁ ଆମ୍ଭେ କିପରି ଛାଡି ପାରିବୁ, ଶ୍ରାଦ୍ଧକ୍ରିୟା ଅନେକ ଦିନରୁ ପ୍ରଚଳିତ ଏକ ପୁରୁଣା ପରମ୍ପରା ଅଟେ । ଏହି ଦୋଷ ଆମ୍ଭମାନଙ୍କ ପରି ନିରୀହ ଆତ୍ମାଙ୍କର ନୁହେଁ, ଏହି ଦୋଷ ମୂର୍ଖ ଭଣ୍ଡ ଗୁରୁମାନଙ୍କର ଯେଉଁମାନେ ପବିତ୍ର ଶାସ୍ତ୍ରଗୁଡିକୁ ବୁଝି ନ ପାରି ମନମୁଖି ବିଧି (ପୂଜା କରିବାର ମାର୍ଗ) ବତାଇ ଆମ୍ଭକୁ ଭ୍ରମିତ କଲେ । ଯେଉଁ କାରଣରୁ ନା କୌଣସି କାର୍ଯ୍ୟ ସିଦ୍ଧ ହେଉଛି ନା ପରମଗତି ନା କୌଣସି ସୁଖ ପ୍ରାପ୍ତି ହେଉଛି । ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୨୩-୨୪ ।

ଏବେ ଦାସର ଆପଣଙ୍କୁ ପ୍ରାର୍ଥନା ଯେ ଶିକ୍ଷୀତ ବର୍ଗ ଅବଶ୍ୟ ଧ୍ୟାନ ଦିଅନ୍ତୁ, ଶାସ୍ତ୍ରବିଧି ଅନୁସାରେ ସାଧନା କରି ପୂର୍ଣ୍ଣ ପରମାତ୍ମାଙ୍କ ସନାତନ ପରମଧାମ (ଶାଶ୍ୱତମ୍ ସ୍ଥାନମ୍) ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ କରନ୍ତୁ । ଯାହାଦ୍ୱାରା ପୂର୍ଣ୍ଣମୋକ୍ଷ ଓ ପରମଶାନ୍ତି ପ୍ରାପ୍ତ ହେବ । (ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨) ଏଥିପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ଖୋଜନ୍ତୁ । ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ।

ଜଣେ ଶ୍ରଦ୍ଧାଳୁ କହିଲେ, ମୁଁ ଆପଣଙ୍କଠାରୁ ଉପଦେଶ ନେଇ ଆପଣଙ୍କ ଦ୍ୱାରା ବତାଯାଇଥିବା ସାଧନା କରିବା ସହିତ ଶ୍ରାଦ୍ଧ ମଧ୍ୟ ଦେବି ତଥା ନିଜ ଘରେ ଥିବା ଦେବୀ ଦେବତାମାନଙ୍କୁ ବାହ୍ୟ ମନରେ ପୂଜା ମଧ୍ୟ କରିବି । ଏଥିରେ କ'ଣ ଦୋଷ ଅଛି ।

ଆପଣଙ୍କୁ ଏହି ଦାସର ପ୍ରାର୍ଥନା ଯେ:-ସମ୍ବିଧାନର ଯେ କୌଣସି ଧାରାକୁ ଉଲଂଘନ କରିବା ଦ୍ୱାରା ଦଣ୍ଡ ଅବଶ୍ୟ ମିଳିଥାଏ । ଏଥିପାଇଁ ପବିତ୍ର ଗୀତା ଓ ପବିତ୍ର ଚାରିବେଦରେ ବର୍ଣ୍ଣିତ ଓ ବର୍ଜିତ ବିଧିର ବିପରୀତ ସାଧନା କରିବା ବ୍ୟର୍ଥ ଅଟେ । (ପ୍ରମାଣ - ପବିତ୍ର ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪) । ଯଦି କେହି କହିବ ଯେ ମୁଁ ଉପର ମନରେ କାର ଚକ ପଞ୍ଚର କରିଦେବି, ନାଁ ରାମନାମ ରୂପକ ଗାଡ଼ିର ପଞ୍ଚର କରିବା ମନା । ଠିକ୍ ଏହି ପ୍ରକାରେ ଶାସ୍ତ୍ରବିରୁଦ୍ଧ ସାଧନା ହାନୀକାରକ ଅଟେ ।

ଜଣେ ଶ୍ରଦ୍ଧାଳୁ କହିଲେ, ଯେ ମୁଁ ଅନ୍ୟ କୌଣସି କୁଅଭ୍ୟାସ (ମଦିରା, ମାଂସ ଆଦି ସେବନ) କରେ ନାହିଁ । କେବଳ ତମ୍ବାଖୁ (ବିଡ଼ି, ସିଗାରେଟ, ହୁକ୍କା) ସେବନ କରିଥାଏ । ଆପଣଙ୍କ ଦ୍ୱାରା ବତାଯାଇଥିବା ପୂଜା ଓ ଜ୍ଞାନ ଅତି ଉତ୍ତମ ଅଟେ । ମୁଁ ଗୁରୁ ମଧ୍ୟ କରିଛି ପରନ୍ତୁ ଏପରି ଜ୍ଞାନ କୌଣସି ସନ୍ଥଙ୍କ ପାଖରେ ନାହିଁ । ମୁଁ ପଚିଶ ବର୍ଷରୁ ଘୂରିବୁଲୁଛି ତଥା ତିନିଜଣ ଗୁରୁ ବଦଳାଇ ସାରିଛି । ଦୟାକରି ମୋତେ ତମାଖୁ ସେବନ ପାଇଁ ଅନୁମତି ଦିଅନ୍ତୁ, ଅନ୍ୟ ସମସ୍ତ ସର୍ତ୍ତ ମୋତେ ମଞ୍ଜୁର । ତମାଖୁ ସେବନ ଦ୍ୱାରା କ'ଣ ଭକ୍ତିରେ ବାଧା ଉପୁଜିଥାଏ ?

ଦାସର ପ୍ରାର୍ଥନା :- ଦାସ ଏହି ପ୍ରାର୍ଥନା କରିବା ପାଇଁ ଚାହେଁ ଯେ ମଣିଷ ଶରୀରକୁ ଅକ୍ସିଜେନ୍‌ର ଆବଶ୍ୟକତା ରହିଛି । ତମାଖୁ ଧୂଆଁ କାର୍ବନ୍ ଡାଇଅକସାଇଡ୍ ଯାହା ଫୁସଫୁସ୍‌କୁ ଦୁର୍ବଳ ଓ ରକ୍ତକୁ ଦୂଷିତ କରିଦିଏ । ମାନବ ଶରୀର ପ୍ରଭୁ ପ୍ରାପ୍ତି ଓ ଆତ୍ମକଲ୍ୟାଣ ପାଇଁ ପ୍ରାପ୍ତ ହୋଇଛି । ଏହି ଶରୀରରେ ପରମାତ୍ମା ପ୍ରାପ୍ତି କ୍ରିୟା ସୁଷମ୍ନା ନାଡୀରୁ ପ୍ରାରମ୍ଭ ହୋଇଥାଏ । ନାକରେ ଯେଉଁ ଦୁଇଟି ଛିଦ୍ର ଅଛି ସେଥିମଧ୍ୟରୁ ଡାହାଣ ପଟେ ଥିବା ଛିଦ୍ରକୁ ଇଅଁଳା ଓ ବାମପଟେ ଥିବା ଛିଦ୍ରକୁ ପିଙ୍ଗୁଳା କୁହାଯାଏ । ଏହି ଦୁଇଟି ଛିଦ୍ର ମଧ୍ୟରେ ସୁଷମ୍ନା ନାଡ଼ୀ ଅଛି ଯେଉଁଥିରେ ଗୋଟିଏ ଛୋଟ ଛୁଞ୍ଚୀ (ନିଡିଲ୍) ରେ ସୂତା ଗଳିବା ଭଳି ଛିଦ୍ରଦ୍ୱାର ଥାଏ ଯାହା ତମାଖୁ ଧୂଆଁ ଦ୍ୱାରା ବନ୍ଦ ହୋଇ ଯାଇଥାଏ । ଯାହାଦ୍ୱାରା ପ୍ରଭୁପ୍ରାପ୍ତିର ମାର୍ଗ ଅବରୋଧ ହୋଇ ଯାଇଥାଏ । ଏଥିପାଇଁ ପ୍ରଭୁ ଭକ୍ତି କରୁଥିବା ସାଧକକୁ ସମସ୍ତ ନିଶାଦ୍ରବ୍ୟ ସେବନ ଓ ଅଖାଦ୍ୟ (ମାଛ, ମାଂସା ଅଦି) ପଦାର୍ଥ ଭକ୍ଷଣ ନିଷେଧ ଅଟେ ।

ଜଣେ ଶ୍ରଦ୍ଧାଳୁ କହିଲେ, ମୁଁ ତମାଖୁ ସେବନ କରେ ନାହିଁ । ମାଂସ ଓ ମଦ ସେବନ ଅବଶ୍ୟ କରିଥାଏ, ଏହାଦ୍ୱାରା କ'ଣ ଭକ୍ତିରେ ବାଧା ଉପୁଜିବ ? ଖାଇବା ପିଇବା ପାଇଁ ତ ଏହା ତିଆରି ହୋଇଛି ତଥା ଗଛପତ୍ର, ବୃକ୍ଷଲତାଙ୍କର ମଧ୍ୟ ଜୀବନ ଅଛି ତେଣୁ ସେ ସବୁକୁ ଖାଇବା ମଧ୍ୟ ଆମିଷ ଭକ୍ଷଣ ସହିତ ସମାନ ହେବ । ଏହି ଦାସର ଆପଣଙ୍କୁ ପ୍ରାର୍ଥନା ଯେ ଯଦି କେହି ଆମ୍ଭ ମାତା-ପିତା, ଭାଇ-ଭଉଣୀ ଓ ପିଲା-ଛୁଆଙ୍କୁ ମାରି ଭକ୍ଷଣ କରିବ ତେବେ ଆମ୍ଭକୁ କେମିତି ଲାଗିବ ? "ଜୈସା ଦର୍ଦ ଆପ୍‌ନେ ହୋବୈ, ବୈସା ଜାନ୍ ବିରାନେ, କହେ କବୀର୍ ୱେ ଜାଏଁ ନରକ୍ ମେଁ, ଜୋ କାଟେଁ ଶିଶ୍ ଖୁରାଁନେଁ" ଯେଉଁ ବ୍ୟକ୍ତି ପଶୁମାନଙ୍କୁ ହତ୍ୟାକରି ତା ଗୋଡ଼, ମୁଣ୍ଡ ଓ କଲିଜା ଆଦିକୁ ନୃଶଂସ ଭାବେ କାଟି ଭକ୍ଷଣ କରିଥାନ୍ତି

ସେମାନେ ମହାନର୍କର ଭାଗୀ ହେବେ । ଯେଉଁଭଳି ଦୁଃଖ ନିଜ ପିଲା ଓ ଆତ୍ମୀୟ ସ୍ୱଜନଙ୍କର ହତ୍ୟାରେ ହୋଇଥାଏ ଠିକ୍ ସେହିଭଳି ଦୁଃଖ ଅନ୍ୟ ପଶୁଙ୍କର ମଧ୍ୟ ହୋଇଥାଏ ବୋଲି ଜାଣିବା ଉଚିତ୍, ଏବେ ବୃକ୍ଷଲତା ଆଦିକୁ ଖାଇବା ବିଷୟରେ ଜାଣିବା, ଏଗୁଡିକୁ ଖାଇବା ପାଇଁ ପ୍ରଭୁଙ୍କର ଆଦେଶ ଅଛି ଏବଂ ଏସବୁ ଜଡ ଯୋନି ଅର୍ନ୍ତଭୁକ୍ତ । ଅନ୍ୟ ଚେତନ ପ୍ରାଣୀମାନଙ୍କର ବଧ କରିବା ପ୍ରଭୁଙ୍କ ଆଦେଶର ବିରୁଦ୍ଧ ଅଟେ, ତେଣୁ ଜୀବହତ୍ୟା ମହାପାପ ଅଟେ ।

ମଦ୍ୟ ସେବନ କରିବା ପାଇଁ ମଧ୍ୟ ପ୍ରଭୁଙ୍କର ଆଦେଶ ନାହିଁ, ଅଧିକନ୍ତୁ ସ୍ପଷ୍ଟ ଭାବେ ମନା କରାଯାଇଛି । ମଦ୍ୟପାନ କରି ମାନବ ନିଜ ଜୀବନ ନଷ୍ଟ କରିବା ଅନୁଚିତ । ମଦ ପିଇଥିବା ବ୍ୟକ୍ତି ଯେକୌଣସି ଭୁଲ ମଧ୍ୟ କରିପାରେ । ମଦ୍ୟପାନ ଧନ, ମାନ ଓ ପାରିବାରିକ ଶାନ୍ତି ତଥା ସଭ୍ୟ ସମାଜର ବଡ଼ ଶତ୍ରୁ ଅଟେ । ନିଜ ପିଲାମାନଙ୍କ ଭବିଷ୍ୟତ ଉପରେ ମଧ୍ୟ ଏହା କୁପ୍ରଭାବ ପକାଇଥାଏ । ମଦ୍ୟପାନ କରୁଥିବା ବ୍ୟକ୍ତି ଯେତେ ଭଦ୍ର ଓ ସାଧୁ ହୋଇଥାନ୍ତୁ ନା କାହିଁକି ସେମାନଙ୍କର ନା କୌଣସି ଇଜ୍ଜତ ଥାଏ ନା ତାଙ୍କ ଉପରେ କାହାର ବିଶ୍ୱାସ ଥାଏ ।

ଥରେ ଏହି ଦାସ ଏକ ଗ୍ରାମକୁ ସତସଙ୍ଗ କରିବା ପାଇଁ ଯାଇଥିଲା । ସେଦିନ ନିଶା ନିଷେଧ ବିଷୟ ଉପରେ ସତସଙ୍ଗ ହେଲା । ସତସଙ୍ଗ ଉପରାନ୍ତ ଜଣେ ଏଗାର ବର୍ଷର କନ୍ୟା କଇଁ କଇଁ ହୋଇ କାନ୍ଦୁଥିବାର ଦେଖିଲି । ପଚାରିବାରୁ ସେ ଝିଅ କହିଲା, ମହାରାଜଜୀ ! ମୋ ପିତା ପାଲମ୍ ବିମାନ ବନ୍ଦରରେ ଭଲ ଚାକିରି କରିଛନ୍ତି ପରନ୍ତୁ ମଦ୍ୟପାନରେ ସମସ୍ତ ଟଙ୍କା ଖର୍ଚ୍ଚ କରି ଦେଉଛନ୍ତି । ମୋ ମାଆ ମନା କରିବାରୁ ତାଙ୍କୁ ସେ ଏତେ ପିଟୁଛନ୍ତି ଯେ ମାଆଙ୍କ ଶରୀରରେ କଳାଦାଗ ସୃଷ୍ଟି ହୋଇଯାଉଛି । ଦିନେ ମୋ ବାପା ମୋ ମାଆଙ୍କୁ ପିଟୁଥିବା ସମୟରେ ମୁଁ ମାଆଙ୍କ ଉପରେ ଶୋଇପଡି ରକ୍ଷା କରିବାକୁ ଚେଷ୍ଟା କରିବାରୁ ସେ ମୋତେ ମଧ୍ୟ ପିଟିଲେ । ମୋ ଓଠ ଫୁଲିଗଲା ଯାହା ଦଶଦିନ ପରେ ଠିକ୍ ହୋଇଥିଲା । ମୋ ମମି ଆମ୍ଭମାନଙ୍କୁ ଛାଡି ମୋ ମାମୁଁଙ୍କ ଘରକୁ ଚାଲିଗଲେ । ଜେଜେମା ଛଅମାସ ପରେ ମୋ ମାଆଙ୍କୁ ମାମୁଁଘରୁ ଆଣିଲେ । ସେପର୍ଯ୍ୟନ୍ତ ଆମ୍ଭେ ଜେଜେମାଙ୍କ ପାଖରେ ରହିଥିଲୁ । ବାପା ଔଷଧ ମଧ୍ୟ ଦେଲେ ନାହିଁ । ସକାଳେ ଶୀଘ୍ର ଉଠିପଡ଼ି ଚାକିରିକୁ ଚାଲିଯାନ୍ତି । ସନ୍ଧ୍ୟାରେ ମଦପିଇ ଘରକୁ ଫେରନ୍ତି । ଆମ୍ଭେ ତିନିଭଉଣୀ ଯେଉଁମାନଙ୍କ ମଧ୍ୟରୁ ଦୁଇଜଣ ମୋଠାରୁ ସାନ । ବାପା ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ଆମ୍ଭେ ତିନିଭଉଣୀ ପଲଙ୍କ ତଳେ ଲୁଚି ଯାଉଥିଲୁ ।

ପୁଣ୍ୟାତ୍ମାଗଣ, ବିଚାର କରନ୍ତୁ, ଯେଁଉ ପିଲାମାନଙ୍କୁ ପିତା ହୃଦୟରେ ଲଗାଇ ସ୍ନେହ କରିବା ଉଚିତ୍ ତଥା ପିତାଙ୍କ ଫେରିବା ବାଟକୁ ପିଲା କେତେ ଆଗ୍ରହର ସହିତ ଚାହିଁ ବସିଥାନ୍ତି ଯେ ବାପା ଆସିବେ, ଫଳ, ମିଠା ଆଣିବେ । ଆଜି ଏହି ମାନବ ସମାଜର ବଡ ଶତ୍ରୁ ମଦ କେତେ ସୁଖ ସଂସାରକୁ ଉଜାଡି ସାରିଛି ତା'ର ହିସାବ ନାହିଁ । ମଦ୍ୟପ ବ୍ୟକ୍ତି ନିଜର ହାନି କରିବା ସହିତ ଅନେକ ଆତ୍ମାକୁ ଦୁଃଖି କରିବାର ପାପକୁ ମଧ୍ୟ ଆମନ୍ତ୍ରଣ କରିଥାଏ । ଯେପରି ପତ୍ନୀର ଦୁଃଖରେ ତାଙ୍କ ମାତା-ପିତା, ଭାଇ-ଭଉଣୀ, ପୁଣି ନିଜ ମାତା-ପିତା, ଭାଇ-ଭଉଣୀ, ଦାଦା-ଦାଦୀ ସମସ୍ତେ ଦୁଃଖିତ ଓ ଅସନ୍ତୁଷ୍ଟ ହୋଇଥାନ୍ତି । ଜଣେ ମଦ୍ୟପ ବ୍ୟକ୍ତି ପଡୋଶୀ ଭଦ୍ର ବ୍ୟକ୍ତିଙ୍କର ଅଶାନ୍ତିର କାରଣ ହୋଇଥାଏ । ମଦ୍ୟପ ବ୍ୟକ୍ତି ଘରେ ଝଗଡା କରିବା ସମୟରେ ପତ୍ନୀ ଓ ପିଲାମାନଙ୍କର ଚିତ୍କାର ଶୁଣି ରକ୍ଷା କରିବାକୁ ଆସି ପଡୋଶୀ ଅକ୍ରୋଶର ଶୀକାର ହୋଇଥାଏ । ରକ୍ଷା କରିବାକୁ ନ ଆସିଲେ ମଧ୍ୟ କଳି-ଝଗଡା ଓ କୋଳାହଳରେ ନିଦ୍ରାଭଙ୍ଗ ହୋଇଥାଏ । ଏହି ଦାସ ଠାରୁ ଉପଦେଶ ନେଇ ପ୍ରତିଦିନ ମଦ ପିଉଥିବା ପ୍ରାୟ ଏକଲକ୍ଷ ବ୍ୟକ୍ତି ନିଶା ସେବନ ଓ ମାଂସ ଭକ୍ଷଣ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରି ଦେଇଛନ୍ତି ତଥା ସନ୍ଧ୍ୟା ସମୟରେ ମଦରୂପୀ ଡାହାଣୀର ଯେଉଁ ନୃତ୍ୟ ଚାଲୁଥିଲା ତାହା ଏବେ ବନ୍ଦ ହୋଇଯାଇଛି । ଏବେ ସେହି ପୁଣ୍ୟାତ୍ମାମାନେ ନିଜ ପିଲାମାନଙ୍କ ସହିତ ବସି ଘରେ ସନ୍ଧ୍ୟା ଆରତୀ କରୁଛନ୍ତି । ହରିୟାଣା ପ୍ରଦେଶ ଓ ନିକଟବର୍ତ୍ତୀ ରାଜ୍ୟଗୁଡିକର ପ୍ରାୟ ଦଶହଜାର ଗ୍ରାମ ଓ ସହରରେ ଆଜି ମଧ୍ୟ ପ୍ରତି ଚାରିପାଞ୍ଚଜଣରେ ଜଣେ ଚମ୍ପିଆନ(ଏକନମ୍ବର ମଦ୍ୟପ) ଏହାର ଜ୍ୱଳନ୍ତ ଉଦାହରଣ ଯେଉଁମାନେ ସମସ୍ତ କୁଅଭ୍ୟାସରୁ ନିଜକୁ ଦୁରେଇ ନିଜର ଅମୂଲ୍ୟ ମାନବ ଜୀବନକୁ ସଫଳ

କରିଛନ୍ତି । କିଛି ଲୋକ କୁହନ୍ତି ଯେ ଆମ୍ଭେ ସବୁବେଳେ ପିଇ ନଥାଉ, କେତେବେଳେ କେମିତି ପିଇଥାଉ । ବିଷ ସର୍ବଦା ବିଷ, ଅଳ୍ପ ବିଷ ମଧ୍ୟ ଭୟଙ୍କର ହୋଇଥାଏ। ଅଳ୍ପ ମାତ୍ରା, ଅଧିକ ମାତ୍ରା କହିବା ହିଁ ଅପରାଧ ଯାହା ଭକ୍ତି-ମୁକ୍ତି ମାର୍ଗରେ ବାଧକ ସାଜିଥାଏ ।

ଉଦାହରଣ ସ୍ୱରୂପ ଦୁଇ କିଲୋ ଦେଶୀ ଘିଅରେ ହାଲୁଆ ତିଆରି କଲେ (ସତ୍ୟଭକ୍ତି କଲେ) । ତାପରେ ୨୫୦ ଗ୍ରାମ ବାଲି-ଧୂଳି (ତମାଖୁ-ମାଂସ-ମଦିରା ସେବନ ଓ ଅନ୍ୟ ଉପାସନା କଲେ) ସେଥିରେ ମିଶାଇ ଦେଲେ । ତିଆରି ହୋଇଥିବା ସମସ୍ତ ଦ୍ରବ୍ୟ ନଷ୍ଟ ହେଲା କି ନାହିଁ । ଏଥିପାଇଁ ପୂର୍ଣ୍ଣସନ୍ଥଙ୍କଠାରୁ ପୂଜାବିଧି ପ୍ରାପ୍ତ କରି ଆଜୀବନ ପୂର୍ଣ୍ଣ ପରମାତ୍ମା (ପରମ ଅକ୍ଷରବ୍ରହ୍ମ)ଙ୍କ ମର୍ଯ୍ୟାଦାରେ ରହି ଭକ୍ତି କରିବା ଦ୍ୱାରା ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହୋଇଥାଏ ।

"ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ହିଁ ଭକ୍ତି ପ୍ରାରମ୍ଭ ହୋଇଥାଏ"

ଗୀତା ଅଧ୍ୟାୟ ୯ ର ଶ୍ଳୋକ ୨୬,୨୭, ୨୮ ର ଭାବର୍ଥ ହେଲା କି ଯେକୌଣସି ଆଧ୍ୟାତ୍ମିକ କିମ୍ବା ସାଂସାରିକ କର୍ମ କରିବେ ସମସ୍ତ କର୍ମ ମୋ ମତାନୁସାରେ ବେଦ ବର୍ଣ୍ଣିତ ପୂଜାବିଧି ଅନୁସାରେ ହିଁ କରିବେ । ସେହି ଉପାସକ ମୋ ଦ୍ୱାରା (କାଳ ଦ୍ୱାରା) ହିଁ ଲାଭାନ୍ୱିତ ହୋଇଥାଏ । ଏହାର ବର୍ଣ୍ଣନ ଏହି ଅଧ୍ୟାୟର ଶ୍ଳୋକ ୨୦, ୨୧ ରେ ରହିଛି । ଅଧ୍ୟାୟ ୯ ର ଶ୍ଳୋକ ୨୯ ରେ ଭଗବାନ କହୁଛନ୍ତି ଯେ ମୋର କାହା ପ୍ରତି ଦ୍ୱେଷ ବା ପ୍ରେମଭାବ ନାହିଁ । ପୁଣି ତୁରନ୍ତ କହୁଛନ୍ତି ଯେ ମୋତେ ପ୍ରେମର ସହିତ ଯେଉଁମାନେ ଭଜିଥାନ୍ତି ସେମାନେ ମୋର ପ୍ରିୟ ଅଟନ୍ତି ଅର୍ଥାତ୍ ମୁଁ ସେମାନଙ୍କ ମଧ୍ୟରେ ଏବଂ ସେମାନେ ମୋ ମଧ୍ୟରେ ଅଛନ୍ତି । ରାଗ ଓ ଦ୍ୱେଷର ପ୍ରତ୍ୟକ୍ଷ ପ୍ରମାଣ ଅଛି-ଯେପରି ଭକ୍ତ ପ୍ରହଲ୍ଲାଦ ଭଗବାନ ବିଷ୍ଣୁଙ୍କ ଶରଣରେ ଥିଲେ ଏବଂ ହିରଣ୍ୟକଶ୍ୟପ ତାଙ୍କ ପ୍ରତି ଦ୍ୱେଷ କରୁଥିଲା, ସେଥିପାଇଁ ଭଗବାନ ନରସିଂହ ରୂପ ଧାରଣ କରି ନିଜ ପ୍ରିୟ ଭକ୍ତର ରକ୍ଷାକରି ରାକ୍ଷସ ହିରଣ୍ୟକଶ୍ୟପର ଅନ୍ତନାଡି ବାହାର କରି ସମାପ୍ତ କଲେ । ପ୍ରହଲ୍ଲାଦ ପ୍ରତି ପ୍ରେମ ଓ ହିରଣ୍ୟକଶ୍ୟପ ପ୍ରତି ଦ୍ୱେଷ ଏଠି ପ୍ରତ୍ୟକ୍ଷ ସିଦ୍ଧ ହେଲା ।

ଏଥିପାଇଁ ପବିତ୍ର ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୨ ଶ୍ଳୋକ ୫୩ ରେ କହିଛନ୍ତି ଯେ ତତ୍ତ୍ୱଜ୍ଞାନ ହୋଇଯିବା ପରେ ମନକୁ ଭ୍ରମିତ କରୁଥିବା ନାନାପ୍ରକାର ବଚନ ଦ୍ୱାରା ବିଚଳିତ ହୋଇ ଯାଇଥିବା ତୋର ଏହି ବୁଦ୍ଧି ସେହି ଏକ ପୂର୍ଣ୍ଣ ପରମାତ୍ମାଙ୍କଠାରେ ଦୃଢ ହୋଇଯିବ । ସେତେବେଳେ ତୁ ଯୋଗୀ ହେବୁ ଅର୍ଥାତ୍ ତୁ ଅନନ୍ୟ ମନରେ ନିଃସଂଶୟ ହୋଇ ଏକ ପୂର୍ଣ୍ଣ ପ୍ରଭୁଙ୍କର ଭକ୍ତି ପ୍ରାରମ୍ଭ କରିବୁ ।

ପବିତ୍ର ଗୀତା ଅଧ୍ୟାୟ ୨ ର ଶ୍ଳୋକ ୪୬ ରେ କୁହାଯାଇଛି ଯେ ଯେପରି ବହୁତ ବଡ ଜଳାଶୟ (ଯାହାର ଜଳ ବର୍ଷା ନହେଲେ ମଧ୍ୟ ୧୦ ବର୍ଷ ପର୍ଯ୍ୟନ୍ତ ସମାପ୍ତ ହୋଇନଥାଏ)ର ପ୍ରାପ୍ତି ହୋଇଯିବା ପରେ ଛୋଟ ଜଳାଶୟ(ଯାହାର ଜଳ କେବଳ ଏକବର୍ଷ ବର୍ଷା ନହେଲେ ସମାପ୍ତ ହୋଇଯାଏ) ର ପ୍ରୟୋଜନ ନଥାଏ । ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା (ପରମ ଅକ୍ଷର ପୁରୁଷ) ଙ୍କ ଗୁଣର ଜ୍ଞାନ ତତ୍ତ୍ୱଜ୍ଞାନ ଦ୍ୱାରା ହୋଇଯିବା ପରେ ଆପଣଙ୍କ ଆସ୍ଥା ଅନ୍ୟ ଜ୍ଞାନ, ଅନ୍ୟ ଭଗବାନ (ଅନ୍ୟ ଦେବତା ଯେପରି ବ୍ରହ୍ମା, ବିଷ୍ଣୁ, ଶିବ, କ୍ଷରପୁରୁଷ ଅର୍ଥାତ୍ ବ୍ରହ୍ମ, ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ) ଙ୍କ ଉପରେ ସେହିଭଳି ରହି ଯାଇଥାଏ । ଯେପରି ଛୋଟ ଜଳାଶୟର ଜଳ ଖରାପ ଲାଗି ନଥାଏ କିନ୍ତୁ କ୍ଷମତା (ସାମର୍ଥ୍ୟ) ସ୍ପଷ୍ଟ ଜଣା ପଡିଯାଇଥାଏ । ଏହା କେବଳ କାମଚଳା ବ୍ୟବସ୍ଥା ଭଳି ଯାହା ଜୀବନ ନିର୍ବାହ ପାଇଁ ପର୍ଯ୍ୟାପ୍ତ ନୁହେଁ ତଥା ବହୁତ ବଡ ଜଳାଶୟ ପ୍ରାପ୍ତି ହେବା ପରେ ଏହା ଜଣା ପଡି ଯାଇଥାଏ ଯେ ଅକାଳ ପଡିଲେ ମଧ୍ୟ କୌଣସି ସମସ୍ୟା ହେବ ନାହିଁ ତଥା ତୁରନ୍ତ ଛୋଟ ଜଳାଶୟକୁ ତ୍ୟାଗ କରି ବଡ ଜଳାଶୟ ଉପରେ ଆଶ୍ରିତ ହୋଇଯିବା ।

ଏହି ପ୍ରକାରେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପ୍ରାପ୍ତ ପୂର୍ଣ୍ଣ ପରମାତ୍ମାଙ୍କ ତତ୍ତ୍ୱଜ୍ଞାନ ଦ୍ୱାରା ପୂର୍ଣ୍ଣବ୍ରହ୍ମଙ୍କ ମହିମା ସହିତ ପରିଚିତ ହୋଇଯିବା ପରେ ସାଧକ ପୂର୍ଣ୍ଣ ରୂପେ (ଅନନ୍ୟ ମନରେ) ସେହି ପୂର୍ଣ୍ଣ ପରମାତ୍ମା (ପରମେଶ୍ୱର)ଙ୍କଠାରେ ସର୍ବ ଭାବରେ ଆଶ୍ରିତ ହୋଇଯାଏ ।

ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କୁହାଯାଇଛି ଯେ ହେ ଅର୍ଜୁନ ! ତୁମେ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ, ସେହି ପରମାତ୍ମାଙ୍କ କୃପାରୁ ତୁମେ ପରମଶାନ୍ତି ଓ ଶାଶ୍ୱତସ୍ଥାନ ଅର୍ଥାତ୍ ସନାତନ ପରମଧାମ ଅର୍ଥାତ୍ କେବେ ମଧ୍ୟ ନଷ୍ଟ ହେଉନଥିବା ସତ୍ୟଲୋକ ପ୍ରାପ୍ତି କରିବ।

ଗୀତା ଅଧ୍ୟାୟ ୧୮ ର ଶ୍ଲୋକ ୬୩ ରେ କୁହାଯାଇଛି ଯେ ମୁଁ ତୁମକୁ ଏହି ରହସ୍ୟମୟ ଓ ଅତି ଗୋପନୀୟ (ଗୀତା) ଜ୍ଞାନ କହିଲି । ଏବେ ତୁମ ମନ ଯେପରି ଚାହୁଁଛି ସେହିପରି କର । (କାରଣ ଗୀତାର ଅନ୍ତିମ ଅଧ୍ୟାୟ ୧୮ ର ଅନ୍ତିମ ଶ୍ଲୋକ ଏବେ ଚାଲୁଛି ସେଥିପାଇଁ କହୁଅଛି) ।

**"ଗୀତା ଜ୍ଞାନଦାତା ବ୍ରହ୍ମଙ୍କର ଇଷ୍ଟ (ପୂଜ୍ୟଦେବ) ପୂର୍ଣ୍ଣବ୍ରହ୍ମ ଅଟନ୍ତି"**

ଗୀତା ଅଧ୍ୟାୟ ୧୮ ର ଶ୍ଲୋକ ୬୪ ରେ କହିଛନ୍ତି ଯେ ଏକ ଗୋପନୀୟରୁ ଅତି ଗୋପନୀୟ ମୋର ପରମ ରହସ୍ୟ ଯୁକ୍ତ ଜ୍ଞାନ ବିଷୟରେ ପୁଣିଥରେ କହୁଛି ଶୁଣ, ଏହି ପୂର୍ଣ୍ଣ ପରମାତ୍ମା (ଯାହାଙ୍କ ବିଷୟରେ ଅଧ୍ୟାୟ ୧୮ ର ଶ୍ଲୋକ ୬୨ ରେ କୁହାଯାଇଛି) ମୋର ମଧ୍ୟ ପରମ ପୂଜ୍ୟଦେବ ଅଟନ୍ତି, ଅର୍ଥାତ୍ ମୁଁ (ବ୍ରହ୍ମ/କ୍ଷରପୁରୁଷ) ମଧ୍ୟ ତାଙ୍କ ପୂଜା କରେ । ତୁମ ହିତ ପାଇଁ ମୁଁ ଏହା କହୁଛି । (କାରଣ ଏହି ଜ୍ଞାତବ୍ୟ ବିଷୟ ଗୀତା ଜ୍ଞାନଦାତା ପ୍ରଭୁ ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ୪ ରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ଯେଉଁଥିରେ ସେ କହିଛନ୍ତି ଯେ ମୁଁ ସେହି ଆଦିପୁରୁଷ ପରମେଶ୍ୱରଙ୍କ ଶରଣରେ ଅଛି । ଏଥିପାଇଁ ଏଠାରେ କହୁଛନ୍ତି ଯେ ଗୁପ୍ତରୁ ବି ଅତିଗୁପ୍ତ ଜ୍ଞାନ ପୁନର୍ବାର ଶୁଣ ।)

ବିଶେଷ :- ଗୀତାର ଅନ୍ୟ ଅନୁବାଦ କର୍ତ୍ତାମାନେ ଭୁଲ ଅନୁବାଦ କରିଛନ୍ତି । "ଇଷ୍ଟଃ ଅସି ମେ ଦୃଢମ୍ ଇତି" ର ଅର୍ଥ ''ତୁ ମୋର ପ୍ରିୟ'' ବୋଲି କରିଛନ୍ତି । କିନ୍ତୁ ଏହାର ଅର୍ଥ ନିମ୍ନରେ ଏହି ପ୍ରକାରେ ଅଟେ :-

ଅଧ୍ୟାୟ ୧୮ ର ଶ୍ଲୋକ ୬୪

ସର୍ବଗୁହ୍ୟତମମ୍,ଭୂୟଃ,ଶୃଣୁ,ମେ,ପରମମ୍,ବଚଃ,ଇଷ୍ଟଃ,ଅସି,ମେ,ଦୃଢମ୍,ଇତି,ତତଃ,ବକ୍ଷାମି,ତେ,ହିତମ୍।।

ଅନୁବାଦ:- (ସର୍ବଗୁହ୍ୟତମମ୍) ସମ୍ପୂର୍ଣ୍ଣ ଗୋପନୀୟରୁ ଅତି ଗୋପନୀୟ (ମେ) ମୋର (ପରମମ୍) ପରମ ରହସ୍ୟଯୁକ୍ତ (ହିତମ୍) ହିତକାରକ (ବଚଃ) ବଚନ (ତେ) ତୋତେ (ଭୂୟଃ) ପୁଣି (ବକ୍ଷାମି) କହିବି (ତତଃ) ଏହାକୁ (ଶୃଣୁ) ଶୁଣ (ଇତି) ଏହି ପୂର୍ଣ୍ଣବ୍ରହ୍ମ (ମେ) ମୋର (ଦୃଢମ୍) ପକ୍କା, ନିଶ୍ଚିତ (ଇଷ୍ଟଃ) ପୂଜ୍ୟ ଦେବ (ଅସି) ଅଟନ୍ତି ।

ଗୀତା ଅଧ୍ୟାୟ ୧୮ ର ଶ୍ଲୋକ ୬୫ ରେ ଗୀତା ଜ୍ଞାନଦାତା ପ୍ରଭୁ (କାଳ ଭଗବାନ କ୍ଷରପୁରୁଷ) କହିଛନ୍ତି ଯେ ଯଦି ମୋ ଶରଣରେ ରହିବାର ଅଛି ତେବେ ମୋ ପୂଜା ଅନନ୍ୟ ମନରେ କର । ଅନ୍ୟ ଦେବତା (ବ୍ରହ୍ମା, ବିଷ୍ଣୁ, ଶିବ) ଓ ପିତୃପୁରୁଷଆଦିଙ୍କ ପୂଜା ତ୍ୟାଗକର, ତା'ପରେ ମୋତେ ପ୍ରାପ୍ତ ହେବ ଅର୍ଥାତ୍ ବ୍ରହ୍ମଲୋକରେ ନିର୍ମିତ ମହାସ୍ୱର୍ଗକୁ ଚାଲିଯିବ । ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଅଛି, ତୁମେ ମୋର ପ୍ରିୟ ଅଟ ।

ଗୀତା ଅଧ୍ୟାୟ ୧୮, ଶ୍ଲୋକ ୬୬ ରେ କହିଛନ୍ତି ଯେ ଯଦି (ଏକମ୍) ସେହି ଅଦ୍ୱିତୀୟ ଅର୍ଥାତ୍ ଯାହାର ତୁଳନାରେ ଅନ୍ୟ କାହା ସହିତ ହୋଇ ନ ପାରେ, ସେହି ଏକ ସର୍ବ ଶକ୍ତିମାନ, ସର୍ବ ବ୍ରହ୍ମାଣ୍ଡର ରଚୟିତା, ସମସ୍ତଙ୍କ ଧାରଣ ପୋଷଣ କରୁଥିବା ପରମେଶ୍ୱରଙ୍କ ଶରଣରେ ଯିବାର ଅଛି ତେବେ ମୋ ସ୍ତରର ସାଧନା (ଓଁ ନାମ ଜପର ଉପାର୍ଜନ) ଓ ଅନ୍ୟ ଧାର୍ମିକ ଶାସ୍ତ୍ର ଅନୁକୂଳ ଯଜ୍ଞ ସାଧନା ମୋ ନିକଟରେ ଛାଡ଼ି ଦିଅ (ଯାହାଦ୍ୱାରା ତୁମେ ମୋ ଋଣରୁ ମୁକ୍ତ ହୋଇଯିବ) । ସେହି (ଏକମ୍) ଅଦ୍ୱିତୀୟ ଅର୍ଥାତ୍ ଯାହାଙ୍କ ସମାନ କେହି ନୁହଁନ୍ତି ତାଙ୍କ ଶରଣକୁ (ବ୍ରଜ) ଯାଅ । ମୁଁ ତୁମକୁ ସମସ୍ତ ପାପରୁ (କାଳ ଋଣରୁ) ମୁକ୍ତ କରିଦେବି, ତୁମେ ଆଦୌ ଚିନ୍ତା କରନାହିଁ ।

ବିଶେଷ :- ଗୀତାର ଅନ୍ୟ ଅନୁବାଦ କର୍ତ୍ତାମାନେ ଶ୍ଲୋକ ୬୬ ର ଭୁଲ ଅନୁବାଦ କରିଛନ୍ତି । ବ୍ରଜର ଅର୍ଥ ଆସିବା କରିଛନ୍ତି । ପ୍ରକୃତରେ କିନ୍ତୁ ବ୍ରଜର ଅର୍ଥ ଯିବା ହୋଇଥାଏ । କୃପାକରି ବାସ୍ତବିକ ଅନୁବାଦ ନିମ୍ନରେ ପଢନ୍ତୁ -

ଅଧ୍ୟାୟ ୧୮ ର ଶ୍ଲୋକ ୬୬

ସର୍ବଧର୍ମାନ୍, ପରିତ୍ୟଜ୍ୟ, ମାମ୍, ଏକମ୍, ଶରଣମ୍, ବ୍ରଜ,
ଅହମ୍, ତ୍ୱା, ସର୍ବପାପେଭ୍ୟଃ, ମୋକ୍ଷୟିଷ୍ୟାମି, ମା ଶୁଚଃ ।।

ଅନୁବାଦ:- (ମାମ୍) ମୋର (ସର୍ବଧର୍ମାନ୍) ସମ୍ପୂର୍ଣ୍ଣ ପୂଜାଗୁଡ଼ିକୁ (ପରିତ୍ୟଜ୍ୟ) ତ୍ୟାଗ କରି ତୁ କେବଳ (ଏକମ୍) ସେହି ଏକ ପୂର୍ଣ୍ଣ ପରମମାତ୍ମାଙ୍କ (ଶରଣମ୍) ଶରଣକୁ (ବ୍ରଜ) ଯାଅ । (ଅହମ୍) ମୁଁ (ତ୍ୱା) ତୋତେ (ସର୍ବପାପେଭ୍ୟଃ) ସମ୍ପୂର୍ଣ୍ଣ ପାପରୁ (ମୋକ୍ଷୟିଷ୍ୟାମି) ମୁକ୍ତ କରିଦେବି ତୁ (ମା, ଶୁଚଃ) ଆଦୌ ଦୁଃଖ କରନାହିଁ ।

"ବ୍ରହ୍ମଙ୍କ ସାଧକ ବ୍ରହ୍ମଙ୍କୁ ଓ ପୂର୍ଣ୍ଣବ୍ରହ୍ମଙ୍କ ସାଧକ ପୂର୍ଣ୍ଣବ୍ରହ୍ମଙ୍କୁ ହିଁ ପ୍ରାପ୍ତ ହୁଅନ୍ତି"

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୫ ରୁ ୧୦ ଓ ୧୩ ତଥା ଗୀତା ଅଧ୍ୟାୟ ୧୭ ର ଶ୍ଳୋକ ୨୩ ରେ ନିର୍ଣ୍ଣାୟକ ଜ୍ଞାନ ଅଛି । ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୩ ରେ କୁହାଯାଇଛି ଯେ ମୋ ବ୍ରହ୍ମର ସାଧନା ତ କେବଳ ଗୋଟିଏ ଓଁ ଅକ୍ଷରର ଅଟେ ଯାହାକୁ ଉଚ୍ଚାରଣ କରି ଜପ କରିବାକୁ ପଡିବ । ଯେଉଁ ସାଧକ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ଜପ କରିଥାଏ ସେ ମୋଠାରୁ ମିଳୁଥିବା ପରମଗତିକୁ ପ୍ରାପ୍ତ କରିଥାଏ । (ନିଜ ପରମଗତିକୁ ଗୀତା ଜ୍ଞାନଦାତା ପ୍ରଭୁ ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ଅତି ଅନୁତ୍ତମ ଅର୍ଥାତ୍ ଅତି ନିକୃଷ୍ଟ (ଅଶ୍ରେଷ୍ଠ) କହିଛନ୍ତି ।)

ଗୀତା ଅଧ୍ୟାୟ ୧୭ ର ଶ୍ଳୋକ ୨୩ ରେ କହିଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ପ୍ରାପ୍ତି ପାଇଁ କେବଳ ତିନୋଟି ମନ୍ତ୍ର ଓଁ ତତ୍ ସତ୍ ଜପ କରିବାକୁ ନିର୍ଦ୍ଦେଶ ଅଛି । (ଯେଉଁଥିରେ ଓଁ ଜପ ବ୍ରହ୍ମଙ୍କର ଅଟେ, ତତ୍ ସାଙ୍କେତିକ ଯାହା ପରବ୍ରହ୍ମଙ୍କ ଜପ ଅଟେ ଏବଂ ସତ୍ ମଧ୍ୟ ସଂଙ୍କେତିକ ଯାହା ପୂର୍ଣ୍ଣବ୍ରହ୍ମଙ୍କର ଜପ ଅଟେ) ତତ୍ତ୍ୱଦର୍ଶୀ ସନ୍ଥ ସେହି ପୂର୍ଣ୍ଣ ପରମାତ୍ମାଙ୍କ ତତ୍ତ୍ୱଜ୍ଞାନକୁ ଜାଣିଛନ୍ତି, ତାଙ୍କଠାରୁ ପ୍ରାପ୍ତ କର । ମୁଁ (ଗୀତା ଜ୍ଞାନଦାତା କ୍ଷରପୁରୁଷ) ଜାଣେ ନାହିଁ ।

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୫ ରୁ ୭ ରେ କହିଛନ୍ତି ଯେ ଅନ୍ତିମ ସମୟରେ ମୋର ସୁମିରଣ କରି ଯିଏ ଶରୀର ତ୍ୟାଗ କରେ ସେ ମୋ (ବ୍ରହ୍ମଙ୍କ) ଭାବନାରେ ପ୍ରଭାବିତ ହୋଇ ରହିଯାଏ । ପୁଣି କେବେ ମନୁଷ୍ୟ ଜନ୍ମ ପ୍ରାପ୍ତ କଲେ ସେହି ସାଧକ ନିଜ ସାଧନା ବ୍ରହ୍ମଙ୍କଠାରୁ ପ୍ରାରମ୍ଭ କରିଥାଏ ଏବଂ ତାହାର ସ୍ୱଭାବ ସେହିଭଳି ହୋଇ ଯାଇଥାଏ । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୬-୧୭ ରେ ମଧ୍ୟ ଅଛି ଯେ ଯେଉଁ ସାଧକ ପୂର୍ବଜନ୍ମରେ ଯେପରି ସାଧନା କରିଛି ଆଗାମୀ ଜନ୍ମରେ ସ୍ୱଭାବବଶତଃ ସେହିଭଳି ସାଧନା କରିଥାଏ ।)

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୭ ରେ କହିଛନ୍ତି ଯେ ସର୍ବଦା ମୋର ସୁମିରଣ କର ତଥା ଯୁଦ୍ଧ ମଧ୍ୟ କର, ନିଃସନ୍ଦେହ ମୋତେ ହିଁ ପ୍ରାପ୍ତ ହେବ ।

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୮ରୁ ୧୦ ରେ ସ୍ପଷ୍ଟ କରାଯାଇଛି ଯେ ଯେଉଁ ସାଧକ ଅନନ୍ୟ ମନରେ ପରମେଶ୍ୱରଙ୍କର ନାମ ଜପ କରିଥାଏ, ସେ ସର୍ବଦା ତାଙ୍କୁ ସୁମିରଣ କରୁଥିବା (ପରମ ଦିବ୍ୟମ୍ ପୁରୁଷ ଯାତି) ସେହି ପରମ (ଶ୍ରେଷ୍ଠ) ଦିବ୍ୟପୁରୁଷ ଅର୍ଥାତ୍ ପରମେଶ୍ୱର(ପୂର୍ଣ୍ଣବ୍ରହ୍ମ)ଙ୍କୁ ପ୍ରାପ୍ତ କରିଥାଏ । (ଅଧ୍ୟାୟ ୮ ର ଶ୍ଳୋକ ୮) ।

ଯେଉଁ ସାଧକ ଅନାଦି, ସମସ୍ତଙ୍କର ନିୟନ୍ତକ, ସୂକ୍ଷ୍ମରୁ ଅତି ସୂକ୍ଷ୍ମ ସମସ୍ତଙ୍କର ଧାରଣ ପୋଷଣ କରୁଥିବା ସୂର୍ଯ୍ୟଙ୍କ ଭଳି ସ୍ୱପ୍ରକାଶିତ ଅର୍ଥାତ୍ ତେଜମୟ ଶରୀରଯୁକ୍ତ ଅଜ୍ଞାନ ରୂପୀ ଅନ୍ଧକାରର ଉର୍ଦ୍ଧ୍ୱରେ ଥିବା (କବିମ୍) କବିର୍ଦ୍ଦେବ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କର ସୁମିରଣ କରିଥାଏ। (ଅଧ୍ୟାୟ ୮ ର ଶ୍ଳୋକ ୯) ।

ସେହି ଭକ୍ତିଯୁକ୍ତ ସାଧକ ତିନି ମନ୍ତ୍ରଜପର ସାଧନାର ଶକ୍ତି (ନାମଜପର ଉପାର୍ଜନ) ବଳରେ ଅନ୍ତିମ ସମୟରେ ଶରୀର ତ୍ୟାଗକରି ଯିବା ସମୟରେ ତ୍ରିକୁଟିରେ ପହଞ୍ଚି ଅଭ୍ୟାସବଶତଃ ସାରନାମର ସୁମିରଣ କରି ସେହି ଦିବ୍ୟ ରୂପ ଅର୍ଥାତ୍ ତେଜମୟ ଅର୍ଥାତ୍ ସାକାର (ପରମ ପୁରୁଷ) ପରମେଶ୍ୱରଙ୍କୁ ପ୍ରାପ୍ତ କରିଥାଏ । (ଅଧ୍ୟାୟ ୮ ର ଶ୍ଳୋକ ୧୦) ।

"ବ୍ରହ୍ମ (କ୍ଷରପୁରୁଷ)ଙ୍କ ସାଧନା ଅନୁତ୍ତମ(ନିକୃଷ୍ଟ) ଅଟେ"

ଗୀତା ଅଧ୍ୟାୟ ୨ ର ଶ୍ଳୋକ ୧୨ ଓ ଅଧ୍ୟାୟ ୪ ର ଶ୍ଳୋକ ୫ ଓ ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ କହିଛନ୍ତି ଯେ ମୁଁ (ଗୀତା ଜ୍ଞାନଦାତା) ନାଶବାନ ଅଟେ । ତୋର ଓ ମୋର ଜନ୍ମ-ମୃତ୍ୟୁ ସଦାସର୍ବଦା ହେଉଥିବ । କେବଳ କୃତ କର୍ମ ପ୍ରାପ୍ତ ହେବ, ମୋକ୍ଷ ହେବ ନାହିଁ । ମୋ ସାଧନା କରିବା ବ୍ୟକ୍ତି ଯଦିବା ଉଦାର ସାଧକ ଅଟନ୍ତି ପରନ୍ତୁ ସେମାନେ ମଧ୍ୟ ମୋ ଅତି ନିକୃଷ୍ଟ (ଅନୁତ୍ତମାମ୍) ସାଧନାରେ ବ୍ୟସ୍ତ ରୁହନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨, ୬୪, ୬୬ ରେ କହିଛନ୍ତି ଯେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ ଏବଂ ସେ ମୋର ମଧ୍ୟ ପୂଜ୍ୟଦେବ ଅଟନ୍ତି ।

ପ୍ରାର୍ଥନା :- ଉପରୋକ୍ତ ତିନିମନ୍ତ୍ରର ସାଧନା ଆପଣଙ୍କ ଦାସର ଦାସ (ରାମପାଲ ଦାସ) ନିକଟରେ ଉପଲବ୍ଧ । ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ ନିଜ ଆତ୍ମାମାନଙ୍କ ଉପରେ ଦୟାକରି ଏହା ପ୍ରଦାନ କରିଛନ୍ତି । କାରଣ ବର୍ତ୍ତମାନ ମଧ୍ୟମ ପିଢିର ସମୟ । କଳିଯୁଗର ପ୍ରାରମ୍ଭରେ ଆମ୍ଭମାନଙ୍କର ପୂର୍ବଜ ଅଶିକ୍ଷିତ ଥିଲେ ।

ସେ ସମୟରେ ପରମେଶ୍ୱରଙ୍କ ତତ୍ତ୍ୱଜ୍ଞାନକୁ ଏହି ନକଲୀ ସନ୍ଥ, ଗୁରୁ, ମହନ୍ତ ଓ ଆଚାର୍ଯ୍ୟଗଣ ସର୍ବ ମାନବ ସମାଜ ସମ୍ମୁଖକୁ ଆସିବାକୁ ଦେଲେ ନାହିଁ ଏବଂ କଳିଯୁଗର ଅନ୍ତିମ ସମୟରେ ସମସ୍ତ ବ୍ୟକ୍ତି ଭକ୍ତିହୀନ ଓ ମହାବିକାର ଯୁକ୍ତ ହୋଇଯିବେ । ବର୍ତ୍ତମାନର ସମୟ ୨୦ ତମ ଶତାବ୍ଦୀ ପରଠାରୁ ଶିକ୍ଷିତ ସମାଜ ଆରମ୍ଭ ହୋଇଛି । ଏହା ମଧ୍ୟମ ପିଢି ଅର୍ଥାତ୍ ମନୁଷ୍ୟ ବଂଶ ଚାଲୁଅଛି । ବାସ୍ତବିକ ଜ୍ଞାନ ଆମ ସଦ୍‌ଗ୍ରନ୍ଥରେ ବିଦ୍ୟମାନ, ନକଲୀ ସନ୍ଥ, ଗୁରୁ, ଆଚାର୍ଯ୍ୟ ଓ ମହନ୍ତମାନେ ଅଜ୍ଞାନତାବଶତଃ ଏହି ଜ୍ଞାନକୁ ବୁଝିପାରିଲେ ନାହିଁ । ଯେଉଁ କାରଣରୁ ଭକ୍ତସମାଜ ଶାସ୍ତ୍ରବିରୁଦ୍ଧ ଜ୍ଞାନ ଆଧାରରେ, ମନଗଢା କଥା (ଲୋକବେଦ) ଉପରେ ଆଶ୍ରିତ ହୋଇ, ଶାସ୍ତ୍ରବିଧି ତ୍ୟାଗକରି ମନମୁଖି ଆଚରଣ କରି ଅମୂଲ୍ୟ ମାନବ ଜୀବନକୁ ବ୍ୟର୍ଥ କରୁଛନ୍ତି ।

ଶାସ୍ତ୍ରବିଧି ଅନୁସାରେ ସାଧନା:-

୧. ପ୍ରଥମ ଦଫାରେ ବ୍ରହ୍ମ ଗାୟତ୍ରୀ ମନ୍ତ୍ର ଦିଆଯାଏ, ଯାହାଦ୍ୱାରା କମଳଗୁଡିକ ଖୋଲିଥାଏ ।

ଉପଦେଶ ପ୍ରାପ୍ତି କରିଥିବା ଭକ୍ତାତ୍ମା ଏହା ଭାବୁଥିବେ ଯେ ଗୁରୁଜୀ କହୁଥିଲେ ଯେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ର ପୂଜା କରାଯିବ ନାହିଁ । କିନ୍ତୁ ମନ୍ତ୍ରଜପ ତ ସେହିମାନଙ୍କର ଦେଉଛନ୍ତି । ସେମାନଙ୍କୁ ଆମ୍ଭର ଏହି ନିବେଦନ ଯେ ଏହାକୁ ପୂଜା କୁହାଯାଏ ନାହିଁ । କାଳଲୋକରେ ଆମ୍ଭେ ବସବାସ କରୁଛେ ତେଣୁ ଏଠାରେ ଆମ୍ଭମାନଙ୍କୁ ଯେଉଁ ସୁବିଧାର ଆବଶ୍ୟକତା ଅଛି ସେ ସବୁ ବ୍ରହ୍ମା-ବିଷ୍ଣୁ-ଶିବ ଆଦି ପ୍ରଦାନ କରିଥାନ୍ତି ।

ଯେପରି ଆମ୍ଭେ ବିଜୁଳି କନେକସନ୍ (ଲାଭ) ନେଇ ବିଲ୍ (ଖର୍ଚ୍ଚ) ଦେବାକୁ ପଡିଥାଏ । ଆମ୍ଭେ ଶକ୍ତିମନ୍ତ୍ରୀ କିମ୍ବା ବିଜୁଳି ବିଭାଗର ପୂଜା କରୁନାହୁଁ । ଆମ୍ଭେ ସେମାନଙ୍କର ବିଲ୍ ପରିଶୋଧ କଲେ ଆମ୍ଭକୁ ବିଜୁଳିର ଲାଭ ମିଳିପାରିବ । ଏହିଭଳି ଟେଲିଫୋନ୍ (ଦୂରଭାଷ) ବିଲ୍ ଓ ପାଣି ବିଲ୍ ଆଦି ପୈଠ କରିବା ଦ୍ୱାରା ଆମ୍ଭଙ୍କୁ ସମସ୍ତ ସୁବିଧା ପ୍ରାପ୍ତ ହୋଇଥାଏ । ଆପଣ ଶାସ୍ତ୍ରବିରୁଦ୍ଧ ସାଧନା କରି ଭକ୍ତିହୀନ ହୋଇ ଯାଇଛନ୍ତି ଅର୍ଥାତ୍ ଆପଣ ପୂଣ୍ୟହୀନ ହୋଇ ଯାଇଛନ୍ତି । ଯେଉଁ କାରଣରୁ ଆପଣଙ୍କୁ ଧନଲାଭ ହେଉ ନାହିଁ । ଏହି ଦାସ(ରାମପାଲ ଦାସ) ଆପଣଙ୍କ ଗ୍ୟାରେଣ୍ଟର (ଉତ୍ତରଦାୟୀ) ହୋଇ ଏହି କାଳଲୋକର ଗୋଟିଏ ବ୍ରହ୍ମାଣ୍ଡର ଶକ୍ତି(ବ୍ରହ୍ମା-ବିଷ୍ଣୁ-ଶିବ-ଗଣେଶ-ମାତା ଇତ୍ୟାଦି)ଙ୍କ ମାଧ୍ୟମରେ ଆପଣଙ୍କୁ ସମସ୍ତ ସୁବିଧା ପୁନର୍ବାର ପ୍ରାରମ୍ଭ କରାଇବ ତଥା ଏହି ମନ୍ତ୍ରଜପ କରି ଆପଣଙ୍କୁ ଏମାନଙ୍କର ବିଲ୍ ନିରନ୍ତର ପୈଠ କରିବାକୁ ପଡିବ । ପ୍ରଥମମନ୍ତ୍ର (ସତ୍ ସୁକୃତ୍ ଅବିଗତ୍ କବୀର) ଆପଣଙ୍କର ପୂଜା ଅଟେ, ଇଏ ପୂର୍ଣ୍ଣ ପରମାତ୍ମା ଅଟନ୍ତି ତଥା ସତ୍ୟମ୍ ଲାଭ (ଫଳ) ପ୍ରାପ୍ତ ହେବ । ସତ୍ୟମ୍‌ର ଅର୍ଥ ଅବିନାଶୀ ଅର୍ଥାତ୍ ଆମ୍ଭକୁ ଅବିନାଶୀ ପଦ ପ୍ରାପ୍ତ କରିବାକୁ ପଡିବ । ଏହି ମନ୍ତ୍ରର ଚାରିମାସ ପରେ ଆପଣଙ୍କୁ ସତ୍ୟନାମ (ସଚ୍ଚାନାମ) ମଧ୍ୟ ମିଳିବ ଯେଉଁଥିରେ ଦୁଇଟି ମନ୍ତ୍ରର ସମାବେଶ ହୋଇଛି । ସେଥିରୁ ଗୋଟିଏ ମନ୍ତ୍ର ଦ୍ୱାରା କାଳ ଭଗବାନଙ୍କର ଏକୋଇଶି ବ୍ରହ୍ମାଣ୍ଡର ଋଣ ପରିଶୋଧ କରିବାକୁ ପଡିବ । ମନ୍ତ୍ରଜପର ଉପାର୍ଜନ କରି ଆମ୍ଭେ ବ୍ରହ୍ମ (କ୍ଷରପୁରୁଷ) ଅର୍ଥାତ୍ କାଳ ଭଗବାନଙ୍କର ଋଣ ପରିଶୋଧ କରିବା । ତା'ପରେ ଏହି କାଳ ଆମ୍ଭକୁ ସମସ୍ତ ପାପରୁ ମୁକ୍ତ କରିଦେବେ ।

ଗୀତା ଅଧ୍ୟାୟ ୧୮ର ଶ୍ଳୋକ ନଂ ୬୨ - ୬୬ ର ବର୍ଣ୍ଣନ :-

ଅଧ୍ୟାୟ ୧୮ ର ଶ୍ଳୋକ ନଂ ୬୨

ତମ୍, ଏବ, ସରଣମ୍, ଗଚ୍ଛ, ସର୍ବଭାବେନ, ଭାରତ,
ପ୍ରାସାଦାତ୍, ପରମ୍, ଶାନ୍ତିମ୍, ସ୍ଥାନମ୍, ପ୍ରାପ୍ସ୍ୟସି, ଶାଶ୍ୱତମ୍ ॥

ଅନୁବାଦ:-(ଭାରତ) ହେ ଭାରତ! ତୁ (ସର୍ବଭାବେନ) ସର୍ବ ପ୍ରକାରେ (ତମ୍) ସେହି ଅଜ୍ଞାନ ଅନ୍ଧକାରରେ ଲୁଚିଥିବା ପରମେଶ୍ୱରଙ୍କ (ଏବ) ହିଁ (ଶରଣମ୍) ଶରଣକୁ (ଗଚ୍ଛ) ଯାଆ । (ତତ୍ ପ୍ରସାଦାତ୍) ସେହି ପରମାତ୍ମାଙ୍କ କୃପାରୁ ହିଁ ତୁ (ପରାମ୍) ପରମ (ଶାନ୍ତିମ୍) ଶାନ୍ତି ତଥା (ଶାଶ୍ୱତମ୍) ଚିରସ୍ଥାୟୀ ସତ୍ୟ (ସ୍ଥାନମ୍) ସ୍ଥାନ/ଧାମ/ଲୋକକୁ (ପ୍ରାପ୍ସ୍ୟସି) ପ୍ରାପ୍ତ ହେବୁ ।

ଅନୁବାଦ :- ହେ ଭାରତ ! ତୁମେ ସର୍ବପ୍ରକାରେ ସେହି ଅଜ୍ଞାନ ଅନ୍ଧକାରରେ ଲୁଚିଥିବା ପରମେଶ୍ୱରଙ୍କ ଶରଣକୁ ଯାଅ । ସେହି ପରମାତ୍ମାଙ୍କ କୃପାରୁ ହିଁ ତୁମେ ପରମଶାନ୍ତି ଓ ଚିରସ୍ଥାୟୀ ସତ୍ୟସ୍ଥାନ/ଧାମ/ଲୋକକୁ ପ୍ରାପ୍ତ ହେବ ।

ଅଧ୍ୟାୟ ୧୮ର ଶ୍ଳୋକ ନଂ ୬୬

ସର୍ବଧର୍ମାନ୍, ପରିତ୍ୟଜ୍ୟ, ମାମ୍, ଏକମ୍, ଶରଣମ୍, ବ୍ରଜ,
ଅହମ୍, ତ୍ୱା, ସର୍ବପାପେଭ୍ୟଃ, ମୋକ୍ଷୟିଷ୍ୟାମି, ମା, ଶୁଚଃ ॥

ଅନୁବାଦ:-(ମାମ୍) ମୋର (ସର୍ବଧର୍ମାନ୍) ସମସ୍ତ ପୂଜାକୁ (ପରିତ୍ୟଜ୍ୟ) ତ୍ୟାଗକରି ତୁ କେବଳ (ଏକମ୍) ସେହି ଏକ ପୂର୍ଣ୍ଣ ପରମାତ୍ମାଙ୍କ (ଶରଣମ୍) ଶରଣକୁ (ବ୍ରଜ୍) ଯାଆ । (ଅହମ୍) ମୁଁ (ତ୍ୱା) ତୋତେ (ସର୍ବପାପେଭ୍ୟଃ) ସମ୍ପୂର୍ଣ୍ଣ ପାପରୁ (ମୋକ୍ଷୟିଷ୍ୟାମି) ମୁକ୍ତ କରିଦେବି, ତୁ (ମା, ଶୁଚଃ) ଆଦୌ ଶୋକ କର ନାହିଁ ।

ଅନୁବାଦ :- ମୋର ସମସ୍ତ ପୂଜାକୁ ତ୍ୟାଗ କରି ତୁମେ କେବଳ ସେହି ଏକ ପୂର୍ଣ୍ଣ ପରମାତ୍ମାଙ୍କ ଶରଣକୁ ଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଆଦୌ ଶୋକ କର ନାହିଁ ।

ଉପରୋକ୍ତ ଶ୍ଳୋକଗୁଡ଼ିକର ଭାବାର୍ଥ ଏହା ଯେ କାଳ (ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ) କହୁଛନ୍ତି ଯେ ଅର୍ଜୁନ ! ତୁମେ ମୋ ଶରଣରେ ଯଦି ରହିବାକୁ ଚାହୁଁଛୁ ତେବେ ତୁମର ଜନ୍ମ ଓ ମୃତ୍ୟୁ ସର୍ବଦା ଲାଗିରହିବ । ଯଦି ପରମଶାନ୍ତି ଓ ସତ୍ୟଲୋକ ଯିବା ପାଇଁ ଚାହୁଁଛ ତେବେ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଶରଣକୁ ଚାଲି ଯାଅ । ସେଥିପାଇଁ ମୋର ସମସ୍ତ ଧାର୍ମିକ ପୂଜାକୁ ଅର୍ଥାତ୍ ସତ୍ୟନାମର ପ୍ରଥମ ମନ୍ତ୍ରର ଜପର ଉପାର୍ଜନ ମୋଠାରେ ଛାଡ଼ିଦେଇ ତା'ପରେ ସର୍ବଭାବରେ ସେହି ଏକ (ସର୍ବ ଶକ୍ତିମାନ ଅର୍ଥାତ୍ ଯାହାଙ୍କ ସମକକ୍ଷ ଅନ୍ୟ କେହି ହୋଇ ନ ପାରନ୍ତି ସେହି ଅଦ୍ୱିତୀୟ ପରମେଶ୍ୱର)ଙ୍କ ଶରଣକୁ ତୁମେ ଚାଲିଯାଅ, ତା'ପରେ ମୁଁ ତୁମକୁ ସମସ୍ତ ପାପରୁ (ଋଣରୁ) ମୁକ୍ତ କରିଦେବି, ତୁମେ ଆଦୌ ଚିନ୍ତା କରନାହିଁ ତଥା ସତ୍ୟନାମର ଦ୍ୱିତୀୟ ମନ୍ତ୍ରର ଉପାର୍ଜନ ଆମ୍ଭେ ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କୁ ଦେବୁ କାରଣ ଆମ୍ଭକୁ ଅକ୍ଷର ପୁରୁଷର ଲୋକ ମଧ୍ୟ ଦେଇ ସତ୍ୟଲୋକକୁ ଯିବାକୁ ପଡ଼ିବ, ତାଙ୍କର ବିଲ୍ (ପାଉଣା) ଦେବାକୁ ପଡ଼ିବ । ତା'ପରେ ତୃତୀୟ ମନ୍ତ୍ର ସତ୍ଶବ୍ଦ ଅର୍ଥାତ୍ ସାରନାମ ମିଳିବ ଯାହା ସତ୍ୟଲୋକରେ ସ୍ଥାୟିତ୍ୱ ପ୍ରଦାନ କରାଇବ ।

ଯଦି କୌଣସି ବ୍ୟକ୍ତି ବିଦେଶ ଯାଇଛି ଏବଂ ସେଠାରେ ତା ଉପରେ ସେହି ସରକାରଙ୍କର ଯଦି ଋଣ ଅଛି ପୁଣି ସ୍ୱଦେଶ ଫେରିବାକୁ ଯଦି ସେ ଚାହିଁବ ତେବେ ତାକୁ ପ୍ରଥମେ ସେହି ଦେଶର ଋଣରୁ ମୁକ୍ତ ହେବାକୁ ପଡ଼ିବ । ତାପରେ (No Due Certificate) ଋଣମୁକ୍ତ ପ୍ରମାଣପତ୍ର ପ୍ରାପ୍ତ କରିବାକୁ ପଡ଼ିବ, ତା'ପରେ ଫେରିବା ପାସପୋର୍ଟ୍ ତା ପାଇଁ ତିଆରି ହେବ ନଚେତ୍ ତାକୁ ଫେରିବାକୁ ଦିଆଯିବ ନାହିଁ ।

ଏହି ପ୍ରକାରେ ଆପଣ ଏହି କାଳଲୋକରେ ଶାସ୍ତ୍ରବିରୁଦ୍ଧ ସାଧନା କରି ଭକ୍ତିହୀନ ହୋଇ ଋଣଗ୍ରସ୍ତ ହୋଇ ଯାଇଛନ୍ତି । ପ୍ରଥମେ ଆପଣଙ୍କୁ ସାହୁକାର କରାଯିବ । ସେଥିପାଇଁ କବିର୍ଦେବ (କବିର ସାହେବ ବା କବୀର ସାହେବ) ଏହି ଦାସ (ସନ୍ଥ ରାମପାଲ ଦାସ)କୁ ନିଜର ପ୍ରତିନିଧି (Representative) କରି ପଠାଇଛନ୍ତି । ସେହି ପରମେଶ୍ୱରଙ୍କ ତରଫରୁ ଏହି ଦାସ ଆପଣଙ୍କର (Guarantor) ଉତ୍ତରଦାୟୀ ହେବ ଏବଂ ବ୍ରହ୍ମା-ବିଷ୍ଣୁ-ଶିବ ଆଦି ଶକ୍ତିମାନଙ୍କ ସହିତ ପୁଣିଥରେ କନେକ୍ସନ (ସମ୍ପର୍କର ଲାଭ) ପ୍ରାରମ୍ଭ କରାଇବ । ଏମାନଙ୍କର ମନ୍ତ୍ରଜପ କରି ସେହି ଜପର ଉପୋର୍ଜନକୁ ଏକତ୍ରିତ କରି କିସ୍ତି ମାଧ୍ୟମରେ ଆପଣଙ୍କୁ ବିଲ୍ ଦେବାକୁ ପଡ଼ିବ । ଯେପର୍ଯ୍ୟନ୍ତ ଆପଣ ଏହି ମୃତଲୋକରୁ ମୁକ୍ତ ହୋଇ ନାହାଁନ୍ତି ସେପର୍ଯ୍ୟନ୍ତ ଆପଣଙ୍କୁ ସମସ୍ତ ଭୌତିକ ସୁଖ ସୁବିଧା ଅଧିକରୁ ଅଧିକ ମାତ୍ରାରେ ମିଳୁଥିବ ତଥା ଆପଣ ଦାନପୂଣ୍ୟ ଆଦି କରି ଅଧିକ ଭକ୍ତିଧନୀ ହୋଇଯିବେ ଅନ୍ୟ ଅର୍ଥରେ ଯେପରି ଆମ୍ଭମାନଙ୍କ ଶରୀରରେ କମଳ ତିଆରି ହୋଇଛି ଏବଂ ଯେତେବେଳେ ଆମ୍ଭେ ଶରୀର ତ୍ୟାଗ କରି ପରମାତ୍ମାଙ୍କ ପାଖକୁ ଯିବା ସେତେବେଳେ ଆମ୍ଭଙ୍କୁ ଏହି କମଳ ରାସ୍ତା ଦେଇ ଯିବାକୁ ପଡ଼ିବ । ଯେପରି ୧. ମୂଳ କମଳରେ ଗଣେଶ, ୨. ସ୍ୱାଦ କମଳରେ ସାବିତ୍ରୀ ବ୍ରହ୍ମା, ୩. ନାଭି କମଳରେ ଲକ୍ଷ୍ମୀ ଓ ବିଷ୍ଣୁ, ୪. ହୃଦୟ କମଳରେ ପାର୍ବତୀ ଓ ଶିବ, ୫. କଣ୍ଠ କମଳରେ ଦୁର୍ଗା (ଅଷ୍ଟଙ୍ଗୀ) ଅଛନ୍ତି । ଏହି କମଳ ରାସ୍ତା ଦେଇ ଆମ୍ଭେ ସେତେବେଳେ ଯାଇପାରିବା ଯେତେବେଳେ ଆମ୍ଭେ ଏମାନଙ୍କର ଋଣ ପୈଠ କରିଦେବା । ପ୍ରଥମ ଉପଦେଶରେ ଆପଣଙ୍କ ସମସ୍ତ ଚକ୍ର ଖୋଲିଯିବ ଅର୍ଥାତ୍ ଆପଣ ଋଣମୁକ୍ତ ହୋଇଯିବେ । ଶେଷ ସମୟରେ ଯେତେବେଳେ ଆପଣ ଶରୀର ତ୍ୟାଗକରି ଯାତ୍ରା ପ୍ରାରମ୍ଭ

କରିବେ ସେତେବେଳେ ଆପଣଙ୍କୁ ପରିଷ୍କାର ରାସ୍ତା ମିଳିବ ଅର୍ଥାତ୍ ସର୍ବ ଋଣମୁକ୍ତ ପ୍ରମାଣପତ୍ର ପ୍ରସ୍ତୁତ ହୋଇ ଆପଣଙ୍କୁ ମିଳିଯିବ ।

ପରନ୍ତୁ ଆମ୍ଭକୁ ଆମ୍ଭ ମୂଳ ମାଲିକ କବିର୍ଦେବ (କବୀର ସାହେବ) ଙ୍କ ପୂଜା କରିବା ଉଚିତ୍ ଯେପରି ପତିବ୍ରତା ପତ୍ନୀ ନିଜ ପତିର ପୂଜା କରିଥାଏ ତଥା ପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କର ଯଥାସମ୍ଭବ ଆଦର ସମ୍ମାନ କରିଥାଏ । ଯେପରି ଦିଅରକୁ ପୁତ୍ର ଭଳି ଓ ଦେଢଶୁରଙ୍କୁ ବଡଭାଇଙ୍କ ଭଳି ତଥା ଶାଶୁ ଓ ଶ୍ୱଶୁରଙ୍କୁ ମାତା-ପିତାଙ୍କ ଭଳି ଆଦର କରେ । ପରନ୍ତୁ ଯେଉଁ ଭାବନା ନିଜ ସ୍ୱାମୀ ନିକଟରେ ଥାଏ ପରିବାରର ଅନ୍ୟ ସଦସ୍ୟଙ୍କ ପ୍ରତି ସେଭଳି ଭାବନା ସେ କଦାପି ରଖି ପାରିବ ନାହିଁ । କବୀର ପରମେଶ୍ୱରଙ୍କ ଭକ୍ତଙ୍କୁ ଠିକ୍ ଏହି ପ୍ରକାରେ ସଫଳ ଭକ୍ତି କରିବାକୁ ପଡିବ। ଏଥିପାଇଁ କୌଣସି ଅଜ୍ଞାନୀ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡନ୍ତୁ ନାହିଁ । ପୂର୍ଣ୍ଣ ବିଶ୍ୱାସର ସହିତ ଏହି ଦାସ ଦ୍ୱାରା ନିର୍ଦ୍ଦେଶିତ ଭକ୍ତିମାର୍ଗରେ ଅଗ୍ରସର ହୁଅନ୍ତୁ । ଏହି ଭକ୍ତି ସମସ୍ତ ଶାସ୍ତ୍ର ଉପରେ ଆଧାରିତ ଅଟେ ।

୨. ଦ୍ୱିତୀୟ ଦଫାରେ ସତ୍ୟନାମ ପ୍ରଦାନ କରାଯାଇଥାଏ ଯାହା ଦୁଇମନ୍ତ୍ର ବିଶିଷ୍ଟ । ଗୋଟିଏ ଓଁ (ଓମ୍ + ଦ୍ୱିତୀୟଟି ତତ୍ ଯାହା ସାଙ୍କେତିକ ଅଟେ, କେବଳ ସାଧକକୁ ଏହା କୁହାଯାଇଥାଏ ।

୩. ତୃତୀୟ ଦଫାରେ ସାରନାମ ଦିଆଯାଏ ଯାହା ତିନିମନ୍ତ୍ର ବିଶିଷ୍ଟ । ଓମ୍-ତତ୍-ସତ୍ (ତତ୍ -ସତ୍ ସାଙ୍କେତିକ ଅଟେ ଯାହା ସାଧକକୁ କୁହାଯିବ) ।

ଏହି ପ୍ରକାରେ ସାରନାମ (ତିନି ମନ୍ତ୍ରର ସମାହାର)ର ସୁମିରଣ ଦ୍ୱାରା ସାଧକ ପରମ ଦିବ୍ୟ ପୁରୁଷ ଅର୍ଥାତ୍ ପରମେଶ୍ୱର କବିର୍ଦେବଙ୍କୁ ପ୍ରାପ୍ତ ହେବ ତଥା ସତ୍ୟଲୋକର ପରମଶାନ୍ତି ଅର୍ଥାତ୍ ପୂର୍ଣ୍ଣମୋକ୍ଷକୁ ପ୍ରାପ୍ତ ହେବ ।

ବିଶେଷ- ବର୍ତ୍ତମାନ ସମୟରେ ଏହି ବାସ୍ତବିକ ସାଧନା ଏହି ଦାସ ଅତିରିକ୍ତ (ମୋ ବ୍ୟତୀତ) କାହା ପାଖରେ ନାହିଁ । ଯଦି କୌଣସି ବ୍ୟକ୍ତି ମୋଠାରୁ (ଏହି ଦାସଠାରୁ) ମନ୍ତ୍ର ଚୋରିକରି ସ୍ୱୟଂ ଗୁରୁ ହୋଇ ନକଲୀ ଶିଷ୍ୟ କରୁଛି ତେବେ ସେହି ବ୍ୟକ୍ତି ବହୁମୂଲ୍ୟ ମନୁଷ୍ୟ ଜୀବନର ଶତ୍ରୁ ଅଟେ, ସେମାନଙ୍କଠାରୁ ସାବଧାନ ରୁହନ୍ତୁ । ସେମାନେ ଅନଧିକାରୀ ହୋଇଥିବା କାରଣରୁ ନିଜ ଜୀବନ ନଷ୍ଟ କରିବା ସହିତ ଅନ୍ୟ ନିରୀହ, ଅଜ୍ଞାନୀ ଅନୁଗାମୀମାନଙ୍କୁ ମଧ୍ୟ ନର୍କର ଭାଗୀ କରାଉଛନ୍ତି, ସେହି ବ୍ୟକ୍ତିମାନେ କାଳ ଦ୍ୱାରା ପ୍ରେରିତ ଦୂତ ବୋଲି ଜାଣନ୍ତୁ ।

## ଶଙ୍କା ସମାଧାନ

୧. ପ୍ରଶ୍ନ - ଉପରୋକ୍ତ ଗୀତା ସାରରୁ ଏହା ପ୍ରମାଣିତ ହେଉଛି ଯେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ପୂଜା ବ୍ୟର୍ଥ ଅଟେ । ପରନ୍ତୁ ମୁଁ ତିରିଶ ବର୍ଷରୁ ଭଗବାନ ଶିବଙ୍କର ପୂଜା କରୁଛି ତଥା ଭଗବାନ ଶ୍ରୀକୃଷ୍ଣ ମୋର ବହୁତ ପ୍ରିୟ ଅଟନ୍ତି । ମୁଁ ଏହି ପ୍ରଭୁମାନଙ୍କୁ ଛାଡିପାରିବି ନାହିଁ, ଏମାନଙ୍କ ପ୍ରତି ମୋର ବିଶେଷ ଆଶକ୍ତି ଭାବ ଅଛି । ଶ୍ରୀ ଗୀତାର ନିତ୍ୟ ପାଠ କରୁଛି । ହରେରାମ ହରେକୃଷ୍ଣ, ରାଧେଶ୍ୟାମ ସୀତାରାମ, ଓମ୍ ନମଃ ଶିବାୟ, ଓଁ ନମଃ ଭଗବତେ ବାସୁଦେବାୟ ଆଦି ନାମ ଜପ କରୁଛି । ସୋମବାର ଉପବାସ ବ୍ରତ ମଧ୍ୟ କରୁଛି । ମନସ୍କାମନା ପୁରଣ ପାଇଁ ବିଭିନ୍ନ ଧାମ ଓ ମନ୍ଦିରରେ (କାବଡ) ପାଣି ଢାଳିବା ପାଇଁ ଯାଇଥାଏ । ମୂର୍ତ୍ତିପୂଜା କରିବା ପାଇଁ ମନ୍ଦିରକୁ ଯାଉଛି। ସ୍ୱର୍ଗପ୍ରାପ୍ତିର ଇଚ୍ଛା ରଖିଛି ଏବଂ ପରମ୍ପରାଗତ ପୂଜା ପାଇଁ ଜଣେ ମହନ୍ତଙ୍କଠାରୁ ଉପଦେଶ (ଦୀକ୍ଷା) ମଧ୍ୟ ନେଇଛି ।

ଉତ୍ତର :- କୃପାକରି ଆପଣ ପୁନର୍ବାର ଉପରୋକ୍ତ 'ଗୀତାସାର' ପଢନ୍ତୁ, ଯେପର୍ଯ୍ୟନ୍ତ ଆପଣ ତତ୍ତ୍ୱଜ୍ଞାନ ସହିତ ସମ୍ପୂର୍ଣ୍ଣ ପରିଚିତ ନ ହୋଇଛନ୍ତି ସେପର୍ଯ୍ୟନ୍ତ ଏହି ଶଙ୍କା ରୂପୀ କଣ୍ଟା ଆପଣଙ୍କୁ କଷ୍ଟ ଦେଉଥିବ । ଯେପରି ଉପରେ ଉଦାହରଣ ଅଛି ଯେ ଓଲଟା ଝୁଲୁଥିବା ଥିବା ସଂସାର ରୂପୀ ବୃକ୍ଷର ଉପରେ ଥିବା ମୂଳ ପୂର୍ଣ୍ଣ ପରମାତ୍ମା ପରମେଶ୍ୱର ଅଟନ୍ତି ଏବଂ ତିନିଗୁଣ ରୂପୀ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ଶାଖାଗୁଡିକ ଅଛି । ଆପଣ ଏକ ଆମ୍ବ ଗଛ ଲଗାଇ ଯଦି ତା ମୂଳରେ ପାଣି ଦେବେ (ପୂଜା କରିବେ) ତେବେ ତାହା ବଡ ବୃକ୍ଷରେ ପରିଣତ ହେବ। ତା'ପରେ ଶାଖାଗୁଡ଼ିକରେ ଫଳ ଫଳିବ । ଶାଖାଗୁଡିକୁ ଭାଙ୍ଗିଦେବା ପାଇଁ ଆପଣଙ୍କୁ କୁହାଯାଉ ନାହିଁ। ଏହି ପୁସ୍ତକରେ ଦେଖନ୍ତୁ ସିଧା ଲଗାଯାଇଥିବା ଭକ୍ତି ରୂପୀ ବୃକ୍ଷର ଚିତ୍ର ଅର୍ଥାତ୍ ଶାସ୍ତ୍ରବିଧି ସମ୍ମତ ସାଧନା ।'

ଏହି ପ୍ରକାରର ପୂଜା ପୂର୍ଣ୍ଣ ପରମାତ୍ମା ଅର୍ଥାତ୍ ମୂଳର କରିବା ଉଚିତ । ତା'ପରେ କର୍ମଫଳ ତିନିଗୁଣ (ବ୍ରହ୍ମା-ବିଷ୍ଣୁ-ଶିବ) ରୂପୀ ଶାଖାଗୁଡିକରେ ଫଳିବ (ହେବ) । ଏଥିପାଇଁ କିଛି ପରିତ୍ୟାଗ କରିବାକୁ ପଡିବ ନାହିଁ । କେବଳ ନିଜ ଭକ୍ତି ରୂପୀ ଗଛକୁ ସିଧା ଲଗାଇବାକୁ ପଡିବ ଅର୍ଥାତ୍ ଶାସ୍ତ୍ରବିଧି ଅନୁସାରେ ସାଧନା ପ୍ରାରମ୍ଭ କରିବାକୁ ପଡିବ ।

ବର୍ତ୍ତମାନ ସମୟର ସର୍ବ ପବିତ୍ର ଭକ୍ତ ସମାଜ ଶାସ୍ତ୍ରବିଧି ତ୍ୟାଗକରି ମନମୁଖୀ ଆଚରଣ ଅର୍ଥାତ୍ ଭକ୍ତି ରୂପୀ ବୃକ୍ଷକୁ ଓଲଟା ଲଗାଇଛନ୍ତି । ଯଦି କୌଣସି ବ୍ୟକ୍ତି ଏହିଭଳି ଭାବେ ବୃକ୍ଷରୋପଣ କରେ ତେବେ ତାକୁ ମୂର୍ଖ କୁହାଯିବ । (ଦୟାକରି ଏହି ବହିରେ ଦେଖନ୍ତୁ ଓଲଟା ଲଗାଯାଇଥିବା ଭକ୍ତିରୂପୀ ବୃକ୍ଷର ଚିତ୍ର)

ଏଥିପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୮ ରେ କୁହାଯାଇଛି ଯେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ପୂଜା ସୀମିତ ବୁଦ୍ଧିଯୁକ୍ତ ବ୍ୟକ୍ତି କରନ୍ତି, ଏମାନଙ୍କ ବ୍ୟତୀତ ଅନ୍ୟ କାହାକୁ ସେମାନେ ପୂଜନ୍ତି ନାହିଁ, ସେମାନଙ୍କୁ ରାକ୍ଷସ ସ୍ୱଭାବ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୁଷ୍କର୍ମ କରୁଥିବା ମୂର୍ଖ ବ୍ୟକ୍ତି କୁହାଯାଇଛି ତଥା ସେମାନେ ମୋତେ ମଧ୍ୟ ପୂଜନ୍ତି ନାହିଁ ବୋଲି କୁହାଯାଇଛି । ତା'ପରେ ଗୀତା ଜ୍ଞାନଦାତା ପ୍ରଭୁ(ବ୍ରହ୍ମ/କ୍ଷରପୁରୁଷ) ନିଜ ସାଧନାକୁ ମଧ୍ୟ ଅତି ଅଶ୍ରେଷ୍ଠ (ଅନୁତ୍ତମାମ୍) ଅର୍ଥାତ୍ ବ୍ୟର୍ଥ ବୋଲି କହିଛନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨, ୬୪, ୬୬ ଓ ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ ରେ କହିଛନ୍ତି ଯେ ସେହି ପୂର୍ଣ୍ଣ ପରମାତ୍ମା (ଓଲଟା ଝୁଲୁଥିବା ସଂସାର ରୂପୀ ବୃକ୍ଷର ମୂଳର ପୂଜାକର)ଙ୍କ ଶରଣକୁ ଯାଅ, ତତ୍ତ୍ୱଦର୍ଶୀ ସନ୍ଥଙ୍କ ମାର୍ଗଦର୍ଶନରେ ତାଙ୍କ ପୂଜା କର (ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରତି ସଂକେତ କରାଯାଇଛି) । ସେହି ପୂର୍ଣ୍ଣପରମାତ୍ମାଙ୍କ ସାଧନା ଶାସ୍ତ୍ରବିଧି ଅନୁସାରେ କରିବା ଦ୍ୱାରା ସାଧକ ପରମଶାନ୍ତି ଓ ସତ୍ୟଲୋକ ପ୍ରାପ୍ତ କରିଥାଏ, ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାଏ । ଗୀତା ଜ୍ଞାନଦାତା ପ୍ରଭୁ (କ୍ଷରପୁରୁଷ/କାଳ) କହୁଛନ୍ତି ଯେ ମୁଁ ମଧ୍ୟ ତାଙ୍କ ପୂଜା କରିଥାଏ, ଅନ୍ୟ ସମସ୍ତେ ମଧ୍ୟ ତାଙ୍କ ପୂଜା କରିବା ଉଚିତ । ଆପଣ ଗୀତାର ନିତ୍ୟପାଠ ମଧ୍ୟ କରୁଛନ୍ତି, ମାତ୍ର ଗୀତା ବର୍ଣ୍ଣିତ ବିଧି ବିରୁଦ୍ଧରେ ସାଧନା କରୁଛନ୍ତି ଯେଉଁ ମନ୍ତ୍ରଜପ (ହରେକୃଷ୍ଣ, ହରେରାମ, ରାଧେଶ୍ୟାମ, ସୀତାରାମ, ଓମ୍ ନମୋଶିବାୟ, ଓମ୍ ନମୋ ଭଗବତେ ବାସୁଦେବାୟ, ରାଧେରାଧେ ଶ୍ୟାମ ମିଳାଦେ ଆଦି ମନ୍ତ୍ର) ଆପଣ ଜପ କରୁଛନ୍ତି ତଥା ଅନ୍ୟ ସମସ୍ତ ସାଧନା ଯେପରି ବ୍ରତ କରିବା, ଉପବାସ ରଖି ମନ୍ଦିରରେ ପାଣି ଢାଳିବା, ତୀର୍ଥଧାମକୁ ପୂଜା ଓ ଦାନାର୍ଥେ ଯିବା, ଗଙ୍ଗାସ୍ନାନ ତଥା ବିଭିନ୍ନ ତୀର୍ଥସ୍ଥାନରେ ଅନୁଷ୍ଠିତ ହେଉଥିବା କୁମ୍ଭ ମେଳାରେ ସ୍ନାନ କରିବା ପବିତ୍ର ଗୀତାରେ ବର୍ଣ୍ଣିତ ହୋଇ ନ ଥିବା କାରଣରୁ ଏହା ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନମୁଖୀ ଆଚରଣ (ପୂଜା) ହେଲା । ଯାହାକୁ ପବିତ୍ର ଗୀତା ଅଧ୍ୟାୟ ୧୬ ର ଶ୍ଳୋକ ୨୩, ୨୪ ରେ ବ୍ୟର୍ଥ କୁହାଯାଇଛି ।

## "ଗାଦୀ ଓ ମହନ୍ତ ପରମ୍ପରା ବିଷୟରେ ସୂଚନା"

ମହନ୍ତ ଓ ଗାଦୀ ପରମ୍ପରା ବିଷୟରେ ସୂଚନା- କୌଣସି ଏକାନ୍ତ ସ୍ଥାନ, ସହର ବା କୌଣସି ଗ୍ରାମରେ ଜଣେ ମହାନ ଆତ୍ମା, ସନ୍ଥ ବା ସାଧକ ରହୁଥିଲା । ସେହି ସନ୍ଥ ଶରୀର ତ୍ୟାଗ କରିବା ପରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନ୍ତିମ ସଂସ୍କାର ସ୍ଥଳରେ ପଥର ବା ଇଟାରେ ତିଆରି ଏକ ସ୍ମୃତି (ସମାଧି) ତିଆରି କରି ଦିଆଯାଇଥାଏ । ତା'ପରେ ସେହି ପବିତ୍ର ଆତ୍ମାର ଅନୁଯାୟୀ ବା ବଂଶଜମାନେ ପଥରରେ ତିଆରି ଏକ ମୂର୍ତ୍ତି ସେହି ସ୍ଥାନରେ ରଖିଦିଅନ୍ତି । କିଛିଦିନ ପରେ ଶ୍ରଦ୍ଧାଳୁମାନେ ସେହି ସ୍ଥାନକୁ ଯାଇ କିଛି ଧନ ଦାନ କରିଥାନ୍ତି । ପରବର୍ତ୍ତୀ ସମୟରେ ସେହି ସମାଧିକୁ ମନ୍ଦିରର ରୂପ ଦିଆ ଯାଇଥାଏ ତଥା ସେହି ସନ୍ଥ/ଋଷିଙ୍କର ବଂଶଜମାନଙ୍କ ମନରେ ଧନ ଉପାର୍ଜନର ଲୋଭ ସୃଷ୍ଟି ହୋଇଯାଏ । ସେମାନେ ଭକ୍ତମାନଙ୍କୁ ବୋକା ବନେଇ କୁହନ୍ତି ଯେ ଯେଉଁବ୍ୟକ୍ତି ଏଠାକୁ ଦର୍ଶନ କରିବାକୁ ଆସିବ ତାକୁ ପୂର୍ଣ୍ଣମୋକ୍ଷ ପ୍ରାପ୍ତି ହେବ, ସମସ୍ତ ଲାଭ ମିଳିବ ଯାହା ଏହି ମହାପୁରୁଷଙ୍କ ଜୀବନ କାଳରେ ଶିଷ୍ୟମାନଙ୍କୁ ମିଳୁଥିଲା । ଏହା କେବଳ ମୂର୍ତ୍ତି ନୁହେଁ ସାକ୍ଷାତ ସେହି ସନ୍ଥ ଅଟନ୍ତି । ଏଠାକୁ ଯିଏ ନ ଆସିବ ତା'ର ମୋକ୍ଷ ହେବ ନାହିଁ । ଏହିଭଳି ପ୍ରଚାର ସେମାନେ କରିଥାନ୍ତି ।

ସେହି ଅଜ୍ଞାନୀମାନଙ୍କୁ ଯଦି କେହି ପଚାରେ ଯେ ଯେପରି ଏକ ବୈଦ୍ୟ ଥିଲା ଯିଏ ନାଡ଼ୀ ଦେଖି ଔଷଧ

ଦେଉଥିଲା, ରୋଗୀ ସୁସ୍ଥ ହୋଇଯାଉଥିଲା । ସେହି ବୈଦ୍ୟର ମୃତ୍ୟୁ ପରେ କେହ ଲୋଭୀ ବ୍ୟକ୍ତି ଯଦି ଏକ ମୂର୍ତ୍ତି ତିଆରି କରି କହିବ ଯେ ମୂର୍ତ୍ତି ମଧ୍ୟ ସେହି ବୈଦ୍ୟ ଭଳି କାର୍ଯ୍ୟ କରିବାକୁ ସକ୍ଷମ ଓ ମୂର୍ତ୍ତିର ଦର୍ଶନ କରିବାକୁ ଯିଏ ଆସିବ ସେ ପୂର୍ଣ୍ଣ ସୁସ୍ଥ ହୋଇଯିବ। ନକଲୀ ବୈଦ୍ୟ ହୋଇ ଯଦି କେହି କୁହେ ଯେ ମୁଁ ରୋଗ ଭଲ କରିପାରେ । କିନ୍ତୁ ସମସ୍ତ ଉପଚାର ଔଷଧ ଗ୍ରନ୍ଥର ବିପରୀତ ଦେଇଥାଏ । ସେ ସମସ୍ତଙ୍କୁ ଠକିବା ପାଇଁ ସେଠାରେ ବସିଛି । କାରଣ ତା'ର ଉଦ୍ଦେଶ୍ୟ କେବଳ ଧନ ଉପାର୍ଜନ କରିବା । ଯେ କୌଣସି ସନ୍ଥ ବା ପ୍ରଭୁଙ୍କ ମୂର୍ତ୍ତି ଆଦରଣୀୟ ସ୍ମୃତି ଅଟେ, ପରନ୍ତୁ ପୂଜନୀୟ କଦାପି ନୁହେଁ ।

ଏହିଭଳି କୌଣସି ସନ୍ଥ ବା ପ୍ରଭୁଙ୍କ ମୂର୍ତ୍ତି ତିଆରି କରି ଯଦି କୌଣସି ପୂଜାରୀ/ମହନ୍ତ କହିବ ଯେ ମୁଁ ମଧ୍ୟ ନାମ (ଦୀକ୍ଷା) ଦେଉଛି ତେବେ ସେହି ମହାନୁଭବ ସମସ୍ତ ସାଧନା ସେହି ପବିତ୍ର ଶାସ୍ତ୍ରର ବିପରୀତ ଦେଉଅଛି ଯାହା ସେହି ମହାନ ସନ୍ଥଙ୍କ ନିଜ ଅନୁଭବର ଲେଖା ଅଟେ । ତେବେ ସେହି ନକଲୀ ସନ୍ଥ / ମହନ୍ତ ସ୍ୱୟଂ ଦୋଷୀ ହେବା ସହିତ ନିଜ ଅନୁଯାୟୀମାନଙ୍କର ଜୀବନ ବ୍ୟର୍ଥ କରିବାର ଦୋଷ ମଧ୍ୟ ନିଜ ଉପରକୁ ନେଉଛନ୍ତି । ଅସଲି ସନ୍ଥ ଜଣେ ଯିଏ କେବଳ ଏକ ନିର୍ଦ୍ଦିଷ୍ଟ ସମୟରେ ଆସିଥାନ୍ତି କିନ୍ତୁ କୋଟି କୋଟି ନକଲୀ ସନ୍ଥ, ମହନ୍ତ ଓ ଆଚାର୍ଯ୍ୟ ତାଙ୍କ ରାସ୍ତାରେ ବାଧକ ସାଜିଥାନ୍ତି ।

କୌଣସି ଏକ ସନ୍ଥଙ୍କ ଶରୀର ତ୍ୟାଗ ପରେ ସନ୍ଥ/ମହନ୍ତ ପରମ୍ପରା ପ୍ରାରମ୍ଭ ହୋଇଥାଏ। ପୂର୍ବର ସନ୍ଥଙ୍କ ସ୍ଥାନରେ ଗାଦ୍ଦୀ (ମଠ)ର ରକ୍ଷଣାବେକ୍ଷଣ ପାଇଁ ଜଣେ ପ୍ରବନ୍ଧକଙ୍କୁ ନିର୍ବାଚିତ କରାଯାଇଥାଏ ଯାହାଙ୍କୁ ମହନ୍ତ କୁହାଯାଇଥାଏ । ତାଙ୍କୁ କେବଳ ସେହି ପବିତ୍ର ସ୍ମୃତିପୀଠର ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ କରାଯାଇଥାଏ । ତା'ପରେ ଲୋଭର ବଶବର୍ତ୍ତୀ ହୋଇ ସେ ସ୍ୱୟଂ ଗୁରୁ ପଦ ଧାରଣ କରି ଗାଦ୍ଦୀରେ ବସିଯାଏ ତଥା ପ୍ରଭୁପ୍ରେମୀ ଆତ୍ମାମାନେ ସେହି ଗୁରୁଜ୍ଞାନ ଉପରେ ଆଶ୍ରିତ ହୋଇ ନିଜ ଜୀବନ ବ୍ୟର୍ଥ କରିଥାନ୍ତି । ମହନ୍ତ ପରମ୍ପରାରେ ନିୟମ ଅଛି ଯେ ପୂର୍ବତନ ମହନ୍ତର ପ୍ରଥମ ପୁତ୍ର ମହନ୍ତ ପଦର ଅଧିକାରୀ ହେବ । ସେହି ପୁତ୍ର ଅଜ୍ଞାନୀ, ମଦ୍ୟପ, ଅଯୋଗ୍ୟ ହୋଇଥିଲେ ବି ସେ ହିଁ ମହନ୍ତ ହେବ । କିନ୍ତୁ ଏହା ସଂପୂର୍ଣ୍ଣ ଭୁଲ କାରଣ ଏ ଭକ୍ତିମାର୍ଗରେ କେବଳ ପୂର୍ଣ୍ଣସନ୍ଥ ହିଁ ଜୀବର ଉଦ୍ଧାର କରିପାରିବେ । ଦୁଇ-ତିନୋଟି ମହନ୍ତ ପରମ୍ପରା ସମ୍ବନ୍ଧିତ ପୁସ୍ତକ ଏହି ଦାସ ପଢିଛି। ଏକ ବା ଦୁଇ ବର୍ଷ ବୟସ୍କ ପିଲାକୁ ମଧ୍ୟ ଗାଦ୍ଦୀରେ ବସାଯାଇଥିବା କଥା ଉଲ୍ଲେଖ ଅଛି। ତା'ପରେ ସେହି ଛୋଟପିଲା ବଡ଼ ହୋଇ ନାମ (ଦୀକ୍ଷା) ଦାନ କରିଥାଏ । ଦ୍ୱିତୀୟ ପୁସ୍ତକରେ ପଢିଛି ଯେ ଏକ ପାଞ୍ଚବର୍ଷୀୟ ପିଲାର ପିତା ଯିଏକି ମହନ୍ତ ଥିଲା ସେ ହଠାତ୍ ମୃତ୍ୟୁକୁ ପ୍ରାପ୍ତ ହୋଇଗଲା । ତା'ପରେ ସେହି ପିଲାର ମାତା ଓ ଗାଦ୍ଦୀ ସଂଗଠନ ମିଶି ସେହି ପାଞ୍ଚବର୍ଷର ପିଲାକୁ ମହନ୍ତ ପଦରେ ନିଯୁକ୍ତ କରିଦେଲେ । କିଛିବର୍ଷ ପର୍ଯ୍ୟନ୍ତ ସେ ମଧ୍ୟ ଗୁରୁଜୀ ହୋଇ ଗଦ୍ଦି ସମ୍ଭାଳିଲା ।

୨. ଅନ୍ୟ ଏକ ମହନ୍ତ ପରମ୍ପରାର ଇତିହାସ ପଢ଼ି ଜାଣିଲି ଯେ ମହନ୍ତର କୌଣସି ସନ୍ତାନ ନଥିଲେ । ତାର ମୃତ୍ୟୁ ହୋଇଗଲା । ତା ଭାଇର ମୃତ୍ୟୁ ପ୍ରଥମେ ହୋଇ ସାରିଥିଲା । କୌଣସି ସନ୍ତାନ ନଥିଲେ । ଗଦ୍ଦୀର ରକ୍ଷଣାବେକ୍ଷଣ ପାଇଁ ସେହି କୂଳରେ ସନ୍ତାନ ହେବା ପର୍ଯ୍ୟନ୍ତେ ଏକ ସେବକକୁ ଅସ୍ଥାୟୀ ଭାବେ ମହନ୍ତ ନିଯୁକ୍ତି କରାଗଲା । କିଛିଦିନ ପରେ ମହନ୍ତ କୂଳରେ କାହାର ଏକ ସନ୍ତାନ ଜନ୍ମ ହେଲା କିନ୍ତୁ ଅସ୍ଥାୟୀ ମହନ୍ତ ଗଦ୍ଦୀ ନେଇ ପଳାଇଯାଇ ଅନ୍ୟ କୌଣସି ଏକ ସହରରେ ସ୍ୱୟଂ ଗଦ୍ଦୀ ସ୍ଥାପନ କରି ମହନ୍ତ ହୋଇ ବସିଗଲା, ସେଠାରେ ନୂତନ ଦୋକାନ ଖୋଲିଲା ତଥା ପୂର୍ବରୁ ଥିବା ସ୍ଥାନରେ ଏକ ଅଢେଇ ବର୍ଷର ପିଲାକୁ ମହନ୍ତ କରାଗଲା।

୩. ଏକ ମହନ୍ତ ପରମ୍ପରାର ଇତିହାସରେ ଏହା ଦେଖିବାକୁ ମିଳିଲା ଯେ ବଡପୁଅ ଘରତ୍ୟାଗ କଲାପରେ ତା'ଠାରୁ ଯିଏ ଛୋଟ ସେହି ପୁଅକୁ ମହନ୍ତ ପଦରେ ନିଯୁକ୍ତ କରି ଦିଆଗଲା । ସେଠାରେ ଏକ ମନ୍ଦିର ତିଆରି କରାଗଲା ଏବଂ ସେଠାକୁ ଅଧିକ ମାତ୍ରାରେ ଦାନରାଶି (ଦକ୍ଷିଣା) ଆସିବାକୁ ଲାଗିଲା । ସେହି ବଡପୁଅର ସନ୍ତାନ କହିଲା ଯେ ଏହି ମନ୍ଦିର ଉପରେ ଆମର ମଧ୍ୟ ଅଧିକାର ଅଛି। ଏହି କାରଣରୁ ଝଗଡା ଆରମ୍ଭ ହେଲା । ଗଦ୍ଦୀ ଉପରେ ବିରାଜମାନ ମହନ୍ତର ହତ୍ୟା କରାଗଲା । ପୁଣି ତା ବଡ ପୁଅ କୁ ମହନ୍ତ ଅର୍ଥାତ୍ ଗଦ୍ଦୀର ଅଧିକାରୀ ଭାବେ ନିଯୁକ୍ତ କରାଗଲା । ତାକୁ ମଧ୍ୟ ହତ୍ୟା କରାଗଲା । ତା'ପରେ ତାର ଅନ୍ୟ ଭାଇକୁ ଗଦ୍ଦୀ ଉପରେ ବସାଇ ଦିଆଗଲା। ଅନ୍ୟ ଜଣେ ଯିଏ ନିଜକୁ ଅଧିକାରୀ ବୋଲି କହୁଥିଲା ସେ ଅଲଗା ସ୍ଥାନରେ ନୂଆ କରି ଆଉ ଏକ ଦୋକାନ ଖୋଲିଲା । ଜଣେ ଅନ୍ୟ ଜଣକ ନାଁ ରେ ମୋକଦ୍ଦମା ରୁଜୁକରି ଲୋଭବଶତଃ ସୁଖମୟ ମାନବ ଜୀବନକୁ ନର୍କରେ ପରିଣତ କରିଦେଲେ । ସେହି

ସ୍ଥାନ ଆଉ ଧର୍ମସ୍ଥାନ ହୋଇ ରହିଲା ନାହିଁ । ତାହା ମହାଭାରତ ଯୁଦ୍ଧର କୁରୁକ୍ଷେତ୍ର ପ୍ରାଙ୍ଗଣ ପାଲଟିଗଲା । କିଛି ମହନ୍ତ ଏଜେନ୍‌ସୀ ଖୋଲି ବସିଛନ୍ତି । ଲୋକମାନଙ୍କୁ ଗେରୁଆ ବସ୍ତ୍ର ପିନ୍ଧାଇ, ଚିତା ଚନ୍ଦନ କଟାଇ ସନ୍ଥ କରୁଛନ୍ତି । ପୂର୍ବ ନାମକୁ ବଦଳାଇ ଅନ୍ୟ ନାମ ରଖି ସନ୍ଥ ଉପାଧିରେ ମଣ୍ଡିତ କରୁଛନ୍ତି । ତା'ପରେ ସେହି ନକଲି ମହନ୍ତର ନକଲି ଶିଷ୍ୟମାନେ ନକଲୀ ସନ୍ଥ ହୋଇ ସରଳ ଆତ୍ମାମାନଙ୍କ ଜୀବନ ସହିତ ଖେଳ ଖେଳି ବହୁମୂଲ୍ୟ ମନୁଷ୍ୟ ଜୀବନକୁ ବ୍ୟର୍ଥ କରି ସରଳ, ନିଷ୍କପଟ ଆତ୍ମାମାନଙ୍କର ଜୀବନ ନାଶ କରି ମହାପାପରେ ଭାଗୀ ହୋଇଥାନ୍ତି ।

ଯେଉଁ ସମୟରେ ରାଜା ପରୀକ୍ଷିତଙ୍କୁ ସର୍ପ ଦଂଶନ କରିବାର ଥିଲା । ସେହି ସମୟରେ ପୂର୍ଣ୍ଣଗୁରୁଙ୍କର ଆବଶ୍ୟକତା ପଡିଲା କାରଣ ପୂର୍ଣ୍ଣସନ୍ଥ ବିନା ଜୀବର କଲ୍ୟାଣ ଅସମ୍ଭବ । ସେତେବେଳେ ରାଜା ପରୀକ୍ଷିତଙ୍କୁ ଦୀକ୍ଷା ଦେବା ପାଇଁ ତଥା ସାତଦିନର ଶ୍ରୀମଦ୍‌ଭଗବତ୍ ସୁଧାସାଗରର କଥା ଶୁଣାଇବା ପାଇଁ ଏହି ପୃଥିବୀର ସର୍ବ ଋଷିଗଣ ମନା କରିଦେଲେ । କାରଣ ସପ୍ତମ ଦିନରେ ଋଷିମାନଙ୍କ ଜ୍ଞାନର ପ୍ରକୃତ ଶକ୍ତି ଲୋକଲୋଚନକୁ ଆସିବାର ଥିଲା, ସେହି କାରଣରୁ କେହି ଆଗକୁ ଆସିବାକୁ ସାହସ କଲେ ନାହିଁ । ସ୍ୱୟଂ ଶ୍ରୀମଦ୍‌ଭଗବତ୍ ସୁଧାସାଗରର ଲେଖକ ମହର୍ଷି ବେଦବ୍ୟାସ ମଧ୍ୟ ଅସମର୍ଥତା ବ୍ୟକ୍ତକଲେ । କାରଣ ସର୍ବ ଋଷିଗଣ ପ୍ରଭୁଙ୍କ ପ୍ରତି ଭୟଭାବ ରଖୁଥିଲେ । ସେଥିପାଇଁ ସେମାନେ ରାଜା ପରୀକ୍ଷିତଙ୍କ ଜୀବନ ସହିତ ଖେଳ ଖେଳିବାକୁ ଉଚିତ୍ ମନେ କଲେନାହିଁ ।

ରାଜା ପରୀକ୍ଷିତଙ୍କ କଲ୍ୟାଣ (ନିର୍ବାଣ) ପାଇଁ ମହର୍ଷି ଶୁକଦେବଙ୍କୁ ସ୍ୱର୍ଗରୁ ଡକାଗଲା । ସେ ରାଜାଙ୍କୁ ଦୀକ୍ଷା ଦେଇ ସାତଦିନ ପର୍ଯ୍ୟନ୍ତ ଭାଗବତ କଥା ଶୁଣାଇଲେ । ରାଜା ପରୀକ୍ଷିତଙ୍କ ଉଦ୍ଧାର ପାଇଁ ଶୁକଦେବ ଋଷି ତାଙ୍କ ସାମର୍ଥ୍ୟ ଅନୁସାରେ ଯାହା କରିବା କଥା ତାହା କଲେ । ମାତ୍ର ବର୍ତ୍ତମାନର ଗୁରୁ, ସନ୍ଥ, ମହନ୍ତ ଓ ଆଚାର୍ଯ୍ୟମାନେ ପ୍ରଭୁଙ୍କ ସମ୍ବିଧାନ ସହିତ ଅପରିଚିତ ଅଟନ୍ତି ଏବଂ ପ୍ରଭୁଙ୍କୁ ଭୟ ମଧ୍ୟ କରୁନାହାଁନ୍ତି । ସେଥିପାଇଁ ଭୟଙ୍କର ଦୋଷର ପାତ୍ର ହୋଇ ଦୋଷୀ ହେଉଛନ୍ତି ।

ଔରୋଁ ପନ୍ଥ ବତାବହୀଁ, ସ୍ୱୟଂ ନଜାନେ ରାହ ।
ଅନଅଧିକାରୀ କଥା-ପାଠ କରେ ଓ ଦୀକ୍ଷା ଦେବେଂ, ବହୁତ କରତ ଗୁନାହ ।

ବର୍ତ୍ତମାନ ସମୟରେ ସମାଜରେ କଥାକାର, ପ୍ରବଚକ ଓ ନାମ/ଦୀକ୍ଷା ଦେବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଯାଇଛି । କଥାକାରମାନେ ପ୍ରବଚନ ନାମରେ ମନଗଢା କଥା ଲୋକଙ୍କୁ ଶୁଣାଉଛନ୍ତି । କାରଣ ସର୍ବ ପବିତ୍ର ଧର୍ମର ପବିତ୍ର ଆତ୍ମାମାନେ ତତ୍ତ୍ୱଜ୍ଞାନ ସହିତ ଅପରିଚିତ ଅଟନ୍ତି, ସେଥିପାଇଁ ନକଲୀ ଗୁରୁ, ସନ୍ଥ ଓ ମହନ୍ତମାନଙ୍କର ଦୋକାନ ଖୁବ୍ ଭଲ ଚାଲିଛି । ମାତ୍ର ଯେଉଁ ଦିନ ସର୍ବ ପବିତ୍ର ଭକ୍ତସମାଜ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ସହିତ ପରିଚିତ ହୋଇଯିବେ ସେତେବେଳେ ଏହି ନକଲୀ ଗୁରୁ, ସନ୍ଥ, ଆଚାର୍ଯ୍ୟମାନଙ୍କୁ ଲୁଚିବା ପାଇଁ ସ୍ଥାନ ମିଳିବ ନାହିଁ, ଶେଷରେ ସେମାନଙ୍କୁ ମୁହଁ ଲୁଚାଇ ପଳାୟନ କରିବାକୁ ପଡ଼ିବ ।

## "ପବିତ୍ର ତୀର୍ଥଧାମଗୁଡ଼ିକ ବିଷୟରେ ସୂଚନା"

କୌଣସି ସାଧକ ବା ଋଷି କୌଣସି ଏକ ସ୍ଥାନ କିମ୍ବା ଜଳାଶୟ ନିକଟରେ ବସି ସାଧନା ବା ଆଧ୍ୟାତ୍ମିକ ସିଦ୍ଧିଶକ୍ତିର ପ୍ରଦର୍ଶନ କରିଥାନ୍ତି । ସେ ନିଜ ଭକ୍ତି ଉପାର୍ଜନକୁ ସାଙ୍ଗରେ ନେଇ ଚାଲିଗଲେ ତଥା ନିଜ ଇଷ୍ଟଲୋକ ପ୍ରାପ୍ତ ହେଲେ । ପରବର୍ତ୍ତୀ କାଳରେ ସେହି ସାଧନାସ୍ଥଳ ତୀର୍ଥ ବା ଧାମ ନାମରେ ପରିଚିତ ହେଲା । ଏବେ କେହି ଯଦି ସେହି ସ୍ଥାନକୁ ଏହି ଉଦ୍ଦେଶ୍ୟ ରଖି ଭ୍ରମଣାର୍ଥେ ଯିବେ ଯେ ଏଠାରେ ଏକଦା କୌଣସି ସାଧକ ରହୁଥିଲେ ଯିଏ ଅନେକ ଲୋକଙ୍କର କଲ୍ୟାଣ କରିଛନ୍ତି । ପରନ୍ତୁ ଏବେ ସେଠାରେ ସେହି ସନ୍ଥ ନାହାନ୍ତି ଯିଏ କି ଉପଦେଶ ଦେଇ ପାରିବେ । ସେ ନିଜ ଭକ୍ତିପୁଞ୍ଜି ଜମା କରି ଚାଲିଗଲେ ।

ବିଚାର କରନ୍ତୁ :- କୃପାକରି ତୀର୍ଥ ଓ ଧାମଗୁଡ଼ିକୁ ଗୋଟିଏ ଗୋଟିଏ ହେମଦସ୍ତା ବୋଲି ଜାଣନ୍ତୁ ଜଣେ ବ୍ୟକ୍ତି ନିଜ ପଡୋଶୀର ହେମଦସ୍ତା ମାଗି ଆଣି ସେଥିରେ ଯଜ୍ଞ(ହୋମ) ସାମଗ୍ରୀ କୁଟି ତାକୁ ମାଜି ଧୋଇ ପୁଣି ଫେରାଇ ଦେଲେ । ଯେଉଁ କକ୍ଷରେ ହେମଦସ୍ତା ରଖୁଥିଲେ ସେହି କକ୍ଷରୁ ସୁଗନ୍ଧ ଆସିବାକୁ ଲାଗିଲା । ସୁଗନ୍ଧ କେଉଁଆଡୁ ଆସୁଛି ବୋଲି ଘର ଲୋକେ ଖୋଜିଲେ । ଜଣାପଡିଲା ଯେ ହେମଦସ୍ତାରୁ ସେହି ସୁଗନ୍ଧ ବାହାରୁଛି । ସେମାନେ ବୁଝିଗଲେ ଯେ ପଡୋଶୀ ନେଇଥିଲେ ବୋଧେ ସେ କୌଣସି ସୁଗନ୍ଧଯୁକ୍ତ ଦ୍ରବ୍ୟ ଏଥିରେ କୁଟିଛନ୍ତି । କିଛିଦିନ ପରେ ସେହି ସୁଗନ୍ଧ ଆସିବା ବନ୍ଦ ହୋଇଗଲା ।

ଏହି ପ୍ରକାରେ ତୀର୍ଥ ଓ ଧାମଗୁଡ଼ିକୁ ଏକ ହେମଦସ୍ତା ବୋଲି ଜାଣନ୍ତୁ । ସାମଗ୍ରୀ କୁଟିଥିବା ବ୍ୟକ୍ତି

ଯେପରି ନିଜର ସମସ୍ତ ଦ୍ରବ୍ୟ କାଢିନେଇ ଖାଲି ହେମଦସ୍ତା ଫେରାଇ ଦେଲେ । ଏବେ କେହି ସେହି ହେମଦସ୍ତାକୁ କେବଳ ସୁଙ୍ଘି ଯଦି କୃତାର୍ଥ ହେଲା ବୋଲି ମନେ କରିବେ ତେବେ ଏହା ତାଙ୍କର ବୋକାମୀ ହେବ । ତାଙ୍କୁ ମଧ୍ୟ ସାମଗ୍ରୀ ଆଣିବାକୁ ପଡିବ, ତା'ପରେ ତାଙ୍କୁ ପୂର୍ଣ୍ଣ ଲାଭ ମିଳିବ ।

ଠିକ୍ ଏହି ପ୍ରକାରେ କୌଣସି ତୀର୍ଥଧାମରେ ଅବସ୍ଥାନ କରୁଥିବା ପବିତ୍ର ଆତ୍ମା ରାମନାମ ରୂପକ ସାମଗ୍ରୀ କୁଟି, ପୋଛି, ସଫାକରି ନିଜର ସମସ୍ତ ଉପାର୍ଜନକୁ ସାଙ୍ଗରେ ନେଇ ଚାଲିଗଲା । ପରବର୍ତ୍ତୀ କାଳରେ ଯଦି କୌଣସି ଜ୍ଞାନହୀନ ଶ୍ରଦ୍ଧାଳୁ ସେହି ସ୍ଥାନକୁ କେବଳ ଯିବା ଦ୍ୱାରା ନିଜର କଲ୍ୟାଣ ପ୍ରାପ୍ତି ସମ୍ଭବ ବୋଲି ଭାବିଥାଏ ତେବେ ତାହା କେବଳ ସେହି ମାର୍ଗଦର୍ଶକ (ଗୁରୁମାନ)ଙ୍କ ଶାସ୍ତ୍ର ବିଧିରହିତ ସାଧନାର ପରିଣାମ ଅଟେ । ସେହି ମହାନ ଆତ୍ମା ସନ୍ଥଙ୍କ ଭଳି ପ୍ରଭୁସାଧନା କରିବା ଦ୍ୱାରା କଲ୍ୟାଣ ସମ୍ଭବ ହେବ । ସେଥିପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କର, ତାଙ୍କଠାରୁ ଉପଦେଶ ନେଇ ଆଜୀବନ ଭକ୍ତିକରି ମୋକ୍ଷ ପ୍ରାପ୍ତି କରିବା ଉଚିତ୍ । ଶାସ୍ତ୍ରବିଧି ଅନୁକୂଳ ସତ୍ୟସାଧନା ମୋ ନିକଟରେ (ଦାସ ନିକଟରେ) ଉପଲବ୍ଧ । କୃପକରି ନିଶୁଳ୍କ ପ୍ରାପ୍ତ କରନ୍ତୁ ।

## "ଶ୍ରୀ ଅମରନାଥଧାମର ସ୍ଥାପନା କିପରି ହେଲା ?"

ଭଗବାନ ଶଙ୍କର, ପାର୍ବତୀଙ୍କୁ ଏକାନ୍ତ ସ୍ଥାନରେ ଉପଦେଶ ଦେଇଥିଲେ ଯେଉଁ କାରଣରୁ ମାତା ପାର୍ବତୀ ଏତେ ପରିମାଣରେ ମୁକ୍ତ ହୋଇଗଲେ ଯେ ଯେପର୍ଯ୍ୟନ୍ତ ପ୍ରଭୁ ଶିବ (ତମଗୁଣୀ) ଙ୍କର ମୃତ୍ୟୁ ନ ହୋଇଛି ସେପର୍ଯ୍ୟନ୍ତ ଉମା ମାତାଙ୍କର ମଧ୍ୟ ମୃତ୍ୟୁ ହେବନାହିଁ । ସାତଥର ରଜଗୁଣି-ବ୍ରହ୍ମାଙ୍କ ମୃତ୍ୟୁ ପରେ ଭଗବାନ ବିଷ୍ଣୁ (ସତ୍ୱଗୁଣୀ) ଙ୍କର ମୃତ୍ୟୁ ହେବ । ସାତଜଣ ବିଷ୍ଣୁଙ୍କ ମୃତ୍ୟୁ ଉପରାନ୍ତ ଜଣେ ଶିବଙ୍କର ମୃତ୍ୟୁ ହେବା ସହିତ ମାତା ପାର୍ବତୀଙ୍କର ମୃତ୍ୟୁ ହେବ । ପରନ୍ତୁ ପୂର୍ଣ୍ଣମୋକ୍ଷ ହୋଇ ନଥିଲା । କିନ୍ତୁ ଯେଉଁ ଲାଭ ମାତା ପାର୍ବତୀଙ୍କୁ ହେଲା ତାହା କେବଳ ଉପଯୁକ୍ତ ଅଧିକାରୀଙ୍କଠାରୁ ମନ୍ତ୍ର ଉପଦେଶ ନେବା ଦ୍ୱାରା ସମ୍ଭବ ହୋଇ ପାରିଥିଲା । ପରବର୍ତ୍ତୀ କାଳରେ ଶ୍ରଦ୍ଧାଳୁ ସେହି ସ୍ଥାନକୁ ମନେ ରଖିବା ପାଇଁ ତା'ର ସୁରକ୍ଷା ଚିନ୍ତା କଲେ ଏବଂ ଦର୍ଶକ ସେଠାକୁ ଯିବାକୁ ଲାଗିଲେ ।

ଯେପରି ଏହି ଦାସ (ସନ୍ଥ ରାମପାଲ) ବିଭିନ୍ନ ସ୍ଥାନରେ ସତସଙ୍ଗ କରିଥାଏ । ସେଠାରେ ଖିରି ଓ ହାଲୁଆ ମଧ୍ୟ ତିଆରି କରାଯାଏ । ଯେଉଁ ଭକ୍ତାତ୍ମା ଉପଦେଶ ପ୍ରାପ୍ତ କରନ୍ତି ସେମାନଙ୍କର କଲ୍ୟାଣ ସମ୍ଭବ ହୋଇଥାଏ । ସତସଙ୍ଗ ସମାପ୍ତ ହେବାପରେ ସମସ୍ତ ଟେଣ୍ଟ ଆଦିକୁ ଖୋଲି ଅନ୍ୟସ୍ଥାନକୁ ସତସଙ୍ଗ କରିବା ପାଇଁ ଚାଲିଗଲେ । ପୂର୍ବର ସେହି ସ୍ଥାନରେ କେବଳ ମାଟି କିମ୍ବା ଇଟାରେ ତିଆରି ଚୂଲୀ ଆଦି ରହି ଯାଇଥାଏ । ତା'ପରେ ସେହି ସହରର କୌଣସି ବ୍ୟକ୍ତି ଯଦି କୁହେ ଯେ ଆସ ଆପଣଙ୍କୁ ସେହି ସ୍ଥାନ ଦେଖାଇବି ଯେଉଁଠାରେ ସନ୍ଥ ରାମପାଲ ଦାସଜୀଙ୍କ ସତସଙ୍ଗ ହେଉଥିଲା, ଖିରି ତିଆରି ହେଉଥିଲା । ପରେ ସେହି ଚୂଲୀଗୁଡିକୁ ଦେଖିବା ପାଇଁ ଯାଇଥିବା ବ୍ୟକ୍ତିକୁ ନା ଖିରି ମିଳିଲା ନା ସତସଙ୍ଗର ଅମୃତ ବଚନ ଶୁଣିବାକୁ ମିଳିଲା ନା ସେ ଉପଦେଶ ପ୍ରାପ୍ତ କଲା ଯାହାଦ୍ୱାରା କଲ୍ୟାଣ ସମ୍ଭବ ହୋଇଥାଏ । ସେଥିପାଇଁ ସନ୍ଥଙ୍କୁ ଖୋଜିବାକୁ ପଡିବ ଏବଂ ଯେଉଁଠାରେ ସତସଙ୍ଗ ହେଉଥିବ ସେହି ଠାରେ ହିଁ ସର୍ବ କାର୍ଯ୍ୟ ସିଦ୍ଧ ହୋଇପାରିବ ।

ଠିକ୍ ଏହି ପ୍ରକାରେ ତୀର୍ଥ ଓ ଧାମଗୁଡିକୁ ଯିବାର ଅର୍ଥ ସେହି ସ୍ମରଣୀୟ ସ୍ଥାନ ରୂପୀ ଭାଟି (ଚୂଲା)କୁ ଦର୍ଶନ କରିବା ଭଳି ହେବ । ଏହା ପବିତ୍ର ଗୀତାରେ ବର୍ଣ୍ଣିତ ବିଧି ହୋଇ ନଥିବା ଯୋଗୁଁ ଶାସ୍ତ୍ରବିରୁଦ୍ଧ ଅଟେ । ଯାହାଦ୍ୱାରା କୌଣସି ଲାଭ ମିଳେନାହିଁ । (ପ୍ରମାଣ - ପବିତ୍ର ଗୀତା ଅଧ୍ୟାୟ ୧୬ ର ମନ୍ତ୍ର ୨୩-୨୪) ।

ତତ୍ତ୍ୱଜ୍ଞାନ ହୀନ ସନ୍ଥ-ମହନ୍ତ ଓ ଆଚାର୍ଯ୍ୟଗଣଙ୍କ ଦ୍ୱାରା ଭ୍ରମିତ ଶ୍ରଦ୍ଧାଳୁ ତୀର୍ଥଧାମଗୁଡିକୁ ଆତ୍ମକଲ୍ୟାଣାର୍ଥେ ଯାଇଥାନ୍ତି । ଶ୍ରୀ ଅମରନାଥଙ୍କ ଯାତ୍ରାରେ ଯାଇଥିବା ଶ୍ରଦ୍ଧାଳୁ ଏମିତି ତିନି ଚାରିଥର ବରଫ ଝଡରେ ପୋତି ହୋଇ ମୃତ୍ୟୁକୁ ପ୍ରାପ୍ତ ହେଲେ ଏବଂ ପ୍ରତ୍ୟେକ ଥର ଏକ ହଜାରରୁ ଅଧିକ ଭକ୍ତଙ୍କର ମୃତ୍ୟୁ ହେଉଥିଲା । ବିଚାରଣୀୟ ବିଷୟ ଏହା ଯେ ଯଦି ଶ୍ରୀ ଅମରନାଥଙ୍କ ଦର୍ଶନ ଓ ପୂଜା ଲାଭଦାୟକ ହୋଇଥାଆନ୍ତା ତେବେ ଭଗବାନ ଶିବ କ'ଣ ସେହି ଶ୍ରଦ୍ଧାଳୁମାନଙ୍କର ରକ୍ଷାକରି ପାରିନଥାନ୍ତେ ? ଅର୍ଥାତ୍ ପ୍ରଭୁ ଶିବ ମଧ୍ୟ ଶାସ୍ତ୍ରବିରୁଦ୍ଧ ସାଧନାରେ ପ୍ରସନ୍ନ ହୁଅନ୍ତି ନାହିଁ ।

### "ବୈଷ୍ଣୋଦେବୀଙ୍କ ମନ୍ଦିରର ସ୍ଥାପନା କିପରି ହେଲା ?"

ଯେତେବେଳେ ସତୀ ମାତା (ଉମାଦେବୀ) ନିଜ ପିତା ରାଜା ଦକ୍ଷଙ୍କ ହୋମ କୁଣ୍ଡକୁ ଡେଇଁ ପୋଡିହୋଇ ମୃତ୍ୟୁକୁ ପ୍ରାପ୍ତ ହେଲେ ସେତେବେଳେ ଭଗବାନ ଶିବ ମୋହବଶତଃ ସତୀଙ୍କ (ପାର୍ବତୀଙ୍କ) ଅସ୍ଥିକଙ୍କାଳକୁ ପାର୍ବତୀ ଭାବି ଦଶହଜାର ବର୍ଷ ପର୍ଯ୍ୟନ୍ତ କାନ୍ଧରେ ବୋହି ପାଗଳଙ୍କ ଭଳି ଘୂରିଥିଲେ । ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ସାହାଯ୍ୟରେ ସତୀଙ୍କ କଙ୍କାଳକୁ ଛିନ୍ନଭିନ୍ନ କରିଦେଲେ । ଯେଉଁ ସ୍ଥାନରେ ଶରୀରର ମଝି ଅଂଶ ପଡିଲା ସେଠାରେ ତାକୁ ମାଟି ଭିତରେ ପୋତି ଦିଆଗଲା । ଏହି ଧାର୍ମିକ ଘଟଣାକୁ ମନେ ରଖିବା ପାଇଁ ତା' ଉପରେ ଏକ ମନ୍ଦିର ଭଳି ସ୍ମରଣୀୟ ପୀଠ ନିର୍ମାଣ କରାଗଲା କାରଣ ଆଗାମୀ ଦିନରେ କେହି ଏହା ନକହୁ ଯେ ପୁରାଣରେ ଭୁଲ ଲେଖାଯାଇଛି । ସେହି ମନ୍ଦିରରେ ଏକ ନାରୀ ଚିତ୍ର ରଖି ଦିଆଗଲା ଏବଂ ତାଙ୍କୁ ବୈଷ୍ଣୋଦେବୀ ବୋଲି କୁହାଗଲା । ସେହି ମନ୍ଦିରର ରକ୍ଷଣାବେକ୍ଷଣ ଓ ଶ୍ରଦ୍ଧାଳୁମାନଙ୍କୁ ସେହି ସ୍ଥାନର କାହାଣୀ ବିଷୟରେ କହିବା ପାଇଁ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରାଗଲା ଏବଂ ଅନ୍ୟ ଧାର୍ମିକ ବ୍ୟକ୍ତିମାନେ ତାଙ୍କ ପାଇଁ କିଛି ବେତନର ବ୍ୟବସ୍ଥା କଲେ । ତା'ପରେ ତାଙ୍କ ବଂଶଜ ଦର୍ଶକମାନଙ୍କଠାରୁ ଭେଟୀ (ଦାନ) ନେବା ପ୍ରାରମ୍ଭ କରିଦେଲେ ଏବଂ ଏହା କହିବାକୁ ଲାଗିଲେ ଯେ ଜଣେ ବ୍ୟକ୍ତିର ବ୍ୟବସାୟ ବନ୍ଦ ହୋଇଯାଇଥିଲା ସେ ମାତାଙ୍କୁ ଶହେ ଟଙ୍କାର ସଂକଳ୍ପ କରି ଗୋଟିଏ ନଡିଆ ଭାଙ୍ଗିଲେ । ତା'ପରେ ସେ ବହୁତ ଧନୀ ହୋଇଗଲେ । ଏକ ନିଃସନ୍ତାନ ଦମ୍ପତି ଥିଲେ, ସେ ଦୁହେଁ ମାତାଙ୍କୁ ଦୁଇଶହ ଟଙ୍କା, ଗୋଟିଏ ଶାଢ଼ୀ, ଏକ ସ୍ୱର୍ଣ୍ଣ ହାର ଦେବାର ସଂକଳ୍ପ କରିବାରୁ ତାଙ୍କୁ ପୁତ୍ର ପ୍ରାପ୍ତି ହେଲା।

ଏହି ପ୍ରକାରେ ସରଳ ନିଃଷ୍କପଟ ଆତ୍ମାମାନେ ଏହି ମନଗଢା କଥା ଉପରେ ବିଶ୍ୱାସ କରି ନିଜର ପବିତ୍ର ଗୀତା ଓ ବେଦକୁ ଭୁଲିଗଲେ ଯେଉଁ ଗୀତା ବେଦରେ ଏହି ସମସ୍ତ ପୂଜାକୁ ଶାସ୍ତ୍ରବିଧି ରହିତ ବୋଲି କୁହାଯାଇଛି । ସେହି କାରଣରୁ ଆତ୍ମକୁ କୌଣସି ପ୍ରକାରର ସୁଖ ପ୍ରାପ୍ତି ହୋଇ ନ ଥାଏ, ନା ଆତ୍ମର କୌଣସି କାର୍ଯ୍ୟସିଦ୍ଧି ହୋଇଥାଏ, ନା ପରମ (ଶ୍ରେଷ୍ଠ) ଗତି ଅର୍ଥାତ୍ ମୁକ୍ତି ହୋଇଥାଏ । (ପ୍ରମାଣ- ଗୀତା ଅଧ୍ୟାୟ ୧୬ ର ମନ୍ତ୍ର ୨୩, ୨୪) । ଏହି ପ୍ରକାରେ ଯେଉଁଠି ଦେବୀଙ୍କ ଆଖି ପଡ଼ିଲା ସେଠାରେ ନୈନାଦେବୀଙ୍କ ମନ୍ଦିର, ଯେଉଁଠି ଜିହ୍ୱା ପଡ଼ିଲା ସେଠାରେ ଶ୍ରୀ ଜ୍ୱାଳାଙ୍କ ମନ୍ଦିର ଏବଂ ଯେଉଁଠି ମଧ୍ୟଭାଗ ପଡ଼ିଲା ସେଠାରେ ବୈଷ୍ଣୋ ଦେବୀଙ୍କ ମନ୍ଦିରର ସ୍ଥାପନା ହେଲା ।

### "ପୁରୀରେ ଶ୍ରୀ ଜଗନ୍ନାଥଜୀଙ୍କ ମନ୍ଦିର ଅର୍ଥାତ୍ ପୁରୀଧାମର ପ୍ରତିଷ୍ଠା କିପରି ହେଲା"

ଓଡିଶାରେ ଇନ୍ଦ୍ରଦ୍ୟୁମ୍ନ (ଇନ୍ଦ୍ରଦମନ) ନାମକ ଜଣେ ରାଜା ଥିଲେ । ସେ ଭଗବାନ ଶ୍ରୀକୃଷ୍ଣଙ୍କର ଅନନ୍ୟ ଭକ୍ତ ଥିଲେ । ଏକଦା ଭଗବାନ ଶ୍ରୀକୃଷ୍ଣ ରାତ୍ରିରେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ କି ଜଗନ୍ନାଥ ନାମରେ ମୋର ଏକ ମନ୍ଦିର ନିର୍ମାଣ କରିଦିଅ । ଶ୍ରୀକୃଷ୍ଣ ଏହା ମଧ୍ୟ କହିଥିଲେ ଯେ ମନ୍ଦିରରେ ମୂର୍ତ୍ତିପୂଜା କରାଯିବ ନାହିଁ । କେବଳ ଜଣେ ସନ୍ଥ ରହିବେ ଯିଏ ପବିତ୍ର ଗୀତା ଅନୁସାରେ ଦର୍ଶକମାନଙ୍କୁ ଜ୍ଞାନ ଶୁଣାଇବେ । ସ୍ଥାନ ନିରୂପଣ କରି ସମୁଦ୍ର କୂଳର ସେହି ସ୍ଥାନ ମଧ୍ୟ ଦେଖାଇଲେ ଯେଉଁଠି ମନ୍ଦିର ନିର୍ମାଣ ହେବାର ଥିଲା । ସକାଳୁ ଉଠି ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ପତ୍ନୀଙ୍କୁ କହିଲେ ଯେ ଆଜି ରାତ୍ରିରେ ଭଗବାନ ଶ୍ରୀକୃଷ୍ଣ ଦର୍ଶନ ଦେଇ ମନ୍ଦିର ନିର୍ମାଣ କରିବା ପାଇଁ କହିଲେ । ରାଣୀ କହିଲେ ଶୁଭକାର୍ଯ୍ୟରେ ବିଳମ୍ବ କାହିଁକି ? ସମସ୍ତ ସମ୍ପତ୍ତି ତାଙ୍କ ଦୟାରୁ ହିଁ ମିଳିଛି । ସେସବୁ ତାଙ୍କୁ ସମର୍ପଣ କରିବା ପାଇଁ ଚିନ୍ତା କାହିଁକି ? ଶ୍ରୀକୃଷ୍ଣ ଭଗବାନ ଦେଖାଇଥିବା ସମୁଦ୍ର କୂଳର ସେହି ସ୍ଥାନରେ ରାଜା ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ମନ୍ଦିର ତିଆରି ହେବା ପରେ ସାମୁଦ୍ରିକ ଝଡ଼ ଉଠିଲା ଯାହା ମନ୍ଦିରକୁ ଭାଙ୍ଗିଦେଲା । ସେଠାରେ ଏକ ମନ୍ଦିର ଥିଲା ବୋଲି କୌଣସି ଚିହ୍ନବର୍ଣ୍ଣ ମଧ୍ୟ ରହିଲା ନାହିଁ। ରାଜା ଏହିଭଳି ପାଞ୍ଚଥର ମନ୍ଦିର ତିଆରି କଲେ । ପ୍ରତ୍ୟେକଥର ସମୁଦ୍ର ମନ୍ଦିରକୁ ଭାଙ୍ଗିଥିଲା ।

ରାଜା ନିରାଶ ହୋଇ ମନ୍ଦିର ନିର୍ମାଣ ନ କରିବା ପାଇଁ ନିର୍ଣ୍ଣୟ ନେଲେ । ଏହା ମଧ୍ୟ ଚିନ୍ତା କଲେ ଯେ ଜଣା ନାହିଁ ସମୁଦ୍ର ମୋଠାରୁ କେଉଁ ଜନ୍ମର ପ୍ରତିଶୋଧ ନେଉଛି । ରାଜକୋଷ ଶୂନ୍ୟ ହୋଇଗଲା କିନ୍ତୁ ମନ୍ଦିର ତିଆରି ହୋଇପାରିଲା ନାହିଁ । କିଛିଦିନ ପରେ ପରମେଶ୍ୱର (କବିର୍ଦେବ୍) ଜ୍ୟୋତି ନିରଞ୍ଜନ (କାଳ)କୁ ଦେଇଥିବା ବଚନ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିକଟକୁ ଆସିଲେ ତଥା ରାଜାଙ୍କୁ କହିଲେ କି

ଆପଣ ମନ୍ଦିର ନିର୍ମାଣ କରନ୍ତୁ । ଏଥର ସମୁଦ୍ର ମନ୍ଦିର ଭାଙ୍ଗିବ ନାହିଁ । ରାଜା କହିଲେ, ସନ୍ଥଜୀ ! ମୋର ବିଶ୍ୱାସ ହେଉନାହିଁ । ମୁଁ ଭଗବାନ ଶ୍ରୀକୃଷ୍ଣ (ବିଷ୍ଣୁ)ଙ୍କ ଆଦେଶରେ ମନ୍ଦିର ତିଆରି କରୁଛି । ଶ୍ରୀକୃଷ୍ଣ ଭଗବାନ ସମୁଦ୍ରକୁ ରୋକି ପାରୁନାହାଁନ୍ତି, ଏହି ବିଚାର କରି ମୁଁ ପାଞ୍ଚଥର ମନ୍ଦିର ତିଆରି କରିବା ପାଇଁ ଉଦ୍ୟମ କରିଛି ଯେ କାଳେ ଭଗବାନ ମୋ ପରୀକ୍ଷା ନେଉଥିବେ । ପରନ୍ତୁ ଏବେ ମୁଁ ପରୀକ୍ଷା ଦେବା ପାଇଁ ଯୋଗ୍ୟ ମଧ୍ୟ ନୁହେଁ କାରଣ ରାଜକୋଷ ମଧ୍ୟ ଶୂନ୍ୟ ହୋଇସାରିଛି । ଏବେ ମନ୍ଦିର ତିଆରି କରିବା ପାଇଁ ମୁଁ ସମର୍ଥ ନୁହେଁ । ପରମେଶ୍ୱର କହିଲେ, ଇନ୍ଦ୍ରଦ୍ୟୁମ୍ନ ! ଯେଉଁ ପରମେଶ୍ୱର ସର୍ବ ବ୍ରହ୍ମାଣ୍ଡର ରଚୟିତା ସେ ସର୍ବ କାର୍ଯ୍ୟ କରିବାରେ ସକ୍ଷମ ଅଟନ୍ତି, ଅନ୍ୟ କୌଣସି ପ୍ରଭୁ ସକ୍ଷମ ନୁହଁନ୍ତି । ମୁଁ ସେହି ପରମେଶ୍ୱରଙ୍କ ବଚନ ଶକ୍ତି ପ୍ରାପ୍ତ କରିଛି । ମୁଁ ସମୁଦ୍ରକୁ ରୋକି ପାରିବି (ନିଜକୁ ଲୁଚାଇବା ସହିତ ସତ୍ୟ କହୁଥିଲେ) । ରାଜା କହିଲେ, ସନ୍ଥଜୀ ! ମୁଁ ଏହା କେବେ ସ୍ୱୀକାର କରି ନ ପାରେ ଯେ ଶ୍ରୀକୃଷ୍ଣଙ୍କ ଠାରୁ ମଧ୍ୟ ଅନ୍ୟ ପ୍ରବଳ ଶକ୍ତିଯୁକ୍ତ ପ୍ରଭୁ କେହି ଅଛନ୍ତି । ଯେଉଁଠି ଶ୍ରୀକୃଷ୍ଣ ସମୁଦ୍ରକୁ ରୋକିବାକୁ ଅସମର୍ଥ, ଆପଣ କେଉଁ ଗାଈର ଗୋବର । ମୋତେ ଆଦୌ ବିଶ୍ୱାସ ହେଉ ନାହିଁ ଏବଂ ମନ୍ଦିର ନିର୍ମାଣ ପାଇଁ ମୋ ଆର୍ଥିକ ସ୍ଥିତି ଏବେ ଠିକ୍ ନାହିଁ । ସନ୍ଥରୂପରେ ବିରାଜମାନ କବିର୍ଦେବ (କବୀର ପରମେଶ୍ୱର) କହିଲେ, ମହାରାଜ ! ଯଦି ପୁନଃ ମନ୍ଦିର ତିଆରି କରିବା ପାଇଁ ଇଚ୍ଛା ପ୍ରକାଶ କରିବେ ତେବେ ମୋ ନିକଟକୁ ଆସିବ, ମୁଁ ଅମୁକ ସ୍ଥାନରେ ରହୁଛି । ଏଥର ସମୁଦ୍ର ମନ୍ଦିରକୁ ଭାଙ୍ଗି ପାରିବ ନାହିଁ । ଏହା କହି ପ୍ରଭୁ ସେଠାରୁ ପ୍ରସ୍ଥାନ କଲେ ।

ସେହି ରାତ୍ରିରେ ପ୍ରଭୁ ଶ୍ରୀକୃଷ୍ଣ ପୁଣି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦର୍ଶନ ଦେଲେ ତଥା କହିଲେ ଇନ୍ଦ୍ରଦ୍ୟୁମ୍ନ ଆଉଥରେ ମନ୍ଦିର ନିର୍ମାଣ କର । ଯେଉଁ ସନ୍ଥ ତୁମ ନିକଟକୁ ଆସିଥିଲେ ତାଙ୍କୁ ଯୋଗାଯୋଗ କରି ସହାୟତା ପାଇଁ ପ୍ରାର୍ଥନା କର । ସେ କୌଣସି ସାଧାରଣ ସନ୍ଥ ନୁହଁନ୍ତି । ତାଙ୍କ ସାମର୍ଥ୍ୟର କୌଣସି ତୁଳନା ନାହିଁ ।

ରାଜା ଇନ୍ଦ୍ରଦ୍ୟୁମ୍ନ ନିଦରୁ ଉଠି ସମସ୍ତ ସ୍ୱପ୍ନ ବୃତ୍ତାନ୍ତ ରାଣୀଙ୍କୁ ଶୁଣାଇଲେ । ରାଣୀ କହିଲେ, ପ୍ରଭୁ ଯଦି କହୁଛନ୍ତି ତେବେ ଆପଣ ହାର ନ ମାନି ପ୍ରଭୁଙ୍କ ମନ୍ଦିର(ମହଲ) ପୁଣି ନିର୍ମାଣ କରନ୍ତୁ । ରାଣୀଙ୍କ ସଦ୍ଭାବନାଯୁକ୍ତ ବାଣୀ ଶୁଣି ରାଜା କହିଲେ, ବର୍ତ୍ତମାନ ରାଜକୋଷ ଶୁନ୍ୟ, ଦ୍ୱିତୀୟରେ ଯଦି ମନ୍ଦିର ତିଆରି ନ କରୁଛି ତେବେ ପ୍ରଭୁ ପ୍ରସନ୍ନ ହେବେ ନାହିଁ । ମୁଁ ବଡ ଧର୍ମସଙ୍କଟରେ ପଡିଗଲି । ରାଣୀ କହିଲେ, ମୋ ପାଖରେ ଯେତେ ଅଳଙ୍କାର ଅଛି ସେହି ଅର୍ଥରେ ମନ୍ଦିର ସୁରୁଖୁରୁରେ ନିର୍ମାଣ ହୋଇଯିବ । ଆପଣ ଏହି ଗହଣା ନିଅନ୍ତୁ ଏବଂ ପ୍ରଭୁଙ୍କ ଅଦେଶ ପାଳନ କରନ୍ତୁ । ଏହା କହି ରାଣୀ ନିଜେ ପିନ୍ଧିଥିବା ଏବଂ ଘରେ ରଖିଥିବା ସମସ୍ତ ଗହଣା ବାହାର କରି ପ୍ରଭୁଙ୍କ ନିମନ୍ତେ ନିଜ ପତିଙ୍କ ଚରଣ ତଳେ ସମର୍ପିତ କରିଦେଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଖୋଜି ଖୋଜି ସେହି ସ୍ଥାନକୁ ଗଲେ ଯେଉଁଠାରେ ପରମେଶ୍ୱର କବୀର ପ୍ରଭୁ ଜଣେ ଅପରିଚିତ ସନ୍ଥ ରୂପ ଧାରଣ କରି ରହୁଥିଲେ, ସନ୍ଥ ମିଳିଯିବା ପରେ ରାଜା ସମୁଦ୍ରକୁ ରୋକିବା ପାଇଁ ପ୍ରାର୍ଥନା କଲେ । ପ୍ରଭୁ କବୀରଜୀ(କବିର୍ଦେବ୍) କହିଲେ, ଯେଉଁପଟୁ ସମୁଦ୍ର ମାଡିଆସୁଛି ସମୁଦ୍ର କୂଳରେ ସେହି ପଟେ ଏକ ଚଉରା ତିଆରି କରିଦିଅ । ଯାହା ଉପରେ ମୁଁ ବସି ପ୍ରଭୁଙ୍କ ଭକ୍ତି କରି ସମୁଦ୍ରକୁ ରୋକିବି । ରାଜା, କାରୀଗରମାନଙ୍କ ଦ୍ୱାରା ଗୋଟିଏ ବଡ ପଥରକୁ ଚୌରା ଭଳି ତିଆରି କରିଦେଲେ । ପରମେଶ୍ୱର କବୀର ସେହି ଚଉରା ଉପରେ ବସିଲେ । ଷଷ୍ଠଥର ମନ୍ଦିର ନିର୍ମାଣ ଆରମ୍ଭ ହେଲା । ସେହି ସମୟରେ ନାଥ ପରମ୍ପରାର ଜଣେ ସିଦ୍ଧି ପ୍ରାପ୍ତ ମହାତ୍ମା ଆସିଲେ । ନାଥଜୀ କହିଲେ, ରାଜା ଇନ୍ଦ୍ରଦ୍ୟୁମ୍ନ ! ବହୁତ ସୁନ୍ଦର ମନ୍ଦିରଟିଏ ଆପଣ ନିର୍ମାଣ କରୁଛନ୍ତି, ଏଥିରେ ମୂର୍ତ୍ତି ମଧ୍ୟ ସ୍ଥାପନ କରିବା ଉଚିତ । ବିନା ମୂର୍ତ୍ତିରେ ମନ୍ଦିର କିପରି ଦେଖାଯିବ ? ମନ୍ଦିର ଭିତରେ ମୂର୍ତ୍ତିର ବ୍ୟବସ୍ଥା କରନ୍ତୁ, ଏହା ମୋର ଆଦେଶ । ରାଜା ଇନ୍ଦ୍ରଦୁମ୍ନ ହାତଯୋଡି କହିଲେ ନାଥଜୀ ! ପ୍ରଭୁ ଶ୍ରୀକୃଷ୍ଣ ମୋତେ ସ୍ୱପ୍ନରେ ଦର୍ଶନ ଦେଇ ମନ୍ଦିର ନିର୍ମାଣ କରିବା ପାଇଁ ଆଦେଶ ଦେଇ କହିଥିଲେ ଯେ ଏହି ମହଲ (ମନ୍ଦିର)ରେ ନା ମୂର୍ତ୍ତି ପୂଜା ହେବ ନା ଭଣ୍ଡ/ପାଖଣ୍ଡ ପୂଜା ହେବ । ରାଜାଙ୍କ କଥାଶୁଣି ନାଥଜୀ କହିଲେ ସ୍ୱପ୍ନ କ'ଣ ସତ୍ୟ ହୁଏ ? ମୋ ଆଦେଶ ପାଳନ କରି ଚନ୍ଦନ କାଠରେ ନିର୍ମିତ ମୂର୍ତ୍ତି ନିଶ୍ଚୟ ସ୍ଥାପନ କରିବେ । ଏହା କହି ନାଥଜୀ ଜଳପାନ ଗ୍ରହଣ ନ କରି ଚାଲିଗଲେ । ରାଜା ଭୟଭୀତ ହୋଇ ଚନ୍ଦନ କାଠ ମଗାଇ ମୂର୍ତ୍ତି ତିଆରି କରିବା ପାଇଁ କାରିଗରକୁ ଆଦେଶ ଦେଲେ । ଶ୍ରୀକୃଷ୍ଣଙ୍କର ଗୋଟିଏ ମୂର୍ତ୍ତି ସ୍ଥାପନ ପାଇଁ ଶ୍ରୀ ନାଥଜୀଙ୍କ ଆଦେଶ ଥିଲା । ପୁଣି ଅନ୍ୟ ଗୁରୁ-ସନ୍ଥମାନେ ରାଜାଙ୍କୁ ରାୟ ଦେଲେ ଯେ ପ୍ରଭୁ ଏକୁଟିଆ କେମିତି ରହିବେ ? ସେ ବଳରାମଙ୍କୁ ସର୍ବଦା ସାଥିରେ ରଖୁଥିଲେ । ଅନ୍ୟ ଜଣେ କହିଲେ ଭଉଣୀ ସୁଭଦ୍ରା ତ ଭଗବାନ ଶ୍ରୀକୃଷ୍ଣଙ୍କର ଏକମାତ୍ର ଗେହ୍ଲା ଭଉଣୀ ଥିଲେ । ସେ କେମିତି ନିଜ ଭାଇ ବିନା ରହି ପାରିବେ ?

ତିନୋଟି ମୂର୍ତ୍ତି ତିଆରି କରିବା ପାଇଁ ନିଷ୍ପତ୍ତି ନିଆଗଲା । ତିନିଜଣ କାରୀଗର ନିଯୁକ୍ତ ହେଲେ । ମୂର୍ତ୍ତି ତିଆରି ହେବା ମାତ୍ରେ ଖଣ୍ଡ ବିଖଣ୍ଡିତ ହୋଇଗଲା । ମୂର୍ତ୍ତିଗୁଡ଼ିକ ଏହିଭଳି ତିନିଥର ଭାଙ୍ଗିବାରୁ ରାଜାଙ୍କର ଚିନ୍ତା ବଢ଼ିଗଲା । ଭାବିଲେ ମୋ ଭାଗ୍ୟରେ ଏହି କିର୍ତ୍ତୀ ଓ ପୂଣ୍ୟକର୍ମ ନାହିଁ । ମନ୍ଦିର ନିର୍ମାଣ ହେବା ପରେ ଭାଙ୍ଗି ଯାଉଥିଲା । ଏବେ ମୂର୍ତ୍ତି ଭାଙ୍ଗିଯାଉଛି । ନାଥଜୀ ନିଶ୍ଚିତ ହୋଇ ଯାଇଛନ୍ତି ଯେ ରାଜା ମୋ ଆଦେଶ ଅବଶ୍ୟ ପାଳନ କରିବେ । ଯଦି ମୁର୍ତ୍ତି ଭାଙ୍ଗିଯିବା ବିଷୟ ଜଣାଇବି ତେବେ ସେ ଭାବିବେ ଯେ ରାଜା ମିଥ୍ୟା ବାହାନା କରୁଛନ୍ତି ତେଣୁ ରାଗିଯାଇ ମୋତେ ଅଭିଶାପ ଦେଇ ପାରନ୍ତି । ଚିନ୍ତାଗ୍ରସ୍ତ ରାଜାଙ୍କୁ ନା ନିଦ ହେଉଥିଲା ନା ସେ ଆହାର କରୁଥିଲେ । ସକାଳେ ଚିନ୍ତିତ ଅବସ୍ଥାରେ ରାଜା ଦରବାରକୁ ଗଲେ । ସେ ସମୟରେ ପୂର୍ଣ୍ଣ ପରମାତ୍ମା (କବିର୍ଦେବ) କବୀର ପ୍ରଭୁ ଏକ ଅଶୀବର୍ଷୀୟ ବୃଦ୍ଧ କାରୀଗର ରୂପ ଧାରଣ କରି ରାଜ ଦରବାରରେ ଉପସ୍ଥିତ ହେଲେ । ଅଣ୍ଟାରେ ଏକ ଥଳି ବାନ୍ଧିଥିଲେ ଯେଉଁଥିରେ କାରୀଗରୀ ଅସ୍ତ୍ର ବାହାରକୁ ଦେଖାଯାଉଥିଲା । ଧରିନିଅନ୍ତୁ କିଛି ନ କହି ମଧ୍ୟ କାରିଗରର ପରିଚୟ ଦେଉଥିଲେ ତଥା କାଠ ବସ୍ତୁ ନିର୍ମାଣ ପାଇଁ ଆବଶ୍ୟକୀୟ ସମସ୍ତ ସରଞ୍ଜାମ ଥଳି ଭିତରେ ରଖିଥିଲେ । ପରମେଶ୍ୱର, କାରୀଗର ବେଶରେ ରାଜାଙ୍କୁ କହିଲେ, ମୁଁ ଶୁଣିଛି ଯେ ପ୍ରଭୁଙ୍କ ମନ୍ଦିର ପାଇଁ ମୂର୍ତ୍ତି ତିଆରି ହୋଇ ପାରୁନାହିଁ । ମୁଁ ୮୦ ବର୍ଷର ବୃଦ୍ଧ ଏବଂ ମୋର ୬୦ ବର୍ଷର ଅଭିଜ୍ଞତା ଅଛି । ଚନ୍ଦନ କାଠରେ ମୂର୍ତ୍ତି ପ୍ରତ୍ୟେକ କାରୀଗର ତିଆରି କରି ପାରିବେ ନାହିଁ । ଯଦି ଆପଣଙ୍କ ଆଜ୍ଞା ହେବ ତେବେ ଏହି ସେବକ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛି । ରାଜା କହିଲେ କାରିଗର ! ମୋ ପାଇଁ ଆପଣ ଭଗବାନଙ୍କ ପରି କାରୀଗର ରୂପ ଧାରଣ କରି ଆସିଛନ୍ତି । ମୁଁ ବହୁତ ଚିନ୍ତିତ ଥିଲି । ମନେ ମନେ ଭାବୁଥିଲି ଯେ ଯଦି କେହି ଅଭିଜ୍ଞ କାରୀଗର ମିଳିଯିବେ ତେବେ ମୋ ସମସ୍ୟାର ସମାଧାନ ହୋଇଯିବ । ଆପଣ ଶୀଘ୍ର ମୂର୍ତ୍ତି ତିଆରି କାର୍ଯ୍ୟ ଆରମ୍ଭ କରନ୍ତୁ । ବୃଦ୍ଧ କାରିଗର ରୂପରେ ଆସିଥିବା କବିର୍ଦେବ୍ (କବୀର ପ୍ରଭୁ) କହିଲେ ରାଜନ୍ ! ମୋତେ ଗୋଟିଏ କକ୍ଷ ଦିଅନ୍ତୁ ଯେଉଁଥିରେ ବସି ମୁଁ ପ୍ରଭୁଙ୍କ ମୂର୍ତ୍ତି ଗଢ଼ିବି । ମୁଁ ଭିତର ପଟରୁ ଝରକା କବାଟ ବନ୍ଦ କରି ସ୍ୱଚ୍ଛତାର ସହିତ ମୂର୍ତ୍ତି ଗଢ଼ିବି । ଏହି ମୂର୍ତ୍ତି ଗୁଡ଼ିକ ଯେତେବେଳେ ପ୍ରସ୍ତୁତ ହୋଇଯିବ ସେତେବେଳେ କବାଟ ଖୋଲିବ ।

ଯଦି ତା' ପୂର୍ବରୁ କେହି ଦ୍ୱାର ଖୋଲିଦେବେ ତେବେ ମୂର୍ତ୍ତି ଯେପରି ଗଢ଼ା ହୋଇଥିବ ସେହି ଅବସ୍ଥାରେ ହିଁ ରହିଯିବ । ରାଜା କହିଲେ, ଆପଣ ଯାହା ଉଚିତ ଭାବିବେ ତାହା କରନ୍ତୁ ।

ମୂର୍ତ୍ତି ନିର୍ମାଣ କାର୍ଯ୍ୟ ବାରଦିନ ବିତିଯିବା ପରେ ନାଥଜୀ ଆସି ପହଞ୍ଚିଗଲେ । ନାଥଜୀ, ରାଜାଙ୍କୁ ପଚାରିଲେ, ଇନ୍ଦ୍ରଦ୍ୟୁମ୍ନ ! ମୂର୍ତ୍ତି ତିଆରି ସରିଲାଣି କି ? ରାଜା କରବଦ୍ଧ ହୋଇ କହିଲେ, ଆପଣଙ୍କ ଆଜ୍ଞା ସଂପୂର୍ଣ୍ଣ ପାଳନ କରାଯାଇଛି ମହାତ୍ମାଜୀ ! ପରନ୍ତୁ ମୋର ଏହା ଦୁର୍ଭାଗ୍ୟ ଯେ ମୂର୍ତ୍ତି ତିଆରି ହୋଇପାରୁନାହିଁ । ଅଧା ଗଢ଼ା ମୂର୍ତ୍ତି ଖଣ୍ଡ ବିଖଣ୍ଡିତ ହୋଇଯାଉଛି । ପ୍ରମାଣ ପାଇଁ ସେବକମାନଙ୍କ ଦ୍ୱାରା ମୂର୍ତ୍ତିଖଣ୍ଡ ଗୁଡ଼ିକୁ ମଗାଇ ନାଥଜୀଙ୍କୁ ଦେଖାଇଲେ । ନାଥଜୀ କହିଲେ, ମୂର୍ତ୍ତି ନିଶ୍ଚୟ ତିଆରି କରିବାକୁ ପଡ଼ିବ । ଏବେ ମୂର୍ତ୍ତି ତିଆରି କରନ୍ତୁ, ମୁଁ ଦେଖିବି ମୂର୍ତ୍ତି କିପରି ଭାଙ୍ଗୁଛି । ରାଜା କହିଲେ, ସେଥିପାଇଁ ପ୍ରଯତ୍ନ କରାଯାଉଛି । ପ୍ରଭୁଙ୍କ ଦ୍ୱାରା ପ୍ରେରିତ ଜଣେ ଅନୁଭବୀ ୮୦ ବର୍ଷୀୟ କାରୀଗର ବନ୍ଦ କକ୍ଷରେ ମୂର୍ତ୍ତି ତିଆରି କରୁଛନ୍ତି । ସେ କହିଛନ୍ତି ଯେ ମୂର୍ତ୍ତି ତିଆରି ହୋଇ ଯିବାପରେ ମୁଁ ନିଜେ ଦ୍ୱାର ଖୋଲିବି । ତା' ପୂର୍ବରୁ ଯଦି କେହି ଦ୍ୱାର ଖୋଲିଦେବେ ତେବେ ମୂର୍ତ୍ତି ତିଆରି କାର୍ଯ୍ୟ ଅସଂପୂର୍ଣ୍ଣ ରହିଯିବ । ମୂର୍ତ୍ତି ଅଧାଗଢ଼ା ହୋଇ ରହିଯିବ । ମୂର୍ତ୍ତି ତିଆରି କାର୍ଯ୍ୟ ଆରମ୍ଭ କରି ଆଜକୁ ବାରଦିନ ହୋଇଗଲାଣି । ନା ସେ ବାହାରକୁ ଆସିଛନ୍ତି, ନା ସେ ଜଳପାନ, ନା ସେ ଆହାର କରିଛନ୍ତି । ନାଥଜୀ କହିଲେ, ଏହା ନିରିକ୍ଷଣ କରାଯିବା ଉଚିତ ଯେ ମୂର୍ତ୍ତିଗୁଡ଼ିକୁ ସେ କିପରି ତିଆରି କରୁଛି ? ତିଆରି ହୋଇଯିବା ପରେ ତାହା କିପରି ଦେଖାଯିବ । ଯଦି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଠିକ୍‌ରେ ହୋଇନଥିବ ତେବେ ଠିକ୍‌ରେ ତିଆରି କରିବେ । ଏହା କହି ନାଥଜୀ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଥିରେ ନେଇ ସେହି କକ୍ଷ ନିକଟକୁ ଗଲେ ଯେଉଁ କକ୍ଷରେ ମୂର୍ତ୍ତି ଗଢ଼ାଯାଉଥିଲା । ଉଚ୍ଚସ୍ୱରରେ ଡାକି କହିଲେ, ଦ୍ୱାର ଖୋଲ କାରୀଗର ! ଅନେକଥର ଡାକିଲେ ପରନ୍ତୁ କବାଟ ଖୋଲିଲା ନାହିଁ ତଥା ଯେଉଁ ଖଟ୍ ଖଟ୍ ଶବ୍ଦ ହେଉଥିଲା ତାହା ମଧ୍ୟ ବନ୍ଦ ହୋଇଗଲା । ନାଥଜୀ

କହିଲେ, ୮୦ ବର୍ଷୀୟ ବୃଦ୍ଧ ବୋଲି ତୁମେ କହୁଛ ପୁଣି ବାରଦିନ ପର୍ଯ୍ୟନ୍ତ ଖାଦ୍ୟପେୟ ଗ୍ରହଣ କରିନାହିଁ । ବର୍ତ୍ତମାନ ଶବ୍ଦ ମଧ୍ୟ ଶୁଭୁନାହିଁ, କାଳେ ସେ ମରିଯାଇଥିବ ତେଣୁ ଧକ୍କାମାରି ବଳପୂର୍ବକ କବାଟ ଭାଙ୍ଗିଲେ । ତିନୋଟି ମୂର୍ତ୍ତି ଅଧାଗଢା ଅବସ୍ଥାରେ ରଖାଯାଇଛି, ସମସ୍ତ ମୂର୍ତ୍ତିର ହାତଗୋଡ ଅସମ୍ପୂର୍ଣ୍ଣ ହୋଇ ରହିଛି । ହାତଗୋଡର ଅଙ୍ଗୁଠି ଓ ପଞ୍ଝା ତିଆରି ହୋଇ ନାହିଁ । କାରୀଗର ଅନ୍ତର୍ଧାନ ହୋଇ ଯାଇଥିଲେ ।

ମନ୍ଦିର ତିଆରି ହୋଇ ସାରିଥିଲା, ଅନ୍ୟ ଉପାୟ ନ ପାଇ ନିଜ ଅହଂ ସ୍ୱଭାବରେ ଅଟଳ ନାଥଜୀ କହିଲେ, ମୂର୍ତ୍ତି ଗୁଡିକୁ ଏହିଭଳି ସ୍ଥାପନ କରିଦିଅ, କାଳେ ପ୍ରଭୁ ଏହା ଚାହୁଁଥିବେ। ଏହି ମୂର୍ତ୍ତି ଗୁଡିକୁ ଭଗବାନ ଶ୍ରୀକୃଷ୍ଣ ତିଆରି କରିଛନ୍ତି ।

ବଡ଼ପଣ୍ଡା ଶୁଭ ମୁହୂର୍ତ୍ତ ବାହାର କରି ତହିଁ ପରଦିନ ମୂର୍ତ୍ତିଗୁଡିକର ସ୍ଥାପନା କରିଦେଲେ । ସମସ୍ତ ପଣ୍ଡା, ବଡ଼ପଣ୍ଡା, ରାଜା, ସୈନିକ ଓ ଶ୍ରଦ୍ଧାଳୁଗଣ ମୂର୍ତ୍ତିଗୁଡିକରେ ପ୍ରାଣ ପ୍ରତିଷ୍ଠା କରିବା ପାଇଁ ରାଜମହଲରୁ ପ୍ରସ୍ଥାନ କଲେ । ପୂର୍ଣ୍ଣ ପରମେଶ୍ୱର (କବିର୍ଦେବ୍) ଏକ ଶୁଦ୍ର ରୂପ ଧାରଣ କରି ମନ୍ଦିରର ମୁଖ୍ୟ ଦ୍ୱାର ମଝିରେ ମନ୍ଦିର ଆଡକୁ ମୁହଁ କରି ଛିଡା ହୋଇଗଲେ । ଏଭଳି ଲୀଳା ଆରମ୍ଭ କରିଦେଲେ ଯେପରି ତାଙ୍କୁ ଏହି ବିଷୟରେ କିଛି ଜଣାନାହିଁ ଯେ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସେନା ପଛପଟୁ ଆସୁଛି । ସମସ୍ତଙ୍କ ଆଗେ ଆଗେ ବଡ଼ପଣ୍ଡା ଚାଲୁଥାନ୍ତି ତଥାପି ପରମେଶ୍ୱର ମୁଖ୍ୟଦ୍ୱାର ମଝିରେ ଛିଡା ହୋଇରହିଲେ । ନିକଟକୁ ଆସି ବଡ଼ପଣ୍ଡା ଶୂଦ୍ର ରୂପରେ ଛିଡାଥିବା ପରମେଶ୍ୱରଙ୍କୁ ଏପରି ଧକ୍କା ମାରିଲା ଯେ ପରମେଶ୍ୱର ଅନତି ଦୂରରେ ଛିଟିକି ପଡିଲେ ତଥା ଏକାନ୍ତ ସ୍ଥାନରେ ବସି ଶୂଦ୍ର ରୂପରେ ଲୀଳା କରିବା ଜାରି ରଖିଲେ । ରାଜାଙ୍କ ସହିତ ସର୍ବ ଶ୍ରଦ୍ଧାଳୁ ମନ୍ଦିରର ଭିତରକୁ ଯାଇ ଦେଖନ୍ତି ତ ସମସ୍ତ ମୂର୍ତ୍ତି ସେହି ଦ୍ୱାର ମଝିରେ ଛିଡା ହୋଇଥିବା ଶୂଦ୍ର ରୂପୀ ପରମେଶ୍ୱରଙ୍କ ରୂପ ଧାରଣ କରିଛନ୍ତି । ଏହି ଚମତ୍କାରକୁ ଦେଖି ଉପସ୍ଥିତ ବ୍ୟକ୍ତି ଆଚମ୍ଭିତ ହୋଇଗଲେ । ବଡ଼ପଣ୍ଡା କହିଲେ, ପ୍ରଭୁ କ୍ଷୁବ୍ଧ ହୋଇଯାଇଛନ୍ତି, କାରଣ ମୁଖ୍ୟଦ୍ୱାରକୁ ସେହି ଶୂଦ୍ର ଅଶୁଦ୍ଧ କରିଦେଇଛି । ଏଥିପାଇଁ ସମସ୍ତ ମୂର୍ତ୍ତି ଶୂଦ୍ର ରୂପ ଧାରଣ କରିଛନ୍ତି । ବହୁତ ଅନିଷ୍ଟ ହୋଇଗଲା। କିଛି ସମୟ ଉପରାନ୍ତ ମୂର୍ତ୍ତିଗୁଡିକ ପୁଣି ବାସ୍ତବିକ ରୂପକୁ ଫେରି ଆସିଲେ । ବହୁଥର ଗଙ୍ଗାଜଳ ସିଞ୍ଚନ କରାଯାଇ ସ୍ୱଚ୍ଛ କରି ପ୍ରାଣ ପ୍ରତିଷ୍ଠା କରାଗଲା । {କବିର୍ଦେବ୍ କହିଲେ, ଅଜ୍ଞାନତା ଓ ପାଖଣ୍ଡ(ଶାସ୍ତ୍ରବିରୁଦ୍ଧ) ପୂଜାର ଚରମ ରୂପରେଖକୁ ଦେଖନ୍ତୁ, ମୂର୍ତ୍ତିର କାରୀଗର ସ୍ୱୟଂ ଭଗବାନ ପୁଣି ସେହି ମୂର୍ତ୍ତିରୂପୀ ପ୍ରଭୁଙ୍କର ପ୍ରାଣ ପ୍ରତିଷ୍ଠା ଅର୍ଥାତ୍ ପ୍ରଭୁଙ୍କୁ ଜୀବନ ଦାନ ପାଇଁ ପଣ୍ଡା-ପଡିହାରୀ ଓ ପୂଜାରୀଗଣ, ତା'ପରେ ସେହି ମାଟି ବା କାଠର ପ୍ରଭୁ ସମସ୍ତ କାର୍ଯ୍ୟ ସିଦ୍ଧ କରିଥାନ୍ତି । ବାହାଃ-ବାହାଃରେ ପଣ୍ଡିତଗଣ ! ନିରୀହ ପ୍ରଭୁପ୍ରେମୀ ଆତ୍ମାମାନଙ୍କୁ ତୁମେ ଖୁବ୍ ବୋକା ବନାଉଛ ।}

ମୂର୍ତ୍ତି ସ୍ଥାପନାର କିଛିଦିନ ପରେ ପ୍ରାୟ ୪୦ ଫୁଟ୍ ଉଚ୍ଚର ସମୁଦ୍ର ଲହଡି ଉଠିଲା ଯାହାକୁ ସାମୁଦ୍ରିକ ଝଡ଼ କୁହାଯାଏ ତଥା ବହୁତ ବେଗରେ ମନ୍ଦିର ଆଡକୁ ମାଡିଆସିଲା । କିନ୍ତୁ ସମୁଦ୍ର କୂଳରେ ନିର୍ମିତ ପଥର ଚଉଁରା ଉପରେ କବୀର ପରମେଶ୍ୱର ବସିଥିଲେ । ପ୍ରଭୁ ନିଜର ଗୋଟିଏ ହାତ ଉପରକୁ ଉଠାଇଲେ (ଯେପରି ଆଶୀର୍ବାଦ ଦିଅନ୍ତି), ସମୁଦ୍ର ଉପରକୁ ଉଠିଥିବା ଅବସ୍ଥାରେ ହିଁ ଅଟକିଯାଇ ପର୍ବତ ପରି ଛିଡା ହୋଇଗଲା। ଆଉ ଆଗକୁ ବଢିପାରିଲା ନାହିଁ । ସମୁଦ୍ର ବିପ୍ର ରୂପ ଧାରଣକରି ଚଉଁରା ଉପରେ ବସିଥିବା ପ୍ରଭୁଙ୍କୁ କହିଲା, ହେ ଭଗବାନ ! ଆପଣ ମୋତେ ରାସ୍ତା ଦିଅନ୍ତୁ, ମୁଁ ଏହି ମନ୍ଦିରକୁ ଭାଙ୍ଗିବି । ପ୍ରଭୁ କହିଲେ, ଏହା ପୂଜା ମନ୍ଦିର ନୁହେଁ, ଏହା ମହଲ (ଆଶ୍ରମ) ଅଟେ, ବିଦ୍ୱାନ ପୁରୁଷମାନେ ଏଠାରେ ଗୀତାଜ୍ଞାନ ଚର୍ଚ୍ଚା କରିବେ । ଆପଣ ଏହାକୁ ବିଧ୍ୱଂସ କରିବାକୁ ଯାଉଛନ୍ତି, ଏହା ଶୋଭା ପାଉନାହିଁ । ସମୁଦ୍ର କହିଲା, ମୁଁ ଏହାକୁ ନିଶ୍ଚୟ ଭାଙ୍ଗିବି । ପ୍ରଭୁ କହିଲେ, ଭାଙ୍ଗନ୍ତୁ ଆପଣଙ୍କୁ କିଏ ରୋକୁଛି ? ସମୁଦ୍ର କହିଲା, ମୁଁ ବିବଶ, ପ୍ରଭୁ ଆପଣଙ୍କ ଶକ୍ତି ଅପାର, ମୋତେ ରାସ୍ତା ଦିଅନ୍ତୁ ପ୍ରଭୁ! ପରମେଶ୍ୱର କବୀର ସାହେବଜୀ ପଚାରିଲେ ଆପଣ ଏଭଳି କାହିଁକି କରୁଛନ୍ତି ? ବିପ୍ର ରୂପଧାରୀ ସମୁଦ୍ର କହିଲେ, ତ୍ରେତୟାଯୁଗରେ ଶ୍ରୀକୃଷ୍ଣ ଭଗବାନ, ଶ୍ରୀ ରାମଚନ୍ଦ୍ର ରୂପରେ ଆସି ଅଗ୍ନିବାଣ ଦେଖାଇ କଟୁକଥା କହି ମୋତେ ଅପମାନିତ କରି ରାସ୍ତା ମାଗିଥିଲେ । ମୁଁ ତାର ପ୍ରତିଶୋଧ ନେବାକୁ ଚାହୁଁଛି ।

ପରମେଶ୍ୱର କବୀରଜୀ କହିଲେ, ପ୍ରତିଶୋଧ ତ ଆପଣ ପୂର୍ବରୁ ନେଇ ସାରିଛନ୍ତି । ଦ୍ୱାରିକା ନଗରୀକୁ



ପରମେଶ୍ୱର କବୀରଜୀଙ୍କ ଦ୍ୱାରା ସମୁଦ୍ର କବଳରୁ ଜଗନ୍ନାଥ ମନ୍ଦିରକୁ ଭାଙ୍ଗିବାରୁ ରକ୍ଷାକରିବା।

ଆପଣ ଜଳମଗ୍ନ କରି ରଖିଛନ୍ତି । ସମୁଦ୍ର କହିଲେ, ସମ୍ପୂର୍ଣ୍ଣ ଜଳମଗ୍ନ କରି ପାରିନାହିଁ ଅଧା ବାକିଅଛି । କୌଣସି ପ୍ରବଳ ଶକ୍ତିଯୁକ୍ତ ସନ୍ଥ ସେ ସମୟରେ ମୋ ସମ୍ମୁଖକୁ ଆସି ଯାଇଥିଲେ ସେଥିପାଇଁ ମୁଁ ଦ୍ୱାରିକାକୁ ସମ୍ପୂର୍ଣ୍ଣ ଜଳମଗ୍ନ କରି ପାରି ନଥିଲି । ଏବେ ମଧ୍ୟ ଚେଷ୍ଟା କରୁଛି କିନ୍ତୁ ସେଠାକୁ ଯାଇପାରୁ ନାହିଁ । ମୋତେ ଅଟକାଇ ରଖାଯାଇଛି ।

ଏହା ଶୁଣି ପରମେଶ୍ୱର କବୀର(କବିର୍ଦେବ୍) କହିଲେ, ମୁଁ ହିଁ ସେଠାକୁ ଯାଇ ସେହି ଅବଶେଷର ରକ୍ଷା କରିଥିଲି । ଏବେ ଯାଅ ବାକିଥିବା ଦ୍ୱାରିକାକୁ ଗ୍ରାସକର, ପରନ୍ତୁ ସେହି ସ୍ମୃତି ସ୍ଥଳକୁ ଛାଡିଦେବ ଯେଉଁଠି ଶ୍ରୀକୃଷ୍ଣଙ୍କ ଶରୀରର ଅନ୍ତିମ ସଂସ୍କାର କରାଯାଇଥିଲା (ଶ୍ରୀକୃଷ୍ଣଙ୍କ ଅନ୍ତିମ ସଂସ୍କାର ସ୍ଥଳରେ ବହୁତ ବଡ ମନ୍ଦିର ନିର୍ମାଣ କରିଦିଆଗଲା । ଏହି ସ୍ମୃତିପୀଠ ଏକ ପ୍ରମାଣ ହୋଇ ରହିବ ଯେ ବାସ୍ତବରେ ଶ୍ରୀକୃଷ୍ଣଙ୍କ ମୃତ୍ୟୁ ହୋଇଥିଲା ଏବଂ ସେ ପଞ୍ଚତତ୍ତ୍ୱର ଶରୀର ତ୍ୟାଗ କରିଥିଲେ ନଚେତ୍ ଆଗାମି ସମୟରେ ଏହା ମଧ୍ୟ କୁହାଯିବ ଯେ ଶ୍ରୀକୃଷ୍ଣଙ୍କର ମୃତ୍ୟୁ ହୋଇନଥିଲା) । ସମୁଦ୍ର, ଆଜ୍ଞା ପ୍ରାପ୍ତ କରି ଅବଶିଷ୍ଟ ଦ୍ୱାରିକାକୁ ମଧ୍ୟ ଗ୍ରାସ କରିଦେଲା । ପରମେଶ୍ୱର କବୀରଜୀ (କବିର୍ଦେବ) କହିଲେ, ଭବିଷ୍ୟତରେ ଆପଣ କେବେ ଏହି ଜଗନ୍ନାଥ ମନ୍ଦିରକୁ ଭାଙ୍ଗିବା ପାଇଁ ଚେଷ୍ଟା ମଧ୍ୟ କରିବେ ନାହିଁ ତଥା ଏହି ମନ୍ଦିର (ମହଲ) ଠାରୁ ଦୂରକୁ ଘୁଞ୍ଚିଯାଅ । ସମୁଦ୍ର ପ୍ରଭୁଙ୍କର ଏହି ଆଜ୍ଞା ଅନୁସାରେ ପ୍ରଣାମ କରି ମନ୍ଦିରଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରକୁ ଘୁଞ୍ଚିଗଲା । ଏହିପରି ଶ୍ରୀ ଜଗନ୍ନାଥଜୀଙ୍କ ମନ୍ଦିର ଅର୍ଥାତ୍ ପୁରୀଧାମର ସ୍ଥାପନ ହୋଇଥିଲା।

## "ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଛୁଆଁ ଅଛୁଆଁ ଭେଦଭାବ ପ୍ରାରମ୍ଭରୁ ହିଁ ନାହିଁ"

କିଛିଦିନ ପରେ ଯେଉଁ ପଣ୍ଡା ଶୂଦ୍ରରୂପୀ ପ୍ରଭୁ କବୀରଜୀଙ୍କୁ ଧକ୍କା ମାରିଥିଲା ତାକୁ କୁଷ୍ଠରୋଗ ହୋଇଗଲା । ସମସ୍ତ ପ୍ରକାରର ଚିକିତ୍ସା, ଔଷଧ ସେବନ ଓ ଲେପନ ପରେ ମଧ୍ୟ ସୁସ୍ଥ ହେଲା ନାହିଁ। କୁଷ୍ଠରୋଗର ଯନ୍ତ୍ରଣା ଅଧିକରୁ ଅଧିକ ବଢ଼ିଲା । ସମସ୍ତ ଉପାସନା କଲା, ଶ୍ରୀ ଜଗନ୍ନାଥଙ୍କୁ କାନ୍ଦି କାନ୍ଦି

ସଂକଟ ନିବାରଣ ପାଇଁ ପ୍ରାର୍ଥନା କଲା କିନ୍ତୁ ସେସବୁ ନିଷ୍ଫଳ ହେଲା । ସ୍ୱପ୍ନରେ ଶ୍ରୀକୃଷ୍ଣ ଦର୍ଶନ ଦେଇ କହିଲେ ଯେ ମନ୍ଦିରର ମୁଖ୍ୟଦ୍ୱାର ନିକଟରେ ଯାହାଙ୍କୁ ତୁ ଧକ୍କା ମାରିଥିଲୁ ସେହି ସନ୍ଥଙ୍କ ଚରଣ ଧୋଇ ଯଦି ଚରଣାମୃତ ପାନକରିବୁ ତେବେ ତାଙ୍କ ଆଶୀର୍ବାଦରୁ ତୋ କୁଷ୍ଠରୋଗ ଠିକ୍ ହୋଇଯିବ ଯଦି ହୃଦୟର ସହିତ ତୋତେ ସେ କ୍ଷମା କରନ୍ତି, ନଚେତ୍ ଏହା ଅସମ୍ଭବ । ମରତା କ୍ୟା ନେହିଁ କରତା (ମୃତ୍ୟୁ ମୁଖରେ ପଡ଼ିଥିବା ଲୋକ କିଛି ବି କରିବା ପାଇଁ ପ୍ରସ୍ତୁତ ହୋଇଯାଏ) ।

ବଡ଼ପଣ୍ଡା ସକାଳୁ ଉଠି କୌଣସି ଏକ ସହଯୋଗୀ ପଣ୍ଡାଙ୍କୁ ସାଥିରେ ଧରି ସେହି ସ୍ଥାନକୁ ଗଲା ଯେଉଁଠାରେ ପ୍ରଭୁ କବୀର ଶୂଦ୍ର ରୂପରେ ବିରାଜମାନ ଥିଲେ । ପଣ୍ଡା, ପ୍ରଭୁଙ୍କ ନିକଟରେ ପହଞ୍ଚିବା କ୍ଷଣି ପରମେଶ୍ୱର ଉଠି ଚାଲିଯିବାକୁ ବାହାରିଲେ ତଥା କହିଲେ, ଆରେ ପଣ୍ଡା ! ମୁଁ ଶୁଦ୍ରଲୋକ ମୋଠାରୁ ଦୂରେଇ ରୁହ, ମୋତେ ଛୁଇଁଲେ ଆପଣ ଅପବିତ୍ର ହୋଇଯିବେ । ପଣ୍ଡା ଯେତେ ନିକଟକୁ ଯାଉଥାଏ ପରମେଶ୍ୱର ସେତେ ଆଗକୁ ଚାଲି ଯାଉଥାନ୍ତି । ପଣ୍ଡା ଭୋ-ଭୋ ହୋଇ କାନ୍ଦିବାକୁ ଲାଗିଲା ଏବଂ କହିଲା, ହେ ପ୍ରଭୁ ! ମୋ ଦୋଷ କ୍ଷମା କରିଦିଅନ୍ତୁ । ଏହା ଶୁଣି ଦୟାଳୁ ପ୍ରଭୁ ଅଟକି ଗଲେ । ପଣ୍ଡା ଆଦରର ସହିତ ଏକ ସ୍ୱଚ୍ଛବସ୍ତ୍ର ଭୂମି ଉପରେ ବିଛାଇ ଦେଇ ପ୍ରଭୁଙ୍କୁ ବସିବା ପାଇଁ ପ୍ରାର୍ଥନା କଲା । ପ୍ରଭୁ ସେହି ବସ୍ତ୍ର ଉପରେ ବସିଲେ । ତା'ପରେ ପଣ୍ଡା ସ୍ୱୟଂ ପ୍ରଭୁଙ୍କର ଚରଣ ଧୋଇ ଚରଣାମୃତକୁ ଏକ ପାତ୍ରରେ ସଂଗ୍ରହ କଲା । ପ୍ରଭୁ କବୀରଜୀ କହିଲେ, ପଣ୍ଡା ! ଚାଳିଶି ଦିନ ପର୍ଯ୍ୟନ୍ତ ଏହାକୁ ପିଇବା ସହିତ ସ୍ନାନ କରୁଥିବା ଜଳରେ କିଛି ମିଶାଇ ସ୍ନାନ କରିବ । ଚାଳିଶିତମ ଦିନରେ ତୋ କୁଷ୍ଠରୋଗ ସମାପ୍ତ ହୋଇଯିବ ତଥା ଏହା ମଧ୍ୟ କହିଲେ ଯେ ଭବିଷ୍ୟତରେ ମଧ୍ୟ ଏହି ଜଗନ୍ନାଥ ମନ୍ଦିରରେ ଯଦି କେହି ବି ଛୁଆଁ ଅଛୁଆଁ ବ୍ୟବସ୍ଥାକୁ ପ୍ରଶୟ ଦେବ ତେବେ ତାକୁ ମଧ୍ୟ ଦଣ୍ଡ ମିଳିବ । ଉପସ୍ଥିତ ସମସ୍ତ ବ୍ୟକ୍ତି ଶପଥ କଲେ ଯେ ଆଜିଠାରୁ ଏହି ପବିତ୍ର ସ୍ଥାନରେ କୌଣସି ପ୍ରକାରର ଛୁଆଁ ଅଛୁଆଁ ବ୍ୟବସ୍ଥା ରହିବ ନାହିଁ ।

ବିଚାର କରନ୍ତୁ-ହିନ୍ଦୁସ୍ଥାନର ଏହା ଏକମାତ୍ର ମନ୍ଦିର ଯେଉଁଠାରେ ପ୍ରାରମ୍ଭରୁ ଛୁଆଁ ଅଛୁଆଁ ଭେଦଭାବ ନାହିଁ ।

ମୋତେ (ଏହି ଦାସକୁ) ମଧ୍ୟ ସେହି ସ୍ଥାନକୁ ଦେଖିବାର ଅବସର ପ୍ରାପ୍ତ ହେଲା, କିଛି ପ୍ରମାଣ ପ୍ରାପ୍ତ କରିବା ପାଇଁ କିଛି ସେବକଙ୍କ ସହିତ ସେହି ସ୍ଥଳକୁ ଦେଖିବା ପାଇଁ ଯାଇଥିଲି । ସେଠାରେ ସମସ୍ତ ପ୍ରମାଣ ଏବେ ମଧ୍ୟ ଉପଲବ୍ଧ । ଯେଉଁ ପଥର ଚଉରା ଉପରେ ବସି କବୀର ପରମେଶ୍ୱରଜୀ ସମୁଦ୍ରକୁ ଅଟକାଇ ମନ୍ଦିରକୁ ରକ୍ଷା କରିଥିଲେ ତାହା ଆଜି ମଧ୍ୟ ବିଦ୍ୟମାନ । ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ତା ଉପରେ ଏକ ଗମ୍ବୁଜ ତିଆରି କରାଯାଇଛି । ବହୁ ପୁରାତନ ମହନ୍ତ ପରମ୍ପରାର ଏକ ଆଶ୍ରମ (ରକ୍ଷଣାବେକ୍ଷଣ ପାଇଁ) ସେଠାରେ ଅଛି । ସେଠାରେ ପ୍ରାୟ ୭୦ ବର୍ଷର ଜଣେ ବୃଦ୍ଧ ମହନ୍ତ ଥିଲେ ଯାହାଙ୍କଠାରୁ ସମୁଦ୍ର କବଳରୁ ମନ୍ଦିର ରକ୍ଷା ହେବା ଉପୋରକ୍ତ ଉପାଖ୍ୟାନ ଜାଣିବାକୁ ଚାହିଁବାରୁ ସେ ମଧ୍ୟ ଏହିକଥା କହିଲେ ଯାହା ଉପରେ ବର୍ଣ୍ଣିତ ଅଛି ଯେ ଅନେକ ପିଢୀରୁ ମୋ ପୂର୍ବଜମାନେ ଏଠାରେ ମହନ୍ତ (ରକ୍ଷଣାବେକ୍ଷଣକାରୀ) ହୋଇ ରହିଆସିଛନ୍ତି । ଶ୍ରୀ ଧର୍ମଦାସ ସାହେବ ଓ ତାଙ୍କ ପତ୍ନୀ ଭକ୍ତମତୀ ଆମନୀଦେବୀ ଏହିଠାରେ ହିଁ ଶରୀର ତ୍ୟାଗ କରିଥିଲେ। ଦୁହିଁଙ୍କର ସମାଧି ପାଖାପାଖି ତିଆରି ହୋଇଥିବାର ଦେଖିଲି । ତା'ପରେ ଆମ୍ଭେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଗଲୁ । ସେଠାରେ ଆଜି ମଧ୍ୟ ମୂର୍ତ୍ତିପୂଜା ହେଉ ନାହିଁ, ପରନ୍ତୁ ପ୍ରଦର୍ଶନୀ ପାଇଁ ରଖାଯାଇଛି ।

ମନ୍ଦିର ଭିତରେ ଭଗବାନ ଶ୍ରୀକୃଷ୍ଣ, ଶ୍ରୀ ବଳରାମ ଓ ଭଉଣୀ ସୁଭଦ୍ରାଙ୍କର ଯେଉଁ ତିନିମୂର୍ତ୍ତି ଅଛି ସେମାନଙ୍କର ଦୁଇହାତର ପାପୁଲି ନାହିଁ, ଦୁଇ ହାତ ଖଣ୍ଡିଆ । ସେହି ମୂର୍ତ୍ତିଗୁଡ଼ିକର ପୂଜା ହୁଏନାହିଁ, କେବଳ ଦର୍ଶନାର୍ଥେ ରଖାଯାଇଛି । ସେଠାକାର ଜଣେ ଗାଇଡ୍ ପଣ୍ଡାଙ୍କୁ ପଚାରିଲି, ମୁଁ ଶୁଣିଛି ଏହି ମନ୍ଦିରକୁ ସମୁଦ୍ର କେଉଁଠି ପାଞ୍ଚଥର ଭାଙ୍ଗିଥିଲା ଏବଂ ଏହାକୁ ପୁନର୍ବାର ତିଆରି କରାଯାଇଛି। ସମୁଦ୍ର କାହିଁକି ମନ୍ଦିରକୁ ଭାଙ୍ଗିଥିଲା ? ପୁଣି ସମୁଦ୍ରକୁ କିଏ ରୋକିଥିଲା ? ପଣ୍ଡା କହିଲେ, ମୋତେ ଏହା ଜଣାନାହିଁ । ସମସ୍ତ କୃପା ପ୍ରଭୁ ଜଗନ୍ନାଥଙ୍କର ଥିଲା, ସେ ହିଁ ସମୁଦ୍ରକୁ ରୋକିଥିଲେ। ମୁଁ ଏହା ମଧ୍ୟ ଶୁଣିଛି ଯେ ସମୁଦ୍ର ମନ୍ଦିରକୁ ତିନିଥର ଭାଙ୍ଗିଥିଲା । ମୁଁ ପୁଣି ପ୍ରଶ୍ନ କଲି ଯେ ପ୍ରଭୁ ପ୍ରଥମଥର ସମୁଦ୍ରକୁ କାହିଁକି ଅଟକାଇ ନଥିଲେ । ପଣ୍ଡା

ଉତ୍ତର ଦେଲେ, ଏସବୁ ପ୍ରଭୁ ଜଗନ୍ନାଥଙ୍କର ଲୀଳା ।

ମୁଁ ପୁଣି ପଚାରିଲି, ଏହି ମନ୍ଦିରରେ ଛୁଆଁ ଅଛୁଆଁ ଭେଦଭାବ ଅଛି କି ନାହିଁ? ସେ କହିଲେ, ମନ୍ଦିର ତିଆରି ହେବା ପରଠାରୁ ଏଠାରେ କୌଣସି ପ୍ରକାରର ଛୁଆଁ ଅଛୁଆଁ ଭେଦଭାବ ନାହିଁ । ମନ୍ଦିରରେ ଶୂଦ୍ର ଓ ପଣ୍ଡା ଗୋଟିଏ ଥାଳି ବା ପତ୍ରରେ ଖାଦ୍ୟ ଖାଇ ପାରିବେ, କେହି ମନା କରିବେନି । ମୁଁ ପ୍ରଶ୍ନ କଲି ଆଜ୍ଞା! ଅନ୍ୟ ହିନ୍ଦୁ ମନ୍ଦିରରେ ତ ପ୍ରଥମେ ଛୁଆଁ ଅଛୁଆଁ ଭେଦଭାବ ଥିଲା, ଏଠାରେ କାହିଁକି ନାହିଁ? ଏଠାରେ ଯେଉଁ ପ୍ରଭୁ ଅଛନ୍ତି ଅନ୍ୟ ଧାମରେ ମଧ୍ୟ ସେହି ପ୍ରଭୁ ଅଛନ୍ତି । ପଣ୍ଡା ଉତ୍ତର ଦେଲେ, ଏ ସବୁ ପ୍ରଭୁ ଜଗନ୍ନାଥଙ୍କର ଲୀଳା ।

ପୁଣ୍ୟାତ୍ମାଗଣ ବର୍ତ୍ତମାନ ବିଚାର କରନ୍ତୁ ସେହି ଗୋଟିଏ କଥା – "ପ୍ରଭୁ ଜଗନ୍ନାଥଙ୍କର ଲୀଳା"କହି ସତ୍ୟକୁ କିପରି ଲୁଚାଇ ଦିଆଯାଇଛି। ପବିତ୍ର ସ୍ମୃତିପିଠଗୁଡ଼ିକ ଆଦରଣୀୟ ଅଟେ। ଆତ୍ମକଲ୍ୟାଣ କେବଳ ପବିତ୍ର ଗୀତା, ପବିତ୍ର ବେଦ ବର୍ଣ୍ଣୀତ ବିଧି ଓ ପରମେଶ୍ୱର କବୀରଜୀଙ୍କ ଦ୍ୱାରା ପ୍ରଦତ୍ତ ତତ୍ତ୍ୱଜ୍ଞାନ ଆଧରରେ ଭକ୍ତି ସାଧନା କରିବା ଦ୍ୱାରା ସମ୍ଭବ ହୋଇଥାଏ, ଅନ୍ୟଥା ଶାସ୍ତ୍ରବିରୁଦ୍ଧ ବିଧିରେ ସାଧନା କଲେ ମାନବ ଜୀବନ ବ୍ୟର୍ଥ ହୋଇଯାଏ । ପ୍ରମାଣ ଗୀତା ଅଧ୍ୟାୟ ୧୬ ର ମନ୍ତ୍ର ୨୩, ୨୪ । ପ୍ରଭୁଙ୍କ ଆଦେଶ ଅନୁସାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପବିତ୍ର ଗୀତାଜ୍ଞାନ ମହିମାର ଗୁଣଗାନ ହେବା ଉଚିତ୍ ତଥା ଯେପରି ଭକ୍ତିବିଧି ଶ୍ରୀମଦ୍ ଭାଗବତ ଗୀତାରେ ଅଛି ସେହି ପ୍ରକାର ସାଧନା କରିବା ଦ୍ୱାରା ଆତ୍ମକଲ୍ୟାଣ ସମ୍ଭବ ହୋଇଥାଏ ଅନ୍ୟଥା କେବଳ ଜଗନ୍ନାଥଙ୍କ ଦର୍ଶନ କଲେ ବା ଅଭଡ଼ା ପ୍ରସାଦ ଖାଇଲେ କୌଣସି ଲାଭ ହୁଏ ନାହିଁ କାରଣ ଏହା ଶ୍ରୀ ଗୀତା ବର୍ଣ୍ଣିତ ବିଧି ହୋଇ ନ ଥିବାରୁ ଶାସ୍ତ୍ରବିରୁଦ୍ଧ ଅଟେ, ଯାହା ଅଧ୍ୟାୟ ୧୬, ମନ୍ତ୍ର ୨୩-୨୪ରେ ବର୍ଣ୍ଣିତ ଅଛି ।

## "ସ୍ୱର୍ଗର ପରିଭାଷା କ'ଣ?"

ଉଦାହରଣ ସ୍ୱରୂପ ସ୍ୱର୍ଗକୁ ଏକ ହୋଟେଲ (ରେଷ୍ଟୋରାଣ୍ଟ) ବୋଲି ଜାଣନ୍ତୁ । ଯେପରି କୌଣସି ଧନୀବ୍ୟକ୍ତି ଗ୍ରୀଷ୍ମ ଋତୁରେ ଶିମଳା କିମ୍ବା କୁଲୁ ମନାଲୀ ଭଳି ଥଣ୍ଡା ସହରକୁ ଭ୍ରମଣାର୍ଥେ ଯାଇ ସେଠାରେ କୌଣସି ହୋଟେଲରେ ରହିଥାଏ ତଥା ସେଥିପାଇଁ ରୁମ୍ ଭଡା ଓ ଖାଇବା ଖର୍ଚ୍ଚ ତାକୁ ପୈଠ କରିବାକୁ ପଡ଼ିଥାଏ । ଦୁଇ ତିନିଦିନରେ କୋଡିଏ-ତିରିଶ ହଜାର ଟଙ୍କା ଖର୍ଚ୍ଚ କରି ତାକୁ ପୁଣି ନିଜ କର୍ମକ୍ଷେତ୍ରକୁ ଫେରି ଆସିବାକୁ ପଡିଥାଏ । ପୁଣି ଦଶମାସ ପରିଶ୍ରମ କର! ନିଜ ଉପାର୍ଜନକୁ ଦୁଇ ମାସରେ ଖର୍ଚ୍ଚ କରି ପୁଣି ଫେରିଆସ । କୌଣସି ବର୍ଷ ଯଦି ଭଲ ଉପାର୍ଜନ ନ ହୁଏ ତେବେ ସେହି ଦୁଇ ମାସର ସୁଖ ପାଇଁ ମୁଣ୍ଡପିଟ ।

ସ୍ୱର୍ଗକୁ ଠିକ୍ ଏହି ପ୍ରକାରେ ବୁଝିବା ଉଚିତ୍ – ଏହି ପୃଥିବୀ ଲୋକରେ ସାଧନା କରି ଜୀବାତ୍ମା ସ୍ୱର୍ଗରୂପୀ ହୋଟେଲକୁ କିଛି ସମୟ ପାଇଁ ଚାଲିଯାଏ । ସେଠାରେ ନିଜ ଭକ୍ତି ଉପାର୍ଜନକୁ ଖର୍ଚ୍ଚ କରି ପୁଣି ପାପକର୍ମର ଫଳ ସ୍ୱରୂପ ନର୍କ ଓ ଚଉରାଶୀ ଲକ୍ଷ ପ୍ରାଣୀଙ୍କ ଶରୀରରେ ନାନା ଅସହନୀୟ ଦୁଃଖ ଭୋଗିଥାଏ ।

ଯେପର୍ଯ୍ୟନ୍ତ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିଛନ୍ତି ସେପର୍ଯ୍ୟନ୍ତ ଜନ୍ମ-ମୃତ୍ୟୁ, ସ୍ୱର୍ଗ-ନର୍କ ଓ ଚଉରାଶୀ ଲକ୍ଷ ଯୋନିର କଷ୍ଟ ମିଳୁଥିବ । କାରଣ କେବଳ ପୂର୍ଣ୍ଣ ପରମାତ୍ମାଙ୍କ ସତ୍ୟନାମ ଓ ସାରନାମ ପାପକୁ ନାଶ କରିଥାଏ । ଅନ୍ୟ ପ୍ରଭୁମାନଙ୍କର ମନମୁଖୀ ପୂଜା ଦ୍ୱାରା କଦାପି ପାପ ନଷ୍ଟ ହୋଇ ନ ଥାଏ। ଯେପରି କର୍ମ ସେହିପରି ଫଳ ଅବଶ୍ୟ ମିଳିଥାଏ ।

ଏଥିପାଇଁ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୬ ରେ କୁହାଯାଇଛି ଯେ ବ୍ରହ୍ମଲୋକ (ମହାସ୍ୱର୍ଗ) ପର୍ଯ୍ୟନ୍ତ ସମସ୍ତ ଲୋକ ନାଶବାନ (ବିନାଶଶୀଳ) ଅଟେ । ଯଦି ସ୍ୱର୍ଗ-ମହାସ୍ୱର୍ଗ ନାଶ ହୋଇଯାଉଛି ତେବେ ସାଧକ କେଉଁଠାରେ ରହିବ? ଦୟାକରି ବିଚାର କରନ୍ତୁ ।

ପ୍ରଶ୍ନ – ଗୀତାର ନିତ୍ୟପାଠ ଦ୍ୱାରା କୌଣସି ଲାଭ ମିଳି ନ ଥାଏ କି? ଯେଉଁ ଦାନ ଆମ୍ଭେ କରୁଛୁ ଯେପରି କୁକୁରକୁ ରୋଟି-ଭାତ ଦେବା, କାଉ ଓ ପାରା ଆଦିଙ୍କୁ ଶସ୍ୟଦାନା, ଭୋକିଲାକୁ ଭୋଜନ, ଯନ୍ଦା-ପିମ୍ପୁଡି ଆଦିଙ୍କୁ ଖାଦ୍ୟ ଦେବା, ତୀର୍ଥସ୍ଥାନରେ ଅନ୍ନଦାନ ଇତ୍ୟାଦି କରିବା । କ'ଣ ଏହା ମଧ୍ୟ ବ୍ୟର୍ଥ?

ଉତ୍ତର- ଧାର୍ମିକ ସଦଗ୍ରନ୍ଥଗୁଡିକର ପଠନ ଦ୍ୱାରା ଜ୍ଞାନଯଜ୍ଞର ଫଳ ମିଳିଥାଏ। ଯଜ୍ଞର ଫଳ କିଛି

ସମୟ ପାଇଁ ସ୍ୱର୍ଗଭୋଗ ବା ଯେଉଁ ଉଦ୍ଦେଶ୍ୟରେ ଆମ୍ଭେ ଯଜ୍ଞ କଲେ ତାର ଫଳ ସେଥିରୁ ମିଳିଯାଏ, ପରନ୍ତୁ ମୋକ୍ଷ ପ୍ରାପ୍ତି ହୁଏ ନାହିଁ । ନିତ୍ୟପାଠର ମୁଖ୍ୟ କାରଣ ହେଲା ସାଧନା କରିବା ପାଇଁ ଓ ନ କରିବା ପାଇଁ ସଦଗ୍ରନ୍ଥରେ ଯେଉଁ ନିର୍ଦ୍ଦେଶ ଅଛି ଗ୍ରନ୍ଥପାଠ ତାହାକୁ ମନେ ପକାଇଦିଏ । ଯେପରି କେଉଁଠି ତ୍ରୁଟି ହୋଇନଯାଉ ଯାହାଦ୍ୱାରା ଆମ୍ଭ ବାସ୍ତବିକ ଉଦ୍ଦେଶ୍ୟ ତ୍ୟାଗ କରି ଭୁଲ କରି ଶାସ୍ତ୍ରବିଧି ତ୍ୟାଗ କରି ଯେପରି ମନମୁଖି ଆଚରଣ(ପୂଜା) ଆମ୍ଭେ ନ କରିବା ତଥା ମନୁଷ୍ୟ ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ସର୍ବଦା ମନେ ରଖିବା ଯେ ମନୁଷ୍ୟ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେଲା କେବଳ ଆତ୍ମକଲ୍ୟାଣ ଯାହା ଶାସ୍ତ୍ରାନୁକୂଳ ଭକ୍ତି ଦ୍ୱାରା ହିଁ ସମ୍ଭବ ହୋଇଥାଏ ।

ଯେପରି ଜଣେ ଜମିଦାରଙ୍କୁ ବୃଦ୍ଧାବସ୍ଥାରେ ପୁତ୍ର ପ୍ରାପ୍ତି ହେଲା । ସେହି କୃଷକ (ଜମିଦାର) ଭାବିଲା, ମୋ ପୁଅ କେତେବେଳେ ଯୁବକ ହୋଇ ନିଜ ଜମି-ବାଡି କାର୍ଯ୍ୟ ସମ୍ଭାଳିବା ଯୋଗ୍ୟ ହେବ, ସେତେବେଳକୁ କାଳେ ମୋର ମୃତ୍ୟୁ ହୋଇ ଯାଇଥିବ । ସେଥିପାଇଁ ସେହି କୃଷକ ନିଜର ସମସ୍ତ ଅନୁଭବକୁ ଲେଖି ରଖିଲା ତଥା ନିଜ ପୁତ୍ରକୁ କହିଲା, ପୁତ୍ର ତୁ ଯେବେ ଯୁବକ ହୋଇଯିବୁ ସେତେବେଳେ ନିଜ କ୍ଷେତ-ବାଡିର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ମୋର ଏହି ଅନୁଭବ ଲେଖାକୁ ପ୍ରତିଦିନ ପଢ଼ି ନିଜର କୃଷିକାର୍ଯ୍ୟ କରିବୁ । ପିତାଙ୍କ ମୃତ୍ୟୁ ଉପରାନ୍ତ କୃଷକ ପୁତ୍ର ପିତାଙ୍କ ଦ୍ୱାରା ଲିଖିତ ଅନୁଭବ ଲେଖାକୁ ପ୍ରତିଦିନ ପଢୁଥିଲା । ପରନ୍ତୁ ସେଥିରେ ଯେପରି ଉପାୟ ଓ ବିଧି ଲେଖାଥିଲା ତାହା ସେ ପାଳନ କରୁନଥିଲା । ସେହି କୃଷକର ପୁତ୍ର କେବେ କ'ଣ ଧନୀ ହୋଇପାରିବ ? ଆଦୌ ନୁହେଁ । ପୁତ୍ରକୁ ସେହିଭଳି କାର୍ଯ୍ୟ କରିବା ଉଚିତ୍ ଯାହା ଅନୁଭବ ଲେଖାରେ ସେହି କୃଷକ ପିତା ଲେଖିଯାଇଛନ୍ତି, ତାକୁ ନିର୍ଦ୍ୱନ୍ଦରେ ପାଳନ କରିବା ଉଚିତ ।

ଠିକ୍ ଏହି ପ୍ରକାରେ ପ୍ରଭୁପ୍ରେମୀ ଶ୍ରଦ୍ଧାଳୁ ପବିତ୍ର ଗୀତାର ନିତ୍ୟପାଠ କରୁଛନ୍ତି । ପରନ୍ତୁ ସାଧନା ସଦଗ୍ରନ୍ଥର ବିପରୀତ କରୁଛନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୧୬ ର ଶ୍ଲୋକ ୨୩-୨୪ ଅନୁସାରେ ଏହା ବ୍ୟର୍ଥ ସାଧନା ଅଟେ ।

ଯେପରି ତିନିଗୁଣ (ରଜଗୁଣ-ବ୍ରହ୍ମାଜୀ, ସତଗୁଣ-ବିଷ୍ଣୁଜୀ, ତମଗୁଣ-ଶିବଜୀ) ର ପୂଜା କରିବା ପାଇଁ ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୨ ରୁ ୧୫ ତଥା ୨୦ ରୁ ୨୩ ରେ ମନା କରାଯାଇଛି ତଥା ଶ୍ରାଦ୍ଧ ଦେବା ଅର୍ଥାତ୍ ପିତୃପୁରୁଷଙ୍କ ପୂଜା, ପିଣ୍ଡଦାନ, ଗଙ୍ଗାରେ ଅସ୍ଥି ବିସର୍ଜନ, ଦଶାହ, ଏକାଦଶାହକ୍ରିୟା ଆଦି ଶୁଦ୍ଧିକର୍ମ ତଥା ବର୍ଷକ୍ରିୟା ଆଦି କରିବାକୁ ଗୀତା ଅଧ୍ୟାୟ ୯ ର ଶ୍ଲୋକ ୨୫ ରେ ମନା କରାଯାଇଛି । ବ୍ରତ ଉପବାସ କରିବାକୁ ଗୀତା ଅଧ୍ୟାୟ ୬ ର ଶ୍ଲୋକ ୧୬ ରେ ମନା କରାଯାଇଛି । ଏହା ଲେଖାଯାଇଛି, ହେ ଅର୍ଜୁନ ! ଆଦୌ ଖାଉ ନଥିବା ବ୍ୟକ୍ତି (ବ୍ରତ ଉପବାସ କରୁଥିବା ଲୋକ) ର ଯୋଗ (ଭକ୍ତି) ସିଦ୍ଧ ହୁଏ ନାହିଁ, .....ଅର୍ଥାତ ବ୍ରତ ରଖିବା ମନା ।

ଭୋକିଲାକୁ ଭୋଜନ ଦେବା, କୁକୁର ଆଦି ଜୀବଜନ୍ତୁ ଓ ପଶୁମାନଙ୍କୁ ଆହାର ଦେବା ଆଦି ଖରାପ କାର୍ଯ୍ୟ ନୁହେଁ । ପରନ୍ତୁ ପୂର୍ଣ୍ଣସନ୍ଥଙ୍କ ମାଧ୍ୟମରେ ତାଙ୍କ ଆଜ୍ଞାନୁସାରେ ଦାନ ଓ ଯଜ୍ଞ ଆଦି କରିବା ପୂର୍ଣ୍ଣ ଲାଭଦାୟକ ଅଟେ ।

ଯେପରି ଏକ କୁକୁର କାର୍ ଭିତରେ ମାଲିକ ବସୁଥିବା ସିଟ୍ ଉପରେ ବସି ଯାତ୍ରା କରିଥାଏ । ସେଠାରେ କୁକୁରର ଡ୍ରାଇଭର ମନୁଷ୍ୟ ହୋଇଥାଏ । ଜଣେ ସାଧାରଣ ମନୁଷ୍ୟ ଅପେକ୍ଷା ସେହି ପଶୁକୁ ଅଧିକ ସୁବିଧା ପ୍ରାପ୍ତ ହୋଇଥାଏ । ରହିବା ପାଇଁ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା ତଥା ପଙ୍ଖା ଓ କୁଲର ଆଦି ଲଗା ଯାଇଥାଏ ।

ଯେତେବେଳେ ସେହି ଅଜ୍ଞାନୀ ପ୍ରାଣୀ ମନୁଷ୍ୟ ଶରୀର ପ୍ରାପ୍ତ କରିଥିଲା ସେତେବେଳେ ସେ ଦାନଧର୍ମ ଆଦି କରିଥିଲା ପରନ୍ତୁ ତାହା ମନମୁଖୀ ଆଚରଣ (ପୂଜା) ଓ ଶାସ୍ତ୍ରବିଧି ବିପରୀତ ହୋଇଥିବା କାରଣରୁ ଲାଭଦାୟକ ହେଲା ନାହିଁ । ପ୍ରଭୁଙ୍କ ବିଧାନ ଏହା ଯେ ପ୍ରାଣୀ ଯେପରି କର୍ମ କରିବ ତାର ଫଳ ତାକୁ ନିଶ୍ଚୟ ମିଳିବ । ଏହି ନିୟମ ସେପର୍ଯ୍ୟନ୍ତ ବଳବତ୍ତର ରହିବ ଯେପର୍ଯ୍ୟନ୍ତ ମାର୍ଗଦର୍ଶକ ରୂପେ ପୂର୍ଣ୍ଣ ପରମାତ୍ମାଙ୍କ ଦ୍ୱାରା ପ୍ରେରିତ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିଛନ୍ତି ।

ପ୍ରାଣୀ ଯେପରି କର୍ମ କରେ ତାକୁ ସେହିପରି ଫଳ ପ୍ରାପ୍ତି ହୋଇଥାଏ । ଉକ୍ତ ବିଧାନ ଅନୁସାରେ ସେ ତୀର୍ଥଧାମ ବା ଅନ୍ୟ ସ୍ଥାନରେ ଅନ୍ନଦାନ କରେ ତଥା କୁକୁର ଆଦିକୁ ଖାଦ୍ୟ ଖୁଆଇବା ଆଦି କ୍ରିୟା ଆଧାରରେ କୁକୁର ଯୋନିକୁ ଚାଲିଯାଏ । ସେଠାରେ କୃତକର୍ମର ଫଳ ତାକୁ ମିଳିଲା । କୁକୁର ଶରୀର ପ୍ରାପ୍ତ କରି ପୂର୍ବ ଜନ୍ମରେ କରିଥିବା ନିଜ ଶୁଭକର୍ମ ଉପାର୍ଜନକୁ ସମାପ୍ତ କରି ଗଧ ଯୋନିରେ ଜନ୍ମ ନେବ । ସେହି ଗଧ ଜୀବନରେ ତା'ଠାରୁ ସମସ୍ତ ସୁଖ ସୁବିଧା ଛଡାଇ ନିଆଯିବ । ଦିନସାରା ସେ ମାଟି, କଞ୍ଚା ଇଟା, ପୋଡା ଇଟା ଆଦି ବୋହିବାକୁ ବାଧ୍ୟ ହେବ । ତା'ପରେ ଅନ୍ୟ ପ୍ରାଣୀ ଶରୀର ପ୍ରାପ୍ତ କରି ନାନା ଅସହନୀୟ କଷ୍ଟ ଓ ନର୍କ ମଧ୍ୟ ଭୋଗିବ। ଚଉରାଶୀ ଲକ୍ଷ ଯୋନିର କଷ୍ଟ ଭୋଗି ପୁଣି ମନୁଷ୍ୟ ଶରୀର ପ୍ରାପ୍ତ କରିବ । ଜଣାନାହିଁ ତା'ପରେ ପୁନର୍ବାର ସେ ଭକ୍ତି କରିବ କି ନାହିଁ । ଯେପରି ତୀର୍ଥଧାମକୁ ଯାଉଥିବା ବ୍ୟକ୍ତିଙ୍କର ପାଦତଳେ ବା ଯେଉଁ ମୋଟରଯାନ ଯାତ୍ରା ସମୟରେ ସେମାନେ ବ୍ୟବହାର କରନ୍ତି ସେହି ଚକ ତଳେ ଯେତେ ଜୀବଜନ୍ତୁ ମରିଥାନ୍ତି ସେହି ପାପ ସେହି ଯାତ୍ରୀକୁ ଭୋଗୀବାକୁ ପଡିଥାଏ । ଯେପର୍ଯ୍ୟନ୍ତ ପୂର୍ଣ୍ଣ ପରମାତ୍ମାଙ୍କ ପ୍ରେରିତ ପୂର୍ଣ୍ଣସନ୍ଥ ନ ମିଳିଛନ୍ତି ଏବଂ ତାଙ୍କ ଦ୍ୱାରା ନିର୍ଦ୍ଦେଷିତ ସତ୍ୟସାଧନା ପ୍ରାଣୀ ନ କରିଛି ସେପର୍ଯ୍ୟନ୍ତ ପାପନାଶ (କ୍ଷମା) ହୋଇ ପାରିବ ନାହିଁ, କାରଣ ବ୍ରହ୍ମା, ବିଷ୍ଣୁ, ମହେଶ, ବ୍ରହ୍ମ (କ୍ଷରପୁରୁଷ/କାଳ) ଓ ପରବ୍ରହ୍ମ (ଅକ୍ଷର ପୁରୁଷ)ଙ୍କ ସାଧନା ଦ୍ୱାରା ପାପନାଶ (କ୍ଷମା) ହୁଏନାହିଁ । ଉଭୟ ପାପ-ପୂଣ୍ୟର ଫଳ ଭୋଗିବାକୁ ପଡିଥାଏ । ଯଦି ସେହି ପ୍ରାଣୀ ଗୀତାଜ୍ଞାନ ଅନୁସାରେ ପୂର୍ଣ୍ଣସନ୍ଥଙ୍କ ଶରଣ ଗ୍ରହଣ କରି ପୂର୍ଣ୍ଣ ପରମାତ୍ମାଙ୍କ ସାଧନା କରିଥାନ୍ତା ତେବେ ସେ ନିଶ୍ଚୟ ସତ୍ୟଲୋକ ଚାଲି ଯାଇଥାନ୍ତା କିମ୍ବା ପୁନର୍ବାର ମନୁଷ୍ୟ ଶରୀର ପ୍ରାପ୍ତ କରିଥାନ୍ତା । ପୂର୍ବରୁ ଅର୍ଜିତ ପୂଣ୍ୟ ଆଧାରରେ ପୁଣି କୌଣସି ସନ୍ଥଙ୍କ ଶରଣ ଗ୍ରହଣ କରି ପୂର୍ଣ୍ଣ ପରମାତ୍ମାଙ୍କ ସାଧନା କରିଥାନ୍ତା । ପୂର୍ବେ ଅର୍ଜନ କରିଥିବା ପୂଣ୍ୟ ଆଧାରରେ ପୁଣି ଯେତେବେଳେ କୌଣସି ସନ୍ଥ ମିଳିବେ ସେତେବେଳେ ସେହି ପ୍ରାଣୀ ପୁନର୍ବାର ଶୁଭକର୍ମ କରି ଏହି ଭବ ସଂସାରରୁ ପାରି ହୋଇଥାଏ । ଏହି କାରଣରୁ ଉପରୋକ୍ତ ମନମୁଖୀ ଆଚରଣ ଲାଭଦାୟକ ନୁହେଁ ।

ପ୍ରଶ୍ନ:-ଗୀତା ଅଧ୍ୟାୟ ୩ ର ଶ୍ଳୋକ ୩୫ ଓ ଅଧ୍ୟାୟ ୧୮ ର ଶ୍ଳୋକ ୪୭ ରେ କୁହାଯାଇଛି ଯେ ଉତ୍ତମ ରୂପେ ଆଚରିତ ପରଧର୍ମ ଅପେକ୍ଷା ଗୁଣରହିତ ସ୍ୱଧର୍ମ ଶ୍ରେଷ୍ଠ । ସ୍ୱଧର୍ମରେ ନିଧନ ବରଂ କଲ୍ୟାଣକାରକ, କିନ୍ତୁ ପରଧର୍ମ ଭୟାବହ । ଏଥିରୁ ସିଦ୍ଧ ହେଲା ଯିଏ ଯେପରି ପୂଜା କରୁଛି ତାକୁ ସେ ତ୍ୟାଗ କରିବା ଅନୁଚିତ। ନିଜ ଧର୍ମରେ ମରିବା କଲ୍ୟାଣକାରକ ଅଟେ।

ଉତ୍ତର:- ଯଦି ଗୀତା ଅଧ୍ୟାୟ ୩ ର ଶ୍ଳୋକ ୩୫ ଓ ଅଧ୍ୟାୟ ୧୮ ର ଶ୍ଳୋକ ୪୭ ର ଅର୍ଥ ଏହା ଯେ ଯିଏ ଯେପରି ପୂଜା କରୁଛି କରୁ, ତାହା ତ୍ୟାଗ କର ନାହିଁ ତେବେ ଏଠାରେ ପବିତ୍ର ଶ୍ରୀମଭଗବତ୍ ଗୀତାଜ୍ଞାନର କି ଆବଶ୍ୟକତା ଥିଲା ? ଗୋଟିଏ ଶ୍ଳୋକରେ ସବୁକିଛି ସମାଧାନ ହୋଇ ଯାଇଥାନ୍ତା । ଏହି ଗୀତା ଶ୍ଳୋକର ଭାବାର୍ଥ ସଠିକ୍, କିନ୍ତୁ ଅନୁବାଦ କର୍ତ୍ତାମାନେ ବିପରୀତ ଅର୍ଥ ଲେଖିଛନ୍ତି । କୃପାକରି ନିମ୍ନରେ ପଢନ୍ତୁ ଉପରୋକ୍ତ ଦୁଇଟି ଶ୍ଳୋକର ବାସ୍ତବିକ ଅର୍ଥ -

ଅଧ୍ୟାୟ ୩ ର ଶ୍ଳୋକ ୩୫ -

ଶ୍ରେୟାନ୍, ସ୍ୱଧର୍ମଃ, ବିଗୁଣଃ, ପରଧର୍ମାତ୍, ସ୍ୱନୁଷ୍ଠିତାତ୍,
ସ୍ୱଧର୍ମେ, ନିଧନମ୍, ଶ୍ରେୟଃ, ପରଧର୍ମଃ, ଭୟାବହଃ ॥

ଅନୁବାଦ:- (ବିଗୁଣଃ) ଗୁଣ ରହିତ ଅର୍ଥାତ୍ ଶାସ୍ତ୍ରବିଧି ତ୍ୟାଗକରି (ସ୍ୱନୁଷ୍ଠିତାତ୍) ସ୍ୱୟଂ ମନମୁଖୀ ଉତ୍ତମ ଆଚରଣ ସହିତ ପାଳିତ(ପରଧର୍ମାତ୍) ଅନ୍ୟମାନଙ୍କର ଧାର୍ମିକ ପୂଜା ଠାରୁ (ସ୍ୱଧର୍ମଃ) ସ୍ୱୟଂ ଶାସ୍ତ୍ରବିଧି ଅନୁସାରେ କରୁଥିବା ପୂଜା (ଶ୍ରେୟାନ) ଅତି ଉତ୍ତମ ଅଟେ । ଶାସ୍ତ୍ରାନୁକୂଳ (ସ୍ୱଧର୍ମେ) ନିଜ ପୂଜାରେ ତ (ନିଧନମ୍) ମରିବା ମଧ୍ୟ (ଶ୍ରେୟଃ) କଲ୍ୟାଣକାରକ ଅଟେ ଏବଂ (ପରଧର୍ମଃ) ଅନ୍ୟର ଧର୍ମ/ଧାର୍ମିକ ପୂଜା (ଭୟାବହଃ) ଭୟାବହ ଅଟେ ।

ଅଧ୍ୟାୟ ୧୮ ର ଶ୍ଳୋକ ୪୭ -

ଶ୍ରେୟାନ୍, ସ୍ୱଧର୍ମଃ, ବିଗୁଣଃ, ପରଧର୍ମାତ୍, ସ୍ୱନୁଷ୍ଠିତାତ୍,
ସ୍ୱଭାବନିୟତମ୍, କର୍ମ, କୁର୍ବନ୍, ନ, ଆପ୍ନୋତି, କିଲ୍ବିଷମ୍ ॥

ଅନୁବାଦ:-(ବିଗୁଣଃ) ଗୁଣ ରହିତ(ସ୍ୱନୁଷ୍ଠିତାତ୍) ସ୍ୱୟଂ ମନମୁଖୀ ଅର୍ଥାତ୍ ଶାସ୍ତ୍ରବିଧି ରହିତ ଉତ୍ତମ ଆଚରଣ କରି (ପରଧର୍ମାତ୍) ଅନ୍ୟର ଧର୍ମ ଅର୍ଥାତ୍ ଧାର୍ମିକ ପୂଜାଠାରୁ (ସ୍ୱଧର୍ମଃ)ନିଜ ଧର୍ମ ଅର୍ଥାତ୍ ଶାସ୍ତ୍ରବିଧି ଅନୁସାରେ ଧାର୍ମିକ ପୂଜା (ଶ୍ରେୟାନ୍) ଶ୍ରେଷ୍ଠ ଅଟେ, (ସ୍ୱବାବନିୟତମ୍) ସ୍ୱୟଂ ହିଁ ନିଜ ସ୍ୱଭାବ ଅନୁସାରେ କରୁଥିବା ମନମୁଖୀ ଆଚରଣରେ (କର୍ମ) ଭକ୍ତିକର୍ମ (ନ) ନ (କୁର୍ବନ) କର (କିଲ୍‌ବିଷମ୍) ଯାହାଦ୍ୱାରା ପାପ (ଆପ୍ନୋତି) ପ୍ରାପ୍ତି ହୋଇଥାଏ । ବିଶେଷ : ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୭ ର ଶ୍ଳୋକ ୧ ରୁ ୬ ରେ ସ୍ପଷ୍ଟ ଉଲ୍ଲେଖ ଅଛି ।

ଉପରୋକ୍ତ ଶ୍ଳୋକରୁ ସ୍ପଷ୍ଟ ହେଲା ଯେ ଶାସ୍ତ୍ରବିଧି ଅନୁସାରେ ନିଜ ସାଧନା ହିଁ ଶ୍ରେଷ୍ଠ ଅଟେ। ମାତ୍ର ଅନ୍ୟମାନେ କରୁଥିବା ଅଡମ୍ବର ପୂର୍ଣ୍ଣ ସାଧନା ଯେତେ ସୁନିୟୋଜିତ ହେଲେ ବି ତାହା କ୍ଷତିକାରକ ହୋଇଥାଏ ।

ଯେପରି ନବମୀରେ ମାତାଙ୍କ ଜାଗରଣ କରୁଥିବା ବ୍ୟକ୍ତିମାନେ ବାଦ୍ୟଯନ୍ତ୍ରର ତାଳେ ତାଳେ ସୁମଧୁର ସ୍ୱରରେ ମନଗଢା କବିତା ଗାନକରି ମାତାଙ୍କ ସ୍ତୁତି କରିଥାନ୍ତି । ସେହି (ସ୍ୱନୁଷ୍ଠିତାତ୍) ମନଗଢା ଶାସ୍ତ୍ରବିଧି ରହିତ ସାଧନା ପ୍ରତି ଆକର୍ଷିତ ହୋଇ ନିଜ ଶାସ୍ତ୍ର ଅନୁକୂଳ ସାଧନା ତ୍ୟାଗ କରିବା ଅନୁଚିତ । ଯେପରି କୌଣସି ସାଧକ ସତ୍ୟ ସାଧନାରେ ମନୋନିବେଶ କରି ପୂର୍ବର ଶାସ୍ତ୍ରବିରୁଦ୍ଧ ପୂଜାଗୁଡିକୁ ତ୍ୟାଗ କରି ଦେଇଥାଏ, ଯେପରି ପିତୃପୁରୁଷଙ୍କ ପୂଜା, ମନ୍ଦିର ଆଦିକୁ ଯିବା ଇତ୍ୟାଦି । ଏହା ଦେଖି ଶାସ୍ତ୍ରବିଧି ବିରୁଦ୍ଧରେ ସାଧନା କରୁଥିବା ଅନ୍ୟ ବ୍ୟକ୍ତି କୁହୁଛନ୍ତି ଯେ ଆପଣ ସମସ୍ତ ପୂଜାକର୍ମ ତ୍ୟାଗ କରିଦେଲେ । ସର୍ବ ଦେବୀ-ଦେବତା ଆପଣଙ୍କ ପ୍ରତି ରୁଷ୍ଟ ହୋଇଯିବେ। ଜଣେ ବ୍ୟକ୍ତି ଏଭଳି କର୍ମ କରିବାରୁ ତାଙ୍କର ଏକମାତ୍ର ପୁତ୍ର ମରିଗଲା। ଅନ୍ୟମାନଙ୍କର ଶାସ୍ତ୍ରବିରୁଦ୍ଧ ସାଧନା ଏହିଭଳି ଭୟଜାତ କରାଇଥାଏ ପରନ୍ତୁ ନିଜ ଶାସ୍ତ୍ରାନୁକୂଳ ସାଧନାକୁ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରଖିବା କଲ୍ୟାଣକାରକ ହେବ ।

ପ୍ରଶ୍ନ - ମୁଁ ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୦ ରୁ ୧୫ ରେ ବର୍ଣ୍ଣିତ ବିଧି ଅନୁସାରେ ଏକ ଆସନରେ ବସି, ମସ୍ତକ ଓ ଶରୀରର ଅନ୍ୟ ଅଙ୍ଗକୁ ସ୍ଥିରରଖି ଧ୍ୟାନ କରୁଛି । ଏକାଦଶୀ ବ୍ରତ ମଧ୍ୟ କରୁଛି, ଏହି ପ୍ରକାର ସାଧନା କରି ଶାନ୍ତି ଲାଭ କରିବି ।

ଉତ୍ତର - କୃପାକରି ଆପଣ ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୬ କୁ ମଧ୍ୟ ପଢନ୍ତୁ ଯେଉଁଥିରେ ଏହା ଲେଖାଅଛି ଯେ ଅର୍ଜୁନ! ଏହି ଯୋଗ (ସାଧନା) ନା ଅଧିକ ଭୋଜନ କରୁଥିବା ବ୍ୟକ୍ତିର, ନା ଆଦୌ ଭୋଜନ କରୁନଥିବା ବ୍ୟକ୍ତି (ବ୍ରତ କରୁଥିବା ବ୍ୟକ୍ତି) ର ସଫଳ ହୋଇଥାଏ । ନା ଅଧିକ ଜାଗ୍ରତ ରହୁଥିବା ବ୍ୟକ୍ତିର, ନା ଅଧିକ ଶୟନ କରୁଥିବା ବ୍ୟକ୍ତିର ସିଦ୍ଧ ହୋଇଥାଏ ନା ଏକାନ୍ତ ସ୍ଥାନରେ ବସି ସାଧନା କରୁଥିବା ବ୍ୟକ୍ତିକୁ ସିଦ୍ଧି ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୦ ରୁ ୧୫ ପର୍ଯ୍ୟନ୍ତ ବର୍ଣ୍ଣିତ ବିଧିର ଖଣ୍ଡନ କରି ଗୀତା ଅଧ୍ୟାୟ ୩ ର ଶ୍ଳୋକ ୫ ରୁ ୯ ରେ କହିଛନ୍ତି ଯେ ଯେଉଁ ମୂର୍ଖବ୍ୟକ୍ତି ସମସ୍ତ କର୍ମ ଇନ୍ଦ୍ରିୟକୁ ବଳପୂର୍ବକ ନିରୋଧ କରି ଅର୍ଥାତ୍ ଗୋଟିଏ ସ୍ଥାନରେ ବସି ଚିନ୍ତନ କରିଥାଏ ତାକୁ ପାଖଣ୍ଡି (ଭଣ୍ଡ) କୁହାଯାଏ। ଏଥିପାଇଁ କର୍ମଯୋଗୀ (ସମସ୍ତ ଗୃହକାର୍ଯ୍ୟ ସମ୍ପାଦନ କରିବା ସହିତ ସାଧନା କରୁଥିବା ବ୍ୟକ୍ତି) ଶ୍ରେଷ୍ଠ ଅଟେ । ବାସ୍ତବିକ ଭକ୍ତିବିଧି ପାଇଁ ଗୀତା ଜ୍ଞାନଦାତା ପ୍ରଭୁ (ବ୍ରହ୍ମ) କହିଛନ୍ତି ଯେ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କର (ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪) ଏଥିରୁ ଏହା ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା (ବ୍ରହ୍ମ)ଙ୍କ ଦ୍ୱାରା ପ୍ରଦତ୍ତ ଭକ୍ତିବିଧି ସମ୍ପୂର୍ଣ୍ଣ ନୁହେଁ । ଏଥିପାଇଁ ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୦ ରୁ ୧୫ ପର୍ଯ୍ୟନ୍ତ ବ୍ରହ୍ମ (କ୍ଷରପୁରୁଷ-କାଳ)ଙ୍କ ସାଧନାର ବର୍ଣ୍ଣନା ତାଙ୍କ ନିଜ ଦ୍ୱାରା ହିଁ କରାଯାଇଛି ତଥା ନିଜ ସାଧନା ଦ୍ୱାରା ପ୍ରାପ୍ତ ହେଉଥିବା ଶାନ୍ତିକୁ ସେ ଅତି ଅଶ୍ରେଷ୍ଠ ବୋଲି (ଅନୁତ୍ତମାମ୍) ବୋଲି ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ କହିଛନ୍ତି । ଉପରୋକ୍ତ ଅଧ୍ୟାୟ ୬ ର ଶ୍ଳୋକ ୧୦ ରୁ ୧୫ ରେ କହିଛନ୍ତି ଯେ ମନ ଓ ଇନ୍ଦ୍ରିୟକୁ ଆୟତ୍ତରେ ରଖିପାରୁଥିବା ସାଧକ ଏକ ବିଶେଷ ପ୍ରକାରର ଆସନ ପ୍ରସ୍ତୁତ କରନ୍ତୁ ଯାହା ନା ଅଧିକ ଉଚ୍ଚ ନା ଅଧିକ ନୀଚ ହୋଇଥିବ । ସେହି ଆସନରେ ଉପବେଶନପୂର୍ବକ ଚିତ୍ତ ଓ ଇନ୍ଦ୍ରିୟଗୁଡିର କ୍ରିୟାକୁ ଆୟତ୍ତରେ ରଖି ମନକୁ ଏକାଗ୍ର କରି ଅଭ୍ୟାସ କରନ୍ତୁ । ସିଧା ବସି ବ୍ରହ୍ମଚର୍ଯ୍ୟ ପାଳନ କରି ମନକୁ ଆୟତ୍ତ କରି ପ୍ରସ୍ଥାନ କରିବେ । ଏହି ପ୍ରକାର ସାଧନାରେ ଲିପ୍ତ ସାଧକ ମୋ ନିକଟରୁ

ପ୍ରାପ୍ତ (ନିର୍ବାଣପରମାମ୍) ଅତି ନିର୍ଜୀବ ଅର୍ଥାତ୍ ମୃତପ୍ରାୟ (ନାମମାତ୍ର) ଶାନ୍ତିକୁ ପ୍ରାପ୍ତ କରିଥାଏ । ଏଥିପାଇଁ ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ନିଜ (ବ୍ରହ୍ମର) ସାଧନାରୁ ହେବାକୁ ଥିବା ଗତି (ଲାଭ) କୁ ଅତି ନିକୃଷ୍ଟ (ଅନୁତ୍ତମାମ୍) ବୋଲି କହିଛନ୍ତି । ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ତଥା ଅଧ୍ୟାୟ ୧୫ ର ଶ୍ଳୋକ ୪ ରେ କହିଛନ୍ତି ଯେ ହେ ଅର୍ଜୁନ ! ତୁମେ ପରମ (ଶ୍ରେଷ୍ଠ) ଶାନ୍ତି ଓ ସତ୍ୟଲୋକକୁ ପ୍ରାପ୍ତ ହେବ ଯହାଦ୍ୱାରା ତୁମର ପୁନର୍ଜନ୍ମ ହେବ ନାହିଁ, ତୁମକୁ ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହେବ । ମୁଁ (ଗୀତା ଜ୍ଞାନଦାତା ପ୍ରଭୁ) ମଧ୍ୟ ସେହି ଆଦି ନାରାୟଣ ପୁରୁଷ ପରମେଶ୍ୱରଙ୍କ ଶରଣରେ ଆଶ୍ରିତ, ଏଥିପାଇଁ ଦୃଢତାର ସହିତ ପୂର୍ଣ୍ଣ ନିଶ୍ଚିତ ହୋଇ ତାଙ୍କ ସାଧନା ଓ ପୂଜା କରିବା ଉଚିତ ।

ନିଜ ସାଧନାର ଆନୁମାନିକ ଜ୍ଞାନ ଆଧାରରେ ବତାଯାଇଥିବା ମାର୍ଗକୁ ଅଧ୍ୟାୟ ୬ ର ଶ୍ଳୋକ ୪୭ ରେ ସ୍ୱୟଂ (ଯୁକ୍ତତମଃ ମତଃ) ଅର୍ଥାତ୍ ଅଜ୍ଞାନ ଅନ୍ଧକାର ଯୁକ୍ତ ବିଚାର ବୋଲି କହିଛନ୍ତି । ଅନ୍ୟ ଅନୁବାଦ କର୍ତ୍ତାମାନେ 'ମେ ଯୁକ୍ତତମଃ ମତଃ'ର ଅର୍ଥ "ପରମ ଶ୍ରେଷ୍ଠ ମାନ୍ୟ" ଲେଖିଛନ୍ତି, କିନ୍ତୁ ଏହାର ବାସ୍ତବିକ ଅର୍ଥ ଏପରି ଲେଖିବାର ଥିଲା ଯେ ଏହା ମୋ ଅନୁମାନିକ (ଅଟକଳ ଯୁକ୍ତ) ଅର୍ଥାତ୍ ଅଜ୍ଞାନ ଅନ୍ଧକାର ଆଧାରରେ ଦିଆଯାଇଥିବା ମତ ଅଟେ । କାରଣ ଯଥାର୍ଥ ଜ୍ଞାନ ବିଷୟ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଜାଣିବା ପାଇଁ କହିଲେ (ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪) ବାସ୍ତବିକ ଅନୁବାଦ ଗୀତା ଅଧ୍ୟାୟ ୬ ର ଶ୍ଳୋକ ୪୭ –

ଅଧ୍ୟାୟ ୬ ର ଶ୍ଳୋକ ୪୭ –

ଯୋଗିନାମ୍, ଅପି, ସର୍ବେଷାମ୍, ମଦ୍‌ଗତେନ, ଅନ୍ତରାତ୍ମନା,
ଶ୍ରଦ୍ଧାବାନ୍, ଭଜତେ, ଯଃ, ମାମ୍, ସଃ, ମେ, ଯୁକ୍ତତମଃ, ମତଃ ॥

ଅନୁବାଦ:- ମୋ ଦ୍ୱାରା ପ୍ରଦତ୍ତ ଭକ୍ତି ବିଚାର ଯାହା ଅନୁମାନ ଲଗାଯାଇଥିବା ଉପରୋକ୍ତ ଶ୍ଳୋକ ୧୦ ରୁ ୧୫ ରେ ବର୍ଣ୍ଣିତ ପୂଜାବିଧି ଯାହା ମୁଁ ଅନୁମାନ କରି କହିଛି, ସମ୍ପୂର୍ଣ୍ଣ ଜ୍ଞାନ ମୋର ନାହିଁ, କାରଣ (ସର୍ବେଷାମ୍) ସମସ୍ତ (ଯୋଗିନାମ୍) ସାଧକଙ୍କ ମଧ୍ୟରେ (ଯଃ) ଯିଏ (ଶ୍ରଦ୍ଧାବାନ୍) ପୂର୍ଣ୍ଣ ଆସ୍ଥାର ସହିତ (ଅନ୍ତରାତ୍ମନା) ହୃଦୟର ସହିତ(ମଦ୍‌ଗତେନ) ମୋ ଦ୍ୱାରା ପ୍ରଦତ୍ତ ଭକ୍ତିମତ ଅନୁସାରେ (ମାମ୍) ମୋତେ (ଭଜତେ) ଭଜିଥାଏ (ସଃ) ସେ (ଅପି) ମଧ୍ୟ (ଯୁକ୍ତ ତମଃ) ଅଜ୍ଞାନ ଅନ୍ଧକାରରେ ଜନ୍ମ-ମରଣ ସ୍ୱର୍ଗ-ନର୍କ ରୂପୀ ସାଧନାରେ ଲିପ୍ତ ଅଟେ । ଏହା (ମେ)ମୋର (ମତଃ) ବିଚାର ଅଟେ ।

ଏହାର ପ୍ରମାଣ ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ଏବଂ ଗୀତା ଅଧ୍ୟାୟ ୫ ର ଶ୍ଳୋକ ୨୯ ତଥା ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୫ ରେ ସ୍ପଷ୍ଟ ଲେଖାଅଛି । ଏଥିପାଇଁ ଗୀତା ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କୁହାଯାଇଛି ଯେ ହେ ଭାରତ ! ତୁମେ ସର୍ବ ଭାବରେ ସେହି ପରମାତ୍ମାଙ୍କ ଶରଣକୁ ଯାଅ ତାଙ୍କ କୃପାରେ ତୁମେ ପରମଶାନ୍ତି ଓ ସନାତନ ପରମଧାମ ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ ହେବ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କହିଛନ୍ତି ଯେ ତୁମକୁ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ରେ ବର୍ଣ୍ଣିତ ତତ୍ତ୍ୱଦର୍ଶୀ ସନ୍ଥ ମିଳିଗଲେ ତତ୍‌ପଶ୍ଚାତ ସେହି ପରମପଦ ପରମେଶ୍ୱରଙ୍କୁ ଭଲଭାବେ ଖୋଜିବା ଉଚିତ୍ ଯେଉଁଠିକୁ ଯାଇଥିବା ସାଧକ ପୁଣି ଲେଉଟି ଏହି ସଂସାରକୁ ଆସେ ନାହିଁ । ଅର୍ଥାତ୍ ଜନ୍ମ ମୃତ୍ୟୁରୁ ସଦାସର୍ବଦା ପାଇଁ ମୁକ୍ତ ହୋଇଯାଏ । ଯେଉଁ ପରମେଶ୍ୱର ଏହି ସଂସାର ରୂପୀ ବୃକ୍ଷର ରଚନା କରିଛନ୍ତି ମୁଁ ମଧ୍ୟ ସେହି ଆଦିପୁରୁଷ ପରମେଶ୍ୱରଙ୍କ ଶରଣରେ ଆଶ୍ରିତ । ସେହି ଆଦି ପୁରୁଷଙ୍କର ଭକ୍ତି କରିବା ଉଚିତ ।

ଗୀତା ଅଧ୍ୟାୟ ୩ ର ଶ୍ଳୋକ ୫ ରୁ ୯ ରେ ମଧ୍ୟ ଗୀତା ଅଧ୍ୟାୟ ୬ ର ଶ୍ଳୋକ ୧୦ ରୁ ୧୫ ରେ ଥିବା ଜ୍ଞାନକୁ ଭୁଲ ପ୍ରମାଣିତ କରାଯାଇଛି । ଅର୍ଜୁନ ପଚାରିଲେ, ପ୍ରଭୁ ! ମନକୁ ରୋକିବା ବହୁତ କଠିନ କାର୍ଯ୍ୟ ଅଟେ । ଭଗବାନ ଉତ୍ତର ଦେଲେ, ଅର୍ଜୁନ ! ମନକୁ ରୋକିବା ବାୟୁକୁ ରୋକିବା ଭଳି । ପୁଣି ଏହା ମଧ୍ୟ କହିଛନ୍ତି ଯେ ନିଃସନ୍ଦେହ ଯେକୌଣସି ବ୍ୟକ୍ତି ଯେକୌଣସି ସମୟରେ କ୍ଷଣକ ପାଇଁ ମଧ୍ୟ କର୍ମ ନ କରି ରହିପାରେ ନାହିଁ । ଉଲ୍ଲେଖଯୋଗ୍ୟ ବିଷୟ ଏହା ଯେ ଏହି ମହାମୂର୍ଖ ମନୁଷ୍ୟ ସମସ୍ତ କର୍ମ ଇନ୍ଦ୍ରିୟକୁ ବଳପୂର୍ବକ ବାହ୍ୟରେ ରୋକିବାକୁ ଚେଷ୍ଟା କରେ ପରନ୍ତୁ ମନ ମଧ୍ୟରେ କିଛି ନା କିଛି ଚିନ୍ତା କରିଥାଏ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ହଠଯୋଗ(କଠିନ ଶାରିରିକ ଯୋଗ) ନ କରି, ସାଂସାରିକ କାର୍ଯ୍ୟ

(କର୍ମଯୋଗ) କରିବା ସହିତ ସାଧନା କରିବା ଉତ୍ତମ ଅଟେ । କର୍ମ ନ କରି ଅର୍ଥାତ୍ ଗୋଟିଏ ସ୍ଥାନରେ ବସି ହଠଯୋଗ ସାଧନା କରିବା ଅପେକ୍ଷା କର୍ମ ସମ୍ପାଦନ କରି ସାଧନା କରିବା ଉତ୍ତମ ଅଟେ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ସାଧନା (ଅକର୍ମଣା) କରିବା ଦ୍ୱାରା ତୋ ଜୀବନ ନିର୍ବାହ କିପରି ହେବ ? ଶାସ୍ତ୍ରବିଧି ତ୍ୟାଗ କରି ସାଧନା (ଗୋଟିଏ ସ୍ଥାନରେ ବସି ହଠଯୋଗ) କରିବା କର୍ମବନ୍ଧନର କାରଣ ଅଟେ, ତେଣୁ ଶାସ୍ତ୍ରାନୁକୂଳ କର୍ମ କରି ସାଧନା କରିବା ଶ୍ରେଷ୍ଠ ଅଟେ । ଏଥିପାଇଁ ସାଂସାରିକ କାର୍ଯ୍ୟ କରିବା ସହିତ ସାଧନା କର । ଗୀତା ଅଧ୍ୟାୟ ୮ ର ଶ୍ଳୋକ ୭ ରେ କୁହାଯାଇଛି ଯେ ଯୁଦ୍ଧ ମଧ କର, ମୋର ସୁମିରଣ ମଧ କର, ଏହି ଉପାୟରେ ମୋତେ ହିଁ ପ୍ରାପ୍ତ ହେବୁ । ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ ଓ ଅଧ୍ୟାୟ ୧୮ ର ଶ୍ଳୋକ ୬୨ ରେ କହିଛନ୍ତି ଯେ "ପରନ୍ତୁ ମୋ ସାଧନାରୁ ମିଳିବାକୁ ଥିବା (ଗତି) ଲାଭ ଅତି ନିକୃଷ୍ଟ (ଅନୁତ୍ତମାମ୍) ଅଟେ । ଏଥିପାଇଁ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ ଯାହାଙ୍କ କୃପାରୁ ତୁମେ ପରମଶାନ୍ତି ଓ (ଶାସ୍ୱତମ୍ ସ୍ଥାନମ୍) ସତ୍ୟଲୋକ ପ୍ରାପ୍ତ ହେବ । ସେହି ପରମେଶ୍ୱରଙ୍କ ଭକ୍ତିବିଧି ଓ ପୂର୍ଣ୍ଣଜ୍ଞାନ (ତତ୍ତ୍ୱଜ୍ଞାନ) ବିଷୟରେ ଜାଣିଥିବା କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କରି ତାଙ୍କୁ ପଚାର, ମୁଁ (ଗୀତା ଜ୍ଞାନଦାତା ବ୍ରହ୍ମ/କ୍ଷରପୁରୁଷ) ମଧ ଏହା ଜାଣେ ନାହିଁ।

ପ୍ରଶ୍ନ:-ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୮ ରେ କହିଛନ୍ତି ଯେ ମୁଁ ଲୋକବେଦ ଆଧାରରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ପ୍ରଭୁ ହିଁ ସର୍ବଶକ୍ତିମାନ ଅଟନ୍ତି ତଥା ଗୀତା ଅଧ୍ୟାୟ ୧୨ ସମ୍ପୂର୍ଣ୍ଣ ରୂପେ ଗୀତା ଜ୍ଞାନଦାତା ପ୍ରଭୁଙ୍କର ମହିମା ଗାନକରୁଛି ।

ଉତ୍ତର:- ଗୀତା ଜ୍ଞାନଦାତା ପ୍ରଭୁ ନିଜ ସାଧନା ଓ ସାମର୍ଥ୍ୟତା ବିଷୟରେ ଗୀତାରେ କହିଛନ୍ତି, ତତ୍‌ସହିତ ସେହି ପୂର୍ଣ୍ଣ ପରମାତ୍ମାଙ୍କ ମହିମା ବିଷୟରେ ମଧ କହିଛନ୍ତି ତଥା ସେହି ପରମେଶ୍ୱରଙ୍କ ସାଧନା କରିବା ପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରତି ଇଙ୍ଗିତ ମଧ କରିଛନ୍ତି, ଗୀତା ଅଧ୍ୟାୟ ୧୨ ବ୍ରହ୍ମ (କ୍ଷରପୁରୁଷ/କାଳ) ଙ୍କର ସମ୍ପୂର୍ଣ୍ଣ ମହିମା ଗାନ କରୁଛି ତଥା ଗୀତା ଅଧ୍ୟାୟ ୧୩ ସେହି ପରମାତ୍ମା ଅର୍ଥାତ୍ ଆଦିପୁରୁଷ ପରମେଶ୍ୱରଙ୍କ ମହିମାରେ ପରିପୂର୍ଣ୍ଣ, ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧ ରୁ ୪ ତଥା ୧୬ ରୁ ୧୭ ରେ ପୂର୍ଣ୍ଣ ପରମାତ୍ମା ତଥା ପରବ୍ରହ୍ମ, ବ୍ରହ୍ମ ଆଦିଙ୍କ ବିଷୟରେ ନିର୍ଣ୍ଣାୟକ ଜ୍ଞାନ ରହିଛି ।

ଶ୍ଳୋକ ୧୬ ରେ କହିଛନ୍ତି ଯେ ପୃଥିବୀତତ୍ତ୍ୱରେ ନିର୍ମିତ ଲୋକ (ବ୍ରହ୍ମଙ୍କ ଏକୋଇଶି ବ୍ରହ୍ମାଣ୍ଡ ଓ ପରବ୍ରହ୍ମଙ୍କ ସାତସଙ୍ଖ ବ୍ରହ୍ମାଣ୍ଡ ପୃଥିବୀତତ୍ତ୍ୱରେ ଗଠିତ ହୋଇଥିବା କାରଣରୁ ଏହି ଦୁଇଟିକୁ ଗୋଟିଏ ଲୋକ ମଧ କୁହାଯାଏ) କିନ୍ତୁ ଏଥିରେ ଦୁଇଜଣ ପ୍ରଭୁ ଅଛନ୍ତି । ଜଣେ କ୍ଷରପୁରୁଷ ଅର୍ଥାତ୍ ବ୍ରହ୍ମ, ଅନ୍ୟ ଜଣେ ଅକ୍ଷରପୁରୁଷ ଅର୍ଥାତ୍ ପରବ୍ରହ୍ମ । ଏହି ଦୁଇପ୍ରଭୁଙ୍କ ଅନ୍ତର୍ଗତ ଯେତେ ପ୍ରାଣୀ ଅଛନ୍ତି ସେମାନେ ନାଶବାନ ଅଟନ୍ତି ଏବଂ ଏହି ଦୁଇପ୍ରଭୁଙ୍କ ସ୍ଥୁଳ ଶରୀର ନାଶବାନ ତଥା ଜୀବାତ୍ମାକୁ ଅବିନାଶୀ କୁହାଯାଇଛି ।

ଶ୍ଳୋକ ୧୭ ରେ କହିଛନ୍ତି ଯେ ବାସ୍ତବରେ ପୁରଷୋତ୍ତମ ଅର୍ଥାତ୍ ସର୍ବଶକ୍ତିମାନ ପରମେଶ୍ୱର ଉପରୋକ୍ତ ଦୁଇ ପ୍ରଭୁଙ୍କଠାରୁ ଭିନ୍ନ ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଇଥାଏ। ଯିଏ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି । ତାଙ୍କୁ ବାସ୍ତବରେ ଅବିନାଶୀ ପରମେଶ୍ୱର କୁହାଯାଇଥାଏ ।

ଅଧ୍ୟାୟ ୧୫ ର ଶ୍ଳୋକ ୧୮ ରେ ଗୀତା ଜ୍ଞାନଦାତା (କ୍ଷରପୁରୁଷ-ବ୍ରହ୍ମ) ନିଜ ସ୍ଥିତି ବିଷୟରେ କହିବା ସହିତ ପୁଣି କହୁଛନ୍ତି ଯେ ମୋତେ ଲୋକବେଦ (ଲୋକକଥା) ଆଧାରରେ ପୁରୁଷୋତ୍ତମ କୁହାଯାଏ କାରଣ ମୋ ଅଧିନରେ ଥିବା ଏକୋଇଶି ବ୍ରହ୍ମାଣ୍ଡରେ ଯେତେ ବି ପ୍ରାଣୀ ଅଛନ୍ତି, ସେମାନେ ଯଦିଚ ସ୍ଥୁଳ ଶରୀରରେ ନାଶବାନ ଅଟନ୍ତି ଏବଂ ଆତ୍ମା ରୂପରେ ସେମାନେ ଅବିନାଶୀ ଅଟନ୍ତି, ମୁଁ ସେମାନଙ୍କଠାରୁ ଉତ୍ତମ (ଶ୍ରେଷ୍ଠ) ଅଟେ । ଏଥିପାଇଁ ଲୋକବେଦ ଆଧାରରେ ମୁଁ ପୁରୁଷୋତ୍ତମ ଭାବେ ପ୍ରସିଦ୍ଧ । ବାସ୍ତବରେ ପୁରୁଷୋତ୍ତମ ଅନ୍ୟ ପରମେଶ୍ୱର ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୭ ରେ କୁହାଯାଇଛି ।

ପ୍ରଶ୍ନ - ଗୀତା ଅଧ୍ୟାୟ ୧୦ ର ଶ୍ଳୋକ ୨ ରେ ତଥା ୩ ରେ କୁହାଯାଇଛି ଯେ ମୋ ଉତ୍ପତ୍ତି ବିଷୟରେ କେହି ଜାଣିନାହାନ୍ତି । ଅନାଦି ଅଜନ୍ମା ତତ୍ତ୍ୱରେ ଯିଏ ମୋତେ ଜାଣିଯାଏ ସେ ସର୍ବ ପାପରୁ

ମୁକ୍ତ ହୋଇଯାଏ । ଏଥିରୁ ସ୍ପଷ୍ଟ ହେଲା ଯେ ବ୍ରହ୍ମଙ୍କ ଜନ୍ମ ହୁଏ ନାହିଁ ତଥା ସମସ୍ତ ପାପରୁ ମୁକ୍ତ କରିଦିଅନ୍ତି ।

ଉତ୍ତର :- ଗୀତା ଅଧ୍ୟାୟ ୧୦ ଶ୍ଳୋକ ୨ କୁ ପୁନର୍ବାର ପଢନ୍ତୁ ଯେଉଁଥିରେ କୁହାଯାଇଛି ଯେ ମୋ ଉତ୍ପତ୍ତିକୁ ନା ଦେବତାଗଣ (ବ୍ରହ୍ମା, ବିଷ୍ଣୁ ଓ ଶିବ) ନା ମହର୍ଷିଗଣ ଜାଣିଛନ୍ତି କାରଣ ସେମାନେ ସମସ୍ତେ ମୋଠାରୁ ଉତ୍ପନ୍ନ ହୋଇଛନ୍ତି ।

ଏହି ଶ୍ଳୋକରୁ ସ୍ୱତଃ ସିଦ୍ଧ ହେଲା ଯେ ଗୀତା ଜ୍ଞାନଦାତା ପ୍ରଭୁଙ୍କର ଉତ୍ପତ୍ତି ଅର୍ଥାତ୍ ଜନ୍ମ ହେଉଛି ପରନ୍ତୁ କାଳ (ବ୍ରହ୍ମ) ଠାରୁ ଉତ୍ପନ୍ନ ଦେବତା ଓ ଋଷିଗଣ ଏ ବିଷୟରେ ଜାଣନ୍ତି ନାହିଁ, କାରଣ ସେମାନେ ସମସ୍ତେ କାଳ(ବ୍ରହ୍ମ)ଠାରୁ ଉତ୍ପନ୍ନ ହୋଇଛନ୍ତି । ଯେପରି ପିତାଙ୍କ ଜନ୍ମ ବିଷୟରେ ସନ୍ତାନମାନେ ଜାଣି ନ ଥାନ୍ତି ପରନ୍ତୁ ପିତାଙ୍କ ପିତା ଅର୍ଥାତ ଜେଜେ ବାପା ଏହା ଜାଣନ୍ତି । ପୂର୍ଣ୍ଣ ପରମାତ୍ମା କାଳଲୋକରେ ସ୍ୱୟଂ ପ୍ରକଟ ହୋଇ ବ୍ରହ୍ମଙ୍କ ଉତ୍ପତ୍ତି ବିଷୟରେ କହିଥାନ୍ତି । କୃପାକରି ପଢନ୍ତୁ ସୃଷ୍ଟି ରଚନା ବିଷୟ ଏହି ଜ୍ଞାନଗଙ୍ଗାର ପୃଷ୍ଠା ୪୦ ରୁ ୬୭ ପର୍ଯ୍ୟନ୍ତ ।

ଗୀତା ଅଧ୍ୟାୟ ୧୦ ର ଶ୍ଳୋକ ୩ ର ଭୁଲ ଅନୁବାଦ କରାଯାଇଛି । ଯେପରି ଗୀତା ଅଧ୍ୟାୟ ୨ ର ଶ୍ଳୋକ ୧୨ ଓ ଅଧ୍ୟାୟ ୪ ର ଶ୍ଳୋକ ୫ ରେ ନିଜକୁ ନାଶବାନ ଓ ବାରମ୍ବାର ଜନ୍ମ-ମୃତ୍ୟୁ ପ୍ରାପ୍ତ କରୁଥିବା କଥା କହିଛନ୍ତି ତଥା ଅଧ୍ୟାୟ ୨ ର ଶ୍ଳୋକ ୧୭, ଅଧ୍ୟାୟ ୮ ର ଶ୍ଳୋକ ୩, ୮ ରୁ ୧୦ ଓ ୨୦, ଅଧ୍ୟାୟ ୧୫ ର ଶ୍ଳୋକ ୪, ୧୬,୧୭ ରେ ଅନ୍ୟ ଅବିନାଶୀ ଅନାଦି ପରମାତ୍ମାଙ୍କ ବିଷୟରେ କୁହାଯାଇଛି ।

ଏଥିପାଇଁ ଗୀତା ଅଧ୍ୟାୟ ୧୦ ର ଶ୍ଳୋକ ୩ ରେ କହିଛନ୍ତି ଯେ ଯିଏ ମନୁଷ୍ୟମାନଙ୍କ ମଧ୍ୟରେ ବିଦ୍ୱାନ୍ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥ ମୋତେ ଓ ସେହି ଅନାଦି, ବାସ୍ତବରେ ଜନ୍ମରହିତ, ସର୍ବ ଲୋକଗୁଡିକର ମହେଶ୍ୱର ଅର୍ଥାତ୍ ପରମେଶ୍ୱରଙ୍କୁ ତତ୍ତ୍ୱତଃ ଜାଣିଥାନ୍ତି ସେହି ତତ୍ତ୍ୱଦର୍ଶୀ ସନ୍ଥ ସତ୍ୟଜ୍ଞାନ ଉଚ୍ଚାରଣ କରିଥାନ୍ତି, ଯାହାଙ୍କଠାରୁ ସତ୍ୟସାଧନା କରି ପାପରୁ ମୁକ୍ତି ମିଳିଥାଏ । ଏହାର ପ୍ରମାଣ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ରେ ମଧ୍ୟ ବର୍ଣ୍ଣିତ ଅଛି । କୃପାକରି ପଢନ୍ତୁ ଗୀତା ଅଧ୍ୟାୟ ୧୦ ର ଶ୍ଳୋକ ୭ ର ଯଥାର୍ଥ ଅନୁବାଦ -

ଅଧ୍ୟାୟ ୧୦ ର ଶ୍ଳୋକ ୨

ନ, ମେ, ବିଦୁଃ, ସୁରଗଣାଃ, ପ୍ରଭବମ୍, ନ, ମହର୍ଷୟଃ,
ଅହମ୍, ଆଦିଃ, ହି, ଦେବାନାମ୍, ମହର୍ଷୀଣାମ୍, ଚ, ସର୍ବଶଃ ॥

ଅନୁବାଦ:- (ମେ) ମୋର (ପ୍ରଭବମ୍) ଉତ୍ପତ୍ତିକୁ (ନ) ନା (ସୁରଗଣାଃ) ଦେବତାଗଣ ଜାଣିଛନ୍ତି ଏବଂ (ନ) ନା (ମହର୍ଷୟଃ) ମହର୍ଷିଗଣ ଜାଣିଛନ୍ତି, (ହି) କାରଣ (ଅହମ୍) ମୁଁ (ସର୍ବଶଃ) ସର୍ବ ପ୍ରକାରେ (ଦେବାନାମ) ଦେବତାମାନଙ୍କର(ଚ) ଏବଂ (ମହର୍ଷୀଣାମ୍) ମହର୍ଷିମାନଙ୍କର ମଧ୍ୟ (ଆଦିଃ) ଆଦି ଅର୍ଥାତ୍ ଉତ୍ପତ୍ତିର କାରଣ ଅଟେ ।

ଅଧ୍ୟାୟ ୧୦ ର ଶ୍ଳୋକ ୩

ଯଃ, ମାମ୍, ଅଜମ୍, ଅନାଦିମ୍, ଚ, ବେତ୍ତି, ଲୋକ
ମହେଶ୍ୱରମ୍, ଅସମ୍ମୂଢଃ, ସଃ, ମର୍ତ୍ୟେଷୁ, ସର୍ବ ପାପୈଃ, ପ୍ରମୁଚ୍ୟତେ ॥

ଅନୁବାଦ:- (ଯଃ) ଯେଉଁ ବିଦ୍ୱାନ ବ୍ୟକ୍ତି (ମାମ୍) ମୋତେ (ଚ) ତଥା (ଅନାଦିମ୍) ସଦା ବିଦ୍ୟମାନ ଅର୍ଥାତ୍ ପୁରାତନ (ଅଜମ୍) ଅଜନ୍ମା (ଲୋକ ମହେଶ୍ୱରମ୍) ସମସ୍ତ ଲୋକଗୁଡିକର ମହାନ୍ ଈଶ୍ୱର ଅର୍ଥାତ୍ ସର୍ବୋଚ୍ଚ ପରମେଶ୍ୱରଙ୍କୁ (ବେତ୍ତି) ଜାଣିଥାନ୍ତି (ସଃ) ସେ (ମର୍ତ୍ୟେଷୁ) ଶାସ୍ତ୍ରଗୁଡିକୁ ସଠିକ୍ ଜାଣିଥିବା ଅର୍ଥାତ୍ ବେଦ ଅନୁସାରେ ଜ୍ଞାନ ଦେଉଥିବା (ଅସମ୍ମୂଢ) ଅର୍ଥାତ୍ ତତ୍ତ୍ୱଦର୍ଶୀ ବିଦ୍ୱାନ୍ (ସର୍ବପାପୈଃ) ସମ୍ପୂର୍ଣ୍ଣ ପାପକୁ (ପ୍ରମୁଖତେ) ବିସ୍ତୃତ ଭାବରେ ବର୍ଣ୍ଣନା କରିଥାନ୍ତି ସେ ସୃଷ୍ଟି ଜ୍ଞାନ ଓ କର୍ମଗୁଡିକର ସଠିକ୍ ବର୍ଣ୍ଣନା କରିଥାନ୍ତି ଅର୍ଥାତ୍ ଅଜ୍ଞାନତାରୁ ପୂର୍ଣ୍ଣ ରୂପେ ମୁକ୍ତ କରିଦିଅନ୍ତି । ଯେଉଁ କାରଣରୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ଦ୍ୱାରା ନିର୍ଦ୍ଦେଶିତ ବାସ୍ତବିକ ସାଧନା ଆଧାରରେ ଭକ୍ତି କରୁଥିବା ବ୍ୟକ୍ତିର ସମସ୍ତ ପାପ ନଷ୍ଟ ହୋଇ ଯାଇଥାଏ ।

## "ଗୀତା ଜ୍ଞାନଦାତା ବ୍ରହ୍ମ(କାଳ) ଙ୍କ ଉତ୍ପତ୍ତିର ସଙ୍କେତ"

ଅଧ୍ୟାୟ ୧୦ ର ଶ୍ଳୋକ ୨ ରେ କୁହାଯାଇଛି ଯେ ଅର୍ଜୁନ ! ମୋ ଉତ୍ପତ୍ତି (ଜନ୍ମ) କୁ ନା ଦେବତାଗଣ ଜାଣିଛନ୍ତି, ନା ମହର୍ଷିଗଣ ଜାଣିଛନ୍ତି, କାରଣ ଏମାନେ ସମସ୍ତେ ମୋଠାରୁ ଜନ୍ମ ହୋଇଛନ୍ତି । ଏଥିରୁ ସ୍ୱସିଦ୍ଧ ହେଉଛି ଯେ ବ୍ରହ୍ମ (କାଳ) ଙ୍କର ଉତ୍ପତ୍ତି ହେଉଛି ପରନ୍ତୁ ଦେବତା ଓ ଋଷିଗଣ ତାହା ଜାଣନ୍ତି ନାହିଁ । ଯେପରି ପିତାଙ୍କ ଉତ୍ପତ୍ତି ସନ୍ତାନମାନେ ଜାଣନ୍ତି ନାହିଁ, ପରନ୍ତୁ ଜେଜେବାପା ଜାଣିଥାନ୍ତି । ଏହି ପ୍ରକାରେ ଏକୋଇଶି ବ୍ରହ୍ମାଣ୍ଡରେ ଥିବା ସମସ୍ତ ଦେବତା ଓ ଋଷି ଜ୍ୟୋତି ନିରଞ୍ଜନ/ବ୍ରହ୍ମ ଅର୍ଥାତ୍ କାଳ ଓ ପ୍ରକୃତି (ଦୁର୍ଗା)ଙ୍କ ସଂଯୋଗରୁ ଉତ୍ପନ୍ନ ହୋଇଛନ୍ତି ଏଥିପାଇଁ ସେ କହୁଛନ୍ତି ଯେ ମୋ ଉତ୍ପତ୍ତିକୁ ଏହି ଏକୋଇଶି ବ୍ରହ୍ମାଣ୍ଡରେ କେହି ଜାଣିନାହାଁନ୍ତି କାରଣ ସମସ୍ତଙ୍କର ଉତ୍ପତ୍ତି ମୋଠାରୁ ହୋଇଛି । କାଳବ୍ରହ୍ମଙ୍କ ଉତ୍ପତ୍ତି ବିଷୟରେ ଜ୍ଞାନ କେବଳ ପୂର୍ଣ୍ଣବ୍ରହ୍ମ ଦେଇପାରିବେ । କାରଣ ବ୍ରହ୍ମ (କାଳ) ଙ୍କ ଉତ୍ପତ୍ତି ପରମ ଅକ୍ଷରବ୍ରହ୍ମ (ପୂର୍ଣ୍ଣବ୍ରହ୍ମ) ଙ୍କଠାରୁ ହୋଇଛି ଯାହାର ପ୍ରତ୍ୟକ୍ଷ ପ୍ରମାଣ ଗୀତା ଅଧ୍ୟାୟ ୩ ର ଶ୍ଳୋକ ୧୪, ୧୫ ରେ ଅଛି। ଅଧ୍ୟାୟ ୧୦ ର ଶ୍ଳୋକ ୩ ଅନୁସାରେ ଯେଉଁ ତତ୍ତ୍ୱଦର୍ଶୀ ଅର୍ଥାତ୍ ବିଦ୍ୱାନ ବ୍ୟକ୍ତି ମୋତେ ଏବଂ କେବେ ବି ଜନ୍ମ ହେଉନଥିବା ସମସ୍ତ ଲୋକର ମହେଶ୍ୱର ଅର୍ଥାତ୍ ଅବିନାଶୀ ପରମାତ୍ମାଙ୍କୁ ଜାଣିଥାନ୍ତି, ସେ ଚାରିବେଦ (ଋଗବେଦ, ସାମବେଦ, ଯଜୁର୍ବେଦ ଓ ଅର୍ଥବବେଦ)କୁ ଜାଣିଥାନ୍ତି, ସେ ହିଁ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ତାଙ୍କ ଦ୍ୱାରା ବତାଯାଇଥିବା ଭକ୍ତି ମାର୍ଗରେ ସାଧନା କରିବା ଦ୍ୱାରା ସମସ୍ତ ପାପ ନଷ୍ଟ ହୋଇ ଯାଇଥାଏ। ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୬,୧୭,୧୮ ରେ ବର୍ଣ୍ଣିତ ଅଛି ଯେ ପୂର୍ଣ୍ଣ ପରମାତ୍ମା ଅବିନାଶୀ ଭିନ୍ନ ଅଟନ୍ତି ଯେ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ମୋତେ (କାଳକୁ) କେବଳ ଏଥିପାଇଁ ପୁରୁଷୋତ୍ତମ କହିଥାନ୍ତି ଯେ ଏହି ଏକୋଇଶି ବ୍ରହ୍ମାଣ୍ଡରେ କେବଳ ମୋ ଅଧୀନରେ ଥିବା ସ୍ଥୁଳ ଶରୀର ବିଶିଷ୍ଟ ନାଶବାନ ପ୍ରାଣୀ ଓ ଅବିନାଶୀ ଜୀବାତ୍ମାଙ୍କଠାରୁ ମୁଁ ଉତ୍ତମ ଅଟେ । ଏଥିପାଇଁ ମୋତେ ଲୋକବେଦ ଅର୍ଥାତ୍ ଲୋକକଥା ଆଧାରରେ ପୁରୁଷୋତ୍ତମ କହିଥାନ୍ତି, ପରନ୍ତୁ ବାସ୍ତବରେ ମୁଁ ଅବିନାଶୀ ଏବଂ ପାଳନକର୍ତ୍ତା ମଧ୍ୟ ନୁହେଁ । ଗୀତା ଅଧ୍ୟାୟ ୩ ର ଶ୍ଳୋକ ୧୪,୧୫ ରେ କହିଛନ୍ତି ଯେ ସମସ୍ତ ଜୀବ ଅନ୍ନରୁ ଉତ୍ପନ୍ନ ହୁଅନ୍ତି, ଅନ୍ନର ଉତ୍ପନ୍ନ ବର୍ଷାରୁ ହୋଇଥାଏ, ବର୍ଷା ଯଜ୍ଞରୁ ଉତ୍ପନ୍ନ ହୁଏ, ଯଜ୍ଞ ଶୁଭକର୍ମରୁ ଉତ୍ପନ୍ନ ହୁଏ, କର୍ମ ବ୍ରହ୍ମ ଠାରୁ ଉତ୍ପନ୍ନ ହୁଏ ବ୍ରହ୍ମ, ଅବିନାଶୀ ପରମାତ୍ମାଙ୍କଠାରୁ ଉତ୍ପନ୍ନ ହେଲା । ସେହି ଅବିନାଶୀ ସର୍ବବ୍ୟାପକ ପରମାତ୍ମା ଯଜ୍ଞରେ ପ୍ରତିଷ୍ଠିତ ଅଟନ୍ତି, ଯଜ୍ଞର ପୂଜ୍ୟ ଅଟନ୍ତି, ସେ ହିଁ ଯଜ୍ଞର ଫଳ ପ୍ରଦାନ କରନ୍ତି ଅର୍ଥାତ୍ ବାସ୍ତବରେ ଅଡିଯଜ୍ଞ ସେ ହିଁ ଅଟନ୍ତି ।

ପୁଣି ଗୀତା ଅଧ୍ୟାୟ ୧୦ ର ଶ୍ଳୋକ ୨ ରେ କହିଛନ୍ତି ଯେ ମୋ ଉତ୍ପତ୍ତି (ପ୍ରଭବମ୍) କୁ କେହି ଜାଣି ନାହାଁନ୍ତି । ଏଥିରୁ ପ୍ରମାଣିତ ହେଲା ଯେ କାଳ (ବ୍ରହ୍ମ) ମଧ୍ୟ ଉତ୍ପନ୍ନ ହୋଇଛନ୍ତି ଏଥିପାଇଁ ସେ କୌଣସି ଏକ ସ୍ଥାନରେ ସାକାର ରୂପରେ ମଧ୍ୟ ଅଛନ୍ତି, ନଚେତ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସମ୍ମୁଖରେ ଦଣ୍ଡାୟମାନ ଥିଲେ, ସେ ଏହା କେବେ ମଧ୍ୟ କହି ପାରିବେ ନାହିଁ ଯେ ମୁଁ ଅନାଦି ଅଜମ୍ (ଅଜନ୍ମା) ଅଟେ । ଏହି ସମସ୍ତ କାର୍ଯ୍ୟ କାଳ (ଅଦୃଶ୍ୟ ବ୍ରହ୍ମ) ଶ୍ରୀକୃଷ୍ଣଙ୍କ ଶରୀରରେ ଜୀବନ୍ତ ରୂପରେ (ପ୍ରେତବତଃ ପ୍ରବେଶ କରି) ନିଜ ପ୍ରତିଷ୍ଠା (ସ୍ଥିତି) ର ସଠିକ୍ ବିବରଣୀ ଗୀତା ରୂପରେ ପ୍ରଦାନ କଲେ ।

ଗୀତାରେ ଥିବା ଉପରୋକ୍ତ ବିବରଣୀରୁ ଏହା ସିଦ୍ଧ ହେଲା ଯେ ବ୍ରହ୍ମଙ୍କ ଉତ୍ପତ୍ତି ପୂର୍ଣ୍ଣବ୍ରହ୍ମଙ୍କଠାରୁ ହୋଇଛି । ଏହାର ପ୍ରମାଣ ଅଥର୍ବ ବେଦ କାଣ୍ଡ ୪ ଅନୁବାକ ୧ ମନ୍ତ୍ର ୩ ରେ ମଧ୍ୟ ଅଛି, କୃପାକରି ନିମ୍ନରେ ପଢନ୍ତୁ –

କାଣ୍ଡ ନଂ ୪, ଅନୁବାକ ନଂ ୧ ମନ୍ତ୍ର ନଂ ୩ :-

ପ୍ର ଯୋ ଜଜ୍ଞେ ବିଦ୍ୱାନସ୍ୟ ବନ୍ଧୁର୍ବିଶ୍ୱା ଦେବାନାଂ ଜନିମା ବିବକ୍ତି ।<br>
ବ୍ରହ୍ମ ବ୍ରହ୍ମଣ ଉଜ୍ଜଭାର ମଧ୍ୟାନ୍ନୀଚୈରୁଚୈଃ ସ୍ୱଧା ଅଭି ପ୍ର ତସ୍ଥୌ ॥୩॥

ପ୍ର–ଯଃ–ଜଜ୍ଞେ–ବିଦ୍ୱାନସ୍ୟ–ବନ୍ଧୁଃ–ବିଶ୍ୱା–ଦେବାନାମ୍–ଜନିମା–ବିବକ୍ତି–ବ୍ରହ୍ମଃ–ବ୍ରହ୍ମଣଃ–ଉଜ୍ଜଭାର–ମଧ୍ୟାତ୍–ନିଚୈଃ–ଉଚୈଃ–ସ୍ୱଧା–ଅଭିଃ–ପ୍ରତସ୍ଥୌ ॥

ଅନୁବାଦ:-(ପ୍ର) ସର୍ବ ପ୍ରଥମେ (ଦେବାନାମ୍) ଦେବତାମାନଙ୍କର ଓ ବ୍ରହ୍ମାଣ୍ଡଗୁଡିକର (ଜଜ୍ଞେ) ଉତ୍ପତ୍ତି

ଜ୍ଞାନ (ବିଦ୍ୱାନସ୍ୟ) ଜିଜ୍ଞାସୁ ଭକ୍ତର (ଯଃ)ଯେ(ବନ୍ଧୁ) ବାସ୍ତବିକ ସାଥୀ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା ହିଁ ନିଜ ପ୍ରିୟ ସେବକକୁ (ଜନିମା) ସର୍ବ ଉତ୍ପତ୍ତିକର୍ତ୍ତା, ନିଜ ଦ୍ୱାରା ସୃଜନ କରିଥିବାକୁ (ବିବକ୍ତି) ସ୍ୱୟଂ ହିଁ ଠିକ୍ ଠିକ୍ ବିସ୍ତାର ପୂର୍ବକ କହିଥାନ୍ତି ଯେ (ବ୍ରହ୍ମଣଃ) ପୂର୍ଣ୍ଣ ପରମାତ୍ମା (ମଧ୍ୟାତ୍) ନିଜ ମଧ୍ୟରୁ ଅର୍ଥାତ୍ ଶବ୍ଦଶକ୍ତି ଦ୍ୱାରା (ବ୍ରହ୍ମଃ) ବ୍ରହ୍ମ-କ୍ଷରପୁରୁଷ ଅର୍ଥାତ୍ କାଳକୁ (ଉଜ୍ଜଭାର) ଉତ୍ପନ୍ନ କରି (ବିଶ୍ୱା) ସାରା ସଂସରକୁ ଅର୍ଥାତ୍ ସମସ୍ତ ଲୋକ (ଉଚ୍ଚୈଃ) ଉପରେ ଥିବା ସତ୍ୟଲୋକ ଆଦି (ନିଚୈଃ) ତଳେ ପରବ୍ରହ୍ମ ଓ ବ୍ରହ୍ମଙ୍କ ସର୍ବ ବ୍ରହ୍ମାଣ୍ଡ (ସ୍ୱଧା) ନିଜର ଧାରଣକାରୀ (ଅଭିଃ) ଆକର୍ଷଣ ଶକ୍ତି ଦ୍ୱାରା (ପ୍ରତସ୍ଥୌ) ଉଭୟକୁ ଭଲ ଭାବରେ ସ୍ଥିତ କଲେ ।

ଭାବାର୍ଥ :- ପୂର୍ଣ୍ଣ ପରମାତ୍ମା ନିଜ ଦ୍ୱାରା ରଚିତ ସୃଷ୍ଟିର ଜ୍ଞାନ ଓ ସର୍ବ ଆତ୍ମାମାନଙ୍କର ଉତ୍ପତ୍ତିର ନିର୍ଭୁଲ ଜ୍ଞାନ ତାଙ୍କ ପ୍ରିୟ ସେବକକୁ କହିଛନ୍ତି ଯେ ପୂର୍ଣ୍ଣ ପରମାତ୍ମା ନିଜ ମଧ୍ୟରୁ ଅର୍ଥାତ୍ ନିଜ ଶରୀରରୁ ନିଜ ଶବ୍ଦଶକ୍ତି ଦ୍ୱାରା ବ୍ରହ୍ମ (କ୍ଷରପୁରୁଷ-କାଳ)କୁ ଉତ୍ପତ୍ତି କଲେ ତଥା ସର୍ବ ବ୍ରହ୍ମାଣ୍ଡ ଉପରେ ଥିବା ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ, ଅନାମୀ ଲୋକ ଆଦି ତଥା ତଳେ ଥିବା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ୨୧ ବ୍ରହ୍ମାଣ୍ଡଗୁଡ଼ିକୁ ଧାରଣ କରି ପାରୁଥିବା ନିଜ ଆକର୍ଷଣ ଶକ୍ତି ଦ୍ୱାରା ଅବସ୍ଥାପିତ କରିଛନ୍ତି ।

ଯେପରି ପୂର୍ଣ୍ଣ ପରମାତ୍ମା କବୀର ପରମେଶ୍ୱର (କବିର୍ଦେବ) ନିଜ ପ୍ରିୟ ସେବକ ଅର୍ଥାତ୍ ସଖା ଶ୍ରୀ ଧର୍ମଦାସଜୀ ଓ ଆଦରଣୀୟ ଗରୀବଦାସଜୀ ଆଦିଙ୍କୁ ନିଜ ଦ୍ୱାରା ରଚିତ ସୃଷ୍ଟିର ଜ୍ଞାନ ବିଷୟରେ ସ୍ୱୟଂ କହିଲେ । ଉପରୋକ୍ତ ବେଦମନ୍ତ୍ର ମଧ୍ୟ ଏହାକୁ ସମର୍ଥନ କରେ ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୭ :-

ଯୋଽଥର୍ବାଣଂ ପିତରଂ ଦେବବନ୍ଧୁଂ ବୃହସ୍ପତିଂ ନମସାବ ଚ ଗଚ୍ଛାତ୍ ।

ତ୍ୱଂ ବିଶ୍ୱେଷାଂ ଜନିତା ଯଥାସଃ କବିର୍ଦେବୋ ନ ଦଭାୟତ୍ ସ୍ୱଧାବାନ୍ ॥୭॥

ଯଃ-ଅଥର୍ବାଣମ୍-ପିତରମ୍-ଦେବବନ୍ଧୁମ୍-ବୃହସ୍ପତିମ୍-ନମସା-ଅବ-ଚ-ଗଚ୍ଛାତ୍-ତ୍ୱମ୍-ବିଶ୍ୱେଷାମ୍-ଜନିତା-ଯଥା-ସଃ- କବିର୍ଦେବଃ-ନ-ଦଭାୟତ୍-ସ୍ୱଧାବାନ୍ ।

ଅନୁବାଦ:- (ଯଃ) ଯିଏ (ଅଥର୍ବାଣମ୍) ଅଚଳ ଅର୍ଥାତ୍ ଅବିନାଶୀ(ପିତରମ୍) ଜଗତ ପିତା (ଦେବବନ୍ଧୁମ୍) ଭକ୍ତମାନଙ୍କର ବାସ୍ତବିକ ସାଥୀ ଅର୍ଥାତ୍ ଆତ୍ମାର ଆଧାର (ବୃହସ୍ପତିମ୍ ) ଜଗତଗୁରୁ (ଚ) ତଥା (ନମସା) ବିନମ୍ର ପୂଜାରୀ ଅର୍ଥାତ୍ ବିଧିବତ୍ ସାଧକକୁ (ଅବ) ସୁରକ୍ଷାର ସହିତ(ଗଚ୍ଛାତ୍) ସତ୍ୟଲୋକକୁ ଯାଇଥିବା ଆତ୍ମାଙ୍କୁ ସତ୍ୟଲୋକକୁ ନେଉଥିବା (ବିଶ୍ୱେଷାମ୍) ସର୍ବ ବ୍ରହ୍ମାଣ୍ଡର (ଜନିତା) ରଚୟିତା ଜଗଦମ୍ବା ଅର୍ଥାତ୍ ମାତୃଗୁଣରେ ମଧ୍ୟ ଯୁକ୍ତ(ନ ଦଭାୟତ୍) କାଳ ଭଳି ଧୋକା ଦେଉନଥିବା (ସ୍ୱାଧାବାନ୍) ସ୍ୱଭାବ ଅର୍ଥାତ୍ ଗୁଣ ଧାରଣ କରିଥିବା (ଯଥା) ଯଥାବତ୍ ଅର୍ଥାତ୍ ସେହିପରି (ସଃ) ସେ (ତ୍ୱମ୍) ଆପଣ (କବିର୍ଦେବଃ, କବୀର-ଦେବ) କବିର୍ଦେବ ଅଟନ୍ତି ଅର୍ଥାତ୍ ଭିନ୍ନ ଭାଷାରେ ଏହାଙ୍କୁ କବୀର ପରମେଶ୍ୱର ମଧ୍ୟ କୁହନ୍ତି ।

ଭାବାର୍ଥ:- ଏହି ମନ୍ତ୍ରରେ ମଧ୍ୟ ସ୍ପଷ୍ଟ କରାଗଲା ଯେ ସେହି ପରମେଶ୍ୱରଙ୍କ ନାମ କବିର୍ଦେବ ଅର୍ଥାତ କବୀର ପରମେଶ୍ୱର ଯିଏ ସମସ୍ତ ଲୋକର ରଚନା କରିଛନ୍ତି ।

ଯେଉଁ ପରମେଶ୍ୱର ଅଚଳ ଅର୍ଥାତ୍ ବାସ୍ତବରେ ଅବିନାଶୀ (ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୬, ୧୭ ରେ ମଧ୍ୟ ପ୍ରମାଣ ଅଛି) ଜଗତଗୁରୁ, ଆତ୍ମାଧାର, ଯିଏ ପୂର୍ଣ୍ଣ ମୁକ୍ତ ହୋଇ ସତ୍ୟଲୋକ ଯାଇଛନ୍ତି ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା, ସର୍ବ ବ୍ରହ୍ମାଣ୍ଡର ରଚୟିତା, କାଳ (ବ୍ରହ୍ମ) ପରି ଠକୁନଥିବା ବାସ୍ତବରେ ସେ ସ୍ୱୟଂ କବିର୍ଦେବ ଅର୍ଥାତ୍ କବୀର ପ୍ରଭୁ ଅଟନ୍ତି । ସେହି ପରମେଶ୍ୱର ସମସ୍ତ ବ୍ରହ୍ମାଣ୍ଡ ଓ ସମସ୍ତ ପ୍ରାଣୀଙ୍କୁ ନିଜ ଶବ୍ଦଶକ୍ତିରେ ଉତ୍ପନ୍ନ କରିଥିବା କାରଣରୁ (ଜନିତା) ତାଙ୍କୁ ମାତା ମଧ୍ୟ କୁହାଯାଇଥାଏ ତଥା (ପିତରମ୍) ପିତା ତଥା (ବନ୍ଧୁ) ଭାଇ ମଧ୍ୟ ବାସ୍ତବରେ ସେ ହିଁ ଅଟନ୍ତି ତଥା (ଦେବ) ପରମେଶ୍ୱର ମଧ୍ୟ ସେ ହିଁ ଅଟନ୍ତି । ଏଥିପାଇଁ କବିର୍ଦେବ (କବୀର ପରମେଶ୍ୱର)ଙ୍କର ସ୍ତୁତି କରାଯାଇଥାଏ । ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁ ଚ ସଖା ତ୍ୱମେବ, ତ୍ୱମେବ ସର୍ବଂ ମମ୍ ଦେବ ଦେବ । ଏହି ପରମେଶ୍ୱରଙ୍କ ମହିମା ବିଷୟରେ ପବିତ୍ର ଋଗ୍ବେଦ ମଣ୍ଡଳ ନଂ ୧ ସୂକ୍ତ ନଂ ୨୪ ରେ ବିସ୍ତୃତ ଭାବରେ ଲେଖାଅଛି ।

ପ୍ରଶ୍ନ :- ବେଦରେ କବିର୍ ଅର୍ଥାତ କବୀର ନାମର ବିବରଣୀ କିପରି ଆସିଲା ? ବେଦ ସୃଷ୍ଟିର ପ୍ରାରମ୍ଭରେ ପ୍ରାପ୍ତ ହୋଇଥିଲା । କବିର୍ଦେବ ଅର୍ଥାତ୍ (କବୀର ପରମେଶ୍ୱର) ତ ସନ ୧୩୯୮ ରେ ଉତ୍ପନ୍ନ ହୋଇଛନ୍ତି ?

ଉତ୍ତର:- ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମ କବିର୍ଦେବ ତଥା ଉପମାତ୍ମକ ନାମ ସତ୍ୟପୁରୁଷ, ପରମ ଅକ୍ଷର ବ୍ରହ୍ମ, ପୂର୍ଣ୍ଣବ୍ରହ୍ମ ଆଦି ଅଟେ । ଯେପରି ଦେଶର ପ୍ରଧାନମନ୍ତ୍ରୀଙ୍କ ଶରୀରର ନାମ ଅନ୍ୟ କିଛି ହୋଇଥାଏ ଯେପରି ପ୍ରଧାନମନ୍ତ୍ରୀ ଓ ପ୍ରାଇମ୍ ମିନିଷ୍ଟର ଆଦି ପଦର ନାମ ହୋଇଥାଏ । ଏହି ପୂର୍ଣ୍ଣ ପରମାତ୍ମା କବିର୍ଦେବ ନାମାନ୍ତରଣ କରି ଚାରି ଯୁଗରେ ଆସନ୍ତି ତଥା ସୃଷ୍ଟି ଓ ବେଦର ରଚନା ପୂର୍ବରୁ ମଧ୍ୟ ସେ ଅନାମୀ (ଅନାମୟ) ଲୋକରେ, ମାନବ ସଦୃଶ ଶରୀରରେ କବିର୍ଦେବ ନାମରେ ବିଦ୍ୟମାନ ଥିଲେ । ତା'ପରେ ସେହି କବିର୍ଦେବ ସତ୍ୟଲୋକର ରଚନା କରି ସତ୍ୟଲୋକରେ ବିରାଜମାନ ହେଲେ । ତା'ପରେ ପରବ୍ରହ୍ମ ଓ ବ୍ରହ୍ମଙ୍କର ସମସ୍ତ ଲୋକ ଓ ବେଦଗୁଡିକର ରଚନା କଲେ ଏଥିପାଇଁ ବେଦରେ ମଧ୍ୟ କବିର୍ଦେବଙ୍କ ବିବରଣୀ ଅଛି ।

### "କବୀର ସାହେବଙ୍କ ଦ୍ୱାରା ବିଭୀଷଣ ଓ ମନ୍ଦୋଦରୀଙ୍କୁ ଶରଣକୁ ନେବା"

ପରମେଶ୍ୱର ମୁନିନ୍ଦ୍ର ଅନଳ ଅର୍ଥାତ୍ ନଳ ଓ ଅନୀଳ ଅର୍ଥାତ୍ ନୀଳକୁ ନିଜ ଶରଣକୁ ନେବା ପରେ ଶ୍ରୀଲଙ୍କାକୁ ଗଲେ । ସେଠାରେ ଚନ୍ଦ୍ରବିଜୟ ନାମକ ଜଣେ ପରମଭକ୍ତଙ୍କର ଶୋହଳ ସଦସ୍ୟ ବିଶିଷ୍ଟ ଏକ ପୂଣ୍ୟ ପରିବାର ରହୁଥିଲା । ସେହି ପୂଣ୍ୟକର୍ମୀ ପ୍ରାଣୀମାନଙ୍କର ଜନ୍ମ ଭାଟ ଜାତିରେ ହୋଇଥିଲା । ପରମେଶ୍ୱର ମୁନିନ୍ଦ୍ର (କବିର୍ଦେବ)ଜୀଙ୍କ ଉପଦେଶ ଶୁଣି ପୁରା ପରିବାର ନାମ ଦୀକ୍ଷା ପ୍ରାପ୍ତକଲେ । ପରମଭକ୍ତ ଚନ୍ଦ୍ରବିଜୟଜୀଙ୍କ ପତ୍ନୀ ଭକ୍ତମତୀ କର୍ମବତୀ ଲଙ୍କାର ରାଜା ରାବଣର ରାଣୀ ମନ୍ଦୋଦରୀଙ୍କ ପାଖରେ ଚାକିରୀ (ସେବା) କରୁଥିଲେ । ରାଣୀ ମନ୍ଦୋଦରୀକୁ ହସ-ମଜା, ପରିହାସ କଥା କହି ମନୋରଞ୍ଜନ କରୁଥିଲେ । ଭକ୍ତ ଚନ୍ଦ୍ରବିଜୟ ରାଜା ରାବଣଙ୍କ ଦରବାରରେ ଚାକିରୀ(ସେବା) କରୁଥିଲା । ରାଜାଙ୍କ ମହିମା ଗାନ କରି ତାଙ୍କୁ ପ୍ରସନ୍ନ କରୁଥିଲା । ଭକ୍ତ ଚନ୍ଦ୍ରବିଜୟଙ୍କ ପତ୍ନୀ ଭକ୍ତମତି କର୍ମବତୀ ପରମେଶ୍ୱରଙ୍କଠାରୁ ଉପଦେଶ ପ୍ରାପ୍ତ ହେବା ପରେ ରାଣୀ ମନ୍ଦୋଦରୀଙ୍କ ସହିତ ପ୍ରଭୁଚର୍ଚ୍ଚା କରିବାକୁ ଲାଗିଲା । ଗୁରୁ ମୁନିନ୍ଦ୍ରଜୀଙ୍କଠାରୁ ଶୁଣିଥିବା ସୃଷ୍ଟି ରଚନା ବିଷୟ ପ୍ରତିଦିନ ଶୁଣାଇବାକୁ ଲାଗିଲା ।

ଭକ୍ତମତି ରାଣୀ ମନ୍ଦୋଦରୀଙ୍କୁ ଏହା ବହୁତ ଆନନ୍ଦ ଦେଉଥାଏ । ଭକ୍ତମତି କର୍ମବତୀ, ରାଣୀ ମନ୍ଦୋଦରୀଙ୍କୁ ଘଣ୍ଟା ଘଣ୍ଟା ଧରି ପ୍ରଭୁଙ୍କ ସତ୍ୟ କଥା ଶୁଣାଉଥିଲେ, ଯେଉଁକଥା ଶୁଣି ମନ୍ଦୋଦରୀଙ୍କ ଆଖିରୁ ଅଶ୍ରୁ ବୋହୁଥିଲା । ଦିନେ ରାଣୀ ମନ୍ଦୋଦରୀ, କର୍ମବତୀକୁ ପଚାରିଲେ ତୁମେ ଏହି ଜ୍ଞାନ କାହାଠାରୁ ଶୁଣିଛ ? ପୂର୍ବରୁ ତୁମେ ତ ବହୁତ ଅନାବଶ୍ୟକ କଥା କହୁଥିଲ । ତୁମର ଏଭଳି ପରିବର୍ତ୍ତନ କିପରି ହେଲା ? ପରମାତ୍ମାତୁଲ୍ୟ ସନ୍ଥଙ୍କ ବିନା ଏହା ଅସମ୍ଭବ । ଏହା ଶୁଣି କର୍ମବତୀ କହିଲେ, କିଛିଦିନ ପୂର୍ବେ ଆମ୍ଭେ ଜଣେ ପରମ ସନ୍ଥଙ୍କଠାରୁ ଉପଦେଶ (ଦୀକ୍ଷା) ନେଇଛୁ । ରାଣୀ ମନ୍ଦୋଦରୀ ସନ୍ଥଙ୍କ ଦର୍ଶନର ଅଭିଳାଷା ବ୍ୟକ୍ତ କରି କହିଲେ, ଯଦି ତୁମ୍ଭ ଗୁରୁ ପୁଣି କେବେ ଆସନ୍ତି ତେବେ ତାଙ୍କୁ ଆମ୍ଭ ଘରକୁ ବୁଲାଇବାକୁ ଆଣିବ । କର୍ମବତୀ ନିଜ ମାଲିକାଣୀଙ୍କ ଆଦେଶ ଶୁଣି ମୁଣ୍ଡ ତଳକୁ କରି ଆଜ୍ଞା ପୂର୍ବକକହିଲା, ଆପଣଙ୍କର ଆଦେଶ ଏହି ଦାସୀ ନିଶ୍ଚୟ ପାଳନ କରିବ । ଆପଣଙ୍କ ନିକଟରେ ମୋର ଏକ ବିନତୀ, କହନ୍ତି ଯେ ସନ୍ଥଙ୍କୁ ଆଦେଶପୂର୍ବକ ଡାକିବା ଅନୁଚିତ । ତାଙ୍କ ନିକଟକୁ ସ୍ୱୟଂ ଯାଇ ଦର୍ଶନ କରିବା ଶ୍ରେୟସ୍କର, କିନ୍ତୁ ଯାହା ଆପଣଙ୍କର ଆଜ୍ଞା ତାହା ହିଁ ହେବ । ମହାରାଣୀ ମନ୍ଦୋଦରୀ କହିଲେ, ତୁମ ଗୁରୁଦେବ ଯେବେ ଆସିବେ ମୋତେ ଜଣାଇବ, ମୁଁ ସ୍ୱୟଂ ଦର୍ଶନ କରିବାକୁ ଯିବି । ପରମେଶ୍ୱର ପୁଣି ଥରେ ଲଙ୍କାରେ କୃପାପୂର୍ବକ ପଦାର୍ପଣ କଲେ । ରାଣୀ ମନ୍ଦୋଦରୀ ତାଙ୍କଠାରୁ ଉପଦେଶ ପ୍ରାପ୍ତ କଲେ । କିଛିଦିନ ପରେ ନିଜର ପ୍ରିୟ ଦିଅର ଭକ୍ତ ଶ୍ରୀ ବିଭୀଷଣଙ୍କୁ ମଧ୍ୟ ପରମେଶ୍ୱରଙ୍କ ଦ୍ୱାରା ନାମ ଉପଦେଶ ଦେଲେ । ଭକ୍ତମତି ମନ୍ଦୋଦରୀ ଉପଦେଶ ପ୍ରାପ୍ତ କରି ସର୍ବଦା ପ୍ରଭୁଙ୍କ ସ୍ମରଣରେ ଲୀନ ରହିବାକୁ ଲାଗିଲେ । ନିଜ ପତି ରାବଣକୁ ମଧ୍ୟ ସଦଗୁରୁ ମୁନିନ୍ଦ୍ରଜୀଙ୍କଠାରୁ ଉପଦେଶ ଗ୍ରହଣ କରିବା ପାଇଁ ବହୁବାର ପ୍ରାର୍ଥନା କଲେ ପରନ୍ତୁ ରାବଣ ମାନିଲା

ନାହିଁ । ସେ କହିଲା, ମୁଁ ପରମଶକ୍ତି ମହେଶ୍ୱର, ମୃତ୍ୟୁଞ୍ଜୟ ଶିବଙ୍କ ଭକ୍ତି କରୁଛି । ଶିବଙ୍କ ପରି କୌଣସି ଶକ୍ତି ନାହିଁ । ତୁମକୁ କେହି ଭ୍ରମିତ କରିଛି ।

କିଛିଦିନ ଉପରାନ୍ତ ବନବାସୀ ମାତା ସୀତାଙ୍କୁ ଅପହରଣ କରି ରାବଣ ନିଜର ନୀଲଖୋ ଉଦ୍ୟାନ ମଧ୍ୟରେ ବନ୍ଦୀ କରି ରଖିଲା । ଭକ୍ତମତି ମନ୍ଦୋଦରୀଙ୍କ ବାରମ୍ବାର ପ୍ରାର୍ଥନା କରିବାପରେ ମଧ୍ୟ ରାବଣ ମାତା ସୀତାଙ୍କୁ ଛାଡିବାକୁ ମନାକଲା । ଏହାପରେ ଭକ୍ତମତି ମନ୍ଦୋଦରୀ ନିଜ ଗୁରୁଦେବ ମୁନିନ୍ଦ୍ରଜୀଙ୍କୁ କହିଲେ, ମହାରାଜ ! ମୋ ପତି ଅନ୍ୟ କାହାର ସ୍ତ୍ରୀଙ୍କୁ ଅପହରଣ କରି ଆଣିଛନ୍ତି । ମୋତେ ସହ୍ୟ ହେଉ ନାହିଁ । ତାଙ୍କୁ ଛାଡିବା ପାଇଁ ସେ କୌଣସି ପ୍ରକାରେ ରାଜି ହେଉନାହାଁନ୍ତି । ହେ ପ୍ରଭୁ, ଆପଣ ଦୟା କରନ୍ତୁ ! ମୁଁ ଜୀବନରେ ଏଭଳି ଦୁଃଖ ଆଜି ପର୍ଯ୍ୟନ୍ତ ଅନୁଭବ କରିନଥିଲି ।

ପରମେଶ୍ୱର ମୁନିନ୍ଦ୍ରଜୀ କହିଲେ, ଝିଅ ମନ୍ଦୋଦରୀ ! ଇଏ କୌଣସି ସାଧାରଣ ନାରୀ ନୁହଁନ୍ତି । ଶ୍ରୀ ବିଷ୍ଣୁଙ୍କ ଅଭିଶାପ ବଶତଃ ତାଙ୍କୁ ପୃଥିବୀକୁ ଆସିବାକୁ ପଡିଛି । ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ଶ୍ରୀ ରାମଚନ୍ଦ୍ର ଅଟନ୍ତି । ତାଙ୍କୁ ୧୪ ବର୍ଷ ବନବାସ ହୋଇଛି ଏବଂ ମାତା ଲକ୍ଷ୍ମୀ ସ୍ୱୟଂ ତାଙ୍କ ପତ୍ନୀ ସୀତା ରୂପରେ ବନବାସରେ ଥିଲେ । ରାବଣ ସାଧୁ ରୂପ ଧରି ଛଳନା କରି ତାଙ୍କୁ ଅପହରଣ କରି ଆଣିଛି । ଏହି ସୀତା ମାତା ସ୍ୱୟଂ ଲକ୍ଷ୍ମୀ ଅଟନ୍ତି । ସୀତାଙ୍କୁ ଶୀଘ୍ର ଫେରାଇଦେଇ କ୍ଷମା ପ୍ରାର୍ଥନା କରି ରାବଣ ନିଜ ଜୀବନର ଭିକ୍ଷା ଯାଚନା କରିପାରିଲେ ଏହା ତା' ପାଇଁ ଶୁଭଙ୍କର ହେବ ।

ଭକ୍ତମତି ମନ୍ଦୋଦରୀ ଅନେକ ଥର ପ୍ରାର୍ଥନା କରିବା ପରେ ମଧ୍ୟ ରାବଣ ମାନିଲା ନାହିଁ ତଥା କହିଲା ଯେ ଜଙ୍ଗଲରେ ଘୁରିବୁଲୁଥିବା ସେହି ଦୁଇ ଜଟାଧାରୀ ମୋର କ'ଣ କରିପାରିବେ । ମୋ ପାଖରେ ଅଗଣତି ସୈନ୍ୟ ଅଛନ୍ତି । ମୋର ଏକଲକ୍ଷ ପୁତ୍ର ଏବଂ ଏକଲକ୍ଷ ପଚିଶ ହଜାର ନାତି ଅଛନ୍ତି । ମୋ ପୁତ୍ର ମେଘନାଦ ସ୍ୱର୍ଗର ରାଜା ଇନ୍ଦ୍ରଙ୍କୁ ପରାଜିତ କରି ତାଙ୍କ କନ୍ୟାକୁ ବିବାହ କରିଛି । ତେତିଶି କୋଟି ଦେବତାଙ୍କୁ ଆମେ ବନ୍ଦୀ କରି ରଖିଛୁ, ଅନାଥ ପରି ଘୁରିବୁଲୁଥିବା ସେହି ଦୁଇ ବନବାସୀଙ୍କୁ ଭଗବାନ ବୋଲି କହି ତୁ ମୋତେ ଡରାଇବାକୁ ଚେଷ୍ଟା କରୁଛୁ । ମୁଁ ସୀତାକୁ କଦାପି ଫେରାଇବି ନାହିଁ ।

ମନ୍ଦୋଦରୀ ନିଜ ଗୁରୁଦେବଙ୍କ ପାଖରୁ ଭକ୍ତିମାର୍ଗର ଯେଉଁ ଜ୍ଞାନ ଶୁଣିଥିଲେ ସେ ବିଷୟରେ ରାବଣକୁ ବହୁତ ବୁଝାଇଲେ । ବିଭୀଷଣ ମଧ୍ୟ ନିଜ ବଡଭାଇଙ୍କୁ ବୁଝାଇଲେ । ରାବଣ ନିଜ ଭାଇ ବିଭୀଷଣକୁ ମାଡଦେଲା ତଥା କହିଲା, ତୁ ! ଶ୍ରୀରାମଚନ୍ଦ୍ରକୁ ସମର୍ଥନ କରି ପକ୍ଷପାତ କରୁଛୁ, ତା' ପାଖକୁ ଚାଲିଯାଆ ।

ଦିନେ ଭକ୍ତମତି ମନ୍ଦୋଦରୀ ନିଜ ପୂଜ୍ୟ ଗୁରୁଦେବଙ୍କୁ ପ୍ରାର୍ଥନା କରି କହିଲେ, ହେ ଗୁରୁଦେବ ! ମୋ ଶଙ୍ଖାସିନ୍ଦୁର ଉଜୁଡି ଯିବ । ମୋ ପତିଙ୍କୁ ଥରେ ଆପଣ ବୁଝାଇବାକୁ ଚେଷ୍ଟା କରନ୍ତୁ । ଯଦି ସେ ଆପଣଙ୍କ କଥା ନ ମାନିବେ ତେବେ ବିଧବା ହେବାର ଦୁଃଖ ମୋତେ ଅନୁଭବ ହେବନାହିଁ ।

ପ୍ରଭୁ, ନିଜ ଶିଷ୍ୟା ମନ୍ଦୋଦରୀର ପ୍ରାର୍ଥନା ସ୍ୱୀକାର କରି ରାଜା ରାବଣକୁ ଦେଖାକରିବା ପାଇଁ ରାଜ ଦରବାର ସମ୍ମୁଖରେ ଦ୍ୱାରପାଳ ଦ୍ୱାରା ପ୍ରାର୍ଥନା କଲେ । ଦ୍ୱାରପାଳ କହିଲେ ଋଷିବର ! ବର୍ତ୍ତମାନ ରାଜସଭା ଚାଲିଛି । ଏହି ସମୟରେ କେବଳ ଭିତରୁ ବାର୍ତ୍ତା ବାହାରକୁ ଆସିପାରିବ, ବାହାରର କୌଣସି ଖବର ଭିତରକୁ ଯାଇପାରିବ ନାହିଁ, ଆମ୍ଭେ ବିବଶ । ଏହାଶୁଣି ପୂର୍ଣ୍ଣପ୍ରଭୁ ଅନ୍ତର୍ଦ୍ଧାନ ହୋଇ ରାବଣ ଦରବାରରେ ପ୍ରକଟ ହୋଇଗଲେ । ଋଷିଙ୍କ ଉପରେ ରାବଣର ଦୃଷ୍ଟି ପଡିବା ମାତ୍ରେ ସେ ଗର୍ଜନ କରି ପଚାରିଲା, ଏହି ଋଷିକୁ ମୋ ଆଜ୍ଞା ବିନା ଭିତରକୁ କିଏ ଆସିବାକୁ ଦେଲା ? ତାକୁ ଏହିକ୍ଷଣି ମୋ ସମ୍ମୁଖରେ ହତ୍ୟା କର । ଏହା ଶୁଣି ପରମେଶ୍ୱର କହିଲେ, ରାଜନ୍ ! ଆପଣଙ୍କ ଦ୍ୱାରପାଳ ସ୍ପଷ୍ଟ ମନା କରିଥିଲା । ମୁଁ କିପରି ଭିତରକୁ ଆସିଲି, ସେମାନଙ୍କୁ ଏହା ଜଣାନାହିଁ । ରାବଣ ପଚାରିଲା ତୁ ଭିତରକୁ କିପରି ଆସିଲୁ ? ଏହାଶୁଣି ମୁନିନ୍ଦ୍ର ବେଶରେ ଥିବା ପୂର୍ଣ୍ଣପ୍ରଭୁ ଅଦୃଶ୍ୟ ହୋଇ ପୁଣି ପ୍ରକଟ ହୋଇ ଗଲେ ତଥା କହିଲେ, ଦେଖ ମୁଁ ଏହିପରି ଆସିଥିଲି । ରାବଣ ପଚାରିଲା ! ଆସିବାର ଅଭିପ୍ରାୟ କ'ଣ । ସେତେବେଳେ ପୂର୍ଣ୍ଣପ୍ରଭୁ କହିଲେ, ଆପଣ ଜଣେ ଯୋଦ୍ଧା ହୋଇ ଏକ ଅବଳା ନାରୀର ଅପହରଣ କରିଛନ୍ତି । ଏହା ଆପଣଙ୍କ ପ୍ରତିଷ୍ଠା ଓ ସୌର୍ଯ୍ୟ ବିରତ୍ୱର ବିରୁଦ୍ଧ ଅଟେ । ସୀତା କୌଣସି ସାଧାରଣ ନାରୀ ନୁହଁନ୍ତି । ସେ ସ୍ୱୟଂ ଲକ୍ଷ୍ମୀମାତାଙ୍କ ଅବତାର ଅଟନ୍ତି । ସୀତାଙ୍କ ପତି ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁ ଅଟନ୍ତି । ସୀତାଙ୍କୁ ଫେରାଇ ଦେଇ ନିଜ ପ୍ରାଣର ଭିକ୍ଷା କରନ୍ତୁ ।

ଏହା ଆପଣଙ୍କ ପାଇଁ ମଙ୍ଗଳକାରୀ ହେବ । ଏହା ଶୁଣି ତମଗୁଣି (ଭଗବାନ ଶିବଙ୍କ) ଉପାସକ ରାବଣ କ୍ରୋଧିତ ହୋଇ ଉନ୍ମୁକ୍ତ ଖଣ୍ଡା ଧରି ସିଂହାସନ ଉପରୁ ଚିତ୍କାର କରି ଲମ୍ଫ ପ୍ରଦାନକଲା ଏବଂ ଋଷିଙ୍କୁ ମାରିବା ପାଇଁ ସେହି ଅଜ୍ଞାନୀ ପ୍ରାଣୀ ସତୁରୀଥର ଆଖିବୁଜା ଖଣ୍ଡାଚାଳନା କଲା । ପରମେଶ୍ୱର ମୁନିନ୍ଦ୍ରଜୀ ହାତରେ ଏକ ଝାଡୁର କିଛି କାଠିଥିଲା ଯାହାକୁ ସେ ଢାଲ କରି ନିଜ ଆଗରେ ରଖିଦେଲେ। ରାବଣର ଅସ୍ତ୍ର ସେହି କାଠିରେ ସତୁରିଥର ବାଜିବା ପରେ ଏଭଳି ଶବ୍ଦ ହେଲା ଯେପରି ଲୁହା ଖମ୍ବ (ପିଲାର)ରେ ଖଣ୍ଡାପ୍ରହାର କରାଯାଉଛି । ଝାଡୁକାଠିର ତିଳେ ମାତ୍ର କ୍ଷତି ହେଲାନାହିଁ । ରାବଣର ଝାଳ ବୋହିଗଲା । ତଥାପି ସେ ଅହଙ୍କାର ଛାଡୁନଥାଏ । ଇଏ କୌଣସି ସାଧାରଣ ଋଷି ନୁହଁନ୍ତି ବୋଲି ସେ ଜାଣି ସାରିଥିଲା ଏବଂ କହିଲା, ମୁଁ ଆପଣଙ୍କର କୌଣସି କଥା ଶୁଣିବି ନାହିଁ, ଆପଣ ଏବେ ପ୍ରସ୍ଥାନ କରିପାରନ୍ତି। ପରମେଶ୍ୱର ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ମନ୍ଦୋଦରୀକୁ ସମସ୍ତ ବୃତ୍ତାନ୍ତ ଶୁଣାଇ ପ୍ରସ୍ଥାନ କଲେ। ରାଣୀ ମନ୍ଦୋଦରୀ କହିଲେ ଗୁରୁଦେବ ! ଏବେ ବିଧବା ହେବା ପାଇଁ ମୋର ଦୁଃଖ ନାହିଁ ।

ଶ୍ରୀ ରାମଚନ୍ଦ୍ର ଓ ରାବଣ ମଧ୍ୟରେ ଯୁଦ୍ଧ ହେଲା, ରାବଣ ବଧ ହେଲା । ତୋମୋଗୁଣୀ ଭଗବାନ ଶିବଙ୍କର କଠୋର ସାଧନା ଓ ଦଶଥର ମସ୍ତକ ସମର୍ପଣ କରି ରାବଣ ଯେଉଁ ଲଙ୍କା ନଗରୀ ପ୍ରାପ୍ତ କରିଥିଲା ରାବଣର ସେହି କ୍ଷଣିକ ସୁଖ ସମାପ୍ତ ହୋଇଗଲା ତଥା ସେ ନର୍କର ଭାଗୀହେଲା ଏହା ବିପରୀତ ପୂର୍ଣ୍ଣ ପରମାତ୍ମାଙ୍କ ସତ୍ୟନାମର ସାଧକ ବିଭୀଷଣଙ୍କୁ କଠିନ ସାଧନା ବିନା ପୂର୍ଣ୍ଣପ୍ରଭୁଙ୍କ କୃପାରୁ ଲଙ୍କାନଗରୀ ପ୍ରାପ୍ତ ହେଲା । ହଜାର ହଜାର ବର୍ଷ ପର୍ଯ୍ୟନ୍ତ ବିଭୀଷଣ ଲଙ୍କାରେ ରାଜୁତି କରିବାର ସୁଖଭୋଗ କଲେ ତଥା ପ୍ରଭୁଙ୍କ କୃପାରୁ ରାଜ୍ୟରେ ପୁନର୍ବାର ଶାନ୍ତି ପ୍ରତିଷ୍ଠା ହେଲା। ରାକ୍ଷସ ପ୍ରବୃତ୍ତିର ସମସ୍ତ ବ୍ୟକ୍ତି ବିନାଶକୁ ପ୍ରାପ୍ତ ହୋଇ ଯାଇଥିଲେ । ଭକ୍ତମତି ମନ୍ଦୋଦରୀ ଓ ଭକ୍ତ ବିଭୀଷଣ ତଥା ପରମ ଭକ୍ତ ଚନ୍ଦ୍ରବିଜୟଙ୍କ ପରିବାରର ସମସ୍ତ ଷୋହଳ ସଦସ୍ୟ ତଥା ଅନ୍ୟ ଭକ୍ତ ଯେଉଁମାନେ ପୂର୍ଣ୍ଣ ପରମେଶ୍ୱରଙ୍କ ଉପଦେଶ ପ୍ରାପ୍ତ କରି ଆଜୀବନ ମର୍ଯ୍ୟାଦାରେ ରହି ସତ୍ୟଭକ୍ତି କଲେ ସେହି ସାଧକମାନେ ଏହି ପୃଥିବୀରେ ସୁଖମୟ ଜୀବନଯାପନ କଲେ ତଥା ଅନ୍ତିମ ସମୟରେ ପରମେଶ୍ୱରଙ୍କ ବିମାନରେ ବସି ସତ୍ୟଲୋକ (ଶାଶ୍ୱତମ୍ ସ୍ଥାନମ୍) ଚାଲିଗଲେ । ଏଥିପାଇଁ ପବିତ୍ର ଗୀତା ଅଧ୍ୟାୟ ୭ ର ମନ୍ତ୍ର ୧୨ ରୁ ୧୫ ରେ କୁହାଯାଇଛି ଯେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ର ସାଧନାରୁ ମିଳୁଥିବା କ୍ଷଣିକ ସୁଖସୁବିଧା ଦ୍ୱାରା ଯେଉଁମାନଙ୍କ ଜ୍ଞାନହରଣ କରାଯାଇଛି ସେହି ରାକ୍ଷସ ସ୍ୱଭାବ ଧାରଣ କରିଥିବା, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୁଷ୍କର୍ମ କରୁଥିବା ମୁର୍ଖ ମୋତେ (କାଳ-ବ୍ରହ୍ମ) ମଧ୍ୟ ଭଜନ୍ତି ନାହିଁ ।

ପୁଣି ଗୀତା ଅଧ୍ୟାୟ ୭ ର ମନ୍ତ୍ର ୧୮ ରେ ଗୀତା ଜ୍ଞାନଦାତ୍ତା (କାଳ-ବ୍ରହ୍ମ) ପଭୁ କହୁଛନ୍ତି ଯେ କୌଣସି ଉଦାର ଆତ୍ମା ମୋର (ବ୍ରହ୍ମଙ୍କ) ସାଧନା କରିଥାଏ କାରଣ ତାଙ୍କୁ ତତ୍ତ୍ୱଦର୍ଶୀ ସନ୍ଥ ମିଳିଲା ନାହିଁ । ସେହି ଭକ୍ତାତ୍ମା ମୋର (ଅନୁତ୍ତମାମ୍) ଅତି ଅଶ୍ରେଷ୍ଠ (ଗତିମ୍) ମୁକ୍ତିର ସ୍ଥିତିରେ ଆଶ୍ରିତ ହୋଇରହିଗଲା । ସେମାନେ ମଧ୍ୟ ପୂର୍ଣ୍ଣମୁକ୍ତ ନୁହଁନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୧୮ ର ମନ୍ତ୍ର ୬୨ ରେ କହିଛନ୍ତି, ହେ ଅର୍ଜୁନ ! ତୁମେ ସର୍ବ ଭାବରେ ସେହି ପରମେଶ୍ୱର (ପୂର୍ଣ୍ଣ ପରମାତ୍ମା- ତତ୍‌ବ୍ରହ୍ମ) ଙ୍କ ଶରଣକୁ ଯାଅ । ତାଙ୍କ କୃପାରୁ ତୁମେ ପରମଶାନ୍ତି ଓ ସତ୍ୟଲୋକ ଅର୍ଥାତ୍ ସନାତନ ପରମଧାମ ପ୍ରାପ୍ତ ହେବ।

ଏଥିପାଇଁ ପୂଣ୍ୟାତ୍ମାମାନଙ୍କୁ ଏହି ନିବେଦନ ଯେ ଏହି ଦାସାନୁଦାସ ନିକଟରେ ପୂର୍ଣ୍ଣ ପରମାତ୍ମା ପ୍ରାପ୍ତିର ବାସ୍ତବିକ ବିଧି ଉପଲବ୍ଧ । ନିଃଶୁଳ୍କ ଉପଦେଶ ନେଇ ଲାଭ ଉଠାନ୍ତୁ ।

### "ଦ୍ୱାପର ଯୁଗରେ ଇନ୍ଦ୍ରମତିକୁ ଶରଣକୁ ନେବା"

ଦ୍ୱାପର ଯୁଗରେ ଚନ୍ଦ୍ରବିଜୟ ନାମକ ଜଣେ ରାଜା ଥିଲେ । ତାଙ୍କ ପତ୍ନୀ ଇନ୍ଦ୍ରମତି ବହୁତ ଧାର୍ମିକ ପ୍ରବୃତ୍ତିର ଥିଲେ । ସନ୍ଥ-ମହାତ୍ମାଙ୍କର ସେ ବହୁତ ଆଦର ସତ୍କାର କରୁଥିଲେ । ତାଙ୍କର ଜଣେ ଗୁରୁ ମଧ୍ୟ ଥିଲେ । ତାଙ୍କ ଗୁରୁଦେବ ତାଙ୍କୁ କହିଥିଲେ, ପୁତ୍ରୀ ! ସାଧୁ-ସନ୍ଥମାନଙ୍କର ସେବା କରିବା ଉଚିତ । ସନ୍ଥମାନଙ୍କୁ ଭୋଜନ କରାଇବା ଦ୍ୱାରା ବହୁତ ଲାଭ ମିଳିଥାଏ । ଏକାଦଶୀ ବ୍ରତ, ମନ୍ତ୍ରଜପ ଆଦି ଯେଉଁ ସାଧନା ଗୁରୁଦେବ ବତାଇଥିଲେ ସମସ୍ତ ମର୍ଯ୍ୟଦା ପାଳନ କରି ଦୃଢତାର ସହିତ ଭଗବତ ଭକ୍ତିରେ

ନିଜକୁ ନିମଗ୍ନ କରୁଥିଲେ । ଗୁରୁଦେବ କହିଥିଲେ ଯେ ସନ୍ଥମାନଙ୍କୁ ଭୋଜନ କରାଇବା ଦ୍ୱାରା ପରବର୍ତ୍ତୀ ଜନ୍ମରେ ତୁ ରାଣୀ ମଧ୍ୟ ହେବୁ ଏବଂ ତୋତେ ସ୍ୱର୍ଗ ପ୍ରାପ୍ତି ହେବ । ତେଣୁ ପ୍ରତିଦିନ ଜଣେ ସନ୍ଥଙ୍କୁ ଭୋଜନ କରାଇବା ପାଇଁ ରାଣୀ ମନସ୍ଥ କରିଥିଲେ । ସେ ଏହି ପ୍ରତିଜ୍ଞା କରିଥିଲେ ଯେ ପ୍ରଥମେ ଜଣେ ସନ୍ଥଙ୍କୁ ଭୋଜନ କରାଇବା ପରେ ହିଁ ମୁଁ ଖାଦ୍ୟ ଗ୍ରହଣ କରିବି । ଏହାଦ୍ୱାରା ମୋର ମନେ ରହିବ, ମୁଁ ଭୁଲିବି ନାହିଁ । ରାଣୀ ପ୍ରତିଦିନ ଜଣେ ସନ୍ଥଙ୍କୁ ଭୋଜନ ଦେଉଥିଲେ, ତା'ପରେ ନିଜେ ଭୋଜନ କରୁଥିଲେ । କିଛି ବର୍ଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିଲା ।

ଏକଦା ହରିଦ୍ୱାରରେ କୁମ୍ଭମେଳାର ଆୟୋଜନ ହେଲା । ତ୍ରିଗୁଣୀ ମାୟାର ଯେତେ ଉପାସକ ସନ୍ଥ ଥିଲେ ସମସ୍ତେ ଗଙ୍ଗାରେ ସ୍ନାନ କରିବା ପାଇଁ (ପୂଣ୍ୟ ଅର୍ଜନ ପାଇଁ) ହରିଦ୍ୱାରକୁ ପ୍ରସ୍ଥାନ କଲେ । ଏହି କାରଣରୁ ଭୋଜନ କରାଇବା ପାଇଁ କିଛିଦିନ ପର୍ଯ୍ୟନ୍ତ ରାଣୀଙ୍କୁ କୌଣସି ସନ୍ଥ ମିଳିଲେ ନାହିଁ । ପ୍ରତିଜ୍ଞା ବଶତଃ ରାଣୀ ଇନ୍ଦ୍ରମତୀ ସ୍ୱୟଂ ଭୋଜନ କଲେ ନାହିଁ । ଚତୁର୍ଥ ଦିନ ରାଣୀ ଇନ୍ଦ୍ରମତୀ ନିଜ ଚାକରାଣୀକୁ କହିଲେ, ଦାସୀ ! ଦେଖ ଆଜି କେହି ସନ୍ଥ ମିଳୁଛନ୍ତି କି ନାହିଁ, ନଚେତ୍ ତୋ ରାଣୀ ଆଉ ଜୀବିତ ରହିବ ନାହିଁ । ମୋ ପ୍ରାଣ ଚାଲିଗଲେ ବି ଆଜି ମୁଁ ଖାଦ୍ୟ ଗ୍ରହଣ କରିବି ନାହିଁ । ଦୀନବନ୍ଧୁ କବୀର ପରମେଶ୍ୱର ନିଜ ଭକ୍ତଙ୍କୁ ଶରଣକୁ ନେବା ପାଇଁ ଜଣା ନାହିଁ କେଉଁ କେଉଁ ଲୀଳା କରିଥାନ୍ତି ? ଦାସୀ କୋଠା ଉପରୁ ଦେଖିଲା ଯେ ଜଣେ ସନ୍ଥ ଆସୁଛନ୍ତି । ଦାସୀ ତଳକୁ ଆସି ରାଣୀକୁ କହିଲା ଯେ ଜଣେ ବ୍ୟକ୍ତି ଆସୁଛନ୍ତି ଯିଏ ଜଣେ ସାଧୁ ମହାତ୍ମା ଭଳି ଜଣାପଡୁଛନ୍ତି । ରାଣୀ କହିଲେ, ଶୀଘ୍ର ଯାଇ ତାଙ୍କୁ ଡାକି ଆଣ, ଦାସୀ ମହଲ ବାହାରକୁ ଯାଇ ପ୍ରାର୍ଥନା କରି କହିଲା, ହେ ମହାତ୍ମା ! ଆପଣଙ୍କୁ ଆମ ରାଣୀ ଆମନ୍ତ୍ରଣ କରିଛନ୍ତି । କରୁଣାମୟ ସାହେବ କହିଲେ, ରାଣୀ ମୋତେ କାହିଁକି ଆମନ୍ତ୍ରଣ କଲେ, ମୋର ରାଣୀଙ୍କ ସହିତ କି ସମ୍ପର୍କ ଅଛି ? ସାଧୁ ମହାତ୍ମାଙ୍କୁ ସମସ୍ତ କଥା ଦାସୀ କହିଲା । କରୁଣାମୟ (କବୀର ସାହେବ) କହିଲେ, ଯଦି ରାଣୀଙ୍କର ଆବଶ୍ୟକତା ଅଛି ତେବେ ସେ ଏଠାକୁ ଆସନ୍ତୁ, ମୁଁ ଏହିଠାରେ ଛିଡା ହୋଇଛି । ତୁ ଦାସୀ ଏବଂ ସେ ରାଣୀ । ମୁଁ ସେଠାକୁ ଯିବାପରେ ଯଦି ସେ କହିବେ ଯେ ତୋତେ କିଏ ଡାକିଥିଲା, ଅଥବା ତା ରାଜା ଯଦି କିଛି କହିଦେବ ତେବେ ବହୁତ ଅସୁବିଧା ହେବ, ପୁତ୍ରୀ ! ସନ୍ଥମାନଙ୍କର ଅନାଦର ବହୁତ ପାପଦାୟକ ହୋଇଥାଏ । ଦାସୀ ପୁଣି ଫେରିଯାଇ ରାଣୀକୁ ସମସ୍ତ କଥା କହିଲା । ଏହା ଶୁଣି ରାଣୀ କହିଲେ, ଦାସୀ ! ମୋ ହାତ ଧରି ସାଧୁଙ୍କ ନିକଟକୁ ନେଇଯାଅ । ରାଣୀ ସନ୍ଥଙ୍କ ନିକଟକୁ ଯାଇ ଦଣ୍ଡବତ ପ୍ରଣାମ କରି ପ୍ରାର୍ଥନା କଲେ ଏବଂ କହିଲେ, ହେ ପ୍ରଭୁ ! ଇଚ୍ଛା ହେଉଛି ଆପଣଙ୍କୁ କାନ୍ଧରେ ବସାଇ ନେଇଯିବା ପାଇଁ । କରୁଣାମୟ ସାହେବ କହିଲେ, ପୁତ୍ରୀ ! ମୁଁ ଏହା ଜାଣିବାକୁ ଚାହୁଁଥିଲି ଯେ ତୋ ମନରେ କିଞ୍ଚିତ ଶ୍ରଦ୍ଧା ଅଛି ନାଁ ତୁ ମିଛରେ ଉପାସ ଅଛୁ । ରାଣୀ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କଲେ । କରୁଣାମୟ ରୂପରେ ଆସିଥିବା କବିର୍ଦେବ କହିଲେ, ମୁଁ ଖାଦ୍ୟ ଖାଏ ନାହିଁ । ମୋର ଏହି ଶରୀର ଖାଦ୍ୟ ଆବଶ୍ୟକ କରେ ନାହିଁ । ଏହାଶୁଣି ରାଣୀ କହିଲେ, ମୁଁ ମଧ୍ୟ ଖାଦ୍ୟ ଗ୍ରହଣ କରିବି ନାହିଁ । କରୁଣାମୟ ସାହେବଜୀ କହିଲେ ଠିକ୍ ଅଛି ପୁତ୍ରୀ ! ଖାଦ୍ୟ ଆଣ ମୁଁ ଭୋଜନ କରିବି । କାରଣ ସାମର୍ଥ୍ୟବାନ ତାଙ୍କୁ ହିଁ କୁହାଯାଏ ଯିଏ ଯାହା ଚାହିଁବେ ତାହା କରିବେ । କରୁଣାମୟ ସାହେବ ଭୋଜନ କଲେ । କରୁଣାମୟ ରୂପରେ ପ୍ରକଟ କବିରଗ୍ନି (କବୀର ପରମେଶ୍ୱର) ରାଣୀଙ୍କୁ ପଚାରିଲେ, ତୁ ଏ ଯେଉଁ ସାଧନା କରୁଛୁ ତାହା ତୋତେ କିଏ କହିଛନ୍ତି ? ରାଣୀ କହିଲେ, ମୋ ଗୁରୁଦେବ ଆଦେଶ ଦେଇଛନ୍ତି । କବୀର ସାହେବ ପଚାରିଲେ, ତୋ ଗୁରୁଦେବ ତୋତେ କେଉଁ ଆଦେଶ ଦେଇଛନ୍ତି ? ଇନ୍ଦ୍ରମତୀ କହିଲେ, ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କ ପୂଜା, ଏକାଦଶୀ ବ୍ରତ, ତୀର୍ଥ ଭ୍ରମଣ, ଦେବୀ ପୂଜା, ଶ୍ରାଦ୍ଧ ଦେବା, ମନ୍ଦିରକୁ ଯିବା, ସନ୍ଥମାନଙ୍କର ସେବା କରିବା ଇତ୍ୟାଦି... । କରୁଣାମୟ (କବୀର) ସାହେବ କହିଲେ, ଯେଉଁ ସାଧନା ତୋତେ ତୋ ଗୁରୁଦେବ ବତାଇଛନ୍ତି ସେହି ସାଧନା ଦ୍ୱାରା ଜନ୍ମ-ମୃତ୍ୟୁ ଓ ସ୍ୱର୍ଗ-ନର୍କ ଚକ୍ରରେ ତୋତେ ସର୍ବଦା ରହିବାକୁ ପଡିବ ଏବଂ ଏହି ସାଧନା ତୋତେ ଚଉରାଶୀ ଲକ୍ଷ ଯୋନିର କଷ୍ଟରୁ ମୁକ୍ତି ଦେବନାହିଁ । ରାଣୀ କହିଲେ, ମହାରାଜଜୀ ! ପ୍ରତ୍ୟେକ ସନ୍ଥ ନିଜ ନିଜ ପ୍ରଭୁତା ବିଷୟରେ ହିଁ କହିଥାନ୍ତି । ମୋତେ ମୁକ୍ତି ମିଳୁ କି ନମିଳୁ କିନ୍ତୁ ମୋ ଗୁରୁଦେବଙ୍କ ବିଷୟରେ କିଛି ବି କୁହନ୍ତୁ ନାହିଁ ।

କରୁଣାମୟ(କବୀର ସାହେବ) ଭାବୁଥାନ୍ତି, ଏହି ସରଳ, ନିଷ୍କପଟ ଜୀବକୁ କିପରି ବୁଝାଇବି ? ଇଏ

ମରିବ ପଛେ ଯେଉଁ ଲାଞ୍ଜ ଧରିଛି ତାକୁ ଛାଡ଼ିବ ନାହିଁ । କରୁଣାମୟ ସାହେବ କହିଲେ, ପୁତ୍ରୀ ତୋର ଯାହା ଇଚ୍ଛା ତୁ ତାହା କର । ମୁଁ କାହାର ନିନ୍ଦା କରୁନାହିଁ । ତୁମ ଗୁରୁଦେବଙ୍କୁ ମୁଁ କ'ଣ ଗାଳି ଦେଇଛି ନା କୌଣସି ଖରାପ କଥା କହିଛି ? ମୁଁ ଭକ୍ତିମାର୍ଗ ବିଷୟରେ କହୁଛି, ତୋ ଭକ୍ତିମାର୍ଗ ଶାସ୍ତ୍ରବିରୁଦ୍ଧ ଅଟେ ଯାହା ତୋତେ ମୁକ୍ତି ଦେଇ ପାରିବ ନାହିଁ। ଏହି ସାଧନା ଦ୍ୱାରା ତୋର କୌଣସି କର୍ମଦଣ୍ଡ କଟିବ ନାହିଁ ଏବଂ ଶୁଣ, ଆଜିଠୁ ତିନିଦିନ ପରେ ତୋ'ର ମୃତ୍ୟୁ ହେବ । ନାଁ ତୋ ଗୁରୁ, ନାଁ ତୋର ଏହି ନକଲି ସାଧନା ତୋତେ ବଞ୍ଚାଇ ପାରିବ। (ଜୀବ ସହଜରେ କୌଣସି କଥାକୁ ସ୍ୱୀକାର କରି ନ ଥାଏ କିନ୍ତୁ ମରିବା ସମୟ ଆସିଲେ ଜୀବକୁ ଭୟ ଲାଗେ) ରାଣୀ ଚିନ୍ତା କଲା ଯେ ସନ୍ଥ କେବେ ମିଛ କୁହନ୍ତି ନାହିଁ । ଏଭଳି ଘଟଣା ନ ଘଟୁ, ତିନିଦିନ ପରେ ମୋର ମୃତ୍ୟୁ ହୋଇ ନଯାଉ । ଏହି ଭୟରେ ରାଣୀ, କରୁଣାମୟ ସାହେବଙ୍କୁ ପଚାରିଲେ, ମୋ ଜୀବନ କ'ଣ ରକ୍ଷା ହୋଇ ପାରିବ ? କରୁଣାମୟଜୀ କହିଲେ, ନିଶ୍ଚୟ ହୋଇ ପାରିବ ଯଦି ତୁ ମୋ ନିକଟରୁ ଉପଦେଶ ନେଇ ମୋର ଶିଷ୍ୟା ହେବୁ, ପୂର୍ବରୁ କରୁଥିବା ସମସ୍ତ ପୂଜା ଓ ସାଧନାକୁ ଯେତେବେଳେ ତୁ ପରିତ୍ୟାଗ କରିବୁ ସେତେବେଳେ ତୋ ଜୀବନ ବଞ୍ଚିଯିବ । ଇନ୍ଦ୍ରମତୀ କହିଲେ, ମୁଁ ଶୁଣିଛି ଯେ ଗୁରୁ ବଦଳାଇବା ଉଚିତ ନୁହେଁ, ଏହାଦ୍ୱାରା ପାପ ଲାଗିଥାଏ । କରୁଣାମୟଜୀ କହିଲେ, ନା ପୁତ୍ରୀ ଏହା ମଧ୍ୟ ଭୁଲ କାରଣ ଜଣେ ବୈଦ୍ୟଙ୍କ ଔଷଧରେ ଯଦି ରୋଗ ଭଲ ନ ହେଉଛି ତେବେ ଅନ୍ୟ ବୈଦ୍ୟଠାରୁ ଔଷଧ ଆଣିବା କି ନାହିଁ ? ଯେପରି ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବାବେଳେ ପୁଣି ଉଚ୍ଚଶ୍ରେଣୀ ପାଇଁ ଅନ୍ୟ ଜଣେ ଶିକ୍ଷକ ଥାଆନ୍ତି, ପୁତ୍ରୀ ! ଉପର ଶ୍ରେଣୀକୁ ଯିବାକୁ ପଡିବ । ଜୀବନ ସାରା କ'ଣ ସେହି ଗୋଟିଏ ଶ୍ରେଣୀରେ ପଢୁଥିବୁ । ଏହି ଶ୍ରେଣୀ ଛାଡିବାକୁ ପଡିବ । ଆଗକୁ ଯେଉଁ ପାଠ ଅଛି ଏବେ ତାହା ତୁ ପଢ଼, ମୁଁ ପଢ଼ାଇବା ପାଇଁ ଆସିଛି । ରାଣୀ ସହଜରେ ଏହି କଥାକୁ ସ୍ୱୀକାର କରିନଥାନ୍ତା କିନ୍ତୁ ମୃତ୍ୟୁ ସନ୍ନିକଟ ଥିଲା। ସନ୍ଥ କହୁଛନ୍ତି କାଳେ କଥା ବିଗିଡି ଯିବ ଏହି ବିଚାର କରି ଇନ୍ଦ୍ରମତୀ କହିଲେ, ଆପଣ ଯେଉଁଭଳି କହିବେ ମୁଁ ସେହିଭଳି ହିଁ କରିବି । କରୁଣାମୟ ସାହେବ ଇନ୍ଦ୍ରମତୀକୁ ଉପଦେଶ ଦେଇ କହିଲେ, ତୃତୀୟ ଦିନରେ କାଳ ମୋ ରୂପରେ ଆସିବ, ତା ସହିତ ତୁ କୌଣସି ବାର୍ତ୍ତାଳାପ କରିବୁ ନାହିଁ । ମୁଁ ଯେଉଁ ନାମ ଦେଇଛି ତାକୁ ଦୁଇ ମିନିଟ୍ ପର୍ଯ୍ୟନ୍ତ ଜପ କରିବୁ । ଦୁଇ ମିନିଟ୍ ପରେ ତାକୁ ଦେଖିବୁ, ତା'ପରେ ସତ୍କାର କରିବୁ । ଯଦି ଗୁରୁଦେବ ଆସିଥିବେ ତେବେ ଅତି ଶୀଘ୍ର ତାଙ୍କୁ ପ୍ରଣିପାତ କରିବୁ । ତୋ ପ୍ରତି ମୋର ଏହି ଆଦେଶ କେବଳ ଗୋଟିଏ ଥର ପାଇଁ । ରାଣୀ କହିଲେ ଠିକ୍ ଅଛି ପ୍ରଭୁ !

ଏବେ ରାଣୀର ଚିନ୍ତା ବଢିଗଲା ତଥାପି ଶ୍ରଦ୍ଧାର ସହିତ ଜପ କରୁଥାଏ । କରୁଣାମୟ ସାହେବଙ୍କ ରୂପ ଧାରଣ କରି ଗୁରୁ ରୂପରେ କାଳ ଆସିଲା, ଇନ୍ଦ୍ରମତୀ-ଇନ୍ଦ୍ରମତୀ ନାମଧରି ଡାକିଲା। ରାଣୀ ପ୍ରଥମରୁ ତ ଭୟଭୀତ ଥିଲେ, କାଳ ପ୍ରତି ଦୃଷ୍ଟି ନ ଦେଇ ନାମ ସ୍ମରଣ ଆରମ୍ଭ କରି ଦେଲେ । ଦୁଇ ମିନିଟ୍ ପରେ ଦେଖେ ତ କାଳର ରୂପ ବଦଳିଗଲା । ନିଜର ଅସଲ ଚେହେରା ବଦଳି ଯିବାର ଦେଖି କାଳ ଜାଣିଗଲା ଯେ ରାଣୀ ପାଖରେ କୌଣସି ଏକ ପ୍ରବଳ ଶକ୍ତିଯୁକ୍ତ ମନ୍ତ୍ର ଅଛି । ତୋତେ ମୁଁ ପରେ ଦେଖିବି, ଏହିକଥା କହି ଚାଲିଗଲା । ବର୍ତ୍ତମାନ ଜୀବନ ବଞ୍ଚିଗଲା ଜାଣି ରାଣୀ ବହୁତ ଖୁସି ହେଲେ, ତା ଖୁସିର ସୀମା ରହିଲା ନାହିଁ । ଖୁସିରେ ନିଜ ଚାକରାଣୀଙ୍କୁ ଡାକିଲେ ଏବଂ କହିଲେ, ମୋର ମୃତ୍ୟୁ ହେବାର ଥିଲା, ମୋ ଗୁରୁଦେବ ମୋତେ ବଞ୍ଚାଇ ଦେଲେ । ସେ ରାଜାଙ୍କ ପାଖକୁ ମଧ୍ୟ ଗଲେ ଏବଂ କହିଲେ ଯେ ଆଜି ମୋର ମୃତ୍ୟୁ ହେବାର ଥିଲା, ମୋ ଗୁରୁଦେବ ମୋତେ ବଞ୍ଚାଇ ଦେଲେ । କାଳ ମୋତେ ନେବା ପାଇଁ ଆସିଥିଲା । ରାଜା କହିଲେ, ତୁମେ ଏହିଭଳି ନାଟକ କରିଥାଅ । ଯଦି ପ୍ରକୃତରେ କାଳ ଆସିଥାନ୍ତା ତେବେ ତୁମକୁ କ'ଣ ଛାଡ଼ି ଦେଇଥାନ୍ତା ? ସନ୍ଥମାନେ ଏହିଭଳି ଭୂଆଁ ବୁଲାଇଥାନ୍ତି । ରାଜାଙ୍କ କଥାକୁ ରାଣୀ କେମିତି ବା ସ୍ୱିକାର କରିବେ, ଖୁସି ମନରେ ରାଣୀ ନିଜ କକ୍ଷକୁ ଯାଇ ଶୋଇ ପଡିଲେ । କିଛି ସମୟ ପରେ କାଳ ପୁଣି ସର୍ପରୂପ ଧାରଣ କରି ଆସିଲା ଏବଂ ରାଣୀଙ୍କୁ ଦଂଶନ କଲା । ସର୍ପ ଦଂଶନ ମାତ୍ରେ ହିଁ ରାଣୀ ଜାଣିପାରିଲେ । ରାଣୀ ଜୋର୍‌ରେ ଚିତ୍କାର କରି କହିଲେ, ମୋତେ ସାପ କାମୁଡିଦେଲା। ଚାକରମାନେ ଦୌଡ଼ି ଆସିଲେ । ସର୍ପ ସଙ୍ଗେ ସଙ୍ଗେ ପାଣି ନିଷ୍କାସନ ପାଇଁ ଥିବା ଛୋଟ ଛିଦ୍ର ଦେଇ ବାହାରକୁ ବାହାରି ଗଲା । ତା'ପରେ ନିଜ ଗୁରୁଦେବଙ୍କୁ ସ୍ମରଣ କରି ରାଣୀ ଅଚେତ୍ ହୋଇଗଲେ । କରୁଣାମୟ (କବୀର) ସାହେବ ତତ୍କ୍ଷଣାତ ସେଠାରେ ପ୍ରକଟ

ହୋଇଗଲେ । ଲୋକ ଦେଖାଣିଆ କିଛି ମନ୍ତ୍ର ବୋଲି ଇନ୍ଦ୍ରମତୀକୁ ଜୀବିତ କରିଦେଲେ (ବିନା ମନ୍ତ୍ରରେ ସେ କାହାକୁ ବି ଜୀବିତ କରିପାରନ୍ତି, କୌଣସି ଯନ୍ତ୍ର-ମନ୍ତ୍ରର ଆବଶ୍ୟକତା ନାହିଁ) । ଏହାପରେ ରାଣୀ ବହୁତ ଖୁସି ହେଲେ ଏବଂ କହିଲେ, ହେ ବନ୍ଦୀଛୋଡ଼! ଯଦି ଆଜି ମୁଁ ଆପଣଙ୍କ ଶରଣରେ ନଥାନ୍ତି ତେବେ ମୋର ନିଶ୍ଚୟ ମୃତ୍ୟୁ ହୋଇଥାନ୍ତା । କବୀର ପରମେଶ୍ୱର କହିଲେ! ଇନ୍ଦ୍ରମତୀ, ମୁଁ କାଳକୁ ତୋ ଘର ଭିତରକୁ ପଶିବାକୁ ଦେଇନଥାନ୍ତି । କାଳ ତୋ ଉପରେ କୌଣସି ପ୍ରକାରର ଆକ୍ରମଣ ମଧ୍ୟ କରିନଥାନ୍ତା । ପରନ୍ତୁ ତୋର ବିଶ୍ୱାସ ହୋଇନଥାନ୍ତା । ତୁ ଏହା ଭାବିଥାନ୍ତୁ ଯେ ମୋ ଉପରକୁ କୌଣସି ବିପଦ ଆସିବାର ହିଁ ନ ଥିଲା । ଗୁରୁଜୀ ମୋତେ ଭୂଆଁ ବୁଲେଇ ନାମଦୀକ୍ଷା ଦେଲେ । ଏଥିପାଇଁ ତୋତେ ଏକ ଛୋଟ ବିପଦର ନମୁନା ଦେଖାଇଲି । ନଚେତ୍ ତୋର ବିଶ୍ୱାସ ଦୃଢ଼ ହୋଇନଥାନ୍ତା ।

ଧର୍ମଦାସ ଯହାଁ ଘନା ଅନ୍ଧେରା, ବିନ ପରଚୟ ଜୀବ ଜମ କା ଚେରା ॥

କବୀର ସାହେବ (କରୁଣାମୟ) କହିଲେ, ଏବେ ଯେତେବେଳେ ମୁଁ ଚାହିଁବି ତୋର ମୃତ୍ୟୁ ସେତେବେଳେ ହିଁ ହେବ । ଗରୀବ ଦାସଜୀ କହିଛନ୍ତି ଯେ :-

ଗରୀବ, କାଳ ଡରୈ କରତାର ସେ, ଜୟ ଜୟ ଜୟ ଜଗଦୀଶ ।
ଜୌରା ଜୌରୀ ଝାଡ଼ତୀ, ପଗ ରଜ ଡାରେ ଶୀଶ ॥

ଏହି କାଳ, କବୀର ଭଗବାନଙ୍କୁ ମଧ୍ୟ ଭୟ କରେ ଏବଂ ଏହି ମୃତ୍ୟୁ କବୀର ସାହେବଙ୍କ ଜୋତା ସଫା କରେ ଅର୍ଥାତ୍ ତାଙ୍କର ଚାକର ତୁଲ୍ୟ । ପୁଣି ସେହି ଧୂଳିକୁ ନିଜ ମୁଣ୍ଡରେ ଲଗାଇ କହିଥାଏ ଯେ ଆପଣଙ୍କ ଭକ୍ତ ପାଖକୁ ମୁଁ ଯିବି ନାହିଁ ।

ଗରୀବ, କାଳ ଜୋ ପୀସୈ ପୀସନା, ଜୌରା ହୈ ପନିହାର ।
ୟେ ଦୋ ଅସଲ ମଜୁର ହୈଁ, ମେରେ ସାହେବ କେ ଦରବାର ॥

ଏହି କାଳ ଯିଏ ଏକୋଇଶି ବ୍ରହ୍ମାଣ୍ଡର ଭଗବାନ (ବ୍ରହ୍ମ) ସେ ବ୍ରହ୍ମା, ବିଷ୍ଣୁ, ମହେଶଙ୍କର ପିତା ଅଟେ । ସେମାନେ ତ ମୋ କବୀର ସାହେବଙ୍କର ଅଟା ପେଷନ୍ତି ଅର୍ଥାତ୍ ବଡ଼ ଚାକର ଅଟନ୍ତି ଏବଂ ମୃତ୍ୟୁ ମୋ କବୀର ପରମେଶ୍ୱରଙ୍କର ପାଣି ଭରିଥାଏ ଅର୍ଥାତ୍ ଏକ ବିଶେଷ ଚାକରାଣୀ ଅଟେ । ଏହି ଦୁହେଁ ମୋ କବୀର ପରମେଶ୍ୱରଙ୍କ ଦରବାରର ବାସ୍ତବରେ ଦିନ ମଜୁରିଆ ଅଟନ୍ତି । କିଛିଦିନ ପରେ ସାହେବ ପୁଣି ଆସି ରାଣୀ ଇନ୍ଦ୍ରମତୀକୁ ସତ୍ୟନାମ ପ୍ରଦାନ କଲେ ।

ପୁଣି କିଛିଦିନ ଉପରାନ୍ତେ କରୁଣାମୟ ସାହେବ ରାଣୀ ଇନ୍ଦ୍ରମତୀର ଅତି ଦୃଢ ନିଷ୍ଠା ଓ ଶ୍ରଦ୍ଧା ଦେଖି ସାରନାମ ପ୍ରଦାନ କଲେ । ଶବ୍ଦ ଉପଲବ୍ଧ କରାଇଲେ । କବୀର ପରମେଶ୍ୱର, ରାଣୀ ଇନ୍ଦ୍ରମତିକୁ ସମୟ-ସମୟରେ ଦର୍ଶନ ଦେବା ପାଇଁ ଯେତେବେଳେ ଯାଉଥିଲେ ସେତେବେଳେ ଇନ୍ଦ୍ରମତୀ ପ୍ରାର୍ଥନା କରୁଥିଲେ ଯେ ମୋ ପତି ରାଜାଙ୍କୁ ଟିକେ ଜ୍ଞାନ ବୁଝାନ୍ତୁ, ହେ ପ୍ରଭୁ! ସେ ଜ୍ଞାନ ସ୍ୱୀକାର କରି ଆପଣଙ୍କ ଚରଣାଶ୍ରିତ ହୋଇଗଲେ ମୋ ଜୀବନ ସଫଳ ହୋଇଯିବ । ଚନ୍ଦ୍ରବିଜୟଙ୍କୁ କବୀର ସାହେବ ପ୍ରାର୍ଥନା କରି କହିଲେ, ଚନ୍ଦ୍ରବିଜୟ! ଆପଣ ମଧ୍ୟ ନାମଦୀକ୍ଷା ନିଅନ୍ତୁ । ଏହି ରାଜକୀୟ ସୁଖ ଓ ଆଡମ୍ବର ଅଢ଼େଇ ଦିନର । ଏହା ପରେ ପ୍ରାଣୀ ଚଉରାଶୀ ଲକ୍ଷ ଯୋନୀକୁ  ଚାଲିଯିବ । ଚନ୍ଦ୍ରବିଜୟ କହିଲେ, ଭଗବାନ! ମୁଁ କଦାପି ନାମ ନେବି ନାହିଁ ଏବଂ ଆପଣଙ୍କ ଶିଷ୍ୟାକୁ ମଧ୍ୟ ବାରଣ କରିବି ନାହିଁ । ମୁଁ ତାଙ୍କୁ କହିଛି, ନିଜ ଇଚ୍ଛା ଅନୁସାରେ ତୁମେ ଧନରତ୍ନ ଅଳଙ୍କାର ଦାନ କରିପାରିବ, ନିଜ ଇଚ୍ଛା ଅନୁସାରେ ସତସଙ୍ଗ ଆୟୋଜନ କରିପାରବ, ମୁଁ ମନା କରିବି ନାହିଁ । କବୀର ସାହେବ(କରୁଣାମୟ) ପଚାରିଲେ, ଆପଣ ନାମ (ଦୀକ୍ଷା) କାହିଁକି ନେବେ ନାହିଁ ? ରାଜା କହିଲେ ଯେ ନିମନ୍ତ୍ରଣ ରକ୍ଷା କରି ମୋତେ ଅନ୍ୟ ବଡ଼ ରାଜାମାନଙ୍କର ଭୋଜନ-ଭଣ୍ଡାରାକୁ ଯିବାକୁ ପଡ଼ିଥାଏ । କରୁଣାମୟ ସାହେବ କହିଲେ, ନିମନ୍ତ୍ରିତ ହୋଇ ଭୋଜନ-ଭଣ୍ଡାରାକୁ ଯିବାରେ ନାମଦୀକ୍ଷା କ'ଣ ବାଧା ସୃଷ୍ଟି କରିବ ? ସଭା ସମିତିକୁ ଯାଇ ସେଠାରେ କାଜୁ ଖାଅ, ଦୁଗ୍ଧପାନ କର, ଫଳରସ ପାନକର କିନ୍ତୁ ମଦିରା ପାନ କରନାହିଁ । ମଦ୍ୟପାନ କରିବା ମହାପାପ ଅଟେ । ପରନ୍ତୁ ରାଜା ସ୍ୱୀକାର କଲେ ନାହିଁ ।

ରାଣୀ ପୁନର୍ବାର ପ୍ରାର୍ଥନା କରିବାରୁ କରୁଣାମୟ ସାହେବ, ରାଜାକୁ ପୁନର୍ବାର ବୁଝାଇ କହିଲେ କି

ନାମଦୀକ୍ଷା ବିନା ଏହି ଜୀବନ ବିନା କାରଣରେ ବ୍ୟର୍ଥ ହୋଇଯିବ । ଆପଣ ନାମଦୀକ୍ଷା ନିଅନ୍ତୁ । ରାଜା ପୁଣି କହିଲା, ଗୁରୁଜୀ ମୋତେ ନାମ ନେବା ପାଇଁ ଆଦୌ କୁହନ୍ତୁ ନାହିଁ। ଆପଣଙ୍କ ଶିଷ୍ୟାକୁ ମୁଁ ବାରଣ କରିବି ନାହିଁ, ସେ ତାଙ୍କ ଇଚ୍ଛା ଅନୁସାରେ ଯେତେ ଦାନ କରନ୍ତୁ, ଯେତେ ସତସଙ୍ଗ କରନ୍ତୁ, ମୁଁ କୌଣସି କାର୍ଯ୍ୟରେ ବାଧ ଦେବି ନାହିଁ । ଭଗବାନ କହିଲେ, ପୁତ୍ରୀ ! ଏହି କ୍ଷଣୀକ ସୁଖକୁ ଦେଖି ଏହାର ବୁଦ୍ଧି ଭ୍ରଷ୍ଟ ହୋଇଯାଇଛି । ତୁ ନିଷ୍ଠାର ସହିତ ପ୍ରଭୁଙ୍କ ଚରଣରେ ଭକ୍ତି କରି ନିଜ ଆତ୍ମକଲ୍ୟାଣ କର । ଏହି ମୃତ୍ୟୁଲୋକରେ କେହି କାହାରି ପତି ନୁହଁନ୍ତି, କେହି କାହାର ପତ୍ନୀ ନୁହଁନ୍ତି । ପୂର୍ବଜନ୍ମର ସଂସ୍କାର ଅନୁସାରେ ଏହି ସମ୍ପର୍କ କେବଳ ଦୁଇଦିନିଆ । ପୁତ୍ରୀ ! ତୁ ନିଜ କର୍ମରେ ମନନିବେଶ କର । ଏବେ ଇନ୍ଦ୍ରମତୀ ଅଶୀ (୮୦) ବର୍ଷର ବୁଢ଼ୀ ହୋଇଯାଇଛି, ଚାଳିଶ ବର୍ଷ ବୟସରେ ତାର ମୃତ୍ୟୁ ହେବାର ଥିଲା । ବୃଦ୍ଧାବସ୍ଥାରେ ଯେତେବେଳେ ଶରୀର ଥରିବାକୁ ଲାଗିଲା ସେତେବେଳେ କରୁଣାମୟ ସାହେବ ପଚାରିଲେ, କହ ଇନ୍ଦ୍ରମତୀ, ଏବେ ତୁ କ'ଣ ଚାହୁଁଛୁ ? ସତ୍ୟଲୋକ ଯିବା ପାଇଁ ଚାହୁଁଛୁ କି ? ଇନ୍ଦ୍ରମତୀ କହିଲା, ହେ ! ପରମେଶ୍ୱର ମୁଁ ପ୍ରସ୍ତୁତ ଅଛି ଦାତା ! ମୁଁ ଏକ୍‌ଦମ୍ ପ୍ରସ୍ତୁତ ଅଛି । କରୁଣାମୟ ସାହେବ କହିଲେ, ନାତି- ନାତୁଣୀଙ୍କ ପାଖରେ ତୋର ଆଦୌ ମମତା ନାହିଁ ତ ? ରାଣୀ କହିଲ, ଆଦୌ ନାହିଁ ପରମେଶ୍ୱର । ଆପଣ ଏଭଳି ନିର୍ମଳ ଜ୍ଞାନ ମୋତେ ଦେଇଛନ୍ତି ଯେ ଏହି ଅପରିଷ୍କାର ମର୍ତ୍ତ୍ୟଲୋକରେ ଆଉ କେଉଁ ଇଚ୍ଛା ରଖିବି ? କବୀର ପରମେଶ୍ୱରଜୀ କହିଲେ, ପୁତ୍ରୀ ! ମୋ ସହିତ ସତ୍ୟଲୋକକୁ ଚାଲ । ରାଣୀ ପ୍ରାଣତ୍ୟାଗ କଲେ । ପରମେଶ୍ୱର କରୁଣାମୟ (ବନ୍ଦୀଛୋଡ଼) ରାଣୀ ଇନ୍ଦ୍ରମତୀର ଆତ୍ମାକୁ ଉପରକୁ ନେଇଗଲେ । ଏହି ବ୍ରହ୍ମାଣ୍ଡରେ ଏକ ମାନସରୋବର ଅଛି । ସତ୍ୟଲୋକକୁ ଯିବା ପାଇଁ ଯୋଗ୍ୟ ଆତ୍ମାମାନଙ୍କୁ ସେହି ମାନସରୋବରରେ ସ୍ନାନ କରିବାକୁ ପଡ଼ିଥାଏ । କବୀର ପରମେଶ୍ୱର ପୂର୍ଣ୍ଣଗୁରୁଙ୍କ ସ୍ୱରୂପରେ ପ୍ରକଟ ହୋଇ ସେହି ପ୍ରାଣୀକୁ ମାନୋସରୋବରରେ କିଛି ସମୟ ପର୍ଯ୍ୟନ୍ତ ରଖିଥାନ୍ତି । ପରମେଶ୍ୱର କବୀର ବନ୍ଦୀଛୋଡ଼ ଇନ୍ଦ୍ରମତୀକୁ ପୁଣି ପଚାରିଲେ, ଏହି ସଂସାରରେ କିଛି ଇଚ୍ଛା ଯଦି ତୋର ବାକି ଅଛି ତେବେ ଦ୍ୱିତୀୟଥର ତୋତେ ଜନ୍ମ ନେବା ପାଇଁ ପଡିବ । ଯଦି ମନରେ କୌଣସି ଅଭିଳାସ ରହି ଯାଇଥିବ ତେବେ ସତ୍ୟଲୋକ ଯାଇପାରିବୁ ନାହିଁ। ଇନ୍ଦ୍ରମତୀ କହିଲା, ଭଗବାନ ! ଆପଣ ତ ଅନ୍ତର୍ଯ୍ୟାମୀ, ମୋର ଆଉ କୌଣସି ଇଚ୍ଛା ନାହିଁ, କେବଳ ଆପଣଙ୍କ ଚରଣରେ ରହିବା ହିଁ ମୋର ଇଚ୍ଛା । କିନ୍ତୁ ମନରେ ଶଙ୍କା ଅଛି ଯେ ମୋ ପତି ମୋତେ କେବେ କୌଣସି ଧାର୍ମିକ କର୍ମ କରିବା ପାଇଁ ବାରଣ କରିନାହାଁନ୍ତି । ଆଜିକାଲିର ପତିମାନେ ନିଜ ପତ୍ନୀମାନଙ୍କୁ କେତେ ଯେ କଷ୍ଟ ଦେଇଥାନ୍ତି । ଯଦି ସେ ମୋତେ ମନା କରି ଦେଇଥାନ୍ତେ ତେବେ ମୁଁ ଆପଣଙ୍କ ଚରଣକୁ ଆସି ପାରିନଥାନ୍ତି ତଥା ମୋର କଲ୍ୟାଣ ହୋଇ ପାରିନଥାନ୍ତା । ଯଦି ଏହି ଶୁଭକର୍ମରେ ସହଯୋଗ କରିବାର କିଛି ଲାଭ ପାଇବା ପାଇଁ ସେ ଯୋଗ୍ୟ, ତେବେ ତାଙ୍କ ଉପରେ ମଧ୍ୟ ଦୟା କରନ୍ତୁ ଦାତା ! ପରମେଶ୍ୱର କବୀରଜୀ ଦେଖିଲେ, ଏହି ନିରୀହ ସରଳ ଆତ୍ମା ରାଜା ପଛରେ ପଡିଯାଇଛି । ସାହେବ କହିଲେ ଠିକ୍ ଅଛି ପୁତ୍ରୀ ! ଏବେ ତୁ ଦୁଇ ଚାରିବର୍ଷ ପାଇଁ ଏଠାରେ ରହ ।

ଦୁଇବର୍ଷ ପରେ ରାଜାର ମଧ୍ୟ ମୃତ୍ୟୁ ହେଲା। କାରଣ ସେ ପ୍ରଭୁଙ୍କଠାରୁ ନାମ ଉପଦେଶ ନେଇ ନଥିଲା । ମୃତ୍ୟୁ ସମୟରେ ଯମଦୂତ ଆସି ପହଞ୍ଚିବାରୁ ରାଜାଙ୍କ ମୁଣ୍ଡ ବୁଲାଇ ତଳେ ପଡ଼ିଗଲେ । ଯମଦୂତମାନେ ରାଜାଙ୍କ ଗଳାକୁ ଚିପି ଦେଲେ । ରାଜାର ମଳମୂତ୍ର ବାହାରି ପଡିଲା । କରୁଣାମୟ (କବୀର ସାହେବ) ରାଣୀକୁ କହିଲେ, ଦେଖ ତୋ ରାଜାର କିଭଳି ଅବସ୍ଥା ହେଉଛି। କବିରଜୀ ସେହି ମାନସରୋବର ନିକଟରୁ ରାଣୀକୁ ଏହି ଦୃଶ୍ୟ ଦେଖାଇଲେ । ଏହି ସମସ୍ତ ଘଟଣା ଦେଖି ରାଣୀ କହିଲେ, ହେ ଦାତା ! ଯଦି ଭକ୍ତିରେ ସହଯୋଗର କିଛି ଫଳ ମିଳିବାର ଅଛି ତେବେ ତାଙ୍କୁ ଦୟା କରନ୍ତୁ । ତଥାପି ରାଣୀର ରାଜା ପ୍ରତି କିଛି ମମତା ରହିଥାଏ । ସାହେବ କବୀର (କରୁଣାମୟ) ଚିନ୍ତା କଲେ ଯେ ରାଣୀ ପୁଣି କାଳଜାଲରେ ଫସିଯିବ । ତେଣୁ ସେ ମାନସରୋବରରୁ ରାଜାଙ୍କ ମହଲକୁ ଗଲେ ଯେଉଁଠାରେ ରାଜା ଚନ୍ଦ୍ରବିଜୟ ଅଚେତ ଅବସ୍ଥାରେ ପଡିଥିଲେ । ଯମଦୂତ ରାଜାଙ୍କର ଶ୍ୱାସରୁଦ୍ଧ କରୁଥିବା ସମୟରେ କବୀର ସାହେବ ସେହି ସ୍ଥାନରେ ପହଞ୍ଚିଲେ। ଯମଦୂତମାନେ ଆକାଶକୁ ଏପରି ଉଡିଗଲେ ଯେପରି ଶାଗୁଣାମାନେ ମୁର୍ଦ୍ଦାରକୁ ଛାଡ଼ି ଉଡ଼ି ଯାଇଥାନ୍ତି । ରାଜା ଚନ୍ଦ୍ରବିଜୟକଙ୍କର ଚେତା ଫେରିଲା । ସମ୍ମୁଖରେ

କରୁଣାମୟ ସାହେବ ଦଣ୍ଡାୟମାନ ଥିଲେ । କେବଳ ଚନ୍ଦ୍ରବିଜୟ ତାଙ୍କୁ ଦେଖି ପାରୁଥିଲେ । ଅନ୍ୟମାନଙ୍କୁ ସେ ଦୃଶ୍ୟମାନ ହେଉନଥିଲେ । ଚନ୍ଦ୍ରବିଜୟ ପରମେଶ୍ୱରଙ୍କ ଚରଣରେ ପଡ଼ି କ୍ଷମାଯାଚନା କରି କହିଲେ, ପ୍ରଭୁ! ମୋତେ କ୍ଷମା କରିଦିଅନ୍ତୁ, ମୋ ଜୀବନ ବଞ୍ଚାନ୍ତୁ । କାରଣ ସେ ଦେଖିଲା ଯେ ଜୀବନ ଯିବା ସୁନିଶ୍ଚିତ (ଯେତେବେଳେ ଜୀବର ଜ୍ଞାନନେତ୍ର ଖୋଲିଯାଏ ସେତେବେଳେ ସେ ଜାଣିପାରେ ଯେ ଏବେ ପରିସ୍ଥିତି ଅଣାୟତ)। ମୋତେ କ୍ଷମା କରିଦିଅନ୍ତୁ ଦାତା! ମୋ ଜୀବନ ବଞ୍ଚାଇ ଦିଅନ୍ତୁ ପ୍ରଭୁ! କବୀର ସାହେବ କହିଲେ, ରାଜା! ସେଦିନ ଯେଉଁ ସର୍ତ୍ତଥିଲା, ଆଜି ମଧ୍ୟ ସେହି ସର୍ତ୍ତ ଯେ ଉପଦେଶ ନେବାକୁ ପଡିବ । ରାଜା କହିଲେ, ପ୍ରଭୁ! ମୁଁ ବର୍ତ୍ତମାନ ନାମଦୀକ୍ଷା ଗ୍ରହଣ କରିବି। କବୀର ସାହେବ ନାମ ଉପଦେଶ ଦେଇ କହିଲେ ଯେ ବର୍ତ୍ତମାନ ମୁଁ ତୋର ପରମାୟୁ ଦୁଇବର୍ଷ ବଢାଇ ଦେବି । ଏହାପରେ ଯଦି ଗୋଟିଏ ବି ନିଶ୍ୱାସ ବ୍ୟର୍ଥ ଯିବ ତେବେ ପୁନର୍ବାର କର୍ମଦଣ୍ଡ ଭୋଗିବାକୁ ପଡିବ।

କବୀର, ଜୀବନ ତୋ ଥୋଡା ଭଲା, ଜୈ ସତ ସୁମରଣ ହୋ ।
ଲାଖ ବର୍ଷ କା ଜୀବନା, ଲେଖେ ଧରେ ନା କୋ ॥

ଶୁଭକର୍ମରେ ସହଯୋଗ ଦେଇଥିବା ସହିତ ପୂର୍ବଜନ୍ମର କର୍ମଫଳ, ଏହା ସହିତ ଶ୍ରଦ୍ଧାରେ ଜପିଥିବା ଦୁଇବର୍ଷର ନାମ ସୁମିରଣର ଫଳ ତଥା ତିନି ନାମ ପ୍ରଦାନ କରି କବୀର ସାହେବ ଚନ୍ଦ୍ରବିଜୟକୁ ମଧ୍ୟ ପାର କଲେ । ବୋଲୋ (କବୀର ପରମେଶ୍ୱର) କବିର୍ଦେବଙ୍କ ଜୟ । "ଜୟ ବନ୍ଦୀଛୋଡ଼ ଜୟ ବନ୍ଦୀ ମୁକ୍ତିଦାତା" ।

ପରମେଶ୍ୱର କବୀରଜୀ ଦୃଢ଼ ଭକ୍ତମାନଙ୍କର ପରମାୟୁ ବଢ଼ାଇ ଦିଅନ୍ତି ତଥା ସେମାନଙ୍କ ପରିବାରର ମଧ୍ୟ ରକ୍ଷା କରନ୍ତି, ଉପରୋକ୍ତ ବିବରଣୀରୁ ଏହା ପ୍ରମାଣିତ ହେଲା । ଏହି ପ୍ରମାଣ ବହୁତ ପୂର୍ବର ଅଟେ । ବର୍ତ୍ତମାନ ସମୟର ସାଧାରଣ ବ୍ୟକ୍ତି ଏହି କଥାକୁ ବିଶ୍ୱାସ କରୁନାହାଁନ୍ତି । ପୂଜ୍ୟ କବୀର ପରମେଶ୍ୱରଙ୍କ ଶକ୍ତି ବଳରେ ବର୍ତ୍ତମାନ ସମୟରେ ଏହି ଦାସ (ମୋ) ଦ୍ୱାରା ହୋଇଥିବା କଷ୍ଟ ନିବାରଣ ତଥା ଆୟୁ ବୃଦ୍ଧିର ଅନେକ ପ୍ରମାଣ ପଢ଼ନ୍ତୁ ଏହି ପୁସ୍ତକର "ପରମେଶ୍ୱର କା ସାର ସନ୍ଦେଶ" ବିଷୟରେ ।

## "ପବିତ୍ର ପୁରାଣଗୁଡିକର ରହସ୍ୟ"

ପୁରାଣଗୁଡ଼ିକୁ ବୁଝିବା ପାଇଁ କୃପାକରି ଧ୍ୟାନ ରହିବା ଉଚିତ ଯେ ଶ୍ରୀ ବ୍ରହ୍ମା ପୁରାଣ, ଶ୍ରୀ ବିଷ୍ଣୁ ପୁରାଣ ଓ ଶ୍ରୀ ଶିବ ପୁରାଣ ଆଦି ବ୍ରହ୍ମଙ୍କ ଲୀଳାରୁ ହିଁ ପ୍ରାରମ୍ଭ ହୋଇଛି ଯାହାଙ୍କୁ ଗୀତା ଅଧ୍ୟାୟ ୭ ର ଶ୍ଳୋକ ୨୫ ରେ ଅବ୍ୟକ୍ତ କୁହାଯାଇଛି । ଯିଏ ଗୀତା ଅଧ୍ୟାୟ ୧୧ ର ଶ୍ଳୋକ ୩୨ ରେ କହୁଛନ୍ତି ଯେ "ମୁଁ କାଳ ଅଟେ" । ତାଙ୍କୁ କ୍ଷରପୁରୁଷ ବା ଜ୍ୟୋତି ନିରଞ୍ଜନ ମଧ୍ୟ କୁହାଯାଇଥାଏ, ତାଙ୍କୁ ସଦାଶିବ, କାଳରୂପୀ ବ୍ରହ୍ମ ମଧ୍ୟ କୁହାଯାଇଥାଏ । ଏହି ବ୍ରହ୍ମାଣ୍ଡରେ ଗୋଟିଏ ବ୍ରହ୍ମଲୋକ ରଚନା କରି ସେହି ଲୋକର ଉପର ଭାଗରେ ରୁହନ୍ତି ।

ତାଙ୍କୁ ମହାବିଷ୍ଣୁ, ମହାବ୍ରହ୍ମା ଓ ମହାଶିବ ତଥା ସେହି କ୍ଷେତ୍ରକୁ କାଶୀ ମଧ୍ୟ କୁହାଯାଏ । ସେହି କ୍ଷେତ୍ରରେ ରଜଗୁଣ ପ୍ରଧାନ, ସତ୍ତ୍ୱଗୁଣ ପ୍ରଧାନ ଓ ତମଗୁଣ ପ୍ରଧାନ ନାମରେ ତିନୋଟି ସ୍ଥାନ ଗଠନ କରି ନିଜ ପତ୍ନୀ ଦୁର୍ଗା (ମହାଲକ୍ଷ୍ମୀ)ଙ୍କୁ ସାଥିରେ ରଖି ତିନିପୁତ୍ର ରଜଗୁଣ ଶ୍ରୀ ବ୍ରହ୍ମାଜୀ, ସତ୍ତ୍ୱଗୁଣ ଶ୍ରୀ ବିଷ୍ଣୁଜୀ, ତମଗୁଣ ଶ୍ରୀ ଶିବଜୀଙ୍କର ଉତ୍ପତ୍ତି କରି କିଶୋର ଅବସ୍ଥାରେ ସେମାନଙ୍କୁ ଅଚେତ କରିଦିଅନ୍ତି । ଅଚେତ ଅବସ୍ଥାରେ ସେହି ପୁତ୍ରମାନଙ୍କର ଲାଳନ ପାଳନ, ରକ୍ଷଣା ବେକ୍ଷଣ କରିଥାନ୍ତି । ଯୁବକ ହେବା ପରେ ଶ୍ରୀ ବ୍ରହ୍ମାଙ୍କୁ ପଦ୍ମ ଫୁଲ ଉପରେ, ଶ୍ରୀ ବିଷ୍ଣୁଙ୍କୁ ଶେଷନାଗ ଉପରେ ଓ ଶ୍ରୀ ଶିବଙ୍କୁ କୈଳାସ ପର୍ବତରେ ଅବସ୍ଥାପିତ କରି ସଚେତ କରିଦିଅନ୍ତି । ଏହି ତିନିପ୍ରଭୁଙ୍କୁ ଜଣା ନାହିଁ ଯେ ସେମାନଙ୍କର ଉତ୍ପତ୍ତିକର୍ତ୍ତା କିଏ ଅଟନ୍ତି ? ଏହି କାଳରୂପୀ ବ୍ରହ୍ମ ବିଷ୍ଣୁରୂପ ଧାରଣ କରି ନିଜ ନାଭିରୁ ପଦ୍ମ ଉତ୍ପନ୍ନ କରି ତା ଉପରେ ଶ୍ରୀ ବ୍ରହ୍ମାଙ୍କୁ ରଖି ସଚେତ କରିଦିଅନ୍ତି । ନିଜ ଇଚ୍ଛାଅନୁସାରେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ରୂପ ଧାରଣ କରି ଦୃଶ୍ୟମାନ ହୋଇଥାନ୍ତି । ଶ୍ରୀମଭଗବତ୍ ଗୀତା ଜ୍ଞାନ ଦେବା ସମୟରେ ଏହି କାଳ ନିଜର ଯେଁଉ ବାସ୍ତବିକ ରୂପ ଅର୍ଜୁନକୁ ଦେଖାଇଥିଲେ, ସେହି ରୂପରେ ସେ କଦାପି ପ୍ରକଟ ହୁଅନ୍ତି ନାହିଁ । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୦ ଓ ୧୧ ରେ ଅଛି । ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୧୧ ର ଶ୍ଳୋକ ୪୭-୪୮ ରେ କହିଛନ୍ତି ଯେ ହେ ଅର୍ଜୁନ! ମୋର ଏହି ବାସ୍ତବିକ କାଳ ରୂପକୁ ତୋ ଅତିରିକ୍ତ ନା ପ୍ରଥମେ କେହି ଦେଖିଥିଲା

ନା ଆଗକୁ କେହି ଦେଖିପାରିବ । ତୁମ ଉପରେ ଅନୁଗ୍ରହ କରି ମୁଁ ଏହି ରୂପ ଦେଖାଇଛି । ମୋର (ବ୍ରହ୍ମ) ର ଏକ ହଜାର ହସ୍ତ ଓ ନେତ୍ର ବିଶିଷ୍ଟ କାଳରୂପ ବେଦ ବର୍ଣ୍ଣିତ ବିଧି ଯେପରି ଯଜ୍ଞ, ଓମ୍ ନାମର ଜପ ଦ୍ୱାରା କେବେ ମଧ୍ୟ ଦେଖା ଯାଇପାରିବ ନାହିଁ । ଭାବାର୍ଥ ଏହା ଯେ ବେଦ ବର୍ଣ୍ଣିତ ବିଧିରେ ପ୍ରଭୁ ପ୍ରାପ୍ତି ହେବ ନାହିଁ । ଏଥିପାଇଁ ଋଷି ଓ ମହର୍ଷିଗଣ ବେଦରେ ଥିବା ଓମ୍ ନାମକୁ ପ୍ରଭୁପ୍ରାପ୍ତିର ମାର୍ଗ ଜାଣି ପ୍ରଭୁପ୍ରାପ୍ତି ପାଇଁ ଯଜ୍ଞ ଓ ଓମ୍ ନାମ ଜପର ଘୋର ସାଧନା କଲେ ପରନ୍ତୁ "ବ୍ରହ୍ମ"ଙ୍କର ଦର୍ଶନ ହେଲା ନାହିଁ । କେହି କମଳଗୁଡିକର ପ୍ରକାଶ ଦେଖି ପ୍ରସନ୍ନ ହେଲା ତ କେହି ଶରୀର ମଧ୍ୟରେ ଜ୍ୟୋତି ଦେଖିଲା ଓ ଧ୍ୱନୀ ଶୁଣିଲା, ଯାହା କାଳ(ବ୍ରହ୍ମ) ର ଛଳନା ଅଟେ । କେହି କେହି ସାଧକ ସହସ୍ର କମଳର ଏକ ହଜାର ଜ୍ୟୋତିରୁ ବାହାରୁଥିବା ପ୍ରକାଶକୁ ଦେଖି ପ୍ରଭୁ ପ୍ରାପ୍ତି ହୋଇଗଲା ବୋଲି ମାନିନେଲା । ଯେପରି କୌଣସି ସ୍ଥାନରେ ଗୋଟିଏ ପ୍ରକାର ରଙ୍ଗର ଏକ ହଜାର ବଲ୍‌ବ୍‌କୁ ପାଖାପାଖି ସଜାଇ ଗୋଲାକାର ଭାବେ ରଖି ଜଳା ଯାଇଥାଏ । ଦୂରରୁ ଦେଖୁଥିବା ବ୍ୟକ୍ତିକୁ ଗୋଟିଏ ପ୍ରକାଶ ସମୂହ ଦେଖା ଯାଇଥାଏ କିନ୍ତୁ ଅତି ନିକଟକୁ ଯିବା ପରେ ଜଣା ପଡିଥାଏ ଯେ ତାହା ଅନେକ ବଲ୍‌ବର ଆଲୋକ ।

ଏହି ପ୍ରକାରେ କିଛି ସାଧକ ହଠଯୋଗ (କଠିନ ଶାରୀରିକ ଯୋଗ) କରି ଶରୀର ମଧ୍ୟରେ ଅନ୍ତର୍ମୁଖୀ ହୋଇ କିଛି ରଙ୍ଗବେରଙ୍ଗି ବାଣର ପ୍ରକାଶକୁ ଦେଖି ପ୍ରଭୁପ୍ରାପ୍ତି ହୋଇଗଲା ବୋଲି ମାନିନିଅନ୍ତି । ସେହି କାଳଜାଲକୁ ଆନନ୍ଦର ଉତ୍ସ ଭାବି ନିଜ ବହୁମୂଲ୍ୟ ଜୀବନକୁ ନଷ୍ଟ କରିଦିଅନ୍ତି । ବେଦରେ ସ୍ପଷ୍ଟ ଭାବେ ଲେଖାଅଛି ଯେ ପରମେଶ୍ୱର ସଶରୀର ଅଟନ୍ତି । ଯଜୁର୍ବେଦ ଅଧ୍ୟାୟ ୧ ର ମନ୍ତ୍ର ୧୫ ଓ ଅଧ୍ୟାୟ ୫ ର ମନ୍ତ୍ର ୧ ରେ ପ୍ରମାଣ ଅଛି –

ଅଗ୍ନେ ତନୂର୍ ଅସି । ବିଷ୍ଣବେ ତ୍ୱା ସୋମସ୍ୟ ତନୂର୍ ଅସି ।

ଯାହାର ଭାବାର୍ଥ ଏହା ଯେ-ପରମେଶ୍ୱର ସଶରୀର ଅଟନ୍ତି । ସେହି ସର୍ବ ପାଳନକର୍ତ୍ତା ଅମର ପୁରୁଷ (ସତ୍ୟପୁରୁଷ) ଙ୍କର ଶରୀର ଅଛି । ଅର୍ଥାତ୍ ପରମେଶ୍ୱର ଆକାରରେ ଅଛନ୍ତି । ଏଥିପାଇଁ ଋଷିଗଣ ପ୍ରଭୁଦର୍ଶନ ପାଇଁ କଠିନ ସାଧନା କଲେ । ପରନ୍ତୁ ବେଦ ବର୍ଣ୍ଣିତ ବିଧି ଅନୁସାରେ ପ୍ରଭୁ ପ୍ରାପ୍ତି ହୋଇପାରିବ ନାହିଁ । ଏଥିପାଇଁ ଏ ପର୍ଯ୍ୟନ୍ତ ସର୍ବ ସାଧକ, ଋଷିଗଣ ନିଜ ନିଜ ଅନୁଭବ ଆଧରରେ ପୁସ୍ତକ ରଚନା କଲେ ଯାହା ବେଦଜ୍ଞାନର ବିରୁଦ୍ଧ ଅଟେ । ଏବେ ସର୍ବ ଭକ୍ତସମାଜ ପବିତ୍ର ବେଦରେ ଥିବା ବାସ୍ତବିକ ଜ୍ଞାନ ସ୍ଥାନରେ ଅନ୍ୟ ମହର୍ଷି ବା ସନ୍ଥମାନଙ୍କ ଅନୁଭବରୁ ରଚିତ ପୁସ୍ତକର ଜ୍ଞାନ ଉପରେ ଆଧାରିତ ହୋଇ ସାରିଛନ୍ତି ।

ପବିତ୍ର ବେଦ ଓ ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ଇଷ୍ଟ ରୂପେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ ଓ ତମଗୁଣ-ଶିବ) ପୂଜାର ଯୋଗ୍ୟ ନୁହଁନ୍ତି, କାରଣ ଏମାନେ ମଧ୍ୟ ନାଶବାନ ଅଟନ୍ତି ଓ ପ୍ରାଣୀକୁ କର୍ମଫଳ ସେମାନଙ୍କ କର୍ମ ଅନୁସାରେ ଦେଇଥାନ୍ତି । ସେଥିରେ କୌଣସି ପରିବର୍ତ୍ତନ ଓ ପାପ କ୍ଷମା (ବିନାଶ) କରିପାରନ୍ତି ନାହିଁ । ଏମାନଙ୍କ ପୂଜାରେ ଲିପ୍ତ ଭକ୍ତମାନଙ୍କୁ ସେମାନଙ୍କ ପ୍ରାରବ୍ଧ (ପୂର୍ବଜନ୍ମ) ରେ ଲେଖାଥିବା ଦୁଃଖ-କଷ୍ଟ ଭୋଗୀବାକୁ ପଡିଥାଏ ଏହି ତିନିପ୍ରଭୁଙ୍କ ସାଧନା ଦ୍ୱାରା କ୍ଷଣିକ ସାଂସାରିକ ସୁଖ ପ୍ରାପ୍ତ ହୋଇଥାଏ ପରନ୍ତୁ ପୂର୍ଣ୍ଣମୋକ୍ଷ (ଜନ୍ମ-ମରଣରୁ ମୁକ୍ତି) ହୁଏ ନାହିଁ ତଥା ତିନିପ୍ରଭୁ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ) ଙ୍କଠାରୁ ମିଳୁଥିବା କ୍ଷଣିକ ଲାଭ ଉପରେ ଯେଉଁମାନଙ୍କର ଆସ୍ଥା ରହିଯାଏ, ସେମାନେ ରାକ୍ଷସ ସ୍ୱଭାବକୁ ଧାରଣ କରିବା ସହିତ ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୁଃଷ୍କର୍ମ କରୁଥିବା ମୂର୍ଖ ବ୍ୟକ୍ତି ମୋତେ (କାଳ-ବ୍ରହ୍ମଙ୍କୁ) ମଧ୍ୟ ଭଜନ୍ତି ନାହିଁ (ପ୍ରମାଣ ଶ୍ରୀମଦ ଭାଗବତ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ପର୍ଯ୍ୟନ୍ତ) । କାରଣ ବ୍ରହ୍ମସାଧକ ନିଜ ନାମ (ମନ୍ତ୍ର) ଓ ପୁଣ୍ୟର ଉପାର୍ଜନ ଆଧରରେ ବ୍ରହ୍ମଲୋକରେ ନିର୍ମିତ ମହାସ୍ୱର୍ଗରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ । ଏଥିପାଇଁ କାଳ କହୁଛନ୍ତି ଯେ ତିନିପ୍ରଭୁଙ୍କଠାରୁ କିଛି ଅଧିକ ଶାନ୍ତି ମୁଁ ଦେଇ ପାରିବି । ପରନ୍ତୁ ଏହି ବ୍ରହ୍ମଲୋକ ଓ ବ୍ରହ୍ମ (କାଳ) ଉଭୟ ମଧ୍ୟ ନାଶବାନ ଅଟନ୍ତି । ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧୬ ରେ କହିଛନ୍ତି ଯେ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ନାଶବାନ ଓ ଗୀତା ଅଧ୍ୟାୟ ୨ ର ଶ୍ଳୋକ ୧୨ ତଥା ଅଧ୍ୟାୟ ୪ ର ଶ୍ଳୋକ ୫ ରେ ସ୍ୱୟଂ ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ମୋର ମଧ୍ୟ ଜନ୍ମ-ମୃତ୍ୟୁ ହୋଇଥାଏ ଅର୍ଥାତ୍ ମୁଁ ମଧ୍ୟ ନାଶବାନ ଅଟେ । ଏଥିପାଇଁ ପବିତ୍ର ଗୀତା ଅଧ୍ୟାୟ

୭ ର ଶ୍ଲୋକ ୧୮ ରେ କହିଛନ୍ତି ଯେ ଚତୁର୍ଥ ପ୍ରକାରର ମୋ(ବ୍ରହ୍ମର) ସାଧକ ଯିଏ ଜ୍ଞାନୀ ସେ ବେଦ ଜ୍ଞାନ ଆଧାରରେ ଜାଣି ପାରିଥାନ୍ତି ଯେ ଇଷ୍ଟ ରୂପେ କେବଳ ଜଣେ ପୂର୍ଣ୍ଣ ପରମାତ୍ମା ପୂଜ୍ୟ ଯୋଗ୍ୟ । ସେହିଁ ପାପନାଶକ ଅଟନ୍ତି, ପୂର୍ଣ୍ଣମୋକ୍ଷ ପ୍ରଦାନକାରୀ ଅଟନ୍ତି । ମାନବ ଶରୀର କେବଳ ପ୍ରଭୁପ୍ରାପ୍ତି ପାଇଁ ମିଳିଛି । ସେହି ଅଜ୍ଞାନୀ ସାଧକ ଓ ଋଷିଗଣ ସ୍ୱୟଂ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ "ଓମ୍ (ଓଁ)" ଏକମାତ୍ର ମନ୍ତ୍ର ଯାହା ପ୍ରଭୁ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ । ଏହି "ଓଁ "ମନ୍ତ୍ରଜପକୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସାଧନା କରି ନିଜ ଶରୀରକୁ ସମର୍ପଣ କରିଦେଲେ । ପରନ୍ତୁ ପ୍ରଭୁଦର୍ଶନ ହେଲା ନାହିଁ, ମାତ୍ର ଅନ୍ୟ ଉପଲବ୍ଧି ପ୍ରାପ୍ତ ହୋଇଗଲା । କିଛି ସିଦ୍ଧି ମଧ୍ୟ ପ୍ରାପ୍ତ ହେଲା ତଥା ସ୍ୱର୍ଗ ମହାସ୍ୱର୍ଗ ଆଦିରେ ଉଚ୍ଚପଦ ମଧ୍ୟ ପ୍ରାପ୍ତ ହେଲା । ତା'ପରେ ଭଜନ ଓ ପୂଣ୍ୟର ଉପାର୍ଜନ ସମାପ୍ତ ହେବା ପରେ ପୁନର୍ବାର ଜନ୍ମ-ମୃତ୍ୟୁ ଓ ଚୌରାଶୀ ଲକ୍ଷ ପ୍ରାଣୀଙ୍କ ଶରୀରରେ ଘୋର କଷ୍ଟ ଓ ନର୍କରେ ପାପ କର୍ମ ଫଳ ଭୋଗ ବଳବତ୍ତର ରହିଲା ।

ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ର ମନ୍ତ୍ର ୧୦ ଓ ପବିତ୍ର ଗୀତା ଅଧ୍ୟାୟ ୪ ର ମନ୍ତ୍ର ୩୪ ରେ ଉପରୋକ୍ତ ଦୁଇଶାସ୍ତ୍ରର ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ସେହି ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ମୁଁ (କାଳରୂପୀ ବ୍ରହ୍ମ) ମଧ୍ୟ ଜାଣେ ନାହିଁ । ସେହି ପରମେଶ୍ୱରଙ୍କ ପୂର୍ଣ୍ଣଜ୍ଞାତବ୍ୟ ବିଷୟ ଅର୍ଥାତ୍ ତତ୍ତ୍ୱଜ୍ଞାନ ତଥା ସେହି ପରମେଶ୍ୱର ପ୍ରାପ୍ତିର ବିଧି ଅର୍ଥାତ୍ ପୂର୍ଣ୍ଣମୋକ୍ଷ ମାର୍ଗ ବିଷୟରେ ଜାଣିବା ପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ଅନ୍ୱେଷଣ କର । ତା'ପରେ ସେ ଯେପରି ସାଧନା ବତାଇବେ ସେହିପରି ହିଁ କରିବ । ତତ୍ପଶ୍ଚାତ୍ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ୍ ଯେଉଁଠିକୁ ଯିବାପରେ ସାଧକ ପୁନର୍ବାର ଏହି ସଂସାରକୁ ଲେଉଟି ଆସି ନ ଥାଏ । ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତି କରି ସଦାସର୍ବଦା ପାଇଁ ଜନ୍ମ-ମୃତ୍ୟୁ ଓ ଚୌରାସୀ ଲକ୍ଷ ଯୋନିର କଷ୍ଟ ଓ ନର୍କ ପୀଡାରୁ ମୁକ୍ତ ହୋଇଯାନ୍ତି ତଥା ପୂର୍ଣ୍ଣଶାନ୍ତି ପ୍ରାପ୍ତକରି (ଶାଶ୍ୱତମ୍ ସ୍ଥାନମ୍) ଅବିନାଶୀ ଲୋକ ଅର୍ଥାତ୍ ସତ୍ୟଲୋକକୁ ପ୍ରାପ୍ତ କରିଥାନ୍ତି । (ପ୍ରମାଣ ଗୀତା ଅଧ୍ୟାୟ ୧୫ ର ଶ୍ଲୋକ ୧ ରୁ ୪ ଓ ଗୀତା ଅଧ୍ୟାୟ ୧୮ ର ଶ୍ଲୋକ ୬୨ ତଥା ଋଗ୍‌ବେଦ ମଣ୍ଡଳ ୧ ର ସୁକ୍ତ ୨୪ ମନ୍ତ୍ର ୧ -୨) ।

ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ଋଷିଗଣ ବେଦ ଅନୁସାରେ ସାଧନା କରି ମଧ୍ୟ ମହାକଷ୍ଟରେ ରହିଥାନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୭ ର ଶ୍ଲୋକ ୧୮ ରେ କୁହାଯାଇଛି ଯେ ଜ୍ଞାନୀ ଆତ୍ମା ନିଶ୍ଚୟ ଉଦାର କାରଣ ପ୍ରଭୁ ପ୍ରାପ୍ତି ପାଇଁ ତନ-ମନ-ଧନ ଦେଇ ସେ ବେଦ ଅନୁସାରେ ସାଧନା କରିଥାନ୍ତି ପରନ୍ତୁ ସେମାନେ ମଧ୍ୟ ମୋର (କାଳ/ବ୍ରହ୍ମର) (ଅନୁତ୍ତମାମ୍) ଅତି ଅଶ୍ରେଷ୍ଠ ଗତି ଅର୍ଥାତ୍ ସାଧନାରୁ ମିଳିବାକୁ ଥିବା ଲାଭରେ ଆଶ୍ରିତ ରହିଥାନ୍ତି ଯାହାଦ୍ୱାରା ସେମାନଙ୍କର ପୂର୍ଣ୍ଣମୋକ୍ଷ ହୋଇପାରେ ନାହିଁ । ଜନ୍ମ-ମୃତ୍ୟୁ, ନାନା ପ୍ରାଣୀଙ୍କ ଶରୀର ତଥା ସେମାନଙ୍କ କର୍ମ ଆଧାରର କଷ୍ଟ କେବେ ମଧ୍ୟ ସମାପ୍ତ ହୋଇପାରେ ନାହିଁ ।

ଜ୍ୟୋତି ନିରଞ୍ଜନ (କାଳରୂପୀ ବ୍ରହ୍ମ) ଶପଥ କରିଛନ୍ତି ଯେ କୌଣସି ପ୍ରକାରର ସାଧନା ଦ୍ୱାରା କେବେ ବି ନିଜ ବାସ୍ତବିକ କାଳ ରୂପରେ ସେ କାହାକୁ ଦର୍ଶନ ଦେବେ ନାହିଁ । ଏଥିପାଇଁ କାଳରୂପୀ ବ୍ରହ୍ମ ନିଜ ପୁତ୍ର (ବ୍ରହ୍ମା, ବିଷ୍ଣୁ, ଶିବ)ଙ୍କ ରୂପରେ ଦର୍ଶନ ଦେଇ ନାନା ଚରିତ୍ରରେ ଅବତିର୍ଣ୍ଣ ହୋଇଥାନ୍ତି । ଯେଉଁ କାରଣରୁ ଅନ୍ୟମାନେ ଏହା ଭାବନ୍ତି ଯେ ଏହି ଲୀଳା ଭଗବାନ ବିଷ୍ଣୁ କଲେ, କେବେ କହି ନ ଥାନ୍ତି ଯେ ଏହି ଲୀଳା ଶ୍ରୀ ବ୍ରହ୍ମା କଲେ, କେବେ କହି ନ ଥାନ୍ତି ଯେ ଏହି ଲୀଳା ଶ୍ରୀ ଶିବ କଲେ । ଯେପରି ଜଣେ ସାଧାରଣ ବ୍ୟକ୍ତି କହିଥାଏ ଯେ ଶ୍ରୀ ବ୍ରହ୍ମାଙ୍କ ଉତ୍ପତ୍ତି ଶ୍ରୀ ବିଷ୍ଣୁଙ୍କ ନାଭିରୁ ବାହାରିଥିବା ପଦ୍ମଫୁଲ ଉପରେ ହୋଇଛି । ସେ ସମୟରେ ଶ୍ରୀ ବିଷ୍ଣୁଙ୍କ ରୂପରେ "କାଳ" ନିଜ ନାଭିରୁ ପଦ୍ମଫୁଲ ପ୍ରକଟ କରିଥାନ୍ତି ।

ବ୍ରହ୍ମପୁରାଣ (ସୃଷ୍ଟିର ବର୍ଣ୍ଣନ ନାମକ ଅଧ୍ୟାୟ)ରେ ଶ୍ରୀ ଲୋମହର୍ଷଣ ଋଷି (ଯାହାଙ୍କୁ ସୂତଜୀ ମଧ୍ୟ କୁହାଯାଏ) ନିଜ ଗୁରୁ ଶ୍ରୀ ବ୍ୟାସ ଋଷିଙ୍କଠାରୁ ଯେଉଁ ଜ୍ଞାନ ଶୁଣିଥିଲେ ତାହା କହିଲେ । ଶ୍ରୀ ବ୍ୟାସ, ଶ୍ରୀ ନାରଦଙ୍କଠାରୁ ଶୁଣିଥିଲେ ତଥା ଶ୍ରୀ ନାରଦ ନିଜ ପିତା ଶ୍ରୀ ବ୍ରହ୍ମାଙ୍କଠାରୁ ଜ୍ଞାନ ପ୍ରାପ୍ତ କରିଥିଲେ ଏବଂ ଶ୍ରୀ ବ୍ରହ୍ମାଙ୍କୁ ସ୍ୱୟଂ ଜ୍ଞାନ ନାହିଁ ଯେ ମୁଁ କେଉଁଠାରୁ ଉତ୍ପନ୍ନ ହୋଇଛି(ଶ୍ରୀ ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ) । ଭାବାର୍ଥ ଏହା ନୁହେଁ ଯେ ପୁରାଣଗୁଡିକରେ ଥିବା ଜ୍ଞାନ ଭୁଲ୍ । ସଚେତ ହେବା ପରେ ଶ୍ରୀ ବ୍ରହ୍ମା ଯେଉଁ ଜ୍ଞାନ କହିଛନ୍ତି ତାହା ସେହି ସ୍ତର ପର୍ଯ୍ୟନ୍ତ ଠିକ୍ । କିନ୍ତୁ ସଚେତ ହେବା ପୂର୍ବରୁ କହିଥିବା ଜ୍ଞାନ ଦନ୍ତକଥା (ଲୋକବେଦ) ଅଟେ । ସର୍ବ ପ୍ରଥମେ ପୂର୍ଣ୍ଣ ପରମେଶ୍ୱର ସତ୍ୟଯୁଗରେ "ସତ୍ ସୁକୃତ୍" ନାମରେ ପ୍ରକଟ

ହୋଇ ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ଯେଉଁ ତତ୍ତ୍ୱଜ୍ଞାନ ଓ ବାସ୍ତବିକ ସୃଷ୍ଟି ରଚନାର ଜ୍ଞାନ ଶ୍ରୀ ବ୍ରହ୍ମା ଓ ଶ୍ରୀ ମନୁ ଆଦିଙ୍କୁ ଦେଇଥିଲେ ସେମାନେ ତାହା ଶୁଣି ମଧ୍ୟ ଗ୍ରହଣ କରି ନ ଥିଲେ । ତତ୍‌ପଶ୍ଚାତ୍ ଶ୍ରୀ ବ୍ରହ୍ମାଙ୍କୁ ତାଙ୍କ ବଂଶଜ ଯେତେବେଳେ ଏ ବିଷୟରେ ପଚାରିଲେ ସେତେବେଳେ ସେହି ଶୁଣା-ଶୁଣି ଜ୍ଞାନ ଆଧାରରେ ସେଥିରେ କିଛି ମିଶ୍ରଣ କରି ପୂର୍ବର ଜ୍ଞାନ କହିଲେ ଯେଉଁ କାରଣରୁ କୌଣସି ପୁରାଣ ନିର୍ଣ୍ଣାୟକ ଜ୍ଞାନଯୁକ୍ତ ନୁହେଁ । କିଛି ପୁରାଣ ଆଧାରରେ ଏହା ସିଦ୍ଧ ହୋଇଥାଏ ଯେ ଶ୍ରୀ ବିଷ୍ଣୁଙ୍କ ଉତ୍ପତ୍ତି ଶ୍ରୀ ବ୍ରହ୍ମାଙ୍କଠାରୁ ହୋଇଛି ଏବଂ ଅନ୍ୟ କିଛି ପୁରାଣ ଆଧରରେ ଶ୍ରୀ ବ୍ରହ୍ମାଙ୍କ ଉତ୍ପତ୍ତି ଶ୍ରୀ ବିଷ୍ଣୁଙ୍କଠାରୁ ହୋଇଛି ବୋଲି ପ୍ରମାଣିତ ହୁଏ । ଏହି କାରଣରୁ ସମସ୍ତ ଋଷି, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ମଧ୍ୟ ସଂଶୟରେ ଅଛନ୍ତି ।

### "ଶ୍ରୀ ବ୍ରହ୍ମା ଓ ଶ୍ରୀ ବିଷ୍ଣୁଙ୍କ ମଧ୍ୟରେ ଯୁଦ୍ଧ"

ଶ୍ରୀ ଶିବ ପୁରାଣ (ବିଦ୍ଯେଶ୍ୱର ସଂହିତା ଅଧ୍ୟାୟ ୬ ଅନୁବାଦକ ଦୀନ ଦୟାଲ ଶର୍ମା, ପ୍ରକାଶକ ରାମାୟଣ ପ୍ରେସ୍, ମୁମ୍ବାଇ, ପୃଷ୍ଠା ୬୭ ଓ ସମ୍ପାଦକ ପଣ୍ଡିତ ରାମଲଗ୍ନ ପାଣ୍ଡେୟ "ବିଶାରଦ" ପ୍ରକାଶକ ସାବିତ୍ର ଠାକୁର, ପ୍ରକାଶନ ରଥଯାତ୍ରା ବାରାଣସୀ, ବ୍ରାଞ୍ଚ ନାଟୀ ଇମ୍‌ଲୀ ବାରାଣସୀର ବିଦ୍ଯେଶ୍ୱର ସଂହିତା ଅଧ୍ୟାୟ ୬, ପୃଷ୍ଠା ୫୪ ତଥା ଟୀକାକାର ଡା. ବ୍ରହ୍ମାନନ୍ଦ ତ୍ରିପାଠୀ ସାହିତ୍ୟ ଆୟୁର୍ବେଦ, ଜ୍ୟୋତିଷ ଆଚାର୍ଯ୍ୟ, ଏମ୍.ଏ., ପୀ.ଏଚ୍.ଡୀ, ଡୀ.ଏସ୍., ସୀ.ଏ. । ପ୍ରକାଶକ ଚୌଖମ୍ବା ସଂସ୍କୃତ ପ୍ରତିଷ୍ଠାନ, ୩୮ ୟୁ.ଏ., ଜବାହର ନଗର, ବଙ୍ଗଲୋ ରୋଡ଼, ଦିଲ୍ଲୀ, ସଂସ୍କୃତ ସହିତ ଶିବ ପୁରାଣର ବିଦ୍ଯେଶ୍ୱର ସଂହିତା, ଅଧ୍ୟାୟ ୬ ର ପୃଷ୍ଠା ୪୫ ରେ) ।

ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁଙ୍କ ପାଖକୁ ଆସିଲେ । ସେହି ସମୟରେ ଶ୍ରୀ ବିଷ୍ଣୁ ଲକ୍ଷ୍ମୀଙ୍କ ସହିତ ଶେଷନାଗ ଶଯ୍ୟା ଉପରେ ଶୟନ କରିଥିଲେ । ଅନତି ଦୂରରେ ଅନୁଚରମାନେ ମଧ୍ୟ ବସିଥିଲେ । ଶ୍ରୀ ବ୍ରହ୍ମା ଶ୍ରୀ ବିଷ୍ଣୁଙ୍କୁ କହିଲେ, ପୁତ୍ର ! ଉଠ ଦେଖ ମୁଁ ତୋ ପିତା ଆସିଛି । ମୁଁ ତୋ'ର ପ୍ରଭୁ ଅଟେ । ଏହିକଥା ଶୁଣି ବିଷ୍ଣୁ କହିଲେ ଆସ ବସ ! ମୁଁ ତୁମର ପିତା ଅଟେ । ତୋ ମୁହଁ ବଙ୍କା କାହିଁକି ହୋଇଗଲା । ବ୍ରହ୍ମା କହିଲେ – ରେ ପୁତ୍ର ! ଏବେ ତୋତେ ଅଭିମାନ ହୋଇଯାଇଛି, ମୁଁ କେବଳ ତୋ ସଂରକ୍ଷକ ହିଁ ନୁହେଁ ଅଧିକନ୍ତୁ ସମସ୍ତ ଜଗତର ପିତା ଅଟେ । ଶ୍ରୀ ବିଷ୍ଣୁ କହିଲେ ଆରେ ଚୋର ! ତୁ ନିଜ ବଡପଣ କ'ଣ ଦେଖାଉଛୁ ? ସର୍ବଜଗତ ମୋ ମଧ୍ୟରେ ନିବାସ କରେ । ତୁ ମୋ ନାଭି କମଳରୁ ଉତ୍ପନ୍ନ ହୋଇ ମୋ ସହିତ ଏଭଳି କଥାବାର୍ତ୍ତା କରୁଛୁ । ଏତିକି କହି ଦୁହେଁ ଆପୋଷରେ ଅସ୍ତ୍ରଚାଳନା କରିବା ଆରମ୍ଭ କଲେ । ଉଭୟେ ଉଭୟଙ୍କ ବକ୍ଷସ୍ଥଳରେ ଆଘାତ କଲେ । ଏହା ଦେଖି ସଦାଶିବ (କାଳରୂପୀ ବ୍ରହ୍ମ) ଏକ ତେଜମୟ ଲିଙ୍ଗ ସେହି ଦୁହିଁଙ୍କ ମଝିରେ ଛିଡା କରିଦେବା ପରେ ସେମାନଙ୍କ ଯୁଦ୍ଧ ସମାପ୍ତ ହୋଇଥିଲା । (ଉପରୋକ୍ତ ବିବରଣୀ ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଶିବପୁରାଣରୁ ଉଦ୍ଧୃତ । ପରନ୍ତୁ ମୂଳ ସଂସ୍କୃତ ସହିତ ଯାହା ଉପରେ ଲେଖାଯାଇଛି ଏବଂ ଅନ୍ୟ ଦୁଇ ସମ୍ପାଦକ ଓ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ଶିବପୁରାଣରେ ଠିକ୍ ଲେଖାଯାଇଛି) ।

ବିଚାର କରନ୍ତୁ, ଶ୍ରୀ ଶିବପୁରାଣ, ଶ୍ରୀ ବିଷ୍ଣୁପୁରାଣ, ବ୍ରହ୍ମାପୁରାଣ ଓ ଶ୍ରୀ ଦେବୀ ମହାପୁରାଣରେ ତିନିପ୍ରଭୁ ଓ ସଦାଶିବ (କାଳରୂପୀ ବ୍ରହ୍ମ) ତଥା ଦେବୀ (ଶିବା-ପ୍ରକୃତି)ଙ୍କ ଜୀବନ ଲୀଳା ବର୍ଣ୍ଣିତ ଅଛି । ସେହି ପୁରାଣଗୁଡିକ ଆଧାରରେ ସମସ୍ତ ଋଷି ଓ ଗୁରୁମାନେ ଜ୍ଞାନ ଶୁଣାଉଥିଲେ । ଯଦି କେହି ପବିତ୍ର ପୁରାଣଠାରୁ ଭିନ୍ନ ଜ୍ଞାନ କହୁଛି ତେବେ ତାହା ପାଠ୍ୟକ୍ରମ ବିପରିତ ଜ୍ଞାନ ହୋଇଥିବା କାରଣରୁ ବ୍ୟର୍ଥ ଅଟେ ।

ଉପରୋକ୍ତ ଯୁଦ୍ଧର ବିବରଣୀ ପବିତ୍ର ଶିବପୁରାଣରେ ଅଛି ଯେ କିପରି ଦୁଇପ୍ରଭୁ ପାଞ୍ଚ ବର୍ଷୀୟ ପିଲାଙ୍କ ପରି ଝଗଡା କରୁଛନ୍ତି । ଜଣେ କହୁଛନ୍ତି ଯେ ତୁ ମୋ ପୁତ୍ର, ମୁଁ ତୋ ପିତା ଏବଂ ଦ୍ୱିତୀୟ ଜଣକ କହୁଛନ୍ତି ଯେ ତୁ ମୋ ପୁତ୍ର, ମୁଁ ତୋ ପିତା । ପୁଣି ଜଣେ ଅନ୍ୟ ଜଣଙ୍କର ବସ୍ତ୍ରକୁ ଟଣା-ଓଟରା କରି ମୁଥ, ଗୋଇଠା ମାରି ଝଗଡା କରୁଛନ୍ତି । ଏହିପରି ଚରିତ୍ର ତ୍ରିଲୋକନାଥଙ୍କର ଅଟେ ।

ଉପରୋକ୍ତ ତିନି ପୁରାଣ (ଶ୍ରୀ ବ୍ରହ୍ମାପୁରାଣ, ଶ୍ରୀ ବିଷ୍ଣୁପୁରାଣ ଓ ଶ୍ରୀ ଶିବପୁରାଣ)ର ପ୍ରାରମ୍ଭ କାଳରୂପୀ ବ୍ରହ୍ମ ଅର୍ଥାତ୍ ଜ୍ୟୋତି ନିରଞ୍ଜନଠାରୁ ହିଁ ହୋଇଛି । ସେ ବ୍ରହ୍ମଲୋକରେ ମହାବ୍ରହ୍ମା, ମହାବିଷ୍ଣୁ ଓ ମହାଶିବ ରୂପରେ ରହିଥାଏ ତଥା ଉପରୋକ୍ତ ଭାବେ ନିଜେ ମଧ୍ୟ ଲୀଳା କରିଥାଏ । ନିଜ ବାସ୍ତବିକ କାଳ ରୂପକୁ ଗୁପ୍ତ ରଖିଥାଏ । ପରବର୍ତ୍ତୀ ବିବରଣୀଗୁଡିକ ରଜଗୁଣୀ ବ୍ରହ୍ମା, ସତ୍ତ୍ୱଗୁଣୀ ବିଷ୍ଣୁ ତଥା ତମଗୁଣୀ ଶିବଙ୍କ ଲୀଳା ଅଟେ । ଉପରୋକ୍ତ ଜ୍ଞାନ ଆଧାରରେ ପବିତ୍ର ପୁରାଣ ଗୁଡିକୁ ବୁଝିବା ସହଜ ହୋଇଯିବ ।

## "ଶ୍ରୀ ବିଷ୍ଣୁ ପୁରାଣ"

(ଅନୁବାଦକ ଶ୍ରୀ ମୁନିଲାଲ ଗୁପ୍ତ, ପ୍ରକାଶକ- ଗୋବିନ୍ଦ ଭବନ କାର୍ଯ୍ୟାଳୟ, ଗୀତା ପ୍ରେସ୍ ଗୋରଖପୁର)

ଶ୍ରୀ ପରାଶର ଋଷି ନିଜ ଶିଷ୍ୟ ଶ୍ରୀ ମୈତ୍ରେୟ ଋଷିଙ୍କୁ ଶ୍ରୀ ବିଷ୍ଣୁପୁରାଣର ଜ୍ଞାନ କହିଛନ୍ତି । ଶ୍ରୀ ପରାଶର ଋଷି ବିବାହ କରିବା ମାତ୍ରେ ଗୃହତ୍ୟାଗ କରି ବଣରେ ସାଧନା କରିବା ପାଇଁ ଦୃଢ ସଂକଳ୍ପ କଲେ । ତାଙ୍କ ଧର୍ମପତ୍ନୀ କହିଲେ ଏବେ ତ ବିଭାଘର ହୋଇଛି, ଆପଣ କିପରି ଗୃହ ତ୍ୟାଗ କରି ଯାଉଛନ୍ତି । ସନ୍ତାନ ଉତ୍ପତ୍ତି କରିବା ପରେ ଆପଣ ସାଧନା କରିବାକୁ ଯିବେ । ପରାଶର ଋଷି କହିଲେ, ସାଧନା ଉପରାନ୍ତ ସନ୍ତାନ ଉତ୍ପତ୍ତି କଲେ ଉତ୍ତମ ସଂସ୍କାର ଯୁକ୍ତ ସନ୍ତାନ ଜନ୍ମ ହେବ । ମୁଁ କିଛିଦିନ ପରେ ଆପଣଙ୍କ ପାଇଁ ନିଜ ଶକ୍ତି(ବୀର୍ଯ୍ୟ)କୌଣସି ପକ୍ଷୀ ଦ୍ୱାରା ପ୍ରେରଣ କରିବି। ଆପଣ ତାହାକୁ ଗ୍ରହଣ କରିବେ । ଏହା କହି ଗୃହ ତ୍ୟାଗ କରି ବାନପ୍ରସ୍ଥ ହୋଇଗଲେ । ସେ ଏକବର୍ଷ ସାଧନା ଉପରାନ୍ତ ନିଜର ବୀର୍ଯ୍ୟ ସ୍ଖଳନ କରି ଏକ ବୃକ୍ଷର ପତ୍ରରେ ଯତ୍ନରେ ରଖି ମନ୍ତ୍ର ଶକ୍ତି ବଳରେ ଶୁକ୍ରାଣୁ ରକ୍ଷା କରି ଏକ କାଉକୁ କହିଲେ ଯେ ଏହି ପତ୍ରକୁ ନେଇ ମୋ ପତ୍ନୀକୁ ଦେଇଆସ। କାଉ ସେହି ପତ୍ରକୁ ନେଇ ନଦୀ ଉପର ଦେଇ ଉଡି ଯାଉଥିଲା ସମୟରେ ତା ଥଣ୍ଟରୁ ସେହି ବୀର୍ଯ୍ୟଥିବା ପତ୍ରଟି ନଦୀକୁ ଖସି ପଡିଲା । ତାହାକୁ ଗୋଟିଏ ମାଛ ଖାଇଦେଲା। କିଛିମାସ ଉପରାନ୍ତ ସେହି ମାଛକୁ ଜଣେ ନାବିକ ଧରି ନେଇ କାଟିବାରୁ ତା'ମଧ୍ୟରୁ ଏକ ଶିଶୁକନ୍ୟା ବାହାରିଲା। ନାଉରିଆ ସେହି କନ୍ୟାର ନାମ ସତ୍ୟବତୀ ରଖିଲା। ସେହି କନ୍ୟା (ମାଛ ଉଦରରୁ ଉତ୍ପନ୍ନ ହୋଇଥିବା କାରଣରୁ) ମଛୋଦରୀ ନାମରେ ମଧ୍ୟ ପରିଚିତ ଥିଲା । ନାଉରିଆ ସତ୍ୟବତୀକୁ ନିଜ କନ୍ୟା ରୂପେ ପାଳନ କଲା ।

କାଉ ଫେରିଯାଇ ଶ୍ରୀ ପରାଶରଙ୍କୁ ସମସ୍ତ ବୃତ୍ତାନ୍ତ କହିଲା । ଷୋହଳବର୍ଷ ଉପରାନ୍ତ ପରାଶର ଋଷି ସାଧନା ସମାପ୍ତ କରି ଫେରୁଥିଲେ। ନଦୀ ପାରି ହେବା ପାଇଁ ସେହି ନାଉରିଆକୁ କହିଲେ, ମୋତେ ଶୀଘ୍ର ନଦୀ ପାରି କରାଅ। ମୋ ପତ୍ନୀ ମୋର ପ୍ରତୀକ୍ଷା କରିଛନ୍ତି । ସେହି ସମୟରେ ନାଉରିଆ ଭୋଜନ କରୁଥିଲା ଏବଂ ଶ୍ରୀ ପରାଶର ଋଷିଙ୍କ ବୀର୍ଜରୁ ମାଛ ଗର୍ଭରୁ ଉତ୍ପନ୍ନ ଚଉଦ ବର୍ଷୀୟା ଯୁବତୀ ନିଜ ପିତାଙ୍କ ପାଇଁ ଖାଦ୍ୟ ଆଣି ସେଠାରେ ଉପସ୍ଥିତ ଥିଲା । ନାଉରିଆକୁ ଏହା ଜ୍ଞାତ ଥିଲା ଯେ ସାଧନା-ତପସ୍ୟା କରି ଫେରୁଥିବା ଋଷି ସିଦ୍ଧିଯୁକ୍ତ ହୋଇଥାନ୍ତି । ଶୀଘ୍ର ଆଜ୍ଞା ପାଳନ ନ କଲେ ଅଭିଶାପ ଦେଇଥାନ୍ତି । ତେଣୁ ନାଉରିଆ କହିଲା ଋଷିବର ! ମୁଁ ଖାଦ୍ୟ ଖାଉଛି, ଅଧାରୁ ଖାଦ୍ୟ ଛାଡିବା ଅନ୍ନଦେବଙ୍କ ପ୍ରତି ଅପମାନ ହୋଇଥାଏ, ମୋତେ ପାପ ଲାଗିବ । ପରନ୍ତୁ ପରାଶର ଋଷି ନାଉରିଆର ଅନୁରୋଧକୁ ତିଳେମାତ୍ର କର୍ଣ୍ଣପାତ କଲେ ନାହିଁ । ଋଷି ଅତ୍ୟନ୍ତ ଅଧୈର୍ଯ୍ୟ ହୋଇ ଯାଇଥିବାର ଜାଣି ପାରି ତାଙ୍କୁ ଆରପାରିରେ ଛାଡି ଦେବା ପାଇଁ ନାଉରିଆ ନିଜ ଯୁବତୀ କନ୍ୟାକୁ କହିଲା । ପିତାଙ୍କ ଆଦେଶ ପାଳନ କରି କନ୍ୟା ଋଷି ପରାଶରଙ୍କୁ ନୌକାରେ ବସାଇ ନୌକା ବାହିବାକୁ ଲାଗିଲା । ନୌକା ନଦୀ ମଝିରେ ପହଞ୍ଚିବା ପରେ ଋଷି ପରାଶର ନିଜ ବୀର୍ଯ୍ୟ ଶକ୍ତିରୁ ମାଛ ଉଦରରୁ ଉତ୍ପନ୍ନ ହୋଇଥିବା କନ୍ୟା ଅର୍ଥାତ୍ ନିଜ ପୁତ୍ରୀ ସହିତ ଦୁଷ୍କର୍ମ କରିବାକୁ ଇଚ୍ଛା ବ୍ୟକ୍ତ କଲେ । ଝିଅଟି ନିଜ ନାଉରିଆ ପିତାଙ୍କଠାରୁ କ୍ରୋଧି ଋଷିମାନଙ୍କ ଅଭିଶାପ ବଶତଃ ଦୁଃଖୀ ବ୍ୟକ୍ତିମାନଙ୍କ କାହାଣୀ ଶୁଣିଥିଲା । ସେହି ଭୟରେ ଭୟଭୀତ ଝିଅଟି କହିଲା ଋଷିଜୀ ! ଆପଣ ବ୍ରାହ୍ମଣ ଓ ମୁଁ ହେଉଛି ଜଣେ ଶୂଦ୍ରର କନ୍ୟା। ଋଷି ପରାଶର କହିଲେ, କିଛି ଚିନ୍ତା ନାହିଁ । ନିଜ ଇଜ୍ଜତ ରକ୍ଷା ପାଇଁ ଝିଅଟି ପୁଣି ବାହାନା କରି କହିଲା ଯେ ହେ ଋଷିବର ! ମୋ ଶରୀରରୁ ମାଛର ଦୁର୍ଗନ୍ଧ ବାହାରୁଛି । ପରାଶର ଋଷି ନିଜ ସିଦ୍ଧିଶକ୍ତି ଦ୍ୱାରା ଦୁର୍ଗନ୍ଧ ସମାପ୍ତ କରିଦେଲେ। ପୁଣି ଝିଅଟି କହିଲା ଦୁଇ କୂଳରେ ଉପସ୍ଥିତ ଲୋକମାନେ ଏସବୁ ଦେଖୁଛନ୍ତି। ଋଷି ପରାଶର ଗଙ୍ଗାନଦୀର ଜଳକୁ ହାତରେ ନେଇ ଆକାଶକୁ ଫିଙ୍ଗିଦେଇ ନିଜ ସିଦ୍ଧିଶକ୍ତି ବଳରେ କୁହୁଡ଼ି ଭଳି ପରିବେଶ ସୃଷ୍ଟି କରିଦେଲେ। ତା'ପରେ ନିଜ ମନସ୍କାମନା ପୂର୍ଣ୍ଣକଲେ। ଝିଅଟି ନିଜ ପାଳିତ ମାତାଙ୍କ ମାଧ୍ୟମରେ ନିଜ ପାଳିତ ପିତାଙ୍କୁ ସମସ୍ତ ଘଟଣା ବିଷୟରେ ଅବଗତ କରାଇଲା ଏବଂ ଋଷି ନିଜ ନାମ ପରାଶର ତଥା ଋଷି ବଶିଷ୍ଠଙ୍କ ପୌତ୍ର (ନାତି) ବୋଲି ପରିଚୟ ଦେଇଥିବା କଥା କହିଲା । ସମୟାନୁସାରେ କୁଆଁରୀ କନ୍ୟା ଗର୍ଭରୁ ଶ୍ରୀ ବ୍ୟାସ ଋଷି ଜନ୍ମ ହେଲେ ।

ସେହି ପରାଶର ଋଷିଙ୍କ ଦ୍ୱାରା ଶ୍ରୀ ବିଷ୍ଣୁପୁରାଣର ରଚନା ହୋଇଛି । ଶ୍ରୀ ପରାଶରଜୀ କହିଲେ, ହେ

ମୈତ୍ରେୟ ! ଯେଉଁ ଜ୍ଞାନ ମୁଁ ତୁମକୁ ଶୁଣାଇବାକୁ ଯାଉଛି ସେହି ପ୍ରସଙ୍ଗ ଦକ୍ଷାଦି ମୁନିଗଣ ନର୍ମଦା ତଟରେ ରାଜା ପୁରୁକୁତ୍ସଙ୍କୁ ଶୁଣାଇଥିଲେ । ତା'ପରେ ପୁରୁକୁତ୍ସ, ସାରସ୍ୱତଙ୍କୁ ଏବଂ ସାରସ୍ୱତ ମୋତେ କହିଥିଲେ । ଶ୍ରୀ ପରାଶରଜୀ ଶ୍ରୀ ବିଷ୍ଣୁପୁରାଣର ପ୍ରଥମ ଅଧ୍ୟାୟ ଶ୍ଳୋକ ସଂଖ୍ୟା ୩୧ ପୃଷ୍ଠା ସଂଖ୍ୟା ୩ ରେ କହିଛନ୍ତି ଯେ ଏହି ଜଗତ ବିଷ୍ଣୁଙ୍କଠାରୁ ଉତ୍ପନ୍ନ ଓ ତାଙ୍କଠାରେ ହିଁ ସ୍ଥିତ ଏବଂ ସେ ହିଁ ଜଗତର ସ୍ଥିତି ଓ ବିଳୟ କର୍ତ୍ତା ଅଟନ୍ତି । ଅଧ୍ୟାୟ ୨ ର ଶ୍ଳୋକ ୧୫-୧୬ ପୃଷ୍ଠା ୪ ରେ କହିଛନ୍ତି ଯେ ହେ ଦ୍ୱିଜ ! ପରବ୍ରହ୍ମଙ୍କ ପ୍ରଥମ ରୂପ ହେଉଛି ପୁରୁଷ ଅର୍ଥାତ୍ ଭଗବାନ ସଦୃଶ ପରନ୍ତୁ ବ୍ୟକ୍ତ (ମହାବିଷ୍ଣୁ ରୂପରେ ପ୍ରକଟ ହେବା) ତଥା ଅବ୍ୟକ୍ତ (ବାସ୍ତବିକ କାଳ ରୂପରେ ଏକୋଇଶିତମ ବ୍ରହ୍ମାଣ୍ଡରେ ଅଦୃଶ୍ୟ ରହିବା) ହେଉଛି ତାଙ୍କର ଅନ୍ୟ ରୂପ ତଥା "କାଳ" ତାଙ୍କର ପରମ ରୂପ ଅଟେ । ଭଗବାନ ବିଷ୍ଣୁ ଯିଏ କାଳ ରୂପରେ ଥାଆନ୍ତି ତଥା ବ୍ୟକ୍ତ ଏବଂ ଅବ୍ୟକ୍ତ ରୂପରେ ସ୍ଥିତ ହୁଅନ୍ତି, ଏହା ତାଙ୍କର ବାଲ୍ୟଲୀଳା ଅଟେ ।

ଅଧ୍ୟାୟ ୨ ର ଶ୍ଳୋକ ୨୭ ପୃଷ୍ଠା ୫- ହେ ମୈତ୍ରେୟ ! ପ୍ରଳୟ କାଳରେ ପ୍ରଧାନ ଅର୍ଥାତ୍ ପ୍ରକୃତି ସାମ୍ୟ ଅବସ୍ଥାରେ ସ୍ଥିତ ହୋଇଯିବା ପରେ ଅର୍ଥାତ୍ ପୁରୁଷ ପ୍ରକୃତିଠାରୁ ପୃଥକ ସ୍ଥିତ ହେବା ପରେ ବିଷ୍ଣୁ ଭଗବାନଙ୍କର କାଳ ରୂପ ପ୍ରବୃତ୍ତ ହୋଇଥାଏ ।

ଅଧ୍ୟାୟ ୨ ଶ୍ଳୋକ ୨୮-୩୦ ପୃଷ୍ଠା ୫-ଏହାପରେ (ସ୍ୱର୍ଗକାଳ ଉପସ୍ଥିତ ହେବାପରେ) ସେହି ପରବ୍ରହ୍ମ ପରମାତ୍ମା ବିଶ୍ୱରୂପ ସର୍ବବ୍ୟାପୀ ସର୍ବଭୁତେଶ୍ୱର ସର୍ବାତ୍ମା ପରମେଶ୍ୱର ନିଜ ଇଚ୍ଛାରେ ବିକାର ପ୍ରଧାନ ଏବଂ ନିର୍ବିକାର ପୁରୁଷ ମଧ୍ୟରେ ପ୍ରବିଷ୍ଟ ହୋଇ ତାଙ୍କୁ କ୍ଷୋଭିତ କଲେ ॥ ୨୮-୨୯ ॥ ଯେଉଁଭଳି ଗନ୍ଧ କ୍ରିୟାଶୀଳ ନହୋଇ ମଧ୍ୟ ନିଜ ସାନିଧ୍ୟରୁ ହିଁ ପ୍ରଧାନ ଓ ପୁରୁଷକୁ ପ୍ରେରିତ କରିଥାନ୍ତି ।

ବିଶେଷ- ଶ୍ଳୋକ ସଂଖ୍ୟା ୨୮-୩୦ ରେ ସ୍ପଷ୍ଟ କରାଯାଇଛି ଯେ ପ୍ରକୃତି (ଦୁର୍ଗା) ତଥା ପୁରୁଷ (କାଳ-ପ୍ରଭୁ) ଙ୍କଠାରୁ ଭିନ୍ନ କେହି ଅନ୍ୟ ପରମେଶ୍ୱର ଅଛନ୍ତି ଯିଏ ଏହି ଦୁହିଁଙ୍କୁ ପୁନର୍ବାର ସୃଷ୍ଟି ରଚନା କରିବା ପାଇଁ ପ୍ରେରିତ କରିଥାନ୍ତି ।

ଅଧ୍ୟାୟ ୨ ର ପୃଷ୍ଠା ୮ ରେ ଥିବା ଶ୍ଳୋକ ୬୬ ରେ ଲେଖାଅଛି ଯେ ସେହି ପ୍ରଭୁ ବିଷ୍ଣୁ, ସ୍ରଷ୍ଟା (ବ୍ରହ୍ମା) ହୋଇ ନିଜର ହିଁ ସୃଷ୍ଟି କରିଥାନ୍ତି । ଶ୍ଳୋକ ସଂଖ୍ୟା ୭୦ ରେ ଲେଖାଅଛି ଯେ ଭଗବାନ ବିଷ୍ଣୁ ହିଁ ବ୍ରହ୍ମାଙ୍କ ଆଦି ଅବସ୍ଥା ଧାରଣ କରି ରଚନା କରିଥାନ୍ତି । ସେ ସ୍ୱୟଂ ସୃଷ୍ଟି ହୋଇଥାନ୍ତି ଏବଂ ସ୍ୱୟଂ ମଧ୍ୟ ସଂହୃତ ଅର୍ଥାତ୍ ମୃତ୍ୟୁବରଣ କରନ୍ତି । ଅଧ୍ୟାୟ ୪ ର ଶ୍ଳୋକ ୪ ପୃଷ୍ଠା ୧୧ ରେ ଲେଖାଅଛି ଯେ ଅନ୍ୟ କେହି ପରମେଶ୍ୱର ଅଛନ୍ତି ଯିଏ ବ୍ରହ୍ମା, ଶିବ ଆଦି ଈଶ୍ୱରଙ୍କର ମଧ୍ୟ ଈଶ୍ୱର ଅଟନ୍ତି । ଅଧ୍ୟାୟ ୪ ର ଶ୍ଳୋକ ୧୪, ୧୫, ୧୭, ୨୨ ପୃଷ୍ଠା ୧୧, ୧୨ ରେ ଲେଖାଅଛି - ପୃଥିବୀ କହିଲେ, ହେ କାଳ ସ୍ୱରୂପ ! ଆପଣଙ୍କୁ ନମସ୍କାର କରୁଛି । ହେ ପ୍ରଭୁ ! ଆପଣ ହିଁ ଜଗତର ସୃଷ୍ଟି ଆଦି ପାଇଁ ବ୍ରହ୍ମା, ବିଷ୍ଣୁ ଏବଂ ରୁଦ୍ରରୂପ ଧାରଣ କରିଥାନ୍ତି । ଆପଣଙ୍କର ଯେଉଁ ରୂପ ଅବତାର ରୂପରେ ପ୍ରକଟ ହୋଇଥାଏ ଦେବଗଣ ତାଙ୍କୁ ହିଁ ପୂଜା କରିଥାନ୍ତି । ଆପଣ ମଧ୍ୟ ଓଁକାର ଅଟନ୍ତି । ଅଧ୍ୟାୟ ୪ ର ଶ୍ଳୋକ ୫୦ ପୃଷ୍ଠା ୧୪ ରେ ଲେଖାଅଛି - ତା'ପରେ ଭଗବାନ ହରି ରଜଗୁଣ ଯୁକ୍ତ ହୋଇ ଚତୁର୍ମୁଖଧାରୀ ବ୍ରହ୍ମାରୂପ ଧାରଣ କରି ସୃଷ୍ଟି ରଚନା କଲେ ।

ଉପରୋକ୍ତ ବିବରଣୀରୁ ଏହା ସିଦ୍ଧ ହେଲା ଯେ ଋଷି ପରାଶର ଶୁଣି ଶୁଣାଇ ଜ୍ଞାନ ଅର୍ଥାତ୍ ଲୋକବେଦ ଆଧାରରେ ଶ୍ରୀ ବିଷ୍ଣୁ ପୁରାଣର ରଚନା କରିଛନ୍ତି । କାରଣ ବାସ୍ତବିକ ଜ୍ଞାନକୁ ପୂର୍ଣ୍ଣ ପରମାତ୍ମା ସତ୍ୟଯୁଗରେ ସ୍ୱୟଂ ପ୍ରକଟ ହୋଇ ପ୍ରଥମେ ଶ୍ରୀ ବ୍ରହ୍ମାଜୀଙ୍କୁ ଦେଇଥିଲେ । ଶ୍ରୀ ବ୍ରହ୍ମାଜୀ ସେହି ଜ୍ଞାନ ସହିତ କିଛି କାଳ୍ପନିକ ଜ୍ଞାନ ମିଶାଇ ନିଜ ବଂଶଜଙ୍କୁ କହିଲେ । ଏହିପରି ଜଣଙ୍କ ପାଖରୁ ଜଣେ ଶୁଣିଥିବା ଲୋକବେଦ କାଳକ୍ରମେ ଶ୍ରୀ ପରାଶରଙ୍କୁ ପ୍ରାପ୍ତ ହେଲା । ଶ୍ରୀ ପରାଶରଜୀ ବିଷ୍ଣୁଙ୍କୁ 'କାଳ' ବୋଲି ମଧ୍ୟ କହିଛନ୍ତି ତଥା 'ପରବ୍ରହ୍ମ' ମଧ୍ୟ କହିଛନ୍ତି । ଉପରୋକ୍ତ ବିବରଣୀରୁ ଏହା ମଧ୍ୟ ସିଦ୍ଧ ହେଲା ଯେ ବିଷ୍ଣୁ ଅର୍ଥାତ୍ ବ୍ରହ୍ମ ସ୍ୱରୂପୀ କାଳ ନିଜେ ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ନିଜର ଉତ୍ପତ୍ତି କରି ସୃଷ୍ଟି ଆରମ୍ଭ କରିଥାନ୍ତି । ସ୍ୱୟଂ ବ୍ରହ୍ମ (କାଳ) ହିଁ ବ୍ରହ୍ମଲୋକରେ ତିନୋଟି ରୂପରେ ପ୍ରକଟ ହୋଇ ଛଳନା ପୂର୍ବକ ଲୀଳା କରିଥାନ୍ତି । ସେଠାରେ ମଧ୍ୟ ସ୍ୱୟଂ ମୃତ୍ୟୁ ପ୍ରାପ୍ତ ହୁଅନ୍ତି । (ଅଧିକ ଜାଣିବା ପାଇଁ କୃପାକରି ପଢନ୍ତୁ "ପ୍ରଳୟ କୀ ଜାନ୍‌କାରୀ" ଓ "ଗହରୀ ନଜର ଗୀତା ମେଁ" ପୁସ୍ତକ ଅଧ୍ୟାୟ ୮ ର ଶ୍ଳୋକ ୧୭ ର ବ୍ୟାଖ୍ୟାରେ) ସେହି ବ୍ରହ୍ମଲୋକରେ ସେ ତିନୋଟି

ସ୍ଥାନ ରଚନା କରିଛନ୍ତି । ଏକ ରଜଗୁଣ ପ୍ରଧାନ କ୍ଷେତ୍ର ଯେଉଁଠାରେ ଏହି କାଳରୂପୀ ବ୍ରହ୍ମ ନିଜେ ବ୍ରହ୍ମାରୂପ ଧାରଣ କରି ନିଜ ପତ୍ନୀ ଦୁର୍ଗାଙ୍କ ସହିତ ରହି ଜଣେ ରଜଗୁଣ ପ୍ରଧାନ ପୁତ୍ର ଉତ୍ପନ୍ନ କରିଥାନ୍ତି ଯାହାଙ୍କ ନାମ ବ୍ରହ୍ମା ରଖିଥାନ୍ତି । ତାଙ୍କ ଦ୍ୱାରା ଗୋଟିଏ ବ୍ରହ୍ମାଣ୍ଡରେ 'ଉତ୍ପତ୍ତି' କ୍ରିୟା କରାଇଥାନ୍ତି। ଏହିପ୍ରକାରେ ସେହି ବ୍ରହ୍ମଲୋକରେ ଏକ ସତଗୁଣ ପ୍ରଧାନ ସ୍ଥାନ ରଚନା କରି ସ୍ୱୟଂ ବିଷ୍ଣୁରୂପ ଧାରଣ କରି ନିଜ ପତ୍ନୀ ଦୁର୍ଗା (ପ୍ରକୃତି)ଙ୍କୁ ପତ୍ନୀ ରୂପରେ ରଖି ଏକ ସତଗୁଣ ଯୁକ୍ତ ପୁତ୍ର ଉତ୍ପନ୍ନ କରିଥାନ୍ତି । ତାଙ୍କ ନାମ ବିଷ୍ଣୁ ରଖିଥାନ୍ତି । ସେହି ପୁତ୍ର ଦ୍ୱାରା ଗୋଟିଏ ବ୍ରହ୍ମାଣ୍ଡର ତିନିଲୋକ (ପୃଥିବୀ, ପାତାଳ ଓ ସ୍ୱର୍ଗ)ର ପାଳନ କାର୍ଯ୍ୟ କରାଇଥାନ୍ତି । (ପ୍ରମାଣ- ଶିବ ପୁରାଣ ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଅନୁବାଦକ-ହନୁମାନ ପ୍ରସାଦ ପୋଦ୍ଦାର ଚିମନଲାଲ ଗୋସ୍ୱାମୀ, ରୁଦ୍ର ସଂହିତା ଅଧ୍ୟାୟ ୬, ୭ ପୃଷ୍ଠା ୧୦୨-୧୦୩)

ବ୍ରହ୍ମଲୋକରେ ତମଗୁଣ ପ୍ରଧାନ ଏକ ତୃତୀୟ ସ୍ଥାନ ରଚନା କରି ସେଠାରେ ସ୍ୱୟଂ ଶିବରୂପ ଧାରଣ କରି ନିଜ ପତ୍ନୀ ଦୁର୍ଗା (ପ୍ରକୃତି)ଙ୍କ ସହିତ ପତି-ପତ୍ନୀ ସମ୍ପର୍କ ଦ୍ୱାରା ଏକ ତମଗୁଣ ଯୁକ୍ତ ତୃତୀୟ ପୁତ୍ର ଉତ୍ପନ୍ନ କରିଥାନ୍ତି । ତାଙ୍କ ନାମ ଶଙ୍କର (ଶିବ) ରଖିଥାନ୍ତି । ଏହି ପୁତ୍ର ଦ୍ୱାରା ତିନି ଲୋକରେ ଥିବା ପ୍ରାଣୀମାନଙ୍କର ସଂହାର କରାଇଥାନ୍ତି ।

ବିଷ୍ଣୁପୁରାଣରେ ଅଧ୍ୟାୟ ୪ ପର୍ଯ୍ୟନ୍ତ ଯେଉଁ ଜ୍ଞାନ ଅଛି ତାହା କାଳରୂପୀ ବ୍ରହ୍ମ ଅର୍ଥାତ୍ ଜ୍ୟୋତି ନିରଞ୍ଜନଙ୍କ ବିଷୟରେ ଲେଖାଅଛି । ଅଧ୍ୟାୟ ୫ ପରେ ଥିବା ମିଶ୍ରିତ ଜ୍ଞାନ କାଳବ୍ରହ୍ମଙ୍କ ପୁତ୍ର ସତଗୁଣୀ ବିଷ୍ଣୁଙ୍କ ଲୀଳା ବିଷୟରେ ତଥା ତାଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ଆଦିଙ୍କ ଜ୍ଞାନ ବିଷୟରେ ଲେଖାଅଛି ।

ବିଶେଷ ବିଚାରଯୋଗ୍ୟ ବିଷୟ ଏହା ଯେ - ଶ୍ରୀ ବିଷ୍ଣୁପୁରାଣର ବକ୍ତା ଶ୍ରୀ ପରାଶର ଋଷି ଅଟନ୍ତି । ଏହି ଜ୍ଞାନ ଦକ୍ଷାଦି ଋଷିମାନଙ୍କଠାରୁ ରାଜା ପୁରୁକୁତ୍ସ ଶୁଣିଥିଲେ । ପୁରୁକୁତ୍ସଙ୍କଠାରୁ ସାରସ୍ୱତ ଶୁଣିଲେ ଏବଂ ସାରସ୍ୱତଙ୍କ ନିକଟରୁ ଶ୍ରୀ ପରାଶର ଋଷି ଶୁଣିଲେ । ସେହି ଜ୍ଞାନ ଶ୍ରୀ ବିଷ୍ଣୁ ପୁରାଣରେ ଲିପିବଦ୍ଧ ହୋଇଛି ଯାହା ଆଜି ଆମ୍ଭମାନଙ୍କ କରକମଳରେ ଉପଲବ୍ଧ । ଏଥିରେ ଥିବା ଏକ ବ୍ରହ୍ମାଣ୍ଡର ଜ୍ଞାନ ମଧ୍ୟ ଅସମ୍ପୂର୍ଣ୍ଣ ଅଟେ । ଶ୍ରୀ ଦେବୀ ପୁରାଣ, ଶ୍ରୀ ଶିବ ପୁରାଣ ଆଦି ପୁରାଣ ଗୁଡିକର ଜ୍ଞାନ ମଧ୍ୟ ବ୍ରହ୍ମାଙ୍କ ଦ୍ୱାରା ଦିଆଯାଇଛି । ଶ୍ରୀ ପରାଶର ଋଷି ଦେଇଥିବା ଜ୍ଞାନ ସହିତ ଶ୍ରୀ ବ୍ରହ୍ମା ଦେଇଥିବା ଜ୍ଞାନ ସମାନ ହୋଇପାରିବ ନାହିଁ । ଏଥିପାଇଁ ଶ୍ରୀ ବିଷ୍ଣୁ ପୁରାଣକୁ ବୁଝିବା ପାଇଁ ଦେବୀ ପୁରାଣ ତଥା ଶିବ ପୁରାଣର ସାହାଯ୍ୟ ଦରକାର । କାରଣ ଏହି ଜ୍ଞାନ ଦକ୍ଷାଦି ଋଷିଙ୍କ ପିତା ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଦିଆଯାଇଛି । ଶ୍ରୀ ଦେବୀ ପୁରାଣକୁ ବୁଝିବା ପାଇଁ ଶ୍ରୀମଦ୍ଭଗବତ୍ ଗୀତା ତଥା ଚାରିବେଦର ସାହାର୍ଯ୍ୟ ଦରକାର । କାରଣ ଏହି ଜ୍ଞାନ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ଉତ୍ପତ୍ତିକର୍ତ୍ତା ଅର୍ଥାତ୍ ତାଙ୍କ ପିତା ସ୍ୱୟଂ କାଳରୂପୀ ବ୍ରହ୍ମ ଭଗବାନଙ୍କ ଦ୍ୱାରା ଦିଆଯାଇଛି । ପବିତ୍ର ବେଦ ତଥା ପବିତ୍ର ଶ୍ରୀମଦ୍ଭଗବତ୍ ଗୀତାର ଜ୍ଞାନକୁ ବୁଝିବା ପାଇଁ ସୂକ୍ଷ୍ମ ବେଦ ଅର୍ଥାତ୍ ସୂକ୍ଷ୍ମ ବେଦର ସାହାଯ୍ୟ ଦରକାର ଯାହା କାଳରୂପୀ ବ୍ରହ୍ମଙ୍କ ଉତ୍ପତ୍ତିକର୍ତ୍ତା ଅର୍ଥାତ୍ ତାଙ୍କ ପିତା ପରମଅକ୍ଷର ବ୍ରହ୍ମ (କବିର୍ଦେବ୍) ଦେଇଛନ୍ତି । ଯାହାକୁ ସ୍ୱୟଂ ସତ୍ୟପୁରୁଷ ପ୍ରକଟ ହୋଇ (କବିର୍ଗୀର୍ଭିଃ) କବିର୍ବାଣୀ ଦ୍ୱାରା କହିଥିଲେ। (ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୬ - ୨୦ ପର୍ଯ୍ୟନ୍ତ ପ୍ରମାଣ ଅଛି)

## "ଶ୍ରୀ ବ୍ରହ୍ମା ପୁରାଣ"

ଶ୍ରୀ ଲୋମହର୍ଷଣ ଋଷି ଏହି ପୁରାଣର ବକ୍ତା ଅଟନ୍ତି । ସେ ଶ୍ରୀ ବ୍ୟାସ ଋଷିଙ୍କ ଶିଷ୍ୟ ଅଟନ୍ତି ଯାହାଙ୍କୁ ସୂତ ମଧ୍ୟ କୁହାଯାଏ । ଶ୍ରୀ ଲୋମହର୍ଷଣ (ସୂତଜୀ) କହିଲେ ଯେ ଏହି ଜ୍ଞାନ ପ୍ରଥମେ ଶ୍ରୀ ବ୍ରହ୍ମା ଦକ୍ଷାଦି ଶ୍ରେଷ୍ଠ ମୁନିମାନଙ୍କୁ ଶୁଣାଇଥିଲେ, ତାହା ମୁଁ ଶୁଣାଉଛି । ଏହି ପୁରାଣରେ ସୃଷ୍ଟିର ବର୍ଣ୍ଣନ ନାମକ ଅଧ୍ୟାୟ (ପୃଷ୍ଠା ୨୭୭-୨୭୯) ରେ କହିଛନ୍ତି ଯେ ଶ୍ରୀ ବିଷ୍ଣୁ ସମଗ୍ର ବିଶ୍ୱର ଆଧାର ଅଟନ୍ତି। ସେ ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ଜଗତର ଉତ୍ପତ୍ତି, ପାଳନ ଓ ସଂହାର କରିଥାନ୍ତି । ସେହି ଭଗବାନ ବିଷ୍ଣୁଙ୍କୁ ମୋର ନମସ୍କାର ।

ଯିଏ ନିତ୍ୟ, ସଦ୍‌ସତ ସ୍ୱରୂପ ତଥା କାରଣଭୂତ ଅବ୍ୟକ୍ତ ପ୍ରକୃତି ଅଟନ୍ତି ତାଙ୍କୁ ହିଁ ପ୍ରଧାନ କୁହାଯାଏ । ତାଙ୍କ ଦ୍ୱାରା ପୁରୁଷ ଏହି ବିଶ୍ୱର ନିର୍ମାଣ କରିଛନ୍ତି । ଅମିତ ତେଜସ୍ୱୀ ବ୍ରହ୍ମାଙ୍କୁ ପୁରୁଷ ବୋଲି ଜାଣ । ସେ

ସମସ୍ତ ପ୍ରାଣୀଙ୍କୁ ସୃଷ୍ଟି କରିଥିବା ତଥା ଭଗବାନ ନାରାୟଣଙ୍କର ଆଶ୍ରିତ ଅଟନ୍ତି ।

ସ୍ୱୟଂମ୍ଭୁ ଭଗବାନ ନାରାୟଣ ଜଳ ସୃଷ୍ଟି କଲେ । ନାରାୟଣଙ୍କଠାରୁ ଉତ୍ପନ୍ନ ହୋଇଥିବା କାରଣରୁ ଜଳକୁ ନାର ବୋଲି କୁହାଗଲା । ଭଗବାନ ସର୍ବ ପ୍ରଥମେ ଜଳ ଉପରେ ବିଶ୍ରାମ କଲେ। ଏଥିପାଇଁ ଭଗବାନଙ୍କୁ ନାରାୟଣ କୁହାଯାଏ । ଭଗବାନ ଜଳରେ ନିଜ ଶକ୍ତି ଛାଡିଲେ ଯେଉଁଥିରୁ ଏକ ସୁବର୍ଣ୍ଣମୟ ଅଣ୍ଡା ପ୍ରକଟ ହେଲା । ସେଥିରୁ ସ୍ୱୟମ୍ଭୁ ବ୍ରହ୍ମାଙ୍କର ଉତ୍ପତ୍ତି ହୋଇଥିବାର ଶୁଣିବାକୁ ମିଳେ । ଶ୍ରୀ ବ୍ରହ୍ମା ଏକବର୍ଷ ପର୍ଯ୍ୟନ୍ତ ଅଣ୍ଡରେ ନିବାସ କରି ତାକୁ ଦୁଇଫାଳ କରିଦେଲେ, ଗୋଟିଏ ଫାଳରୁ ଧ୍ୟୁଲୋକ ଲୋକ ଓ ଅନ୍ୟଟିରୁ ଭୂଲୋକ ତିଆରି ହେଲା ।

ତତ୍‌ପଶ୍ଚାତ୍ ବ୍ରହ୍ମା ନିଜ ରୋଷ (କ୍ରୋଧ)ରୁ ରୂଦ୍ରଙ୍କୁ ପ୍ରକଟ କଲେ । ଉପରୋକ୍ତ ଜ୍ଞାନ ଋଷି ଲୋମହର୍ଷଣ (ସୂତଜୀ)ଙ୍କ ଦ୍ୱାରା ପ୍ରଦାନ କରାଯାଇଛି ଯାହା ଲୋକ କଥା ଅଟେ । ଯାହା ସମ୍ପୂର୍ଣ୍ଣ ନୁହେଁ । କାରଣ ବକ୍ତା କହୁଛି ଯେ ମୁଁ ଏହିପରି ଶୁଣିଛି । ସମ୍ପୂର୍ଣ୍ଣ ବିବରଣୀ ପାଇଁ ପଢନ୍ତୁ ଶ୍ରୀ ଦେବୀ ମହାପୁରାଣ, ଶ୍ରୀ ଶିବ ମହାପୁରାଣ, ଶ୍ରୀମଦ୍ ଭାଗବତ ଗୀତା, ଚାରିବେଦ ଓ ପୂର୍ଣ୍ଣ ପରମାତ୍ମାଙ୍କ ଦ୍ୱାରା ପ୍ରଦତ୍ତ ତତ୍ତ୍ୱଜ୍ଞାନ ଯାହାକୁ ସୂକ୍ଷ୍ମବେଦ ଅର୍ଥାତ୍ କବିର୍ବାଣୀ (କବୀର ବାଣୀ) କୁହାଯାଏ । ସେଥିପାଇଁ କୃପାକରି ପଢନ୍ତୁ "ଗହରୀ ନଜର ଗୀତା ମେଁ", "ପରମେଶ୍ୱର କେ ସାର ସଂଦେଶ", "ପରିଭାଷା ପ୍ରଭୁକୀ" ଆଦି ପୁସ୍ତକ "ଯଥାର୍ଥ ଜ୍ଞାନ ପ୍ରକାଶ"ଅଧ୍ୟାୟରେ ।

(କଳିଯୁଗରେ କବୀର ପରମେଶ୍ୱର (କବିର୍ଦେବ) ସ୍ୱୟଂ ପ୍ରକଟ ହୋଇ, ବାସ୍ତବିକ ଜ୍ଞାନକୁ ନିର୍ଭୁଲ ଭାବେ ନିଜର ପ୍ରିୟ ସେବକ ଶ୍ରୀ ଧର୍ମଦାସ ସାହେବଜୀ (ବାନ୍ଧବଗଡ) ଙ୍କୁ ପୁଣିଥରେ କହିଲେ ଯାହା ଏହି ପୁସ୍ତକର ସୃଷ୍ଟି ରଚନାରେ ବର୍ଣ୍ଣିତ, କୃପାକରି ସେହି ପୃଷ୍ଠାରେ ପଢନ୍ତୁ ) ।

ଶ୍ରୀ ପରାଶରଜୀ, କାଳ ବ୍ରହ୍ମଙ୍କୁ ପରବ୍ରହ୍ମ ମଧ୍ୟ କହିଛନ୍ତି ତଥା ବ୍ରହ୍ମ ଓ ବିଷ୍ଣୁ ମଧ୍ୟ କହିଛନ୍ତି ତଥା ଅନାଦି ଅର୍ଥାତ୍ ଅମର ମଧ୍ୟ କହିଛନ୍ତି । ଏହି ବ୍ରହ୍ମ ଅର୍ଥାତ୍ କାଳର ଜନ୍ମ-ମୃତ୍ୟୁ ହୁଏ ନାହିଁ । ଏଥିରୁ ଋଷିଙ୍କର ବାଲୁତ ବୁଦ୍ଧି ପ୍ରମାଣିତ ହେଉଛି ।

ବିଚାର କରନ୍ତୁ :- ବିଷ୍ଣୁ ପୁରାଣର ଜ୍ଞାନ ଜଣେ ଋଷିଙ୍କ ଦ୍ୱାରା ପ୍ରଦାନ କରାଯାଇଛି ଯିଏ ଲୋକବେଦ (ଶୁଣିଥିବା ଜ୍ଞାନ ଅର୍ଥାତ୍ ଲୋକକଥା) ଆଧାରରେ ଏହା କହିଛନ୍ତି ତଥା ବ୍ରହ୍ମାପୁରାଣର ଜ୍ଞାନ ଶ୍ରୀ ଲୋମହର୍ଷଣ ଋଷି, ଦକ୍ଷାଦି ଋଷିଙ୍କଠାରୁ ଯାହା ଶୁଣିଥିଲେ ତାହା ଲେଖିଛନ୍ତି । ଏଥିପାଇଁ ଉପରୋକ୍ତ ଦୁଇଟି (ବିଷ୍ଣୁପୁରାଣ ଓ ବ୍ରହ୍ମାପୁରାଣ)କୁ ବୁଝିବା ନିମନ୍ତେ ଶ୍ରୀ ଦେବୀପୁରାଣ ଓ ଶ୍ରୀ ଶିବପୁରାଣର ସହଯୋଗ ନିଆଯିବ, ସ୍ୱୟଂ ଶ୍ରୀ ବ୍ରହ୍ମା ନିଜପୁତ୍ର ନାରଦଙ୍କୁ ଯାହା ଶୁଣାଇଲେ, ଯାହା ଶ୍ରୀ ବ୍ୟାସ ଋଷି ଗ୍ରହଣ କଲେ ଏବଂ ଲେଖିଲେ । ଅନ୍ୟ ପୁରାଣଗୁଡିକର ଜ୍ଞାନ ଶ୍ରୀ ବ୍ରହ୍ମାଙ୍କ ଜ୍ଞାନ ପରି ହୋଇପାରିବ ନାହିଁ । ଏଥିପାଇଁ ଅନ୍ୟ ପୁରାଣଗୁଡିକୁ ବୁଝିବା ପାଇଁ ଦେବୀପୁରାଣ ଓ ଶ୍ରୀ ଶିବପୁରାଣର ସହଯୋଗ ନିଆଯିବ । କାରଣ ଏହି ଜ୍ଞାନ ଦକ୍ଷାଦି ଋଷିଙ୍କ ପିତା ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଶ୍ରୀ ଦେବୀପୁରାଣ ଓ ଚାରିବେଦର ସାହାର୍ଯ୍ୟ ନିଆଯିବ । କାରଣ ଏହି ଜ୍ଞାନ ସ୍ୱୟଂ ଭଗବାନ କାଳ ରୂପୀ ବ୍ରହ୍ମଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ସେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଉତ୍ପତ୍ତିକର୍ତ୍ତା ବା ପିତା ଅଟନ୍ତି । ପବିତ୍ର ଚାରିବେଦ ଓ ଶ୍ରୀମଭଗବତ୍ ଗୀତାରେ ଥିବା ଜ୍ଞାନକୁ ବୁଝିବା ପାଇଁ ସ୍ୱସମବେଦ ଅର୍ଥାତ୍ ସୂକ୍ଷ୍ମବେଦର ସାହାଯ୍ୟ ନେବାକୁ ପଡିବ ଯାହା କାଳରୂପୀ ବ୍ରହ୍ମଙ୍କ ଉତ୍ପତ୍ତିକର୍ତ୍ତା ଅର୍ଥାତ୍ ପିତା ପରମଅକ୍ଷର ବ୍ରହ୍ମ (କବିର୍ଦେବ) ଙ୍କ ଦ୍ୱାରା ପ୍ରଦାବ କରାଯାଇଛି । ସତ୍ୟପୁରୁଷ ସ୍ୱୟଂ ପ୍ରକଟ ହୋଇ (କବିର୍ଗୀଭିଃ) କବିର୍ବାଣୀ ଦ୍ୱାରା ଏହା କହିଥିଲେ । (ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୬ ରୁ ୨୦ ରେ ପ୍ରମାଣ ଅଛି ) ତଥା ଶ୍ରୀମଭଭଗବତ୍ ଗୀତାରେ କାଳ ଭଗବାନ ଅର୍ଥାତ୍ ବ୍ରହ୍ମ ନିଜର ସ୍ଥିତି ବିଷୟରେ ସ୍ୱୟଂ କହିଛନ୍ତି ଯାହା ସତ୍ୟ ଅଟେ ।

ଗୀତା ଅଧ୍ୟାୟ ୧୫ ର ଶ୍ଳୋକ ୧୮ ରେ କହିଛନ୍ତି ଯେ ନିଜ ଏକୋଇଶି ବ୍ରହ୍ମାଣ୍ଡରେ ଯେତେବି ପ୍ରାଣୀ ଅଛନ୍ତି ସେମାନଙ୍କ ମଧ୍ୟରେ ମୁଁ (କାଳ-ବ୍ରହ୍ମ) ଶ୍ରେଷ୍ଠ ଅଟେ । ସେମାନେ ସ୍ଥୁଳ ଶରୀରରେ ନାଶବାନ ହୁଅନ୍ତୁ ବା ଆତ୍ମା ରୂପରେ ଅବିନାଶୀ ହୁଅନ୍ତୁ ସମସ୍ତଙ୍କଠାରୁ ମୁଁ ଶ୍ରେଷ୍ଠ ଅଟେ । ଏଥିପାଇଁ ଲୋକବେଦ (ଶୁଣିଥିବା ଜ୍ଞାନ) ଆଧାରରେ ମୋତେ ପୁରୁଷୋତ୍ତମ କୁହନ୍ତି । ବାସ୍ତବରେ ପୁରୁଷୋତ୍ତମ ମୋ (କ୍ଷରପୁରୁଷ ଅର୍ଥାତ୍

କାଳ) ଠାରୁ ଓ ଅକ୍ଷରପୁରୁଷ (ପରବ୍ରହ୍ମ) ଠାରୁ ମଧ୍ୟ ଭିନ୍ନ ଅଟନ୍ତି । ବାସ୍ତବରେ ସେ ହିଁ ପରମାତ୍ମା ଅର୍ଥାତ୍ ଭଗବାନ ପଦବାଚ୍ୟ । ସେ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ସେ ହିଁ ବାସ୍ତବରେ ଅବିନାଶୀ ପରମେଶ୍ୱର ଅଟନ୍ତି (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭) । ଗୀତା ଜ୍ଞାନଦାତା ବ୍ରହ୍ମ ସ୍ୱୟଂ କହୁଛନ୍ତି ଯେ ହେ ଅର୍ଜୁନ ! ତୁମର ଓ ମୋର ବହୁତ ଜନ୍ମ ହୋଇସାରିଛି, ତୁମେ ଜାଣିନାହଁ, ମୁଁ ଜାଣିଛି । ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୪ ର ଶ୍ଳୋକ ୫, ଅଧ୍ୟାୟ ୨ ର ଶ୍ଳୋକ ୧୨ ରେ ପ୍ରମାଣ ଅଛି ଓ ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ନିଜର ସାଧନାକୁ ମଧ୍ୟ (ଅନୁତ୍ତମାମ୍) ଅତି ଅଶ୍ରେଷ୍ଠ ବୋଲି କହିଛନ୍ତି । ଏଥିପାଇଁ ଅଧ୍ୟାୟ ୧୬ ର ଶ୍ଳୋକ ୬୨ ରେ କହିଛନ୍ତି, ହେ ଅର୍ଜୁନ ! ତୁମେ ସର୍ବ ଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ ଯାହାଙ୍କ କୃପାରେ ତୁମେ ପରମଶାନ୍ତି ଓ କେବେ ନଷ୍ଟ ହେଉନଥିବା ଲୋକ ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ ହେବ । ଅଧ୍ୟାୟ ୧୫ ର ଶ୍ଳୋକ ୪ ରେ କହିଛନ୍ତି ଯେ ତୁମକୁ ଯେତେବେଳେ ତତ୍ତ୍ୱଦର୍ଶୀ ସନ୍ଥ ପ୍ରାପ୍ତ ହୋଇଯିବେ (ଯାହା ଗୀତା ଅଧ୍ୟାୟ ୪ ର ଶ୍ଳୋକ ୩୪ ରେ ଓ ଅଧ୍ୟାୟ ୧୫ ର ଶ୍ଳୋକ ୧ ରେ ବର୍ଣ୍ଣିତ ଅଛି) ସେତେବେଳେ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ ଯେଉଁଠିକୁ ଯାଇଥିବା ସାଧକ ପୁନର୍ବାର ଏହି ସଂସାରକୁ ଲେଉଟି ଆସିନଥାଏ । ଅର୍ଥାତ୍ ସମ୍ପୂର୍ଣ୍ଣ ମୋକ୍ଷ ପ୍ରାପ୍ତ ହୋଇଯାଏ । ଯେଉଁ ପରମେଶ୍ୱରଙ୍କଠାରୁ ସାରା ସଂସାର ଉତ୍ପନ୍ନ ହୋଇଛି ତଥା ଯିଏ ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ମୁଁ (ଗୀତା ଜ୍ଞାନଦାତା ବ୍ରହ୍ମରୂପୀ କାଳ) ମଧ୍ୟ ସେହି ଆଦି ପୁରୁଷ ପରମେଶ୍ୱରଙ୍କ ଶରଣରେ ଆଶ୍ରିତ । ପୂର୍ଣ୍ଣ ବିଶ୍ୱାସର ସହିତ ତାଙ୍କ ଭକ୍ତି ସାଧନା ଅର୍ଥାତ୍ ପୂଜା କରିବା ଉଚିତ ।

## "ଶ୍ରୀ ଦେବୀ ମହାପୁରାଣରୁ ଜ୍ଞାନ ଗ୍ରହଣ କରନ୍ତୁ"

### "ଶୀ ଦେବୀ ମହାପୁରାଣର ଆଂଶିକ ଲେଖା ଓ ସାର ବିଚାର"

(ସଂକ୍ଷିପ୍ତ ଶ୍ରୀମଦ ଦେବୀ ଭାଗବତ, ସଚିତ୍ର, ମୋଟା ଟାଇପ୍, କେବଳ ହିନ୍ଦି, ସମ୍ପାଦକ - ହନୁମାନ ପ୍ରସାଦ ପୋଦ୍ଦାର, ଚିମ୍ମନ୍ ଲାଲ ଗୋସ୍ୱାମୀ, ପ୍ରକାଶକ - ଗୋବିନ୍ଦ ଭବନ -କାର୍ଯ୍ୟାଳୟ, ଗୀତା ପ୍ରେସ୍ ଗୋରଖପୁର)

*॥ ଶ୍ରୀ ଜଗଦମ୍ବିକାୟୈ ନମଃ ॥, ଶ୍ରୀ ଦେବୀ ମଦ୍‌ଭାଗବତ (ତୃତୀୟ ସ୍କନ୍ଦ)*

ରାଜା ପରୀକ୍ଷିତ ଶ୍ରୀ ବ୍ୟାସଙ୍କୁ ବ୍ରହ୍ମାଣ୍ଡର ରଚନା ବିଷୟରେ ପଚାରିଲେ । ଶ୍ରୀ ବ୍ୟାସ କହିଲେ, ରାଜନ୍ ! ମୁଁ ଏହି ପ୍ରଶ୍ନ ଋଷି ନାରଦଙ୍କୁ ପଚାରିଥିଲି, ସେହି ବର୍ଣ୍ଣନ ବିଷୟରେ ଆପଣଙ୍କୁ କହୁଛି, ଶୁଣନ୍ତୁ, ମୁଁ (ଶ୍ରୀ ବ୍ୟାସ) ଶ୍ରୀ ନାରଦଙ୍କୁ ପଚାରିଲି ଯେ ଗୋଟିଏ ବ୍ରହ୍ମାଣ୍ଡର ରଚୟିତା କିଏ ? କେହି ଶ୍ରୀ ଶଙ୍କର ଭଗବାନଙ୍କୁ ଏହାର ରଚୟିତା ବୋଲି କହିଥାନ୍ତି ତ କେହି ଶ୍ରୀ ବିଷ୍ଣୁଙ୍କୁ ତଥା କେହି ଶ୍ରୀ ବ୍ରହ୍ମାଙ୍କୁ ତଥା ଅନେକ ଆଚାର୍ଯ୍ୟ ମାତା ଭବାନୀଙ୍କୁ ସର୍ବ ମନୋରଥ ପୂର୍ଣ୍ଣକାରୀ କହିଥାନ୍ତି । ସେ ଆଦିମାୟା ମହାଶକ୍ତି ପରମ ପୁରୁଷଙ୍କ ସହିତ ରହି କାର୍ଯ୍ୟ ସମ୍ପାଦନ କରୁଥିବା ପ୍ରକୃତି ଅଟନ୍ତି । ବ୍ରହ୍ମଙ୍କ ସହିତ ତାଙ୍କର ଅବୈଧ ସମ୍ପର୍କ ଅଛି । (ପୃଷ୍ଠା -୧୧୪) ।

ନାରଦ କହିଲେ - ବ୍ୟାସ ! ଏହା ପ୍ରାଚୀନ ସମୟର କଥା - ଏହି ସନ୍ଦେହ ମୋ ମନରେ ମଧ୍ୟ ଉତ୍ପନ୍ନ ହୋଇଥିଲା । ସେତେବେଳେ ମୁଁ ନିଜ ପିତା ଅମିତ ତେଜସ୍ୱୀ ଶ୍ରୀ ବ୍ରହ୍ମାଙ୍କ ନିକଟକୁ ଯାଇ ଯେଉଁ ବିଷୟରେ ତୁମେ ମୋତେ ପଚାରୁଅଛ ତାହା ପଚାରିଲି । ମୁଁ କହିଲି, ପିତାଜୀ ! ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଉତ୍ପତ୍ତି କିପରି ହେଲା ? ଏହାର ରଚନା ଆପଣ କରିଛନ୍ତି ନା ଶ୍ରୀ ବିଷ୍ଣୁ ନା ଶ୍ରୀ ଶଙ୍କର, କୃପାକରି ସତ୍ୟ କୁହନ୍ତୁ ।

ବ୍ରହ୍ମା କହିଲେ - (ପୃଷ୍ଠା ୧୧୫ ରୁ ୧୨୦ ଓ ୧୨୩, ୧୨୫, ୧୨୮, ୧୨୯) ପୁତ୍ର ! ମୁଁ ଏହି ପ୍ରଶ୍ନର କି ଉତ୍ତର ଦେବି ? ଏହା ଏକ ଜଟିଳ ପ୍ରଶ୍ନ । ପୂର୍ବକାଳରେ ସର୍ବତ୍ର ଜଳ ଥିଲା । ସେତେବେଳେ ପଦ୍ମରୁ ମୋର ଉତ୍ପତ୍ତି ହେଲା । ମୁଁ ପଦ୍ମଫୁଲର ଏକ କୋଣରେ ବସି ବିଚାର କଲି ଯେ ଏହି ଅଗାଧ ଜଳରେ ମୁଁ କିପରି ଉତ୍ପନ୍ନ ହେଲି ? ମୋର ରକ୍ଷକ କିଏ ? ପଦ୍ମନାଡକୁ ଧରି ଜଳ ଭିତରକୁ ଓହ୍ଲାଇଲି । ସେଠାରେ ଶେଷନାଗ ଉପରେ ଶୟନ କରିଥିବା ବିଷ୍ଣୁଙ୍କୁ ଦେଖିଲି । ସେ ଯୋଗନିଦ୍ରାରେ ବଶୀଭୂତ ହୋଇ ନିଗୋଢ ନିଦ୍ରାରେ ଶୋଇଥିଲେ । ଇତି ମଧ୍ୟରେ ଭଗବତୀ ଯୋଗନିଦ୍ରାଙ୍କ କଥା ମନେ ପଡିଗଲା । ମୁଁ ଯେତେବେଳେ ତାଙ୍କ ସ୍ତୁତି କଲି ସେତେବେଳେ ସେହି କଲ୍ୟାଣମୟୀ ଭଗବତୀ ଶ୍ରୀ ବିଷ୍ଣୁଙ୍କ ବିଗ୍ରହରୁ ବାହାରି ଅଚିନ୍ତ୍ୟ ରୂପ ଧାରଣକରି ଆକାଶରେ ବିରାଜମାନ ହୋଇଗଲେ । ଦିବ୍ୟ ଆଭୂଷଣ ତାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥାଏ । ଯୋଗନିଦ୍ରା ଯେତେବେଳେ ଭଗବାନ ବିଷ୍ଣୁଙ୍କ ଶରୀରରୁ ଅଲଗା ହୋଇ ଆକାଶରେ ବିରାଜମାନ ହେଲେ,

ସେତେବେଳେ ଶ୍ରୀହରି ତୁରନ୍ତ ଉଠିପଡି ବସିଗଲେ । ସେହି ସମୟରେ ସେଠାରେ ଆମ୍ଭେ ଦୁଇଜଣ ମୁଁ ଓ ଭଗବାନ ବିଷ୍ଣୁ ଥିଲୁ ସେଠାରେ ରୁଦ୍ର ମଧ୍ୟ ପ୍ରକଟ ହୋଇଗଲେ। ଆମ୍ଭ ତିନିଜଣଙ୍କୁ ଦେବୀ କହିଲେ, ବ୍ରହ୍ମା, ବିଷ୍ଣୁ ଓ ମହେଶ ! ତୁମ୍ଭେମାନେ ସାବଧାନ ହୋଇ ଭଲଭାବେ ନିଜ ନିଜ କାର୍ଯ୍ୟରେ ସଂଲଗ୍ନ ହୋଇଯାଅ । ସୃଷ୍ଟି, ସ୍ଥିତି ଓ ସଂହାର – ଏହା ତୁମ୍ଭମାନଙ୍କର କାର୍ଯ୍ୟ ଅଟେ । ଇତି ମଧ୍ୟରେ ଏକ ସୁନ୍ଦର ବିମାନ ଆକାଶରୁ ଓହ୍ଲାଇଲା । ସେତେବେଳେ ଦେବୀ ଆମ୍ଭଙ୍କୁ ଆଜ୍ଞା ଦେଇ କହିଲେ ଯେ – ଦେବତାଗଣ ! ନିର୍ଭୀକ ହୋଇ ଇଚ୍ଛାପୂର୍ବକ ଏହି ବିମାନରେ ପ୍ରବେଶ କର । ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ! ମୁଁ ଆଜି ତୁମ୍ଭମାନଙ୍କୁ ଏକ ଅଦ୍ଭୁତ ଦୃଶ୍ୟ ଦେଖାଇବି ।

ଆମ୍ଭମାନଙ୍କୁ (ତିନି ଦେବତାଙ୍କୁ) ସେହି ବିମାନରେ ବସିବା ଦେଖି ଦେବୀ ନିଜ ସାମର୍ଥ୍ୟ ଅନୁସାରେ ଆକାଶରେ ବିମାନକୁ ଉଡାଇଲେ ।

ଇତ୍ୟାବସରରେ ଆମ୍ଭ ବିମାନ କ୍ଷୀପ୍ର ଗତିରେ ଉଡିଲା ଏବଂ ତାହା ଦିବ୍ୟଧାମ-ବ୍ରହ୍ମଲୋକରେ ଯାଇ ପହଞ୍ଚିଲା । ସେଠାରେ ଅନ୍ୟ ଜଣେ ବ୍ରହ୍ମା ବିରାଜମାନ ଥିଲେ । ତାଙ୍କୁ ଦେଖି ଭଗବାନ ଶଙ୍କର ଓ ବିଷ୍ଣୁ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ । ଭଗବାନ ଶଙ୍କର ଓ ବିଷ୍ଣୁ ମୋତେ ପଚାରିଲେ-ଚତୁରାନନ ! ଏହି ଅବିନାଶୀ ବ୍ରହ୍ମା କିଏ ଅଟନ୍ତି ? ମୁଁ ଉତ୍ତର ଦେଲି-ମୋତେ କିଛି ଜଣା ନାହିଁ, ସୃଷ୍ଟିର ଅଧିଷ୍ଠାତା ଇଏ କିଏ ଅଟନ୍ତି, ଭଗବାନ ! ମୁଁ କିଏ ଏବଂ ଆମ୍ଭର ଉଦ୍ଦେଶ୍ୟ କ'ଣ ? – ଏହି ଦ୍ୱନ୍ଦ ମୋ ମନକୁ ବିଚଳିତ କରୁଥାଏ ।

ଇତି ମଧ୍ୟରେ ମନ ପରି ଚଞ୍ଚଳ ସେହି ବିମାନ ତୁରନ୍ତ ସେଠାରୁ ପ୍ରସ୍ଥାନ କରି କୈଳାସ ପର୍ବତର ସୁରମ୍ୟ ଶିଖର ଉପରେ ଯାଇ ପହଞ୍ଚିଗଲା । ସେଠାରେ ବିମାନ ପହଞ୍ଚିବା ମାତ୍ରେ ଏକ ଭବ୍ୟ ଭବନରୁ ତ୍ରିନେତ୍ରଧାରୀ ଭଗବାନ ଶଙ୍କର ବାହାରିଲେ । ସେ ନନ୍ଦୀ ବୃଷଭ ଉପରେ ବସିଥିଲେ।

କିଛିକ୍ଷଣ ପରେ ସେହି ବିମାନ କୈଳାସ ଶିଖରରୁ ପବନ ସମ କ୍ଷୀପ୍ରଗତିରେ ଉଡିଲା ଏବଂ ବୈକୁଣ୍ଠ ଲୋକରେ ଯାଇ ପହଞ୍ଚିଲା ଯେଉଁଠି ଭଗବତୀ ଲକ୍ଷ୍ମୀଙ୍କ ବିଳାସ ଭବନ ଥିଲା । ପୁତ୍ର ନାରଦ ! ସେଠାରେ ମୁଁ ଯେଉଁ ସମ୍ପତ୍ତି ଦେଖିଲି, ତାହା ବର୍ଣ୍ଣନା କରିବା ମୋ ପକ୍ଷେ ଅସମ୍ଭବ । ସେହି ଉତ୍ତମପୁରୀକୁ ଦେଖି ବିଷ୍ଣୁଙ୍କ ମନ ଆଶ୍ଚର୍ଯ୍ୟର ସମୁଦ୍ର ଭିତରେ ବୁଡ ଦେବାକୁ ଲାଗିଲା । ସେଠାରେ କମଳଲୋଚନ ଶ୍ରୀହରୀ ବିରାଜମାନ ଥିଲେ । ତାଙ୍କର ଚାରୋଟି ଭୁଜା ଥିଲା।

ଇତି ମଧ୍ୟରେ ସେହି ବିମାନ ପବନ ବେଗରେ ସେଠାରୁ ତୁରନ୍ତ ଉଡିବାକୁ ଲାଗିଲା । ଆଗରେ ଅମୃତ ସମାନ ମିଠା ଜଳରେ ପୂର୍ଣ୍ଣ ସମୁଦ୍ର ମିଳିଲା । ସେଠାରେ ଏକ ମନୋହର ଦ୍ୱୀପ ଥିଲା। ସେହି ଦ୍ୱୀପରେ ଏକ ମଙ୍ଗଳମୟ ମନୋହର ପଲଙ୍କ ପଡିଥିଲା । ସେହି ଉତ୍ତମ ପଲଙ୍କ ଉପରେ ଜଣେ ଦିବ୍ୟ ରମଣୀ ବସିଥିଲେ । ଆମ୍ଭେ ଆପୋଷରେ ଆଲୋଚନା କଲୁ, "ଏହି ସୁନ୍ଦରୀ କିଏ ଅଟନ୍ତି ଏବଂ ତାଙ୍କ ନାମ କ'ଣ, ତାଙ୍କ ବିଷୟରେ ଆମ୍ଭର ଆଦୌ ଜ୍ଞାନ ନ ଥିଲା ।"

ନାରଦ ! ଏହିଭଳି ସନ୍ଦେହଗ୍ରସ୍ତ ହୋଇ ଆମ୍ଭେ ସେଠାରେ ଅଟକି ରହିଲୁ । ସେତେବେଳେ ଭଗବାନ ବିଷ୍ଣୁ ସେହି ଚାରୁହାସିନୀ ଭଗବତୀଙ୍କୁ ଦେଖି ବିବେକ ପୂର୍ବକ ନିଶ୍ଚିତ ହୋଇଗଲେ ଯେ, ସେ ଭଗବତୀ ଜଗଦମ୍ବିକା ଅଟନ୍ତି । ସେ ଆହୁରି ମଧ୍ୟ କହିଲେ ଯେ ଏହି ଭଗବତୀ ଆମ୍ଭ ସମସ୍ତଙ୍କର ଆଦିକାରଣ ଅଟନ୍ତି । ମହାବିଦ୍ୟା ଓ ମହାମାୟା ତାଙ୍କ ନାମ ଅଟେ । ସେ ପୂର୍ଣ୍ଣପ୍ରକୃତି ଅଟନ୍ତି । ସେ "ବିଶ୍ୱେଶ୍ୱରୀ" "ବେଦଗର୍ଭା" ଏବଂ "ଶିବା" ଅଟନ୍ତି ।

ଇଏ ସେହି ଦିବ୍ୟାଙ୍ଗନା ଅଟନ୍ତି ମୋତେ ଯାହାଙ୍କ ଦର୍ଶନ ପ୍ରଳୟାର୍ଣ୍ଣବରେ ହୋଇଥିଲା । ସେତେବେଳେ ମୁଁ ବାଳକ ରୂପରେ ଥିଲି । ଇଏ ମୋତେ ଝୁଲଣାରେ ଝୁଲାଉଥିଲେ । ବଟବୃକ୍ଷର ପତ୍ର ଉପରେ ଏକ ସୁଦୃଢ ଶଯ୍ୟା ବିଛା ଯାଇଥିଲା । ତାହା ଉପରେ ଶୋଇ ମୁଁ ପାଦର ଆଙ୍ଗୁଠିକୁ ନିଜର ପଦ୍ମ ପରି ମୁଖରେ ଚୁଚୁମୁ ଥିଲି ତଥା ଖେଳୁଥିଲି । ଏହି ଦେବୀ ମୋତେ ଗୀତଗାଇ ଦୋଳିରେ ଝୁଲାଉଥିଲେ । ଇଏ ସେହି ଦେବୀ ଅଟନ୍ତି । ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ। ଏହି ଦେବୀଙ୍କୁ ଦେଖି ମୋ ପିଲାଦିନର କଥା ମନେ ପଡିଗଲା । ଏହି ଦେବୀ ଆମ୍ଭ ସମସ୍ତଙ୍କର ଜନନୀ ଅଟନ୍ତି ।

ଶ୍ରୀ ବିଷ୍ଣୁ, ସମୟାନୁସାରେ ସେହି ଭଗବତୀ ଭୁବନେଶ୍ୱରୀଙ୍କ ସ୍ତୁତି ଆରମ୍ଭ କରିଦେଲେ ।

ଭଗବାନ ବିଷ୍ଣୁ କହିଲେ – ପ୍ରକୃତି ଦେବୀଙ୍କୁ ମୋର ନମସ୍କାର । ଭଗବତୀ ବିଧାତ୍ରୀଙ୍କୁ ନିରନ୍ତର

ନମସ୍କାର । ତୁମ୍ଭେ ଶୁଦ୍ଧ ସ୍ୱରୂପା, ସାରା ସଂସାର ତୁମ୍ଭଠାରୁ ଉଦ୍ଭାସିତ ହୋଇଛି । ମୁଁ, ବ୍ରହ୍ମା ଓ ଶଙ୍କର-ଆମ୍ଭେ ସମସ୍ତେ ତୁମ୍ଭ କୃପାରୁ ବିଦ୍ୟମାନ। ଆମ୍ଭମାନଙ୍କର ଆବିର୍ଭାବ ଓ ତିରୋଭାବ ହୋଇଥାଏ । କେବଳ ତୁମେ ହିଁ ନିତ୍ୟ, ଜଗତଜନନୀ, ପ୍ରକୃତି ଓ ସନାତନୀ ଦେବୀ ଅଟ ।

ଭଗବାନ ଶଙ୍କର କହିଲେ - ଦେବୀ ! ଯଦି ମହାଭାଗ ବିଷ୍ଣୁ ତୁମ୍ଭଠାରୁ ଉତ୍ପନ୍ନ ହୋଇଛନ୍ତି ତେବେ ତାଙ୍କପରେ ଉତ୍ପନ୍ନ ହୋଇଥିବା ବ୍ରହ୍ମା ମଧ୍ୟ ତୁମ୍ଭର ବାଳକ ହେଲେ । ପୁଣି ମୁଁ ତମଗୁଣୀ ଲୀଳା କରୁଥିବା ଶଙ୍କର କ'ଣ ତୁମ୍ଭର ସନ୍ତାନ ହେଲି ନାହିଁ - ଅର୍ଥାତ୍ ମୋତେ ମଧ୍ୟ ଉତ୍ପନ୍ନ କରିଥିବା ମାତା ତୁମ୍ଭେ ହିଁ ଅଟ । ଏହି ସଂସାରର ସୃଷ୍ଟି ସ୍ଥିତି ଓ ସଂହାରରେ ତୁମ୍ଭ ଗୁଣ ସଦା ସମର୍ଥ ଅଟେ । ସେହି ତିନିଗୁଣରୁ ଉତ୍ପନ୍ନ ଆମ୍ଭେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ କାର୍ଯ୍ୟରେ ତତ୍ପର ରହିଥାଉ । ମୁଁ, ବ୍ରହ୍ମା ଓ ଶିବ ବିମାନରେ ଚଢି ଯାଉଥିବା ସମୟରେ ଆମ୍ଭଙ୍କୁ ରାସ୍ତାରେ ନୂଆ-ନୂଆ ଜଗତ ଦେଖିବାକୁ ମିଳୁଥିଲା । ଭବାନୀ ! ଦୟାକରି ଟିକେ କୁହନ୍ତୁ ତ ଏଗୁଡିକୁ କିଏ ନିର୍ମାଣ କରିଛନ୍ତି ?

ଏଥିପାଇଁ ଦେଖନ୍ତୁ ଏହି ପ୍ରମାଣ ଶ୍ରୀମଦ ଦେବୀ ଭାଗବତ ମହାପୁରାଣ ସଭାଷଟିକମ୍ ସମାହାତ୍ୟମ୍, କ୍ଷେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶ-ମୁମ୍ବାଇ, ଏଥିରେ ସଂସ୍କୃତ ସହିତ ହିନ୍ଦି ଅନୁବାଦ କରାଯାଇଛି । ତୃତୀୟ ସ୍କନ୍ଦ ଅଧ୍ୟାୟ ୪ ପୃଷ୍ଠା ୧୦, ଶ୍ଲୋକ ୪୨ :-

ବ୍ରହ୍ମା - ଅହଂ ଇଶ୍ୱରଃ ଫିଲ ତେ ପ୍ରଭାବାସ୍ସର୍ବେ ବୟଂ ଜନି ଯୁତା ନ ଯଦା ତୁ ନିତ୍ୟାଃ, କେ ଅନ୍ୟେ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା । (୪୨) ।

ଅନୁବାଦ :- ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ଜନ୍ମବାନ ଅଟୁ, ନିତ୍ୟ ନୁହେଁ, ଅର୍ଥାତ୍ ଆମ୍ଭେ ଅବିନାଶୀ ନୁହେଁ, ପୁଣି ଇନ୍ଦ୍ରାଦି ଅନ୍ୟ ଦେବତା କିପରି ନିତ୍ୟ ହୋଇ ପାରିବେ । ତୁମ୍ଭେ ଅବିନାଶୀ, ପ୍ରକୃତି ତଥା ସନାତନୀ ଦେବୀ ଅଟ । ୪୨ ।

ପୃଷ୍ଠା ୧୧-୧୨, ଅଧ୍ୟାୟ ୫, ଶ୍ଲୋକ ୮ :- ଯଦି ଦୟାର୍ଦ୍ରମନା ନ ସଦାଂଶ୍ୱବିକେ କଥମହଂ ବିହିତଃ ଚ ତମୋଗୁଣଃ କମଳଜଶ୍ଚ ରଜୋଗୁଣ ସଂଭବଃ ସୁବିହିତଃ କିମୁ ସତ୍ୱଗୁଣୋଂ ହରିଃ । (୮) ।

ଅନୁବାଦ:- ଭଗବାନ ଶଙ୍କର କହିଲେ - ହେ ମାତ ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ହୋଇଛନ୍ତି ତେବେ ମୋତେ ତମଗୁଣଯୁକ୍ତ କାହିଁକି କଲେ । ପଦ୍ମରୁ ଉତ୍ପନ୍ନ ବ୍ରହ୍ମାଙ୍କୁ ରଜଗୁଣ ଯୁକ୍ତ ଓ ବିଷ୍ଣୁଙ୍କୁ ସତଗୁଣ ଯୁକ୍ତ କାହିଁକି କଲେ ? ଅର୍ଥାତ୍ ଜୀବମାନଙ୍କୁ ଜନ୍ମ-ମୃତ୍ୟୁ ରୂପୀ ଦୁଷ୍କର୍ମରେ କାହିଁକି ନିୟୋଜିତ କଲେ ?

ଶ୍ଲୋକ ୧୨ - ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍ମ ଶିବେ (୧୨) ।

ଅନୁବାଦ:- ନିଜ ପତିପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ଆପଣ ସଦାସର୍ବଦା ଭୋଗବିଳାସ କରୁଥାଅ । ଆପଣଙ୍କ ଗତି କେହି ଜାଣନ୍ତି ନାହିଁ ।

ବ୍ରହ୍ମା କହୁଛନ୍ତି - ମୁଁ ମଧ୍ୟ ମହାମାୟା ଜଗଦମ୍ବିକାଙ୍କ ଚରଣ ତଳେ ପଡିଗଲି ଏବଂ କହିଲି, ମାତା ! ବେଦ କୁହେ "ଏକମେବାଦ୍ୱିତୀୟଂ ବ୍ରହ୍ମ"। ତେବେ ସେହି ଆତ୍ମ ସ୍ୱରୂପା କ'ଣ ତୁମ୍ଭେ ବା ସେ କେହି ଅନ୍ୟ ପୁରୁଷ ଅଟନ୍ତି ?

ଦେବୀ କହିଲେ - ମୁଁ ଓ ବ୍ରହ୍ମ ଏକ ଅଟୁ । ବ୍ରହ୍ମ ଓ ମୋ ମଧ୍ୟରେ କଞ୍ଚିତ ମାତ୍ର ପ୍ରଭେଦ ନାହିଁ । ଗୌରୀ, ବ୍ରାହ୍ମୀ, ରୌଦ୍ରୀ, ବାରାହୀ, ବୈଷ୍ଣବୀ, ଶିବା, ବାରୁଣୀ, କୌବେରୀ, ନାରସିଂହୀ ଏବଂ ବାସବୀ- ଏହି ସମସ୍ତ ରୂପ ମୋର ଅଟେ । ବ୍ରହ୍ମା ! ଏହି ଶକ୍ତିକୁ ତୁମ୍ଭେ ନିଜ ସ୍ତ୍ରୀ ରୂପେ ଗ୍ରହଣ କର । "ମହାସରସ୍ୱତୀ" ନାମରେ ବିଖ୍ୟାତ ଏହି ସୁନ୍ଦରୀ ଏବେ ସଦାସର୍ବଦା ପାଇଁ ତୁମ୍ଭର ସ୍ତ୍ରୀ ହୋଇ ରହିବେ । ଭଗବତୀ ଜଗଦମ୍ବା, ଭଗବାନ ବିଷ୍ଣୁଙ୍କୁ କହିଲେ - "ବିଷ୍ଣୋ ! ମନକୁ ମୁଗ୍ଧ କରୁଥିବା ଏହି ମହାଲକ୍ଷ୍ମୀଙ୍କୁ ନେଇ ଏବେ ତୁମ୍ଭେ ପ୍ରସ୍ଥାନ କର ।" ତୁମ୍ଭ ବକ୍ଷସ୍ଥଳରେ ସେ ସଦାସର୍ବଦା ବିରାଜମାନ ରହିବେ ।

ଦେବୀ କହିଲେ - ଶଙ୍କର ! ମନକୁ ମୁଗ୍ଧକାରୀ ଏହି 'ମହାକାଳୀ' ଗୌରୀ ନାମରେ ବିଖ୍ୟାତ ଅଟନ୍ତି । ତୁମ୍ଭେ ତାଙ୍କୁ ନିଜ ପତ୍ନୀ ରୂପେ ସ୍ୱୀକାର କର ।

ଏବେ ମୋ କାର୍ଯ୍ୟ ସିଦ୍ଧ କରିବା ପାଇଁ ତୁମ୍ଭେମାନେ ବିମାନରେ ବସି ଶୀଘ୍ର ପ୍ରସ୍ଥାନ କର । କୌଣସି କଠିନ ପରିସ୍ଥିତି ଉପସ୍ଥିତ ହେବା ମାତ୍ରେ ତୁମ୍ଭେ ମୋତେ ସ୍ମରଣ କରିବ, ସେତେବେଳେ ତୁମ୍ଭମାନଙ୍କ

ସମ୍ମୁଖକୁ ମୁଁ ଆସିଯିବି । ଦେବତାଗଣ ! ତୁମ୍ଭେମାନେ ସଦାସର୍ବଦା ସନାତନ ପରମାତ୍ମା ଓ ମୋର ଧ୍ୟାନ କରୁଥିବ । ତୁମ୍ଭେମାନେ ଆମ୍ଭ ଦୁହିଁଙ୍କର ସ୍ମରଣ କଲେ ତୁମ୍ଭମାନଙ୍କର ସର୍ବ କାର୍ଯ୍ୟ ସିଦ୍ଧ ହେବ, ଏଥିରେ କିଞ୍ଚିତ ମାତ୍ର ସନ୍ଦେହ ନାହିଁ ।

ବ୍ରହ୍ମା କହୁଛନ୍ତି – ଏହି ପ୍ରକାରେ କହି ଭଗବତୀ ଜଗଦମ୍ବିକା ଆମ୍ଭମାନଙ୍କୁ ବିଦାୟ ଦେଲେ । ସେ ଶୁଦ୍ଧ ଆଚାର ଯୁକ୍ତ ଶକ୍ତିମାନଙ୍କ ମଧ୍ୟରୁ ଭଗବାନ ବିଷ୍ଣୁଙ୍କ ନିମନ୍ତେ ମହାଲକ୍ଷ୍ମୀଙ୍କୁ, ଶଙ୍କରଙ୍କ ପାଇଁ ମହାକାଳୀଙ୍କୁ ଏବଂ ମୋ ପାଇଁ ମହା ସରସ୍ୱତୀଙ୍କୁ ପତ୍ନୀ ହେବା ପାଇଁ ଆଜ୍ଞା ଦେଲେ । ତା'ପରେ ସେଠାରୁ ଆମ୍ଭେ ପ୍ରସ୍ଥାନ କଲୁ ।

ସାର ବିଚାର – ଗୋଟିଏ ବ୍ରହ୍ମାଣ୍ଡର ବାସ୍ତବିକ ସ୍ଥିତି ବିଷୟରେ ମହର୍ଷି ବ୍ୟାସ, ମହର୍ଷି ନାରଦ ଓ ଶ୍ରୀ ବ୍ରହ୍ମା, ବିଷ୍ଣୁ, ଶଙ୍କର ମଧ୍ୟ ଅନଭିଜ୍ଞ ଅଟନ୍ତି । ଏହା ମଧ୍ୟ ସ୍ପଷ୍ଟ ଯେ ଶ୍ରୀ ଦୁର୍ଗାଙ୍କୁ ପ୍ରକୃତି ମଧ୍ୟ କୁହାଯାଏ । ଦୁର୍ଗା ଓ ବ୍ରହ୍ମ (କାଳ)ଙ୍କ ମଧ୍ୟରେ ପତି-ପତ୍ନୀ ସମ୍ବନ୍ଧ ମଧ୍ୟ ଅଛି । ଏଥିପାଇଁ ଲେଖା ଅଛି ଯେ ବ୍ରହ୍ମଙ୍କ ସହିତ ପ୍ରକୃତିଙ୍କର ଅବୈଧ ସମ୍ବନ୍ଧ ଅଛି, ଯେପରି ପତ୍ନୀଙ୍କୁ ଅର୍ଦ୍ଧାଙ୍ଗିନୀ ମଧ୍ୟ କୁହାଯାଏ । ଶ୍ରୀ ବ୍ରହ୍ମାଙ୍କୁ ସ୍ୱୟଂ ଜଣା ନାହିଁ ଯେ ମୁଁ କେଉଁଠାରୁ ଉତ୍ପନ୍ନ ହୋଇଛି । ଏକ ହଜାର ବର୍ଷ ପର୍ଯ୍ୟନ୍ତ ଜଳ ମଧ୍ୟରେ ପୃଥିବୀକୁ ଖୋଜିଲି ପରନ୍ତୁ ମିଳିଲା ନାହିଁ । ସେତେବେଳେ ମୁଁ ଆକାଶବାଣୀ ଆଧାରରେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କଲି । ପଦ୍ମନାଡ ଧରି ତଳକୁ ଓହ୍ଲାଇଲି ଦେଖିଲି ଯେ ସେଠାରେ ଶେଷନାଗ ଶଯ୍ୟା ଉପରେ ଭଗବାନ ବିଷ୍ଣୁ ବେହୋସ୍ ହୋଇ ପଡିଥିଲେ । ଶ୍ରୀ ବିଷ୍ଣୁଙ୍କ ଶରୀର ମଧ୍ୟରୁ ଏକ ଦେବୀ ବାହାରିଲେ (ପ୍ରେତ ଭଳି) ଯିଏ ସୁନ୍ଦର ଆଭୁଷଣ ପିନ୍ଧି ଆକାଶରେ ବିରାଜମାନ ହୋଇଗଲେ । ସେତେବେଳେ ଶ୍ରୀ ବିଷ୍ଣୁଙ୍କର ଚେତା ଫେରିଲା । ଇତ୍ୟବଶରରେ ଶଙ୍କର ମଧ୍ୟ ସେଠାରେ ଉପସ୍ଥିତ ହୋଇଗଲେ ।

ଉପରୋକ୍ତ ବିବରଣୀରୁ ଏହା ସିଦ୍ଧ ହେଲା ଯେ ତିନି ଭଗବାନଙ୍କୁ ପ୍ରଥମେ ଅଚେତ କରି ପୁନର୍ବାର ସଚେତ କରାଗଲା । ଆକାଶରୁ ବିମାନ ଆସିଲା । ଦେବୀ, ତିନିପ୍ରଭୁଙ୍କୁ ବିମାନରେ ବସିବା ପାଇଁ ଆଦେଶ ଦେଇ ବିମାନକୁ ଆକାଶରେ ଉଡାଇଲେ । ଉପରେ ଅନ୍ୟ ଜଣେ ବ୍ରହ୍ମା, ଅନ୍ୟ ଜଣେ ବିଷ୍ଣୁ ଓ ଅନ୍ୟ ଜଣେ ଶିବଙ୍କୁ ଦେଖିଲୁ ଯେଉଁମାନେ ବ୍ରହ୍ମଲୋକରେ ଥିଲେ ।

ବିଚାର କରନ୍ତୁ :– ବ୍ରହ୍ମଲୋକରେ ଯେଉଁ ଅନ୍ୟ ବ୍ରହ୍ମା, ଅନ୍ୟ ବିଷ୍ଣୁ ଓ ଅନ୍ୟ ଶିବ ଦୃଶ୍ୟମାନ ହୋଇଥିଲେ ଏହା ଜ୍ୟୋତି ନିରଞ୍ଜନ(ବ୍ରହ୍ମ)ର କଳାବାଜୀ ଅଟେ ଯିଏ ଅନ୍ୟ ତିନୋଟି ରୂପ ଧାରଣ କରି ବ୍ରହ୍ମଲୋକରେ ତିନୋଟି ଗୁପ୍ତସ୍ଥାନ (ଗୋଟିଏ ରଜଗୁଣ ପ୍ରଧାନ କ୍ଷେତ୍ର, ଗୋଟିଏ ସତଗୁଣ ପ୍ରଧାନ କ୍ଷେତ୍ର, ଗୋଟିଏ ତମଗୁଣ ପ୍ରଧାନ କ୍ଷେତ୍ର) ନିର୍ମାଣ କରି ରହିଥାନ୍ତି ତଥା ପ୍ରକୃତି (ଦୁର୍ଗା-ଅଷ୍ଟାଙ୍ଗୀ)ଙ୍କୁ ନିଜ ପତ୍ନୀ ରୂପରେ ରଖିଥାନ୍ତି । ଦୁହେଁ ଯେତେବେଳେ ରଜଗୁଣ ପ୍ରଧାନ କ୍ଷେତ୍ରରେ ଅବସ୍ଥାନ କରନ୍ତି ସେତେବେଳେ ସେମାନେ ମହାବ୍ରହ୍ମା ଓ ମହା ସାବିତ୍ରୀ ନାମରେ ପରିଚିତ ହୋଇଥାନ୍ତି । ଏହି ଦୁହିଁଙ୍କ ସଂଯୋଗରୁ ଯେଉଁ ପୁତ୍ର ଏହି ରଜଗୁଣ ପ୍ରଧାନ କ୍ଷେତ୍ରରେ ଉତ୍ପନ୍ନ ହୋଇଥାଏ ସେ ରଜଗୁଣ ସମ୍ପନ୍ନ ହୋଇଥାଏ ତଥା ତାଙ୍କ ନାମ ବ୍ରହ୍ମା ରଖିଦିଅନ୍ତି ତଥା ଯୁବକ ହେବା ପର୍ଯ୍ୟନ୍ତ ଅଚେତ କରି ପାଳନ ପୋଷଣ କରିଥାନ୍ତି । ତା'ପରେ ପଦ୍ମ ଫୁଲ ଉପରେ ରଖିଦେଇ ସଚେତ କରି ଦିଅନ୍ତି । ଯେତେବେଳେ ଦୁହେଁ ମହାବିଷ୍ଣୁ ଓ ମହାଲକ୍ଷ୍ମୀ ରୂପରେ(କାଳ ଓ ଦୁର୍ଗା) ସତଗୁଣ ପ୍ରଧାନ କ୍ଷେତ୍ରରେ ଅବସ୍ଥାନ କରନ୍ତି ସେତେବେଳେ ଦୁହିଁଙ୍କ ପତି-ପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଉତ୍ପନ୍ନ ହୋଇଥାଏ ସେ ସତଗୁଣ ସମ୍ପନ୍ନ ହୋଇଥାଏ, ତା ନାମ ବିଷ୍ଣୁ ରଖି ଦିଅନ୍ତି । କିଛି ଦିନ ଅଚେତ କରି ଯୁବକ ହେବା ପର୍ଯ୍ୟନ୍ତ ଲାଳନ-ପାଳନ କରିଥାନ୍ତି । ତା'ପରେ ଶେଷନାଗ ଶଯ୍ୟା ଉପରେ ଶୁଆଇ ସଚେତ କରିଦିଅନ୍ତି । ଏହି ପ୍ରକାରେ ଯେତେବେଳେ ଏହି ଦୁହେଁ ତମଗୁଣ ପ୍ରଧାନ କ୍ଷେତ୍ରରେ ଅବସ୍ଥାନ କରନ୍ତି ସେତେବେଳେ ଶିବା ଅର୍ଥାତ୍ ଦୁର୍ଗା ଓ ମହାଶିବ ଅର୍ଥାତ୍ ସଦାଶିବଙ୍କ ପତି-ପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଏହି କ୍ଷେତ୍ରରୁ ଉତ୍ପନ୍ନ ହୋଇଥାଏ ସେ ତମଗୁଣ ସମ୍ପନ୍ନ ହୋଇଥାନ୍ତି । ତାଙ୍କ ନାମ ଶିବ ରଖିଥାନ୍ତି ଏବଂ ଯୁବକ ହେବା ପର୍ଯ୍ୟନ୍ତ ତାଙ୍କୁ ଅଚେତ ଅବସ୍ଥାରେ ରଖିଥାନ୍ତି । ଯୁବକ ହେବାପରେ ସଚେତ କରିଥାନ୍ତି । ଏମାନେ ନିଜକୁ ସର୍ବେସର୍ବା ନ ଭାବନ୍ତୁ ଏହା ଭାବି ତିନିଜଣଙ୍କୁ ଏକାଠି କରି ବିମାନରେ ବସାଇ ଉପରେ ଥିବା ଲୋକଗୁଡିକର ଦୃଶ୍ୟ ଦେଖାଇଥାନ୍ତି । ଗୁଣ ପ୍ରଧାନ କ୍ଷେତ୍ରଗୁଡିକୁ ବୁଝିବା ପାଇଁ ଏକ ଉଦାହରଣ ଦିଆଗଲା-କୌଣସି ଏକ ଗୃହରେ ତିନୋଟି କକ୍ଷ ଅଛି ।

କୌଣସି କକ୍ଷରେ ଦେଶଭକ୍ତ ସହିଦମାନଙ୍କର ଚିତ୍ର ଲାଗିଥିବ, ବ୍ୟକ୍ତି ଯେତେବେଳେ ସେହି କକ୍ଷକୁ ଯାଇଥାଏ ସେତେବେଳେ ତାଙ୍କ ବିଚାର ଦେଶଭକ୍ତ ଭଳି ହୋଇଯାଏ । ଦ୍ୱିତୀୟ କକ୍ଷରେ ସାଧୁସନ୍ଥ ମୁନି ଋଷି ଆଦିଙ୍କ ଚିତ୍ର ଲାଗିଥିବ । ସେହି କକ୍ଷକୁ ପ୍ରବେଶ କରିବା ମାତ୍ରେ ମନରେ ଶାନ୍ତି ଭାବ ଆସେ ତଥା ମନ ପ୍ରଭୁଭକ୍ତି ପ୍ରତି ଆକୃଷ୍ଟ ହୋଇଥାଏ । ତୃତୀୟ କକ୍ଷରେ ସ୍ତ୍ରୀ ପୁରୁଷଙ୍କ ଅଶ୍ଳୀଳ, ନଗ୍ନ ଚିତ୍ର ଲାଗିଥିଲେ ମନକୁ ଆପେ ଆପେ କୁବିଚାର ଆସିଯାଏ । କାଳରୂପୀ ବ୍ରହ୍ମ ଏହି ପ୍ରକାରେ ଉପରେ ବ୍ରହ୍ମଲୋକରେ ଥିବା ତିନୋଟି ସ୍ଥାନକୁ ଗୋଟିଏ-ଗୋଟିଏ ଗୁଣ ବିଶିଷ୍ଟ କରି ତିଆରି କରିଛନ୍ତି । ତିନିପ୍ରଭୁ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ନିଜ ଗୁଣରେ ଅନ୍ୟକୁ କିପରି ପ୍ରଭାବିତ କରିଥାନ୍ତି ? ଉଦାହରଣ - ଯେପରି ରୋଷେଇ ଘରେ ତରକାରୀରେ ଲଙ୍କା ଛୁଙ୍କ ଦିଆଯିବ ପରେ ଲଙ୍କା ଗୁଣରେ ପ୍ରଭାବିତ ହୋଇ ପ୍ରତ୍ୟେକ କକ୍ଷରେ ଥିବା ବ୍ୟକ୍ତି ଛିଙ୍କିବାକୁ ଲାଗିଲେ । ଯେପରି ସାକାର ବସ୍ତୁ ଲଙ୍କା ରୋଷେଇ ଘରେ ଥିଲା ପରନ୍ତୁ ତାର ନିରାକାର ଶକ୍ତି ଅର୍ଥାତ୍ ଗୁଣ ଦୂରରେ ବସିଥିବା ବ୍ୟକ୍ତିଙ୍କୁ ପ୍ରଭାବିତ କଲା । ଠିକ୍ ଏହି ପ୍ରକାରେ ତିନିପ୍ରଭୁ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ନିଜ ନିଜ ଲୋକରେ ଥାଇ ତିନିଲୋକ (ପୃଥିବୀଲୋକ, ପାତାଳଲୋକ, ସ୍ୱର୍ଗଲୋକ)ର ପ୍ରାଣୀଙ୍କୁ ପ୍ରଭାବିତ କରିଥାନ୍ତି । ଯେପରି ମୋବାଇଲ୍ ଟାୱାର ପ୍ରଭାବରେ ମୋବାଇଲ ଫୋନ୍ କାର୍ଯ୍ୟଶୀଳ ହୋଇଥାଏ ଠିକ୍ ଏହି ପ୍ରକାରେ ନିଜ ପିତା କାଳ ଦ୍ୱାରା ସୃଷ୍ଟି କରା ଯାଇଥିବା ଅଦୃଶ୍ୟ ଶକ୍ତିରୂପୀ ଗୁଣ ସାହାଯ୍ୟରେ ସେମାନେ ତାଙ୍କ ପିତାଙ୍କ ଆହାର ପାଇଁ ନିୟମାନୁସାରେ କାର୍ଯ୍ୟ କରୁଛନ୍ତି । ଦୁର୍ଗାଙ୍କର ନିଜର ଭିନ୍ନ ଲୋକ ମଧ୍ୟ ଅଛି ଯେଉଁଥିରେ ସେ ନିଜ ବାସ୍ତବିକ ରୂପରେ ଦର୍ଶନ ଦିଅନ୍ତି । ତା'ପରେ ସେମାନଙ୍କ ବିମାନ ଦୁର୍ଗାଙ୍କ ଦ୍ୱୀପରେ ପହଞ୍ଚିଲା । ସେହି ସମୟରେ ଜ୍ୟୋତି ନିରଞ୍ଜନ ଅର୍ଥାତ୍ କାଳରୂପୀ ବ୍ରହ୍ମ ବିଷ୍ଣୁଙ୍କୁ ତାଙ୍କ ପିଲାଦିନର କଥା ମନେପକାଇ ଦେଲେ । ସେତେବେଳେ ବିଷ୍ଣୁ କହିଲେ ଯେ ଏହି ଦୁର୍ଗା ଆମ୍ଭମାନଙ୍କର ମାତା ଅଟନ୍ତି । ମୁଁ ବାଳକ ରୂପରେ ଝୁଲଣାରେ ଶୋଇଥିଲି ଇଏ ମୋତେ ଗୀତ ଶୁଣାଇ ଝୁଲାଉଥିଲେ । ସେତେବେଳେ ବିଷ୍ଣୁ କହିଲେ, ହେ ଦୁର୍ଗା ! ଆପଣ ଆମ୍ଭମାନଙ୍କର ମାତା । ମୁଁ (ବିଷ୍ଣୁ) ବ୍ରହ୍ମା ଓ ଶଙ୍କର ଜନ୍ମବାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ ଅର୍ଥାତ୍ ଜନ୍ମ ଓ ତିରୋଭାବ ଅର୍ଥାତ୍ ମୃତ୍ୟୁ ହୋଇଥାଏ । ଆମ୍ଭେ ଅବିନାଶୀ ନୋହୁଁ । ଆପଣ ପ୍ରକୃତିଦେବୀ । ଏହିକଥା ଶ୍ରୀ ଶଙ୍କର ମଧ୍ୟ ସ୍ୱୀକାର କରି କହିଲେ ଯେ ତମଗୁଣୀ ଲୀଳା କରୁଥିବା ମୁଁ ଶଙ୍କର ମଧ୍ୟ ଆପଣଙ୍କର ପୁତ୍ର ଅଟେ । ଶ୍ରୀ ବିଷ୍ଣୁ ଓ ଶ୍ରୀ ବ୍ରହ୍ମା ମଧ୍ୟ ଆପଣଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ।

ତା'ପରେ ଦୁର୍ଗା ଏହି ତିନି ଦେବତାଙ୍କ ବିବାହ କରିଦେଲେ । ପ୍ରକୃତିଦେବୀ (ଦୁର୍ଗା) ନିଜ ଶବ୍ଦଶକ୍ତି ବଳରେ ନିଜର ଅନ୍ୟ ତିନୋଟି ରୂପ ଧାରଣ କଲେ । ଶ୍ରୀ ବ୍ରହ୍ମାଙ୍କ ବିବାହ ସାବିତ୍ରୀ ସହିତ, ଶ୍ରୀ ବିଷ୍ଣୁଙ୍କ ବିବାହ ଲକ୍ଷ୍ମୀଙ୍କ ସହିତ ଏବଂ ଶ୍ରୀ ଶିବଙ୍କ ବିବାହ ଉମା ଅର୍ଥାତ୍ କାଳୀଙ୍କ ସହିତ କରିଦେଲେ । ସମସ୍ତଙ୍କୁ ବିମାନରେ ବସାଇ ଭିନ୍ନ ଭିନ୍ନ ଦ୍ୱୀପ (ଲୋକ)କୁ ପଠାଇ ଦେଲେ ।

ଜ୍ୟୋତି ନିରଞ୍ଜନ (କାଳ/ବ୍ରହ୍ମ) ନିଜ ନିଶ୍ୱାସ ସାହାଯ୍ୟରେ ସମୁଦ୍ରରେ ଚାରିବେଦକୁ ଲୁଚାଇ ଦେଲେ । ତା'ପରେ ପ୍ରଥମ ସାଗର ମନ୍ଥନ ସମୟରେ ଉପରକୁ ପ୍ରକଟ କରିଦେଲେ । ଜ୍ୟୋତି ନିରଞ୍ଜନ (କାଳ)ଙ୍କ ଆଦେଶରେ ଦୁର୍ଗା ଚାରିବେଦକୁ ଶ୍ରୀ ବ୍ରହ୍ମାଙ୍କୁ ଦେଲେ । ବ୍ରହ୍ମା ନିଜ ମାତା ଦୁର୍ଗାଙ୍କୁ ପଚାରିଲେ ଯେ ବେଦ ରେ ଯାହାଙ୍କୁ ବ୍ରହ୍ମ (ପ୍ରଭୁ) କୁହାଯାଇଛି ସେ ଆପଣ ନା ଅନ୍ୟ କେହି ପୁରୁଷ ଅଟନ୍ତି ?

ଦୁର୍ଗା, କାଳ ଭଗବାନଙ୍କ ଭୟରେ ବାସ୍ତବିକତାକୁ ଲୁଚାଇବା ପାଇଁ ଚେଷ୍ଟା କରିବା ସହିତ କହିଲେ ଯେ ମୁଁ ଓ ବ୍ରହ୍ମ ଏକ ଅଟୁ, କୌଣସି ପ୍ରଭେଦ ନାହିଁ । ତଥାପି ବାସ୍ତବିକତା ଲୁଚିଲା ନାହିଁ । ଦୁର୍ଗା ପୁଣି କହିଲେ ତୁମେ ତିନିଜଣ ମୋର ଓ ବ୍ରହ୍ମଙ୍କର ସଦାସର୍ବଦା ସ୍ମରଣ କରିବ । ଯଦି କୌଣସି କଠିନ ପରିସ୍ଥିତି ଉପସ୍ଥିତ ହୁଏ ତେବେ ଆମ୍ଭ ଦୁହିଁଙ୍କର ସ୍ମରଣ କଲେ ଆମ୍ଭେ ତୁରନ୍ତ ତୁମ୍ଭମାନଙ୍କ ସମ୍ମୁଖରେ ପ୍ରକଟ ହେବୁ ।

ବିଶେଷ:- କାରଣ କାଳ, ଦୁର୍ଗାଙ୍କୁ ପୂର୍ବରୁ କହିଛନ୍ତି ଯେ ମୋ ଭେଦ ବିଷୟରେ କାହାକୁ କହିବ ନାହିଁ । ଏହି ଭୟରେ ଦୁର୍ଗା ସମଗ୍ର ଜଗତକୁ ବାସ୍ତବିକତା ସହିତ ଅପରିଚିତ ରଖିଛନ୍ତି । ସେ ନିଜ ପୁତ୍ରମାନଙ୍କ ସହିତ ମଧ୍ୟ ଛଳନା କରିଥାନ୍ତି । ଏହାର କାରଣ ହେଲା କାଳପୁରୁଷଙ୍କୁ ଅଭିଶାପ ମିଳିଛି ଯେ ସେ ଏକଲକ୍ଷ ମାନବ

ଶରୀରଧାରୀ ପ୍ରାଣୀ ନିତ୍ୟ ଆହାର କରିବେ । ଏଥିପାଇଁ ନିଜର ତିନିପୁତ୍ରଙ୍କ ସାହାଯ୍ୟରେ ନିଜ ପାଇଁ ଆହାର ପ୍ରସ୍ତୁତ କରିଥାନ୍ତି । ଶ୍ରୀ ବ୍ରହ୍ମାଙ୍କୁ ରଜଗୁଣ ଦ୍ୱାରା ପ୍ରଭାବିତ କରି ସମସ୍ତ ପ୍ରାଣୀଙ୍କ ଦ୍ୱାରା ସନ୍ତାନ ଉତ୍ପତ୍ତି କରିଥାନ୍ତି । ଶ୍ରୀ ବିଷ୍ଣୁଙ୍କୁ ସତଗୁଣ ଯୁକ୍ତ କରି ପରସ୍ପର ମଧ୍ୟରେ ମୋହ ମମତା ଉତ୍ପନ୍ନ କରି ସ୍ଥିତି ଅର୍ଥାତ୍ କାଳଜାଲରେ ଛଳନାପୂର୍ବକ ବାନ୍ଧି ରଖିଥାନ୍ତି ଏବଂ ତମଗୁଣ ସାହାଯ୍ୟରେ ଶ୍ରୀ ଶଙ୍କରଙ୍କ ଦ୍ୱାରା ସଂହାର କାର୍ଯ୍ୟ କରି ନିଜ ଆହାର ପ୍ରସ୍ତୁତ କରିଥାନ୍ତି ।

ପୁଣି ସେହି ତିନିପ୍ରଭୁଙ୍କୁ ମଧ୍ୟ ମାରି ଖାଇଥାନ୍ତି ତଥା ତାଙ୍କ ସ୍ଥାନରେ ଅନ୍ୟ ପୁଣ୍ୟକର୍ମୀ ଆତ୍ମାଙ୍କୁ ତିନି ପୁତ୍ର ରୂପେ ଉତ୍ପନ୍ନ କରି ନିଜ କାର୍ଯ୍ୟ ଜାରି ରଖିଥାନ୍ତି । ପୂର୍ବରୁ ଥିବା ତିନି ପୁତ୍ର (ବ୍ରହ୍ମା, ବିଷ୍ଣୁ ଓ ଶିବ) ଙ୍କୁ କର୍ମ ଆଧାରରେ ସ୍ୱର୍ଗ-ନର୍କ ତଥା ଚଉରାଶୀ ଲକ୍ଷ ଯୋନିରେ ଦଣ୍ଡ ଭୋଗିବା ପାଇଁ ପଠାଇ ଦିଅନ୍ତି । ଏହାର ପ୍ରମାଣ ଶିବପୁରାଣ, ରୁଦ୍ର ସଂହିତା, ପ୍ରଥମ (ସୃଷ୍ଟି) ଖଣ୍ଡ, ଅଧ୍ୟାୟ ୬-୯ ମଧ୍ୟରେ ଅଛି ।

## "ଶ୍ରୀ ଶିବ ମହାପୁରାଣରେ ସାର ବିଚାର"

## "ଶିବ ମହାପୁରାଣ"

"ଶିବ ମହାପୁରାଣ (ଅନୁବାଦକ: ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର । ପ୍ରକାଶକ:- ଗୋବିନ୍ଦ ଭବନ କାର୍ଯ୍ୟାଳୟ, ଗୀତା ପ୍ରେସ ଗୋରଖପୁର) ମୋଟା ଟାଇପ, ଅଧ୍ୟାୟ-୬, ରୁଦ୍ର ସଂହିତା, ପ୍ରଥମ ଖଣ୍ଡ (ସୃଷ୍ଟି) ର ନିଷ୍କର୍ଷ" ।

ଶ୍ରୀ ବ୍ରହ୍ମା ନିଜ ପୁତ୍ର ନାରଦ, ଶ୍ରୀ ଶିବ ଓ ଶ୍ରୀ ଶିବାଙ୍କ ବିଷୟରେ ପଚାରିବାରୁ କହିଲେ (ପୃଷ୍ଠା ୧୦୦-୧୦୨) ଯେ ଯେଉଁ ପରବ୍ରହ୍ମଙ୍କ ବିଷୟ ଜ୍ଞାନ ଓ ଅଜ୍ଞାନରେ ପୂର୍ଣ୍ଣ ତାହା ଯୁକ୍ତି ଦ୍ୱାରା ଏହି ପ୍ରକାରେ ବିକଳ୍ପ କରାଯାଇପାରେ ଯେ ଯିଏ ନିରାକାର ପରବ୍ରହ୍ମ ଅଟନ୍ତି, ସେ ସାକାର ରୂପରେ ସଦାଶିବ ରୂପ ଧାରଣ କରି ମନୁଷ୍ୟ ରୂପରେ ପ୍ରକଟ ହେଲେ । ସଦାଶିବ ନିଜ ଶରୀରରୁ ଏକ ସ୍ତ୍ରୀକୁ ଉତ୍ପନ୍ନ କଲେ ଯାହାଙ୍କୁ ପ୍ରଧାନ, ପ୍ରକୃତି, ଅମ୍ବିକା, ତ୍ରିଦେବ ଜନନୀ (ବ୍ରହ୍ମା, ବିଷ୍ଣୁ, ଶିବଙ୍କ ମାତା) କୁହାଯାଏ । ଯାହାଙ୍କର ଆଠଟି ଭୂଜା ଅଛି ।

## "ଶ୍ରୀ ବିଷ୍ଣୁଙ୍କ ଉତ୍ପତ୍ତି

ଯିଏ ସଦାଶିବ ତାଙ୍କୁ ପରମପୁରୁଷ, ଈଶ୍ୱର, ଶିବ, ଶମ୍ଭୁ ଓ ମହେଶ୍ୱର ମଧ୍ୟ କୁହାଯାଏ । ସେ ନିଜର ସମସ୍ତ ଅଙ୍ଗରେ ଭସ୍ମ ଲଗାଇଥାନ୍ତି । ସେହି କାଳ ରୂପୀ ବ୍ରହ୍ମ ଶିବଲୋକ ନାମକ (ବ୍ରହ୍ମଲୋକରେ ତମଗୁଣ ପ୍ରଧାନ କ୍ଷେତ୍ର) ଏକ ଧାମ ନିର୍ମାଣ କଲେ । ତାହାକୁ କାଶୀ କୁହାଯାଏ । ଶିବ ଓ ଶିବା ପତି-ପତ୍ନୀ ରୂପରେ ଏକ ପୁତ୍ର ଉତ୍ପନ୍ନ କଲେ ଯାହାଙ୍କର ନାମ ବିଷ୍ଣୁ ରଖିଲେ । ଅଧ୍ୟାୟ ୭, ରୁଦ୍ର ସଂହିତା, ଶିବ ମହାପୁରାଣ (ପୃଷ୍ଠା ୧୦୩-୧୦୪) ।

## "ଶ୍ରୀ ବ୍ରହ୍ମା ଓ ଶିବଙ୍କ ଉତ୍ପତ୍ତି"

ଅଧ୍ୟାୟ ୭, ୮, ୯ (ପୃଷ୍ଠା ୧୦୫ - ୧୧୦) ଶ୍ରୀ ବ୍ରହ୍ମା କହିଲେ ଯେ ଶ୍ରୀ ଶିବ ଓ ଶିବା (କାଳରୂପୀ ବ୍ରହ୍ମ ଏବଂ ପ୍ରକୃତି-ଦୁର୍ଗା-ଅଷ୍ଟାଙ୍ଗୀ) ଙ୍କ ପତି-ପତ୍ନୀ ବ୍ୟବହାରରୁ ମୋର ମଧ୍ୟ ଉତ୍ପତ୍ତି ହେଲା ଏବଂ ତା'ପରେ ଅଚେତ କରି ପଦ୍ମ ଉପରେ ମୋତେ ଶୁଆଇ ଦିଆଗଲା । ଏହି କାଳ ମହାବିଷ୍ଣୁ ରୂପ ଧାରଣ କରି ନିଜ ନାଭିରୁ ଏକ ପଦ୍ମ ଉତ୍ପନ୍ନ କରନ୍ତି । ଆଗକୁ ବ୍ରହ୍ମା ପୁଣି କହୁଛନ୍ତି ଯେ ଚେତା ଫେରିବା ପରେ ମୁଁ ପଦ୍ମଫୁଲର ମୂଳ ଖୋଜିବାକୁ ଚେଷ୍ଟା କଲି କିନ୍ତୁ ଅସଫଳ ହେଲି । ତା'ପରେ ମୋତେ ତପସ୍ୟା କରିବା ପାଇଁ ଆକାଶବାଣୀ ହେବାରୁ ମୁଁ ତପସ୍ୟା ଆରମ୍ଭ କଲି । ତା'ପରେ ବିଷ୍ଣୁ ଓ ମୋ ମଧ୍ୟରେ କୌଣସି ଏକ ବିଷୟକୁ ନେଇ ଲଢେଇ ଆରମ୍ଭ ହୋଇଗଲା । (ଏହି ପୁସ୍ତକର ପୃଷ୍ଠା ୨୪୬ ରେ ଉକ୍ତ ବିବରଣୀ ଅଛି) ସେତେବେଳେ ଆମ ଦୁହିଁଙ୍କ ମଧ୍ୟରେ ଏକ ତେଜମୟ ଲିଙ୍ଗ ପ୍ରକଟ ହେଲା ଏବଂ ଓମ୍ - ଓମ୍ ନାଦ ପ୍ରକଟ ହେଲା ତଥା ସେହି ଲିଙ୍ଗ ଉପରେ ଅ-ଉ-ମ ପରି ତିନୋଟି ଅକ୍ଷର ମଧ୍ୟ ଲେଖାଥିଲା । ତା'ପରେ ରୁଦ୍ର ରୂପ ଧାରଣ କରି ସଦାଶିବ ପଞ୍ଚମୁଖଧାରୀ ମାନବ ରୂପରେ ପ୍ରକଟ ହେଲେ । ତାଙ୍କ ସହିତ ଶିବା (ଦୁର୍ଗା) ମଧ୍ୟ ଥିଲେ ।

ପୁଣି ଅଚାନକ ଶଙ୍କରଙ୍କୁ ପ୍ରକଟ କରାଗଲା (କାରଣ ପ୍ରଥମେ ସେ ଅଚେତ ଥିଲେ, ତା'ପରେ ସଚେତ କରି ତିନିଜଣଙ୍କୁ ଏକତ୍ରିତ କଲେ) ତଥା କହିଲେ ଯେ ତୁମେ ତିନିଜଣ ସୃଷ୍ଟି-ସ୍ଥିତି ଏବଂ ସଂହାରର କାର୍ଯ୍ୟ ସମ୍ଭାଳିବ ।

ବ୍ରହ୍ମା ରଜଗୁଣ ପ୍ରଧାନ, ବିଷ୍ଣୁ ସତଗୁଣ ପ୍ରଧାନ ଓ ଶିବ ତମଗୁଣ ପ୍ରଧାନ ଅଟନ୍ତି । ଏ ତିନି ଦେବତା ଏହି ପ୍ରକାରେ ଗୁଣଯୁକ୍ତ ଅଟନ୍ତି । ପରନ୍ତୁ ଶିବ (କାଳରୂପୀ ବ୍ରହ୍ମ) ଗୁଣାତୀତ ବୋଲି କୁହାଯାଇଛି (ପୃଷ୍ଠା-୧୧୦ ରେ) ।

ସାର ବିଚାର:- ଉପରୋକ୍ତ ବିବରଣୀରୁ ସ୍ପଷ୍ଟ ହେଲା ଯେ କାଳରୂପୀ ବ୍ରହ୍ମ ଅର୍ଥାତ୍ ସଦାଶିବ ଓ ପ୍ରକୃତି (ଦୁର୍ଗା) ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କର ମାତା-ପିତା ଅଟନ୍ତି । ଦୁର୍ଗାଙ୍କୁ ପ୍ରକୃତି ଓ ପ୍ରଧାନ ମଧ୍ୟ କୁହାଯାଏ ଯାହାଙ୍କର ଆଠଟି ଭୂଜା ଅଛି । ଇଏ ସଦାଶିବ ଅର୍ଥାତ୍ ଜ୍ୟୋତି ନିରଞ୍ଜନ କାଳ ଶରୀରରୁ ଅର୍ଥାତ୍ ପେଟରୁ ବାହାରିଛନ୍ତି । ବ୍ରହ୍ମ ଅର୍ଥାତ୍ କାଳ ଓ ପ୍ରକୃତି (ଦୁର୍ଗା) ସମସ୍ତ ପ୍ରାଣୀଙ୍କୁ ଭ୍ରମିତ କରି ରଖନ୍ତି । ନିଜ ପୁତ୍ରମାନଙ୍କୁ ମଧ୍ୟ ବାସ୍ତବିକତା ସହିତ ପରିଚିତ କରାନ୍ତି ନାହିଁ। କାରଣ କାଳପୁରୁଷଙ୍କ ଏକୋଇଶି ବ୍ରହ୍ମାଣ୍ଡରେ ଥିବା ପ୍ରାଣୀମାନଙ୍କୁ ଏହା ଜଣା ନ ପଡୁ ଯେ କାଳ(ବ୍ରହ୍ମ/ଜ୍ୟୋତିନିରଞ୍ଜନ) ସେମାନଙ୍କୁ ତପ୍ତଶୀଳା ଉପରେ ଭାଜି ଖାଉଛନ୍ତି । ଏଥିପାଇଁ ଜନ୍ମ-ମୃତ୍ୟୁ ଓ ଅନ୍ୟ ଦୁଃଖଦାୟୀ ଯୋନିରେ ପୀଡିତ କରିଥାଏ ତଥା ନିଜର ତିନିପୁତ୍ର ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ ଓ ତମଗୁଣ-ଶିବଙ୍କ ମାଧ୍ୟମରେ ଉତ୍ପତ୍ତି, ସ୍ଥିତି, ପାଳନ ଓ ସଂହାର କରାଇ ନିଜର ଆହାର ପ୍ରସ୍ତୁତ କରିଥାନ୍ତି । କାରଣ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀ ପ୍ରତିଦିନ ଆହାର କରିବା ପାଇଁ କାଳ ପୁରୁଷଙ୍କୁ ଅଭିଶାପ ମିଳିଛି, କୃପୟା ଶ୍ରୀମଦ୍‌ଭଗବତ୍ ଗୀତାରେ ମଧ୍ୟ ଦେଖନ୍ତୁ "କାଳ-(ବ୍ରହ୍ମ) ଏବଂ ପ୍ରକୃତି(ଦୁର୍ଗା)ଙ୍କ ପତି-ପତ୍ନୀ କ୍ରୀୟାରୁ ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ ଓ ତମଗୁଣ ଶିବଙ୍କ ଉତ୍ପତ୍ତି । "

"ତିନିଗୁଣ କ'ଣ ? ପ୍ରମାଣ ସହିତ"

"ତିନିଗୁଣ, ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ ଓ ତମଗୁଣ-ଶିବ ଅଟନ୍ତି । ସେମାନେ ବ୍ରହ୍ମ (କାଳ) ଓ ପ୍ରକୃତି (ଦୁର୍ଗା)ଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ତଥା ଏହି ତିନି ଦେବତା ନାଶବାନ ଅଟନ୍ତି" ।

ପ୍ରମାଣ:- ଗୀତାପ୍ରେସ ଗୋରଖପୁରରୁ ପ୍ରକାଶିତ, ଶ୍ରୀ ଶିବ ମହାପୁରାଣ ଯାହାର ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ଅଟନ୍ତି । ପୃଷ୍ଠା ସଂଖ୍ୟା ୧୧୦ ଅଧ୍ୟାୟ ୯ ରୁଦ୍ର ସଂହିତା "ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ଆଦି ତିନି ଦେବତାଙ୍କ ନିକଟରେ ଗୁଣ ଅଛି । ପରନ୍ତୁ ସଦାଶିବ (ବ୍ରହ୍ମ/କାଳ) ଗୁଣାତୀତ କୁହାଯାଇଛି" ।

ଦ୍ୱିତୀୟ ପ୍ରମାଣ :- ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ଶ୍ରୀମଦ୍ ଦେବୀ ଭାଗବତ ପୁରାଣ ଯାହାର ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଚିମନଲାଲ୍ ଗୋସ୍ୱାମୀ, ତୃତୀୟ ସ୍କନ୍ଦ, ଅଧ୍ୟାୟ ୫ ପୃଷ୍ଠା ୧୨୩ :- ଭଗବାନ ବିଷ୍ଣୁ, ଦୁର୍ଗାଙ୍କ ସ୍ତୁତି କଲେ - କହିଲେ, ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଓ ତିରୋଭାବ (ମୃତ୍ୟୁ) ହୋଇଥାଏ । ଆମ୍ଭେ ନିତ୍ୟ (ଅବିନାଶୀ) ନୁହେଁ ତୁମେ ହିଁ ନିତ୍ୟ , ଜଗତ ଜନନୀ, ପ୍ରକୃତି ଓ ସନାତନୀ ଦେବୀ ଅଟ । ଭଗବାନ ଶଙ୍କର କହିଲେ : ଯଦି ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁ ତୁମଠାରୁ ଉତ୍ପନ୍ନ ହୋଇଛନ୍ତି ତେବେ ତାଙ୍କ ପରେ ଉତ୍ପନ୍ନ ହୋଇଥିବା ତମଗୁଣୀ ଲୀଳା କରୁଥିବା ମୁଁ ଶଙ୍କର କ'ଣ ତୁମ୍ଭର ସନ୍ତାନ ନୁହେଁ କି ? ଅର୍ଥାତ୍ ମୋତେ ମଧ୍ୟ ଉତ୍ପନ୍ନ କରିଥିବା ମାତା ତୁମେ ହିଁ ଅଟ । ଏହି ସଂସାରର ସୃଷ୍ଟି-ସ୍ଥିତି-ସଂହାରରେ ତୁମ୍ଭର ଗୁଣ ସଦାସର୍ବଦା ବିଦ୍ୟମାନ। ଏହି ତିନି ଗୁଣରୁ ଉତ୍ପନ୍ନ ଆମ୍ଭେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ ସର୍ବଦା କାର୍ଯ୍ୟରେ ତତ୍ପର ରହିଥାଉ ।

ଉପରୋକ୍ତ ବିବରଣୀ କେବଳ ହିନ୍ଦୀ ଅନୁବାଦିତ ଦେବୀ ମହାପୁରାଣରୁ ଉଦ୍ଧୃତ ଯେଉଁଥିରେ କିଛି ତଥ୍ୟକୁ ଲୁଚାଇ ଦିଆଯାଇଛି । ଏଥିପାଇଁ ଏହାର ପ୍ରମାଣ ଶ୍ରୀମଦ୍ ଦେବୀ ଭାଗବତ ମହାପୁରାଣ ସଭାଷଟିକମ୍ ସମହାତ୍ୟମ୍, କ୍ଷେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶନ ମୁମ୍ବାଇରେ ଦେଖନ୍ତୁ ଯେଉଁଥିରେ ସଂସ୍କୃତ ସହିତ ହିନ୍ଦୀରେ ମଧ୍ୟ ଅନୁବାଦ କରାଯାଇଛି । ତୃତୀୟ ସ୍କନ୍ଦ ଅଧ୍ୟାୟ ୪ ପୃଷ୍ଠା ୧୦ ଶ୍ଳୋକ ୪୨:-

ବ୍ରହ୍ମା - ଅହଂମ୍ ଈଶ୍ୱରଃ ଫିଲ୍ ତେ ପ୍ରଭାବାତ୍ସର୍ବେ ବୟଂ ଜନି ଯୁତା ନ ଯଦା ତୁ ନିତ୍ୟାଃ, କେ ଅନ୍ୟୋ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା (୪୨) ।

ଅନୁବାଦ :- ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ହିଁ ଜନ୍ମବାନ୍ ଅଟୁଁ, ନିତ୍ୟ ନୋହୁଁ ଅର୍ଥାତ୍ ଆମେ ଅବିନାଶୀ ନୋହୁଁ, ତେବେ ଇନ୍ଦ୍ରାଦି ଅନ୍ୟ ଦେବତାମାନେ କିପରି ନିତ୍ୟ ହୋଇ ପାରିବେ । ତୁମେ ହିଁ ଅବିନାଶୀ । ପ୍ରକୃତି ତଥା ସନାତନୀ ଦେବୀ ଅଟ (୪୨) ।

ପୃଷ୍ଠା.- ୧୧-୧୨ ଅଧ୍ୟାୟ ୫, ଶ୍ଳୋକ - ୮:- ଯଦି ଦୟାର୍ଦ୍ରମନା ନ ସଦାଂମ୍ବିକେ କଥମହଂ ବିହିତଃ ଚ ତମୋଗୁଣଃ କମଲଜଶ୍ଚ ରଜୋଗୁଣ ସଂଭବଃ ସୁବିହିତଃ କିମୁ ସତ୍ୱଗୁଣୋଂ ହରିଃ । (୮) ।

ଅନୁବାଦ:- ଭଗବାନ ଶଙ୍କର କହିଲେ, ହେ ମାତ ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ତେବେ ମୋତେ ତମଗୁଣୀ, ପଦ୍ମରୁ ଉତ୍ପନ୍ନ ବ୍ରହ୍ମାଙ୍କୁ ରଜଗୁଣୀ ତଥା ବିଷ୍ଣୁଙ୍କୁ ସତଗୁଣଯୁକ୍ତ କାହିଁକି କଲେ ?

ଅର୍ଥାତ୍ ଜୀବମାନଙ୍କୁ ଜନ୍ମ-ମୃତ୍ୟୁରୂପୀ ଦୁଷ୍କର୍ମରେ କାହିଁକି ଲଗାଇଲେ ?

ଶ୍ଳୋକ-୧୨-ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍ମ ଶିବେ । (୧୨) ।

ଅନୁବାଦ:-ନିଜ ପତି ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ସଦା ଭୋଗ-ବିଳାସରେ ଲିପ୍ତ ରହିଥାଅ । ଆପଣଙ୍କ ଗତି ବିଷୟରେ କେହି ଜାଣନ୍ତି ନାହିଁ ।

### "ନିଷ୍କର୍ଷ"

ଏହି କାଳରୂପୀ ବ୍ରହ୍ମ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଶ୍ରୀମଦ୍‌ଭଗବତ୍ ଗୀତାଜ୍ଞାନ କହିଛନ୍ତି । ଉପରୋକ୍ତ ପବିତ୍ର ପୁରାଣଗୁଡ଼ିକ ପ୍ରମାଣିତ କରିଦେଲେ ଯେ ଦୁର୍ଗାଙ୍କୁ ହିଁ ପ୍ରକୃତି କୁହାଯାଏ ତଥା ସଦାଶିବ ଅର୍ଥାତ୍ କାଳରୂପୀ ବ୍ରହ୍ମ ଓ ପ୍ରକୃତିଙ୍କ ପତି-ପତ୍ନୀ ବ୍ୟବହାରରୁ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ଉତ୍ପତ୍ତି ହୋଇଛି । ଏହାର ସାକ୍ଷୀ ଶ୍ରୀମଦ୍‌ଭଗବତ୍ ଗୀତା ମଧ୍ୟ ଅଟେ । ଗୀତା, ସମସ୍ତ ଶାସ୍ତ୍ରର ସାର ଅଟେ, ତେଣୁ ଏଥିରେ ସଂକ୍ଷିପ୍ତ ବିବରଣୀ ସାଙ୍କେତିକ ଶବ୍ଦଗୁଡ଼ିକ (କୋଡ୍ ୱାର୍ଡସ୍)ରେ ଅଛି । ଯାହାକୁ କେବଳ ତତ୍ତ୍ୱଦର୍ଶୀ ସନ୍ଥ ହିଁ ବୁଝିପାରିବେ। ବର୍ତ୍ତମାନ କୃପାକରି "ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତା" ଅଧ୍ୟୟନ କରନ୍ତୁ ।

ଅଧ୍ୟାୟ -୧୪, ଶ୍ଳୋକ ୩ ରୁ ୫ ରେ ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନଦାତା କାଳବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି କହିଛନ୍ତି ଯେ ପ୍ରକୃତି (ଦୁର୍ଗା) ମୋ ପତ୍ନୀ ଓ ମୁଁ ବ୍ରହ୍ମ ଏହି ପ୍ରକୃତି ଯୋନିରେ ବୀଜ ସ୍ଥାପନ କରେ, ଯାହାଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ। ମୁଁ ସମସ୍ତଙ୍କର ପିତା ଓ ପ୍ରକୃତି (ଦୁର୍ଗା) ସମସ୍ତଙ୍କର ମାତା ରୂପେ ପରିଚିତ । ପ୍ରକୃତି (ଦୁର୍ଗା) ଙ୍କ ଠାରୁ ଉତ୍ପନ୍ନ ତିନି ଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ -ଶିବ) ଜୀବାତ୍ମାକୁ କର୍ମ ଆଧାରରେ ଶରୀରରେ ବାନ୍ଧି ରଖିଥାନ୍ତି ଅର୍ଥାତ ଏହି ତିନି ଦେବତା ସମସ୍ତ ପ୍ରାଣୀଙ୍କୁ ସଂସ୍କାର ଆଧାରରେ ଉତ୍ପତ୍ତି, ସ୍ଥିତି ଓ ସଂହାର କରି ଫସାଇ ରଖନ୍ତି ।

ଅଧ୍ୟାୟ ୧୧ ର ଶ୍ଳୋକ ୩୨ ରେ କହିଛନ୍ତି ଯେ ମୁଁ କାଳ ସମସ୍ତଙ୍କୁ ଖାଇବା ପାଇଁ ପ୍ରକଟ ହୋଇଛି । ଅଧ୍ୟାୟ ୧୧ ର ଶ୍ଳୋକ ୨୧ ରେ ଅର୍ଜୁନ କହୁଛନ୍ତି ଯେ ଆପଣ ଋଷିମାନଙ୍କୁ ମଧ୍ୟ ଖାଉଛନ୍ତି, ଦେବତା ଓ ସିଦ୍ଧିଯୁକ୍ତ ବ୍ୟକ୍ତି ମଧ୍ୟ ଆପଣଙ୍କଠାରୁ ମଙ୍ଗଳ ଅର୍ଥାତ୍ ରକ୍ଷା ଯାଚନା କରୁଛନ୍ତି । ବେଦରେ ଥିବା ସ୍ତୋତ ଦ୍ୱାରା ଆପଣଙ୍କର ସ୍ତୁତି କରୁଛନ୍ତି ପରନ୍ତୁ ଆପଣ ସମସ୍ତଙ୍କୁ ଖାଉଛନ୍ତି । କିଛି ଆପଣଙ୍କ ଦାନ୍ତରେ ଝୁଲୁଥିବାର ଦେଖାଯାଉଛି, କିଛି ଆପଣଙ୍କ ମୁଖ ଭିତରକୁ ପ୍ରବେଶ କରୁଛନ୍ତି ।

"ରଜଗୁଣ ଶ୍ରୀ ବ୍ରହ୍ମା ଜୀ, ସତଗୁଣ ଶ୍ରୀ ବିଷ୍ଣୁ ଜୀ ଓ ତମଗୁଣ ଶ୍ରୀ ଶିବ ଜୀ (ତ୍ରିଦେବ) ଙ୍କ ପୂଜାକୁ ବ୍ୟର୍ଥ କୁହାଯାଇଛି"

ଏହି ଗୀତା ଜ୍ଞାନଦାତା ପ୍ରଭୁ (ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୭ ର ଶ୍ଳୋକ ୧୨ ରୁ ୧୫ ପର୍ଯ୍ୟନ୍ତ) ରେ କହିଛନ୍ତି ଯେ ଏହି ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ର ପୂଜା କରୁଥିବା ବ୍ୟକ୍ତିମାନଙ୍କର ଜ୍ଞାନ ହରଣ କରାଯାଇଛି, ଏହି ବ୍ୟକ୍ତିମାନେ ତ୍ରିଦେବଙ୍କ ଉର୍ଦ୍ଧରେ ମୋର ଭକ୍ତି ପୂଜା ମଧ୍ୟ କରନ୍ତି ନାହିଁ । ତିନି ପ୍ରଭୁ (ବ୍ରହ୍ମା, ବିଷ୍ଣୁ, ଶିବ) ଙ୍କ ସାଧନା କରୁଥିବା ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୁଷ୍କର୍ମ କରୁଥିବା ମୂର୍ଖ ଏହି ତିନିଜଣଙ୍କ ଉପରେ ଥିବା ବ୍ରହ୍ମର (ମୋର) ପୂଜା ମଧ୍ୟ କରନ୍ତି ନାହିଁ ।

ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନଦାତା ପ୍ରଭୁ ଅଧ୍ୟାୟ ୭ ର ଶ୍ଳୋକ ୧୮ ରେ ନିଜର ଭକ୍ତିକୁ ମଧ୍ୟ ଅନୁତ୍ତମ (ନିକୃଷ୍ଟ) କହିଛନ୍ତି । ଏଥିପାଇଁ ଅଧ୍ୟାୟ ୧୫ ର ଶ୍ଳୋକ ୪ ଓ ଅଧ୍ୟାୟ ୧୮ ର ଶ୍ଳୋକ ୬୨ ଓ ୬୬ ରେ କହିଛନ୍ତି ଯେ କେହି ଅନ୍ୟ ପରମେଶ୍ୱର ଅଛନ୍ତି, ତାଙ୍କ ଶରଣକୁ ଯାଅ ।

ଯେଉଁ ସମୟରେ ଗୀତାଜ୍ଞାନ କୁହାଯାଉଥିଲା ତା' ପୂର୍ବରୁ ନା ଅଠର ପୁରାଣ ଥିଲା ନା କୌଣସି ଏଗାର ଉପନିଷଦ ନା ଛଅଶାସ୍ତ୍ର ଆଦି ଥିଲା ଯେଉଁଗୁଡ଼ିକୁ ଋଷିମାନେ ବହୁତ ସମୟ ପରେ ନିଜ ନିଜ ଅନୁଭବରୁ ରଚନା କରି ପୁସ୍ତକ ରୂପ ଦେଇଛନ୍ତି । ସେ ସମୟରେ କେବଳ ପବିତ୍ର ଚାରିବେଦକୁ ଶାସ୍ତ୍ର ରୂପେ ପରିଗଣିତ କରାଯାଉଥିଲା ଏବଂ ପବିତ୍ର ଗୀତା ହେଉଛି ସେହି ପବିତ୍ର ଚାରିବେଦର ସାରାଂଶ ।

## "ଶାସ୍ତ୍ରାର୍ଥ ପରମେଶ୍ୱରଙ୍କ ତତ୍ତ୍ୱଜ୍ଞାନକୁ ଦ୍ୱନ୍ଦାତ୍ମକ କଲା"

ଶାସ୍ତ୍ରାର୍ଥ କିପରି ହୋଇଥାଏ ?

ଶାସ୍ତ୍ରାର୍ଥରେ ଦୁଇ ବିଦ୍ୱାନ ନିଜ ନିଜ ମଧ୍ୟରେ ପ୍ରଶ୍ନ-ଉତ୍ତର କରିଥାନ୍ତି ଏବଂ ବହୁ ସଂଖ୍ୟାରେ ଶ୍ରୋତାଗଣ ଶାସ୍ତ୍ରାର୍ଥ(ପ୍ରଶ୍ନୋତ୍ତରୀ)ଶୁଣିବା ପାଇଁ ସେଠାରେ ଉପସ୍ଥିତ ହୋଇଥାନ୍ତି । ହାରିବା-ଜିତିବାର ନିର୍ଣ୍ଣୟ ସେହି ଶ୍ରୋତାମାନଙ୍କ ଦ୍ୱାରା ହୋଇଥାଏ ଯେଉଁମାନଙ୍କର ଆଦୌ ଶାସ୍ତ୍ରଜ୍ଞାନ ନଥାଏ, ବିଦ୍ୱାନମାନେ କ'ଣ କୁହନ୍ତି ଶ୍ରୋତାମାନଙ୍କୁ ତାହା ଜମା ବୁଝି ପାରନ୍ତି ନାହିଁ। ଯେଉଁ ବିଦ୍ୱାନ ଅଧିକ ସଂସ୍କୃତ ମିଶ୍ରଣ କରି ଶବ୍ଦ ଉଚ୍ଚାରଣର କରନ୍ତି ଶ୍ରୋତାଗଣ ତାଳି ବଜାଇ ତାଙ୍କୁ ବିଜୟୀ ଘୋଷଣା କରନ୍ତି । ଏହି ପ୍ରକାରେ ବିଦ୍ୱାନମାନଙ୍କର ହାରିବା-ଜିତିବାର ନିର୍ଣ୍ଣୟ ସେହି ସମୟରେ ଅବିଦ୍ୱାନମାନଙ୍କ ହାତରେ ହେଉଥିଲା ।

ପ୍ରମାଣ:-ପୁସ୍ତକ "ଶ୍ରୀ ମଦ୍ ଦୟାନନ୍ଦ ପ୍ରକାଶ"ଲେଖକ ଶ୍ରୀ ସତ୍ୟାନନ୍ଦଜୀ ମହାରାଜ, ପ୍ରକାଶକ-ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ୩/୫ ମହର୍ଷି ଦୟାନନ୍ଦ ଭବନ, ରାମଲୀଳା ମୈଦାନ ନୂଆଦିଲ୍ଲୀ-୨ ଗଙ୍ଗାକାଣ୍ଡ ଅଷ୍ଟମ ସର୍ଗ ପୃଷ୍ଠା ୮୯ ର ଯଥାବତ୍ ଲେଖା-ତିନିଦିନ ପର୍ଯ୍ୟନ୍ତ, ପ୍ରତିଦିନ ସନ୍ଧ୍ୟାରେ କୃଷ୍ଣାନନ୍ଦଜୀ ଏବଂ ସ୍ୱାମୀଜୀଙ୍କ ମଧ୍ୟରେ ଶାସ୍ତ୍ରାର୍ଥ ଚାଲିଥିଲା । ଦିନେ ଶାସ୍ତ୍ରାର୍ଥ ସମୟରେ କେହି ଜଣେ କୃଷ୍ଣାନନ୍ଦଙ୍କୁ ସାକାରବାଦର ଅବଲମ୍ବନ କରାଇ ଏହି ବିଷୟ ଉପରେ ଶାସ୍ତ୍ରାର୍ଥ (ଶାସ୍ତ୍ରଚର୍ଚ୍ଚା) ଚାଲୁ ରଖିବାକୁ ଅନୁରୋଧ କଲେ । ଏହା ସ୍ୱାମୀଜୀଙ୍କର ମନ ପସନ୍ଦର ବିଷୟ ଥିଲା । ସେ ଧାରାବାହିକ ସଂସ୍କୃତ କହିବା ସହିତ ନିରାକାର ସିଦ୍ଧାନ୍ତ ଉପରେ ସୁନ୍ଦର ଯୁକ୍ତି ଉପସ୍ଥାପନ କରି ବେଦ ଓ ଉପନିଷଦରେ ଥିବା ପ୍ରମାଣଗୁଡିକୁ ଉପସ୍ଥାପନ କଲେ ଏବଂ କୃଷ୍ଣାନନ୍ଦଜୀଙ୍କୁ ଏହାର ଅର୍ଥ ସ୍ୱୀକାର କରିବା ପାଇଁ ବାଧ କରିଦେଲେ । କୃଷ୍ଣାନନ୍ଦ କୌଣସି ପ୍ରମାଣ ଦେଇ ପାରିଲେ ନାହିଁ । କେବଳ ଗୀତାର ଏହି ଶ୍ଳୋକ "ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ" ଲୋକମାନଙ୍କ ଆଡକୁ ଚାହିଁ ଗାଇବାକୁ ଲାଗିଲେ । ସ୍ୱାମୀଜୀ ଗର୍ଜନ କରି କହିଲେ, "ଆପଣ ମୋ ସହିତ ତର୍କ କରୁଛନ୍ତି ତେଣୁ ମୋଆଡକୁ ମୁହଁ କରି କୁହନ୍ତୁ ।" ପରନ୍ତୁ ତାଙ୍କର ହୋସ୍ ଉଡି ଯାଇଥିଲା, ସେ ପଦ/ଶ୍ଳୋକ ସବୁ ଭୁଲି ସାରିଥିଲେ । ଦେହ ଝାଳରେ ବୁଡିଗଲା, ମୁଖରେ ପଟି ବାନ୍ଧିବା ଭଳି କିଛି ଭାଷା ବାହାରିଲା ନାହିଁ। ଚେହେରା ଫିକା ପଡିଗଲା । କୌଣସି ପ୍ରକାର ସମ୍ମାନ ରକ୍ଷା ହୋଇଯାଉ ସେଥିପାଇଁ ସେ ତର୍କଶାସ୍ତ୍ରର ଶରଣ ନେଇ ସ୍ୱାମୀଜୀଙ୍କୁ କହିଲେ, ଆଚ୍ଛା ଲକ୍ଷଣର ଲକ୍ଷଣ କୁହନ୍ତୁ ?" ସ୍ୱାମୀଜୀ ଉତ୍ତର ଦେଲେ, "ଯେପରି କାରଣର କାରଣ ନାହିଁ ସେହିପରି ଲକ୍ଷଣର ମଧ୍ୟ ଲକ୍ଷଣ ନାହିଁ ।" ଏହା ଶୁଣି ଲୋକମାନେ ହସିବାକୁ ଲାଗିଲେ ଏବଂ ଶ୍ରୋତାଗଣ କୃଷ୍ଣାନନ୍ଦଙ୍କ ହାରିବା ବିଷୟ ପ୍ରମାଣିତ କରିଦେଲେ ଏବଂ ସେ ଭୟରେ ସେଠାରୁ ପଳାୟନ କଲେ ।

ଉପରୋକ୍ତ ଲେଖାରୁ ସ୍ପଷ୍ଟ ହେଲା ଯେ ବିଦ୍ୱାନମାନଙ୍କର ହାରିବା ଜିତିବାର ନିର୍ଣ୍ଣୟ ଅବିଦ୍ୱାନମାନେ କରୁଥିଲେ । ସ୍ୱାମୀ ଦୟାନନ୍ଦ ଧାରାବାହିକ ସଂସ୍କୃତ ଉଚ୍ଚାରଣ କରୁଥିଲେ ତେଣୁ ଶ୍ରୋତାଗଣ ହସି କରତାଳି ଦେଇ ମହର୍ଷି ଦୟାନନ୍ଦଙ୍କୁ ବିଜୟୀ ଘୋଷିତ କରିଦେଲେ ତଥା ପରମାତ୍ମା ନିରାକାର ବୋଲି ମାନିନେଲେ । ପରନ୍ତୁ ଯଜୁର୍ବେଦ ଅଧ୍ୟାୟ ୧ ମନ୍ତ୍ର ୧୫ ତଥା ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧ ରେ ସ୍ପଷ୍ଟ ଭାବେ ଲେଖା ଅଛି ଯେ ପରମାତ୍ମା ସଶରୀର ତଥା ସାକାର ଅଟନ୍ତି ।

ସ୍ୱାମୀ ଦୟାନନ୍ଦଜୀ ସଂସ୍କୃତ ଭାଷାରେ ପ୍ରବଚନ ଦେଉଥିଲେ ତାହାର ପ୍ରମାଣ :-"ସତ୍ୟାର୍ଥ ପ୍ରକାଶ"ର ଭୂମିକା ପୃଷ୍ଠା ୮ ରେ ଅଛି । ସ୍ୱାମୀ ଦୟାନନ୍ଦଜୀ କହିଲେ ଯେ ଯେତେବେଳେ ପ୍ରଥମଥର "ସତ୍ୟାର୍ଥ ପ୍ରକାଶ'' ଛପା ଯାଇଥିଲା ସେତେବେଳେ ମୋତେ ହିନ୍ଦୀ ଭଲରେ ଜଣାନଥିଲା । କାରଣ ଛୋଟବେଳୁ ସନ ୧୮୮୨ (ସମ୍ୱତ୍ ୧୯୩୯) ପର୍ଯ୍ୟନ୍ତ ସଂସ୍କୃତରେ ଭାଷଣ କରୁଥିଲି । ଏଥିରୁ ସିଦ୍ଧ ହେଲା ଯେ ସ୍ୱାମୀ ଦୟାନନ୍ଦଜୀ ସଂସ୍କୃତ ଭାଷାରେ ଶାସ୍ତ୍ରାର୍ଥ କରୁଥିଲେ । ସମ୍ୱତ୍ ୧୯୩୯ (ସନ ୧୮୮୨) ରେ ସତ୍ୟାର୍ଥ ପ୍ରକାଶକୁ ପୁଣି ଥରେ ଛାପିବାର ଏକବର୍ଷ ପରେ ଅର୍ଥାତ ସନ ୧୮୮୩ ରେ ସ୍ୱାମୀଜୀଙ୍କର ନିଧନ ହୋଇଗଲା । ଏଥିରୁ ସ୍ପଷ୍ଟ ହେଲା ଯେ ନିଧନର ଏକବର୍ଷ ପୂର୍ବରୁ ସ୍ୱାମୀ ଦୟାନନ୍ଦଜୀ ହିନ୍ଦୀ ଭାଷା ଶିଖିଥିଲେ । ଏହା ପୂର୍ବରୁ ସେ ସଂସ୍କୃତରେ ପ୍ରବଚନ (ବ୍ୟାଖ୍ୟାନ) ଦେଉଥିଲେ । ଯେଉଁ ଶ୍ରୋତାଗଣ ସଂସ୍କୃତ ଭାଷା ସହିତ ଅପରିଚିତ ଥିଲେ ସେମାନେ ହିଁ ବିଦ୍ୱାନମାନଙ୍କର ହାରିବା ଜିତିବାର ନିର୍ଣ୍ଣୟ କରୁଥିଲେ ।

ଦାସାନୁଦାସ (ରାମପାଲ ଦାସ) ବର୍ତ୍ତମାନ ଏହା ଚାହୁଁଅଛି ଯେ ସର୍ବ ପବିତ୍ର ଧର୍ମର ପ୍ରଭୁପ୍ରେମୀ ପୁଣ୍ୟାତ୍ମାଗଣ ତତ୍ତ୍ୱଜ୍ଞାନ ସହିତ ପରିଚିତ ହୋଇଯାଆନ୍ତୁ, ତା'ପରେ ସୁନା ଓ ପିତ୍ତଳର ପାର୍ଥକ୍ୟ ବିଷୟରେ ଅବଗତ ହୋଇଯିବେ ।

କଥା:-ଜଣେ ଧନୀ ବ୍ୟକ୍ତିଙ୍କର ଦୁଇ ପୁତ୍ର ଥିଲେ, ଜଣେ ଷୋହଳ ଏବଂ ଅନ୍ୟ ଜଣେ ଅଠର ବର୍ଷର ଥିଲେ । ପିତାଙ୍କ ଦେହାନ୍ତ ହୋଇଗଲା । ପିଲାମାନଙ୍କର ମାତା ଏକ କପଡାରେ କିଛି ସ୍ୱର୍ଣ୍ଣ ଅଳଙ୍କାର ରଖି, ତାକୁ ଭଲ ଭାବେ ଗୁଡ଼ାଇ ପିଲାଙ୍କ ହାତରେ ଦେଇ କହିଲେ, ପୁଅ ଏହାକୁ ନେଇଯାଅ ଏବଂ ତୁମ ବଡବାପାଙ୍କୁ କହିବ ଯେ ଆମ ପାଖରେ ଟଙ୍କା ନାହିଁ ତେଣୁ ଏହି ସୁନାକୁ ନିଜ ପାଖରେ ରଖି ଆପଣଙ୍କ ବ୍ୟବସାୟରେ ଆମ୍ଭକୁ ସାମିଲ କରନ୍ତୁ, ଆମ୍ଭେ ଦୁଇଭାଇ ବାଳକ ହୋଇଥିବା କାରଣରୁ ସ୍ୱତନ୍ତ୍ର ଭାବେ ବାଣିଜ୍ୟ କରିବାକୁ ଅସମର୍ଥ । ମାତା ଦେଇଥିବା ସୁନାକୁ ନେଇ ଦୁଇପୁତ୍ର ନିଜ ବଡବାପାଙ୍କ ପାଖକୁ ଗଲେ ତଥା ମାତା ଯାହା କହିଥିଲେ ତାହା ପ୍ରକାଶ କରି ସାହାଯ୍ୟ କରିବାକୁ ପ୍ରାର୍ଥନା କଲେ । ସେହି (ସେଠ) ଧନୀବ୍ୟକ୍ତି ସୁନାକୁ ଦେଖିଲେ ଏବଂ ପିଲାମାନଙ୍କ ପ୍ରାର୍ଥନା ସ୍ୱୀକାର କରି କହିଲେ, ପିଲାମାନେ ! ତୁମ ମାତାଙ୍କୁ ଏହି ସ୍ୱର୍ଣ୍ଣ ଦେଇ ଆସ, ସେ ଯତ୍ନରେ ଏହାକୁ ସାଇତି ରଖିଦେବେ । ତୁମେ ଦୁହେଁ ମୋ ସହିତ ଅନ୍ୟ ସହରକୁ ଚାଲ, ମୋତେ ଉଧାରରେ ବହୁତ ମାଲ ମିଳିଯିବ, ଫେରିବା ପରେ ସୁନାକୁ ବ୍ୟବହାର କରିବା ।

ଦୁଇ ବାଳକ ବଡବାପାଙ୍କ ସହିତ ଅନ୍ୟ ସହରକୁ ଗଲେ । ଦିନେ ବଡବାପା ପିଲାମାନଙ୍କୁ ଏକ ସୁନା ଦେଇ କହିଲେ, ପୁତ୍ର ଏହି ସୁନାକୁ ସେହି ସେଠ୍‌ଙ୍କୁ ଦେଇଆସ ଯାହାଙ୍କଠାରୁ ଗତକାଲି ପଚାଷ ହଜାର ଟଙ୍କାର ଜିନିଷ ଆମ୍ଭେ ଆଣିଥିଲେ ତଥା କହିବ ଯେ ଏହି ସୁନା ରଖନ୍ତୁ ଆମ୍ଭେ ପୁନର୍ବାର ଆସି ଆପଣଙ୍କ ଋଣ ଶୁଝି ଦେଇ ସୁନା ଫେରାଇ ନେବୁ ।

ଦୁଇ ବାଳକ ସେଠ୍‌ଙ୍କ ପାଖକୁ ଯାଇ ଉପରୋକ୍ତ ବିବରଣୀ କହିବାରୁ ସେଠ୍ ଜଣେ ସ୍ୱର୍ଣ୍ଣକାର (ବଣିଆ) ଙ୍କୁ ଡକାଇଲେ । ବଣିଆ ସ୍ୱର୍ଣ୍ଣକୁ କଷୋଟି ପଥରରେ ପରୀକ୍ଷା କରି କହିଲେ, ଏହା ସ୍ୱର୍ଣ୍ଣ ନୁହେଁ, ଏହା ପିତ୍ତଳ ଯାହାର ମୂଲ୍ୟ ଶହେ ଟଙ୍କା ମଧ୍ୟ ନୁହେଁ । ସ୍ୱର୍ଣ୍ଣର ମୂଲ୍ୟ ତ ନଅଲକ୍ଷ ଟଙ୍କା ହୋଇଥାନ୍ତା । ତା'ପରେ ସେଠ୍ ପିଲାମାନଙ୍କୁ କଟୁ ବଚନ କହି ପିତ୍ତଳକୁ ବାହାରକୁ ଫିଙ୍ଗି ଦେଲେ । ଦୁଇ ପିଲା ସେହି ପିତ୍ତଳକୁ ଆଣି ନିଜ ଅଙ୍କଲଙ୍କ ପାଖକୁ ଆସିଲେ । ଅଶ୍ରୁଭରା ନୟନରେ ଅଙ୍କଲଙ୍କୁ ସବୁକଥା ଶୁଣାଇଲେ ଏବଂ କହିଲେ ଯେ ଜଣେ ବ୍ୟକ୍ତି ଏହାକୁ ପିତ୍ତଳ କହିଲେ ।

ଅଙ୍କଲ୍ କହିଲେ ପୁତ୍ର ! ସେହି ବ୍ୟକ୍ତି ଜଣକ ବଣିଆ ଥିଲା । ସେ ସତ କହୁଥିଲା, ବାସ୍ତବରେ ଏହା ପତ୍ତଳ ଅଟେ, ଏହାର ମୂଲ୍ୟ ଶହେ ଟଙ୍କା ବି ନୁହେଁ, ପିଲାମାନେ ! ମୋ ଦ୍ୱାରା ଭୁଲ ହୋଇଯାଇଛି, ପ୍ରକୃତ ସ୍ୱର୍ଣ୍ଣ ଏହା ଅଟେ, ଭୁଲରେ ମୁଁ ତୁମମାନଙ୍କୁ ପିତ୍ତଳ ଦେଇ ଦେଇଥିଲି, ଏବେ ଯାଇ ସେହି ସେଠ୍‌ଙ୍କୁ କହିବ ଆମ ଅଙ୍କଲ୍ ଧୋକାବାଜ ନୁହଁନ୍ତି, ଭୁଲରେ ସ୍ୱର୍ଣ୍ଣ ସ୍ଥାନରେ ପିତ୍ତଳ ଦେଇ ଦେଇଛନ୍ତି । ଦୁଇ ଭାଇ ପୁଣି ସେହି ସେଠ୍ ପାଖକୁ ଗଲେ ତଥା କହିଲେ ! ସେଠ୍‌ଜୀ ଆମ ବଡବାପା ଧୋକାବାଜ୍ ନୁହଁନ୍ତି, ଭୁଲରେ ସ୍ୱର୍ଣ୍ଣ ସ୍ଥାନରେ ପିତ୍ତଳ ଦେଇ ଦେଇଥିଲେ, ଏବେ ସ୍ୱର୍ଣ୍ଣ ନିଅନ୍ତୁ । ସ୍ୱର୍ଣ୍ଣକାର କହିଲେ ବାସ୍ତବରେ ଏହା ସ୍ୱର୍ଣ୍ଣ ଅଟେ, ତାହା ପିତ୍ତଳ ଥିଲା ।

ଜିନିଷ ନେଇ ନିଜ ସହରକୁ ସମସ୍ତେ ଫେରି ଆସିଲେ । ତା ପରେ ଅଙ୍କଲ୍ କହିଲେ ପିଲାମାନେ ! ନିଜ ମାତାଙ୍କଠାରୁ ସେହି ସ୍ୱର୍ଣ୍ଣ ନେଇ ଆସ, ଅଧିକ ଉଧାରି ହୋଇଯାଇଛି । ଦୁଇ ବାଳକ ମାତାଙ୍କ ପାଖରୁ ସେହି ସ୍ୱର୍ଣ୍ଣ ଆଣି କପଡାରୁ ବାହାର କରି ଦେଖନ୍ତି ତ ତାହା ପିତ୍ତଳ ଥିଲା, ଗୋଟିଏ ବି ସ୍ୱର୍ଣ୍ଣ ନ ଥିଲା । ବଡବାପା ପିଲାମାନଙ୍କୁ ସ୍ୱର୍ଣ୍ଣ ଓ ପିତ୍ତଳ ସହିତ ପରିଚିତ କରାଇଲେ । ଦୁଇଭାଇ ନିଜ ମାତାଙ୍କୁ କହିଲେ ମାତା ! ଏହା ପିତ୍ତଳ, ସ୍ୱର୍ଣ୍ଣ ନୁହେଁ । ଦୁଇ ବାଳକ ପୁଣି ଅଙ୍କଲ୍‌ଙ୍କ ପାଖକୁ ଆସି କହିଲେ ଆମ ମା ବହୁତ ସରଳମନା, ସ୍ୱର୍ଣ୍ଣ ଓ ପିତ୍ତଳ ବିଷୟରେ ତାଙ୍କର ଜ୍ଞାନ ନାହିଁ, ସେଗୁଡିକ ସ୍ୱର୍ଣ୍ଣ ନୁହେଁ ପିତ୍ତଳ ଅଟେ । ସେଠ୍ କହିଲେ ପୁତ୍ର ! ସେଗୁଡିକ ସେଦିନ ମଧ୍ୟ ପିତ୍ତଳ ହିଁ ଥିଲା, ଯେଉଁ ଦିନ ତୁମେ ମୋ ପାଖକୁ ଧରି ଆସିଥିଲ । ଯଦି ମୁଁ ସେଦିନ ପିତ୍ତଳ ବୋଲି କହି ଦେଇଥାନ୍ତି ତେବେ ତୁମ୍ଭ ମାତା କହିଥାନ୍ତେ ଯେ ମୋ ପତି ନାହାନ୍ତି ବୋଲି ଏବେ ମୋ ସ୍ୱର୍ଣ୍ଣକୁ ବି ପିତ୍ତଳ କହୁଛନ୍ତି, ପିଲାମାନେ ! ଆଜି ମୁଁ ତୁମ୍ଭମାନଙ୍କୁ ସ୍ୱର୍ଣ୍ଣ ଓ ପିତ୍ତଳର ପରିଚୟ ଜାଣିବା ଯୋଗ୍ୟ କରି ଦେଇଛି, ଆଜି ତୁମ୍ଭେମାନେ ନିଜେ ନିର୍ଣ୍ଣୟ କରି ପାରିଲ ।

ବିଶେଷ:- ଏହି ପ୍ରକାରେ ଏହି ଦାସ ଆଜି ଏହା ଚାହେଁ ଯେ ଏହି ବାସ୍ତବିକ ତତ୍ତ୍ୱଜ୍ଞାନ ପ୍ରତ୍ୟେକ

ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ତଥା ଶାସ୍ତ୍ରପ୍ରମାଣ ଦେଖି ଆପଣମାନେ ସ୍ୱୟଂ ପରଖିବା (ଜାଣିପାରିବା) ଯୋଗ୍ୟ ହୋଇ ସନ୍ଥ ଓ ଭଣ୍ଡଙ୍କୁ ଚିହ୍ନି ପାରିବେ ।

ଏଠାରେ ବିଦ୍ୱାନମାନେ ଶାସ୍ତ୍ରାର୍ଥ କରୁଥିଲେ ତଥା ହାରିବ ଜିତିବାର ନିର୍ଣ୍ଣୟ ଅବିଦ୍ୱାନମାନଙ୍କ ହାତରେ ଥିଲା । ଏହି ଦାସ ଏହା ଚାହେଁ ଯେ ପ୍ରଭୁପ୍ରେମୀ ପୂଣ୍ୟାତ୍ମାମାନେ ପ୍ରଥମେ ଶାସ୍ତ୍ରକୁ ଭଲଭାବେ ବୁଝନ୍ତୁ, ତା'ପରେ ସ୍ୱୟଂ ଜାଣି ପାରିବେ ଯେ ଏହି ସନ୍ଥ ଓ ମହର୍ଷିଗଣ  କିଭଳି ପାଠ ଆମ୍ଭକୁ ପଢାଉଥିଲେ ।

### "ଶାସ୍ତ୍ରାର୍ଥ ମହର୍ଷି ସର୍ବାନନ୍ଦ ଏବଂ ପରମେଶ୍ୱର କବୀର (କବିର୍ଦେବ)ଙ୍କ ମଧ୍ୟରେ"

ସର୍ବାନନ୍ଦ ନାମରେ ଜଣେ ମହର୍ଷି ଥିଲେ । ତାଙ୍କ ପୂଜ୍ୟା ମାତା ଶ୍ରୀମତୀ ଶାରଦା ଦେବୀ ପାପକର୍ମ ଦଣ୍ଡରେ ପିଡୀତ ଥିଲେ । ସେ କଷ୍ଟ ନିବାରଣ ପାଇଁ ବର୍ଷ ବର୍ଷ ଧରି ବହୁ ପୂଜାପାଠ ଓ ଯନ୍ତ୍ର-ମନ୍ତ୍ର କଲେ । ଶାରିରୀକ ପୀଡା ନିବାରଣ ପାଇଁ ବୈଦ୍ୟମାନଙ୍କଠାରୁ ଔଷଧ ମଧ୍ୟ ଖାଇଲେ ପରନ୍ତୁ କୌଣସି ଶାନ୍ତି କିମ୍ବା ଉପଶମ ମିଳିଲା ନାହିଁ । ତତ୍‌କାଳୀନ ମହର୍ଷିମାନଙ୍କ ପାଖରୁ ଉପଦେଶ ମଧ୍ୟ ପ୍ରାପ୍ତ କଲେ, ପରନ୍ତୁ ସମସ୍ତ ମହର୍ଷି କହିଲେ, ପୁତ୍ରୀ ଶାରଦା ! ଆପଣଙ୍କର ଏହି ପାପ କର୍ମଦଣ୍ଡ ପ୍ରାରବ୍ଧର ଅଟେ, ଏହା କ୍ଷମା ହୋଇ ପାରିବ ନାହିଁ, ଏହା ଭୋଗୀବାକୁ ହିଁ ପଡିଥାଏ । ଭଗବାନ ଶ୍ରୀରାମ ବାଳୀ ବଧ କରିଥିଲେ, ଶ୍ରୀରାମ (ବିଷ୍ଣୁ) ଙ୍କ ଆତ୍ମା ଶ୍ରୀକୃଷ୍ଣ ହୋଇ ସେହି ପାପ କର୍ମଦଣ୍ଡ ଭୋଗିଲେ, ବାଳିର ଆତ୍ମା ଶିକାରୀ ହେଲା ଯିଏ ଶ୍ରୀକୃଷ୍ଣଙ୍କ ପାଦରେ ବିଷାକ୍ତ ତୀର ବିନ୍ଧ କଲା । ସମସ୍ତ ସନ୍ଥ, ମହନ୍ତ, ଗୁରୁ ଓ ଋଷିମାନଙ୍କର ଏହି ପ୍ରକାର ବିଚାର ଶୁଣି ଭକ୍ତମତି ଶାରଦା ଦୁଃଖି ମନରେ ନିଜର ପ୍ରାରବ୍ଧ ପାପକର୍ମର କଷ୍ଟକୁ କାନ୍ଦି କାନ୍ଦି ଭୋଗ କରୁଥିଲେ । ନିଜର କୌଣସି ସମ୍ପର୍କୀୟଙ୍କ କହିବାନୁସାରେ କାଶୀରେ (ସ୍ୱୟଂଭୂ) ସଶରୀରେ ସ୍ୱୟଂପ୍ରକଟ  ହୋଇଥିବା (କବିର୍ଦେବ) କବିର ପରମେଶ୍ୱର ଅର୍ଥାତ୍ କବୀର ପ୍ରଭୁଙ୍କଠାରୁ ଉପଦେଶ (ଦୀକ୍ଷା) ପ୍ରାପ୍ତ କଲେ ତଥା ସେହିଦିନ ହିଁ କଷ୍ଟରୁ ମୁକ୍ତ ହୋଇଗଲେ । କାରଣ ପବିତ୍ର ଯଜୁର୍ବେଦ ଅଧ୍ୟାୟ ୫ ର ମନ୍ତ୍ର ୩୨ ରେ ଲେଖାଅଛି ଯେ "କବିରଂଘାରିରସି" ଅର୍ଥାତ୍ (କବିର୍) କବୀର (ଅଂଘାରି) ପାପର ଶତ୍ରୁ (ଅସି) ଅଟନ୍ତି । ପୁଣି ଏହି ପବିତ୍ର ଯଜୁର୍ବେଦ ଅଧ୍ୟାୟ ୮ ର ମନ୍ତ୍ର ୧୩ ରେ ଲେଖାଅଛି ଯେ ପରମାତ୍ମା (ଏନସଃ ଏନସଃ) ଅଧର୍ମର ଅଧର୍ମ, ପାପର ପାପ ଅର୍ଥାତ୍ ଘୋରପାପକୁ ମଧ୍ୟ ସମାପ୍ତ କରିଦିଅନ୍ତି । ପ୍ରଭୁ କବିର୍ଦେବ (କବୀର ପରମେଶ୍ୱର) କହିଲେ, ପୁତ୍ରୀ ଶାରଦା ! ଏହି ସୁଖ ଆପଣଙ୍କ ଭାଗ୍ୟରେ ନ ଥିଲା, ମୁଁ ନିଜ କୋଟାରୁ ଏହା ପ୍ରଦାନ କରିଛି ତଥା ପାପବିନାଶକ ହେବାର ପ୍ରମାଣ ଦେଇଛି । ଆପଣଙ୍କ ପୁତ୍ର ମହର୍ଷି ସର୍ବାନନ୍ଦ କହୁଛି ଯେ 'ପ୍ରଭୁ' ପାପର କ୍ଷମା (ବିନାଶ) କରିପାରନ୍ତି ନାହିଁ ଏବଂ ଆପଣ ମୋଠାରୁ ଉପଦେଶ (ଦୀକ୍ଷା) ପ୍ରାପ୍ତ କରି ଆତ୍ମକଲ୍ୟାଣ କରନ୍ତୁ । ସ୍ୱୟଂ ପ୍ରକଟ ପରମେଶ୍ୱର କବୀର ପ୍ରଭୁ (କବିର୍ଦେବ)ଙ୍କଠାରୁ ଉପଦେଶ (ଦୀକ୍ଷା) ପ୍ରାପ୍ତ କରି ଭକ୍ତମତୀ ଶାରଦା ଦେବୀ ନିଜର କଲ୍ୟାଣ କରାଇଲେ । ଭକ୍ତମତୀ ଶାରଦା ଦେବୀଙ୍କ ପୁତ୍ର ମହର୍ଷି ସର୍ବାନନ୍ଦକୁ ଶାସ୍ତ୍ରାର୍ଥର ବହୁତ ଅହଙ୍କାର ଥିଲା । ନିଜ ସମକାଳୀନ ସମସ୍ତ ବିଦ୍ୱାନମାନଙ୍କୁ ସେ ଶାସ୍ତ୍ରାର୍ଥରେ(ଶାସ୍ତ୍ରଚର୍ଚ୍ଚାରେ) ପରାଜିତ କରି ସାରିଥିଲା । ତା'ପରେ ଏହା ଭାବିଲା ଯେ ଜଣ ଜଣ କରି ସମସ୍ତଙ୍କୁ ମୋତେ ଏହା କହିବାକୁ ପଡୁଛି ଯେ ସମସ୍ତ ବିଦ୍ୱାନଙ୍କ ଉପରେ ମୁଁ ବିଜୟ ପ୍ରାପ୍ତ କରିସାଇଛି । ଏବେ ମାଆଙ୍କ ଦ୍ୱାରା ମୋ ନାମ ସର୍ବଜୀତ କାହିଁକି ନ ରଖିବି । ଏହାଭାବି ନିଜ ମାତା ଶ୍ରୀମତୀ ଶାରଦା ଦେବୀଙ୍କ ପାଖକୁ ଯାଇ ପ୍ରାର୍ଥନା କଲା ଯେ ମାତା ! ମୋ ନାମ ବଦଳାଇ ସର୍ବାନନ୍ଦରୁ ସର୍ବଜିତ କରିଦିଅ । ମାତା କହିଲେ ପୁତ୍ର ! ସର୍ବାନନ୍ଦ ନାମ କ'ଣ ଖରାପ ? ମହର୍ଷି ସର୍ବାନନ୍ଦ କହିଲା, ମାତା ! ମୁଁ ଶାସ୍ତ୍ରାର୍ଥରେ ସମସ୍ତ ବିଦ୍ୱାନଙ୍କୁ ପରାଜିତ କରିସାରିଛି, ଏଥିପାଇଁ ମୋ ନାମ ସର୍ବଜୀତ ରଖି ଦିଅ । ମାତା ଶାରଦା କହିଲେ ପୁତ୍ର ! ଆଉ ଜଣେ ବିଦ୍ୱାନ ମୋ ଗୁରୁ ମହାରାଜ କବିର୍ଦେବ(କବୀର ପ୍ରଭୁ)ଙ୍କୁ ପରାଜିତ କରି ଦେଖା, ତା'ପରେ ମୋ ପୁତ୍ରର ନାମ ଫେରିବା ମାତ୍ରେ ହିଁ ସର୍ବଜୀତ ରଖିଦେବି । ମାତାଙ୍କ ଏହି ବଚନ ଶୁଣି ସର୍ବାନନ୍ଦ ପ୍ରଥମେ ତ ହସିଲା, ତା'ପରେ କହିଲା ମାତା ଆପଣ ବହୁତ ସରଳମନା, ସେହି ବୁଣାକାର କବୀର ତ ଅଶିକ୍ଷିତ, ତାକୁ ପରାଜିତ କରିବାରେ କ'ଣ ଅଛି  ? ଆଖି ପିଛୁଳାକେ ଯିବି ଏବଂ ଆସିବି ।

ମହର୍ଷି ସର୍ବାନନ୍ଦ ଶାସ୍ତ୍ରଗୁଡ଼ିକୁ ଏକ ଶଗଡ଼ ଉପରେ ରଖି କବିର୍ଦେବ୍ (କବୀର ପରମେଶ୍ୱର)ଙ୍କ ଝାଟିମାଟି କୁଟୀର ନିକଟକୁ ଗଲା, ପ୍ରଥମେ ପରମେଶ୍ୱର କବୀରଜୀଙ୍କ ପୋଷ୍ୟା କନ୍ୟା କମାଲୀକୁ କୂଅ

ପାଖରେ ଦେଖା କଲା, କମାଲୀ ଦ୍ୱାର ନିକଟକୁ ଆସି କହିଲା, ଆସନ୍ତୁ ମହର୍ଷି ମହାଶୟ ! ଏହି କୁଟୀରଟି ହେଉଛି ପରମପିତା କବୀରଙ୍କ ଘର । ଶ୍ରୀ ସର୍ବାନନ୍ଦ କମାଲୀକୁ କହିଲା, ଝିଅ ମୋ ଢାଳଟିରେ ପାଣି ଭର୍ତ୍ତୀ କରି ଆଣ, ଏପରି ଜଳ ଭର୍ତ୍ତୀକରିବୁ ଯେପରି ଟିକେ ହଲିବା ମାତ୍ରେ ଜଳ ବାହାରକୁ ବାହାରି ପଡୁଥିବ ଏବଂ ଏହି ଢାଳଟିକୁ ଧିରେ ଧିରେ କବୀର ନିକଟକୁ ନେଇଯିବୁ ଏବଂ ଯେଉଁ ଉତ୍ତର ସେ ଦେବେ ତାହା ମୋତେ ଆସି କହିବୁ । ଝିଅ କମାଲୀ ଆଣିଥିବା ଲୋଟାରେ ପରମେଶ୍ୱର କବୀର(କବିର୍ଦେବ୍)ଜୀ କପଡ଼ା ସିଲେଇରେ ବ୍ୟବହୃତ ହେଉଥିବା ଏକ ବଡ ଛୁଞ୍ଚି ପକାଇଦେବାରୁ କିଛି ଜଳ ଢାଳରୁ ବାହାରି ଯାଇ ଚଟାଣ ଉପରେ ପଡ଼ିଗଲା ତଥା କହିଲେ ପୁତ୍ରୀ ! ଏହି ଢାଳଟିକୁ ନେଇ ଶ୍ରୀ ସର୍ବାନନ୍ଦଙ୍କୁ ଫେରାଇ ଦିଅ । ଢାଳ ଫେରାଇବାକୁ ଆସିଥିବା ଝିଅ କମାଲୀକୁ ସର୍ବାନନ୍ଦ ପଚାରିଲା, କି ଉତ୍ତର ଦେଲା କବୀର ? ପ୍ରଭୁଙ୍କ ଦ୍ୱାରା ଛୁଞ୍ଚି ପକାଇବା ବୃତ୍ତାନ୍ତ କମାଲୀ ଶୁଣାଇଲା, ଏହା ଶୁଣି ମହର୍ଷି ସର୍ବାନନ୍ଦଜୀ ପରମପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ)ଙ୍କୁ ପଚାରିଲେ, ଆପଣ ମୋ ପ୍ରଶ୍ନର କି ଉତ୍ତର ଦେଲେ ? ପ୍ରଭୁ କବୀରଜୀ ପଚାରିଲେ, କେଉଁ ପ୍ରଶ୍ନ ଥିଲା ଆପଣଙ୍କର ?

ମହର୍ଷି ସର୍ବାନନ୍ଦ କହିଲେ "ମୁଁ ସମସ୍ତ ବିଦ୍ୱାନଙ୍କୁ ଶାସ୍ତ୍ରାର୍ଥରେ ପରାଜିତ କରିସାରିଛି, ମୋ ନାମ ସର୍ବଜୀତ ରଖିବା ପାଇଁ ମୋ ମାଆଙ୍କୁ ମୁଁ ପ୍ରାର୍ଥନା କରିଥିଲି, ମୁଁ ଆପଣଙ୍କୁ ପରାଜିତ କରିବା ପରେ ମୋ ମାତା ମୋ ନାମ ପରିବର୍ତ୍ତନ କରିଦେବେ ବୋଲି କହିଛନ୍ତି । ଢ଼ାଳଟିକୁ ଜଳପୂର୍ଣ୍ଣ କରି ଆପଣଙ୍କ ପାଖକୁ ପଠାଇବାର ତାତ୍ପର୍ଯ୍ୟ ଏହା ଯେ ମୁଁ ଜ୍ଞାନରେ ଏପରି ପରିପୂର୍ଣ୍ଣ ଯେପରି ଢାଳ ଜଳରେ ପରିପୂର୍ଣ୍ଣ, ଏଥିରେ ଆଉ ଅଧିକ ଜଳ ରହିବ ନାହିଁ । ଏଥିରେ ଆଧିକ ଜଳ ଭର୍ତ୍ତୀ କଲେ ତାହା ବାହରକୁ ବାହାରି ପଡିବ ଅର୍ଥାତ୍ ମୋ ସହିତ ଜ୍ଞାନ ଚର୍ଚ୍ଚା କରି କିଛି ଲାଭ ମିଳିବ ନାହିଁ, ଆପଣଙ୍କ ଜ୍ଞାନ ମୋ ଭିତରେ ପ୍ରବେଶ କରିବ ନାହିଁ, ଚେଷ୍ଟା କରିବା ବୃଥା ହେବ । ଏଥିପାଇଁ ପରାଜୟ ଲେଖି ଦିଅନ୍ତୁ, ଏହା ଆପଣ ପାଇଁ ହିତକର ହେବ ।"

ପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ୍) କହିଲେ, ଜଳରେ ପରିପୂର୍ଣ୍ଣ ଆପଣଙ୍କ ଢାଳରେ ଲୁହା ଛୁଞ୍ଚି ପକାଇବାର ଅଭିପ୍ରାୟ ଏହା ଯେ ମୋ ଜ୍ଞାନ(ତତ୍ତ୍ୱଜ୍ଞାନ) ଏତେ ଭାରି (ସତ୍ୟ) ଯେପରି ଛୁଞ୍ଚିଟି ଲୋଟାର ଜଳକୁ ବାହାରକୁ କାଢି ଦେଇ ତଳେ ସ୍ଥିର ହୋଇଗଲା । ଏହି ପ୍ରକାରେ ମୋ ତତ୍ତ୍ୱଜ୍ଞାନ ଆପଣଙ୍କ ଅସତ୍ୟ ଜ୍ଞାନ(ଲୋକବେଦ) କୁ ବହିଷ୍କାର କରି ଆପଣଙ୍କ ହୃଦୟରେ ସମାବିଷ୍ଟ ହୋଇଯିବ ।

ମହର୍ଷି ସର୍ବାନନ୍ଦ କହିଲେ, ପ୍ରଶ୍ନ କରନ୍ତୁ । ଜଣେ ବହୁଚର୍ଚ୍ଚିତ ବିଦ୍ୱାନଙ୍କୁ ବୁଣାକାରମାନଙ୍କ କଲୋନୀ (ସାହି) କୁ ଆସିଥିବାର ଦେଖି ଶାସ୍ତ୍ରାର୍ଥ ଶୁଣିବା ପାଇଁ ଆଖପାଖର ସରଳ ଅଶିକ୍ଷୀତ ବୁଣାକାରମାନେ ଏକତ୍ରିତ ହୋଇଗଲେ ।

ପୂଜ୍ୟ କବିର୍ଦେବ ପ୍ରଶ୍ନକଲେ ଯେ :-

କୌନ ବ୍ରହ୍ମା କା ପିତା ହୈ, କୌନ ବିଷ୍ଣୁ କୀ ମାଁ । ଶଙ୍କର କା ଦାଦା କୌନ ହୈ, ସର୍ବାନନ୍ଦ ଦେ ବତାଏ ॥

ମହର୍ଷି ସର୍ବାନନ୍ଦଜୀଙ୍କ ଉତ୍ତର :- ଶ୍ରୀ ବ୍ରହ୍ମା ରଜଗୁଣ ଅଟନ୍ତି, ଶ୍ରୀ ବିଷ୍ଣୁ ସତଗୁଣ ଯୁକ୍ତ ଏବଂ ଶ୍ରୀ ଶିବ ତମ ଗୁଣଯୁକ୍ତ ଅଟନ୍ତି । ତିନି ଦେବତା ଅଜର-ଅମର ଅର୍ଥାତ୍ ଅବିନାଶୀ ଅଟନ୍ତି, ସର୍ବେଶ୍ୱର-ମହେଶ୍ୱର-ମୃତ୍ୟୁଞ୍ଜୟ ଅଟନ୍ତି । ଏମାନଙ୍କର ମାତା-ପିତା କେହି ନାହାଁନ୍ତି, ଆପଣ ଅଜ୍ଞାନୀ, ଆପଣଙ୍କର ଶାସ୍ତ୍ରଜ୍ଞାନ ନାହିଁ । ସେଥିପାଇଁ ଓଲଟା-ସିଧା ପ୍ରଶ୍ନ କରୁଛନ୍ତି । ସେଠାରେ ଉପସ୍ଥିତ ସମସ୍ତ ଶ୍ରୋତା କରତାଳି ଦେଇ ମହର୍ଷି ସର୍ବାନନ୍ଦଙ୍କୁ ସମର୍ଥନ କଲେ ।

ପୂଜ୍ୟ କବୀର ପ୍ରଭୁ(କବିର୍ଦେବ୍) କହିଲେ, ମହର୍ଷିଜୀ ! ଆପଣ ପ୍ରଭୁଙ୍କୁ ସାକ୍ଷୀ ରଖି ଗୀତା ଉପରେ ହାତ ରଖି ଶ୍ରୀମଦ୍ ଦେବୀ ଭାଗବତ ପୁରାଣର ତୃତୀୟ ସ୍କନ୍ଦ ଏବଂ ଶ୍ରୀ ଶିବପୁରାଣର ଷଷ୍ଠ ତଥା ରୁଦ୍ର ସଂହିତାର ସପ୍ତମ ଅଧ୍ୟାୟକୁ ପଢ଼ନ୍ତୁ ତଥା ଅନୁବାଦ ଶୁଣାନ୍ତୁ । ମହର୍ଷି ସର୍ବାନନ୍ଦଜୀ ପବିତ୍ର ଗୀତା ଉପରେ ହାତ ରଖି ଶପଥ କରି କହିଲେ, ମୁଁ ଠିକ୍-ଠିକ୍ ଶୁଣାଇବି ।

ପ୍ରଭୁ କବୀରଜୀ(କର୍ବିଦେବ)ଙ୍କ କହିବା ଅନୁସାରେ ପବିତ୍ର ପୁରାଣଗୁଡିକୁ ସେ ଧ୍ୟାନପୂର୍ବକ ପଢିଲେ । ଶ୍ରୀ ଶିବ ପୁରାଣ(ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଯାହାର ଅନୁବାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର)ର ପୃଷ୍ଠା ନଂ ୧୦୦ ରୁ ୧୦୩ ରେ ଲେଖାଅଛି ଯେ ସଦାଶିବ ଅର୍ଥାତ୍ କାଳରୂପୀ ବ୍ରହ୍ମ ଓ

ପ୍ରକୃତି(ଦୁର୍ଗା)ଙ୍କ ସଂଯୋଗ (ପତି-ପତ୍ନୀ ବ୍ୟବହାର)ରେ ସତଗୁଣ ଶ୍ରୀ ବିଷ୍ଣୁ, ରଜଗୁଣ ଶ୍ରୀ ବ୍ରହ୍ମା ତଥା ତମଗୁଣ ଶ୍ରୀ ଶିବଙ୍କର ଜନ୍ମ ହେଲା । ଏହି ପ୍ରକୃତି (ଦୁର୍ଗା) ଯିଏ ଅଷ୍ଟାଙ୍ଗୀ ନାମରେ କଥିତ ସେ ତ୍ରିଦେବ ଜନନୀ ତଥା ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମାତା ରୂପେ ମଧ୍ୟ ପରିଚିତ ।

ପବିତ୍ର ଶ୍ରୀମଦ୍ ଦେବୀ ପୁରାଣ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ଓ ଚିମନଲାଲ୍ ଗୋସ୍ୱାମୀ) ତୃତୀୟ ସ୍କନ୍ଦ ପୃଷ୍ଠା ନଂ "୧୧୪ ରୁ ୧୨୩ ପର୍ଯ୍ୟନ୍ତ"ରେ ସ୍ପଷ୍ଟ ରୂପେ ବର୍ଣ୍ଣନା ଅଛି ଯେ ଭଗବାନ ବିଷ୍ଣୁ କହୁଛନ୍ତି ଯେ ଏହି ପ୍ରକୃତି (ଦୁର୍ଗା) ଆମ୍ଭ ତିନିଜଣଙ୍କର ଜନନୀ ଅଟନ୍ତି, ମୁଁ ଏହାଙ୍କୁ ସେହି ସମୟରେ ଦେଖିଥିଲି ଯେତେବେଳେ ମୁଁ ଛୋଟ ବାଳକ ଥିଲି । ମାତାଙ୍କ ସ୍ତୁତି କରିବା ସହିତ ଶ୍ରୀ ବିଷ୍ଣୁ କହିଲେ, ହେ ମାତା ! ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶିବ ତ ନାଶବାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ତଥା ତିରୋଭାବ (ମୃତ୍ୟୁ) ହୋଇଥାଏ, ଆପଣ ପ୍ରକୃତି ଦେବୀ ଅଟନ୍ତି, ଭଗବାନ ଶଙ୍କର କହିଲେ, ହେ ମାତା ! ଯଦି ବ୍ରହ୍ମା ଓ ବିଷ୍ଣୁ ଆପଣଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ତେବେ ମୁଁ ଶଙ୍କର ମଧ୍ୟ ଆପଣଙ୍କଠାରୁ ହିଁ ଉତ୍ପନ୍ନ ହୋଇଛି ଅର୍ଥାତ୍ ଆପଣ ମୋର ମଧ୍ୟ ମାତା ଅଟନ୍ତି ।

ମହର୍ଷି ସର୍ବାନନ୍ଦ ଲୋକବେଦରୁ ଶୁଣିଥିବା ଅସମ୍ପୂର୍ଣ୍ଣ, ଶାସ୍ତ୍ରବିରୁଦ୍ଧ ଜ୍ଞାନ(ଲୋକବେଦ) ଆଧାରରେ ତିନିପ୍ରଭୁ (ବ୍ରହ୍ମା, ବିଷ୍ଣୁ ଓ ଶିବ)ଙ୍କୁ ଅବିନାଶୀ ଓ ଅଜନ୍ମା କହି ଆସୁଥିଲା । ପୁରାଣ ମଧ୍ୟ ପାଠ କରୁଥିଲା, ଏହା ସତ୍ତ୍ୱେ  ସେ ଅଜ୍ଞାନୀ ଥିଲା । କାରଣ ପବିତ୍ର ଗୀତାରେ ବ୍ରହ୍ମ(କାଳ) କହିଛନ୍ତି ଯେ ମୁଁ ସମସ୍ତ ପ୍ରାଣୀ (ମୋ ଏକୋଇଶି ବ୍ରହ୍ମାଣ୍ଡରେ ଯେଉଁମାନେ ମୋ ଅଧୀନସ୍ଥ)ଙ୍କର ବୁଦ୍ଧି ଅଟେ । ଯେତେବେଳେ ଚାହିଁବି ଜ୍ଞାନ ପ୍ରଦାନ କରିଦେବି ତଥା ଯେତେବେଳେ ଚାହିଁବି ମନରେ ଅଜ୍ଞାନତା ଭରିଦେବି । ସେହି ସମୟରେ ପୂର୍ଣ୍ଣପରମାତ୍ମାଙ୍କ କହିବା ଅନୁସାରେ କାଳ(ବ୍ରହ୍ମ)ଙ୍କ ପ୍ରଭାବ ହଟିଗଲା ତଥା ସର୍ବାନନ୍ଦଙ୍କୁ ସ୍ପଷ୍ଟ ଜ୍ଞାନ ହୋଇଗଲା ଯେ ବାସ୍ତବରେ ଏହା ହିଁ ଲେଖାଅଛି । ପରନ୍ତୁ ମାନହାନୀ ଭୟରେ କହିଲା, ମୁଁ ସବୁ ପଢିଛି, ଏଭଳି କେଉଁଠି ଲେଖା ଯାଇ ନାହିଁ । କବିର୍ଦେବ୍ (କବୀର ପରମେଶ୍ୱର) ଙ୍କୁ କହିଲା, ତୁ ମିଛୁଆ, ତୁ କ'ଣ ଜାଣିଛୁ ଶାସ୍ତ୍ର ବିଷୟରେ ? ମୁଁ ପ୍ରତିଦିନ ଶାସ୍ତ୍ର ପଢେ । ତା'ପରେ ସର୍ବାନନ୍ଦଜୀ ଧାରାବାହିକ ସଂସ୍କୃତ କହିବା ପ୍ରାରମ୍ଭ କରିଦେଲା । ପୁରାଣ କଥା ନ ଶୁଣାଇ କଣ୍ଠସ୍ଥ କରିଥିବା ଅନ୍ୟ ବେଦବାଣୀ କୋଡିଏ ମିନିଟ୍ ପର୍ଯ୍ୟନ୍ତ କହିଲା ।

ସେଠାରେ ଉପସ୍ଥିତ ଥିବା ସମସ୍ତ ସରଳ ନିରୀହ ଶ୍ରୋତାଗଣ ଯେଉଁମାନଙ୍କର ସଂସ୍କୃତ ଜ୍ଞାନ ଆଦୌ ନଥିଲା, ସେମାନେ ସଂସ୍କୃତ ଶୁଣି ପ୍ରଭାବିତ ହୋଇ ମହର୍ଷି ସର୍ବାନନ୍ଦଙ୍କୁ ସମର୍ଥନ କରି ବାହାଃ-ବାହାଃ, ମହାଜ୍ଞାନୀ ଆଦି କହିବାକୁ ଲାଗିଲେ ଅର୍ଥାତ୍ ପରେମଶ୍ୱର କବୀରଜୀଙ୍କୁ (କବିର୍ଦେବ) ପରାଜିତ କରି ମହର୍ଷି ସର୍ବାନନ୍ଦଜୀଙ୍କୁ ବିଜୟୀ ଘୋଷିତ କଲେ। ପରମ ପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ)ଜୀ କହିଲେ, ସର୍ବାନନ୍ଦଜୀ ! ଆପଣ ପବିତ୍ର ଗୀତା ଉପରେ ହାତ ରଖି ଶପଥ ନେଇଥିଲେ, ତାହା ମଧ୍ୟ ଭୁଲିଗଲେ । ସର୍ବ ସମ୍ମୁଖରେ ଆପଣ ଶାସ୍ତ୍ରଲିଖିତ ପ୍ରମାଣକୁ ମଧ୍ୟ ସ୍ୱୀକାର କରୁ ନାହାଁନ୍ତି, ତେବେ ମୁଁ ହାରିଲି ଆପଣ ଜିତିଲେ ।

*ଜଣେ ଜମିଦାରଙ୍କ ପୁତ୍ର ସପ୍ତମ ଶ୍ରେଣୀରେ ପଢୁଥିଲା ।* ସେ କିଛି ଇଂରାଜୀ ଭାଷା ଶିଖି ଯାଇଥିଲା । ଦିନେ ପିତା-ପୁତ୍ର ଦୁହେଁ ଶଗଡ଼ ନେଇ ଜମିକୁ ଯାଉଥିଲେ, ସାମନାରୁ ଏକ ଇଂରେଜ ଆସୁଥିଲା, ସେ ଶଗଡ ଚାଳକଠାରୁ ଇଂରାଜୀ ଭାଷାରେ ରାସ୍ତା ବିଷୟରେ ଜାଣିବାକୁ ଚାହିଁଲା, ପିତା, ପୁତ୍ରକୁ କହିଲା, ପୁଅ ! ଏହି ଇଂରେଜ ନିଜକୁ ଅଧିକ ଶିକ୍ଷିତ ପ୍ରମାଣିତ କରିବାକୁ ଚାହୁଁଛି, ତୁମେ ବି ଇଂରାଜୀ ଭାଷା ଜାଣିଛ, ଭାଙ୍ଗିଦିଅ ଏହାର ଗର୍ବ, ତୁମେ ବି ଇଂରାଜୀ ଶୁଣାଇ ଦିଅ। କୃଷକର ପୁଅ ଇଂରାଜୀ ଭାଷାରେ "ଅସୁସ୍ଥତା କାରଣରୁ ଛୁଟି ପାଇଁ ପ୍ରାର୍ଥନା-ପତ୍ର" ସମ୍ପୂର୍ଣ୍ଣ ଶୁଣାଇ ଦେଲା । ଇଂରେଜ ସେହି ଅଜ୍ଞାନୀ ପିଲାର ଅଜ୍ଞାନତା ଦେଖି କହିଲା, ପଚାରୁଛି ରାସ୍ତା କେଉଁ ଆଡେ ଶୁଣାଉଛି ଛୁଟି ପାଇଁ ପ୍ରାର୍ଥନା ପତ୍ର । ସେ ମସ୍ତକରେ ହାତ ଦେଇ କାର ନେଇ ଚାଲିଗଲା । କୃଷକ ନିଜ ବିଜୟୀ ପୁତ୍ରର ପିଠି ଥାପୁଡେଇ କହିଲା, ବାଃ ବାଃ ରେ ପୁତ୍ର ! ତୁମେ ତ ମୋ ଜୀବନ ସଫଳ କରିଦେଲ, ଆଜି ତୁମେ ଇଂରେଜକୁ ଇଂରାଜୀ ଭାଷାରେ ପରାଜିତ କରିଦେଲ । ଏହାଶୁଣି ପୁତ୍ର କହିଲା ପିତାଜୀ ! ମାଇଁ ବେଷ୍ଟ ଫ୍ରେଣ୍ଡ୍" (ମୋ ପ୍ରିୟ ସାଙ୍ଗ ନାମକ ବିଷୟ) ମଧ୍ୟ ମନେ ଅଛି, ତାହା ଯଦି ଶୁଣାଇଥାନ୍ତି ତେବେ ଇଂରେଜ କାର ଛାଡି ପଳାଇ

ଯାଇଥାନ୍ତା । ଏହି ପ୍ରକାରେ କବିର୍ଦେବଜୀ ପଚାରୁଛନ୍ତି କିଛି ସର୍ବାନନ୍ଦଜୀ ଉତ୍ତର ଦେଉଛନ୍ତି ଅନ୍ୟ କିଛି । ଏହିଭଳି ଭାବେ ଶାସ୍ତ୍ରାର୍ଥ ସମାଜର ସର୍ବନାଶ କରିଛି ।

ପରମ ପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ)କହିଲେ, ସର୍ବାନନ୍ଦଜୀ! ଆପଣ ଜିତିଲେ ମୁଁ ହାରିଲି । ମହର୍ଷି ସର୍ବାନନ୍ଦଜୀ କହିଲେ, ଲେଖିକରି ଦିଅ ମୁଁ ଅସମ୍ପୂର୍ଣ୍ଣ କାର୍ଯ୍ୟ କରେନାହିଁ । ପରମାତ୍ମା କବୀର(କବିର୍ଦେବ) ଜୀ କହିଲେ, ଏହି କୃପା ଆପଣ କରନ୍ତୁ, ଯାହା ଲେଖିବାର ଅଛି ଲେଖିଦିଅନ୍ତୁ, ମୁଁ ଟିପଚିହ୍ନ ଲଗାଇ ଦେବି । ମହର୍ଷି ସର୍ବାନନ୍ଦ ଲେଖିଲେ ଯେ ଶାସ୍ତ୍ରାର୍ଥରେ ସର୍ବାନନ୍ଦ ବିଜୟୀ ହେଲା ଏବଂ କବୀର ସାହେବ ପରାଜିତ ହେଲା ତଥା କବୀର ପରମେଶ୍ୱରଙ୍କଠାରୁ ଅଙ୍ଗୁଠି ଚିହ୍ନ ଲଗାଇ ନେଲା । ନିଜ ମାତାଙ୍କ ପାଖକୁ ଯାଇ ସର୍ବାନନ୍ଦ ମହର୍ଷି କହିଲା, ମାଆ! ଆପଣଙ୍କ ଗୁରୁଦେବଙ୍କୁ ପରାଜିତ କରିବାର ପ୍ରମାଣ ଆଣିଛି, ନିଅନ୍ତୁ । ଭକ୍ତିମତି ଶାରଦା ଦେବୀ କହିଲେ, ପୁଅ! ପଢ଼ି ଶୁଣାଅ । ସର୍ବାନନ୍ଦଜୀ ଯେତେବେଳେ ପଢ଼ିଲେ ସେଥିରେ ଏହା ଲେଖାଥିଲା ଯେ ଶାସ୍ତ୍ରାର୍ଥରେ ସର୍ବାନନ୍ଦ ପରାଜିତ ହେଲା ଏବଂ କବୀର ପରମେଶ୍ୱର (କବିର୍ଦେବ) ବିଜୟୀ ହେଲେ । ସର୍ବାନନ୍ଦଜୀଙ୍କ ମାତା କହିଲେ, ପୁତ୍ର! ତୁମେ କହୁଥିଲେ ଯେ ମୁଁ ବିଜୟୀ ହୋଇଛି, ତୁମେ ତ ପରାଜିତ ହୋଇଛ । ମହର୍ଷି ସର୍ବାନନ୍ଦଜୀ କହିଲେ, ମାଆ! ମୁଁ କିଛିଦିନ ହେଲା ଲଗାତାର ଶାସ୍ତ୍ରାର୍ଥରେ ବ୍ୟସ୍ତ ଥିଲି, ଏଥିପାଇଁ ନିଦ୍ରାବଶତଃ ମୋ ଦ୍ୱାରା ଲେଖିବାରେ ଭୁଲ ହୋଇଯାଇଛି । ପୁଣି ଯାଉଛି ଠିକ୍‌ରେ ଲେଖିକରି ଆଣିବି । ମାତା ସର୍ତ୍ତ ରଖିଥିଲେ ଯେ ମୌଖିକ ଭାବେ ନୁହେଁ ବିଜୟୀ ହେବାର କୌଣସି ଲିଖିତ ପ୍ରମାଣ ଯଦି ଆଣିବ ତେବେ ମାନିବି । ମହର୍ଷି ସର୍ବାନନ୍ଦ ଦ୍ୱିତୀୟଥର ଗଲେ ଏବଂ କହିଲେ, କବୀର ସାହେବ! ଲେଖିବାରେ ମୋର କିଛି ତ୍ରୁଟି ରହିଯାଇଛି, ଦ୍ୱିତୀୟଥର ଲେଖିବାକୁ ପଡିବ । ସର୍ବାନନ୍ଦ ପୁନର୍ବାର ଲେଖି ଟିପଚିହ୍ନ ଲଗାଇ ମାତାଙ୍କ ପାଖକୁ ଆସିବା ପରେ ପୁଣି ବିପରୀତ ଲେଖା ଦେଖିବାକୁ ମିଳିଲା । କହିଲେ, ମାତା! ମୁଁ ପୁଣି ଯାଉଛି ଠିକ୍‌ରେ ଲେଖିକରି ଆଣିବି । ତୃତୀୟଥର ଲେଖିକରି ଆଣିଲେ ତଥା ଘରକୁ ପ୍ରବେଶ କରିବା ପୂର୍ବରୁ ପଢ଼ିଲେ ଠିକ୍ ଲେଖାଅଛି । ସର୍ବାନନ୍ଦଜୀ ସେହି ଲେଖାରୁ ଦୃଷ୍ଟି ନ ହଟାଇ ନିଜ ଗୃହକୁ ପ୍ରବେଶ କରୁଥିବା ସମୟରେ ଚାଲିବା ଅବସ୍ଥାରେ କହିବାକୁ ଲାଗିଲେ, ଶୁଣାଇବି କି ମାତା ? ଏହାକହି ପଢ଼ିବାକୁ ଲାଗିଲେ ତ ତାଙ୍କ ଆଖି ସାମ୍ନାରେ ଅକ୍ଷର ବଦଳିଗଲା ତୃତୀୟଥର ଏହା ଲେଖାଥିଲା ଯେ ଶାସ୍ତ୍ରାର୍ଥରେ ସର୍ବାନନ୍ଦ ପରାଜିତ ହେଲା ଏବଂ କବୀର ସାହେବ ବିଜୟୀ ହେଲେ। ସର୍ବାନନ୍ଦଙ୍କ ପାଟିରୁ ଭାଷା ବାହାରିଲା ନାହିଁ। ଏହା ଦେଖି ମାତା କହିଲେ ପୁତ୍ର! କିଛି କହୁନ କାହିଁକି ? ପଢ଼ି ଶୁଣାଅ କ'ଣ ଲେଖାଅଛି । ମାତା ଜାଣିଥିଲେ ଯେ ଅଜ୍ଞାନୀ ପୁତ୍ର ପାହାଡ଼କୁ ଧକ୍‌କା ଦେବାକୁ ଯାଉଛି । ଶାରଦା ଦେବୀ କହିଲେ, ପୁତ୍ର ସର୍ବାନନ୍ଦ! ସ୍ୱୟଂ ପରମେଶ୍ୱର ଆସିଛନ୍ତି, ତାଙ୍କ ପାଖକୁ ଯାଇ, ତାଙ୍କ ଚରଣ ତଳେ ପଡ଼ି ନିଜ ଭୁଲ୍‌ର କ୍ଷମାଯାଚନା କର ତଥା ଉପଦେଶ (ଦୀକ୍ଷା) ନେଇ ନିଜ ଜୀବନ ସଫଳ କର । ସର୍ବାନନ୍ଦ ନିଜ ମାତାଙ୍କ ଚରଣ ତଳେ ପଡ଼ିଯାଇ କାନ୍ଦିବାକୁ ଲାଗିଲା ଏବଂ କହିଲା ମାତା ଇଏ ତ ସ୍ୱୟଂ ପ୍ରଭୁ ଆସିଛନ୍ତି, ଆପଣ ମୋ ସାଥିରେ ଚାଲନ୍ତୁ ମୋତେ ଲାଜ ଲାଗୁଛି । ସର୍ବାନନ୍ଦଙ୍କ ମାତା ନିଜ ପୁତ୍ରକୁ ସାଥିରେ ନେଇ ପ୍ରଭୁ କବୀରଙ୍କ ପାଖକୁ ଆସି ଉପଦେଶ ପ୍ରାପ୍ତ କରାଇଲେ । ପରମାତ୍ମାଙ୍କ ଚରଣରେ ଆଶ୍ରୀତ ହେବା ପରେ ମହର୍ଷି ବୋଲାଉଥିବା ଅଜ୍ଞାନୀ ପ୍ରାଣୀର ଉଦ୍ଧାର ହେଲା । ପୂର୍ଣ୍ଣବ୍ରହ୍ମ କବୀର ପରମେଶ୍ୱର (କବିର୍ଦେବ୍) କହିଲେ, ସର୍ବାନନ୍ଦ ଆପଣ ଅକ୍ଷର ଜ୍ଞାନ ଆଧାରରେ ମଧ ଶାସ୍ତ୍ରଗୁଡିକୁ ବୁଝିପାରି ନାହାଁନ୍ତି, କାରଣ ମୋ ଶରଣକୁ ନ ଆସିବା ପର୍ଯ୍ୟନ୍ତ ବ୍ରହ୍ମ (କାଳ) କାହା ବୁଦ୍ଧିକୁ ସମ୍ପୂର୍ଣ୍ଣ ବିକଶିତ ହେବାକୁ ଦେବ ନାହିଁ । ଏବେ ପୁନର୍ବାର ଏହି ପବିତ୍ର ବେଦ, ଗୀତା ଓ ପବିତ୍ର ପୁରାଣଗୁଡିକୁ ପଢ । ଏବେ ଆପଣ ବ୍ରାହ୍ମଣ ହେଲେ । "ବ୍ରାହ୍ମଣ ସେ ଅଟେ, ଯିଏ ବ୍ରହ୍ମଙ୍କୁ ଚିହ୍ନେ" ବିଦ୍ୱାନ ତାଙ୍କୁ କୁହାଯାଏ ଯିଏ ପୂର୍ଣ୍ଣ ପରମାତ୍ମାଙ୍କୁ ଚିହ୍ନି ନିଜର କଲ୍ୟାଣ କରାଇଥାଏ ।

ବିଶେଷ :- କବୀର ପରମେଶ୍ୱରଜୀ ଆଜକୁ ୫୫୦ ବର୍ଷ ପୂର୍ବେ ଏହି ପବିତ୍ର ବେଦ, ପବିତ୍ର ଗୀତା ଓ ପବିତ୍ର ପୁରାଣଗୁଡିକରେ ଲେଖାଥିବା ଜ୍ଞାନକୁ ନିଜ ସାଧାରଣ ବାଣୀ ମାଧ୍ୟମରେ ପ୍ରକାଶ କରିଥିଲେ । ସେହି ସମୟରୁ ଆଜି ପର୍ଯ୍ୟନ୍ତ ସମସ୍ତ ମହର୍ଷି ସେହି ବାଣୀକୁ ବ୍ୟାକରଣ ତ୍ରୁଟିଯୁକ୍ତ ଭାଷା କହିବା ସହିତ ପଢ଼ିବାକୁ ମଧ ଆବଶ୍ୟକ ମନେ କଲେ ନାହିଁ ଏବଂ କହିବାକୁ ଲାଗିଲେ ଯେ କବୀର ତ ଅଜ୍ଞାନୀ, ତା'ର କେଉଁ

ଅକ୍ଷର ଜ୍ଞାନ ଅଛି, ସଂସ୍କୃତ ଭାଷାରେ ଲିଖିତ ଶାସ୍ତ୍ରରେ ଲୁଚିଥିବା ଗୂଢ଼ ରହସ୍ୟକୁ ସେ କିପରି ଜାଣି ପାରିବ । ଆମ୍ଭେ ବିଦ୍ୱାନ, ଆମ୍ଭେ ଯାହା କହୁଛୁ ତାହା ଶାସ୍ତ୍ରରେ ଲେଖା ଅଛି । ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କର କେହି ମାତା-ପିତା ନାହାଁନ୍ତି । ସେ ତ ଅଜନ୍ମା-ଅଜର-ଅମର-ଅବିନାଶୀ, ସର୍ବେଶ୍ୱର ଓ ମୃତ୍ୟୁଞ୍ଜୟ ଅଟନ୍ତି, ସର୍ବ ସୃଷ୍ଟିର ରଚୟିତା ଅଟନ୍ତି, ତିନି ଗୁଣଯୁକ୍ତ ଅଟନ୍ତି। ଏହିଭଳି ବ୍ୟାଖ୍ୟା କରି ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସିଦ୍ଧାନ୍ତରେ ଅଟଳ ଅଛନ୍ତି । ଆଜି ସେହି ପବିତ୍ର ଶାସ୍ତ୍ର ଆମ୍ଭ ପାଖରେ ଉପଲବ୍ଧ । ଯେଉଁଥିରେ ତିନି ପ୍ରଭୁ (ଶ୍ରୀ ବ୍ରହ୍ମା-ରଜଗୁଣ, ଶ୍ରୀ ବିଷ୍ଣୁ-ସତଗୁଣ ଓ ଶ୍ରୀ ଶିବ-ତମଗୁଣ)ଙ୍କ ମାତା -ପିତାଙ୍କ ବିଷୟରେ ସ୍ପଷ୍ଟ ଉଲ୍ଲେଖ ଅଛି । ଆମ୍ଭ ପୂର୍ବଜ ସେ ସମୟରେ ଅଶିକ୍ଷୀତ ଥିଲେ ତଥା ଶାସ୍ତ୍ରର ପୂର୍ଣ୍ଣଜ୍ଞାନ ଶିକ୍ଷିତ ବର୍ଗଙ୍କର ନ ଥିଲା, ତଥାପି ଜାଣି ଶୁଣି ହେୟ ଜ୍ଞାନ କରି କହିଲେ ଯେ କବୀର ମିଥ୍ୟା କହୁଛି, ଏମିତି କୌଣସି ଶାସ୍ତ୍ରରେ ଲେଖା ନାହିଁ ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କର କେହି ମାତା-ପିତା ଅଛନ୍ତି । ସର୍ବ ପବିତ୍ର ପୁରାଣ ଯେତେବେଳେ ଏହାର ସାକ୍ଷୀ ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କର ଜନ୍ମ-ମୃତ୍ୟୁ ହୋଇଥାଏ । ଏମାନେ ଅବିନାଶୀ ନୁହଁନ୍ତି ଏବଂ ଏହି ତିନି ଦେବତାଙ୍କର ମାତା ପ୍ରକୃତି (ଦୁର୍ଗା) ଅଟନ୍ତି ତଥା ପିତା ଜ୍ୟୋତି ନିରଞ୍ଜନ କାଳରୂପୀ ବ୍ରହ୍ମ ଅଟନ୍ତି ।

ଆଜିର ସର୍ବ ମାନବ ସମାଜ, ଭଉଣୀ-ଭାଇ, ବାଳକ ଓ ଯୁବଗୋଷ୍ଠି ତଥା ବୟଜ୍ୟେଷ୍ଠ ବ୍ୟକ୍ତିଗଣ ତଥା ପୁଅ-ଝିଅ ସମସ୍ତେ ଶିକ୍ଷିତ ଅଟନ୍ତି । ଆଜି କେହି ଏହି କଥାକୁ ଅସ୍ୱୀକାର କରି ପାରିବେ ନାହିଁ ଯେ ଶାସ୍ତ୍ରରେ ଏପରି ଉଲ୍ଲେଖ ନାହିଁ । ଯେପରି କବୀର ପରମେଶ୍ୱର (କବିର୍ଦେବ) ସାହେବଜୀଙ୍କ ଅମୃତ ବାଣୀରେ ଲେଖାଅଛି –

ପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ) ଙ୍କ ଅମୃତବାଣୀ:-

ଧର୍ମଦାସ ଯହ ଜଗ ବୌରାନା । କୋଇ ନା ଜାନେ ପଦ ନିରବାନା ॥
ଅବ ମୈଁ ତୁମସେ କହୋଁ ଚିତାଇ । ତ୍ରିୟଦେବନ କୀ ଉତ୍ପତୀ ଭାଈ ॥
ଜ୍ଞାନୀ ସୁନେ ସୋ ହିରଦେ ଲଗାଈ । ମୂର୍ଖ ସୁନେ ସୋ ଗମ୍ୟ ନା ପାଈ ॥
ମାଁ ଅଷ୍ଟଙ୍ଗୀ ପିତା ନିରଂଜନ । ୱେ ଯମ ଦାରୁଣ ବଂଶନ ଅଁଜନ ॥
ପହିଲେ କୀହ୍ନ ନିରଂଜନ ରାଈ । ପୀଛେସେ ମାୟା ଉପଜାଈ ॥
ଧର୍ମରାୟ କିହ୍ନାଁ ଭୋଗ ବିଲାସା । ମାୟାକୋ ରହୀ ତବ ଆସା ॥
ତୀନ ପୁତ୍ର ଅଷ୍ଟଙ୍ଗୀ ଜାୟେ । ବ୍ରହ୍ମା ବିଷ୍ଣୁ ଶିବ ନାମ ଧରାୟେ ॥
ତିନ ଦେବ ବିସ୍ତାର ଚଲାୟେ । ଇନମେ ଯହ ଜଗ ଧୋଖା ଖାୟେ ॥
ତୀନ ଲୋକ ଅପନେ ସୁତ ଦୀହ୍ନା । ସୁନ୍ନ ନିରଂଜନ ବାସା ଲୀହ୍ନା ॥
ଅଲଖ ନିରଂଜନ ସୁନ୍ନ ଠିକାନା । ବ୍ରହ୍ମା ବିଷ୍ଣୁ ଶିବ ଭେଦ ନ ଜାନା ॥
ଅଲଖ ନିରଂଜନ ବଡା ବଟପାରା । ତୀନ ଲୋକ ଜିବ କୀହ୍ନ ଆହାରା ।
ବ୍ରହ୍ମା ବିଷ୍ଣୁ ଶିବ ନହିଁ ବଚାୟେ । ସକଲ ଖାୟ ପୁନ ଧୂର ଉଡାୟେ ॥
ତିନକେ ସୁତ ହେଁ ତୀନୋଁ ଦେବା । ଆନ୍ଧର ଜୀବ କରତ ହେଁ ସେବା ॥
ତୀନୋଁ ଦେବ ଔର ଔତାରା । ତାକୋ ଭଜେ ସକଲ ସଂସାରା ॥
ତୀନୋଁ ଗୁଣକା ଯହ ବିସ୍ତାରା । ଧର୍ମଦାସ ମୈଁ କହୋଁ ପୁକାରା ॥
ଗୁଣ ତୀନୋଁ କୀ ଭକ୍ତି ମେଁ, ଭୁଲ ପରୋ ସଂସାର ।
କହେ କବୀର ନିଜ ନାମ ବିନ, କୈସେ ଉତରେଁ ପାର ॥

ଉପରୋକ୍ତ ଅମୃତବାଣୀରେ ପରମେଶ୍ୱର କବୀର ସାହେବଜୀ ନିଜ ପ୍ରିୟ ସେବକ ଶ୍ରୀ ଧର୍ମଦାସ ସାହେବଜୀଙ୍କୁ କହୁଛନ୍ତି, ଧର୍ମଦାସ ! ଏହି ସଂସାର ତତ୍ତ୍ୱଜ୍ଞାନ ଅଭାବରୁ ଆଜି ବିଚଳିତ, ପୂର୍ଣ୍ଣମୋକ୍ଷ ମାର୍ଗ ଓ ପୂର୍ଣ୍ଣ ସୃଷ୍ଟି ରଚନାର ଜ୍ଞାନ କାହାର ନାହିଁ, ଏଥିପାଇଁ ମୁଁ ଆପଣଙ୍କୁ ମୋ ଦ୍ୱାରା ରଚିତ ସୃଷ୍ଟିର କଥା ଶୁଣାଉଛି । ବୁଦ୍ଧିମାନ ବ୍ୟକ୍ତି ତୁରନ୍ତ ବୁଝି ଯିବେ ପରନ୍ତୁ ଯେଉଁମାନେ ସମସ୍ତ ପ୍ରମାଣ ଦେଖି ମଧ୍ୟ ସ୍ୱୀକାର ନ କରିବେ ସେହି ଅଜ୍ଞାନୀ ପ୍ରାଣୀ କାଳ ପ୍ରଭାବରେ ପ୍ରଭାବିତ ବୋଲି ଜାଣନ୍ତୁ, ସେ ଭକ୍ତି ଯୋଗ୍ୟ ନୁହଁନ୍ତି । ଏବେ ମୁଁ କହୁଛି ଶୁଣ, ତିନି ଭଗବାନ (ବ୍ରହ୍ମା, ବିଷ୍ଣୁ, ଶିବ)ଙ୍କର ଉତ୍ପତ୍ତି କିପରି ହେଲା ? ଏମାନଙ୍କ ମାତା ହେଉଛନ୍ତି ଅଷ୍ଟାଙ୍ଗୀ (ଦୁର୍ଗା) ଓ ପିତା ଜ୍ୟୋତି ନିରଞ୍ଜନ (କାଳ/ବ୍ରହ୍ମ), ପ୍ରଥମେ ବ୍ରହ୍ମର ଉତ୍ପତ୍ତି ଅଣ୍ଡାରୁ ହେଲା, ତା'ପରେ ଦୁର୍ଗାର

ଉତ୍ପତ୍ତି ହେଲା, ଦୁର୍ଗା ରୂପ ପ୍ରତି ଆଶକ୍ତ ହୋଇ କାଳ (ବ୍ରହ୍ମ) ଅପକର୍ମ (କୁକର୍ମ) କଲା, ସେତେବେଳେ ଦୁର୍ଗା (ପ୍ରକୃତି) କାଳର ପେଟ ଭିତରେ ଶରଣ ନେଲା, ମୁଁ ସେଠାକୁ ଗଲି ଯେଉଁଠି ଜ୍ୟୋତି ନିରଞ୍ଜନ କାଳ ଥିଲା, ତା'ପରେ ବ୍ରହ୍ମ ଉଦରରୁ ଭବାନୀକୁ ବାହାର କରି ସମସ୍ତ ଏକୋଇଶି ବ୍ରହ୍ମାଣ୍ଡକୁ ୧୬ ଶଙ୍ଖ କୋଶ ଦୂରକୁ ପଠାଇଦେଲି । ଜ୍ୟୋତି ନିରଞ୍ଜନ ପ୍ରକୃତି ଦେବୀ (ଦୁର୍ଗା) ସହିତ ଭୋଗବିଳାସ କଲା । ଏହି ଦୁହିଁଙ୍କ ସଂଯୋଗରୁ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ଉତ୍ପତ୍ତି ହେଲା । ଏହି ତିନି ଗୁଣ (ବ୍ରହ୍ମା, ବିଷ୍ଣୁ ଓ ଶିବ)ଙ୍କର ସାଧନା କରି ସମସ୍ତ ପ୍ରାଣୀ କାଳ ଜାଲରେ ଫସିଛନ୍ତି । ଯେପର୍ଯ୍ୟନ୍ତ ବାସ୍ତବିକ ମନ୍ତ୍ର ନମିଳିଛି, ପୂର୍ଣ୍ଣମୋକ୍ଷ କିପରି ମିଳିବ ?

❒❒❒

## "ଉଜୁଡ଼ି ଯାଇଥିବା ପରିବାର ରକ୍ଷା ପାଇଲା"

ମୁଁ ଭକ୍ତ ରମେଶ, ପିତା- ଶ୍ରୀ ଉମେଦ ସିଂହ, ଗ୍ରାମ- ପେଟ୍‌ୱାଡ୍, ତହସିଲ- ହାଂସୀ, ଜିଲ୍ଲା- ହିସାର ହରିୟାଣାର ବାସିନ୍ଦା । ବର୍ତ୍ତମାନ ସପରିବାରେ ଏମ୍ପ୍ଲୋଇଜ୍ କଲୋନୀ, ଜିନ୍ଦ୍ ଜେଲ ସାମନାରେ ରହୁଛି ।

ନାମଦୀକ୍ଷା ନେବା ପୂର୍ବରୁ ଆମ୍ଭେ ଭୂତ ପୂଜା କରୁଥିଲୁ । ଆମ୍ଭ ଗ୍ରାମରେ ବାବା "ସରିୟା" ବହୁତ ପ୍ରସିଦ୍ଧ ଥିଲେ । ଆମ୍ଭେ ପ୍ରତ୍ୟେକ ମାସର ପୂର୍ଣ୍ଣିମା ଦିନ ଜ୍ୟୋତି ଜଳାଇବା ପାଇଁ ସେଠାକୁ ଯାଉଥିଲୁ । ଆମ୍ଭେ ଶୁକ୍ରବାର, ଜନ୍ମାଷ୍ଟମୀ, ଶିବରାତ୍ରୀରେ ବ୍ରତ ରଖୁଥିଲୁ । ପିତୃ ପୁରୁଷଙ୍କୁ ପିଣ୍ଡ ଓ ଶ୍ରାଦ୍ଧ ମଧ୍ୟ ଦେଉଥିଲୁ । ଏହି ସବୁ କ୍ରୀୟା କରି ମଧ୍ୟ ଆମ୍ଭ ଘରର  ପରସ୍ଥିତି ଉଜୁଡ଼ିବା ପ୍ରାୟ ହୋଇ ଯାଇଥିଲା । ମୁଁ ବାରବର୍ଷର ହୋଇଥିବା ସମୟରେ ମୋ ପିତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଘରେ ତିନିଜଣ ସଦସ୍ୟ ଥିଲେ, ତିନି ଜଣଙ୍କ ମଧ୍ୟରେ ସର୍ବଦା ଲଢ଼େଇ ଝଗଡ଼ା ଲାଗି ରହିଥିଲା ତଥା ଆମ୍ଭକୁ ଭୂତ-ପ୍ରେତ ବହୁ ଦୁଃଖୀ କରାଉଥିଲେ ଏବଂ ଆମ୍ଭେ ସର୍ବଦା ରୋଗଗ୍ରସ୍ତ ରହୁଥିଲୁ । ପ୍ରଥମେ ଡାକ୍ତରଙ୍କୁ ଦେଖାଇଲୁ ପରନ୍ତୁ କୌଣସି ଆରାମ ମିଳିଲା ନାହିଁ । ତା'ପରେ ତାନ୍ତ୍ରିକ ପାଖକୁ ଗଲୁ । କିଏ କହିଲା ତୁମେ ୫୦୦୦ ଟଙ୍କା ଦିଅ ମୁଁ ତୁମ୍ଭଙ୍କୁ ସମ୍ପୂର୍ଣ୍ଣ ଠିକ୍ କରିଦେବି, କିଏ କହିଲା ତୁମେ ୧୦୦୦୦ ଟଙ୍କା ଦିଅ ସବୁ ଠିକ୍ ହୋଇଯିବ ଇତ୍ୟାଦି ।

ଆମ୍ଭେ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଖର୍ଚ୍ଚକରି କାଙ୍ଗାଳ ହୋଇଯାଇଥିଲୁ କିନ୍ତୁ କୌଣସି ଉପକାର ମିଳୁନଥିଲା । ମୋର ଜଣେ ସମ୍ପର୍କୀୟ ବନ୍ଧୁ ଭକ୍ତ ରଘୁବୀର ସିଂହ ଗ୍ରାମ କୌଁଥ୍ କଲାଁଙ୍କ ବାରମ୍ବାର ଅନୁରୋଧ ରକ୍ଷାକରି ମୋ ମାତା ୧୯୯୬ ମସିହାରେ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଲେ  ବିବାହର ପାଞ୍ଚବର୍ଷ ପରେ ମଧ୍ୟ ମୋ ପତ୍ନୀଙ୍କୁ କୌଣସି ସନ୍ତାନ ପ୍ରାପ୍ତି ହୋଇନଥିଲା । ମୋ ମାଆ କହିବାରୁ ମୋ ପତ୍ନୀ ମଧ୍ୟ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଲେ । ନାମଦୀକ୍ଷା ନେବା ମାତ୍ରେ ହିଁ ଏକବର୍ଷ ଭିତରେ ମୋ ପତ୍ନୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ । ଭଗବାନଙ୍କ ଉପରୁ ମୋର ବିଶ୍ୱାସ ତୁଟି ଯାଇଥିଲା । ଏହି କାରଣରୁ ମୁଁ ନାମଦୀକ୍ଷା ନେଲି ନାହିଁ । ଅଧିକନ୍ତୁ ନିଜ ମାତା ଓ ପତ୍ନୀଙ୍କୁ ସନ୍ଥଜୀଙ୍କ ନିକଟକୁ ଯିବା ପାଇଁ ମନା ମଧ୍ୟ କରୁଥିଲି । ମୋ ପନ୍ଦର ଦିନର ପୁଅ ଅଚାନକ ଅସୁସ୍ଥ ହୋଇଗଲା । ଡାକ୍ତର କହିଲେ ସକାଳ ସୁଦ୍ଧା ଏ ପିଲା ମରିଯିବ, ପିଲାକୁ ନେଇଯାଅ । ସନ୍ଧ୍ୟା ସମୟରେ ଜଣେ ଭକ୍ତ ବନ୍ଦୀଛୋଡ଼ ସତଗୁରୁ ରାମପାଲଜୀ ମହାରାଜଙ୍କ ବିଷୟରେ ଆମକୁ ଜଣାଇଲେ ଏବଂ କହିଲେ ଯେ ଜୀନ୍ଦ୍‌ରେ ଥିବା ଆଶ୍ରମକୁ ଯିଏ ଆସିଛନ୍ତି ସେ ହେଉଛନ୍ତି ପୂର୍ଣ୍ଣ ପରମେଶ୍ୱରଙ୍କର ଅବତାର ଏବଂ ସେ ହିଁ ଏହି ପିଲାକୁ ସୁସ୍ଥ କରି ପାରିବେ । ଆମ୍ଭେମାନେ ଡାକ୍ତର ଓ ତାନ୍ତ୍ରିକମାନଙ୍କ ପାଖକୁ ଦୌଡ଼ି-ଦୌଡ଼ି ଥକି ସାରିଥିଲୁ । ମୋର ଭଗବାନଙ୍କ ଉପରୁ ବିଶ୍ୱାସ ତୁଟି ସାରିଥିଲା । ମୁଁ ସେହି ଭକ୍ତକୁ ମନା କରିଦେଲି । କିନ୍ତୁ ସେ ଦ୍ୱିତୀୟଥର ପୁଣି ପ୍ରାର୍ଥନା କରି କହିଲେ ଯେ ସ୍ୱୟଂ ବନ୍ଦୀଛୋଡ଼ ଭଗବାନ ଧରିତ୍ରୀ ଉପରେ ଅବତାର ରୂପେ ପ୍ରକଟ ହୋଇଛନ୍ତି । ତାଙ୍କ ଦୟାରୁ ଏହି ପିଲା ନିଶ୍ଚେ ସୁସ୍ଥ ହୋଇଯିବ । ସେହି ଭକ୍ତ ଏତେ ଆତ୍ମବିଶ୍ୱାସର ସହିତ  କହିବା ପରେ ମୁଁ ନିଜ ମାତାଙ୍କୁ ଅନୁମତି ଦେଲି । ମୋ ମାତା ପିଲାଟିକୁ ନେଇ ସତଗୁରୁ ରାମପାଲଜୀ ମହାରାଜଙ୍କ ଚରଣତଳେ ରଖିଦେଲେ ଏବଂ କାନ୍ଦି କାନ୍ଦି ପ୍ରାର୍ଥନା କରି କହିଲେ ଯେ ଏହି ପିଲାଟି ମରିଯାଇଛି । ଏବେ ଆପଣ କେବଳ ପିଲାଟିକୁ ଠିକ୍ କରିପାରିବେ । ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜ କହିଲେ, କବୀର ପରମେଶ୍ୱରଙ୍କ କୃପାରୁ ଏହି ପିଲା ସୁସ୍ଥ ହୋଇଯିବ । ପରଦିନ ପିଲାଟିକୁ ମରିବାର ଥିଲା କିନ୍ତୁ ସେ ଠିକ୍ ହୋଇଗଲା । ବୋଲୋ ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜଙ୍କର ଜୟ ହେଉ ।

ଉଜୁଡ଼ି ଯାଇଥିବା ଆମ୍ଭ ଘର ବନ୍ଦୀମୁକ୍ତି ଦାତା ସଦଗୁରୁ ରାମପାଲଜୀ ମହାରାଜଙ୍କ କୃପାରୁ ଦ୍ୱିତୀୟଥର ରକ୍ଷା ପାଇଗଲା । ଏତେ ଚମତ୍କାର ଦେଖିବା ପରେ ମଧ୍ୟ ପାପ କର୍ମ ପ୍ରଭାବରୁ ମୁଁ ନାମଦୀକ୍ଷା ନେଲିନାହିଁ ଏବଂ ପୂର୍ବରୁ କରୁଥିବା ସମସ୍ତ ପୂଜା ଓ ଭୂତ ପୂଜା ଜାରି ରଖିଲି । ସନ୍ଥ ରାମପାଲଜୀ ମହାରାଜ ଆମ୍ଭ ଘରେ ବନ୍ଦୀଛୋଡ଼ ଗରୀବଦାସଜୀ ମହାରାଜଙ୍କ ବାଣୀର ପାଠ କରୁଥିବା ସମୟରେ ମୁଁ ବାହାରେ ବସି ମଦ ପିଉଥିଲି । ଠିକ୍ ଏକବର୍ଷ ପରେ ଦିନେ ଆମ ଘରେ ପାଠପ୍ରକାଶ ହେଲା । ତା'ପରେ ସନ୍ଧ୍ୟାରେ ସଦଗୁରୁ ରାମପାଲଜୀ ମହାରାଜ ସତସଙ୍ଗ କଲେ । ସେତେବେଳେ ଯାଇ ମୁଁ ସତସଙ୍ଗ ଶୁଣିଲି ଓ ନାମଦୀକ୍ଷା ମଧ୍ୟ ନେଲି । ତା'ପରେ ଆମ ଘରେ କୌଣସି ଦୁଃଖ ରହିଲା ନାହିଁ । ମୋ ମାତା କାହା ପ୍ରରୋଚନାରେ ପଡ଼ି ନାମ ଖଣ୍ଡନ କରିଦେଲେ । କିଛିଦିନ ପରେ ୨୦୦୦ ମସିହାରେ ମୋ ମାଆଙ୍କ ଗୋଡ଼ରେ ଅକସ୍ମାତ୍ ଜ୍ୱଳନ ଆରମ୍ଭ ହେବାରୁ ଡାକ୍ତରଙ୍କୁ ଦେଖାଇଲି । ସେମାନେ କହିଲେ ଯେ ମାଆଙ୍କୁ ବ୍ଲଡ୍ କ୍ୟାନ୍‌ସର୍ ହୋଇଛି ଏବଂ ଦଶ-ପନ୍ଦର ଦିନ ଭିତରେ ସେ ମରିଯିବେ । ଯଦି ପୀ.ଜୀ.ଆଇ.(ବଡ଼ ଡ଼ାକ୍ତରଖାନା)

ଚଣ୍ଡିଗଡ଼କୁ ତାଙ୍କୁ ନିଆଯାଇ ସେଠାରେ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ତେବେ ସେ ସର୍ବାଧିକ ଏକବର୍ଷ ପର୍ଯ୍ୟନ୍ତ ଜିବୀତ ରହି ପାରିବେ ପରନ୍ତୁ ଯନ୍ତ୍ରଣା କମିବ ନାହିଁ । ବନ୍ଦୀଛୋଡ଼ ରାମପାଲଜୀ କହିଲେ, ଆପଣଙ୍କ ମାତା ନାମ ଖଣ୍ଡିତ କରି ଦେଇଛନ୍ତି । ଯେପରି ବିଜୁଳିର ବିଲ୍ ପୈଠ ନ କଲେ କନେକ୍ସନ କଟିଜାଇ ବିଦ୍ୟୁତ୍‌ରୁ ମିଳୁଥିବା ଲାଭ ବନ୍ଦ ହୋଇ ଯାଇଥାଏ ଏବଂ ତାକୁ ପୁଣି ସୂଚାରୁ କରିବାକୁ ପଡ଼ିଥାଏ । ମୋ ମାତା ନିଜ ଭୁଲ ପାଇଁ କ୍ଷମାପ୍ରାର୍ଥନା କଲେ । ମହାରାଜଜୀ ଦ୍ୱିତୀୟଥର ନାମ ଦେଇ ମସ୍ତକ ଉପରେ ହାତ ରଖିଲେ । ମସ୍ତକରେ ହାତ ରଖିବା କ୍ଷଣୀ ଗୋଡ଼ର ଜ୍ୱଳନ ଓ ଯନ୍ତ୍ରଣା ବନ୍ଦ ହୋଇଗଲା। ପ୍ରାୟ ଦୁଇବର୍ଷ ପରେ ପୁନର୍ବାର ଦାନ୍ତ ଖସି ପଡ଼ିବା ଯୋଗୁଁ ମାଢ଼ିରୁ ରକ୍ତ ବୋହିବା ଆରମ୍ଭ ହେଲା। ଡାକ୍ତର ବାଣ୍ଡେଜ କରିବା ସହିତ ଔଷଧ ଦେଲେ କିନ୍ତୁ ରକ୍ତସ୍ରାବ ବନ୍ଦ ହେଲା ନାହିଁ । ତା'ପରେ ଡାକ୍ତର ପରୀକ୍ଷା କରି କହିଲେ ଯେ ମାତାଙ୍କୁ ବ୍ଲଡ କ୍ୟାନସର ହୋଇଛି ଏବଂ ଏବେ ଶରୀର ଭିତରକୁ ଏହା ପ୍ରସାରିତ ହୋଇ ସାରିଛି ଏବେ ସେ ଠିକ୍ ହୋଇ ପାରିବେ ନାହିଁ, ତାଙ୍କୁ ଘରକୁ ନେଇଯାଅ, ରକ୍ତସ୍ରାବ କାରଣରୁ ଦୁଇଦିନରେ ସେ ମରିଯିବେ । ପୁଣି ତହିଁ ପରଦିନ ତାଙ୍କ ପରିଶ୍ରା ଓ ଝାଡ଼ାରେ ମଧ୍ୟ ରକ୍ତ ପଡ଼ିବା ଆରମ୍ଭ ହୋଇଗଲା, ସେତେବେଳେ ମୁଁ ସଦଗୁରୁ ରାମପାଲଜୀ ମହାରାଜଙ୍କୁ ଫୋନ୍‌ରେ ଜଣାଇଲି ଯେ ଡାକ୍ତର କହୁଛନ୍ତି ମୋ ମାଆ ଦୁଇଦିନ ଭିତରେ ମରିଯିବେ। ଏହା ଶୁଣି ରାମପାଲଜୀ ମହାରାଜ କହିଲେ, ବନ୍ଦୀଛୋଡ଼! ଯାହା କରିବେ ଠିକ୍ କରିବେ । ତା'ପରେ ଆଗାମୀ ରାତି ଦୁଇଟା ସମୟରେ ଯମଦୂତ ତାଙ୍କୁ ନେବାକୁ ଆସିଲେ । ମୋ ମାଆ କହିଲେ, ତୋ ପିତା (ଯିଏ ଦଶବର୍ଷ ପୂର୍ବରୁ ଦେହ ତ୍ୟାଗ କରି ସାରିଥିଲେ) ମୋତେ ନେବା ପାଇଁ ଆସିଛନ୍ତି । ଏତିକି କହୁ କହୁ ସେହି ଯମଦୂତ ମୋ ମାଆଙ୍କ ଶରୀରକୁ ପ୍ରବେଶ କରିଗଲା ଏବଂ କହିବାକୁ ଲାଗିଲା ଯେ ମୁଁ ତାକୁ ନିଶ୍ଚୟ ନେବି, ତା ସମୟ ପୂର୍ଣ୍ଣ ହୋଇସାରିଛି । ମୋତେ ଚା' ପିଆନ୍ତୁ । ଏହାଶୁଣି ଆମେ ତାଙ୍କ ପାଇଁ ଚା' ତିଆରି କରିବାକୁ ଚେଷ୍ଟା କଲୁ ଇତି ମଧ୍ୟରେ ସେହି ଯମଦୂତ କହିବାକୁ ଲାଗିଲା, ଜଣା ନାହିଁ ତୁମ ଘରେ କେତେ ବଡ଼ ଶକ୍ତି ଅଛି ଯିଏ ମୋତେ ମାଡ଼ ଦେଉଛି, ମୁଁ ଆଉ ଏଠାରେ ରହିପାରିବି ନାହିଁ, ମୋତେ ଶୀଘ୍ର ଚା' ପିଆଅ ମୁଁ ଯାଉଛି ଏବଂ ଗରମ-ଗରମ ଚା' ପିଇ ପକାଇଲା ଏବଂ ଯିବା ସମୟରେ କହିବାକୁ ଲାଗିଲା ଯେ ତୁମ ଘରେ ପୂର୍ଣ୍ଣ ପରମାତ୍ମା ଛିଡ଼ା ହୋଇଛନ୍ତି । ମୁଁ ତୁମ ମାତାଙ୍କୁ ନେଇ ପାରିବି ନାହିଁ । ଏହା କହି କହି ଘରୁ ଚାଲିଗଲା । ଏକ ମିନିଟ୍ ପରେ ରକ୍ତସ୍ରାବ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା, କଳା ପଡ଼ି ଯାଇଥିବା ଜୀଭ ଓ ଦାନ୍ତ ପୁରାପୁରି ସଫା ହୋଇଗଲା ଏବଂ ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜଙ୍କ କୃପାରୁ ପୂର୍ବ ଅପେକ୍ଷା ଅଧିକ ସୁସ୍ଥ ହୋଇଗଲେ । ପରମାତ୍ମା କବୀର ସାହେବଜୀ ମୋ ମାତାଙ୍କ ଆୟୁ ପାଞ୍ଚବର୍ଷ ବଢ଼ାଇ ଦେଲେ । ୨୪ ଜୁଲାଇ ୨୦୦୫ ମସିହାରେ ସତ୍ୟଭକ୍ତି କରି ସତ୍ୟଲୋକକୁ ପ୍ରସ୍ଥାନ କଲେ ।

॥ ସତ୍ ସାହେବ॥ ବୋଲୋ ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜକୀ ଜୟ ।

ଭକ୍ତ ରମେଶ ଦାସ, ମୋ. ନଂ. ୭୪୦୪୪୩୮୦୦୦

## "କିଡ୍‌ନୀ ଠିକ୍ କରିବା ଓ ଶୈତାନକୁ ମାନବ କରିବା"

ମୁଁ ଭକ୍ତ ଜଗଦୀଶ, ପିତା - ଶ୍ରୀ ପ୍ରଭୂରାମ, ଗ୍ରାମ - ପଞ୍ଜାବ ଖୋଡ଼, ଦିଲ୍ଲୀ - ୮୧ । ମୁଁ ଡି.ଟି. ସି. (ଦିଲ୍ଲୀ ଟ୍ରାନସପୋର୍ଟ କର୍ପୋରେସନ) ରେ ମେକାନିକ କାର୍ଯ୍ୟ କରେ । ମଦ, ମୋତେ ରାକ୍ଷସ ପ୍ରବୃତ୍ତିରୁ ଏକ ମାନବ କରି ଦେଇଥିଲା । ମଦ ପିଇବା, କୁକୁଡ଼ା ମାଂସ ଖାଇବା, ସିଗାରେଟ୍ ଟାଣିବା, ହୁକ୍‌କା ପିଇବାରେ ମୁଁ ଅଭ୍ୟସ୍ଥ ଥିଲି ।

ମୁଁ ପ୍ରାୟ ସନ୍ଧ୍ୟା ୭ ଟା ରୁ ୮ ଟା ଭିତରେ କାମରୁ ଘରକୁ ଫେରିଥାଏ । ଅତ୍ୟଧିକ ମଦ୍ୟପାନ କରିବା କାରଣରୁ ଅନେକ ଥର ଘରକୁ ଫେରିବାରେ ୯ ବା ୧୦ ଟା ମଧ୍ୟ ହୋଇଯାଏ । ମଦ ନିଶାରେ ପାଗଳ ହୋଇ ଗୋଡ଼ ଏଣେ ତେଣେ ପଡୁଥିବା ଅବସ୍ଥାରେ ଢ଼ଳି ଢ଼ଳି ଘରକୁ ପ୍ରବେଶ କରୁଥିଲି । ଘରେ ପ୍ରବେଶ କରିବା ମାତ୍ରେ ପତ୍ନୀ ଓ ପିଲାଙ୍କୁ ପିଟିବା ଆରମ୍ଭ କରିଦିଏ, ଘରେ ପ୍ରତିଦିନ ପ୍ରଳୟ ସୃଷ୍ଟି ହେଉଥିଲା । ଯେଉଁ କୋମଳମତି ପିଲାମାନଙ୍କୁ ସ୍ନେହରେ କୋଳାଗ୍ରତ କରିବା ଉଚିତ ସେହି ପିଲାମାନେ ମୋତେ ଦେଖି ଖଟ ତଳେ ଲୁଚିଯାଉଥିଲେ । ପିଲାମାନେ ଏହା ଭାବି ବାପାଙ୍କ ଫେରିବା ରାସ୍ତାକୁ ଚାହିଁ ବସିଥାନ୍ତି ଯେ ବାପା ଆସିବେ, ଆମ ପାଇଁ ଖାଇବା ଜିନିଷ ଆଣିଥିବେ । କିନ୍ତୁ ମୁଁ ଖାଇବା ଜିନିଷ ଆଣିବା ପରିବର୍ତ୍ତେ ମଦରେ ନିଶାରେ ପାଗଳ ହୋଇ ନାଲି ଆଖି ଦେଖାଇ ପିଲାଙ୍କୁ ମାଡ଼ ଦେଇଥାଏ ।

ଅନ୍ୟପଟେ ମୋ ଧର୍ମପତ୍ନୀ ସୁମିତ୍ରା ଦେବୀ ନିଜ ଦୁଃଖୀ ପାରିବାରିକ ଜୀବନରେ ଭୟଙ୍କର ରୋଗ ସହିତ ସଂଘର୍ଷ କରି ସମୟ କାଟୁଥିଲା । ତା'ର କିଡ୍‌ନୀ ଦୁଇଟି ଖରାପ ହୋଇଯାଇଥିଲା। ଡାକ୍ତର ଏହା କହିସାରିଥିଲେ ଯେ ଯେତେ ଔଷଧ ଖାଇଲେ ମଧ୍ୟ ଛଅ ମାସରୁ ଅଧିକ ସମୟ ଜୀବିତ ରହିବା ଅସମ୍ଭବ। ଅଲ୍ ଇଣ୍ଡିଆ ମେଡ଼ିକାଲ ଏବଂ ଡଃ. ରାମ ମନୋହର ଲୋହିୟା ହସ୍ପିଟାଲ, ଦିଲ୍ଲୀରୁ ମଧ୍ୟ ଏହି ରିପୋର୍ଟ ଆସିଲା ଯେ କିଡ୍‌ନୀ ଖରାପ ହୋଇସାରିଛି ଏବଂ ଛଅ ମାସରୁ ଅଧିକ ସମୟ ବଞ୍ଚିବା ଅସମ୍ଭବ, ତା' ସହିତ ଔଷଧ ମଧ୍ୟ ଶେଷ ସମୟ ପର୍ଯ୍ୟନ୍ତ ଖାଇବାକୁ ପଡ଼ିବ । ସେହି କୋମଳମତି ପିଲାମାନଙ୍କର ଅବସ୍ଥା କ'ଣ ହେବ ଯେଉଁମାନଙ୍କର ପିତା ମଦ୍ୟପ ଓ ମାତା ମୃତ୍ୟୁ ଶଯ୍ୟାରେ ପଡ଼ିଛି । କୌଣସି ଭାରି କାର୍ଯ୍ୟ କରିବା କଷ୍ଟସାଧ୍ୟ ହେଉଥିଲା । ସେହି ପିଲାମାନଙ୍କୁ ଯେତେବେଳେ ଜଣାପଡ଼ିଲା ଯେ ସେମାନଙ୍କର ମାଆ ଛଅ ମାସରୁ ଅଧିକ ସମୟ ଜୀବିତ ରହିବେ ନାହିଁ ସେତେବେଳେ ପିଲାମାନଙ୍କ ଆଖିରୁ ଲୁହ ଝରିବା ବନ୍ଦ ହେଲାନାହିଁ। ବାପା ମଦ୍ୟପ, ମାଆ ଭୟଙ୍କର ରୋଗରେ ପୀଡ଼ିତ, ଆମ୍ଭମାନଙ୍କର କ'ଣ ହେବ ? ତିନି ପୁଅ ଓ ଗୋଟିଏ ଝିଅ ନିଜ ମାଆ ନିକଟରେ ବସି କାନ୍ଦିବାକୁ ଲାଗିଲେ ଏବଂ କହିଲେ, ହେ ଭଗବାନ ! ଆମ ସମସ୍ତଙ୍କୁ ମଧ୍ୟ ଆମ ମାଆଙ୍କ ସହିତ ନିଜ ପାଖକୁ ନେଇଯାଅ । କାହା ଭରସାରେ ଆମ୍ଭେ ଏଠାରେ ବଞ୍ଚିବୁ ?

ପରମାତ୍ମା ସେହି ପିଲାମାନଙ୍କର ଡାକ ଶୁଣିଲେ ଏବଂ ଆମ୍ଭ ଶୁଭକର୍ମର ସମୟ ଉଦୟ ହେଲା । ଆମ୍ଭ ପଡ଼ୋଶୀ ଭକ୍ତମତି ନିହାଲୀ ଦେବୀ ନିଜ ଗୁରୁଦେବ ସନ୍ଥ ରାମପାଲଜୀ ମହାରାଜଙ୍କ ଆଜ୍ଞାନୁସାରେ ସଦଗୁରୁ ଗରୀବ ଦାସଜୀ ମହାରାଜଙ୍କ ଅମୃତମୟୀ ବାଣୀର ତିନି ଦିବସୀୟ ଅଖଣ୍ଡ ପାଠ ନିଜ ଘରେ ୩୦-୩୧-୧ ଜାନୁୟାରୀ ୧୯୯୭ ରେ କରାଇଲେ । ସନ୍ଥ ରାମପାଲଜୀ ମହାରାଜ ୩୧ ଡିସେମ୍ବର ୧୯୯୬ ରାତି ୯ ଟାରୁ ୧୧ ଟା ପର୍ଯ୍ୟନ୍ତ ସତସଙ୍ଗ କଲେ । ମୋ ଧର୍ମପତ୍ନୀ ସୁମିତ୍ରା ଦେବୀ ମଧ୍ୟ ସତସଙ୍ଗ ଶୁଣିବା ପାଇଁ ପଡ଼ୋଶୀଙ୍କ ଘରକୁ ଚାଲିଗଲେ । କିଛି ସମୟ ପରେ ମୁଁ (ଜଗଦୀଶ) ମଧ୍ୟ ନିଜ କାମରୁ ଘରକୁ ଫେରିଲି । ଘରକୁ ଫେରିବା ପରେ ପିଲାମାନଙ୍କଠାରୁ ଜାଣିପାରିଲି ଯେ ମୋ ଧର୍ମପତ୍ନୀ ସତସଙ୍ଗ ଶୁଣିବା ପାଇଁ ନିହାଲୀ ଦେବୀଙ୍କ ଘରକୁ ଯାଇଛନ୍ତି । ଏହା ଶୁଣି ମୁଁ ବହୁତ କ୍ରୋଧିତ ହେଲି ଏବଂ ମୁଁ କହିଲି ଯେ କେଉଁ ପାଖଣ୍ଡି (ଭଣ୍ଡ)ପାଖକୁ ସେ ଯାଇଛି ? ମୁଁ ବର୍ତ୍ତମାନ ତାକୁ ପିଟିପିଟି ଘରକୁ ଆଣିବି। ଏହି ବିଚାର କରି ଭକ୍ତମତୀ ନିହାଲୀ ଦେବୀଙ୍କ ଘରକୁ ମୁଁ ଗଲି । ମୁଁ ମଦ ପିଇଥିଲି । ନିହାଲୀ ଦେବୀଙ୍କ ଘରେ ଯେତେବେଳେ ମୁଁ ପହଞ୍ଚିଲି ସେତେବେଳେ ସନ୍ଥ ରାମପାଲଜୀ ମହାରାଜ ସତସଙ୍ଗ କରୁଥିଲେ, ବହୁ ସଂଖ୍ୟାରେ ଭକ୍ତଗଣ ସତସଙ୍ଗ ଶୁଣୁଥିଲେ । ସମସ୍ତଙ୍କୁ ଦେଖି ମୁଁ କିଛି ନ କହି ଚୁପ୍ ଚାପ୍ ସମସ୍ତଙ୍କ ପଛରେ ବସି ସତସଙ୍ଗ ଶୁଣିଲି । ସତସଙ୍ଗରେ ମହାରାଜଜୀ କହିଲେ :-

ଶରାବ ପୀବୈ କଡୱା ପାନୀ, ସତ୍ତର ଜନ୍ମ ଶ୍ୱାନ କେ ଜାନୀ ।

ଗରୀବ, ସୋ ନାରୀ ଜାରୀ କରେଁ, ସୁରାପାନ ସୋ ବାର । ଏକ ଚିଲମ ହୁକକା ବରେଁ, ଡୁବେଂ କାଲୀ ଧାର ॥

କବୀର, ମାନୁଷ ଜନ୍ମ ପାୟକର, ନହିଁ ଭଜେ ହରିନାମ । ଜୈସେ କୁଆ ଜଲ ବିନା, ଖୁଦବାୟା କିସ କାମ ॥

ମହାରାଜଜୀ ସତସଙ୍ଗରେ କହିଲେ ଯେ ପିଲାମାନଙ୍କୁ ଯେଉଁ ପିତା କୋଳାଗ୍ରତ କରିବା କଥା ସେହି ମଦ୍ୟପ ବ୍ୟକ୍ତିକୁ ଦେଖି ପିଲାମାନେ ଖଟ ତଳେ ଲୁଚି ଯାଉଛନ୍ତି । ମଦ୍ୟପ ବ୍ୟକ୍ତି ଆପଣ ନିଜେ ମଧ୍ୟ ଦୁଃଖୀ, ଧନ ହାନୀ, ସମାଜରେ ଇଜତ ହାନୀ ତଥା ପରିବାର, ପଡ଼ୋଶୀ ଏପରି କି ବନ୍ଧୁ ବାନ୍ଧବଙ୍କୁ ହଇରାଣ କରି ଅଭିଶାପ ପ୍ରାପ୍ତ କରିଥାଏ । ଯେପରି ମଦ୍ୟପର ପତ୍ନୀ ଓ ପିଲାମାନେ ତ ବହୁତ କଷ୍ଟ ଭୋଗ କରିଥାନ୍ତି କିନ୍ତୁ ସେହି ପତ୍ନୀର ମାତା-ପିତା, ଭାଇ-ଭଉଣୀ ଇତ୍ୟାଦି ଦିନ-ରାତି ଚିନ୍ତିତ ରହିଥାନ୍ତି । ସମସ୍ତ ପାପର ଭାର ସେହି ଅଜ୍ଞାନୀ ମଦ୍ୟପର ମୁଣ୍ଡ ଉପରକୁ ଆସିଯାଏ । ଭକ୍ତି କରି ଆତ୍ମକଲ୍ୟାଣ କରିବା ପାଇଁ ପ୍ରଭୁ ଆମ୍ଭକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ମଦ୍ୟପାନ କରି ଅମୁଲ୍ୟ ମନୁଷ୍ୟ ଜୀବନକୁ ନଷ୍ଟ କରିବା ଅନୁଚିତ । ଯେଉଁ ପିଲା ସ୍କୁଲରେ ଶିକ୍ଷା ଗ୍ରହଣ ନକରି ବ୍ୟର୍ଥରେ ବୁଲି ମସ୍ତି କରିଥାଏ, ସେହି ପିଲା ଶିକ୍ଷାରୁ ବଞ୍ଚିତ ରହିଯାଇଥାଏ। ପୁଣି ଜୀବନସାରା ମୂଲ ଲାଗି ପେଟ ପୋଷିଥାଏ। ପୁଣି ପୂର୍ବର ସମସ୍ତ କଥା ତା'ର ମନେ ପଡ଼ିଯିବା ପରେ ସେ ଭାବିଥାଏ ଯେ ମୁଁ ଯଦି ଦୁଷ୍ଟାମୀ କରିନଥାନ୍ତି ତେବେ ଅନ୍ୟ ସହପାଠୀମାନଙ୍କ ପରି ଆଜି ବଡ଼ ଅଧିକାରୀ ହୋଇଥାନ୍ତି । ପରନ୍ତୁ ଏବେ ଚିନ୍ତାକଲେ କ'ଣ ହେବ, ସେତେବେଳେ ଏହି କଥା ଚିନ୍ତା କରିବାର ଥିଲା ।

କବୀର ସାହେବ କୁହନ୍ତି ଯେ :-

ଅଚ୍ଛେଦିନ ପୀଛେ ଗୟେ, ଗୁରୁସେ କିୟା ନା ହେତ । ଅବ ପଛତାୱା କ୍ୟା କରେ, ଜବ ଚିଡ଼ିୟାଁ ଚୁଗ ଗଈ ଖେତ ।।

ଏହି ପ୍ରକାରେ ମନୁଷ୍ୟ ଜନ୍ମରେ ଯେଉଁ ପ୍ରାଣୀ ପ୍ରଭୁ ଭକ୍ତି କରିନଥାଏ ସେ ପଶୁ-ପକ୍ଷୀ ଯୋନି ପ୍ରାପ୍ତ କରିଥାଏ । ଯେଉଁ ବ୍ୟକ୍ତି ମଦ ପିଇଥାଏ, ସେ ମଦ ନିଶାରେ ଭୋଜନ ଥାଳିକୁ ଗୋଇଠା ମାରିଥାଏ । ଭକ୍ତି ନ କରିବା କାରଣରୁ ଭିନ୍ନ ଭିନ୍ନ ପ୍ରାଣୀଙ୍କ ଯୋନିରେ ସେ ନାନା କଷ୍ଟ ଭୋଗିଥାଏ । କେବେ ସେ କୁକୁର ଯୋନି ପ୍ରାପ୍ତ ମଧ୍ୟ ପ୍ରାପ୍ତ କରିଥାଏ । କୁକୁର, ଶୀତ-କାକର ରାତିରେ ଗଳି-କନ୍ଦିରେ ପଡ଼ିରହିଥାଏ । ଉପରୁ ବର୍ଷା ତଥା ଶୀତ ରାତିର ମହାକଷ୍ଟ ଭୋଗିବାକୁ ବାଧ୍ୟ ହୋଇଥାଏ । କାହା ରୋଷେଇ ଘରେ କେବେ ପ୍ରବେଶ କରିବାକୁ ଚେଷ୍ଟା କରିବା ସମୟରେ ଘରଲୋକେ ତାକୁ ଲାଠି ବା ପଥର ଦ୍ୱାରା ମାରିଥାନ୍ତି । କୁକୁର ବହୁତ ସମୟ ପର୍ଯ୍ୟନ୍ତ ଚିତ୍କାର କରିଥାଏ । ପୁଣି ଅନ୍ୟ ଘରେ ପସିଥାଏ, ଜଣା ନାହିଁ ସେଠାରେ ରୁଟି ମିଳିବ କି ଠେଙ୍ଗାମାଡ଼ । ଯଦି ଭାଗ୍ୟକୁ ସେଠାରେ ମଧ୍ୟ ଠେଙ୍ଗାମାଡ଼ ମିଳିଲା ତେବେ ସେହି ମଦ୍ୟପ (ଯିଏ ବର୍ତ୍ତମାନ କୁକୁର ହୋଇଛି) ଗାଁ ବାହାରକୁ ଚାଲି ଯାଇଥାଏ । ଭୋକରେ ବ୍ୟାକୁଳ ହୋଇ ମନୁଷ୍ୟର ମଳ ଖାଇଥାଏ । ସେହି ଅଜ୍ଞାନୀ ପ୍ରାଣୀ ମନୁଷ୍ୟ ଶରୀର ଧାରଣ କରିଥିବା ସମୟରେ ଯଦି ସତସଙ୍ଗକୁ ଆସି ପ୍ରବଚନ ଶୁଣିଥାନ୍ତା ତେବେ କୁକର୍ମ ତ୍ୟାଗ କରି ନିଜର କଲ୍ୟାଣ କରାଇଥାନ୍ତା ତଥା ପିଲାମାନଙ୍କୁ ଉତ୍ତମ ଶିକ୍ଷା ତଥା ପ୍ରଭୁଙ୍କ ଦୀକ୍ଷା ପ୍ରଦାନ କରାଇଥାନ୍ତା, ତେବେ ସଦା ସର୍ବଦା ପାଇଁ ସୁଖୀ ହୋଇଥାନ୍ତା । ମଦ ନିଶା ଅଳ୍ପ ସମୟ ପାଇଁ ରହିଥାଏ । ପରମାତ୍ମାଙ୍କ ନାମ ଭଜନରୁ ପ୍ରାପ୍ତ ସୁଖ ଓ ଆନନ୍ଦ ସର୍ବଦା ସାଥିରେ ରହିଥାଏ ।

ଆଦରଣୀୟ ସନ୍ଥ ରାମପାଲଜୀମହାରାଜଙ୍କର ଉପରୋକ୍ତ ସତସଙ୍ଗ ଶୁଣି ମୋ ମଦ ନିଶା ଦୂର ହୋଇଗଲା । ନୟନରୁ ଅଶ୍ରୁ ବୋହିବାକୁ ଲାଗିଲା । ଘରକୁ ଚାଲି ଆସିଲି କିନ୍ତୁ ନିଦ ଆସିଲା ନାହିଁ । ୧୯୯୭ ମସିହା ଜାନୁୟାରୀ ମାସ ୧ ତାରିଖରେ, ଦ୍ୱିପ୍ରହର ଘ ୧.୩୦ ସମୟରେ ନିଜ ପତ୍ନୀକୁ ସାଥିରେ ନେଇ ସନ୍ଥ ରାମପାଲଜୀ ମହାରାଜଙ୍କ ନିକଟକୁ ଗଲି, ଆତ୍ମକଲ୍ୟାଣ ପାଇଁ ତାଙ୍କଠାରୁ ଉପଦେଶ ପ୍ରାପ୍ତକଲି । ସେହି ଦିନଠାରୁ ଆଜି (୨୦୦୫) ପର୍ଯ୍ୟନ୍ତ ମଦ, ତମାଖୁ ଓ ମାଂସ ଇତ୍ୟାଦି କେବେ ମଧ୍ୟ ସ୍ପର୍ଶ କରି ନାହିଁ । ମୋ ପତ୍ନୀ ମଧ୍ୟ ସତଗୁରୁ ରାମପାଲଜୀଙ୍କଠାରୁ ଉପଦେଶ ପ୍ରାପ୍ତ କଲେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଡାକ୍ତରଙ୍କ ଚିକିତ୍ସା ଓ ଏକ୍ସରେ ରିପୋର୍ଟ ଆଜି ମଧ୍ୟ ଘରେ ରଖିଛୁ । ସମସ୍ତଙ୍କୁ ଦେଖାଉଛୁ । ସନ୍ଥ ରୂପରେ ଆସିଥିବା ପରମେଶ୍ୱରଙ୍କ ସନ୍ଦେଶ ବାହକ ସନ୍ଥ ରାମପାଲ ଜୀଙ୍କୁ ଚିହ୍ନନ୍ତୁ । ନିଶୁଳ୍କ ନାମ ଦୀକ୍ଷା ପ୍ରାପ୍ତ କରି ନିଜର କଲ୍ୟାଣ କରାନ୍ତୁ ।

ଭକ୍ତ ଜଗଦିଶ ଦାସ, ମୋ - ୦୯୨୬୮୪୭୫୨୪୨

## "ଭୂତ ଓ ରୋଗ ଦ୍ୱାରା ହନ୍ତସନ୍ତ ହେଉଥିବା ପରିବାରକୁ ଶାନ୍ତି-ମୁକ୍ତି ପ୍ରଦାନ"

ଭକ୍ତମତି ଅପଲେଶ ଦେବୀ, ପତି - ଶ୍ରୀ ରାମେହର, ପୁତ୍ର - ଶ୍ରୀ ମାଁଗେରାମ, ଗ୍ରାମ - ମିରଚ, ତହସିଲ - ଚରଖୀ ଦାଦରୀ, ଜିଲ୍ଲା - ଭିବାନୀ (ହରିୟାଣା) ।

ମୁଁ ଅପଲେଶ ଦେବୀ ନିଜ ଦୁଃଖୀ ଜୀବନର ଏକ ଝଲକ ଆପଣଙ୍କୁ ଶୁଣାଉଛି । ମୁଁ ଏବଂ ମୋ ଦୁଇ ପିଲା ରାହୁଲ ଓ ଜ୍ୟୋତି ବିଗତ ଦିନର ଖରାପ ସମୟର ପରିସ୍ଥିତିକୁ ମନେ ପକାଇ ଶିହରୀ ଉଠୁଛି ଯାହାର ବର୍ଣ୍ଣନା କରିବା ସମୟରେ କଲିଜା କମ୍ପି ଉଠୁଛି ।

୬ ଡିସେମ୍ବର ୧୯୯୫ ମସିହାର ରାତିରେ ଡ୍ୟୁଟି ସମୟରେ ମୋ ପତିଙ୍କୁ ଗୁଣ୍ଡାମାନେ ଜୀବନରେ ମାରି ଦେଇଥିଲେ ପରନ୍ତୁ ଏହି ପୂର୍ଣ୍ଣ ପରମାତ୍ମା (କବୀର ସାହେବ) ଆମ୍ଭମାନଙ୍କର ରକ୍ଷା କରି ମୋ ପତିଙ୍କୁ ନୂତନ ଜୀବନ ଦାନ ଦେଲେ । ଯାହାଦ୍ୱାରା ସପରିବାର ଆଜି ଆମ୍ଭକୁ ମଧ୍ୟ ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜଙ୍କ ଦୟାରୁ ପୂର୍ଣ୍ଣପରମାତ୍ମାଙ୍କ ଚରଣରେ ସ୍ଥାନ ମିଳିଛି । ମୋ ପତି ଧଳାବସ୍ତ୍ର ପିନ୍ଧିବାର କିଛି ସମୟ ପରେ ଅଣ୍ଡର ୱେୟାରର ଉପର ଅଂଶ ଯେଉଁଠାରେ ନାଭି(ପେଟର ମଝିସ୍ଥାନ) ଥାଏ । ତା ଚାରିପାଖ ବସ୍ତ୍ର ରକ୍ତରେ ଲାଲ୍ ହୋଇଯାଏ ତଥା ପିଲାମାନଙ୍କର ମଧ୍ୟ କଫ ସହିତ ରକ୍ତ ପଡୁଥିଲା ଏବଂ ମୁଁ ମଧ୍ୟ ଏକ ବର୍ଷ ପର୍ଯ୍ୟନ୍ତ ହାର୍ଟ (ହୃଦୟ) ରୋଗରେ ପିଡୀତହୋଇ ବହୁତଦୁଃଖ ଓ ଚିନ୍ତାରେ ଥିଲି । ସେଥିପାଇଁ ବର୍ଷ-ବର୍ଷ ଧରି ଔଷଧ ଖାଉଥିଲି । ମୋ ପତିଦେବ ଦିଲ୍ଲୀ ପୁଲିସରେ ଚାକିରୀ କରନ୍ତି । ମୋ ଶରୀର ସାରା କାଛୁକୁଣ୍ଡିଆ ହୋଇ ଯାଉଥିଲା । ପାରିବାରିକ ଅଶାନ୍ତି କାରଣରୁ ମୋ ପତି ରାମେହରଙ୍କ ମସ୍ତିଷ୍କର ଭାରସାମ୍ୟ ମଧ୍ୟ ବିଗିଡ଼ି ଯାଇଥିଲା ।

ଏହି ଅଶାନ୍ତି କାରଣରୁ ଆମ୍ଭେ ୧୯୯୫ ମସିହାରୁ ଜୁଲାଇ ୨୦୦୦ ମସିହା ପର୍ଯ୍ୟନ୍ତ ଏକ ଡର୍ଜନରୁ ଅଧିକ ଲୋଭୀ, ଲାଞ୍ଚୁଆ ଗୁରୁମାନଙ୍କ ଆଶ୍ରୟ ନେଲୁ ତଥା ଭାରତ ବର୍ଷର ବିଭିନ୍ନ ତୀର୍ଥସ୍ଥାନ ଯେପରି ଯମୁନା, ଗଙ୍ଗା, ହରିଦ୍ୱାର, ଜ୍ୱାଳାଜୀ, ଚାମୁଣ୍ଡା, ଚିନ୍ତପୁରଣୀ, ନଗର କୋଟ୍, ବାଲାଜୀ, ମେହନ୍ଦୀପୁର ଓ ଗୁଡଗାଁଓରେ ଥିବା ମାତା ଓ ରାଜସ୍ଥାନର ଗୋରଖ ଟୀଲା ଭଳି ପ୍ରତ୍ୟେକ ସ୍ଥାନକୁ ପିଲାମାନଙ୍କ ସହିତ ବାରମ୍ବାର ଯାତ୍ରା କଲୁ ପରନ୍ତୁ ଆମ୍ଭକୁ କୌଣସି ଉପକାର ମିଳିଲା ନାହିଁ।

ଆମ ପରିବାରର ଅବସ୍ଥା ଏଭଳି ହୋଇ ଯାଇଥିଲା ଯେ ଆମ୍ଭେ ହୋଲୀ ଓ ଦିପାବଳୀ  କୌଣସି ମସଜିଦ୍‌ରେ ବସି ପାଳନ କରୁଥିଲୁ।

ଆମ୍ଭେ ଏତେ ଭାଗ୍ୟବାନ ଯେ ଆମ୍ଭକୁ ରାମପାଲଜୀ ମହାରାଜଙ୍କ ଦ୍ୱାରା ପରମ ପୂଜ୍ୟ କବୀର ପରମେଶ୍ୱରଙ୍କ ଶରଣ ପ୍ରାପ୍ତ ହେଲା। ଏବେ କେଉଁଆଡ଼େ ଗଲେ ସେହି କାଳ ଦୂତ ଓ ରୋଗ-ବୈରାଗ ଯାହାର ଚିକିତ୍ସା ଅଲ ଇଣ୍ଡିଆ ହସ୍ପିଟାଲରେ ଚାଲୁଥିଲା। ସେଗୁଡ଼ିକ ସଦଗୁରୁଦେବଙ୍କ ଚରଣ ତଳର ଧୂଳି ଆଗରେ ତିଷ୍ଠି ପାରିଲା ନାହିଁ।

ଫେବୃୟାରୀ ୨୫, ୨୦୦୧ ରେ ଜଣେ କାଳ ପୂଜାରୀ ତାନ୍ତ୍ରିକ ଫୋନ୍ କରି ପଚାରିଲା ଯେ ତୁମ୍ଭ ନାମ ଅପଲେଶ କି? ମୁଁ କହିଲି, ହଁ, ଏବେ ଆପଣ ନିଜ ନାମ କୁହନ୍ତୁ। ଏହାପରେ ସେହି ତାନ୍ତ୍ରିକ ପଚାରିଲା ଏହି ବଲବାନ୍ କିଏ? ସମ୍ପର୍କରେ ସେ ଆପଣଙ୍କର କ'ଣ ହେବେ? ମୁଁ କହିଲି ଆପଣ କିଏ, ଆପଣଙ୍କ ନାମ କ'ଣ? ଏବଂ ଏସବୁ କାହିଁକି ପଚାରୁଛ? ସେ ତାନ୍ତ୍ରିକ କହିଲା ଝିଅ! ତୁମେ ମୋ ନାମ ଆଦୌ ପଚାର ନାହିଁ। ମୁଁ କହିବାକୁ ଚାହୁଁ ନାହିଁ ଏବଂ ମୁଁ ହାଂସୀରୁ କହୁଛି ବଲବାନ୍ ଏବଂ ତା ସହିତ ଜଣେ ଲୋକ ଆସିଥିଲା ଏବଂ ସେ ଦୁହେଁ ମୋତେ ୩୭୦୦ ଟଙ୍କା ଦେଇ ତୁମ୍ଭର ସର୍ବନାଶ କରିବା ପାଇଁ କହି ଯାଇଥିଲେ। ମୁଁ ତୁମ୍ଭ ଫୋନ୍ ନମ୍ବର ବଲବାନ୍ ଠାରୁ ଏଥିପାଇଁ ନେଇଥିଲି ଯେ ତୁମ୍ଭର ଅନିଷ୍ଟ ହେଲା କି ନାହିଁ ଏ କଥା ପଚାରି ବୁଝିପାରିବି। ମୋ ପାଖରେ ଆପଣଙ୍କ ଫୋନ୍ ନମ୍ବର ନ ଥିଲା, ମୋତେ ବଲବାନ୍ ଦେଇଥିଲା। ଏହି ଖରାପ କାର୍ଯ୍ୟ କରି ରାତିରେ ଯେତେବେଳେ ମୁଁ ଶୋଇଲି ସେତେବେଳେ ଯେଉଁ ଗୁରୁଜୀଙ୍କର ତୁମ୍ଭେ ପୂଜା କରୁଛ ସେ ଧଳା ବସ୍ତ୍ର ପରିଧାନ କରି  ମୋତେ ଦେଖାଦେଲେ, ମୋତେ ଚେତାବନୀ ଦେଇ ସେ କହିଲେ ଯେ ଏହାର ପରିଣାମ ତୁମେ ନିଜେ ଭୋଗିବ। ସର୍ବଶକ୍ତିମାନ ସର୍ବକଷ୍ଟହାରୀ ପରମ ପୂଜ୍ୟ କବୀର ପରମେଶ୍ୱରଙ୍କ ଶରଣରେ ଏହି ପରିବାର ଅଛି। ଆପଣଙ୍କର କି କ୍ଷମତା ଅଛି? ଏବେ ଏଠାକାର ଧର୍ମରାଜ ମଧ୍ୟ ଏହି ପରିବାରର କିଛି ଅନିଷ୍ଟ କରି ପାରିବେ ନାହିଁ।

ଗରୀବ, ଜମଜୌରାଜାସୈଡରେଁ, ମିଟେଁକର୍ମକେଲେଖା ଅଦଲୀଅଦଲକବୀରହେଁ, କୁଲକେସଦଗୁରୁଏକ॥

ପରମ ପୂଜ୍ୟ କବୀର ପରମେଶ୍ୱରଜୀଙ୍କୁ ଯମ (କାଳ ଓ କାଳର ଦୂତ) ଏବଂ ମୃତ୍ୟୁ ମଧ୍ୟ ଭୟ କରେ। ସେହି ପୂର୍ଣ୍ଣପ୍ରଭୁ ପାପ କର୍ମଦଣ୍ଡର ଲେଖାକୁ ମଧ୍ୟ ସମାପ୍ତ କରିଦିଅନ୍ତି। ଏହାପରେ ସେହି ତାନ୍ତ୍ରିକ କହିଲା, ଝିଅ! ତୁମ୍ଭକୁ ମୁଁ ଏହା ଜଣାଉଛି ଯେ ତୁମେ ଯେଉଁ ଦେବ ପୁରୁଷଙ୍କର ପୂଜା କରୁଛ, ସେ ପ୍ରବଳ ଶକ୍ତିଯୁକ୍ତ ଅଟନ୍ତି। ମୁଁ ୨୫ ବର୍ଷ ଧରି ଏହି ବିନାଶ କରିବା ଧନ୍ଦା କରୁଛି ଜଣା ନାହିଁ କେତେ ପରିବାର ଉଜାଡ଼ି ସାରିଛି। କିନ୍ତୁ ଆଜି ପ୍ରଥମ ଥର ହାର ମାନିଛି। ଝିଅ ଏହି ଶକ୍ତିକୁ ଆଦୌ ଛାଡ଼ିବ ନାହିଁ ନଚେତ୍ ସର୍ବନାଶ ହୋଇଯିବ। ଆପଣଙ୍କ ବିନାଶ ପାଇଁ ବଲବାନ୍ ଆଦି ଘୁରି ବୁଲୁଛନ୍ତି। ଏହାପରେ ମୁଁ କହିଲି, ଆମେ ପୂର୍ଣ୍ଣ ପରମାତ୍ମାଙ୍କ ପୂଜା କରୁଛୁ। ବଲବାନ ମୋ ପତିଙ୍କ ବଡ଼ ଭାଇ। ସେ ଆମ୍ଭର ପରମ ଶତ୍ରୁ ସାଜିଛି।

ଆଜି ଆମେ ଏତେ ଭାଗ୍ୟବାନ ଯେ ଆମର କୌଣସି ବସ୍ତୁ ଅଥବା କାର୍ଯ୍ୟର ଆବଶ୍ୟକତା ଯେତେବେଳେ ପଡ଼ିଥାଏ ତାହା ସଦଗୁରୁଦେବ ସତ୍ୟ କବୀର ସାହେବ ପୂର୍ଣ୍ଣ କରିଦେଉଛନ୍ତି।  ଆଜ ଗୁରୁ ଗୋବିନ୍ଦ ଦୋନୋଁ ଖଡ଼େ, ହମ କିସକେ ଲାଗେ ପାୟ। ହମ ବଲିହାରୀ ସତଗୁରୁଦେବ ରମପାଲଜୀ କେ ଚରଣୋମେଁ ଜିନ୍ହେଁ ପରମେଶ୍ୱର ଦିଆ ମିଲାୟ।

ମୋ ପ୍ରିୟ ଭାଇ ଓ ଭଉଣୀ! ଆମ୍ଭ ସାରା ପରିବାର ମିଳିତ ଭାବେ ଆପଣଙ୍କୁ ଏହି ବାର୍ତ୍ତା ଦେଉଛୁ ଯେ ଯଦି ଆପଣଙ୍କୁ ସତ୍ୟଲୋକର ମାର୍ଗ, ପୂର୍ଣ୍ଣ ମୋକ୍ଷ ଓ ସର୍ବସୁଖ ପ୍ରାପ୍ତି କରିବାର ଅଛି ଏବଂ ସାଂସାରିକ ଦୁଃଖରୁ ମୁକ୍ତି ପାଇବାର ଅଛି ତେବେ ବନ୍ଦୀଛୋଡ୍ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ସତ୍ୟନାମ ପ୍ରାପ୍ତ କରି ନିଜର ବହୁମୂଲ୍ୟ ମନୁଷ୍ୟ ଜନ୍ମକୁ ସଫଳ କରନ୍ତୁ।   ॥ ସତ୍ ସାହେବ୍ ॥

ଭକ୍ତମତି ଅପଲେଶ ଦେବୀ  ମୋ : ୯୪୬୮୦୩୫୫୬୯

## "ଭକ୍ତ ସତୀଶଙ୍କ ଆତ୍ମକଥା"

ମୁଁ ଭକ୍ତ ସତୀଶ ଦାସ, ୧୯୩ ସେକ୍ଟର ୭, ଆର.କେ.ପୁରମ୍, ନୂଆଦିଲ୍ଲୀର ବାସିନ୍ଦା । ଉପୋରକ୍ତ ପଂକ୍ତିଗୁଡ଼ିକ ଆମ୍ଭ ଜୀବନରେ ଚରିତାର୍ଥ ହେଉଛି । କାରଣ ସଦଗୁରୁ ବନ୍ଦୀଛୋଡ଼୍ ରାମପାଲଜୀ ମହାରାଜଙ୍କ ସତସଙ୍ଗ ଡିସେମ୍ବର ସନ ୧୯୯୭ ମସିହାରେ ପୀତମପୁରା ଦିଲ୍ଲୀରେ ହେଉଥିଲା । ମୋର ଜଣେ ମିତ୍ରଙ୍କ କହିବା ଅନୁସାରେ ମୁଁ ସତସଙ୍ଗ ଶୁଣିବାକୁ ଗଲି । ପରନ୍ତୁ ପାରମ୍ପରିକ ପୂଜାଗୁଡ଼ିକୁ ତ୍ୟାଗ କରିବା କଥା ଶୁଣିବା ପରେ ସତସଙ୍ଗରେ ମୋର ମନ ଲାଗି ନ ଥିଲା । ସଦଗୁରୁଜୀ ଶାସ୍ତ୍ରଗୁଡ଼ିକୁ ପ୍ରମାଣ ସହିତ ପଢ଼ି ଆମ୍ଭକୁ ବୁଝାଉଥିବାର ଦେଖି ମୋ ମନକୁ ଗୋଟିଏ କଥା ଆସିଲା ଯେ ପୁସ୍ତକଗୁଡ଼ିକୁ ନେଇ ଘରେ ପଢ଼ିବି । ଏହି ପ୍ରକାରେ ଜ୍ୟୋତି ନିରଞ୍ଜନ (କାଳ) ମୋ ବୁଦ୍ଧିକୁ ସ୍ଥିର କରିଦେଲା ଏବଂ ମୋ ମନର ଭକ୍ତି ଚ୍ୟାନେଲ ବନ୍ଦ କରିଦେଲା ।

ସଦଗୁରୁ ଆମ୍ଭକୁ ବୁଝାଇ କହିଥାନ୍ତି ଯେ :-

ଗୁରୁବିନ କିହିଁ ନ ପାୟା ଜ୍ଞାନା, ଜ୍ୟୋଁ ଥୋଥା ଭୂସ ଛଡ଼େ କିସାନା ।
ଗୁରୁବିନ ଭରମ ନା ଛୁଟେଁ ଭାଇ, କୋଟି ଉପାୟ କରୋ ଚତୁରାଇ ॥

ଏହି ପ୍ରକାରେ ମୋ ବୁଦ୍ଧି ସ୍ଥିର ହେବା କାରଣରୁ ମୁଁ ଅନ୍ୟ କଥାବାର୍ତ୍ତାରେ ବ୍ୟସ୍ତ ରହି ଘରକୁ ଫେରି ଆସିଲି । ୧୯୯୯ ମସିହାରେ ମୋ ପତ୍ନୀ ଶ୍ରୀମତୀ ମଞ୍ଜୁଙ୍କୁ ବ୍ରେନ୍ ଟ୍ୟୁମର ହୋଇଗଲା ଯାହା ସଫଦ ରଜଙ୍ଗ ହସପିଟାଲରେ ପରିକ୍ଷା ଓ ଚିକିତ୍ସା ସମୟରେ ଆମ୍ଭକୁ ଜଣା ପଡ଼ିଲା । ଏହାପରେ ମୁଁ ତାଙ୍କୁ ପନ୍ଥ ହସ୍ପିଟାଲ ଓ ଏମ୍ସ, ନୂଆଦିଲ୍ଲୀ ଓ ପରେ ଆପୋଲୋ ହସ୍ପିଟାଲ ନୂଆଦିଲ୍ଲୀରେ ମଧ୍ୟ ଦେଖାଇଲି । ସମସ୍ତ ଡାକ୍ତର ତୁରନ୍ତ ଅପରେସନ୍ କରିବାକୁ ପ୍ରସ୍ତାବ ଦେଇ କହିଲେ ଯେ ଅପରେସନ ସମୟରେ ଏହାର ଗୋଟିଏ ହାତ ପାରାଲାଇସିସ୍ ହୋଇ ଯାଇପାରେ ଆପୋଲୋ ହସ୍ପିଟାଲର ଡାକ୍ତରମାନେ ରିପୋର୍ଟ ଦେଖିବା ପରେ ଏହା କହିଲେ ଯେ ଏହାର ଆଖି ଦୁଇଟି ବର୍ତ୍ତମାନ ପର୍ଯ୍ୟନ୍ତ ଠିକ୍ କିପରି ଅଛି ? ଏବଂ ଆଇ ସ୍ପେସାଲିଷ୍ଟଙ୍କ ଦ୍ୱାରା ଟେଷ୍ଟ୍ କରାଇବାକୁ କହିଲେ । ତା'ପରେ ମୁଁ ପରିକ୍ଷା କରାଇଲି । ପରିକ୍ଷା ପରେ ଆଇ ହସ୍ପିଟାଲ୍ ଓ ନ୍ୟୁରୋ ସର୍ଜନ ପ୍ରସ୍ତାବ ଦେଲେ ଯେ ପ୍ରତ୍ୟେକ ପନ୍ଦର ଦିନରେ ଥରେ ଆଖି ପରୀକ୍ଷା କରାଯିବ, ଆଖି କେବେ ବି ନଷ୍ଟ ହୋଇ ଯାଇପାରେ, କାରଣ ବ୍ରେନ୍ ଟ୍ୟୁମର୍ ଏହି ଭଳି ସ୍ଥାନରେ ହୋଇଛି । ମୋ ପତ୍ନୀ ଓ ମୁଁ ବିକଳାଙ୍ଗ(ଉଭୟ ଗୋଡ଼) ଅଟୁ । ଆଖି ନଷ୍ଟ ହୋଇଯିବା କଥା ଶୁଣିବା ମାତ୍ରେ ମୋ ନିଶ୍ୱାସ ଅଟକି ଗଲା ପରନ୍ତୁ କୌଣସି ଉପାୟ ନପାଇ ପରିଶେଷରେ ପନ୍ଥ ହସ୍ପିଟାଲ ନୂଆଦିଲ୍ଲୀରେ ଅପେରେସନ କରାଇବା ପାଇଁ ଚିନ୍ତା କଲୁ ଏବଂ ଡାକ୍ତରଙ୍କ କହିବା ଅନୁସାରେ ଆଇ.ଏନ୍.ଏମ୍.ଏ.ଏସ୍. ହସ୍ପିଟାଲ ତିମାରପୁର ଦିଲ୍ଲୀରେ ଏମ୍.ଆର.ଆଇ. ସହିତ ଅନ୍ୟ ସମସ୍ତ ଟେଷ୍ଟ୍ ମଧ୍ୟ କରାଇଲୁ । କେବଳ ଅପେରେସନ ତାରିଖ ଧାର୍ଯ୍ୟ ହେବାର ଥିଲା । ପୂର୍ଣ୍ଣ ପରମାତ୍ମା ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କ ସତସଙ୍ଗରେ ପୂର୍ବରୁ ଶୁଣିଥିବା ଏହି ପଂକ୍ତି ଗୁଡ଼ିକ ଆମ୍ଭର ମନେ ପଡ଼ିଗଲା । :-

ଜିନ ମିଲତେ ସୁଖ ଉପଜେ, ମିଟେଁ କୋଟି ଉପାୟ । ଭୁବନ ଚତୁର୍ଦ୍ଦଶ ଢୁଂଢିଯୌଁ, ପରମ ସ୍ନେହୀ ସାଧ ॥

ଏବଂ ମୋ ଭକ୍ତି ଚ୍ୟାନେଲ ପରମେଶ୍ୱର ଅନ୍ କରି ଦେଲେ ଏବଂ ମନରେ ଏହି ଭାବନା ଉତ୍ପନ୍ନ ହେଲା ଯେ ଅପେରେସନ ପୂର୍ବରୁ ନାମଦୀକ୍ଷା ନେଇ ଥରେ ଦେଖିବା । ତା'ପରେ ନିଜ ସାଙ୍ଗ ସହିତ ପ୍ରୀତମପୁରା ଦିଲ୍ଲୀକୁ ଯାଇ ୪ ଫେବୃୟାରୀ ୨୦୦୧ ମସିହାରେ ପୂର୍ଣ୍ଣ ପରମାତ୍ମା ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଲୁ । ପୂର୍ବର ସମସ୍ତ ପୂଜା ତ୍ୟାଗ କରିଦେଲୁ ସଦଗୁରୁଜୀ ଅଖଣ୍ଡ ପାଠ କରାଇବାକୁ ଉପଦେଶ ଦେଇ କହିଲେ ଯେ ପରମାତ୍ମା ଯଦି ଚାହିଁବେ ତେବେ ଅପେରେସନ ଟଳି ଯାଇ ସବୁକିଛି ଠିକ୍ ହୋଇଯିବ । ମୁଁ ସଦଗୁରୁଙ୍କ ଆଜ୍ଞାନୁସାରେ ଘରେ ତିନିଦିନର ଅଖଣ୍ଡ ପାଠ କରାଇଲି ଏବଂ ଏହାପରେ ଡାକ୍ତରଙ୍କ ପାଖରୁ ଅପେରେସନ୍‌ର ତାରିଖ ଧାର୍ଯ୍ୟ କରିବାକୁ ପନ୍ଥ ହସ୍ପିଟାଲ ନୂଆଦିଲ୍ଲୀକୁ ଗଲି । ଯେଉଁ ଡାକ୍ତର ପ୍ରଥମେ ଅପେରେସନ କରିବାକୁ ପ୍ରସ୍ତାବ ଦେଉଥିଲେ ସେହି ଡାକ୍ତର ଦ୍ୱିତୀୟଥର କରା ଯାଇଥିବା ଏମ.ଆର.ଆଇ.କୁ ଦେଖି କହିଲେ ଯେ ଏବେ ଅପେରେସନ କରିବାର କୌଣସି ଆବଶ୍ୟକତା ନାହିଁ । ସେତେବେଳେ ସଦଗୁରୁଙ୍କ ବାଣୀ ମନେ ପଡ଼ିଗଲା:-

ସତଗୁରୁ ଦାତା ହେଁ କଲି ମାହିଁ, ପ୍ରାଣ ଉଧାରଣ ଉତରେ
ସାଁଈସତଗୁରୁ ଦାତା ଦୀନ ଦୟାଲଂ, ଜମ କିଙ୍କର କେ ତୋଡେଂ ଜାଲଂ ॥

ଏହି ରିପୋର୍ଟ ଦେଖିସାରି ଆମେ ଦୁହେଁ ସଦଗୁରୁଙ୍କୁ ମନେପକାଇ ଭୋ-ଭୋ ହୋଇ କାନ୍ଦିଲୁ ଏବଂ କହିଲୁ, ହେ ପରମେଶ୍ୱର ! ଆପଣଙ୍କ ମହିମା ଆମ୍ଭେ କିପରି ବୟାନ କରିବୁ । ଏହି ପ୍ରକାରେ ପୂର୍ଣ୍ଣ ପରମେଶ୍ୱର କବୀର ସାହେବଙ୍କ ଅବତାର ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜଙ୍କ କୃପାରୁ ଆମ୍ଭ ଅପେରେସନ ଟଳିଗଲା ଏବଂ ତା'ପରଠାରୁ ଆମ୍ଭେ ଏକ ଟଙ୍କାର ବି ଔଷଧ ଖାଇନାହୁଁ ଏବଂ ଏବେ ସୁଖମୟ ଜୀବନ ବିତାଉଛୁ ।

୨୦ ନଭେମ୍ବର ୨୦୦୪ ମସିହା ରାତିରେ କାଳ ଗ୍ରାସକଲା, ମୋ ପତ୍ନୀ ମୃତ୍ୟୁସମ ହୋଇ ଯାଇଥିଲା । ପରମେଶ୍ୱରଙ୍କ ଅମୃତ ଜଳ ପିଆଇବା ପରେ ଚେତା ଫେରିଲା । ତା'ପରେ ମୁଁ ତାଙ୍କୁ ସଦ ଗୁରୁଙ୍କ ପାଖକୁ ନେଇ ଆସିବା ପରେ ସଦଗୁରୁଜୀ କହିଲେ, ଆଜି ତାଙ୍କର ମୃତ୍ୟୁ ହେବାର ଥିଲା । କବୀର ପରମେଶ୍ୱର ତାଙ୍କ ଆୟୁ ବଢ଼ାଇ ଦେଇଛନ୍ତି ଏବଂ ଏବେ ତାଙ୍କୁ ଭକ୍ତି କରିବା ଉଚିତ ।

ପୁଣି ୨୨ ଡିସେମ୍ବର ୨୦୦୪ରେ ମୋ ପତ୍ନୀଙ୍କୁ ସୋନୀପତ ସତସଙ୍ଗରେ ପାରାଲାଇସିସ୍ ଆଟାକ ହେଲା ଏବଂ ସେହି କାରଣରୁ ହାତର ଶକ୍ତି କମିବାକୁ ଲାଗିଲା ଏବଂ ତତ୍‌କ୍ଷଣାତ ସଦଗୁରୁ ଦେବଜୀଙ୍କ ହାତ ନିଜ ହାତରେ ଦେଖିବାକୁ ପାଇଲେ ଏବଂ ପ୍ରାୟ ପାଞ୍ଚମିନିଟ୍ ପର୍ଯ୍ୟନ୍ତ ତାହା ଦୃଶ୍ୟମାନ ହେଲା । ଯେତେବେଳେ ପାରାଲାଇସିସ୍‌ର ପ୍ରକୋପ ସମାପ୍ତ ହୋଇଗଲା ସେତେବେଳେ ସଦଗୁରୁଜୀଙ୍କ ହାତ ଅଦୃଶ୍ୟ ହୋଇଗଲା ଏବଂ ଆଜି ପର୍ଯ୍ୟନ୍ତ ମୋ ପତ୍ନୀ ସମ୍ପୂର୍ଣ୍ଣ ଠିକ୍ ଅଛନ୍ତି ।

ସଦଗୁରୁ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜ, କବୀର ପରମେଶ୍ୱରଙ୍କର ଯଥାବତ୍ ଅବତାର ଆଜି ଏହି ଧରାପୃଷ୍ଠକୁ ଆସି ଆମ୍ଭକୁ ପ୍ରମାଣ ଦେଲେ ଯେ –

ଗରୀବଯମକୌରାଜାସେଡରେଁ,ମିଟେଁକର୍ମକେଅଙ୍କ।କାଗଜକୀରେଁଦରଗହଦଈ,ଚୌଦହକୋଟିନଚମ୍ପ॥

ଭକ୍ତ ସତୀଶ ମେହରା, RLF-୯୦୭/୭୩,ରାଜନଗର-॥
ପାଲମ କଲୋନୀ, ନୂଆଦିଲ୍ଲୀ,
ମୋବାଇଲ ନଂ ୦୯୭୧୮୧୮୪୭୦୪

"ଗୁରୁକୃପାର ମହିମା"

ମୁଁ ତ୍ରିଲୋକ ଦାସ ବୈରାଗୀ, ଗ୍ରାମ- ଢ଼ିମରଖେଡ଼ା, ଜିଲ୍ଲା.- କଟନୀ, ମଧ୍ୟପ୍ରଦେଶର ବାସିନ୍ଦା ଅଟେ । ମୁଁ ତା-୨୭.୦୬.୨୦୧୦ ରିଖରେ ନାମଦାନ ନେଲି । ଯେତେବେଳେ ମୁଁ ନାମଦାନ ନେଲି ସେତେବେଳେ ମୋତେ ଜଣା ନ ଥିଲା ଯେ ନାମଦାନ ନୁହେଁ ଅଧିକନ୍ତୁ ମୁଁ ଅମୃତ ନେଉଛି । ମୋ କଥା ଆପଣଙ୍କୁ ଅତିରଞ୍ଜିତ ଲାଗିପାରେ । ପରନ୍ତୁ ଗୁରୁଦେବଙ୍କ ଚରଣର ଶପଥ କରି କହୁଛି ଏଥିରୁ ମୁଁ ଯାହାବି ଅନୁଭବ କରିଛି ଅଥବା ମୋ ସମ୍ମୁଖରେ ଯାହାବି ଘଟଣା ଘଟିଛି, ମୁଁ କେବେ ଏହା କଳ୍ପନା କରିନଥିଲି ଯେ ମୋ ସହିତ ଏଭଳି ଚମତ୍କାର ଘଟିବ । ନାମଦାନ ନେବାର ଛଅ ମାସ ପରେ ମୋ ପୁତ୍ର ରୋଗଗ୍ରସ୍ତ ହେଲା। ସେହି ପୁତ୍ରର ଜନ୍ମ ପାଞ୍ଚଜଣ କନ୍ୟାଙ୍କ ପରେ ଜନ୍ମ ହୋଇଥିଲା । ମୁଁ ନିଜ ପୁତ୍ରର ଚିକିତ୍ସା ଲଗାତର ଏକମାସ ପର୍ଯ୍ୟନ୍ତ ଏମ.ବି.ବି.ଏସ. ଡାକ୍ତରମାନଙ୍କ ପାଖରେ କଲି ପରନ୍ତୁ ବାଳକ ଠିକ୍ ହେଲା ନାହିଁ । ହଠାତ୍ ଦିନେ ସକାଳ ୯.୦୦ ଘଟିକାରେ ବାଳକ ଆଖିବନ୍ଦ କରିଦେଲା, ଅର୍ଥାତ୍ ଅଚେତ ହୋଇଗଲା । ମୁଁ ତାକୁ ଧରି ଉମରିୟାପାନ ଦୌଡିଲି । ସେଠାକାର ସମସ୍ତ ଡାକ୍ତର ଚିକିତ୍ସା କରିବାକୁ ମନା କରିଦେବା ପରେ ମୁଁ ତାକୁ ନେଇ ସିହୋରା ଗଲି । ସବୁଠି ଏମ.ବି.ବି.ଏସ. ଡାକ୍ତର ଅଛନ୍ତି ପରନ୍ତୁ ପୁତ୍ରର ଅବସ୍ଥା ଦେଖି ସମସ୍ତେ ଚିକିତ୍ସା କରିବାକୁ ମନା କରିଦେଲେ, ଧରି ନିଅନ୍ତୁ ସେମାନେ ଏହା କହିବାକୁ ଚାହୁଁଥିଲେ ଯେ ତୁମ ପୁତ୍ରର ମୃତ୍ୟୁ ହୋଇସାରିଛି । ପୁତ୍ରର ବୟସ କେବଳ ଏକବର୍ଷ ଥିଲା । ସାହସ ବାନ୍ଧି ଜଣେ ଡାକ୍ତର କହିଲେ ଯେ ଯଦି ତାକୁ ଅକ୍‌ସିଜେନ ମିଳିଯିବ ତେବେ କିଛି ଆଶା କରା ଯାଇପାରେ । ମୁଁ ତତ୍‌କ୍ଷଣାତ୍ ଗୋଟିଏ ଚାରିଚକିଆ ଯାନ ଭଡାକରି ଜବଲପୁର ଗଲି ଯାହା ଡାକ୍ତରୀ ପିଲାମାନଙ୍କର ରିସର୍ଚ୍ଚ ସେଣ୍ଟର ଥିଲା । ସେଠାକାର ଡାକ୍ତରମାନେ ପିଲାର ଅବସ୍ଥା ଦେଖି କହିଲେ, ଇଏ ତ କୌଣସି ପ୍ରକାରେ ହଲଚଲ ବି ହେଉ ନାହିଁ । ଯେଉଁଠି ଛୁଞ୍ଚି ଫୋଡ଼ିଲେ ବି ପିଲାକୁ କିଛି ଜଣା ପଡୁନାହିଁ, ପିଲାକୁ ଆଡ୍‌ମିଟ କରିବା ମୋ ପାଇଁ ରିସ୍କ ହେବ । ମୁଁ କହିଲି, ଆଡ୍‌ମିଟ କରି ଚିକିତ୍ସା ଆରମ୍ଭ କରି ପରମାତ୍ମାଙ୍କ ଉପରେ ଛାଡ଼ି ଦିଅନ୍ତୁ । ଡାକ୍ତର କହିଲେ, ଯଦି ଏହାକୁ ଛଅ ଘଣ୍ଟାରେ ଚେତା ଆସିଯିବ ତେବେ ପିଲା ବଞ୍ଚିପାରେ ନଚେତ୍ ମୁଷ୍କିଲ ହେବ । ସକାଳ ନଅଟାରୁ ରାତି ନଅ ବାଜି ସାରିଥିଲା ପରନ୍ତୁ

ବାଳକର ଚେତା ଫେରୁ ନ ଥାଏ । ପିଲାର ମା ଏବଂ ମୁଁ କାନ୍ଦିବା ଆରମ୍ଭ କରିଦେଲୁ । ହଠାତ୍ ମୋ ନଜର "ଜ୍ଞାନଗଙ୍ଗା" ଏବଂ "ଭକ୍ତି ସୌଦାଗର କୋ ସଂନ୍ଦେଶ"ରେ ଲେଖା ହୋଇଥିବା ଚମତ୍କାର ଆଡ଼କୁ ଗଲା ଯାହା ଭକ୍ତମାନଙ୍କ ସହିତ ଘଟିଥିଲା । ମୁଁ ନିଜକୁ ସମ୍ଭାଳି ନେଲି ଏବଂ ନିଜ ଗୁରୁଜୀଙ୍କ ଚରଣରେ ପିଲାକୁ ସମର୍ପିତ କରିଦେଇ କହିଲି, ହେ ଗୁରୁଜୀ ମୋ ପୁଅର ରକ୍ଷା କରନ୍ତୁ ଏବଂ ଗୁରୁମହିମାର ସମ୍ମାନ ରକ୍ଷା କରନ୍ତୁ । ପ୍ରାୟ ୧୨ ଘଟିକା ସମୟରେ ଡାକ୍ତର ଯେତେବେଳେ ରାଉଣ୍ଡକୁ ଆସିଲେ ସେତେବେଳେ ପଚାରିଲେ ଯେ ପିଲାର ସ୍ୱାସ୍ଥ୍ୟରେ କିଛି ସୁଧାର ହୋଇଛି କି ? ମୁଁ କହିଲି, ସକାଳେ ଯେଉଁଳି ଥିଲା ଏବେ ମଧ୍ୟ ସେହି ଅବସ୍ଥା । ଡାକ୍ତର ଇଞ୍ଜେକ୍ସନ ମଗାଇ ବାଳକର ଜଙ୍ଘରେ ଦେଲେ । ଇଂଜେକ୍ସନ ଦେବା ମାତ୍ରେ ବାଳକ କାନ୍ଦିବାକୁ ଲାଗିଲା । ଏପରି ଲାଗିଲା ଯେପରି ସେହି ଇଂଜେକ୍ସନ ସ୍ୱୟଂ ଗୁରୁଜୀ ଦେଲେ ଏବଂ ପୂରା ୱାର୍ଡ଼ରେ ଖୁସିର ଲହରୀ ଖେଳିଗଲା । ଡାକ୍ତରମାନେ ମୋ ପିଠି ଥାପୁଡ଼େଇ କହିଲେ ଏବେ ତୁମ ବାଳକର ଚେତା ଆସିଯାଇଛି । ଏଭଳି କେସରେ ଖୁବ୍ କମ ପିଲାଙ୍କର ଚେତା ଫେରିଥାଏ ।

ବିଚାରଯୋଗ୍ୟ ବିଷୟ ଏହା ଯେ ଇଞ୍ଜେକ୍ସନର ପ୍ରଭାବ ଦଶ-ପନ୍ଦର ମିନିଟ୍ ପରେ ହିଁ ଜଣା ପଡ଼ିଥାଏ । ବାଳକ ଇଞ୍ଜେକ୍ସନ ଛୁଆଁ କଷ୍ଟରେ ଉଠି ପଡ଼ିଥିଲା । ଏଥିରୁ ସ୍ପଷ୍ଟ ହେଲା ଯେ ସମସ୍ତ ଚମତ୍କାର ପରମେଶ୍ୱର କବୀରଜୀଙ୍କର ଅଟେ ।

"ସତଗୁରୁ ଶରଣ ମେଁ ଆନେ ସେ ଆଇ ଟଲୈ ବଲା, ଜୈ ଭାଗ୍ୟ ମେଁ ମୃତ୍ୟୁ ହୋ କାଣ୍ଟେ ମେଁ ଟଲ ଜା"

ଗୁରୁଜୀ କହନ୍ତି ଯେ ଶ୍ରଦ୍ଧାର ସହିତ ମନ୍ତ୍ରଜପ କରିବା ଉଚିତ । ମୋ ପିଲା ସହିତ ଯେଉଁ ଚମତ୍କାର ଘଟିଲା ତାହା ଦେଖି ମୁଁ ସ୍ତମ୍ଭୀଭୂତ ହୋଇ ରହିଗଲି । ମୁଁ ହସପିଟାଲରେ ଗୁରୁଜୀଙ୍କ ଚରଣ କମଳର ବନ୍ଦନା କଲି ଏବଂ କାନ୍ଦି କାନ୍ଦି ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇଲି । ଡାକ୍ତର କହିଲେ ଲଗାତାର ଆଠଦିନ ପର୍ଯ୍ୟନ୍ତ ପିଲାର ଚିକିତ୍ସା ହେବ । ଚବିଶ ଘଣ୍ଟା ପାଇଁ ପାଞ୍ଚହଜାର ଟଙ୍କା ଦେବାକୁ ହୁଏ । ମୁଁ ଡାକ୍ତରଙ୍କୁ କହିଲି, ମୋତେ ସକାଳେ ଡ୍ୟୁଟିକୁ ଯିବାକୁ ପଡ଼ିବ । ଡାକ୍ତର କହିଲେ, ପିଲାକୁ ଯଦି ଆପଣ ଘରକୁ ନେଇଯିବେ ତେବେ ବାଳକ ମରି ଯାଇପାରେ କାରଣ ପିଲାର ଏବେ ଚେତା ଫେରିଛି । ମୁଁ କହିଲି, ଯାହା ହେବ ଦେଖାଯିବ, କୌଣସି ପରିସ୍ଥିତିରେ ମୋତେ ଡ୍ୟୁଟିକୁ ଯିବାକୁ ପଡ଼ିବ । ଆଜି ଛଅମାସରୁ ଅଧିକ ସମୟ ବିତିଗଲାଣି । ତାକୁ ଏପର୍ଯ୍ୟନ୍ତ ଜ୍ୱର ବି ହୋଇ ନାହିଁ । ଏପରି ମହିମା ଦେଖି ମୁଁ ଧନ୍ୟ ହୋଇଗଲି । ସାଇକେଲ କିଣିବା ପାଇଁ ମୋର କ୍ଷମତା ନ ଥିଲା, କାରଣ ମୋ ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ ଥିଲା । ଅଚାନକ ଷ୍ଟେଟ୍ ବ୍ୟାଙ୍କର ମ୍ୟାନେଜର କହିଲେ, ଆପଣ ବ୍ୟାଙ୍କରୁ ଋଣ ନେବାକୁ ଚାହୁଁଛନ୍ତି କି ? ମୁଁ କହିଲି, ଯଦି ମିଳିଯିବ ତେବେ ଏହାଠୁ ବଡ଼ କଥା କ'ଣ, ମୋ ପରିବାରର ଆର୍ଥିକ ସ୍ଥିତି ସୁଧାରିଯିବ । ବ୍ୟାଙ୍କ ମ୍ୟାନେଜର ମୋତେ ଦେଢ଼ଲକ୍ଷ ଟଙ୍କା ଋଣ ଦେଲେ । ସାଇକେଲ କିଣି ପାରୁ ନଥିବା ବ୍ୟକ୍ତି ଅଚାନକ ୫୫୦୦୦ ଟଙ୍କା ଦେଇ ହୀରୋ ହୋଣ୍ଡା ଗାଡ଼ି କିଣିପାରିଲା । ଆଜି ମୁଁ ସଡକରେ ଗାଡ଼ିରେ ବୁଲିପାରୁଛି । ମୁଁ ସରକାରୀ ସ୍କୁଲରେ ପିଅନ ଥିଲି । ମୋ ଚାକିରିକୁ ୧୬ ବର୍ଷ ହୋଇ ସାରିଥିଲେ କିନ୍ତୁ ମୋ ପରିବାରର ଆର୍ଥିକ ସ୍ଥିତିରେ କୌଣସି ଉନ୍ନତି ହୋଇ ନ ଥିଲା । ଜବଲପୁର ଜିଲ୍ଲାରୁ ପ୍ରମୋସନ ହେଲା । ମୋର କେବଳ ସିଙ୍ଗଲ ପ୍ରମୋସନ ହେଲା । ମୁଁ ଚପରାସୀରୁ ବାବୁ ହୋଇଗଲି । ସମସ୍ତଙ୍କ ପାଇଁ ଚେୟାର ଦେଉଥିବା ଲୋକ ଆଜି ନିଜେ ବାବୁ ହୋଇ ଚେୟାରରେ ବସି ପାରିଲା । ମୋ ଦରମା ଏତେ ବଢ଼ିଯିବ ବୋଲି କେବେ ମୁଁ ଚିନ୍ତା କରି ନ ଥିଲି । ମୋ ଭାଇ ବି.ଏଡ.ର ଡିଗ୍ରୀର ଆଶା ଛାଡ଼ି ଦେଇ ବହୁତ ଦୁଃଖୀ ହୋଇ ଯାଇଥିଲା । ଦିନେ ତା ନିକଟକୁ କାଉନସେଲିଂ ଲେଟର ଆସିଲା, ତାକୁ ବିଶ୍ୱାସ ହେଉନଥାଏ କାରଣ ତାକୁ ୨୯ ମାର୍କ ମିଳିଥିଲା ଏବଂ ବି.ଏଡ. ପାଇଁ ୩୩ ମାର୍କରୁ ଅଧିକ ଦରକାର ଥିଲା । ପରନ୍ତୁ ଏଥର ୨୮ ମାର୍କ ଥିବା ବ୍ୟକ୍ତିଙ୍କୁ ଚୟନ କରାଗଲା । ଯେଉଁ କାରଣରୁ ୨୯ ମାର୍କରେ ତାକୁ ସୁଯୋଗ ମିଳିଗଲା ଏବଂ ଆଜି ସେ ବି.ଏଡ୍. କରୁଛି । ଏହି ଚାରୋଟି ଚମତ୍କାର ଏପରି ଘଟିଲା ଯାହା ବିଷୟରେ ମୁଁ କେବେ ମଧ୍ୟ ଚିନ୍ତା କରିନଥିଲି । ମାତ୍ର ରାମାୟଣର ସେହି ଲେଖା ଆଜି ମନେପଡ଼େ "ମାତା-ପିତା ଗୁରୁଜୀଙ୍କ ବାଣୀ, ବିନା ବିଚାର କରି ଶୁଭ ଜାଣି" ସମସ୍ତ ଚମତ୍କାର ଗୋଟିଏ ବର୍ଷ ଭିତରେ ହିଁ ଘଟିଛି । ପ୍ରମାଣ ପାଇଁ –

୧. ଭାରତ ହସପିଟାଲ ସେଣ୍ଟରର ସମସ୍ତ ଡକ୍ୟୁମେଣ୍ଟ, ୨. ଗାଡ଼ିର ସମସ୍ତ କାଗଜପତ୍ର, ୩.ପ୍ରମୋସନ ଲେଟର, ୪. ବି.ଏଡ.ର କାଉନସେଲିଂ ଲେଟର ।

ସମସ୍ତ ଚମତ୍କାର ନାମଦାନ ନେବାର ମାତ୍ର ଛଅମାସ ପରେ ଘଟିଛି । ପରନ୍ତୁ କେବଳ ନାମଦାନ ନେବାଦ୍ୱାରା ଲାଭ ହେବ ନାହିଁ ଅପିତୁ ଗୁରୁଜୀଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲିବାକୁ ପଡ଼ିଥାଏ ।

"ହରି ରୂଠେ ଗୁରୁ ଠୌର ହୈ, ଗୁରୁ ରୂଠେ ନହୀଁ ଠୌର"

ଗୁରୁଦେବଙ୍କ ଚରଣରେ ଶିଷ୍ୟର ଅନୁଭବକୁ ସହୃଦୟରେ ସମର୍ପିତ କରୁଛି ।

ଭକ୍ତ ତ୍ରିଲୋକ ଦାସ ବୈରାଗୀସହା, ଗ୍ରେଡ୍ - ୩, ସରକାରୀ ଉଚ୍ଚ ମାଧ୍ୟମିକ, ବିଦ୍ୟାଳୟ, ମୁରବାରୀ ତହସିଲ, ଢୀମରଖେଡା, ଜିଲ୍ଲା- କଟ୍‌ନୀ (ମଧ୍ୟପ୍ରଦେଶ),

## "୧୧୦୦୦ ଭୋଲ୍ଟ ତାରରୁ ମୁକ୍ତ କରିବା"

ମୁଁ ଭକ୍ତ ସୁରେଶ ଦାସ, ପିତା - ଶ୍ରୀ ଚାନ୍ଦ ରାମ, ସ୍ଥାୟୀ ଗ୍ରାମ - ଧନାନା, ଜିଲ୍ଲା - ସୋନୀପତ, ବର୍ତ୍ତମାନ କିନ୍ତୁ ଶାସ୍ତ୍ରୀନଗର ରୋହତକ(ହରିୟାଣା)ର ନିବାସୀ । ସଦଗୁରୁଙ୍କଠାରୁ ନାମ ଉପଦେଶ ନେବା ପୂର୍ବରୁ ମୋ ଘରର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ ଥିଲା । ମୋ ପରିବାରରେ ଏଭଳି କୌଣସି ଜଣେ ବି ସଦସ୍ୟ ନଥିବେ ଯିଏ କେବେ ରୋଗଗ୍ରସ୍ତ ହୋଇନଥିବେ । ମୋ ପତ୍ନୀଙ୍କୁ ଭୂତପ୍ରେତ ବହୁତ କଷ୍ଟ ଦେଉଥିଲେ । ଏତେ କଷ୍ଟ ଭୋଗକରି ମଧ୍ୟ ଆମ୍ଭେ ଦେବୀ-ଦେବତାଙ୍କର ବହୁତ ପୂଜା କରୁଥିଲୁ ତଥା ହନୁମାନଜୀଙ୍କ ଉପରେ ମୋର ବହୁତ ଆସ୍ଥା ଥିଲା । ପରନ୍ତୁ ପରିବାର ଉପରକୁ ସଙ୍କଟ ପରେ ସଙ୍କଟ ନିରନ୍ତର ଆସୁଥିଲା । କୌଣସି କାର୍ଯ୍ୟରେ ଲାଭ ହେଉନଥିଲା । ପୂର୍ଣ୍ଣ ପରମାତ୍ମା ସଦଗୁରୁ ରାମପାଲଜୀ ମହାରାଜ ମୋ ପରିବାରର ସଦସ୍ୟ ହୋଇଥିବା କାରଣରୁ ଆମ୍ଭେ ତାଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ସ୍ୱୀକାର କରିପାରୁନଥିଲୁ । ଯାହାର ପରିଣାମ କିଛି ବର୍ଷ ପର୍ଯ୍ୟନ୍ତ ଆମ୍ଭକୁ ଭୋଗିବାକୁ ପଡ଼ିଥିଲା । ଗ୍ରାମ ସିଂହପୁରା ନିବାସୀ ଭକ୍ତ ବିକାଶ ମୋତେ କହିଲେ ଯେ ଆପଣଙ୍କ ଘରକୁ ପୂର୍ଣ୍ଣ ପରମାତ୍ମା ଜଗତଗୁରୁ ରାମପାଲଜୀ ମହାରାଜ ଆସିଛନ୍ତି, ଆପଣ କେଉଁ ଦୁନିଆରେ ଅଛନ୍ତି । ଏହା ଶୁଣି ମୁଁ କହିଲି, କାଳ ଆମକୁ ଏତେ କଷ୍ଟରେ ରଖିଛି ଯେ ଆମ୍ଭକୁ ତାଙ୍କ ବିଷୟରେ ଜାଣିବାକୁ ସମୟ ମିଳି ନ ଥିଲା । ଅଧିକାଂଶ ସମୟ ଡାକ୍ତରଖାନାରେ କଟିବା ସହିତ ବହୁତ ଆର୍ଥିକ କଷ୍ଟ ମଧ୍ୟ ମିଳୁଛି । ସେହି ଭକ୍ତ ମୋତେ ବହୁତ ବୁଝାଇଲେ ଏବଂ ପୂର୍ଣ୍ଣ ପରମାତ୍ମାଙ୍କର ଏପରି ଦୟା ହେଲା ଯେ ମୁଁ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେବା ପାଇଁ ଅକ୍ଟୋବର ୨୦୧୦ ରେ ସତଲୋକ ଆଶ୍ରମ ବରୱାଲାରେ ପହଞ୍ଚିଗଲି । ନାମ ଉପଦେଶ ନେଇ ସାରିବା ପରେ ସଦଗୁରୁଜୀ ମୋ ପାଇଁ ନିଜ ଦୟାର ପେଡ଼ି ଖୋଲି ଦେଲେ ଏବଂ ମୋତେ ସେହି ସୁଖ ଅନୁଭବ ହେବାକୁ ଲାଗିଲା, ଯାହାର ବର୍ଣ୍ଣନା ଏହି ମୁଖରେ କରିବା ବହୁତ କଠିନ ।

ମୋ ପତ୍ନୀଙ୍କୁ ଭୂତପ୍ରେତ ବହୁତ କଷ୍ଟ ଦେଉଥିଲେ । ସଦଗୁରୁ ଦେବଙ୍କ ଦୟାରୁ ଏବେ ସେ ସମ୍ପୂର୍ଣ୍ଣ ଠିକ୍ ଅଛି । ୭ ସେପ୍ଟେମ୍ବର ୨୦୧୧ ମସିହାରେ ମୋ ପୁଅ ମୋହିତ, ବୟସ-୧୨ ବର୍ଷ ଯିଏ ମୋ କହିବା ଅନୁସାରେ ମିସ୍ତ୍ରୀକୁ ଡାକିବା ପାଇଁ ଯାଇଥିଲା, ମୋ ପୁଅ ମିସ୍ତ୍ରୀର ଘର ଛାତ ଉପରକୁ ଚଢ଼ିଯାଇ ତାଜା ଉପରକୁ ଉଠିଗଲା । ତାଜା ଉପରେ ୧୧୦୦୦ (ଏଗାର ହଜାର) ଭୋଲ୍ଟର ବିଦ୍ୟୁତ୍ ତାର ଥିଲା । ପୁଅ ଓ ତାର ମଝିରେ କେବଳ ଏକ ଫୁଟ୍‌ର ବ୍ୟବଧାନ ଥିଲା । ସେ ତାର ନିକଟରେ ପହଞ୍ଚିବା ମାତ୍ରେ ବିଦ୍ୟୁତ୍ ତାର ତାକୁ ଟାଣିନେଲା। ପିଲା ମୁଣ୍ଡରେ ତାର ଲାଗିଯାଇ ଏକ ଇଂଚ୍ ଭିତରକୁ ପସିଗଲା। ମୁହଁ ପୋଡ଼ିଯିବା ସହିତ ସାରା ଶରୀରରେ ବିଜୁଳି ପ୍ରବେଶ କରି ଗୋଡ଼ ଆଙ୍ଗୁଠିର ହାଡ଼କୁ ନଷ୍ଟ କରି ବାହାରିଗଲା । ସେହି ସମୟରେ ସଦଗୁରୁ ରାମପାଲ ଜୀ ମହାରାଜ ଆକାଶ ମାର୍ଗରୁ ଅବତରଣ କଲେ ତଥା ବହୁତ ତେଜୋମୟ ଶରୀର ସହିତ ମୋ ପୁଅକୁ ଦୃଶ୍ୟମାନ ହେଲେ ଯେପରି ହଜାର ହଜାର ଟ୍ୟୁବ୍ ଲାଇଟରୁ ଆଲୋକ ବାହାରୁଛି । ସେ ବାଳକର ହାତକୁ ଧରି ବିଜୁଳି ତାର କବଳରୁ ଛଡ଼ାଇ ଦେଇ ତାଜା ଉପରେ ତାକୁ ଶୁଆଇ ଦେଲେ । ତା'ପରେ ସଦଗୁରୁଙ୍କ ସହିତ ବାଳକର ବହୁତ ବାର୍ତ୍ତାଳାପ ହେଲା ଏବଂ ସଦଗୁରୁଜୀ ଯେତେବେଳେ ଯିବାକୁ ବାହାରିଲେ ସେତେବେଳେ ବାଳକ ପଚାରିଲା, ଗୁରୁଜୀ! ଆପଣ କେଉଁଆଡ଼େ ଯାଉଛନ୍ତି । ଗୁରୁଜୀ କହିଲେ, ପୁତ୍ର ! ମୁଁ ତୋ ସହିତ ଅଛି ତୁ ଆଦୌ ଭୟ କରନା । ସେହି ସମୟରେ ମୋ ପୁଅ ମୋହିତର ମାଆ ମଧ୍ୟ ସେଠାରେ ଥିଲେ । ସମସ୍ତ ଦୃଶ୍ୟ ସେ ନିଜ ଆଖିରେ ଦେଖି ଭୟଭୀତ ହୋଇଗଲା । କାରଣ ବାଳକର ଶରୀରରୁ ବିଜୁଳିର ଝାସ ବାହାରୁଥିଲା ।

ତା'ପରେ ଆମେ ବାଳକକୁ ରୋହତକ ବଡ଼ ମେଡ଼ିକାଲ (ପି.ଜି.ଆଇ) କୁ ନେଇଗଲୁ । ସେଠାରେ

ମଧ୍ୟ ଗୁରୁଜୀ ପୁଅକୁ ଦୃଶ୍ୟମାନ ହେଲେ । ମୋ ପୁଅ ଏହା କହୁଥାଏ ଯେ ଗୁରୁଜୀ ମୋ ସାଥିରେ ଅଛନ୍ତି । ଆପଣ ଆଦୌ ଭୟଭୀତ ହୁଅନ୍ତୁ ନାହିଁ । ଯଦି ଆଜି ଆମେ ଗୁରୁଜୀଙ୍କ ଶରଣରେ ନଥାନ୍ତୁ ତେବେ ଆମ ପୁଅ ଆଜି ଜୀବିତ ନଥାନ୍ତା ତଥା ମୋ ପତ୍ନୀକୁ ମଧ୍ୟ ଭୁତ-ପ୍ରେତ ମାରି ଦେଇଥାନ୍ତେ, ଆମ୍ଭେ ବିନାଶ ହେବାରୁ ବଞ୍ଚିଗଲୁ । ଏହା ସଦଗୁରୁ ରାମପାଲଜୀ ମହାରାଜଙ୍କର ହିଁ ଦୟା ଅଟେ ।

ପାଠକମାନଙ୍କୁ ଏହି ପ୍ରାର୍ଥନା ଯେ ମୋ ସତ୍ୟକଥାଟିକୁ ପଢ଼ି ଆପଣ ମଧ୍ୟ ସଦଗୁରୁ ରାମପାଲଜୀ ମହାରାଜଙ୍କ ଶରଣାପନ୍ନ ହୁଅନ୍ତୁ ଏବଂ ସମୟ ପୂର୍ବରୁ ନିଜର କଲ୍ୟାଣ କରାନ୍ତୁ ଯାହାଦ୍ୱାରା ପ୍ରାରବ୍ଧରେ ଲେଖାଥିବା କର୍ମ କାରଣରୁ ଯେଉଁ ଅଘଟଣ ଘଟିବାକୁ ଥିବ ସେହି ହାନୀରୁ ନିଜକୁ ପୂର୍ଣ୍ଣ ରୂପେ ରକ୍ଷା କରନ୍ତୁ । ସଦଗୁରୁ ରାମପାଲ ଜୀ ମହାରାଜଙ୍କ ସତସଙ୍ଗ ପ୍ରବଚନରୁ ମୁଁ ଶୁଣିଥିଲି ଯେ ପୂର୍ଣ୍ଣ ପରମାତ୍ମା ବନ୍ଦୀ ମୁକ୍ତିଦାତା କବୀରଜୀ ଆମ୍ଭମାନଙ୍କର ସମସ୍ତ ପାପକୁ ନଷ୍ଟ କରିଦିଅନ୍ତି । ଏହାର ପ୍ରମାଣ ଋଗ୍ ବେଦ ମଣ୍ଡଳ ୧୦ ସୁକ୍ତ ୧୬୧ ମନ୍ତ୍ର ୨ ରେ ତଥା ମଣ୍ଡଳ ୯ ସୁକ୍ତ ୮୦ ମନ୍ତ୍ର ୨ ରେ ମଧ୍ୟ ଲେଖାଅଛି ଯେ କୌଣସି ରୋଗୀର ପ୍ରାଣଶକ୍ତି ଯଦି କ୍ଷୀଣ ହୋଇ ସାରିଥିବ ତଥା ତା'ର ଆୟୁଷ ମଧ୍ୟ ଶେଷ ହୋଇସାରିଥିବ ତେବେ ମୁଁ ତା' ପ୍ରାଣ ରକ୍ଷା କରିବି ଏବଂ ତାକୁ ଶହେବର୍ଷର ଆୟୁ ପ୍ରଦାନ କରିବି ଅର୍ଥାତ୍ ଆୟୁ ବଢ଼ାଇ ସାଧକକୁ ସର୍ବସୁଖ ପ୍ରଦାନ କରିବି ।

ସଜ୍ଜନ ବୃନ୍ଦ ! ସଦଗୁରୁ ରାମପାଲ ଜୀ ମହାରାଜ ନିଜ ଅମୃତବାଣୀରେ ଏହା ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ପ୍ରାଣୀ ନିଜ କୃତ କର୍ମାନୁସାରେ ସୁଖ ବା ଦୁଃଖ ଭୋଗ କରିଥାଏ । ପାପକର୍ମର ଫଳ ଦୁଃଖ ତଥା ପୂଣ୍ୟକର୍ମର ଫଳ ସୁଖ ଅଟେ । ବର୍ତ୍ତମାନ ସମୟର ସମସ୍ତ ସନ୍ଥ, ଆଚାର୍ଯ୍ୟ ଓ ଗୁରୁ ଏହା କହି ଆସୁଛନ୍ତି ଯେ ଆପଣଙ୍କୁ ପ୍ରାରବ୍ଧ କର୍ମ ଭୋଗକରି ହିଁ ସମାପ୍ତ କରିବାକୁ ପଡ଼ିବ । ହେ ସଭ୍ୟ ପାଠକଗଣ ! ସଦଗୁରୁ ରାମପାଲ ଜୀ ମହାରାଜ କହନ୍ତି ଯେ ପାପକର୍ମ ନାଶ ହୋଇଗଲେ ଦୁଃଖର ଅନ୍ତ ସ୍ୱତଃ ହୋଇଯାଏ । ଭକ୍ତି କରୁଥିବା ଅବସ୍ଥାରେ ଯଦି ପାପ କର୍ମଫଳ ଭୋଗିବାକୁ ପଡୁଛି ତେବେ ଭକ୍ତିର ଆବଶ୍ୟକତା ଏଠାରେ ସମାପ୍ତ ହୋଇଯାଉଛି । ଆମ୍ଭ ପ୍ରାରବ୍ଧ କର୍ମ କାରଣରୁ ୭ ସେପ୍ଟେମ୍ବର ୨୦୧୧ ରେ ମୋ ପୁଅ ମୋହିତର ମୃତ୍ୟୁ ହେବାର ଥିଲା । ଆମ୍ଭ ସଦଗୁରୁ ରାମପାଲ ଜୀ ମହାରାଜଙ୍କ କୃପାରୁ ପରମପୂଜ୍ୟ କବୀର ପରମେଶ୍ୱର ଜୀ ଆମ୍ଭ ପାପ ନାଶ କଲେ ତଥା ମୋ ପୁତ୍ରର ଜୀବନ ରକ୍ଷା କରି ଆୟୁ ବଢ଼ାଇ ଦେଲେ । ପ୍ରାରବ୍ଧ କର୍ମର ଫଳସ୍ୱରୂପ ୭ ସେପ୍ଟେମ୍ବର ୨୦୧୧ ରେ ଯଦି ମୋ ପୁଅ ମରି ଯାଇଥାନ୍ତା ତେବେ ପରିବାରର ସମସ୍ତ ସଦସ୍ୟ ଭକ୍ତି ତ୍ୟାଗ କରି ନିଶ୍ଚୟ ନାସ୍ତିକ ହୋଇ ଯାଇଥାନ୍ତୁ । କାରଣ ସେ ସମୟରେ ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ଆମ୍ଭର ପୂର୍ଣ୍ଣ ଜ୍ଞାନ ନଥିଲା । ଏବେ ଭଗବାନଙ୍କ ଉପରେ ଅତ୍ୟାଧିକ ବିଶ୍ୱାସ ବଢିଯାଇଛି । ଏହି ବିଶ୍ୱାସ ମଧ୍ୟ ହୋଇଗଲା ଯେ ପରମପୂଜ୍ୟ କବୀର ଜୀ ହିଁ ପରମେଶ୍ୱର ଅଟନ୍ତି । ସେ ପାପନାଶକ, ସର୍ବ ସୁଖଦାୟକ ଏବଂ ପୂର୍ଣ୍ଣମୋକ୍ଷ ଦାୟକ ଅଟନ୍ତି ତଥା ସଦଗୁରୁ ରାମପାଲଜୀ ମହାରାଜ ସେହି ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଅବତାର ଆଜି ଏହି ଧରା ପୃଷ୍ଠକୁ ଆସିଛନ୍ତି । ଅତଃ ଆପଣମାନଙ୍କୁ ପୁନଃ ପ୍ରାର୍ଥନା ଯେ ବିଳମ୍ବ ନକରି ସତ୍‌ଲୋକ ଆଶ୍ରମ ବରୱାଲାରେ ଶୀଘ୍ର ପହଞ୍ଚନ୍ତୁ ଏବଂ ନାମ ଉପଦେଶ ନେଇ ନିଜର କଲ୍ୟାଣ କରାନ୍ତୁ । ଆପଣମାନଙ୍କୁ ପ୍ରାର୍ଥନା କରିବାର ମୋର ଏହି ଉଦ୍ଦେଷ୍ୟ ଯେ ମୋ ପରି ଏମିତି ଅନେକ ଦୁଃଖୀ ବ୍ୟକ୍ତି ସଂସାରରେ ଅଛନ୍ତି, ସେମାନେ ଉପରେ ବର୍ଣ୍ଣିତ ମୋ ଆତ୍ମକଥାକୁ ପଢ଼ି, ବିଚାର କରି ମୋ ପରି ନିଜ ସଂକଟର ନିବାରଣ କରାଇବା ସହିତ ସୁଖୀ ହୋଇ ପାରିବେ ।

ୟହ ସଂସାର ସମଝଦା ନାହୀଁ, କହଁଦା ଶାମ ଦୋପହରେ ନୂଁ ।
ଗରୀବ ଦାସ ୟହ ୱକ୍ତ ଜାତ ହୈ, ରୋୱଗେ ଇସ ପହରେ (ସମୟ) ନୂଁ ॥

ଭକ୍ତ ସୁରେଶ ଦାସ, ପିତା- ଶ୍ରୀ ଚାଁଦ ରାମ, ଶାସ୍ତ୍ରୀ ନଗର, ରୋହତକ, ହରିୟାଣା,
ମୋ.ନଂ ୯୮୨୯୫୮୮୬୨୮

ସତ କବୀର ସାହେବଜୀ କୀ ଦୟା
ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ମହାରାଜ କୀ ଜୟ

ଯଜୁର୍ବେଦ ଅଧ୍ୟାୟ ୮ ର ମନ୍ତ୍ର ୧୩ ରେ ପ୍ରମାଣ ଅଛି ଯେ ପୂର୍ଣ୍ଣ ପରମାତ୍ମା ମହାପାପୀମାଙ୍କର ପାପ ନାଶକରି ଭୟଙ୍କର ରୋଗରୁ ମଧ୍ୟ ମୁକ୍ତ କରିଦିଅନ୍ତି । ମୁଁ ଏହାର ଜୀବନ୍ତ ଉଦାହରଣ ଅଟେ ।

ମୁଁ କେଶବ ମୈନାଲୀ, ପିତା- ଶ୍ରୀ ଇନ୍ଦ୍ର ପ୍ରସାଦ ମୈନାଲୀ, ଗ୍ରାମ- ବିକାଶ ସମିତି ହରିଓନ, ଜିଲ୍ଲା-

ସର୍ଲାହୀ, ନେପାଳର ବାସିନ୍ଦା ଏବଂ ବର୍ତ୍ତମାନ ମୁଁ କାଠମାଣ୍ଡୁ ଉପତ୍ୟକା ସ୍ଥିତ ଟିମୀ ଭକ୍ତପୁରରେ ଘର ତିଆରି କରି ରହୁଅଛି । ମୁଁ ତୁରେ ଭାବ୍ୱର (ନେପାଳ) ନାମକ ରାଜନୈତିକ ପାର୍ଟିର ଅଧ୍ୟକ୍ଷ ଏବଂ ପୂର୍ବତନ ସାଂସଦ ଅଟେ । ମୋ ମୋବାଇଲ ନଂ-୦୦୯୭୭-୯୮୪୧୮୯୨୫୮୩ ଅଟେ। ମୋ ଉପରେ ସଦ ଗୁରୁ ରାମପାଲଜୀ ମହାରାଜ ଚମତ୍କାରୀ କୃପାକରି ମୋର ଏବଂ ମୋ ପରିବାରର ସମସ୍ତ ଦୁଃଖକୁ ସମ୍ପୂର୍ଣ୍ଣ ଦୂରକରି ସୁଖୀ କରିଦେଲେ ।

ସମାଜ ଦୃଷ୍ଟିରେ ମୁଁ ଜଣେ ସୁଖୀ ଓ ସମ୍ମାନିତ ବ୍ୟକ୍ତି ରୁପେ ଜୀବନ-ଯାପନ କରୁଥିଲି କିନ୍ତୁ ବିଭିନ୍ନ ରୋଗ କାରଣରୁ ମୁଁ ବହୁତ ଦୁଃଖୀ ଥିଲି । ଦୀର୍ଘ ୨୦ ବର୍ଷରୁ ମୁଁ ଭୟଙ୍କର ଭଗନ୍ଦର ରୋଗରେ ପିଡୀତ ଥିଲି ଯେଉଁ କାରଣରୁ ଶୌଚ କରିବା ସମୟରେ ବହୁତ କଷ୍ଟ ପାଉଥିଲି, ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ କ୍ରୋନିକ୍ ବ୍ରୋଙ୍କାଇଟିସ୍ ରୋଗରେ ପିଡୀତ ଥିଲି । ରାଜନୈତିକ କର୍ମୀ ହୋଇଥିବା କାରଣରୁ ବହୁତ ଲୋକଙ୍କ ସହିତ ମିଳାମିଶା କରିବାକୁ ପଡୁଥିଲା । ନିଜ ଚିକିତ୍ସା ପାଇଁ ମୁଁ ସବୁଠାରୁ ଭଲ ଡାକ୍ତରଙ୍କ ସହ ପରାମର୍ଶ କଲି କିନ୍ତୁ କୌଣସି ଲାଭ ହେଲା ନାହିଁ । ଧର୍ମ ନାମରେ ଧନ୍ଦା କରୁଥିବା ଅଜ୍ଞାନୀ ସନ୍ଥମାନଙ୍କ ଠକାମିର ଶୀକାର ହୋଇ ନିଜ ଜୀବନର ମୁଲ୍ୟବାନ ୬୨ ବର୍ଷ ବ୍ୟର୍ଥ କରିଦେଲି ।

ସଦଗୁରୁ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେବା ପରେ ମୁଁ ଏହା ଅନୁଭବ କଲି । ନେପାଳ ସଂସଦର ସଦସ୍ୟ ହୋଇଥିବା କାରଣରୁ ସରକାରୀ ଖର୍ଚ୍ଚରେ ଦୁନିଆର ଯେ କୌଣସି ଡାକ୍ତରଖାନାରେ ମୁଁ ନିଜ ରୋଗର ଚିକିତ୍ସା କରାଇ ପାରିଥାନ୍ତି । କିନ୍ତୁ ନେପାଳ ମେଡ଼ିକାଲ ବୋର୍ଡ ଏଥିପାଇଁ ସୁପାରିଶ କଲାନାହିଁ, କାରଣ ସେମାନଙ୍କ ଅନୁସାରେ ମୋ ରୋଗ ଅସାଧ ଥିଲା ଏବଂ କୌଣସି ଡାକ୍ତର ମୋତେ ଭଲ କରିପାରିନଥାନ୍ତେ । ମୋତେ ଏପରି ଅନୁଭବ ହେବାକୁ ଲାଗିଲା ଯେପରି ଆଜୀବନ ଦୁଃଖ ଭୋଗିବାକୁ ପଡ଼ିବ ଏବଂ ସବୁ ଦିନ ପାଇଁ ଔଷଧ ଖାଇବାକୁ ପଡ଼ିବ।

ଦିନେ ମୁଁ ଶୋକମଗ୍ନ ହୋଇ ବସିଥାଏ, ମୋର ଜଣେ ମିତ୍ର ଭକ୍ତ ଭୋଳା ଦାସ କିଛି ବର୍ଷରୁ ଯିଏ ସଦଗୁରୁ ରାମପାଲ ଜୀ ମହାରାଜଙ୍କର ଶିଷ୍ୟ ଥିଲା ସେ ମୋ ଦୁଃଖ ବିଷୟରେ ଶୁଣି କହିଲେ ଯେ ସଦ ଗୁରୁଜୀଙ୍କଠାରୁ ନାମ ଉପଦେଶ ନେଲେ ଆପଣଙ୍କର ସମସ୍ତ ଦୁଃଖ-କଷ୍ଟ ନିଶ୍ଚୟ ଦୁର ହୋଇଯିବ। ଏହା କହି ମୋତେ ସେ ଭରଷା ଦେବାକୁ ଲାଗିଲେ । କଥାକଥିତ ବଡ଼-ବଡ଼ ସନ୍ଥମାନଙ୍କର ସତସଙ୍ଗ ଶୁଣି ମୁଁ ଥକି ସାରିଥିଲି । ଅନ୍ଧକାରରେ ଦୀପର ଆଲୋକ ସଦୃଶ୍ୟ ସେହି ମିତ୍ରର କଥା ମୋ ମନକୁ ଛୁଇଁଲା । ମୁଁ ତୃତୀୟ ଦିନରେ ହିଁ ସତ୍‌ଲୋକ ଆଶ୍ରମ, ଚଣ୍ଡିଗଡ଼ ରୋଡ୍ ବରୱାଲା, ଜିଲ୍ଲା ହିସାର, ହରିୟାଣା (ଭାରତ) କୁ ଯାତ୍ରା ଆରମ୍ଭ କରିଦେଲି ତଥା ନିଜ ପତ୍ନୀକୁ ମଧ୍ୟ ସାଙ୍ଗରେ ଆଣିଲି । କାରଣ ଆଣ୍ଠୁ-ଗଣ୍ଠି ସମସ୍ୟା କାରଣରୁ ସେ ମଧ୍ୟ ବହୁତ କଷ୍ଟ ପାଉଥିଲା । ଜଳବିନ୍ଦୁ ନାମକ ଏକ ଅସାଧ ଚକ୍ଷୁରୋଗରେ ମଧ୍ୟ ସେ ପିଡ଼ୀତ ଥିଲା। ନିଜ ସାନପୁଅର ପତ୍ନୀ (ବୋହୁ) କୁ ମଧ୍ୟ ସାଙ୍ଗରେ ଆଣିଲୁ। ମୋତେ ରାସ୍ତାରେ ନେପାଳର କିଛି ଭକ୍ତ ମିଳିଗଲେ ଯେଉଁମାନେ ସତ୍‌ଲୋକ ଆଶ୍ରମକୁ ଯାଉଥିଲେ । ଏହି ପ୍ରକାରେ ବିନା ଅସୁବିଧାରେ ମୁଁ ସତ୍‌ଲୋକ ଆଶ୍ରମରେ ପହଞ୍ଚିଗଲି ।

ସନ୍ଥ ଓ ମହନ୍ତମାନଙ୍କର ସ୍ୱାର୍ଥପର କାର୍ଯ୍ୟ ସହିତ ମୁଁ ଭଲ ଭାବେ ପରିଚିତ ଥିଲି ତଥା ସଦଗୁରୁ ରାମପାଲଜୀ ମହାରାଜଙ୍କର କୌଣସି ପୁସ୍ତକ ଓ ପ୍ରବଚନ ପୁର୍ବରୁ କେବେ ପଢ଼ିବା ଶୁଣିନଥିଲି, କୌଣସି ଲୋକର କଥାରେ ପ୍ରଭାବିତ ହୋଇ ଚାଲି ଆସିଥିଲି । ତେଣୁ ଆଶ୍ରମରେ ପହଞ୍ଚିବା କ୍ଷଣୀ ନାମ ଉପଦେଶ ନେବା ପାଇଁ ହଠାତ୍ ପ୍ରସ୍ତୁତ ହୋଇ ପାରିନଥିଲି । ସୌଭାଗ୍ୟର ବିଷୟ ଆଶ୍ରମରେ ମୋର ଆଗମନ ସତସଙ୍ଗ ସମାଗମ ସମୟରେ ହିଁ ହେଲା ଯାହାଦ୍ୱାରା ସଦଗୁରୁ ଦେବଙ୍କର ସତସଙ୍ଗ ମୋତେ ଶୁଣିବାକୁ ମିଳିଲା ଯେଉଁଥିରୁ ମୁଁ ଜାଣିବାକୁ ପାଇଲି ଯେ ଏହି ସଂସାରର ସମସ୍ତ ଧର୍ମଗୁରୁ, ସମସ୍ତ ପଣ୍ଡିତ ଓ ସମସ୍ତ ପୁରୋହିତ ନିଜ ସ୍ୱାର୍ଥ ପାଇଁ ଧର୍ମ ନାମରେ ଧନ୍ଦା ଚଳାଇଛନ୍ତି, ଲୋକମାନଙ୍କୁ କାଳ ଜାଲରେ ଫସାଇ, ଆମ୍ଭ ଭଳି ନିରୀହ ଆତ୍ମାମାନଙ୍କୁ ନର୍କକୁ ପଠାଇବା ପାଇଁ ପ୍ରପଞ୍ଚ ରଚୁଛନ୍ତି । ନା ପରେମଶ୍ୱରଙ୍କ ସହିତ ସେମାନଙ୍କର କେବେ ସାକ୍ଷାତକାର ହୋଇଛି, ନା ପରମେଶ୍ୱରଙ୍କର ସତ୍ୟ ଭକ୍ତିର ଜ୍ଞାନ ସେମାନଙ୍କର ଅଛି । କିଛି ଅର୍ଥ ଓ ସମାଜରେ ନିଜର ବଡ଼ପଣିଆ ଦେଖାଇବା ପାଇଁ ସେମାନେ ଏଭଳି କାର୍ଯ୍ୟ କରୁଛନ୍ତି । ତଥାପି ମୁଁ ନାମ ଉପଦେଶ ନେବା ପାଇଁ ପ୍ରସ୍ତୁତ ହୋଇ ପାରିନଥିଲି । କିନ୍ତୁ ମୋ ପତ୍ନୀ ନାମ ଉପଦେଶ ନେବା ପାଇଁ ପ୍ରସ୍ତୁତ ଥିଲା । କାରଣ ନାମଦୀକ୍ଷା ବିନା ଗୁରୁଙ୍କ ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତି କରିବା ସମ୍ଭବ

ନଥିଲା । ମୋ ଉପରେ ରାଜନୀତିର ରଙ୍ଗ ଚଢ଼ି ଯାଇଥିବାରୁ ମୁଁ କାହାକୁ ବିଶ୍ୱାସ କରି ପାରୁନଥିଲି । ପୁଣି ନିଜ ଭିତରେ ବିଚାର ବିମର୍ଷ କରି ୨ ମଇ ୨୦୧୨ ରେ ଆମ୍ଭେ ତିନି ଜଣ ନାମ ଉପଦେଶ ନେଲୁ ତଥା ଗୁରୁଜୀଙ୍କ ଦର୍ଶନ ପାଇଁ ଗଲୁ । ଆମ୍ଭ ଉପରେ କୃପାଦୃଷ୍ଟି ପକାଇବା ପାଇଁ ଦୟାର ସାଗର ସତେ ଯେମିତି ସେଠାରେ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲେ । ନିଜ ରୋଗ ବିଷୟରେ ମୁଁ କହିବା ଆରମ୍ଭ କରିବା ମାତ୍ରେ ସଦଗୁରୁଦେବ କହିଲେ "ସବୁ ଠିକ୍ ହୋଇଯିବ"। ମୋ ମୁଣ୍ଡ ଉପରେ ହାତ ରଖି ଆଶୀର୍ବାଦ ଦେଲେ ଏବଂ ମୋ ସହିତ ଚମତ୍କାର ଘଟିଗଲା । ସକାଳେ ଶୌଚ କରିବା ସମୟରେ ପାଇଖାନାରେ କିଛି ରକ୍ତ ପଡ଼ିବା ସହିତ ଭାବନ୍ତୁ ଭଗନ୍ଦର ସମ୍ପୂର୍ଣ୍ଣ ସମାପ୍ତ ହୋଇଗଲା । ଆଶ୍ରମରେ ଦୁଇଦିନ ରହିବା ପରେ କ୍ରୋନିକ୍ ବ୍ରୋଙ୍କାଇଟିସ୍ ପ୍ରାୟ ୮୦ ପ୍ରତିଶତ ଠିକ୍ ହୋଇଗଲା ଯାହା ଏବେ ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି । ଏକ ମାସ ଦୁଇ ମାସ ଅନ୍ତରାଳରେ କେବେ-କେବେ କାଶ ହୋଇଥାଏ । ପତ୍ନୀର ଆଣ୍ଠୁରୋଗ ମଧ୍ୟ ଠିକ୍ ହୋଇଗଲା । ଘରକୁ ଆସିବା ପରେ କାଠମାଣ୍ଡୁର ସେହି ହସ୍ପିଟାଲକୁ ଯାଇ ତାଙ୍କ ଆଖିର ପୁନଃ ପରୀକ୍ଷଣ କରାଇବା ସମୟରେ ଡାକ୍ତର ଆଶ୍ଚର୍ଯ୍ୟ ଚକିତ ହୋଇଗଲେ କାରଣ ଜଳବିନ୍ଦୁ ପରି କୌଣସି ରୋଗର ଚିହ୍ନବର୍ଣ୍ଣ ତାଙ୍କ ଆଖିରେ ନଥିଲା ଏବଂ ଆଖି ସମ୍ପୂର୍ଣ୍ଣ ଠିକ୍ ଥିଲା।

ମୋ ରୋଗ ମୁକ୍ତି କଥା(ଚମତ୍କାର) ପରିବାର, ବନ୍ଧୁ ବାନ୍ଧବ, ପଡ଼ୋଶୀ ସମେତ ଚାରିଆଡ଼େ ବ୍ୟାପିଗଲା । ମୋ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ କୌଣସି ନା କୌଣସି ରୋଗରେ ପିଡ଼ୀତ ଥିଲେ । ଯେପରି ମୋ ବଡ଼ ଭାଇ ନିଜେ ଜଣେ ଡାକ୍ତର ଥିଲେ କିନ୍ତୁ ତାଙ୍କ ସାରା ଶରୀର ଫୁଲି (Swelling) ଯାଉଥିଲା । ମୋ ଝିଅକୁ ମାସିକ ଧର୍ମ (ଋତୁସ୍ରାବ) ସମୟରେ ଅସାଧ ପେଟ ଯନ୍ତ୍ରଣା ହେଉଥିଲା । ମୋ ଦ୍ୱିତୀୟ ଝିଅ ଯିଏ ପେଶାରେ ଜଣେ ଓକିଲ, ସେ ସାଇଟିକା ଓ ସ୍ପାଇନାଲ କର୍ଡ ସମସ୍ୟା ଯୋଗୁଁ ଜୀବନ ପ୍ରତି ନିରାଶ ହୋଇ ସାରିଥିଲା ତଥା ମୋ ଭଉଣୀର ପତି ମଧ୍ୟ ଜଳବିନ୍ଦୁ ରୋଗରେ ପୀଡ଼ିତ ଥିଲେ। ମୋ ଉପରେ ସଦଗୁରୁ ଦେବଙ୍କର କୃପାଦୃଷ୍ଟି ଦେଖି ସେମାନେ ସମସ୍ତେ ପ୍ରଭାବିତ ହେଲେ । ସେତେବେଳକୁ ଆଶ୍ରମର ନିୟମ ଓ ଭକ୍ତି ମର୍ଯ୍ୟାଦା ସହିତ ମୁଁ ଅଳ୍ପ ବହୁତ ପରିଚିତ ହୋଇଯାଇଥିଲି। "ଜ୍ଞାନଗଙ୍ଗା" ପୁସ୍ତକ ଭଲ ଭାବେ ପଢ଼ିବା ପାଇଁ ସମସ୍ତଙ୍କୁ ମୁଁ ଅନୁରୋଧ କଲି। ଦ୍ୱିତୀୟଥର ଯେତେବେଳେ ମୁଁ ଆଶ୍ରମକୁ ଆସିଲି ସେତେବେଳେ ସମସ୍ତଙ୍କୁ ସାଙ୍ଗରେ ନେଇଆସିଲି । ନାମ ଉପଦେଶ ନେବା ପାଇଁ ସେମାନଙ୍କର କୌଣସି ଦ୍ୱିଧା ନଥିଲା । ସମସ୍ତେ ନାମ ଉପଦେଶ ନେଲେ ଏବଂ ବିଶ୍ୱାସର ସହିତ ଭକ୍ତି କଲେ । ଆଜି ସମସ୍ତେ ରୋଗମୁକ୍ତ ହୋଇ ସୁଖୀ ଜୀବନ ବିତାଉଛନ୍ତି ।

ସଦଗୁରୁ ରାମପାଲଜୀ ମହାରାଜ, ପୂର୍ଣ୍ଣ ପରମାତ୍ମାଙ୍କର କେବଳ ପ୍ରତିରୂପ ନୁହଁନ୍ତି, ସେ ହିଁ "ପୂର୍ଣ୍ଣ ପରମାତ୍ମା" ଅଟନ୍ତି, ଯିଏ ନିଜକୁ ଲୁଚାଇ ରଖିଛନ୍ତି ଏବଂ ନିଜକୁ "ପୂର୍ଣ୍ଣ ପରମାତ୍ମାଙ୍କର ଦାସ"ବୋଲି କହୁଛନ୍ତି ଏବଂ ଏହି ଧରିତ୍ରୀରେ ଫସି ରହିଥିବା ଜୀବମାନଙ୍କୁ ବନ୍ଧନ ମୁକ୍ତ କରି ସତ୍‌ଲୋକ ନେଇଯିବା ପାଇଁ ଆସିଛନ୍ତି । ଆମ୍ଭ ସଦଗ୍ରନ୍ଥରେ ମଧ୍ୟ ପ୍ରମାଣ ଅଛି ଯେ କଳିଯୁଗ ପାଞ୍ଚ ହଜାର ପାଞ୍ଚଶହ ପାଞ୍ଚବର୍ଷ ବିତିଯିବା ପରେ ତ୍ରାଣକର୍ତ୍ତା ସନ୍ଥ ଜଗତ ତାରଣ ପାଇଁ ଏହି ଧରିତ୍ରୀ ପୃଷ୍ଠରେ ପ୍ରକଟ ହେବେ।

"କବୀର, ପାଞ୍ଚ ହଜାର ଅରୂ ପାଞ୍ଚ ସୌ ପାଞ୍ଚ ଜବ କଲିଯୁଗ ବୀତ ଯାଏ
ମହାପୁରୁଷ ଫରମାନ ତବ ଜଗ ତାରଣ କୋ ଆଏ ॥"

ପ୍ରଭୁପ୍ରେମୀ ଭକ୍ତଗଣ ! ସମୟ ଆସିଯାଇଛି, ପୂର୍ଣ୍ଣସନ୍ଥ ମଧ୍ୟ ଆସିଯାଇଛନ୍ତି ଏବଂ ଜ୍ଞାନର ଅମୃତବର୍ଷା କରୁଛନ୍ତି । ବର୍ତ୍ତମାନର ସମସ୍ତ ନକଲୀ ସନ୍ଥ ମହନ୍ତ ରୂପୀ ଠକଙ୍କ କବଳରୁ ନିଜକୁ ବଞ୍ଚାନ୍ତୁ ଏବଂ ଶୀଘ୍ର ସଦଗୁରୁଙ୍କ ଚରଣକୁ ଆସି ନିଃଶୁଳ୍କ ନାମ ଉପଦେଶ ନେଇ ନିଜର କଲ୍ୟାଣ କରାନ୍ତୁ ଏବଂ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରନ୍ତୁ ।

॥ ସତ ସାହେବ ॥, କେଶବ ପ୍ରସାଦ ମୈନାଲୀ (ଦାସ),
କାଠମାଣ୍ଡୁ (ନେପାଳ), ଫୋନ୍ ନଂ + ୦୦୯୭୭-୯୮୪୧୮୯୨୫୮୩

"ସତ୍‌ଭକ୍ତି ଦ୍ୱାରା କ୍ୟାନସର ଓ କିଡନୀ ରୋଗରୁ ମୁକ୍ତି"

ମୁଁ ଭକ୍ତମତି ଜୟ ଶ୍ରୀ ଦାସୀ, ଗ୍ରାମ- ସୁଲଗାଁ, ଜିଲ୍ଲା- ଖଣ୍ଡବା, ତହସୀଲ- ପୁନାସା (ମ.ପ୍ର.) ର ନିବାସୀ। ବିବାହର ଆଠବର୍ଷ ପରେ ମୋର ଦେହ ଖରାପ ହୋଇଯାଇଥିଲା। ମୋ ସ୍ୱାମୀ ଚିକିତ୍ସା ପାଇଁ ମୋତେ ଆଖପାଖ ଗାଁର ଡାକ୍ତରମାନଙ୍କୁ ଦେଖାଇଲେ, କିନ୍ତୁ କୌଣସି ଲାଭ ମିଳିନଥିଲା। ବେଳକୁ ବେଳ

ମୋର ଶରୀର ଅଧିକ ଖରାପ ହେବାକୁ ଲାଗିଲା, ପୁଣି ମୋତେ ଇନ୍ଦୋର ମେଡିକେୟର ହସ୍ପିଟାରେ ଭର୍ତ୍ତିକରାଇଲେ ଯେଉଁଠାରେ ମୁଁ ୧୫ ଦିନ ପର୍ଯ୍ୟନ୍ତ ରହିଲି। ମୋର ଏକ ଡାକ୍ତରୀ ପରୀକ୍ଷା ମୁମ୍ବାଇରେ ହେଲା ଯେଉଁଥିରେ କି ୨୫ ହଜାର ଟଙ୍କା ଖର୍ଚ୍ଚ ହେଲା। ପରୀକ୍ଷାରୁ ଜଣାପଡ଼ିଲା କି ମୋର ଦୁଇଟିଯାକ କୀଡ଼ନୀରେ ଇନଫେକସନ୍ ହୋଇଛି ଏବଂ ମୋତେ ସାରା ଜୀବନ ପାଇଁ ଔଷଧ ଖାଇବାକୁ ପଡ଼ିବ। ୬ ବର୍ଷ ପର୍ଯ୍ୟନ୍ତ ମୋର ଚିକିତ୍ସା ଡ଼ା. ଅଂଶଦ ରିୟାଜଙ୍କ ତତ୍ତ୍ୱାବଧାନରେ ଚାଲିଲା କିନ୍ତୁ କୌଣସି ଲାଭ ହେଲାନାହିଁ। ଏହାପରେ ଆମ୍ଭେ ଇନ୍ଦୋରର ଆଇ.ଜୀ.ଛକ ପାଖରେ ଥିବା ଅନୂପ ନଗରରେ ଡା.ନରେଶ ପାହୱା ଏମ.ଡୀ.(ମେଡିସିନ), ଡୀ.ଏମ୍. (ନେଫ୍ରୋଲୋଜୀ, ପୀ.ଜୀ ଆଇ. ଚଣ୍ଡୀଗଡ଼ କିଡନୀ ରୋଗ ଏବଂ ଟ୍ରାଁସପ୍ଲାଣ୍ଟ ବିଶେଷଜ୍ଞ)ଙ୍କ ପାଖରେ ଚିକିତ୍ସା କରାଇଲୁ। ଚିକିତ୍ସା ବାବଦରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲା ଏବଂ ଔଷଧ ବାବଦରେ ପ୍ରତି ମାସରେ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଥିଲା। ସେହି ସମୟରେ ମୋର ବୟସ ମାତ୍ର ୨୬ ବର୍ଷ ଥିଲା ଏବଂ ଏକ ପୁତ୍ର ସନ୍ତାନ ମଧ୍ୟ ଥିଲା କିନ୍ତୁ ୧ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା କରାଇବା ପରେ ଡା. ନରେଶ କହିଲେ ଯେ ଏହି ଝିଅ ୧୦ ବର୍ଷରୁ ଅଧିକ ବର୍ଷ ବଞ୍ଚିବ ନାହିଁ। ଡାକ୍ତରଙ୍କର ଏହି କଥା ମୋ ପରିବାର ଲୋକଙ୍କ ଉପରେ ବଜ୍ରପାତ ହେଲାଭଳି ଲାଗିଲା କାରଣ ଯେତେବେଳେ ଅନ୍ତିମ ସମୟ ନିର୍ଦ୍ଧାରିତ ହୋଇଯାଏ, 'ଜୀବନର ଶେଷ ସମୟ' ମୃତ୍ୟୁ ଠାରୁ ବି ଅଧିକ କଷ୍ଟଦାୟକ ହୋଇଯାଏ।

ସେହି ସମୟରେ ପୂର୍ଣ୍ଣ ପରମାତ୍ମା ନୂତନ ଆଲୋକ ଦେଖାଇଲେ, ମୋ ମାଉସୀ ଝିଅ ରେଖା କ୍ୟାନସର ରୋଗରେ ପୀଡ଼ିତ ଥିଲା ଯିଏ ସନ ୨୦୧୩ ରେ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମ ଉପଦେଶ ନେଇଥିଲା। ସତ୍‌ଭକ୍ତି କରିବା ଦ୍ୱାରା ତା'ର କ୍ୟାନ୍‌ସର ରୋଗ ଭଲ ହୋଇଯାଇଥିଲା। ସେ ମୋତେ ନାମ ଉପଦେଶ ନେବା ପାଇଁ ପ୍ରେରଣା ଦେଲା। ମୁଁ ୨୨ ଅପ୍ରେଲ ୨୦୧୮ରେ ନାମ ଉପଦେଶ ନେଲି। ପୂର୍ଣ୍ଣ ବିଶ୍ୱାସର ସହିତ ସତ୍‌ଭକ୍ତି କରିବା ଦ୍ୱାରା ୧୫ ଦିନ ମଧ୍ୟରେ ମୋର ଔଷଧ ଖାଇବା ବନ୍ଦ ହୋଇଗଲା। ସନ୍ଥ ରାମପାଲଜୀ ମହାରାଜଙ୍କ ଦୟାରୁ ବର୍ତ୍ତମାନ ମୁଁ ସୁସ୍ଥ ଅଛି। ଆଜି ମୁଁ ପୂର୍ବଭଳି ସମସ୍ତ କାମ କରିପାରୁଛି। ମୋର ଜନ୍ମ ଏକ କୃଷକ ପରିବାରରେ। ଆଜି ମୁଁ ଜମିରେ କାମ କରିପାରୁଛି କିନ୍ତୁ ରୋଗଗ୍ରସ୍ତ ଥିବା ସମୟରେ ମୁଁ ଖାଦ୍ୟ ବି ଠିକ୍‌ରେ ଖାଇ ପାରୁନଥିଲି।

ଯଦି ଆପଣ ମୋ ଅନୁଭବ ପଢ଼ି କିଛି ବୁଝିବାକୁ ଚାହୁଁଛନ୍ତି ତେବେ ମୋ ଫୋନ ନଂ-୯୯୭୭୪୧୩୬୫୨ରେ ଆପଣ ଫୋନ କରି ବୁଝିପାରିବେ ଏବଂ ସମସ୍ତ ଡାକ୍ତରୀ ରିପୋର୍ଟ ମୁଁ ଦାୟିତ୍ୱରେ ରଖିଛି, ପ୍ରମାଣ ପାଇଁ ଦେଖାଇ ପାରିବି କିମ୍ବା ହ୍ୟାଟସ୍‌ଆପ କରିପାରିବି। ସମାଜର ସମସ୍ତ ଭାଇଭଉଣୀମାନଙ୍କୁ ଏହି ପ୍ରାର୍ଥନା ଯେ ସନ୍ଥ ରାମପାଲଜୀ ମହାରାଜଠାରୁ ନାମଦୀକ୍ଷା ନିଅନ୍ତୁ ଏବଂ ନିଜର ତଥା ନିଜ ପରିବାରର କଲ୍ୟାଣ କରନ୍ତୁ।

ମନୁଷ୍ୟ ଜନ୍ମ ଦୁର୍ଲଭ ହୈ ମିଲେନା ବାରମ୍ବାର, ତରୁବର ସେ ପତା ଟୂଟ ଗୀରେ, ଫୀର ବହୁର ନ ଲଗତା ଡାର।

ଭକ୍ତମତୀ ଜୟଶ୍ରୀ ଦାସୀ, ଗ୍ରାମ-ସୁଲଗାଓଁ, ତହସିଲ-ପୁନାସା, ଜିଲ୍ଲା- ଖଣ୍ଡୱା (ମ.ପ୍ର.),
ମୋ. ନଂ-୯୯୭୭୪୧୩୬୫୨

## "ପୂର୍ଣ୍ଣ ସଦଗୁରୁ ନିଶା କବଳରୁ ମୁକ୍ତ କରାଇପାରନ୍ତି"

ମୋର ନାମ ଚେତରାମ ଦାସ। ମୁଁ ଖରଗୌନ ମଧ୍ୟପ୍ରଦେଶର ବାସିନ୍ଦା। ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସିବା ପୂର୍ବରୁ ମୁଁ ଗାୟତ୍ରୀ ପରିବାର ସହିତ ଜଡ଼ିତ ଥିଲି। ଗାୟତ୍ରୀ ପରିବାରରେ ମୁଁ ୨୦ ବର୍ଷ ପର୍ଯ୍ୟନ୍ତ ଭକ୍ତି କରିଛି। ମୁଁ ଆଧ୍ୟାତ୍ମିକ ଜ୍ଞାନର ସନ୍ଧାନରେ ଥିଲି କିନ୍ତୁ ଗାୟତ୍ରୀ ପରିବାରରୁ ମୋତେ କୌଣସି ପ୍ରକାର ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି ହେଲା ନାହିଁ। ଗାୟତ୍ରୀ ପରିବାରରୁ ମୋତେ କୌଣସି ପ୍ରକାରର ସନ୍ତୁଷ୍ଟି ମିଳିଲା ନାହିଁ ତଥା ସେହି ଭକ୍ତିରୁ ମୋତେ କୌଣସି ଲାଭ ମିଳିଲା ନାହିଁ। ମୁଁ ନିଶାସେବନ ମଧ୍ୟ କରୁଥିଲି ଯେପରିକି ତମ୍ବାଖୁ,ବିଡ଼ୀ ଓ ସିଗାରେଟ୍ ଆଦି ସେବନ କରୁଥିଲି। ମୁଁ କୌଣସି ପ୍ରକାରେ ନିଶା ଛାଡି ପାରୁନଥିଲି। ମୁଁ ୨୪ ଜାନୁୟାରୀ ୨୦୧୪ ରେ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମ ଉପଦେଶ ନେଲି। ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେବାର ପ୍ରେରଣା ମୋତେ ଜ୍ଞାନ ଗଙ୍ଗା ପୁସ୍ତକ ପଠନରୁ ମିଳିଥିଲା। ମୋର ଗୋଟିଏ ଝିଅ ଅଛି। ସେ ସନ୍ଥରାମପାଲଜୀ ମହାରାଜଙ୍କ ବରୱାଲା ଆଶ୍ରମକୁ ଯାଇଥିଲା। ଯେବେ ସେ ଆଶ୍ରମରୁ ଫେରିଲା ସାଥିରେ ଜ୍ଞାନ ଗଙ୍ଗା ପୁସ୍ତକ ନେଇକରି

ଆସିଥିଲା । ଯେତେବେଳେ ମୁଁ ସେହି ପୁସ୍ତକଟିକୁ ପଢ଼ିଲି ସେତେବେଳେ ମୋତେ ବାସ୍ତବିକ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି ହେଲା, ତା'ପରେ ମୁଁ ସନ୍ଥ ରାମପାଲଜୀ ମହାରାଜଜୀଙ୍କ ଶରଣାପନ୍ନ ହୋଇ ସେଠାରୁ ନାମ ଉପଦେଶ ନେଲି ।

ସନ୍ଥ ରାମପାଲଜୀଙ୍କ ଠାରୁ ନାମ ଉପଦେଶ ନେବା ପରେ ମୋତେ ବହୁତ ଲାଭ ମିଳିଥିଲା । ସର୍ବ ପ୍ରଥମେ ମୋତେ ଏହି ଲାଭ ମିଳିଲା କି ମୋ ଝିଅ ରେଖା ଯିଏ କ୍ୟାନସର ରୋଗରେ ପିଡୀତ ଥିଲା, ଡାକ୍ତର ତାକୁ କ୍ୟନସର ହୋଇଛି ବୋଲି କହିଥିଲେ, ତାକୁ ଆମେ ବଡ଼ ବଡ଼ ଡାକ୍ତରଙ୍କ ପାଖକୁ ନେଇ ଦେଖାଇଲୁ । ମୁମ୍ବାଇର ହସ୍ପିଟାଲରେ ମଧ୍ୟ ଚିକିତ୍ସା କରାଯାଇଥିଲା । ଦୁଇଥର ଅପରେସନ ହୋଇସାରିଥିଲା କିନ୍ତୁ କୌଣସି ଲାଭ ମିଳୁନଥିଲା । ତାକୁ ସ୍ତନ କର୍କଟ ରୋଗ ହୋଇଥିଲା । ମୁଁ ମୋ ଝିଅର ଚିକିତ୍ସା ଅନେକ ଡାକ୍ତରଙ୍କ ପାଖରେ କରାଇଥିଲି । ବହୁତ ପଇସା ଖର୍ଚ୍ଚ କଲି କିନ୍ତୁ କେଉଁଠାରୁ ବି ଲାଭ ମିଳୁନଥିଲା । ମୁଁ ନିରାଶ ହୋଇସାରିଥିଲି କିନ୍ତୁ ଯେତେବେଳ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମ ଉପଦେଶ ନେଲି ତା'ପରେ ସେ ସମ୍ପୂର୍ଣ୍ଣ ଠିକ୍ ହୋଇଗଲା । ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମ ଉପଦେଶ ନେବା ପରଠାରୁ ନାଁ ତାକୁ କୌଣସି ଡାକ୍ତର ପାଖକୁ ନେଇକରି ଯାଇଛି, ନା କୌଣସି ପ୍ରକାର ଔଷଧ ସେ ଖାଇଛି । କେବଳ ସନ୍ଥ ରାମପାଲଜୀ ମହାରାଜଙ୍କ ଆଶୀର୍ବାଦରୁ ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛି ।

ମୋର ଜଣେ ଭଉଣୀକୁ ଡାଇବେଟିସ୍ ଥିଲା । ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା । ମୁଁ ନିଶା ସେବନ କରୁଥିଲି ଏବଂ ମୁଁ ଅନୁଭବ କରୁଥିଲି ଯେ ମୋର ନିଶାସେବନ ଅଭ୍ୟାସ କେବେ ବି ଦୂର ହେବ ନାହିଁ । ମୁଁ ଏକ ସମୟର ଖାଦ୍ୟ ଛାଡ଼ି ଦେଇପାରେ କିନ୍ତୁ ନିଶାସେବନ ଛାଡ଼ି ପାରିବି ନାହିଁ କିନ୍ତୁ ସନ୍ଥରାମପାଲଜୀ ମହାରାଜଙ୍କ ଦୟାରୁ ଆଜି ମୁଁ କୌଣସି ପ୍ରକାରର ନିଶାଦ୍ରବ୍ୟ ସେବନ କରୁନାହିଁ । ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସିବା ପରେ ମୁଁ ଜାଣିପାରିଲି ଯେ ଆଜି ଲୋକମାନଙ୍କୁ ଏତେ ଲାଭ ମିଳୁଛି କିପରି, ଯେଉଁ ଭକ୍ତିବିଧି ସନ୍ଥରାମପାଲଜୀ ମହାରାଜ ବତାଉଛନ୍ତି ତାହା ଶାସ୍ତ୍ରାନୁକୂଳ ଅଟେ । ସମସ୍ତ ଶାସ୍ତ୍ରରେ ଏହି ଭକ୍ତିର ପ୍ରମାଣ ଅଛି । ସନ୍ଥ ରାମପାଲଜୀ ମହାରାଜ ଶାସ୍ତ୍ର ଅନୁସାରେ ହିଁ ଭକ୍ତିବିଧି ବତାଇଥାନ୍ତି । ତାଙ୍କ ଭକ୍ତିମନ୍ତ୍ରରେ ଏତେ ଶକ୍ତି ଅଛି ଯେ ଆପଣଙ୍କର ବଡ଼ ବଡ଼ ରୋଗ ମଧ୍ୟ ଭଲ ହୋଇପାରିବ, ଯଦି ଆପଣ ନିଶାସେବନ କରୁଛନ୍ତି ତେବେ ତାହା କେବଳ ସତ୍ୟଭକ୍ତି ଦ୍ୱାରା ହିଁ ଦୂର ହୋଇପାରିବ । ଆଜି ସରକାର ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଖର୍ଚ୍ଚକରି ନିଶାମୁକ୍ତି ଅଭିଯାନ ଚଲାଇଛନ୍ତି କିନ୍ତୁ ତାହା ସଫଳ ହୋଇପାରୁନାହିଁ । ଅନ୍ୟ ପକ୍ଷରେ ସନ୍ଥ ରାମପାଲଜୀ ମହାରାଜ କେବଳ ନିଜ ଆଧ୍ୟାତ୍ମିକ ଜ୍ଞାନ ବଳରେ ଏହାକୁ ସମ୍ଭବ କରିପାରିଛନ୍ତି ।

ଲୋକମାନଙ୍କୁ ମୁଁ ଏହା କହିବାକୁ ଚାହେଁ ଯେ ଆପଣମାନେ ଯଥାଶୀଘ୍ର ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣାପନ୍ନ ହୁଅନ୍ତୁ ଏବଂ ତାଙ୍କଠାରୁ ନାମଦୀକ୍ଷା ନେଇ ମୋକ୍ଷ ପ୍ରାପ୍ତ କରନ୍ତୁ । ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେବା ପାଇଁ ବିଭିନ୍ନ ଟି.ଭି. ଚ୍ୟାନେଲରେ ପ୍ରସାରିତ ହେଉଥିବା ତାଙ୍କ ସତ୍‌ସଙ୍ଗରୁ ଆପଣ ମୋବାଇଲ ନମ୍ବର ପ୍ରାପ୍ତି କରିପାରିବେ ଏବଂ ସେହି ନମ୍ବରଗୁଡ଼ିକରେ ସମ୍ପର୍କ କରି ଆପଣ ନିକଟସ୍ଥ ନାମଦାନ ସେଣ୍ଟର ବିଷୟରେ ସୂଚନା ପ୍ରାପ୍ତି କରିପାରିବେ ଏବଂ ସେଠାକୁ ଯାଇ ନାମଦୀକ୍ଷା ପ୍ରାପ୍ତି କରିପାରିବେ ।

ଭକ୍ତ ଚେତାରାମ ଦାସ, ମୋ. ନମ୍ବର - ୬୨୬୬୨୨୦୫୮୯

## କ୍ୟାନସର ରୋଗକୁ ସମାପ୍ତ କଲେ ଗୁରୁଜୀ ।

ମୋର ନାମ ଭକ୍ତ ବୀରେନ୍ଦ୍ର ଦାସ, ଗ୍ରାମ- ଖେରାଣୀ, ତହସିଲ- ଅଟେଲୀ, ଜିଲ୍ଲା- ମହେନ୍ଦ୍ରଗଡ଼ର ମୁଁ ବାସିନ୍ଦା । ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେବା ପୂର୍ବରୁ ମୁଁ ଦୂର୍ଗାଙ୍କର ପୂଜା ତଥା ଆମଘରେ ହେଉଥିବା ପାରମ୍ପାରିକ ପୂଜାପାଠ ମଧ୍ୟ କରୁଥିଲି । ମୋ ବାପା କ୍ୟାନସର ରୋଗରେ ପୀଡ଼ିତ ଥିଲେ । ଏତେ ଭକ୍ତି କରିବା ପରେ ମଧ୍ୟ ସେ ସୁସ୍ଥ ହୋଇପାରୁନଥିଲେ । ମୁଁ ୨୦୧୪ରେ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେଇଥିଲି । ଏଭଳି ଏକ ଘଟଣା ଘଟିଲା କି ମୋ ସହିତ ମିଲିଟାରୀରେ ଥିବା ଜଣେ ବ୍ୟକ୍ତି ଅଚାନକ ମୃତ୍ୟୁବରଣ କଲା ତେଣୁ ମୁଁ ଭାବିଲି ଯେ ମୋ ନମ୍ବର ମଧ୍ୟ ଆସିବ । ଏହି ବିଚାର କରି ମୁଁ ନାମଦୀକ୍ଷା ନେଇଥିଲି । ନାମଦୀକ୍ଷା ନେବାପରେ ଦିନେ ସକାଳ ଉଠି ମୁଁ କାରରେ ଅଟେଲୀ ଯାଉଥିବା ସମୟରେ ମୋତେ ନିଦ ଆସିଗଲା । ସେତେବେଳକୁ ମୁଁ ପ୍ରଥମ ନାମ

ନେଇଥିଲି। ପ୍ରାୟ ପାଞ୍ଚ କି.ମି. ପର୍ଯ୍ୟନ୍ତ ମୁଁ ନିଦରେ ଗାଡ଼ିଚାଳନା କରିଥିଲି, ତା'ପରେ ଗାଡି ଗଛ ସହିତ ଧକ୍କା ହୋଇଗଲା, ପୁରା ଗାଡିଟି ନଷ୍ଟ ହୋଇଗଲା କିନ୍ତୁ ପରମାତ୍ମାଙ୍କ କୃପାରୁ ମୋ ମୁଣ୍ଡ ଓ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିଲା।

୨୦୧୭ ମସିହାରେ ମୋ ବାପା ଅସୁସ୍ଥ ହୋଇଗଲେ। ଆମ୍ଭେ ମଙ୍ଗୁଳତି ବେଭାର ନେଇକରି ଯାଉଥିଲୁ। ରାସ୍ତାରେ ତାଙ୍କ ପରିଶ୍ରା ବନ୍ଦ ହୋଇଗଲା। ମଙ୍ଗୁଳତି ବେଭାର ଦିଆ ଯାଇପାରିଲା ନାହିଁ, ମୁଁ ବାପାଙ୍କୁ ହସ୍ପିଟାଲକୁ ନେଇଯାଇ କହିଲି ଯେ ତାଙ୍କ ପରିଶ୍ରା ବନ୍ଦ ହୋଇଯାଇଛି, ପୁଣି ସେଠାରୁ ମୁଁ ଝୁଁଝୁଁନୁ ଗଲି, ଡାକ୍ତର ସେଠାରେ ଅପରେସନ କଲେ। ନାରନୌଲ ଆସି ଚେକଅପ କରିବାରୁ ଡାକ୍ତର କହିଲେ ଯେ ଆପଣଙ୍କ ବାପାଙ୍କୁ କ୍ୟାନ୍‌ସର ହୋଇଛି। ସେତେବେଳକୁ ମୋ ପିତାଜୀ ନାମଦୀକ୍ଷା ନେଇନଥିଲେ।

୨୦୧୭ ଜୁଲାଇ ୨ ତାରିଖରେ ନାରନୌଲରେ ଚେକଅପ କରି ପୁଣି ଜୟପୁର ଗଲୁ, ସେଠାରେ ମଧ୍ୟ କ୍ୟାନସର ହୋଇଛି ବୋଲି କହିଲେ। ତା'ପରେ ବାପାଙ୍କୁ, ସନ୍ଥ ରାମପାଲଜୀଙ୍କ ନିକଟରୁ ନାମ ଉପଦେଶ ଦେଲୁ। ସନ୍ଥ ରାମପାଲଜୀଙ୍କ କୃପାରୁ ବାପା ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କ ବୟସ ବର୍ତ୍ତମାନ ୮୨ ବର୍ଷ ଅଟେ। ଅଳ୍ପ ବହୁତ ଔଷଧ ଦେଇଥିଲୁ, ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେବା ପୂର୍ବରୁ ଅପରେସନ ମଧ୍ୟ କରାଯାଇଥିଲା କିନ୍ତୁ କ୍ୟାନ୍‌ସର ତ ସନ୍ଥ ରାମପାଲଜୀ ମହାରାଜଙ୍କ କୃପାରୁ ଭଲ ହେଲା। ମୋ ପାଖରେ ସମସ୍ତ ରିପୋର୍ଟ ମଧ୍ୟ ଅଛି। ଛୋଟ ବଡ ପାରିବାରିକ ଲାଭ ତ ଆମ୍ଭକୁ ମିଳୁଛି।

ମୋ ବାପାଙ୍କ କ୍ୟାନ୍‌ସର ରୋଗ ଦୁଇ ଦୁଇଟି ସ୍ଥାନରେ ଚିକିତ୍ସା ତଥା ଅପରେସନ କରି ମଧ୍ୟ ଠିକ୍ ହୋଇନଥିଲା। କିନ୍ତୁ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ଦୀକ୍ଷା ନେଇ ଗୁରୁଙ୍କ ଦ୍ୱାରା ବତାଯାଇଥିବା ଭକ୍ତିବିଧିକୁ ଅନୁସରଣ କରିବା ଦ୍ୱାରା କ୍ୟାନ୍‌ସର ରୋଗ ସମାପ୍ତ ହୋଇଗଲା। ଏହା ବହୁତ ବଡ଼ ଚମତ୍କାର ଅଟେ।

ସମସ୍ତ ଭାଇ-ଭଉଣୀ ଯେଉଁମାନେ କ୍ୟାନସର ବା କୌଣସି ଅସାଧ୍ୟ ରୋଗରେ ପୀଡ଼ିତ ଅଛନ୍ତି ସେମାନଙ୍କୁ ମୋର ପ୍ରାର୍ଥନ ଯେ ସନ୍ଥ ରାମପାଲଜୀଙ୍କ ଠାରୁ ଦୀକ୍ଷା ନିଅନ୍ତୁ। ସେମାନଙ୍କର ରୋଗ ଭଲ ହେବା ସହିତ ମୋକ୍ଷ ମଧ୍ୟ ମିଳିବ।

ଭକ୍ତ ବୀରେନ୍ଦ୍ର ଦାସ, ମୋ. ନଂ.୮୯୦୧୦୧୫୮୩୮

## "ପରମାତ୍ମା ଆୟୁ ବଢ଼ାଇ ଦେଲେ"

ମୋର ନାମ ରୂପାଲୀ ପାଟିଲ, ମୁଁ ପୂନା (ମହାରାଷ୍ଟ୍ର)ର ବାସିନ୍ଦା। ମୁଁ ମରାଠୀରେ ଗ୍ରାଜୁଏଟ ଅଟେ। ମୁଁ ଦେବୀ ଦେବତାଙ୍କର ପରମ୍ପରାଗତ ଭକ୍ତି କରୁଥିଲି। ମୋ ପତି ଅଟମୋବାଇଲ ବ୍ୟବସାୟ କରନ୍ତି ତେଣୁ ଭୋଜି-ଭାତ (ପାର୍ଟି)ରେ ଯୋଗଦେବାକୁ ଯାଇ ଡ୍ରିଙ୍କସ୍ କରନ୍ତି। ସେ ଘରକୁ ଫେରିବା ପରେ ଆମ ଭିତରେ ଝଗଡା ହେଉଥିଲା। ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ତାଙ୍କର ନିଶା ଅଭ୍ୟାସ ଛାଡୁନଥିଲା, ତେଣୁ ମୁଁ ବହୁତ ଚିନ୍ତିତ ରହୁଥିଲି। ମୁଁ ଯେଉଁ ଭକ୍ତି କରୁଥିଲି ସେଥିରୁ କୌଣସି ଲାଭ ମିଳୁନଥିଲା।

ଆମ୍ଭେ ୨୦୦୪ରେ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲୁ। ନାମଦୀକ୍ଷା ନେବାର ପ୍ରେରଣା ମୋତେ ପୁସ୍ତକ ପଠନରୁ ମିଳିଥିଲା। ମୋ ପତି ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେଲେ। ସେ ମୋତେ ସମସ୍ତ ନିୟମ ବତାଇବାକୁ ଯାଇ କହିଲେ ଯେ ମଦ୍ୟପାନ କରିବା ଅନୁଚିତ, ସିଗାରେଟ, ତମ୍ବାଖୁ ଓ ମାଂସ ସେବନ କରିବା ଅନୁଚିତ। ଚୋରୀ, ଠକାମି ଓ ବ୍ୟଭିଚାର କରିବା ଅନୁଚିତ। ଏହି ନିୟମଗୁଡ଼ିକୁ ମୋତେ ଭଲ ଲାଗିଲା। ଜୀବନରେ ପ୍ରଥମଥର ପାଇଁ ଏଭଳି ସନ୍ଥଙ୍କ ବିଷୟରେ ମୁଁ ଶୁଣିବାକୁ ପାଇଲି। ମୁଁ ଚାହୁଁଥିଲି କି ଆମ୍ଭେ କିପରି ଏକ ସୁଖମୟ ଜୀବନ-ଯାପନ କରିପାରିବୁ, ମୋ ସ୍ୱାମୀ କିପରି ସମସ୍ତ ପ୍ରକାରର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବେ। ତା'ସହିତ ପରନାରୀକୁ ମା-ଭଉଣୀ-ଝିଅ ନଜରରେ ଦେଖିବା, ଚୋରୀ ନକରିବା ତଥା କୌଣସି ପ୍ରକାରର ମନ୍ଦକାର୍ଯ୍ୟ ଠାରୁ ଦୂରେଇ ରହିଲେ କେତେ ଭଲ ହୁଅନ୍ତା। ଏହିପରି ବିଭିନ୍ନ ବିଚାର କରି ମୁଁ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେଲି।

ନାମ ନେବା ପରେ ମୋ ପତି ମଦ ପିଇବା ଛାଡ଼ିଦେଲେ ଯେଉଁ କାରଣରୁ ପାରିବାରିକ କଳହ ସମାପ୍ତ ହୋଇଗଲା। ମୋ ବେକରେ ଏକ ବଡ଼ ଟ୍ୟୁମର୍ ହୋଇଥିଲା, ଡାକ୍ତର କହିଲେ ଯେ ଏହା କ୍ୟାନ୍‌ସର ପରି ଲାଗୁଛି, ଆପଣ ଶିକ୍ଷୀତ, ଶୀଘ୍ର ମେଡିକାଲ ପ୍ରସେସ୍ କରାନ୍ତୁ। ରିପୋର୍ଟରେ କ୍ୟାନ୍‌ସର ବାହାରିଲା। ମୁଁ

ଗୁରୁଜୀଙ୍କୁ ପ୍ରାର୍ଥନା କରିବାରୁ ଗୁରୁଜୀ କହିଲେ, ଝିଅ ! ପରମାତ୍ମା ଦୟା କରିବେ ।

ମୋ ଜେଜେ ବାପା ଓ ମୋ ଦାଦା ପେଶାରେ ଡାକ୍ତର ଥିଲେ, ସେମାନଙ୍କୁ ମଧ୍ୟ କ୍ୟାନ୍‌ସର ହୋଇଥିଲା ଏବଂ ଅଳ୍ପ ବୟସରେ ସେମାନେ ମୃତ୍ୟୁବରଣ କରିଥିଲେ । ମୁଁ ତୃତୀୟ ପିଢ଼ୀର ଥିଲି ଏବଂ ମୋତେ ମଧ୍ୟ କ୍ୟାନ୍‌ସର ହେଲା । ଏକଦା କଲେଜରେ ମୋ ହସ୍ତରେଖା ଦେଖି ଜଣେ ଭବିଷ୍ୟବକ୍ତା କହିଥିଲେ ଯେ ଆପଣଙ୍କ ଆୟୁଷ ଅଧିକ ନୁହେଁ, ତାହା କେବଳ ୪୦ ବର୍ଷ ଏବଂ ଆପଣ ଏକ ଭୟଙ୍କର ରୋଗରେ ପୀଡ଼ିତ ହୋଇଯିବେ ଯାହାଦ୍ୱାରା ବାହାରକୁ ବାହାରିବା ଆପଣଙ୍କ ପାଇଁ କଠିନ ହୋଇଯିବ । ପୁଣି ସନ୍ଧ୍ୟାବେଳକୁ ଦ୍ୱିତୀୟ ଥର ଯେତେବେଳେ ରିପୋର୍ଟ ଆସିଲା ସେଥିରେ ଲେଖାଯାଇଥିଲା ଯେ ଏହା କେବଳ ଭାଇରାଲ ଇନ୍‌ଫେକ୍ସନ ଅଟେ । ପରମାତ୍ମା ସନ୍ଥ ରାମପାଲଜୀ ମହାରାଜ ମୋ କ୍ୟାନ୍‌ସର ରୋଗ ମଧ୍ୟ ସମାପ୍ତ କରିଦେଲେ ।

ଏକଦା ମୁମ୍ବାଇ ହାଇୱେରେ ମୋ ପତିଙ୍କ ସହିତ ବହୁତ ବଡ଼ ଦୁର୍ଘଟଣା ଘଟିଲା । କଣ୍ଟେନର, କାରକୁ ଦୁଇଥର ଧକ୍କା ଦେଇଥିଲା । ଧକ୍କା ହେବା କ୍ଷଣୀ ମୋ ପତି ଷ୍ଟେରିଙ୍ଗ୍ ଉପରେ ମୁଣ୍ଡ ରଖିଦେଇ ଗୁରୁଜୀ ଯେଉଁ ମନ୍ତ୍ର ଦେଇଥିଲେ ତାହା ଜପ କରିବାକୁ ଲାଗିଲେ । ସେହି ସମୟରେ ମୋର ଏବଂ ମୋ ପୁଅର ଚେହେରା ତାଙ୍କ ଆଖି ସାମ୍ନାକୁ ଆସିଲା, ଏପରି ଲାଗିଲା ଯେପରି ଶେଷ ସମୟ ପାଖେଇ ଆସିଛି । କିନ୍ତୁ ୫ ମିନିଟ୍ ପରେ ସେ ଅନୁଭବ କଲେ ଯେ ମୁଁ ଆରାମରେ କାର୍ ଚଲାଉଛି । ତା'ପରେ ସେ କେଉଁଠାରେ ନ ରହି ସିଧା ଘରେ ପହଞ୍ଚିଗଲେ । ଆମ୍ଭେ ଗାଡ଼ି ଦେଖୁ ତ ତାହା ପଛଆଡ଼ୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ସମସ୍ତ କହୁଥିଲେ ଯେ ଗାଡ଼ି ଲେଉଟି ପଡିଥିବ କିନ୍ତୁ ପରମାତ୍ମା ତାଙ୍କର ରକ୍ଷା କରିଥିଲେ ।

ମୋ ପୁଅ ପଢିବା ପାଇଁ ବାଙ୍ଗାଲୋର ଯାଇଥିଲା । ସେଠାରେ ତାକୁ ଚିକେନଫକ୍ସ ହୋଇଗଲା ।  ସେ ଏହା କହି କାନ୍ଦିବାକୁ ଲାଗିଲା ଯେ ମୋର ଏକ ମାସର ପାଠପଢା ଖରାପ ହୋଇଯିବ । ଆମ୍ଭେ ଆଶ୍ରମକୁ ଫୋନକରି ଗୁରୁଜୀଙ୍କୁ ପ୍ରାର୍ଥନା କରିବାରୁ ଗୁରୁଜୀ କହିଲେ, ଜ୍ୟୋତି ପ୍ରଜ୍ୱଳନ କର । ସେ ଜ୍ୟୋତି ପ୍ରଜ୍ୱଳନ କରିବା କ୍ଷଣୀ ସକାଳ ୧୦.୩୦ ରେ ତା ଚିକନଫକ୍ସ ଗାୟବ ହୋଇଗଲା । ସେ ଡାକ୍ତରଙ୍କୁ ଭେଟିବାରୁ ସେ କହିଲେ କି ମୁଁ ତୁମକୁ କାଲି କହିଥିଲି ଏବଂ ଆଜି ଚିକନଫକ୍ସ ଗାୟବ ହୋଇଗଲା, କେବଳ ପରମାତ୍ମା ହିଁ ଏହିଭଳି ଲୀଳା କରିପାରନ୍ତି ।

ମୁଁ ଏମିତି ଅନେକ ସନ୍ଥଙ୍କୁ ଦେଖିଛି ଯେଉଁମାନେ କି ସନ୍ଥ ରାମପାଲଜୀ ମହାରଜଙ୍କ ପରି ନିୟମ ବତାଇ କହନ୍ତି ଯେ ବିଡ଼ି, ତମ୍ବାଖୁ, ମଦ୍ୟ ଆଦି ନିଶାଦ୍ରବ୍ୟ ସେବନ କରିବା ଅନୁଚିତ କିନ୍ତୁ ସେମାନଙ୍କର କୌଣସି ଶିଷ୍ୟ ଏହା ଅନୁଶରଣ କରନ୍ତି ନାହିଁ । ସନ୍ଥ ରାମପାଲଜୀ ମହାରାଜଙ୍କ ବ୍ୟତୀତ ଅନ୍ୟ ସନ୍ଥମାନେ ଏହା କହିଥାନ୍ତି ଯେ ଠିକ୍ ଅଛି ଆପଣ ଅଳ୍ପ ବହୁତ ନିଶାସେବନ କରନ୍ତୁ ଏବଂ ନାମଦୀକ୍ଷା ମଧ୍ୟ ନିଅନ୍ତୁ, ଯେତେବେଳେ ଇଛା ହେବ ସେତେବେଳେ ନାମଦୀକ୍ଷା ଛାଡ଼ି ଦେବେ । ମୁଁ ଦେଖିଛି ଯେ ସରକାର କେବଳ କାଗଜରେ ଲେଖିବା ପାଇଁ ନିୟମ ତିଆରି କରୁଛନ୍ତି, ମୁଁ ସ୍ୱୟଂ ବିଭିନ୍ନ ସାମାଜିକ ସମସ୍ୟା ସମ୍ବନ୍ଧିତ ଅଲୋଚନା ଚକ୍ରରେ ଭାଗ ନେବା ସମୟରେ ଏହା ଦେଖିଛି । କାରଣ ସମାଜ କଲ୍ୟାଣ ପାଇଁ ପ୍ରତ୍ୟେକ ବର୍ଷ ଯଦି ଏତେ ନିୟମ ପ୍ରଣୟନ କରାଯାଉଛି ତେବେ ଏତେବେଳକୁ ପୁରା ସମାଜ ସୁଧୁରିଯିବା ଉଚିତ ।

ମୋ ଜାତକରେ ଲେଖାଥିଲା ଯେ ମୋ ଆୟୁ କେବଳ ୪୦ ବର୍ଷର ଅଟେ ଏବଂ ଏକ ଭୟଙ୍କର ରୋଗରେ ମୁଁ ପୀଡିତ ହେବି ଯେଉଁଥିରୁ ମୁକୁଳିପାରିବି ନାହିଁ । ଡାକ୍ତର କହିଥିଲେ ଯେ ମୋତେ ଗଳା କ୍ୟାନ୍‌ସର ହୋଇଛି । ସେତେବେଳକୁ ମୋର ବୟସ ୩୭ ବର୍ଷ ହୋଇଥିଲା । କିନ୍ତୁ ମୋ ଭାଗ୍ୟଲେଖାକୁ ସନ୍ଥ ରାମପାଲଜୀ ମହାରାଜ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇ ମୋ ଆୟୁଷ ବଢାଇ ଦେଲେ ।

ସମସ୍ତ ଭାଇ-ଭଉଣୀଙ୍କୁ ମୁଁ ଏହି ନିବେଦନ କରେ କି ସନ୍ଥ ରାମପାଲଜୀ ମହାରାଜଜୀଙ୍କ ଜ୍ଞାନକୁ ଶୁଣନ୍ତୁ, ତାଙ୍କର ଶରଣାପନ୍ନ ହୋଇ ଲାଭ ପ୍ରାପ୍ତ କରନ୍ତୁ । ଆମ୍ଭ ପବୀତ୍ର ଗ୍ରନ୍ଥରେ ଯାହା ଉଲ୍ଲେଖ ଅଛି ସେହି ଜ୍ଞାନ ସହିତ ରାମପାଲଜୀ ମହାରାଜ ଯେଉଁ ଜ୍ଞାନ ଦେଉଛନ୍ତି ତାହାର ତୁଳନା କରନ୍ତୁ । ଆପଣମାନେ ଶିକ୍ଷୀତ ହୋଇ ମଧ୍ୟ ପରମ୍ପରାଗତ ଭକ୍ତି କରୁଛନ୍ତି, ଦେବା-ଦେବୀଙ୍କର ପୂଜା କରୁଛନ୍ତି କିନ୍ତୁ କୌଣସି ଲାଭ ମିଳୁନାହିଁ । କାହାକୁ କ୍ୟାନ୍‌ସର ହୋଇଛି ତ କିଏ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛି । କିଛି ନା କିଛି ସମସ୍ୟା ମଧ୍ୟରେ ସମସ୍ତେ ଗତି କରୁଛନ୍ତି, ତେବେ ଏତେ ଭକ୍ତି କରି ମଧ୍ୟ ଏସବୁ କାହିଁକି ଘଟୁଛି ?

ତେଣୁ ଆପଣମାନଙ୍କୁ ମୋର କରବଦ୍ଧ ପ୍ରାର୍ଥନା ଯେ ସନ୍ଥ ରାମପାଲଜୀ ମହାରାଜଙ୍କ ସତ୍‌ସଙ୍ଗ ଶୁଣନ୍ତୁ, ଜ୍ଞାନକୁ ହୃଦୟଙ୍ଗମ କରନ୍ତୁ ଯାହାଦ୍ୱାରା ସମସ୍ତ ଶଙ୍କା ଦୂର ହୋଇଯିବ । ତାପରେ ତାଙ୍କଠାରୁ ଦୀକ୍ଷା ନିଅନ୍ତୁ

ଯାହାପାଇଁ ଆପଣଙ୍କୁ ଗୋଟିଏ ପଇସା ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ପୁଣି ସେ ଯେପରି କହିବେ ସେହିପରି ଭକ୍ତି ସାଧନା କରି ନିଜର କଲ୍ୟାଣ କରନ୍ତୁ।

ରୂପାଲୀ ପାଟିଲ, ମୋ. ନମ୍ବର – ୮୯୯୯୪୩୩୨୪୯

## ପଥଭ୍ରଷ୍ଟ ଭକ୍ତ ହନମତ ଦାସଙ୍କୁ ସହାୟ ହେବା

### ସଦଗୁରୁ ରାମପାଲଜୀ ମହାରାଜୀଙ୍କର ଅସୀମ କୃପା

ଏହି ଦାସର ନାମ ଭକ୍ତ ହନମତ ଦାସ, ଗ୍ରାମ– ହିନୌଦ, ତହସିଲ– ଜୈସୀ ନଗର, ଜିଲ୍ଲା– ସାଗର, ମଧ୍ୟପ୍ରଦେଶ। ମୋ ଜୀବନରେ ବନ୍ଦୀଛୋଡ଼ ସତଗୁରୁ ରାମପାଲଜୀ ମହାରାଜଜୀଙ୍କ ଆଶୀର୍ବାଦରୁ ଘଟିଥିବା ଚମତ୍କାରକୁ ମୁଁ କିଛି ଶବ୍ଦରେ ପ୍ରକାଶ କରିବାକୁ ଚେଷ୍ଟ କରିବାକୁ ଚାହୁଁଛି। ମୁଁ ଜୁଲାଇ ୨୦୧୪ରେ ନାମଦୀକ୍ଷା ନେଇଥିଲି ତଥା ବରୱାଲା ଆଶ୍ରମରେ ସଦଗୁରୁ ଦେବଜୀଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ କରିଥିଲି। କିନ୍ତୁ ୧୮ ନଭେମ୍ବର,୨୦୧୪ରେ ବରୱାଲା ଘଟଣା ଘଟିବା ପରେ ମୁଁ ସୁଚାରୁରୂପେ ଭକ୍ତି କରିପାରିନଥିଲି ଏବଂ ଭକ୍ତି ଛାଡ଼ିଦେଇ ଆନ୍ୟ ଉପାସନା ଆରମ୍ଭ କରିବାକୁ ଲାଗିଲି। ଏହାପରେ ସତଗୁରୁଦେବଙ୍କ ଆଦେଶ ଅନୁଯାୟୀ ଯେତେବେଳେ ମୋ ଜିଲ୍ଲାରେ ଏକ ଆଶ୍ରମ ଖୋଲିଲା ଏବଂ କିଛିଦିନ ପରେ ଏହି ଦାସ ମଧ୍ୟ ଆଶ୍ରମ ବିଷୟରେ ଜାଣିବାକୁ ପାଇଲା ସେତେବେଳେ ଆଶ୍ରମକୁ ଯାଇ ପୁଣି ଭକ୍ତି ପ୍ରାରମ୍ଭ କଲି, କିନ୍ତୁ ନାମଦୀକ୍ଷା ଗ୍ରହଣ କରିବା ପୂର୍ବରୁ ଯେଉଁ ନିୟମଗୁଡ଼ିକ ବତାଯାଇଥାଏ ଯେପରି ମଦ୍ୟପାନ ନ କରିବା, ତାସ ନ ଖେଳିବା, ମାଂସ ନ ଖାଇବା, ଅନ୍ୟ ପୂଜା ନ କରିବା, ଭ୍ରାଷ୍ଟାଚାର ନ କରିବା ଇତ୍ୟାଦି ନିୟମକୁ ଠିକ ଭାବରେ ପାଳନ କରୁନଥିଲି। ଯେଉଁଥିପାଇଁ ଦାସ ଏକ ଭୟଙ୍କର ରୋଗରେ ପୀଡିତ ହୋଇଗଲା ଯାହାର ନାମ ହେଉଛି "ଏପ୍ଲେଟିକ୍ ଏନିମିୟ"। ଏହା ଏପରି ଏକ ରୋଗ ଯାହା ପ୍ରଭାବରେ ରୋଗୀର ଶରୀରରେ ବ୍ଲଡ଼ (ରକ୍ତ) ତିଆରି ହେବା ବନ୍ଦ ହୋଇଯାଏ ଏବଂ ବ୍ଲଡ଼ ଟ୍ରାନ୍ସଫର କରିବାକୁ ପଡ଼ିଥାଏ ଅର୍ଥାତ୍ ବ୍ଲଡ଼ ବୋତଲ ଲଗାଇବାକୁ ପଡିଥାଏ। ଶରୀରରେ ରକ୍ତ କମ ହେବା ମାତ୍ରେ ରକ୍ତ ଦେବାକୁ ପଡିଥାଏ, ଯେ ପର୍ଯ୍ୟନ୍ତ ଶରୀରରେ ରକ୍ତ ଅଛି, ସେ ପର୍ଯ୍ୟନ୍ତ ରୋଗୀ ସୁସ୍ଥ ରହିବ ଏବଂ ଶରୀରରୁ ରକ୍ତ ସରିଯିବା ପରେ କିମ୍ବା କମ୍ ହୋଇଯିବା ପରେ ତାଙ୍କୁ ଡାକ୍ତର ଖାନାରେ ଭର୍ତ୍ତି କରିବାକୁ ପଡିଥାଏ।

ସନ୍ଥ ରାମପାଲଜୀ ମହାରାଜ ତାଙ୍କ ସତସଙ୍ଗରେ କୁହନ୍ତି :–

ଜବ ଲଗ ହଂସା ହମରୀ ଆନା, କାଳ ଲଗେ ନହୀଁ ତେରା ବାନା।

ଅର୍ଥାତ୍ ଯେପର୍ଯ୍ୟନ୍ତ ଭକ୍ତ ନିୟମ–ମର୍ଯ୍ୟାଦାରେ ଅଛି ସେପର୍ଯ୍ୟନ୍ତ ସେ କୌଣସି ସମସ୍ୟାରେ ସମ୍ମୁଖୀନ ହୁଏ ନାହିଁ କିନ୍ତୁ ମୁଁ ବାରମ୍ବାର ନିୟମ–ମର୍ଯ୍ୟାଦା ଖଣ୍ଡନ କରିଦେଉଥିଲି। ଏହି ଏପ୍ଲାଟିକ ଏନୀମିୟା ରୋଗର ଚିକିତ୍ସା ପାଇଁ ମୁଁ ଡାକ୍ତରଖାନାରେ ଚିକିତ୍ସିତ ହେଲି, ତା'ପରେ ଏପ୍ରିଲ ୨୦୧୮ରେ ନାଗପୁରକୁ ରେଫର୍ କରାଗଲା। ନାଗପୁର ମସକ୍ଷକୁ (ସିହୋ) ଡାକ୍ତରଖାନାରେ ଚିକିତ୍ସିତ ହେଲି। ଏହି ଡାକ୍ତରଖାନାରେ ସମସ୍ତ ପ୍ରକାରର ପରୀକ୍ଷା କରାଗଲା ଏବଂ "ଡାକ୍ତର ଅବିନାଶ ପୋପଲି" କହିଲେ ଯେ ବ୍ଲଡ଼ କ୍ୟାନ୍ସର ହୋଇଛି ଯେଉଁ କାରଣରୁ ଆପଣଙ୍କର ରକ୍ତ ପାଣି ହୋଇଯାଉଛି। ଏହାପରେ ଆମେ ଘରକୁ ଫେରି ଆସିଲୁ ଏବଂ ୧୮ ମଇ ୨୦୧୮ରେ ପୁଣି ରକ୍ତ କମିଯିବା କାରଣରୁ ନାଗପୁର ଗଲୁ ଏବଂ ଦିଲ୍ ବୋନମେରୋ ଟେଷ୍ଟର ରିପୋର୍ଟ ଆସିଲା,ପରମାତ୍ମା ସଦଗୁରୁ ରାମପାଲଜୀ ମହାରାଜଙ୍କ କୃପାରୁ ଏହି ରିପୋର୍ଟରେ ବ୍ଲଡ଼ କ୍ୟାନ୍ସର ନଥିଲା। କିନ୍ତୁ ଡା. ଅବିନାଶ ପୋପଲିଙ୍କ ରିପୋର୍ଟ ଆଧରରେ କହିଲେ ଯେ ଆପଣଙ୍କୁ "ଏପ୍ଲେଟିକ୍ ଏନିମିୟ"ହୋଇଛି ଯେଉଁ କାରଣରୁ ରକ୍ତ ତିଆରି ହେବା ବନ୍ଦ ହୋଇଯାଇଛି ଏବଂ ଏହାର ଅସ୍ଥାୟୀ ଚିକିତ୍ସା ହେଉଛି ବ୍ଲଡ଼ ବୋତଲ ଲଗାଇବା ଏବଂ ସ୍ଥାୟୀ ଚିକିତ୍ସା ହେଉଛି ବୋନମେରୋ ଟ୍ରାଁସପ୍ଲାଁଟ (Bone Marroew Transplant) ଯେଉଁଥିରେ ପୁନଃ ବ୍ଲଡ଼ ତିଆରି ହେବାର ୮୦% ଆଶା ଥାଏ ନଚେତ୍ ଜୀବନ ସାରା ରକ୍ତ ବୋତଲ ନେବାକୁ ପଡିବ ଏବଂ (Bone Marroew Transplant)ର ଖର୍ଚ୍ଚ ମଧ୍ୟ ଅଧିକ, ପ୍ରାୟ ୧୯ ଲକ୍ଷ ଟଙ୍କା।

ତା'ପରେ ଦାସ ଫୋନ ମାଧ୍ୟମରେ ସଦଗୁରୁଜୀଙ୍କୁ ପ୍ରାର୍ଥନା କଲା ଏବଂ ସଦଗୁରୁଦେବଙ୍କର ଆଦେଶ ଆସିଲା ଯେ ନାମ ଶୁଦ୍ଧିକରଣ କରି ନିୟମ–ମର୍ଯ୍ୟାଦା ଅନୁଯାୟୀ ଭକ୍ତି କର, ପରମାତ୍ମା ଦୟାକରିବେ। ସଦଗୁରୁଙ୍କ ଆଦେଶ ଆସିବା ପରେ ଧୀରେ ଧୀରେ ଦାସକୁ ଆରାମ ମିଳିଲା। ପ୍ରଥମେ ପ୍ରଭୁଙ୍କ ଦୟାରୁ ସମୟାନୁସାରେ ବ୍ଲଡ଼ର ଆବଶ୍ୟକତା ପୂରଣ ହେବାକୁ ଲାଗିଲା ଏବଂ ତା'ପରେ ଏପ୍ରିଲ ୨୦୧୯ ଆଡକୁ

ଦାସଙ୍କୁ ରକ୍ତର ଆବଶ୍ୟକତା ପଡିଲା ନାହିଁ। ପ୍ରାୟ ୧ ବର୍ଷ ପର୍ଯ୍ୟନ୍ତ ଏହି ରୋଗରେ ପୀଡିତ ରହିବା ପରେ ଆଜି ଏହି ଦାସ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ବ୍ଲଡ଼ର ଆବଶ୍ୟକତା ନାହିଁ। ଏହି ରୋଗରେ ପୀଡିତ ହେବା ପରେ ଦାସର ହିମୋଗ୍ଲୋବିନ ୨ ରୁ ୩ ଗ୍ରାମ ମଧ୍ୟରେ ଓ ପ୍ଲେଟଲେଟ୍ସ ୨୦୦୦ ପର୍ଯ୍ୟନ୍ତ ରହୁଥିଲା। ଏହି ଦାସ ଦିଲ୍ଲୀ ଏମ୍ସରେ ମଧ୍ୟ ଚିକିତ୍ସା କରାଇଥିଲା, ଇନ୍ଦୋରର ଡା. ଏ.କେ. ଦ୍ୱିବେଦୀଙ୍କ ପାଖକୁ ମଧ୍ୟ ଯାଇଥିଲି, ଜବଲପୁର, ଭୋପାଳ, ନାଗପୁର ଓ ଅନେକ ସ୍ଥାନରୁ ଔଷଧ ଖାଇଥିଲି କିନ୍ତୁ କୌଣସି ଆରାମ ମିଳିଲା ନାହିଁ କେବଳ ପରମାତ୍ମା ସଦଗୁରୁ ରାମପାଲ ମହାରାଜଜୀଙ୍କ ଦ୍ୱାରା ପ୍ରଦତ୍ତ ଭକ୍ତି ଦ୍ୱାରା ଦାସ ବର୍ତ୍ତମାନ ସୁସ୍ଥ ଅଛି ଏବଂ ବିନା ଔଷଧରେ ଆଜି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ବନ୍ଦୀଛୋଡ଼ ସଦଗୁରୁ ରାମପାଲଜୀ ଭଗବାନଙ୍କୀ ଦୟା।

ସଦଗୁରୁଙ୍କ ଚରଣର ଦାସ।

ଭକ୍ତ ହନମତ ଦାସ, ଗ୍ରାମ : ହିନୌଦ, ତହସୀଲ : ଜୈସୀ ନଗର, ଜିଲ୍ଲା : ସାଗର, (ମ. ପ୍ର)

ମୋବାଇଲ୍ ନମ୍ବର – ୯୩୦୩୫-୭୭୪୧୫

## ପରମାତ୍ମାଙ୍କ କୃପାରୁ କ୍ୟାନ୍ସରରୁ ମିଳିଲା ମୁକ୍ତି

ମୋର ନାମ ନୀଲମ ଦାସୀ। ମୁଁ ଜିଲ୍ଲା : ହାଥରସ (ଉତ୍ତର ପ୍ରଦେଶ)ର ବାସୀନ୍ଦା। ପୂର୍ବରୁ ମୁଁ ଭଗବାନ ଶିବଙ୍କର ବହୁତ ପୂଜା କରିବ ସହିତ ସମସ୍ତ ଦେବତାଙ୍କର ମଧ୍ୟ ପୂଜା କରୁଥିଲି। ମୁଁ ଭଗବାନ ଶିବଙ୍କ ପାଇଁ ଉପବାସ ରଖୁଥିଲି। ସେହି ଉପବାସ କରୁଥିବା ସମୟରେ କେହି ଜଣେ ମୋତେ ସନ୍ତୋଷୀ ମାତାଙ୍କ ଉପବାସ ରଖିବା ପାଇଁ କହିଲେ। ମୋତେ କୌଣସି ପ୍ରକାରର ଲାଭ ମିଳୁନଥିଲା। ମୁଁ ବହୁତ ଅସୁବିଧାରେ ରହୁଥିଲି, ମୋ ଘରର ଆର୍ଥିକ ସ୍ଥିତି ବହୁତ ଖରାପ ଥିଲା। ମୋ ସ୍ୱାମୀଙ୍କୁ କୌଣସି କାମଧନ୍ଦା ମିଳୁନଥିଲା। ଆମ୍ଭେ ବହୁତ ଅସୁସ୍ଥ ରହୁଥିଲୁ, ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ରୋଗ ଆମ୍ଭକୁ ଗ୍ରାସ କରୁଥିଲ ଯାହା ଦ୍ୱାରା ଆମ୍ଭେ ବହୁତ ଦୁଃଖ ଭୋଗ କରୁଥିଲୁ।

ମୁଁ ୪ ଫେବୃୟାରୀ ୨୦୧୧ରେ ସନ୍ଥ ରାମପାଲଜୀ ମହାରାଜଜୀଠାରୁ ନାମଦୀକ୍ଷା ନେଇଥିଲି। ଆମର ଜଣେ ସମ୍ପର୍କୀୟ ଯିଏକି ଦିଲ୍ଲୀରେ ରୁହନ୍ତି ସେ ରାମପାଲଜୀ ମହାରାଜଜୀଙ୍କ ଠାରୁ ନାମଦୀକ୍ଷା ନେଇଥିଲେ। ସେ ଦିନେ ଆମଘରକୁ ଆସିଥିବା ସମୟରେ ଆମ୍ଭେ ବହୁତ ଚିନ୍ତାରେ ଥିଲୁ। ଆମ୍ଭକୁ ଦେଖି ସେ କହିଲା କି ମାଇଁ! ଆପଣ ତ ବହୁତ ଚିନ୍ତିତ ଥିଲା ପରି ଲାଗୁଛନ୍ତି, ସେ କହିଲେ କି ମାମୁଁ ଆପଣ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନିଅନ୍ତୁ। ମୋ ବେକରେ ଟ୍ୟୁମର ହୋଇଥିଲା ତେଣୁ ଆମ୍ଭେ କହିଲୁ କି ନାମଦୀକ୍ଷା ନେବା ଆମ ପକ୍ଷେ ସମ୍ଭବ ନୁହେଁ କାରନ ଆମ୍ଭେ ଝଡ଼ାଫୁଙ୍କା କରାଇବୁ ଏବଂ ଆପଣଙ୍କ ଗୁରୁଜୀ କହୁଛନ୍ତି କି ଝଡ଼ାଫୁଙ୍କା କରାଇବା ଅନୁଚିତ, ଭକ୍ତି କର ଠିକ୍ ହୋଇଯିବ। ସେ କହିଲେ, ମାମୁଁ ଆପଣ ସତସଙ୍ଗ ଶୁଣନ୍ତୁ, ମାଇଁଙ୍କର ଦେହ ଠିକ୍ ହୋଇଯିବ, ଆପଣଙ୍କର ସମସ୍ତ ପାରିବାରିକ ସମସ୍ୟା ଦୂର ହୋଇଯିବ। ତା'ପରେ ସେ ସୃଷ୍ଟି ରଚନା ଶୁଣାଇଲେ କିନ୍ତୁ ମୁଁ କିଛି ବୁଝିପାରିଲି ନାହିଁ। ମୋ ପତି ବୁଝି ପାରିଥିଲେ ଏବଂ କହିଲେ କି ଗୁରୁଜୀ ଯାହା କହୁଛନ୍ତି ତାହା ଠିକ୍। ମୁଁ କହିଲି କି ଆମ୍ଭେ ପ୍ରଥମେ ସତସଙ୍ଗ ଶୁଣିବା ତା'ପରେ ଗୁରୁଜୀଙ୍କ ଆଶ୍ରମକୁ ଯିବା, ତା'ପରେ ଆମ୍ଭେ ଟିଭିରେ ସନ୍ଥ ରାମପାଲଜୀ ମହାରାଜଙ୍କର ସତସଙ୍ଗ ଶୁଣିଲୁ। ସତସଙ୍ଗ ଶୁଣିବା ପରେ ଆମ୍ଭ ମନକୁ ଏହି ପ୍ରେରଣା ଆସିଲା ଯେ ଯଦି ଆମ୍ଭେ ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଯିବା ତେବେ ଆମ୍ଭର ସମସ୍ତ ସମସ୍ୟା ଦୂର ହୋଇଯିବ । ସେହିଦିନ ଠାରୁ ଆମ୍ଭେ ଦୃଢ଼ ନିଶ୍ଚୟ କଲୁ ଯେ ପ୍ରଥମେ ଆମ୍ଭେ ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଯିବା। ସେ ହିଁ ଆମ୍ଭର କଲ୍ୟାଣ କରିପାରିବେ, ପୁଣି ସେମାନେ ନିଜ ଭଣଜାକୁ କଲ୍ କରିବାରୁ ସେ କହିଲେ କି ମାମୁଁ ଆପଣ ଦିଲ୍ଲୀ ଆସନ୍ତୁ ମୁଁ ଆପଣଙ୍କୁ ସାଙ୍ଗରେ ନେଇକରି ଯିବି। ତା'ପରେ ସେ ଆମକୁ ଆଶ୍ରମକୁ ନେଇଗଲେ ଏବଂ ଆମ୍ଭେ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଲୁ।

ସନ୍ଥରାମପାଲଜୀ ମହାରାଜଙ୍କ ଠାରୁ ନାମଦୀକ୍ଷା ନେବା ପରେ ମୋତେ ବହୁତ ଲାଭ ମିଳିଲା। ପ୍ରଥମେ ମୋର ଆର୍ଥିକ ସ୍ଥିତି ଏଭଳି ଥିଲା ଯେ କୌଣସି ଜିନିଷ କିଣିବା ପୂର୍ବରୁ ମୋତେ ଚାରିଥର ଚିନ୍ତା କରିବାକୁ ପଡୁଥିଲା। ମୋ ଭଗତଜୀଙ୍କର କୌଣସି ରୋଜଗାର ନଥିଲା ସେଥିପାଇଁ ଆମ୍ଭେ ବହୁତ ଚିନ୍ତିତ ରହୁଥିଲୁ। ପୁଣି ଦିନେ ଦୁଃଖୀ ମନରେ ଆମ୍ଭେ ଘରେ ଥିବାବସ୍ଥାରେ ସନ୍ଥରାମପାଲଜୀ ମହାରାଜ ଆମ୍ଭକୁ ଘରେ ଦର୍ଶନ ଦେଲେ। ମୋତେ ଦର୍ଶନ ଦେଇ ସେ ଏପରି ବୁଝାଇଲେ, ମୁଁ ଜାଣିଛି ପୂର୍ବରୁ ମୋତେ ଏଭଳି କେହି ବୁଝାଇନଥିଲେ। ମୋ ମାଇଁ ବା ମୋ ପରିବାରର କୌଣସି ସଦସ୍ୟ କେବେ ବି ମୋତେ ଏପରି ବୁଝାଇ

ନଥିଲେ, ସେ ମୋତେ ବୁଝାଇ କହିଲେ, ଝିଅ ଭକ୍ତି କର। ସବୁ ଠିକ୍ ହୋଇଯିବ, ଚିନ୍ତା କରନାହିଁ। ତା'ର ୧୫ ଦିନ ପରେ ଗୁଜୁରାତରୁ ଫୋନ ଆସିଲା ତାଙ୍କୁ କାମ ମିଳିଗଲା, ମୋ ପତି ସେଠାକୁ କାମ କରିବା ପାଇଁ ଚାଲିଗଲେ। ତା'ପରେ ଆମର ଆର୍ଥିକ ସ୍ଥିତି ଠିକ୍ ହୋଇଗଲା ଏବଂ ଆମ୍ଭେ ଭଲରେ ରହିବାକୁ ଲାଗିଲୁ।

ଦ୍ୱିତୀୟ ଲାଭ ହେଲା ଯେ ମୋ ବେକରେ ଟ୍ୟୁମର ଥିଲା, ସେହି ଟ୍ୟୁମର ପାଇଁ ମୁଁ ବହୁ ଚିନ୍ତିତ ଥିଲି। ମୋ ପରମାତ୍ମାଙ୍କ ଦୟାରୁ ସେହି ଟ୍ୟୁମର ମଧ୍ୟ ଠିକ୍ ହୋଇଗଲା। ମୁଁ ଡାକ୍ତରଙ୍କୁ ଅନେକ ଥର ଦେଖାଇଥିଲି, କିନ୍ତୁ କୌଣସି ଲାଭ ମିଳିନଥିଲା। ଆମ୍ଭେ ସନ୍ଥ ରାମପାଲଜୀଙ୍କ ଠାରୁ ନାମଦୀକ୍ଷା ନେବା ପରେ ମୋ ବେକର ସେହି ଟ୍ୟୁମର ଭଲ ହୋଇଗଲା।

ତୃତୀୟ ଲାଭ ହେଲା ଯେ ଥରେ ଆମ ଘରେ ସିଲିଣ୍ଡରରେ ନିଆଁ ଲାଗିଗଲା, ଏତେ ଭୟଙ୍କର ଭାବେ ନିଆଁ ଲାଗିଥିଲା ଯେ ସେହି ନିଆଁକୁ ଆମ୍ଭେ ଓ ଆମ୍ଭ ପଡ଼ୋଶୀ ଲିଭାଇବା ପାଇଁ ବହୁତ ଚେଷ୍ଟା କରିଥିଲେ କିନ୍ତୁ ନିଆଁ ଲିଭିଲା ନଥିଲା। ମୋ ସ୍ୱାମୀ ସେହି ସିଲିଣ୍ଡରକୁ ଉଠାଇ ବାହାରକୁ ଫିଙ୍ଗିଦେଲେ, ବାହାରକୁ ଫିଙ୍ଗିଦେବା ପରେ ସେଥିରେ ଏତେ ଜୋର୍‌ରେ ନିଆଁ ଲାଗିଗଲା ଯେ ଥାନା ଲୋକ ଆସି ପହଁଞ୍ଚିଗଲେ। ଥାନାରୁ ଗାଡ଼ି ଆସିଲା ଓ ସେମାନେ ଦମକଳ ଗାଡ଼ିକୁ ଡ଼ାକିଲେ, ପୁଣି ସେମାନେ ନିଆଁକୁ ଲିଭାଇଲେ। ଦେଢ଼ଘଣ୍ଟା ପର୍ଯ୍ୟନ୍ତ ସିଲିଣ୍ଡର ଜଳିଥିଲା କିନ୍ତୁ ସନ୍ଥ ରାମପାଲଜୀ ମହାରରାଜ ବହୁତ ଦୟା କରିଥିଲେ ନଚେତ୍ ଯଦି ସେହି ସିଲିଣ୍ଡରଟି ଫାଟି ଯାଇଥାନ୍ତା ତେବେ ମୋର ପୁରା ପରିବାର ସହିତ ପୁରା ବସ୍ତି ଜଳିଯାଇଥାନ୍ତା। ସର୍ବନାଶ ହୋଇଯାଇଥାନ୍ତା। ତା'ପରେ ସନ୍ଧ୍ୟା ସମୟରେ ସନ୍ଥ ରାମପାଲଜୀ ମହାରାଜ ମୋ ପତିଙ୍କୁ ଦର୍ଶନ ଦେଇ କହିଲେ, ପୁତ୍ର କିଛି ହୋଇନାହିଁ। ସବୁ ଠିକ୍ ଅଛି, ପରମାତ୍ମାଙ୍କର ଭକ୍ତି କର, ପରମାତ୍ମା ଦୟା କରିବେ। ମୋ ପତି କହିଲେ ଯେ ଗୁରୁଜୀ ଦର୍ଶନ ଦେଲେ, ମୁଁ କହିଲି କି ସେ ତ ପରମାତ୍ମା। ସନ୍ଥ ରାମପାଲଜୀ ମହାରାଜଜୀ କିଛି ବି କରିପାରନ୍ତି। ଏହାପରେ ଆମ୍ଭର ସେହି ସମସ୍ୟାର ସମାଧନ ହୋଇଗଲା।

ଆମ୍ଭ ବାପା (ଶଶୁର) ଅଛନ୍ତି ଯାହାଙ୍କର ବୟସ ୮୦-୮୫ ବର୍ଷ ଅଟେ। ଆମ୍ଭେ କହୁଥିଲୁ କି ବାପା ଆପଣ ଗୁରୁଜୀଙ୍କଠାରୁ ନାମଦୀକ୍ଷା ନେଇନିଅନ୍ତୁ। ସେ କହୁଥିଲେ, ମୁଁ ତମାଖୁ ଛାଡ଼ିପାରିବି ନାହିଁ। ଆମ୍ଭେ କହୁଥିଲୁ କି ଦୀକ୍ଷା ନେବା ପରେ ଆପଣାଛାଏଁ ତମାଖୁ ଅଭ୍ୟାସ ଦୂର ହୋଇଯିବ। ଆପଣ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଇଯାଅ। ସେ କିନ୍ତୁ ଏକଥାକୁ ଏଡାଇ ଦେଉଥିଲେ। ଦିନେ ତାଙ୍କୁ ପାରାଲେସିସ୍ ହୋଇଗଲା। ତାଙ୍କ ବେକରେ ଜ୍ୱଳନ ହେବାକୁ ଲାଗିଲା ଏବଂ ବଡ଼ ବଡ଼ ଫୋଟକା ହୋଇଗଲା। ମୁଁ କହିଲି, ବାପା! ଏବେ ମାନିଯାଅ। ଆପଣ ସନ୍ଥରାମପାଲଜୀ ମହାରାଜଙ୍କଠାରୁ ନାମଦୀକ୍ଷା ନେଇଯାଅ। ତା'ପରେ ସେ କହିଲେ, ଠିକ୍‌ଅଛି। ମୁଁ ନାମଦୀକ୍ଷା ନେବି, କିନ୍ତୁ ପ୍ରଥମେ ମୁଁ ସୁସ୍ଥ ହେବା ଦରକାର। ତା'ପରେ ଆମ୍ଭେ ଡ଼ାକ୍ତରଙ୍କ ଠାରୁ ଔଷଧ ଆଣି ତାଙ୍କୁ ଦେବାରୁ ସେ ଟିକିଏ ସୁସ୍ଥ ଅନୁଭବ କଲେ। ଆମ୍ଭେ ତାଙ୍କୁ କହିଲୁ, ଆପଣ ଗୁରୁଜୀଙ୍କ ଠାରୁ ନାମଦୀକ୍ଷା ନିଅନ୍ତୁ, ସେ କହିଲେ, ନାଁ। ମୋର ତମ୍ବାଖୁ ଅଭ୍ୟାସ ଦୂରହେବ ନାହିଁ। ଆମ୍ଭେ କହିଲୁ, ଦୂର ହୋଇଯିବ। ଆପଣ ପ୍ରଥମେ ନାମଦୀକ୍ଷା ନିଅନ୍ତୁ। ତା'ପରେ ସେ ନାମଦୀକ୍ଷା ନେଲେ। ଡ଼ାକ୍ତର ଦେଇଥିବା ଔଷଧକୁ ୧୦-୧୫ ଦିନ ପର୍ଯ୍ୟନ୍ତ ଖାଇଲେ। ଗୁରୁଜୀଙ୍କ ଅମୃତଜଳ ସେବନ କରିବା ପରେ ଠିକ୍ ହୋଇଗଲେ। ଦୁଇବର୍ଷ ପରେ ସେ ଆଉ ଏକ ସମସ୍ୟାରେ ସମ୍ମୁଖୀନ ହେଲେ। ସେ କୁହନ୍ତି ଯେ ଯେବେଠାରୁ ତାଙ୍କର ହେତୁ ପାଇଲା ସେବେଠାରୁ ସେ ଜାଣନ୍ତି ଯେ ନାକରେ ଏକ ବଥ ଘାଆ ଅଛି ଯାହା ବହୁତ ପୁରୁଣା। ପରବର୍ତ୍ତି ସମୟରେ ତାହା ସମସ୍ୟା ସୃଷ୍ଟି କରିବାକୁ ଲାଗିଲା। ସେଥିରୁ ରକ୍ତ, ପାଣି ବାହାରୁଥିଲା। ତା'ପରେ ସେ ଆମକୁ କହିଲେ ଯେ ଏଥିରୁ ରକ୍ତ ବାହାରୁଛି, କେଉଁଠି ଦେଖାନ୍ତୁ। ମୁଁ କହିଲି ଠିକ୍‌ଅଛି ଚାଲ ଦେଖାଇବା।

ତା'ପରେ ମୁଁ ହାଥରସ୍ ଗଲି, ଦେଖାଇବା ପାଇଁ । ତାଙ୍କର ଟେଷ୍ଟ କରାଗଲା। ସେହି ଡ଼ାକ୍ତର ଦେଖିବାକୁ ପ୍ରଥମେ ମନା କରିଦେଲେ। ଆପଣ ହାଥରସ୍ ଯାଆନ୍ତୁ ବୋଲି କହିଲେ। ତା'ପରେ ଅନ୍ୟ ସ୍ଥାନକୁ ଯାଇ ଦେଖାଇବାରୁ ସେ କହିଲେ ଯେ କିଛି ବି ଘଟିପାରେ। ଏହା କ୍ୟାନ୍‌ସର ମଧ୍ୟ ହୋଇପାରେ। ସେ କହିଲେ କି ଏହାର ପରିକ୍ଷା କରାଯିବ। ମୁଁ କହିଲି, ଠିକ୍ ଅଛି ପରିକ୍ଷା କରାନ୍ତୁ। ଆଠଦିନ ପରେ ରିପୋର୍ଟ ମିଳିଲା। ପୁଣି ରିପୋର୍ଟ ଦେଖାଇବାକୁ ଆସିଲୁ, ଡାକ୍ତର ମୋ ଶଶୁରଙ୍କୁ କହିଲେ, ବାବା ଏହା କ୍ୟାନ୍‌ସର ଅଟେ। ଏହା ଶୁଣି ସେ ଡରିଗଲେ। ମୁଁ କହିଲି, ବାପା! ଆପଣ ସନ୍ଥ ରାମପାଲଜୀ ମହାରାଜଙ୍କ

ଶରଣରେ ଅଛନ୍ତି, ଆପଣଙ୍କର କିଛି ହେବ ନାହିଁ। ସେ କହିଲେ, ହଁ! ମୁଁ ଠିକ୍ ଅଛି, ମୋର କିଛି ହେବ ନାହିଁ। ଉପରୁ ତ ଠିକ୍ ଲାଗୁଥିଲେ କିନ୍ତୁ ଭିତରୁ କଷ୍ଟ ଅନୁଭବ କରୁଥିଲେ। ୮ ଦିନ ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ ସେ ଚାଲିବାକୁ ମଧ୍ୟ ସକ୍ଷମ ହୋଇନଥିଲେ। ଝାଡ଼ା-ପରିସ୍ରା ବିଛଣାରେ ହୋଇଗଲା। ତା'ପରେ ଆମେ ତାଙ୍କୁ କୋସୀ ହସ୍ପିଟାଲକୁ ନେଇଯାଇ ICU ରେ ଭର୍ତ୍ତି କରାଯାଇଥିଲା। ଆମେ କହିଲୁ ଯେ ଗୁରୁଜୀ ସନ୍ଥ ରାମପାଲଜୀ ମହାରାଜଙ୍କ ନିକଟରେ ପ୍ରାର୍ଥନା କରିବୁ। ତା'ପରେ ଆମେ ସନ୍ଥ ରାମପାଲଜୀ ମହାରାଜଙ୍କ ନିକଟରେ ପ୍ରାର୍ଥନା କଲୁ ଏବଂ ଉତ୍ତର ଆସିଲା ଯେ ବେଟା ଠିକ୍ ହୋଇଯିବ। ଭକ୍ତି କର। ପରମାତ୍ମା ଦୟା କରିବେ। ପୁଣି ସେହିଦିନ ମୁଁ ଡ଼ାକ୍ତରଙ୍କୁ କହିଲି କି ଡ଼ାକ୍ତର ସାହେବ ଆମକୁ ଡ଼ିସ୍‌ଚାର୍ଯ କରିଦିଅନ୍ତୁ। ତ ସେମାନେ କହିଲେ କି ରୋଗୀ ଅବସ୍ଥା ଏତେ ଭଲ ନୁହେଁ ଯେ ତାଙ୍କୁ ଆମ୍ଭେ ଡିସ୍‌ଚାର୍ଜ କରିଦେବୁ। ମୁଁ କହିଲି, ନାଁ ଆମକୁ ଛାଡିଦିଅନ୍ତୁ, ଆମେ ଘରକୁ ଯିବୁ। ଆମେ ଜିଦ୍ କରିବାରୁ ସେମାନେ ଓଉଟ ରୁ ବାହାର କରିଦେଇ ସେଠାରେ ଗୋଟିଏ ଦିନ ରଖିଲେ ଏବଂ କହିଲେ କି ଏହାଙ୍କୁ ଘରକୁ ନିଅ ନାହିଁ। କିଛିବି ଅସୁବିଧା ହୋଇପାରେ। ମୁଁ କହିଲିକି ଯାହା ଘଟିଲେ ଘଟୁ ପଛେ ଆପଣ ଛାଡ଼ି ଦିଅନ୍ତୁ। ଆମେ ଘରକୁ ଯିବୁ। ପୁଣି ଆମେ ନିଜ ଇଚ୍ଛାରେ ସେଠାରୁ ଏହାଭାବି ଛୁଟି କରାଇଲୁ ଯେ ଏବେ ଯାହାବି ହେବ ଆମ୍ଭ ଗୁରୁଜୀ କରିବେ। ଆପଣ ବିଶ୍ୱାସ କରିବେନି ସେବେଠାରୁ ଦୁଇବର୍ଷ ବିତିସାରିଛି, ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ଅସୁବିଧା ହୋଇନାହିଁ। ରିପୋର୍ଟ ଏବେବି ମୋ ପାଖରେ ଅଛି ଯେଉଁଥିରେ କ୍ୟାନ୍‌ସର ପ୍ରମାଣ ମିଳେ ଏବଂ ଆଜି ସନ୍ଥ ରାମପାଲଜୀ ମହାରଜାଙ୍କ କୃପାରୁ ତାଙ୍କ କ୍ୟାନ୍‌ସର ସମ୍ପୂର୍ଣ୍ଣ ଭଲ ହୋଇଯାଇଛି।

ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସିବା ପରେ ଉଯୁଡ଼ି ଯାଇଥିବା ମୋ ପରିବାରକୁ ପୁନର୍ବାର ସୁଖ-ଶାନ୍ତି ଫେରିଆସିଥିଲା। ପ୍ରଥମେ ଯେଉଁ ଖରାପ ଆର୍ଥିକ ସ୍ଥିତି ଥିଲା ତାହା ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସିବା ସମାପ୍ତ ହୋଇଗଲା। ସନ୍ଥ ରାମପାଲଜୀ ମହାରାଜ ପୂର୍ଣ୍ଣ ପରମାତ୍ମା ଯିଏ ମୋ ଶଶୁରଙ୍କ କ୍ୟାନ୍‌ସର ରୋଗ ଭଲ କରିଦେଲେ। ସନ୍ଥ ରାମପାଲଜୀ ମହାରାଜ ମୋ ବେକରେ ହୋଇଥିବା ଟ୍ୟୁମର୍ ଯାହା ପାଇଁ ମୁଁ ବହୁତ ଚିନ୍ତିତ ଥିଲି ତାକୁ ମଧ୍ୟ ଭଲ କରିଦେଲେ। ଭକ୍ତ ସମାଜଙ୍କୁ ହାତଯୋଡ଼ି ପ୍ରାର୍ଥନା କରେକି ଆପଣ ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସନ୍ତୁ। ଯେଉଁ ଲାଭ ମୋତେ ମିଳିଛି, ମୁଁ ଦୁଃଖିହାରୀ ନିଜ ଦୁଃଖରେ କାନ୍ଦୁଛି, ମୁଁ ବହୁତ କଷ୍ଟ ସହ୍ୟ କରିଛି। ଆପଣମାନେ ସନ୍ଥ ରାମପାଲଜୀ ମହାରାଜଙ୍କ ଶରଣକୁ ଆସନ୍ତୁ ଏବଂ ନିଜର କଲ୍ୟାଣ କରାନ୍ତୁ।

ସାଧନା ଚ୍ୟାନେଲରେ ସନ୍ଥ ରାମପାଲଜୀ ମହାରାଜଙ୍କର ସତ୍‌ସଙ୍ଗ ଆସୁଛି, ତଳେ ଆଶ୍ରମ ନମ୍ବର ଲେଖାଅଛି। ସେହି ନମ୍ବରରେ ଫୋନ କରି ଅନୁସନ୍ଧାନ କରନ୍ତୁ ଯେ ଆପଣଙ୍କ ନିକଟରେ କେଉଁ ନାମଦାନ କେନ୍ଦ୍ର ଅଛି ଏବଂ ଆପଣ କେଉଁଠିକୁ ଯାଇ ସନ୍ଥ ରାମପାଲଜୀ ମହାରାଜଙ୍କ ଠାରୁ ଉପଦେଶ ପ୍ରାପ୍ତ କରିପାରିବେ।

ଭକ୍ତମତୀ ନୀଳମ ଦାସୀ।

ମୋ. ନମ୍ବର - ୯୫୨୦୭୧୦୩୨୯।

ओ३म्

सच्चिदानन्दायेश्वराय नमो नमः

# भूमिका

सत्यार्थप्रकाश को दूसरी बार शुद्ध करके छपवाया है क्योंकि जिस समय मैंने यह ग्रन्थ **'सत्यार्थप्रकाश'** बनाया था, उस समय और उससे पूर्व संस्कृतभाषण करना, पठन–पाठन में संस्कृत ही बोलने और जन्मभूमि की भाषा गुजराती थी, इत्यादि कारणों से मुझ को इस भाषा का विशेष परिज्ञान न था। अब इसको अच्छे प्रकार भाषा के व्याकरणानुसार जानकर अभ्यास भी कर लिया है, इस समय इसकी भाषा पूर्व से उत्तम हुई है। कहीं--कहीं शब्द वाक्य रचना का भेद हुआ है, वह करना उचित था, क्योंकि उसके भेद किए विना भाषा की परिपाटी सुधरनी कठिन थी, परन्तु अर्थ का भेद नहीं किया गया है, प्रत्युत विशेष तो लिखा गया है। हाँ, जो प्रथम छपने में कहीं–कहीं भूल रही थी, वह वह निकाल शोधकर ठीक–ठीक करदी गई है।

यह ग्रन्थ १४ समुल्लास अर्थात् चौदह विभागों में रचित हुआ है। इसमें १० दश समुल्लास पूर्वार्द्ध और चार उत्तरार्द्ध में बने हैं, परन्तु अन्त्य के दो समुल्लास और पश्चात् स्वसिद्धान्त किसी कारण से प्रथम नहीं छप सके थे, अब वे भी छपवा दिये हैं।

१२ सत्यार्थप्रकाशः

यद्यपि इस ग्रन्थ को देखकर अविद्वान् लोग अन्यथा ही विचारेंगे, तथापि बुद्धिमान् लोग यथायोग्य इसका अभिप्राय समझेंगे, इसलिए मैं अपने परिश्रम को सफल समझता हूं और अपना अभिप्राय सब सज्जनों के सामने धरता हूं। इसको देख दिखला के मेरे श्रम को सफल करें और इसी प्रकार पक्षपात न करके सत्यार्थ का प्रकाश करना मुझ वा सब महाशयों का मुख्य कर्त्तव्य कर्म है।

सर्वात्मा सर्वान्तर्यामी सच्चिदानन्द परमात्मा अपनी कृपा से इस आशय को विस्तृत और चिरस्थायी करे।

।। अलमतिविस्तरेण बुद्धिमद्वरशिरोमणिषु ।।

।। इति भूमिका ।।

स्थान महाराणाजी का उदयपुर (स्वामी) दयानन्द सरस्वती

भाद्रपद सम्वत् १९३९

ଏହି ଜେରକ୍ସ କପି ସତ୍ୟାର୍ଥ ପ୍ରକାଶର ଭୂମିକା ସମ୍ବନ୍ଧିତ ବିବରଣୀ ଅଟେ ।

ଶଙ୍କା ସମାଧାନ :- (୧) କିଛି ବିରୋଧି ବ୍ୟକ୍ତି ଯେଉଁମାନେ ମହର୍ଷି ଦୟାନନ୍ଦଙ୍କ ନିରର୍ଥକ ମହିମା ଶୁଣି ତାଙ୍କ ଦ୍ୱାରା ରଚିତ ପୁସ୍ତକ "ସତ୍ୟାର୍ଥ ପ୍ରକାଶ"କୁ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ । ସେମାନେ କହୁଛନ୍ତି ଯେ "ଜ୍ଞାନଗଙ୍ଗା" ପୁସ୍ତକରେ "ଶାସ୍ତ୍ରାର୍ଥ ବିଷୟ" ନାମକ ଅଧ୍ୟାୟରେ ଲେଖାଅଛି ଯେ ମହର୍ଷି ଦୟାନନ୍ଦ (ସନ ୧୮୮୨ = ସମ୍ବତ୍ ୧୯୩୯) ପର୍ଯ୍ୟନ୍ତ ସଂସ୍କୃତରେ ଭାଷଣ ଦେଉଥିଲେ । ଏହା ଠିକ୍ ନୁହେଁ, କାରଣ ମହର୍ଷି ଦୟାନନ୍ଦ "ସତ୍ୟାର୍ଥ ପ୍ରକାଶ"ର ଭୂମିକାରେ ସ୍ପଷ୍ଟ କରିଛନ୍ତି ଯେ (୧୮୭୪ ମସିହା = ସମ୍ବତ୍ ୧୯୩୧) ରେ ଯେତେବେଳେ ସେ "ସତ୍ୟାର୍ଥ ପ୍ରକାଶ"କୁ ପ୍ରଥମଥର ଲେଖିଥିଲେ, ତା ପୂର୍ବରୁ ସେ ସଂସ୍କୃତରେ ଭାଷଣ ଦେଉଥିଲେ ଏବଂ ପରବର୍ତ୍ତୀ କାଳରେ ସେ ହିନ୍ଦୀ ଭାଷା ଶିଖିଥିଲେ ।

ଶଙ୍କା ସମାଧାନ :- ଉପରିସ୍ଥ ଫୋଟୋ କପି "ସତ୍ୟାର୍ଥ ପ୍ରକାଶ" ସମ୍ବନ୍ଧିତ ବିବରଣୀର ଅଟେ ଯେଉଁଥିରେ ମହର୍ଷି ଦୟାନନ୍ଦ ଏହା ସ୍ପଷ୍ଟ କରିଛନ୍ତି ଯେ ଯେଉଁ ସମୟରେ ସତ୍ୟାର୍ଥ ପ୍ରକାଶ ପ୍ରକାଶିତ ହେଲା ସେତେବେଳେ ମୋର ହିନ୍ଦୀ ଭାଷାରେ ବିଶେଷ ଜ୍ଞାନ ନ ଥିଲା । ବର୍ତ୍ତମାନ ଅର୍ଥାତ୍ ସମ୍ବତ୍ ୧୯୩୯ (୧୮୮୨ ମସିହା) ଉଦୟପୁରରେ ସ୍ଥାନ ମହାରାଣାଜୀଙ୍କ ଉଦୟପୁର ଭାଦ୍ରପଦତ ସମ୍ବତ୍ ୧୯୩୯ (୧୮୮୨ ମସିହା)ରେ ଦ୍ୱିତୀୟଥର ଛପାଇଲେ ସେପର୍ଯ୍ୟନ୍ତ ମହର୍ଷୀଜୀଙ୍କୁ ହିନ୍ଦୀ ଭାଷାର ବିଶେଷ ଜ୍ଞାନ ନଥିଲା । ୧୮୮୨ ମସିହାରେ ବିଶେଷ ଜ୍ଞାନ ହେବା ପରେ ସତ୍ୟାର୍ଥ ପ୍ରକାଶକୁ ନିର୍ଭୁଲ

କରି ଛପାଇଲି । ଏଥିରୁ ମଧ୍ୟ ଏହା ପ୍ରମାଣିତ ହେଲା ଯେ ମହର୍ଷି ଦୟାନନ୍ଦଜୀ ୧୮୮୨ ମସିହା( ସମ୍ବତ୍ ୧୯୩୯) ପର୍ଯ୍ୟନ୍ତ ସଂସ୍କୃତରେ ହିଁ ଶାସ୍ତ୍ରାର୍ଥ (ଶାସ୍ତ୍ରଚର୍ଚ୍ଚା) କରୁଥିଲେ ।

ଦ୍ୱିତୀୟ କାରଣ ଏହା ଯେ ଦୁଇ ବିଦ୍ୱାନ୍ ପରସ୍ପର ଚର୍ଚ୍ଚା ସଂସ୍କୃତରେ ହିଁ କରୁଥିଲେ । କାରଣ ସମସ୍ତ ଶାସ୍ତ୍ର ସଂସ୍କୃତ ଭାଷାରେ ଲେଖାଥିଲା । ସେ ସବୁର ହିନ୍ଦୀ ଅନୁବାଦ ମହର୍ଷି ଦୟାନନ୍ଦ କେବେ ମଧ୍ୟ କରି ପାରି ନ ଥାନ୍ତେ । କାରଣ ସେ ସ୍ୱୟଂ ସ୍ୱୀକାର କରିଛନ୍ତି ଯେ ୧୮୮୨ ମସିହା(ସମ୍ବତ୍ ୧୯୩୯) ପର୍ଯ୍ୟନ୍ତ ମୋତେ ହିନ୍ଦୀ ଭାଷାର ବିଶେଷ ଜ୍ଞାନ ନଥିଲା । ୧୮୮୩ ମସିହା (ସମ୍ବତ୍ ୧୯୪୦) ରେ ମହର୍ଷିଜୀଙ୍କର ମୃତ୍ୟୁ ହୋଇଗଲା । ଏଥିରୁ ପ୍ରମାଣିତ୍ର ହେଲା ଯେ ମହର୍ଷି ଦୟାନନ୍ଦ ୧୮୮୨ ମସିହା(ସମ୍ବତ୍ ୧୯୩୯) ପର୍ଯ୍ୟନ୍ତ ସଂସ୍କୃତ ଭାଷାରେ ହିଁ ଶାସ୍ତ୍ରଚର୍ଚ୍ଚା କରୁଥିଲେ ତଥା ତାଙ୍କ ହାରିବା ଜିତିବାର ନିର୍ଣ୍ଣୟ ସଂସ୍କୃତ ଭାଷା ସହିତ ଅପରିଚିତ ଶ୍ରୋତାମାନେ ହିଁ କରୁଥିଲେ । ଏହି କାରଣରୁ ଦୟାନନ୍ଦଙ୍କ ଭଳି ବ୍ୟକ୍ତିଙ୍କୁ ମହର୍ଷି କୁହାଗଲା ।

ଯେତେବେଳେ ମହର୍ଷି ଦୟାନନ୍ଦ ଏବଂ କୃଷ୍ଣାନନ୍ଦଙ୍କ ଶାସ୍ତ୍ରାର୍ଥରେ କୃଷ୍ଣାନନ୍ଦଜୀଙ୍କ ପକ୍ଷ ଦୃଢ଼ ଥିଲା, ଯେଉଁଥିରେ କୃଷ୍ଣାନନ୍ଦ ଶ୍ରୀମଦ୍ ଭଗବତ୍ ଗୀତା ଅଧ୍ୟାୟ ୪, ଶ୍ଳୋକ ୭ ର ପ୍ରମାଣ ଦେଇ ପରମାତ୍ମା ସାକାର ବୋଲି ସିଦ୍ଧ କରିଥିଲେ । ଯଦା, ଯଦା, ହି, ଧର୍ମସ୍ୟ, ଗ୍ଲାନିଃ, ଭବତି, ଭାରତ, ---- ଏହାର ଅର୍ଥ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଶ୍ରୀମଭଗବତ୍ ଗୀତାରେ ଏହି ପ୍ରକାରେ ଲେଖା ଅଛି :- ହେ ଭାରତ ! ଯେବେ ଯେବେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୋଇଥାଏ ସେତେବେଳେ ମୁଁ ନିଜ ରୂପ ରଚନା କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟ ହୋଇଥାଏ ।

ଧ୍ୟାନ ଦିଅନ୍ତୁ - ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ବିଷୟ ବଦଳାଇ ସଂସ୍କୃତ କହିବା କାରଣରୁ ସଂସ୍କୃତ ଭାଷା ସହିତ ଅପରିଚିତ ଶ୍ରୋତାମାନେ ନିଜର ହାସ୍ୟ କରତାଳି ସହ ବେଦ ଜ୍ଞାନହୀନ ଦୟାନନ୍ଦଙ୍କୁ ବିଜୟୀ ଘୋଷିତ କରିଦେଲେ । ମହର୍ଷି ଦୟାନନ୍ଦ ଏହିଭଳି ବିଜେତା ହେଲେ, ଯେଭଳି ଜଣେ ଜମିଦାର ପୁତ୍ର ସପ୍ତମ ଶ୍ରେଣୀରେ ପଢୁଥିଲା --- ବାକି ବର୍ଣ୍ଣନା କୃପାକରି ପଢନ୍ତୁ ଏହି ପୁସ୍ତକରେ ପୃଷ୍ଠା ନଂ ୨୬୩... ରେ ।

Note: For circulation amongst like minded person only.

❑❑❑